# ।। ପ୍ରଥମ ଦିନ ପାରାୟଣ ।।



## ।। ପ୍ରଥମ ଅଧ୍ୟାୟ ।।

### ପ୍ରାର୍ଥନା, ଗହମ ପେଷୁଥିବା ଜଣେ ଅଦ୍‌ଭୁତ ସନ୍ଥ, ଗହମ ପେଷିବାର କାହାଣୀ ଓ ଏହାର ତାତ୍ପର୍ଯ୍ୟ

ପୁରାତନ ପ୍ରଥା ଅନୁସାରେ ଶ୍ରୀ ହେମାଡପନ୍ତ ପ୍ରାର୍ଥନାପୂର୍ବକ ଶ୍ରୀ ସାଇ ସତ୍‌ଚରିତର ଶୁଭାରମ୍ଭ କରୁଛନ୍ତି ।

୧) ପ୍ରଥମେ ଶ୍ରୀ ଗଣେଶଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁଛନ୍ତି, ଯିଏକି ଯେ କୌଣସି କାର୍ଯ୍ୟକୁ ନିର୍ବିଘ୍ନରେ ସମ୍ପନ୍ନ କରି ତାହାକୁ ଯଶସ୍ୱୀ କରିଥାନ୍ତି ଏବଂ କହୁଛନ୍ତି ଯେ ଶ୍ରୀ ସାଇ ହିଁ ହେଉଛନ୍ତି ଗଣପତି ।

୨) ଏହାପରେ ଭଗବତୀ ସରସ୍ୱତୀଙ୍କୁ ପ୍ରଣାମ କଲେ, ଯିଏକି କାବ୍ୟ ରଚନା କରିବା ପାଇଁ ପ୍ରେରଣା ଦିଅନ୍ତି ଏବଂ କହୁଛନ୍ତି ଯେ ଶ୍ରୀ ସାଇ ଭଗବତୀଙ୍କଠାରୁ ଭିନ୍ନ ନୁହନ୍ତି, ସୁତରାଂ ସେ ସ୍ୱୟଂ ଆପଣାର ଜୀବନ ସଂଗୀତ ଗାନ କରୁଛନ୍ତି ।

୩) ତତ୍ପରେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କୁ ପ୍ରଣାମ କଲେ, ଯିଏକି ସୃଷ୍ଟି, ସ୍ଥିତି ଓ ସଂହାରକର୍ତ୍ତା ଅଟନ୍ତି ଏବଂ କହୁଛନ୍ତି ଯେ ଶ୍ରୀ ସାଇ ଏବଂ ସେମାନେ ଅଭିନ୍ନ । ସେ ସ୍ୱୟଂ ଗୁରୁ ରୂପ ଧାରଣ କରି ଆମକୁ ଏହି ଭବସାଗରରୁ ଉଦ୍ଧାର କରିବାକୁ ଆସିଛନ୍ତି ।

୪) ଏହାପରେ ନିଜର କୁଳଦେବତା ଶ୍ରୀ ନାରାୟଣ ଆଦିନାଥଙ୍କ ବନ୍ଦନା କରୁଛନ୍ତି, ଯିଏକି କୋଙ୍କଣ ରାଜ୍ୟରେ ପ୍ରକଟ ହୋଇଥିଲେ । କୋଙ୍କଣ ହେଉଛି ସେହି ସ୍ଥାନ

ଯାହାଙ୍କୁ ପରଶୁରାମ ସମୁଦ୍ରରୁ ଉଦ୍ଧାର କରି ପ୍ରତିଷ୍ଠା କରିଥିଲେ । ଏହା ପଶ୍ଚାତ୍ ସେ ନିଜ କୁଳଗୁରୁଙ୍କୁ ପ୍ରଣାମ କଲେ ।

୫) ତତ୍ପରେ ଶ୍ରୀ ଭରଦ୍ୱାଜ ମୁନିଙ୍କୁ, ଯାହାଙ୍କ ଗୋତ୍ରରେ ତାଙ୍କର ଜନ୍ମ ହୋଇଛି ଏବଂ ଏହାପରେ ଋଷିମାନଙ୍କ ମଧ୍ୟରେ ଯାଜ୍ଞବଳ୍କ୍ୟ, ଭୃଗୁ, ପରାଶର, ନାରଦ, ବେଦବ୍ୟାସ, ସନକ-ସନନ୍ଦନ, ସନତକୁମାର, ଶୁକ, ଶୌନକ, ବିଶ୍ୱାମିତ୍ର, ବଶିଷ୍ଠ, ବାମଦେବ, ଜୈମିନି, ବୈଶମ୍ପାୟନ, ନବଯୋଗୀନ୍ଦ୍ର ପ୍ରମୁଖ ତଥା ଆଧୁନିକ ଯୁଗର ସନ୍ଥ ଯଥା ନିବୃତ୍ତି, ଜ୍ଞାନଦେବ, ସୋପାନ, ମୁକ୍ତାବାଈ, ଜନାର୍ଦ୍ଦନ, ଏକନାଥ, ନାମଦେବ, ତୁକାରାମ, କାହ୍ନା, ନରହରି ପ୍ରଭୃତିଙ୍କୁ ପ୍ରଣାମ କଲେ ।

୬) ପୁଣି ନିଜର ପିତାମହ ସଦାଶିବ, ପିତା ରଘୁନାଥ ଏବଂ ମାତାଙ୍କୁ; ଯେଉଁମାନେ ତାଙ୍କର ବାଲ୍ୟାବସ୍ଥାରେ ଇହଧାମ ତ୍ୟାଗ କରିଥିଲେ, ନିଜର ପିଉସୀଙ୍କୁ ଯିଏ ତାଙ୍କର ଲାଳନ ପାଳନ କରିଥିଲେ ଏବଂ ନିଜର ପ୍ରିୟ ଜ୍ୟେଷ୍ଠ ଭ୍ରାତାଙ୍କୁ ପ୍ରଣାମ କଲେ ।

୭) ପୁଣି ପାଠକମାନଙ୍କୁ ପ୍ରଣାମ କରି ପ୍ରାର୍ଥନା କଲେ ଯେ ସେମାନେ ଏକାଗ୍ରଚିତ୍ତ ହୋଇ ଏହି କଥାମୃତ ପାନକରନ୍ତୁ ।

୮) ପରିଶେଷରେ ଶ୍ରୀ ସଚ୍ଚିଦାନନ୍ଦ ସଦ୍‌ଗୁରୁ ଶ୍ରୀ ସାଇନାଥ ମହାରାଜଙ୍କୁ ପ୍ରଣାମ କଲେ, ଯିଏକି ଶ୍ରୀ ଦତ୍ତାତ୍ରେୟଙ୍କ ଅବତାର ଅଟନ୍ତି ଏବଂ ତାଙ୍କର ଆଶ୍ରୟଦାତା ତଥା ବ୍ରହ୍ମ ସତ୍ୟ ଏବଂ ଜଗତ୍ ମିଥ୍ୟା ଏହି ସତ୍ୟକୁ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ସହସା ଉପଲବ୍ଧି କରାଇ ସଚରାଚର 'ଏକ ବ୍ରହ୍ମ' ବ୍ୟାପ୍ତିର ଅନୁଭୂତି ପ୍ରଦାନ କରନ୍ତି ।

ଏହା ଅନ୍ତେ ଶ୍ରୀ ପରାଶର, ବ୍ୟାସ ଏବଂ ଶାଣ୍ଡିଲ୍ୟ ପ୍ରଭୃତିଙ୍କ ସମାନ ଭକ୍ତିର ପ୍ରକାର ସଂକ୍ଷେପରେ ବର୍ଣ୍ଣନା କରି ଗ୍ରନ୍ଥକାର ନିମ୍ନଲିଖିତ କଥା ପ୍ରାରମ୍ଭ କରୁଛନ୍ତି ।

## ।। ଗହମ ପେଷିବା କଥା ।।

୧୯୧୦ ମସିହାରେ ଦିନେ ସକାଳେ ମୁଁ ଶ୍ରୀ ସାଇବାବାଙ୍କ ଦର୍ଶନ ପାଇଁ ଦ୍ୱାରକାମାୟୀକୁ ଯାଇଥିଲି । ସେଠାର ବିଚିତ୍ର ଦୃଶ୍ୟ ଦେଖି ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଶ୍ରୀ ସାଇବାବା ମୁହଁ, ହାତ ଧୋଇବା ପରେ ଚକି ପେଷିବାକୁ ଲାଗିଲେ । ଚଟାଣରେ ଏକ କପଡ଼ା ବିଛାଇଲେ ଏବଂ ତାହା ଉପରେ ଚକି ରଖିଲେ । ଏବେ କିଛି ଗହମ ପକାଇ ଚକି ପେଷିବା ଆରମ୍ଭ କଲେ ।

ମୁଁ ମନେ ମନେ ଭାବିଲି ବାବା ଚକି ପେଷିବାର ଉଦ୍ଦେଶ୍ୟ କ'ଣ ? ତାଙ୍କର ତ ପରିବାର ନାହିଁ ଓ ଭିକ୍ଷାବୃତ୍ତି ଦ୍ୱାରା ସେ ଜୀବିକା ନିର୍ବାହ କରୁଛନ୍ତି । ସେଠାରେ ଉପସ୍ଥିତ ଅନ୍ୟ ଲୋକଙ୍କ ମନରେ ମଧ୍ୟ ଏପରି ଭାବନା ଆସିଲା । କିନ୍ତୁ ତାଙ୍କୁ ପଚାରିବାକୁ ବା

ସାହସ କରିବ କିଏ ? ବାବା ଚକି ପେଷିବା କଥା ବିଜୁଳି ବେଗରେ ସାରା ଗ୍ରାମରେ ପ୍ରଚାରିତ ହୋଇଗଲା ଏବଂ ତାଙ୍କର ଏହି ବିଚିତ୍ର ଲୀଳା ଦେଖିବା ପାଇଁ ଗ୍ରାମର ନରନାରୀ ମସଜିଦ୍‌କୁ ଦୌଡ଼ି ଆସିଲେ । ସେମାନଙ୍କ ମଧ୍ୟରୁ ଚାରିଜଣ ସ୍ତ୍ରୀ ଲୋକ ଭିଡ଼ ଭିତରୁ ଆଗକୁ ଯାଇ ଚକିପେଷାରୁ ବାବାଙ୍କୁ ନିବୃତ୍ତକରି ତାଙ୍କ ହାତରୁ ଚକି ଓ ଚକି ଦଣ୍ଡ ନେଇଗଲେ ଏବଂ ବାବାଙ୍କର ମଧୁର ଲୀଳା ଗାନ କରି କରି ନିଜେ ଗହମ ପେଷିବାକୁ ଲାଗିଲେ ।

ଏହି ଘଟଣାରେ ପ୍ରଥମେ ତ ବାବା କ୍ରୋଧିତ ହେଲେ; କିନ୍ତୁ ସେମାନଙ୍କର ଭକ୍ତିଭାବ ଦେଖି କିଛି ସମୟ ମଧ୍ୟରେ ଶାନ୍ତ ହୋଇ ମୃଦୁହାସ୍ୟ ଦେଲେ । ଗହମ ପେଷୁ ପେଷୁ ସେହି ସ୍ତ୍ରୀ ଲୋକମାନଙ୍କ ମନକୁ ଆସିଲା ଯେ ବାବାଙ୍କର ତ ଘରଦ୍ୱାର ନାହିଁ କିମ୍ବା ସନ୍ତାନସନ୍ତତି ବା ଦେଖାଶୁଣା କରିବା ପାଇଁ କେହି ଲୋକ ନାହାନ୍ତି । ସେ ନିଜେ ଭିକ୍ଷାବୃତ୍ତି ଦ୍ୱାରା ଜୀବନ ନିର୍ବାହ କରନ୍ତି । ତେଣୁ ତାଙ୍କ ପାଇଁ ଅଟାର ଆବଶ୍ୟକତା କ'ଣ ? ବାବା ତ ପରମ ଦୟାଳୁ । ଏହି ଅଟା ହୁଏତ ସେ ଆମ ଭିତରେ ବାଣ୍ଟିଦେବେ । ଏପରି ମନରେ ଭାବି ଗୀତ ଗାଇ ଗାଇ ସେମାନେ ଗହମତକ ପେଷିଦେଲେ । ତତ୍‌ପରେ ଚକିକୁ ହଟାଇ ଅଟାକୁ ଚାରି ଭାଗରେ ବାଣ୍ଟିଦେଇ ନିଜ ନିଜ ଘରକୁ ଯିବାକୁ ଉଦ୍ୟତ ହୁଅନ୍ତେ ସେ ପର୍ଯ୍ୟନ୍ତ ଶାନ୍ତ ମୁଦ୍ରାରେ ଥିବା ବାବା ହଠାତ୍ କ୍ରୋଧିତ ହୋଇଉଠି କହିଲେ 'ତୁମର କ'ଣ ମତିଭ୍ରମ ହୋଇଗଲା ? କାହାର ଜିନିଷ ଭାବି ନେଇଯିବାକୁ ବସିଛ ? ଯାଅ, ସେହି ଅଟାକୁ ଗ୍ରାମସୀମାରେ ବିଞ୍ଚି ଦେଇ ଆସିବ ।'

ଶିରିଡ଼ିର କିଛି ଗ୍ରାମବାସୀଙ୍କୁ ମୁଁ ପଚାରିଲି ବାବା ଏବେ ଯାହା କଲେ, ତାହାର ଉଦ୍ଦେଶ୍ୟ କ'ଣ ? ଜଣେ ମୋତେ କହିଲେ ଗାଁରେ ବିସୂଚିକା ରୋଗ ବ୍ୟାପିଛି । ତାହାର ନିରାକରଣ ପାଇଁ ସମ୍ଭବତଃ ବାବା ଏହି କାର୍ଯ୍ୟ କରିଛନ୍ତି । ଏବେ ବାବା ଯାହା ପେଷିବା ଆପଣ ଦେଖିଲେ ତାହା ଗହମ ନୁହେଁ, ବିସୂଚିକା(ହଇଜା) ରୋଗ, ଯାହାକୁ ପେଷି ବାବା ନିର୍ମୂଳ କରିଦେଲେ । ଏହି ଘଟଣା ପରେ ପ୍ରକୃତରେ ବିସୂଚିକାର ସଂକ୍ରମଣ ଦୂର ହୋଇଗଲା ଏବଂ ଗ୍ରାମବାସୀ ସୁଖ ଓ ଶାନ୍ତିରେ ବାସ କରିବାକୁ ଲାଗିଲେ ।

ଏକଥା ଦେଖି ମୋର ଆନନ୍ଦର ସୀମା ରହିଲା ନାହିଁ । ମନ ଭିତରେ ଅଫୁରନ୍ତ କୌତୂହଳ ଜାତ ହେଲା । ମୁଁ ନିଜକୁ ନିଜେ ପ୍ରଶ୍ନ କଲି ଅଟା ଏବଂ ବିସୂଚିକା ରୋଗ ମଧ୍ୟରେ ଭୌତିକ ତଥା ପାରସ୍ପରିକ ସମ୍ପର୍କ କ'ଣ ? ଏହାର ରହସ୍ୟ କ'ଣ ? ସାମାନ୍ୟ ବିଚାର ବୁଦ୍ଧି ବଳରେ ଏହି ରହସ୍ୟକୁ ଭେଦ କରିବା ସମ୍ଭବ ନୁହେଁ । ଏହି ମଧୁର ଲୀଳା କଥା ଦେଖି ମୋର ହୃଦୟ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇଉଠିଲା ଏବଂ ଏଥିରୁ ବାବାଙ୍କର ଜୀବନୀ ଲେଖିବାକୁ ପ୍ରେରଣା ମିଳିଲା । ଅବଶ୍ୟ ଏକଥା ସତ୍ୟ ଯେ


ବାବାଙ୍କ କୃପା ଏବଂ ଶୁଭାଶୀର୍ବାଦରୁ ହିଁ ଏହି କାର୍ଯ୍ୟଟି ସଫଳତାର ସହ ସମ୍ପନ୍ନ ହୋଇପାରିଲା ।

## ।।ଅଟା ପେଷିବାର ତାତ୍ପର୍ଯ୍ୟ।।

ଶିରିଡ଼ି ଗ୍ରାମବାସୀ ଅଟା ପେଷିବାର ଯେଉଁ ଅର୍ଥ ସନ୍ଧାନ କରିଥିଲେ, ତାହା ତ ପ୍ରାୟ ଠିକ୍, ତେବେ ମୋ ବିଚାରରେ ଏହାର ଅନ୍ୟ କିଛି ଅର୍ଥ ମଧ୍ୟ ଥିଲା । ବାବା ଶିରିଡ଼ିରେ ପ୍ରାୟ ୬୦ ବର୍ଷ ବାସ କରିଥିଲେ ଏବଂ ଏହି ଦୀର୍ଘବର୍ଷ ମଧ୍ୟରେ ସେ ଅଟା ପେଷିବା କାର୍ଯ୍ୟ ପ୍ରାୟତଃ ପ୍ରତିଦିନ କରୁଥିଲେ । ପେଷିବାର ଅଭିପ୍ରାୟ କେବଳ ଅଟା ତିଆରି କରିବା ନଥିଲା; ବରଂ ଭକ୍ତମାନଙ୍କର ପାପ, ଦୁର୍ଭାଗ୍ୟ, ମାନସିକ ତଥା ଶାରୀରିକ ସନ୍ତାପ ସହ ସମ୍ପୃକ୍ତ ଥିଲା । ତାଙ୍କର ଚକିର ଦୁଇ ଘୋରଣା ମଧ୍ୟରୁ ଉପର ଭାଗ ଭକ୍ତି ତଥା ନିମ୍ନ ଭାଗ କର୍ମ ଥିଲା । ଚକିର ଦଣ୍ଡ ଯାହାକୁ ଧରି ସେ ଗହମ ପେଷୁଥିଲେ ତାହା ଥିଲା ଜ୍ଞାନ । ବାବାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ ମନୁଷ୍ୟର ହୃଦୟରୁ ଯେ ପର୍ଯ୍ୟନ୍ତ ଆସକ୍ତି, ଘୃଣା ଓ ଅହଙ୍କାର ନଷ୍ଟ ହୋଇନାହିଁ, ଯାହା ହେବା ଅତ୍ୟନ୍ତ କଠିନ, ସେ ପର୍ଯ୍ୟନ୍ତ ଜ୍ଞାନ ତଥା ଆତ୍ମାନୁଭୂତି ସମ୍ଭବ ନୁହେଁ ।

ଏହି ଘଟଣା ସନ୍ଥ କବୀର ଦାସଙ୍କ ଜୀବନର ଗୋଟିଏ ଘଟଣାର ସ୍ମୃତିଚାରଣ କରେ । କବୀର ଦାସ ଗହମ ପେଷୁଥିବା ଜଣେ ମହିଳାଙ୍କୁ ଦେଖି ତାଙ୍କର ଗୁରୁ ନିପଟ ନିରଞ୍ଜନଙ୍କୁ କହିଲେ 'ହେ ଗୁରୁଦେବ ! ଗହମ ଯେପରି ଚକିରେ ପେଷି ହେଉଛି, ମୁଁ ସେହିପରି ଭବସାଗରରୂପକ ଚକିରେ ପେଷିହୋଇ ଅକଥନୀୟ ଯନ୍ତ୍ରଣା ଭୋଗୁଛି ।' ତାଙ୍କର ଗୁରୁ ଉତ୍ତର ଦେଲେ, **'ବ୍ୟସ୍ତ ହୁଅନାହିଁ, ଚକିର କେନ୍ଦ୍ରରେ ଜ୍ଞାନରୂପକ ଯେଉଁ ଦଣ୍ଡଟି ଅଛି ତାହାକୁ ଦୃଢ଼ତାର ସହ ଭିଡ଼ିଧର, ଯେପରି ମୁଁ ଧରିଛି । ତାହାଠାରୁ ଦୂରକୁ ଯାଅ ନାହିଁ, କେବଳ କେନ୍ଦ୍ରଆଡ଼କୁ ଅଗ୍ରସର ହୁଅ । ଏହାପରେ ଦେଖିବ ତୁମେ ଭବସାଗର ରୂପକ ଚକିରୁ ନିଶ୍ଚୟ ଉଦ୍ଧାର ପାଇବ ।'**

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।



ଏହା ହେଉଛି ସେହି ଚକି ଯେଉଁଥିରେ ବାବା ଗହମ ପେଷୁଥିଲେ

# ।। ଦ୍ୱିତୀୟ ଅଧ୍ୟାୟ ।।

### ଗ୍ରନ୍ଥ ରଚନାର ଅଭିପ୍ରାୟ, କାର୍ଯ୍ୟାରମ୍ଭରେ ଅସାମର୍ଥ୍ୟ ଓ ସାହସର ଅଭାବ, ହେମାଡପନ୍ତ ଉପାଧିର ତାତ୍ପର୍ଯ୍ୟ ଏବଂ ଗୁରୁଙ୍କ ଆବଶ୍ୟକତା ।

ଗତ ଅଧ୍ୟାୟରେ ଗ୍ରନ୍ଥକାର ଶ୍ରୀ ସାଇ ସତ୍‌ଚରିତ ରଚନା ପଛରେ ପ୍ରେରଣାପ୍ରଦ କାହାଣୀର ବର୍ଣ୍ଣନା କରିଥିଲେ । ଏହି ଅଧ୍ୟାୟରେ ସେ ଗ୍ରନ୍ଥ ପଠନର ଉପାଦେୟତା ତଥା ଅନ୍ୟାନ୍ୟ ବିଷୟ ଉପରେ ଆଲୋକପାତ କରୁଛନ୍ତି ।

## ।। ଗ୍ରନ୍ଥ ରଚନାର ଅଭିପ୍ରାୟ ।।

ଯେଉଁଭଳି ଗହମ ପେଷି ତଥା ଗ୍ରାମ ସୀମାରେ ଏହାକୁ ବିଞ୍ଚି ବିସୂଚିକା ରୋଗର ପ୍ରକୋପକୁ ବାବା ଦୂର କରିଦେଲେ ପ୍ରଥମ ଅଧ୍ୟାୟରେ ସେହି ଲୀଳାର ରହସ୍ୟ ବର୍ଣ୍ଣନା କରାଯାଇଛି । ମୁଁ ଆହୁରି ଅଧିକ ଲୀଳାମାନ ଶୁଣିଲି ଏବଂ ମୋର ହୃଦୟ କନ୍ଦରକୁ ସେଗୁଡ଼ିକ ଆହ୍ଲାଦିତ କରିବାକୁ ଲାଗିଲା । ସେ ସବୁ କାବ୍ୟରୂପରେ ସ୍ରୋତସ୍ୱିନୀ ଧାରା ହୋଇ ମୋର ହୃଦୟରୁ ପ୍ରବାହିତ ହେଲା । ମୁଁ ଭାବିଲି ଏହି ମହାନ୍ ଆଶ୍ଚର୍ଯ୍ୟଜନକ ଲୀଳାଗୁଡ଼ିକର ବର୍ଣ୍ଣନା ବାବାଙ୍କର ଭକ୍ତମାନଙ୍କ ପାଇଁ ଉପାଦେୟ ତଥା ଶିକ୍ଷାଦାୟକ ହେବ ଏବଂ ସେମାନଙ୍କର ପାପସବୁ ସମୂଳେ ନଷ୍ଟ ହୋଇଯିବ । ଏହି ଉଦ୍ଦେଶ୍ୟରେ ମୁଁ ବାବାଙ୍କର ପବିତ୍ର ଜୀବନ କାହାଣୀ ଏବଂ ତାଙ୍କର ଅମୂଲ୍ୟ ଉପଦେଶଗୁଡ଼ିକର ରଚନା ଆରମ୍ଭ କଲି । ଶ୍ରୀ ସାଇଙ୍କ ଜୀବନୀ ବର୍ଣ୍ଣନାରେ କୌଣସି ଅତିଶୟୋକ୍ତି ନାହିଁ । ସତ୍ୟ ଏବଂ ଆଧ୍ୟାତ୍ମିକ ମାର୍ଗର ଏହା ବାସ୍ତବିକ ଦିଗ୍‌ଦର୍ଶନ କରେ ।

**କାର୍ଯ୍ୟ ଆରମ୍ଭ କରିବାରେ ଅକ୍ଷମତା ଏବଂ ସାହସର ଅଭାବ :** ଶ୍ରୀ ହେମାଡପନ୍ତଙ୍କ ମନକୁ ବିଚାର ଆସିଲା ଯେ ଏହି ରଚନା କରିବା ପାଇଁ ତାଙ୍କର ଯୋଗ୍ୟତା ନାହିଁ । ମୁଁ ତ ନିଜର ପରମ ବନ୍ଧୁ କି ନିଜର ପ୍ରକୃତି ବିଷୟରେ ମଧ୍ୟ ଭଲଭାବେ ପରିଚିତ ନୁହେଁ । ତେଣୁ ମୋ ପରି ଏକ ମୂଢ଼ମତି ଜଣେ ସନ୍ଥ ମହାପୁରୁଷଙ୍କ ଜୀବନୀ ରଚନା କରିବାର ଦୁଃସାହସ କରିବ କିପରି ? ଅବତାରମାନଙ୍କ ଜୀବନ ଚରିତ ବର୍ଣ୍ଣନା କରିବାକୁ ବେଦ ମଧ୍ୟ ଅକ୍ଷମତା ପ୍ରକାଶ କରେ । କୌଣସି ସନ୍ଥଙ୍କ ଚରିତ୍ର ଜାଣିବା ପାଇଁ ନିଜକୁ ପ୍ରଥମେ ସନ୍ଥ ହେବା ଆବଶ୍ୟକ । ମୁଁ ତ ତାଙ୍କର ଗୁଣଗାନ କରିବାକୁ ମଧ୍ୟ ଅଯୋଗ୍ୟ । ସନ୍ଥଙ୍କ ଜୀବନୀ ରଚନା କରିବାକୁ ସାହସର ଆବଶ୍ୟକତା ଅଛି । ନହେଲେ ଚାରିଲୋକଙ୍କ ସମ୍ମୁଖରେ ଉପହାସର ପାତ୍ର ହେବାକୁ ପଡ଼ିବ । ଏଣୁ ଶ୍ରୀ ସାଇବାବାଙ୍କ କୃପା ଲାଭ କରିବା ନିମିତ୍ତ ମୁଁ ଭଗବାନଙ୍କୁ ପ୍ରାର୍ଥନା କଲି ।

ମହାରାଷ୍ଟ୍ରର ସନ୍ଥ ଶିରୋମଣି ଶ୍ରୀ ଜ୍ଞାନେଶ୍ୱର ମହାରାଜ କହିଛନ୍ତି ସନ୍ଥଙ୍କ ଚରିତ

ରଚନା ଦ୍ୱାରା ପରମାତ୍ମା ଅତି ପ୍ରସନ୍ନ ହୁଅନ୍ତି । ତୁଳସୀଦାସ ମଧ୍ୟ କହିଛନ୍ତି 'ସାଧୁ ଚରିତ ଶୁଭ ଚରିତ କପାସୂ । ନିରସ ବିଷଦ ଗୁଣମୟ ଫଳ ଜାସୁ । ଯୋ ସହି ଦୁଃଖ ପର ଛିଦ୍ର ଦୁରାୱା, ବନ୍ଦନୀୟ ଯେହି ଜଗ ଯସ ପାୱା ।' ଭକ୍ତମାନଙ୍କ ମଧରେ ସନ୍ତୁଙ୍କ ସେବା କରିବାକୁ ଇଚ୍ଛା ଜାଗ୍ରତ ହୁଏ । ସନ୍ତୁଙ୍କ କାର୍ଯ୍ୟ ପୂର୍ଣ୍ଣ କରିବା ଶୈଳୀ ମଧ୍ୟ ବଡ଼ ବିଚିତ୍ର । ପ୍ରକୃତ ପ୍ରେରଣାର ସ୍ରୋତ ସିଏ, ଭକ୍ତ ନିମିତ୍ତ ମାତ୍ର । ଅଥବା କାର୍ଯ୍ୟ ପୂର୍ତ୍ତି କରିବାର ଏକ ମାଧ୍ୟମ ମାତ୍ର । ଉଦାହରଣ ସ୍ୱରୂପ ୧୭୦୦ ଶକାବ୍ଦରେ କବି ମହୀପତି ସନ୍ଥ ଚରିତ୍ର ଲେଖିବାକୁ ପ୍ରେରଣା ଲାଭ କଲେ । ଭଗବାନ ସନ୍ଥଙ୍କ ହୃଦୟରେ ବାସକରି ପ୍ରେରଣା ଜାଗ୍ରତ କଲେ ଏବଂ କାର୍ଯ୍ୟ ପୂର୍ଣ୍ଣ ହେଲା । ସେହିପରି ୧୮୦୦ ଶକାବ୍ଦରେ ଶ୍ରୀ ଦାସଗଣୁଙ୍କ ସେବା ସ୍ୱୀକୃତ ହେଲା । ମହୀପତି ଚାରୋଟି କାବ୍ୟ 'ଭକ୍ତବିଜୟ', 'ସନ୍ଥ ବିଜୟ', 'ଭକ୍ତଲୀଳାମୃତ' ଏବଂ 'ସନ୍ଥ ଲୀଳାମୃତ' ରଚନା କଲେ ଏବଂ ଦାସଗଣୁ ଦୁଇଟି ଗ୍ରନ୍ଥ 'ଭକ୍ତଲୀଳାମୃତ' ଓ 'ସନ୍ଥ କଥାମୃତ' ରଚନା କଲେ, ଯେଉଁଥିରେ ଆଧୁନିକ ସନ୍ଥଙ୍କ ଚରିତ୍ର ବର୍ଣ୍ଣିତ ହୋଇଛି । 'ଭକ୍ତଲୀଳାମୃତ'ର ୩୧,୩୨ ଓ ୩୩ ଅଧ୍ୟାୟରେ ତଥା 'ସନ୍ଥ କଥାମୃତ'ର ୫୭ ଅଧ୍ୟାୟରେ ଶ୍ରୀ ସାଇବାବାଙ୍କ ମଧୁର ଜୀବନୀ ତଥା ଅମୂଲ୍ୟ ଉପଦେଶର ସୁନ୍ଦର ଓ ମନୋଜ୍ଞ ବର୍ଣ୍ଣନା କରାଯାଇଛି । ସାଇଲୀଳା ପତ୍ରିକାର ୧୧,୧୨ ଓ ୧୭ଦଶ ସଂଖ୍ୟାରେ ଏହାର ପୁନଃପ୍ରକାଶନ କରାଯାଇଛି । ପାଠକମାନେ ଏହି ଅଧ୍ୟାୟଗୁଡ଼ିକୁ ପାଠ କରିବାକୁ ଅନୁରୋଧ । ସେହିପରି ଶ୍ରୀ ସାଇବାବାଙ୍କ ଅଦ୍‌ଭୁତ ଲୀଳାଗୁଡ଼ିକର ବର୍ଣ୍ଣନା ଏକ କ୍ଷୁଦ୍ର ସୁନ୍ଦର ପୁସ୍ତିକା 'ଶ୍ରୀ ସାଇନାଥ ଭଜନମାଳା' ଆକାରରେ ପ୍ରକାଶିତ ହୋଇଛି । ମୁମ୍ବଇର ବାନ୍ଦ୍ରା ନିବାସୀ ଶ୍ରୀମତୀ ସାବିତ୍ରୀବାଇ ରଘୁନାଥ ତେନ୍ଦୁଲକର ନାମ୍ନୀ ଜଣେ ମହିଳା ଏହାର ରଚନା କରିଛନ୍ତି ।

ଶ୍ରୀ ଦାସଗଣୁ ମହାରାଜ ମଧ୍ୟ ଶ୍ରୀ ସାଇବାବାଙ୍କ ଉପରେ ମଧୁର କବିତା ଓ ସ୍ତବନମାନ ରଚନା କରିଛନ୍ତି । ଅମୀଦାସ ଭବାନୀ ମେହେଟ୍ଟା ନାମକ ଅନ୍ୟ ଜଣେ ଭକ୍ତ ବାବାଙ୍କ କେତେକ କାହାଣୀର ଗୁଜୁରାଟି ଭାଷାରେ ପ୍ରକାଶ କରିଛନ୍ତି । ଶିରିଡ଼ିର ଦକ୍ଷିଣା ଭିକ୍ଷା ସଂସ୍ଥାନ ଦ୍ୱାରା ପ୍ରକାଶିତ 'ସାଇପ୍ରଭା' ପତ୍ରିକାରେ କେତେକ ଲୀଳା ବର୍ଣ୍ଣିତ ହୋଇଛି । ଏଠାରେ ପ୍ରଶ୍ନ ଉଠୁଛି ଶ୍ରୀ ସାଇନାଥ ମହାରାଜଙ୍କ ଜୀବନ ଚରିତର ଆଭା ବିଚ୍ଛୁରିତ କରୁଥିବା ଏତେ ପରିମାଣର ସାହିତ୍ୟ ଉପଲବ୍ଧ ଥିବାବେଳେ ପୁଣି ଏକ ଗ୍ରନ୍ଥ 'ସାଇ ସତ୍‌ଚରିତ' ରଚନା କରିବାର ଆବଶ୍ୟକତା କାହିଁକି ? ଏହାର ଉତ୍ତରରେ କେବଳ ଏତିକି କୁହାଯାଇପାରେ ଯେ ଶ୍ରୀ ସାଇବାବାଙ୍କ ଜୀବନୀ ସାଗର ସଦୃଶ ଅଗାଧ, ବ୍ୟାପକ ଓ ଉତ୍ତାଳ ଅଟେ । ଏଥିରେ ଅବଗାହନ କଲେ ଜ୍ଞାନ ଏବଂ ଭକ୍ତିରୂପକ ଅମୂଲ୍ୟ ରତ୍ନ ସହଜରେ ପ୍ରାପ୍ତି ହେବ, ମୁମୁକ୍ଷୁ ଜନତା ଏଥିରୁ ସର୍ବଦା ଉପକୃତ ହେବେ । ଶ୍ରୀ ସାଇବାବାଙ୍କ ଜୀବନୀ, ତାଙ୍କର ଦୃଷ୍ଟାନ୍ତ ଏବଂ ଉପଦେଶମାନ ଆଶ୍ଚର୍ଯ୍ୟରେ ପରିପୂର୍ଣ୍ଣ ଅଟେ । ଦୁଃଖୀ ଏବଂ ଦୁର୍ଭାଗ୍ୟଗ୍ରସ୍ତ ମାନବକୁ ଏଥିରୁ ଶାନ୍ତି ଓ ସୁଖ ପ୍ରାପ୍ତି ହେବ ତଥା

ଲୋକ ଓ ପରଲୋକରେ ଶ୍ରେୟ ପ୍ରାପ୍ତି ହେବ । **ଯଦି ଶ୍ରୀ ସାଇବାବାଙ୍କ ଉପଦେଶକୁ, ଯାହା ବୈଦିକ ଶିକ୍ଷା ସମତୁଲ୍ୟ ଅତ୍ୟନ୍ତ ଉପାଦେୟ ଓ ଶିକ୍ଷାପ୍ରଦ; ଧ୍ୟାନପୂର୍ବକ ଶ୍ରବଣ ଓ ମନନ କରାଯାଏ ତେବେ ଭକ୍ତମାନେ ବାଞ୍ଛିତଫଳ ଲାଭ କରିବେ ।** ଅର୍ଥାତ୍ ବ୍ରହ୍ମାଙ୍କଠାରୁ ଅଭିନ୍ନତା, ଅଷ୍ଟାଙ୍ଗ ଯୋଗର ସିଦ୍ଧି ଏବଂ ସମାଧି ଲାଭ କରିବାର ଆନନ୍ଦ ପ୍ରାପ୍ତି ସହଜରେ ହୋଇଯିବ । ଏ କଥା ମନରେ ଭାବି ମୁଁ ଚରିତ୍ରର କଥାବଳୀ ସଂକଳନ କରିବା ଆରମ୍ଭ କଲି । ଏହା ସହ ଏ କଥା ମଧ୍ୟ ବିଚାରକୁ ଆସିଲା ଯେ ମୋ ପାଇଁ ଏହା ହିଁ ସର୍ବୋତ୍କୃଷ୍ଟ ସାଧନା ହେବ । ଯେଉଁ ଭକ୍ତମାନେ ସେମାନଙ୍କ ନେତ୍ରଯୁଗଳରେ ଶ୍ରୀ ସାଇବାବାଙ୍କ ଦର୍ଶନଲାଭରୁ ବଞ୍ଚିତ ହୋଇଛନ୍ତି ସେମାନେ ଏହି ଚରିତ୍ର ପାଠ କରି ଶ୍ରୀ ସାଇବାବାଙ୍କ ଜୀବନସାଗରରେ ଅବଗାହନ କରିପାରିବେ । ଏହା ମନେକରି ମୁଁ ମୋର ସମସ୍ତ ଅହଂକୁ ତାଙ୍କର ପଦାରବିନ୍ଦରେ ସମର୍ପଣ କରିଦେଲି । ଏହାପରେ ମୁଁ ମନେ କଲି ମୋର ପଥ ଅତି ସୁଗମ ହୋଇଗଲା ଏବଂ ବାବା ମୋତେ ଉଭୟ ଇହଲୋକ ଓ ପରଲୋକରେ ସୁଖୀ କରିବା ପାଇଁ ଉତ୍ତରଦାୟୀ ରହିବେ ।

ଏହି କାର୍ଯ୍ୟ ପାଇଁ ସ୍ୱୟଂ ବାବାଙ୍କଠାରୁ ଅନୁମତି ଲାଭ କରିବା ନିମନ୍ତେ ମୋର ସାହସ ନଥିଲା । ଏଣୁ ମୁଁ ଶ୍ରୀ ମାଧବରାଓ ଓରଫ ଶ୍ୟାମା, ଯିଏକି ବାବାଙ୍କ ଅନ୍ତରଙ୍ଗ ଭକ୍ତମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ, ତାଙ୍କୁ ଏଥିପାଇଁ ନିବେଦନ କଲି । ସେ ମୋର ଅନୁରୋଧ ରକ୍ଷାକରି ଶ୍ରୀ ସାଇବାବାଙ୍କ ନିକଟରେ ଏହିପରି ପ୍ରାର୍ଥନା କଲେ 'ଏହି ଅଣାସାହେବ ଆପଣଙ୍କର ଜୀବନୀ ରଚନା କରିବା ପାଇଁ ଅତ୍ୟନ୍ତ ଉତ୍ସୁକ ହୋଇଛନ୍ତି । ଆପଣ ଏହା କହି ମନା କରିଦିଅନ୍ତୁ ନାହିଁ କି ଆପଣ ଜଣେ ଫକିର, ଏଣୁ ଆପଣଙ୍କ ଜୀବନୀ ଲେଖିବାର ଆବଶ୍ୟକତା ନାହିଁ । ଆପଣଙ୍କର କେବଳ କୃପା ଓ ଅନୁମତି ଦ୍ୱାରା ହିଁ ସେ ଏହି ରଚନା କରିବାକୁ ସକ୍ଷମ ହେବେ ଅର୍ଥାତ୍ ଆପଣଙ୍କ ଶ୍ରୀଚରଣର ପୁଣ୍ୟପ୍ରତାପ ବଳରେ ହିଁ ଏହି କାର୍ଯ୍ୟ ସଫଳ ହୋଇପାରିବ । ଆପଣଙ୍କ ଅନୁମତି କିମ୍ବା ଆଶୀର୍ବାଦ ଅଭାବରେ କୌଣସି କାର୍ଯ୍ୟ ଯଶସ୍ୱୀ ହୋଇପାରିବ ନାହିଁ ।' ଏହି ପ୍ରାର୍ଥନା ଶୁଣି ବାବାଙ୍କ ମନରେ ଦୟା ଆସିଗଲା । ସେ ଆଶ୍ୱାସନା ଏବଂ ଉଦି ପ୍ରଦାନ କରି ତାଙ୍କର ବରାଭୟ ହସ୍ତ ମୋର ମସ୍ତକ ଉପରେ ରଖିଲେ ଏବଂ କହିଲେ କି ତାକୁ ଜୀବନୀ ଓ ଦୃଷ୍ଟାନ୍ତଗୁଡ଼ିକୁ ଏକତ୍ର କରି ଲିପିବଦ୍ଧ କରିବାକୁ ଦିଅ, ମୁଁ ତା'ର ସହାୟତା କରିବି।। **'ମୁଁ ସ୍ୱୟଂ ମୋର ଜୀବନୀ ରଚନା କରି ଭକ୍ତମାନଙ୍କର ଇଚ୍ଛା ପୂର୍ଣ୍ଣ କରିବି ।'** କିନ୍ତୁ ତାକୁ ଅହଂ ତ୍ୟାଗ କରି ମୋର ଶରଣରେ ଆସିବାକୁ ହେବ । ଯିଏ ତାର ଜୀବନରେ ଏପରି ଆଚରଣ କରେ, ମୁଁ ତାକୁ ଅଧିକ ସହାୟତା କରିଥାଏ । ମୋର ଜୀବନଚରିତ ବର୍ଣ୍ଣନା ତ ସହଜ, ଘରେ ବସିଥିବାବେଳେ ମୁଁ ତାକୁ ଅନେକ ପ୍ରକାର ସହାୟତା ପ୍ରଦାନ କରୁଛି । ଯେତେବେଳେ ତା'ର ଅହଂ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ତଥା ଲେଶମାତ୍ର ଚିହ୍ନ ରହିବ ନାହିଁ, ସେତେବେଳେ **ମୁଁ ତା'ର ଅନ୍ତଃକରଣରେ**

**ପ୍ରକଟ ହୋଇ ସ୍ୱୟଂ ନିଜର ଜୀବନୀ ରଚନା କରିବି । ମୋର ଚରିତ୍ର ଓ ଉପଦେଶର ଶ୍ରବଣ ମାତ୍ରକେ ଭକ୍ତଙ୍କ ହୃଦୟରେ ଶ୍ରଦ୍ଧା ଜାଗ୍ରତ ହୋଇ ସରଳତାପୂର୍ବକ ଆତ୍ମାନୁଭୂତି ଏବଂ ପରମାନନ୍ଦ ପ୍ରାପ୍ତି ହେବ ।** ଗ୍ରନ୍ଥରେ ନିଜର ମତ ପ୍ରତିପାଦନ, ଅନ୍ୟର ମତ ଖଣ୍ଡନ ତଥା ଅନ୍ୟ କୌଣସି ବିଷୟକ ସପକ୍ଷ କିମ୍ବା ବିପକ୍ଷ ବ୍ୟର୍ଥ ବାଦାନୁବାଦର ଅପଚେଷ୍ଟା କରାଯିବ ନାହିଁ ।

## ।। ହେମାଡପନ୍ତ ଉପାଧିର ତାତ୍ପର୍ଯ୍ୟ ।।

ବାଦାନୁବାଦ ଶବ୍ଦରୁ ମୋ ମନକୁ ଆସିଲା ଯେ ହେମାଡପନ୍ତ ଉପାଧି କିପରି ପ୍ରାପ୍ତ ହେଲା ତାହା ବର୍ଣ୍ଣନା କରିବା ସମୀଚୀନ ହେବ । କାକାସାହେବ ଏବଂ ନାନାସାହେବ ଚନ୍ଦୋରକର ମୋର ଅତି ଘନିଷ୍ଠ ବନ୍ଧୁ ଥିଲେ । ସେମାନେ ମୋତେ ଶିରିଡ଼ି ଯାଇ ଶ୍ରୀ ସାଇବାବାଙ୍କ ଦର୍ଶନରୁ ଲାଭ ଉଠାଇବାକୁ ଅନୁରୋଧ କଲେ । ମୁଁ ସେମାନଙ୍କୁ କଥା ଦେଲି; କିନ୍ତୁ କିଛି ବିଘ୍ନ ଆସିଯିବାରୁ ମୋର ଶିରିଡ଼ି ଯାତ୍ରା ସ୍ଥଗିତ ହୋଇଗଲା । ମୋର ଜଣେ ଘନିଷ୍ଠ ବନ୍ଧୁଙ୍କ ପୁତ୍ର ଲୋନାଭେଲାରେ ରୋଗାକ୍ରାନ୍ତ ହୋଇଥିଲା । ସମସ୍ତ ଆଧିଭୌତିକ ଓ ଆଧ୍ୟାତ୍ମିକ ଉପାୟରେ ଯଥାସମ୍ଭବ ତାହାର ଚିକିତ୍ସା କରାଗଲା କିନ୍ତୁ ସମସ୍ତ ଚେଷ୍ଟା ବିଫଳ ହେଲା ଓ କୌଣସି ପ୍ରକାରେ ଜ୍ୱର କମିଲା ନାହିଁ । ଶେଷରେ ତାହାର ଗୁରୁଦେବଙ୍କୁ ତା'ର ବିଛଣା ପାଖରେ ବସାଇ ରଖାଗଲା; କିନ୍ତୁ ସେଥିରୁ ମଧ୍ୟ କିଛି ଫଳ ମିଳିଲା ନାହିଁ । ଏହା ଦେଖି ମୋ ମନରେ ପ୍ରଶ୍ନ ଜାତ ହେଲା ଯେ ଗୁରୁ ଯେତେବେଳେ ଗୋଟିଏ ବାଳକର ଜୀବନ ରକ୍ଷା କରିବାକୁ ମଧ୍ୟ ଅସମର୍ଥ, ତାହେଲେ ତାଙ୍କର ଆବଶ୍ୟକତା କ'ଣ ? ଆଉ ଯେତେବେଳେ ତାଙ୍କର କୌଣସି ସାମର୍ଥ୍ୟ ନାହିଁ, ସେତେବେଳେ ଶିରିଡ଼ି ଯିବାର ପ୍ରୟୋଜନ କ'ଣ ? ଏହା ଭାବି ମୁଁ ଶିରିଡ଼ି ଯାତ୍ରା ସ୍ଥଗିତ କରିଦେଲି । କିନ୍ତୁ ଯାହା ହେବାର ଥିବ, ତାହା ତ ନିଶ୍ଚୟ ହେବ ଏବଂ ତାହା ଏହି ପ୍ରକାରେ ଘଟିଲା । ପ୍ରାନ୍ତାଧିକାରୀ ନାନାସାହେବ ଚନ୍ଦୋରକର ବସଇ ଯାତ୍ରା କରୁଥିଲେ । ସେ ଥାନେରୁ ଦାଦର ପହଞ୍ଚିବା ପରେ ବସଇ ଯିବା ଲାଗି ଉଦ୍ଦିଷ୍ଟ ଗାଡ଼ିକୁ ପ୍ରତୀକ୍ଷା କରିଥିଲେ । ଏହି ସମୟରେ ବାନ୍ଦ୍ରା ଲୋକାଲ ଟ୍ରେନ ଆସି ପହଞ୍ଚିଲା, ଯେଉଁଥିରେ ବସି ସେ ବାନ୍ଦ୍ରା ଆସିଲେ ଏବଂ ମୁଁ ଶିରିଡ଼ି ଯାତ୍ରା ସ୍ଥଗିତ କରିଥିବା ଜାଣି ଅସୁଖୀ ହେଲେ । ନାନାସାହେବଙ୍କ ଯୁକ୍ତି ମୋତେ ଯଥାର୍ଥ ତଥା କୌତୂହଳପ୍ରଦ ମନେ ହେଲା ଏବଂ ସେହିଦିନ ରାତିରେ ମୁଁ ପୁଣି ଶିରିଡ଼ି ଯିବାକୁ ସ୍ଥିର କରି ଜିନିଷପତ୍ର ସଜାଡ଼ି ଯାତ୍ରାରମ୍ଭ କଲି । ମୁଁ ସିଧା ଦାଦର ଯାଇ ସେଠାରୁ ମନମାଡ଼ ଗାଡ଼ି ଧରିବାକୁ ସ୍ଥିର କଲି । ଏହି ଲକ୍ଷ୍ୟରେ ଦାଦର ଯାଉଥିବା ଗାଡ଼ିରେ ବସିଲି । ଗାଡ଼ି ଛାଡ଼ିବାକୁ ଯାଉଥାଏ, ଏହି ସମୟରେ ଜଣେ ମୁସଲମାନ ବ୍ୟକ୍ତି ମୁଁ ବସିଥିବା ବଗି ଭିତରକୁ ଆସି ମୋର ଜିନିଷପତ୍ର ଦେଖି ମୋର ଗନ୍ତବ୍ୟସ୍ଥଳ ସମ୍ପର୍କରେ ପଚାରିଲେ । ମୁଁ ତାଙ୍କୁ ମୋର ଗସ୍ତ

ବିଷୟରେ ଜଣାଇଲି । ସେଠୁ ସେ କହିଲେ ମନମାଡ଼ ଯାଉଥିବା ଗାଡ଼ି ଦାଦର ଷ୍ଟେସନରେ ରହେ ନାହିଁ, ଏଣୁ ବୋରିବନ୍ଦର ଦେଇ ଯାତ୍ରା କରନ୍ତୁ । ଯଦି ଏହି ସାମାନ୍ୟ ଘଟଣାଟି ଘଟିନଥାନ୍ତା ତାହେଲେ ମୁଁ ତହିଁ ପରଦିନ ଶିରିଡ଼ିରେ ପହଞ୍ଚିନପାରିବା ହେତୁ ନାନା ଆଶଙ୍କା ମଧ୍ୟରେ ଛନ୍ଦି ହୋଇଯାଇଥାନ୍ତି । କିନ୍ତୁ ତାହା ହେଲା ନାହିଁ । ଭାଗ୍ୟଦେବୀଙ୍କ କୃପାରୁ ପରଦିନ ସକାଳ ନଅ,ଦଶଟା ପୂର୍ବରୁ ମୁଁ ଶିରିଡ଼ିରେ ପହଞ୍ଚିଗଲି । ଏହା ୧ ୯ ୧ ୦ ମସିହାର କଥା । ବାହାରୁ ଆସୁଥିବା ଭକ୍ତମାନଙ୍କ ରହିବା ଲାଗି ସେତେବେଳେ ସାଠେୱାଡ଼ା ହିଁ ଏକମାତ୍ର ସ୍ଥାନ ଥିଲା । ଘୋଡ଼ାଗାଡ଼ିରୁ ଓହ୍ଲାଇବା କ୍ଷଣି ଶ୍ରୀ ସାଇବାବାଙ୍କ ଦର୍ଶନ ମୋର ଏକମାତ୍ର ଆକାଙ୍କ୍ଷା ଥିଲା । ସେହି ସମୟରେ ଭକ୍ତ ଶ୍ରୀ ତାତ୍ୟାସାହେବ ନୁଲକର ମସଜିଦ୍‌ରୁ ଫେରୁଥିଲେ । ସେ କହିଲେ ବାବା ମସଜିଦ୍ କୋଣରେ ଅଛନ୍ତି । ଏବେ କେବଳ ପ୍ରାରମ୍ଭିକ ଦର୍ଶନ କରିଦିଅ, ତାହାପରେ ସ୍ନାନାଦି କ୍ରିୟା ଶେଷ କରି ଆସିବା ପରେ ସୁବିଧା ଦେଖି ସାକ୍ଷାତ କରିବ । ଏହା ଶୁଣିବା ମାତ୍ରେ ମୁଁ ସିଧା ଦୌଡ଼ି ବାବାଙ୍କର ଚରଣବନ୍ଦନା କଲି । ସେ କ୍ଷଣର ଆନନ୍ଦ ବର୍ଣ୍ଣନାତୀତ । ମୋର ଲୋମ ଟାଙ୍କୁରି ଉଠିଲା, ମୋର ସର୍ବାଙ୍ଗ ଶରୀରରେ କମ୍ପନ ଖେଳିଗଲା । ଭୋକ ଓ ଶୋଷ ଦୂରେଇଗଲା । ଯେଉଁ ମୁହୂର୍ତ୍ତରେ ତାଙ୍କର ଭବବିନାଶକ ଚରଣଦ୍ୱୟ ସ୍ପର୍ଶ କରିବାର ସୁଯୋଗ ଲାଭ ହେଲା, ମୋ ଜୀବନଧମନୀରେ ଏକ ନୂତନ ଉନ୍ମାଦନା ପ୍ରବାହିତ ହେବାକୁ ଲାଗିଲା । ମୁଁ ତାଙ୍କ ନିକଟରେ ସଦା ଋଣୀ ହୋଇରହିବି । ତାଙ୍କର ଏହି ଉପକାର ମୁଁ କେବେ ଭୁଲିପାରିବି ନାହିଁ । ମୁଁ ସର୍ବଦା ତାଙ୍କୁ ସ୍ମରଣ କରି ତାଙ୍କ ଉଦ୍ଦେଶ୍ୟରେ ଆନ୍ତରିକ ପ୍ରଣାମ ଜଣାଉଛି । ମୋର ଅନୁଭବ ହେଲା ଯେ ଶ୍ରୀ ସାଇଙ୍କ ଦର୍ଶନରେ ହିଁ ଜଣକର ମନୋଭାବରେ ପରିବର୍ତ୍ତନ ଘଟିବା ସହିତ ଅତୀତ କର୍ମର ପ୍ରଭାବ ଶୀଘ୍ର ମ୍ଳାନ ପଡ଼ିବା ସାଙ୍ଗକୁ ଅନାସକ୍ତି ଭାବ ଏବଂ ସଂସାର ପ୍ରତି ବୈରାଗ୍ୟ ଭାବ ଆସିଯାଇଥାଏ । କେବଳ ବିଗତ ଜନ୍ମର ଅନେକ ପୁଣ୍ୟ ପ୍ରଭାବରୁ ହିଁ ଏହିପରି ଦର୍ଶନ ମିଳିବା ସମ୍ଭବ ହୋଇପାରେ । ପାଠକଗଣ, ମୁଁ ଶପଥ କରି କହୁଛି ଯେ ଯଦି ଆପଣମାନେ ଶ୍ରୀ ସାଇବାବାଙ୍କୁ ଏକାଗ୍ରଚିତ୍ତରେ ଦେଖନ୍ତି, ସମ୍ପୂର୍ଣ୍ଣ ବିଶ୍ୱ ଆପଣଙ୍କୁ ସାଇମୟ ରୂପରେ ହିଁ ଦେଖାଯିବ ।

**ଯୁକ୍ତିତର୍କ ଓ ବିବାଦ :** ଶିରିଡ଼ି ପହଞ୍ଚିବା ଦିନ ହିଁ ବାଲାସାହେବ ଏବଂ ମୋ ଭିତରେ ଗୁରୁଙ୍କ ଆବଶ୍ୟକତା ନେଇ ବାଦାନୁବାଦ ଦେଖାଦେଲା । ମୋର ଯୁକ୍ତି ଥିଲା ଯେ ସ୍ୱାଧୀନତା ପରିତ୍ୟାଗ କରି ପରାଧୀନ ହେବା କି ଦରକାର । ପୁଣି ଯେତେବେଳେ କର୍ମ କରିବାକୁ ହିଁ ପଡ଼ିବ, ଗୁରୁଙ୍କର ଆବଶ୍ୟକତା କ'ଣ ? ସମସ୍ତଙ୍କୁ ପୂର୍ଣ୍ଣ ଚେଷ୍ଟା କରି ଆଗକୁ ଅଗ୍ରସର ହେବାକୁ ପଡ଼ିବ । ଗୁରୁ ଶିଷ୍ୟଙ୍କ ପାଇଁ କରନ୍ତି କ'ଣ ? ସିଏ ତ ସୁଖନିଦ୍ରାରେ ଥିବେ । ଏହି ପ୍ରକାର ମୁଁ ସ୍ୱାଧୀନତା ପକ୍ଷରେ ଯୁକ୍ତି ବାଢୁଥିବାବେଳେ ବାଲାସାହେବ ପ୍ରାରବ୍ଧ କଥା କହୁଥିଲେ । ସେ କହିଲେ ଯେ ବିଧିରେ ଯାହା ଲେଖାହୋଇଛି ତାହା ଘଟିବ ହିଁ ଘଟିବ । ଏହାର ବ୍ୟତିକ୍ରମ କରିବାରେ ମହାପୁରୁଷମାନେ ମଧ୍ୟ

ବିଫଳ ହୋଇଛନ୍ତି । କଥାରେ ଅଛି 'ମଣିଷର ଇଚ୍ଛା ଗୋଟିଏ ପ୍ରକାର ହେଲାବେଳକୁ ଭଗବାନଙ୍କ ଇଚ୍ଛା ଅନ୍ୟ ପ୍ରକାର ।' ପୁଣି ପରାମର୍ଶ ଦେବା ଛଳରେ କହିଲେ 'ଭାଇ ସାହେବ, ଏହି ଶୁଷ୍କ ପାଣ୍ଡିତ୍ୟ ପରିତ୍ୟାଗ କର । ଏହି ଅହଂଭାବ ତୁମର କୌଣସି କାର୍ଯ୍ୟରେ ସହାୟକ ହେବ ନାହିଁ ।' ଏହିପରି ଭାବରେ ଦୁଇଜଣଙ୍କ ମଧ୍ୟରେ ବାକ୍ୟାଳାପରେ ଘଣ୍ଟାଏ ବିତିଗଲା, କିନ୍ତୁ ସବୁ ବିବାଦ ପରି ଏଥିରୁ ମଧ୍ୟ କୌଣସି ଫଳ ମିଳିଲା ନାହିଁ । ଶେଷରେ ଦୁହେଁ ବିବଶ ହୋଇ ଯୁକ୍ତି ଅଧାରେ ରଖିଲୁ । ପରିଣାମ କେବଳ ଏହା ହେଲା ଯେ ମୋର ଶାନ୍ତିଭଙ୍ଗ ହେଲା ଏବଂ ମୁଁ ଅନୁଭବ କଲି ଯେ ଦୈହିକ ବୁଦ୍ଧି ଏବଂ ଅଂହକାର ହିଁ ବିବାଦର କାରଣ । ଅହଂକାର ହେଉଛି ଯେ କୌଣସି ବିବାଦର ମୂଳାଧାର ।

ଯେତେବେଳେ ମୁଁ ଅନ୍ୟମାନଙ୍କ ସହିତ ମିଶି ମସଜିଦ୍ ଗଲି, ବାବା ସେତେବେଳେ କାକାସାହେବଙ୍କୁ ସମ୍ବୋଧିତ କରି ପ୍ରଶ୍ନ କଲେ ଯେ ସାଠେୱାଡ଼ା(ମରାଠିରେ ୱାଡ଼ାର ଅର୍ଥ ହେଉଛି ନିବାସସ୍ଥଳ)ରେ କ'ଣ ଚାଲିଥିଲା ? କେଉଁ ବିଷୟରେ ବିବାଦ ଦେଖାଦେଲା ?  ପୁଣି ମୋ ଆଡ଼କୁ ଦୃଷ୍ଟିପାତ କରି କହିଲେ ଏହି 'ହେମାଡପନ୍ତ' କ'ଣ କହିଲା ? ଏହି ଶବ୍ଦ ଶୁଣି ମୁଁ ଆଚମ୍ବିତ ହୋଇଗଲି । ସାଠେୱାଡ଼ା ଓ ମସଜିଦ୍ ଭିତରେ ଅନେକ ଦୂରତା ଥିଲା । ସର୍ବଜ୍ଞ କିମ୍ବା ଅନ୍ତର୍ଯ୍ୟାମୀ ନହୋଇଥିଲେ ବାବାଙ୍କୁ ସେଠାକାର ବିବାଦ ବିଷୟ କିପରି ବିଦିତ ହୋଇଥାନ୍ତା ?

ମୁଁ ଭାବିବାକୁ ଲାଗିଲି ଯେ ବାବା 'ହେମାଡପନ୍ତ' ନାମରେ ମୋତେ କାହିଁକି ସମ୍ବୋଧିତ କଲେ । ଏହା ତ 'ହେମାଦ୍ରିପନ୍ଥ'ଶବ୍ଦର ଅପଭ୍ରଂଶ । ହେମାଦ୍ରିପନ୍ଥ ଦେବଗିରିର ଯାଦବ ରାଜବଂଶୀୟ ମହାରାଜା ମହାଦେବ ଏବଂ ରାମଦେବଙ୍କ ପ୍ରସିଦ୍ଧ ମନ୍ତ୍ରୀ ଥିଲେ । ସେ ଉଚ୍ଚକୋଟିର ବିଦ୍ୱାନ, ଉତ୍ତମ ସ୍ୱଭାବର ବ୍ୟକ୍ତି ଥିଲେ । ତାଙ୍କଦ୍ୱାରା ରଚିତ ଚତୁର୍ବର୍ଗ ଚିନ୍ତାମଣି ଏବଂ ରାଜପ୍ରଶସ୍ତି କାବ୍ୟ ଉଚ୍ଚ ପ୍ରଶଂସିତ ହୋଇଥିଲା । ହିସାବ କିତାବ ରକ୍ଷାରେ ସେ ନୂତନ ପ୍ରଣାଳୀର ଆବିଷ୍କାର କରିଥିଲେ ଏବଂ ଖାତାପତ୍ର କାମ ପଦ୍ଧତି ପ୍ରଚଳନ ଆରମ୍ଭ କରିଥିଲେ । ମୁଁ ଏହା ତୁଳନାରେ ଜଣେ ଅଜ୍ଞାନୀ, ମୂର୍ଖ ଏବଂ ମନ୍ଦମତି ଅଟେ । ଏଣୁ ମୋତେ ଏହି ବିଶେଷ ଉପାଧିରେ ବିଭୂଷିତ କରିବାର ତାତ୍ପର୍ଯ୍ୟ କ'ଣ ? ଗୂଢ଼ ବିଚାର କରିବା ପରେ ମୁଁ ଏହି ନିଷ୍କର୍ଷରେ ପହଞ୍ଚିଲି ଯେ ମୋର ଅହଂକୁ ଚୂର୍ଣ୍ଣ କରିବା ପାଇଁ ସମ୍ଭବତଃ ବାବା ଏହି ଅସ୍ତ୍ରର ପ୍ରୟୋଗ କରିଛନ୍ତି । ଯାହାଦ୍ୱାରା ମୁଁ ଭବିଷ୍ୟତରେ ସର୍ବଦା ନିରଭିମାନୀ ଏବଂ ବିନମ୍ର ହେବି । ପୁଣି ଏପରି ଦ୍ୱନ୍ଦ୍ୱାତ୍ମକ ଭାବନା ମଧ୍ୟ ଆସିଲା ଯେ ମୋର ବାକ୍‌ଚାତୁର୍ଯ୍ୟର ପ୍ରଶଂସା କରି ହୁଏତ ସେ ଏପରି କହୁଛନ୍ତି ? ପରେ ଅବଶ୍ୟ ଏକଥା ପ୍ରତୀତ ହେଲା ଯେ ବାବାଙ୍କ ଦ୍ୱାରା ହେମାଡପନ୍ତ ଉପାଧିରେ ବିଭୂଷିତ କରାଯିବା କିପରି ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ଭବିଷ୍ୟଦ୍ରଷ୍ଟାର ପରିଚାୟକ ଥିଲା । ଏକଥା ସମସ୍ତେ ଜାଣନ୍ତି ଯେ ପରବର୍ତ୍ତୀ ସମୟରେ ଦାଭୋଲକର(ହେମାଡପନ୍ତ)

ଶ୍ରୀ ସାଇବାବା ସଂସ୍ଥାନର ପରିଚାଳନା କାର୍ଯ୍ୟ କିପରି ସୁଚାରୁ ଢ଼ଙ୍ଗରେ ଏବଂ ପାରଦର୍ଶିତାର ସହ ତୁଲାଇଥିଲେ । ହିସାବ-କିତାବ ସୁନ୍ଦର ଭାବରେ ରଖିଥିଲେ, ଏହା ସହ ସାଇ ସତ୍‌ଚରିତର ରଚନା ମଧ୍ୟ କଲେ । ଏହି ଗ୍ରନ୍ଥରେ ଜ୍ଞାନ, ଭକ୍ତି, ବୈରାଗ୍ୟ, ଶରଣାଗତି ଏବଂ ଆତ୍ମନିବେଦନ ଆଦି ମହତ୍ତ୍ୱପୂର୍ଣ୍ଣ ତଥା ଆଧ୍ୟାତ୍ମିକ ବିଷୟଗୁଡ଼ିକର ସମାବେଶ ଘଟିଛି ।

## ।। ଗୁରୁଙ୍କ ଆବଶ୍ୟକତା ।।

ଏହି ବିଷୟରେ ବାବା କ'ଣ କହିଲେ ସେ ନେଇ ହେମାଡପନ୍ତଙ୍କ ଦ୍ୱାରା ଲିଖିତ କୌଣସି ଆଲେଖ୍ୟ ବା ସ୍ମୃତିଲିପି ମିଳୁନାହିଁ । ଅବଶ୍ୟ କାକାସାହେବ ଦୀକ୍ଷିତ ଏହି ବିଷୟରେ ଏକ ଆଲେଖ୍ୟ ପ୍ରକାଶ କରିଛନ୍ତି । ବାବାଙ୍କୁ ସାକ୍ଷାତ କରିବାର ପରଦିନ ହେମାଡପନ୍ତ ଏବଂ କାକାସାହେବ ମସଜିଦ୍‌କୁ ଯାଇ ଘରକୁ ଫେରିବା ନିମନ୍ତେ ଅନୁମତି ଭିକ୍ଷା କଲେ ।  ବାବା ଅନୁମତି ଦେଲେ । ଏହି ସମୟରେ କେହି ଜଣେ ପ୍ରଶ୍ନ କଲେ: ବାବା କେଉଁଆଡ଼େ ଯିବୁ ?

ଉତ୍ତର ମିଳିଲା : ଊର୍ଦ୍ଧ୍ୱକୁ ଯାଅ ।

ପ୍ରଶ୍ନ **:** ମାର୍ଗ କେଉଁଆଡ଼େ ?

ବାବା **:** ଅନେକ ପଥ ରହିଛି । ଏଠାରୁ ମଧ୍ୟ ଗୋଟିଏ ପଥ ଅଛି । କିନ୍ତୁ ଏହି ମାର୍ଗ ଦୁର୍ଗମ ତଥା କଣ୍ଟକିତ ଏବଂ ସିଂହ, ବ୍ୟାଘ୍ର ଆଦିର ସମ୍ମୁଖୀନ ହେବାକୁ ପଡ଼ିବ ।

କାକାସାହେବ : ଯଦି ସାଙ୍ଗରେ ପଥପ୍ରଦର୍ଶକ ଥିବେ, ତେବେ..

ବାବା : ତାହେଲେ କଷ୍ଟ ହେବ ନାହିଁ । ପଥପ୍ରଦର୍ଶକ ତୁମକୁ ସିଂହ, ବ୍ୟାଘ୍ର ଏବଂ ଖାତରୁ ରକ୍ଷା କରି ଲକ୍ଷ୍ୟସ୍ଥଳରେ ପହଞ୍ଚାଇଦେବେ । ତାହାର ଅଭାବରେ ଜଙ୍ଗଲରେ ରାସ୍ତା ଭୁଲିଯିବା କିମ୍ବା ଖାତରେ ଗଳିପଡ଼ିବାର ଆଶଙ୍କା ରହିଛି । ହେମାଡପନ୍ତ ମଧ୍ୟ ଏହି ସମୟରେ ସେଠାରେ ଉପସ୍ଥିତ ଥିଲେ । ସେ ମନେକଲେ ଯେ ବାବା ଯାହା କହୁଛନ୍ତି, ଗୁରୁଙ୍କ ଆବଶ୍ୟକତା କ'ଣ ପ୍ରଶ୍ନର ଉତ୍ତର ସେଥିରେ ସନ୍ନିହିତ ଅଛି । ସେ ସବୁକାଳ ପାଇଁ ମନରେ ଦୃଢ଼ନିଶ୍ଚୟ କରିନେଲେ ଯେ ଏହାପରେ ଏହି ବିଷୟରେ ସେ ଆଉ କେବେ ବାଦାନୁବାଦ କରିବେ ନାହିଁ । ପ୍ରକୃତପକ୍ଷରେ ଗୁରୁଙ୍କ ଉପଦେଶ ପାଳନ ଦ୍ୱାରା ହିଁ ପରମାର୍ଥ ପ୍ରାପ୍ତି ସମ୍ଭବ ହୋଇଥାଏ । ରାମ ଏବଂ କୃଷ୍ଣ ଭଗବାନଙ୍କ ମହାନ୍ ଅବତାର ହୋଇଥିଲେ ମଧ୍ୟ ଆତ୍ମାନୁଭୂତି ନିମନ୍ତେ ରାମଙ୍କୁ ତାଙ୍କର ଗୁରୁ ବଶିଷ୍ଠ ଏବଂ କୃଷ୍ଣଙ୍କୁ ଗୁରୁ ସନ୍ଦିପନୀଙ୍କ ଶରଣାପନ୍ନ ହେବାକୁ ପଡ଼ିଥିଲା । ଏହି ମାର୍ଗରେ ଉନ୍ନତି ଲାଭ କରିବା ନିମନ୍ତେ ଶ୍ରଦ୍ଧା ଏବଂ ସବୁରି ଅର୍ଥାତ୍ ଧୈର୍ଯ୍ୟ- ଏହି ଦୁଇଟି ଗୁଣ ସହାୟକ ହୋଇଥାଏ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।। ତୃତୀୟ ଅଧ୍ୟାୟ ।।

### ଶ୍ରୀ ସାଇବାବାଙ୍କ ସ୍ୱୀକୃତି ଓ ପ୍ରତିଜ୍ଞା, ଭକ୍ତଙ୍କୁ ଦାୟିତ୍ୱ ଅର୍ପଣ, ବାବାଙ୍କ ଲୀଳାମାନ ଜ୍ୟୋତିସ୍ତମ୍ଭ ସ୍ୱରୂପ, ମାତୃପ୍ରେମ, ରୋହିଲାଙ୍କ କାହାଣୀ ଏବଂ ତାଙ୍କର ମଧୁର ଉପଦେଶ

### ।। ଶ୍ରୀ ସାଇବାବାଙ୍କ ସ୍ୱୀକୃତି ଏବଂ ପ୍ରତିଜ୍ଞା ।।

ଗତ ଅଧ୍ୟାୟରେ ବାବା କିପରି ସତ୍‌ଚରିତ ଲେଖିବା ପାଇଁ ଅନୁମତି ପ୍ରଦାନ କରି ଏହି କାର୍ଯ୍ୟ ପାଇଁ ତାଙ୍କର ପୂର୍ଣ୍ଣ ସହମତି ରହିଛି ବୋଲି କହିଲେ, ତାହା ବର୍ଣ୍ଣିତ ହୋଇଛି । 'ତୁମେ ନିଜର ମନ ସ୍ଥିର କର, ମୋର ବାଣୀରେ ବିଶ୍ୱାସ ରଖ ଏବଂ ନିର୍ଭୟ ହୋଇ କର୍ତ୍ତବ୍ୟ ପାଳନ କରିଚାଲ । ମୋର ଲୀଳା ଲେଖିଲେ ଅବିଦ୍ୟା ନାଶ ହେବ ଏବଂ ଯିଏ ଏହାକୁ ଧ୍ୟାନ ଓ ଭକ୍ତି ସହକାରେ ଶ୍ରବଣ କରିବେ ତାଙ୍କର ଦୈହିକ ବୁଦ୍ଧି ନଷ୍ଟ ହୋଇ ଭକ୍ତି ଏବଂ ପ୍ରେମର ତୀବ୍ର ଉଚ୍ଛ୍ୱାସ ପ୍ରବାହିତ ହେବ । ଆଉ ଯିଏ ଏହି ଲୀଳା ଅଧିକ ଗଭୀରତାରେ ଅନ୍ୱେଷଣ କରିବେ, ସିଏ ଜ୍ଞାନରୂପକ ଅମୂଲ୍ୟ ରତ୍ନ ଲାଭ କରିବେ ।'

ଏହି ବାଣୀ ଶୁଣି ହେମାଡପନ୍ତ ଅତିଶୟ ଆନନ୍ଦିତ ହେଲେ ଏବଂ ନିର୍ଭୟ ହୋଇଗଲେ । ତାଙ୍କର ଦୃଢ଼ ବିଶ୍ୱାସ ହେଲା ଯେ ଏବେ କାର୍ଯ୍ୟ ନିଶ୍ଚୟ ସଫଳ ହେବ । ବାବା ଶ୍ୟାମାଙ୍କ ଆଡ଼କୁ ଦୃଷ୍ଟିପାତ କରି କହିଲେ 'ଯିଏ ପ୍ରେମପୂର୍ବକ ମୋର ନାମ ସ୍ମରଣ କରିବ, ମୁଁ ତା'ର ସମସ୍ତ ଇଚ୍ଛା ପୂରଣ କରିବି ।' ତାହାର ଭକ୍ତିରେ ଉତ୍ତରୋତ୍ତର ବୃଦ୍ଧି ଘଟିବ । ଯିଏ ମୋର ଚରିତ୍ର ଏବଂ କାର୍ଯ୍ୟର ଶ୍ରଦ୍ଧାପୂର୍ବକ ଗାନ କରିବ, ମୁଁ ତାକୁ ସବୁପ୍ରକାର ସହାୟତା କରିବି । **ଯେଉଁ ଭକ୍ତଗଣ ହୃଦୟ ଓ ପ୍ରାଣ ସହକାରେ ମୋତେ ଚାହାଁନ୍ତି, ସେମାନଙ୍କୁ ମୋର କାହାଣୀ ଶ୍ରବଣ କରିବା ମାତ୍ରକେ ସ୍ୱାଭାବିକ ଭାବେ ପ୍ରସନ୍ନତା ପ୍ରାପ୍ତି ହେବ । ବିଶ୍ୱାସ କର, ଯେ କେହି ମୋର ଲୀଳାବଳୀର କୀର୍ତ୍ତନ କରିବ; ସିଏ ପରମାନନ୍ଦ ପ୍ରାପ୍ତି ଏବଂ ଚିର ସନ୍ତୋଷ ଲାଭ କରିବ । ଏହା ମୋର ବୈଶିଷ୍ଟ୍ୟ, ଯେକେହି ଅନନ୍ୟ ଭାବରେ ମୋର ଶରଣାପନ୍ନ ହୁଏ, ଯିଏ ଶ୍ରଦ୍ଧା ସହକାରେ ମୋର ପୂଜନ, ନିରନ୍ତର ସ୍ମରଣ ଏବଂ ମୋର ଧ୍ୟାନ କରେ, ତାହାକୁ ମୁଁ ମୁକ୍ତି ପ୍ରଦାନ କରିଦିଏ ।'**

**'ଯିଏ ନିତ୍ୟ ପ୍ରତିଦିନ ମୋର ନାମସ୍ମରଣ ଏବଂ ପୂଜନ କରି ମୋର କଥା ତଥା ଲୀଳାମାନଙ୍କର ପ୍ରେମପୂର୍ବକ ମନନ କରିବ, ସେହିପରି ଭକ୍ତମାନଙ୍କଠାରେ ସାଂସାରିକ ବାସନା ଏବଂ ଅଜ୍ଞାନରୂପକ ପ୍ରବୃତ୍ତି କିପରି ରହିବ ? ମୁଁ ସେମାନଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇନିଏ ।'**

**'ମୋର କଥା ଶ୍ରବଣ କରିବା ଦ୍ୱାରା ମୁକ୍ତିଲାଭ ହେବ । ଏଣୁ ମୋର କଥା ଶ୍ରଦ୍ଧାପୂର୍ବକ ଶ୍ରବଣ କର, ମନନ କର ।** ସୁଖ ଓ ସନ୍ତୋଷ ପ୍ରାପ୍ତିର ଏହା ହେଉଛି ସରଳ ମାର୍ଗ । ଏହା ଶ୍ରୋତାମାନଙ୍କ ଚିତ୍ତକୁ ଶାନ୍ତି ପ୍ରଦାନ କରିବ ଏବଂ ଯେତେବେଳେ ଧ୍ୟାନ ପ୍ରଗାଢ଼ ହୋଇଯିବ ଏବଂ ବିଶ୍ୱାସ ଦୃଢ଼ ହେବ ସେତେବେଳେ ଅଖଣ୍ଡ ଚୈତନ୍ୟଘନ ସହ ଅଭିନ୍ନତା ପ୍ରାପ୍ତ ହେବ । କେବଳ 'ସାଇ' 'ସାଇ' ଉଚ୍ଚାରଣ ଦ୍ୱାରା ତୁମର ସମସ୍ତ ପାପ ନଷ୍ଟ ହୋଇଯିବ ।'

## ।। ଭିନ୍ନ ଭିନ୍ନ କାର୍ଯ୍ୟ ନିମନ୍ତେ ଭକ୍ତଙ୍କୁ ପ୍ରେରଣା ।।

ଭଗବାନ ତାଙ୍କର କୌଣସି ଭକ୍ତଙ୍କୁ ମନ୍ଦିର, ମଠ, କାହାକୁ ନଦୀ ତଟରେ ଘାଟ ନିର୍ମାଣ କରିବା, କାହାକୁ ତୀର୍ଥସ୍ଥାନ ଭ୍ରମଣ କରିବା ଏବଂ ଆଉ କାହାକୁ ଭଗବତ୍ କୀର୍ତ୍ତନ କରିବାକୁ; ଏପରି ଭାବରେ ଭିନ୍ନ ଭିନ୍ନ ଭକ୍ତଙ୍କୁ ଭିନ୍ନ ଭିନ୍ନ କାର୍ଯ୍ୟ ନିମନ୍ତେ ପ୍ରେରଣା ଦେଇଥାନ୍ତି । ମୋତେ ଶ୍ରୀ ସାଇ ସତ୍‌ଚରିତ ଲେଖିବା ପାଇଁ ସେ ପ୍ରେରଣା ଦେଲେ । କୌଣସି ବି ବିଷୟରେ ପୂର୍ଣ୍ଣ ଜ୍ଞାନ ଅଭାବରୁ ମୁଁ ଏହି କାର୍ଯ୍ୟ ନିମନ୍ତେ ସର୍ବଦା ଅଯୋଗ୍ୟ ଥିଲି । ଏଣୁ ଏହି କଷ୍ଟସାଧ୍ୟ କାର୍ଯ୍ୟ ନିମନ୍ତେ ଦୁଃସାହସ କରନ୍ତି ବା କିପରି ?

ଶ୍ରୀ ସାଇ ମହାରାଜଙ୍କ ବାସ୍ତବିକ ଜୀବନୀ ବର୍ଣ୍ଣନା କରିବାର ସାମର୍ଥ୍ୟ କାହାର ଅଛି ? ତାଙ୍କର କୃପା ମାତ୍ରକେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସମ୍ଭବ ହୁଏ । ତେଣୁ ମୁଁ ଯେତେବେଳେ ଏହାର ରଚନା ଆରମ୍ଭ କଲି ବାବା ମୋର ଅହଂକୁ ନଷ୍ଟ କରିଦେଲେ ଏବଂ ସ୍ୱୟଂ ନିଜର ଚରିତ୍ର ରଚନା କଲେ ।

ଅତଏବ ଏହି ରଚନାର ଶ୍ରେୟ ତାଙ୍କର, ମୋର ନୁହେଁ । ଜନ୍ମତଃ ବ୍ରାହ୍ମଣ ହୋଇଥିଲେ ମଧ୍ୟ ମୁଁ ଦିବ୍ୟଚକ୍ଷୁ ରହିତ ଥିଲି, ଏଣୁ ସାଇ ସତ୍‌ଚରିତ ଲେଖିବାକୁ ମୁଁ ସର୍ବଦା ଅଯୋଗ୍ୟ; କିନ୍ତୁ ଶ୍ରୀ ହରିକୃପା ଦ୍ୱାରା କ'ଣ ନହୋଇପାରେ ? ମୂକ ମଧ୍ୟ ବାଚାଳ ହୁଏ ଏବଂ ପଙ୍ଗୁ ଗିରି ଲଂଘିପାରେ । ନିଜ ଇଚ୍ଛାନୁସାରେ କାର୍ଯ୍ୟ ପୂରଣ କରିବା କଳା ସେ ହିଁ ଜାଣନ୍ତି । ହାରମୋନିୟମ କିମ୍ବା ବଂଶୀ ଜାଣେ ନାହିଁ, ତା'ର ଧ୍ୱନି କିପରି ଆସୁଛି– ଏହାର ଜ୍ଞାନ କେବଳ ବାଦକକୁ ଜଣା । ଚନ୍ଦ୍ରକାନ୍ତମଣିର ସୃଷ୍ଟି ଏବଂ ଜୁଆର ଭଟ୍ଟାର ରହସ୍ୟ ମଣି କିମ୍ବା ମହୋଦଧି ନୁହେଁ ବରଂ ଶଶିକଳାର ବୃଦ୍ଧି ଓ କ୍ଷୟ ଦ୍ୱାରା ହୋଇଥାଏ ।

## ।। ବାବାଙ୍କ ଚରିତ୍ର : ଆଲୋକସ୍ତମ୍ଭ ସଦୃଶ ।।

ସମୁଦ୍ରର ଅନେକ ସ୍ଥାନରେ ବତିଘର ଏଇଥିପାଇଁ ନିର୍ମାଣ କରାଯାଇଥାଏ ଯେ ନାବିକ ଦୁର୍ଘଟଣାର ସମ୍ମୁଖୀନ ହେବ ନାହିଁ କି ଜାହାଜର କୌଣସି କ୍ଷତି ଘଟିବ ନାହିଁ । ଏହି ଭବସାଗରରେ ଶ୍ରୀ ସାଇବାବାଙ୍କ ଭୂମିକା ଏତାଦୃଶ ଅଟେ । ତାଙ୍କର କାର୍ଯ୍ୟ ଅମୃତଠାରୁ ମଧୁର ଏବଂ ସାଂସାରିକ ଯାତ୍ରାକୁ ସୁଗମ କରିବା ନିମନ୍ତେ ଅଭିପ୍ରେତ । ଯେତେବେଳେ ତାହା କର୍ଣ୍ଣପଥ ଦେଇ ହୃଦୟରେ ପ୍ରବେଶ କରେ ଦୈହିକ ବୁଦ୍ଧି ନଷ୍ଟ

ହୋଇଯାଏ ଏବଂ ହୃଦୟ ପୁଲକିତ ହୋଇ ସମସ୍ତ ଆଶଙ୍କା ଲୋପ ପାଏ । ଅହଂକାର ବିନାଶ ଦ୍ୱାରା ବୌଦ୍ଧିକ ଆବରଣ ଲୁପ୍ତ ହୋଇ ଜ୍ଞାନ ପ୍ରକଟ ହୁଏ । **ବାବାଙ୍କ ବିଶୁଦ୍ଧ କୀର୍ତ୍ତିର ବର୍ଣ୍ଣନା ନିଷ୍ଠାପୂର୍ବକ ଶ୍ରବଣ କରିବାଦ୍ୱାରା ଭକ୍ତମାନଙ୍କର ସମସ୍ତ ପାପ ନଷ୍ଟ ହୁଏ । ଏଣୁ ମୋକ୍ଷ ପ୍ରାପ୍ତିର ଏହା ହିଁ ସରଳ ମାର୍ଗ ।**

ସତ୍ୟଯୁଗରେ ସାମ ତଥା ଦମ, ତ୍ରେତାରେ ତ୍ୟାଗ, ଦ୍ୱାପରରେ ପୂଜା ଏବଂ କଳିଯୁଗରେ ଭଗବତକୀର୍ତ୍ତନ ମୋକ୍ଷର ମାର୍ଗ । ଏହି ଅନ୍ତିମ ମାର୍ଗ ଚତୁର୍ବର୍ଣ୍ଣର ଲୋକଙ୍କ ପାଇଁ ଅଭିପ୍ରେତ । ଅନ୍ୟ ସାଧନା, ଯୋଗ, ତ୍ୟାଗ, ଧ୍ୟାନ, ଧାରଣା ଆଦି ଆଚରଣ କରିବା କଠିନ; କିନ୍ତୁ ଚରିତ ତଥା ହରିକୀର୍ତ୍ତନ ଶ୍ରବଣ କରିବା ଅତ୍ୟନ୍ତ ସୁଲଭ ଅଟେ । କଥା ଶ୍ରବଣ ଏବଂ କୀର୍ତ୍ତନ ଦ୍ୱାରା ଇନ୍ଦ୍ରିୟଗୁଡ଼ିକର ସ୍ୱାଭାବିକ ବିଷୟାସକ୍ତି ନଷ୍ଟ ହୋଇଯାଏ ଏବଂ ଭକ୍ତ ବାସନାରହିତ ହୋଇ ଆତ୍ମସାକ୍ଷାତକାର ଅଭିମୁଖେ ଅଗ୍ରସର ହୁଏ । ଏହି ଫଳ ପ୍ରାପ୍ତି ନିମନ୍ତେ ସେ ସତ୍‌ଚରିତର ରଚନା କରାଇଲେ ।

ଭକ୍ତଗଣ ଏବେ ସରଳତାପୂର୍ବକ ଚରିତ କଥା ଅବଲୋକନ କରନ୍ତୁ ଏବଂ ତତ୍‌ସହିତ ତାଙ୍କର ମନୋହର ସ୍ୱରୂପର ଧ୍ୟାନକରି ଗୁରୁ ତଥା ଭଗବତ୍‌-ଭକ୍ତିର ଅଧିକାରୀ ହୁଅନ୍ତୁ ଏବଂ ନିଷ୍କାମ ପୂର୍ବକ ଆତ୍ମସାକ୍ଷାତକାର ଲାଭ କରନ୍ତୁ । 'ସାଇ ସତ୍‌ଚରିତ'ର ରଚନା ସଫଳତାପୂର୍ବକ ସମ୍ପନ୍ନ ହେବା-ଶ୍ରୀ ସାଇଙ୍କ କରୁଣା, ଆମେ ତ ନିମିତ୍ତ ମାତ୍ର ।

## ।।ମାତୃପ୍ରେମ ।।

ବାଛୁରୀ ପ୍ରତି ଗାଈର ପ୍ରେମ ଓ ବାତ୍ସଲ୍ୟମମତା ସର୍ବଜନବିଦିତ । ତା'ର ସ୍ତନ୍ୟ ଦୁଗ୍ଧରେ ପୂର୍ଣ୍ଣ ରହିଥାଏ ଏବଂ ଯେତେବେଳେ କ୍ଷୁଧାର୍ତ୍ତ ବାଛୁରୀ ସ୍ତନକୁ ମୁହଁ କରେ, ଦୁଗ୍ଧର ଧାରା ସ୍ୱତଃ ପ୍ରବାହିତ ହେବାକୁ ଲାଗେ । ତଦନୁରୂପ ମାଆ ମଧ୍ୟ ତା'ର ସନ୍ତାନର ଆବଶ୍ୟକତାକୁ ଧ୍ୟାନରେ ରଖି ଠିକ୍ ସମୟରେ ସ୍ତନ୍ୟପାନ କରାଇଥାଏ । ଶିଶୁର ସୁନ୍ଦର ଶୃଙ୍ଗାର କରେ; କିନ୍ତୁ କୋମଳମତି ଶିଶୁ ଏହା ଜାଣିପାରେ ନାହିଁ । ଶିଶୁର ଶୃଙ୍ଗାରକୁ ଦେଖି ମାଆର ଆନନ୍ଦର ସୀମା ରହେ ନାହିଁ । ମାଆର ପ୍ରେମ ବିଚିତ୍ର, ଅସାଧାରଣ ଓ ନିଃସ୍ୱାର୍ଥପର, ଯାହାର କୌଣସି ଉପମା ନାହିଁ । ଏହିପରି ସଦ୍‌ଗୁରୁଙ୍କ ପ୍ରେମ ତାଙ୍କର ଶିଷ୍ୟ ପ୍ରତି ରହିଥାଏ । ମୋ ପ୍ରତି ବାବାଙ୍କର ଏହିପରି ପ୍ରେମ ଥିଲା, ଯାହାର ଉଦାହରଣ ନିମ୍ନରେ ଦିଆଗଲା ।

୧୯୧୩ ମସିହାରେ ମୁଁ ଚାକିରିରୁ ଅବସର ଗ୍ରହଣ କଲି । ମୋତେ ଯାହା ପେନସନ୍ ମିଳୁଥିଲା, ମୋର ପରିବାର ପୋଷଣ ପାଇଁ ତାହା ଯଥେଷ୍ଟ ନଥିଲା । ସେହିବର୍ଷ ଗୁରୁପୂର୍ଣ୍ଣିମା ଦିନ ଅନ୍ୟ ଭକ୍ତମାନଙ୍କ ସହ ମିଶି ମୁଁ ଶିରିଡ଼ି ଯାଇଥିଲି । ସେଠାରେ ଅଣା ଚିଞ୍ଚଣିକର ନିଜଆଡ଼ୁ ମୋ ପାଇଁ ବାବାଙ୍କ ନିକଟରେ ଏହିପରି ପ୍ରାର୍ଥନା କଲେ । 'ଯାଙ୍କ

ପ୍ରତି କୃପା କରନ୍ତୁ । ଯାହା ପେନସନ୍ ମିଳୁଛି ପରିବାର ଚଳାଇବା ପାଇଁ ଅଣ୍ଟୁନାହିଁ । କୁଟୁମ୍ବ ସଂଖ୍ୟା ବଢ଼ିଚାଲିଛି । କୃପାକରି କୌଣସି ନିଯୁକ୍ତି କରାଇଦିଅନ୍ତୁ ଯଦ୍ଦ୍ୱାରା ତାଙ୍କର ଚିନ୍ତା ଦୂରହେବ ।' ବାବା କହିଲେ 'ତାକୁ ଚାକିରି ମିଳିଯିବ; ହେଲେ ବର୍ତ୍ତମାନ ମୋର ସେବା କରି ସେ ଆନନ୍ଦ ଲାଭକରୁ । ତା'ର ଇଚ୍ଛା ଅବଶ୍ୟ ପୂର୍ଣ୍ଣ ହେବ । **ସିଏ ବିଧର୍ମୀ ତଥା ଦୁଷ୍ଟଲୋକ ସଂଗରୁ ଦୂରରେ ରହି କେବଳ ମୋ ପ୍ରତି ଧ୍ୟାନ ରଖୁ ।** ସମସ୍ତଙ୍କ ପ୍ରତି ଦୟା ଓ ନମ୍ରଭାବ ପ୍ରକାଶ କରିବା ସହିତ ଅନ୍ତଃକରଣରେ ମୋର ଉପାସନା କରୁ । ଯଦି ସେ ଏହି ପ୍ରକାର ଆଚରଣ କରିବ, ନିତ୍ୟାନନ୍ଦର ଅଧିକାରୀ ହେବ ।

## ।।ରୋହିଲାଙ୍କ କାହାଣୀ ।।

ଏହି କାହାଣୀ ଶ୍ରୀ ସାଇବାବାଙ୍କର ସମସ୍ତ ପ୍ରାଣୀଙ୍କ ପ୍ରତି ସମାନ ପ୍ରେମକୁ ସୂଚାଇଥାଏ । ଥରେ ରୋହିଲା ଜାତିର ଜଣେ ବ୍ୟକ୍ତି ଶିରିଡ଼ି ଆସିଥିଲେ । ତାଙ୍କର ଶରୀର ଦୀର୍ଘକାୟ, ବଳିଷ୍ଠ ଏବଂ ସୁଗଠିତ ଥିଲା । ବାବାଙ୍କ ପ୍ରେମରେ ବିହ୍ୱଳ ହୋଇ ସେ ଶିରିଡ଼ିରେ ରହିବାକୁ ଲାଗିଲେ । ଉଚ୍ଚ କର୍କଶ ସ୍ୱରରେ ସେ କୋରାନ ସରିଫ ପାଠ କରୁଥିଲେ ଏବଂ 'ଆଲ୍ଲା ହୋ ଅକବର' ଉଚ୍ଚାରଣ କରୁଥିଲେ । ଶିରିଡ଼ିର ଅଧିକାଂଶ ଲୋକ ଦିନସାରା ବିଲରେ କାମ କରିବା ପରେ ରାତିରେ ଯେତେବେଳେ ଘରକୁ ଫେରୁଥିଲେ ରୋହିଲାଙ୍କ କର୍କଶ ସ୍ୱର ସେମାନଙ୍କୁ ସ୍ୱାଗତ କରୁଥିଲା । ଏହି କାରଣରୁ ରାତିରେ ସେମାନେ ଭଲରେ ଶୋଇପାରୁନଥିଲେ ।

କିଛିଦିନ ଏହାକୁ ସେମାନେ ନୀରବରେ ସହିନେଲେ କିନ୍ତୁ ଯେତେବେଳେ ଏହା ସୀମା ବାହାରକୁ ଟପିଗଲା ସେମାନେ ବାବାଙ୍କ ନିକଟକୁ ଯାଇ ରୋହିଲାଙ୍କୁ ଏହିଭଳି ଉଚ୍ଚସ୍ୱରରେ ପ୍ରାର୍ଥନା କରିବାରୁ ନିବୃତ୍ତ କରାଇବା ପାଇଁ ନିବେଦନ କଲେ । ବାବା ସେହି ଲୋକମାନଙ୍କ ଏହି ପ୍ରାର୍ଥନା ଉପରେ ବିଶେଷ ଗୁରୁତ୍ୱ ଦେଲେ ନାହିଁ । ଏହା ବଦଳରେ ଗ୍ରାମବାସୀଙ୍କୁ ଉପେକ୍ଷା କରିବା ଭଙ୍ଗୀରେ କହିଲେ ସେମାନେ ନିଜ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଅନ୍ତୁ ଏବଂ ରୋହିଲାଙ୍କ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ନାହିଁ ।

ବାବା ସେମାନଙ୍କୁ କହିଲେ ଯେ ରୋହିଲାଙ୍କ ପତ୍ନୀ ଅତ୍ୟନ୍ତ ଦୁଷ୍ଟ ସ୍ୱଭାବର ଅଟେ ଏବଂ ସେ ରୋହିଲାଙ୍କୁ ଓ ତାଙ୍କୁ କଷ୍ଟ ଦେଉଛି । କିନ୍ତୁ କୋରାନ ପାଠ ସମୟରେ ସିଏ ଉପସ୍ଥିତ ହେବାକୁ ସାହସ ସଞ୍ଚାର କରିପାରୁନାହିଁ, ତେଣୁ ସେହି ସମୟତକ ରୋହିଲା ସୁଖ ଓ ଶାନ୍ତିରେ କଟାଉଛି । ବାସ୍ତବରେ ରୋହିଲାଙ୍କର କୌଣସି ପତ୍ନୀ ନଥିଲେ । ବାବାଙ୍କ ଇଙ୍ଗିତ କେବଳ ମନ୍ଦବିଚାର ଆଡ଼କୁ ଉଦ୍ଦିଷ୍ଟ ଥିଲା । ଅନ୍ୟ ବିଷୟ ତୁଳନାରେ ବାବା ପ୍ରାର୍ଥନା ଏବଂ ଈଶ୍ୱର ଆରାଧନାକୁ ଅଧିକ ଗୁରୁତ୍ୱ ଦେଉଥିଲେ । ଏଣୁ ସିଏ ରୋହିଲାଙ୍କ ପକ୍ଷ ସମର୍ଥନ କରି ଗ୍ରାମବାସୀଙ୍କୁ କିଛି ସମୟ ପାଇଁ କଷ୍ଟ ସହ୍ୟ କରିବାକୁ ପରାମର୍ଶ ଦେଲେ ।

## ।। ବାବାଙ୍କ ମଧୁର ଅମୃତୋପଦେଶ ।।

ଦିନେ ମଧ୍ୟାହ୍ନ ଆରତି ଉପରାନ୍ତ ଭକ୍ତମାନେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଏହି ସମୟରେ ବାବା କହିଲେ-

**'ତୁମେ ଯେଉଁଠି ବି ଥାଅ, ଯାହା ଇଚ୍ଛା ତାହା କର; କିନ୍ତୁ ସର୍ବଦା ଏକଥା ସ୍ମରଣ ରଖ ଯେ ତୁମେ ଯାହା କିଛି କରୁଛ, ସେସବୁ ମୋତେ ଜ୍ଞାତ ଅଟେ । ମୁଁ ସମସ୍ତ ପ୍ରାଣୀଙ୍କର ପ୍ରଭୁ ଓ ଘଟ ଘଟରେ ବ୍ୟାପ୍ତ ଅଟେ । ମୋର ଉଦରରେ ସମସ୍ତ ଜଡ଼ ଓ ଚେତନ ପ୍ରାଣୀ ସମାହାର ହୋଇଛନ୍ତି । ମୁଁ ସମସ୍ତ ବ୍ରହ୍ମାଣ୍ଡର ନିୟନ୍ତ୍ରଣକର୍ତ୍ତା ଓ ସଞ୍ଚାଳକ ଅଟେ । ମୁଁ ହିଁ ସୃଷ୍ଟି, ସ୍ଥିତି ଓ ସଂହାରକର୍ତ୍ତା । ମୋର ଭକ୍ତି କରୁଥିବା ବ୍ୟକ୍ତିର କୌଣସି କ୍ଷତି ସମ୍ଭବ ନୁହେଁ । ମୋର ଧ୍ୟାନକୁ ଉପେକ୍ଷା କରୁଥିବା ବ୍ୟକ୍ତି ମାୟାଜାଲରେ ଆବଦ୍ଧ ହୋଇଯାଏ । ସମସ୍ତ ଜୀବ, ପ୍ରାଣୀ, କୀଟପତଙ୍ଗ ତଥା ଦୃଶ୍ୟମାନ, ପରିବର୍ତ୍ତନଶୀଳ ଏବଂ ସଚରାଚର ବିଶ୍ୱ ମୋର ହିଁ ସ୍ୱରୂପ ଅଟେ ।'**

ଏହି ଅନୁପମ ତଥା ଅମୂଲ୍ୟ ଉପଦେଶକୁ ଶ୍ରବଣକରି ମୁଁ ମନରେ ସ୍ଥିର କଲି ଯେ ଏଣିକି ମୋ ଗୁରୁଙ୍କ ବ୍ୟତୀତ ଅନ୍ୟ କାହାର ସେବା କରିବିନାହିଁ । 'ତୁମକୁ ଚାକିରି ମିଳିଯିବ'-ବାବାଙ୍କର ଏହି ବାଣୀ ମୋର ମସ୍ତିଷ୍କରେ ଆନ୍ଦୋଳିତ ହେବାରେ ଲାଗିଲା । ମୁଁ ଭାବିଲି ସତରେ କ'ଣ ଏହା ହେବ ? ପରବର୍ତ୍ତୀ ସମୟରେ ବାବାଙ୍କ ଉକ୍ତି ସତ୍ୟ ପ୍ରମାଣିତ ହେଲା ଏବଂ କିଛିଦିନ ପରେ ମୋତେ ନୂତନ ନିଯୁକ୍ତି ମିଳିଗଲା । ଏହାପରେ ମୁଁ ଆସକ୍ତିରହିତ ହୋଇ ଏକଲୟରେ ଆଜୀବନ ତାଙ୍କର ସେବା କରିବାକୁ ଲାଗିଲି ।

ଏହି ଅଧ୍ୟାୟ ଶେଷକରିବା ପୂର୍ବରୁ ପାଠକମାନଙ୍କୁ ମୋର ଅନୁରୋଧ, ସେମାନେ ଆଳସ୍ୟ, ନିଦ୍ରା, ମନର ଚଞ୍ଚଳତା ଆଦି ଇନ୍ଦ୍ରିୟାସକ୍ତି ବିଷୟଗୁଡ଼ିକରୁ ଦୂରରେ ରହି, ଏକାଗ୍ରଚିତ୍ତ ହୋଇ ବାବାଙ୍କ ଲୀଳାସମୂହ ପ୍ରତି ଧ୍ୟାନ କେନ୍ଦ୍ରିତ କରନ୍ତୁ ଏବଂ ସ୍ୱାଭାବିକ ପ୍ରେମବନ୍ଧନ ମାଧ୍ୟମରେ ଭକ୍ତିରହସ୍ୟକୁ ଅବଗାହନ କରନ୍ତୁ ତଥା ଅନ୍ୟ ସାଧନାରେ ଭ୍ରମିତ ହୁଅନ୍ତୁ ନାହିଁ । **କେବଳ ଗୋଟିଏ ହିଁ ସୁଗମ ମାର୍ଗ ପାଳନ କରିବା ଆବଶ୍ୟକ ଓ ତାହା ହେଉଛି ଶ୍ରୀ ସାଇଲୀଳାକଥାର ଶ୍ରବଣ ।** ଏହାଦ୍ୱାରା ସେମାନଙ୍କର ଅଜ୍ଞାନ ନଷ୍ଟହୋଇ ମୋକ୍ଷର ଦ୍ୱାର ଉନ୍ମୋଚିତ ହେବ । ଯେପରି ଅନେକ ସ୍ଥାନ ଭ୍ରମଣ କରିସାରିବା ପରେ ମଧ୍ୟ କୃପଣ ପୁରୁଷ ନିଜର ଗଚ୍ଛିତ ଧନ ପ୍ରତି ସର୍ବଦା ଚିନ୍ତିତ ଥାଏ, ସେହିଭଳି ଶ୍ରୀ ସାଇଙ୍କୁ ଆପଣାର ହୃଦୟରେ ଧ୍ୟାନ କରନ୍ତୁ । ଆସନ୍ତା ଅଧ୍ୟାୟରେ ଶ୍ରୀ ସାଇବାବାଙ୍କ ଶିରିଡ଼ି ଆଗମନର କାହାଣୀ ବର୍ଣ୍ଣନା କରାଯିବ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।।ଚତୁର୍ଥ ଅଧ୍ୟାୟ ।।

**ଶିରିଡ଼ିକୁ ଶ୍ରୀ ସାଇବାବାଙ୍କ ପ୍ରଥମ ଆଗମନ, ସନ୍ଥଙ୍କ ଅବତାର ଲୀଳା, ପବିତ୍ର ତୀର୍ଥ ଶିରିଡ଼ି, ଶ୍ରୀ ସାଇବାବାଙ୍କ ବ୍ୟକ୍ତିତ୍ୱ, ଗୌଲି ବୁବାଙ୍କ ଅନୁଭବ, ଶ୍ରୀ ବିଠ୍‌ଠଲ ଭଗବାନଙ୍କ ପ୍ରକଟ, କ୍ଷୀର ସାଗର କଥା, ଦାସଗଣୁଙ୍କ ପ୍ରୟାଗ ସ୍ନାନ, ତିନି ଓ୍ୱାଡ଼ା ।**

### ।।ସନ୍ଥଙ୍କ ଅବତାର ଲୀଳା ।।

ଭଗବତ ଗୀତା(ଚତୁର୍ଥ ଅଧ୍ୟାୟ ୭-୮)ରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ 'ଯେତେବେଳେ ଧର୍ମର ଗ୍ଲାନି ହୁଏ ଓ ଅଧର୍ମ ବୃଦ୍ଧି ପାଏ ସେତେବେଳେ ମୁଁ ଅବତାର ଧାରଣ କରେ । ଧର୍ମ ସଂସ୍ଥାପନ, ଦୁଷ୍ଟମାନଙ୍କର ବିନାଶ ତଥା ସାଧୁଜନଙ୍କର ପରିତ୍ରାଣ ନିମନ୍ତେ ମୁଁ ଯୁଗ ଯୁଗରେ ଧରାବତରଣ କରେ ।' ସାଧୁ ଏବଂ ସନ୍ଥମାନେ ଭଗବାନଙ୍କ ପ୍ରତିନିଧି ସ୍ୱରୂପ । ସେମାନେ ଉପଯୁକ୍ତ ସମୟରେ ପ୍ରକଟ ହୋଇ ନିଜର କାର୍ଯ୍ୟପ୍ରଣାଳୀ ଦ୍ୱାରା ସେମାନଙ୍କ ଅବତାରର ଉଦ୍ଦେଶ୍ୟ ପୂରଣ କରନ୍ତି । ଅର୍ଥାତ୍ ଯେବେ ବ୍ରାହ୍ମଣ, କ୍ଷତ୍ରିୟ ଏବଂ ବୈଶ୍ୟମାନେ ସେମାନଙ୍କର କର୍ତ୍ତବ୍ୟ ପ୍ରତି ବିମୁଖତା ପ୍ରକାଶ କରନ୍ତି, ଯେବେ ଶୁଦ୍ରମାନେ ଉଚ୍ଚଜାତିର ଲୋକଙ୍କ ଅଧିକାର ଅପହରଣ କରିନିଅନ୍ତି, ଯେବେ ଧର୍ମାଚାର୍ଯ୍ୟମାନଙ୍କର ଅନାଦର ତଥା ନିନ୍ଦା କରାଯାଏ, ଯେବେ ଧର୍ମ ନାମରେ କୁକାର୍ଯ୍ୟମାନ ହୁଏ, ଯେବେ ଭିନ୍ନ ଭିନ୍ନ ଧର୍ମାବଲମ୍ବୀମାନେ ପରସ୍ପର ମଧ୍ୟରେ କଳହରେ ଲିପ୍ତ ରହନ୍ତି, ଯେବେ ବ୍ରାହ୍ମଣମାନେ ସନ୍ଧ୍ୟାଦେବା ଆଦି କାର୍ଯ୍ୟ ପରିତ୍ୟାଗ କରନ୍ତି, କର୍ମଠ ପୁରୁଷମାନେ ଧାର୍ମିକ କାର୍ଯ୍ୟରେ ଅରୁଚି ପ୍ରଦର୍ଶନ କରନ୍ତି, ଯେବେ ଯୋଗୀ ପୁରୁଷମାନେ ଧ୍ୟାନାଦି କର୍ମ ପରିତ୍ୟାଗ କରନ୍ତି ଏବଂ **ଯେବେ ସାଧାରଣ ଜନତାଙ୍କ ମନରେ ଏପରି ଧାରଣା ଜାତ ହୁଏ ଯେ ଧନ, ସନ୍ତାନ ଏବଂ ସ୍ତ୍ରୀ ହିଁ ସର୍ବସ୍ୱ ତଥା ଏହିପରି ଭାବରେ ସତ୍ୟମାର୍ଗରୁ ଓହରି ଲୋକେ ଯେବେ ଅଧଃପତନ ଦିଗରେ ଅଗ୍ରସର ହୁଅନ୍ତି, ସେତେବେଳେ ସନ୍ଥମାନେ ଧରାବତରଣ କରି ନିଜର ଉପଦେଶ ଏବଂ ଆଚରଣ ଦ୍ୱାରା ଧର୍ମର ସଂସ୍ଥାପନ କରିଥାନ୍ତି** । ସେମାନେ ସମୁଦ୍ରରେ ବତିଘର ସଦୃଶ ଆମ୍ଭର ଉଚିତ ମାର୍ଗଦର୍ଶନ କରନ୍ତି ତଥା ସତ୍‌ମାର୍ଗରେ ଚାଲିବା ପାଇଁ ପ୍ରେରଣା ଦେଇଥାନ୍ତି ।

ଏହି ମାର୍ଗରେ ଅନେକ ସନ୍ଥ ଯଥା ନିବୃତ୍ତିନାଥ, ଜ୍ଞାନଦେବ, ମୁକ୍ତାବାଈ, ନାମଦେବ, ଗୋରା, ଗୋଣାଇ, ଏକନାଥ, ତୁକାରାମ, ନରହରି, ନରସୀ ଭାଇ, ସଜନ କସାଇ, ସାବଂତା ମାଲି ଏବଂ ରାମଦାସ ପ୍ରଭୃତି ବହୁ ସନ୍ଥ ସତ୍‌ମାର୍ଗ ପ୍ରଦର୍ଶନ କରିବା ନିମନ୍ତେ ଭିନ୍ନ ଭିନ୍ନ ସମୟରେ ପ୍ରକଟ ହୋଇଛନ୍ତି । ଏ ସମସ୍ତଙ୍କ ଅନ୍ତେ ଶିରିଡ଼ି ସାଇବାବା ଅବତାର ଗ୍ରହଣ କରି ଏ ଧରାଧାମକୁ ଆସିଛନ୍ତି ।

## ।।ପବିତ୍ର ତୀର୍ଥ ଶିରିଡ଼ି ।।

ଅହମ୍ମଦନଗର ଜିଲାର ଗୋଦାବରୀ ନଦୀତଟ ହେଉଛି ସୌଭାଗ୍ୟପ୍ରଦାୟିନୀ ସେହି ପୁଣ୍ୟଭୂମି, ଯାହାର ତଟଦେଶରେ ବହୁ ସନ୍ଥ ଜନ୍ମଲାଭ କରିଛନ୍ତି ଏବଂ ଅନେକ ଏଠାରେ ଆଶ୍ରୟ ନେଇଛନ୍ତି । ଏହିଭଳି ସନ୍ଥମାନଙ୍କ ମଧ୍ୟରେ ଶ୍ରୀ ଜ୍ଞାନେଶ୍ୱର ମହାରାଜ ପ୍ରମୁଖ ଥିଲେ । ଶିରିଡ଼ି, ଅହମ୍ମଦନଗର ଜିଲାର କୋପରଗାଓଁ ତାଲୁକାରେ ଅବସ୍ଥିତ । ଗୋଦାବରୀ ନଦୀ ଅତିକ୍ରମ କରିବା ପରେ ଶିରିଡ଼ିକୁ ସିଧା ରାସ୍ତା ଯାଇଛି । ଆଠ ମାଇଲ ରାସ୍ତା ଚାଲିବା ପରେ ଆପଣ ଯେତେବେଳେ ନିମଗାଓଁ ପହଞ୍ଚିବେ ସେଠାରୁ ଶିରିଡ଼ି ଦୃଷ୍ଟିଗୋଚର ହେବ । କୃଷ୍ଣା ନଦୀ ତଟରେ ଅବସ୍ଥିତ ଅନ୍ୟାନ୍ୟ ତୀର୍ଥସ୍ଥାନ ଗାଣଗାପୁର, ନରସିଂହବାଡ଼ି ଏବଂ ଉଦୁମ୍ବର ଭଳି ଶିରିଡ଼ି ମହାନ୍ ପ୍ରସିଦ୍ଧ ତୀର୍ଥକ୍ଷେତ୍ରର ମାନ୍ୟତା ଅର୍ଜନ କରିଛି । ପଣ୍ଢରପୁର ନିକଟସ୍ଥ ମଙ୍ଗଳବେଢ଼ାକୁ ଯେଉଁଭଳି ଭାବରେ ଦାମୋଜୀ, ସମର୍ଥ ରାମଦାସ ସଜ୍ଜନଗଡ଼କୁ ଏବଂ ଦତ୍ତାବତାର ଶ୍ରୀ ନରସିଂହ ସରସ୍ୱତୀ ବାଡ଼ିକୁ ପ୍ରସିଦ୍ଧ ତୀର୍ଥକ୍ଷେତ୍ରରେ ପରିଣତ କଲେ ସେହିପ୍ରକାର ଶ୍ରୀ ସାଇନାଥ ମହାରାଜ ଶିରିଡ଼ିରେ ଅବତୀର୍ଣ୍ଣ ହୋଇ ଏହାକୁ ପବିତ୍ର ଧାମରେ ପରିଣତ କରିଛନ୍ତି ।

## ।।ଶ୍ରୀ ସାଇବାବାଙ୍କ ବ୍ୟକ୍ତିତ୍ୱ ।।

ଶ୍ରୀ ସାଇବାବାଙ୍କ ସାନ୍ନିଧ୍ୟ ଲାଭ କରିବା ଦ୍ୱାରା ଶିରିଡ଼ିର ମହତ୍ତ୍ୱ ବୃଦ୍ଧି ପାଇଲା । ଏବେ ଆମେ ତାଙ୍କର ଚରିତ୍ର ଅବଲୋକନ କରିବା । ସେ ଏହି ଭବସାଗର, ଯାହାକୁ ଅତିକ୍ରମ କରିବା ଅତ୍ୟନ୍ତ କଠିନ; ତାହା ଉପରେ ବିଜୟପ୍ରାପ୍ତି କରିଥିଲେ । ଶାନ୍ତି ତାଙ୍କର ମହାନ୍ ଆଭୂଷଣ ଥିଲା ତଥା ସେ ଜ୍ଞାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ବୈଷ୍ଣବ ଭକ୍ତମାନେ ସର୍ବଦା ତାଙ୍କର କୃପାଛାୟା ଲାଭ କରୁଥିଲେ । ଦାନୀଙ୍କ ମଧ୍ୟରେ ସେ ରାଜା କର୍ଣ୍ଣଙ୍କ ସମତୁଲ୍ୟ ଦାନୀ ଥିଲେ । ସମସ୍ତ ସାର ମଧ୍ୟରେ ସେ ସାରାଂଶ ଥିଲେ । ସାଂସାରିକ ବିଷୟ ପ୍ରତି ତାଙ୍କର ଅରୁଚି ଥିଲା ।

ସର୍ବଦା ଆତ୍ମସ୍ୱରୂପରେ ନିମଗ୍ନ ରହିବା ତାଙ୍କ ଜୀବନର ମୁଖ୍ୟ ଧ୍ୟେୟ ଥିଲା । ଅନିତ୍ୟ ବସ୍ତୁର ଆକର୍ଷଣ ତାଙ୍କୁ ସ୍ପର୍ଶ କରୁନଥିଲା । ତାଙ୍କର ହୃଦୟ ସୂର୍ଯ୍ୟକାନ୍ତି ସମ ଉଜ୍ଜ୍ୱଳ ଥିଲା । ତାଙ୍କର ଶ୍ରୀମୁଖରୁ ସର୍ବଦା ଅମୃତ ବର୍ଷା ହେଉଥିଲା । ଧନୀ ଓ ଗରିବ ଉଭୟେ ତାଙ୍କ ପାଇଁ ସମାନ ଥିଲେ । ମାନ-ଅପମାନ ନେଇ ତାଙ୍କ ମନରେ କିଞ୍ଚିତ ମାତ୍ର ଚିନ୍ତା ନଥିଲା । ସେ ନିର୍ଭୟ ଚିତ୍ତରେ ସମ୍ଭାଷଣ କରୁଥିଲେ, ପ୍ରକାର ପ୍ରକାର ଲୋକଙ୍କୁ ଭେଟୁଥିଲେ, ନର୍ତ୍ତକୀମାନଙ୍କର ଅଭିନୟ ତଥା ନୃତ୍ୟ ଦେଖୁଥିଲେ ଏବଂ ଗଜଲ ଓ କବାଲି ଶୁଣୁଥିଲେ ।

ଏତେସବୁ କରି ମଧ୍ୟ ତାଙ୍କର ସମାଧି ତିଳେ ମାତ୍ର ଭଙ୍ଗ ହେଉନଥିଲା । ଆଲ୍ଲାଙ୍କ ନାମ ସର୍ବଦା ତାଙ୍କର ଓଠରେ ବିରାଜମାନ କରୁଥିଲା । ଯେତେବେଳେ ସାରା ସଂସାର

ଜାଗ୍ରତ ରହୁଥିଲା ସେତେବେଳେ ସେ ନିଦ୍ରା ଯାଉଥିଲେ ଏବଂ ଯେତେବେଳେ ସଂସାର ଶୋଇଯାଉଥିଲା ସେତେବେଳେ ସେ ଜାଗ୍ରତ ରହୁଥିଲେ । ତାଙ୍କର ଅନ୍ତଃକରଣ ପ୍ରଶାନ୍ତ ମହାସାଗର ସମାନ ଶାନ୍ତ ଥିଲା । ତାଙ୍କର ଆଶ୍ରମ ସମ୍ପର୍କରେ ନା କେହି ନିଶ୍ଚିତ ମତ ପ୍ରକାଶ କରିପାରୁଥିଲା ନା ତାଙ୍କ କାର୍ଯ୍ୟପ୍ରଣାଳୀର ଆଦି ଅନ୍ତ ପାଉଥିଲା । କହିବାକୁ ଗଲେ ସେ ଗୋଟିଏ ସ୍ଥାନରେ ବାସ କରୁଥିଲେ କିନ୍ତୁ ବିଶ୍ୱର ସମସ୍ତ ବିଷୟ ଓ ବ୍ୟାପାର ସମ୍ପର୍କରେ ତାଙ୍କୁ ଭଲଭାବେ ଜଣାଥିଲା । ତାଙ୍କର ଦରବାରର ଶୋଭା ନିଆରା ଥିଲା ।

ସେ ପ୍ରତିଦିନ ଅନେକ କିମ୍ବଦନ୍ତୀ ବୟାନ କରୁଥିଲେ; କିନ୍ତୁ ତାଙ୍କର ଅଖଣ୍ଡ ଶାନ୍ତି ତିଳେମାତ୍ର ବ୍ୟାହତ ହେଉନଥିଲା । ସେ ସର୍ବଦା ମସଜିଦ୍‌ର ପ୍ରାଚୀରକୁ ଆଉଜି ବସି ରହୁଥିଲେ ତଥା ପ୍ରାତଃ, ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ ଲେଣ୍ଡି ଏବଂ ଚଭାଡ଼ିକୁ ଭ୍ରମଣରେ ଯାଉଥିଲେ ମଧ୍ୟ ସର୍ବଦା ଆତ୍ମସ୍ଥ ରହୁଥିଲେ । ସ୍ୱତଃସିଦ୍ଧ ହୋଇ ମଧ୍ୟ ସେ ସାଧକଙ୍କ ସମାନ ଆଚରଣ କରୁଥିଲେ । ସେ ବିନମ୍ର,ଦୟାଳୁ ତଥା ଅଭିମାନରହିତ ଥିଲେ । ସେ ସର୍ବଦା ସମସ୍ତଙ୍କୁ ସୁଖ ପ୍ରଦାନ କରୁଥିଲେ । ଏହିପରି ମହାନ୍ ଅବତାର ଶ୍ରୀ ଶିରିଡ଼ି ସାଇବାବାଙ୍କ ଶ୍ରୀଚରଣ ସ୍ପର୍ଶ କରି ଶିରିଡ଼ି ପବିତ୍ର କ୍ଷେତ୍ରରେ ପରିଣତ ହେଲା । ତାହାର ମହତ୍ତ୍ୱ ଅସାଧାରଣ ହୋଇଗଲା । ଯେଉଁପରି ଜ୍ଞାନେଶ୍ୱର ଆଳନ୍ଦୀ ଏବଂ ଏକନାଥ ପୈଠଣର ଖ୍ୟାତି ବୃଦ୍ଧି କଲେ ସେହିପରି ଶ୍ରୀ ସାଇବାବାଙ୍କ ଦ୍ୱାରା ଶିରିଡ଼ିର ଯଶ ବୃଦ୍ଧି ପାଇଲା । ଶିରିଡ଼ିର ଫୁଲ, ପତ୍ର, ଗୋଡ଼ି ଓ ମାଟି ମଧ୍ୟ ଧନ୍ୟ, ଯେଉଁମାନଙ୍କୁ ଶ୍ରୀ ସାଇଙ୍କ ଚରଣାମ୍ବୁଜ ଚୁମ୍ବନ କରିବା ତଥା ତାଙ୍କର ଚରଣକୁ ମସ୍ତକରେ ଧାରଣ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ଭକ୍ତମାନଙ୍କ ପାଇଁ ଶିରିଡ଼ି ଏକ ଦ୍ୱିତୀୟ ପଣ୍ଡରପୁର, ଜଗନ୍ନାଥ ପୁରୀ, ଦ୍ୱାରକା, ବନାରସ(କାଶୀ), ମହାକାଳେଶ୍ୱର ତଥା ଗୋକର୍ଣ୍ଣ ମହାବଳେଶ୍ୱରରେ ପରିଣତ ହେଲା । ଶ୍ରୀ ସାଇଙ୍କ ଦର୍ଶନ ହିଁ ଭକ୍ତମାନଙ୍କ ପାଇଁ ବେଦମନ୍ତ୍ର ସଦୃଶ ଥିଲା, ଯାହାର ଫଳସ୍ୱରୂପ ସେମାନଙ୍କର ଆସକ୍ତି ନାଶ ହେବା ସହ ଆତ୍ମଦର୍ଶନର ପଥ ସୁଗମ ହେବାକୁ ଲାଗିଲା । ତାଙ୍କର ଶ୍ରୀଦର୍ଶନ ଯୋଗସାଧନ ତୁଲ୍ୟ ସମାନ ଥିଲା ଏବଂ ତାଙ୍କ ସହ ବାର୍ତ୍ତାଳାପ କରିବା ଦ୍ୱାରା ସମସ୍ତ ପାପ ନଷ୍ଟ ହେଉଥିଲା । ତାଙ୍କର ପାଦସେବନ ତ୍ରିବେଣୀ ସ୍ନାନ ସହିତ ସମାନ ଥିଲା ଏବଂ ଚରଣାମୃତ ପାନ କରିବା ଦ୍ୱାରା ସମସ୍ତ ମନୋକାମନାରୁ ତୃପ୍ତି ମିଳୁଥିଲା । ତାଙ୍କର ଆଦେଶ ଆମ ପାଇଁ ବେଦ ସଦୃଶ ଥିଲା । ପ୍ରସାଦ ଏବଂ ଉଦି ଗ୍ରହଣ କରିବା ଦ୍ୱାରା ଚିତ୍ତ ଶୁଦ୍ଧି ହେଉଥିଲା । ସେ ହିଁ ଆମର ରାମ ଓ କୃଷ୍ଣ ଥିଲେ, ଯିଏକି ଆମକୁ ମୁକ୍ତି ପ୍ରଦାନ କରନ୍ତି, ସେ ହିଁ ଆମର ପରଂବ୍ରହ୍ମ ଥିଲେ । ସେ ଛନ୍ଦ କପଟରୁ ତ ଦୂରରେ ଥିଲେ ତଥା କେବେ ନିରାଶ ବା ହତାଶ ହେଉନଥିଲେ । ସେ ସର୍ବଦା ଆତ୍ମସ୍ଥ, ଚୈତନ୍ୟଘନ ତଥା ଆନନ୍ଦର ମଙ୍ଗଳମୂର୍ତ୍ତି ଥିଲେ । କହିବାକୁ ଗଲେ ଶିରିଡ଼ି ତାଙ୍କର ପ୍ରଧାନ କେନ୍ଦ୍ର ଥିଲା କିନ୍ତୁ ତାଙ୍କର କର୍ମକ୍ଷେତ୍ର ପଞ୍ଜାବ, କଲକତା, ଉତ୍ତର ଭାରତ, ଗୁଜରାଟ, ଢ଼ାକା ଏବଂ କୋଙ୍କଣ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ।

ଶ୍ରୀ ସାଇବାବାଙ୍କ କୀର୍ତ୍ତି ଦିନକୁ ଦିନ ବିଜୁଳି ବେଗରେ ପ୍ରଚାରିତ ହେବାକୁ ଲାଗିଲା ଏବଂ ସ୍ଥାନ ସ୍ଥାନରୁ ବହୁ ସଂଖ୍ୟକ ଦର୍ଶନାର୍ଥୀ ଆସି ତାଙ୍କର ଦର୍ଶନ କରି ଲାଭ ଉଠାଇଲେ । କେବଳ ଦର୍ଶନ ଦ୍ୱାରା ହିଁ ମନୁଷ୍ୟ ସିଏ ଶୁଦ୍ଧ କିମ୍ବା ଅଶୁଦ୍ଧ ହୃଦୟର ହୋଇଥାଉ, ତା'ର ମନକୁ ପରମ ଶାନ୍ତି ମିଳୁଥିଲା । ତାକୁ ସେହି ପ୍ରକାର ଅନୁଭବ ହେଉଥିଲା ଯେପରିକି ପଣ୍ଡରପୁରର ବିଠ୍ଠଲ ଭଗବାନଙ୍କ ଦର୍ଶନରେ ହେଉଥିଲା । ଏହା କୌଣସି ଅତିଶୟୋକ୍ତି ନୁହେଁ । ଦେଖନ୍ତୁ ଜଣେ ଭକ୍ତଙ୍କ ଏପରି ଅନୁଭୂତି ହୋଇଥିଲା ।

## ।।ଗୌଲିବୁବା ।।

ପ୍ରାୟ ୯୫ ବର୍ଷର ବୟୋବୃଦ୍ଧ ଭକ୍ତ ଗୌଲିବୁବା ଆଠ ମାସ ପଣ୍ଡରପୁର ତଥା ୪ ମାସ(ଆଷାଢ଼ରୁ କାର୍ତ୍ତିକ ପର୍ଯ୍ୟନ୍ତ) ଗଙ୍ଗାତଟରେ ବାସ କରୁଥିଲେ । ଜିନିଷପତ୍ର ନେବା ପାଇଁ ସେ ଗୋଟିଏ ଗଧକୁ ପାଖରେ ରଖିଥିଲେ ଏବଂ ଜଣେ ଶିଷ୍ୟ ସର୍ବଦା ତାଙ୍କ ପାଖରେ ରହୁଥିଲା । ପ୍ରତିବର୍ଷ ସେ ପଣ୍ଡରପୁର ଯାଉଥିଲେ ଏବଂ ଫେରିବା ସମୟରେ ଶ୍ରୀ ବାବାଙ୍କ ଦର୍ଶନ ନିମନ୍ତେ ଶିରିଡ଼ି ଆସୁଥିଲେ । ବାବାଙ୍କ ପ୍ରତି ତାଙ୍କର ଅଗାଧ ପ୍ରେମ ଥିଲା । ସେ ବାବାଙ୍କ ଆଡ଼କୁ ଏକଲୟରେ ଦୃଷ୍ଟିପାତ କରୁଥିଲେ ଏବଂ କହୁଥିଲେ କି ଇଏ ତ ଶ୍ରୀ ପଣ୍ଡରିନାଥ, ଶ୍ରୀ ବିଠ୍ଠଲଙ୍କ ଅବତାର ଅଟନ୍ତି, ଯିଏକି ଅନାଥର ନାଥ, ଦୀନଦୟାଳୁ ଏବଂ ସମସ୍ତ ଦୀନଙ୍କର ନାଥ । ଗୌଲିବୁବା ଶ୍ରୀ ବିଠ୍ଠଲଙ୍କ ପରମ ଭକ୍ତ ଥିଲେ । ସେ ଅନେକ ଥର ପଣ୍ଡରି ଯାତ୍ରା କରିଛନ୍ତି ଏବଂ ବାସ୍ତବ ପକ୍ଷରେ ଅନୁଭବ କରିଛନ୍ତି ଯେ ଶ୍ରୀ ସାଇବାବା ହିଁ ପଣ୍ଡରିନାଥ ।

## ।।ବିଠ୍ଠଲ ସ୍ୱୟଂ ପ୍ରକଟ ହେଲେ ।।

ଭଗବତ୍ ଚିନ୍ତନ ଏବଂ ଭଜନରେ ଶ୍ରୀ ସାଇବାବାଙ୍କର ବିଶେଷ ଅଭିରୁଚି ଥିଲା । ସେ ସର୍ବଦା ଆଲ୍ଲା ମାଲିକ ଉଚ୍ଚାରଣ କରୁଥିଲେ ଏବଂ ଭକ୍ତମାନଙ୍କ ମଧ୍ୟରେ କୀର୍ତ୍ତନ ସପ୍ତାହ କରୁଥିଲେ । ଏହାକୁ ନାମ ସପ୍ତାହ କୁହାଯାଏ । ଥରେ ସେ ଦାସଗଣୁଙ୍କୁ କୀର୍ତ୍ତନ ସପ୍ତାହ କରିବାକୁ ଅନୁମତି ପ୍ରଦାନ କଲେ । ଦାସଗଣୁ ବାବାଙ୍କୁ କହିଲେ କି 'ଆପଣଙ୍କର ଆଦେଶ ଶିରୋଧାର୍ଯ୍ୟ; କିନ୍ତୁ ଗୋଟିଏ ଆଶ୍ୱାସନା ଦିଅନ୍ତୁ କି ସପ୍ତାହ ଶେଷରେ ବିଠ୍ଠଲ ଭଗବାନ ଯେପରି ପ୍ରକଟ ହେବେ ।'

ବାବା ତାଙ୍କର ହୃଦୟ ସ୍ପର୍ଶ କରି କହିଲେ ବିଠ୍ଠଲ ଅବଶ୍ୟ ପ୍ରକଟ ହେବେ, ତେବେ ଭକ୍ତମାନଙ୍କ ମଧ୍ୟରେ ଶ୍ରଦ୍ଧା ଓ ତୀବ୍ର ଉତ୍ସୁକତା ପ୍ରକାଶ ପାଇବା ଆବଶ୍ୟକ । ଠାକୁରନାଥର ଡଙ୍କପୁରୀ, ବିଠ୍ଠଲର ପଣ୍ଡରି, ରଣଛୋଡ଼ର ଦ୍ୱାରକା ତ ଏହି ସ୍ଥାନ ଅଟେ । ଦୂରକୁ ଯିବାର ଆବଶ୍ୟକତା ନାହିଁ । ବିଠ୍ଠଲ କ'ଣ କେଉଁଠୁ ବାହାରୁ ଆସିବେ ? ସେ ଏଠାରେ ହିଁ ବିଦ୍ୟମାନ । **ଯେତେବେଳେ ଭକ୍ତମାନଙ୍କ ମଧ୍ୟରେ**

ପ୍ରେମ ଓ ଭକ୍ତିର ସ୍ରୋତ ଉଛୁଳି ଉଠିବ; ବିଠ୍ଠଲ ସ୍ୱୟଂ ପ୍ରକଟ ହେବେ ।'

ସପ୍ତାହ ଶେଷ ହେବା ଉପରାନ୍ତେ ବିଠ୍ଠଲ ଭଗବାନ ଏହିପରି ଭାବରେ ପ୍ରକଟ ହେଲେ । କାକାସାହେବ ଦୀକ୍ଷିତ ସବୁଦିନପରି ସ୍ନାନସାରି ଯେତେବେଳେ ଧ୍ୟାନରେ ବସିଲେ ତାଙ୍କୁ ବିଠ୍ଠଲ ଭଗବାନଙ୍କର ଦର୍ଶନ ହେଲା । ମଧ୍ୟାହ୍ନ ସମୟରେ ସେ ଯେତେବେଳେ ବାବାଙ୍କ ଦର୍ଶନ ନିମନ୍ତେ ମସଜିଦ୍ ଯାଇଛନ୍ତି, ବାବା ତାଙ୍କୁ ପଚାରିଲେ 'କ'ଣ ବିଠ୍ଠଲ ଆସିଥିଲେ ନା ? ତୁମେ ତାଙ୍କୁ ଦର୍ଶନ କଲ ? ସେ ବହୁତ ଚଞ୍ଚଳ । ତାଙ୍କୁ ଦୃଢ଼ତାର ସହ ଭିଡ଼ିଧର । ସାମାନ୍ୟ ଅସାବଧାନ ହେଲେ ସେ ଖସି ପଳାଇବେ । ଏହା ସକାଳର ଘଟଣା ଥିଲା ଏବଂ ମଧ୍ୟାହ୍ନ ସମୟରେ ତାଙ୍କୁ ପୁଣି ଦର୍ଶନ ପ୍ରାପ୍ତ ହେଲା । ସେହିଦିନ ଜଣେ ଫଟୋ ବିକାଳି ବିଠୋବାଙ୍କର ୨୫/୩୦ଟି ଚିତ୍ର ନେଇ ବିକିବାକୁ ଆସିଲା । ଏହି ଚିତ୍ର ଠିକ୍ ସେହିପରି ଥିଲା, ଯେଉଁ ରୂପରେ କାକାସାହେବ ଦୀକ୍ଷିତ ଧ୍ୟାନାବସ୍ଥାରେ ବିଠୋବାଙ୍କର ଦର୍ଶନ କରିଥିଲେ । ଚିତ୍ର ଦେଖି ଏବଂ ବାବାଙ୍କ କଥା ସ୍ମରଣ କରି କାକାସାହେବଙ୍କୁ ବଡ଼ ବିସ୍ମୟ ଲାଗିଲା । ସେ ଗୋଟିଏ ଚିତ୍ର ତୁରନ୍ତ କିଣିନେଲେ ଏବଂ ତାହାକୁ ତାଙ୍କର ପୂଜା ଘରେ ସ୍ଥାପନା କଲେ ।

ଥାନେର ଅବସରପ୍ରାପ୍ତ ମାମଲତଦାର ଶ୍ରୀ ବି.ଭି. ଦେବ ତାଙ୍କର ଗବେଷଣାତ୍ମକ ସନ୍ଦର୍ଭରେ ଏ କଥା ପ୍ରମାଣିତ କରିଛନ୍ତି ଯେ ଶିରିଡ଼ି ପଣ୍ଡରପୁରର ପରିଧିରେ ଅନ୍ତର୍ଭୁକ୍ତ । ଦକ୍ଷିଣରେ ପଣ୍ଡରପୁର ପରମ ପୁରୁଷ ଶ୍ରୀକୃଷ୍ଣଙ୍କ ପବିତ୍ର ଲୀଳା କ୍ଷେତ୍ର । ତେଣୁ ଶିରିଡ଼ି ହିଁ ଦ୍ୱାରକା ଅଟେ । (ସାଇ ଲୀଳା ପତ୍ରିକା ଭାଗ ୧୨, ସଂଖ୍ୟା ୧,୨,୩) ଐତିହାସିକ କେ. ନାରାୟଣ ଆୟାର ତାଙ୍କର 'ଭାରତବର୍ଷର ସ୍ଥାୟୀ ଇତିହାସ' ଶୀର୍ଷକ ପୁସ୍ତକରେ ସ୍କନ୍ଦ ପୁରାଣରୁ ଦ୍ୱାରକା ସମ୍ପର୍କରେ ଆଉ ଏକ ବ୍ୟାଖ୍ୟାନ ବାଢ଼ିଛନ୍ତି । ସ୍କନ୍ଦ ପୁରାଣ(ଭାଗ ୨, ପୃଷ୍ଠା ୧୦)କୁ ଉଦ୍ଧାର କରି ସେ କହିଛନ୍ତି:-

'ଚତୁର୍ବର୍ଣ୍ଣାମପି ବର୍ଗାଣାଂ ଯତ୍ର ଦ୍ୱାରାଣି ସର୍ବତଃ ।
ଅତୋ ଦ୍ୱାରାବତୀତ୍ୟୁକ୍ତା ବିଦ୍ଧଦିଭସ୍ତତ୍ୱବାଦିଭିଃ ।

ଅର୍ଥାତ୍ ଯେଉଁ ସ୍ଥାନ ଚାରିବର୍ଣ୍ଣର ଲୋକଙ୍କ ଧର୍ମ, ଅର୍ଥ, କାମ ଓ ମୋକ୍ଷ ନିମନ୍ତେ ସୁଗମ ଅଟେ ଦାର୍ଶନିକମାନେ ତାହାକୁ ଦ୍ୱାରକା ନାମରେ ସମ୍ବୋଧିତ କରନ୍ତି । ଶିରିଡ଼ିରେ ବାବାଙ୍କ ମସଜିଦ୍ କେବଳ ଚାରିବର୍ଣ୍ଣର ଲୋକ ନୁହନ୍ତି, ଦଳିତ, ଅସ୍ପୃଶ୍ୟ ଏବଂ ଭାଗୋଜୀ ସିନ୍ଧେଙ୍କ ପରି ପତିତମାନଙ୍କ ପାଇଁ ସର୍ବଦା ଉନ୍ମୁକ୍ତ ଥିଲା । ଏଣୁ ଶିରିଡ଼ିକୁ ଦ୍ୱାରକା ଆଖ୍ୟା ଦେବା ସର୍ବାଦୌ ଯଥାର୍ଥ ।

## ।। ଭଗବନ୍ତରାଓ କ୍ଷୀରସାଗର କଥା ।।

ଶ୍ରୀ ବିଠ୍ଠଲ ଭଗବାନଙ୍କ ପୂଜାରେ ବାବାଙ୍କର କିପରି ରୁଚି ଥିଲା ତାହା ଭଗବନ୍ତରାଓ କ୍ଷୀରସାଗରଙ୍କ କଥାରୁ ସ୍ପଷ୍ଟ ହୁଏ । ଭଗବନ୍ତରାଓଙ୍କ ପିତା ବିଠୋବାଙ୍କ ପରମଭକ୍ତ

ଥିଲେ । ପ୍ରତିବର୍ଷ ସେ ପଣ୍ଡରପୁର ଯାତ୍ରା କରୁଥିଲେ । ତାଙ୍କ ଘରେ ବିଠୋବାଙ୍କ ଏକ ମୂର୍ତ୍ତି ଥିଲା, ଯାହାକୁ ସେ ପ୍ରତିଦିନ ପୂଜା କରୁଥିଲେ । ତାଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଭଗବନ୍ତରାଓ ପୂଜା, ଶ୍ରାଦ୍ଧ ଆଦି ସମସ୍ତ କର୍ମ ପରିତ୍ୟାଗ କଲେ । ଯେବେ ଭଗବନ୍ତରାଓ ଶିରିଡ଼ି ଆସିଲେ ବାବା ତାଙ୍କୁ ଦେଖିବା ମାତ୍ରେ କହିଲେ 'ଏହାର ପିତା ମୋର ପରମ ମିତ୍ର ଥିଲେ । ଏଥିପାଇଁ ମୁଁ ତାକୁ ଏଠାକୁ ଡକାଇଛି । ଇଏ କେବେ ନୈବେଦ୍ୟ ଅର୍ପଣ କରିନାହିଁ ଆଉ ମୋତେ ଓ ବିଠୋବାଙ୍କୁ ଉପାସରେ ରଖିଛି । ଏଣୁ ମୁଁ ତାକୁ ଏଠାକୁ ଆସିବାକୁ ପ୍ରେରଣା ଦେଇଛି । ଏବେ ମୁଁ ତାକୁ ପୂଜାରୀତିରେ ନିୟୋଜିତ କରିବି ।

## ।। ଦାସଗଣୁଙ୍କ ପ୍ରୟାଗସ୍ନାନ ।।

ଗଙ୍ଗା ଏବଂ ଯମୁନା ନଦୀର ସଂଗମସ୍ଥଳରେ ଅବସ୍ଥିତ ପ୍ରୟାଗ ପବିତ୍ର ତୀର୍ଥସ୍ଥଳ । ଏଠାରେ ସ୍ନାନ କରିବା ଦ୍ୱାରା ସମସ୍ତ ପାପ ନଷ୍ଟ ହୋଇଥାଏ ବୋଲି ହିନ୍ଦୁମାନଙ୍କର ଦୃଢ଼ ବିଶ୍ୱାସ । ଏହି କାରଣରୁ ପର୍ବପର୍ବାଣୀ ଦିନଗୁଡ଼ିକରେ ହଜାର ହଜାର ଭକ୍ତ ସେଠାକୁ ଯାଇ ଅଲଭ୍ୟ ବୁଡ଼ ପକାଇଥାଆନ୍ତି । ଥରେ ଦାସଗଣୁ ମଧ୍ୟ ଏପରି ବୁଡ଼ ପକାଇବାକୁ ଇଚ୍ଛା କଲେ । ମନ ଭିତରେ ଏହିକଥା ରଖି ସେ ବାବାଙ୍କ ଅନୁମତି ନିମନ୍ତେ ଗଲେ । ଅନ୍ତର୍ଯ୍ୟାମୀ ବାବା ତୁରନ୍ତ ତାଙ୍କର ମନକଥା ଜାଣିନେଇ କହିଲେ **'ଏତେ ଦୂର ବୃଥାରେ ଯାତ୍ରା କରିବା କି ଆବଶ୍ୟକ । ତୁମର ପ୍ରୟାଗ ତ ଏହିଠାରେ ଅଛି । ମୋ ଉପରେ ବିଶ୍ୱାସ ରଖ ।'**

ଆଶ୍ଚର୍ଯ୍ୟର କଥା । ଦାସଗଣୁ ବାବାଙ୍କ ଚରଣ ଉପରେ ମଥା ରଖି ଯେମିତି ପ୍ରଣିପାତ କରୁଛନ୍ତି ବାବାଙ୍କ ଚରଣଯୁଗଳରୁ ଗଙ୍ଗା ଓ ଯମୁନାର ଦୁଇ ଧାର ସ୍ରୋତ ରୂପରେ ପ୍ରବାହିତ ହେବାକୁ ଲାଗିଲା । ଏହି ଚମତ୍କାର ଦେଖି ଦାସଗଣୁଙ୍କର ପ୍ରେମ ଓ ଭକ୍ତିର ବନ୍ଧ ଉଚ୍ଛୁଳି ଉଠିଲା । ତାଙ୍କର ଦୁଇ ଚକ୍ଷୁରୁ ଅଶ୍ରୁଧାର ବୋହିବାକୁ ଲାଗିଲା । ତାଙ୍କର ଶରୀରରେ ଅଦ୍‌ଭୁତ ଶିହରଣ ସୃଷ୍ଟି ହେଲା ଏବଂ ମୁଖରୁ ସ୍ୱାଭାବିକ ଭାବରେ ଶ୍ରୀ ସାଇଙ୍କ ବନ୍ଦନା ଝଙ୍କୃତ ହେବାକୁ ଲାଗିଲା ।

## ।। ଶିରିଡ଼ିକୁ ଶ୍ରୀ ସାଇବାବାଙ୍କ ପ୍ରଥମ ଆଗମନ ।।

ଶ୍ରୀ ସାଇବାବାଙ୍କ ମାତା, ପିତା, ତାଙ୍କର ଜନ୍ମ ଓ ଜନ୍ମସ୍ଥାନ ସମ୍ପର୍କରେ କାହାକୁ ବି କିଛି ଜଣାନଥିଲା । ଏହି ବିଷୟରେ ବହୁତ ଅନୁସନ୍ଧାନ କରାଗଲା । ବାବାଙ୍କୁ ତଥା ଅନ୍ୟମାନଙ୍କୁ ମଧ୍ୟ ଏହି ବିଷୟରେ ପଚରା ଉଚୁରା କରାଗଲା କିନ୍ତୁ କେହି ବି ସନ୍ତୋଷଜନକ ଉତ୍ତର ବା କିଛି ସୂତ୍ର ପ୍ରଦାନ କରିପାରିଲେ ନାହିଁ ।

ପ୍ରକୃତରେ ଆମ୍ଭେମାନେ ଏହି ବିଷୟରେ ସର୍ବାଦୌ ଅନଭିଜ୍ଞ । ନାମଦେବ ଏବଂ କବୀରଦାସ ସାଧାରଣ ଲୋକଙ୍କ ପରି ଜନ୍ମଗ୍ରହଣ କରିନଥିଲେ। ଶାମୁକାରେ ମୁକ୍ତା

ପରି ପ୍ରକୃତି କୋଳରେ କୋମଳ ଶିଶୁ ରୂପେ ସେମାନଙ୍କର ଆବିର୍ଭାବ ଥିଲା ବିସ୍ମୟକର । **ନାମଦେବଙ୍କୁ ଭୀମରଥୀ ନଦୀ ତଟରେ ଗୋନାଇ ପାଇଥିଲେ ଏବଂ କବୀରଙ୍କୁ ଭାଗୀରଥୀ ନଦୀ ତଟରେ ପ୍ରଥମେ ଦେଖିଥିଲେ ତମାଲ ।**

ଶ୍ରୀ ସାଇବାବାଙ୍କର ଜନ୍ମ ବୃତ୍ତାନ୍ତ ମଧ୍ୟ ଠିକ୍ ଏହିପରି ଥିଲା । ସେ ଶିରିଡ଼ିର ନିମ୍ବ ବୃକ୍ଷମୂଳରେ ଷୋହଳ ବର୍ଷ ବୟସର ତାରୁଣ୍ୟାବସ୍ଥାରେ ଭକ୍ତମାନଙ୍କ କଲ୍ୟାଣ ନିମନ୍ତେ ପ୍ରକଟ ହୋଇଥିଲେ । ସେହି ସମୟରେ ମଧ୍ୟ ସେ ପୂର୍ଣ୍ଣ ବ୍ରହ୍ମଜ୍ଞାନୀ ସଦୃଶ ପ୍ରତୀତ ହେଉଥିଲେ । ସ୍ୱପ୍ନରେ ସୁଦ୍ଧା କୌଣସି ଲୌକିକ ପଦାର୍ଥ ପ୍ରତି ତାଙ୍କର ଆଗ୍ରହ ନଥିଲା । ସେ ମାୟାକୁ ଭେଦ କରିଥିଲେ ଏବଂ ମୁକ୍ତି ତାଙ୍କର ଚରଣରେ ବନ୍ଦନା କରୁଥିଲା । ଶିରିଡ଼ି ଗ୍ରାମର ଏକ ବୃଦ୍ଧ ନାରୀ ନାନା ଚୋପଦାରଙ୍କ ମାଆ ତାଙ୍କ ସମ୍ପର୍କରେ ଏହିପରି ବର୍ଣ୍ଣନା କରିଥିଲେ ।

'ଏକ ତରୁଣ, ସୁସ୍ଥ, ଫୁର୍ତ୍ତିବାନ ତଥା ଅତି ରୂପବନ୍ତ ବାଳକ ସର୍ବପ୍ରଥମେ ନିମ୍ବ ବୃକ୍ଷ ତଳେ ସମାଧିଅବସ୍ଥାରେ ଦୃଶ୍ୟମାନ ହେଲେ । ଶୀତ କି ଗ୍ରୀଷ୍ମ ପ୍ରତି ତାଙ୍କର ତିଳେ ମାତ୍ର ଖାତିର ନଥିଲା । ତାଙ୍କୁ ଏପରି ଅଳ୍ପ ବୟସରେ ଏହି ପ୍ରକାର କଠିନ ତପସ୍ୟା କରିବା ଦେଖି ଲୋକେ ଆଶ୍ଚର୍ଯ୍ୟ ହେଲେ । ଦିନରେ ସେ କାହାକୁ ଭେଟୁନଥିଲେ ଏବଂ ରାତିରେ ନିର୍ଭୀକ ହୋଇ ଏକାନ୍ତରେ ଘୂରିବୁଲୁଥିଲେ । ଲୋକମାନେ ବିସ୍ମୟାଭିଭୂତ ହୋଇ ପଚାରୁଥିଲେ ଏହି ଯୁବକ କେଉଁଠାରୁ ଆସିଛନ୍ତି ? ତାଙ୍କର ରୂପରେଖ ତଥା ଗଠନ ଏପରି ଅନୁପମ ଥିଲା ଯେ ଥରେ ଦେଖିବା ଲୋକ ତାଙ୍କ ପ୍ରତି ସ୍ୱାଭାବିକ ଭାବେ ଆକୃଷ୍ଟ ହେଉଥିଲା । ସେ ସର୍ବଦା ନିମ୍ବ ବୃକ୍ଷ ତଳେ ବସୁଥିଲେ ଏବଂ କାହାର ଦ୍ୱାରମୁହଁକୁ ଯାଉନଥିଲେ । ଯଦିଓ ଦେଖିବାକୁ ସେ ଯୁବକ ପରି ମନେ ହେଉଥିଲେ କିନ୍ତୁ ତାଙ୍କର ଆଚରଣ ମହାତ୍ମା ସଦୃଶ ଥିଲା । ସେ ତ୍ୟାଗ ଏବଂ ବୈରାଗ୍ୟର ସାକ୍ଷାତ ପ୍ରତିମା ଥିଲେ । ଥରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା । ଜଣେ ଭକ୍ତଙ୍କ ଶରୀରରେ ଖଣ୍ଡୋବା ଦେବତା ପ୍ରକଟ ହେଲେ । ନିଜ ଭିତରେ ସୃଷ୍ଟି ହେଉଥିବା ସନ୍ଦେହ ଦୂର କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ଲୋକେ ତାଙ୍କୁ ପଚାରିଲେ 'ହେ ଦେବ ! ଏହି ତେଜସ୍ୱୀ ବାଳକର ପିତାମାତା କିଏ ଓ ସେ କେଉଁଠାରୁ ଆସିଛନ୍ତି, କୃପାକରି ଆମକୁ କହନ୍ତୁ । '

ଖଣ୍ଡୋବା ଗୋଟିଏ କୋଦାଳ ମଗାଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଖନନ କରିବାକୁ କହିଲେ । ଯେତେବେଳେ ତାକୁ ଖୋଳାଗଲା, ଗୋଟିଏ ପଥର ତଳେ ଏକ ଇଟା ଦେଖାଗଲା । ପଥରକୁ କାଢ଼ିବା ପରେ ଏକ ଦ୍ୱାର ଦୃଶ୍ୟମାନ ହେଲା, ଯେଉଁଠାରେ ଚାରୋଟି ଦୀପ ଜଳୁଥିଲା । ସେଠାରୁ ଦୁଆରର ମାର୍ଗ ଏକ ଗୁମ୍ଫା ଆଡ଼କୁ ଲମ୍ବିଥିଲା, ଗୋମୁଖ ଆକୃତିର ମୁଖା, କାଠପଟା ଓ ଫୁଲହାର ଇତ୍ୟାଦି ସେଠାରେ ଦେଖାଗଲା । ଖଣ୍ଡୋବା ପୁଣି କହିଲେ ଯେ ଏହି ଯୁବକ ୧ ୨ ବର୍ଷ ଏହି ସ୍ଥାନରେ ତପସ୍ୟା କରିଥିଲା । ଏହାପରେ ସ୍ଥାନୀୟ ଲୋକେ ସେହି ଯୁବକଙ୍କୁ ପ୍ରଶ୍ନ କଲେ । କିନ୍ତୁ ସେ ସେସବୁକୁ

ଏଡ଼ାଇଯାଇ କହିଲେ ଏହା ମୋର ଗୁରୁଙ୍କର ପବିତ୍ର ସ୍ଥଳ ହୋଇଥିବାରୁ ମୋର ପୂଜ୍ୟ ସ୍ଥାନ । ଏହାପରେ ଉକ୍ତ କବାଟ ଓ ଦ୍ୱାରଦେଶକୁ ପୂର୍ବପରି ବନ୍ଦ କରିଦିଆଗଲା । ଯେଉଁପରି ଅଶ୍ୱତ୍ଥ ଓ ଉଦୁମ୍ବର ବୃକ୍ଷକୁ ପବିତ୍ର ମନେ କରାଯାଏ ସେହିପରି ବାବା ନିମ୍ବ ବୃକ୍ଷକୁ ପବିତ୍ର ମନେକରି ପ୍ରେମ କରୁଥିଲେ । ମହଲସାପତି ଓ ଶିରିଡ଼ିର ଅନ୍ୟ ଭକ୍ତମାନେ ଏହି ସ୍ଥାନକୁ ବାବାଙ୍କର ଗୁରୁଙ୍କ ସମାଧି ମନେକରି ଏଠାରେ ପୂଜାର୍ଚ୍ଚନା କରୁଥିଲେ ।

## ।। ତିନି ୱାଡ଼ା ବା ତିନୋଟି ଯାତ୍ରୀ ନିବାସ ।।

ନିମ୍ବ ବୃକ୍ଷ ପାଶ୍ୱବର୍ତ୍ତୀ ସ୍ଥାନକୁ ହରି ବିନାୟକ ସାଠେ ନାମକ ଜଣେ ବ୍ୟକ୍ତି କ୍ରୟକଲେ ଓ ସେଠାରେ ଏକ ବିଶାଳ ଭବନ ନିର୍ମାଣ କଲେ, ଯାହାର ନାମ ସାଠେ ୱାଡ଼ା ରଖାଗଲା । ବାହାରୁ ଆସୁଥିବା ଭକ୍ତମାନଙ୍କ ପାଇଁ ଏହି ୱାଡ଼ା ହିଁ ଏକମାତ୍ର ସ୍ଥାନ ଥିଲା, ଯେଉଁଠାରେ ସର୍ବଦା ଭିଡ଼ ହେଉଥିଲା । ନିମ୍ବ ବୃକ୍ଷ ତଳେ ଚତୁଃପାର୍ଶ୍ୱରେ ଚାନ୍ଦିନୀ ଏବଂ ପାହାଚ ତିଆରି କରାଗଲା । ପାହାଚ ତଳେ ଦକ୍ଷିଣ ଦିଗରେ ଏକ ଛୋଟ ମନ୍ଦିର ଅଛି, ଯେଉଁଠାରେ ଭକ୍ତମାନେ ଉତ୍ତରାମୁଖୀ ହୋଇ ବସନ୍ତି । ବିଶ୍ୱାସ ଅଛି ଯେ ଯେଉଁ ଭକ୍ତ ଗୁରୁବାର ଓ ଶୁକ୍ରବାର ସନ୍ଧ୍ୟାରେ ଏଠାରେ ଧୂପ ଦେବେ ସେ ସର୍ବଦା ସୁଖଲାଭ କରିବେ ।


ଏହି ୱାଡ଼ା ବହୁ ପୁରାତନ ତଥା ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ଥିଲା ଏବଂ ଏହାର ଜୀର୍ଣ୍ଣୋଦ୍ଧାର ନିତାନ୍ତ ଆବଶ୍ୟକ ହେଉଥିଲା । ସାଇବାବା ସଂସ୍ଥାନ ଏବେ ତାହା କରିଛନ୍ତି । କିଛିଦିନପରେ ଏକ ନୂତନ ୱାଡ଼ା ନିର୍ମାଣ ହେଲା, ଯାହା ଦୀକ୍ଷିତ ୱାଡ଼ା ନାମରେ ପରିଚିତ । ଏହି ୱାଡ଼ାର ନିର୍ମାତା କାକାସାହେବ ଦୀକ୍ଷିତ୍ ଜଣେ ପ୍ରତିଷ୍ଠିତ ଆଇନଜ୍ଞ ଥିଲେ । ସେ ଇଂଲଣ୍ଡରେ ଥିବା ସମୟରେ ଦୁର୍ଘଟଣାର ଶିକାର ହୋଇ ଗୋଡ଼ରେ ଆଘାତପ୍ରାପ୍ତ ହୋଇଥିଲେ । ଅନେକ ଥର ଚିକିତ୍ସା କଲେ କିନ୍ତୁ ଗୋଡ଼ ଭଲ ହେଲା ନାହିଁ । ଏହି ସମୟରେ ନାନାସାହେବ ଚନ୍ଦୋରକର ତାଙ୍କୁ ବାବାଙ୍କ କୃପା ଭିକ୍ଷା କରିବା ପାଇଁ ପରାମର୍ଶ ଦେଲେ ।

୧୯୦୯ ମସିହାରେ ସେ ବାବାଙ୍କ ଦର୍ଶନ କଲେ । କିନ୍ତୁ ବାବାଙ୍କୁ ତାଙ୍କର ଖଞ୍ଜ ଗୋଡ଼ର କ୍ଷତ ବଦଳରେ ମନର କ୍ଷତକୁ ଦୂର କରିବାକୁ ନିବେଦନ କଲେ । ବାବାଙ୍କ ଦର୍ଶନ ଦ୍ୱାରା ଏପରି ସୁଖ ପ୍ରାପ୍ତ ହେଲା ଯେ ସ୍ଥାୟୀ ଭାବରେ ସେ ଶିରିଡ଼ିରେ ରହିବାକୁ ସ୍ଥିରକଲେ ଏବଂ ନିଜ ପାଇଁ ତଥା ଭକ୍ତମାନଙ୍କ ସୁବିଧା ପାଇଁ ଏକ ୱାଡ଼ା ନିର୍ମାଣ କଲେ । ତା ୧.୧୨.୧୯୧୦ରିଖରେ ଏହାର ଶିଳାନ୍ୟାସ ହେଲା । ସେହି ଦିନ ଅନ୍ୟ ଦୁଇଟି ବିଶେଷ ଘଟଣା ଘଟିଲା । (୧) ଦାଦାସାହେବ ଖପର୍ଦ୍ଦେଙ୍କୁ ଘରକୁ ଫେରିବା ପାଇଁ ଅନୁମତି ମିଳିଲା (୨)ଚଭାଡ଼ିରେ ରାତ୍ରି ଦରବାର ଅବସରରେ ଆରତିର ଶୁଭାରମ୍ଭ ହେଲା । କିଛିଦିନ ପରେ ୱାଡ଼ା ସମ୍ପୂର୍ଣ୍ଣ ରୂପେ ନିର୍ମିତ ହୋଇଗଲା ଏବଂ ୧୯୧୧ ରାମନବମୀ ତିଥିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେଲା ।

ଏହାପରେ ଆଉ ଏକ ୱାଡ଼ା ନାଗପୁରର ପ୍ରସିଦ୍ଧ ଧନୀ ବୁଟି ସାହେବ ନିର୍ମାଣ କଲେ । ଏହାର ନିର୍ମାଣରେ ବହୁ ଅର୍ଥ ବ୍ୟୟ ହେଲା । ତେବେ ତାଙ୍କର ସମସ୍ତ ଶ୍ରମ ସାର୍ଥକ ହେଲା କାରଣ ବାବାଙ୍କ ଶରୀର ଏବେ ସେହିଠାରେ ଚିରବିଶ୍ରାନ୍ତି ଲାଭ କରୁଛି ଏବଂ ସମାଧି ମନ୍ଦିର ନାମରେ ତାହା ଜଗତ ବିଖ୍ୟାତ ହୋଇଛି । ଏହି ମନ୍ଦିର ସ୍ଥାନରେ ପ୍ରଥମେ ଏକ ବଗିଚା ଥିଲା, ଯେଉଁଠାରେ ବାବା ସ୍ୱୟଂ ଗଛ ଲଗାଉଥିଲେ ଓ ପାଣିଦେଇ ତା'ର ଦେଖାଶୁଣା କରୁଥିଲେ । ଯେଉଁଠାରେ ଗୋଟିଏ ଛୋଟ କୋଠାଘର ମଧ୍ୟ ନଥିଲା ସେଠାରେ ତିନି ତିନୋଟି ବିଶାଳ ୱାଡ଼ା ନିର୍ମିତ ହୋଇଗଲା । ଏ ସମସ୍ତ ମଧ୍ୟରେ ସାଠେୱାଡ଼ା ବହୁ ଦରକାରରେ ଆସୁଥିଲା ।

ବଗିଚା କଥା, ବାମନ ତାତ୍ୟାଙ୍କ ସହାୟତାରେ ସ୍ୱୟଂ ବଗିଚାର ଦେଖାଶୁଣା କରିବା, ଶିରିଡ଼ିରେ ବାବାଙ୍କ ଅସ୍ଥାୟୀ ଅନୁପସ୍ଥିତି ତଥା ଚାନ୍ଦ ପାଟିଲଙ୍କ ବରଯାତ୍ରୀରେ ପୁନଃ ଶିରିଡ଼ି ପ୍ରତ୍ୟାବର୍ତ୍ତନ, ଦେବୀଦାସ, ଜାନକୀଦାସ ଏବଂ ଗଙ୍ଗାଗୀରଙ୍କ ସଂଗତି, ମୋହିଦ୍ଦିନ ତମ୍ବୋଲିଙ୍କ ସହ କୁସ୍ତି, ମସଜିଦ୍‌ରେ ନିବାସ, ଡେଙ୍ଗଲେ ଏବଂ ଅନ୍ୟ ଭକ୍ତଙ୍କ ପ୍ରତି ପ୍ରେମ ଆଦି ଘଟଣାବଳୀର ବର୍ଣ୍ଣନା ଆଗାମୀ ଅଧ୍ୟାୟରେ କରାଯିବ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



ପବିତ୍ର ଗୁରୁସ୍ଥାନ : ଏବେ ବି ମୂକସାକ୍ଷୀ ପରି ବିଦ୍ୟମାନ

## ।। ପଞ୍ଚମ ଅଧ୍ୟାୟ ।।

**ଚାନ୍ଦ ପାଟିଲଙ୍କ ବରଯାତ୍ରୀ ଦଳ ସହ ଶ୍ରୀ ସାଇବାବାଙ୍କ ପୁନଃଆଗମନ, ଅଭିନନ୍ଦନ ତଥା 'ଶ୍ରୀ ସାଇ' ନାମରେ ସମ୍ବୋଧନ, ଅନ୍ୟ ସନ୍ଥମାନଙ୍କ ସହ ସାକ୍ଷାତ, ବେଶଭୂଷା ଏବଂ ନିତ୍ୟ କାର୍ଯ୍ୟକ୍ରମ, ପାଦୁକା କଥା, ମୋହିଦ୍ଦିନଙ୍କ ସହ କୁସ୍ତି ଓ ଜୀବନଧାରାରେ ପରିବର୍ତ୍ତନ, ଜଳର ତୈଳ ରୂପାନ୍ତର, ଜୋହରଅଲ୍ଲୀ**

### ।। ଚାନ୍ଦ ପାଟିଲଙ୍କ ବରଯାତ୍ରୀ ଦଳ ସହ ପୁନଃଆଗମନ ।।

ଔରଙ୍ଗାବାଦ ଜିଲା(ନିଜାମ ଷ୍ଟେଟ) ଅନ୍ତର୍ଗତ ଧୂପଗାଓଁରେ ଚାନ୍ଦ ପାଟିଲ ନାମକ ଜଣେ ଧନୀ ମୁସଲିମ ବାସ କରୁଥାନ୍ତି । ଥରେ ସେ ଔରଙ୍ଗାବାଦ ଯାଉଥିବାବେଳେ ପଥ ମଧ୍ୟରେ ତାଙ୍କର ଘୋଡ଼ୀ(ମାଇ ଘୋଡ଼ା)ଟି ହଜିଗଲା । ଦୁଇମାସ ଧରି ସେ ତାକୁ ଖୋଜିବାରେ ଲାଗିଲେ କିନ୍ତୁ କୌଣସିଠାରେ କିଛି ସନ୍ଧାନ ମିଳିଲା ନାହିଁ । ଶେଷରେ ନିରାଶ ହୋଇ ତାହାର ସାଜ ବା ଜିନ୍‌କୁ ନିଜ ପିଠିରେ ଲଦି ସେ ଔରଙ୍ଗାବାଦ ଫେରିଆସୁଥିଲେ । ପ୍ରାୟ ୧୪ ମାଇଲ ବାଟ ଆସିଛନ୍ତି, ଏକ ଆମ୍ବ ଗଛ ମୂଳରେ ଜଣେ ଫକିର ବସି ଚିଲମ ସଜାଉଥିବାର ଦେଖିଲେ । ତାଙ୍କ ମସ୍ତକରେ ଟୋପି, ଶରୀରରେ କଫନି ଏବଂ ପାଖରେ ଏକ ସଟ୍‌କା ଥିଲା । ଫକିରଙ୍କ ଇସାରାକ୍ରମେ ଚାନ୍ଦ ପାଟିଲ ତାଙ୍କ ପାଖକୁ ଗଲେ । ପିଠିରେ ଥିବା ଜିନ୍ ବା ଘୋଡ଼ୀର ସାଜକୁ ଦେଖି ଫକିର ଜଣକ ପଚାରିଲେ ଏହା କେଉଁଠୁ ଆଣିଲ ? ଚାନ୍ଦ ପାଟିଲ ନିରାଶାସୂଚକ ଭଙ୍ଗୀରେ କହିଲେ ମୋର ଘୋଡ଼ୀଟି ହଜିଯାଇଛି । ଏହା ତା'ର ଜିନ୍ ।

ଫକିର ଜଣକ ବଡ଼ ହାଲୁକା ଭାବରେ ଅପରପାର୍ଶ୍ୱସ୍ଥ ନାଳକଡ଼ରେ ସନ୍ଧାନ କରିବାକୁ କହିଲେ । ଚାନ୍ଦ ପାଟିଲ ତାଙ୍କର କଥା ମାନି ନାଳ ପାଖକୁ ଯାଇଛନ୍ତି ତ ଘୋଡ଼ୀଟିକୁ ଚରୁଥିବା ଦେଖି ଆଶ୍ଚର୍ଯ୍ୟରେ ଅଭିଭୂତ ହୋଇଗଲେ । ସେ କୌଣସି ସାଧାରଣ ବ୍ୟକ୍ତି ନୁହନ୍ତି ବୋଲି ତାଙ୍କର ମନେ ହେଲା । ଘୋଡ଼ୀକୁ ଆଣି ସେ ଫକିରଙ୍କ ପାଖରେ ପହଞ୍ଚିଲେ । ସେତେବେଳେ ଚିଲମ ତିଆରି ସରିଥିଲା । ଆଉ ଦୁଇଟି ଜିନିଷ ବାକି ଥିଲା ।  ଚିଲମ ସଂଯୋଗ ପାଇଁ ଅଗ୍ନି ଏବଂ ଧୂଆଁ ଟାଣିବା ସ୍ଥାନରେ ଓଦାକନା ରଖିବା ପାଇଁ ପାଣି । ଫକିରଜଣକ ତାଙ୍କର ଚିମୁଟାକୁ ଭୂଇଁରେ ଘଷିଦେଇ ଉପରକୁ ବାହାର କରିବା କ୍ଷଣି ତା' ସହିତ ଏକ ଜଳନ୍ତା ଅଙ୍ଗାର ବାହାରିଆସିଲା ଏବଂ ସେହି ଅଙ୍ଗାର ଉପରେ ଚିଲମ ରଖିଲେ । ଏହାପରେ ସଟ୍‌କାରେ ଗୋଟିଏ ପ୍ରହାର କରିବା ମାତ୍ରେ

ଏକ ଜଳାଧାର ସୃଷ୍ଟି ହୋଇଗଲା ଆଉ ସେହି ଜଳରେ କନାଟିକୁ ଓଦା କରି ଚିଲମରେ ଗୁଡ଼ାଇଲେ । ଏହି ପ୍ରକାର ସବୁ ବ୍ୟବସ୍ଥା କରି ଫକିରଜଣକ ଚିଲମ ଟାଣିଲେ ଏବଂ ତତ୍‌ପଶ୍ଚାତ୍ ଚାନ୍ଦ ପାଟିଲଙ୍କୁ ମଧ୍ୟ ବଢ଼ାଇଲେ । ଏହି ଚମତ୍କାର ଦେଖି ଚାନ୍ଦ ପାଟିଲଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ଫକିରଙ୍କୁ ଜଣେ ଅସାଧାରଣ ବ୍ୟକ୍ତି ମନେକରି ତାଙ୍କ ଘରକୁ ଆସିବା ପାଇଁ ନିମନ୍ତ୍ରଣ କଲେ । ପରଦିନ ଫକିର ଚାନ୍ଦ ପାଟିଲଙ୍କ ସହ ତାଙ୍କ ଘରକୁ ଗଲେ ଏବଂ ସେଠାରେ କିଛି ଦିନ ରହିଲେ । ପାଟିଲ ଧୂପଗାଓଁର ଅଧିକାରୀ ଥିଲେ । ତାଙ୍କର ଶାଳକ ପୁତ୍ରର ବିବାହ ହେବାର ଥିଲା ଏବଂ ବରଯାତ୍ରୀ ଶିରିଡ଼ି ଆସିବାର ଥାଏ । ଏଥିନିମନ୍ତେ ଚାନ୍ଦ ପାଟିଲ ଶିରିଡ଼ି ଯିବା ସକାଶେ ସମସ୍ତ ବ୍ୟବସ୍ଥା କଲେ ।

ଫକିର ମଧ୍ୟ ବରଯାତ୍ରୀ ଦଳ ସହ ସାମିଲ ହେଲେ । ବିବାହ ସର୍ବକୁଶଳରେ ସମାପ୍ତ ହେଲା ଏବଂ ବରଯାତ୍ରୀ ଦଳ ଧୂପଗାଓଁ ଫେରିଆସିଲେ । କିନ୍ତୁ ଉକ୍ତ ଫକିର ଶିରିଡ଼ିରେ ହିଁ ରହିଗଲେ ଏବଂ ସାରା ଜୀବନ ସେଠାରେ କଟାଇଦେଲେ ।

## ।। ଫକିରଙ୍କୁ ସାଇ ନାମ କିପରି ପ୍ରାପ୍ତ ହେଲା ? ।।

ବରଯାତ୍ରୀଦଳ ଯେତେବେଳେ ଶିରିଡ଼ିରେ ପହଞ୍ଚିଲା ଖଣ୍ଡୋବା ମନ୍ଦିର ନିକଟରେ ମହଲସାପତିଙ୍କ କ୍ଷେତ ପାଖରେ ଏକ ବୃକ୍ଷ ତଳେ କିଛି ସମୟ ପାଇଁ ଅଟକିଲା। ଖଣ୍ଡୋବା ମନ୍ଦିର ସମ୍ମୁଖରେ ବଳଦଗାଡ଼ିଗୁଡ଼ିକୁ ଖୋଲିଦିଆଗଲା ଏବଂ ବରଯାତ୍ରୀ ଦଳର ଜଣେ ଜଣେ କରି ଓହ୍ଲାଇଲେ । ତରୁଣ ଫକିର ଓହ୍ଲାଇବା କ୍ଷଣି ମନ୍ଦିର ପୂଜକ ମହଲସାପତି 'ଆଓ ସାଇ' କହି ତାଙ୍କୁ ସ୍ୱାଗତକଲେ ତଥା ଉପସ୍ଥିତ ଅନ୍ୟ ଲୋକମାନେ ମଧ୍ୟ ସାଇ ରୂପରେ ହିଁ ତାଙ୍କୁ ସମ୍ବୋଧନ କରି ତାଙ୍କର ସମ୍ବର୍ଦ୍ଧନା କଲେ । ଏହାପରେ ସେ 'ଶ୍ରୀ ସାଇ' ନାମରେ ପ୍ରସିଦ୍ଧ ହୋଇଗଲେ ।

## ।। ଅନ୍ୟ ସନ୍ଥମାନଙ୍କ ସହ ସମ୍ପର୍କ ।।

ଶିରିଡ଼ି ଆସିବା ପରେ ଶ୍ରୀ ସାଇବାବା ମସଜିଦ୍‌ରେ ବାସ କଲେ । ବାବା ଶିରିଡ଼ି ଆସିବା ପୂର୍ବରୁ ଦେବୀଦାସ ନାମରେ ଜଣେ ସନ୍ଥ ସେଠାରେ ଅନେକ ବର୍ଷ ଧରି ବାସ କରୁଥିଲେ । ବାବାଙ୍କର ସେ ଖୁବ୍ ପ୍ରିୟ ଥିଲେ । ତାଙ୍କ ସହିତ ସେ କେବେ ହନୁମାନ ମନ୍ଦିର ତ କେବେ ଚଭାଡ଼ିରେ ଅବସ୍ଥାନ କରୁଥିଲେ । କିଛିଦିନ ପରେ ଜାନକୀ ଦାସ ନାମରେ ଜଣେ ସନ୍ଥଙ୍କର ମଧ୍ୟ ଶିରିଡ଼ି ଆଗମନ ହେଲା । ଏଣିକି ବାବା ଜାନକୀଦାସଙ୍କ ସହିତ ବାର୍ତ୍ତାଳାପ କରିବାରେ ବହୁ ସମୟ ଅତିବାହିତ କଲେ । ପୁଣାତାମ୍ବେରୁ ଶ୍ରୀ ଗଙ୍ଗାଗୀର ନାମକ ଜଣେ ଗୃହୀ ବୈଶ୍ୟ ସନ୍ଥ ମଧ୍ୟ ବାବାଙ୍କ ପାଖକୁ ଯିବା ଆସିବା କଲେ ।

ଦିନେ ଶ୍ରୀ ସାଇବାବାଙ୍କୁ ବଗିଚାରେ ପାଣି ସିଞ୍ଚନ କରୁଥିବାର ଯେତେବେଳେ ସେ ଦେଖିଲେ ତାଙ୍କୁ ବଡ଼ ଆଚମ୍ବିତ ଲାଗିଲା । ସେ ସ୍ୱଷ୍ଟ ଭାଷାରେ କହିଲେ **ଶିରିଡ଼ି ହେଉଛି ପରମ ଭାଗ୍ୟଶାଳୀ, ଯେଉଁଠାରେ ଏହି ଅମୂଲ୍ୟ ହୀରା ଅଛି ।** ଯାହାଙ୍କୁ ତୁମେ ଏହିପ୍ରକାର ଶ୍ରମ କରୁଥିବାର ଦେଖୁଛ, ସେ କୌଣସି ସାଧାରଣ ପୁରୁଷ ନୁହନ୍ତି । ଏହି ଭୂମି ହେଉଛି ଅତ୍ୟନ୍ତ ଭାଗ୍ୟବାନ୍ ଏବଂ ମହାନ୍ ପୁଣ୍ୟଶାଳୀ । ତେଣୁକରି ଏହାକୁ ଏହି ରତ୍ନ ପ୍ରାପ୍ତ ହୋଇଛି ।'

ସେହିପରି ଅକ୍କଲକୋଟ ମହାରାଜଙ୍କ ଜଣେ ପ୍ରସିଦ୍ଧ ଶିଷ୍ୟ ସନ୍ଥ ଆନନ୍ଦ ନାଥ(ଯେବଲାମଠ) ଯିଏକି ସ୍ଥାନୀୟ ବାସିନ୍ଦାଙ୍କ ସହିତ ଶିରିଡ଼ିରେ ପହଞ୍ଚିଲେ ସେ ମଧ୍ୟ ସ୍ୱଷ୍ଟ ଭାବରେ କହିଲେ **'ଯଦିଓ ବାହ୍ୟ ଦୃଷ୍ଟିରେ ସେ ସାଧାରଣ ବ୍ୟକ୍ତି ଭଳି ପ୍ରତୀତ ହେଉଛନ୍ତି, ପ୍ରକୃତରେ ସେ ଜଣେ ଅସାଧାରଣ ବ୍ୟକ୍ତି । ଭବିଷ୍ୟତରେ ତୁମେମାନେ ଏକଥା ଅନୁଭବ କରିପାରିବ ।'** ଏହା କହି ସେ ଯେବଲା ଫେରିଗଲେ । ଏହା ସେହି ସମୟର କଥା ଯେତେବେଳେ ଶିରିଡ଼ି ଏକ ସାଧାରଣ ପଲ୍ଲୀ ଥିଲା ଏବଂ ସାଇବାବା ଅଳ୍ପ ବୟସର ବାଳକ ଥିଲେ ।

## ।। ବାବାଙ୍କ ନିତ୍ୟଚର୍ଯ୍ୟା ।।

ତରୁଣ ଅବସ୍ଥାରେ ବାବା କେବେ ତାଙ୍କର କେଶ କର୍ତ୍ତନ କରୁନଥିଲେ ଏବଂ ସର୍ବଦା ଜଣେ ପହିଲମାନ ଭାବରେ ରହୁଥିଲେ । ସେ ଯେବେ ରାହାତା(ଶିରିଡ଼ିରୁ ୩ ମାଇଲ ଦୂର) ଯାଉଥିଲେ ସେଠାରୁ ଗେଣ୍ଡୁ, ଯୂଇ ଓ ଜାଇ ଚାରା ଆଣି ଶିରିଡ଼ିରେ ଲଗାଉଥିଲେ ଓ ପାଣି ଦେଇ ତାର ଯତ୍ନ ନେଉଥିଲେ । ବାମନ ତାତ୍ୟା ନାମରେ ଜଣେ ଭକ୍ତ ତାଙ୍କୁ ପ୍ରତିଦିନ ଦୁଇଟି ମାଟି ହାଣ୍ଡି ଦେଉଥିଲେ । ବାବା ଏହି ମାଟି ହାଣ୍ଡିରେ ପାଣି ନେଇ ଗଛ ମୂଳରେ ପାଣି ଦେଉଥିଲେ । ସେ ନିଜେ କୂଅରୁ ପାଣି କାଢୁଥିଲେ ଏବଂ ସନ୍ଧ୍ୟା ସମୟରେ ମାଟି ହାଣ୍ଡି ଦୁଇଟିକୁ ନିମ୍ବ ଗଛ ମୂଳରେ ରଖିଦେଉଥିଲେ । କିନ୍ତୁ ମାଟି ହାଣ୍ଡି ସେଠାରେ ରଖିବା ମାତ୍ରେ ଭାଙ୍ଗି ଯାଉଥିଲା, କାରଣ ତାହା କଞ୍ଚାମାଟିର ଥିଲା ।

ପରଦିନ ତାତ୍ୟା ପୁଣି ଦୁଇଟି ହାଣ୍ଡି ଯୋଗାଇଦେଉଥିଲେ । ତିନିବର୍ଷ ଧରି ଏହି ପ୍ରକ୍ରିୟା ଚାଲିଲା ଏବଂ ଶ୍ରୀ ସାଇବାବାଙ୍କ କଠିନ ପରିଶ୍ରମ ତଥା ପ୍ରଯତ୍ନରୁ ସେଠାରେ ଏକ ସୁନ୍ଦର ଫୁଲ ବଗିଚା ତିଆରି ହେଲା । ଆଜି ସେହି ସ୍ଥାନରେ ବାବାଙ୍କ ଭବ୍ୟ ସମାଧି ମନ୍ଦିର ଦଣ୍ଡାୟମାନ ହୋଇଛି, ଯାହା ଲକ୍ଷ ଲକ୍ଷ ଲୋକଙ୍କ ଆଶା ଓ ବିଶ୍ୱାସର ପବିତ୍ର ଧାମ ରୂପେ ଖ୍ୟାତି ଅର୍ଜନ କରିଛି ।

## ।। ନିମ୍ବ ବୃକ୍ଷ ମୂଳରେ ପାଦୁକା ।।

ଶ୍ରୀ ଅକ୍କଲକୋଟ ମହାରାଜଙ୍କର ଜଣେ ଭକ୍ତ, ଯାହାଙ୍କ ନାମ ଭାଇ କୃଷ୍ଣାଜୀ ଅଲିବାଗକର, ମହାରାଜଙ୍କ ନିତ୍ୟ ଫଟୋଚିତ୍ର ପୂଜା କରୁଥିଲେ । ଦିନେ ସେ

ଅକ୍କଲକୋଟ(ସୋଲାପୁର ଜିଲା) ଯାଇ ମହାରାଜାଙ୍କ ପାଦୁକା ଦର୍ଶନ ଏବଂ ପୂଜା କରିବାକୁ ସ୍ଥିର କଲେ । ସେ ବାହାରିବା ପୂର୍ବରୁ ଅକ୍କଲକୋଟ ମହାରାଜ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ କି ଆଜିକାଲି ଶିରିଡ଼ି ହିଁ ମୋର ବିଶ୍ରାମ କ୍ଷେତ୍ର; ଏଣୁ ତୁମେ ସେଠାକୁ ଯାଇ ମୋର ପୂଜା କର । ଏହାପରେ କୃଷ୍ଣାଜୀ ତାଙ୍କର ଗସ୍ତ ପରିବର୍ତ୍ତନ କଲେ ଏବଂ ଶିରିଡ଼ି ଆସି ଶ୍ରୀ ସାଇବାବାଙ୍କର ପୂଜା କଲେ । ସେ ଛଅ ମାସ କାଳ ଶିରିଡ଼ିରେ ଆନନ୍ଦରେ ରହିଲେ ଏବଂ ଏହି ସ୍ୱପ୍ନର ସ୍ମୃତିସ୍ୱରୂପ ପାଦୁକା ତିଆରି କଲେ । ୧୮୩୪ ଶକାବ୍ଦ ଶ୍ରାବଣମାସରେ ଶୁଭ ଦିନ ଦେଖି ନିମ୍ବ ବୃକ୍ଷ ମୂଳରେ ସେ ପାଦୁକା ସ୍ଥାପନା କଲେ । ଦାଦା କେଲକର ଓ ଉପାସନୀ ମହାରାଜ ଯଥାବିଧି ସ୍ଥାପନା ଉତ୍ସବ ସମ୍ପନ୍ନ କଲେ । ଜଣେ ଦୀକ୍ଷିତ ବ୍ରାହ୍ମଣଙ୍କୁ ପୂଜା କାର୍ଯ୍ୟ ପାଇଁ ନିଯୁକ୍ତ କରାଗଲା ଏବଂ ପରିଚାଳନା ଦାୟିତ୍ୱ ଭକ୍ତ ସଗୁଣ ମେରୁ ନାୟକଙ୍କୁ ଅର୍ପଣ କରାଗଲା ।

## ।। ପାଦୁକା ସ୍ଥାପନ କଥା ।।

ଥାନେର ସେବାନିବୃତ୍ତ ମାମଲତଦାର ଶ୍ରୀ ବି.ଭି. ଦେବ, ଯିଏକି ଶ୍ରୀ ସାଇବାବାଙ୍କର ପରମଭକ୍ତ ଥିଲେ, ସଗୁଣ ମେରୁ ନାୟକ ଏବଂ ଗୋବିନ୍ଦ କମଳାକର ଦୀକ୍ଷିତଙ୍କଠାରୁ ଏହି ବିଷୟରେ ତଥ୍ୟ ସଂଗ୍ରହ କରିଥିଲେ । ପାଦୁକା ବିଷୟରେ ପୂର୍ଣ୍ଣ ବିବରଣୀ ଶ୍ରୀ ସାଇ ଲୀଳା ପତ୍ରିକା ଭାଗ ୧୧, ସଂଖ୍ୟା ୧, ପୃଷ୍ଠା ୨୫ରେ ପ୍ରକାଶିତ ହୋଇଛି । ତାହା ଏହିପରି : ଶକାବ୍ଦ ୧୮୩୪(୧୯୧୨ ମସିହା)ରେ ମୁମ୍ବଇର ଜଣେ ଭକ୍ତ ଡାକ୍ତର ରାମରାଓ କୋଠାରେ ବାବାଙ୍କ ଦର୍ଶନ ନିମନ୍ତେ ଶିରିଡ଼ି ଆସିଲେ । ତାଙ୍କ ସହ ତାଙ୍କର କମ୍ପାଉଣ୍ଡର ଓ ବନ୍ଧୁ ଭାଇ କୃଷ୍ଣଜୀ ଅଲିବାଗକର ମଧ୍ୟ ଆସିଥିଲେ । କମ୍ପାଉଣ୍ଡର ଏବଂ କୃଷ୍ଣଜୀଙ୍କର ସଗୁଣ ମେରୁ ନାୟକ ତଥା ଜି.କେ. ଦୀକ୍ଷିତଙ୍କ ସହିତ ବନ୍ଧୁତା ସ୍ଥାପନ ହୋଇଗଲା । ଅନ୍ୟାନ୍ୟ ବିଷୟ ଆଲୋଚନା କଲାବେଳେ ସେମାନଙ୍କ ମନକୁ ବିଚାର ଆସିଲା ଯେ ଶ୍ରୀ ସାଇବାବାଙ୍କ ଶିରିଡ଼ିକୁ ପ୍ରଥମ ଆଗମନ ତଥା ପବିତ୍ର ନିମ ବୃକ୍ଷ ମୂଳରେ ନିବାସ କରିବାର ଐତିହାସିକ ସ୍ମୃତି ଉପଲକ୍ଷେ ତାଙ୍କର ପାଦୁକା ସ୍ଥାପନା କରାଗଲେ ଭଲ ହୁଅନ୍ତା । ଏହାପରେ ପାଦୁକା ତିଆରି କରିବା ସମ୍ପର୍କରେ ଯେତେବେଳେ ବିଚାର ଆଲୋଚନା ହେଲା କମ୍ପାଉଣ୍ଡରଜଣକ କହିଲେ ଯେ ଯଦି କୋଠାରେ ସାହେବ ଏହି ବିଷୟରେ ସୂଚନା ପାଆନ୍ତି, ତା'ହେଲେ ସେ ବଡ଼ ସୁନ୍ଦର ପାଦୁକା ତିଆରି କରିଦେବେ । ଏହି ପ୍ରସ୍ତାବ ସମସ୍ତଙ୍କ ମନକୁ ପାଇଲା ଏବଂ ଡାଃ କୋଠାରେଙ୍କୁ ଏହାର ସୂଚନା ଦିଆଗଲା । ସେ ଶିରିଡ଼ି ଆସି ପାଦୁକାର ରୂପରେଖ ତିଆରି କଲେ ତଥା ଏହି ବିଷୟରେ ଆଲୋଚନା କରିବା ପାଇଁ ଖଣ୍ଡୋବା ମନ୍ଦିରରେ ଉପାସନୀ ମହାରାଜଙ୍କୁ ସାକ୍ଷାତ କଲେ । ଉପାସନୀ ମହାରାଜ ସେଥିରେ ଅନେକ ସୁଧାର କରି ପଦ୍ମଫୁଲ ଖୋଦେଇକଲେ ଏବଂ ତାହା ତଳେ ନିମ୍ନ ଲିଖିତ ଶ୍ଳୋକ ଲେଖିଲେ, ଯାହା ନିମ୍ବ ବୃକ୍ଷର

ମାହାତ୍ମ୍ୟ ଏବଂ ବାବାଙ୍କ ଯୋଗଶକ୍ତିର ଦ୍ୟୋତକ ଥିଲା :-

ସଦା ନିମ୍ବବୃକ୍ଷସ୍ୟ ମୂଳାଧିବାସାତ୍, ସୁଧାସ୍ରବିଣଂ ତିକ୍ତମପ୍ୟପ୍ରିୟଂତମ୍ ।
ତରୁଂ କଳ୍ପବୃକ୍ଷାଧିକଂ ସାଧୟନ୍ତଂ ନମାମୀଶ୍ୱରଂ ସଦ୍‌ଗୁରୁଂ ସାଇନାଥମ୍ ।।

ଅର୍ଥାତ 'ମୁଁ ଭଗବାନ ଶ୍ରୀ ସାଇନାଥଙ୍କୁ ପ୍ରଣାମ କରୁଛି, ଯାହାଙ୍କ ସାନ୍ନିଧ୍ୟ ଲାଭକରି ନିମ୍ବ ବୃକ୍ଷ କଷାୟ ଓ ପିତାଯୁକ୍ତ ହୋଇ ମଧ୍ୟ ଅମୃତ ବର୍ଷା କରିବାକୁ ଲାଗିଲା । (ଏହି ବୃକ୍ଷର ରସକୁ ଅମୃତ କୁହାଯାଏ) ଅନେକ ରୋଗରୁ ମୁକ୍ତ କରିବାର ଏହାର ସାମର୍ଥ୍ୟ ଥିବାରୁ ଏହାକୁ କଳ୍ପବୃକ୍ଷଠାରୁ ମହତ୍ତର ବୋଲି କୁହାଯାଏ ।

ଉପାସନୀ ମହାରାଜଙ୍କ ମତ ସମସ୍ତଙ୍କ ପାଇଁ ଗ୍ରହଣୀୟ ହେଲା ଏବଂ ବସ୍ତୁତଃ ତାହା କାର୍ଯ୍ୟରେ ପରିଣତ ହେଲା । ମୁମ୍ବଇରେ ପାଦୁକା ତିଆରି କରାଗଲା ଏବଂ କମ୍ପାଉଣ୍ଡରଙ୍କ ହାତରେ ଶିରିଡ଼ି ପଠାଗଲା । ବାବାଙ୍କ ନିର୍ଦ୍ଦେଶରେ ଶ୍ରାବଣ ପୂର୍ଣ୍ଣିମା ଦିନ ଏହାର ସ୍ଥାପନା କରାଗଲା । ସେହିଦିନ ପୂର୍ବାହ୍ନ ୧୧ ଘଟିକା ସମୟରେ ଜି.କେ. ଦୀକ୍ଷିତ ମସ୍ତକରେ ପାଦୁକାଦ୍ୱୟକୁ ଧାରଣ କରି ଖଣ୍ଡୋବା ମନ୍ଦିରରୁ ଏକ ବଡ଼ ସମାରୋହରେ ଆସି ଦ୍ୱାରକାମାୟୀରେ ପହଞ୍ଚିଲେ । ବାବା ପାଦୁକାଯୁଗଳକୁ ସ୍ପର୍ଶ କରି କହିଲେ 'ଏହା ଭଗବାନଙ୍କ ଶ୍ରୀପୟର । ଏହାକୁ ନିମ୍ବ ବୃକ୍ଷ ତଳେ ସ୍ଥାପନା କର ।' ଏହାର ପୂର୍ବଦିନ ମୁମ୍ବଇର ଜଣେ ପାର୍ସି ଭକ୍ତ ପାସ୍ତା ସେଟ ୨୫ଟଙ୍କା ମନିଅର୍ଡ଼ର ପଠାଇଥିଲେ । ବାବା ଏହି ଟଙ୍କାକୁ ପାଦୁକା ସ୍ଥାପନ ନିମନ୍ତେ ପ୍ରଦାନ କଲେ । ସ୍ଥାପନାରେ ସମୁଦାୟ ୧୦୦ଟଙ୍କା ବ୍ୟୟ ହେଲା, ଯାହା ମଧ୍ୟରୁ ୭୫ ଟଙ୍କା ଚାନ୍ଦା ଦ୍ୱାରା ସଂଗୃହୀତ ହୋଇଥିଲା । ପ୍ରଥମ ପାଞ୍ଚବର୍ଷ ପର୍ଯ୍ୟନ୍ତ ଡାଃ କୋଠାରେ ଦୀପ ନିମିତ୍ତ ମାସିକ ଦୁଇଟଙ୍କା ପଠାଉଥିଲେ । ପାଦୁକାର ଚତୁଃପାର୍ଶ୍ୱ ଆବଦ୍ଧ କରିବା ପାଇଁ ଲୁହା ଛଡ଼ ମଧ୍ୟ ପଠାଇଲେ । ଷ୍ଟେସନରୁ ଛଡ଼ ଆଣିବା ଏବଂ ଛପର କରିବା ଖର୍ଚ୍ଚ (୭ ଟଙ୍କା ଆଠଅଣା) ସଗୁଣ ମେରୁ ନାୟକ ପ୍ରଦାନ କଲେ । ଆଜିକାଲି ଜରବାଡ଼ି(ନାନା ପୂଜାରୀ) ସେଠାରେ ପୂଜା କରୁଛନ୍ତି ଏବଂ ସଗୁଣ ମେରୁ ନାୟକ ନୈବେଦ୍ୟ ଅର୍ପଣ କରୁଛନ୍ତି ତଥା ସନ୍ଧ୍ୟାଦୀପ ଦେଉଛନ୍ତି । ଭାଇ କୃଷ୍ଣାଜୀ ପ୍ରଥମେ ଅକ୍କଲକୋଟ ମହାରାଜଙ୍କର ଶିଷ୍ୟ ଥିଲେ । ଅକ୍କଲକୋଟ ଯିବା ବାଟରେ ଶକାବ୍ଦ ୧୮୩୪ରେ ପାଦୁକା ସ୍ଥାପନର ଶୁଭ ଅବସରରେ ସେ ଶିରିଡ଼ି ଆସିଲେ ଏବଂ ବାବାଙ୍କର ଶୁଭ ଦର୍ଶନ କରିବା ପରେ ଅକ୍କଲକୋଟ ଯିବା ପାଇଁ ଅନୁମତି ଭିକ୍ଷାକଲେ । ବାବା ତାଙ୍କୁ କହିଲେ 'ଅକ୍କଲକୋଟରେ କ'ଣ ଅଛି ? ତୁମେ ବୃଥାରେ ସେଠାକୁ କାହିଁକି ଯିବ ? ସେଠାର ମହାରାଜ ତ ଏହିଠାରେ ଅଛନ୍ତି । ଏହା ଶୁଣି କୃଷ୍ଣାଜୀ ଅକ୍କଲକୋଟ ଯାତ୍ରା ନିଷ୍ପତ୍ତି ପରିତ୍ୟାଗ କଲେ । ପାଦୁକା ସ୍ଥାପନା ପରେ ସେ ଅନେକଥର ଶିରିଡ଼ି ଆସୁଥିଲେ । ଶ୍ରୀ ବି.ଭି. ଦେବ ଶେଷରେ ଲେଖିଛନ୍ତି ଯେ ଏସବୁ ବିବରଣୀ ହେମାଡପନ୍ତଙ୍କୁ ଜଣାନଥିଲା, ନଚେତ୍ ଶ୍ରୀ ସାଇ ସତ୍‌ଚରିତରେ ସ୍ଥାନିତ କରିବାକୁ ସେ ଭୁଲିନଥାନ୍ତେ ।

## ।। ମୋହିଦ୍ଦିନ ତମ୍ବୋଲିଙ୍କ ସହିତ କୁସ୍ତି ଏବଂ ଜୀବନରେ ପରିବର୍ତ୍ତନ ।।

ଶିରିଡ଼ିରେ ଜଣେ ପହିଲମାନ ଥିଲା, ତାର ନାମ ମୋହିଦ୍ଦିନ ତମ୍ବୋଲି । କୌଣସି ବିଷୟରେ ବାବାଙ୍କ ସହିତ ତା'ର ମତଭେଦ ହେଲା । ଫଳସ୍ୱରୂପ ଉଭୟଙ୍କ ମଧ୍ୟରେ କୁସ୍ତି ହେଲା ଓ ଏଥିରେ ବାବା ହାରିଗଲେ । ଏହାପରଠାରୁ ବାବା ତାଙ୍କର ପୋଷାକ ଏବଂ ଜୀବନଚର୍ଯ୍ୟାରେ ପରିବର୍ତ୍ତନ କଲେ । ସେ କଫନି ପିନ୍ଧିଲେ, ଲେଙ୍ଗୁଟି ବାନ୍ଧୁଥିଲେ ଏବଂ ଖଣ୍ଡିଏ କପଡ଼ାକୁ ମସ୍ତକରେ ଆବୃତ୍ତ କରୁଥିଲେ । ଆସନ ତଥା ଶୟନ ନିମନ୍ତେ ଖଣ୍ଡେ ଅଖା ବ୍ୟବହାର କରୁଥିଲେ । ଏହି ପ୍ରକାର ଚିରାଫଟା ଲୁଗା ପରିଧାନ କରି ସେ ବେଶ୍ ସନ୍ତୋଷ ଜଣାପଡୁଥିଲେ । ସେ ସର୍ବଦା କହୁଥିଲେ 'ଗରିବି ଅବ୍ୱଲ ବାଦଶାହୀ, ଅମିରୀ ସେ ଲାଖ ସବାଇ, ଗରିବୋଁ କା ଅଲ୍ଲା ଭାଇ ।' ଗଙ୍ଗାଗୀରଙ୍କର ମଧ୍ୟ କୁସ୍ତି ପ୍ରତି ଅନୁରାଗ ଥିଲା । ଥରେ ସେ ଯେତେବେଳେ କୁସ୍ତି ଲଢୁଥିଲେ ତାଙ୍କ ମନରେ ଅନୁରୂପ ତ୍ୟାଗ ଭାବନା ଜାଗ୍ରତ ହେଲା । ଏହି ସମୟରେ ତାଙ୍କୁ ଦୈବୀବାଣୀ ହେଲା **'ଭଗବାନଙ୍କ ସହିତ ଖେଳରେ ନିଜର ଶରୀର ଲଗାଇଦିଅ ।'** ଏହି କାରଣରୁ ସେ ସଂସାର ପରିତ୍ୟାଗପୂର୍ବକ ଆତ୍ମାନୁଭୂତି ପଥରେ ଅଗ୍ରସର ହେଲେ । ପୁଣାତାମ୍ବେ ନିକଟରେ ଏକ ମଠ ସ୍ଥାପନ କରି ଶିଷ୍ୟମାନଙ୍କ ସହିତ ଅବସ୍ଥାନ କଲେ । ଏହି ସମୟରେ ଶ୍ରୀ ସାଇବାବା ଲୋକଙ୍କୁ ଭେଟୁନଥିଲେ କି ବାର୍ତ୍ତାଳାପ କରୁନଥିଲେ । କେବେ କେହି ପ୍ରଶ୍ନ କଲେ ତା'ର ସେତିକି ଉତ୍ତର ଦେଉଥିଲେ ଯେତିକି ଆବଶ୍ୟକ ହେଉଥିଲା । ଦିନବେଳା ସେ ନିମ୍ବ ବୃକ୍ଷ ମୂଳରେ ଉପବେଶନ କରୁଥିଲେ । କେବେ କେବେ ଗ୍ରାମ ଉପକଣ୍ଠ ନାଳ କଡ଼ରେ ଏକ ବବୁଲ ବୃକ୍ଷ ଛାୟା ତଳେ ବସୁଥିଲେ ଏବଂ ସନ୍ଧ୍ୟାରେ ଏଣେତେଣେ ବୁଲୁଥିଲେ । ଅନେକ ସମୟରେ ନିମଗାଓଁ ଯାଉଥିଲେ ଓ ସେଠାରେ ବାଲାସାହେବ ଡେଙ୍ଗଲେଙ୍କ ଘରକୁ ଯାଉଥିଲେ । ବାଲାସାହେବଙ୍କୁ ବାବା ଖୁବ୍ ଭଲ ପାଉଥିଲେ । ତାଙ୍କର ସାନ ଭାଇ ନାନାସାହେବଙ୍କର ଦ୍ୱିତୀୟ ବିବାହ କରିବା ପରେ ମଧ୍ୟ ସନ୍ତାନ ହେଉନଥିଲା । ବାଲାସାହେବ ଶ୍ରୀ ସାଇବାବାଙ୍କ ଦର୍ଶନାର୍ଥେ ନାନାସାହେବଙ୍କୁ ଶିରିଡ଼ି ପଠାଇଲେ । କିଛି ଦିନ ପରେ ବାବାଙ୍କର କୃପାରୁ ନାନାସାହେବଙ୍କର ଏକ ପୁତ୍ରରତ୍ନ ପ୍ରାପ୍ତିହେଲା । ଏହି ଘଟଣା ପରଠାରୁ ବାବାଙ୍କ ଦର୍ଶନ ନିମନ୍ତେ ଜନସମାଗମ ବୃଦ୍ଧି ପାଇବାକୁ ଲାଗିଲା ଏବଂ ବାବାଙ୍କ କୀର୍ତ୍ତି ଦୂର ଦିଗନ୍ତ ପର୍ଯ୍ୟନ୍ତ ବିସ୍ତାରିତ ହେଲା । ଅହମ୍ମଦନଗରରେ ମଧ୍ୟ ତାଙ୍କର ଖ୍ୟାତି ବଢ଼ିବାକୁ ଲାଗିଲା । ନାନାସାହେବ ଚନ୍ଦୋରକର, କେଶବ ଚିଦମ୍ବର ତଥା ଅନ୍ୟ ଭକ୍ତମାନେ ଏହାପରେ ଶିରିଡ଼ି ଆସିଲେ ।

ବାବା ଦିନସାରା ଭକ୍ତଙ୍କ ଗହଣରେ ରହୁଥିଲେ ଏବଂ ରାତିରେ ପରିତ୍ୟକ୍ତ ମସଜିଦ୍‌ରେ ବିଶ୍ରାମ ନେଉଥିଲେ । ଏହି ସମୟରେ ବାବାଙ୍କ ପାଖରେ ସାମଗ୍ରୀ କହିଲେ ଗୋଟିଏ

ଚିଲମ୍, ତମାଖୁ, ଏକ ଟିଣ ଡବା,ଏକ ଲମ୍ବା କଫନି, ମସ୍ତକ ଆବୃତ୍ତ କରିବା ପାଇଁ ଖଣ୍ଡିଏ କପଡ଼ା ଓ ଗୋଟିଏ ସଟ୍‌କା ଥିଲା । ମସ୍ତକରେ ଖଣ୍ଡିଏ ଧଳା କପଡ଼ାକୁ ସେ ଏପରି ଭାବରେ ବାନ୍ଧୁଥିଲେ ଯେ ତାହାର ନିମ୍ନ ଅଂଶ ବାମ କର୍ଣ୍ଣ ଦେଇ ପିଠି ପର୍ଯ୍ୟନ୍ତ ଲମ୍ବି ଏପରି ଦେଖାଯାଉଥିଲା ଯେପରି ଗୋଟିଏ ଜୁଡ଼ା ବନ୍ଧା ହୋଇଛି । ସପ୍ତାହ ପର୍ଯ୍ୟନ୍ତ ଏହା ସଫା ହେଉନଥିଲା । ସେ ଜୋତା କି ଚପଲ ପିନ୍ଧୁନଥିଲେ । ଗୋଟିଏ ଅଖା ଅଧିକାଂଶ ଦିନ ତାଙ୍କର ଆସନର କାମ କରୁଥିଲା । ସେ ଏକ କୌପୀନ ପିନ୍ଧୁଥିଲେ ଏବଂ ଦକ୍ଷିଣମୁଖୀ ହୋଇ ଧୂନି ପାଖରେ ବସୁଥିଲେ । ଛୋଟ ଛୋଟ କାଠ ଖଣ୍ଡମାନ ଧୂନିରେ ପକାଉଥିଲେ ତଥା ନିଜର ସମସ୍ତ ଅହଂ, ଇଚ୍ଛା ଏବଂ ବିଷୟାସକ୍ତିକୁ ସେଥିରେ ଆହୁତି ଦେଉଥିଲେ । ସେ ସର୍ବଦା ଆଲ୍ଲା ମାଲିକ ଉଚ୍ଚାରଣ କରୁଥିଲେ । ଯେଉଁ ମସଜିଦ୍‌ରେ ସେ ଅବସ୍ଥାନ କରୁଥିଲେ ସେଠାରେ ମାତ୍ର ଦୁଇଟି ପ୍ରକୋଷ୍ଠ ଥିଲା ଏବଂ ସମସ୍ତ ଭକ୍ତ ସେଠାରୁ ତାଙ୍କର ଦର୍ଶନ କରୁଥିଲେ । ୧୯୧୨ ପରେ ଏହାର ମରାମତି ହେଲା । ପୁରାତନ ମସଜିଦ୍‌ର ଜୀର୍ଣ୍ଣୋଦ୍ଧାର ହେଲା ଏବଂ ଏକ ପକ୍କା ରାସ୍ତା ତିଆରି କରାଗଲା । ମସଜିଦକୁ ଆସିବା ପୂର୍ବରୁ ବାବା ଫକିରମାନଙ୍କ ପାଇଁ ଉଦ୍ଦିଷ୍ଟ ତାକିଆରେ ରହୁଥିଲେ, ଏହି ସମୟରେ ଗୋଡ଼ରେ ଘୁଂଗୁରୁ ବାନ୍ଧି ପ୍ରେମୋନ୍ମତ୍ତ ହୋଇ ବେଳେବେଳେ ସେ ବଡ଼ ସୁନ୍ଦର ଗୀତ ଗାଉଥିଲେ ଓ ନୃତ୍ୟ କରୁଥିଲେ ।

## ।। ଜଳକୁ ତେଲରେ ରୂପାନ୍ତର ।।

ଆଲୋକ ପ୍ରତି ବାବାଙ୍କର ବଡ଼ ଅନୁରାଗ ଥିଲା । ସନ୍ଧ୍ୟା ସମୟରେ ସେ ବ୍ୟବସାୟୀଙ୍କଠାରୁ ତେଲ ଭିକ୍ଷା କରି ଆଣୁଥିଲେ ଏବଂ ଦୀପ ଲଗାଇ ମସଜିଦ୍‌କୁ ଶୋଭାମଣ୍ଡିତ କରୁଥିଲେ । ରାତିସାରା ଦୀପ ଜଳୁଥିଲା । କିଛିଦିନ ଏହା ଠିକ୍ ଚାଲିଲା । ତାପରେ ସେଥିରେ ବାଧା ସୃଷ୍ଟି ହେଲା ଏବଂ ଦିନେ ଦୋକାନୀମାନେ ସଂଗଠିତ ହୋଇ ତେଲ ନଦେବାକୁ ସ୍ଥିର କଲେ । ପ୍ରତିଦିନ ଭଳି ବାବା ଯେତେବେଳେ ତେଲ ମାଗିବା ପାଇଁ ଗଲେ ବ୍ୟବସାୟୀମାନେ ତାଙ୍କୁ ମନା କରି ଫେରାଇଦେଲେ । ବାବା ସେମାନଙ୍କର ଉଦ୍ଦେଶ୍ୟ ବୁଝିଗଲେ । କାହାକୁ କିଛି ନ କହି ମସଜିଦ୍‌କୁ ଫେରିଆସିଲେ ଏବଂ ଶୁଖିଲା ବତିଗୁଡ଼ିକୁ ଦୀପ ଉପରେ ରଖିଲେ । ଦୋକାନୀମାନେ ବଡ଼ କୌତୂହଳର ସହ ଲକ୍ଷ୍ୟ କରୁଥିଲେ । ବାବା ଟିଣଡବା ଉଠାଇଲେ, ଅଳ୍ପ କିଛି ଟୋପା ତେଲ ଥିଲା । ସେଥିରେ ପାଣି ମିଶାଇଲେ ଏବଂ ସେହି ତେଲ ମିଶ୍ରିତ ଜଳକୁ ପାନ କରିଦେଲେ । ଏହାପରେ ତାକୁ ଉଦ୍‌ଗାର କରି ପୁଣି ଟିଣପାତ୍ରରେ ଭର୍ତ୍ତି କଲେ ଏବଂ ଦୀପରେ ପକାଇ ଦୀପ ଜାଳିଲେ । ପୂର୍ବଭଳି ରାତିସାରା ଦୀପ ଜଳିବାକୁ ଲାଗିଲା । କୌତୂହଳୀ ଦୋକାନୀମାନେ ଏହା ଦେଖି ଯେତିକି ଆଶ୍ଚର୍ଯ୍ୟାନ୍ୱିତ ହେଲେ, ନିଜର କୃତକର୍ମ ପାଇଁ ସେତିକି ଦୁଃଖିତ ହେଲେ । ବାବାଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲେ । ବାବା ସେମାନଙ୍କୁ କ୍ଷମାପ୍ରଦାନ

କରି ଭବିଷ୍ୟତରେ ସର୍ବଦା ସତ୍‌ବ୍ୟବହାର କରିବା ପାଇଁ ସାବଧାନ କରାଇଦେଲେ ।

## ।। ଜୋହର ଅଲ୍ଲୀ ।।


ପୂର୍ବରୁ ବର୍ଣ୍ଣିତ କୁସ୍ତି ଘଟଣାର ପାଞ୍ଚବର୍ଷ ପରେ ଜୋହର ଅଲ୍ଲୀ ନାମରେ ଜଣେ ଫକିର ନିଜର କେତେକ ଶିଷ୍ୟଙ୍କ ସହିତ ରାହାତା ଆସିଲେ । ବୀରଭଦ୍ର ମନ୍ଦିର ନିକଟରେ ଗୋଟିଏ ପ୍ରଶସ୍ତ ଘରେ ସେ ରହିଲେ । ସେ ବଡ଼ ଜ୍ଞାନୀ ଥିଲେ, ସମଗ୍ର କୋରାନ୍ ତାଙ୍କର ମୁଖସ୍ଥ ହୋଇଥିଲା । ତାଙ୍କର କଣ୍ଠ ବେଶ୍ ମଧୁର ଥିଲା । ଗ୍ରାମର ବହୁ ଧାର୍ମିକ ଓ ଶ୍ରଦ୍ଧାଳୁ ଲୋକ ତାଙ୍କ ପାଖକୁ ଆସିଲେ ଏବଂ ତାଙ୍କର ଉପଯୁକ୍ତ ସମ୍ମାନ କଲେ । ଲୋକଙ୍କଠାରୁ ଅର୍ଥ ସଂଗ୍ରହକରି ବୀରଭଦ୍ର ମନ୍ଦିର ନିକଟରେ ଏକ ଇଦ୍‌ଗାହ ତିଆରି କରିବାକୁ ସେ ସ୍ଥିର କଲେ । ଏହି ବିଷୟକୁ ନେଇ ବିବାଦ ସୃଷ୍ଟି ହେଲା, ଫଳରେ ଜୋହର ଅଲ୍ଲୀ ରାହାତା ଛାଡ଼ି ଶିରିଡ଼ି ଆସିଲେ ଏବଂ ବାବାଙ୍କ ସହିତ ମସଜିଦ୍‌ରେ ବାସ କଲେ । ସେ ତାଙ୍କର ମଧୁର ବାଣୀ ଜରିଆରେ ଲୋକଙ୍କର ହୃଦୟ ଜିଣିପାରୁଥିଲେ । ବାବାଙ୍କୁ ମଧ୍ୟ ତାଙ୍କର ଜଣେ ଶିଷ୍ୟ ବୋଲି ସେ କହିବାକୁ ଲାଗିଲେ । ବାବା ଏଥିରେ କୌଣସି ଆପତ୍ତି କଲେ ନାହିଁ ଏବଂ ତାଙ୍କର ଶିଷ୍ୟ ରୂପେ ଆଚରଣ କଲେ । ଏହାପରେ ଦିନେ ଗୁରୁ ଓ ଶିଷ୍ୟ ଉଭୟେ ରାହାତା ଗଲେ । ଗୁରୁ ଶିଷ୍ୟଙ୍କ ଯୋଗ୍ୟତା ସମ୍ପର୍କରେ ଅନଭିଜ୍ଞ ଥିଲେ କିନ୍ତୁ ଶିଷ୍ୟ ଗୁରୁଙ୍କ ଦୋଷ ସହ ପୂର୍ଣ୍ଣ ରୂପେ ପରିଚିତ ଥିଲେ । ଏହା ସତ୍ତ୍ୱେ ବାବା ତାଙ୍କର ଅନାଦର କଲେ ନାହିଁ ଏବଂ ବଡ଼ ଧ୍ୟାନ ସହକାରେ ନିଜର କର୍ତ୍ତବ୍ୟ ନିର୍ବାହ କରୁଥିଲେ ତଥା ତାଙ୍କର ଉପଯୁକ୍ତ ସେବା କରୁଥିଲେ । ଉଭୟେ ମଝିରେ ମଝିରେ ଶିରିଡ଼ି ଆସୁଥିଲେ କିନ୍ତୁ ମୁଖ୍ୟ ନିବାସସ୍ଥଳ ରାହାତା ଥିଲା ।

ତେବେ ଶ୍ରୀ ବାବାଙ୍କର ପ୍ରିୟ ଭକ୍ତମାନଙ୍କୁ ସେ ରାହାତାରେ ରହିବା ଭଲ ଲାଗୁନଥିଲା । ଏଣୁ ଦିନେ ସମସ୍ତେ ମିଶି ବାବାଙ୍କୁ ଶିରିଡ଼ି ଫେରାଇ ଆଣିବା ନିମନ୍ତେ ଗଲେ । ଇଦ୍‌ଗାହ ସମ୍ମୁଖରେ ବାବାଙ୍କ ସହ ସେମାନଙ୍କର ସାକ୍ଷାତ ହେଲା ଏବଂ ନିଜର ଅଭିପ୍ରାୟ ସେମାନେ ଜଣାଇଲେ । ବାବା ସେମାନଙ୍କୁ ବୁଝାଇ ଫକିର ଆସିବା ପୂର୍ବରୁ ସେହି ସ୍ଥାନ ପରିତ୍ୟାଗ କରିବାକୁ ପରାମର୍ଶ ଦେଲେ । ଏହି ପ୍ରକାର ବାର୍ତ୍ତାଳାପ ମଧ୍ୟରେ ଫକିରଜଣକ ସେଠାରେ ପହଞ୍ଚିଗଲେ ଓ ନିଜର ଶିଷ୍ୟମାନଙ୍କୁ ଫେରାଇ ଦିଆଯାଉଥିବା ଦେଖି କ୍ରୋଧିତ ହେଲେ । କିଛି ସମୟ ବାଦାନୁବାଦ ପରେ ପରିସ୍ଥିତି ବଦଳିଲା ଏବଂ ଶେଷରେ ଉଭୟ ଫକିର ଓ ବାବା ଶିରିଡ଼ିରେ ହିଁ ବାସ କରିବେ ବୋଲି ସ୍ଥିର ହେଲା । ଏହାପରେ ଦୁହେଁ ଶିରିଡ଼ି ଆସି ରହିଲେ । କିଛିଦିନ ପରେ ଦେବୀଦାସ ତଥାକଥିତ ଗୁରୁଙ୍କର ପରୀକ୍ଷା କଲେ ଏବଂ ତାଙ୍କଠାରେ ଅନେକ ଅଭାବ ପରିଲକ୍ଷିତ କଲେ ।

ଚାନ୍ଦ ପାଟିଲଙ୍କ ବରଯାତ୍ରୀ ଦଳ ସହ ବାବା ଯେତେବେଳେ ଶିରିଡ଼ି ଆସିଥିଲେ ତାହାର ୧୨ ବର୍ଷ ପୂର୍ବରୁ ଦେବୀଦାସ ପ୍ରାୟ ୧୦ କି ୧୧ ବର୍ଷ ବୟସରେ ଶିରିଡ଼ି

ଆସିଥିଲେ ଏବଂ ହନୁମାନ ମନ୍ଦିରରେ ରହୁଥିଲେ । ଦେବୀଦାସ ସୁଠଳ, ସୁନ୍ଦର ତଥା ତୀକ୍ଷଣ ବୁଦ୍ଧିସମ୍ପନ୍ନ ଥିଲେ । ସେ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ତଥା ଅଗାଧ ଜ୍ଞାନୀ ଥିଲେ । ବହୁ ସଜ୍ଜନ ଯଥା ତାତ୍ୟା କୋତେ, କାଶୀନାଥ ପ୍ରମୁଖ ତାଙ୍କୁ ଗୁରୁ ସମାନ ମାନୁଥିଲେ । ଜୋହର ଅଲ୍ଲୀଙ୍କୁ ତାଙ୍କ ସମ୍ମୁଖକୁ ଅଣାଗଲା । ତର୍କ ହେଲା ଓ ଜୋହର ଅଲ୍ଲୀ ଏଥିରେ ପରାଜିତ ହେବାରୁ ଶିରିଡ଼ି ଛାଡ଼ି ବୈଜାପୁର ପଳାୟନ କଲେ । ବହୁ ବର୍ଷ ପରେ ସେ ଶିରିଡ଼ି ଆସିଲେ ଏବଂ ଶ୍ରୀ ସାଇବାବାଙ୍କର ଚରଣବନ୍ଦନା କଲେ । ତାଙ୍କର ଯେଉଁ ଭ୍ରମ ଥିଲା ଯେ ସେ ଗୁରୁ ଏବଂ ସାଇବାବା ତାଙ୍କର ଶିଷ୍ୟ ତାହା ଦୂର ହୋଇଯାଇଥିଲା । ଶ୍ରୀ ସାଇବାବା ତାଙ୍କୁ ଗୁରୁ ସମାନ ଆଦର କରୁଥିଲେ; ସେ କଥା ସ୍ମରଣ କରି ତାଙ୍କର ପଶ୍ଚାତ୍ତାପ ହେଲା । ଏହି ପ୍ରକାର ଶ୍ରୀ ସାଇବାବା ତାଙ୍କର ପ୍ରତ୍ୟକ୍ଷ ଆଚରଣ ଦ୍ୱାରା ଅହଂକାରରୁ ମୁକ୍ତିର ଆଦର୍ଶ ଉପସ୍ଥାପନ କଲେ ଓ ଶିଷ୍ୟର କର୍ତ୍ତବ୍ୟ ପାଳନ କରି ଆତ୍ମାନୁଭୂତି ଆଡ଼କୁ ଅଗ୍ରସର ହେବାର ମାର୍ଗଦର୍ଶନ କଲେ । ଉପର ବର୍ଣ୍ଣିତ କଥା ମହଲସାପତିଙ୍କ ବର୍ଣ୍ଣନା ଅନୁସାରେ ଲିପିବଦ୍ଧ ହୋଇଛି । ପରବର୍ତ୍ତୀ ଅଧ୍ୟାୟରେ ରାମନବମୀ ଉତ୍ସବ, ମସଜିଦ୍‌ର ପୂର୍ବ ଅବସ୍ଥା ଏବଂ ଏହାର ଜୀର୍ଣ୍ଣୋଦ୍ଧାର ଇତ୍ୟାଦିର ବର୍ଣ୍ଣନା କରାଯିବ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



## ।।ଷଷ୍ଠ ଅଧ୍ୟାୟ ।।

### ରାମ ନବମୀ ଉତ୍ସବ, ମସଜିଦ୍‌ର ଜୀର୍ଣ୍ଣୋଦ୍ଧାର, ଗୁରୁଙ୍କ କର ସ୍ପର୍ଶର ମହିମା, ଚନ୍ଦନ ସମାରୋହ, ଉର୍ସ ଏବଂ ରାମନବମୀର ସମନ୍ୱୟ, ମସଜିଦ୍‌ର ଜୀର୍ଣ୍ଣୋଦ୍ଧାର

### ।।ଗୁରୁଙ୍କ କରସ୍ପର୍ଶର ମହତ୍ତ୍ୱ ।।

ସଦ୍‌ଗୁରୁ ଯେତେବେଳେ ଜଣେ ସୁଦକ୍ଷ ନାବିକ, ସେ ନିଶ୍ଚୟ କୁଶଳତା ଏବଂ ପାରଦର୍ଶିତାର ସହ ଆମକୁ ଏହି ଭବସାଗରରୁ ଉଦ୍ଧାର କରିବେ । 'ସଦ୍‌ଗୁରୁ' ଶବ୍ଦ ଉଚ୍ଚାରଣ କରିବା ମାତ୍ରେ ମୋ ମାନସପଟକୁ ଶ୍ରୀ ସାଇଙ୍କ ସ୍ମୃତି ଭାସିଆସୁଛି । ଏପରି ଜଣାପଡୁଛି କି ଯେପରି ସେ ସ୍ୱୟଂ ମୋ ସମ୍ମୁଖରେ ଦଣ୍ଡାୟମାନ ହୋଇଛନ୍ତି ଏବଂ ମୋର ମସ୍ତକରେ ଉଦି ଲଗାଇ ଦେଉଛନ୍ତି । ଦେଖ, ଦେଖ ସେ କିପରି ତାଙ୍କର ବରଦ ହସ୍ତ ଉଠାଇ ମୋର ମଥା ଉପରେ ରଖୁଛନ୍ତି । ଏହିକ୍ଷଣ ମୋର ହୃଦୟ ଆନନ୍ଦରେ ପୂରି ଉଠିଲା । ମୋର ଦୁଇ ଚକ୍ଷୁରୁ ପ୍ରେମାଶ୍ରୁ ପ୍ରବାହିତ ହେଲା । ସଦ୍‌ଗୁରୁଙ୍କ କରସ୍ପର୍ଶ ଶକ୍ତି କେତେ ମହାନ୍, ପୁଲକପ୍ରଦ ! ସୂକ୍ଷ୍ମ ଶରୀର, ଯାହା ସଂସାରକୁ ଭସ୍ମ କରୁଥିବା ଅଗ୍ନି ଦ୍ୱାରା ମଧ୍ୟ ନଷ୍ଟ ହୁଏ ନାହିଁ, ତାହା ଗୁରୁଙ୍କର କରସ୍ପର୍ଶ ଦ୍ୱାରା ମୁହୂର୍ତ୍ତକ ମଧ୍ୟରେ ନଷ୍ଟ ହୋଇଯାଏ । ଅନେକ ଜନ୍ମର ସମସ୍ତ ପାପ ଲୋପ ପାଇଯାଏ । ଯେଉଁ ବ୍ୟକ୍ତିମାନଙ୍କର ଧାର୍ମିକ ଏବଂ ଐଶ୍ୱରିକ କ୍ରିୟାରେ ରୁଚି ନଥାଏ ସେମାନଙ୍କର ମନ ମଧ୍ୟ ସ୍ଥିର ହୋଇଯାଏ । ଶ୍ରୀ ସାଇବାବାଙ୍କର ମନୋହର ରୂପ ଦର୍ଶନ କରି କଣ୍ଠ ପ୍ରଫୁଲ୍ଲତାରେ ବାଷ୍ପରୁଦ୍ଧ ହୋଇଯାଉଛି, ଚକ୍ଷୁଯୁଗଳରୁ ଅଶ୍ରୁଧାରା ପ୍ରବାହିତ ହେଉଛି ଏବଂ ଯେତେବେଳେ ହୃଦୟ ଭାବରେ ପରିପୂର୍ଣ୍ଣ ହୋଇଉଠେ, ସେତେବେଳେ ସୋଽହଂ ଭାବ ଜାଗ୍ରତ ହୋଇ ଆତ୍ମାନୁଭବର ଆନନ୍ଦ ହୁଏ । ମୁଁ ଏବଂ ତୁମେ-ଏହିପରି ଦ୍ୱୈତ ବିଚାର ନଷ୍ଟ ହୋଇଯାଏ ଏବଂ ତତ୍‌କ୍ଷଣାତ ବ୍ରହ୍ମ ସହିତ ଅଭିନ୍ନତା ପ୍ରାପ୍ତ ହୁଏ । ଯେତେବେଳେ ମୁଁ ଧର୍ମଗ୍ରନ୍ଥ ପାଠ କରେ କ୍ଷଣକ୍ଷଣରେ ସଦ୍‌ଗୁରୁଙ୍କ ସ୍ମୃତି ଚାଲିଆସେ । ବାବା ରାମ କିମ୍ବା କୃଷ୍ଣ ରୂପ ଧାରଣ କରନ୍ତି ଏବଂ ମୋତେ ଲାଗେ ଯେପରି ସେ ହିଁ ଭାଗବତ ଅଥବା ଭକ୍ତମାନଙ୍କର କଲ୍ୟାଣ ନିମିତ୍ତି ଉଦ୍ଧବଗୀତା ଶୁଣାଉଛନ୍ତି । ଯେବେ ମୁଁ କାହା ସହିତ କୌଣସି ବିଷୟରେ ବାର୍ତ୍ତାଳାପ କରେ, ବାବାଙ୍କ କଥା ସ୍ମରଣକୁ ନେଇଆସେ ଯେପରି କି ସେହି ଲୋକଟିକୁ ମୁଁ ଉପଯୁକ୍ତ ଭାବରେ ବୁଝାଇବାରେ ସକ୍ଷମ ହେବି । ବେଳେବେଳେ ମୁଁ ଗୋଟିଏ ବାକ୍ୟ କିମ୍ବା ଶବ୍ଦ ମଧ୍ୟ ରଚନା କରିପାରେ ନାହିଁ, କିନ୍ତୁ ଯେତେବେଳେ ତାଙ୍କର କୃପା ହୋଇଯାଏ କଲମର ଗତି ବନ୍ଦ ହୁଏ ନାହିଁ । ଯେତେବେଳେ ଭକ୍ତର ମନରେ ଅହଂକାର ବୃଦ୍ଧି ହୋଇଯାଏ, ସିଏ ଶକ୍ତି ପ୍ରଦାନ କରି ଅହଂକାରଶୂନ୍ୟ କରି ଅନ୍ତିମ ଧ୍ୟେୟ ପ୍ରାପ୍ତି କରାନ୍ତି ତଥା ତାହାକୁ ସନ୍ତୁଷ୍ଟ କରି ଅକ୍ଷୟ ସୁଖର ଅଧିକାରୀ କରାନ୍ତି । **ଯିଏ ବାବାଙ୍କୁ**

**ପ୍ରେମ କରି ଅନନ୍ୟ ଭାବରେ ତାଙ୍କର ଶରଣାପନ୍ନ ହୁଏ ସିଏ ଅନ୍ୟ କୌଣସି ସାଧନା କରିବା ଆବଶ୍ୟକ ନାହିଁ । ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ତାହାକୁ ସହଜରେ ପ୍ରାପ୍ତି ହୋଇଥାଏ ।**

ଈଶ୍ୱରଙ୍କ ନିକଟରେ ପହଞ୍ଚିବାର ଚାରୋଟି ମାର୍ଗ ଅଛି । କର୍ମ, ଜ୍ଞାନ, ଯୋଗ ଏବଂ ଭକ୍ତି । ଏ ସବୁ ମଧ୍ୟରୁ ଭକ୍ତିମାର୍ଗ ଅଧିକ କଣ୍ଟକିତ, ଖାଲ ଏବଂ ଖାଇରେ ପରିପୂର୍ଣ୍ଣ; କିନ୍ତୁ ସଦ୍‌ଗୁରୁଙ୍କ ଉପରେ ବିଶ୍ୱାସ କଲେ, ଖାଲ ଓ ଖାଇରୁ ରକ୍ଷା ପାଇବା ସହିତ ପଦାନୁସରଣ କଲେ ସିଧା ଆଗକୁ ଆଗ ଯାତ୍ରାକରି ଲକ୍ଷ୍ୟସ୍ଥଳରେ ଅର୍ଥାତ ଈଶ୍ୱରଙ୍କ ନିକଟରେ ପହଞ୍ଚିବା ସମ୍ଭବ ହେବ । ଶ୍ରୀ ସାଇବାବା ଦୃଢ଼ତାର ସହ କହୁଥିଲେ ଯେ ସ୍ୱୟଂ ବ୍ରହ୍ମା ଏବଂ ବିଶ୍ୱର ଉତ୍ପତ୍ତି, ପାଳନ ଓ ସଂହାର ଏହି ତିନୋଟି ଶକ୍ତିର ପୃଥକତା ମଧ୍ୟରେ ବି ଏକତ୍ୱ ଅଛି । ଭକ୍ତମାନଙ୍କର କଲ୍ୟାଣ ନିମିତ୍ତ ଶ୍ରୀ ସାଇବାବା ସ୍ୱୟଂ ଯେଉଁ ବଚନରେ ଆଶ୍ୱାସନା ଦେଇଛନ୍ତି ତାହାକୁ ନିମ୍ନରେ ଉଦ୍ଧାର କରାଯାଉଛି ।

**'ମୋର ଭକ୍ତମାନଙ୍କର ଘରେ ଅନ୍ନ ତଥା ବସ୍ତ୍ରର ଅଭାବ ରହିବ ନାହିଁ । ଏହା ମୋର ବୈଶିଷ୍ଟ୍ୟ କି ଯିଏ ମୋର ଶରଣାପନ୍ନ ହୁଏ ଏବଂ ଅନ୍ତଃକରଣରେ ମୋର ଉପାସନା କରେ, ତାହାର କଲ୍ୟାଣାର୍ଥେ ମୁଁ ସର୍ବଦା ଚିନ୍ତିତ ରହେ ।'**

ଭଗବାନ ଶ୍ରୀ କୃଷ୍ଣ  ମଧ୍ୟ ଗୀତାରେ ଏହି ସମାନ କଥା କହିଛନ୍ତି । ଏଥିପାଇଁ ଭୋଜନ ତଥା ବସ୍ତ୍ର ପାଇଁ ବିଶେଷ ଚିନ୍ତାର ପ୍ରୟୋଜନ ନାହିଁ । ଯଦି କିଛି ମାଗିବାର ଅଭିଳାଷ ଅଛି ତ ଈଶ୍ୱରଙ୍କୁ ହିଁ ମାଗ । ସାଂସାରିକ ସୁଖ ଓ ସମ୍ମାନ ଆଶା ତ୍ୟାଗକରି ଈଶ୍ୱର କୃପା ତଥା ତାଙ୍କଠାରୁ ଅଭୟ ପ୍ରାପ୍ତି କର ଏବଂ ତାଙ୍କ ଦ୍ୱାରା ସମ୍ମାନିତ ହୁଅ । ସାଂସାରିକ ବସ୍ତୁ ଦ୍ୱାରା ପଥଭ୍ରଷ୍ଟ ହେବାରୁ ନିବୃତ୍ତ ରୁହ । ନିଜର ଇଷ୍ଟଦେବତାଙ୍କୁ ଦୃଢ଼ତାର ସହ ଭିଡ଼ି ଧର । ସମସ୍ତ ଇନ୍ଦ୍ରିୟ ଏବଂ ମନକୁ ଈଶ୍ୱରଚିନ୍ତାରେ ନିୟୋଜିତ କରିଦିଅ । କୌଣସି ପଦାର୍ଥରେ ଆକର୍ଷିତ ହୁଅ ନାହିଁ, ସର୍ବଦା ମୋର ସ୍ମରଣରେ ମନକୁ ଲଗାଅ, ଏହାଦ୍ୱାରା ତାହା ଶରୀର, ସମ୍ପତ୍ତି ଏବଂ ଐଶ୍ୱର୍ଯ୍ୟ ପ୍ରତି ଢ଼ଳିବ ନାହିଁ । ଫଳରେ ମନ ସ୍ଥିର, ଶାନ୍ତ ଏବଂ ନିର୍ଭୟ ହୋଇଯିବ । ଏହି ପ୍ରକାର ବିଚାର ପ୍ରକଟ ହେଲେ ଜଣାପଡ଼ିବ ଯେ ଜୀବ ସୁସଙ୍ଗତି ଲାଭ କରିଛି । ଯଦି ମନର ଚଞ୍ଚଳତା ନଷ୍ଟ ନ ହୁଏ ତାହେଲେ ଏକାଗ୍ରତା ଆସିବ ନାହିଁ ।' ବାବାଙ୍କର ଉପରୋକ୍ତ ବାଣୀକୁ ଉଦ୍ଧାର କରି ଗ୍ରନ୍ଥକାର ଶିରିଡ଼ିରେ ରାମନବମୀ ଉତ୍ସବର ବର୍ଣ୍ଣନା କରିଛନ୍ତି ।

ଶିରିଡ଼ିରେ ପାଳନ କରାଯାଉଥିବା ଉତ୍ସବଗୁଡ଼ିକ ମଧ୍ୟରେ ରାମନବମୀ ବଡ଼ ଆନନ୍ଦ ଉଲ୍ଲାସ ସହକାରେ ପାଳନ କରାଯାଇଥାଏ । ସୁତରାଂ ଏହି ଉତ୍ସବର ପୂର୍ଣ୍ଣ ବିବରଣୀ ସାଇଲୀଳା ପତ୍ରିକା( ୧ ୯ ୨ ୫ )ର ୧ ୯ ୭ ପୃଷ୍ଠାରେ ଯେପରି ପ୍ରକାଶିତ ହୋଇଛି, ତାହାର ସଂକ୍ଷେପ ରୂପ ଏଠାରେ ଉଦ୍ଧାର କରାଗଲା ।

**ପ୍ରାରମ୍ଭ :** କୋପରଗାଓଁରେ ଗୋପାଳରାଓ ଗୁଣ୍ଡ ନାମରେ ଜଣେ ଇନ୍‌ସପେକ୍ଟର

ଥିଲେ । ସେ ବାବାଙ୍କର ପରମ ଭକ୍ତ ଥିଲେ । ତାଙ୍କର ତିନିଜଣ ସ୍ତ୍ରୀ ଥିଲେ; କିନ୍ତୁ ଗୋଟିଏ ବି ସନ୍ତାନ ନଥିଲା । ଶ୍ରୀ ସାଇବାବାଙ୍କ କୃପାରୁ ତାଙ୍କର ଗୋଟିଏ ପୁତ୍ର ହେଲା । ଏହି ଖୁସି ଅବସରରେ ୧୮୯୭ ମସିହାରେ ତାଙ୍କର ମନକୁ ଗୋଟିଏ ବିଚାର ଆସିଲା ଯେ ଶିରିଡ଼ିରେ ମେଳା ଅଥବା ଉର୍ସ ପାଳନ କରାଗଲେ ଭଲ ହୁଅନ୍ତା । ସେ ଏହି କଥା ଅନ୍ୟାନ୍ୟ ଭକ୍ତ ଯଥା ତାତ୍ୟା ପାଟିଲ, ଦାଦା କୋତେ ପାଟିଲ ଏବଂ ମାଧବରାଓ(ଶ୍ୟାମା)ଙ୍କୁ କହିଲେ । ସମସ୍ତଙ୍କ ମନକୁ ପ୍ରସ୍ତାବଟି ପାଇଲା ଏବଂ ବାବାଙ୍କର ମଧ୍ୟ ସ୍ୱୀକୃତି ମିଳିଗଲା । ଉର୍ସ ପାଳନ ପାଇଁ ସରକାରୀ ଅନୁମତି ଲୋଡ଼ା ଥିଲା । ଏଥିନିମନ୍ତେ ଏକ ଦରଖାସ୍ତ ଜିଲାପାଳଙ୍କ ନିକଟକୁ ପଠାଗଲା; କିନ୍ତୁ ଗ୍ରାମର କୁଲକର୍ଣ୍ଣିଙ୍କ ଆପତ୍ତି ଯୋଗୁ ସ୍ୱୀକୃତି ମିଳିଲା ନାହିଁ । ତେବେ ବାବାଙ୍କ ସ୍ୱୀକୃତି ତ ମିଳିସାରିଥିଲା, ତେଣୁ ପୁଣି ଥରେ ଚେଷ୍ଟା କରିବାରୁ ଅନୁମତି ମିଳିଗଲା । ବାବାଙ୍କ ଅନୁମତିରେ ରାମନବମୀ ଦିନ ଉର୍ସ ପାଳନ କରିବାକୁ ସ୍ଥିର ହେଲା । ଯାହା ଜଣାଯାଏ କିଛି ଉଦ୍ଦେଶ୍ୟ ରଖି ହିଁ ବାବା ଏଥିପାଇଁ ଅନୁମତି ପ୍ରଦାନ କରିଥିଲେ କାରଣ ଉର୍ସ ଓ ରାମନବମୀ ଉତ୍ସବ ଗୋଟିଏ ଦିନରେ ପାଳନ କରିବା ଅର୍ଥ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଏକତା ପ୍ରତିଷ୍ଠା କରିବା । ତେବେ ପ୍ରଥମ ବାଧା ସିନା କୌଣସି ପ୍ରକାର ଟଳିଗଲା । ଏବେ ଦ୍ୱିତୀୟ ଅସୁବିଧା ଦେଖାଗଲା ଜଳର ଅଭାବ । ଶିରିଡ଼ି ତ ଏକ କ୍ଷୁଦ୍ର ଗ୍ରାମ ଥିଲା ।

ପୂର୍ବ କାଳରୁ ହିଁ ଏଠାରେ ଜଳର ଅଭାବ ଦେଖାଯାଉଥିଲା । ଗ୍ରାମରେ କେବଳ ଦୁଇଟି କୂଅ ଥିଲା, ଯାହା ମଧ୍ୟରୁ ଗୋଟିଏ ପ୍ରାୟତଃ ଶୁଖିଲା ରହୁଥିଲା ଏବଂ ଦ୍ୱିତୀୟ କୂଅର ପାଣି ଖାରିଆ ଥିଲା । ବାବା ସେହି କୂଅରେ ଫୁଲଟିଏ ପକାଇ ତାହାର ଜଳ ମିଠା କରିଦେଲେ । ହେଲେ ଗୋଟିଏ କୂଅର ଜଳ କେତେ ଲୋକଙ୍କୁ ଅଣ୍ଟନ୍ତା ? ଏଥିପାଇଁ ତାତ୍ୟା ପାଟିଲ ବାହାରୁ ଜଳ ମଗାଇବାର ବ୍ୟବସ୍ଥା କଲେ । କାଠ ଓ ବାଉଁଶ ଘେରାଇ କିଛି ଦୋକାନ ଘର ତିଆରି କରାଗଲା ଏବଂ କୁସ୍ତିଖେଳର ଆୟୋଜନ ହେଲା ।

ଗୋପାଳରାଓ ଗୁଣ୍ଡଙ୍କ ଜଣେ ବନ୍ଧୁ ଦାମୁ-ଅଣା କାସାର ଅହମ୍ମଦନଗରରେ ରହୁଥିଲେ । ସେ ମଧ୍ୟ ସନ୍ତାନହୀନ ଥିବାରୁ ଦୁଃଖରେ ରହୁଥିଲେ । ଶ୍ରୀ ସାଇବାବାଙ୍କ କୃପାରୁ ତାଙ୍କର ଗୋଟିଏ ପୁତ୍ର ରତ୍ନ ପ୍ରାପ୍ତି ହେଲା । ଶ୍ରୀ ଗୁଣ୍ଡ ତାଙ୍କୁ ଗୋଟିଏ ପତାକା ଦେବାକୁ କହିଲେ । ଜାଗିରଦାର ଶ୍ରୀ ନାନାସାହେବ ନିମୋଣକର ମଧ୍ୟ ଗୋଟିଏ ପତାକା ଦେଲେ । ଏହି ଦୁଇଟି ପତାକା ବଡ଼ ସମାରୋହ ସହକାରେ ଗ୍ରାମରୁ ବାହାରିଲା ଏବଂ ଶେଷରେ ମସଜିଦ୍, ଯାହାକୁ ବାବା ଦ୍ୱାରକାମାୟୀ ନାମରେ ସମ୍ବୋଧନ କରୁଥିଲେ, ତାହାର କୋଣଦେଶରେ ଟାଙ୍ଗି ଦିଆଗଲା । ଏହି କାର୍ଯ୍ୟକ୍ରମ ପୂର୍ବପରି ଏବେ ମଧ୍ୟ ଚାଲୁରହିଛି ।

## ।। ଚନ୍ଦନ ସମାରୋହ ।।

ଏହି ମେଳା ଅବସରରେ ଅନ୍ୟ ଏକ କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ ହେଲା, ଯାହା

ଚନ୍ଦନୋତ୍ସବ ନାମରେ ପ୍ରସିଦ୍ଧ । କୋରହଲ୍‌ର ଜଣେ ମୁସଲମାନ ଭକ୍ତ ଅମୀର ଶକ୍କର ଦଲାଲଙ୍କ ମସ୍ତିଷ୍କରୁ ଏହା ଉଦ୍‌ଭୂତ ହୋଇଥିଲା । ପ୍ରାୟତଃ ଏହି ପ୍ରକାର ଉତ୍ସବ ସିଦ୍ଧ ମୁସଲିମ୍ ସନ୍ଥଙ୍କ ସମ୍ମାନ ଉଦ୍ଦେଶ୍ୟରେ କରାଯାଇଥାଏ । ବହୁ ପରିମାଣରେ ଚନ୍ଦନ ଘୋରି ଏକ ଥାଳିରେ ରଖାଯାଏ ଏବଂ ଧୂପ ଜଳାଯାଏ । ମସଜିଦ୍ ପର୍ଯ୍ୟନ୍ତ ଏହାକୁ ନେବାପରେ ଶୋଭାଯାତ୍ରା ସମ୍ପନ୍ନ ହୁଏ । ଶେଷରେ ଥାଳିରେ ଥିବା ଚନ୍ଦନ ଏବଂ ଧୂପ ମସଜିଦ୍‌ର ପ୍ରାଚୀରରେ ଲଗାଯାଏ । ଏହି ଉତ୍ସବ ପ୍ରଥମ ତିନିବର୍ଷ ପର୍ଯ୍ୟନ୍ତ ଶ୍ରୀ ଅମୀର ଶକ୍କର ନିଜେ ନିର୍ବାହ କଲେ ଏବଂ ତାଙ୍କ ପରେ ତାଙ୍କ ଧର୍ମପତ୍ନୀ । ଏହି ପ୍ରକାର ହିନ୍ଦୁମାନଙ୍କ ଦ୍ୱାରା ଧ୍ୱଜା ଏବଂ ମୁସଲମାନଙ୍କ ଦ୍ୱାରା ଚନ୍ଦନ ଶୋଭାଯାତ୍ରା ଏକ ସଂଗରେ ହେଲା ଏବଂ ଆଜି ପର୍ଯ୍ୟନ୍ତ ତାହା ଚାଲୁରହିଛି ।

**ପରିଚାଳନା :** ରାମନବମୀ ଶ୍ରୀ ସାଇବାବାଙ୍କ ଭକ୍ତମାନଙ୍କ ପାଇଁ ଏକ ଅତ୍ୟନ୍ତ ପ୍ରିୟ ଓ ପବିତ୍ର ଦିନ । ବାବାଙ୍କ କାର୍ଯ୍ୟ କରିବା ପାଇଁ ବହୁ ସ୍ୱେଚ୍ଛାସେବକ ମନକୁ ମନ ପ୍ରସ୍ତୁତ ହୋଇଯାଉଥିଲେ ଏବଂ ମେଳାର ଆୟୋଜନରେ ସକ୍ରିୟ ଅଂଶଗ୍ରହଣ କରୁଥିଲେ । ବାହାରର ସମସ୍ତ କାର୍ଯ୍ୟଭାର ତାତ୍ୟା ପାଟିଲ ଏବଂ ଆଭ୍ୟନ୍ତରୀଣ କାର୍ଯ୍ୟ ଦାୟିତ୍ୱ ଶ୍ରୀ ସାଇବାବାଙ୍କ ଜଣେ ପରମ ଭକ୍ତ ମହିଳା ରାଧାକୃଷ୍ଣ ମାଈ ସମ୍ଭାଳୁଥିଲେ । ଏହି ଅବସରରେ ତାଙ୍କର ନିବାସ ସ୍ଥଳ ଅତିଥିଙ୍କ ଭିଡ଼ରେ ପୂରିଯାଉଥିଲା ଏବଂ ତାଙ୍କୁ ସମସ୍ତଙ୍କର ଆବଶ୍ୟକତା ପ୍ରତି ଧ୍ୟାନ ରଖିବାକୁ ହେଉଥିଲା । ଏହା ସହିତ ସେ ମେଳା ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀର ବ୍ୟବସ୍ଥା କରୁଥିଲେ । ଦ୍ୱିତୀୟ କାର୍ଯ୍ୟ ଯାହା ସେ ନିଜ ଖୁସିରେ କରୁଥିଲେ ତାହା ଥିଲା ମସଜିଦ୍ ସଫା କରିବା, ଚୂନ ଲିପିବା ଇତ୍ୟାଦି । ମସଜିଦ୍‌ର କାନ୍ଥ ଏବଂ କବାଟଗୁଡ଼ିକ ଅନବରତ ଧୁନି ଜଳିବା କାରଣରୁ କଳା ପଡ଼ିଯାଉଥିଲା । ଯେତେବେଳେ ବାବା ରାତିରେ ଚଭାଡ଼ିକୁ ବିଶ୍ରାମ କରିବା ପାଇଁ ଯାଉଥିଲେ ସେତେବେଳେ ସେ ଏହି କାର୍ଯ୍ୟ କରୁଥିଲେ । ଧୁନି ସହିତ ସମସ୍ତ ଜିନିଷପତ୍ର ବାହାରକୁ କଢ଼ାଯାଉଥିଲା ଏବଂ ସଫାସୁତୁରା ତଥା ଲିପା ପୋଛା ହେବା ପରେ ପୁଣି ଯଥାସ୍ଥାନରେ ରଖାଯାଉଥିଲା । ବାବାଙ୍କର ଅତ୍ୟନ୍ତ ପ୍ରିୟ କାର୍ଯ୍ୟ ଗରିବଙ୍କୁ ଭୋଜନ କରାଇବା ମଧ୍ୟ ଏହି କାର୍ଯ୍ୟକ୍ରମର ଏକ ଅଂଶବିଶେଷ ଥିଲା । ଏହି କାର୍ଯ୍ୟ ନିମନ୍ତେ ବିରାଟ ଭୋଜିର ଆୟୋଜନ କରାଯାଉଥିଲା ଏବଂ ବହୁ ପ୍ରକାର ମିଷ୍ଟାନ୍ନ ତିଆରି କରାଯାଉଥିଲା । ଏହିସବୁ କାର୍ଯ୍ୟ ରାଧାକୃଷ୍ଣମାଈଙ୍କ ନିବାସସ୍ଥଳରେ ହେଉଥିଲା । ବହୁ ଧନାଢ଼୍ୟ ଏବଂ ଶ୍ରୀମନ୍ତ ଭକ୍ତ ଏହି କାର୍ଯ୍ୟ ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ ।

## ।। ରାମନବମୀ ଓ ଉର୍ସ ଉତ୍ସବର ସମନ୍ୱୟ ।।

ସମସ୍ତ କାର୍ଯ୍ୟକ୍ରମ ଏହି ପ୍ରକାର ଉତ୍ତମ ରୂପେ ସମ୍ପନ୍ନ ହେଉଥିଲା ଏବଂ ମେଳାର ମହତ୍ତ୍ୱ ଦିନକୁ ଦିନ ବଢ଼ିବାରେ ଲାଗିଲା । ୧୯୧୧ ମସିହାରେ ଏଥିରେ ଏକ ପରିବର୍ତ୍ତନ ହେଲା ।

କୃଷ୍ଣରାଓ ଯୋଗେଶ୍ୱର ଭୀଷ୍ମ ନାମରେ ଜଣେ ଭକ୍ତ(ଶ୍ରୀ ସାଇ ସଗୁଣୋପାସନାର ଲେଖକ) ଅମରାବତିର ଦାଦା ସାହେବ ଖାପର୍ଡେଙ୍କ ସହ ମେଳାର ଦିନକ ପୂର୍ବରୁ ଶିରିଡି ଆସି ଦୀକ୍ଷିତୱାଡ଼ାରେ ରହିଲେ । ଯେତେବେଳେ ସେ ବାରଣ୍ଡାରେ ବିଶ୍ରାମ କରୁଥିଲେ ତାଙ୍କର ମନକୁ ଏକ ବିଚାର ଆସିଲା । ଏହି ସମୟରେ ଶ୍ରୀ ଲକ୍ଷ୍ମଣରାମ ଓରଫ କାକା ମହାଜନୀ ପୂଜା ସାମଗ୍ରୀ ଧରି ମସଜିଦ୍‌କୁ ଯାଉଥିଲେ । ସେ ଦୁହିଁଙ୍କ ମଧ୍ୟରେ ବିଚାର ଆଲୋଚନା ହେଲା ଏବଂ ସେମାନେ ମନେ କଲେ ଯେ ଶିରିଡ଼ିରେ ଉର୍ସ ମେଳା ରାମନବମୀ ଦିନ ଆୟୋଜିତ ହେବା ପଛରେ କିଛି ଗୂଢ଼ ରହସ୍ୟ ନିହିତ ରହିଛି । ରାମନବମୀ ହିନ୍ଦୁମାନଙ୍କର ଅତି ପ୍ରିୟ ଦିନ । ଯଦି ଏହିଦିନ ରାମନବମୀ ଉତ୍ସବ ମଧ୍ୟ ପାଳନ କରାଯାଏ କେତେ ଭଲ ନହେବ ? କାକା ମହାଜନୀଙ୍କ ମନକୁ କଥାଟି ପାଇଲା । ଏବେ ସମସ୍ୟା ଥିଲା ସେଦିନ ହରିଦାସ ମିଳିବେ କି ନାହିଁ । ହରିଦାସ ମାନେ କୀର୍ତ୍ତନିଆ ଦଳ । ତେବେ ଭୀଷ୍ମ ଏହି ସମସ୍ୟାର ଉପାୟ ବାହାର କଲେ । ସେ କହିଲେ ମୋର ସ୍ୱରଚିତ ରାମ ଆଖ୍ୟାନ, ଯେଉଁଥିରେ ରାମଜନ୍ମ ବୃତ୍ତାନ୍ତ ରହିଛି ତାହା ରଚନା ସରିଛି । ମୁଁ ତାହାର କୀର୍ତ୍ତନ କରିବି ଏବଂ ତୁମେ ହାରମୋନିୟମ ବଜାଇବ । ରାଧାକୃଷ୍ଣମାଈ ସୁଣ୍ଠିବଡ଼ା(ଅଦାଗୁଣ୍ଡ ଓ ଚିନି ମିଶି ତିଆରି କରାଯାଉଥିବା ଏକ ପ୍ରକାର ବରା) ତିଆରି କରିବେ ।

ଏହା ପରେ ଦୁଇଜଣଯାକ ବାବାଙ୍କ ଅନୁମତି ନିମନ୍ତେ ମସଜିଦ୍‌କୁ ଗଲେ । ବାବା ତ ଅନ୍ତର୍ଯ୍ୟାମୀ । ୱାଡ଼ାରେ କ'ଣ ହେଉଥିଲା ତାହା ତାଙ୍କୁ ଜଣାଥିଲା । ବାବା କାକା ମହାଜନୀଙ୍କୁ ପ୍ରଶ୍ନ କଲେ 'କ'ଣ ଚାଲିଥିଲା ? ଏହି ଆକସ୍ମିକ ପ୍ରଶ୍ନରେ କାକା ହଡ଼ବଡ଼େଇ ଗଲେ ଏବଂ ବାବାଙ୍କ ପ୍ରଶ୍ନର ଅଭିପ୍ରାୟ ବୁଝିନପାରି ସ୍ତବ୍ଧ ହୋଇ ରହିଗଲେ । ତାପରେ ବାବା ଭୀଷ୍ମଙ୍କୁ ପଚାରିଲେ କ'ଣ ହେଉଥିଲା ? ଭୀଷ୍ମ ରାମନବମୀ ଉତ୍ସବ ପାଳନ କରିବା ପ୍ରସ୍ତାବ ବାବାଙ୍କ ସମ୍ମୁଖରେ ଉପସ୍ଥାପନ କଲେ ଏବଂ ଅନୁମତି ନିମନ୍ତେ ପ୍ରାର୍ଥନା କଲେ । ବାବା ସହର୍ଷ ଅନୁମତି ପ୍ରଦାନ କଲେ । ସମସ୍ତ ଭକ୍ତ ଆନନ୍ଦରେ ଉଲ୍ଲସିତ ହୋଇଉଠିଲେ ଏବଂ ରାମ ଜନ୍ମୋତ୍ସବ ପାଳନ କରିବାରେ ଲାଗିପଡ଼ିଲେ । ଦ୍ୱିତୀୟ ଦିନ ରଙ୍ଗ ବେରଙ୍ଗ ପତାକାରେ ମସଜିଦ୍‌କୁ ସଜାଇ ଦିଆଗଲା ।

ଶ୍ରୀମତୀ ରାଧାକୃଷ୍ଣମାଈ ଗୋଟିଏ ଦୋଳି ନେଇ ବାବାଙ୍କ ସମ୍ମୁଖରେ ରଖିଲେ ଏବଂ ଉତ୍ସବ ଆରମ୍ଭ ହେଲା । ଭୀଷ୍ମ କୀର୍ତ୍ତନ କରିବାକୁ ଛିଡ଼ା ହେଲେ ଏବଂ ମହାଜନୀ ହାରମୋନିୟମରେ ତାଙ୍କର ସଙ୍ଗତ ଦେଲେ । ତତ୍ପରେ ବାବା ମହାଜନୀଙ୍କୁ ଡକାଇ ପଠାଇଲେ । ମହାଜନୀଙ୍କ ମନରେ ଶଙ୍କା ଜାତ ହେଲା କି ବାବା ଉତ୍ସବ ପାଳନ ନିମନ୍ତେ ଅନୁମତି ଦେବେ କି ନାହିଁ । କିନ୍ତୁ ଯେତେବେଳେ ସେ ବାବାଙ୍କ ପାଖରେ ପହଞ୍ଚିଲେ ବାବା ତାଙ୍କୁ ପ୍ରଶ୍ନ କଲେ 'ଏସବୁ କ'ଣ ? ଦୋଳି କାହିଁକି ରଖାଯାଇଛି ? କାକା ମହାଜନୀ କହିଲେ ରାମନବମୀ ଉତ୍ସବ ଆରମ୍ଭ ହୋଇଗଲାଣି, ଏଥିପାଇଁ ଦୋଳି ରଖାଯାଇଛି । କାନ୍ଥରେ

ଥିବା ଖୋପରୁ ବାବା ଦୁଇଟି ହାର ବାହାର କଲେ । ଗୋଟିଏକୁ କାକାଜୀଙ୍କ ଗଳାରେ ଲମ୍ବାଇଦେଲେ, ଆରଟି ଭୀଷ୍ମଙ୍କ ପାଖକୁ ବଢ଼ାଇଦେଲେ । କୀର୍ତ୍ତନ ଆରମ୍ଭ ହୋଇଯାଇଥିଲା । କୀର୍ତ୍ତନ ସମାପ୍ତ ହେଲାବେଳକୁ ଶ୍ରୀ ରାଜାରାମଙ୍କର ଉଚ୍ଚ ସ୍ୱରରେ ଜୟ ଜୟକାର ହେଲା । କୀର୍ତ୍ତନ ସ୍ଥଳରେ ଗୋଲାପ ଜଳ ବୃଷ୍ଟି ହେଲା । ସମସ୍ତେ ଆନନ୍ଦରେ ଅଧୀର ହୋଇ ଉଠିଥିବାବେଳେ ହଠାତ୍ ଏକ ଗର୍ଜନ ଧ୍ୱନିରେ ନୀରବତା ଖେଳିଗଲା । ପ୍ରକୃତରେ ଯେଉଁ ସମୟରେ ଗୋଲାପ ଜଳ ବୃଷ୍ଟି ହେଉଥିଲା, ସେଥିରୁ କିଛି ଅଂଶ ଅସାବଧନତାବଶତଃ ବାବାଙ୍କ ଆଖିରେ ପଡ଼ିଯାଇଥିଲା । ତେଣୁ ବାବା ଏକରକମ କ୍ରୁଦ୍ଧ ହୋଇ ଉଚ୍ଚସ୍ୱରରେ ଚିତ୍କାର କଲେ । ଏହି ଦୃଶ୍ୟ ଦେଖି ସମସ୍ତେ ଭୟଭୀତ ହୋଇ ସ୍ଥାନ ଛାଡ଼ି ପଳାଇବାକୁ ଉଦ୍ୟତ ହେଲେ । ତେବେ ବାବାଙ୍କର ସ୍ୱଭାବ ସହ ପରିଚିତ ଲୋକେ ଏଥିରେ ବିବ୍ରତ ହୁଅନ୍ତେ କାହିଁକି ? ବାବାଙ୍କର ଏହି କ୍ରୋଧକୁ ସେମାନେ ଆଶୀର୍ବାଦ ରୂପେ ଗ୍ରହଣ କଲେ । ସେମାନେ ମନେ କଲେ ଯେ ଆଜି ରାମଙ୍କର ଜନ୍ମଦିନ, ତେଣୁ ରାବଣର ବିନାଶ ଅର୍ଥାତ୍ ଅହଂକାର ଏବଂ ଦୁଷ୍ଟ ପ୍ରବୃତ୍ତିରୂପକ ରାକ୍ଷସର ସଂହାର ନିମିତ୍ତ ବାବାଙ୍କ ମନରେ କ୍ରୋଧ ଉତ୍ପନ୍ନ ହେବା ସ୍ୱାଭାବିକ । ଏହା ସହିତ ସେମାନେ ଏକଥା ମଧ୍ୟ ଜାଣିଥିଲେ ଯେ ଯେବେ ଶିରିଡ଼ିରେ ଏପରି କୌଣସି ନୂତନ କାର୍ଯ୍ୟକ୍ରମର ଆରମ୍ଭ ହେଉଥିଲା, ବାବା ହଠାତ୍ ରାଗିଯାଉଥିଲେ । ତେଣୁ ସମସ୍ତେ ବିସ୍ମୟ ନୟନରେ ଚାହିଁ ରହିଲେ । ରାଧାକୃଷ୍ଣମାଈ ମଧ୍ୟ ଭୟଭୀତ ହୋଇପଡ଼ିଥିଲେ କାଳେ ବାବା ତାଙ୍କର ଦୋଳିଟି ଭାଙ୍ଗିଭୁଙ୍ଗି ଦେବେ । ଏଥିପାଇଁ ସେ କାକା ମହାଜନୀଙ୍କୁ ଦୋଳି ହଟାଇବାକୁ ଅନୁରୋଧ କଲେ । କିନ୍ତୁ ବାବା ତାଙ୍କୁ ଏଥିରୁ ନିବୃତ୍ତ କଲେ ।

କିଛି ସମୟ ପରେ ବାବା ଶାନ୍ତ ହେଲେ ଏବଂ ସେହିଦିନର ମହାପୂଜା ଓ ଆରତି ନିର୍ବିଘ୍ନରେ ସମାପନ ହେଲା । ଏହାପରେ କାକା ମହାଜନୀ ବାବାଙ୍କୁ ଦୋଳି ହଟାଇବାକୁ ଅନୁମତି ମାଗିଲେ । ବାବା ତାହାକୁ ପ୍ରତ୍ୟାଖ୍ୟାନ କରି କହିଲେ, ଏବେ ଉତ୍ସବ ସରିଲା କେଉଁଠି ? ପରଦିନ ଗୋପାଳ କାଲା ଉତ୍ସବ ପାଳନ କରାଗଲା, ତାହାପରେ ବାବା ଦୋଳି ହଟାଇବାକୁ ଅନୁମତି ଦେଲେ । ଏହି ଉତ୍ସବରେ ଚୂଡ଼ା ଓ ଦହିକୁ ମିଶାଇ ଏକ ମାଟି ହାଣ୍ଡିରେ ରଖି ଟଙ୍ଗାଇ ଦିଆଯାଏ ଏବଂ କୀର୍ତ୍ତନ ଶେଷ ହେବା ପରେ ତାହାକୁ ଭଙ୍ଗାଯାଇଥାଏ । ଶେଷରେ ପ୍ରସାଦ ରୂପରେ ତାହାକୁ ସମସ୍ତଙ୍କ ମଧ୍ୟରେ ବିତରଣ କରାଯାଏ, ଯେପରି ଶ୍ରୀକୃଷ୍ଣ ଗୋପାଳମାନଙ୍କ ସାଥିରେ କରୁଥିଲେ । ରାମନବମୀ ଉତ୍ସବ ଏହିପରି ଭାବରେ ଦିନସାରା ଚାଲୁଥିଲା । ଦିନବେଳା ଦୁଇଟି ପତାକା ଶୋଭାଯାତ୍ରା ଏବଂ ରାତିରେ ଚନ୍ଦନ ଯାତ୍ରା ବଡ଼ ଧୁମଧାମ ସହକାରେ ପରିକ୍ରମା କରୁଥିଲା । ଏହା ପରଠାରୁ ଉର୍ସ ରାମନବମୀ ଉତ୍ସବରେ ପରିଣତ ହେଲା ।

ପରବର୍ଷ ୧୯୧୨ ମସିହାରେ ରାମନବମୀ କାର୍ଯ୍ୟସୂଚୀରେ ପରିବର୍ଦ୍ଧନ କରାଗଲା ।

ଶ୍ରୀମତୀ ରାଧାକୃଷ୍ଣମାଈ ଚୈତ୍ର ପ୍ରତିପଦାରୁ ନାମସପ୍ତାହ ପ୍ରାରମ୍ଭ କଲେ । (ଲଗାତାର ସାତଦିନ ଅହୋରାତ୍ର ଭଗବତ ନାମ କୀର୍ତ୍ତନକୁ ନାମ ସପ୍ତାହ କୁହାଯାଏ) ସମସ୍ତ ଭକ୍ତ ଏଥିରେ ପାଳିକରି ଅଂଶଗ୍ରହଣ କରୁଥିଲେ । ଦେଶର ସବୁପ୍ରାନ୍ତରେ ରାମନବମୀ ଉତ୍ସବ ବଡ଼ ଆନନ୍ଦ ଓ ଉଲ୍ଲାସରେ ପାଳନ କରାଯାଇଥାଏ । ତେଣୁ ଏହି ବର୍ଷ ମଧ୍ୟ ହରିଦାସ ମିଳିବା ସମସ୍ୟା ଦେଖାଦେଲା; କିନ୍ତୁ ଉତ୍ସବ ପୂର୍ବରୁ ସେହି ସମସ୍ୟା ଦୂର ହୋଇଗଲା । ପାଞ୍ଚଛଅ ଦିନ ପୂର୍ବରୁ ଶ୍ରୀ ମହାଜନୀଙ୍କର ବାଲାବୁବାଙ୍କ ସହିତ ଆକସ୍ମିକ ଭେଟ ହେଲା । ବୁବା ସାହେବ ଆଧୁନିକ ତୁକାରାମ ଭାବରେ ଖ୍ୟାତି ଅର୍ଜନ କରିଥିଲେ ଏବଂ ଏହି ବର୍ଷ  କୀର୍ତ୍ତନ ଦାୟିତ୍ୱ ତାଙ୍କ ଉପରେ ଅର୍ପଣ କରାଗଲା । ତହିଁ ପରବର୍ଷ ୧୯୧୩ ମସିହାରେ ଆଉ ଜଣେ ହରିଦାସ (ସାତରା ଜିଲା ନିବାସୀ ବାଲା ବୁବା ସାତାରକର) ତାଙ୍କ ଗ୍ରାମରେ ପ୍ଲେଗ ରୋଗର ପ୍ରକୋପ ଯୋଗୁ ସେଠାରେ କୀର୍ତ୍ତନ କରିପାରିଲେ ନାହିଁ । ଏଣୁ ସେ ଶିରିଡ଼ି ପଳାଇଆସିଲେ । ତାଙ୍କ ଦ୍ୱାରା କୀର୍ତ୍ତନ କରାଇବା ନିମନ୍ତେ  କାକାସାହେବ ଦୀକ୍ଷିତ ବାବାଙ୍କର ଅନୁମତି ଲାଭ କଲେ । ଫଳରେ ସେ କୀର୍ତ୍ତନ କଲେ ଓ ତାଙ୍କୁ ଯଥେଷ୍ଟ ପୁରସ୍କାର ପ୍ରଦାନ କରାଗଲା । ୧୯୧୪ ମସିହାରୁ ହରିଦାସ ବା କୀର୍ତ୍ତନ ସମସ୍ୟା ବାବା ସବୁଦିନ ପାଇଁ ଦୂର କରିଦେଲେ । ଏହି କାର୍ଯ୍ୟ ଏବେ ସ୍ଥାୟୀ ରୂପରେ ଶ୍ରୀ ଦାସଗଣୁ ମହାରାଜଙ୍କୁ  ଅର୍ପଣ କରାଗଲା । ସେ ସଫଳତାର ସହ ଏବଂ ଭାବପୂର୍ଣ୍ଣ ସହକାରେ ଏହି କାର୍ଯ୍ୟ ନିର୍ବାହ କଲେ ।

୧୯୧୨ ମସିହା ପରଠାରୁ ଉତ୍ସବରେ ଲୋକସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇବାକୁ ଲାଗିଲା । ଚୈତ୍ର ଶୁକ୍ଳ ଅଷ୍ଟମୀରୁ ଦ୍ୱାଦଶୀ ପର୍ଯ୍ୟନ୍ତ ଶିରିଡ଼ିରେ ଏପରି ଜନସମାଗମ ହେଉଥିଲା ଯେପରିକି ମନେ ହେଉଥିଲା ମହୁମାଛିଙ୍କ ଫେଣା ଲାଗିଛି ।  ଦୋକାନ ବଜାର ସଂଖ୍ୟା ବଢ଼ିଚାଲିଲା । ନାମୀ ପହିଲମାନଙ୍କ ମଧ୍ୟରେ କୁସ୍ତି ଖେଳ ହେଲା । ଗରିବମାନଙ୍କୁ ଭୋଜନ ଦେବା ପାଇଁ ବିଶାଳ ଆକାରରେ ଭଣ୍ଡାରାମାନ ଖୋଲାଗଲା । ରାଧାକୃଷ୍ଣମାଈଙ୍କ କଠିନ ପରିଶ୍ରମର ଫଳସ୍ୱରୂପ ଶିରିଡ଼ିକୁ ସଂସ୍ଥାନର ମର୍ଯ୍ୟାଦା ମିଳିଲା । ସମ୍ପତ୍ତି ପରିମାଣ ଦିନକୁ ଦିନ ବଢ଼ିଚାଲିଲା ।  ଗୋଟିଏ ସୁନ୍ଦର ଘୋଡ଼ା, ପାଲିଙ୍କି, ରଥ ଏବଂ ରୁପାର ଅନ୍ୟାନ୍ୟ ପଦାର୍ଥ, ବାସନ, କୁସନ ଇତ୍ୟାଦି ଭକ୍ତମାନେ ଉପହାର ଆକାରରେ ଦେଲେ । ଉତ୍ସବ ଅବସରରେ ହାତୀ ଅଣାଯାଉଥିଲା । ଯଦିଓ ସମ୍ପତ୍ତି ବେଶ୍ ବୃଦ୍ଧି ପାଇଲା; ବାବା ସେଥିପ୍ରତି ପୂର୍ଣ୍ଣ ଅନାସକ୍ତ ରହୁଥିଲେ । ସେ ତା'କୁ ଉପେକ୍ଷା ଦୃଷ୍ଟିରେ ଦେଖୁଥିଲେ ଏବଂ ପୂର୍ବପରି ସାଧାରଣ ବେଶଭୂଷା ଧାରଣ କରୁଥିଲେ । ଏହା ଉଲ୍ଲେଖନୀୟ ବିଷୟ ଯେ ଉତ୍ସବ ତଥା ଶୋଭାଯାତ୍ରା ସମୟରେ ଉଭୟ ହିନ୍ଦୁ ଓ ମୁସଲମାନ ମିଳିମିଶି କାର୍ଯ୍ୟ କରୁଥିଲେ । ଆଜି ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ କୌଣସି ବିବାଦ କିମ୍ବା ମତଭେଦ ହୋଇନାହିଁ । ପ୍ରଥମେ ପ୍ରଥମେ ଜନସମାଗମ ୫ ହଜାରରୁ ୭ ହଜାର ଭିତରେ ହେଉଥିଲା । କିନ୍ତୁ କୌଣସି କୌଣସି ବର୍ଷ ଏହା ୭୫ ହଜାର ପର୍ଯ୍ୟନ୍ତ ବଢ଼ି ଯାଉଥିଲା । ତଥାପି କେବେ କୌଣସି ରୋଗ କିମ୍ବା ଦଙ୍ଗା ହେବାର ନଜିର ନାହିଁ ।

## ।।ମସଜିଦ୍‌ର ଜୀର୍ଣ୍ଣୋଦ୍ଧାର ।।

ଉର୍ସ ଏବଂ ମେଳା ପାଳନ କଥା ଯେପରି ପ୍ରଥମେ ଗୋପାଳ ଗୁଣ୍ଡଙ୍କ ମନରେ ଆସିଥିଲା, ସେହିପରି ମସଜିଦ୍‌ର ଜୀର୍ଣ୍ଣୋଦ୍ଧାର ବିଚାର ପ୍ରଥମେ ତାଙ୍କର ମନକୁ ହିଁ ଆସିଥିଲା । ଏହି କାର୍ଯ୍ୟ ନିମିତ୍ତ ସେ ପଥରଖଣ୍ଡମାନ ମଗାଇ ସେସବୁକୁ ଏକତ୍ର କରି ବର୍ଗାକାର କରି କାଟି ରଖିଲେ । କିନ୍ତୁ ଏହି କାର୍ଯ୍ୟର ଶ୍ରେୟ ତାଙ୍କୁ ପ୍ରାପ୍ତ ହେବାର ନଥିଲା । ସେହି ଯଶଲାଭ କରିବାର ସୌଭାଗ୍ୟ ନାନାସାହେବ ଚନ୍ଦୋରକରଙ୍କ ପାଇଁ ସୁରକ୍ଷିତ ଥିଲା ଏବଂ ପାର୍ଶ୍ୱରାସ୍ତା ଓ ଚଟାଣ କାର୍ଯ୍ୟ କାକାସାହେବ ଦୀକ୍ଷିତଙ୍କର । ପ୍ରଥମେ ବାବା ଏହି କାର୍ଯ୍ୟ ନିମିତ୍ତ ସ୍ୱୀକୃତି ଦେଲେ ନାହିଁ; କିନ୍ତୁ ସ୍ଥାନୀୟ ଭକ୍ତ ମହଲସାପତିଙ୍କ ଆଗ୍ରହରୁ ବାବାଙ୍କ ଅନୁମତି ମିଳିଲା ଏବଂ ଗୋଟିଏ ରାତିରେ ହିଁ ମସଜିଦ୍‌ର ଚଟାଣ ତିଆରି ହୋଇଗଲା । ଏ ପର୍ଯ୍ୟନ୍ତ ବାବା ଗୋଟିଏ ଅଖା ଉପରେ ବସୁଥିଲେ । ଏଣିକି ସେହି ଅଖାଟିକୁ ହଟାଇ ସେହି ସ୍ଥାନରେ ଏକ ଛୋଟିଆ ଗଦି ବିଛାଗଲା ।


୧୯୧୨ ମସିହାରେ ସଭାମଣ୍ଡପ କଠିନ ପରିଶ୍ରମ ଉପରାନ୍ତ ସମ୍ପୂର୍ଣ୍ଣ ହେଲା । ମସଜିଦ୍‌ର ଅଗଣା ଅତି ଛୋଟ ତଥା ଯିବା ଆସିବା କରିବାକୁ ଅସୁବିଧା ହେଉଥିଲା । କାକାସାହେବ ଦୀକ୍ଷିତ ଅଗଣାକୁ ବଢ଼ାଇ ତାହା ଉପରେ ଛାତ ପକାଇବାକୁ ଚାହୁଁଥିଲେ । ବହୁ ଅର୍ଥ ବ୍ୟୟ କରି ଲୁହା ଓ କଂକ୍ରିଟ ଆଣି ଗଦା କରିରଖିଲେ ଏବଂ କାମ ମଧ୍ୟ ଆରମ୍ଭ ହେଲା । ଦିନ ରାତି ପରିଶ୍ରମ କରି ଭକ୍ତମାନେ ଲୁହା ଖମ୍ବ ପୋତିଲେ । ପରଦିନ ଯେତେବେଳେ ବାବା ଚଭାଡ଼ିରୁ ଫେରିଲେ ସେହି ଖମ୍ବଗୁଡ଼ିକୁ ଉପାଡ଼ି ଫିଙ୍ଗିଦେଲେ ଏବଂ ଅତି କ୍ରୋଧିତ ହୋଇ ଉଠିଲେ । ଗୋଟିଏ ହାତରେ ଖମ୍ବ ଧରି ସେ ଉପାଡ଼ିବାକୁ ଲାଗିଲେ ଏବଂ ଆର ହାତରେ ତାତ୍ୟାଙ୍କ ଫଟେଇ ଟାଣି କାଢ଼ିଆଣିଲେ ଓ ସେଥିରେ ନିଆଁ ଲଗାଇ ଫିଙ୍ଗିଦେଲେ । ସେତେବେଳେ ବାବାଙ୍କର ଚକ୍ଷୁଯୁଗଳ ଜ୍ୱଳନ୍ତ ଅଙ୍ଗାର ସଦୃଶ ଜାଜ୍ୱଲ୍ୟମାନ ହୋଇଉଠୁଥିଲା । ତାଙ୍କ ଆଡ଼କୁ ଚାହିଁବା ପାଇଁ କାହାର ସାହସ ମଧ୍ୟ ନଥିଲା । ସମସ୍ତେ ଭୀତତ୍ରସ୍ତ ହୋଇ ଭାବିବାକୁ ଲାଗିଲେ ଏବେ କ'ଣ କରାଯିବ ? ଭାଗୋଜୀ ସିନ୍ଧେ(ବାବାଙ୍କ କୁଷ୍ଟରୋଗୀ ଭକ୍ତ) ସାମାନ୍ୟ ସାହସ କରି ଆଗେଇଲେ କିନ୍ତୁ ବାବା ତାଙ୍କୁ ଧକ୍କା ଦେଇ ଠେଲିଦେଲେ । ଶ୍ୟାମାଙ୍କର ମଧ୍ୟ ସମାନ ଦଶା ହେଲା । ବାବା ତାଙ୍କ ଉପରକୁ ଇଟା ଖଣ୍ଡମାନ ପକାଇଲେ । ଯିଏ ବି ତାଙ୍କୁ ଶାନ୍ତ କରିବାକୁ ଗଲା ତା'ର ଅନୁରୂପ ଦଶା ହେଲା ।

କିଛି ସମୟ ଉତାରୁ କ୍ରୋଧ ଶାନ୍ତ ହେବା ପରେ ବାବା ଜଣେ ଦୋକାନୀଙ୍କୁ ଡାକି ଏକ ଜରି ଲାଗିଥିବା ପଗଡ଼ି କିଣି ତାତ୍ୟାଙ୍କ ମୁଣ୍ଡରେ ବାନ୍ଧିଦେଲେ, ତାଙ୍କୁ ସମ୍ବର୍ଦ୍ଧିତ କରିବା ଶୈଳୀରେ । ଏହି ବିଚିତ୍ର ବ୍ୟବହାର ଦେଖି ଭକ୍ତମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେମାନେ ବୁଝି ପାରୁନଥିଲେ କି ବାବା କେଉଁ ଅଜ୍ଞାତ କାରଣରୁ ଏପରି

କ୍ରୋଧିତ ହେଲେ ? ତାତ୍ୟାଙ୍କୁ ମାଡ଼ ଦେଲେ କାହିଁକି ଏବଂ ତାଙ୍କର କ୍ରୋଧ ତତ୍‌କ୍ଷଣାତ ଶାନ୍ତ ହେଲା କିପରି ? ବାବା ବେଳେବେଳେ ଅତି ଗମ୍ଭୀର ତଥା ଶାନ୍ତ ମୁଦ୍ରାରେ ରହୁଥିଲେ ଏବଂ ବଡ଼ ପ୍ରେମରେ କଥାବାର୍ତ୍ତା କରୁଥିଲେ । ଆଉ କେତେବେଳେ ବିନା କୌଣସି କାରଣରେ ହଠାତ୍ କ୍ରୋଧିତ ହୋଇଉଠୁଥିଲେ । ଏହିପରି ଅନେକ ଘଟଣା ଦେଖିବାକୁ ମିଳିଛି; କିନ୍ତୁ ମୁଁ ଏହାର କୌଣସି ନିଷ୍କର୍ଷ ବାହାର କରିପାରିନାହିଁ, ଏହା ଭିତରୁ କେଉଁଟା ଲେଖିବି ଓ କେଉଁଟା ବାଦ୍ ଦିଆଯିବ ? ତେଣୁ ଯେଉଁ କ୍ରମରେ ଘଟଣାସବୁ ସ୍ମରଣକୁ ଆସୁଛି ସେହି ଅନୁସାରେ ବର୍ଣ୍ଣନା କରୁଛି । ଆସନ୍ତା ଅଧ୍ୟାୟରେ ବାବା ଯବନ କିମ୍ବା ହିନ୍ଦୁ ଏହାର ବର୍ଣ୍ଣନା କରାଯିବ ତଥା ତାଙ୍କର ଯୋଗ, ସାଧନା, ଶକ୍ତି ଏବଂ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରାଯିବ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

**(ସପ୍ତାହ ପାରାୟଣ : ପ୍ରଥମ ବିଶ୍ରାମ)**



ଭକ୍ତ କଲ୍ୟାଣର ଅଭୟସ୍ଥଳ ଶ୍ରୀ ଦ୍ୱାରକାମାୟୀ, ଯେଉଁଠାରେ ବିରାଜିଥିଲେ ସାଇଁ

# ।। ଦ୍ୱିତୀୟ ଦିନ ପାରାୟଣ ।।



### ।। ସପ୍ତମ ଅଧ୍ୟାୟ ।।

### ଅଦ୍‌ଭୁତ ଅବତାର, ଶ୍ରୀ ସାଇବାବାଙ୍କ ପ୍ରକୃତି ଓ ତାଙ୍କର ଯୋଗ କ୍ରିୟା, ସର୍ବବ୍ୟାପକତା, କୁଷ୍ଠ ରୋଗୀଙ୍କ ସେବା, ଖପର୍ଦ୍ଦେଙ୍କ ପୁତ୍ରର ପ୍ଲେଗ ରୋଗ, ପଣ୍ଡରପୁର ଯାତ୍ରା

## ।। ଅଦ୍‌ଭୁତ ଅବତାର ।।

ଶ୍ରୀ ସାଇବାବା ସମସ୍ତ ଯୋଗକ୍ରିୟାରେ ପାରଦର୍ଶୀ ଥିଲେ । ଛଅପ୍ରକାର କ୍ରିୟାର ସେ ଅଧିକାରୀ ଥିଲେ । ଏହା ମଧ୍ୟରେ ବିଶେଷ କ୍ରିୟା ହେଉଛି ଧୌତି(ଯାହା ୩ ଇଞ୍ଚ ପ୍ରସ୍ଥ ଓ ସାଢ଼େ ୨ ୨ ଫୁଟ ଲମ୍ବର ଗୋଟିଏ ଓଦାକନାକୁ ପେଟ ଭିତରେ ପୂରାଇ ସଫାକରିବା କ୍ରିୟା), ଖଣ୍ଡଯୋଗ(ଶରୀରର ଅବୟବଗୁଡ଼ିକୁ ପୃଥକ ପୃଥକ କରି ପୁଣି ପୂର୍ବବତ୍ ଯୋଡ଼ିବା) ଏବଂ ସମାଧି ଆଦି ଅନ୍ତର୍ଭୁକ୍ତ । ଯଦି ବାବାଙ୍କୁ ହିନ୍ଦୁ ବୋଲି କୁହାଯାଏ ତାହେଲେ ସ୍ୱରୂପରୁ ସେ ମୁସଲମାନ ଭଳି ଜଣାପଡୁଥିଲେ । ତେଣୁ କେହି ବି ଠିକ୍‌କରି କହିପାରୁନଥିଲେ ସେ ହିନ୍ଦୁ ନା ମୁସଲମାନ । ହିନ୍ଦୁମାନଙ୍କର ରାମନବମୀ ଉତ୍ସବ ସେ ଯଥାବିଧି ପାଳନ କରୁଥିଲେ, ଏହା ସହିତ ମୁସଲମାନମାନଙ୍କର ଚନ୍ଦନ ଉତ୍ସବ । ଉତ୍ସବରେ ଅଂଶଗ୍ରହଣ କରୁଥିବା ମଲ୍ଲଯୋଦ୍ଧାମାନଙ୍କୁ ସେ ପ୍ରୋତ୍ସାହିତ କରୁଥିଲେ ଏବଂ ବିଜେତାମାନଙ୍କୁ ପୁରସ୍କୃତ କରୁଥିଲେ । ଗୋକୁଳାଷ୍ଟମୀ ଦିନ ଗୋପାଳକଲା ଉତ୍ସବ ଧୂମଧାମ ସହକାରେ ପାଳନ କରୁଥିଲେ । ଇଦ୍‌ଦିନ ମୁସଲମାନମାନଙ୍କୁ ନମାଜ ପଢ଼ିବା

ପାଇଁ ମସଜିଦ୍‌କୁ ନିମନ୍ତ୍ରଣ କରୁଥିଲେ । ଥରେ ମହରମରେ ମୁସଲମାନମାନେ ମସଜିଦ୍‌ରେ ତାଜିଆ ସ୍ଥାପନ ତଥା କିଛିଦିନ ତାଜିଆକୁ ସେଠାରେ ରଖି ପୁଣି ଶୋଭାଯାତ୍ରା କରି ଗ୍ରାମରୁ ବାହାରିବାର କାର୍ଯ୍ୟକ୍ରମ କଲେ । ଶ୍ରୀ ସାଇବାବା ଚାରିଦିନ ତାଜିଆ ରଖିବାକୁ ଅନୁମତି ଦେଲେ ଏବଂ ପଞ୍ଚମ ଦିନ କୌଣସି ବିଦ୍ୱେଷ ବିନା ତାଜିଆକୁ ହଟାଇଦେଲେ । ଯଦି ତାଙ୍କୁ ମୁସଲମାନ କୁହାଯାଏ ହିନ୍ଦୁ ପ୍ରଥା ଅନୁସାରେ ତାଙ୍କର କର୍ଣ୍ଣବେଧ ହୋଇଥିଲା ଆଉ ଯଦି ହିନ୍ଦୁ କହିବା ତାହେଲେ ସେ ସୁନତ୍ କରିବା ସପକ୍ଷରେ ଥିଲେ । ନାନାସାହେବ ଚନ୍ଦୋରକର ଯିଏ ବାବାଙ୍କୁ ଅତି ନିକଟରୁ ଦେଖିଛନ୍ତି, ବାବାଙ୍କର ସୁନତ୍ ହୋଇନଥିବା ପ୍ରକାଶ କରିଛନ୍ତି । (ବି.ଭି. ଦେବଙ୍କ ରଚନା : ବାବା ହିନ୍ଦୁ ନା ଯବନ, ସାଇଲୀଳା ପୃଷ୍ଠା ୫୬୨ ଦ୍ରଷ୍ଟବ୍ୟ) ଯଦି କିଏ ତାଙ୍କୁ ହିନ୍ଦୁ ବୋଲି କହେ, ତାହେଲେ ସିଏ ତ ସର୍ବଦା ମସଜିଦ୍‌ରେ ଅବସ୍ଥାନ କରୁଥିଲେ ଏବଂ କେହି ଯଦି ମୁସଲିମ ବୋଲି କହେ ତାହେଲେ ସେ ସେଠାରେ ସର୍ବଦା ଧୁନି ଜଳାଇ ରଖୁଥିଲେ । ଏହା ସହିତ ଅନ୍ୟାନ୍ୟ କର୍ମ, ଯାହାସବୁ ଇସଲାମ ଧର୍ମର ବିରୋଧୀ ଯଥା ଚକ୍କି ପେଷିବା, ଶଙ୍ଖ ଓ ଘଣ୍ଟନାଦ, ହୋମ ଆଦି କର୍ମ କରିବା, ଅନ୍ନଦାନ ଏବଂ ଅର୍ଘ୍ୟ ଦ୍ୱାରା ପୂଜନ ସର୍ବଦା ସେଠାରେ ଚାଲୁଥିଲା ।

ଯଦି କିଏ ତାଙ୍କୁ ଯବନ କହେ, କୁଳୀନ ବ୍ରାହ୍ମଣ ଏବଂ ଅଗ୍ନିହୋତ୍ରୀମାନେ ମଧ୍ୟ ସେମାନଙ୍କର ନିୟମ ଉଲ୍ଲଙ୍ଘନ କରି ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲେ । କିଏ ଯଦି ବ୍ୟକ୍ତିଗତ ବିଷୟ ପଚାରିବାକୁ ଯାଇଛି, ଆଶ୍ଚର୍ଯ୍ୟଜନକ ଭାବେ ତାହା ତା'ର ମନରୁ ବିସ୍ମୃତ ହୋଇଯାଉଥିଲା ଏବଂ ତାଙ୍କର ଦର୍ଶନମାତ୍ରକେ ସେ ବିମୋହିତ ହୋଇଉଠୁଥିଲା । ଏଣୁ ବାସ୍ତବରେ କେହି ଏହାର କୌଣସି ନିର୍ଣ୍ଣୟ କରିପାରିନଥିଲେ ଯେ ପ୍ରକୃତରେ ବାବା ହିନ୍ଦୁ କି ଯବନ । ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଯିଏ ଅହଂ ଏବଂ ଇନ୍ଦ୍ରିୟଜନିତ ସୁଖକୁ ଜଳାଞ୍ଜଳି ଦେଇ ଈଶ୍ୱରଙ୍କ ଶରଣରେ ଚାଲିଯାଏ ତଥା ଯେତେବେଳେ ତାଙ୍କର ଈଶ୍ୱରଙ୍କ ସହ ଅଭିନ୍ନତା ପ୍ରାପ୍ତ ହୁଏ ସେତେବେଳେ ତାଙ୍କର କୌଣସି ଜାତି, ଧର୍ମ ରହେ ନାହିଁ । ଶ୍ରୀ ସାଇବାବା ଏହି ଶ୍ରେଣୀର ଥିଲେ । ସେ ଜାତି ଏବଂ ପ୍ରାଣୀମାନଙ୍କ ମଧ୍ୟରେ କୌଣସି ଭେଦଭାବ ଦେଖୁନଥିଲେ । ଫକିରମାନଙ୍କ ସହିତ ସେ ଆମିଷ ଏବଂ ମାଛ ଭୋଜନ କରୁଥିଲେ । କୁକୁର ମଧ୍ୟ ତାଙ୍କର ଭୋଜନପାତ୍ରରେ ମୁହଁ ଦେଇ ଆରାମରେ ତାଙ୍କ ସହ ଖାଇପାରୁଥିଲା । ଏହିପରି ଶ୍ରୀ ସାଇବାବାଙ୍କର ଅପୂର୍ବ ତଥା ଅଦ୍‌ଭୁତ ଅବତାର ଥିଲା ।

ଗତ ଜନ୍ମର ଶୁଭ ସଂସ୍କାରର ଫଳସ୍ୱରୂପ ମୋତେ ମଧ୍ୟ ତାଙ୍କର ଚରଣରେ ବସିବାର ଏବଂ ତାଙ୍କର ସତ୍‌ସଙ୍ଗ ଲାଭ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ମୋର ଯେଉଁପରି ଆନନ୍ଦ ଓ ସୁଖ ପ୍ରାପ୍ତି ଅନୁଭବ ହୋଇଛି ତାହା ମୁଁ କିପରି ବର୍ଣ୍ଣନା କରିବି ? ଯଥାର୍ଥ ରୂପରେ ବାବା ଅଖଣ୍ଡ ସଚ୍ଚିଦାନନ୍ଦ ଥିଲେ । ତାଙ୍କର ମହାନତା ଏବଂ ଅଦ୍ୱିତୀୟତାର

କିଏ ବର୍ଣ୍ଣନା କରିପାରିବ ? ଯିଏ ତାଙ୍କର ଚରଣକମଳର ଶରଣ ନେଇଛି, ସେ ଆତ୍ମସାକ୍ଷାତକାର ଲାଭ କରିଛି ।

ଅନେକ ସନ୍ନ୍ୟାସୀ, ସାଧକ ଏବଂ ମୁମୁକ୍ଷୁଜନ ସାଇବାବାଙ୍କ ପାଖକୁ ଆସୁଥିଲେ । ବାବା ମଧ୍ୟ ସେମାନଙ୍କ ସହିତ ମିଶୁଥିଲେ, ବସୁଥିଲେ ଏବଂ ବାର୍ତ୍ତାଳାପ କରି ସେମାନଙ୍କର ମନୋରଞ୍ଜନ କରୁଥିଲେ । 'ଆଲ୍ଲା ମାଲିକ' ସର୍ବଦା ତାଙ୍କର କଣ୍ଠରେ ବିରାଜମାନ ଥିଲା । ସେ କେବେ ବି ବିବାଦ ଏବଂ ମତଭେଦରେ ପଶୁନଥିଲେ ଏବଂ ସର୍ବଦା ଶାନ୍ତ ଓ ସ୍ଥିର ରହୁଥିଲେ । ଅବଶ୍ୟ ବେଳେବେଳେ ସେ କ୍ରୋଧିତ ହୋଇଉଠୁଥିଲେ । ସେ ସର୍ବଦା ବେଦାନ୍ତର ଶିକ୍ଷା ଦେଉଥିଲେ । କେହି ମଧ୍ୟ ଶେଷ ପର୍ଯ୍ୟନ୍ତ ଜାଣିପାରିନଥିଲେ ଯେ ପ୍ରକୃତରେ ଶ୍ରୀ ସାଇବାବା କିଏ ଥିଲେ ? ଧନୀ ଓ ଗରିବ ଉଭୟେ ତାଙ୍କ ଲାଗି ସମାନ ଥିଲେ । ସେ ଲୋକମାନଙ୍କର ଗୂଢ଼ କଥା ସବୁ ଜାଣିପାରୁଥିଲେ ଏବଂ ଯେତେବେଳେ ସେମାନଙ୍କ ଆଗରେ ତାହା ପ୍ରକଟ କରୁଥିଲେ, ସେମାନଙ୍କ ବିସ୍ମୟର ସୀମା ରହୁନଥିଲା । ସ୍ୱୟଂ ଜ୍ଞାନାବତାର ହୋଇଥିଲେ ମଧ୍ୟ ସେ ଅଜ୍ଞାନତା ପ୍ରଦର୍ଶନ କରୁଥିଲେ । ଆଦର ଅଭ୍ୟର୍ଥନା ପ୍ରତି ତାଙ୍କର ସର୍ବଦା ଅରୁଚି ଥିଲା । ଶ୍ରୀ ସାଇବାବାଙ୍କର ଏହିପରି ବୈଶିଷ୍ଟ୍ୟ ଥିଲା । ସେ ଶରୀରଧାରୀ ହୋଇଥିଲେ ମଧ୍ୟ କର୍ମରୁ ତାଙ୍କର ଐଶ୍ୱରିକ ଶକ୍ତି ସ୍ପଷ୍ଟ ଝଲସି ଉଠୁଥିଲା । ଶିରିଡ଼ିର ସମସ୍ତ ନରନାରୀ ତାଙ୍କୁ ପରଂବ୍ରହ୍ମ ରୂପରେ ମାନୁଥିଲେ ।

## ।। ବାବାଙ୍କର ଲୀଳା ।।

ମୋ ପରି ଏକ ମୂର୍ଖ, ଶ୍ରୀ ସାଇବାବାଙ୍କ ଲୀଳାଗୁଡ଼ିକୁ କିପରି ବର୍ଣ୍ଣନା କରିପାରିବ ? ଶିରିଡ଼ିର ପ୍ରାୟତଃ ସମସ୍ତ ମନ୍ଦିରର ସେ ଜୀର୍ଣ୍ଣୋଦ୍ଧାର କରାଇଥିଲେ । ତାତ୍ୟା ପାଟିଲଙ୍କ ଦ୍ୱାରା ଶନି, ଗଣପତି, ଶଙ୍କର, ପାର୍ବତୀ, ଗ୍ରାମ୍ୟଦେବତା ଏବଂ ହନୁମାନ ମନ୍ଦିର ମରାମତ କରାଗଲା । ବାବାଙ୍କର ଦାନ ମଧ୍ୟ ବିଲକ୍ଷଣ ଥିଲା । ଦକ୍ଷିଣା ଭାବରେ ଯାହା ଆୟ ହେଉଥିଲା, ସେଥିରୁ ସେ କାହାକୁ ୨୦ ଟଙ୍କା, କାହାକୁ ୧୫ ଟଙ୍କା, କାହାକୁ ୫୦ ଟଙ୍କା ପ୍ରତିଦିନ ସ୍ୱେଚ୍ଛାପୂର୍ବକ ଦାନ କରୁଥିଲେ । ପ୍ରାପ୍ତିକର୍ତ୍ତା ଏହାକୁ ଶୁଦ୍ଧଦାନ ମନେ କରୁଥିଲା । ବାବାଙ୍କର ମଧ୍ୟ ସର୍ବଦା ଏହି ଇଚ୍ଛା ଥିଲା ଯେ ଉପଯୁକ୍ତ ମାର୍ଗରେ ତାହାର ଖର୍ଚ୍ଚ କରାଯାଉ ।

ବାବାଙ୍କର ଦର୍ଶନ ଦ୍ୱାରା ଭକ୍ତମାନଙ୍କର ଅନେକ ପ୍ରକାର ଲାଭ ହେଉଥିଲା । ଅନେକ ନିଷ୍କପଟ ଏବଂ ସୁସ୍ଥ ହେଉଥିଲେ, ଦୁଷ୍ଟାତ୍ମା ପୁଣ୍ୟାତ୍ମାରେ ପରିଣତ ହେଉଥିଲେ, କୁଷ୍ଠରୋଗରୁ ଅନେକ ମୁକ୍ତ ହେଲେ ଏବଂ ଅନେକଙ୍କର ମନୋକାମନା ପୂର୍ଣ୍ଣ ହେଲା । ପଙ୍ଗୁର ଅକର୍ମଣ୍ୟ ଦୂର ହୋଇ ସକ୍ଷମ ହେଲା । ଏହିପରି ଭାବରେ ତାଙ୍କର କୀର୍ତ୍ତି ଦୂର ଦୂରାନ୍ତକୁ ବ୍ୟାପିବାକୁ ଲାଗିଲା ଏବଂ ସେହି ସବୁ ସ୍ଥାନରୁ ଅସଂଖ୍ୟ ଲୋକ ଶିରିଡ଼ିକୁ

ଆସିବାରେ ଲାଗିଲେ । ବାବା ସର୍ବଦା ଧୁନି ପାଖରେ ଆସନ ପକାଇ ବସି ରହୁଥିଲେ ଏବଂ ସେଠାରେ ବିଶ୍ରାମ କରୁଥିଲେ । ସେ କେବେ ସ୍ନାନ କରୁଥିଲେ ଏବଂ କେବେ କେବେ ସ୍ନାନ ନକରି ସମାଧିରେ ବିଲୀନ ରହୁଥିଲେ । ମସ୍ତକରେ ଶିରୋପା, କଟୀଦେଶରେ ଧୋତି ଏବଂ ଦେହ ଆବରଣ ପାଇଁ ଏକ ଅଙ୍ଗରଖା ଧାରଣ କରୁଥିଲେ । ପ୍ରଥମରୁ ହିଁ ତାଙ୍କର ବେଶଚର୍ଯ୍ୟା ଏହି ପ୍ରକାର ଥିଲା । ଜୀବନର ପୂର୍ବାର୍ଦ୍ଧରେ ସେ ଗ୍ରାମରେ ଚିକିତ୍ସାସେବା କରୁଥିଲେ । ରୋଗର ନିଦାନକରି ଔଷଧ ଦେଉଥିଲେ । ତାଙ୍କ ହାତରେ ଯାଦୁକରୀ ଶକ୍ତି ଥିଲା । ତେଣୁ ଅଳ୍ପ ଦିନ ମଧ୍ୟରେ ଜଣେ ଯଶସ୍ୱୀ ଚିକିତ୍ସକ ଭାବରେ ସୁନାମ ଅର୍ଜନ କଲେ । ଏଠାରେ କେବଳ ଗୋଟିଏ ଘଟଣା ବର୍ଣ୍ଣନା କରାଯାଉଛି, ଯାହା କି ଅତ୍ୟନ୍ତ ବିଚିତ୍ର ।

## ।। ବିଲକ୍ଷଣ ନେତ୍ର ଚିକିତ୍ସା ।।

ଜଣେ ଭକ୍ତଙ୍କର ଆଖି ବହୁତ ଲାଲ ହୋଇଯାଇଥିଲା ଓ ଫୁଲିଯାଇଥିଲା । ଶିରିଡ଼ି ଭଳି କ୍ଷୁଦ୍ର ଗ୍ରାମରେ ଡାକ୍ତର ମିଳିବେ କେଉଁଠୁ ? ଭକ୍ତମାନେ ରୋଗୀକୁ ବାବାଙ୍କ ସମ୍ମୁଖକୁ ନେଲେ । ଏହି ପ୍ରକାର ରୋଗ କ୍ଷେତ୍ରରେ ଡାକ୍ତର ପ୍ରାୟତଃ ମଲମ, ଅଞ୍ଜନ, ଗୋଦୁଗ୍ଧ ତଥା କର୍ପୂରଯୁକ୍ତ ଔଷଧ ଦେଇଥାନ୍ତି । କିନ୍ତୁ ବାବାଙ୍କର ଔଷଧ ସର୍ବଦା ଭିନ୍ନ ଥିଲା । ଭାଲିଆ ମଞ୍ଜି ଗୁଣ୍ଡକରି ଦୁଇଟି ଗୁଳା କଲେ ଏବଂ ରୋଗୀର ଆଖିରେ ଗୋଟିଏ ଗୁଳା ଲଗାଇ କନା ପଟି ବାନ୍ଧିଦେଲେ । ପରଦିନ ପଟି କାଢ଼ି ପାଣି ଛାଟ ଦିଆଗଲା । ଏହାପରେ ଫୁଲା କମିଗଲା ଏବଂ ଆଖି ପ୍ରାୟତଃ ନୀରୋଗ ହୋଇଗଲା । ଆଖି ଶରୀରର ଏକ ସୁକୋମଳ ଅଙ୍ଗ, କିନ୍ତୁ ବାବାଙ୍କ ଔଷଧରୁ କିଛି କ୍ଷତି ହେଲା ନାହିଁ ବରଂ ଆଖିର ପୀଡ଼ା ଦୂର ହୋଇଗଲା । ଏହି ପ୍ରକାର ଅନେକ ରୋଗୀ ନୀରୋଗ ହେଉଥିଲେ । ଏଠାରେ ତ ଉଦାହରଣ ସ୍ୱରୂପ ଗୋଟିଏ ଘଟଣା ବର୍ଣ୍ଣନା କରାଗଲା ।

## ।। ବାବାଙ୍କର ଯୋଗକ୍ରିୟା ।।

ବାବା ସମସ୍ତ ପ୍ରକାର ଯୋଗ କ୍ରିୟାର ଅଧିକାରୀ ଥିଲେ । ସେଥିରୁ କେବଳ ଦୁଇଟିର ଉଲ୍ଲେଖ ଏଠାରେ କରାଯାଉଛି ।

**ଧୌତି କ୍ରିୟା :** ପ୍ରତି ତିନିଦିନରେ ଥରେ ବାବା ମସଜିଦ୍‌ଠାରୁ ଯଥେଷ୍ଟ ଦୂରରେ ଏକ ବଟ ବୃକ୍ଷ ତଳେ ଏହି କ୍ରିୟା କରୁଥିଲେ । ଥରେ ଲୋକମାନେ ଦେଖିଲେ ଯେ ସେ ତାଙ୍କର ଅନ୍ତବୁଜୁଳା ଉଦରରୁ ବାହାର କରି ତାହାକୁ ଚାରିପଟୁ ସଫା କଲେ ଏବଂ ନିକଟସ୍ଥ ଗଛମୂଳରେ ଶୁଖିବାକୁ ରଖିଦେଲେ । ଶିରିଡ଼ିରେ ଏହି ଘଟଣା ଦେଖିଥିବା ଲୋକ ଏବେ ବି ଜୀବିତ ଅଛନ୍ତି । ସେ ଏହି କଥାର ପରୀକ୍ଷା ମଧ୍ୟ କରିଥିଲେ । ସାଧାରଣ ଧୌତି କ୍ରିୟା ୩ ଇଞ୍ଚ ଚଉଡ଼ା ଏବଂ ସାଢ଼େ ୨୨ ଫୁଟ ଲମ୍ବର ଏକ ଓଦା

କପଡ଼ା ସାହାଯ୍ୟରେ କରାଯାଏ । ଏହି କପଡ଼ାକୁ ପାଟି ଦେଇ ପେଟ ଯାଏଁ ପୂରାଇ ଦିଆଯାଏ ଏବଂ ପ୍ରାୟ ଅଧଘଣ୍ଟା ପର୍ଯ୍ୟନ୍ତ ସେହିପରି ରଖାଯାଏ । ଏହାପରେ ତାକୁ ପୁଣି ବାହାରକୁ କାଢ଼ି ଅଣାଯାଏ । କିନ୍ତୁ ବାବାଙ୍କର ଉପରୋକ୍ତ ଧୌତି କ୍ରିୟା ବିଚିତ୍ର ଏବଂ ଅସାଧାରଣ ଥିଲା ।

**ଖଣ୍ଡଯୋଗ :** ଦିନେ ବାବା ତାଙ୍କ ଶରୀରର ଭିନ୍ନ ଭିନ୍ନ ଅବୟବଗୁଡ଼ିକୁ ପୃଥକ ପୃଥକ କରି ମସଜିଦ୍‌ର ଭିନ୍ନ ଭିନ୍ନ ସ୍ଥାନରେ ରଖିଦେଲେ । ଅକସ୍ମାତ ସେହି ଦିନ ଜଣେ ବ୍ୟକ୍ତି ମସଜିଦ୍‌ରେ ପହଞ୍ଚିଲେ ଏବଂ ମନୁଷ୍ୟ ଅଙ୍ଗ ପ୍ରତ୍ୟଙ୍ଗଗୁଡ଼ିକ ଏଠି ସେଠି ପଡ଼ିଥିବାର ଦେଖି ଭୟଭୀତ ହୋଇଗଲେ । ସେ ମନରେ ଭାବିନେଲେ କି ବାବାଙ୍କୁ କିଏ ହତ୍ୟା କରି ଖଣ୍ଡ ଖଣ୍ଡ କରି ପକାଇଦେଇଛି, ତେଣୁ ସେଠାରୁ ଫେରି ଗ୍ରାମମୁଖିଆଙ୍କୁ ଏହି ସୂଚନା ଦେବାକୁ ସ୍ଥିର କଲେ । କିନ୍ତୁ ଖବର ଦେବା ଲୋକ ହିଁ ଅଡୁଆରେ ପଡ଼ିବ, ଏ କଥା ପୁଣି ମନଭିତରକୁ ଆସିବାରୁ ସେ ନୀରବ ରହିଗଲେ । ପରଦିନ ଯେତେବେଳେ ମସଜିଦ୍‌କୁ ଗଲେ ପୂର୍ବବତ୍ ବାବାଙ୍କୁ  ହୃଷ୍ଟପୁଷ୍ଟ ଏବଂ ସୁସ୍ଥ ଶରୀରରେ ଦେଖି ତାଙ୍କର ବିସ୍ମୟର ସୀମା ରହିଲା ନାହିଁ । ତାଙ୍କୁ ଲାଗିଲା ପୂର୍ବଦିନ ସେ ଯାହା ଦେଖିଥିଲେ ତାହା କ'ଣ ସ୍ୱପ୍ନ ଥିଲା ?

ବାବା ବାଲ୍ୟାବସ୍ଥାରୁ ହିଁ ଯୋଗକ୍ରିୟା କରୁଥିଲେ ଏବଂ ତାଙ୍କର ଯେଉଁ ଅବସ୍ଥା ପ୍ରାପ୍ତି ହୋଇଥିଲା, ତାହାର ଜ୍ଞାନ କାହାକୁ ମଧ୍ୟ ଜ୍ଞାତ ନଥିଲା । ଚିକିତ୍ସା ନାମରେ ସେ କେବେ କାହାଠାରୁ ଗୋଟିଏ ପଇସା ନେଉନଥିଲେ । ତାଙ୍କର ଏପରି ଲୋକବତ୍ସଳ ଗୁଣ ଯୋଗୁ ତାଙ୍କର କୀର୍ତ୍ତି ଦୂର ଦୂରାନ୍ତ ପର୍ଯ୍ୟନ୍ତ ବ୍ୟାପିବାକୁ ଲାଗିଲା । ସେ ଅନେକ ଗରିବ ଏବଂ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କଲେ ।

ଚିକିତ୍ସକଙ୍କ ମଧ୍ୟରେ ଚିକିତ୍ସକ ଏହି ମହାପୁରୁଷ ଜଣକ କେବେ ବି ନିଜର ସ୍ୱାର୍ଥ କଥା ଚିନ୍ତା ନକରି ଅନେକ ବିଘ୍ନର ସମ୍ମୁଖୀନ ହେଉଥିଲେ ତଥା ନିଜେ ଅସହ୍ୟ ବେଦନା ଏବଂ କଷ୍ଟ ସହି ସର୍ବଦା ଅନ୍ୟର ମଙ୍ଗଳ କରୁଥିଲେ ଏବଂ ସେମାନଙ୍କର ବିପତ୍ତିରେ ସହାୟତା କରୁଥିଲେ । ସର୍ବଦା ପରର କଲ୍ୟାଣ ନିମିତ୍ତ ସେ ଚିନ୍ତିତ ରହୁଥିଲେ । ଏପରି ଏକ ଘଟଣା ନିମ୍ନରେ ଉଲ୍ଲେଖ କରାଯାଉଛି, ଯାହାକି ତାଙ୍କର ସର୍ବବ୍ୟାପକତା ଏବଂ ମହାନ ଦୟାଳୁ ଭାବର ପରିଚୟ ଦିଏ ।

**ବାବାଙ୍କ ସର୍ବବ୍ୟାପକତା ଏବଂ ଦୟାଭାବ :** ୧୯୧୦ ମସିହାରେ ଦୀପାବଳିର ଶୁଭ ଅବସରରେ ବାବା ଧୁନି ପାଖରେ ବସି ଅଗ୍ନିତାପ ଗ୍ରହଣ କରୁଥିଲେ ଏବଂ ଧୁନିରେ କାଠଖଣ୍ଡମାନ ପକାଇ ଚାଲିଥିଲେ । ଧୁନି ଜୋର୍‌ରେ ଜଳୁଥିଲା । କିଛି ସମୟ ପରେ ସେ କାଠ ପକାଇବା ବଦଳରେ ନିଜର ହାତ ଧୁନିରେ ପୂରାଇଦେଲେ । ହାତ ଶୋଚନୀୟ ଭାବରେ ପୋଡ଼ିଗଲା । ପାଖରେ ଥିବା ସହାୟକ ମାଧବ ଏବଂ ମାଧବରାଓ ଦେଶପାଣ୍ଡେ ବ୍ୟସ୍ତ ହୋଇଉଠି ବାବାଙ୍କୁ ଭିଡ଼ି ଧରିଆଣିଲେ ।

ମାଧବରାଓ କହିଲେ 'ହେ ଦେବ ! ଆପଣ ଏ କ'ଣ କଲେ ?' ବାବା ପ୍ରକୃତିସ୍ଥ ହୋଇ କହିଲେ 'କିଛିଦୂରରେ ଜଣେ କମାର ପତ୍ନୀ ଯେତେବେଳେ ଚୂଲି ଲଗାଉଥିଲା, ତା'ର ସ୍ୱାମୀର ଡାକ ଶୁଣି ହଠାତ୍ ଉଠିଲାବେଳକୁ ଅଣ୍ଟାରେ ବନ୍ଧା ହୋଇଥିବା ତା'ର ଶିଶୁଟି ଚୂଲି ଭିତରେ ଗଳିପଡ଼ିଲା । ମୁଁ ତତ୍‌କ୍ଷଣାତ୍ ହାତ ପୂରାଇ ଶିଶୁଟିର ଜୀବନ ରକ୍ଷା କଲି । ମୋର ହାତ ପୋଡ଼ିଯିବାରେ କୌଣସି ଦୁଃଖ ନାହିଁ, କିନ୍ତୁ ଏକ ନିରୀହ ଶିଶୁର ଜୀବନ ଯେ ରହିଗଲା, ଏହା ମୋତେ ଅତୀବ ସନ୍ତୋଷ ଦେଉଛି ।'

## ।। କୁଷ୍ଠ ରୋଗୀଙ୍କ ସେବା ।।

ମାଧବ ରାଓ ଦେଶପାଣ୍ଡେ ବା ଶ୍ୟାମାଙ୍କଠାରୁ ବାବାଙ୍କର ହାତ ଦଗ୍ଧୀଭୂତ ହେବା ଖବର ପାଇ ନାନାସାହେବ ଚନ୍ଦୋରକର, ମୁମ୍ବଇର ପ୍ରସିଦ୍ଧ ଡାକ୍ତର ପରମାନନ୍ଦଙ୍କ ସହିତ ଔଷଧ, ପ୍ରଲେପ, ପଟି ଆଦି ସାଙ୍ଗରେ ଧରି ଶିରିଡ଼ିରେ ପହଞ୍ଚିଲେ । ସେ ବାବାଙ୍କୁ ଡାକ୍ତର ପରମାନନ୍ଦଙ୍କ ଦ୍ୱାରା ଚିକିତ୍ସା କରିବାକୁ ତଥା କ୍ଷତ ସ୍ଥାନରେ ଔଷଧ ଲଗାଇବାକୁ ଅନୁମତି ମାଗିଲେ । କିନ୍ତୁ ବାବା ଏହାକୁ ପ୍ରତ୍ୟାଖ୍ୟାନ କରିଦେଲେ । କୁଷ୍ଠରୋଗାକ୍ରାନ୍ତ ଭକ୍ତ ଭାଗୋଜୀ ସିନ୍ଦେ କ୍ଷତ ସ୍ଥାନରେ ପଟି ବାନ୍ଧି ଦେଉଥିଲେ । ତାଙ୍କର କାର୍ଯ୍ୟ ଥିଲା ପ୍ରତିଦିନ ପୋଡ଼ି ଯାଇଥିବା ସ୍ଥାନରେ ଘିଅ ମଇଲମ କରିବା ଓ ତାହା ଉପରେ ଏକ ପତ୍ର ରଖି ପଟି ବାନ୍ଧିଦେବା । ଘାଆ ଶିଘ୍ର ଭଲ ହୋଇଯିବା ଆଶାରେ ନାନାସାହେବ ଚନ୍ଦୋରକର ପଟିକୁ ହଟାଇଦେଇ ଡାକ୍ତର ପରମାନନ୍ଦଙ୍କ ଦ୍ୱାରା ଚିକିତ୍ସା କରାଇବା ପାଇଁ ବାବାଙ୍କୁ ଅନୁନୟ ବିନୟ କଲେ । ଏପରିକି ଡାକ୍ତର ପରମାନନ୍ଦ ମଧ୍ୟ ଅନେକ ଥର ପ୍ରାର୍ଥନା କଲେ, କିନ୍ତୁ ବାବା ସେମାନଙ୍କ ଅନୁରୋଧକୁ ଏଡ଼ାଇଦେଇ କହିଲେ 'ଆଲ୍ଲା ହିଁ ମୋର ଡାକ୍ତର' । ହାତର ପରୀକ୍ଷା କରିବାକୁ ମଧ୍ୟ ସେ ଅଗ୍ରାହ୍ୟ କରିଦେଲେ । ଡାଃ ପରମାନନ୍ଦଙ୍କ ଔଷଧ ପେଡ଼ି ଶିରିଡ଼ିର ବାୟୁମଣ୍ଡଳରେ ଖୋଲାଯାଇପାରିଲା ନାହିଁ କି ତାହାର ବ୍ୟବହାର ହୋଇପାରିଲା ନାହିଁ । ତଥାପି ଡାକ୍ତରଜଣଙ୍କର ପରମ ସୌଭାଗ୍ୟ ଥିଲା, ଯେଉଁ କାରଣରୁ ସେ ବାବାଙ୍କର ଦର୍ଶନ ଲାଭର ସୁଯୋଗ ପାଇଲେ । ଭାଗୋଜୀଙ୍କୁ ଔଷଧ ଲଗାଇବାକୁ ଅନୁମତି ମିଳିଲା । କିଛି ଦିନ ପରେ ଯେତେବେଳେ ଘାଆ ଠିକ୍ ହୋଇଗଲା, ସମସ୍ତ ଭକ୍ତ ଖୁସି ହୋଇଗଲେ, କିନ୍ତୁ ଆହୁରି କିଛି ପୀଡ଼ା ବାକି ରହିଛି କି ନାହିଁ ତାହା କେହି ଜାଣୁନଥିଲେ । ପ୍ରତିଦିନ ଘିଅରେ ହାତ ମାଲିସ ହେଉଥିଲା ଏବଂ ପୁଣି କସିକରି ପଟି ବାନ୍ଧିବା– ଏହି କାର୍ଯ୍ୟ ଶ୍ରୀ ସାଇବାବାଙ୍କ ସମାଧି ପର୍ଯ୍ୟନ୍ତ ପ୍ରତ୍ୟହ ଚାଲିଥିଲା । ଶ୍ରୀ ସାଇବାବାଙ୍କ ପରି ପୂର୍ଣ୍ଣ ସିଦ୍ଧଙ୍କୁ ଏହିପରି ଚିକିତ୍ସାର କୌଣସି ଆବଶ୍ୟକତା ନଥିଲା, କିନ୍ତୁ ଭକ୍ତର ପ୍ରେମବଶରେ ସେ ଭାଗୋଜୀଙ୍କର ଏହି ସେବା ନିର୍ବିଘ୍ନରେ ସ୍ୱୀକାର କରିଥିଲେ । ଯେତେବେଳେ ବାବା ଲେଣ୍ଡିକୁ ଯାଉଥିଲେ, ଭାଗୋଜୀ ଛତା ଧରି ତାଙ୍କ ସହ ଯାଉଥିଲେ । ପ୍ରତିଦିନ ସକାଳେ

ଯେତେବେଳେ ବାବା ଧୂନି ପାଖରେ ବିରାଜମାନ କରୁଥିଲେ, ଭାଗୋଜୀ ସେଠାରେ ପ୍ରଥମରୁ ଉପସ୍ଥିତ ରହି ନିଜର କାର୍ଯ୍ୟ ଆରମ୍ଭ କରିଦେଉଥିଲେ । ଭାଗୋଜୀ ପୂର୍ବଜନ୍ମରେ ଅନେକ ପାପ କର୍ମ କରିଥିଲେ, ଏହି କାରଣରୁ ସେ କୁଷ୍ଠରୋଗରେ ପୀଡ଼ିତ ଥିଲେ । ତାଙ୍କର ଆଙ୍ଗୁଳି ନଷ୍ଟ ହୋଇଯାଇଥିଲା ଏବଂ ଶରୀର ପୋକ ମାଛିରେ ଭର୍ତ୍ତି ହୋଇ ଉତ୍କଟ ଗନ୍ଧ ଜାତ ହେଉଥିଲା । ଯଦିଓ ବାହ୍ୟ ଦୃଷ୍ଟିରେ ସେ ଦୁର୍ଭାଗା ପ୍ରତୀତ ହେଉଥିଲେ, ବାବାଙ୍କର ପ୍ରଧାନ ସେବକ ହୋଇଥିବା କାରଣରୁ ସେ ହିଁ ପ୍ରକୃତରେ ଅଧିକ ଭାଗ୍ୟଶାଳୀ ତଥା ସୁଖୀ ଥିଲେ । ବାବାଙ୍କର ସାନ୍ନିଧ୍ୟ ସେ ପୂର୍ଣ୍ଣ ମାତ୍ରାରେ ଲାଭ କରିଥିଲେ ।

## ।। ବାଳକ ଖପର୍ଡ୍ଡେର ପ୍ଲେଗରୋଗ ।।

ଏବେ ବାବାଙ୍କର ଆଉ ଏକ ଅଦ୍‌ଭୁତ ଲୀଳା ବର୍ଣ୍ଣନା କରୁଛି । ଅମରାବତିର ଦାଦାସାହେବ ଖପର୍ଡ୍ଡେଙ୍କ ପତ୍ନୀ ଶ୍ରୀମତୀ ଖପର୍ଡ୍ଡେ ତାଙ୍କର ଶିଶୁପୁତ୍ର ସହିତ ଶିରିଡ଼ିରେ ଥିଲେ । ଏହି ସମୟରେ ପୁତ୍ରକୁ ଜ୍ୱର ହେଲା ଓ ତାପରେ ସେ ପ୍ଲେଗରେ ଆକ୍ରାନ୍ତ ହୋଇଗଲା । ଶ୍ରୀମତୀ ଖପର୍ଡ୍ଡେ ଛାନିଆଁ ହୋଇ ବିବ୍ରତ ଜଣାପଡ଼ିଲେ ଏବଂ ଅମରାବତୀ ଫେରିଯିବାକୁ ସ୍ଥିର କଲେ । ସନ୍ଧ୍ୟାରେ ଯେତେବେଳେ ବାବା ବାୟୁସେବନ ପାଇଁ ୱାଡ଼ା(ଏବେ ସମାଧି ମନ୍ଦିର) ଅଭିମୁଖେ ଆସୁଥିଲେ, ସେତେବେଳେ ବାବାଙ୍କୁ ଶିରିଡ଼ି ଛାଡ଼ିବାକୁ ଅନୁମତି ଭିକ୍ଷାକରି ଥରିଲା କଣ୍ଠରେ ସେ କହିଲେ ଯେ ତାଙ୍କର ପୁତ୍ର ପ୍ଲେଗ ରୋଗାକ୍ରାନ୍ତ ହୋଇଛି, ଏଣୁ ସେ ଘରକୁ ଫେରିଯିବାକୁ ଚାହୁଁଛନ୍ତି । ବଡ଼ ହାଲୁକା ଭାବରେ ବାବା ଏହାର ସମାଧାନ କରି କହିଲେ 'ଆକାଶରେ ଏବେ ମେଘ ଢ଼ାଙ୍କିଛି । ତାହା ହଟିବା ପରେ ଆକାଶ ପୁଣି ସ୍ୱଚ୍ଛ ହୋଇଯିବ ।' ଏହା କହି ସେ କଟୀଦେଶ ପର୍ଯ୍ୟନ୍ତ କଫନି ଉଠାଇଦେଲେ ଏବଂ ଉପସ୍ଥିତ ଭକ୍ତମାନଙ୍କୁ ଅଣ୍ଡାକୃତିର ଚାରୋଟି ବଥ ଦେଖାଇ କହିଲେ– ଦେଖ, ଭକ୍ତମାନଙ୍କ ପାଇଁ ମୋତେ କେତେ କଷ୍ଟ ସହ୍ୟ କରିବାକୁ ପଡୁଛି । ସେମାନଙ୍କର କଷ୍ଟ ମୋର ଅଟେ । ଏହି ବିଚିତ୍ର ତଥା ଅସାଧାରଣ ଲୀଳା ଦେଖି ଲୋକଙ୍କ ମନରେ ବିଶ୍ୱାସ ହେଲା ଯେ ସନ୍ଥଙ୍କୁ ତାଙ୍କର ଭକ୍ତଙ୍କ ପାଇଁ କେତେ କଷ୍ଟ ସହ୍ୟ କରିବାକୁ ପଡୁଛି । ସନ୍ଥଙ୍କ ହୃଦୟ ମହମଠାରୁ ମଧ୍ୟ ତରଳ ତଥା ଲହୁଣୀ ସଦୃଶ କୋମଳ ଅଟେ । ସେମାନେ ନିଃସ୍ୱାର୍ଥପର ଭାବରେ ଭକ୍ତମାନଙ୍କୁ ପ୍ରେମ କରନ୍ତି ଏବଂ ନିଜର ସଂପର୍କୀୟ ବିଚାର କରନ୍ତି ।

## ।। ପଣ୍ଡରପୁର ଯାତ୍ରା ଓ ନିବାସ ।।

ବାବା ତାଙ୍କର ଭକ୍ତମାନଙ୍କୁ କେତେ ପ୍ରେମ କରୁଥିଲେ ଏବଂ କେଉଁପରି ସେମାନଙ୍କର ସମସ୍ତ ଇଚ୍ଛା ତଥା ଖବରକୁ ପୂର୍ବରୁ ହିଁ ଜାଣିପାରୁଥିଲେ, ତାହାର ବର୍ଣ୍ଣନା କରି ଏହି ଅଧ୍ୟାୟ ସମାପ୍ତ କରୁଛି ।

ନାନା ସାହେବ ଚନ୍ଦୋରକର ବାବାଙ୍କର ଜଣେ ପରମଭକ୍ତ ଥିଲେ । ସେ ଖାନଦେଶର ମାମଲତଦାର ଥିଲେ । ତାଙ୍କର ପଣ୍ଡରପୁରକୁ ବଦଳି ହେଲା ତଥା ଶ୍ରୀ ସାଇବାବାଙ୍କ ପ୍ରତି ତାଙ୍କର ଭକ୍ତି ଏହିପରି ଫଳଦାୟୀ ହେଲା । ପଣ୍ଡରପୁରକୁ ମର୍ତ୍ତ୍ୟର ବୈକୁଣ୍ଠ ବୋଲି ମନେ କରାଯାଏ । ଚନ୍ଦୋରକର ଏଥିରେ ବଡ଼ ଖୁସି ହୋଇ ଶୀଘ୍ର ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ବାହାରିଲେ ଓ ଯିବାପୂର୍ବରୁ ବାବାଙ୍କର ଦର୍ଶନ ଓ ଆଶୀର୍ବାଦ ନିମିତ୍ତ ଶିରିଡ଼ି ଗଲେ । ଶିରିଡ଼ିକୁ ସେ ପଣ୍ଡରପୁର ଓ ବାବାଙ୍କୁ ତାଙ୍କର ବିଠୋବା ମନେ କରୁଥିଲେ । ଯାହା ବି ହେଉ ବଦଳିର ସୂଚନା ସେ କାହାକୁ ଦେଇନଥିଲେ ଏବଂ ଯଥାଶୀଘ୍ର ଶିରିଡ଼ିରେ ପହଞ୍ଚି ବାବାଙ୍କର ଆଶୀର୍ବାଦ ନେଇ ପଣ୍ଡରପୁର ଯାତ୍ରା କରିବାକୁ ସ୍ଥିର କରିଥିଲେ । ମାତ୍ର ବାବାଙ୍କ ପାଖରେ କ'ଣ ଲୁଚି ରହିବ ?  ସିଏ ତ ସର୍ବଜ୍ଞ । ଯେମିତି ନାନାସାହେବ ଶିରିଡ଼ିର ଅନତିଦୂର ନିମଗାଓଁ ପାଖାପାଖି ହୋଇଛନ୍ତି, ବାବା ଏହି ସମୟରେ ମହଲସାପତି, ଅପ୍ପା ସିନ୍ଧେ ଏବଂ କାଶୀରାମଙ୍କ ସହିତ ଦ୍ୱାରକାମାୟୀରେ ବାର୍ତ୍ତାଳାପ କରୁଥିଲେ । ହଠାତ୍ ନୀରବତା ଖେଳିଗଲା ଏବଂ ବାବା କହିଲେ, 'ଆସ ଚାରିଜଣ ମିଶି ଭଜନ ବୋଲିବା । ପଣ୍ଡରପୁରର ଦ୍ୱାର ଖୋଲିଯାଇଛି । ପ୍ରେମପୂର୍ବକ ଏହି ଭଜନ ଗାଇବା । ଭଜନଟିର ଭାବାର୍ଥ ଏହିପରି – 'ମୋତେ ପଣ୍ଡରପୁର ଯାଇ ସେଠାରେ ରହିବାକୁ ହେବ, କାହିଁକିନା ତାହା ମୋର ପ୍ରଭୁଙ୍କ ନିବାସ ।' ବାବା ଗାଇବାକୁ ଲାଗିଲେ ଓ ସମସ୍ତେ ତାଙ୍କ ସହିତ ସ୍ୱର ମିଳାଇଲେ । କିଛି ସମୟ ମଧ୍ୟରେ ନାନାସାହେବ ସପରିବାର ସେଠାରେ ପହଞ୍ଚି ବାବାଙ୍କୁ ପ୍ରଣାମ କଲେ । ସେ ବାବାଙ୍କୁ ପଣ୍ଡରପୁର ଯାତ୍ରା ତଥା ସେଠାରେ ରହିବା ନିମିତ୍ତ ଅନୁମତି ଭିକ୍ଷା କଲେ । ପାଠକଗଣ, ଏବେ ଦେଖନ୍ତୁ, ସେହି ପ୍ରାର୍ଥନାର କି ଆବଶ୍ୟକତା ଥିଲା ? ଭକ୍ତଗଣ ନାନାସାହେବଙ୍କୁ କହିଲେ କି ବାବା ପଣ୍ଡରପୁର ନିବାସ କଥା ଆଗରୁ କହିସାରିଥିଲେ । ଏହା ଶୁଣି ନାନାସାହେବ ବିହ୍ୱଳିତ ହୋଇ ବାବାଙ୍କ ଶ୍ରୀଚରଣରେ ଲୋଟିପଡ଼ିଲେ ତଥା ବାବାଙ୍କ ଅନୁମତି, ଉଦି ଏବଂ ଆଶୀର୍ବାଦ ନେଇ ପଣ୍ଡରପୁର ଯାତ୍ରାକଲେ ।

ବାବାଙ୍କ ଲୀଳା ଅନନ୍ତ । ଅନ୍ୟ ବିଷୟ ଯଥା ମାନବ ଜନ୍ମର ମହତ୍ତ୍ୱ, ବାବାଙ୍କ ଭିକ୍ଷାବୃତ୍ତି ଦ୍ୱାରା ଜୀବନ ନିର୍ବାହ, ବାୟଜାବାଈଙ୍କ ସେବା ଆଦି କଥା ପରବର୍ତ୍ତୀ ଅଧ୍ୟାୟ ପାଇଁ ରଖି ଏବେ ମୁଁ ବିଶ୍ରାମ ନେଉଛି ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।।ଅଷ୍ଟମ ଅଧ୍ୟାୟ ।।

### ମାନବ ଜନ୍ମର ମହତ୍ତ୍ୱ, ସାଇବାବାଙ୍କ ଭିକ୍ଷାବୃତ୍ତି, ବାୟଜାବାଈଙ୍କ ସେବା ଶୁଶ୍ରୂଷା, ଶୟନକକ୍ଷ, ଖୁସାଲଚନ୍ଦଙ୍କ ପ୍ରତି ପ୍ରେମ

ଗତ ଅଧ୍ୟାୟରେ ପ୍ରଦତ୍ତ ସୂଚନା ଅନୁସାରେ ହେମାଡପନ୍ତ ଏବେ ମାନବ ଜନ୍ମର ମହତ୍ତ୍ୱ ବିଷୟରେ ବିସ୍ତୃତ ଆଲୋଚନା କରୁଛନ୍ତି । ଏହାପରେ ବାବା କିପରି ଭିକ୍ଷାଟନ କରୁଥଲେ, ବାୟଜାବାଈଙ୍କ ସେବା, ତାତ୍ୟାକୋତେ ଓ ମହଲସାପତିଙ୍କ ସହିତ ମସଜିଦ୍‌ରେ ଏକତ୍ର ଶୟନ ତଥା ଖୁସାଲଚନ୍ଦଙ୍କ ପ୍ରତି ତାଙ୍କର ସ୍ନେହ ଆଦି ବିଷୟରେ ଆଲୋଚନା କରିଛନ୍ତି ।

### ।।ମାନବ ଜନ୍ମର ମହତ୍ତ୍ୱ ।।

ଏହି ବିଚିତ୍ର ସଂସାରରେ ଭଗବାନ ଲକ୍ଷ ଲକ୍ଷ ପ୍ରାଣୀ(ହିନ୍ଦୁ ଶାସ୍ତ୍ର ଅନୁସାରେ ୮୪ ଲକ୍ଷ ଯୋନି) ସୃଷ୍ଟି କରିଛନ୍ତି (ଏହା ମଧ୍ୟରେ ଦେବ, ଦାନବ, ଗନ୍ଧର୍ବ, ଜୀବଜନ୍ତୁ ଏବଂ ମନୁଷ୍ୟ ଆଦି ଅନ୍ତର୍ଭୁକ୍ତ) ଯେଉଁମାନେ କି ସ୍ୱର୍ଗ, ନର୍କ, ପୃଥିବୀ, ସମୁଦ୍ର ତଥା ଆକାଶରେ ବସବାସ କରୁଛନ୍ତି ଏବଂ ଭିନ୍ନ ଭିନ୍ନ ଧର୍ମ ପାଳନ କରୁଛନ୍ତି । ଏହି ପ୍ରାଣୀମାନଙ୍କ ମଧ୍ୟରେ **ଯାହାର ପୁଣ୍ୟ ଅଧିକ ସିଏ ସ୍ୱର୍ଗରେ ବାସ କରେ ଏବଂ ତା'ର ସତ୍‌କର୍ମର ଫଳ ଭୋଗ କରେ । ପୁଣ୍ୟ ଶେଷ ହୋଇଯିବା ପରେ ସେ ପୁଣି ନିମ୍ନସ୍ତରକୁ ଚାଲିଆସେ । ଯେଉଁ ପ୍ରାଣୀମାନେ ପାପ କିମ୍ବା ଦୁଷ୍କର୍ମ କରିଥାନ୍ତି ସେମାନେ ନର୍କଗାମୀ ହୋଇ ନିଜ କୁକର୍ମର ଫଳ ଭୋଗ କରନ୍ତି । ଯେତେବେଳେ ସେମାନଙ୍କର ପାପ ଓ ପୁଣ୍ୟ ସମାନ ହୋଇଯାଏ, ମାନବ ଜନ୍ମ ହୋଇ ମୋକ୍ଷପ୍ରାପ୍ତିର ସୁଯୋଗ ଲାଭ ହୁଏ । ଯେବେ ପାପ ଓ ପୁଣ୍ୟ ଉଭୟ ନଷ୍ଟ ହୋଇଯାଏ, ସେତେବେଳେ ମନୁଷ୍ୟ ମୁକ୍ତି ଲାଭ କରେ । ସଂକ୍ଷେପରେ କହିଲେ ନିଜର କର୍ମ ତଥା ପ୍ରାରବ୍ଧ ଅନୁସାରେ ହିଁ ଆତ୍ମା ଜନ୍ମ ନିଏ ଏବଂ କାୟା ପ୍ରବେଶ କରେ ।**

### ।।ମନୁଷ୍ୟ ଶରୀର ଅମୂଲ୍ୟ ।।

ଏହା ସତ୍ୟ ଯେ ସମସ୍ତ ପ୍ରାଣୀଙ୍କଠାରେ ଚାରୋଟି ଗୁଣ ସମାନ ରହିଛି : ଆହାର, ନିଦ୍ରା, ଭୟ ଏବଂ ମୈଥୁନ । ସମସ୍ତ ପ୍ରାଣୀଙ୍କ ମଧ୍ୟରେ ମାନବର କେବଳ ଜ୍ଞାନ ଶକ୍ତି ରହିଛି, ଯାହାଦ୍ୱାରା ଈଶ୍ୱର ଦର୍ଶନ ସମ୍ଭବ । ଅନ୍ୟ କୌଣସି ଯୋନିରେ ଏହା ସମ୍ଭବ ନୁହେଁ । ଏହି କାରଣରୁ ଦେବତାମାନେ ମଧ୍ୟ ମାନବ ଜନ୍ମକୁ ଈର୍ଷା କରନ୍ତି ଓ ପୃଥିବୀରେ ମାନବ ଜନ୍ମ ଧାରଣ କରିବାକୁ ସର୍ବଦା ଲାଳାୟିତ ହୋଇଥାନ୍ତି, ଯଦ୍ଦ୍ୱାରା ସେମାନଙ୍କର ମୁକ୍ତି ଲାଭ ହେବ ।

କାହା କାହା ମତରେ ମାନବ ଶରୀର ଅତି ଦୋଷଯୁକ୍ତ । କୃମି, ପୂଜ ଏବଂ କଫରେ ପରିପୂର୍ଣ୍ଣ, କ୍ଷଣଭଙ୍ଗୁର, ରୋଗଗ୍ରସ୍ତ ତଥା ନଶ୍ୱର । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏସବୁ ସତ୍ୟ । କିନ୍ତୁ ଏତେ ଦୋଷଗୁଣରେ ଭର୍ତ୍ତି ହୋଇ ମଧ୍ୟ ମାନବ ଶରୀର ଅମୂଲ୍ୟ, କାରଣ ଜ୍ଞାନପ୍ରାପ୍ତି କେବଳ ଏହି ଯୋନିରେ ହିଁ ସମ୍ଭବ । ମାନବ ଶରୀର ପ୍ରାପ୍ତି ହେବା ପରେ ଯାଇ ଏହି ଶରୀର ନଶ୍ୱର ଏବଂ ବିଶ୍ୱ ପରିବର୍ତ୍ତନଶୀଳ ବୋଲି ଉପଲବ୍ଧି ହୋଇଥାଏ । ଏହି ସତ୍ୟକୁ ହୃଦବୋଧ କରିବା ପରେ ଇନ୍ଦ୍ରିୟାସକ୍ତି ବିଷୟରୁ ମୁକ୍ତ ହୋଇ ସତ୍-ଅସତ୍‌ର ବିବେକପୂର୍ବକ ବିଚାରକରି ଜଣେ ଈଶ୍ୱର ସାକ୍ଷାତକାର ମାର୍ଗରେ ଅଗ୍ରସର ହୋଇପାରିବ; କିନ୍ତୁ ଶରୀରକୁ ତୁଚ୍ଛ ଏବଂ ଅପବିତ୍ର ମନେକରି ଆମେ ଯଦି ତା'ର ଉପେକ୍ଷା କରିବା ତାହେଲେ ଈଶ୍ୱର ଦର୍ଶନରୁ ବଞ୍ଚିତ ରହିଯିବା । ଯଦି ଏହାକୁ ମୂଲ୍ୟବାନ ମନେକରି ତା' ପ୍ରତି ଆସକ୍ତି ରଖିବା ତାହେଲେ ଇନ୍ଦ୍ରିୟସୁଖ ପ୍ରତି ମୋହାବିଷ୍ଟ ହୋଇଯିବା, ଫଳରେ ଆମର ପତନ ସୁନିଶ୍ଚିତ । ଏଥିପାଇଁ ଉଚିତ ହେଉଛି ନା ଶରୀରକୁ ଉପେକ୍ଷା କରିବା ନା ତା'ପ୍ରତି ଆସକ୍ତି ରଖିବା । କେବଳ ସେତିକି ଯତ୍ନ ନେବା ଉଚିତ, ଯେତିକି ଘୋଡ଼ା ପିଠିରେ ବସି ଯାତ୍ରା କରୁଥିବା ଜଣେ ଯାତ୍ରୀ ତା'ର ଯାତ୍ରା ପଥରେ ଘୋଡ଼ାର ଯତ୍ନ ନେଇଥାଏ । ସୁତରାଂ ଶରୀରକୁ ସର୍ବଦା ଈଶ୍ୱର ଦର୍ଶନ କିମ୍ବା ଆତ୍ମସାକ୍ଷାତକାର ନିମିତ୍ତ ବ୍ୟବହାର କରିବା ଉଚିତ, ଯାହାକି ଜୀବନର ମୁଖ୍ୟ ଧ୍ୟେୟ । କୁହାଯାଏ ଯେ ଅନେକ ପ୍ରାଣୀଙ୍କର ଉତ୍ପତ୍ତି ପରେ ମଧ୍ୟ ଈଶ୍ୱରଙ୍କର ମନ ସନ୍ତୁଷ୍ଟ ହେଲା ନାହିଁ, କାରଣ କୌଣସି ପ୍ରାଣୀ ତାଙ୍କର ଅଲୌକିକ ରଚନା ଏବଂ ସୃଷ୍ଟିକୁ ବୁଝିବାରେ ସମର୍ଥ ହୋଇପାରିଲେ ନାହିଁ ।

ଏହି କାରଣରୁ ସେ ଏକ ବିଶେଷ ପ୍ରାଣୀ ଅର୍ଥାତ୍ ମାନବଜାତିର ଉତ୍ପତ୍ତି କଲେ ଏବଂ ତାକୁ ଜ୍ଞାନର ସୁଯୋଗ ପ୍ରଦାନ କଲେ । ଯେତେବେଳେ ଈଶ୍ୱର ଦେଖିଲେ ଯେ ମାନବ ତାଙ୍କର ଲୀଳା, ଅଦ୍‌ଭୁତ ରଚନା ତଥା ଜ୍ଞାନକୁ ବୁଝିବାର ଯୋଗ୍ୟ ହୋଇପାରିଛି, ତାଙ୍କ ମନରେ ଅତ୍ୟନ୍ତ ଆନନ୍ଦ ଓ ସନ୍ତୋଷ ଜାତ ହେଲା । (ଶ୍ରୀମଦ୍ ଭାଗବତ : ଏକାଦଶ ସ୍କନ୍ଧ :୯ :୨୮) ଏଥିସକାଶେ ମାନବ ଜନ୍ମ ପ୍ରାପ୍ତ ହେବା ଅତ୍ୟନ୍ତ ସୌଭାଗ୍ୟପ୍ରଦ । ଉଚ୍ଚ ବ୍ରାହ୍ମଣ କୁଳରେ ଜନ୍ମ ହେବା ତ ପରମ ସୌଭାଗ୍ୟର ଲକ୍ଷଣ, ତେବେ ସାଇ ଚରଣାମ୍ବୁଜରେ ପ୍ରୀତି ଏବଂ ତାଙ୍କର ଶରଣାଗତ ହେବା ଏ ସବୁଠାରୁ ମଧ୍ୟ ଶ୍ରେଷ୍ଠ ।

## ।। ଧ୍ୟେୟ ପ୍ରାପ୍ତି ନିମିତ୍ତ ତତ୍ପରତା ।।

ଏହି ସଂସାରରେ ମାନବ ଜନ୍ମ ଅତି ଦୁର୍ଲ୍ଲଭ । ପ୍ରତ୍ୟେକ ବ୍ୟକ୍ତିର ମୃତ୍ୟୁ ତ ସୁନିଶ୍ଚିତ ଏବଂ କୌଣସି କୌଣସି ନା ମୁହୂର୍ତ୍ତରେ ତାକୁ ଆଲିଙ୍ଗନ କରିବାକୁ ହେବ । ଏପରି ଧ୍ୟାନକରି ଆମକୁ ଆମର ଧ୍ୟେୟ ପ୍ରାପ୍ତି ନିମନ୍ତେ ତତ୍ପର ହେବାକୁ ପଡ଼ିବ । ଯେଉଁପରି ନିରୁଦ୍ଦିଷ୍ଟ ରାଜକୁମାରଙ୍କ ସନ୍ଧାନରେ ରାଜା ତାଙ୍କର ସମସ୍ତ ସମ୍ଭବ ଉପାୟ ପ୍ରୟୋଗ

କରିଦିଅନ୍ତି, ସେହିପରି କିଞ୍ଚିତ ବିଳମ୍ବ ନକରି ଆମକୁ ଆମର ଅଭୀଷ୍ଟ ସିଦ୍ଧି ନିମନ୍ତେ ତତ୍ପର ହେବାକୁ ପଡ଼ିବ । ଆଳସ୍ୟ ଓ ନିଦ୍ରା ପରିତ୍ୟାଗ କରି ଏକାଗ୍ରତା ଏବଂ ଉତ୍ସୁକତାର ସହ ଈଶ୍ୱରଙ୍କର ଧ୍ୟାନ ରଖିବାକୁ ହେବ । ଯଦି ଆମେ ଏହା କରିବା ନାହିଁ ତାହେଲେ ପଶୁ ସ୍ତରକୁ ଖସିଆସିବା ।

## ।। ସଦ୍‌ଗୁରୁଙ୍କର ଶୀତଳ ଛାୟା ।।

ଲକ୍ଷ୍ୟ ହାସଲ ପାଇଁ ସବୁଠାରୁ ସରଳ, ସହଜ ଓ ଫଳପ୍ରଦ ମାର୍ଗ ହେଉଛି କୌଣସି ଯୋଗ୍ୟ ସନ୍ଥ ବା ସଦ୍‌ଗୁରୁଙ୍କର ଆଶ୍ରୟ ନେବା, ଯିଏ ଈଶ୍ୱର ସାକ୍ଷାତକାର ଲାଭ କରିଛନ୍ତି । ଧାର୍ମିକ ପ୍ରବଚନ ଶ୍ରବଣ ଓ ଧର୍ମଗ୍ରନ୍ଥ ଅଧ୍ୟୟନ ଦ୍ୱାରା ଯେଉଁ ଫଳ ମିଳେ ନାହିଁ, ତାହା ଏହି ଆତ୍ମଜ୍ଞାନୀଙ୍କ ସତ୍‌ସଂଗ ଦ୍ୱାରା ସହଜରେ ପ୍ରାପ୍ତ ହୋଇଥାଏ । ସୂର୍ଯ୍ୟଙ୍କଠାରୁ ଯେଉଁ ଆଭା ଉତ୍ପନ୍ନ ହୁଏ, ବିଶ୍ୱବ୍ରହ୍ମାଣ୍ଡର ସମସ୍ତ ନକ୍ଷତ୍ର ଏକତ୍ର ହେଲେ ମଧ୍ୟ ତାହା ପୂରଣ ହୋଇପାରିବ ନାହିଁ । ସେହିଭଳି ଯେଉଁ ଆଧ୍ୟାତ୍ମିକ ଜ୍ଞାନ ସଦ୍‌ଗୁରୁଙ୍କ କୃପାରୁ ଉପଲବ୍ଧ ହୁଏ, ତାହା ଗ୍ରନ୍ଥ ଏବଂ ଉପଦେଶ ଦ୍ୱାରା କଦାପି ସମ୍ଭବ ନୁହେଁ । ତାଙ୍କର ପ୍ରତ୍ୟେକ ଗତିବିଧି, ମୃଦୁ ବଚନ, ଗୂଢ଼ ଉପଦେଶ, କ୍ଷମାଶୀଳତା, ସ୍ଥିରତା, ବୈରାଗ୍ୟ, ଦାନ, ପରୋପକାରିତା, ଶରୀର ଓ ମନ ଉପରେ ନିୟନ୍ତ୍ରଣ, ଅହଙ୍କାରଶୂନ୍ୟତା ଆଦି ଗୁଣ ସେ ଯେପରି ଆଚରଣରେ ପ୍ରଦର୍ଶନ କରନ୍ତି, ସତ୍‌ସଙ୍ଗ ଦ୍ୱାରା ଭକ୍ତମାନେ ତା'ର ପ୍ରତ୍ୟକ୍ଷ ଅନୁଭୂତି ଲାଭ କରନ୍ତି । ଏହାଦ୍ୱାରା ମସ୍ତିଷ୍କର ଜାଗରଣ ତଥା ଉତ୍ତରୋତ୍ତର ଆଧ୍ୟାତ୍ମିକ ଉନ୍ନତି ହୁଏ ।

ଶ୍ରୀ ସାଇବାବା ଏହପରି ଜଣେ ମହାନ୍ ସନ୍ଥ ଓ ସଦ୍‌ଗୁରୁ ଥିଲେ । ଯଦିଓ ବାହ୍ୟସ୍ୱରୂପରେ ସେ ଜଣେ ଫକିର ରୂପେ ଅଭିନୟ କରୁଥିଲେ ବାସ୍ତବରେ ସେ ସର୍ବଦା ଆତ୍ମଲୀନ ରହୁଥିଲେ । **ସମସ୍ତ ପ୍ରାଣୀଙ୍କୁ ସେ ପ୍ରେମ କରୁଥିଲେ ଏବଂ ସେମାନଙ୍କ ମଧ୍ୟରେ ଈଶ୍ୱରଙ୍କର ଦର୍ଶନ କରୁଥିଲେ ।** ତାଙ୍କ ନିକଟରେ ସୁଖର କୌଣସି ଆକର୍ଷଣ ନଥିଲା କି ବିପଦ ଆପଦରେ ସେ ବିଚଳିତ ହେଉନଥିଲେ । ଧନୀ ଓ ଗରିବ ଉଭୟେ ତାଙ୍କ ପାଇଁ ସମାନ ଥିଲେ । ଯାହାଙ୍କର କୃପା ମାତ୍ରକେ ଭିକ୍ଷୁକ ରାଜା ହୋଇଯାଉଥିଲା, ସିଏ ଶିରିଡ଼ିର ଦ୍ୱାରଦ୍ୱାର ବୁଲି ଭିକ୍ଷା କରୁଥିଲେ । ଆସନ୍ତୁ, ଏହି ବିଷୟରେ ଶୁଣିବା ।

## ।। ବାବାଙ୍କ ଭିକ୍ଷାବୃତ୍ତି ।।

ଶିରିଡ଼ିବାସୀଙ୍କ ଭାଗ୍ୟକୁ କିଏ କଳ୍ପନା କରିପାରିବ, ଯାହାଙ୍କ ଦ୍ୱାରକୁ ସ୍ୱୟଂ ପରଂବ୍ରହ୍ମ ଭିକ୍ଷୁକ ରୂପରେ ଆସି ଦଣ୍ଡାୟମାନ ହୋଇ ଡାକ ଦେଉଥିଲେ 'ଓ ମାଇ ! ଖଣ୍ଡେ ରୁଟି ମିଳିବ । ଆଉ ତାହା ପାଇବା ପାଇଁ ସେ ନିଜର ହାତ ବଢ଼ାଇଦେଉଥିଲେ । ଗୋଟିଏ

ହାତରେ ସେ ଟିଣଡବା ଧରୁଥିଲେ ଏବଂ ଅନ୍ୟ ହାତରେ ଝୁଲାମୁଣା । କିଛି ଘରକୁ ସେ ପ୍ରତିଦିନ ଯାଉଥିଲେ ଆଉ କାହା କାହା ଦୁଆର ବାହାରୁ ପଳାଇଆସୁଥିଲେ । ଶାଗ, ଦୁଧ ଓ ଦହି ଆଦି ତରଳ ପଦାର୍ଥଗୁଡ଼ିକୁ ଟିଣପାତ୍ରରେ ରଖୁଥିଲେ ଏବଂ ଭାତ, ରୁଟି ଆଦି ଶୁଖିଲା ଦ୍ରବ୍ୟକୁ ଝୁଲାରେ ରଖୁଥିଲେ । ତାଙ୍କର ଜିହ୍ୱାର କୌଣସି ସ୍ୱାଦ-ରୁଚି ନଥିଲା, ତାକୁ ସେ ବଶୀଭୂତ କରିସାରିଥିଲେ । ଏଣୁ ପ୍ରକାର ପ୍ରକାର ଖାଦ୍ୟ ସ୍ୱାଦର ବିଚାର ସେ କରନ୍ତେ କାହିଁକି ? ଯାହା ଭିକ୍ଷାସ୍ୱରୂପ ମିଳୁଥିଲା, ସେ ସବୁକୁ ଏକାଠିକରି ଗୋଳାଇ ସନ୍ତୋଷପୂର୍ବକ ଗ୍ରହଣ କରୁଥିଲେ । କେଉଁ ଜିନିଷ ସ୍ୱାଦିଷ୍ଟ କି ନୁହେଁ, ତାହାପ୍ରତି ସେ ଧ୍ୟାନ ଦେଉନଥିଲେ । ତାଙ୍କର ଜିହ୍ୱାରେ ସ୍ୱାଦ ଗୁଣ ବୋଲି ନଥିଲା । ମଧ୍ୟାହ୍ନ ପର୍ଯ୍ୟନ୍ତ ସେ ଭିକ୍ଷା କରୁଥିଲେ । ଅବଶ୍ୟ ଅନିୟମିତ ଧାରାରେ ଏହା ଚାଲୁଥିଲା । କେଉଁ ଦିନ ସେ ଅଳ୍ପ କେତୋଟି ଘର ବୁଲି ପଳାଇଆସୁଥିଲେ ତ କେଉଁ ଦିନ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଭିକ୍ଷା କରୁଥିଲେ । ସମସ୍ତ ଖାଦ୍ୟକୁ ଗୋଟିଏ କୁଣ୍ଡରେ ଭର୍ତ୍ତି କରିଦେଉଥିଲେ, ଯେଉଁଠାରେ କୁକୁର, ବିରାଡ଼ି ଓ କାଉ ମଧ୍ୟ ଆରାମରେ ଭୋଜନ କରୁଥିଲେ । ସେ ସେମାନଙ୍କୁ କେବେ ଘଉଡ଼ାଉନଥିଲେ । ଜଣେ ସ୍ତ୍ରୀ ଲୋକ, ଯିଏ ମସଜିଦ୍ ଓଳାଉଥିଲା, ସେ ପ୍ରତିଦିନ ଦଶ ବାର ଖଣ୍ଡ ରୁଟି ତା ଘରକୁ ନେଇ ଯାଉଥିଲା, କିନ୍ତୁ ତାକୁ କେହି ମନା କରୁନଥିଲେ । ଯିଏ ସ୍ୱପ୍ନରେ ସୁଦ୍ଧା ବିରାଡ଼ି କି କୁକୁରକୁ ମଧ୍ୟ କେବେ ବାରଣ କରିନାହାନ୍ତି, ଜଣେ ନିଃସହାୟ ଗରିବ ମହିଳାକୁ ସେ ବାରଣ କରନ୍ତେ କାହିଁକି ? ଏହିପରି ମହାନ୍ ପୁରୁଷଙ୍କ ଜୀବନ ଧନ୍ୟ । ଶିରିଡ଼ିବାସୀ ତ ପ୍ରଥମେ ପ୍ରଥମେ ତାଙ୍କୁ କେବଳ ଜଣେ ପାଗଳ ମନେ କରୁଥିଲେ, ଆଉ ସେହି ଶିରିଡ଼ିର ବାବା ନାମରେ ସେ ପ୍ରସିଦ୍ଧ ହୋଇଗଲେ । ଯିଏ ଭିକ୍ଷାରୁ ମିଳୁଥିବା କିଛି ଖାଦ୍ୟ ଉପରେ ନିର୍ଭର କରୁଥିଲେ ତାଙ୍କୁ କିଏ ବା ଆଦର କରନ୍ତା ? ମାତ୍ର ସିଏ ତ ଉଦାର ହୃଦୟର ଅଧିକାରୀ, ତ୍ୟାଗୀ ଓ ଧର୍ମାତ୍ମା ଥିଲେ । ଯଦିଓ ସେ ବାହାରୁ ଚଞ୍ଚଳ ଏବଂ ଅଶାନ୍ତ ପ୍ରତୀତ ହେଉଥିଲେ; କିନ୍ତୁ ଅନ୍ତଃକରଣରେ ସର୍ବଦା ଦୃଢ଼ ଏବଂ ଗମ୍ଭୀର ଥିଲେ । ତାଙ୍କର ମାର୍ଗ ଗହନ ତଥା ଗୂଢ଼ ଥିଲା । ତଥାପି ଗ୍ରାମରେ ଏପରି କିଛି ଶ୍ରଦ୍ଧାଳୁ ଏବଂ ସୌଭାଗ୍ୟଶାଳୀ ବ୍ୟକ୍ତି ଥିଲେ ଯେଉଁମାନେ ତାଙ୍କୁ ଜାଣିପାରି ଜଣେ ମହାନ୍ ପୁରୁଷ ରୂପେ ମାନୁଥିଲେ । ଏପରି ଏକ ଘଟଣା ନିମ୍ନରେ ଉଲ୍ଲେଖ କରାଗଲା ।

## ।। ବାୟଜାବାଈଙ୍କ ସେବା ।।

ତାତ୍ୟା କୋତେଙ୍କ ମାଆ ବାୟଜା ବାଈ, ପ୍ରତିଦିନ ଦ୍ୱିପ୍ରହର ସମୟରେ ଗୋଟିଏ ଝୁଡ଼ିରେ ରୁଟି ଏବଂ ଭଜା ନେଇ ଜଙ୍ଗଲ ଭିତରକୁ ଯାଆନ୍ତି । ଘଞ୍ଚ ଜଙ୍ଗଲ ଭିତରେ କୋଶ କୋଶ ଯାତ୍ରା କରି ସେ ବାବାଙ୍କୁ ଖୋଜୁଥିଲେ ଏବଂ ତାଙ୍କୁ ପାଇବା ପରେ ତାଙ୍କର ପଦଯୁଗଳକୁ ଜାବୁଡ଼ି ଧରୁଥିଲେ । ବାବା ତ ଶାନ୍ତ ଏବଂ ଧ୍ୟାନମଗ୍ନ ରହୁଥିଲେ ।

ଏକ ପତ୍ର ବିଛାଇ ତା' ଉପରେ ସମସ୍ତ ବ୍ୟଞ୍ଜନ, ଯଥା ରୁଟି, ଶାଗ ଆଦି ପରଶିଦେଉଥିଲେ ଏବଂ ବାବାଙ୍କୁ ଭୋଜନ କରିବାକୁ ଅନୁରୋଧ କରୁଥିଲେ । ତାଙ୍କର ସେବା ତଥା ଶ୍ରଦ୍ଧା ଅତ୍ୟନ୍ତ ବିଲକ୍ଷଣ ଥିଲା– ପ୍ରତିଦିନ ଦ୍ୱିପ୍ରହରରେ ଭୋଜନ ପ୍ରସ୍ତୁତ କରିନେବା ଏବଂ ଜଙ୍ଗଲରେ ବୁଲି ବୁଲି ବାବାଙ୍କୁ ଖୋଜିବା । ତାଙ୍କର ଏହି ସେବା ଓ ଉପାସନାର ଧାରା ତାଙ୍କ ଶେଷଜୀବନ ପର୍ଯ୍ୟନ୍ତ ଚାଲିଥିଲା । ତାଙ୍କର ସେବାକୁ ଦେଖି ବାବା ତାଙ୍କର ପୁତ୍ରଙ୍କୁ ବେଶ୍ କୃପା କରିଥିଲେ । ମାଁ ଏବଂ ପୁତ୍ର ଉଭୟଙ୍କର ବାବାଙ୍କ ପ୍ରତି ପ୍ରଗାଢ଼ ନିଷ୍ଠା ଥିଲା । ସେମାନେ ବାବାଙ୍କୁ ଈଶ୍ୱରଙ୍କ ସଦୃଶ ଭକ୍ତି କରୁଥିଲେ । ବାବା ତାଙ୍କୁ କହୁଥିଲେ ଯେ ଫକିର ହିଁ ସଚ୍ଚା ଅମୀର । ତା'ର ଅନ୍ତ ନାହିଁ । ଯାହାକୁ ଅମୀର ନାମରେ ଡକାଯାଏ ସିଏ ଶୀଘ୍ର ବିଲୁପ୍ତ ହୋଇଯାଏ । କିଛିବର୍ଷ ପରେ ବାବା ଜଙ୍ଗଲରେ ଭ୍ରମଣ କରିବା ବନ୍ଦ କଲେ ଓ ଗାଁରେ ରହିଲେ ଏବଂ ମସଜିଦ୍‌ରେ ଭୋଜନ କଲେ । ଫଳରେ ବାୟଜାବାଈଙ୍କୁ ମଧ୍ୟ ଜଙ୍ଗଲ ଭିତରେ ଖୋଜି ପଥଶ୍ରାନ୍ତ ହେବାରୁ ମୁକ୍ତି ମିଳିଲା ।

## ।। ତିନିଜଣଙ୍କର ଶୟନ କକ୍ଷ ।।

ସେହି ସନ୍ଥ ପୁରୁଷ ଧନ୍ୟ ଯାହାଙ୍କ ହୃଦୟରେ ଭଗବାନ ବାସୁଦେବ ସର୍ବଦା ବାସକରନ୍ତି । ସେହି ଭକ୍ତ ମଧ୍ୟ ଭାଗ୍ୟଶାଳୀ ଯିଏ ତାଙ୍କର ସାନ୍ନିଧ୍ୟ ଲାଭ କରିଛନ୍ତି । ଏହିପରି ଦୁଇଜଣ ଭାଗ୍ୟବାନ ଭକ୍ତ ଥିଲେ ତାତ୍ୟା କୋତେ ପାଟିଲ ଏବଂ ଭକ୍ତ ମହଲସାପତି । ଉଭୟେ ବାବାଙ୍କ ସାନ୍ନିଧ୍ୟରୁ ବହୁ ଭାବରେ ଉପକୃତ ହୋଇଛନ୍ତି । ଉଭୟଙ୍କ ପ୍ରତି ବାବାଙ୍କର ସମାନ ପ୍ରେମ ଥିଲା ।

ଏହି ତିନିଜଣ ଅର୍ଥାତ୍‌–ବାବା, ତାତ୍ୟା ଓ ମହଲସାପତି ଯଥାକ୍ରମେ ମସଜିଦ୍‌ରେ ପୂର୍ବ, ପଶ୍ଚିମ ଓ ଉତ୍ତର ଦିଗକୁ ମୁଣ୍ଡ କରି ଏପରି ଶୋଉଥିଲେ ଯେ ପରସ୍ପରଙ୍କ ଗୋଡ଼ ଗୋଟିଏ ସ୍ଥାନରେ ମିଶୁଥିଲା । ବିଛଣାରେ ଗଡ଼ି ଅଧରାତି ପର୍ଯ୍ୟନ୍ତ ସେମାନେ ପ୍ରେମ ସହକାରେ ବାର୍ତ୍ତାଳାପ କରୁଥିଲେ ଓ ନାନା ବିଷୟରେ ଚର୍ଚ୍ଚା କରୁଥିଲେ । ଯଦି କାହାକୁ ନିଦ ଆସିଯାଉଥିଲା, ଆଉ ଜଣେ ତାଙ୍କୁ ଉଠାଇଦେଉଥିଲେ । ଯଦି ତାତ୍ୟା ଆଗ ଘୁଙ୍ଗୁଡ଼ି ମାରୁଥିଲେ ବାବା ତାଙ୍କୁ ହଲାଇ ତାଙ୍କର ମୁଣ୍ଡକୁ ଜୋରରେ ଚିପି ଦେଉଥିଲେ । ମହଲସାପତିଙ୍କୁ ନିଦ ଆସିଗଲେ ବାବା ତାଙ୍କୁ ନିଜ ଆଡ଼କୁ ଭିଡ଼ିଆଣି ଗୋଡ଼ରେ ଠେଲିଦେଇ ପିଠି ଆପୁଡ଼ାଉଥିଲେ । ସେହିଦିନଗୁଡ଼ିକ ଏପରି ସୁଖକର ଥିଲା ଯେ ତାତ୍ୟା ନିଜର ପିତାମାତାଙ୍କୁ ଘରେ ଛାଡ଼ି ବାବାଙ୍କ ପ୍ରତି ପ୍ରେମବଶ ହୋଇ ଚଉଦବର୍ଷ କାଳ ମସଜିଦ୍‌ରେ ବାସ କଲେ । ବାସ୍ତବିକ ଏହା କ'ଣ କେବେ ବିସ୍ମୃତ ହୋଇପାରିବ ? ଏହି ପ୍ରେମକୁ କ'ଣ କୁହାଯିବ ? ବାବାଙ୍କର କୃପା କିପରି ଆକଳନ କରାଯିବ ?

ପିତାଙ୍କ ମୃତ୍ୟୁ ପରେ ତାତ୍ୟାଙ୍କ ଉପରେ ଜମିବାଡ଼ି ଦାୟିତ୍ୱ ପଡ଼ିଲା, ତେଣୁ ସେ ଘରକୁ ଫେରିଆସିଲେ ।

## ।। ରାହାତାନିବାସୀ ଖୁସାଲଚାନ୍ଦ ।।

ଶିରିଡ଼ିର ଗଣପତ ତାତ୍ୟା କୋତେଙ୍କୁ ବାବା ଖୁବ୍ ଭଲ ପାଉଥିଲେ । ରାହାତାର ମାରୱାଡ଼ି ଶେଠ ଚନ୍ଦ୍ରଭାନଙ୍କୁ ମଧ୍ୟ ବେଶ୍ ଶ୍ରଦ୍ଧା କରୁଥିଲେ । ଶେଠଜୀଙ୍କ ଦେହାନ୍ତ ପରେ ତାଙ୍କର ଭଣଜା ଖୁସାଲଚାନ୍ଦ ବାବାଙ୍କଠାରୁ ଅନୁରୂପ ଶ୍ରଦ୍ଧା ଲାଭ କଲେ । ବାବା ତାଙ୍କର କଲ୍ୟାଣ ପାଇଁ ଦିନରାତି ଯତ୍ନ ନେଉଥିଲେ । କେବେ ଶଗଡ଼ଗାଡ଼ିରେ ତ କେବେ ଟାଙ୍ଗାରେ ବସି ବାବା ତାଙ୍କର ଅନ୍ତରଙ୍ଗ ବନ୍ଧୁମାନଙ୍କ ସହିତ ରାହାତା ଯାତ୍ରା କରୁଥିଲେ । ଗ୍ରାମର ଫାଟକରେ ବାବା ପହଞ୍ଚିବା କ୍ଷଣି ଅପୂର୍ବ ଆନନ୍ଦରେ ଗ୍ରାମବାସୀ ତାଙ୍କୁ ସ୍ୱାଗତ କରୁଥିଲେ ଏବଂ ସାଷ୍ଟାଙ୍ଗ ପ୍ରଣାମ କରି ବଡ଼ ଆଡ଼ମ୍ବରରେ ଗାଁକୁ ନେଉଥିଲେ । ଖୁସାଲଚାନ୍ଦ ବାବାଙ୍କୁ ତାଙ୍କ ଘରକୁ ନେଇ ଯାଉଥିଲେ ଏବଂ କୋମଳ ଆସନରେ ବସାଇ ସୁସ୍ୱାଦୁ ଭୋଜନ କରାଉଥିଲେ । ବାବା ଆନନ୍ଦରେ ତଥା ପ୍ରସନ୍ନତା ପୂର୍ବକ କିଛି ସମୟ ବାର୍ତ୍ତାଳାପ କରୁଥିଲେ ଓ ତାପରେ ସମସ୍ତଙ୍କୁ ଆଶୀର୍ବାଦ କରି ଶିରିଡ଼ି ଫେରିଆସୁଥିଲେ ।

ଶିରିଡ଼ିର ଦକ୍ଷିଣରେ ରାହାତା ତଥା ଉତ୍ତରରେ ନିମଗାଉଁ । ଏହି ଦୁଇ ଗ୍ରାମ ମଝିରେ ଅବସ୍ଥିତ ପବିତ୍ର ଧାମ ଶିରିଡ଼ି । ବାବା ତାଙ୍କ ଜୀବନକାଳ ମଧ୍ୟରେ ଏହି ତିନି ଗ୍ରାମର ସୀମା ଅତିକ୍ରମ କରିନାହାନ୍ତି । ସେ ରେଳଗାଡ଼ି ଦେଖିନଥିଲେ କି ସେଥିରେ ବସିନଥିଲେ । ମାତ୍ର ସମସ୍ତ ଗାଡ଼ିର ସମୟ ସାରଣୀ ତାଙ୍କୁ ମାଲୁମ ଥିଲା । ଯେଉଁ ଭକ୍ତଗଣ ବାବାଙ୍କୁ ଶିରିଡ଼ି ପ୍ରତ୍ୟାବର୍ତ୍ତନର ଅନୁମତି ଲୋଡୁଥିଲେ ଏବଂ ତାଙ୍କର ଆଦେଶାନୁସାରେ କାର୍ଯ୍ୟ କରୁଥିଲେ ସେମାନେ କୁଶଳପୂର୍ବକ ଘରେ ପହଞ୍ଚିଯାଉଥିଲେ । ଯେଉଁମାନେ ଏହାର ବିପରୀତ ଆଚରଣ କରି ତାଙ୍କର ଆଦେଶକୁ ଅବଜ୍ଞା କରୁଥିଲେ ସେମାନଙ୍କୁ ଦୁର୍ଭାଗ୍ୟ ବା ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡୁଥିଲା । ଏହି ବିଷୟରେ ସମ୍ବନ୍ଧିତ ଘଟଣା ଏବଂ ଅନ୍ୟାନ୍ୟ ବିଷୟ ଆଗାମୀ ଅଧ୍ୟାୟରେ ବର୍ଣ୍ଣନା କରାଯିବ ।

**ବିଶେଷ ଦ୍ରଷ୍ଟବ୍ୟ :** ଏହି ଅଧ୍ୟାୟର ଶେଷରେ ପ୍ରଦାନ କରାଯାଇଥିବା ଟିପ୍‌ପଣୀ ଖୁସାଲଚାନ୍ଦଙ୍କ ପ୍ରତି ବାବାଙ୍କ ପ୍ରେମଭାବର ପ୍ରତୀକ । କିପରି ସେ କାକାସାହେବ ଦୀକ୍ଷିତଙ୍କୁ ରାହାତା ପଠାଇ ଖୁସଲଚାନ୍ଦଙ୍କୁ ସାଙ୍ଗରେ ଆଣିବା ପାଇଁ କହିଲେ ଏବଂ ସେହି ଦିନ ଦ୍ୱିପ୍ରହରରେ ଖୁସାଲଚାନ୍ଦଙ୍କୁ ସ୍ୱପ୍ନରେ ଶିରିଡ଼ି ଆସିବା ପାଇଁ କହିଲେ, ତାହା ଏଠାରେ ଉଲ୍ଲେଖ କରାଯାଇନାହିଁ । ତ୍ରିଂଶ ଅଧ୍ୟାୟରେ ଏ କଥା ବର୍ଣ୍ଣନା କରାଯାଇଛି ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।। ନବମ ଅଧ୍ୟାୟ ।।

### ପ୍ରତ୍ୟାବର୍ତ୍ତନ ସମୟରେ ବାବାଙ୍କ ଆଦେଶ ପାଳନ ଏବଂ ଅବଜ୍ଞାର ପରିଣତି, ଭିକ୍ଷାବୃତ୍ତି ଓ ତାହାର ଆବଶ୍ୟକତା, ଭକ୍ତମାନଙ୍କର ଅନୁଭୂତି

ଗତ ଅଧ୍ୟାୟରେ ସୂଚନା ପ୍ରଦାନ କରାଯାଇଥିଲା ଯେ ଶିରିଡ଼ି ଛାଡ଼ିବା ସମୟରେ ଯେଉଁମାନେ ବାବାଙ୍କର ଆଦେଶ ପାଳନ କରୁଥିଲେ ସେମାନେ କୁଶଳରେ ଘରକୁ ଫେରୁଥିଲେ ଏବଂ ଯେଉଁମାନେ ଅବଜ୍ଞା କରୁଥିଲେ, ସେମାନଙ୍କୁ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡୁଥିଲା । ଏହି ଅଧ୍ୟାୟରେ କେତୋଟି ଦୃଷ୍ଟାନ୍ତ ସହ ଏହି ଘଟଣା ଓ ଅନ୍ୟାନ୍ୟ ବିଷୟ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

### ।। ଶିରିଡ଼ି ଯାତ୍ରା ଓ ବାବାଙ୍କ ଆଦେଶର ବିଶେଷତ୍ୱ ।।

ଶିରିଡ଼ି ଯାତ୍ରାର ଏକ ବିଶେଷତ୍ୱ ଥିଲା ଯେ ବାବାଙ୍କ ନିର୍ଦ୍ଦେଶ ବିନା କିଏ ବି ଶିରିଡ଼ିରୁ ଫେରିପାରୁନଥିଲେ ଆଉ ଯଦି କେହି ବି ଫେରିଆସୁଥିଲେ, ତାହେଲେ ଧରିନିଆଯାଉ ସେ ଦୁର୍ଭାଗ୍ୟକୁ ଆମନ୍ତ୍ରଣ କରୁଥିଲେ । ମାତ୍ର କାହାକୁ ଯଦି ଶିରିଡ଼ି ଛାଡ଼ିବାକୁ ଆଦେଶ ହେଉଥିଲା ସେ ସେଠାରେ ରହିବା ସମ୍ଭବ ହେଉନଥିଲା । ଭକ୍ତମାନେ ଶିରିଡ଼ିରୁ ଫେରିବା ସମୟରେ ଯେତେବେଳେ ବାବାଙ୍କୁ ପ୍ରଣାମ କରିବାକୁ ଯାଉଥିଲେ, ବାବା ସେମାନଙ୍କୁ କିଛି ଆଦେଶ ଦେଉଥିଲେ, ତାହା ପାଳନ କରିବା ଅତି ଆବଶ୍ୟକ ହେଉଥିଲା । ଯଦି ଏହି ଆଦେଶକୁ ଅବଜ୍ଞା କରି କିଏ ପଳାଇଆସୁଥିଲା ତାହେଲେ ନିଶ୍ଚିତ ଭାବରେ ସିଏ କୌଣସି ନା କୌଣସି ଦୁର୍ଘଟଣାର ସମ୍ମୁଖୀନ ହେଉଥିଲା । ଏପରି କିଛି ଉଦାହରଣ ଏଠାରେ ଦିଆଗଲା ।

**ତାତ୍ୟା କୋତେ ପାଟିଲ :** ଥରେ ତାତ୍ୟା କୋତେ ପାଟିଲ ଟାଙ୍ଗାରେ ବସି କୋପରଗାଓଁ ବଜାର ଅଭିମୁଖେ ବାହାରିଲେ । ସେ ମସଜିଦ୍‌କୁ ଆସିଲେ ଏବଂ ବାବାଙ୍କୁ ପ୍ରଣାମ କରି କୋପରଗାଓଁ ଯାଉଥିବାର ସୂଚନା ଦେଲେ । ବାବା କହିଲେ ‘ତର ତର ହୁଅ ନାହିଁ, କିଛି ସମୟ ରହିଯାଅ । ବଜାର ଯିବା କଥା ଭୁଲିଯାଅ ଏବଂ ଗ୍ରାମ ବାହାରକୁ ଯାଅ ନାହିଁ ।’ ତେବେ ତାଙ୍କର ବ୍ୟସ୍ତତାକୁ ଦେଖି ବାବା କହିଲେ ‘ନହେଲେ କମ୍ ସେ କମ୍ ଶ୍ୟାମାକୁ ସାଙ୍ଗରେ ନେଇକରି ଯାଅ ।’ କିନ୍ତୁ ବାବାଙ୍କର ଆଦେଶକୁ ଉପେକ୍ଷାକରି ଟାଙ୍ଗା ନେଇ ସେ ତୁରନ୍ତ ଯାତ୍ରା କଲେ । ଟାଙ୍ଗାର ଦୁଇଟି ଘୋଡ଼ା ମଧ୍ୟରୁ ଗୋଟିଏ ଘୋଡ଼ା ଯାହାର ମୂଲ୍ୟ ତିନି ଶହ ଟଙ୍କା ପାଖାପାଖି ଥିଲା, ସେ ଖୁବ୍ ଚଞ୍ଚଳ ଓ ଦ୍ରୁତଗାମୀ ଥିଲା । ସାବଲି ବିହିର ଗ୍ରାମ ପାର ହେବା ମାତ୍ରେ ସେ ଅଧିକ ଦ୍ରୁତ ଗତିରେ ଦୌଡ଼ିବାକୁ ଲାଗିଲା । ଅକସ୍ମାତ ତାହାର ଅଣ୍ଟା ମକଚିଗଲା ଓ ସେ ସେହିଠାରେ ପଡ଼ିଗଲା । ଯଦିଓ

ତାତ୍ୟାଙ୍କୁ ବେଶି ଆଘାତ ହୋଇନଥିଲା, କିନ୍ତୁ ତାଙ୍କୁ ତାଙ୍କର ସାଇମାଁଙ୍କର ଉପଦେଶ ମନେ ପଡ଼ିଗଲା । ଅନ୍ୟ ଏକ ଘଟଣାରେ ସେ କୋଲହାର ଗ୍ରାମକୁ ଯିବା ସମୟରେ ମଧ୍ୟ ବାବାଙ୍କର ଆଦେଶକୁ ଉପେକ୍ଷା କରି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।

**ୟୁରୋପୀୟ ଭଦ୍ରବ୍ୟକ୍ତି :** ଥରେ ମୁମ୍ବଇର ଜଣେ ୟୁରୋପୀୟ ନାଗରିକ କୌଣସି ବିଶେଷ କାର୍ଯ୍ୟରେ ନାନାସାହେବ ଚନ୍ଦୋରକରଙ୍କଠାରୁ ପରିଚୟପତ୍ର ଆଣି ଶିରିଡ଼ି ଆସିଥିଲେ । ତାଙ୍କୁ ଏକ ଭବ୍ୟ ତମ୍ବୁରେ ରଖାଗଲା । ସେ ବାବାଙ୍କ ସମ୍ମୁଖରେ ନତମସ୍ତକ ହୋଇ ତାଙ୍କ କରକମଳରେ ଚୁମ୍ବନ କରିବାକୁ ଚାହୁଁଥିଲେ । ଏଥିପାଇଁ ତିନିଥର ମସଜିଦ୍‌ର ପାହାଚ ଚଢ଼ିବାକୁ ପ୍ରୟାସ କଲେ, କିନ୍ତୁ ବାବା ତାଙ୍କୁ ପାଖକୁ ଆସିବାକୁ ଦେଲେ ନାହିଁ । ଅଗଣାରେ ହିଁ ରହି ସେଠାରୁ ଦର୍ଶନ କରିବାକୁ ତାଙ୍କୁ ଆଦେଶ ଦିଆଗଲା । ଏହି ପ୍ରକାର ବିଚିତ୍ର ଅଭ୍ୟର୍ଥନାରେ ସେ ଅପ୍ରସନ୍ନ ହୋଇ ଶୀଘ୍ର ଫେରିଯିବାକୁ ସ୍ଥିରକଲେ ଏବଂ ଏହା ଜଣାଇଦେବାକୁ ଆସିଲେ । ବାବା ତାଙ୍କୁ ତରବର ନହେବାକୁ ଓ ପରଦିନ ଯିବାକୁ ନିର୍ଦ୍ଦେଶ ଦେଲେ ।

ଅନ୍ୟାନ୍ୟ ଭକ୍ତମାନେ ମଧ୍ୟ ବାବାଙ୍କ ଆଦେଶ ପାଳନ କରିବାକୁ ତାଙ୍କୁ ପରାମର୍ଶ ଦେଲେ; କିନ୍ତୁ ସେ ସମସ୍ତଙ୍କ କଥାକୁ ଉପେକ୍ଷା କରି ଟାଙ୍ଗାରେ ବସି ପଳାଇଗଲେ । କିଛି ବାଟ ପର୍ଯ୍ୟନ୍ତ ଘୋଡ଼ା ଠିକ୍ ଚାଲିଲା । ସାବଲି ବିହିର ଗ୍ରାମ ଅତିକ୍ରମ କରିବା ପରେ ପରେ ଜଣେ ସାଇକେଲ ଚାଳକ ସାମନାକୁ ଆସିଗଲେ, ଯାହାକୁ ଦେଖି ଘୋଡ଼ାଟି ଭୟଭୀତ ହୋଇ ଇତସ୍ତତଃ ହେଲା । ଫଳରେ ଟାଙ୍ଗାଟି ଓଲଟିପଡ଼ିଲା ଏବଂ ଭଦ୍ରବ୍ୟକ୍ତିଜଣକ ମଧ୍ୟ ଚିତ୍‌ପଟାଙ୍ଗ ହୋଇ କିଛି ବାଟ ଟାଙ୍ଗା ସହିତ ଘୋଷାରି ହୋଇଚାଲିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କଲେ; କିନ୍ତୁ ଆଘାତ ଅଧିକ ହୋଇଥିବାରୁ କୋପରଗାଓଁ ହସପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହେବାକୁ ହେଲା । ଏହି ଘଟଣାରୁ ଭକ୍ତମାନେ ଏହି ଶିକ୍ଷା ଗ୍ରହଣ କଲେ ଯେ ଯେଉଁମାନେ ବାବାଙ୍କ ଆଦେଶ ଅବହେଳା କରୁଥିଲେ, ସେମାନଙ୍କୁ କୌଣସି ନା କୌଣସି ପ୍ରକାର ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡୁଥିଲା ଏବଂ ଯେଉଁମାନେ ଆଦେଶ ପାଳନ କରୁଥିଲେ ସେମାନେ ସର୍ବକୁଶଳରେ ପହଞ୍ଚିଯାଉଥିଲେ ।

## ।। ଭିକ୍ଷାବୃତ୍ତିର ଆବଶ୍ୟକତା ।।

ଏବେ ଆମେ ଭିକ୍ଷାବୃତ୍ତି ପ୍ରସଙ୍ଗ ଉପରେ ଆଲୋକପାତ କରିବା । କେତେକ ବ୍ୟକ୍ତିଙ୍କ ମନରେ ପ୍ରଶ୍ନ ଆସିପାରେ ଯେ ବାବା ଏତେ ବଡ଼ ମହାପୁରୁଷ ଥିଲେ, ପୁଣି ଆଜୀବନ ଭିକ୍ଷା ବୃତ୍ତି କରିବାର ଆବଶ୍ୟକତା କ'ଣ ଥିଲା ? ଦୁଇଟି ଦୃଷ୍ଟିକୋଣରୁ ଏହି ପ୍ରଶ୍ନର ସମାଧାନ ନିମ୍ନମତେ କରାଯାଇପାରେ ।

**ପ୍ରଥମ ଦୃଷ୍ଟିକୋଣ :** ଭିକ୍ଷା ବୃତ୍ତି କରି ଜୀବନ ନିର୍ବାହ କରିବାର ଅଧିକାର କାହାର ଅଛି ? ଶାସ୍ତ୍ରାନୁସାରେ ଯେଉଁ ବ୍ୟକ୍ତି ତିନୋଟି ପ୍ରଧାନ ଆସକ୍ତି କାମିନୀ, କାଞ୍ଚନ ଓ କୀର୍ତ୍ତି ତ୍ୟାଗ କରି ଆସକ୍ତି ମୁକ୍ତ ହୋଇ ସନ୍ନ୍ୟାସ ଗ୍ରହଣ କରିସାରିଛନ୍ତି, ସେ ହିଁ ଭିକ୍ଷାବୃତ୍ତି ନିମନ୍ତେ ଉପଯୁକ୍ତ ଅଧିକାରୀ । କାହିଁକି ନା ସେ ନିଜ ଗୃହରେ ଭୋଜନ ତିଆରି କରିପାରିବେ ନାହିଁ । ଏଣୁ ତାଙ୍କୁ ଭୋଜନ କରାଇବା ଭାର ଗୃହସ୍ଥଙ୍କ ଉପରେ ନିର୍ଭର କରେ ।

ଶ୍ରୀ ସାଇବାବା ନା ଗୃହସ୍ଥ ଥିଲେ ନା ବାନପ୍ରସ୍ଥୀ । ସେ ତ ବାଳବ୍ରହ୍ମଚାରୀ ଥିଲେ । ତାଙ୍କର ଧାରଣା ଥିଲା ଯେ ସାରା ବିଶ୍ୱ ହେଉଛି ତାଙ୍କର ଗୃହ । ସେ ସ୍ୱୟଂ ଭଗବାନ ବାସୁଦେବ, ବିଶ୍ୱପାଳନକର୍ତ୍ତା ତଥା ପରଂବ୍ରହ୍ମ ଥିଲେ । ଏଣୁ ଭିକ୍ଷା ଉପାର୍ଜନ କରିବାର ସେ ପୂର୍ଣ୍ଣ ଅଧିକାରୀ ଥିଲେ ।

**ଦ୍ୱିତୀୟ ଦୃଷ୍ଟିକୋଣ :** ପଞ୍ଚପାପ । ସମସ୍ତେ ଏକଥା ଜାଣନ୍ତି ଯେ ଖାଦ୍ୟ ସାମଗ୍ରୀ ତିଆରି ବା ରୋଷେଇ କରିବା ପାଇଁ ଗୃହସ୍ଥଙ୍କୁ ପାଞ୍ଚପ୍ରକାର କ୍ରିୟା କରିବାକୁ ପଡ଼ିଥାଏ । ଯଥା : (୧) ପେଷିବା (୨) ଦଳିବା (୩)ବାସନ ସଫା କରିବା (୪)ମାଜିବା ଓ ଧୋଇବା (୫) ଚୂଲି ଲଗାଇବା । ଏହି କ୍ରିୟାଗୁଡ଼ିକ କରିବା ସମୟରେ ଅନେକ କୀଟାଣୁ ଏବଂ ଜୀବ ନଷ୍ଟ ହୋଇଯାଆନ୍ତି ଓ ଏହି ପ୍ରକାର ଗୃହସ୍ଥ ଲୋକଙ୍କୁ ତା'ର ପାପ ଲାଗିଥାଏ । ଏହି ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ ଶାସ୍ତ୍ରରେ ପାଞ୍ଚ ପ୍ରକାର ଯଜ୍ଞର କଥା କୁହାଯାଇଛି । ଯଥା : (୧) ବ୍ରହ୍ମଯଜ୍ଞ ଅର୍ଥାତ ବେଦାଧ୍ୟୟନ-ବ୍ରହ୍ମାଙ୍କୁ ସମର୍ପଣ କରିବା କିମ୍ବା ବେଦ ଅଧ୍ୟୟନ କରିବା । (୨)ପିତୃଯଜ୍ଞ : ପୂର୍ବପୁରୁଷଙ୍କୁ ଦାନ (୩)ଦେବଯଜ୍ଞ : ଦେବତାଙ୍କୁ ସମର୍ପଣ (୪) ଭୂତଯଜ୍ଞ: ପ୍ରାଣୀଙ୍କୁ ଦାନ (୫)ମନୁଷ୍ୟ(ଅତିଥି) ଯଜ୍ଞ-ମନୁଷ୍ୟ(ଅତିଥି)ଙ୍କୁ ଦାନ । ଯଦି ଏହିସବୁ କର୍ମ ବିଧିପୂର୍ବକ ଶାସ୍ତ୍ରାନୁସାରେ କରାଯାଏ ତାହେଲେ ଚିତ୍ତ ଶୁଦ୍ଧ ହୋଇ ଗୃହସ୍ୱାମୀ ସୁଫଳ ଭୋଗ କରନ୍ତି । ଏହିପରି ଲୋକମାନଙ୍କୁ ଅତ୍ୟନ୍ତ ଭାଗ୍ୟଶାଳୀ ମନେ କରିବାକୁ ହେବ । ନିଜ ଘରେ ବସି ମଧ୍ୟ ସେମାନେ ବାବାଙ୍କର ଶିକ୍ଷା ଲାଭ କରିବାକୁ ସମର୍ଥ ହୁଅନ୍ତି ।

**ଭକ୍ତମାନଙ୍କ ଅନୁଭୂତି :** ଏବେ ଆମେ ଅନ୍ୟାନ୍ୟ ମନୋଜ୍ଞ ବିଷୟ ଆଲୋଚନା କରିବା । ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି କି **'ଯେଉଁ ଭକ୍ତ ମୋତେ ଶ୍ରଦ୍ଧାର ସହ କେବଳ ଗୋଟିଏ ପତ୍ର, ଫୁଲ ବା ଫଳ କିମ୍ବା ଜଳ ଅର୍ପଣ କରେ, ମୁଁ ତାହାକୁ ଆନନ୍ଦର ସହିତ ଗ୍ରହଣ କରିଥାଏ ।'**

ଯଦି କୌଣସି ଭକ୍ତ ପ୍ରକୃତରେ ବାବାଙ୍କୁ କିଛି ଅର୍ପଣ କରିବାକୁ ଚାହୁଁଥିଲା ଏବଂ ପରେ ତାହା ଭୁଲିଯାଉଥିଲା ତାହେଲେ ବାବା ତାକୁ କିମ୍ବା ତାହାର ବନ୍ଧୁକୁ ସେକଥା ମନେ ପକାଇଦେଉଥିଲେ ଏବଂ ଭେଟି ଗ୍ରହଣ କରିବା ସହ ଆଶୀର୍ବାଦ ପ୍ରଦାନ କରୁଥିଲେ । ନିମ୍ନରେ ଏପରି କିଛି ଘଟଣାର ବର୍ଣ୍ଣନା କରାଯାଉଛି ।

## ।। ଭକ୍ତର ଭଗବାନ ।।

**ତର୍ଖଡ଼ ପରିବାର(ପିତା ଓ ପୁତ୍ର) :** ଶ୍ରୀ ରାମଚନ୍ଦ୍ର ଆତ୍ମାରାମ ଓରଫ ବାବାସାହେବ ତର୍ଖଡ଼ ପ୍ରଥମେ ପ୍ରାର୍ଥନାସମାଜର ସଦସ୍ୟ ଥିଲେ । ତଥାପି ସେ ବାବାଙ୍କର ପରମଭକ୍ତ ଥିଲେ । ତାଙ୍କର ପତ୍ନୀ ଓ ପୁତ୍ର ବାବାଙ୍କର ଏକନିଷ୍ଠ ଭକ୍ତ ଥିଲେ । ଥରେ ସେମାନେ ଶିରିଡ଼ିରେ ଛୁଟି କଟାଇବାକୁ ସ୍ଥିରକଲେ । କିନ୍ତୁ ପୁଅ ବାନ୍ଦ୍ରା ଛାଡ଼ି ଯିବାକୁ ରାଜି ହେଲା ନାହିଁ । ତା'ର ଆଶଙ୍କା ଥିଲା ଯେ ସେମାନେ ପଳାଇଗଲେ ଘରେ ବାବାଙ୍କର ପୂଜା ବିଧିମୁତାବକ ହୋଇପାରିବ ନାହିଁ, କାରଣ ବାପା ପ୍ରାର୍ଥନା ସମାଜ ସଦସ୍ୟ ଥିଲେ, ଏଣୁ ସେ ସାଇବାବାଙ୍କ ପୂଜା ଠିକ୍ ଭାବରେ କରିନପାରନ୍ତି । ମାତ୍ର ପିତା ଯଥାବିଧି ପୂଜା କରିବେ ବୋଲି ଆଶ୍ୱାସନା ଦେବା ପରେ ମାତା ଓ ପୁତ୍ର ଶୁକ୍ରବାର ରାତିରେ ଶିରିଡ଼ି ଯାତ୍ରାରେ ବାହାରିଲେ ।

ପରଦିନ ଅର୍ଥାତ ଶନିବାର ଶ୍ରୀ ତର୍ଖଡ଼ ବ୍ରାହ୍ମମୁହୂର୍ତ୍ତରୁ ଶଯ୍ୟା ତ୍ୟାଗକରି ସ୍ନାନାଦି ନିତ୍ୟକ୍ରମ ସମାପନକରି ପୂଜା ଆରମ୍ଭ କରିବା ପୂର୍ବରୁ ବାବାଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣାମ କରି କହିଲେ 'ହେ ବାବା, ମୁଁ ଆପଣଙ୍କର ଠିକ୍ ସେପରି ପୂଜା କରିବି, ଯେପରି ମୋର ପୁତ୍ର କରେ । ତେବେ କୃପା କରି ଏହାକୁ ଶାରୀରିକ ଶ୍ରମ ଭିତରେ ହିଁ ସୀମିତ ରଖନ୍ତୁ ନାହିଁ । ଏହା କହି ସେ ପୂଜା ଆରମ୍ଭ କଲେ ଏବଂ ମିଶ୍ରି ନୈବେଦ୍ୟ ଅର୍ପଣ କଲେ, ଯାହା ଦ୍ୱିପ୍ରହର ଭୋଜନ ସମୟରେ ପ୍ରସାଦ ରୂପରେ ବିତରଣ କରାଯାଉଥିଲା ।

ସେହି ଦିନ ସନ୍ଧ୍ୟା ତଥା ପରଦିନ ରବିବାର ପୂଜା ନିର୍ବିଘ୍ନରେ ସମ୍ପନ୍ନ ହେଲା । ସୋମବାର ତାଙ୍କର ଅଫିସ ଯିବାର ଥିଲା; ସେ ଦିନ ମଧ୍ୟ ସୁଚାରୁ ରୂପେ ପୂଜା ଶେଷ ହେଲା । ଶ୍ରୀ ତର୍ଖଡ଼ ତାଙ୍କ ଜୀବନରେ କେବେ ଏପରି ପୂଜା କରିନଥିଲେ । ତାଙ୍କ ମନରେ ଅତି ସନ୍ତୋଷ ହେଲା ଯେ ପୁଅକୁ ଦେଇଥିବା କଥା ଅନୁସାରେ ସେ ଯଥାରୀତି ପୂଜା କରିପାରିଛନ୍ତି । ପରଦିନ ମଙ୍ଗଳବାର ସବୁଦିନ ପରି ସେ ପୂଜା କଲେ ଏବଂ ଅଫିସ ବାହାରିପଡ଼ିଲେ । ଅପରାହ୍ନରେ ଯେତେବେଳେ ଘରକୁ ଫେରିଲେ ଥାଳିରେ ପ୍ରସାଦ ନ ଥିବା ଦେଖି ରୋଷେୟାକୁ ପ୍ରଶ୍ନ କଲେ । ରୋଷେୟା କହିଲା ନୈବେଦ୍ୟ ଅର୍ପଣ କରିବାକୁ ସେ ଭୁଲିଯାଇଛି । ଏହା ଶୁଣି ସେ ବିବ୍ରତ ହୋଇପଡ଼ିଲେ ଏବଂ ବସିଥିବା ଆସନରୁ ଉଠି ବାବାଙ୍କୁ ଦଣ୍ଡବତ ହୋଇ କ୍ଷମାଭିକ୍ଷା କଲେ ତଥା ବାବା ଉଚିତ ମାର୍ଗଦର୍ଶନ କରିନଥିବାରୁ ଓ ପୂଜାକୁ କେବଳ ଶାରୀରିକ ପରିଶ୍ରମ ଭିତରେ ସୀମିତ ରଖିଥବାରୁ ତାଙ୍କ ଉପରେ ଅଭିମାନ ପ୍ରକଟ କଲେ । ସମ୍ପୂର୍ଣ୍ଣ ଘଟଣାର ବିବରଣୀ ସେ ପତ୍ର ଲେଖି ପୁତ୍ର ପାଖକୁ ପଠାଇଲେ ଏବଂ ସେହି ପତ୍ରଟିକୁ ବାବାଙ୍କ ଶ୍ରୀଚରଣରେ ରଖି ଏହି ଅପରାଧ ପାଇଁ ସେ କ୍ଷମାପ୍ରାର୍ଥୀ ବୋଲି କହିବାକୁ ଅନୁରୋଧ କଲେ । ଏହି ଘଟଣା

ବାନ୍ଦ୍ରାରେ ପ୍ରାୟ ମଧ୍ୟାହ୍ନ ସମୟରେ ଘଟିଥିଲା ଆଉ ସେହି ସମୟରେ ଶିରିଡ଼ିରେ ସେତେବେଳେ ମଧ୍ୟାହ୍ନ ଆରତି ଆରମ୍ଭ ହେବାକୁ ଥିଲା । ବାବା ସେଠାରେ ଉପସ୍ଥିତ ଶ୍ରୀମତୀ ତର୍ଖଡ଼ଙ୍କୁ ଦେଖି କହିଲେ 'ମାଁ ମୁଁ କିଛି ଖାଦ୍ୟ ପାଇବା ଆଶାରେ ତୁମ ଘର ବାନ୍ଦ୍ରାକୁ ଯାଇଥିଲି; ଦୁଆରରେ ତାଲା ପଡ଼ିଥିବା ଦେଖି କୌଣସି ପ୍ରକାରେ ଘରେ ପ୍ରବେଶ କଲି; କିନ୍ତୁ ଦେଖିଲି ଭାଇ  ତର୍ଖଡ଼ ମୋ ପାଇଁ ଘରେ କିଛି ରଖିନାହାନ୍ତି । ଏଣୁ ଭୋକରେ ଫେରିଆସିଲି ।' କେହି ବି ବାବାଙ୍କ ଉକ୍ତିର ମର୍ମ ବୁଝିପାରିଲେ ନାହିଁ; କିନ୍ତୁ ତାଙ୍କର ପୁତ୍ର ଯିଏ ପାଖରେ ଛିଡ଼ା ହୋଇଥିଲେ, ବାବାଙ୍କର ପୂଜାରେ କିଛି ତ୍ରୁଟି ହୋଇଥିବା କଥା ଅନୁଭବ କରିନେଲେ । ଏଣୁ ଶୀଘ୍ର ବାନ୍ଦ୍ରା ଫେରିଯିବାକୁ ସେ ବାବାଙ୍କୁ ପ୍ରାର୍ଥନା କଲେ ।  ତେବେ ବାବା ଅନୁମତି ଦେଲେ ନାହିଁ ଓ ପୂର୍ବପରି ପୂଜା କରିବାକୁ ଆଦେଶ ଦେଲେ । ଶିରିଡ଼ିରେ ଯାହା ଯାହା ଘଟିଥିଲା ତାଙ୍କର ପୁତ୍ର ସେକଥା ଲେଖି ବାପାଙ୍କ ଠିକଣାରେ ପଠାଇଲେ ଏବଂ ପୂଜାରେ ସାବଧାନତା ରକ୍ଷା କରିବାକୁ ନିବେଦନ କଲେ । ଦୁଇଟିଯାକ ପତ୍ର ଡାକଦ୍ୱାରା ପରଦିନ ଦୁଇଜଣଙ୍କ ନିକଟରେ ପହଞ୍ଚିଲା । ଏହି ଘଟଣା ଆଶ୍ଚର୍ଯ୍ୟପ୍ରଦ ନୁହେଁ କି  ?

**ଶ୍ରୀମତୀ ତର୍ଖଡ଼ :** ଥରେ ଶ୍ରୀମତୀ ତର୍ଖଡ଼ ଦହି ବାଇଗଣ, ବାଇଗଣ ଭଜା ଓ ପେଡ଼ା ବାବାଙ୍କ ପାଖକୁ ପଠାଇଲେ । ବାବା ତାହାକୁ କିପରି ସ୍ୱୀକାର କଲେ ଦେଖନ୍ତୁ ।

ବାନ୍ଦ୍ରାର ରଘୁବୀର ଭାସ୍କର ପୁରନ୍ଦରେ ବାବାଙ୍କର ପରମ ଭକ୍ତ ଥିଲେ । ଥରେ ସେ ଶିରିଡ଼ି ଯାଉଥିଲେ । ଶ୍ରୀମତୀ ତର୍ଖଡ଼ ଶ୍ରୀମତୀ ପୁରନ୍ଦରେଙ୍କୁ ଦୁଇଟି ବାଇଗଣ ଦେଲେ ଆଉ ତାଙ୍କୁ ଅନୁରୋଧ କଲେ କି ଶିରିଡ଼ି ପହଞ୍ଚିବା ପରେ ସେ ଗୋଟିଏ ବାଇଗଣକୁ ଦହି ବାଇଗଣ ଓ ଆଉ ଗୋଟିଏ ବାଇଗଣକୁ ଭଜା କରି ବାବାଙ୍କୁ ଅର୍ପଣ କରିବେ । ଶିରିଡ଼ି ପହଞ୍ଚିବା ପରେ ଶ୍ରୀମତୀ ପୁରନ୍ଦରେ ଦହି ବାଇଗଣ ନେଇ ମସଜିଦ୍‌କୁ ଗଲେ । ବାବା ସେତିକିବେଳେ ଭୋଜନ ପାଇଁ ବସିଥିଲେ । ବାବାଙ୍କୁ ସେହି ଦହି ବାଇଗଣ ବଡ଼ ସ୍ୱାଦିଷ୍ଟ ଲାଗିଲା, ତେଣୁ ସେଥିରୁ ଟିକିଏ ଟିକିଏ ସମସ୍ତଙ୍କୁ ବାଣ୍ଟିଦେଲେ । ଏହା ପରେ ବାବା ବାଇଗଣ ଭଜା ଆଣିବାକୁ କହିଲେ । ରାଧାକୃଷ୍ଣମାଈଙ୍କ ପାଖକୁ ଖବର ପଠାଗଲା କି ବାବା ବାଇଗଣ ଭଜା ଚାହୁଁଛନ୍ତି । ସେ ଅପ୍ରସ୍ତୁତ ହୋଇପଡ଼ିଲେ କାରଣ ତାହା ବାଇଗଣ ଫଳିବାର ଋତୁ ନଥିଲା । ବାଇଗଣ କେଉଁଠୁ ମିଳିବ ସେ ଜାଣିପାରୁନଥିଲେ । ତାପରେ ବିଚାର କରୁ କରୁ ମନକୁ ଆସିଲା ଯେ ଯିଏ ବାଇଗଣ ଆଣିଥିଲେ ତାଙ୍କୁ ପଚାରିଲେ ଜଣାପଡ଼ିବ । ଶ୍ରୀମତୀ ପୁରନ୍ଦରେ ଏକଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ବାବାଙ୍କର ଏହି ପ୍ରଶ୍ନର ଅଭିପ୍ରାୟ ଜାଣିପାରିଲେ । ବାବା ଯେ ସର୍ବଜ୍ଞ କାହା ମନରେ ଏହାର ଆଉ ସନ୍ଦେହ ରହିଲା ନାହିଁ ।

୧୯୧୫ ମସିହା ଡିସେମ୍ବର ମାସରେ ଗୋବିନ୍ଦ ବାଳାରାମ ମାନକର ଶିରିଡ଼ି ଯାଇ ସେଠାରେ ନିଜର ପିତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା କରିବାକୁ ଚାହୁଁଥିଲେ । ଯିବା ପୂର୍ବରୁ ସେ

ଶ୍ରୀମତୀ ତର୍ଖଡ଼ଙ୍କୁ ଭେଟିବାକୁ ଆସିଲେ । ଶ୍ରୀମତୀ ତର୍ଖଡ଼ ବାବାଙ୍କ ପାଇଁ କିଛି ଭେଟି ପଠାଇବାକୁ ଚାହୁଁଥିଲେ । ଏହି ଅଭିପ୍ରାୟରେ ଘରସାରା ଖୋଜିଲେ, କିନ୍ତୁ ଗୋଟିଏ ପେଡ଼ା ବ୍ୟତୀତ ଆଉ କିଛି ପାଇଲେ ନାହିଁ ଏବଂ ସେହି ପେଡ଼ା ମଧ୍ୟ ଅର୍ପଣ କରାଯାଇସାରିଥିବା ନୈବେଦ୍ୟ ଥିଲା । ବାଳକ ଗୋବିନ୍ଦ ଏପରି ପରିସ୍ଥିତି ଦେଖି ବିକଳରେ କାନ୍ଦିବାକୁ ଲାଗିଲେ । ମାତ୍ର ତାଙ୍କର ଅତ୍ୟଧିକ ପ୍ରେମ ଯୋଗୁ ଶ୍ରୀମତୀ ତର୍ଖଡ଼ ସେହି ପେଡ଼ାଟିକୁ ବାବାଙ୍କ ପାଇଁ ପଠାଇଦେଲେ । ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ଯେ ବାବା ତାହା ସ୍ୱୀକାର କରିବେ । ଶିରିଡ଼ି ପହଞ୍ଚିବା ପରେ ଗୋବିନ୍ଦ ମାନକର ବାବାଙ୍କ ଦର୍ଶନାର୍ଥେ ଗଲେ; ମାତ୍ର ପେଡ଼ା ନେବାକୁ ଭୁଲିଯାଇଥିଲେ । ବାବା ସବୁ ନୀବରରେ ଲକ୍ଷ୍ୟ କରୁଥିଲେ । ସନ୍ଧ୍ୟାରେ ପୁଣି ସେ ଯେତେବେଳେ ଗଲେ ବାବା ତାଙ୍କୁ ପଚାରିଲେ 'ତୁମେ ମୋ ପାଇଁ କ'ଣ ଆଣିଛ ?' କିଛି ବୁଝିନପାରି ଗୋବିନ୍ଦ କହିଲେ 'କିଛି ନାହିଁ ।' ବାବା ପୁଣି ପ୍ରଶ୍ନ କଲେ ଏବଂ ଏଥର ବି ସେହି ସମାନ ଉତ୍ତର । ବାବା ଏବେ ସ୍ପଷ୍ଟ ଭାବରେ କହିଲେ 'କ'ଣ ଆସିବା ସମୟରେ ମାଁ (ଶ୍ରୀମତୀ ତର୍ଖଡ଼) ତୁମକୁ କିଛି ମିଠା ଦେଇନଥିଲେ ?' ଗୋବିନ୍ଦଙ୍କ ସ୍ମୃତିରାଜ୍ୟ ଦୋହଲିଗଲା ଓ ନିଜକୁ ଲଜ୍ଜିତ ମନେକରି ବାବାଙ୍କ ନିକଟରେ କ୍ଷମାଭିକ୍ଷା କଲେ । ତୁରନ୍ତ ଘରକୁ ଦୌଡ଼ିଲେ ଓ ପେଡ଼ା ଆଣି ବାବାଙ୍କୁ ଅର୍ପଣ କଲେ । ବାବା ସଂଗେ ସଂଗେ ପେଡ଼ାଟିକୁ ଖାଇଦେଲେ । ଏହି ପ୍ରକାର ଶ୍ରୀମତୀ ତର୍ଖଡ଼ଙ୍କ ଭେଟି ବାବା ସ୍ୱୀକାର କଲେ ଏବଂ 'ଯିଏ ମୋତେ ଯେଉଁପରି ଭାବରେ ମନେ କରେ, ମୁଁ ତାକୁ ସେହି ପ୍ରକାର ସ୍ୱୀକାର କରେ, ଅର୍ଥାତ୍ ମୋତେ ପାଇବା ଅତି ସହଜ ଓ ସରଳ'- ଗୀତା(୪/୧୧)ର ଏହି ବାଣୀ ସତ୍ୟ ପ୍ରମାଣିତ ହେଲା ।

## ।। ବାବାଙ୍କର ସନ୍ତୋଷପୂର୍ବକ ଭୋଜନ ।।

ଥରେ ଶ୍ରୀମତୀ ତର୍ଖଡ଼ ଶିରିଡ଼ି ଆସିଥିଲେ । ମଧ୍ୟାହ୍ନ ଭୋଜନ ପ୍ରାୟତଃ ତିଆରି ସରିଥିଲା ଏବଂ ଥାଳି ପକାଯାଉଥିଲା । ଏହି ସମୟରେ ଗୋଟିଏ ଭୋକିଲା କୁକୁର ଆସିଲା ଏବଂ ଭୁକିବାକୁ ଲାଗିଲା । ଶ୍ରୀମତୀ ତର୍ଖଡ଼ ଉଠିପଡ଼ିଲେ ଏବଂ ଖଣ୍ଡେ ରୁଟି କୁକର ପାଇଁ ପକାଇଦେଲେ । କୁକୁରଟି ବଡ଼ ଆନନ୍ଦରେ ତାକୁ ଖାଇଲା । ସନ୍ଧ୍ୟା ସମୟରେ ସେ ଯେତେବେଳେ ମସଜିଦ୍‌ରେ ଯାଇ ବସିଛନ୍ତି ବାବା ତାଙ୍କୁ ଦେଖି କହିଲେ ' ମାଁ, ଆଜି ତୁମେ ମୋତେ ବଡ଼ ଆନନ୍ଦରେ ଖୁଆଇଲ, ମୋର ଭୋକିଲା ଆତ୍ମାକୁ ବଡ଼ ସାନ୍ତ୍ୱନା ମିଳିଲା । ସର୍ବଦା ଏପରି ହିଁ କର, ତୁମକୁ କେବେ ନା କେବେ ଏହାର ଉତ୍ତମ ଫଳ ଅବଶ୍ୟ ପ୍ରାପ୍ତି ହେବ ।' ଏହି ମସଜିଦ୍‌ରେ ବସି ମୁଁ କେବେ ଅସତ୍ୟ କହିବି ନାହିଁ, ସର୍ବଦା ମୋ ଉପରେ ଏପରି ଅନୁଗ୍ରହ କରୁଥାଅ । ପ୍ରଥମେ ଭୋକିଲାକୁ ଖାଇବା ଦିଅ, ତାପରେ ନିଜେ ଭୋଜନ କର । ଏହାକୁ ଭଲ ଭାବରେ ମନେ ରଖ ।' ବାବାଙ୍କ

ଉକ୍ତିର ଅର୍ଥ ସେ ବୁଝିପାରିଲେ ନାହିଁ, ଏଥିସକାଶେ ପ୍ରଶ୍ନ କଲେ 'ମୁଁ କି ପ୍ରକାର ଭୋଜନ କରାଇପାରିଥାନ୍ତି ? ମୁଁ ତ ନିଜେ ଅନ୍ୟ ଉପରେ ନିର୍ଭର କରୁଛି ଏବଂ କିଣି ଖାଉଛି ।' ବାବା କହିଲେ 'ସେହି ରୁଟିଖଣ୍ଡକ ଗ୍ରହଣ କରି ମୋର ହୃଦୟ ତୃପ୍ତ ହୋଇଗଲା ଏବଂ ଏ ପର୍ଯ୍ୟନ୍ତ ହାକୁଟି ଆସୁଛି । **ଭୋଜନ ପୂର୍ବରୁ ତୁମେ ଯେଉଁ କୁକୁରକୁ ଦେଖିଥିଲ ଏବଂ ଯାହାକୁ ରୁଟି ଖଣ୍ଡେ ଦେଲ, ସେ ପ୍ରକୃତରେ ମୋର ହିଁ ସ୍ୱରୂପ ଅଟେ । ସେହି ପ୍ରକାର ଅନ୍ୟ ପ୍ରାଣୀ ଯଥା ବିରାଡ଼ି, ଘୁଷୁରି, ମାଛି, ଗାଈ ଇତ୍ୟାଦି ମଧ୍ୟ ମୋର ସ୍ୱରୂପ ଅଟନ୍ତି । ମୁଁ ହିଁ ସେମାନଙ୍କ ଆକାରରେ ବିଚରଣ କରୁଛି । ଯିଏ ଏହିସବୁ ପ୍ରାଣୀଙ୍କ ମଧ୍ୟରେ ମୋତେ ଦର୍ଶନ କରିବେ ସିଏ ମୋର ଅତ୍ୟନ୍ତ ପ୍ରିୟ । ଏଥିପାଇଁ ଦ୍ୱୈତ ବିଚାର ଅଥବା ଭେଦଭାବ ଭୁଲିଯାଇ ତୁମେ ମୋର ସେବା କର ।'**

ଏହି ଅମୃତତୁଲ୍ୟ ଉପଦେଶକୁ ଗ୍ରହଣ କରି ସେ ଭାବବିହ୍ୱଳ ହୋଇଗଲେ ଏବଂ ତାଙ୍କର ନୟନଯୁଗଳରୁ ଅଶ୍ରୁଧାରା ପ୍ରବାହିତ ହେବାକୁ ଲାଗିଲା । କଣ୍ଠ ବାଷ୍ପରୁଦ୍ଧ ହୋଇଗଲା ଏବଂ ଆନନ୍ଦର ସୀମା ରହିଲା ନାହିଁ ।

**ଶିକ୍ଷା : ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଈଶ୍ୱରଙ୍କୁ ଦର୍ଶନ କର**–ଏହି ଅଧ୍ୟାୟରୁ ଉକ୍ତ ଶିକ୍ଷା ମିଳିଥାଏ । ଉପନିଷଦ୍, ଗୀତା ଏବଂ ଭାଗବତର ଉପଦେଶ 'ଈଶାବାସ୍ୟମିଦଂ ସର୍ବମ୍'– ଏହାର ଅର୍ଥ ହେଉଛି : ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଈଶ୍ୱର ବାସ କରୁଛନ୍ତି, ଏହାକୁ ପ୍ରତ୍ୟକ୍ଷ ଭାବରେ ଅନୁଭବ କର ।'

ଏହି ଅଧ୍ୟାୟର ଶେଷରେ ବର୍ଣ୍ଣିତ ସମସ୍ତ ଘଟଣା ତଥା ଅନ୍ୟାନ୍ୟ ଅନେକ ଘଟଣା, ଯାହା ଏବେ ଲେଖାଯିବାକୁ ବାକି ଅଛି, ସ୍ୱୟଂ ବାବା ପ୍ରତ୍ୟକ୍ଷ ଉଦାହରଣ ଜରିଆରେ ଉପନିଷଦର ଶିକ୍ଷାକୁ କିପରି ପ୍ରୟୋଗ କରିବା ଉଚିତ ତାହା ସରଳ ଭାବରେ ବୁଝାଇଦେଇଛନ୍ତି । ଏହିପ୍ରକାର ଶ୍ରୀ ସାଇବାବା ସମସ୍ତ ଧର୍ମଗ୍ରନ୍ଥର ଶିକ୍ଷା ପ୍ରଦାନ କରୁଥିଲେ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।।ଦଶମ ଅଧ୍ୟାୟ ।।

### ଶ୍ରୀ ସାଇବାବାଙ୍କ ନିତ୍ୟଚର୍ଯ୍ୟା, ଶୟନ ଖଟ, ଶିରିଡ଼ିରେ ନିବାସ, ତାଙ୍କର ଉପଦେଶ ଓ ବିନମ୍ରତା, ନାନାବଳୀ, ସୁଗମ ପଥ

**ପ୍ରାରମ୍ଭ :** ଶ୍ରୀ ସାଇବାବାଙ୍କୁ ସର୍ବଦା ପ୍ରେମପୂର୍ବକ ସ୍ମରଣ କର, କାରଣ ସେ ସର୍ବଦା ଅନ୍ୟର କଲ୍ୟାଣ ନିମିତ୍ତ ତତ୍ପର ତଥା ଆତ୍ମଲୀନ ରହିଥାନ୍ତି । ତାଙ୍କର ସ୍ମରଣ କରିବା ଦ୍ୱାରା ଜୀବନ ଓ ମୃତ୍ୟୁର ବିଷମ ସମସ୍ୟାର ସମାଧାନ ହୋଇଥାଏ । ସାଧନାମାନଙ୍କ ମଧ୍ୟରେ ଏହା ଅତି ଶ୍ରେଷ୍ଠ ତଥା ସର୍ବାପେକ୍ଷା ସରଳ ସାଧନା, କାରଣ ଏଥିରେ କିଛି ବ୍ୟୟ କରିବାକୁ ପଡ଼େ ନାହିଁ । କେବଳ ମାମୁଲି ପରିଶ୍ରମ ଦ୍ୱାରା ଭବିଷ୍ୟତ ଅତ୍ୟନ୍ତ ଫଳଦାୟୀ ହୋଇଥାଏ ।

ଯେ ପର୍ଯ୍ୟନ୍ତ ଇନ୍ଦ୍ରିୟଗୁଡ଼ିକ ଶକ୍ତିଶାଳୀ ଥିବେ ପ୍ରତି ମୁହୂର୍ତ୍ତରେ ଏହି ସାଧନା ଆଚରଣ କରିବା ଉଚିତ । ଅନ୍ୟ ସମସ୍ତ ଦେବଦେବୀ କେବଳ ଭ୍ରମ ପାଇଁ, ଗୁରୁ ହିଁ ସାକ୍ଷାତ ଈଶ୍ୱର ଅଟନ୍ତି । ଆମକୁ ତାଙ୍କର ପବିତ୍ର ଚରଣରେ ଶ୍ରଦ୍ଧା ରଖିବାକୁ ହେବ । ସେ ସମସ୍ତ ପ୍ରାଣୀଙ୍କର ଭାଗ୍ୟବିଧାତା ତଥା ପ୍ରେମମୟ ପ୍ରଭୁ ଅଟନ୍ତି । ଯିଏ ଅନନ୍ୟ ଭାବରେ ତାଙ୍କର ସେବା କରିବେ, ସେ ଏହି ଭବସାଗରରୁ ନିଶ୍ଚୟ ମୁକ୍ତି ଲାଭ କରିବେ ।

**ନୈୟାୟିକ ଅଥବା ଦର୍ଶନଶାସ୍ତ୍ର ଅଧ୍ୟୟନର କୌଣସି ଆବଶ୍ୟକତା ନାହିଁ । ଯେଉଁଭଳି ନଦୀ ବା ସାଗର ପାର କରିବା ସମୟରେ ନାବିକ ଉପରେ ବିଶ୍ୱାସ ରଖିବାକୁ ହୁଏ, ସେହିପରି ବିଶ୍ୱାସ ଭବସାଗର ପାରି ହେବା ପାଇଁ ସଦ୍‌ଗୁରୁଙ୍କ ଉପରେ ରଖିବା ଆବଶ୍ୟକ ।** ସଦ୍‌ଗୁରୁ ତ କେବଳ ଭକ୍ତର ଭକ୍ତିଭାବକୁ ଦେଖି ତାହାକୁ ଜ୍ଞାନ ଏବଂ ପରମାନନ୍ଦ ପ୍ରାପ୍ତି କରାନ୍ତି ।

ଗତ ଅଧ୍ୟାୟରେ ବାବାଙ୍କର ଭିକ୍ଷାବୃତ୍ତି, ଭକ୍ତଙ୍କର ଅନୁଭବ ତଥା ଅନ୍ୟାନ୍ୟ ବିଷୟର ବର୍ଣ୍ଣନା କରାଯାଇଛି । ଏବେ ପାଠକଗଣ ଶୁଣନ୍ତୁ ଶ୍ରୀ ସାଇବାବା କିପରି ରହୁଥିଲେ, ଶୟନ କରୁଥିଲେ ଏବଂ ଶିକ୍ଷା ପ୍ରଦାନ କରୁଥିଲେ ।

### ।।ବାବାଙ୍କ ବିଚିତ୍ର ବିଛଣା ।।

ପ୍ରଥମେ ଦେଖିବା ବାବା କିପରି ଶୟନ କରୁଥିଲେ । ଶ୍ରୀ ନାନାସାହେବ ଡେଙ୍ଗଲେ ଗୋଟିଏ ଚାରି ହାତ ଲମ୍ବ ଏବଂ ଏକ ହାତ ଚଉଡ଼ା ପଟା ଶ୍ରୀ ସାଇବାବାଙ୍କ ଶୟନ ନିମନ୍ତେ ଆଣିଲେ । ପଟାକୁ ତଳେ ରଖି ଶୋଇବା ପରିବର୍ତ୍ତେ ବାବା ମସଜିଦ୍ ଛାତରେ ଥିବା ପୁରୁଣା ବଳାରେ ଲୁଗାଧଡ଼ି ସହାୟତାରେ ତାହାକୁ ବାନ୍ଧି ସମାନ୍ତରାଳ ଭାବରେ ଝୁଲାଇ ତାହା ଉପରେ ଶୟନ କଲେ । ଲୁଗାଧଡ଼ିର ସାମର୍ଥ୍ୟ ବା କେତେ; ତେଣୁ

ସମସ୍ତେ ଏହାର ସ୍ଥାୟିତ୍ୱ ନେଇ ଆଶଙ୍କା କରୁଥିଲେ । କେବଳ ପଟାର ଭାର ବୋହିବା ତା ପକ୍ଷରେ ସମ୍ଭବ ନଥିଲା, ବାବାଙ୍କ ଓଜନ ବା ସମ୍ଭାଳିବ କିପରି ? ଯାହା ହେଉ, ସେକଥା ସ୍ୱୟଂ ରାମ ଜାଣନ୍ତି, ତେବେ ଏହା ବାବାଙ୍କର ଏକ ଲୀଳା ଥିଲା ବୋଲି କୁହାଯାଇପାରେ । କାରଣ ପୁରୁଣା ଲୁଗାଧଡ଼ି ବାବାଙ୍କ ଭାର ସମ୍ଭାଳି ଚାଲିଥିଲା । ବାବାଙ୍କର ଏହି ପଟା ଉପରେ ଉପବେଶନ ଓ ଶୟନ ଦୃଶ୍ୟ ଦେବତାମାନଙ୍କ ପାଇଁ ମଧ୍ୟ ଦୁର୍ଲ୍ଲଭ ଥିଲା । ସମସ୍ତେ ଆଶ୍ଚର୍ଯ୍ୟ ହେଉଥିଲେ ଯେ ବାବା କିପରି ପଟା ଉପରକୁ ଚଢ଼ିବେ ଓ ସେଥିରୁ ଓହ୍ଲାଇବେ । କୌତୂହଳବଶତଃ ଏହାର ରହସ୍ୟ ଦେଖିବାକୁ ଲୋକମାନେ ଉତ୍କଣ୍ଠାର ସହ ଚାହିଁ ରହୁଥିଲେ, କିନ୍ତୁ କେହି ଏହାକୁ ବୁଝିବାକୁ ସକ୍ଷମ ହେଉନଥିଲେ । ଦିନକୁ ଦିନ ଭିଡ଼ ବଢ଼ିବାରେ ଲାଗିବାରୁ ଦିନେ ବାବା ପଟାଟିକୁ ଭାଙ୍ଗି ଫିଙ୍ଗିଦେଲେ । ଯଦିଓ ବାବାଙ୍କର ଅଷ୍ଟସିଦ୍ଧି ପ୍ରାପ୍ତି ହୋଇଥିଲା, ସେ କେବେ ବି ତା'ର ପ୍ରୟୋଗ କରୁନଥିଲେ କି ତାଙ୍କର ସେଥିପାଇଁ ଇଚ୍ଛା ମଧ୍ୟ ନଥିଲା । ସ୍ୱାଭାବିକ ରୂପରେ ପୂର୍ଣ୍ଣତା ପ୍ରାପ୍ତି ହୋଇଥିବାରୁ ସେହିସବୁ ଶକ୍ତି ତାଙ୍କ ପାଖକୁ ଆସିଥିଲା ।

## ।। ବ୍ରହ୍ମଙ୍କ ସଗୁଣ ଅବତାର ।।

ବାହ୍ୟଦୃଷ୍ଟିରେ ଶ୍ରୀ ସାଇବାବା ତିନିହାତ ଲମ୍ବର ଜଣେ ସାଧାରଣ ପୁରୁଷ ଥିଲେ, କିନ୍ତୁ ସେ ସମସ୍ତଙ୍କ ହୃଦୟରେ ବିରାଜମାନ ଥିଲେ । ଅନ୍ତରରେ ସେ ଆସକ୍ତି ରହିତ ଏବଂ ସ୍ଥିର ଥିଲେ ମାତ୍ର ବାହାରେ ଜନକଲ୍ୟାଣ ନିମିତ୍ତ ସର୍ବଦା ଚିନ୍ତିତ ରହୁଥିଲେ । ଅନ୍ତରରେ ସେ ସମ୍ପୂର୍ଣ୍ଣ ନିଃସ୍ୱାର୍ଥପର ଥିଲେ । ଭକ୍ତମାନଙ୍କ ପାଇଁ ତାଙ୍କର ହୃଦୟରେ ପରମ ଶାନ୍ତି ବିଦ୍ୟମାନ ଥିଲା, କିନ୍ତୁ ବାହାରେ ସେ ଅଶାନ୍ତ ପ୍ରତୀତ ହେଉଥିଲେ । ଭିତରେ ସେ ବ୍ରହ୍ମଜ୍ଞାନୀ, କିନ୍ତୁ ବାହାରେ ସଂସାରରେ ଜଡ଼ିତ ହୋଇଥିବା ପରି ଜଣାପଡୁଥିଲେ । ସେ କେବେ ପ୍ରେମ ଦୃଷ୍ଟିରେ ଦେଖୁଥିଲେ ତ କେତେବେଳେ ପଥର ଫିଙ୍ଗୁଥିଲେ, କେବେ ଗାଳି ଦେଉଥିଲେ ତ କେବେ ହୃଦୟ ଲଗାଉଥିଲେ । ସେ ଗମ୍ଭୀର, ଶାନ୍ତ ଏବଂ ସହନଶୀଳ ଥିଲେ । ସେ ସର୍ବଦା ଦୃଢ଼ ଏବଂ ଆତ୍ମଲୀନ ରହୁଥିଲେ ତଥା ସର୍ବଦା ଭକ୍ତମାନଙ୍କର ଧ୍ୟାନ ରଖୁଥିଲେ । ଗୋଟିଏ ଆସନ ଉପରେ ସେ ବିରାଜମାନ କରୁଥିଲେ ଓ କେବେ ଯାତ୍ରାରେ ବାହାରୁନଥିଲେ । ତାଙ୍କର ଦଣ୍ଡ ଏକ ଛୋଟିଆ ବାଡ଼ି ଥିଲା, ଯାହାକୁ ସେ ସର୍ବଦା ନିଜ ପାଖରେ ସାଇତି ରଖୁଥିଲେ । ବିଚାରମୁକ୍ତ ହୋଇଥିବା ଯୋଗୁ ସେ ଶାନ୍ତ ଥିଲେ । କାଞ୍ଚନ ଏବଂ କୀର୍ତ୍ତିରେ ତାଙ୍କର ସାମାନ୍ୟ ଚିନ୍ତା ନଥିଲା । ଭିକ୍ଷାବୃତ୍ତି ଦ୍ୱାରା ସେ ଜୀବନ ନିର୍ବାହ କରୁଥିଲେ । ତାଙ୍କର ଜୀବନ ଏହି ପ୍ରକାର ଥିଲା । 'ଆଲ୍ଲା ମାଲିକ' ସର୍ବଦା ତାଙ୍କର ଓଠରେ ନିନାଦିତ ହେଉଥିଲା । ଭକ୍ତମାନଙ୍କ ପ୍ରତି ତାଙ୍କର ବିଶେଷ ଓ ଅତୁଟ ପ୍ରେମ ରହିଥିଲା । ସେ ଆତ୍ମଜ୍ଞାନର ଭଣ୍ଡାର ଓ ପରମ ଦିବ୍ୟସ୍ୱରୂପ ଥିଲେ । ଶ୍ରୀ ସାଇବାବାଙ୍କର ଦିବ୍ୟସ୍ୱରୂପ ଏହିପରି ଥଲା:- ଏକ ଅପରିମିତ,

ଅନନ୍ତ, ସତ୍ୟ ଏବଂ ଅପରିବର୍ତ୍ତନଶୀଳ ସିଦ୍ଧାନ୍ତ– ଯାହା ଅଧୀନରେ ସମଗ୍ର ବିଶ୍ୱ ମୂର୍ତ୍ତିମାନ୍, ଶ୍ରୀ ସାଇବାବାଙ୍କଠାରେ ତାହା ପରିଗ୍ରହ ହୋଇଥିଲା । ଏହି ଅମୂଲ୍ୟ ନିଧି କେବଳ ସତ୍ତ୍ୱଗୁଣସମ୍ପନ୍ନ ଏବଂ ଭାଗ୍ୟଶାଳୀ ଭକ୍ତଙ୍କୁ ହିଁ ପ୍ରାପ୍ତ ହୁଏ । ଯେଉଁମାନେ ଶ୍ରୀ ସାଇବାବାଙ୍କୁ କେବଳ ମନୁଷ୍ୟ ବା ସାଧାରଣ ପୁରୁଷ ବୋଲି ମନେ କରନ୍ତି, ସେମାନେ ବାସ୍ତବିକ ଅଭାଗା ବୋଲି ବିଚାରିବାକୁ ହେବ ।

ଶ୍ରୀ ସାଇବାବାଙ୍କ ମାତା ପିତା ତଥା ତାଙ୍କର ଜନ୍ମତିଥି ଠିକ୍ ଭାବରେ କାହାକୁ ବି ଜଣାନଥିଲା ତଥାପି ଶିରିଡ଼ିରେ ତାଙ୍କର ଅବସ୍ଥାନରୁ ଏ ସମ୍ପର୍କରେ କିଛିଟା ଆକଳନ କରାଯାଇପାରୁଛି । ଯେତେବେଳେ ବାବା ପ୍ରଥମେ ଶିରିଡ଼ି ଆସିଥିଲେ, ସେହି ସମୟରେ ତାଙ୍କର ବୟସ ପ୍ରାୟ ୧୬ ବର୍ଷ ଥିଲା । ଶିରିଡ଼ିରେ ତିନିବର୍ଷ ରହିବା ପରେ ସେ ପୁଣି ଅନ୍ତର୍ଦ୍ଧାନ ହୋଇଗଲେ । କିଛିବର୍ଷ ପରେ ଔରଙ୍ଗାବାଦ ନିକଟରେ ସେ ପ୍ରକଟ ହେଲେ ଏବଂ ଚାନ୍ଦ ପାଟିଲଙ୍କ ବରଯାତ୍ରୀ ସହ ମିଶି ଶିରିଡ଼ିରେ ପୁନଃପଦାର୍ପଣ କଲେ । ସେହି ସମୟରେ ତାଙ୍କର ବୟସ ପ୍ରାୟ ୨୦ ବର୍ଷ ହୋଇଥିଲା । ଏହାପରଠାରୁ ୬୦ ବର୍ଷ ପର୍ଯ୍ୟନ୍ତ ସେ ଶିରିଡ଼ିରେ ଅବସ୍ଥାନ କଲେ ଏବଂ ୧୯୧୮ରେ ମହାସମାଧିରେ ଲୀନ ହେଲେ । ଏହି ତଥ୍ୟ ଆଧାରରେ ଆମେ କହିପାରିବା, ବାବାଙ୍କର ଜନ୍ମ ୧୮୩୮ ମସିହାରେ ହୋଇଥିଲା ।

## ।। ବାବାଙ୍କ ଧ୍ୟେୟ ଓ ଉପଦେଶ ।।

ସପ୍ତଦଶ ଶତାବ୍ଦୀ( ୧୬୦୮–୧୬୮୧ )ରେ ସନ୍ଥ ରାମଦାସ ପ୍ରକଟ ହୋଇଥିଲେ ଏବଂ ସେ ଯବନମାନଙ୍କଠାରୁ ଗୋ ଓ ବ୍ରାହ୍ମଣଙ୍କ ରକ୍ଷା କାର୍ଯ୍ୟ ସଫଳତାର ସହିତ ସମ୍ପନ୍ନ କଲେ । ଦୁଇ ଶତାବ୍ଦୀ ଅତିବାହିତ ହେବା ପରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବୈଷମ୍ୟ ବୃଦ୍ଧି ପାଇଲା ଓ ଏହାକୁ ଦୂର କରିବା ନିମନ୍ତେ ଶ୍ରୀ ସାଇବାବା ପ୍ରକଟ ହେଲେ । ସମସ୍ତଙ୍କ ନିମନ୍ତେ ତାଙ୍କର ଉପଦେଶ ଥିଲା ରାମ ଏବଂ ରହିମ ଏକ ଓ ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ତୁମେ ତାଙ୍କର ଅନୁଗାମୀ ହୋଇ କାହିଁକି ପରସ୍ପର ଭିତରେ କଳହ କରୁଛ ? ଅଜ୍ଞାନୀ ବାଳକ ! ଦୁଇ ସମ୍ପ୍ରଦାୟ ମଧ୍ୟରେ ଏକତା ରଖି ପରସ୍ପର ମିଳିମିଶି ରହ । ଶାନ୍ତିରେ ଜୀବନଯାପନ କର ଏବଂ ଏହିପରି ଭାବରେ ରାଷ୍ଟ୍ରୀୟ ଏକତା ଧ୍ୟେୟ ପ୍ରାପ୍ତି କର । କଳହ ଏବଂ ବିବାଦ ବ୍ୟର୍ଥ ଅଟେ । ପରସ୍ପର ମଧ୍ୟରେ ବିବାଦ ଏବଂ ପ୍ରାଣଘାତକ ହେବାରୁ ନିବୃତ୍ତ ରହ । ସର୍ବଦା ନିଜର ହିତ ତଥା କଲ୍ୟାଣ ଚିନ୍ତା କର । ଶ୍ରୀହରି ନିଶ୍ଚୟ ତୁମକୁ ରକ୍ଷା କରିବେ । ଯୋଗ, ବୈରାଗ୍ୟ, ତପ, ଜ୍ଞାନ ଇତ୍ୟାଦି ଈଶ୍ୱରଙ୍କ ନିକଟରେ ପହଞ୍ଚିବାର ପ୍ରକୃଷ୍ଟ ମାର୍ଗ ଅଟେ । ଯଦି ତୁମେ କୌଣସିମତେ ସଫଳ ସାଧକ ହୋଇପାରୁନାହଁ, ତାହେଲେ ତୁମର ଜନ୍ମ ବ୍ୟର୍ଥ ହେଲା ବୋଲି ଜାଣ । ତୁମର ଯିଏ ଯେତେ ବି ନିନ୍ଦା କରୁନା କାହିଁକି ତୁମେ ତା'ର

ପ୍ରତିବାଦ କର ନାହିଁ । ଯଦି କିଛି ଶୁଭ କର୍ମ କରିବାର ଇଚ୍ଛା ଥାଏ ତାହେଲେ ସର୍ବଦା ଅନ୍ୟର ଭଲ କର । ସଂକ୍ଷେପରେ ଶ୍ରୀ ସାଇବାବାଙ୍କର ଉପଦେଶ ହେଉଛି ଉପରୋକ୍ତ କଥା ଅନୁସାରେ ଆଚରଣ ପ୍ରଦର୍ଶନ କଲେ ଜଣକର ଉଭୟ ଭୌତିକ ଓ ଆଧ୍ୟାତ୍ମିକ ଉନ୍ନତି ସମ୍ଭବ ହେବ ।

## ।। ସଚ୍ଚିଦାନନ୍ଦ ସଦ୍‌ଗୁରୁ ଶ୍ରୀ ସାଇନାଥ ମହାରାଜ ।।

ଗୁରୁ ତ ଅନେକ ଅଛନ୍ତି । କେତେକ ଗୁରୁ ଏପରି ଅଛନ୍ତି, ଯେଉଁମାନେ ହାତରେ ବୀଣା ଓ କରତାଳ ଧରି ଦ୍ୱାର ଦ୍ୱାର ବୁଲି ସେମାନଙ୍କର ଧାର୍ମିକ ଭାବ ପ୍ରଦର୍ଶନ କରନ୍ତି । ସେମାନେ ଶିଷ୍ୟର କାନରେ ମନ୍ତ୍ର ଫୁଙ୍କନ୍ତି ଏବଂ ସେମାନଙ୍କର ସମ୍ପତ୍ତି ଶୋଷଣ କରନ୍ତି । ଈଶ୍ୱର ଭକ୍ତି ତଥା ଧାର୍ମିକତାର କେବଳ ସେମାନେ ଅଭିନୟ କରନ୍ତି । ବସ୍ତୁତଃ ସେମାନେ ଅପବିତ୍ର ଏବଂ ଅଧାର୍ମିକ । ଶ୍ରୀ ସାଇବାବା ଧାର୍ମିକ ନିଷ୍ଠା ପ୍ରଦର୍ଶନ କରିବା କଥା କେବେ ମନରେ କଳ୍ପନା କରିନାହାନ୍ତି । ଦୈହିକ ଚେତନା ତାଙ୍କୁ କିଞ୍ଚିତ ମାତ୍ର ସ୍ପର୍ଶ କରିନଥିଲା । ଅପରପକ୍ଷରେ ଭକ୍ତମାନଙ୍କ ପାଇଁ ତାଙ୍କର ଅସୀମ ପ୍ରେମ ଥିଲା । ଗୁରୁ ଦୁଇ ପ୍ରକାର । (୧) ନିୟତ ଅର୍ଥାତ୍ ବିଧି ନିର୍ଦ୍ଦିଷ୍ଟ ଏବଂ (୨) ଅନିୟତ ବା ସାଧାରଣ ଅଥବା ବିଧି ସ୍ଥିରୀକୃତ ନୁହେଁ । ଅନିୟତ ଗୁରୁଙ୍କ ଆଦେଶରେ ନିଜ ଭିତରେ ଉତ୍ତମ ଗୁଣର ବିକାଶ ଘଟେ ତଥା ଚିତ୍ତ ଶୁଦ୍ଧି ହୋଇ ବିବେକର ବୃଦ୍ଧି ଘଟେ । ଭକ୍ତିମାର୍ଗରେ ସେ ଶିଷ୍ୟକୁ ନିୟୋଜିତ କରନ୍ତି; କିନ୍ତୁ ନିୟତ ଗୁରୁଙ୍କ ସଂଗତି ମାତ୍ରେ ଦ୍ୱୈତ ବୁଦ୍ଧିର ଶୀଘ୍ର ହ୍ରାସ ହୋଇଯାଏ । ଗୁରୁ ଆହୁରି ଅନେକ ପ୍ରକାରର ଅଛନ୍ତି, ଯେଉଁମାନେ ଭିନ୍ନ ଭିନ୍ନ ସାଂସାରିକ ଶିକ୍ଷା ପ୍ରଦାନ କରନ୍ତି । ଯଥାର୍ଥରେ ଯିଏ ଆମକୁ ଆତ୍ମସ୍ଥ କରି ଏହି ଭବସାଗରରୁ ଉଦ୍ଧାର କରନ୍ତି ସେ ହିଁ ସଦ୍‌ଗୁରୁ ଅଟନ୍ତି । ଶ୍ରୀ ସାଇବାବା ସେହି ସ୍ତରର ସଦ୍‌ଗୁରୁ ଥିଲେ । ତାଙ୍କର ମହାନତା ଅବର୍ଣ୍ଣନୀୟ । ଯେଉଁ ଭକ୍ତ ବାବାଙ୍କ ଦର୍ଶନ ନିମନ୍ତେ ଆସୁଥିଲେ ସେମାନେ ପ୍ରଶ୍ନ କରିବା ପୂର୍ବରୁ ହିଁ ବାବା ସେମାନଙ୍କର ସମସ୍ତ ଜୀବନର ତିନି କାଳର ଘଟଣାଗୁଡ଼ିକର ବର୍ଣ୍ଣନା କରିଦେଉଥିଲେ । ସେ ସମସ୍ତ ଭୂତରେ ଈଶ୍ୱରଙ୍କର ଦର୍ଶନ କରୁଥିଲେ । ଶତ୍ରୁ ଓ ମିତ୍ର ଉଭୟେ ତାଙ୍କ ପାଇଁ ସମାନ ଥିଲେ । ସେ ନିଃସ୍ୱାର୍ଥପର ତଥା ଦୃଢ଼ ଥିଲେ । ଭାଗ୍ୟ ଏବଂ ଦୁର୍ଭାଗ୍ୟର ତାଙ୍କ ଉପରେ କୌଣସି ପ୍ରଭାବ ନଥିଲା । ସେ କେବେ ବି ସଂଶୟଗ୍ରସ୍ତ ହେଉନଥିଲେ । ଦେହଧାରୀ ହୋଇ ମଧ୍ୟ ଦେହ ପ୍ରତି ତାଙ୍କର କିଞ୍ଚିତ ଆସକ୍ତି ନଥିଲା । ଦେହ ତ ତାଙ୍କ ପାଇଁ ଏକ ଆବରଣ ଥିଲା । ଯଥାର୍ଥରେ ସେ ନିତ୍ୟମୁକ୍ତ ଥିଲେ ।

ସେହି ଶିରିଡ଼ିବାସୀଙ୍କ ଜୀବନ ଧନ୍ୟ, ଯେଉଁମାନେ ଶ୍ରୀ ସାଇବାବାଙ୍କୁ ଈଶ୍ୱର ରୂପରେ ଉପାସନା କରୁଥିଲେ । ଶୟନ, ଜାଗରଣ, ଖାଦ୍ୟପେୟ ବେଳେ, ଘରେ ତଥା ବିଲରେ କାର୍ଯ୍ୟ କଲାବେଳେ, ସବୁସମୟରେ ସେମାନେ ବାବାଙ୍କର ସ୍ମରଣ ତଥା ଗୁଣଗାନ

କରୁଥିଲେ । ସାଇବାବାଙ୍କ ଭିନ୍ନ ଦ୍ୱିତୀୟ ଈଶ୍ୱରଙ୍କୁ ସେମାନେ ଜାଣିନଥିଲେ । ଶିରିଡ଼ିର ନାରୀମାନଙ୍କର ପ୍ରେମର ମାଧୁରୀ ତ ଭାଷାରେ ବର୍ଣ୍ଣନା କରିହେବ ନାହିଁ । ସେମାନେ ସମ୍ପୂର୍ଣ୍ଣ ସରଳ ଓ ନିଷ୍କପଟ ଥିଲେ । ସେମାନଙ୍କର ପବିତ୍ର ପ୍ରେମ ଗାଉଁଲି ଭାଷାରେ ଭଜନର ରୂପ ନେଉଥିଲା । ଯଦିଓ ସେମାନେ ଶିକ୍ଷିତ ନଥିଲେ, ତଥାପି ସେମାନଙ୍କର ସରଳ ଭଜନରେ ବାସ୍ତବିକ କାବ୍ୟର ଝଲକ ଫୁଟି ଉଠୁଥିଲା । ସେଥିରେ କୌଣସି ପ୍ରକାର ପାଣ୍ଡିତ୍ୟ ନଥିଲେ ମଧ୍ୟ ସେମାନଙ୍କର ସଚ୍ଚା ପ୍ରେମରୁ କବିତାର ଅନ୍ତଃସଲିଳା ଫଲଗୁ ଧାରା ଝରି ଆସୁଥିଲା । କବିତା ତ ସଚ୍ଚା ପ୍ରେମର ନିଦର୍ଶନ, ଚତୁର ଶ୍ରୋତାଗଣ ହିଁ ଏହାର ଯଥାର୍ଥ ଦର୍ଶନ କିମ୍ବା ରସିକତା ଅନୁଭବ କରିପାରିବେ ।

## ।। ବାବାଙ୍କ ବିନମ୍ରତା ।।

ଏପରି କୁହାଯାଏ ଯେ ଭଗବାନଙ୍କ ନିକଟରେ ଛଅ ପ୍ରକାର ବିଶେଷ ଗୁଣ ଥାଏ । ଯଥା (୧) ଯଶ (୨) ବୈଭବ (୩) ବୈରାଗ୍ୟ (୪) ଜ୍ଞାନ (୫) ଐଶ୍ୱର୍ଯ୍ୟ (୬) ମହାନୁଭବତା । ଶ୍ରୀ ସାଇବାବାଙ୍କ ନିକଟରେ ମଧ୍ୟ ଏହିସବୁ ଗୁଣ ବିଦ୍ୟମାନ ଥିଲା । ସେ ଭକ୍ତମାନଙ୍କର ଇଚ୍ଛା ପୂର୍ତ୍ତି ନିମିତ୍ତ ସଗୁଣ ଅବତାର ଧାରଣ କଲେ । ତାଙ୍କର କୃପା ବଡ଼ ବିଚିତ୍ର ଥିଲା । ଭକ୍ତମାନଙ୍କ ପାଇଁ ସେ ତାଙ୍କ ଶ୍ରୀମୁଖରୁ ଏପରି ବଚନ ପ୍ରକାଶ କରୁଥିଲେ, ଯାହାର ବର୍ଣ୍ଣନା କରିବାକୁ ଦେବୀ ସରସ୍ୱତୀ ମଧ୍ୟ ସାହସ କରିବେ ନାହିଁ । ସେ ବିଷୟରେ ଏଠାରେ ଏକ ରୋଚକ ଦୃଷ୍ଟାନ୍ତ ଉଲ୍ଲେଖ କରାଯାଉଛି । ବାବା ଅତି ବିନମ୍ରତାର ସହ କହୁଥଲେ 'ଦାସାନୁଦାସ, ମୁଁ ତୁମର ଋଣୀ ଅଟେ ।' କିପରି ବିନମ୍ରତା ଦେଖନ୍ତୁ ।

ଯଦିଓ ବାହ୍ୟ ଦୃଷ୍ଟିରେ ବାବା ବିଷୟ ପଦାର୍ଥକୁ ଉପଭୋଗ କରିବା ପ୍ରତୀତ ହେଉଥିଲା, କିନ୍ତୁ ତା'ର କିଞ୍ଚିତ ବାସନା ତାଙ୍କ ପାଖରେ ନଥିଲା କିମ୍ବା ତାହାର ଉପଯୋଗ କରିବା ଜ୍ଞାନ ନଥିଲା । ସେ ଅବଶ୍ୟ ଆହାର ନେଉଥିଲେ କିନ୍ତୁ ତାଙ୍କ ଜିହ୍ୱାର କୌଣସି ସ୍ୱାଦ ଶକ୍ତି ନଥିଲା । ସେ ଆଖିରେ ଦେଖୁଥିଲେ କିନ୍ତୁ ସେହି ଦୃଶ୍ୟରେ ତାଙ୍କର କୌଣସି ରୁଚି ନଥିଲା । କାର୍ଯ୍ୟ ବିଷୟରେ ସେ ହନୁମାନଙ୍କ ସଦୃଶ ଅଖଣ୍ଡ ବ୍ରହ୍ମଚାରୀ ଥିଲେ । ତାଙ୍କର କୌଣସି ପଦାର୍ଥରେ ଆସକ୍ତି ନଥିଲା । ସେ ଶୁଦ୍ଧ ଚୈତନ୍ୟସ୍ୱରୂପ ଥିଲେ, ଯେଉଁଠାରେ ସମସ୍ତ ଇଚ୍ଛା, ଅହଂକାର ଏବଂ ଅନ୍ୟାନ୍ୟ ପ୍ରୟାସ ବିଶ୍ରାମ ନେଉଥିଲା । ସଂକ୍ଷେପରେ ସେ ନିଃସ୍ୱାର୍ଥପର, ମୁକ୍ତ ଏବଂ ପରଂବ୍ରହ୍ମ ଥିଲେ । ଏହି କଥାକୁ ବ୍ୟାଖ୍ୟାନ କରିବା ନିମନ୍ତେ ନିମ୍ନରେ ଏକ ରୋଚକ ଦୃଷ୍ଟାନ୍ତର ଉଲ୍ଲେଖ କରାଯାଉଛି ।

**ନାନାବଳୀ :** ଶିରିଡ଼ିରେ ନାନାବଳୀ ନାମରେ ଜଣେ ବିଚିତ୍ର ଏବଂ ଅସାଧାରଣ ବ୍ୟକ୍ତି ଥିଲେ । ସେ ବାବାଙ୍କର ସମସ୍ତ କାର୍ଯ୍ୟର ଦେଖାଶୁଣା କରୁଥିଲେ । ଦିନେ ଯେତେବେଳେ ବାବା ଆସନରେ ଉପବେଶନ କରିଥିଲେ, ସେ ସାହସକରି ବାବାଙ୍କୁ

ତାଙ୍କ ଆସନରୁ ହଟିବାକୁ କହିଲେ । କେଉଁ ଦିନରୁ ବାବାଙ୍କ ଆସନରେ ବସିବାକୁ ତାଙ୍କର ବଡ଼ ଇଚ୍ଛା ଥିଲା । ଏବେ ସେ ତାହା ଖୋଲି କହିଦେଲେ । ଆଶ୍ଚର୍ଯ୍ୟର ବିଷୟ ଯେ ବାବା ମଧ୍ୟ କିଛି ନକହି ଛୋଟ ପିଲାଟି ପରି ନିଜ ଆସନରୁ ଉଠିପଡ଼ିଲେ ଏବଂ ନାନାବଳୀଙ୍କୁ ସେଠାରେ ବସାଇଲେ । କିଛି ସମୟ ପରେ ନାନାବଳୀ ନିଜେ ଉଠିଗଲେ ଏବଂ ବାବାଙ୍କୁ ପୁନରାୟ ତାଙ୍କର ଆସନ ଗ୍ରହଣ କରିବାକୁ ଅନୁରୋଧ କଲେ । ବାବା ନିଜ ଆସନରେ ପୁଣି ବସିଲେ । ଏହା ଦେଖି ନାନାବଳୀ ତାଙ୍କର ଶ୍ରୀପୟରରେ ଲୋଟିପଡ଼ିଲେ; କିନ୍ତୁ ଏହି ସମସ୍ତ ବ୍ୟାପାରରେ ବାବାଙ୍କ ମୁହଁରେ ସାମାନ୍ୟ ଅପ୍ରସନ୍ନତାର ଝଲକ ଦେଖିବାକୁ ମିଳିନଥିଲା ।

## ।। ସୁଗମ ପଥ, ସନ୍ଥଙ୍କ କଥା ଶ୍ରବଣ ଏବଂ ସତ୍‌ସଙ୍ଗ ।।

ଯଦିଓ ବାହ୍ୟ ଦୃଷ୍ଟିରେ ଶ୍ରୀ ସାଇବାବାଙ୍କର ଆଚରଣ ସାଧାରଣ ପୁରୁଷଙ୍କ ସଦୃଶ ଥିଲା, କିନ୍ତୁ ତାଙ୍କର କାର୍ଯ୍ୟରୁ ତାଙ୍କର ଅସାଧାରଣ ବୁଦ୍ଧିମତା ସ୍ପଷ୍ଟ ପ୍ରତୀତ ହେଉଥିଲା । ତାଙ୍କର ସମସ୍ତ କର୍ମ ଭକ୍ତମାନଙ୍କର ହିତ ନିମନ୍ତେ ଉଦ୍ଦିଷ୍ଟ ଥିଲା । ସେ କେବେ ବି ତାଙ୍କର ଭକ୍ତମାନଙ୍କୁ ଆସନ ବା ପ୍ରାଣାୟମର ନିୟମ ଅଥବା କୌଣସି ଉପାସନା ଆଦେଶ ଦେଇନଥିଲେ କିମ୍ବା ତାଙ୍କର କାନରେ କୌଣସି ମନ୍ତ୍ର ଫୁଙ୍କି ନଥିଲେ । ସମସ୍ତଙ୍କ ପାଇଁ ସେ ତ ଏତିକି କହୁଥିଲେ ଯେ **'ଚତୁରତା ତ୍ୟାଗ କରି ସର୍ବଦା 'ସାଇ' 'ସାଇ' ସ୍ମରଣ କର । ଏହିପରି ଆଚରଣ କରିବା ଦ୍ୱାରା ସମସ୍ତ ବନ୍ଧନ ତୁଟିଯିବ ଏବଂ ତୁମର ମୁକ୍ତି ହୋଇଯିବ ।** ପଞ୍ଚାଗ୍ନି, ତପ, ତ୍ୟାଗ, ସ୍ମରଣ, ଅଷ୍ଟାଙ୍ଗ ଯୋଗ ଆଦି ସାଧନ କେବଳ ବ୍ରାହ୍ମଣଙ୍କ ଦ୍ୱାରା ହିଁ ସମ୍ଭବ ।

ମନର କାର୍ଯ୍ୟ ହେଉଛି ଚିନ୍ତା କରିବା । କୌଣସି ଚିନ୍ତା ନକରି ମନ ଗୋଟିଏ କ୍ଷଣ ମଧ୍ୟ ରହିପାରିବ ନାହିଁ । ଯଦି ତୁମେ ମନକୁ କୌଣସି ବିଷୟରେ ଲଗାଇଦେବ ତାହେଲେ ତାହା ସେହି ବିଷୟ ଚିନ୍ତା କରିବାରେ ଲାଗିବ । ଆଉ ଯଦି ତାକୁ ଗୁରୁଙ୍କୁ ଅର୍ପଣ କରିଦେବ ତାହେଲେ ତାହା ଗୁରୁଙ୍କ ବିଷୟରେ ହିଁ ଚିନ୍ତା କରିବ । ଆପଣମାନେ ଅତି ଧ୍ୟାନ ସହକାରେ ଶ୍ରୀ ସାଇଙ୍କର ମହାନତା ତଥା ଶ୍ରେଷ୍ଠତା ସର୍ମ୍ପକରେ ଶ୍ରବଣ କଲେ । ଏହି କଥା ସାଂସାରିକ ଭୟକୁ ଦୂର କରି ଆଧ୍ୟାତ୍ମିକ ପଥରେ ଅଗ୍ରସର କରାଏ । ଏଥିନିମନ୍ତେ ଏହି କଥାକୁ ସର୍ବଦା ଶ୍ରବଣ ଏବଂ ମନନ କରି ଆଚରଣରେ ମଧ୍ୟ ପାଳନ କରିବା ଉଚିତ । ସାଂସାରିକ କାର୍ଯ୍ୟରେ ପ୍ରବୃତ୍ତ ରହି ମଧ୍ୟ ନିଜର ମନ ସାଇ ଏବଂ ତାଙ୍କର କଥାରେ ନିୟୋଜିତ କରାଯାଇପାରିବ । ଏପରି କଲେ ସାଇଙ୍କ କୃପା ଯେ ଲାଭ ହେବ ତାହା ନିଶ୍ଚିତ । ତେବେ ଏହା ଅତି ସରଳ ମାର୍ଗ ହୋଇଥିଲେ ମଧ୍ୟ ସମସ୍ତେ ଏହା ଅବଲମ୍ବନ କରିନପାରିବାର କାରଣ କ'ଣ ? କାରଣ କେବଳ ଏହା ଯେ ଈଶ୍ୱର କୃପା ଅଭାବରୁ ଲୋକମାନଙ୍କ ମଧ୍ୟରେ ସନ୍ଥ ମହିମା ଶ୍ରବଣ କରିବାକୁ

ରୁଚି ଉତ୍ପନ୍ନ ହୁଏନାହିଁ । ଈଶ୍ୱରଙ୍କ କୃପାରୁ ହିଁ ପ୍ରତ୍ୟେକ କାର୍ଯ୍ୟ ସୂଚାରୁ ରୂପରେ ଏବଂ ସୁନ୍ଦର ଢ଼ଙ୍ଗରେ ସମ୍ପନ୍ନ ହୋଇଥାଏ । ସନ୍ଥଙ୍କ କଥାର ଶ୍ରବଣ ସନ୍ଥସମାଗମ ସଦୃଶ ଅଟେ । ସନ୍ଥ ସାନ୍ନିଧ୍ୟ ମହତ୍ତ୍ୱ ଅତି ମହାନ୍ ଅଟେ । ତାହାଦ୍ୱାରା ଦୈହିକ ଚେତନା, ଅହଂକାର ଏବଂ ଜନ୍ମ ମୃତ୍ୟୁ ଚକ୍ରରୁ ମୁକ୍ତିଲାଭ ହୋଇ ପରମଗତି ପ୍ରାପ୍ତ ହୁଏ । ହୃଦୟର ସମସ୍ତ ଗ୍ରନ୍ଥି ଖୋଲିଯାଏ ଏବଂ ଈଶ୍ୱରଙ୍କ ସହିତ, ଯିଏକି ଚୈତନ୍ୟଘନ ସ୍ୱରୂପ, ମିଳନ ହୋଇଯାଏ । ବିଷୟାସକ୍ତିରୁ ବିରକ୍ତି ବୃଦ୍ଧିପାଏ ଏବଂ ଦୁଃଖ ତଥା ସୁଖରେ ସ୍ଥିର ରହିବାର ଶକ୍ତି ପ୍ରାପ୍ତ ହୁଏ ଏବଂ ଆଧ୍ୟାତ୍ମିକ ଉନ୍ନତି ସୁଲଭ ହୋଇଯାଏ । ଯଦି ତୁମେ କୌଣସି ସାଧନା ଯଥା: ନାମସ୍ମରଣ, ପୂଜନ ବା ଭକ୍ତି ଇତ୍ୟାଦି କରୁନାହଁ, ତଥାପି ଯଦି ତୁମେ କେବଳ ଅନନ୍ୟ ଭାବରେ ସନ୍ଥଙ୍କ ଶରଣାଗତ ହେଉଛ ତାହେଲେ ମଧ୍ୟ ସେ ତୁମକୁ ସହଜରେ ଭବସାଗରରୁ ପାର କରିବେ । ଏହି କାର୍ଯ୍ୟ ନିମିତ୍ତ ସନ୍ଥ ବିଶ୍ୱରେ ପ୍ରକଟ ହୁଅନ୍ତି । ପବିତ୍ର ନଦୀ ଗଙ୍ଗା, ଯମୁନା, ଗୋଦାବରୀ, କୃଷ୍ଣା, କାବେରୀ ଆଦି ସଂସାରର ସମସ୍ତ ପାପକୁ ଧୋଇଦେଉଥିଲେ ମଧ୍ୟ ସେମାନଙ୍କର ବି ଇଚ୍ଛା ଥାଏ ଯେ କୌଣସି ସନ୍ଥ, ମହାତ୍ମା ନିଜର ଚରଣସ୍ପର୍ଶରେ ତାଙ୍କୁ ପବିତ୍ର କରନ୍ତୁ । ସନ୍ଥଙ୍କର ପ୍ରଭାବ ଏହିପରି । ଗତ ଜନ୍ମର ଶୁଭ କର୍ମର ଫଳ ଯୋଗୁ ହିଁ ଶ୍ରୀ ସାଇଙ୍କ ଚରଣ ପ୍ରାପ୍ତି ସମ୍ଭବ ହୁଏ ।

ଏବେ ଶ୍ରୀ ସାଇଙ୍କ ମୋହ ବିନାଶକ ଚରଣର ଧ୍ୟାନକରି ଏହି ଅଧ୍ୟାୟ ସମାପ୍ତ କରିବା । ତାଙ୍କର ସ୍ୱରୂପ କେତେ ସୁନ୍ଦର ଓ ମନୋହର । ମସଜିଦ୍‌ର କୋଣରେ ଦଣ୍ଡାୟମାନ ହୋଇ ସେ ଭକ୍ତଗଣଙ୍କୁ ସେମାନଙ୍କର କଲ୍ୟାଣ ନିମିତ୍ତ ଉଦି ବିତରଣ କରୁଛନ୍ତି । ଯିଏ ଏହି ବିଶ୍ୱକୁ ମିଥ୍ୟା ମନେକରି ସଦା ଆତ୍ମାନନ୍ଦରେ ନିମଗ୍ନ ରହୁଥିଲେ, ସେହି ସଚ୍ଚିଦାନନ୍ଦ ସାଇ ମହାରାଜଙ୍କ ଚରଣକମଳରେ ମୋର ବାରମ୍ବାର ପ୍ରଣାମ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



## ।। ଏକାଦଶ ଅଧ୍ୟାୟ ।।

### ସଗୁଣ ବ୍ରହ୍ମ ଶ୍ରୀ ସାଇବାବା, ବାବାଙ୍କ ମସ୍ତକରେ ତିପୁଣ୍ଡ୍ର, ହାଜିଙ୍କ ପରୀକ୍ଷା ଓ ପୁରସ୍କାର, ପଞ୍ଚଭୂତ ଉପରେ ନିୟନ୍ତ୍ରଣ

ଏହି ଅଧ୍ୟାୟରେ ଆମେ ଶ୍ରୀ ସାଇବାବାଙ୍କର ସଗୁଣ ବ୍ରହ୍ମ ସ୍ୱରୂପ, ତାଙ୍କର ପୂଜାର୍ଚ୍ଚନା ତଥା ପଞ୍ଚଭୂତ ଉପରେ ନିୟନ୍ତ୍ରଣ କଥା ବର୍ଣ୍ଣନା କରିବା ।

### ।। ସଗୁଣ ବ୍ରହ୍ମ ଶ୍ରୀ ସାଇବାବା ।।

ବ୍ରହ୍ମର ଦୁଇଟି ସ୍ୱରୂପ ଅଛି-ନିର୍ଗୁଣ ଓ ସଗୁଣ । ନିର୍ଗୁଣ ନିରାକାର ଏବଂ ସଗୁଣ ସାକାର ଅଟେ । ଯଦିଓ ସେମାନେ ଏକ ବ୍ରହ୍ମର ଦୁଇଟି ସ୍ୱରୂପ, ତଥାପି କାହାକୁ ନିର୍ଗୁଣ ଉପାସନା ଓ ଆଉ କାହାକୁ ସଗୁଣ ପ୍ରାର୍ଥନାରେ ଭଲ ଲାଗିଥାଏ । ଗୀତାର ଦ୍ୱାଦଶ ଅଧ୍ୟାୟରେ ଏହି କଥା ଉଲ୍ଲେଖ କରାଯାଇଛି । ସଗୁଣ ଉପାସନା ସରଳ ତଥା ଶ୍ରେଷ୍ଠ ଅଟେ । ମନୁଷ୍ୟ ସ୍ୱୟଂ ଆକାର(ଶରୀର, ଇନ୍ଦ୍ରିୟ ଆଦି) ନେଇଥିବାରୁ ସଗୁଣ ରୂପରେ ଈଶ୍ୱରଙ୍କ ଉପାସନା ତାକୁ ସରଳ ମନେ ହେବା ସ୍ୱାଭାବିକ । ଯେତେବେଳେ କିଛି କାଳ ପର୍ଯ୍ୟନ୍ତ ସଗୁଣ ବ୍ରହ୍ମଙ୍କ ଉପାସନା କରାନଯାଏ ସେ ପର୍ଯ୍ୟନ୍ତ ପ୍ରେମ ଏବଂ ଭକ୍ତି ବୃଦ୍ଧି ହୁଏ ନାହିଁ । ସଗୁଣୋପାସନାରେ ଯେମିତି ଯେମିତି ପ୍ରଗତି ହୁଏ, ନିର୍ଗୁଣ ବ୍ରହ୍ମ ପ୍ରତି ଅଗ୍ରସର ହେବା ସହଜ ହୁଏ । ଏଥି ନିମନ୍ତେ ସଗୁଣ ଉପାସନାରୁ ହିଁ ଶୁଭାରମ୍ଭ କରିବା ଶ୍ରେୟସ୍କର । ମୂର୍ତ୍ତି, ବେଦୀ, ଅଗ୍ନି, ପ୍ରକାଶ, ସୂର୍ଯ୍ୟ, ଜଳ ଏବଂ ବ୍ରାହ୍ମଣ ଆଦି ସପ୍ତ ଉପାସନାର ବସ୍ତୁ ଥାଇ ମଧ୍ୟ ସଦ୍‌ଗୁରୁ ଏ ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ ।

ଶ୍ରୀ ସାଇଙ୍କ ସ୍ୱରୂପକୁ ଚକ୍ଷୁସମ୍ମୁଖରେ ପ୍ରତିଭାତ କର, ଯିଏ କି ବୈରାଗ୍ୟର ପ୍ରତ୍ୟକ୍ଷ ମୂର୍ତ୍ତି ଏବଂ ଅନନ୍ୟ ଶରଣାଗତ ଭକ୍ତଙ୍କର ଆଶ୍ରୟଦାତା ଅଟନ୍ତି । ତାଙ୍କର ବାଣୀରେ ବିଶ୍ୱାସ ପ୍ରକଟ କରିବା ହେଉଛି ଆସନ ଏବଂ ତାଙ୍କର ପୂଜନର ସଂକଳ୍ପ ସମସ୍ତ ଇଚ୍ଛାର ତ୍ୟାଗସ୍ୱରୂପ ଅଟେ । କେହି କେହି ଶ୍ରୀ ସାଇବାବାଙ୍କୁ ଜଣେ ଭଗବତ୍ ଭକ୍ତ କିମ୍ବା ଜଣେ ମହାନ୍ ଭକ୍ତ ଭାବରେ କଳନା କରନ୍ତି ବା କରିଥାନ୍ତି; କିନ୍ତୁ ଆମ ପାଇଁ ସେ ଈଶ୍ୱରଙ୍କ ଅବତାର । ସେ ଅତ୍ୟନ୍ତ କ୍ଷମାଶୀଳ, ଶାନ୍ତ, ସରଳ ଏବଂ ସନ୍ତୁଷ୍ଟ ଥିଲେ, ଯାହାଙ୍କର କୌଣସି ଉପମା ଦିଆଯାଇପାରିବ ନାହିଁ । ଯଦିଓ ସେ ଶରୀରଧାରୀ ଥିଲେ, ଯଥାର୍ଥରେ ନିର୍ଗୁଣ, ନିରାକାର, ଅନନ୍ତ ଏବଂ ନିତ୍ୟମୁକ୍ତ ଥିଲେ । ଗଙ୍ଗାନଦୀ ତା'ର ଯାତ୍ରା ପଥରେ ରୌଦ୍ରତାପରେ ପୀଡ଼ିତ ପ୍ରାଣୀମାନଙ୍କୁ ଯେପରି ଶୀତଳ ଜଳ ପ୍ରଦାନ କରି ସେମାନଙ୍କର ତୃଷା ନିବାରଣ କରିବା ସହ ଆନନ୍ଦ ପ୍ରଦାନ କରିଥାଏ ଏବଂ ଫସଲ ଓ ବୃକ୍ଷରାଜିକୁ ଜୀବନ ଦାନ କରେ, ସେହି ପ୍ରକାର ଶ୍ରୀ ସାଇ ସନ୍ଥ ଜୀବନ ଅତିବାହିତ କରି ମଧ୍ୟ ଅନ୍ୟମାନଙ୍କୁ ସନ୍ତୋଷ ଓ ସୁଖ ପ୍ରଦାନ କରୁଥିଲେ । ଭଗବାନ ଶ୍ରୀ କୃଷ୍ଣ କହିଛନ୍ତି ଯେ

'ସନ୍ଥ ମୋର ଆତ୍ମା । ସେ ମୋର ଜୀବନ୍ତ ପ୍ରତିମା ଏବଂ ମୋର ବିଶୁଦ୍ଧ ସ୍ୱରୂପ ଅଟନ୍ତି । ମୁଁ ସ୍ୱୟଂ ସେଠାରେ ନିବାସ କରୁଛି ।' ଏହି ଅବର୍ଣ୍ଣନୀୟ ଶକ୍ତି ଅଥବା ଈଶ୍ୱରଙ୍କ ବିଭୂତି, ଯାହା ସତ୍, ଚିତ୍ ଏବଂ ଆନନ୍ଦର ରୂପ ଅଟେ ପବିତ୍ର ଶିରିଡ଼ିରେ ସାଇ ରୂପରେ ଅବତୀର୍ଣ୍ଣ ହୋଇଥିଲେ । ଶ୍ରୁତି(ତୈତିରୀୟ ଉପନିଷଦ)ରେ ବ୍ରହ୍ମକୁ ଆନନ୍ଦ କୁହାଯାଇଛି । ଏ ପର୍ଯ୍ୟନ୍ତ ଏହି ବିଷୟ ଆମେ କେବଳ ପାଠ କରୁଥିଲୁ ଏବଂ ଶ୍ରବଣ କରୁଥିଲୁ; କିନ୍ତୁ ଭକ୍ତମାନେ ଶିରିଡ଼ିରେ ଏହି ପ୍ରକାର ପ୍ରତ୍ୟକ୍ଷ ଆନନ୍ଦ ଲାଭକଲେ । ବାବା ସମସ୍ତଙ୍କର ଆଶ୍ରୟଦାତା ଥିଲେ, ତାଙ୍କ ପାଇଁ କାହାର ସହାୟତାର ଆବଶ୍ୟକତା ନଥିଲା । ତାଙ୍କର ଉପବେଶନ ପାଇଁ ଭକ୍ତମାନେ ଏକ କୋମଳ ଆସନ ଏବଂ ବଡ଼ ତକିଆ ସଜାଇ ଦେଉଥିଲେ । ବାବା ଭକ୍ତମାନଙ୍କର ଭାବକୁ ଆଦର କରୁଥିଲେ ଏବଂ ସେମାନଙ୍କର ଇଚ୍ଛାନୁସାରେ ପୂଜା କରିବାକୁ କୌଣସି ଆପତ୍ତି କରୁନଥିଲେ । କେହି ଅତର ଏବଂ ଚନ୍ଦନ ଲଗାଉଥିଲେ, କେହି ସୁପାରି, ତାମ୍ବୁଳ ଓ ଅନ୍ୟାନ୍ୟ ପଦାର୍ଥ ଭେଟି ଦେଉଥିଲେ ଏବଂ ଆଉ କେହି ନୈବେଦ୍ୟ ଅର୍ପଣ କରୁଥିଲେ । ଯଦିଓ ଏପରି ଜଣାପଡୁଥିଲା ଯେ ତାଙ୍କର ନିବାସସ୍ଥଳ ହେଉଛି ଶିରିଡ଼ି କିନ୍ତୁ ସେ ସର୍ବବ୍ୟାପୀ ଥିଲେ । ଭକ୍ତମାନେ ନିତ୍ୟ ପ୍ରତିଦିନ ଏହାର ଅନୁଭବ କରୁଥିଲେ । ଏପରି ସର୍ବବ୍ୟାପକ ଗୁରୁଦେବଙ୍କ ଚରଣରେ ମୋର ବାରମ୍ବାର ପ୍ରଣାମ ।

## ।। ବାବାଙ୍କ ମସ୍ତକରେ ତ୍ରିପୁଣ୍ଡ୍ରକ ।।

ଥରେ ତାତ୍ୟା ନୁଲକରଙ୍କ ବନ୍ଧୁ ଡାକ୍ତର ପଣ୍ଡିତ ବାବାଙ୍କର ଦର୍ଶନ ନିମନ୍ତେ ଶିରିଡ଼ି ଆସିଥିଲେ । ବାବାଙ୍କୁ ପ୍ରଣାମ କରି ସେ ମସଜିଦ୍‌ରେ କିଛି ସମୟ ବସିଲେ । ବାବା ତାଙ୍କୁ ଦାଦା ଭଟ୍ଟ କେଲକରଙ୍କ ପାଖକୁ ପଠାଇଲେ, ଯେଉଁଠାରେ ତାଙ୍କର ସ୍ୱାଗତ କରାଗଲା । ପୁଣି ଦାଦା ଭଟ୍ଟ ଓ ଡାକ୍ତର ପଣ୍ଡିତ ଏକାଠି ମିଶି ପୂଜା ପାଇଁ ମସଜିଦ୍‌ରେ ପହଞ୍ଚିଲେ । ଦାଦା ଭଟ୍ଟ ବାବାଙ୍କର ପୂଜା କଲେ । ବାବାଙ୍କର ପୂଜା ତ ସମସ୍ତେ କରୁଥିଲେ, କିନ୍ତୁ ଏ ପର୍ଯ୍ୟନ୍ତ ତାଙ୍କର ଚନ୍ଦ୍ରକାନ୍ତ ମସ୍ତକରେ ଚନ୍ଦନ ଲଗାଇବାର ସାହସ କେହି କରିନଥିଲେ । କେବଳ ମହଲସାପତି ତାଙ୍କର ଗଳାରେ ଚନ୍ଦନ ଲେପନ କରୁଥିଲେ । ଡାଃ ପଣ୍ଡିତ ପୂଜା ଥାଳିରୁ ଚନ୍ଦନ ନେଇ ବାବାଙ୍କ ମସ୍ତକରେ ତ୍ରିପୁଣ୍ଡ୍ରାକାର କରି ଲଗାଇଲେ । ଦେଖୁଥିବା ଲୋକମାନେ ବାବା ପ୍ରତିବାଦ ନକରିବା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସନ୍ଧ୍ୟା ସମୟରେ ଦାଦା ଭଟ୍ଟ ବାବାଙ୍କୁ ପଚାରିଲେ 'ଆପଣ ତ ଅନ୍ୟମାନଙ୍କୁ  ମସ୍ତକରେ ଚନ୍ଦନ ଲଗାଇବା ପାଇଁ ଦେଉନଥିଲେ । ଡାକ୍ତର ପଣ୍ଡିତଙ୍କୁ ଅନୁମତି ଦେବାର କାରଣ କ'ଣ ? ବାବା କହିଲେ 'ଡାକ୍ତର ପଣ୍ଡିତ ମୋତେ ତାଙ୍କର ଗୁରୁ ଧୋପେଶ୍ୱରର ରଘୁନାଥ ମହାରାଜ, (ଯିଏ କି କାକା ପୁରାଣିକ ନାମରେ ପ୍ରସିଦ୍ଧ) ମନେକରି ତାଙ୍କର ଗୁରୁଙ୍କୁ ଯେଉଁ ପ୍ରକାର ଚନ୍ଦନ ଲଗାଉଥିଲେ, ସେହି ଭାବନାରେ

ଲଗାଇଲେ । ଏପରି କ୍ଷେତ୍ରରେ ମୁଁ ତାଙ୍କୁ କିପରି ରୋକିଥାନ୍ତି ? ପରେ ଏକଥା ପଚାରିବାରୁ ଡାଃ ପଣ୍ଡିତ ବାବାଙ୍କୁ ତାଙ୍କର ଗୁରୁ କାକା ପୁରାଣିକ ମନେ କରି ତ୍ରିପୁଣ୍ଡ୍ରାକାର ଚନ୍ଦନ ଲଗାଇଥିବା ସ୍ୱୀକାର କରିଥିଲେ ।

ଯଦିଓ ବାବା ଭକ୍ତଙ୍କ ଇଚ୍ଛାନୁସାରେ ପୂଜା କରିବାକୁ ଦେଉଥିଲେ; କିନ୍ତୁ କେବେ କେବେ ତାଙ୍କର ବ୍ୟବହାର ବଡ଼ ବିଚିତ୍ର ହେଉଥିଲା । ପୂଜା ଥାଳି ଫିଙ୍ଗି ଯେତେବେଳେ ସେ ରୁଦ୍ରାବତାର ଧାରଣ କରୁଥିଲେ ତାଙ୍କ ପାଖକୁ ଯିବାକୁ କେହି ସାହସ କରିପାରୁନଥିଲେ । କେତେବେଳେ ସେ ଭକ୍ତମାନଙ୍କ ଉପରେ ଚିତ୍କାର କରୁଥିଲେ ତ କେତେବେଳେ ମହମଠାରୁ ମଧ୍ୟ ନରମ ରୂପରେ ଶାନ୍ତ ତଥା କ୍ଷମାର ମୂର୍ତ୍ତି ରୂପେ ପ୍ରତୀତ ହେଉଥିଲେ । କେବେ କେବେ କ୍ରୋଧାବସ୍ଥାରେ କମ୍ପିତ ହେଉଥିଲେ ଏବଂ ତାଙ୍କର ରକ୍ତବର୍ଣ୍ଣର ନେତ୍ର ଉଲ୍‌କାପରି ଚତୁର୍ଦ୍ଦିଗରେ ଘୂରିବୁଲୁଥିଲା, ତଥାପି ତାଙ୍କର ଅନ୍ତଃକରଣରେ ପ୍ରେମ ଓ ମାତୃସ୍ନେହର ସ୍ରୋତ ପ୍ରବାହିତ ହେଉଥିଲା । ଭକ୍ତମାନଙ୍କୁ ଡାକି ସେ କହୁଥିଲେ ଯେ ସେ କେତେବେଳେ ରାଗିଲେ ! ସେ ସର୍ବଦା ଭକ୍ତମାନଙ୍କ ପାଖରେ ହିଁ ରହନ୍ତି ଏବଂ ଯେତେବେଳେ ଭକ୍ତ ତାଙ୍କୁ ଡାକେ ସେ ତୁରନ୍ତ ଉପସ୍ଥିତ ହୋଇଯାଆନ୍ତି । ସେ ତ ସର୍ବଦା ଭକ୍ତର ପ୍ରେମର କ୍ଷୁଧାଳୁ ଅଟନ୍ତି ।

## ।। ହାଜିଙ୍କ ପରୀକ୍ଷା ଓ ପୁରସ୍କାର ।।

ଏ କଥା କେହି କହିପାରୁନଥିଲେ ଯେ ଶ୍ରୀ ସାଇବାବା କେବେ ତାଙ୍କର ଭକ୍ତକୁ କୃପାପାତ୍ର କରିବେ । ଏହା ତାଙ୍କର ଇଚ୍ଛା ଉପରେ ନିର୍ଭର କରୁଥିଲା । ହାଜି ସିଦ୍ଦିକ ଫାଲକେଙ୍କ କଥା ଏହାର ଉଦାହରଣ । କଲ୍ୟାଣନିବାସୀ ଜଣେ ଯବନ ଯାହାଙ୍କ ନାମ ସିଦ୍ଦିକ ଫାଲକେ ଥିଲା, ମକ୍କାରେ ହଜ୍ କରିବା ପରେ ଶିରିଡ଼ି ଆସିଲେ । ଚଭାଡ଼ିର ଉତ୍ତର ପାର୍ଶ୍ୱରେ ସେ ରହୁଥିଲେ । ମସଜିଦ୍ ସାମନା ଖୋଲା ପଡ଼ିଆରେ ବସୁଥିଲେ । ବାବା ନଅ ମାସ ପର୍ଯ୍ୟନ୍ତ ତାଙ୍କୁ ମସଜିଦ୍‌ରେ ପ୍ରବେଶ କରିବାକୁ ଦେଲେ ନାହିଁ କି ମସଜିଦ୍‌ର ପାହାଚ ଚଢ଼ିବାକୁ ଦେଲେ ନାହିଁ । ଫାଲକେ ବଡ଼ ନିରାଶ ହେଲେ, କ'ଣ କଲେ ବାବା ପ୍ରୀତ ହେବେ, ବୁଝିପାରୁନଥିଲେ । ଭକ୍ତମାନେ ତାଙ୍କୁ ଆଶା ନହରାଇବାକୁ ପରାମର୍ଶ ଦେଉଥାନ୍ତି । ଶ୍ୟାମା ଶ୍ରୀ ସାଇବାବାଙ୍କର ଅନ୍ତରଙ୍ଗ ଭକ୍ତ ଥିଲେ । 'ତୁମେ ତାଙ୍କ ଦ୍ୱାରା ହିଁ ବାବାଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କର । ଯେଉଁପରି ଭଗବାନ ଶଙ୍କରଙ୍କ ପାଖରେ ପହଞ୍ଚିବା ପାଇଁ ନନ୍ଦିଙ୍କ ସହାୟତା ଆବଶ୍ୟକ, ସେହି ପ୍ରକାର ବାବାଙ୍କ ପାଖରେ ମଧ୍ୟ ଶ୍ୟାମାଙ୍କ ଦ୍ୱାରା ପହଞ୍ଚି ହେବ ।' ଫାଲକେଙ୍କୁ ଏହି ପ୍ରସ୍ତାବ ଯଥାର୍ଥ ମନେ ହେଲା ଏବଂ ସେ ଶ୍ୟାମାଙ୍କୁ ସହାୟତା କରିବା ନିମନ୍ତେ ପ୍ରାର୍ଥନା କଲେ ।

ଶ୍ୟାମା ତାଙ୍କୁ ଆଶ୍ୱାସନା ଦେଲେ ଏବଂ ସୁବିଧା ଦେଖି ବାବାଙ୍କୁ କହିଲେ କି 'ବାବା, ଆପଣ ସେହି ବୃଦ୍ଧ ହାଜିଙ୍କୁ ମସଜିଦ୍‌କୁ ଆସିବା ପାଇଁ ଦେଉନାହାନ୍ତି କାହିଁକି ? ଅନେକ

ଭକ୍ତ ସ୍ୱେଚ୍ଛାରେ ଆପଣଙ୍କ ଦର୍ଶନ ପାଇଁ ଆସୁଛନ୍ତି, ଯାଉଛନ୍ତି । ତାଙ୍କୁ ଅନ୍ତତଃ ଥରେ କୃପା କରନ୍ତୁ ।' ବାବା କହିଲେ 'ଶ୍ୟାମା ତୁମେ ବାଳକ । ଯଦି ଫକିର(ଆଲ୍ଲା) ଆସିବାକୁ ଦେଉନାହାନ୍ତି ତାହେଲେ ମୁଁ କ'ଣ କରିବି ? ତାଙ୍କର କୃପା ବିନା କେହି ମସଜିଦ୍‌ର ପାହାଚ ଚଢ଼ିପାରିବ ନାହିଁ । ଆଚ୍ଛା, ତୁମେ ଯାଅ ଏବଂ ବରଭି କୂଅ ପାଖରେ ଥିବା ଗଳି ରାସ୍ତାକୁ ସେ ଆସିପାରିବ କି ବୋଲି ପଚାର । ଶ୍ୟାମା ଏକଥା ଯାଇ ହାଜିଙ୍କୁ କହିଲେ । ସେ ତୁରନ୍ତ ଏଥିରେ ରାଜି ହୋଇଗଲେ ଓ ଶ୍ୟାମା ଆସି ବାବାଙ୍କୁ ସେକଥା ଜଣାଇଦେଲେ । ଏହାପରେ ବାବା ତାଙ୍କୁ କହିଲେ କି ତାକୁ ଆଉ ଗୋଟିଏ କଥା ପଚାର କି 'ସେ ଚାରୋଟି କିସ୍ତିରେ ୪୦ ହଜାର ଟଙ୍କା ମୋତେ ଦେବାକୁ ପ୍ରସ୍ତୁତ କି ?' ଏଥର ଶ୍ୟାମାଙ୍କ ପ୍ରସ୍ତାବରେ ହାଜି କହିଲେ ଆପଣ କହୁଛନ୍ତି ତ ମୁଁ ୪୦ ଲକ୍ଷ ଟଙ୍କା ଦେବାକୁ ପ୍ରସ୍ତୁତ ଅଛି । ଏହାପରେ ବାବା କହିଲେ 'ମୁଁ ମସଜିଦ୍‌ରେ ଗୋଟିଏ ଛେଳି କାଟିବାକୁ ଯାଉଛି । ତାକୁ ପଚାର କି ସେ ତା'ର ମାଂସ ନା ଅଣ୍ଡକୋଷ; କ'ଣ ନେବ ? ଶ୍ୟାମା ଏହି ଉତ୍ତର ଆଣି ଫେରିଲେ କି 'ଯଦି ବାବାଙ୍କର ଭୋଜନ ପାତ୍ରରୁ ଗୋଟିଏ ଗ୍ରାସ ମଧ୍ୟ ମିଳିଯାଏ ହାଜି ନିଜକୁ ବଡ଼ ସୌଭାଗ୍ୟଶାଳୀ ମନେ କରିବେ ।

ଏହି ଉତ୍ତର ପାଇ ବାବା ଉତ୍ତେଜିତ ହୋଇପଡ଼ିଲେ ଏବଂ ହାତରେ ଧରିଥିବା ମାଟି ହାଣ୍ଡି କଚାଡ଼ି ଭାଙ୍ଗିଦେଲେ । ତାପରେ କଫନିର ଦୁଇ ହାତକୁ ଉପରକୁ ଟେକି ହାଜିଙ୍କ ପାଖରେ ପହଞ୍ଚି କହିଲେ 'ବୃଥାରେ କାହିଁକି ନମାଜ ପଢୁଛ ? ନିଜର ଶ୍ରେଷ୍ଠତାର ପ୍ରଦର୍ଶନ କରୁଛ । ଏହି ବୃଦ୍ଧ ହାଜି ଭଳି ତୁମେ ସମାନ ବେଶଭୂଷା ଧାରଣ କରିଛ କାହିଁକି ? ତୁମେ କୋରାନ ସରିଫ ଏପରି ପାଠ କର କି ? ତୁମକୁ ମକ୍କା ହଜ୍‌ର ବହୁତ ଅଭିମାନ ହୋଇଯାଇଛି, ମାତ୍ର ତୁମେ ମୋଠାରୁ ଅନଭିଜ୍ଞ ।' ଏହି ପ୍ରକାର ଗାଳି ଶୁଣି ହାଜି ହଡ଼ବଡ଼େଇ ଗଲେ । ବାବା ମସଜିଦ୍‌କୁ ଫେରିଆସିଲେ ଏବଂ କିଛି ଆମ୍ବ ଝୁଡ଼ି କିଣି ହାଜିଙ୍କ ପାଖକୁ ପଠାଇଲେ । ସେ ନିଜେ ମଧ୍ୟ ହାଜିଙ୍କ ପାଖକୁ ଗଲେ ଏବଂ ୫୫ ଟଙ୍କା ବାହାର କରି ଦେଲେ । ଏହାପରଠାରୁ ବାବା ହାଜିଙ୍କୁ ପ୍ରେମ କଲେ ତଥା ତାଙ୍କ ସହିତ ଭୋଜନ କରିବାକୁ ନିମନ୍ତ୍ରଣ କଲେ । ଏବେ ହାଜି ମଧ୍ୟ ନିଜ ଇଚ୍ଛାନୁସାରେ ମସଜିଦ୍‌କୁ ଯିବା ଆସିବା କରିବାରେ ଲାଗିଲେ । କେବେ କେବେ ବାବା ତାଙ୍କୁ କିଛି ଟଙ୍କା ଭେଟି ସ୍ୱରୂପ ଦେଉଥିଲେ । ଏହି ପ୍ରକାର ହାଜି ବାବାଙ୍କ ଦରବାରରେ ସମ୍ମିଳିତ ହୋଇଗଲେ ।

## ।। ପଞ୍ଚଭୂତ ଉପରେ ବାବାଙ୍କ ନିୟନ୍ତ୍ରଣ ।।

ବାବାଙ୍କ ପଞ୍ଚଭୂତ ନିୟନ୍ତ୍ରଣ ସଂକ୍ରାନ୍ତ ଦୁଇଟି ଘଟଣାର ଉଲ୍ଲେଖ କରିବା ସହିତ ଏହି ଅଧ୍ୟାୟ ଶେଷ କରିବା ।

(୧) ଥରେ ସନ୍ଧ୍ୟା ସମୟରେ ଶିରିଡ଼ିରେ ଭୟଙ୍କର ତୋଫାନ ହେଲା । ଆକାଶରେ

ଘନ ଓ କଳା ବାଦଲ ଛାଇଗଲା । ଅଜସ୍ର ବେଗରେ ପବନ ବୋହୁଥିଲା ଏବଂ ମେଘ ଗରଜୁ ଥିଲା । ବିଜୁଳି ଚମକ ପୃଥିବୀ ପୃଷ୍ଠକୁ ଝଲସାଇ ଦେଉଥିଲା । ଏହାପରେ ମୂଷଳଧାରାରେ ବର୍ଷା ଆରମ୍ଭ ହୋଇଗଲା । ଚତୁର୍ଦ୍ଦିଗ ଜଳମୟ ହୋଇଗଲା । ପଶୁ, ପକ୍ଷୀ ଓ ଶିରିଡ଼ିବାସୀ ଭୟଭୀତ ହୋଇ ମସଜିଦ୍‌ରେ ଏକତ୍ର ହେଲେ । ଶିରିଡ଼ିରେ ଅନେକ ଦେବଦେବୀ ଥିଲେ; କିନ୍ତୁ ସେଦିନ ସେମାନଙ୍କର ସହାୟତା କରିବା ପାଇଁ କେହି ଆସିଲେ ନାହିଁ । ଏଥିନିମନ୍ତେ ସମସ୍ତେ ଭଗବାନ ସାଇଙ୍କୁ, ଯିଏକି ଭକ୍ତର କାତର ଥିଲେ, ସଙ୍କଟ ନିବାରଣ ନିମିତ୍ତ ତାଙ୍କୁ ପ୍ରାର୍ଥନା କଲେ । ବାବାଙ୍କ ମନରେ ମଧ୍ୟ ଦୟା ଆସିଲା ଏବଂ ସେ ବାହାରକୁ ଆସିଲେ । ମସଜିଦ୍ ନିକଟରେ ଦଣ୍ଡାୟମାନ ହୋଇ ମେଘ ପ୍ରତି ଦୃଷ୍ଟି ନିକ୍ଷେପ କରି ଗର୍ଜନ କରିବା ଭଙ୍ଗୀରେ କହିଲେ 'ଶାନ୍ତ ହୋଇଯାଅ ।' କିଛି ସମୟ ପରେ ବର୍ଷାର ପ୍ରକୋପ କମିଗଲା ଏବଂ ପବନ ମନ୍ଦଗାମୀ ହେଲା ତଥା ତୋଫାନ ଶାନ୍ତ ହୋଇଗଲା । ଆକାଶରେ ଚନ୍ଦ୍ରଦେବ ଉଦିତ ହେଲେ । ସମସ୍ତ ବାସିନ୍ଦା ଖୁସିରେ ନିଜ ନିଜ ଘରକୁ ଫେରିଲେ ।

(୨)ଅନ୍ୟ ଏକ ଘଟଣାରେ ଦିନେ ମଧ୍ୟାହ୍ନରେ ଧୂନିର ଅଗ୍ନି ଏପରି ପ୍ରଚଣ୍ଡ ଗତିରେ ଜଳିଉଠିଲା ଯେ ତା'ର ଶିଖା ଛାତ ପର୍ଯ୍ୟନ୍ତ ପହଞ୍ଚିଗଲା । ମସଜିଦ୍‌ରେ ଥିବା ଲୋକମାନେ ବୁଝିପାରିଲେ ନାହିଁ ଯେ ଜଳ ସିଞ୍ଚି ଅଗ୍ନିକୁ ଶାନ୍ତ କରିବେ ନା ଅନ୍ୟ କୌଣସି ଉପାୟ ଅବଲମ୍ବନ କରିବେ । ବାବାଙ୍କୁ ପଚାରିବାକୁ କେହି ସାହସ କରିପାରୁନଥିଲେ । ବାବା ଶୀଘ୍ର ପରିସ୍ଥିତି କଥା ଜାଣିନେଲେ । ସେ ତାଙ୍କର ସଟ୍‌କା ଉଠାଇ ସମ୍ମୁଖ ଖମ୍ବ ଉପରେ ପ୍ରହାର କରି କହିଲେ 'ତଳକୁ ଓହ୍ଲାଅ, ଶାନ୍ତ ହୋଇଯାଅ ।' ସଟ୍‌କାର ପ୍ରତ୍ୟେକ ଆଘାତ ସହିତ ଅଗ୍ନିର ଶିଖା ନିମ୍ନଗାମୀ ହେବାକୁ ଲାଗିଲା ଏବଂ କିଛି କ୍ଷଣ ମଧ୍ୟରେ ଧୂନି ଶାନ୍ତ ହୋଇଯାଇ ସ୍ଥିର ହୋଇଗଲା । ଶ୍ରୀ ସାଇ ଈଶ୍ୱରଙ୍କ ଅବତାର ଅଟନ୍ତି । ଯିଏ ତାଙ୍କ ଚରଣରେ ନତମସ୍ତକ ହୋଇ ତାଙ୍କର ଶରଣାଗତ ହୁଏ ସେ ତା' ଉପରେ ଅବଶ୍ୟ କୃପା କରିବେ । ଯେଉଁ ଭକ୍ତ ଏହି ଅଧ୍ୟାୟର କଥା ପ୍ରତିଦିନ ଶ୍ରଦ୍ଧା ଓ ଭକ୍ତିପୂର୍ବକ ପାଠ କରିବେ ତାଙ୍କର ଦୁଃଖ ଶୀଘ୍ର ଲାଘବ ହେବ । କେବଳ ଏତିକି ନୁହେଁ ସେ ସର୍ବଦା ଶ୍ରୀ ସାଇ ଚରଣର ସ୍ମରଣ ଲାଭ କରିବେ ଏବଂ ଅଳ୍ପକାଳ ମଧ୍ୟରେ ଈଶ୍ୱର ଦର୍ଶନ ପ୍ରାପ୍ତକରି ତାଙ୍କର ସମସ୍ତ ମନୋକାମନା ପୂର୍ଣ୍ଣ ହେବ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।। ଦ୍ୱାଦଶ ଅଧ୍ୟାୟ ।।

### ( ୧ ) କାକା ମହାଜନୀ ( ୨ ) ଧୂମାଲ ଓକିଲ ( ୩) ଶ୍ରୀମତୀ ନିମୋଣକର ( ୪ ) ନାସିକର ମୂଳେ ଶାସ୍ତ୍ରୀ ( ୫ ) ଡାକ୍ତରଙ୍କ ଶ୍ରୀରାମ ଦର୍ଶନ

ଏହି ଅଧ୍ୟାୟରେ ବାବା କିପରି ତାଙ୍କର ଭକ୍ତମାନଙ୍କୁ ଭେଟୁଥିଲେ ଓ ସେମାନଙ୍କ ସହ ବାର୍ତ୍ତାଳାପ କରୁଥିଲେ ତାହାର ବର୍ଣ୍ଣନା କରାଯାଉଛି ।

### ।। ସନ୍ଥମାନଙ୍କର କାର୍ଯ୍ୟ ।।

ଏକଥା ସ୍ପଷ୍ଟ ଯେ ଈଶ୍ୱର ଯୁଗେ ଯୁଗେ ଦୁଷ୍ଟମାନଙ୍କର ସଂହାର ଓ ସାଧୁଜନଙ୍କର ପରିତ୍ରାଣ ନିମିତ୍ତ ଅବତାର ଗ୍ରହଣ କରିଥାନ୍ତି । ତେବେ ସନ୍ଥମାନଙ୍କର କାର୍ଯ୍ୟ ସର୍ବଦା ଭିନ୍ନ ଅଟେ । ସନ୍ଥମାନଙ୍କ ପାଇଁ ସାଧୁ ଏବଂ ଦୁଷ୍ଟ ପ୍ରାୟତଃ ସମାନ ଅଟନ୍ତି । ପ୍ରକୃତରେ ଦୁଷ୍କର୍ମ କରୁଥିବା ଲୋକ କଥା ପ୍ରଥମେ ତାଙ୍କ ମନରେ ଆସିଥାଏ ଓ ତାକୁ ସେ ଉଚିତ ମାର୍ଗରେ ନିୟୋଜିତ କରନ୍ତି । ଭବସାଗରର ଦୁଃଖକଷ୍ଟକୁ ଚଳୁ କରିବା ପାଇଁ ସେ ଅଗସ୍ତ ମୁନି ସଦୃଶ ଅଟନ୍ତି ଏବଂ ଅଜ୍ଞାନ ତଥା ଅନ୍ଧକାର ନାଶ କରିବା ପାଇଁ ସୂର୍ଯ୍ୟଙ୍କ ସମ ତେଜସ୍ୱୀ ଅଟନ୍ତି । ସନ୍ଥଙ୍କ ହୃଦୟରେ ଭଗବାନ ବାସୁଦେବ ବାସ କରନ୍ତି । ସେ ତାଙ୍କଠାରୁ ପୃଥକ ନୁହନ୍ତି । ଶ୍ରୀ ସାଇ ମଧ୍ୟ ସେହି ଶ୍ରେଣୀର, ଯିଏ କି ଭକ୍ତମାନଙ୍କର କଲ୍ୟାଣ ନିମିତ୍ତ ଅବତୀର୍ଣ୍ଣ ହୋଇଛନ୍ତି । ସେ ଜ୍ଞାନଜ୍ୟୋତି ସ୍ୱରୂପ ଥିଲେ ଏବଂ ତାଙ୍କର ଦିବ୍ୟପ୍ରଭା ଅପୂର୍ବ ଥିଲା । ସମସ୍ତ ପ୍ରାଣୀଙ୍କ ପ୍ରତି ତାଙ୍କର ସମାନ ପ୍ରେମ ଥିଲା । ସେ ନିଷ୍କାମ ତଥା ନିତ୍ୟମୁକ୍ତ ଥିଲେ । ତାଙ୍କ ଦୃଷ୍ଟିରେ ଶତ୍ରୁ, ମିତ୍ର, ରାଜା ଓ ଭିକ୍ଷୁକ ଏକ ସମାନ ଥିଲେ । ପାଠକ ବନ୍ଧୁଗଣ ! ଏବେ ଆସନ୍ତୁ, ତାଙ୍କର କୀର୍ତ୍ତି ଶ୍ରବଣ କରିବା । ଭକ୍ତମାନଙ୍କ ପାଇଁ ସେ ତାଙ୍କର ଦିବ୍ୟଗୁଣ ସମୂହ ପୂର୍ଣ୍ଣ ମାତ୍ରାରେ ପ୍ରୟୋଗ କରୁଥିଲେ ଏବଂ ସର୍ବଦା ସେମାନଙ୍କର ସହାୟତା ପାଇଁ ତତ୍ପର ଥିଲେ । ତାଙ୍କର ଇଚ୍ଛା ବିନା କୌଣସି ଭକ୍ତ ତାଙ୍କ ପାଖରେ ପହଞ୍ଚିପାରୁନଥିଲେ । ଯଦି ତାଙ୍କର ଶୁଭକର୍ମ ଜାତ ହେଉନଥିଲା ତାହେଲେ ବାବାଙ୍କର ସ୍ମରଣ ମଧ୍ୟ ସେମାନଙ୍କର ହେଉନଥିଲା କି ତାଙ୍କର ଲୀଳାସବୁ ତାଙ୍କ କର୍ଣ୍ଣପଟଳରେ ପହଞ୍ଚୁନଥିଲା । ଏପରିସ୍ଥଳେ ବାବାଙ୍କ ଦର୍ଶନ ବିଚାର ଆସନ୍ତା କିପରି ! ଅନେକ ବ୍ୟକ୍ତିଙ୍କର ଶ୍ରୀ ସାଇବାବାଙ୍କୁ ଦର୍ଶନ କରିବାର ଇଚ୍ଛା ଥିଲେ ମଧ୍ୟ ବାବାଙ୍କ ମହାସମାଧି ପର୍ଯ୍ୟନ୍ତ ସେମାନଙ୍କ ଭାଗ୍ୟରେ ସେହି ଅପୂର୍ବ ଯୋଗ ପ୍ରାପ୍ତି ହୋଇନଥିଲା । ଏଣୁ **'ଯେଉଁ ବ୍ୟକ୍ତିମାନେ ତାଙ୍କର ଦର୍ଶନଲାଭରୁ ବଞ୍ଚିତ ରହିଗଲେ, ଯଦି ସେମାନେ ଶ୍ରଦ୍ଧାର ସହ ସାଇଲୀଳାଗୁଡ଼ିକୁ ଶ୍ରବଣ କରନ୍ତି ସେମାନଙ୍କର ସାଇଦର୍ଶନ ଇଚ୍ଛା ଅନେକ ସୀମା ପର୍ଯ୍ୟନ୍ତ ତୃପ୍ତ ହୋଇଯିବ ।** ଭାଗ୍ୟବଶତଃ ଯଦି

କାହାକୁ କୌଣସି ପ୍ରକାରେ ବାବାଙ୍କ ଦର୍ଶନ ମିଳିଯାଉଥିଲା ତାହେଲେ ବି ସେ ସେଠାରେ ବେଶି ସମୟ ରହିପାରୁନଥିଲେ । ଇଚ୍ଛା ଥିଲେ ମଧ୍ୟ କେବଳ ବାବାଙ୍କ ଆଦେଶ ପର୍ଯ୍ୟନ୍ତ ସେଠାରେ ରହିବା ସମ୍ଭବ ହେଉଥିଲା ଏବଂ ଆଦେଶ ମିଳିବା ମାତ୍ରେ ସେହି ସ୍ଥାନ ଛାଡ଼ିଦେବା ଆବଶ୍ୟକ ହୋଇଯାଉଥିଲା । ଏଣୁ ସବୁକିଛି ତାଙ୍କର ଶୁଭ ଇଚ୍ଛା ଉପରେ ହିଁ ନିର୍ଦ୍ଧାରିତ ଥିଲା ।

**କାକା ମହାଜନୀ :** ଥରେ କାକା ମହାଜନୀ ମୁମ୍ବଇରୁ ଶିରିଡ଼ି ଆସିଲେ । ଶିରିଡ଼ିରେ ଗୋଟିଏ ସପ୍ତାହ ରହି ଗୋକୁଳାଷ୍ଟମୀ ଉତ୍ସବରେ ସାମିଲ ହେବାକୁ ସେ ବିଚାର କରିଥିଲେ । ଦର୍ଶନ କରିବା ଉପରାନ୍ତେ ବାବା ତାଙ୍କୁ ପଚାରିଲେ, 'ତୁମେ କେବେ ଫେରିବ ?' ବାବାଙ୍କ ପ୍ରଶ୍ନ ଶୁଣି ସେ ବିସ୍ମିତ ହୋଇଗଲେ । ଉତ୍ତର ଦେବା ତ ଆବଶ୍ୟକ ଥିଲା, ତେଣୁ ସେ କହିଲେ 'ଯେବେ ବାବା ଆଦେଶ ଦେବେ ।' ବାବା ତାଙ୍କୁ ପରଦିନ ଫେରିଯିବାକୁ କହିଲେ । ବାବାଙ୍କ ବାକ୍ୟ ତ ନିୟମ ଥିଲା, ଯାହାର ପାଳନ ନିତାନ୍ତ ଆବଶ୍ୟକ ଥିଲା । କାକା ମହାଜନୀ ତୁରନ୍ତ ପଳାଇଲେ । ଯେତେବେଳେ ସେ ମୁମ୍ବଇ ଅଫିସରେ ପହଞ୍ଚିଲେ, ତାଙ୍କର ମାଲିକ ତାଙ୍କୁ ଉତ୍ସୁକତାର ସହିତ ପ୍ରତୀକ୍ଷା କରିଥିଲେ । ମୁନିବଙ୍କର ଅଚାନକ ଅସୁସ୍ଥତା ଯୋଗୁ କାକାଙ୍କର ଉପସ୍ଥିତି ଅନିବାର୍ଯ୍ୟ ହୋଇପଡ଼ିଥିଲା । ମୁନିବ ଜଣକ କାକାଙ୍କ ଉଦ୍ଦେଶ୍ୟରେ ଶିରିଡ଼ିକୁ ଯେଉଁ ପତ୍ର ପଠାଇଥିଲେ, ତାହା ମୁମ୍ବଇ ଠିକଣାରେ ତାଙ୍କ ପାଖକୁ ଫେରିଆସିଲା ।

**ଭାଉସାହେବ ଧୂମାଲ :** ଏବେ ଏକ ବିପରୀତ କଥା ଶୁଣିବା । ଥରେ ଭାଉସାହେବ ଧୂମାଲ ଏକ ମାମଲା ବିଷୟରେ ନିଫାଡ଼ର ଅଦାଲତକୁ ଯାଉଥିଲେ । ବାଟରେ ଶିରିଡ଼ିରେ ଓହ୍ଲାଇଲେ । ସେ ବାବାଙ୍କର ଦର୍ଶନ କଲେ ଏବଂ ତୁରନ୍ତ ନିଫାଡ଼ ଅଭିମୁଖେ ବାହାରିଲେ; କିନ୍ତୁ ବାବାଙ୍କର ସ୍ୱୀକୃତି ମିଳିନଥିଲା । ସେ ତାଙ୍କୁ ଶିରିଡ଼ିରେ ଆହୁରି ଏକ ସପ୍ତାହ ରଖିଦେଲେ । ଏହା ମଧ୍ୟରେ ନିଫାଡ଼ର ନ୍ୟାୟାଧୀଶ ଉଦର ପୀଡ଼ା ରୋଗରେ ଆକ୍ରାନ୍ତ ହୋଇପଡ଼ିଲେ । ଏହି କାରଣରୁ ତାଙ୍କର ମାମଲା ଅନ୍ୟ ଏକ ଦିନକୁ ଘୁଞ୍ଚିଗଲା । ସପ୍ତାହେ ପରେ ଭାଉସାହେବଙ୍କୁ ଫେରିଯିବାକୁ ଅନୁମତି ମିଳିଲା । ଏହି ମାମଲାର ଶୁଣାଣି କିଛି ମାସଧରି ଓ ଚାରିଜଣ ବିଚାରପତିଙ୍କ ଇଜଲାସରେ ଚାଲିଲା । ଶେଷରେ ମାମଲା ଧୂମାଲଙ୍କ ସପକ୍ଷରେ ଗଲା ଓ ତାଙ୍କ ମହକିଲ ନିର୍ଦ୍ଦୋଷରେ ଖଲାସ ହୋଇଗଲେ ।

**ଶ୍ରୀମତୀ ନିମୋଣକର :** ନାନାସାହେବ ନିମୋଣକର, ଯିଏ ନିମୋଣ ନିବାସୀ ଏବଂ ଅବୈତନିକ ନ୍ୟାୟାଧୀଶ ଥିଲେ, ଶିରିଡ଼ିରେ ତାଙ୍କ ପତ୍ନୀଙ୍କ ସହିତ ବାସ କରୁଥିଲେ । ନିମୋଣକର ତଥା ତାଙ୍କର ପତ୍ନୀ ଅନେକ ସମୟରେ ବାବାଙ୍କର ସେବା ଓ ତାଙ୍କର ସାନ୍ନିଧ୍ୟରେ ଅତିବାହିତ କରୁଥିଲେ । ଦିନେ ତାଙ୍କର ପୁତ୍ର ବେଲାପୁରରେ ରୋଗରେ ପୀଡ଼ିତ ହୋଇଥିବାର ଖବର ଆସିଲା । ଏହାପରେ ଶ୍ରୀମତୀ ନିମୋଣକର ଗ୍ରାମକୁ ଯାଇ ପୁତ୍ର ତଥା ସଂପର୍କୀୟମାନଙ୍କୁ ଭେଟି କିଛିଦିନ ରହି ଫେରିବାକୁ ସ୍ଥିର

କଲେ । କିନ୍ତୁ ନାନାସାହେବ ପରଦିନ ହିଁ ତାଙ୍କୁ ଫେରିଆସିବାକୁ କହିଲେ । ଏହି ଅବସ୍ଥାରେ ସେ ଦ୍ୱନ୍ଦ୍ୱରେ ପଡ଼ିଲେ, କ'ଣ କରିବେ । ବାବା ଏବେ ତାଙ୍କର ସହାୟତା କଲେ । ଶିରିଡ଼ି ଛାଡ଼ିବା ପୂର୍ବରୁ ସେ ବାବାଙ୍କ ଅନୁମତି ପାଇଁ ଗଲେ । ବାବା ସାଠେୱାଡ଼ା ନିକଟରେ ନାନାସାହେବ ଏବଂ ଅନ୍ୟମାନଙ୍କ ଗହଣରେ ଥିଲେ । ଶ୍ରୀମତୀ ନିମୋଣକର ବାବାଙ୍କର ଚରଣବନ୍ଦନା କଲେ ଏବଂ ପ୍ରସ୍ଥାନ କରିବାକୁ ଅନୁମତି ଭିକ୍ଷା କଲେ । ବାବା ତାଙ୍କୁ କହିଲେ ' ଶୀଘ୍ର ଯାଅ, ବ୍ୟସ୍ତ ହୁଅ ନାହିଁ, ଶାନ୍ତ ମନରେ ବେଲାପୁରରେ ଚାରିଦିନ ଖୁସିରେ ରହି ସମସ୍ତ ସମ୍ପର୍କୀୟଙ୍କୁ ଭେଟି ଫେରିଆସ ।' ବାବାଙ୍କର ବାକ୍ୟ କିପରି ସର୍ବଜ୍ଞାତାର ପରିଚାୟକ ଥିଲା, ଅନୁଭବ କରନ୍ତୁ ।

**ନାସିକର ଜ୍ୟୋତିଷ ମୂଳେ ଶାସ୍ତ୍ରୀ** : ନାସିକରେ ଜଣେ କର୍ମନିଷ୍ଠ, ଅଗ୍ନିହୋତ୍ର ବ୍ରାହ୍ମଣ ଥିଲେ, ଯାହାଙ୍କ ନାମ ମୂଳେ ଶାସ୍ତ୍ରୀ । ସେ ଛଅଟି ଯାକ ଶାସ୍ତ୍ର ଅଧ୍ୟୟନ କରିଥିଲେ ଏବଂ ଜ୍ୟୋତିଷ ତଥା ସାମୁଦ୍ରିକ ଶାସ୍ତ୍ରରେ ମଧ୍ୟ ପାରଦର୍ଶୀ ଥିଲେ । ଥରେ ନାଗପୁରର ପ୍ରସିଦ୍ଧ କୋଟିପତି ଶ୍ରୀ ବାପୁସାହେବ ବୁଟିଙ୍କୁ ଭେଟିବା ପରେ ଅନ୍ୟାନ୍ୟ ସଜ୍ଜନଙ୍କ ସହିତ ସେ ବାବାଙ୍କ ଦର୍ଶନ ନିମନ୍ତେ ଗଲେ । ବାବା ଫଳ ବିକାଳିଠାରୁ ଅନେକ କିସମର ଫଳ ଏବଂ ଅନ୍ୟାନ୍ୟ ଦ୍ରବ୍ୟ କିଣିଲେ ଓ ମସଜିଦ୍‌ରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ବିତରଣ କଲେ । ବାବା ଆମ୍ବକୁ ଏପରି କୌଶଳର ସହିତ ଚାରିଆଡୁ ଚିପି ଦେଉଥିଲେ ଯେ ତାହାକୁ ଶୋଷିବା ମାତ୍ରେ ସମ୍ପୂର୍ଣ୍ଣ ରସ ମୁହଁ ଭିତରକୁ ଚାଲିଯାଉଥିଲା ଏବଂ ଚୋପା ଓ ଟାକୁଆକୁ ତୁରନ୍ତ ଅଲଗା କରି ଫିଙ୍ଗି ଦିଆଯାଉଥିଲା । କଦଳୀର ଚୋପା ଛଡ଼ାଇ ବାବା ଭକ୍ତମାନଙ୍କ ମଧ୍ୟରେ ବାଣ୍ଟିଲେ ଓ କିଛି ନିଜ ପାଇଁ ରଖିଲେ । ହସ୍ତରେଖା ବିଶାରଦ ହୋଇଥିବା ଯୋଗୁ ମୂଳେଶାସ୍ତ୍ରୀ ବାବାଙ୍କ ହାତ ଦେଖିବାକୁ ଅନୁରୋଧ କଲେ । ବାବା ତାଙ୍କର ଅନୁରୋଧ ଉପରେ କୌଣସି ଧ୍ୟାନ ନଦେଇ ତାଙ୍କୁ ଚାରୋଟି କଦଳୀ ଦେଲେ । ଏହାପରେ ସମସ୍ତ ଭକ୍ତ ଫେରିଆସିଲେ । ମୂଳେଶାସ୍ତ୍ରୀ ମଧ୍ୟ ସ୍ନାନ କରିବାକୁ ବାହାରିଲେ ଏବଂ ପବିତ୍ର ବସ୍ତ୍ର ପରିଧାନ କରି ଅଗ୍ନିହୋତ୍ର କ୍ରିୟାରେ ଲିପ୍ତ ରହିଲେ । ବାବା ତାଙ୍କର ନିତ୍ୟଚର୍ଯ୍ୟା ଅନୁସାରେ ଲେଣ୍ଡିବାଗକୁ ଗଲେ ଓ ଯିବା ସମୟରେ କହିଲେ କିଛି ଗେରୁ ଆଣିବ, ଆଜି ଗୈରିକ ବସ୍ତ୍ର ପରିଧାନ କରିବା । ବାବାଙ୍କ ଉକ୍ତିର ଅଭିପ୍ରାୟ କେହି ବୁଝିପାରିଲେ ନାହିଁ । କିଛି ସମୟ ପରେ ବାବା ଫେରିଆସିଲେ । ସେତେବେଳେ ମଧ୍ୟାହ୍ନ ଆରତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଥାଏ । ବାପୁସାହେବ ଯୋଗ ମୂଳେଙ୍କୁ ଆରତିରେ ଆସିବେ କି ବୋଲି ପଚାରିଲେ । ସେ କହିଲେ ସନ୍ଧ୍ୟାରେ ଯିବେ । ତତ୍ପରେ ଯୋଗ ଏକୁଟିଆ ଆସିଲେ । ବାବା ଆସନ ଗ୍ରହଣ କରିବା ପରେ ଭକ୍ତମାନେ ତାଙ୍କର ପୂଜା କରିବା ଆରମ୍ଭ କଲେ । ଆରତି ହେଲା । ବାବା କହିଲେ 'ସେହି ନୂଆ ବ୍ରାହ୍ମଣଠାରୁ କିଛି ଦକ୍ଷିଣା ଆଣ ।' ସ୍ୱୟଂ ବୁଟି ଦକ୍ଷିଣା ଆଣିବାକୁ ଗଲେ ଓ ବାବାଙ୍କ ସନ୍ଦେଶ ମୂଳେ ଶାସ୍ତ୍ରୀଙ୍କୁ ଜଣାଇଲେ । ଏହା ଶୁଣି ମୂଳେଶାସ୍ତ୍ରୀ ଅପ୍ରସ୍ତୁତ

ହୋଇପଡ଼ିଲେ । ସେ ଭାବିଲେ ' ମୁଁ ତ ଜଣେ ଅଗ୍ନିହୋତ୍ର ବ୍ରାହ୍ମଣ, ମୁଁ ଦକ୍ଷିଣା ଦେବା କ'ଣ ଉଚିତ ହେବ ? ଧରିନିଅ, ବାବା ମହାନ୍ ସନ୍ଥ, କିନ୍ତୁ ମୁଁ ତ ତାଙ୍କର ଶିଷ୍ୟ ନୁହେଁ ।' ତାହା ସତ୍ତ୍ୱେ ସେ ଭାବିଲେ ଯେ ତଥାପି ବାବାଙ୍କ ଭଳି ଜଣେ ମହାନ୍ ସନ୍ଥ ଯେତେବେଳେ ଦକ୍ଷିଣା ମାଗୁଛନ୍ତି ଏବଂ ବୁଟିଙ୍କ ଭଳି ଜଣେ କୋଟିପତି ଦକ୍ଷିଣା ନେବାକୁ ଆସିଛନ୍ତି, ସେ ଅବେହଳା କରିବା ଉଚିତ ହେବ କି ? ଏହା ଭାବି ସେ ତାଙ୍କର କ୍ରିୟା ଅଧା ରଖି ବୁଟିଙ୍କ ସହିତ ମସଜିଦ୍ ଗଲେ । ସେ ନିଜକୁ ଶୁଦ୍ଧ ଏବଂ ପବିତ୍ର ତଥା ମସଜିଦ୍‌କୁ ଅପବିତ୍ର ମନେ କରି କିଛି ଦୂରରେ ଛିଡ଼ା ହେଲେ ଏବଂ ଦୁଇ ହାତ ଯୋଡ଼ି ବାବାଙ୍କ ଉପରକୁ ପୁଷ୍ପ ଅର୍ପଣ କଲେ । ଆଶ୍ଚର୍ଯ୍ୟଜନକ ଭାବରେ ସେ ଦେଖିଲେ ଯେ ବାବାଙ୍କ ଆସନ ସ୍ଥାନରେ ତାଙ୍କର କୈଳାସବାସୀ ଗୁରୁ ଘୋଲପ ସ୍ୱାମୀ ବିରାଜମାନ ହୋଇଛନ୍ତି । ତାଙ୍କର ଗୁରୁଙ୍କୁ ସେଠାରେ ଦେଖି ସେ ହତପ୍ରଭ ହୋଇଗଲେ । ଏହା ସ୍ୱପ୍ନ ନୁହେଁ ତ ! ନା, ନା, ଏହା ସ୍ୱପ୍ନ ନୁହେଁ । ସେ ସମ୍ପୂର୍ଣ୍ଣ ଜାଗ୍ରତ । କିନ୍ତୁ ଜାଗ୍ରତ ହୋଇ ମଧ୍ୟ ମୋର ଗୁରୁଦେବ ଏଠାରେ ଆସି କିପରି ପହଞ୍ଚିଲେ ? ସେ କିଛି ବୁଝିପାରିଲେ ନାହିଁ । କିଛି ସମୟ ପର୍ଯ୍ୟନ୍ତ ତାଙ୍କର ବାକ୍‌ଶକ୍ତି ରୁଦ୍ଧ ହୋଇଗଲା । ସେ ନିଜକୁ ବାରମ୍ବାର ପଚାରୁଥିଲେ । କିନ୍ତୁ କୌଣସି ନିଷ୍କର୍ଷରେ ପହଞ୍ଚିପାରିଲେ ନାହିଁ । ତାଙ୍କର କୈଳାସବାସୀ ଗୁରୁ ଘୋଲପ ସ୍ୱାମୀ ଏହି ମସଜିଦ୍‌ରେ ଆସି କିପରି ପହଞ୍ଚିଲେ ? ଏହାପରେ ସମସ୍ତ ସନ୍ଦେହ ଦୂର କରି ସେ ଆଗକୁ ଗଲେ ଏବଂ ଗୁରୁଙ୍କ ଚରଣରଜରେ ଦୁଇହାତ ଯୋଡ଼ି ସ୍ତୁତି କରିବାକୁ ଲାଗିଲେ । ଅନ୍ୟ ଭକ୍ତମାନେ ତ ବାବାଙ୍କ ଆରତି କରୁଥିଲେ, କିନ୍ତୁ ମୂଳେ ଶାସ୍ତ୍ରୀ ତାଙ୍କର ଗୁରୁଙ୍କର ନାମ ମହିମା ଗାନ କରୁଥିଲେ । ଏହାପରେ ସମସ୍ତ ଜାତିଭେଦ ଏବଂ ଅହଂକାର ତଥା ପବିତ୍ରତା ଓ ଅପବିତ୍ରତାର କଳ୍ପନା ତ୍ୟାଗ କରି ସେ ଗୁରୁଙ୍କ ଶ୍ରୀଚରଣରେ ଲୋଟିପଡ଼ିଲେ । ସେ ଆଖି ବନ୍ଦ କରିଦେଲେ; ମାତ୍ର ପୁଣି ଛିଡ଼ା ହୋଇ ଯେତେବେଳେ ଆଖି ଖୋଲିଲେ ବାବାଙ୍କୁ ଦକ୍ଷିଣା ମାଗୁଥିବା ଅବସ୍ଥାରେ ଦେଖିଲେ । ବାବାଙ୍କର ଆନନ୍ଦସ୍ୱରୂପ ଏବଂ ତାଙ୍କର ଅନିର୍ବଚନୀୟ ଶକ୍ତି ଦେଖି ମୂଳେଶାସ୍ତ୍ରୀ ଆତ୍ମବିଭୋର ହୋଇଗଲେ । ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ତାଙ୍କର ନୟନଦ୍ୱୟ ଅଶ୍ରୁପ୍ଲାବିତ ହୋଇ ପ୍ରସନ୍ନତାରେ ପୂରିଉଠିଲା । ସେ ବାବାଙ୍କୁ ପୁଣି ପ୍ରଣାମ କରି ଦକ୍ଷିଣା ଦେଲେ । ମୂଳେ ଶାସ୍ତ୍ରୀ କହିଲେ 'ମୋର ସମସ୍ତ ସଂଶୟ ଦୂର ହୋଇଗଲା । ଆଜି ମୋତେ ମୋର ଗୁରୁଙ୍କର ଦର୍ଶନ ହେଲା ।' ବାବାଙ୍କର ଏହି ଅଦ୍‌ଭୁତ ଲୀଳା ଦେଖି ସମସ୍ତ ଭକ୍ତ ଏବଂ ମୂଳେଶାସ୍ତ୍ରୀ ବିହ୍ୱଳିତ ହୋଇପଡ଼ିଲେ । 'ଗେରୁ ଆଣ, ଆଜି ଗେରୁଆ ବସ୍ତ୍ର ପିନ୍ଧିବା' ବାବାଙ୍କର ଏହି ବାକ୍ୟର ଅର୍ଥ ଏବେ ସମସ୍ତେ ବୁଝିପାରିଥିଲେ । ଶ୍ରୀ ସାଇବାବାଙ୍କର ଏପରି ଅଦ୍‌ଭୁତ ଲୀଳା ଥିଲା ।

**ଡାକ୍ତରଙ୍କ ଶ୍ରୀରାମ ଦର୍ଶନ :** ଥରେ ଜଣେ ମାମଲତଦାର ତାଙ୍କର ଜଣେ ଡାକ୍ତର ବନ୍ଧୁଙ୍କ ସହିତ ଶିରିଡ଼ିରେ ପହଞ୍ଚିଲେ । ଡାକ୍ତରଜଣଙ୍କର କହିବାର ଥିଲା କି ତାଙ୍କର

ଇଷ୍ଟ ଦେବତା ହେଉଛନ୍ତି ଭଗବାନ ରାମଚନ୍ଦ୍ର । ଏଣୁ କୌଣସି ଯବନଙ୍କ ନିକଟରେ ସେ ମସ୍ତକ ନତ କରିବେ ନାହିଁ । ସେଥିପାଇଁ ସେ ଶିରିଡ଼ି ଯିବାକୁ ସହମତ ହେଉନଥିଲେ । ମାମଲତଦାର ତାଙ୍କୁ ବୁଝାଇ 'ତୁମକୁ କେହି ନମସ୍କାର କରିବାକୁ ବାଧ୍ୟ କରିବେ ନାହିଁ' ଏଣୁ ମୋର ସାଙ୍ଗରେ ଚାଲ, ଆନନ୍ଦ ମିଳିବ' ବୋଲି କହିଲେ । ଏହାପରେ ସେମାନେ ଶିରିଡ଼ି ପହଞ୍ଚିଲେ ଏବଂ ବାବାଙ୍କ ଦର୍ଶନ ପାଇଁ ଗଲେ; କିନ୍ତୁ ଡାକ୍ତର ସର୍ବପ୍ରଥମେ ବାବାଙ୍କ ନିକଟରେ ପହଞ୍ଚି ତାଙ୍କର ଚରଣବନ୍ଦନା କରିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ଡାକ୍ତର ତାଙ୍କର ମତ ପରିବର୍ତ୍ତନ କରିବା ତଥା ଦଣ୍ଡବତ କରିବାର କାରଣ ସମ୍ପର୍କରେ ଭକ୍ତମାନେ ପ୍ରଶ୍ନ କଲେ । ଡାକ୍ତର କହିଲେ ବାବାଙ୍କ ସ୍ଥାନରେ ସେ ତାଙ୍କର ପ୍ରିୟ ଇଷ୍ଟଦେବ ଶ୍ରୀରାମଙ୍କର ଦର୍ଶନ କଲେ, ଏଥିପାଇଁ ସେ ତାଙ୍କୁ ବିନମ୍ର ପ୍ରଣାମ କଲେ । ଯେତେବେଳେ ସେ ଏହା କହୁଥିଲେ ଶ୍ରୀ ସାଇବାବାଙ୍କର ସେହି ରୂପ ପୁଣି ଦେଖାଗଲା । ସେ ଆଶ୍ଚର୍ଯ୍ୟଚକିତ ହୋଇ କହିଲେ 'ଏହା କ'ଣ ସ୍ୱପ୍ନ ? ସେ କିପରି ଯବନ ହୋଇପାରିବେ ? ଇଏ ତ ପୂର୍ଣ୍ଣ ଯୋଗାବତାର । ପରଦିନଠାରୁ ସେ ଉପବାସ ବ୍ରତ ପାଳନ କଲେ । ସେ ପ୍ରତିଜ୍ଞା କଲେ ଯେ ପର୍ଯ୍ୟନ୍ତ ବାବା ସ୍ୱୟଂ ଡାକି ଆଶୀର୍ବାଦ ପ୍ରଦାନ କରିନାହାନ୍ତି, ସେ ପର୍ଯ୍ୟନ୍ତ ସେ ମସଜିଦ୍ ଯିବେ ନାହିଁ । ଏହିପରି ତିନିଦିନ ଅତିବାହିତ ହୋଇଗଲା । ଚତୁର୍ଥ ଦିନ ତାଙ୍କର ଜଣେ ଇଷ୍ଟ ବନ୍ଧୁ ଖାନଦେଶରୁ ଶିରିଡ଼ି ଆସିଲେ । ସେ ଦୁହେଁ ବାବାଙ୍କ ଦର୍ଶନ ପାଇଁ ମସଜିଦ୍ ଗଲେ । ପ୍ରଣାମ କରିସାରିବା ପରେ ବାବା ଡାକ୍ତରଙ୍କୁ ପଚାରିଲେ "ତମକୁ ଡାକିବାର କିଏ କଷ୍ଟ କଲା ? ତୁମେ ଏଠାକୁ କିପରି ଆସିଲ ?' ଏହି ପ୍ରଶ୍ନ ଶୁଣି ଡାକ୍ତର ସ୍ତବ୍ଧ ହୋଇଗଲେ ଏବଂ ସେହି ରାତିରେ ବାବା ତାଙ୍କ ଉପରେ କୃପା ପ୍ରଦାନ କଲେ । ଡାକ୍ତରଙ୍କୁ ନିଦ୍ରାରେ ହିଁ ପରମାନନ୍ଦ ପ୍ରାପ୍ତି ଅନୁଭବ ହେଲା । ସେ ତାଙ୍କର ସହରକୁ ଫେରିଆସିଲେ; କିନ୍ତୁ ପନ୍ଦର ଦିନ ପର୍ଯ୍ୟନ୍ତ ତାଙ୍କର ସେହି ଅନୁଭବ ରହିଲା । ଏହି ପ୍ରକାର ତାଙ୍କର ସାଇଭକ୍ତି ବହୁଗୁଣରେ ବଢ଼ିଗଲା ।

ଉପରୋକ୍ତ କାହାଣୀ, ବିଶେଷତଃ ମୂଳେଶାସ୍ତ୍ରୀଙ୍କ କଥାରୁ ଆମର ଗୁରୁଙ୍କ ଉପରେ ଦୃଢ଼ ବିଶ୍ୱାସ ରଖିବାକୁ ହେବ, ଏହି ଶିକ୍ଷା ମିଳୁଛି ।

ପରବର୍ତ୍ତୀ ଅଧ୍ୟାୟରେ ବାବାଙ୍କର ଅନ୍ୟାନ୍ୟ ଲୀଳାଗୁଡ଼ିକର ବର୍ଣ୍ଣନା କରାଯିବ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।। ତ୍ରୟୋଦଶ ଅଧ୍ୟାୟ ।।

**ଅନ୍ୟାନ୍ୟ ଲୀଳା : ରୋଗନିବାରଣ, (୧) ଭୀମାଜୀ ପାଟିଲ (୨) କୁକୁରକୁ ଖାଦ୍ୟ ଓ ଜ୍ୱରରୁ ମୁକ୍ତି (୩) ବୁଟିଙ୍କୁ ବାବାଙ୍କ ବିଚିତ୍ର ଔଷଧ (୪) ଆଳନ୍ଦୀସ୍ୱାମୀଙ୍କ ରୋଗ ଆଲ୍ଲା ଭଲ କଲେ (୫) ଆମାଶୟ ରୋଗର ବାଦାମ ଔଷଧ (୬) ବାବାଙ୍କ ବରଦହସ୍ତ**

### ।। ମାୟାର ଅଭେଦ୍ୟ ଶକ୍ତି ।।

ବାବାଙ୍କର ବାଣୀ ସର୍ବଦା ସଂକ୍ଷିପ୍ତ, ଅର୍ଥପୂର୍ଣ୍ଣ, ଗୂଢ଼, ସାରଗର୍ଭକ ତଥା ନୈୟାୟିକ ଥିଲା । ସେ ସର୍ବଦା ନିଶ୍ଚିନ୍ତ ଏବଂ ନିର୍ଭୟ ରହୁଥିଲେ । ତାଙ୍କର ବାଣୀ ଥିଲା 'ମୁଁ ଫକିର ଅଟେ, ନା ମୋର ସ୍ତ୍ରୀ ଅଛି ନା ଘରଦ୍ୱାର । ସମସ୍ତ ଚିନ୍ତାକୁ ତ୍ୟାଗ କରି, ମୁଁ ଗୋଟିଏ ସ୍ଥାନରେ ହିଁ ରହେ । ତଥାପି ବି ମାୟା ମୋତେ କଷ୍ଟ ଦେଉଛି । ମୁଁ ନିଜକୁ ତ ଭୁଲିଯାଇଛି, କିନ୍ତୁ ମାୟା ମୋତେ ଭୁଲୁନାହିଁ । ସେ ମୋତେ ତା'ର ଜାଲରେ ଭ୍ରମିତ କରୁଛି । ଶ୍ରୀହରିଙ୍କ ଏହି ମାୟା ବ୍ରହ୍ମାଦିଙ୍କୁ ମଧ୍ୟ ଛାଡ଼େ ନାହିଁ, ମୋ ଭଳି ଫକିର କଥା କିଏ ପଚାରେ ?

ତେବେ ଯିଏ ଶ୍ରୀହରିଙ୍କୁ ସ୍ମରଣ କରେ, ସେ ତାଙ୍କର କୃପାରୁ ମାୟାଜାଲରୁ ମୁକ୍ତ ହୋଇଯାଏ ।' ଏହିପରି ବାବା ମାୟାର ଶକ୍ତିର ପରିଚୟ ପ୍ରଦାନ କରିଥିଲେ । ଭଗବାନ ଶ୍ରୀକୃଷ୍ଣ ଭାଗବତରେ ଉଦ୍ଧବଙ୍କୁ କହୁଛନ୍ତି କି 'ସନ୍ଥ ମୋର ଜୀବିତ ସ୍ୱରୂପ ଅଟନ୍ତି । ବାବାଙ୍କର ମଧ୍ୟ ଉକ୍ତି ଏହା ଥିଲା ଯେ **ସେହି ଭାଗ୍ୟବାନମାନେ ଯେଉଁମାନଙ୍କର ସମସ୍ତ ପାପ ନଷ୍ଟ ହୋଇଯାଇଛି, ସେମାନେ ହିଁ ମୋର ଉପାସନା କରିବାକୁ ଅଗ୍ରସର ହୁଅନ୍ତି । ଯଦି ତୁମେ କେବଳ 'ସାଇ ସାଇ' ସ୍ମରଣ କରିବ, ତାହେଲେ ମୁଁ ତୁମକୁ ଭବସାଗରରୁ ଉଦ୍ଧାର କରିଦେବି ।'** ଏହି ବାକ୍ୟ ଉପରେ ବିଶ୍ୱାସ କର, ତୁମକୁ ଅବଶ୍ୟ ଲାଭ ହେବ । ମୋର ପୂଜା ନିମିତ୍ତ କୌଣସି ସାମଗ୍ରୀ ବା ଅଷ୍ଟାଙ୍ଗ ଯୋଗର ଆବଶ୍ୟକତା ନାହିଁ । ମୁଁ ତ ଭକ୍ତିରେ ହିଁ ନିବାସ କରେ । ଏବେ ଆଗକୁ ଦେଖିବା ଅନାଶ୍ରୟମାନଙ୍କ ଆଶ୍ରୟଦାତା ସାଇ ଭକ୍ତମାନଙ୍କ କଲ୍ୟାଣାର୍ଥେ କ'ଣ କଲେ ।

### ।। ଭୀମାଜୀ ପାଟିଲ : ସତ୍ୟସାଇ ବ୍ରତ ।।

ନାରାୟଣ ଗାଁ(ପୁନା ଜିଲା ଜୁନ୍ନର ତାଲୁକ)ର ଜଣେ ମହାନୁଭବ ଭୀମାଜୀ ପାଟିଲଙ୍କର ୧୯୦୯ ମସିହାରେ ବକ୍ଷସ୍ଥଳରେ ଏକ ଭୟଙ୍କର ରୋଗ ହେଲା, ଯାହା ଆଗକୁ ବଢ଼ି ଯକ୍ଷ୍ମାରୋଗରେ ପରିଣତ ହେଲା । ସେ ଅନେକ ପ୍ରକାର ଚିକିତ୍ସା କଲେ, କିନ୍ତୁ କିଛି ଲାଭ ହେଲା ନାହିଁ । ଶେଷରେ ସେ ଆଶା ତ୍ୟାଗ କରି ଭଗବାନଙ୍କୁ ପ୍ରାର୍ଥନା କଲେ,

'ହେ ନାରାୟଣ ! ହେ ପ୍ରଭୁ ! ମୋ ପରି ଅନାଥକୁ ସହାୟତା କରନ୍ତୁ ।' ଏହା ସତ୍ୟ ଯେ ଆମେ ଯେତେବେଳେ ସୁଖୀ ଥାଉ, ଭଗବାନଙ୍କୁ ସ୍ମରଣ କରୁନା ଆଉ ଯେତେବେଳେ ଦୁର୍ଭାଗ୍ୟ ଘେରିଆସେ ଏବଂ ଦୁର୍ଦ୍ଦିନ ଦେଖାଯାଏ ସେତେବେଳେ ଭଗବାନଙ୍କୁ ସ୍ମରଣ କରୁ । ଭୀମାଜୀ ମଧ୍ୟ ସେହିପରି ଈଶ୍ୱରଙ୍କୁ ପ୍ରାର୍ଥନା କଲେ । ତାଙ୍କ ମନକୁ ବିଚାର ଆସିଲା କି ଶ୍ରୀ ସାଇବାବାଙ୍କର ପରମଭକ୍ତ ନାନାସାହେବ ଚନ୍ଦୋରକରଙ୍କ ସହିତ ଏହି ବିଷୟରେ ପରାମର୍ଶ କରିବା ଭଲ ହେବ ଏବଂ ସେ କଥା ଭାବି ସେ ତାଙ୍କର ସମସ୍ୟାର ପୂର୍ଣ୍ଣ ବିବରଣୀ ଲେଖି ନାନାସାହେବଙ୍କ ନିକଟକୁ ପଠାଇଲେ ଓ ତାଙ୍କର ମାର୍ଗଦର୍ଶନ କରିବାକୁ ଅନୁରୋଧ କଲେ । ପ୍ରତ୍ୟୁତ୍ତରରେ ନାନାସାହେବ ଲେଖିଲେ କି "ଏବେ ତ କେବଳ ଗୋଟିଏ ହିଁ ଉପାୟ ଶେଷ ରହିଯାଇଛି ଏବଂ ତାହା ହେଉଛି ଶ୍ରୀ ସାଇବାବାଙ୍କ ଚରଣକମଳରେ ଶରଣାଗତି ।' ନାନାସାହେବଙ୍କ ବଚନରେ ବିଶ୍ୱାସ କରି ସେ ଶିରିଡ଼ି ଯିବାକୁ ବାହାରିଲେ । ତାଙ୍କୁ ଶିରିଡ଼ି ନିଆଗଲା ଓ ଶିରିଡ଼ିରେ ପହଞ୍ଚିବା ପରେ ମସଜିଦ୍‌କୁ ନେଇ ସେଠାରେ ଶୁଆଇ ଦିଆଗଲା । ନାନାସାହେବ ଏବଂ ଶ୍ୟାମା ସେଠାରେ ଉପସ୍ଥିତ ଥିଲେ । ବାବା କହିଲେ କି 'ଏହା ତାଙ୍କ ପୂର୍ବ ଜନ୍ମର କୃତକର୍ମର ଫଳ । ଏହି କାରଣରୁ ମୁଁ ଏହି ଝାମେଲାରେ ପଡ଼ିବାକୁ ଚାହୁଁନାହିଁ ।' ଏ କଥା ଶୁଣି ରୋଗୀ ଅତ୍ୟନ୍ତ ନିରାଶ ହୋଇ କରୁଣାପୂର୍ଣ୍ଣ ସ୍ୱରରେ କହିଲେ କି 'ମୁଁ ବିଲ୍‌କୁଲ ନିଃସହାୟ ହୋଇପଡ଼ିଛି ଏବଂ ଶେଷ ଆଶା ନେଇ ଆପଣଙ୍କର ଶରଣାପନ୍ନ ହୋଇଛି । ଆପଣଙ୍କଠାରୁ ଦୟାର ଭିକ୍ଷା ମାଗୁଛି । ହେ ଦୀନଙ୍କର ଶରଣ ! ମୋ ପ୍ରତି ଦୟା କରନ୍ତୁ ।' ଏହି ପ୍ରାର୍ଥନାରେ ବାବାଙ୍କର ହୃଦୟ ତରଳିଗଲା ଏବଂ ସେ କହିଲେ 'ଆଚ୍ଛା ରୁହ । ଚିନ୍ତା କର ନାହିଁ । ତୁମର ଦୁଃଖ ଶୀଘ୍ର ଦୂର ହୋଇଯିବ । **ଯିଏ ଯେତେ ବି ଦୁଃଖିତ ବା ପୀଡ଼ିତ ହୋଇଥାଉନା କାହିଁକି, ମୋର ମସଜିଦ୍‌ର ପାହାଚ ଚଢ଼ିବା ମାତ୍ରେ ସିଏ ସୁଖୀ ହେବ । ମସଜିଦ୍‌ର ଫକିର ବହୁତ ଦୟାଳୁ ଏବଂ ତୁମର ରୋଗ ମଧ୍ୟ ଭଲ ହୋଇଯିବ ।** ସିଏ ତ ସମସ୍ତଙ୍କ ପ୍ରତି ପ୍ରେମ ଏବଂ ଦୟା ପ୍ରକାଶକରି ରକ୍ଷା କରନ୍ତି ।' ରୋଗୀର ପ୍ରତି ପାଞ୍ଚ ମିନିଟ୍‌ରେ ରକ୍ତ ବାନ୍ତି ହେଉଥିଲା, କିନ୍ତୁ ବାବାଙ୍କ ସମ୍ମୁଖରେ ତାର ଆଦୌ ବାନ୍ତି ହେଲା ନାହିଁ । ଯେଉଁ ମୁହୂର୍ତ୍ତରୁ ବାବା ତାଙ୍କର ଶ୍ରୀମୁଖରୁ ଆଶା ଏବଂ ଦୟାପୂର୍ଣ୍ଣ ଶବ୍ଦରେ ଆଶିଷ ପ୍ରଦାନ କଲେ ତାହା ପରଠାରୁ ରୋଗ ଛାଡ଼ିବା ଆରମ୍ଭ ହେଲା । ବାବା ରୋଗୀକୁ ଭୀମାବାଇଙ୍କ ଘରେ ରହିବାକୁ କହିଲେ ।

ଏହି ସ୍ଥାନ ଏ ପ୍ରକାର ରୋଗୀଙ୍କ ପାଇଁ ସୁବିଧାଜନକ ତଥା ସ୍ୱାସ୍ଥ୍ୟପ୍ରଦ ନଥିଲା, କିନ୍ତୁ ବାବାଙ୍କର ଆଦେଶକୁ ଅମାନ୍ୟ କରିବ କିଏ ? ସେଠାରେ ରହିବା ସମୟରେ ବାବା ଦୁଇଥର ସ୍ୱପ୍ନରେ ଦର୍ଶନ ଦେଇ ତାଙ୍କର ରୋଗ ହରଣ କରିନେଲେ । ପ୍ରଥମ ସ୍ୱପ୍ନରେ ରୋଗୀ ଦେଖିଲେ ଯେ ସେ ଜଣେ ଛାତ୍ର ଏବଂ ତାଙ୍କର ଶିକ୍ଷକଙ୍କ ସମ୍ମୁଖରେ କବିତା ମୁଖସ୍ଥ କରିନଥିବାରୁ ଦଣ୍ଡସ୍ୱରୂପ ବେତ୍ରାଘାତର ଅସହନୀୟ ଯନ୍ତ୍ରଣା ଭୋଗୁଛନ୍ତି ।

ଦ୍ୱିତୀୟ ସ୍ୱପ୍ନରେ ସେ ଦେଖିଲେ ଯେ କେହି ଛାତି ଉପରେ ଉପରୁ ତଳୁ ଓ ତଳୁ ଉପରୁ ପଥରରେ ଆଘାତ କରୁଛି ଯାହାଦ୍ୱାରା ତାଙ୍କ ଶରୀରରେ ଅସହ୍ୟ କଷ୍ଟ ହେଉଛି । ସ୍ୱପ୍ନରେ ଏହି ପ୍ରକାର କଷ୍ଟ ପାଇ ସେ ସୁସ୍ଥ ହୋଇଗଲେ ଏବଂ ଘରକୁ ଫେରିଆସିଲେ । ଏହାପରେ ସେ ମଝିରେ ମଝିରେ ଶିରିଡ଼ି ଆସୁଥିଲେ ଏବଂ ସାଇବାବାଙ୍କ ଦୟାର ସ୍ମରଣ କରି ସାଷ୍ଟାଙ୍ଗ ପ୍ରଣାମ କରୁଥିଲେ । ବାବା ତାଙ୍କର ଭକ୍ତମାନଙ୍କଠାରୁ କୌଣସି ବସ୍ତୁର ଆଶା ରଖୁନଥିଲେ । ସେ କେବଳ ସ୍ମରଣ, ଦୃଢ଼ ନିଷ୍ଠା ଓ ଭକ୍ତିର ପିପାସୁ ଥିଲେ ।

ମହାରାଷ୍ଟ୍ରର ଲୋକେ ପ୍ରତି ପକ୍ଷରେ ଅଥବା ପ୍ରତି ମାସରେ ସତ୍ୟନାରାୟଣ ବ୍ରତ କରୁଥିଲେ; କିନ୍ତୁ ନିଜ ଗ୍ରାମରେ ପହଞ୍ଚିବା ପରେ ଭୀମାଜୀ ପାଟିଲ ସତ୍ୟନାରାୟଣ ବ୍ରତ ସ୍ଥାନରେ ଏକ ନୂତନ ସତ୍ୟସାଇ ବ୍ରତ ଆରମ୍ଭ କଲେ ।

## ।। କୁକୁରକୁ ଖାଦ୍ୟ ଓ ଜ୍ୱରରୁ ମୁକ୍ତି ।।

**ବାଲା ଗଣପତି ଦର୍ଜି :** ଅନ୍ୟ ଜଣେ ଭକ୍ତ, ଯାହାଙ୍କ ନାମ ବାଲା ଗଣପତି ଦର୍ଜି ଥରେ ମେଲେରିଆ ଜ୍ୱରରେ ପୀଡ଼ିତ ହେଲେ । ସେ ସବୁ ପ୍ରକାର ଔଷଧ ଓ ପଥି ଗ୍ରହଣ କଲେ କିନ୍ତୁ ସେଥିରୁ କୌଣସି ଲାଭ ମିଳିଲା ନାହିଁ । ଯେତେବେଳେ ଜ୍ୱର ତିଳେ ମାତ୍ର କମିଲା ନାହିଁ, ସେ ଶିରିଡ଼ି ଦୌଡ଼ିଆସିଲେ ଏବଂ ବାବାଙ୍କ ଶ୍ରୀଚରଣରେ ଶରଣ ନେଲେ । ବାବା ତାଙ୍କୁ ବିଚିତ୍ର ଆଦେଶ ଦେଲେ 'ଲକ୍ଷ୍ମୀ ମନ୍ଦିର ପାଖକୁ ଯାଇ ଗୋଟିଏ କଳା କୁକୁରକୁ ଅଳ୍ପ ଦହି ଏବଂ ଭାତ ଖୁଆଅ ।'

ସେ ଏହି ଆଦେଶ କିପରି ପାଳନ କରିବେ ବୁଝିପାରିଲେ ନାହିଁ । ଘରେ ପହଞ୍ଚି ଭାତ ଓ ଦହି ତିଆରି କରି ଲକ୍ଷ୍ମୀ ମନ୍ଦିରକୁ ଗଲେ, ଯେଉଁଠାରେ ଗୋଟିଏ କଳା କୁକୁର ଲାଞ୍ଜ ହଲାଉଥିବା ଦେଖିବାକୁ ମିଳିଲା । ସେ ସେହି ଦହି ଓ ଭାତ ଉକ୍ତ କୁକୁର ସମ୍ମୁଖରେ ରଖିଦେଲେ ଓ କୁକୁରଟି ତାହାକୁ ତୁରନ୍ତ ଖାଇଦେଲା । ଏହି ମହୌଷଧିର ବର୍ଣ୍ଣନା କିପରି କରିବି, ପାଠକଗଣ ଆଶ୍ଚର୍ଯ୍ୟ ହେବେ ଯେ ଏହି ଘଟଣା ପରେ ବାଲା ଦର୍ଜିଙ୍କର ଜ୍ୱର ସବୁଦିନ ପାଇଁ ଭଲ ହୋଇଗଲା ।

**ବୁଟିଙ୍କୁ ବାବାଙ୍କ ବିଚିତ୍ର ଔଷଧ :** ଶ୍ରୀମାନ୍ ବାପୁସାହେବ ବୁଟି ଥରେ ନାଳରକ୍ତ ଝାଡ଼ା ଓ ବାନ୍ତିରେ ପୀଡ଼ିତ ହେଲେ । ତାଙ୍କ ଘରେ ଅନେକ ପ୍ରକାର ଔଷଧ ଥିଲା, କିନ୍ତୁ କୌଣସିଟି କାମରେ ଆସୁନଥିଲା ।

ଦିନକୁ ଦିନ ସେ ଅତିଶୟ ଦୁର୍ବଳ ହୋଇଗଲେ ଏବଂ ତାଙ୍କର ଅବସ୍ଥା ଏପରି ଗମ୍ଭୀର ହୋଇପଡ଼ିଲା ଯେ ସେ ମସଜିଦ୍‌କୁ ଯାଇ ବାବାଙ୍କର ଦର୍ଶନ କରିବାକୁ ମଧ୍ୟ ସକ୍ଷମ ହୋଇପାରିଲେ ନାହିଁ । ବାବା ତାଙ୍କୁ ଡାକି ପାଖରେ ବସାଇଲେ ଏବଂ କହିଲେ

'ସାବଧାନ, ଏବେ ତୁମକୁ ଝାଡ଼ା ଲାଗିବ ନାହିଁ । ପୁଣି ତାଙ୍କର ଆଙ୍ଗୁଳି ଉଠାଇ କହିଲେ 'ବାନ୍ତି ମଧ୍ୟ ବନ୍ଦ ହୋଇଯିବ ।' ବାବା ଏପରି କୃପା କଲେ ଯେ ରୋଗ ସମୂଳେ ନଷ୍ଟ ହୋଇଗଲା ଏବଂ ବୁଟି ସାହେବ ସମ୍ପୂର୍ଣ୍ଣ ସୁସ୍ଥ ହେଲେ ।

ଅନ୍ୟ ଏକ ଘଟଣାରେ ସେ ଆଉ ଥରେ ହଇଜାରେ ପୀଡ଼ିତ ହେଲେ । ଫଳସ୍ୱରୂପ ତାଙ୍କୁ ବାରମ୍ବାର ଶୋଷ ହେବାରେ ଲାଗିଲା । ଡାଃ ପିଲ୍ଲେ ସମସ୍ତ ପ୍ରକାର ଉପଚାର କଲେ; କିନ୍ତୁ କୌଣସି ଉନ୍ନତି ଦେଖାଗଲା ନାହିଁ । ଶେଷରେ ସେ ବାବାଙ୍କ ପାଖକୁ ଯାଇ ତାଙ୍କର ତୃଷାରୋଗ ନିବାରଣ ନିମନ୍ତେ ଔଷଧ ଦେବାକୁ ପ୍ରାର୍ଥନା କଲେ । ତାଙ୍କର ପ୍ରାର୍ଥନା ଶୁଣି ବାବା କହିଲେ 'ଦୁଧରେ ଚିନି, ବାଦାମ, ଅଖରୋଟ ଏବଂ ପିସ୍ତା ଦାନା ମିଶାଇ ପିଇଦିଅ ।'

ଅନ୍ୟ କୌଣସି ଡାକ୍ତର ବାବାଙ୍କର ଏହି ଔଷଧକୁ ପ୍ରାଣଘାତକ କହିଥାନ୍ତେ; କିନ୍ତୁ ବାବାଙ୍କର ଆଦେଶ ପାଳନ କରିବା ଦ୍ୱାରା ଏହା ରୋଗନାଶକ ସିଦ୍ଧ ହେଲା ଏବଂ ଆଶ୍ଚର୍ଯ୍ୟର କଥା ଯେ ତାହାପରେ ରୋଗ ସମୂଳ ଭଲ ହୋଇଗଲା ।

**ଆଳନ୍ଦୀର ସ୍ୱାମୀଙ୍କ ରୋଗ ଆଲ୍ଲା ଭଲ କଲେ :** ଆଳନ୍ଦୀର ଜଣେ ସ୍ୱାମୀ ବାବାଙ୍କ ଦର୍ଶନ ନିମନ୍ତେ ଶିରିଡ଼ି ଆସିଲେ । ତାଙ୍କର କାନରେ ଅସହ୍ୟ ପୀଡ଼ା ହେଉଥିଲା, ଯେଉଁଥିପାଇଁ ଗୋଟିଏ ମୁହୂର୍ତ୍ତ ମଧ୍ୟ ବିଶ୍ରାମ କରିବା ତାଙ୍କ ପକ୍ଷରେ କଷ୍ଟକର ଥିଲା । ତାଙ୍କର ଶଲ୍ୟ ଚିକିତ୍ସା ମଧ୍ୟ ହୋଇସାରିଥିଲା, କିନ୍ତୁ କୌଣସି ବିଶେଷ ଉନ୍ନତି ହେଲା ନାହିଁ । ଯନ୍ତ୍ରଣା ଅଧିକ ହେଉଥିଲା । ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଫେରିଯିବା ପାଇଁ ବାବାଙ୍କ ନିକଟକୁ ଅନୁମତି ପାଇଁ ଗଲେ ।

ଏହା ଦେଖି ଶ୍ୟାମା ବାବାଙ୍କୁ ପ୍ରାର୍ଥନା କରି କହିଲେ 'ସ୍ୱାମୀଙ୍କ କାନରେ ବିଶେଷ ଯନ୍ତ୍ରଣା ହେଉଛି । ଆପଣ ତାଙ୍କ ପ୍ରତି କୃପା କରନ୍ତୁ ।' ବାବା ଆଶ୍ୱାସନା ଦେଇ କହିଲେ, 'ଆଲ୍ଲା ଠିକ୍ କରିବେ ।' ସ୍ୱାମିଜୀ ପୁନା ଫେରିଗଲେ ଏବଂ ଏକ ସପ୍ତାହ ପରେ ଶିରିଡ଼ିକୁ ଏକ ପତ୍ର ପଠାଇଲେ କି 'ଯନ୍ତ୍ରଣା କମିଗଲାଣି । କିନ୍ତୁ ଫୁଲା ଏବେ ବି ଅଛି । ଫୁଲା ଦୂର ହେବା ପାଇଁ ଶଲ୍ୟଚିକିତ୍ସା ନିମନ୍ତେ ସେ ମୁମ୍ବଇ ଗଲେ । ଶଲ୍ୟଚିକିତ୍ସା ବିଶେଷଜ୍ଞ ଯାଞ୍ଚ କରିବା ପରେ କହିଲେ ଅପରେସନର କୌଣସି ଆବଶ୍ୟକତା ନାହିଁ । ବାବାଙ୍କ ବଚନର ଗୂଢ଼ାର୍ଥ ଆମେ ମୂର୍ଖ ଲୋକ କିପରି ବୁଝିବା ?

## ।। ଆମାଶୟ ରୋଗର ଔଷଧ ବାଦାମ ।।

**କାକା ମହାଜନୀ :** କାକା ମହାଜନୀ ନାମରେ ଅନ୍ୟ ଜଣେ ଭକ୍ତ ଆମାଶୟ ରୋଗରେ ପୀଡ଼ିତ ହେଲେ । ବାବାଙ୍କର ସେବା ପୂଜାରେ ଯେପରି ବିଘ୍ନ ନହୁଏ ସେଥିପାଇଁ ସେ ଗୋଟିଏ ଲୋଟା ପାଣି ଭରି ମସଜିଦ୍‌ର ଗୋଟିଏ କୋଣରେ ରଖିଦେଉଥିଲେ, ଯେପରି ଦରକାର ହେଲେ ଶୀଘ୍ର ବାହାରକୁ ଯାଇପାରିବେ । ଶ୍ରୀ ସାଇବାବାଙ୍କୁ ତ

ସମସ୍ତ ଘଟଣା ବିଦିତ ଥିଲା । ତଥାପି କାକା ବାବାଙ୍କୁ ସୂଚନା ଦେଲେ ନାହିଁ କାରଣ ସେ ଶୀଘ୍ର ରୋଗରୁ ମୁକ୍ତ କରିଦେବେ । ମସଜିଦ୍‌ର ସମ୍ମୁଖ ଭାଗରେ ଗୋଟିଏ ପକ୍କା ପାର୍ଶ୍ୱ ରାସ୍ତା ତିଆରି କରିବା ପାଇଁ ବାବାଙ୍କଠାରୁ ସ୍ୱୀକୃତି ମିଳିସାରିଥିଲା, ମାତ୍ର ଯେତେବେଳେ କାର୍ଯ୍ୟ ଆରମ୍ଭ ହେଲା ବାବା କ୍ରୋଧିତ ହୋଇଗଲେ ଏବଂ ଉତ୍ତେଜିତ ହୋଇ ଚିତ୍କାର କରିବାକୁ ଲାଗିଲେ । ଫଳରେ ଲୋକେ ଧାଁ ଦଉଡ଼ କଲେ । କାକା ଯେପରି ଦୌଡ଼ିବାକୁ ବାହାରିଛନ୍ତି, ବାବା ତାଙ୍କୁ ଭିଡ଼ିଧରି ଆଣିଲେ ଓ ତାଙ୍କ ସମ୍ମୁଖରେ ବସାଇଦେଲେ । ଏହି କୋଳାହଳ ଭିତରେ କେହି ଜଣେ ଆଣିଥିବା ତାଙ୍କର ବାଦାମ ଥାଳି ନେବାକୁ ଭୁଲିଯାଇଥିଲେ । ବାବା ସେଥିରୁ ଗୋଟିଏ ମୁଠା ବାଦାମ ବାହାର କଲେ ଓ ଛଡ଼ାଇ ଖାଇବାକୁ କାକାଙ୍କୁ ପରାମର୍ଶ ଦେଲେ । କ୍ରୋଧିତ ହେବା, ବାଦାମ ଛଡ଼ାଇବା ଏବଂ କାକାଙ୍କୁ ଖୁଆଇବା ଏହିସବୁ କାର୍ଯ୍ୟ ଏକ ସମୟରେ ଚାଲିଥିଲା । ସ୍ୱୟଂ ବାବା ମଧ୍ୟ ସେଥିରୁ କିଛି ବାଦାମ ଖାଇଲେ । ଯେତେବେଳେ ଥାଳି ଖାଲି ହୋଇଗଲା, ବାବା କହିଲେ କି ମୋତେ ଶୋଷ ଲାଗୁଛି । ଟିକିଏ ପାଣି ନେଇ ଆସ । 'କାକା ଗୋଟିଏ ବାଲତି ପାଣି ନେଇଆସିଲେ ଏବଂ ଉଭୟେ ସେଥିରୁ ପାଣି ପିଇଲେ । ଏହାପରେ ବାବା କହିଲେ ଯେ ତୁମର ଆମାଶୟ ରୋଗ ଦୂର ହୋଇଗଲା । ତୁମେ ତୁମର ରାସ୍ତା କାର୍ଯ୍ୟ ଏବେ ଦେଖାଶୁଣା କରିପାରିବ । କିଛି ସମୟ ପରେ ଫେରିଯାଇଥିବା ଲୋକମାନେ ବାହୁଡ଼ି ଆସିଲେ । କାର୍ଯ୍ୟ ପୁଣି ଆରମ୍ଭ ହେଲା । କାକାଙ୍କର ରୋଗ ଏବେ ପ୍ରାୟତଃ ଦୂର ହୋଇଯାଇଥିଲା । ସେ କାର୍ଯ୍ୟରେ ଏଣିକି ନିମଗ୍ନ ହେଲେ । ହେଲେ ବାଦାମ କ'ଣ ଆମାଶୟ ରୋଗର ଔଷଧ ? ଏହାର ଉତ୍ତର କିଏ ଦେବ ? ଆଧୁନିକ ଚିକିତ୍ସା ବିଜ୍ଞାନ ମତରେ ବାଦାମ ଖାଇବା ଦ୍ୱାରା ଆମାଶୟ ରୋଗ ବୃଦ୍ଧି ପାଇଥାଏ । ମାତ୍ର ଅନେକ ଘଟଣା ପରି ଏହି ବିଷୟରେ ମଧ୍ୟ ବାବାଙ୍କର ବଚନ ଔଷଧସ୍ୱରୂପ ଥିଲା ।

## ।। ବାବାଙ୍କର ବରଦହସ୍ତ ହିଁ ଅବ୍ୟର୍ଥ ଔଷଧ ।।

**ହରଦାର ଦତ୍ତୋପନ୍ଥ :** ହରଦାର ଦତ୍ତୋପନ୍ଥ ନାମରେ ଜଣେ ବ୍ୟକ୍ତି ୧୪ ବର୍ଷ ବୟସରୁ ଉଦର ରୋଗରେ ପୀଡ଼ିତ ଥିଲେ । କୌଣସି ଔଷଧ କାମ ଦେଉନଥିଲା । ଦିନେ କେଉଁଠୁ ବାବାଙ୍କର କୀର୍ତ୍ତି ଶୁଣିଲେ ଯେ ବାବାଙ୍କର ଦୃଷ୍ଟି ମାତ୍ରକେ ରୋଗ ଭଲ ହୋଇଯାଏ । ତାପରେ ସେ ଶିରିଡ଼ି ଆସିଲେ ଓ ବାବାଙ୍କ ଚରଣରେ ଶରଣ ନେଲେ । ବାବା ପ୍ରେମ ସହକାରେ ତାଙ୍କ ପ୍ରତି ଦୃଷ୍ଟିପାତ କରି ଆଶୀର୍ବାଦ ଦେଇ ତାଙ୍କର ବରଦହସ୍ତ ତାଙ୍କ ମସ୍ତକ ଉପରେ ରଖିଲେ । ଆଶିଷ ଏବଂ ଉଦି ପ୍ରାପ୍ତ କରି ସେ ସୁସ୍ଥ ହେଲେ ତଥା ଭବିଷ୍ୟତରେ କୌଣସି ପୀଡ଼ା ହେଲା ନାହିଁ ।

ଏହି ପ୍ରକାର ନିମ୍ନଲିଖିତ ତିନୋଟି ଚମତ୍କାର କଥା ଏହି ଅଧ୍ୟାୟର ଶେଷରେ

ବର୍ଣ୍ଣନା କରାଯାଇଛି ।

(୧) ମାଧବରାଓ ଦେଶପାଣ୍ଡେ ଅର୍ଶ ରୋଗରେ ପୀଡ଼ିତ ଥିଲେ । ବାବାଙ୍କ ଆଦେଶାନୁସାରେ ସୋନାମୁଖୀ କଢ଼ି ସେବନ କରିବାରୁ ସେ ଭଲ ହୋଇଗଲେ । ଦୁଇବର୍ଷ ପରେ ପୁଣି ତାଙ୍କର ସେହି ପୀଡ଼ା ହେଲା । ଏଥର ସେ ବାବାଙ୍କର ବିନା ପରାମର୍ଶରେ ସେହି କଢ଼ି ଖାଇଲେ । କିନ୍ତୁ ପରିଣାମ ଏହା ହେଲା ଯେ ରୋଗ ବଢ଼ିଗଲା । ପରେ ବାବାଙ୍କ କୃପା ଲାଭ କରିବା ପରେ ତାଙ୍କର ରୋଗ ପୁଣି ଭଲ ହେଲା ।

(୨) କାକା ମହାଜନୀଙ୍କର ବଡ଼ ଭାଇ ଗଙ୍ଗାଧରପନ୍ଥଙ୍କୁ କିଛି ବର୍ଷ ହେଲା ଉଦରରେ ଯନ୍ତ୍ରଣା ହେଉଥିଲା । ବାବାଙ୍କର କୀର୍ତ୍ତି ଶୁଣି ସେ ଶିରିଡ଼ି ଆସିଲେ ଏବଂ ଆରୋଗ୍ୟପ୍ରାପ୍ତି ନିମିତ୍ତ ପ୍ରାର୍ଥନା କଲେ । ବାବା ତାଙ୍କର ଉଦରକୁ ସ୍ପର୍ଶ କରି କହିଲେ 'ଆଲ୍ଲା ଠିକ୍ କରିବେ ।' ଏହା ପରେ ତୁରନ୍ତ ତାଙ୍କର ଉଦର ପୀଡ଼ା ଭଲ ହୋଇଗଲା ଏବଂ ସେ ପୂର୍ଣ୍ଣତଃ ସୁସ୍ଥ ହୋଇଗଲେ ।

(୩) ନାନାସାହେବ ଚନ୍ଦୋରକରଙ୍କୁ ମଧ୍ୟ ଥରେ ଉଦରରେ ବହୁତ ପୀଡ଼ା ହେଲା । ସେ ଦିନରାତି ମାଛ ଭଳି ଛଟପଟ ହେବାକୁ ଲାଗିଲେ । ଡାକ୍ତରମାନେ ଅନେକ ଉପଚାର କଲେ; କିନ୍ତୁ କିଛି ଫଳ ହେଲା ନହିଁ । ଶେଷରେ ସେ ବାବାଙ୍କ ଶରଣରେ ଆସିଲେ । ବାବା ତାଙ୍କୁ ଘିଅ ସହିତ ବର୍ଫି ଖାଇବାକୁ ପରାମର୍ଶ ଦେଲେ । ଏହି ଔଷଧ ସେବନ ଦ୍ୱାରା ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ ।

ଏହି ସବୁ କଥାରୁ ଏହା ପ୍ରତୀତ ହେଉଛି କି ଯେଉଁ ଔଷଧରୁ ଅନେକ ଭଲ ହେଉଥିଲେ ତାହା କେବଳ ବାବାଙ୍କ ଶ୍ରୀମୁଖରୁ ଉଚ୍ଚାରିତ ବଚନ ଓ ତାଙ୍କର କୃପାର ପ୍ରଭାବରେ ହିଁ ହେଉଥିଲା ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

**(ସପ୍ତାହ ପାରାୟଣ : ଦ୍ୱିତୀୟ ବିଶ୍ରାମ ।)**

## ।। ତୃତୀୟ ଦିନ ପାରାୟଣ ।।



## ।। ଚତୁର୍ଦ୍ଦଶ ଅଧ୍ୟାୟ ।।

### ବାବାଙ୍କ ତ୍ରିକାଳଦର୍ଶିତା ଓ ରତନଜୀଙ୍କୁ ସନ୍ତାନପ୍ରାପ୍ତି, ସନ୍ଥ ମୌଲା ସାହେବ, ଦକ୍ଷିଣା ମୀମାଂସା, ଗଣପତରାଓ ବୋଡ଼ସ, ଶ୍ରୀମତୀ ତର୍ଖଡ଼, ଦକ୍ଷିଣାର ମର୍ମ

ଶ୍ରୀ ସାଇବାବାଙ୍କ ବଚନ ଏବଂ କୃପା ଦ୍ୱାରା ଅସାଧ୍ୟ ରୋଗ କିପରି ଭଲ ହେଉଥିଲା, ଗତ ଅଧ୍ୟାୟରେ ତାହା ବର୍ଣ୍ଣନା କରାଯାଇଛି । ରତନଜୀ ୱାଡ଼ିଆ ନାମକ ଜଣେ ବ୍ୟକ୍ତିଙ୍କୁ ବାବା କିପରି ଅନୁଗୃହୀତ କଲେ ତଥା ତାଙ୍କର କିପରି ପୁତ୍ରରତ୍ନ ପ୍ରାପ୍ତି ହେଲା ତାହା ଏହି ଅଧ୍ୟାୟରେ ଉଲ୍ଲେଖ କରାଯାଉଛି ।

ଏହି ସନ୍ଥଙ୍କର ଜୀବନୀ ସବୁ ଦୃଷ୍ଟିରୁ ଅପୂର୍ବ ଓ ଅନନ୍ୟ ଥିଲା । ତାଙ୍କର ଜୀବନଚର୍ଯ୍ୟା ଯଥା ଆହାର, ଚାଲିଚଳଣ ତଥା ସ୍ୱାଭାବିକ ଅମୃତୋପଦେଶ ବଡ଼ ମଧୁର ଥିଲା । ସେ ବସ୍ତୁତଃ ଆନନ୍ଦର ଅବତାର ଥିଲେ । ସେହି ପରମାନନ୍ଦର ରସକୁ ସେ ତାଙ୍କର ଭକ୍ତମାନଙ୍କୁ ଆସ୍ୱାଦନ କରାଇଲେ ଏବଂ ଏଥିନିମନ୍ତେ ଭକ୍ତମାନଙ୍କ ହୃଦୟରେ ସେ ଚିରସ୍ମରଣୀୟ ହୋଇ ରହିଛନ୍ତି । ଭକ୍ତମାନଙ୍କୁ ଭିନ୍ନ ଭିନ୍ନ ପ୍ରକାର କର୍ମ ଏବଂ କର୍ତ୍ତବ୍ୟର ଅନେକ କଥା ସେ ଶୁଣାଇଲେ, ଯେଉଁଥିରୁ ସେମାନେ ସତ୍ତ୍ୱ ମାର୍ଗ ଅବଲମ୍ବନ କରୁଥିଲେ । ବାବାଙ୍କର ମଧ୍ୟ ସର୍ବଦା ଏହି ଇଚ୍ଛା ଥିଲା ଯେ ଲୋକମାନେ ସଂସାରରେ ସୁଖରେ ଜୀବନଯାପନ କରନ୍ତୁ ଏବଂ ସର୍ବଦା ଜାଗ୍ରତ ରହି ଆତ୍ମାନୁଭୂତି ଲାଭ କରନ୍ତୁ । ଗତ ଜନ୍ମର ଶୁଭ କର୍ମର ଫଳସ୍ୱରୂପ ଏହି ଶରୀର ପ୍ରାପ୍ତ ହୋଇଛି ଏବଂ ତା'ର ସାର୍ଥକତା ସେତେବେଳେ ହେବ ଯେତେବେଳେ ଆମେ ଏହି ଜୀବନରେ ଭକ୍ତି ଏବଂ ମୋକ୍ଷ ପ୍ରାପ୍ତି କରିବା । ଏଣୁ ଆମକୁ ଆମର ଜୀବନର ଲକ୍ଷ୍ୟ ଏବଂ ଅନ୍ତିମ ମାର୍ଗ ହେତୁ ସର୍ବଦା

ସଜାଗ ତଥା ତତ୍ପର ରହିବାକୁ ହେବ । ଯଦି ତୁମେ ପ୍ରତିଦିନ ଶ୍ରୀ ସାଇଙ୍କର ଲୀଳା ଶ୍ରବଣ କରିବ ତାହେଲେ ସର୍ବଦା ତାଙ୍କର ଦର୍ଶନ ଲାଭ କରିପାରିବ । ଦିନରାତି ହୃଦୟରେ ତାଙ୍କୁ ସ୍ମରଣ କର । ଏହି ପ୍ରକାର ଆଚରଣ କରିବା ଦ୍ୱାରା ମନର ଚଞ୍ଚଳତା ଦୂର ହୋଇଯିବ । ନିରନ୍ତର ଏହାର ଅଭ୍ୟାସ କଲେ ଚୈତନ୍ୟଘନ ସହ ଅଭିନ୍ନତା ଲାଭ କରିବ ।

## ।। ବାବାଙ୍କ ତ୍ରିକାଳଦର୍ଶୀତା ଓ ରତନଜୀଙ୍କ ସନ୍ତାନପ୍ରାପ୍ତି ।।

**ନାନ୍ଦେଡ଼ର ରତନଜୀ :** ଏବେ ଆମେ ଏହି ଅଧ୍ୟାୟର ମୂଳ କଥା ବର୍ଣ୍ଣନା କରିବା । ନିଜାମ ରାଜ୍ୟର ନାନ୍ଦେଡ଼ରେ ରତନଜୀ ଶାପୁରଜୀ ୱାଡ଼ିଆ ନାମରେ ଜଣେ ଧନୀ ବ୍ୟବସାୟୀ ରହୁଥିଲେ । ବ୍ୟବସାୟରୁ ସେ ଯଥେଷ୍ଟ ଧନ ସଂଗ୍ରହ କରିଥିଲେ । ତାଙ୍କ ନିକଟରେ ଅତୁଳନୀୟ ସମ୍ପତ୍ତି, ଜମିବାଡ଼ି ଓ ଗାଡ଼ିଘୋଡ଼ା ଥିଲା । ସେ ଅତ୍ୟନ୍ତ ଭାଗ୍ୟବାନ୍ ମନେ ହେଉଥିଲେ; ହେଲେ ବାହ୍ୟ ଦୃଷ୍ଟିରେ ସେ ସୁଖୀ ଜଣାପଡୁଥିଲେ ମଧ୍ୟ ଯଥାର୍ଥରେ ସେପରି ନଥିଲେ । ବିଧାତାଙ୍କର ରଚନା ଏପରି ଯେ ଏ ସଂସାରରେ କେହି ବି ସମ୍ପୂର୍ଣ୍ଣ ସୁଖୀ ନୁହନ୍ତି । ଧନାଢ୍ୟ ରତନଜୀ ମଧ୍ୟ ଏହି ପ୍ରବାଦରୁ ମୁକ୍ତ ନଥିଲେ । ସେ ପରୋପକାରୀ ତଥା ଦାନଶୀଳ ଥିଲେ । ଗରିବମାନଙ୍କୁ ଭୋଜନ ଏବଂ ବସ୍ତ୍ର ବିତରଣ କରୁଥିଲେ ତଥା ତାଙ୍କ ଦ୍ୱାରରୁ କେହି ଖାଲି ହାତରେ ଫେରୁନଥିଲେ । ଲୋକମାନେ ତାଙ୍କୁ ଅତ୍ୟନ୍ତ ସୁଖୀ ମନେ କରୁଥିଲେ; କିନ୍ତୁ ସନ୍ତାନଟିଏ ନଥିବାରୁ ସେ ଦୁଃଖରେ ବୁଡ଼ି ରହିଥିଲେ । ଯେପରି ପ୍ରେମ ତଥା ଭକ୍ତିରହିତ କୀର୍ତ୍ତନ, ବାଦ୍ୟରହିତ ସଂଗୀତ, ଯଜ୍ଞୋପବୀତରହିତ ବ୍ରାହ୍ମଣ, ବ୍ୟାବହାରିକ ଜ୍ଞାନରହିତ କଳାକାର, ପଶ୍ଚାତ୍ତାପରହିତ ତୀର୍ଥଯାତ୍ରା ଏବଂ କଣ୍ଠମାଳା(ମଙ୍ଗଳ ସୂତ୍ର) ରହିତ ଅଳଙ୍କାର ମୂଲ୍ୟହୀନ ମନେ ହୁଏ, ସେହି ପ୍ରକାର ସନ୍ତାନରହିତ ଗୃହସ୍ଥର ଘର ମଧ୍ୟ ଶୂନ୍ୟ ବୋଧ ହୁଏ । ରତନଜୀ ସର୍ବଦା ଏହି ବିଷୟ ଚିନ୍ତାରେ ରହୁଥିଲେ । ସେ ନିଜକୁ ନିଜେ ପ୍ରଶ୍ନ କରୁଥିଲେ 'କ'ଣ ଈଶ୍ୱର ମୋ ପ୍ରତି କେବେ ଦୟା କରିବେ ନାହିଁ ? ମୋର ପୁତ୍ର ପ୍ରାପ୍ତି ହେବନାହିଁ ? ଏହି କଥା ଚିନ୍ତା କରି ସେ ସର୍ବଦା ଉଦାସ ରହୁଥିଲେ । ଖାଦ୍ୟପେୟ ପ୍ରତି ମନ ଯାଉନଥିଲା । ପୁତ୍ର ପ୍ରାପ୍ତି ଚିନ୍ତା ସବୁବେଳେ ତାଙ୍କୁ ଆଚ୍ଛନ୍ନ କରି ରଖୁଥିଲା । ଦାସଗଣୁ ମହାରାଜଙ୍କ ଉପରେ ତାଙ୍କର ପ୍ରଚଣ୍ଡ ବିଶ୍ୱାସ ଥିଲା । ତାଙ୍କ ଆଗରେ ସେ ନିଜର ମନକଥା ଖୋଲି କହିଲେ । ଦାସଗଣୁ ତାଙ୍କୁ ବାବାଙ୍କ ଶରଣାପନ୍ନ ହେବାକୁ ଏବଂ ସନ୍ତାନପ୍ରାପ୍ତି ନିମନ୍ତେ ବାବାଙ୍କୁ ପ୍ରାର୍ଥନା କରିବାକୁ ପରାମର୍ଶ ଦେଲେ । ରତନଜୀଙ୍କ ମନକୁ ପ୍ରସ୍ତାବଟି ପାଇଲା ଏବଂ ସେ ଶିରିଡ଼ି ଯିବାକୁ ସ୍ଥିରକଲେ । କିଛି ଦିନ ପରେ ଶିରିଡ଼ି ପହଞ୍ଚିଲେ ଏବଂ ବାବାଙ୍କ ଦର୍ଶନ କରି ତାଙ୍କର ଚରଣରେ ଲୋଟିପଡ଼ିଲେ । ବାବାଙ୍କ ଗଳାରେ ଏକ ସୁନ୍ଦର ହାର ପିନ୍ଧାଇ ନାନା କିସମର ଫଳମୂଳ ଅର୍ପଣ କଲେ ।

ତତ୍‌ପଶ୍ଚାତ୍ ଆଦର ସହକାରେ ବାବାଙ୍କ ପାଖରେ ବସି ପ୍ରାର୍ଥନା କରିବାକୁ ଲାଗିଲେ 'ବିପଦରେ ପଡ଼ିଥିବା ଅନେକ ଲୋକ ଆପଣଙ୍କ ପାଖକୁ ଆସୁଛନ୍ତି ଏବଂ ଆପଣ ସେମାନଙ୍କର ଦୁଃଖକଷ୍ଟ ତୁରନ୍ତ ଦୂର କରୁଛନ୍ତି । ଏହି କୀର୍ତ୍ତି ଶୁଣି ମୁଁ ମଧ୍ୟ ବଡ଼ ଆଶା ନେଇ ଆପଣଙ୍କ ଶ୍ରୀପୟରରେ ଶରଣ ନେଇଛି । ମୋର ବହୁତ ଭରସା ହୋଇଯାଇଛି, ଦୟାକରି ମୋତେ ନିରାଶ କରନ୍ତୁ ନାହିଁ । ଶ୍ରୀ ସାଇବାବା ତାଙ୍କୁ ପାଞ୍ଚଟଙ୍କା ଦକ୍ଷିଣା ମାଗିଲେ । ରତନଜୀ ତାହା ଦେବାକୁ ଯାଉଥିଲେ, ବାବା ପୁଣି କହିଲେ 'ମୁଁ ତୁମଠାରୁ ୩ ଟଙ୍କା ଚଉଦ ଅଣା ଆଗରୁ ପାଇସାରିଛି; ଏଣୁ କେବଳ ଅବଶିଷ୍ଟ ଟଙ୍କା ଦିଅ । ଏକଥା ଶୁଣି ରତନଜୀ ଦ୍ୱନ୍ଦ୍ୱରେ ପଡ଼ିଲେ । ବାବାଙ୍କ ଉକ୍ତିର ଅଭିପ୍ରାୟ ସେ ବୁଝିପାରିଲେ ନାହିଁ । ସେ ଭାବିଲେ 'ମୁଁ ତ ଏହି ପ୍ରଥମ ଥର ଶିରିଡ଼ି ଆସିଛି,୩ ଟଙ୍କା ୧୪ ଅଣା ଆଗରୁ ଦେଲି କିପରି ? ପ୍ରଥମେ ସେ ଏକଥାର ରହସ୍ୟ ଭେଦ କରିପାରିଲେ ନାହିଁ । ବାବାଙ୍କ ଚରଣଦେଶରେ ବସିରହିଲେ ଏବଂ ଦକ୍ଷିଣା ଅର୍ପଣ କଲେ । ଏବେ ସେ ତାଙ୍କର ଆଗମନର ଉଦ୍ଦେଶ୍ୟ ଜଣାଇଲେ ଏବଂ ପୁତ୍ର ପ୍ରାପ୍ତି ନିମିତ୍ତ ପ୍ରାର୍ଥନା କଲେ । ବାବାଙ୍କ ମନରେ ଦୟା ଆସିଗଲା । ସେ କହିଲେ 'ଚିନ୍ତା ପରିତ୍ୟାଗ କର, ଏବେ ତୁମର ଦୁର୍ଦ୍ଦିନ ସମାପ୍ତ ହୋଇଗଲା । ଏହା ପରେ ବାବା ଉଦି ଦେଇ ତାଙ୍କର ବରଦ ହସ୍ତ ତାଙ୍କର ମସ୍ତକ ଉପରେ ରଖି କହିଲେ 'ଆଲ୍ଲା ତୁମର ମଙ୍ଗଳ କରିବେ ।"

ବାବାଙ୍କର ଅନୁମତି ପାଇ ରତନଜୀ ନାନ୍ଦେଡ଼ ଫେରିଆସିଲେ ଏବଂ ଶିରିଡ଼ିରେ ଯାହା ସବୁ ଘଟିଲା ଦାସଗଣୁ ମହାରାଜାଙ୍କ ଆଗରେ ତାହା ବର୍ଣ୍ଣନା କଲେ । ରତନଜୀ କହିଲେ 'ସମସ୍ତ କାର୍ଯ୍ୟ ଭଲରେ ହେଲା । ବାବାଙ୍କର ଶୁଭ ଦର୍ଶନ ମିଳିଲା, ତାଙ୍କର ଆଶୀର୍ବାଦ ଏବଂ ପ୍ରସାଦ ମଧ୍ୟ ପ୍ରାପ୍ତ ହେଲା; କିନ୍ତୁ ଗୋଟିଏ କଥାର ଅର୍ଥ ବୁଝିହେଲା ନାହିଁ । ବାବା କହିଲେ କି ସେ ୩ ଟଙ୍କା ୧୪ ଅଣା ଆଗରୁ ପାଇସାରିଛନ୍ତି । ଏହାର ଅର୍ଥ ଦୟାକରି ମୋତେ ଟିକିଏ ବୁଝାଇଦିଅନ୍ତୁ । ଏହାପୂର୍ବରୁ ମୁଁ କେବେ ଶିରିଡ଼ି ଯାଇନାହିଁ । ତେଣୁ ବାବାଙ୍କୁ ସେହି ଟଙ୍କା ମିଳିଲା କେମିତି ? ଦାସଗଣୁଙ୍କ ପାଇଁ ମଧ୍ୟ ଏହା କୌତୂହଳ ସୃଷ୍ଟି କଲା । ଅନେକ ଦିନ ସେ ଏହା ଉପରେ ବିଚାର କଲେ । କିଛିଦିନ ପରେ ତାଙ୍କର ସ୍ମରଣ ହେଲା ଯେ ରତଜନୀ ଜଣେ ଯବନ ସନ୍ଥ ମୌଲା ସାହେବଙ୍କୁ ତାଙ୍କ ଘରକୁ ଆମନ୍ତ୍ରଣ କରିଥିଲେ ତଥା ଏ ବାବଦରେ କିଛି ଅର୍ଥ ବ୍ୟୟ କରିଥିଲେ । ମୌଲାସାହେବ ନାନ୍ଦେଡ଼ର ଜଣେ ବିଖ୍ୟାତ ସନ୍ଥ ଥିଲେ, ଯଦିଓ କୁଲି କାମ କରୁଥିଲେ । ରତନଜୀ ଯେବେ ଶିରିଡ଼ି ଯିବାକୁ ସ୍ଥିର କଲେ ତା'ର କିଛିଦିନ ପୂର୍ବରୁ ମୌଲାସାହେବ ତାଙ୍କ ଘରକୁ ଆସିଥିଲେ । ରତନଜୀ ତାଙ୍କୁ ଆଗରୁ ଜାଣିଥିଲେ, ଅତଏବ ଆଦର ସହକାରେ ତାଙ୍କର ସତ୍କାର କଲେ । ଚାହା ଜଳଖିଆ ବ୍ୟବସ୍ଥା କଲେ । ଏକଥା ଶୁଣି ଦାସଗଣୁ ରତନଜୀଙ୍କୁ ଆତିଥ୍ୟ ବାବଦରେ ଖର୍ଚ୍ଚର ହିସାବ ପଚାରିଲେ ଏବଂ ସେଥିରୁ ଆଶ୍ଚର୍ଯ୍ୟଜନକ ଭାବରେ ଏକଥା ଜଣାଗଲା ଯେ ସର୍ବମୋଟ ୩ ଟଙ୍କା ୧୪ ଅଣା ଖର୍ଚ୍ଚ

ହୋଇଛି । ନା ଏହାଠାରୁ କମ୍ ନା ବେଶୀ । ଏହାପରେ ବାବାଙ୍କର ତ୍ରିକାଳଦର୍ଶିତା ସମ୍ବନ୍ଧରେ ସମସ୍ତେ ଅବଗତ ହୋଇଗଲେ । ସେ ଶିରିଡ଼ିରେ ବିରାଜମାନ ହୋଇଥିଲେ ହେଁ ଶିରିଡ଼ି ବାହାରେ ଯାହା ଘଟୁଥିଲା, ତାହା ତାଙ୍କୁ ପୂର୍ଣ୍ଣ ରୂପେ ଜ୍ଞାତ ହେଉଥିଲା । ଯଥାର୍ଥରେ ସେ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତର ଜ୍ଞାତା ତଥା ପ୍ରତ୍ୟେକ ଆତ୍ମା ଏବଂ ହୃଦୟ ସହ ସମ୍ପୃକ୍ତ ଥିଲେ । ଅନ୍ୟଥା ମୌଲା ସାହେବଙ୍କ ଅଭ୍ୟର୍ଥନା ବାବଦରେ ଖର୍ଚ୍ଚ ହୋଇଥିବା ଅର୍ଥ ତାଙ୍କୁ କିପରି ବିଦିତ ହୋଇଥାନ୍ତା ।

ଦାସଗଣୁଙ୍କର ଏହି ସମାଧାନରେ ରତନଜୀ ମୁଗ୍ଧ ହୋଇଗଲେ ଏବଂ ସାଇଚରଣରେ ତାଙ୍କର ପ୍ରଗାଢ଼ ପ୍ରୀତି ହେଲା । ଉପଯୁକ୍ତ ସମୟରେ ତାଙ୍କର ଗୋଟିଏ ପୁତ୍ର ସନ୍ତାନ ହେଲା । ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ଉଲ୍ଲେଖଯୋଗ୍ୟ ଯେ ତାଙ୍କର ସମୁଦାୟ ୧୨ଟି ସନ୍ତାନ ଜାତ ହେଲେ, ସେମାନଙ୍କ ମଧ୍ୟରୁ ୪ଜଣ ଜୀବିତ ରହିଲେ ।

ଏହି ଅଧ୍ୟାୟର ଶେଷରେ ଉଲ୍ଲେଖ କରାଯାଇଛି ଯେ ବାବା ରାୟବାହାଦୁର ହରି ବିନାୟକ ସାଠେଙ୍କୁ ତାଙ୍କର ପ୍ରଥମ ପତ୍ନୀଙ୍କ ବିୟୋଗ ପରେ ଦ୍ୱିତୀୟ ବିବାହ କରିବାକୁ ପରାମର୍ଶ ଦେଲେ । ଏହାଦ୍ୱାରା ସେ ପୁତ୍ରସନ୍ତାନ ଲାଭ କରିବେ ବୋଲି କହିଲେ । ରାୟବାହାରଦୁର ସାଠେ ଦ୍ୱିତୀୟ ବିବାହ କଲେ । ପ୍ରଥମେ ଦୁଇଟି କନ୍ୟା ହେଲେ, ଏହା ତାଙ୍କୁ ନିରାଶ କଲା, ତେବେ ତୃତୀୟ ସନ୍ତାନ ପୁତ୍ର ହେଲା । ଏହି ପ୍ରକାର ବାବାଙ୍କର ବଚନ ସତ୍ୟ ପ୍ରମାଣିତ ହେଲା ଏବଂ ସେ ସନ୍ତୁଷ୍ଟ ହେଲେ ।

## ।। ଦକ୍ଷିଣା ନେବା ଓ ଶହେଗୁଣ ଫେରାଇବା ।।

**ଦକ୍ଷିଣା ମୀମାଂସା :** ଦକ୍ଷିଣା ବିଷୟରେ ଆଲୋଚନା କରି ଆମେ ଏହି ଅଧ୍ୟାୟ ସମାପ୍ତ କରିବା । ଏ କଥା ଜଣାଅଛି ଯେ ଯେଉଁମାନେ ବାବାଙ୍କର ଦର୍ଶନ ନିମନ୍ତେ ଯାଉଥିଲେ ବାବା ସେମାନଙ୍କଠାରୁ ଦକ୍ଷିଣା ନେଉଥିଲେ । ଏଠାରେ କାହା କାହା ମନରେ ପ୍ରଶ୍ନ ଉଠିପାରେ ଯେ ବାବା ଯେତେବେଳେ ଜଣେ ଫକିର ଥିଲେ ଏବଂ ସଂସାର ଅନାସକ୍ତ ଥିଲେ, ଏହି ପ୍ରକାର ଦକ୍ଷିଣା ଗ୍ରହଣ କରିବା ଏବଂ କାଞ୍ଚନକୁ ମହତ୍ତ୍ୱ ଦେବା କ'ଣ ଉଚିତ ଥିଲା ? ଏହି ପ୍ରଶ୍ନ ଉପରେ ଆମେ ବିସ୍ତୃତ ଭାବରେ ଆଲୋଚନା କରିବା ।

ପ୍ରକୃତରେ ବହୁ ଦିନ ପର୍ଯ୍ୟନ୍ତ ବାବା ଭକ୍ତମାନଙ୍କଠାରୁ କିଛି ଗ୍ରହଣ କରୁନଥିଲେ । ଜଳନ୍ତା ଦିଆସିଲି କାଠିଗୁଡ଼ିକୁ ଏକାଠି କରି ସେ ନିଜ ପକେଟରେ ରଖୁଥିଲେ । ଭକ୍ତ ହେଉ କିମ୍ବା ଅନ୍ୟ ଯେ କେହି ସେ କାହାରିକୁ କିଛି ମାଗୁନଥିଲେ । ଯଦି କେହି ତାଙ୍କ ସମ୍ମୁଖରେ ଗୋଟିଏ ପଇସା ରଖିଦେଉଥିଲା ତାହେଲେ ସେ ତାହାକୁ ସ୍ୱୀକାର କରି ସେଥିରେ ତମାଖୁ କିମ୍ବା ତେଲ କିଣୁଥିଲେ । ସେ ପ୍ରାୟତଃ ବିଡ଼ି ଅବା ଚିଲମ ପିଉଥିଲେ । କେତେକ ଲୋକ ଭାବିଲେ ଯେ ବିନା ଭେଟିରେ ସନ୍ଥଙ୍କ ଦର୍ଶନ କରିବା ଠିକ୍ ନୁହେଁ । ଏଥିପାଇଁ ସେମାନେ ବାବାଙ୍କୁ ଦକ୍ଷିଣା ଦେଲେ । ଯଦି ପଇସାଟିଏ କେହି ଦେଉଥିଲା

ତାହେଲେ ବାବା ତାକୁ ମୁଣାରେ ରଖିଦେଉଥିଲେ ଏବଂ କେହି ଯଦି ଦୁଇ ପଇସା ଦେଉଥିଲା ତାହେଲେ ସେଥିରୁ ଗୋଟିଏ ପଇସା ତାକୁ ଫେରାଇ ଦେଉଥିଲେ । ଯେତେବେଳେ ବାବାଙ୍କର କୀର୍ତ୍ତି ଦୂରଦୂରାନ୍ତ ପର୍ଯ୍ୟନ୍ତ ବ୍ୟାପିଗଲା ଏବଂ ଚତୁର୍ଦ୍ଦିଗରୁ ଲୋକେ ତାଙ୍କର ଦର୍ଶନ ନିମନ୍ତେ ଆସିବାକୁ ଲାଗିଲେ, ସେତେବେଳେ ବାବା ଦକ୍ଷିଣା ସ୍ୱୀକାର କରିବା ଆରମ୍ଭ କଲେ । ଶ୍ରୁତି ଅନୁସାରେ ସ୍ୱର୍ଣ୍ଣ ମୁଦ୍ରା ବିନା ଭଗବାନଙ୍କ ପୂଜା ପୂର୍ଣ୍ଣ ହୋଇନଥାଏ । ଏଥିପାଇଁ ବିନା ଭେଟିରେ ଈଶ୍ୱର, ରାଜା, ସନ୍ଥ ଓ ଗୁରୁଙ୍କ ଦର୍ଶନ କରିବା ଅନୁଚିତ ବୋଲି ଶାସ୍ତ୍ରରେ କୁହାଯାଇଛି । ତେବେ ତାଙ୍କୁ କ'ଣ ଭେଟି ଦିଆଯିବ ? ବେଶିରୁ ବେଶି ହେଲେ ମୁଦ୍ରା ବା ଧନ । ଏହି ବିଷୟରେ ଉପନିଷଦରେ ବର୍ଣ୍ଣିତ ବିଷୟ ପ୍ରଣିଧାନଯୋଗ୍ୟ । ବୃହଦାରଣ୍ୟକ ଉପନିଷଦରେ କୁହାଯାଇଛି ଯେ ଦକ୍ଷ ପ୍ରଜାପତି ଦେବତା, ମାନବ ଏବଂ ରାକ୍ଷସମାନଙ୍କ ସମ୍ମୁଖରେ 'ଦ' ଅକ୍ଷର ଉଚ୍ଚାରଣ କଲେ । ଦେବତାମାନେ ଏହାର ଅର୍ଥ ଦମ ଅର୍ଥାତ୍ ଆତ୍ମନିୟନ୍ତ୍ରଣ ଅଭ୍ୟାସ କରିବାକୁ ହେବ ବୋଲି ମନେ କଲେ । ମନୁଷ୍ୟ ଭାବିଲା ସେ ଦାନ ଅଭ୍ୟାସ କରିବା ଉଚିତ । ରାକ୍ଷସମାନେ ବିଚାର କଲେ ଯେ ସେମାନେ ଦୟା ଅଭ୍ୟାସ କରିବାକୁ ହେବ । ମନୁଷ୍ୟଙ୍କୁ ଦାନର ପରାମର୍ଶ ଦିଆଗଲା । ତୈତ୍ତରୀୟ ଉପନିଷଦରେ ଦାନ ଏବଂ ଅନ୍ୟାନ୍ୟ ସତ୍ତ୍ୱ ଗୁଣ ଅଭ୍ୟାସ କରିବା ପାଇଁ କୁହାଯାଇଛି । ଦାନ ବିଷୟରେ କୁହାଯାଇଛି ଯେ 'ବିଶ୍ୱାସପୂର୍ବକ ଦାନ କର, ଅନ୍ୟଥା ଏହା ବୃଥା ।' ଦାତାଙ୍କର ଦାତା ସାଇନାଥଙ୍କ ପାଇଁ ଧନର କ'ଣ ଆବଶ୍ୟକ ଥିଲା ? ଭକ୍ତମାନଙ୍କୁ କାଞ୍ଚନ ତ୍ୟାଗ ଶିକ୍ଷା ପ୍ରଦାନ ତଥା ସେମାନଙ୍କ ମନରୁ ଆସକ୍ତି ଭାବ ଦୂର କରି ଚିତ୍ତ ଶୁଦ୍ଧି କରିବା ନିମନ୍ତେ ହିଁ ସେ ଏହି ପ୍ରଥା ଅବଲମ୍ବନ କରିଥିଲେ । ତେବେ ଏଥିରେ ଏକ ସ୍ୱାତନ୍ତ୍ର୍ୟ ଥିଲା । ବାବା କହୁଥିଲେ 'ଯାହା କିଛି ବି ମୁଁ ସ୍ୱୀକାର କରୁଛି, ତା'ର ଶହେ ଗୁଣ ମୋତେ ଫେରାଇବାକୁ ପଡୁଛି ।' ଏହାର ଅନେକ ପ୍ରମାଣ ଅଛି ।

( ୧ ) ପ୍ରସିଦ୍ଧ କଳାକାର ଗଣପତରାଓ ବୋଡ଼ସ ତାଙ୍କର ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି ଯେ ବାବାଙ୍କର ବାରମ୍ବାର ଇଚ୍ଛା ଯୋଗୁ ସେ ତାଙ୍କର ଟଙ୍କା ଥଳି ବାବାଙ୍କ ସମ୍ମୁଖରେ ରଖିଦେଲେ । ଏହାର ପରିଣାମ ଏହା ହେଲା କି ଜୀବନରେ ତାଙ୍କର ଆଉ କେବେ ଅର୍ଥର ଅଭାବ ରହିଲା ନାହିଁ ତଥା ପ୍ରଚୁର ପରିମାଣରେ ଲାଭ ହେବାକୁ ଲାଗିଲା । ଏହାର ଏକ ଭିନ୍ନ ଅର୍ଥ ଅଛି । ଅନେକ ଥର ବାବା କୌଣସି ପ୍ରକାର ଦକ୍ଷିଣା ସ୍ୱୀକାର କରୁନଥିଲେ । ଏହାର ଗୋଟିଏ ଉଦାହରଣ ଦିଆଯାଉଛି । ପ୍ରଫେସର ସି.କେ. ନାରକେ ନାମକ ଜଣେ ବ୍ୟକ୍ତିଙ୍କୁ ବାବା ୧୫ ଟଙ୍କା ଦକ୍ଷିଣା ମାଗିଲେ । ପ୍ରତ୍ୟୁତ୍ତରରେ ସେ କହିଲେ ତାଙ୍କ ପାଖରେ ଗୋଟିଏ ପଇସା ମଧ୍ୟ ନାହିଁ । ବାବା କହିଲେ 'ମୁଁ ଜାଣୁଛି ତୁମ ପାଖରେ ପଇସା ନାହିଁ, କିନ୍ତୁ ତୁମେ ଯୋଗବାଶିଷ୍ଠ ତ ଅଧ୍ୟୟନ କରୁଛ, ସେଥିରୁ ଦକ୍ଷିଣା ଦିଅ ।' ଏଠାରେ ଦକ୍ଷିଣାର ଅର୍ଥ ହେଉଛି ପୁସ୍ତକରୁ ଶିକ୍ଷା ଗ୍ରହଣ କରି ହୃଦୟଙ୍ଗମ

କରିବା, ଯାହାକି ବାବାଙ୍କର ନିବାସସ୍ଥଳ ଅଟେ ।

ଅନ୍ୟ ଏକ ଘଟଣାରେ ଜଣେ ମହିଳା ଶ୍ରୀମତୀ ଆର.ଏ. ତର୍ଖଡ଼େଙ୍କଠାରୁ ସେ ଛଅ ଟଙ୍କା ଦକ୍ଷିଣା ମାଗିଲେ । ମହିଳାଜଣକ ବିଶେଷ ଦୁଃଖପ୍ରକାଶ କଲେ କାରଣ ତାଙ୍କ ପାଖରେ ଦେବା ପାଇଁ କିଛି ନଥିଲା । ତାଙ୍କର ପତି ତାଙ୍କୁ ବୁଝାଇଲେ କି ବାବାଙ୍କ ବାଣୀର ଅର୍ଥ ଷଡ଼ରିପୁକୁ ବୁଝାଉଛି, ତାହା ବାବାଙ୍କୁ ସମର୍ପଣ କରିବା ଉଚିତ । ବାବା ଏହି ଅର୍ଥାନ୍ତରରେ ଏକମତ ହେଲେ ।

ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ବାବାଙ୍କ ନିକଟରେ ଦକ୍ଷିଣା ରୂପରେ ବହୁ ଧନ, ଦ୍ରବ୍ୟ ଠୁଳ ହେଉଥିଲା । ତେବେ ସେସମସ୍ତ ଦ୍ରବ୍ୟକୁ ସେହିଦିନ ହିଁ ସେ ବିତରଣ କରିଦେଉଥିଲେ ଏବଂ ପରଦିନ ପୁଣି ଶୂନ୍ୟ ହସ୍ତରେ ପରିଣତ ହୋଇଯାଉଥିଲେ । ଜୀବନର ଶେଷ ଦଶବର୍ଷରେ ତାଙ୍କ ନିକଟକୁ ହଜାର ହଜାର ଟଙ୍କା ଦକ୍ଷିଣା ଆକାରରେ ଆସିଥିଲେ ହେଁ ମହାସମାଧି ବରଣ କରିବା ବେଳକୁ ମାତ୍ର ଅଳ୍ପ କିଛି ମୁଦ୍ରା ତାଙ୍କ ପାଖରେ ରହିଥିଲା । ସଂକ୍ଷେପରେ ଦକ୍ଷିଣା ନେବାର ଉଦ୍ଦେଶ୍ୟ ଭକ୍ତମାନଙ୍କୁ ଶୁଦ୍ଧିକରଣ ଶିକ୍ଷା ଦେବା ନିମନ୍ତେ ଉଦ୍ଦିଷ୍ଟ ଥିଲା ।

**ଦକ୍ଷିଣାର ମର୍ମ :** ବାବାଙ୍କର ଜଣେ ଭକ୍ତ ଥାନେ ନିବାସୀ ବି.ଭି. ଦେବ(ସେବା ନିବୃତ୍ତ ମାମଲତଦାର) ଏହି ବିଷୟରେ ସାଇଲୀଳା ପତ୍ରିକା(ଭାଗ-୭, ପୃଷ୍ଠା ୬୨୩)ରେ ଏକ ଆଲେଖ୍ୟ ପ୍ରକାଶ କରିଛନ୍ତି । ତାହା ଏହିପରି : ବାବା ସମସ୍ତଙ୍କଠାରୁ ଦକ୍ଷିଣା ନେଉନଥିଲେ । ବାବା ନମାଗୁଣୁ କେହି ଦକ୍ଷିଣା ଦେଲେ, କେତେବେଳେ ସେ ଗ୍ରହଣ କରୁଥିଲେ ତ ଆଉ କେବେ ଗ୍ରହଣ କରୁନଥିଲେ । କେବଳ ଭକ୍ତମାନଙ୍କୁ ସେ ମାଗୁଥିଲେ । ଯେଉଁମାନେ ବାବା ମାଗିଲେ ଦେବେ ବୋଲି ଭାବୁଥିଲେ ସେମାନଙ୍କୁ ମଧ୍ୟ କିଛି ମାଗୁନଥିଲେ । ଯଦି କେହି ତାଙ୍କ ଇଚ୍ଛା ବିରୁଦ୍ଧରେ ଦକ୍ଷିଣା ଦେଉଥିଲା ତାହେଲେ ସେ ତାକୁ ଫେରାଇନେବାକୁ କହୁଥିଲେ । ମହିଳା ଏବଂ ପିଲାମାନଙ୍କଠାରୁ ମଧ୍ୟ ସେ ଦକ୍ଷିଣା ନେଉଥିଲେ । ସେ ସମସ୍ତ ଧନାଢ଼୍ୟଙ୍କୁ କିମ୍ବା ଗରିବଙ୍କୁ କେବେ ଦକ୍ଷିଣା ମାଗିନାହାନ୍ତି । ବାବା ମାଗିବା ଉତ୍ତାରେ ଯେଉଁମାନେ ଦକ୍ଷିଣା ଦେଉନଥିଲେ ତାଙ୍କ ଉପରେ ସେ କେବେ କ୍ରୋଧ ପ୍ରକାଶ କରୁନଥିଲେ । ଯଦି କୌଣସି ବନ୍ଧୁ ହାତରେ ତାଙ୍କ ପାଖକୁ କେହି ଦକ୍ଷିଣା ପଠାଉଥିଲେ ଏବଂ ବନ୍ଧୁଜଣକ ଯଦି ଭୁଲବଶତଃ ତାହା ଭୁଲିଯାଉଥିଲେ ତାହେଲେ ବାବା କୌଣସି ନା କୌଣସି ଉପାୟରେ ତାଙ୍କୁ ତାହା ମନେ ପକାଇଦେଉଥିଲେ । କେତେକ କ୍ଷେତ୍ରରେ ସେ ଦକ୍ଷିଣା ରାଶିରୁ କିଛି ପରିମାଣ ଫେରାଇ ଦେଉଥିଲେ ଏବଂ ଫେରାଉଥିବା ଲୋକଟିକୁ ସେହି ଅର୍ଥ ଠିକଣା ଭାବରେ ବା ପୂଜା ଘରେ ରଖିବାକୁ ପରାମର୍ଶ ଦେଉଥିଲେ । ଦାତା ବା ଭକ୍ତ ଏଥିରୁ ବିଶେଷ ଲାଭାନ୍ୱିତ ହେଉଥିଲେ । ଯଦି କୌଣସି ବ୍ୟକ୍ତି ତାଙ୍କର ଇଚ୍ଛାରୁ ଅଧିକ ଅର୍ଥ ଦାନ କରୁଥିଲେ, ବାବା ଅବଶିଷ୍ଟ ଅର୍ଥ ତାଙ୍କୁ ଫେରାଇ ଦେଉଥିଲେ । କାହା କାହାକୁ ସେ ଅଧିକ ଟଙ୍କା

ମାଗୁଥିଲେ ଏବଂ ଯଦି ସେମାନଙ୍କ ପାଖରେ ସେହି ପରିମାଣ ଅର୍ଥ ନଥିଲା ଅନ୍ୟଠାରୁ ଉଧାର ଆଣିବା ପାଇଁ କହୁଥିଲେ । କାହା କାହାକୁ ତ ଦିନରେ ତିନି ଚାରିଥର ଦକ୍ଷିଣା ମାଗୁଥିଲେ ।

ଦକ୍ଷିଣାରୁ ଉପଲବ୍ଧ ଅର୍ଥରୁ ବାବା ନିଜ ପାଇଁ ବହୁ କମ୍ ଖର୍ଚ୍ଚ କରୁଥିଲେ । ଯଥା ଚିଲମ ଟାଣିବା ପାଇଁ ତମାଖୁ ଏବଂ ଧୂନି ପାଇଁ କାଠ କିଣିବାରେ ଯାହା ଖର୍ଚ୍ଚ ହେଉଥିଲା । ଅବଶିଷ୍ଟ ଅର୍ଥ ଅନ୍ୟମାନଙ୍କୁ ଦାନ କରିଦେଉଥିଲେ । ଶିରିଡ଼ି ସଂସ୍ଥାନର ସମସ୍ତ ସାମଗ୍ରୀ ରାଧାକୃଷ୍ଣ ମାଇଙ୍କ ପ୍ରେରଣାରେ ଧନୀ ଭକ୍ତମାନେ ଠୁଳ କରିଥିଲେ । ଅଧିକ ଦାମୀ ଜିନିଷ ଆଣୁଥିବା ବ୍ୟକ୍ତି ଉପରେ ବାବା କ୍ରୋଧ ପ୍ରକାଶ କରୁଥିଲେ ଏବଂ ବିରକ୍ତ ହେଉଥିଲେ । ନାନାସାହେବ ଚାନ୍ଦୋରକରଙ୍କୁ ସେ କହିଥିଲେ କି 'ମୋର ସମ୍ପତ୍ତି ହେଉଛି କେବଳ ଗୋଟିଏ କୌପୀନ ଓ ଟିଣଡବା । ଲୋକେ ବିନା କାରଣରେ ମୂଲ୍ୟବାନ ଜିନିଷସବୁ ଆଣି ମୋତେ ଦୁଃଖିତ କରୁଛନ୍ତି । କାମିନୀ ଏବଂ କାଞ୍ଚନ ହେଉଛି ଦୁଇଟି ମୁଖ୍ୟ ପ୍ରତିବନ୍ଧକ ଏବଂ ଏଥିରୁ ମୁକ୍ତି ନିମନ୍ତେ ବାବା ଦୁଇଟି ପାଠଶାଳା ଖୋଲିଥିଲେ । ଯଥା: ଦକ୍ଷିଣା ଗ୍ରହଣ କରିବା ଏବଂ ରାଧାକୃଷ୍ଣମାଇଙ୍କ ଘରକୁ ପଠାଇବା । ଏହି କଥାକୁ ପରୀକ୍ଷା କରିବା ପାଇଁ ଯେ ତାଙ୍କର ଭକ୍ତମାନେ ଏହି ଦୁଇଟି ଆସକ୍ତିରୁ ମୁକ୍ତ ହେଲେଣି କି ନାହିଁ । ଏଥିପାଇଁ ଯିଏ ଆସୁଥିଲା ସେ ତାଙ୍କୁ ଦକ୍ଷିଣା ମାଗୁଥିଲେ ଏବଂ ରାଧାକୃଷ୍ଣ ମାଇଙ୍କ ଘରକୁ ପଠାଉଥିଲେ । ଯଦି ସେମାନେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିଲେ ତାହେଲେ କାମିନୀ ଏବଂ କାଞ୍ଚନର ଆସକ୍ତିରୁ ସେମାନେ ନିବୃତ୍ତ ହୋଇଥିବା ପ୍ରମାଣିତ ହେଉଥିଲା । ଏହାପରେ ବାବାଙ୍କ କୃପା ଓ ଆଶୀର୍ବାଦରୁ ସେମାନଙ୍କର ଆଧ୍ୟାତ୍ମିକ ଉନ୍ନତି ନିଶ୍ଚିତ ହେଉଥିଲା ।

ଶ୍ରୀ ଦେବ ଗୀତା ଏବଂ ଉପନିଷଦରୁ ସାରକଥା ସଂଗ୍ରହ କରି କହିଛନ୍ତି ଯେ କୌଣସି ତୀର୍ଥସ୍ଥାନରେ କୌଣସି ପୂଜ୍ୟ ସନ୍ଥଙ୍କୁ ପ୍ରଦାନ କରାଯାଉଥିବା ଦାନର ମହତ୍ତ୍ୱ ଅନନ୍ୟ । ଶିରିଡ଼ି ଏବଂ ଶିରିଡ଼ିର ପ୍ରମୁଖ ଦେବତା ସାଇବାବାଙ୍କଠାରୁ ମହାନ୍ ଆଉ କିଏ ଅଛି ?

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।।ପଞ୍ଚଦଶ ଅଧ୍ୟାୟ ।।

### ନାରଦୀୟ କୀର୍ତ୍ତନ ପଦ୍ଧତି, ଚୋଲକରଙ୍କ ବିନା ଚିନି ଚାହା, ଦୁଇ ଝିଟିପିଟିଙ୍କ ମିଳନ କଥା

ପାଠକମାନଙ୍କର ସ୍ମରଣ ଥିବ ଯେ ଶିରିଡ଼ିରେ ରାମନବମୀ ଉତ୍ସବ ପାଳନ କଥା ଷଷ୍ଠ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି । ଏହା କିପରି ଆରମ୍ଭ ହେଲା ଏବଂ ପ୍ରଥମ ବର୍ଷ ହିଁ ଏହି ଅବସରରେ କୀର୍ତ୍ତନ କରିବା ପାଇଁ ଗୋଟିଏ ଭଲ ହରିଦାସ ଦଳ ମିଳିବାରେ କ'ଣସବୁ ସମସ୍ୟା ଉପୁଜିଲା, ତାହାର ମଧ୍ୟ ବର୍ଣ୍ଣନା କରାଯାଇଛି । ଏହି ଅଧ୍ୟାୟରେ ଦାସଗଣୁ କୀର୍ତ୍ତନ ପଦ୍ଧତିର ବର୍ଣ୍ଣନା କରାଯିବ ।

**ନାରଦୀୟ କୀର୍ତ୍ତନ ପଦ୍ଧତି :** ସାଧାରଣତଃ ହରିଦାସମାନେ କୀର୍ତ୍ତନ କରିବା ସମୟରେ ଏକ ଲମ୍ବା ଅଙ୍ଗରଖା ବା ଶରୀର ଆବୃତ୍ତ କରିବା ଭଳି ପୋଷାକ ପିନ୍ଧିଥାନ୍ତି । ମସ୍ତକରେ ସେମାନେ ପଗଡ଼ି ପିନ୍ଧୁଥିଲେ ଏବଂ ଏକ ଲମ୍ବା କୋଟ୍ ତଥା ଭିତର କାମିଜ ପିନ୍ଧୁଥିଲେ । କାନ୍ଧରେ ଏକ ଉତ୍ତରୀୟ ପକାଉଥିଲେ ଓ ଚିରାଚରିତ ଅଭ୍ୟାସ ସ୍ୱରୂପ ଏକ ଲମ୍ବା ଧୋତି ପିନ୍ଧୁଥିଲେ । ଥରେ ଗ୍ରାମରେ କୀର୍ତ୍ତନ କରିବାକୁ ଯାଉଥିବା ସମୟରେ ଦାସଗଣୁ ମଧ୍ୟ ଉପରୋକ୍ତ ବେଶଭୂଷାରେ ସଜ୍ଜିତ ହୋଇ ବାବାଙ୍କୁ ପ୍ରଣାମ କରିବାକୁ ଗଲେ । ବାବା ତାଙ୍କୁ ଦେଖି କହିଲେ 'ଆଚ୍ଛା ଦୁଲ୍‌ହା ରାଜା(କ'ଣ ଜ୍ୱାଇଁ ପୁଅ) ଏହି ପ୍ରକାର ବେଶଭୂଷା ହୋଇ କୁଆଡ଼େ ଯାଉଛ ?' ଦାସଗଣୁ ଉତ୍ତର ଦେଲେ: କୀର୍ତ୍ତନ ନିମନ୍ତେ । ବାବା ତାଙ୍କୁ ପଚାରିଲେ ଯେ କୋଟ୍, ଉତ୍ତରୀୟ ଏବଂ ପଗଡ଼ିର ଆବଶ୍ୟକତା କ'ଣ ? ଏହାକୁ ଏବେ ମୋ ସମ୍ମୁଖରେ ଓହ୍ଲାଇଦିଅ । ଏହି ଶରୀରରେ ଏସବୁ ଧାରଣ କରିବାର କୌଣସି ଆବଶ୍ୟକତା ନାହିଁ । ଏହାପରେ ଦାସଗଣୁ ଏହି ବସ୍ତ୍ର ଆଉ କେବେ ପରିଧାନ କରିନଥିଲେ । ତାହା ପରଠାରୁ କଟିଦେଶ ଉପରକୁ ଶରୀର ଅନାବୃତ୍ତ ରଖି ଗଳାରେ ଏକ ମାଳ ପକାଇ କରତାଳ ଧରି ସେ କୀର୍ତ୍ତନ କରୁଥିଲେ । ଏହା ଯଦିଓ ହରିଦାସଙ୍କ ପ୍ରଚଳିତ ପଦ୍ଧତି ଅନୁରୂପ ନୁହେଁ, ତଥାପି ଶୁଦ୍ଧ ଏବଂ ପବିତ୍ର ଅଟେ । କୀର୍ତ୍ତନ ପରମ୍ପରାର ଜନକ ନାରଦ ମୁନି କଟିଦେଶ ଉପରକୁ ମସ୍ତକ ପର୍ଯ୍ୟନ୍ତ କୌଣସି ବସ୍ତ୍ର ଧାରଣ କରୁନଥିଲେ । ହାତରେ ଗୋଟିଏ ବୀଣା ଧରି ହରି କୀର୍ତ୍ତନ କରି ସେ ତ୍ରିଲୋକ ଘୂରି ବୁଲୁଥିଲେ ।

### ।।ଚୋଲକରଙ୍କ ବିନା ଚିନି ଚାହା ।।

ବାବାଙ୍କର କୀର୍ତ୍ତି ପୁନା ଏବଂ ଅହମ୍ମଦନଗର ଜିଲାରେ ବ୍ୟାପିସାରିଥିଲା; ନାନାସାହେବ ଚନ୍ଦୋରକରଙ୍କର ପ୍ରଚାର ତଥା ଦାସଗଣୁଙ୍କ ମଧୁର କୀର୍ତ୍ତନ ଦ୍ୱାରା ତାହା

କୋଙ୍କଣ ପର୍ଯ୍ୟନ୍ତ ବ୍ୟାପିଗଲା । ଏହାର ପ୍ରଧାନ ଶ୍ରେୟ ଦାସଗଣୁଙ୍କର । ଭଗବାନ ତାଙ୍କୁ ସର୍ବଦା ସୁଖୀ ରଖନ୍ତୁ । ସେ ତାଙ୍କର ଅନୁପମ ମୌଳିକ କୀର୍ତ୍ତନ ଜରିଆରେ ବାବାଙ୍କୁ ଘରେ ଘରେ ପହଞ୍ଚାଇଲେ । ଶ୍ରୋତାମାନଙ୍କର ରୁଚି ପ୍ରାୟତଃ ଭିନ୍ନ ଭିନ୍ନ ହୋଇଥାଏ । କାହାକୁ ହରିଦାସଙ୍କ ପାଣ୍ଡିତ୍ୟ, କାହାକୁ ଭାବ, କାହାକୁ ଗାୟନ ଶୈଳୀ, କାହାକୁ ଲଘୁ ମନ୍ତବ୍ୟ ତଥା କାହାକୁ ବେଦାନ୍ତ ଚର୍ଚ୍ଚା ଏବଂ ଆଉ କାହାକୁ ତାହାର ପ୍ରଧାନ କଥାମାନ ରୁଚିକର ମନେ ହୋଇଥାଏ; କିନ୍ତୁ ଏପରି କ୍ୱଚିତ ଲୋକ ଥିବେ ଯାହାଙ୍କ ହୃଦୟରେ ସନ୍ତୁଙ୍କ କଥା ବା କୀର୍ତ୍ତନ ଶୁଣି ଶ୍ରଦ୍ଧା ଓ ପ୍ରେମର ଧାରା ପ୍ରବାହିତ ନହୋଇଛି । ଦାସଗଣୁଙ୍କର କୀର୍ତ୍ତନ ଶ୍ରୋତାମାନଙ୍କ ହୃଦୟରେ ସ୍ଥାୟୀ ପ୍ରଭାବ ପକାଉଥିଲା । ଏପରି ଏକ ଘଟଣା ନିମ୍ନରେ ଉଲ୍ଲେଖ କରାଗଲା ।

ଥାନେର ଶ୍ରୀ କୌପୀନେଶ୍ୱର ମନ୍ଦିରରେ ଦାସଗଣୁ ଥରେ ଶ୍ରୀ ସାଇବାବାଙ୍କ ଗୁଣଗାନ କରୁଥିଲେ । ଶ୍ରୋତାମାନଙ୍କ ମଧ୍ୟରେ ଚୋଲକର ନାମକ ଜଣେ ବ୍ୟକ୍ତି, ଯିଏକି ଥାନେର ଦେୱାନୀ ଅଦାଲତରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ, ଉପସ୍ଥିତ ଥିଲେ । ଦାସଗଣୁଙ୍କର କୀର୍ତ୍ତନ ଶୁଣି ସେ ବେଶ୍ ପ୍ରଭାବିତ ହେଲେ ଏବଂ ମନକୁ ମନ ବାବାଙ୍କୁ ପ୍ରଣାମ କରି ପ୍ରାର୍ଥନା କରିବାକୁ ଲାଗିଲେ କି 'ହେ ବାବା ! ମୁଁ ଜଣେ ନିର୍ଦ୍ଧନ ବ୍ୟକ୍ତି ଏବଂ ମୋର ପରିବାରର ଭଲ ରୂପେ ପ୍ରତିପୋଷଣ କରିବାରେ ମଧ୍ୟ ଅସମର୍ଥ ଅଟେ । ଯଦି ମୁଁ ଆପଣଙ୍କ କୃପାରୁ ବିଭାଗୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଯାଏ, ଆପଣଙ୍କ ଶ୍ରୀଚରଣରେ ଉପସ୍ଥିତ ହୋଇ ଆପଣଙ୍କ ନିମିତ୍ତ ମିଶ୍ରି ପ୍ରସାଦ ବିତରଣ କରିବି । ଭାଗ୍ୟ ସହାୟକ ହେଲା ଏବଂ ଚୋଲକର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ତାଙ୍କର ଚାକିରି ମଧ୍ୟ ସ୍ଥାୟୀ ହୋଇଗଲା । ଏବେ କେବଳ ପ୍ରତିଜ୍ଞା ବାକି ରହିଲା । 'ଶୁଭସ୍ୟ ଶୀଘ୍ରମ୍ ।' ଶ୍ରୀ ଚୋଲକର ନିର୍ଦ୍ଧନ ତ ଥିଲେ, ତାଙ୍କର ପରିବାର ମଧ୍ୟ ବହୁତ ବଡ଼ ଥିଲା । ତେଣୁ ସେ ଶିରିଡ଼ି ଯାତ୍ରା ନିମନ୍ତେ ବାଟ ଖର୍ଚ୍ଚ ଯୋଗାଡ଼ କରିବାରେ ମଧ୍ୟ ସମର୍ଥ ହୋଇପାରୁନଥିଲେ । ଥାନେ ଜିଲାରେ ଗୋଟିଏ ପ୍ରବାଦ ପ୍ରଚଳିତ ଅଛି ଯେ 'ନାଣେ ଘାଟ ଏବଂ ସହ୍ୟାଦ୍ରି ପର୍ବତ ଶ୍ରେଣୀ ଜଣେ ସହଜରେ ଅତିକ୍ରମ କରିପାରିବ ପଛକେ, ଜଣେ ଗରିବ ବ୍ୟକ୍ତି ଘରୁ ବାହାରକୁ ଗୋଡ଼ କାଢ଼ିବା କଷ୍ଟକର ।'

ଶ୍ରୀ ଚୋଲକର ତାଙ୍କର ପ୍ରତିଜ୍ଞା ଯଥାଶୀଘ୍ର ପୂରଣ କରିବାକୁ ବ୍ୟାକୁଳ ଥିଲେ । ସେ ମିତବ୍ୟୟିତା ଅବଲମ୍ବନ କରି ଖର୍ଚ୍ଚ ସଂକୋଚନ କଲେ ଓ ବିନା ଚିନିଯୁକ୍ତ ଚାହା ପିଇବାରେ ଲାଗିଲେ । କିଛିଦିନ ପରେ କେତେକ ସାମଗ୍ରୀ ଏକାଠି କରି ଶିରିଡ଼ି ବାହାରିଲେ । ଶିରିଡ଼ିରେ ପହଞ୍ଚି ବାବାଙ୍କର ଦର୍ଶନ କରି ତାଙ୍କର ଚରଣରେ ଲୋଟିପଡ଼ିଲେ, ନଡ଼ିଆ ଅର୍ପଣ କଲେ ଏବଂ ପ୍ରତିଜ୍ଞାନୁସାରେ ଶ୍ରଦ୍ଧାର ସହ ମିଶ୍ରି ବିତରଣ କଲେ ।

ବାବାଙ୍କୁ କହିଲେ ଯେ 'ଆପଣଙ୍କ ଦର୍ଶନ ଦ୍ୱାରା ମୋର ହୃଦୟ ଅତ୍ୟନ୍ତ ପ୍ରସନ୍ନତାରେ

ପୂରିଗଲା । ମୋର ସମସ୍ତ କାମନା ଆପଣଙ୍କର କୃପାଦୃଷ୍ଟି ଦ୍ୱାରା ସେହିଦିନ ହିଁ ପୂର୍ଣ୍ଣ ହୋଇଯାଇଥିଲା । ମସଜିଦ୍‌ରେ ଶ୍ରୀ ଚୋଲକରଙ୍କୁ ଆତିଥ୍ୟ ପ୍ରଦାନ କରିଥିବା ବାପୁସାହେବ ଜୋଗ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଯେତେବେଳେ ସେ ଦୁହେଁ ସେଠାରୁ ଯିବାକୁ ଉଦ୍ୟତ ହେଲେ ବାବା ଶ୍ରୀ ଯୋଗଙ୍କୁ ନିମ୍ନପ୍ରକାରେ କହିଲେ ।

'ତୁମର ଅତିଥିଙ୍କୁ ଚାହା ପିଆଲାରେ ଭଲକରି ଚିନି ପକାଇ ଚାହା ଦେବ ।' ଏହି ଅର୍ଥପୂର୍ଣ୍ଣ ବାକ୍ୟ ଶୁଣି ଶ୍ରୀ ଚୋଲକରଙ୍କର ହୃଦୟ ଦ୍ରବୀଭୂତ ହୋଇଗଲା ଏବଂ ତାଙ୍କର ଆଶ୍ଚର୍ଯ୍ୟର ପାରାବାର ରହିଲା ନାହିଁ । ତାଙ୍କର ନେତ୍ରଦ୍ୱୟରୁ ଅଶ୍ରୁଧାରା ପ୍ରବାହିତ ହେବାକୁ ଲାଗିଲା ଏବଂ ସେ ପ୍ରେମରେ ବିହ୍ୱଳ ହୋଇ ଶ୍ରୀଚରଣରେ ପୁଣି ଥରେ ଲୋଟିପଡ଼ିଲେ । ଶ୍ରୀ ଜୋଗ 'ଅଧିକ ଚିନି ମିଶାଇ ପିଆଲାରେ ଅତିଥିଙ୍କୁ ଚାହା ଦିଅ' ଏହି ବିଚିତ୍ର ନିର୍ଦ୍ଦେଶ ଶୁଣି ବଡ଼ କୌତୂହଳରେ ପଡ଼ିଥିଲେ ଯେ ଏହାର ଅର୍ଥ କ'ଣ ? ଯଦିଓ ବାବା ଚୋଲକରଙ୍କୁ ସଂକେତ ଦେଇଥିଲେ ଯେ ସେ ଚିନି ଛାଡ଼ିବା କଥା ଭଲଭାବେ ଜାଣିଛନ୍ତି ।

ବାବାଙ୍କର ଉକ୍ତି ଥିଲା 'ତୁମେ ଯଦି ଶ୍ରଦ୍ଧାପୂର୍ବକ ମୋ ପ୍ରତି ହାତ ବଢ଼ାଇବ ତାହେଲେ ମୁଁ ସର୍ବଦା ତୁମ ସାଙ୍ଗରେ ରହିବି । ଯଦିଓ ମୁଁ ସ୍ୱଶରୀରରେ ଏଠାରେ ଅଛି; କିନ୍ତୁ ସାତ ସମୁଦ୍ର ସେପାରିରେ ଘଟୁଥିବା ଘଟଣା ସମ୍ପର୍କରେ ମଧ୍ୟ ଅବଗତ ଅଛି । ମୁଁ ତୁମର ହୃଦୟରେ ବିରାଜିତ ଅଛି, ତୁମର ଅନ୍ତରସ୍ଥ ରୂପରେ ବିଦ୍ୟମାନ ରହିଛି । ତୁମର ଏବଂ ସମସ୍ତ ପ୍ରାଣୀଙ୍କ ହୃଦୟରେ ଯିଏ ବାସ କରୁଛି, ତାଙ୍କର ହିଁ ପୂଜା କର । ଯେଉଁମାନେ ମୋର ଏହି ସର୍ବବ୍ୟାପୀ ସ୍ୱରୂପ ସମ୍ପର୍କରେ ପରିଚିତ ଅଛନ୍ତି ବାସ୍ତବିକ ସେମାନେ ସୌଭାଗ୍ୟଶାଳୀ । ବାବା ଶ୍ରୀ ଚୋଲକରଙ୍କୁ କେତେ ଅନୁପମ ତଥା ମହତ୍ତ୍ୱପୂର୍ଣ୍ଣ ଶିକ୍ଷା ପ୍ରଦାନ କଲେ ।

## ।। ଦୁଇ ଝିଟିପିଟିର ମିଳନ କଥା ।।

ଏବେ ଆମେ ଦୁଇଟି ନିଷ୍ପାପ ଝିଟିପିଟିଙ୍କ କଥା ସହ ଏହି ଅଧ୍ୟାୟ ସମାପ୍ତ କରିବା । ଥରେ ବାବା ମସଜିଦ୍‌ରେ ବସିଥିଲେ । ଏହି ସମୟରେ ଗୋଟିଏ ଝିଟିପିଟି ଟିକ୍‌ଟିକ୍ କରିବାକୁ ଲାଗିଲା ।

କୌତୂହଳବଶତଃ ଜଣେ ଭକ୍ତ ବାବାଙ୍କୁ ପଚାରିଲେ କି ଝିଟିପିଟି ଟିକ୍‌ଟିକ୍ କରିବା ପଶ୍ଚାତରେ କ'ଣ କୌଣସି ବିଶେଷ ଅର୍ଥ ରହିଛି ? ଏହା ଶୁଭ ନା ଅଶୁଭ ? ବାବା କହିଲେ କି 'ଏହି ଝିଟିପିଟିର ଭଉଣୀ ଆଜି ଔରଙ୍ଗାବାଦରୁ ଆସିବାର ଅଛି ? ଏଥିପାଇଁ ସେ ଆନନ୍ଦରେ ଫୁଲିଉଠୁଛି । ସେହି ଭକ୍ତ ବାବାଙ୍କ କଥାର ଅର୍ଥ ବୁଝିପାରିଲା ନାହିଁ । ତେଣୁ ସେ ଚୁପଚାପ ସେଠାରେ ବସିରହିଲା । ଏହି ସମୟରେ ଔରଙ୍ଗାବାଦରୁ ଜଣେ ବ୍ୟକ୍ତି ଘୋଡ଼ାରେ ବସି ବାବାଙ୍କ ଦର୍ଶନ ନିମିତ୍ତ ଆସିଲେ । ସେ ଆଗକୁ ଯିବାକୁ ଚାହୁଁଥିଲେ, କିନ୍ତୁ ଘୋଡ଼ା ଅତ୍ୟଧିକ କ୍ଷୁଧିତ ଥିବା ଯୋଗୁଁ ଆଗକୁ ଗଲା ନାହିଁ । ତେଣୁ ତାର ମାଲିକ

ତାଙ୍କୁ ଚଣା ଖୁଆଇବା ନିମନ୍ତେ ଏକ ଥାଳି ବାହାର କଲେ ଏବଂ ସେଥିରେ ଧୂଳି ଲାଗିଥିବାରୁ ତାହାକୁ ଝାଡ଼ିଦେଲେ ।

ଏହି ସମୟରେ ଗୋଟିଏ ଛୋଟ ଝିଟିପିଟି ସେଥିରୁ ଡେଇଁ ଡେଇଁ ବାହାରି ଆସିଲା ଏବଂ ସମସ୍ତଙ୍କ ଆଖି ସାମନାରେ କାନ୍ଥ ଉପରକୁ ଚଢ଼ିଗଲା । ବାବା ପ୍ରଶ୍ନ କରିଥିବା ଭକ୍ତକୁ ଧ୍ୟାନ ସହକାରେ ଲକ୍ଷ୍ୟ କରିବାକୁ କହିଲେ । ଝିଟିପିଟିଟି ଗର୍ବର ସହ ନିଜର ଭଉଣୀ ପାଖରେ ପହଞ୍ଚିଗଲା । ଦୁଇ ଭଉଣୀ ବହୁ ସମୟ ପର୍ଯ୍ୟନ୍ତ ପରସ୍ପର ସହିତ ଆଳାପ ଆଲୋଚନା କଲେ ଏବଂ ପରସ୍ପରକୁ ଚୁମ୍ବନ ତଥା ଆଲିଙ୍ଗନ କରି ଚାରିପାଖରେ ଘୂରି ଘୂରି ପ୍ରେମପୂର୍ବକ ନାଚିବାକୁ ଲାଗିଲେ ।

କେଉଁଠି ଶିରିଡ଼ି ଏବଂ କେଉଁଠି ଔରଙ୍ଗାବାଦ ? କେଉଁପରି ଜଣେ ବ୍ୟକ୍ତି ଘୋଡ଼ା ଉପରେ ବସି ଥଳିରେ ଝିଟିପିଟିକୁ ଆଣି ସେଠାରେ ପହଞ୍ଚିଲେ ଏବଂ ବାବାଙ୍କୁ ସେହି ଦୁଇ ଭଉଣୀଙ୍କର ମିଳନର ବିବରଣୀ କିପରି ଜଣା ଥିଲା–ଏହି ସବୁ ଘଟଣା ନିଶ୍ଚୟ ଆଶ୍ଚର୍ଯ୍ୟଜନକ ଏବଂ ବାବାଙ୍କ ସର୍ବବ୍ୟାପକତାର ପରିଚାୟକ ।

**ଶିକ୍ଷା :** ଯିଏ କେହି ଏହି ଅଧ୍ୟାୟ ଧ୍ୟାନ ସହକାରେ ପଠନ ଏବଂ ମନନ କରିବେ, ସାଇକୃପାରୁ ତାଙ୍କର ସମସ୍ତ କଷ୍ଟ ଦୂର ହେବ ଏବଂ ସେ ପୂର୍ଣ୍ଣ ସୁଖୀ ହୋଇ ଶାନ୍ତିଲାଭ କରିବେ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



**ବାବାଙ୍କ ଦ୍ୱାରା ବ୍ୟବହୃତ ସାମଗ୍ରୀ ଏବେ ସଂସ୍ଥାନ ମିଉଜିୟମରେ ରହିଛି ।**

# ।।ଷୋଡ଼ଶ ଓ ସପ୍ତଦଶ ଅଧ୍ୟାୟ ।।

## ଶୀଘ୍ର ବ୍ରହ୍ମଜ୍ଞାନ ପ୍ରାପ୍ତି, ବ୍ରହ୍ମଜ୍ଞାନର ଯୋଗ୍ୟତା, ବାବାଙ୍କର ଉପଦେଶ, ବାବାଙ୍କ ବୈଶିଷ୍ଟ୍ୟ

ଏହି ଦୁଇ ଅଧ୍ୟାୟରେ ଜଣେ ଧନାଢ଼୍ୟ ବ୍ୟକ୍ତି କିପରି ସାଇବାବାଙ୍କଠାରୁ ଶୀଘ୍ର ବ୍ରହ୍ମଜ୍ଞାନ ପ୍ରାପ୍ତ କରିବାକୁ କାମନା କଲେ ତାହା ବର୍ଣ୍ଣନା କରାଯାଇଛି ।

**ପୂର୍ବାଭାଷ :** ଗତ ଅଧ୍ୟାୟରେ ଚୋଲକର୍‌ଙ୍କ ସଂକଳ୍ପ କିପରି ଫଳବତୀ ହେଲା, ତାହା ବର୍ଣ୍ଣନା କରାଯାଇଛି । ଏହି କଥାରେ ଶ୍ରୀ ସାଇବାବା ଦର୍ଶାଇଥିଲେ ଯେ ପ୍ରେମ ତଥା ଭକ୍ତି ସହକାରେ ଅର୍ପିତ ସାମାନ୍ୟ ଜିନିଷ ମଧ୍ୟ ସେ ହର୍ଷପୂର୍ବକ ସ୍ୱୀକାର କରନ୍ତି; କିନ୍ତୁ ଯଦି ତାହା ଅହଂକାର ସହକାରେ ଅର୍ପଣ କରାଯାଏ ତାହେଲେ ତାହା ଅସ୍ୱୀକୃତ କରିଦିଆଯାଉଥିଲା । ପୂର୍ଣ୍ଣ ସଚ୍ଚିଦାନନ୍ଦ ହୋଇଥିବା କାରଣରୁ ସେ ବାହ୍ୟ ଆଚାର ବିଚାରକୁ ବିଶେଷ ଗୁରୁତ୍ୱ ଦେଉନଥିଲେ ଏବଂ ବିନମ୍ରତା ତଥା ଆଦର ସହକାରେ ପ୍ରଦତ୍ତ ଉପହାରକୁ ହିଁ ସ୍ୱାଗତ କରୁଥିଲେ ।

ପ୍ରକୃତରେ ସଦ୍‌ଗୁରୁ ସାଇନାଥଙ୍କଠାରୁ ଅଧିକ ଦୟାଳୁ ଏବଂ ହିତୈଷୀ ଏହି ସଂସାରରେ ଆଉ କିଏ ହୋଇପାରନ୍ତି ? ତାଙ୍କର ତୁଳନା ସମସ୍ତ ଇଚ୍ଛାକୁ ପୂରଣ କରୁଥିବା ଚିନ୍ତାମଣି କିମ୍ବା କାମଧେନୁ ସହ ମଧ୍ୟ କରାଯାଇପାରିବ ନାହିଁ । ସଦ୍‌ଗୁରୁଙ୍କ ଦ୍ୱାରା ଯେଉଁ ଅମୂଲ୍ୟ ନିଧି ଉପଲବ୍ଧି ହୁଏ, ତାହା କଳ୍ପନାର ଊର୍ଦ୍ଧ୍ୱରେ ।

## ।।ବ୍ରହ୍ମଜ୍ଞାନ ପ୍ରାପ୍ତି ।।

ବ୍ରହ୍ମଜ୍ଞାନ ପ୍ରାପ୍ତି ଇଚ୍ଛାରେ ଆସିଥିବା ଜଣେ ଧନାଢ଼୍ୟ ବ୍ୟକ୍ତିଙ୍କୁ ଶ୍ରୀ ସାଇବାବା କିପରି ଉପଦେଶ ଦେଲେ ତାହା ଏବେ ଶ୍ରବଣ କରିବା । ଜଣେ ଧନୀ ବ୍ୟକ୍ତି (ଦୁର୍ଭାଗ୍ୟବଶତଃ ମୂଳ ଗ୍ରନ୍ଥରେ ତାଙ୍କର ନାମ ଉଲ୍ଲେଖ ହୋଇନାହିଁ) ଥିଲେ । ତାଙ୍କର ସବୁ ପ୍ରକାର ସୁଖ ସମୃଦ୍ଧି ଥିଲା । ଅଚଳାଚଳ ସମ୍ପତ୍ତି, ଘୋଡ଼ାଗାଡ଼ି, ଜମି ଓ ଅନେକ ଦାସଦାସୀ ଥିଲେ । ଯେତେବେଳେ ବାବାଙ୍କର କୀର୍ତ୍ତି ଶୁଣିଲେ, ତାଙ୍କର ଜଣେ ବନ୍ଧୁଙ୍କୁ କହିଲେ 'ମୋ ପାଖରେ ଏବେ ଆଉ କୌଣସି ଜିନିଷର ଅଭିଳାଷ ବାକି ନାହିଁ, ଏଣୁ ଏବେ ଶିରିଡ଼ି ଯାଇ ବାବାଙ୍କଠାରୁ ବ୍ରହ୍ମଜ୍ଞାନ ପ୍ରାପ୍ତ କରିବି ଏବଂ ସତରେ ଯଦି ତାହା ମିଳିଗଲା ତାହେଲେ ମୋଠାରୁ ଅଧିକ ସୁଖୀ ଆଉ କିଏ ହୋଇପାରିବ ? ତାଙ୍କର ବନ୍ଧୁ ବୁଝାଇଲେ କି ବ୍ରହ୍ମଜ୍ଞାନ ପ୍ରାପ୍ତି ସହଜ ନୁହେଁ, ବିଶେଷକରି ତୁମପରି ମୋହାଚ୍ଛନ୍ନ ବ୍ୟକ୍ତି ଯିଏକି ସର୍ବଦା ସ୍ତ୍ରୀ, ସନ୍ତାନ ଏବଂ ପଦାର୍ଥ ଲୋଭରେ ଆସକ୍ତ । ତୁମର ବ୍ରହ୍ମଜ୍ଞାନର ଆକାଙ୍‌କ୍ଷା କିପରି ପୂରଣ ହେବ, ଭୁଲରେ ମଧ୍ୟ ଗୋଟିଏ କଉଡ଼ି ଦାନ କରିବା କଥା ତ ତୁମେ ଜାଣ

ନାହିଁ । ବନ୍ଧୁଙ୍କର ପରାମର୍ଶକୁ ଉପେକ୍ଷା କରି ସେ ଏକ ଟାଙ୍ଗା ନେଇ ଶିରିଡ଼ି ଆସିଲେ ଏବଂ ମସଜିଦ୍‌ରେ ପ୍ରବେଶ କଲେ । ସାଇବାବାଙ୍କର ଦର୍ଶନ କରି ତାଙ୍କର ଚରଣରେ ଲୋଟିପଡ଼ିଲେ ଏବଂ ପ୍ରାର୍ଥନା କଲେ କି "ଆପଣ ଏଠାକୁ ଆସୁଥିବା ସମସ୍ତ ଲୋକଙ୍କୁ ଅଳ୍ପ ସମୟ ମଧ୍ୟରେ ବ୍ରହ୍ମ ଦର୍ଶନ କରାଇଦେଉଛନ୍ତି । କେବଳ ଏହି କଥା ଶୁଣି ମୁଁ ବହୁ ଦୂରରୁ ଏଠାକୁ ଆସିଛି । ମୁଁ ଯାତ୍ରା କାଳରେ ଅଧିକ କ୍ଳାନ୍ତ ହୋଇଯାଇଛି । ଯଦି ମୋତେ କୌଣସିମତେ ବ୍ରହ୍ମଜ୍ଞାନ ପ୍ରାପ୍ତି ହୋଇଯାଏ ମୁଁ ଏହି ଯାତ୍ରାକାଳୀନ କଷ୍ଟ ସଫଳ ଏବଂ ସାର୍ଥକ ହେଲା ବୋଲି ମନେ କରିବି ।'

ବାବା କହିଲେ "ମୋର ପ୍ରିୟ ମିତ୍ର ! ଏତେ ଅଧୀର ହୁଅ ନାହିଁ । ମୁଁ ତୁମକୁ ଶୀଘ୍ର ବ୍ରହ୍ମ ଦର୍ଶନ କରାଇଦେବି । ମୋର ସମସ୍ତ ବ୍ୟବହାର ନଗଦ ସ୍ୱରୂପ ଅଟେ ଏବଂ ମୁଁ କେବେ ଉଧାର କରେ ନାହିଁ । ଏହି କାରଣରୁ ଅନେକ ଲୋକ ଧନ, ସ୍ୱାସ୍ଥ୍ୟ, ଶକ୍ତି, ମାନ, ପଦ, ଆରୋଗ୍ୟ ତଥା ଅନ୍ୟ ପଦାର୍ଥର କାମନା ପୂର୍ତ୍ତି ନିମନ୍ତେ ମୋ ପାଖକୁ ଆସନ୍ତି । ଏପରି କୌଣସି ଲୋକ ତ ବିରଳ ଯିଏକି ବ୍ରହ୍ମଜ୍ଞାନ ପିପାସୁ ଅଟନ୍ତି । ଭୌତିକ ପଦାର୍ଥର ଅଭିଳାଷ ନିମନ୍ତେ ଏଠାକୁ ଆସୁଥିବା ଲୋକଙ୍କର ଅଭାବନାହିଁ, କିନ୍ତୁ ଆଧ୍ୟାତ୍ମିକ ଜିଜ୍ଞାସୁଙ୍କର ଆଗମନ ଅତ୍ୟନ୍ତ ଦୁର୍ଲ୍ଲଭ । ମୁଁ ଭାବୁଛି କି ମୋ ପାଇଁ ଏହି ସମୟ ଅତ୍ୟନ୍ତ ଶୁଭ ତଥା ଧନ୍ୟ ଅଟେ, କାରଣ ତୁମ ପରି ଜଣେ ବ୍ୟକ୍ତି ଏଠାରେ ପହଞ୍ଚି ବ୍ରହ୍ମଜ୍ଞାନ ଦେବା ନିମନ୍ତେ ପ୍ରାର୍ଥନା କରୁଛି । ମୁଁ ସହର୍ଷ ତୁମକୁ ବ୍ରହ୍ମ ଦର୍ଶନ କରାଇଦେବି ।'

ଏହା କହି ବାବା ତାଙ୍କୁ ପାଖରେ ବସାଇଲେ ଏବଂ ନାନା କଥା ଆଲୋଚନା ଭିତରେ ପ୍ରଶ୍ନକର୍ତ୍ତା ନିଜର ମୂଳ ପ୍ରଶ୍ନ ଭୁଲିଗଲେ । ବାବା ଜଣେ ବାଳକକୁ ଡାକି ନନ୍ଦୁ ମାରଓ୍ୱାଡ଼ିଙ୍କଠାରୁ ପାଞ୍ଚ ଟଙ୍କା ଧାର ଆଣିବାକୁ କହିଲେ । ବାଳକ ଜଣକ ଦୌଡ଼ିଗଲା, କିନ୍ତୁ କିଛି ସମୟ ପରେ ଫେରି କହିଲା କି ନନ୍ଦୁଙ୍କ ଘରେ ତାଲା ପଡ଼ିଛି । ଏହାପରେ ବାବା ଆଉ ଜଣେ ବ୍ୟବସାୟୀଙ୍କ ପାଖକୁ ପଠାଇଲେ । ଏଥର ମଧ୍ୟ ବାଳକଟି ଟଙ୍କା ଆଣିବାରେ ବିଫଳ ହେଲା । ଦୁଇ ତିନିଥର ଏପରି କରିବା ସତ୍ତ୍ୱେ ପରିଣାମ ପୂର୍ବପରି ହେଲା । ଆମେ ଜାଣୁ ଯେ ବାବା ସ୍ୱୟଂ ସଗୁଣ ବ୍ରହ୍ମର ଅବତାର ଥିଲେ । ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏହି ସ୍ୱଳ୍ପ ପରିମାଣ ପାଞ୍ଚ ଟଙ୍କା ପ୍ରକୃତରେ କ'ଣ ତାଙ୍କର ଆବଶ୍ୟକ ଥିଲା ? ତାଙ୍କର ତ ଏହାର ମୋଟେ ଆବଶ୍ୟକ ନଥିଲା । ସେ ନିଶ୍ଚିତ ଜାଣିଥିବେ ଯେ ନନ୍ଦୁ ଘରେ ନାହାନ୍ତି । ଏହି ନାଟକ ସେ କେବଳ ଅନ୍ୱେଷକଙ୍କ ପରୀକ୍ଷା ନିମନ୍ତେ ରଚନା କରିଥିଲେ । ବ୍ରହ୍ମଜିଜ୍ଞାସୁ ମହୋଦୟ ଯାହାଙ୍କ ପାଖରେ ଟଙ୍କାର ବିଡ଼ାମାନ ଥିଲା, ଯଦି ସେ ପ୍ରକୃତରେ ବ୍ରହ୍ମଜ୍ଞାନର ଆକାଂକ୍ଷୀ ହୋଇଥାନ୍ତେ ତାହେଲେ ଏତେ ସମୟ ଯାଏଁ ନୀରବରେ ବସିନଥାନ୍ତେ । ଯେତେବେଳେ ବାବା ପାଞ୍ଚ ଟଙ୍କା ଉଧାର ଆଣିବା ପାଇଁ ବାଳକଟିକୁ ଏପଟ ସେପଟ ଦୌଡ଼ାଉଥିଲେ ସେତେବେଳେ ସେ ଦର୍ଶକ ରୂପରେ ବସିନଥାନ୍ତେ । ସେ ଜାଣିଥିଲେ କି ବାବା ତାଙ୍କର ପ୍ରତିଜ୍ଞା ପୂରଣ କରି ଋଣ

ଅବଶ୍ୟ ଶୁଝାଇବେ । ଯଦିଓ ବାବାଙ୍କ ଦ୍ୱାରା ଇପ୍ସିତ ରାଶି ଅତି ସ୍ୱଳ୍ପ ଥିଲା, ତଥାପି ସେ ନୀରବ ହୋଇରହିଲେ ଏବଂ ପାଞ୍ଚ ଟଙ୍କା ଉଧାର ଦେବାକୁ ଇଚ୍ଛା କଲେ ନାହିଁ । ପାଠକମାନେ ବିଚାର କରନ୍ତୁ ତ ଏପରି ବ୍ୟକ୍ତି ବାବାଙ୍କଠାରୁ ବ୍ରହ୍ମଜ୍ଞାନ, ଯାହାକି ବିଶ୍ୱର ଅତି ଶ୍ରେଷ୍ଠ ଧନ, ତାହା ପାଇବା ପାଇଁ ଆସିଛନ୍ତି । ଯଦି ବାବାଙ୍କୁ ପ୍ରକୃତରେ ପ୍ରେମ କରିବା ପରି ଅନ୍ୟ କେହି ହୋଇଥାନ୍ତା, ସେ କେବଳ ଦର୍ଶକ ନସାଜି ତୁରନ୍ତ ପାଞ୍ଚଟଙ୍କା ପ୍ରଦାନ କରିଥାନ୍ତା; କିନ୍ତୁ ସେହି ମହାଶୟଙ୍କର ବ୍ୟବହାର ତ ବିଲକୁଲ ବିପରୀତ ଥିଲା । ନା ସେ ଟଙ୍କା ଦେଲେ ନା ନୀରବରେ ବସିଲେ । ପରନ୍ତୁ ଶୀଘ୍ର ଫେରିଯିବାକୁ ଉଦ୍ୟତ ହେଉଥିଲେ ଏବଂ ଅଧୀର ହୋଇ ବାବାଙ୍କୁ କହିଲେ କି 'ବାବା ! ଦୟାକରି ମୋତେ ଶୀଘ୍ର ବ୍ରହ୍ମଜ୍ଞାନ ଦେଇଦିଅନ୍ତୁ ।' ବାବା ଉତ୍ତର ଦେଲେ 'ମୋର ପ୍ରିୟ ମିତ୍ର ! କ'ଣ ଏହି ନାଟକରୁ ତୁମେ କିଛି ବୁଝିପାରିଲ ନାହିଁ । ମୁଁ ତୁମକୁ ବ୍ରହ୍ମଦର୍ଶନ କରାଇବାର ହିଁ ପ୍ରଯତ୍ନ କରୁଥିଲି । ସଂକ୍ଷେପରେ ତାତ୍ପର୍ଯ୍ୟ ହେଉଛି ବ୍ରହ୍ମଦର୍ଶନ ନିମିତ୍ତ ପାଞ୍ଚଟି ବସ୍ତୁ ତ୍ୟାଗ କରିବାକୁ ହୋଇଥାଏ । (୧)ପଞ୍ଚ ପ୍ରାଣ (୨) ପଞ୍ଚ ଇନ୍ଦ୍ରିୟ (୩)ମନ (୪) ବୁଦ୍ଧି ତଥା (୫) ଅହଂକାର । ଏହା ହେଲା ବ୍ରହ୍ମଜ୍ଞାନ । ଆତ୍ମାନୁଭୂତିର ମାର୍ଗ ଖଣ୍ଡାଧାରରେ ଚାଲିବା ସହ ସମାନ । ଶ୍ରୀ ସାଇବାବା ପୁଣି ଏହି ବିଷୟରେ ବିସ୍ତୃତ ବକ୍ତବ୍ୟ ପ୍ରଦାନ କଲେ, ଯାହାର ସାରାଂଶ ହେଉଛି:-

**ବ୍ରହ୍ମଜ୍ଞାନ ବା ଆତ୍ମାନୁଭୂତିର ଯୋଗ୍ୟତା :** ସାଧାରଣ ମନୁଷ୍ୟକୁ ପ୍ରାୟତଃ ତା'ର ଜୀବନ କାଳ ମଧ୍ୟରେ ବ୍ରହ୍ମ ଦର୍ଶନ ହୋଇନଥାଏ । ତା'ର ପ୍ରାପ୍ତି ନିମନ୍ତେ କିଛି ଯୋଗ୍ୟତା ନିତାନ୍ତ ଆବଶ୍ୟକ ।

**(୧) ମୁମୁକ୍ଷୁତ୍ୱ(ମୁକ୍ତିର ତୀବ୍ର ଉତ୍କଣ୍ଠା) :** ଯିଏ ମନେ କରେ କି 'ମୁଁ ବନ୍ଧନରେ ଅଛି' ଏବଂ ଏହି ବନ୍ଧନରୁ ମୁକ୍ତ ହେବା ନିମନ୍ତେ ଇଚ୍ଛାକରେ ତଥା ଏହି ଉଦ୍ଦେଶ୍ୟ ପ୍ରାପ୍ତି ନିମନ୍ତେ ଉତ୍ସୁକତା ଓ ଦୃଢ଼ ସଂକଳ୍ପର ସହ ପ୍ରଯତ୍ନ କରେ ତଥା ପ୍ରତ୍ୟେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହେ, ସେ ଏହି ଆଧ୍ୟାତ୍ମିକ ମାର୍ଗରେ ଯାତ୍ରା କରିବାକୁ ଯୋଗ୍ୟ ।

**(୨) ବିରକ୍ତି :** ଲୋକ-ପରଲୋକର ସମସ୍ତ ପଦାର୍ଥ ପ୍ରତି ଉଦାସୀନଭାବ । ଇହ ଜଗତର ବସ୍ତୁ, ଲାଭ, ପ୍ରତିଷ୍ଠା, ଆଦି କର୍ମଜନ୍ୟ ବିଷୟ ପ୍ରତି ଯେ ପର୍ଯ୍ୟନ୍ତ ଉଦାସୀନତା ଉତ୍ପନ୍ନ ନହୋଇଛି ସେଯାଏଁ ଆଧ୍ୟାତ୍ମିକ ଜଗତରେ ପ୍ରବେଶ କରିବାର ଅଧିକାର ନାହିଁ ।

**(୩) ଅନ୍ତର୍ମୁଖୀ :** ଈଶ୍ୱର ଆମର ଇନ୍ଦ୍ରିୟଗୁଡ଼ିକର ରଚନା ଏପରି କରିଛନ୍ତି ଯେ ସର୍ବଦା ବାହ୍ୟ ଜଗତ ପ୍ରତି ଆକୃଷ୍ଟ ହେବା ତା'ର ଧର୍ମ । ତେଣୁ ଆମେ ସର୍ବଦା ବାହାର ଜଗତର ଧ୍ୟାନ ଦେଇଥାଉ, ଅନ୍ତର୍ଜଗତ ପ୍ରତି ନୁହେଁ । ଯିଏ ଆତ୍ମଦର୍ଶନ ଏବଂ ଆଧ୍ୟାତ୍ମିକ ଜୀବନ ପ୍ରତି ଆଗ୍ରହୀ ତାଙ୍କୁ ତାଙ୍କର ଦୃଷ୍ଟି ଅନ୍ତର୍ମୁଖୀ କରି ନିଜକୁ ନିଜ ଭିତରେ ଲୀନ କରିବା ଆବଶ୍ୟକ ।

**(୪) ପାପ ଶୁଦ୍ଧି :** ଯେ ପର୍ଯ୍ୟନ୍ତ ମନୁଷ୍ୟ ଦୁଷ୍କର୍ମ ତ୍ୟାଗ କରିନାହିଁ, ସେ ପର୍ଯ୍ୟନ୍ତ ତାକୁ ପୂର୍ଣ୍ଣ ଶାନ୍ତି ମିଳିବ ନାହିଁ କି ମନ ସ୍ଥିର ରହିବ ନାହିଁ । ବୁଦ୍ଧି ବଳ ଦ୍ୱାରା ସେ କଦାପି ଜ୍ଞାନ ଲାଭ କରିପାରିବ ନାହିଁ ।

**(୫) ଉଚିତ ଆଚରଣ :** ଯେ ପର୍ଯ୍ୟନ୍ତ ମୁନଷ୍ୟ ସତ୍ୟବାଦୀ, ତ୍ୟାଗୀ ଏବଂ ଅନ୍ତର୍ମୁଖୀ ହୋଇ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରି ଜୀବନ ଅତିବାହିତ କରିନାହିଁ, ସେ ପର୍ଯ୍ୟନ୍ତ ଆତ୍ମୋପଲବ୍ଧି ସମ୍ଭବ ନୁହେଁ ।

**(୬) ସାରବସ୍ତୁ ଗ୍ରହଣ କରିବା :** ଦୁଇ ପ୍ରକାର ବସ୍ତୁ ଅଛି–ନିତ୍ୟ ଏବଂ ଅନିତ୍ୟ । ପ୍ରଥମଟି ଆଧ୍ୟାତ୍ମିକ ବିଷୟ ସହ ସମ୍ବନ୍ଧିତ ଏବଂ ଦ୍ୱିତୀୟଟି ସାଂସାରିକ ବିଷୟ ସହ । ମନୁଷ୍ୟକୁ ଏ ଉଭୟର ସମ୍ମୁଖୀନ ହେବାକୁ ହୁଏ । ବିବେକ ଦ୍ୱାରା ତାକୁ କୌଣସି ଗୋଟିଏକୁ ବାଛିବାକୁ ହୁଏ । ବିଦ୍ୱାନ ପୁରୁଷମାନେ ଅନିତ୍ୟରୁ ନିତ୍ୟକୁ ଶ୍ରେୟସ୍କର ମନେ କରନ୍ତି; କିନ୍ତୁ ଯିଏ ମୂଢ଼ମତି ସିଏ ଆସକ୍ତିରେ ବଶୀଭୂତ ହୋଇ ଅନିତ୍ୟକୁ ହିଁ ଶ୍ରେଷ୍ଠ ମନେ କରି ସେହି ପ୍ରକାର ଆଚରଣ କରନ୍ତି ।

**(୭) ମନ ଓ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ :** ଶରୀର ଏକ ରଥ ଓ ଆତ୍ମା ଏହାର ସ୍ୱାମୀ । ବୁଦ୍ଧି ସାରଥୀ, ମନ ଲଗାମ୍ ଏବଂ ଇନ୍ଦ୍ରିୟ ହେଉଛି ଘୋଡ଼ା । ଇନ୍ଦ୍ରିୟ ବିଷୟାଦି ତାର ପଥ । ଯିଏ ବିଚାରଶୂନ୍ୟ, ଯାହାର ମନ ଚଞ୍ଚଳ ତଥା ଯାହାର ଇନ୍ଦ୍ରିୟ ସାରଥିର ଦୁଷ୍ଟ ଘୋଡ଼ା ସମାନ ଅଟେ, ସିଏ ତାର ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବ ନାହିଁ ତଥା ଜନ୍ମ ମୃତ୍ୟୁ ଚକ୍ରରେ ଘୂରୁଥିବ । ମାତ୍ର ଯିଏ ଉନ୍ନତିକାମୀ, ଯିଏ ମନ ଉପରେ ନିୟନ୍ତ୍ରଣ ରଖିପାରିଛି ତଥା ଯାହାର ଇନ୍ଦ୍ରିୟ ସାରଥିର ଉତ୍ତମ ଘୋଡ଼ା ସଦୃଶ ନିୟନ୍ତ୍ରଣରେ ରହିଛି, ସିଏ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରିବ, ଅର୍ଥାତ ତାହାର ପରମ ପଦ ପ୍ରାପ୍ତି ହେବ ଏବଂ ପୁନର୍ଜନ୍ମ ହେବ ନାହିଁ । ଯେଉଁ ବ୍ୟକ୍ତି ନିଜର ବୁଦ୍ଧି ଦ୍ୱାରା ମନକୁ ବଶ କରିନିଏ, ସିଏ ଶେଷରେ ତାହାର ଲକ୍ଷ୍ୟପ୍ରାପ୍ତି କରି ସେହି ସର୍ବଶକ୍ତିମାନ ଭଗବାନ ବିଷ୍ଣୁଙ୍କ ଲୋକରେ ପହଞ୍ଚିଯାଏ ।

**(୮) ମନର ପବିତ୍ରତା :** ଯେ ପର୍ଯ୍ୟନ୍ତ ମନୁଷ୍ୟ ନିଷ୍କାମ କର୍ମ କରେ ନାହିଁ, ସେ ପର୍ଯ୍ୟନ୍ତ ତାହାର ଚିତ୍ତ ଶୁଦ୍ଧି ଏବଂ ଆତ୍ମଦର୍ଶନ ସମ୍ଭବ ନୁହେଁ । ବିଶୁଦ୍ଧ ମନରେ ହିଁ ବିବେକ ଏବଂ ବୈରାଗ୍ୟ ଉତ୍ପନ୍ନ ହୋଇଥାଏ, ଯେଉଁଥିରୁ ଆତ୍ମଦର୍ଶନ ମାର୍ଗରେ ପ୍ରଗତି ହୁଏ । ଅହଙ୍କାରଶୂନ୍ୟ ନହେଲେ ଆତ୍ମସାକ୍ଷାତକାର ସମ୍ଭବ ନୁହେଁ । ବିଷୟ ବାସନା ଆତ୍ମାନୁଭୂତିର ମାର୍ଗରେ ବାଧକ ଅଟେ । 'ମୁଁ ଶରୀର' ଏହି ଧାରଣା ଭ୍ରମ । ଯଦି ଜୀବନର ଉଦ୍ଦେଶ୍ୟ(ଆତ୍ମସାକ୍ଷାତକାର) ପ୍ରାପ୍ତ କରିବାର ତୁମର ଅଭିଳାଷ ଅଛି ତାହେଲେ ଏହି ଧାରଣା ତଥା ଆସକ୍ତିକୁ ତ୍ୟାଗ କର ।

**(୯) ଗୁରୁଙ୍କ ଆବଶ୍ୟକତା:** ଆତ୍ମଜ୍ଞାନ ଏପରି ଗୂଢ଼ ତଥା ରହସ୍ୟମୟ ବିଷୟ ଯେ ସ୍ୱୀୟ ପ୍ରୟାସ ଦ୍ୱାରା ଏହା ହାସଲ କରିବା ସମ୍ଭବ ନୁହେଁ । ଏହି କାରଣରୁ ଆତ୍ମାନୁଭୂତି

ପ୍ରାପ୍ତି ନିମିତ୍ତ ଗୁରୁଙ୍କ ସହାୟତା ନିତାନ୍ତ ଆବଶ୍ୟକ । ଅତ୍ୟନ୍ତ କଠିନ ପରିଶ୍ରମ ଏବଂ ପ୍ରୟାସ ଦ୍ୱାରା ମଧ୍ୟ ଅନ୍ୟମାନେ କ'ଣ ଦେଇପାରିବେ ? ଗୁରୁଙ୍କ କୃପା ଦ୍ୱାରା ହିଁ ଏହା ସହଜରେ ପ୍ରାପ୍ତ ହୋଇପାରିବ । ଯିଏ ସ୍ୱୟଂ ଏହି ମାର୍ଗ ଅନୁସରଣ କରି ଅନୁଭବ ହାସଲ କରିସାରିଛନ୍ତି, ସିଏ ତାଙ୍କର ଶିଷ୍ୟକୁ ମଧ୍ୟ ସରଳତାପୂର୍ବକ ସ୍ତର ପରେ ସ୍ତର ଦେଇ ଆଧ୍ୟାତ୍ମିକ ଉନ୍ନତି ପଥରେ ନେଇପାରିବେ ।

**(୧୦) ଶେଷରେ ଈଶ୍ୱର କୃପା ନିତାନ୍ତ ଆବଶ୍ୟକ :** ଯେତେବେଳେ ଭଗବାନ କାହା ଉପରେ କୃପା କରନ୍ତି ତାକୁ ବିବେକ ଏବଂ ବୈରାଗ୍ୟ ପ୍ରଦାନକରି ଭବସାଗରରୁ ଉଦ୍ଧାର କରନ୍ତି । ଏହି ଆତ୍ମାନୁଭୂତି ନା ନାନା ପ୍ରକାର ବିଦ୍ୟା ଓ ବୁଦ୍ଧି ଦ୍ୱାରା ହୁଏ ନା ଶୁଷ୍କ ବେଦାଧ୍ୟୟନ ଦ୍ୱାରା । ଏଥିପାଇଁ ଯାହାକୁ ଏହି ଆତ୍ମା ବରଣ କରେ, ତାହାକୁ ତାହା ପ୍ରାପ୍ତ ହୋଇଥାଏ ତଥା ତାହା ସମ୍ମୁଖରେ ସେ ନିଜର ସ୍ୱରୂପ ପ୍ରକଟ କରିଥାନ୍ତି- କଠୋପନିଷଦରେ ଏହା ବର୍ଣ୍ଣନା କରାଯାଇଛି ।

**ବାବାଙ୍କର ଉପଦେଶ :** ଯେତେବେଳେ ଏହି ଉପଦେଶ ସମାପ୍ତ ହେଲା, ବାବା ଉକ୍ତ ବ୍ୟକ୍ତିଙ୍କୁ କହିଲେ 'ଆଚ୍ଛା ମହାଶୟ ! ତୁମ ପକେଟରେ ପାଞ୍ଚ ଟଙ୍କାର ପଚାଶ ଗୁଣ ଟଙ୍କା ରୂପରେ ବ୍ରହ୍ମ ଅଛନ୍ତି, ତାକୁ ବାହାର କର । ସେ ନୋଟ ବିଡ଼ା ବାହାର କଲେ ଏବଂ ଗଣିବାରୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଖାଗଲା ଯେ ୧୦ ଟଙ୍କିଆ ନୋଟ ଠିକ୍ ପଚିଶଟି ଅଛି । ବାବାଙ୍କର ଏହି ସର୍ବଜ୍ଞାନ ଦେଖି ଉକ୍ତ ବ୍ୟକ୍ତି ବିସ୍ମିତ ହୋଇଗଲେ ଏବଂ ବାବାଙ୍କର ଚରଣରେ ଲୋଟିପଡ଼ି ଆଶୀର୍ବାଦ ଭିକ୍ଷା କଲେ । ବାବା କହିଲେ କି 'ନିଜର ବ୍ରହ୍ମ(ନୋଟ ବିଡ଼ା)ର ଏହି ବଣ୍ଡଲକୁ ସାଇତି ରଖ। ଯେ ପର୍ଯ୍ୟନ୍ତ ତୁମର ଲୋଭ ଏବଂ ଈର୍ଷା ପୂର୍ଣ୍ଣ ମାତ୍ରାରେ ଦୂର ନ ହୋଇଛି ସେ ପର୍ଯ୍ୟନ୍ତ ତୁମେ ବ୍ରହ୍ମଙ୍କ ସତ୍ୟସ୍ୱରୂପକୁ ଜାଣିପାରିବ ନାହିଁ । ଯାହାର ମନ ଧନ, ସନ୍ତାନ ଓ ଐଶ୍ୱର୍ଯ୍ୟରେ ନିମଗ୍ନ ରହିଛି, ସେ ଏହି ସବୁ ଆସକ୍ତିକୁ ତ୍ୟାଗ କରିବା ବିନା କିପରି ବ୍ରହ୍ମଙ୍କୁ ଜାଣିବାକୁ ଆଶା କରିବ ? ଆସକ୍ତିର ଭ୍ରମ ଏବଂ ଧନତୃଷ୍ଣାର ଦୁଃଖ ଏକ ଭଉଁରି ସଦୃଶ, ଯେଉଁଥିରେ ଅହଙ୍କାର ଏବଂ ଈର୍ଷାରୂପୀ ମଗର ସନ୍ତରଣ କରେ । ଯିଏ ଇଚ୍ଛାରହିତ ହେବ, ସେ ହିଁ ଭବସାଗର ପାର ହୋଇପାରିବ । ତୃଷ୍ଣା ଏବଂ ବ୍ରହ୍ମଙ୍କ ପାରସ୍ପରିକ ସମ୍ବନ୍ଧ ଏହି ପ୍ରକାର। ଏଣୁ ସେମାନେ ପରସ୍ପରର କଠୋର ଶତ୍ରୁ । ତୁଳସୀ ଦାସ କହନ୍ତି :-

'ଯହାଁ ରାମ ତହଁ କାମ ନହିଁ, ଯହାଁ କାମ ନହିଁ ରାମ ।
ତୁଳସୀ କବହୁଁ ହୋତ ନହିଁ, ରବି ରଜନୀ ଇକ ଠାମ୍ ।'

'ଯେଉଁଠାରେ ଲୋଭ ଅଛି, ସେଠାରେ ବ୍ରହ୍ମଙ୍କ ଚିନ୍ତନ ବା ଧ୍ୟାନର ପ୍ରଶ୍ନ ଉଠୁନାହିଁ । ପୁଣି ଲୋଭୀ ପୁରୁଷର ବିରକ୍ତି ଏବଂ ମୋକ୍ଷ ପ୍ରାପ୍ତି କିପରି ହେବ ? ଲୋଭାସକ୍ତ ପୁରୁଷର ନା ଶାନ୍ତି ଥାଏ ନା ସନ୍ତୋଷ, ନା ସେ ଦୃଢ଼ ପ୍ରତିଜ୍ଞ ହୋଇପାରେ । ଯଦି ମନ ଭିତରେ କିଞ୍ଚିତ ମାତ୍ର ଲୋଭ ବାକି ରହିଯାଏ ତାହେଲେ ବୁଝିବାକୁ ହେବ ଯେ ସମସ୍ତ

ସାଧନା ବ୍ୟର୍ଥ ଗଲା । ଜଣେ ଉତ୍ତମ ସାଧକ ଯଦି ଫଳପ୍ରାପ୍ତିର ଇଚ୍ଛା ବା ନିଜର କର୍ତ୍ତବ୍ୟର ପ୍ରତିଫଳ ଭାବନାରୁ ମୁକ୍ତ ହୁଏନାହିଁ ଏବଂ ଯଦି ସେଥିପ୍ରତି ଅରୁଚି ଉତ୍ପନ୍ନ ହୁଏନାହିଁ ତାହେଲେ ସବୁକିଛି ବୃଥା । ଆତ୍ମାନୁଭୂତି ପ୍ରାପ୍ତ କରିବାରେ ସେ ସଫଳ ହୋଇପାରିବ ନାହିଁ । ଯିଏ ଅହଂକାରୀ ତଥା ସର୍ବଦା ବିଷୟ ଚିନ୍ତନରେ ନିମଗ୍ନ ରହେ, ତା ଉପରେ ଗୁରୁଙ୍କ ଉପଦେଶ ତଥା ଶିକ୍ଷାର କୌଣସି ପ୍ରଭାବ ପଡ଼େ ନାହିଁ । ଏଣୁ ମନର ପବିତ୍ରତା ଅତ୍ୟନ୍ତ ଆବଶ୍ୟକ, କାରଣ ଏହା ବିନା ଆଧ୍ୟାତ୍ମିକ ସାଧନାର କୌଣସି ମହତ୍ତ୍ୱ ନାହିଁ । ଏଥିପାଇଁ ଯାହାକୁ ଯେଉଁ ମାର୍ଗ ବୋଧଗମ୍ୟ ମନେହୁଏ ସିଏ ତାକୁ ହିଁ ଅବଲମ୍ବନ କରିବା ଶ୍ରେୟସ୍କର । ମୋର ଭଣ୍ଡାର ପରିପୂର୍ଣ୍ଣ ଏବଂ ପ୍ରତ୍ୟେକଙ୍କ ଇଚ୍ଛାନୁସାରେ ମୁଁ ସେମାନଙ୍କର କାମନା ପୂରଣ କରିପାରିବି, କିନ୍ତୁ ମୋତେ ପାତ୍ରଙ୍କର ଯୋଗ୍ୟତା ପ୍ରତି ଧ୍ୟାନ ଦେବାକୁ ପଡୁଛି । ମୁଁ ଯାହା କିଛି କହୁଛି, ଯଦି ତୁମେ ଏକାଗ୍ରଚିତ୍ତରେ ଶୁଣିବ ତାହେଲେ ନିଶ୍ଚୟ ତୁମର କଲ୍ୟାଣ ହେବ । ଏହି ମସଜିଦ୍‌ରେ ବସି ମୁଁ କେବେ ଅସତ୍ୟ ଉଚ୍ଚାରଣ କରେ ନାହିଁ । ଯେବେ ଗୃହକୁ କୌଣସି ଅତିଥିଙ୍କୁ ନିମନ୍ତ୍ରଣ କରାଯାଏ ତାଙ୍କ ସହିତ ପରିବାର, ଅନ୍ୟାନ୍ୟ ବନ୍ଧୁ, ଆତ୍ମୀୟସ୍ୱଜନମାନଙ୍କୁ ମଧ୍ୟ ଭୋଜନ ପରଶାଯାଏ । ବାବାଙ୍କ ଦ୍ୱାରା ଧନୀ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିବା ଏହି ଜ୍ଞାନ ଭୋଜିରେ ଉପସ୍ଥିତ ସମସ୍ତ ଭକ୍ତ ସମ୍ମିଳିତ ହେଲେ । ବାବାଙ୍କର ଆଶୀର୍ବାଦ ପ୍ରାପ୍ତକରି ସେ ସମସ୍ତେ ସେହି ଧନୀ ବ୍ୟକ୍ତିଙ୍କ ସହ ଆନନ୍ଦ ଓ ପ୍ରସନ୍ନତାପୂର୍ବକ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କଲେ ।

**ବାବାଙ୍କ ବୈଶିଷ୍ଟ୍ୟ :** ଏପରି ଅନେକ ସନ୍ଥ ଅଛନ୍ତି, ଯେଉଁମାନେ ଗୃହ ତ୍ୟାଗ କରି ଗୁମ୍ଫା ବା ପର୍ଣ୍ଣକୁଟୀରରେ ଏକାନ୍ତ ବାସ କରି ନିଜର ମୁକ୍ତି ବା ମୋକ୍ଷ ପ୍ରାପ୍ତି ନିମନ୍ତେ ପ୍ରୟାସ କରନ୍ତି । ସେମାନେ ଅନ୍ୟମାନଙ୍କୁ କିଞ୍ଚିତ ମାତ୍ର ଅପେକ୍ଷା ନକରି ସର୍ବଦା ଧ୍ୟାନସ୍ଥ ରହନ୍ତି । ଶ୍ରୀ ସାଇବାବା ଏହି ପ୍ରକୃତିର ନଥିଲେ । ଯଦିଓ ତାଙ୍କର ଘରଦ୍ୱାର, ପତ୍ନୀ କି ସନ୍ତାନ, ନିକଟ ବା ଦୂର ସ୍ୱଜନ ନଥିଲେ, ତଥାପି ସେ ସଂସାର ମଧ୍ୟରେ ରହୁଥିଲେ । ସେ କେବଳ ଚାରି ପାଞ୍ଚଟି ଘରୁ ଭିକ୍ଷା ନେଇ ନିମ୍ବବୃକ୍ଷ ତଳେ ବାସ କରୁଥିଲେ ତଥା ସାଧାରଣ ନରତୁଲ୍ୟ ବ୍ୟବହାର କରୁଥିଲେ । ଏହି ବିଶ୍ୱରେ ରହି କେଉଁ ପ୍ରକାର ଆଚରଣ କରିବା ଆବଶ୍ୟକ, ତାହାର ସେ ଶିକ୍ଷା ଦେଉଥିଲେ । ଏପରି ସାଧୁ ବା ସନ୍ଥ ପ୍ରାୟତଃ ବିରଳ, ଯିଏ ସ୍ୱୟଂ ଭଗବତ୍ ପ୍ରାପ୍ତି ପରେ ଲୋକଙ୍କ କଲ୍ୟାଣ ନିମନ୍ତେ ପ୍ରୟାସ କରିବେ । ଶ୍ରୀ ସାଇବାବା ଏ ସମସ୍ତଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲେ, ଏଥିପାଇଁ ହେମାଡପନ୍ତ କହିଛନ୍ତି–ସେହି ଦେଶ ଧନ୍ୟ, ସେହି ପରିବାର ଧନ୍ୟ ତଥା ସେହି ମାତା-ପିତା ଧନ୍ୟ, ଯେଉଁଠାରେ ସାଇବାବା ରୂପରେ ଏହି ଅସାଧାରଣ ପରମ ଶ୍ରେଷ୍ଠ, ଅମୂଲ୍ୟ ବିଶୁଦ୍ଧ ରତ୍ନ ଉତ୍ପନ୍ନ ହେଲେ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

# ।। ଅଷ୍ଟାଦଶ ଓ ଊନବିଂଶ ଅଧ୍ୟାୟ ।।

## ହେମାଡପନ୍ତଙ୍କ ଉପରେ ବାବାଙ୍କ କୃପା, ସ୍ୱପ୍ନରେ ଗୁରୁଚରିତ ଓ ସାଠେ, ଉତ୍ତମ ବିଚାରକୁ ପ୍ରୋତ୍ସାହନ, ଅନ୍ନଜଳ ତ୍ୟାଗ ଓ ବାବାଙ୍କ ଧୈର୍ଯ୍ୟରକ୍ଷା ମନ୍ତ୍ର, ନିନ୍ଦା ସମ୍ବନ୍ଧୀୟ ଉପଦେଶ ଏବଂ ପରିଶ୍ରମର ମୂଲ୍ୟ

ବ୍ରହ୍ମଜ୍ଞାନ ଆଶାୟୀ ଜଣେ ବ୍ୟକ୍ତିଙ୍କ ପ୍ରତି ବାବା କିପରି ବ୍ୟବହାର ପ୍ରଦର୍ଶନ କଲେ ତାହା ଗତ ଅଧ୍ୟାୟରେ ହେମାଡପନ୍ତ ବର୍ଣ୍ଣନା କରିଛନ୍ତି । ଏବେ ହେମାଡପନ୍ତଙ୍କ ଉପରେ ବାବା କିପରି ଅନୁଗ୍ରହ କରି ଉତ୍ତମ ବିଚାରକୁ ପ୍ରୋତ୍ସାହନ ଦେଲେ ତଥା ଆତ୍ମୋନ୍ନତି ଏବଂ ପରିଶ୍ରମର ଫଳ ବିଷୟରେ କି ଉପଦେଶ ଦେଲେ ତାହା ଏହି ଦୁଇ ଅଧ୍ୟାୟରେ ବର୍ଣ୍ଣନା କରାଯାଉଛି ।

**ପୂର୍ବାଭାଷ :** ଏହା ସତ୍ୟ ଯେ ସଦ୍‌ଗୁରୁ ପ୍ରଥମେ ଶିଷ୍ୟର ଯୋଗ୍ୟତା ପ୍ରତି ଧ୍ୟାନ ଦେଇଥାନ୍ତି । ତାହାର ମନକୁ କିଞ୍ଚିତ୍ ଜଞ୍ଜାଳମୟ ନକରି ଉପଯୁକ୍ତ ଉପଦେଶ ଦେଇ ଆତ୍ମାନୁଭୂତି ଅଭିମୁଖେ ତାକୁ ଉନ୍ନୀତ କରିଥାନ୍ତି । ଏହି ପ୍ରସଙ୍ଗରେ କିଛି ଲୋକ ମନେ କରନ୍ତି ଯେ ସଦ୍‌ଗୁରୁଙ୍କ ଦ୍ୱାରା ଯେଉଁ ଶିକ୍ଷା ବା ଉପଦେଶ ପ୍ରାପ୍ତ ହୁଏ, ତାହା ଅନ୍ୟ ଲୋକଙ୍କ ମଧ୍ୟରେ ପ୍ରସାରିତ କରିବା ସମୀଚୀନ ନୁହେଁ । ସେମାନଙ୍କର ଆହୁରି ଧାରଣା ଯେ ସମସ୍ତଙ୍କ ଆଗରେ ତାକୁ ପ୍ରକଟ କଲେ ତା'ର ମହତ୍ତ୍ୱ ଊଣା ହୋଇଯାଏ । ପ୍ରକୃତରେ ଏହା ସଂକୀର୍ଣ୍ଣ ଦୃଷ୍ଟିଭଙ୍ଗୀ । ସଦ୍‌ଗୁରୁ ବର୍ଷାଋତୁର ମେଘ ସଦୃଶ ଅଟନ୍ତି, ଯିଏ ସର୍ବତ୍ର ଏକ ସମାନ ବୃଷ୍ଟିପାତ କରନ୍ତି । ଅର୍ଥାତ ସେ ତାଙ୍କର ଅମୃତତୁଲ୍ୟ ଉପଦେଶକୁ ବ୍ୟାପକ କ୍ଷେତ୍ରରେ ପ୍ରସାରିତ କରନ୍ତି । ପ୍ରଥମେ ତାଙ୍କର ସାରାଂଶକୁ ଗ୍ରହଣ କରି ଆତ୍ମସ୍ଥ କର ଏବଂ ତତ୍ପରେ ସଂକୀର୍ଣ୍ଣତାରହିତ ହୋଇ ଅନ୍ୟମାନଙ୍କ ମଧ୍ୟରେ ବିତରଣ କର । ଏହି ନିୟମ ଉଭୟ ଜାଗ୍ରତ ଏବଂ ସ୍ୱପ୍ନାବସ୍ଥାରେ ପ୍ରାପ୍ତ ଉପଦେଶ ନିମନ୍ତେ ଉଦ୍ଦିଷ୍ଟ । ଉଦାହରଣସ୍ୱରୂପ ବୁଦ୍ଧକୌଶିକ ଋଷି ସ୍ୱପ୍ନରେ ପ୍ରାପ୍ତ ପ୍ରସିଦ୍ଧ 'ରାମରକ୍ଷା ସ୍ତୋତ୍ର' ସାଧାରଣ ଜନତାଙ୍କ ହିତ ନିମନ୍ତେ ପ୍ରକାଶ କରିଥିଲେ ।

ଯେଉଁପରି ଜଣେ ଦୟାଳୁ ମାତା ତା'ର ବାଳକର ଉପଶମ ନିମନ୍ତେ କଡ଼ା ଔଷଧ ବଳପୂର୍ବକ ପ୍ରୟୋଗ କରିଥାଏ, ସେହିପରି ଶ୍ରୀ ସାଇବାବା ତାଙ୍କର ଭକ୍ତମାନଙ୍କର କଲ୍ୟାଣ ନିମନ୍ତେ ହିଁ ଉପଦେଶ ଦେଉଥିଲେ । ସେ ତାହାକୁ ଗୁପ୍ତ ନରଖି ପୂର୍ଣ୍ଣ ସ୍ୱଷ୍ଟତାକୁ ଅଧିକ ଗୁରୁତ୍ୱ ଦେଉଥିଲେ । ଏହି କାରଣରୁ ଯେଉଁ ଭକ୍ତମାନେ ତାଙ୍କର ଉପଦେଶକୁ ପୂର୍ଣ୍ଣତଃ ପାଳନ କରୁଥିଲେ, ସେମାନେ ତାଙ୍କର ଉଦ୍ଦେଶ୍ୟ ପାଳନରେ ସଫଳ ହେଉଥିଲେ । ଶ୍ରୀ ସାଇବାବାଙ୍କ ସଦୃଶ ସଦ୍‌ଗୁରୁ ହିଁ ଜ୍ଞାନଚକ୍ଷୁ ଉନ୍ମୀଳନ କରି ଆତ୍ମାର ଦିବ୍ୟତା ଅନୁଭବ ପ୍ରଦାନ କରିବାରେ ସମର୍ଥ । ବିଷୟବାସନାରୁ ଆସକ୍ତିକୁ ନଷ୍ଟ କରି

ସେ ଭକ୍ତମାନଙ୍କର ଇଚ୍ଛା ପୂର୍ଣ୍ଣ କରନ୍ତି, ଯାହାର ଫଳସ୍ୱରୂପ ଜ୍ଞାନ ଓ ବୈରାଗ୍ୟ ପ୍ରାପ୍ତ ହୋଇ ଉତ୍ତରୋତ୍ତର ଉନ୍ନତି ହୋଇଥାଏ । ଏହା କେବଳ ସେତିକିବେଳେ ସମ୍ଭବ, ଯେତେବେଳେ ଆମେ ତାଙ୍କର ସାନ୍ନିଧ୍ୟ ଲାଭ କରିବା ତଥା ସେବା ଉପରାନ୍ତ ତାଙ୍କର ପ୍ରେମ ପାଇପାରିବା । ଏହାହେଲେ ସ୍ୱୟଂ ଭଗବାନ ଯିଏକି ଭକ୍ତକାମକଳ୍ପତରୁ, ଆମର ସହାୟତା କରିବେ । ଆମକୁ ଦୁଃଖ ଓ କଷ୍ଟରୁ ମୁକ୍ତ କରି ସୁଖୀ କରିବେ । ଏସବୁ ପ୍ରଗତି କେବଳ ସଦ୍‌ଗୁରୁଙ୍କ କୃପା ଦ୍ୱାରା ହିଁ ସମ୍ଭବ, ଯିଏକି ଈଶ୍ୱରଙ୍କ ପ୍ରତୀକ । ଏଣୁ ଆମକୁ ସର୍ବଦା ସଦ୍‌ଗୁରୁଙ୍କ ଅନ୍ୱେଷଣ କରିବାକୁ ହେବ । ଏବେ ଆମେ ମୁଖ୍ୟ ପ୍ରସଙ୍ଗକୁ ଯିବା ।

## ।। ସ୍ୱପ୍ନରେ ଗୁରୁଚରିତ ଓ ସାଠେ ।।

**ଶ୍ରୀ ସାଠେ :** ଶ୍ରୀ ସାଠେ ନାମରେ ଜଣେ ମହାନୁଭବ ବ୍ୟକ୍ତି ଥିଲେ । କିଛି ବର୍ଷ ପୂର୍ବେ କ୍ରାଫର୍ଡ଼ଙ୍କ ଶାସନକାଳରେ ସେ ପ୍ରସିଦ୍ଧି ଲାଭ କରିଥିଲେ । ଲର୍ଡ଼ ରିଏ ମୁମ୍ବଇର ଗଭର୍ଣ୍ଣର ଅବସ୍ଥାପିତ ହେବାପରେ ଶ୍ରୀ ସାଠେଙ୍କ ବ୍ୟବସାୟରେ ପ୍ରଭୂତ କ୍ଷତି ଘଟିଲା ଏବଂ ପ୍ରତିକୂଳ ପରିସ୍ଥିତିରେ ସେ ଭାଙ୍ଗିପଡ଼ିଲେ । ତୀବ୍ର ମାନସିକ ଅଶାନ୍ତି ଯୋଗୁ ସେ ଘର ଛାଡ଼ି କୌଣସି ଏକାନ୍ତ ସ୍ଥାନକୁ ପଳାଇ ସେଠାରେ ବାସ କରିବାକୁ ବିଚାର କଲେ । ସାଧାରଣତଃ ଅଧିକାଂଶ ଲୋକ ବିପତ୍ତିକାଳରେ ତଥା ଦୁର୍ଦ୍ଦିନରେ ଭଗବାନଙ୍କର ସ୍ମରଣ କରିଥାନ୍ତି ଏବଂ ଏହି ସମୟରେ ସେମାନଙ୍କର ବିଶ୍ୱାସ ବୃଦ୍ଧି ପାଇଥାଏ । କଷ୍ଟ ନିବାରଣ ନିମନ୍ତେ ସେମାନେ ପ୍ରାର୍ଥନା କରନ୍ତି ଓ ଯଦି ସେମାନଙ୍କର ପାପ କର୍ମସବୁ ଶେଷ ହୋଇଯାଇଥାଏ ତାହେଲେ ଭଗବାନ କୌଣସି ସନ୍ଥଙ୍କ ସହ ସେମାନଙ୍କର ସାକ୍ଷାତ କରାଇଦିଅନ୍ତି, ଯିଏକି ସେମାନଙ୍କର କଲ୍ୟାଣ ନିମିତ୍ତ ମାର୍ଗ ପ୍ରଦର୍ଶନ କରନ୍ତି । ଶ୍ରୀ ସାଠେଙ୍କ କ୍ଷେତ୍ରରେ ତାହା ହେଲା । ତାଙ୍କର ଜଣେ ବନ୍ଧୁ ତାଙ୍କୁ ଶିରିଡ଼ି ଯିବାକୁ ପରାମର୍ଶ ଦେଲେ, ଯେଉଁଠାକୁ ମନର ଶାନ୍ତି ତଥା ମନୋକାମନା ପୂରଣ ନିମନ୍ତେ ଦୂର ଦୂରାନ୍ତରୁ ଅଗଣିତ ଲୋକ ଧାଇଁ ଆସୁଛନ୍ତି । ତାଙ୍କ ମନକୁ ଏହି କଥା ବେଶ୍ ପାଇଲା ଏବଂ ୧୯୧୭ ମସିହାରେ ସେ ଶିରିଡ଼ି ଆସିଲେ । ବାବାଙ୍କର ସନାତନ, ପୂର୍ଣ୍ଣ ବ୍ରହ୍ମ, ଦୀପ୍ତିମାନ୍, ନିର୍ମଳ ଏବଂ ବିଶୁଦ୍ଧ ସ୍ୱରୂପ ଦର୍ଶନ କରି ତାଙ୍କ ମନର ବ୍ୟଗ୍ରତା ଦୂର ହୋଇଗଲା ଏବଂ ତାଙ୍କର ମନ ଶାନ୍ତ ଓ ସ୍ଥିର ହେଲା । ସେ ମନେ କଲେ ଯେ ଗତ ଜନ୍ମର ସଞ୍ଚିତ ଶୁଭକର୍ମର ଫଳସ୍ୱରୂପ ହିଁ ଆଜି ମୁଁ ଶ୍ରୀ ସାଇବାବାଙ୍କ ପବିତ୍ର ଚରଣରେ ପହଞ୍ଚିବାରେ ସମର୍ଥ ହୋଇପାରିଛି । ଶ୍ରୀ ସାଠେ ଦୃଢ଼ପ୍ରତିଜ୍ଞ ବ୍ୟକ୍ତି ଥିଲେ । ଏଣୁ ସେ ତୁରନ୍ତ ଶ୍ରୀ ଗୁରୁଚରିତ ପାରାୟଣ ଆରମ୍ଭ କରିଦେଲେ । ଏକ ସପ୍ତାହ ପରେ ଯେଉଁଦିନ ପାରାୟଣ ଶେଷ ହେଲା, ସେହିଦିନ ବାବା ତାଙ୍କୁ ସ୍ୱପ୍ନରେ ଦେଖାଦେଇ ଯାହା କହିଲେ ତାହା ଏହିପରି:-

"ବାବା ନିଜ ହାତରେ ଚରିତ ଧରିଛନ୍ତି ଏବଂ ଶ୍ରୀ ସାଠେଙ୍କୁ କେତେକ ବିଷୟ ବୁଝାଉଛନ୍ତି ତଥା ଶ୍ରୀ ସାଠେ ସମ୍ମୁଖରେ ବସି ଧ୍ୟାନ ସହକାରେ ଶୁଣୁଛନ୍ତି । ଯେତେବେଳେ ନିଦ୍ରା ଭଙ୍ଗ ହେଲା, ସ୍ୱପ୍ନ କଥା ସ୍ମରଣ କରି ତାଙ୍କର ମନ ଆନନ୍ଦରେ ପୂରି ଉଠିଲା । ସେ ମନେ କଲେ ଯେ ଏହା ତାଙ୍କ ପ୍ରତି ବାବାଙ୍କର ଅସୀମ କୃପା, ଯିଏ ଏହି ପ୍ରକାର ଅଚେତନ ଅବସ୍ଥାରେ ଥିବା ଲୋକଙ୍କୁ ଜାଗ୍ରତ କରି ସେମାନଙ୍କୁ ଗୁରୁଚରିତର ଅମୃତପାନ କରିବାର ସୁଯୋଗ ପ୍ରଦାନ କରୁଛନ୍ତି । ଏହି ସ୍ୱପ୍ନ କଥା ସେ କାକାସାହେବ ଦୀକ୍ଷିତଙ୍କୁ ମଧ୍ୟ ଜଣାଇଲେ ଏବଂ ଏହାର ପ୍ରକୃତ ଅର୍ଥ କ'ଣ ତାହା ବାବାଙ୍କୁ ପଚାରିବାକୁ ଅନୁରୋଧ କଲେ । ଏହାସହ ଏକ ସପ୍ତାହ ପାରାୟଣ ତାଙ୍କ ପାଇଁ ଯଥେଷ୍ଟ ହୋଇଛି ନା ପୁଣି ପାରାୟଣ ଆରମ୍ଭ କରିବେ, ଏକଥା ମଧ୍ୟ ପଚାରିବାକୁ ପ୍ରାର୍ଥନା କଲେ । କାକାସାହେବ ଦୀକ୍ଷିତ ଉପଯୁକ୍ତ ସୁଯୋଗ ଦେଖି ବାବାଙ୍କୁ ପଚାରିଲେ କି 'ହେ ଦେବ ! ସେହି ଦୃଷ୍ଟାନ୍ତରୁ ଆପଣ ଶ୍ରୀ ସାଠେଙ୍କୁ କ'ଣ ଉପଦେଶ ଦେଲେ ? କ'ଣ ସେ ପାରାୟଣ ସପ୍ତାହ ସ୍ଥଗିତ କରିଦେବେ ? ସେ ଜଣେ ସରଳହୃଦୟର ବ୍ୟକ୍ତି । ଏଥିନିମନ୍ତେ ଆପଣ ତାଙ୍କର ମନୋକାମନା ପୂର୍ଣ୍ଣ କରନ୍ତୁ ଏବଂ ହେ ଦେବ ! କୃପା କରି ତାଙ୍କୁ ଏହି ସ୍ୱପ୍ନର ଯଥାର୍ଥ ଅର୍ଥ ମଧ୍ୟ ବୁଝାଇଦିଅନ୍ତୁ । ତତ୍ପରେ ବାବା କହିଲେ ଯେ ସେ ଆଉ ଏକ ସପ୍ତାହ ଗୁରୁଚରିତ ପାରାୟଣ କରନ୍ତୁ । ଯଦି ସେ ଧ୍ୟାନ ସହକାରେ ପାଠ କରିବେ, ତାଙ୍କର ଚିତ୍ତ ଶୁଦ୍ଧ ହେବ ଏବଂ ଶୀଘ୍ର ମଙ୍ଗଳ ହେବ । ଭଗବାନ ମଧ୍ୟ ପ୍ରସନ୍ନ ହୋଇ ତାଙ୍କୁ ଭବ ବନ୍ଧନରୁ ମୁକ୍ତ କରିଦେବେ ।' ଏହି ଅବସରରେ ଶ୍ରୀ ହେମାଡପନ୍ତ ସେଠାରେ ଉପସ୍ଥିତ ଥିଲେ ଏବଂ ବାବାଙ୍କ ଚରଣକମଳରେ ସେବା କରୁଥିଲେ । ବାବାଙ୍କର ବଚନ ଶୁଣି ତାଙ୍କ ମନକୁ ବିଚାର ଆସିଲା ଯେ ସାଠେ କେବଳ ଗୋଟିଏ ସପ୍ତାହ ପାରାୟଣ କରି ମନୋବାଞ୍ଛିତ ଫଳ ପାଇଗଲେ । ମୁଁ ୪୦ ବର୍ଷ ଧରି ଗୁରୁ ଚରିତ ପାରାୟଣ କରୁଛି, କିନ୍ତୁ କିଛି ଫଳ ପାଇଲି ନାହିଁ । ତାଙ୍କର ସାତଦିନର ଶିରିଡ଼ି ନିବାସ ଫଳଦାୟୀ ହେଲା ଅଥଚ ମୋର ସାତବର୍ଷର( ୧୯୧୦-୧୯୧୭) ରହଣି ବୃଥା ଗଲା ? ଚାତକ ପକ୍ଷୀ ସଦୃଶ ମୁଁ ସେହି କୃପାଘନଙ୍କ ପ୍ରତି ଦୃଷ୍ଟି ରଖିଛି, ମୋ ଉପରେ ଅମୃତବୃଷ୍ଟି କରିବେ ବୋଲି । ସେ କେବେ ମୋତେ ତାଙ୍କର ଉପଦେଶ ଦେଇ କୃପା କରିବେ ? ତାଙ୍କ ମନରେ ଏପରି ବିଚାର ଆସିବା କ୍ଷଣି ବାବାଙ୍କୁ ତାହା ଅବଗତ ହୋଇଯାଇଥିଲା । ଭକ୍ତମାନେ ସର୍ବଦା ଅନୁଭବ କରିଥାନ୍ତି କି ବାବା ସେମାନଙ୍କର ସମସ୍ତ କୁଚିନ୍ତାକୁ ତୁରନ୍ତ ଦମନ କରି ଉତ୍ତମ ବିଚାରକୁ ପ୍ରୋତ୍ସାହିତ କରୁଥିଲେ । ହେମାଡପନ୍ତଙ୍କ ମନରେ ଏପରି ବିଚାର ଦେଖି ବାବା ତୁରନ୍ତ ତାଙ୍କୁ ଶ୍ୟାମାଙ୍କ ପାଖକୁ ଯିବାକୁ ଏବଂ ତାଙ୍କ ସହ ବାର୍ତ୍ତାଳାପ କରି ୧୫ ଟଙ୍କା ଦକ୍ଷିଣା ଆଣି ଆସିବାକୁ କହିଲେ । ବାବାଙ୍କ ମନରେ ଦୟା ଆସିଯାଇଥିଲା । ଏହି କାରଣରୁ ସେ ଏପରି ନିର୍ଦ୍ଦେଶ ଦେଲେ । ତାଙ୍କ ଆଦେଶକୁ ଅବଜ୍ଞା କରିବାର ସାହସ କାହାର ଥିଲା ? ହେମାଡପନ୍ତ ତୁରନ୍ତ ଶ୍ୟାମାଙ୍କ ଘରେ

ପହଞ୍ଚିଲେ । ସେହି ସମୟରେ ଶ୍ୟାମା ସ୍ନାନ ସାରି ଧୋତି ପରିଧାନ କରୁଥିଲେ । ବାହାରକୁ ଆସି ହେମାଡପନ୍ତଙ୍କୁ ଆଗମନର କାରଣ ପଚାରିଲେ । 'ଆପଣ ମସଜିଦ୍‌ରୁ ଆସିଲା ପରି ଜଣାପଡୁଛି । ଏପରି ବିଷଣ୍ଣ ଓ ଉଦାସ କାହିଁକି ଜଣାପଡୁଛନ୍ତି ? ଏକୁଟିଆ କାହିଁକି ଆସିଛନ୍ତି ବୋଲି ପ୍ରଶ୍ନ କରି ବସିବା ପାଇଁ ଅନୁରୋଧ କଲେ ଓ ସେ ପୂଜା ସାରିବା ପର୍ଯ୍ୟନ୍ତ ପାନ ଆଦି ନେବାକୁ କହି ଭିତରକୁ ଚାଲିଗଲେ । ବାରଣ୍ଡାରେ ବସିଥିବା ଅବସ୍ଥାରେ ହେମାଡପନ୍ତଙ୍କ ଦୃଷ୍ଟି ଅଚାନକ ଝରକା ଉପରେ ଥିବା 'ନାଥ ଭାଗବତ' ଉପରେ ପଡ଼ିଲା । 'ନାଥ ଭାଗବତ' ଶ୍ରୀ ଏକନାଥଙ୍କ ଦ୍ୱାରା ଭାଗବତ ମହାପୁରାଣର ଏକାଦଶ ସ୍କନ୍ଧ ଉପରେ ମରାଠୀ ଭାଷାରେ ଲିଖିତ ଟୀକାର ସଂକଳନ । ଶ୍ରୀ ସାଇବାବାଙ୍କ ଆଦେଶରେ ବାପୁସାହେବ ଯୋଗ ଏବଂ କାକାସାହେବ ଦୀକ୍ଷିତ ଶିରିଡ଼ିରେ ପ୍ରତିଦିନ ମରାଠି ଟୀକା ସହ 'ଭଗବତଗୀତା' (ମହାରାଷ୍ଟ୍ରରେ ଯାହାର ନାମ ଭାବାର୍ଥ ଦୀପିକା ବା ଜ୍ଞାନେଶ୍ୱରୀ), 'ନାଥ ଭାଗବତ' ଏବଂ ଏକନାଥଙ୍କ ମହାନ୍ ଗ୍ରନ୍ଥ 'ଭାବାର୍ଥ ରାମାୟଣ' ପାଠ କରୁଥିଲେ । ଯେତେବେଳେ ଭକ୍ତମାନେ ବାବାଙ୍କୁ କୌଣସି ପ୍ରଶ୍ନ ପଚାରିବାକୁ ଆସୁଥିଲେ, ସେ କେତେବେଳେ ଆଂଶିକ ଉତ୍ତର ଦେଉଥିଲେ ତ ଆଉ କେତେବେଳେ ଉପରୋକ୍ତ ଭାଗବତ କିମ୍ବା ପ୍ରଧାନ ଗ୍ରନ୍ଥକଥା ଶୁଣିବାକୁ ପରାମର୍ଶ ଦେଉଥିଲେ । ଯାହାକୁ ଶୁଣିବା ପରେ ଭକ୍ତମାନଙ୍କୁ ସେମାନଙ୍କ ପ୍ରଶ୍ନର ପୂର୍ଣ୍ଣ ସନ୍ତୋଷପ୍ରଦ ଉତ୍ତର ମିଳିଯାଉଥିଲା । ହେମାଡପନ୍ତ ମଧ୍ୟ ପ୍ରତିଦିନ 'ନାଥ ଭାଗବତ'ର କିଛି ଅଂଶ ପାଠ କରୁଥିଲେ ।

ଆଜି ସକାଳେ ମସଜିଦ୍‌କୁ ଯିବା ସମୟରେ କେତେକ ଭକ୍ତଙ୍କ ସତ୍‌ସଂଗ ହୋଇଯିବାରୁ ସେ ନିତ୍ୟ ନିୟମାନୁସାରେ ଭାଗବତ ପାଠ ଅଧାରେ ଛାଡ଼ିଦେଇଥିଲେ । ଯେମିତି ସେହି ଗ୍ରନ୍ଥ ବାହାର କରି ଖୋଲି ଦେଖନ୍ତି ତ ଯେଉଁ ପୃଷ୍ଠାରେ ପାଠ ଛାଡ଼ିଥିଲେ ଠିକ୍ ସେହି ପୃଷ୍ଠା ଖୋଲିଥିବା ଦେଖି ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ମନେ କଲେ ଯେ ବାବା ଏଥିପାଇଁ ହିଁ ତାଙ୍କୁ ସେଠାକୁ ପଠାଇଛନ୍ତି, ଯଦ୍ୱାରା ସେ ତାଙ୍କର ଅପୂର୍ଣ୍ଣ ପାଠ ପୂର୍ଣ୍ଣ କରିବେ । ଏହାପରେ ସେ ଅବଶିଷ୍ଟ ଅଂଶର ପାରାୟଣ ଆରମ୍ଭ କଲେ । ପାଠ ସରିବାବେଳକୁ ଶ୍ୟାମା ବାହାରକୁ ଆସିଲେ ଏବଂ ଦୁହିଁଙ୍କ ମଧ୍ୟରେ ବାର୍ତ୍ତାଳାପ ହେଲା । ହେମାଡପନ୍ତ କହିଲେ କି ମୁଁ ବାବାଙ୍କର ଗୋଟିଏ ସନ୍ଦେଶ ନେଇ ଆପଣଙ୍କ ପାଖକୁ ଆସିଛି । ସେ ଆପଣଙ୍କଠାରୁ ୧୫ ଟଙ୍କା ଦକ୍ଷିଣା ଆଣିବାକୁ ତଥା ଆପଣଙ୍କ ସହ କିଛି ସମୟ ବାର୍ତ୍ତାଳାପ କରିବା ପରେ ଆପଣଙ୍କୁ ସାଙ୍ଗରେ ନେଇ ମସଜିଦ୍ ଯିବାକୁ ଆଦେଶ ଦେଇଛନ୍ତି । ଶ୍ୟାମା ଆଶ୍ଚର୍ଯ୍ୟ ପ୍ରକଟ କରି କହିଲେ କି 'ମୋ ପାଖରେ ତ ଫଟା କଉଡ଼ିଟିଏ ନାହିଁ । ଏଣୁ ଆପଣ ଟଙ୍କା ବଦଳରେ ମୋର ପନ୍ଦରଟି ପ୍ରଣାମ ଗ୍ରହଣ କରନ୍ତୁ । ତତ୍ପରେ ହେମାଡପନ୍ତ କହିଲେ, ଠିକ୍ ଅଛି ଆପଣଙ୍କର ପନ୍ଦରଟି ପ୍ରଣାମ ସ୍ୱୀକାର କରୁଛି । ଆସନ୍ତୁ, ଏବେ ଆମେ କିଛି ବାର୍ତ୍ତାଳାପ କରିବା ଏବଂ ଆପଣ କୃପା କରି ମୋତେ ବାବାଙ୍କର କିଛି ଲୀଳା ଶୁଣାନ୍ତୁ, ଯାହାଦ୍ୱାରା ମୋର ପାପ ନଷ୍ଟ

ହେବ । ଶ୍ୟାମା କହିଲେ 'ତାହେଲେ କିଛି ସମୟ ବସନ୍ତୁ । ଏହି ଈଶ୍ୱରଙ୍କର ଲୀଳା ବଡ଼ ଅଦ୍‌ଭୁତ । କେଉଁଠି ମୁଁ ଜଣେ ଅଶିକ୍ଷିତ ଗାଉଁଲି ଲୋକ ଏବଂ ଆପଣଙ୍କ ପରି ଜଣେ ବିଦ୍ୱାନ । ଏଠାକୁ ଆସିବା ପରେ ଆପଣ ସ୍ୱୟଂ ତ ବାବାଙ୍କର ଅନେକ ଲୀଳା ଚାକ୍ଷୁସ କରିଛନ୍ତି, ମୁଁ କିପରି ସେଗୁଡ଼ିକର ବର୍ଣ୍ଣନା ଆପଣଙ୍କ ସମ୍ମୁଖରେ କରିପାରିବି ? ଠିକ୍ ଅଛି, ଆପଣ ପାନ, ସୁପାରୀ ନେଉଥାନ୍ତୁ, ମୁଁ ଲୁଗା ପିନ୍ଧିନିଏ ।

କିଛି ସମୟ ପରେ ଶ୍ୟାମା ବାହାରକୁ ଆସିଲେ ଏବଂ ସେ ଦୁହିଁଙ୍କ ମଧ୍ୟରେ ଏପରି ବାର୍ତ୍ତାଳାପ ହେଲା ।

ଶ୍ୟାମା କହିଲେ 'ଏହି ପରମେଶ୍ୱର(ବାବା)ଙ୍କ ଲୀଳା ଅପାର, ଯାହାର କୌଣସି ତୁଳନା ନାହିଁ । ସେ ତ ଲୀଳାରୁ ନିର୍ଲିପ୍ତ ରହି ସର୍ବଦା ବିନୋଦ କରନ୍ତି । ଆମପରି ଅଜ୍ଞାନୀ ବ୍ୟକ୍ତି ଏହାକୁ କିପରି ବୁଝିପାରିବା ? ବାବା ସ୍ୱୟଂ କ'ଣ ନକହନ୍ତି ? ଆପଣଙ୍କ ପରି ବିଦ୍ୱାନଙ୍କୁ ମୋ ପରି ଜଣେ ମୂର୍ଖ ପାଖକୁ ପଠାଇଲେ କାହିଁକି ? ତାଙ୍କର କାର୍ଯ୍ୟପ୍ରଣାଳୀ କଳ୍ପନାର ଉର୍ଦ୍ଧ୍ୱରେ । ମୁଁ ତ ଏହି ବିଷୟରେ କେବଳ ଏତିକି କହିପାରେ ଯେ ସେ ଲୌକିକ ନୁହନ୍ତି । ଏହି ଭୂମିକା ସହ ଶ୍ୟାମା କହିଲେ କି ଏବେ ମୋର ଗୋଟିଏ କଥାର ସ୍ମୃତି ଭାସିଆସୁଛି, ଯାହା ମୁଁ ବ୍ୟକ୍ତିଗତ ରୂପରେ ଜାଣିଛି । **ଭକ୍ତର ନିଷ୍ଠା ଏବଂ ଭାବ ଯେପରି ହୋଇଥାଏ, ବାବା ସେହିପ୍ରକାର ତାର ସହାୟତା କରିଥାନ୍ତି । କେବେ କେବେ ତ ବାବା ଭକ୍ତର କଠିନ ପରୀକ୍ଷା ନେଇ ହିଁ ତାକୁ ଉପଦେଶ ଦେଇଥାନ୍ତି ।** 'ଉପଦେଶ' ଶବ୍ଦ ଶୁଣିବା ମାତ୍ରେ ସାଠେଙ୍କର ଗୁରୁଚରିତ ପାରାୟଣ ଘଟଣା ସ୍ମରଣ କରି ହେମାଡପନ୍ତଙ୍କ ଶରୀର ରୋମାଞ୍ଚିତ ହୋଇଉଠିଲା । ସେ ମନେ କଲେ, ତାଙ୍କର ମନର ଚଞ୍ଚଳତା ଦୂର କରିବା ପାଇଁ ବାବା ଏଠାକୁ ପଠାଇ ନାହାନ୍ତି ତ ? ତଥାପି ସେ ତାଙ୍କର ମନକଥା ଖୋଲିନକହି ଶ୍ୟାମାଙ୍କ କଥା ଧ୍ୟାନର ସହ ଶୁଣିବାକୁ ଲାଗିଲେ । ସେହିସବୁ କଥା ଶ୍ରବଣକରି ତାଙ୍କର ଶରୀର ରୋମାଞ୍ଚରେ ପୂରି ଉଠିଲା । ମନରେ ଅପାର ଆନନ୍ଦ ଆସିଲା । ତତ୍ପରେ ଶ୍ୟାମା ନିମ୍ନରେ ବର୍ଣ୍ଣିତ କଥା ବ୍ୟାଖ୍ୟାନ କଲେ ।

## ।। ଅନ୍ନଜଳ ତ୍ୟାଗ ଏବଂ ବାବାଙ୍କ ଧୈର୍ଯ୍ୟରକ୍ଷା ମନ୍ତ୍ର ।।

**ଶ୍ରୀମତୀ ରାଧାବାଈ ଦେଶମୁଖ :** ଥରେ ଜଣେ ବୃଦ୍ଧ ମହିଳା ଶ୍ରୀମତୀ ରାଧାବାଈ ଦେଶମୁଖ ବାବାଙ୍କର କୀର୍ତ୍ତି ଶୁଣି ସଂଗମନେରର କିଛି ଲୋକଙ୍କ ସହ ଶିରିଡ଼ି ଆସିଥିଲେ । ବାବାଙ୍କର ଶ୍ରୀମୁଖ ଦର୍ଶନକରି ତାଙ୍କ ମନରେ ଅତ୍ୟନ୍ତ ଆନନ୍ଦ ଜାତହେଲା । ସାଇଚରଣରେ ତାଙ୍କର ଅଟଳ ଶ୍ରଦ୍ଧା ଥିଲା । ଏବେ ବାବାଙ୍କୁ ଗୁରୁ କରି ତାଙ୍କଠାରୁ ଉପଦେଶ ଗ୍ରହଣ କରିବାକୁ ସ୍ଥିର କଲେ । ଏହି ମନସ୍କାମନା ପୂରଣ ପାଇଁ ସେ କାଷ୍ଠା ଉପବାସ ଆରମ୍ଭ କଲେ ଓ ଅନ୍ନ ଜଳ ତ୍ୟାଗ କଲେ । ଏପରି ତିନିଦିନ ଅତିବାହିତ

ହେଲା । ବୃଦ୍ଧାଜଣଙ୍କର ନିର୍ଜଳା ଉପବାସ ଦେଖି ମୁଁ ଶଙ୍କିତ ହୋଇଗଲି ଏବଂ ବାବାଙ୍କ ନିକଟରେ ପ୍ରାର୍ଥନା କଲି କି 'ହେ ଦେବା ! ଆପଣ କେତେ ଲୋକଙ୍କୁ ଆକର୍ଷିତକରି ନିଜ ପାଖକୁ ଟାଣିଆଣୁଛନ୍ତି । ସେହି ବୃଦ୍ଧ ମହିଳାଙ୍କୁ ମଧ୍ୟ ଭଲରୂପେ ଜାଣନ୍ତି, ଯିଏ ଆପଣଙ୍କୁ ଆଶ୍ରା କରି ଦୃଢ଼ ପ୍ରତିଜ୍ଞା କରିଛନ୍ତି । ଯଦି ଆପଣ କୃପାଦୃଷ୍ଟି କରି ତାଙ୍କୁ ଉପଦେଶ ନଦିଅନ୍ତି ଏବଂ ଦୁର୍ଭାଗ୍ୟବଶତଃ ତାଙ୍କର କିଛି ହୋଇଯାଏ ତାହେଲେ ଲୋକେ ବୃଥାରେ ଆପଣଙ୍କୁ ଦୋଷୀ ବିବେଚିତ କରିବେ ଏବଂ ଆପଣଙ୍କଠାରୁ ଉପଦେଶ ନପାଇବାରୁ ତାଙ୍କର ମୃତ୍ୟୁ ଘଟିଲା ବୋଲି ଆରୋପ କରିବେ । ଏଥି ସକାଶେ ଦୟା କରି ତାଙ୍କୁ ଆଶିଷ ଓ ଉପଦେଶ ପ୍ରଦାନ କରନ୍ତୁ । ବାବା ବୃଦ୍ଧ ମହିଳାଙ୍କୁ ତାଙ୍କ ପାଖକୁ ଡକାଇଲେ ଏବଂ କହିଲେ 'ହେ ମାତା ! ଯନ୍ତ୍ରଣା ସହ୍ୟକରି ମୃତ୍ୟୁକୁ ଆଲିଙ୍ଗନ କରିବାକୁ ତୁମେ କାହିଁକି ଚାହୁଁଛ ? ତୁମେ ମୋର ମାଆ ଓ ମୁଁ ତୁମର ପୁତ୍ର । ତୁମେ ମୋ ପ୍ରତି ଦୟା କର ଏବଂ ଯାହା ମୁଁ କହୁଛି, ଧ୍ୟାନପୂର୍ବକ ଶ୍ରବଣ କର । ମୋର ନିଜ କଥା ତୁମକୁ କହୁଛି ଏବଂ ତୁମେ ଯଦି ଧ୍ୟାନ ସହକାରେ ଏହାକୁ ଶୁଣିବ, ତାହେଲେ ପରମ ଶାନ୍ତି ପ୍ରାପ୍ତି ହେବ । ମୋର ଗୁରୁ ଜଣେ ମହାନ୍ ସିଦ୍ଧପୁରୁଷ ଥିଲେ । ମୋ ପ୍ରତି ସେ ବଡ଼ ଦୟାଳୁ ଥିଲେ । ଦୀର୍ଘକାଳ ପର୍ଯ୍ୟନ୍ତ ମୁଁ ତାଙ୍କର ସେବା କରୁଥିଲି; ତଥାପି ମୋର କର୍ଣ୍ଣରେ ସେ କୌଣସି ମନ୍ତ୍ର ଫୁଙ୍କିନଥିଲେ । ମୁଁ ତାଙ୍କଠାରୁ କେବେ ପୃଥକ ହେବାକୁ ଚାହୁଁନଥିଲି । ମୋର ପ୍ରବଳ ଉତ୍କଣ୍ଠା ଥିଲା ଯେ ଯେଉଁ ପ୍ରକାରେ ମଧ୍ୟ ତାଙ୍କର ସେବା କରି ତାଙ୍କଠାରୁ ମନ୍ତ୍ର ପ୍ରାପ୍ତ କରିବି; କିନ୍ତୁ ତାଙ୍କର ରୀତି ନିଆରା ଥିଲା । ସେ ପ୍ରଥମେ ମୋର ମୁଣ୍ଡନ କରି ମୋତେ ଦୁଇ ପଇସା ଦକ୍ଷିଣା ମାଗିଲେ, ଯାହା ମୁଁ ତାଙ୍କୁ ତୁରନ୍ତ ଅର୍ପଣ କଲି । ତୁମେ ପ୍ରଶ୍ନ କରିପାର ଯେ ମୋର ଗୁରୁ ଯେତେବେଳେ ପୂର୍ଣ୍ଣ ନିଷ୍କାମ ଥିଲେ, ସେ ଦକ୍ଷିଣା ମାଗିବା କ'ଣ ଶୋଭନୀୟ ଥିଲା ? ତାଙ୍କର ଅନାସକ୍ତ ଭାବ ଥିଲା ବୋଲି କିପରି କୁହାଯିବ ? ଏହାର ଉତ୍ତର କେବଳ ଏହା ହୋଇପାରେ ଯେ କାଞ୍ଚନକୁ ସେ ପ୍ରତ୍ୟାଖ୍ୟାନ କରୁଥିଲେ, ସ୍ୱପ୍ନରେ ମଧ୍ୟ ତାର ଆବଶ୍ୟକତା ତାଙ୍କର ନଥିଲା । ସେହି ଦୁଇ ପଇସାର ଅର୍ଥ ଥିଲା ଦୃଢ଼ ନିଷ୍ଠା ଏବଂ ଧୈର୍ଯ୍ୟ । ଯେତେବେଳେ ମୁଁ ଏହି ଦୁଇଟି ବସ୍ତୁ ତାଙ୍କୁ ଅର୍ପଣ କଲି ସେ ଅତ୍ୟନ୍ତ ପ୍ରସନ୍ନ ହେଲେ । ମୁଁ ବାରବର୍ଷ ତାଙ୍କର ଶ୍ରୀପୟର ସେବାରେ ଅତିବାହିତ କଲି, ସେ ମୋର ଭରଣ ପୋଷଣ କଲେ । ଏଣୁ ମୋର ଅନ୍ନ ଓ ବସ୍ତ୍ରର ଆବଶ୍ୟକତା ରହିଲା ନାହିଁ । ସେ ପ୍ରେମର ମୂର୍ତ୍ତି ଥିଲେ କିମ୍ବା ଅନ୍ୟ ଅର୍ଥରେ କହିଲେ ପ୍ରେମର ସାକ୍ଷାତ ଅବତାର ଥିଲେ । ତାଙ୍କର କରୁଣାର ବର୍ଣ୍ଣନା ମୁଁ କିପରି କରିପାରିବି, ଯିଏ ମୋତେ ଏପରି ସ୍ନେହ କରୁଥିଲେ । ତାଙ୍କ ସମାନ ଗୁରୁ ତ ବିରଳ ଥିଲେ । ଯେତେବେଳେ ମୁଁ ତାଙ୍କୁ ଦେଖୁଥିଲି, ମନେ ହେଉଥିଲା ଯେପରି ଗମ୍ଭୀର ମୁଦ୍ରାରେ ସେ ଧ୍ୟାନମଗ୍ନ ଅଛନ୍ତି ଏବଂ ତା'ପରେ ଆମେ ଦୁହେଁ ଆନନ୍ଦରେ ଏକାକାର ହୋଇଯାଉଥିଲୁ । ଆଠ ଆଠ ଘଣ୍ଟା ଧରି ମୁଁ ଏକଲୟରେ ତାଙ୍କର ଶ୍ରୀମୁଖକୁ

ଚାହିଁ ରହୁଥିଲି । ଭୋକ, ଶୋଷ ଭୁଲିଯାଉଥିଲି । ତାଙ୍କର ଦର୍ଶନ ବିନା ମୋର ମନ ଅଶାନ୍ତ ହୋଇଉଠୁଥିଲା । ଗୁରୁ ସେବା ବ୍ୟତୀତ ମୋ ପାଇଁ ଅନ୍ୟ କୌଣସି ଚିନ୍ତାର ବିଷୟ ବା ପଦାର୍ଥ ନଥିଲା । ସର୍ବଦା ତାଙ୍କର ଧ୍ୟାନ ମୋର ମାନସପଟରେ ରହୁଥିଲା । ଏଣୁ ମୋର ମନ ତାଙ୍କର ଚରଣ କମଳରେ ଲୀନ ହୋଇଗଲା । ଏହା ଥିଲା ଗୋଟିଏ ପଇସା । ଦ୍ୱିତୀୟ ପଇସା ଥିଲା ଧୈର୍ଯ୍ୟ । ଧୈର୍ଯ୍ୟର ସହ ବହୁ କାଳ ପ୍ରତୀକ୍ଷା କରି ମୁଁ ତାଙ୍କର ସେବା କରୁଥିଲି । **ଏହି ଧୈର୍ଯ୍ୟ ତୁମକୁ ମଧ୍ୟ ଭବସାଗରରୁ ଉଦ୍ଧାର କରିଦେବ । ଧୈର୍ଯ୍ୟ ହିଁ ମନୁଷ୍ୟ ମଧ୍ୟରେ ମନୁଷ୍ୟତ୍ୱ ଅଟେ । ଧୈର୍ଯ୍ୟ ଧାରଣ କରିବା ଦ୍ୱାରା ସବୁ ପାପ ଓ ମୋହ ନଷ୍ଟ ହୋଇ ସମସ୍ତ ପ୍ରକାର ସଂକଟ ଦୂର ହୋଇଯାଏ ତଥା ଭୟ ନଷ୍ଟ ହୋଇଯାଏ ।** ଏହି ପ୍ରକାର ତୁମର ମଧ୍ୟ ଲକ୍ଷ୍ୟ ପୂରଣ ହୋଇଯିବ । ଧୈର୍ଯ୍ୟ ଗୁଣର ଭଣ୍ଡାର ତଥା ଉତ୍ତମ ବିଚାରର ଜନନୀ ଅଟେ । ନିଷ୍ଠା ଏବଂ ଧୈର୍ଯ୍ୟ ଦୁଇଟି ବାହନ ଏବଂ ସେମାନଙ୍କ ମଧ୍ୟରେ ପରସ୍ପର ପ୍ରତି ପ୍ରଗାଢ଼ ପ୍ରେମ ରହିଥାଏ ।

'ମୋର ଗୁରୁ ମୋଠାରୁ କୌଣସି ବସ୍ତୁର ଆକାଙ୍କ୍ଷା ରଖୁନଥିଲେ । ସେ କେବେ ମୋତେ ଉପେକ୍ଷା କରୁନଥିଲେ ବରଂ ସର୍ବଦା ରକ୍ଷା କରୁଥିଲେ । ଯଦିଓ ମୁଁ ତାଙ୍କର ଚରଣପଦ୍ମରେ ରହୁଥିଲି, ତଥାପି କେବେ ଅନ୍ୟ କେଉଁ ସ୍ଥାନକୁ ଚାଲିଗଲେ ମଧ୍ୟ ତାଙ୍କ ପ୍ରତି ମୋର ପ୍ରେମ ଊଣା ହେଉନଥିଲା । ସେ ସର୍ବଦା ମୋ ଉପରେ କୃପାଦୃଷ୍ଟି ରଖୁଥିଲେ, ଯେଉଁପ୍ରକାର କଚ୍ଛପ ପ୍ରେମଦୃଷ୍ଟି ସହକାରେ ତାର ସନ୍ତାନମାନଙ୍କର ଲାଳନ ପାଳନ କରିଥାଏ– ସେମାନେ ପାଖରେ ଥାଆନ୍ତୁ ବା ନଦୀ ସେ ପାରିରେ । କାରଣ ସେ ମାଆ ! ମୋର ଗୁରୁ ତ ମୋତେ କୌଣସି ମନ୍ତ୍ର ଶିଖାଇଲେ ନାହିଁ, ମୁଁ ତୁମ କର୍ଣ୍ଣରେ କିପରି ମନ୍ତ୍ର ଫୁଙ୍କିବି ? କେବଳ ଏତିକି ମନେରଖ ଯେ ମାଆ କଚ୍ଛପ ସଦୃଶ ଗୁରୁଙ୍କ ପ୍ରେମ ଦୃଷ୍ଟିରୁ ମଧ୍ୟ ଆମକୁ ଅଫୁରନ୍ତ ସନ୍ତୋଷ ପ୍ରାପ୍ତ ହୋଇଥାଏ । ଏହି କାରଣରୁ **ବୃଥାରେ କାହାଠାରୁ ଉପଦେଶ ପାଇବାକୁ ପ୍ରୟାସ କରନାହିଁ । ମୋତେ ହିଁ ନିଜର ବିଚାର ତଥା କର୍ମର ମୁଖ୍ୟ ଧ୍ୟେୟ କରିଦିଅ ଏବଂ ଏହାକଲେ ନିଃସନ୍ଦେହରେ ତୁମର ପରମାତ୍ମା ପ୍ରାପ୍ତି ହୋଇଯିବ । ମୋ ଆଡ଼କୁ ଅନନ୍ୟ ଭାବରେ ଦେଖ, ତାହେଲେ ମୁଁ ତୁମକୁ ସେହିପରି ଦେଖିବି । ଏହି ମସଜିଦ୍‌ରେ ବସି ମୁଁ ସତ୍ୟ କହୁଛି, କୌଣସି ସାଧନା ବା ଶାସ୍ତ୍ରାଧ୍ୟୟନର ଆବଶ୍ୟକତା ନାହିଁ, କେବଳ ଗୁରୁଙ୍କଠାରେ ବିଶ୍ୱାସ ହିଁ ଯଥେଷ୍ଟ । ପୂର୍ଣ୍ଣ ବିଶ୍ୱାସ ରଖ ଯେ ଗୁରୁ ହିଁ କର୍ତ୍ତା ଅଟନ୍ତି । ଆଉ ଯିଏ ଗୁରୁଙ୍କ ମହାନତା ଉପଲବ୍ଧିକରି ତାଙ୍କୁ ହରି, ହର ଓ ବ୍ରହ୍ମା(ତ୍ରିମୂର୍ତ୍ତି)ଙ୍କ ଅବତାର ମନେ କରିଛି, ତା'ର ଜୀବନ ବାସ୍ତବରେ ଧନ୍ୟ ।**

ବୃଦ୍ଧା ମହିଳା ଏବେ ବୁଝିଗଲେ ଓ ବାବାଙ୍କୁ ପ୍ରଣାମ କରି ଉପବାସ ଭଙ୍ଗ କଲେ । ଏହି କଥା ଧ୍ୟାନ ସହକାରେ ଶ୍ରବଣ କରି ତଥା ତା'ର ଗୂଢ଼ାର୍ଥ ହୃଦବୋଧକରି ହେମାଡପନ୍ତ

ଆଶ୍ଚର୍ଯ୍ୟାନ୍ୱିତ ହେଲେ । ତାଙ୍କର ହୃଦୟ ଭାବପୂର୍ଣ୍ଣ ହୋଇଗଲା ଏବଂ ରୋମାଞ୍ଚରେ ପୂରି ଉଠିଲା । ଅପୂର୍ବ ଆନନ୍ଦରେ କଣ୍ଠ ବାଷ୍ପରୁଦ୍ଧ ହେଲା ଏବଂ ମୁହଁରୁ ଗୋଟିଏ ଶବ୍ଦ ମଧ୍ୟ ସ୍ଫୁରିଲା ନାହିଁ । ତାଙ୍କର ଏପରି ଅବସ୍ଥା ଦେଖି ଶ୍ୟାମା ପ୍ରଶ୍ନ କଲେ 'ଆପଣ ଏପରି ସ୍ତବ୍ଧ ହୋଇଗଲେ କାହିଁକି ?' ବାବାଙ୍କର ତ ଏପରି ଅଗଣିତ ଲୀଳା ଅଛି, ମୁଁ କିପରି ତା'ର ବର୍ଣ୍ଣନା କରିବି ?

ଏହି ସମୟରେ ମସଜିଦ୍‌ରେ ଘଣ୍ଟାନାଦ ହେଲା । ମଧ୍ୟାହ୍ନ ପୂଜା ତଥା ଆରତିର ସମୟ ହୋଇଯାଇଥିଲା । ଶ୍ୟାମା ଓ ହେମାଡପନ୍ତ ଶୀଘ୍ର ମସଜିଦ୍ ଯିବାକୁ ବାହାରିଲେ । ବାପୁସାହେବ ଯୋଗ ପୂଜା ଆରମ୍ଭ କରିଥିଲେ, ମହିଳାମାନେ ମସଜିଦ୍ ଉପର ମଣ୍ଡପରେ ଦଣ୍ଡାୟମାନ ହୋଇଥିଲେ ଏବଂ ପୁରୁଷମାନେ ନିମ୍ନ ଅଗଣାରେ । ବାଦ୍ୟ ବାଦନ ସହିତ ସମସ୍ତେ ଉଚ୍ଚ ସ୍ୱରରେ ଆରତି ଗାନ କରୁଥିଲେ । ହେମାଡପନ୍ତଙ୍କ ହାତ ଧରି ଶ୍ୟାମା ମସଜିଦ୍‌ରେ ପ୍ରବେଶ କଲେ । ସେ ବାବାଙ୍କ ଡାହାଣ ପାର୍ଶ୍ୱରେ ତଥା ହେମାଡପନ୍ତ ବାବାଙ୍କ ସମ୍ମୁଖରେ ବସିଲେ । ହେମାଡପନ୍ତଙ୍କୁ ଦେଖି ବାବା ଶ୍ୟାମାଙ୍କଠାରୁ ଆଣିଥିବା ଦକ୍ଷିଣା ଦେବାକୁ କହିଲେ । ହେମାଡପନ୍ତ କହିଲେ ଯେ ଦକ୍ଷିଣା ବଦଳରେ ଶ୍ୟାମା ପନ୍ଦରଟି ପ୍ରଣାମ ମୋ ଜରିଆରେ ଆପଣଙ୍କୁ ଅର୍ପଣ କରିଛନ୍ତି ଏବଂ ନିଜେ ଏଠାକୁ ଆସିଛନ୍ତି । ବାବା କହିଲେ, ଠିକ୍ ଅଛି । ତୁମ ଦୁହିଁଙ୍କ ମଧ୍ୟରେ କେଉଁ ବିଷୟରେ ଆଲୋଚନା ହେଲା, ଏବେ ଜଣାଅ । ଘଣ୍ଟା, ଢ଼ୋଲ ଏବଂ ସାମୂହିକ ଗାନ ମଧ୍ୟରେ ହେମାଡପନ୍ତ ଉତ୍କଣ୍ଠାପୂର୍ବକ ବାବାଙ୍କୁ ବାର୍ତ୍ତାଳାପର ସମସ୍ତ ବିବରଣୀ ଶୁଣାଇଲେ । ବାବା ମଧ୍ୟ ଶୁଣିବା ପାଇଁ ବଡ଼ ଉତ୍ସୁକ ଥିଲେ । ସେ ତାଙ୍କର ଆସନରୁ ସାମାନ୍ୟ ଆଗକୁ ଝୁଙ୍କି ଆସିଲେ । ହେମାଡପନ୍ତ କହିଲେ ବାର୍ତ୍ତାଳାପ ବଡ଼ ସୁଖପ୍ରଦ ଥିଲା । ସବୁଠାରୁ ସୁଖଦାୟକ ତଥା ଅଦ୍‌ଭୁତ ଥିଲା ଉକ୍ତ ବୃଦ୍ଧ ମହିଳାଙ୍କର କଥା । ଯାହା ଶ୍ରବଣ କରିବା ମାତ୍ରେ ମୁଁ ଅନୁଭବ କଲି ଯେ ଆପଣଙ୍କର ଲୀଳା ଅପାର ଏବଂ ସମ୍ଭବତଃ ତାହା ଶୁଣାଇବା ପାଇଁ ହିଁ ଆପଣ ମୋ ପ୍ରତି ଏପରି କୃପା କଲେ । ବାବା କହିଲେ 'ତାହା ତ ବହୁତ ଆଶ୍ଚର୍ଯ୍ୟପ୍ରଦ । ଏବେ ତୁମ ଉପରେ ମୋର କିପରି କୃପା ହେଲା, ତାହା ଶୁଣାଅ ।'

କିଛି କାଳ ପୂର୍ବରୁ ଶୁଣିଥିବା ପ୍ରସଙ୍ଗ, ଯାହା ତାଙ୍କର ହୃଦୟପଟଳରେ ଅଂକିତ ହୋଇସାରିଥିଲା ବାବାଙ୍କୁ ଶୁଣାଇଲେ । ତାହା ଶୁଣି ବାବା ପ୍ରସନ୍ନ ହୋଇ କହିଲେ 'କଥା କଥାରେ ପ୍ରଭାବିତ ହୋଇ ତୁମେ ଏହାର ଅର୍ଥ ମଧ୍ୟ ବୁଝିଲଣି । ହେମାଡପନ୍ତ ସ୍ୱୀକାରକରି କହିଲେ ଏହାଦ୍ୱାରା ମୋର ମନର ଚଞ୍ଚଳତା ନଷ୍ଟ ହୋଇଯାଇଛି । ଏବେ ମୁଁ ବାସ୍ତବିକ ଶାନ୍ତି ଏବଂ ସୁଖ ଅନୁଭବ କରୁଛି, ତଥା ସତ୍ୟମାର୍ଗରେ ଚାଲିବାର ରାସ୍ତା ପାଇଛି ।' ବାବା କହିଲେ 'ଶୁଣ ମୋର ପଦ୍ଧତି ମଧ୍ୟ ଅଦ୍ୱିତୀୟ । ଯଦି ଏହି କଥା ସ୍ମରଣ ରଖିବ ତାହେଲେ ବହୁତ ଉପଯୋଗୀ ସିଦ୍ଧ ହେବ । **ଆତ୍ମଜ୍ଞାନ ପ୍ରାପ୍ତି ନିମିତ୍ତ ଧ୍ୟାନ ନିତାନ୍ତ ଆବଶ୍ୟକ** ଏବଂ ଯଦି ତୁମେ ନିରନ୍ତର ଏହାର ଅଭ୍ୟାସ କରିବ

ତାହେଲେ କୁପ୍ରବୃତ୍ତିମାନ ପ୍ରଶମିତ ହୋଇଯିବ । ଆସକ୍ତିରହିତ ହୋଇ ତୁମେ ସର୍ବଦା ଈଶ୍ୱରଙ୍କର ଧ୍ୟାନ କରିବା ଆବଶ୍ୟକ, ଯିଏ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ବ୍ୟାପ୍ତ ଅଟନ୍ତି । ଆଉ ଯେବେ ଏହି ପ୍ରକାର ମନ ଏକାଗ୍ର ହୋଇଯିବ ସେତେବେଳେ ତୁମର ଉଦ୍ଦେଶ୍ୟ ପୂର୍ଣ୍ଣ ହେବ । ମୋର ନିରାକାର ସଚ୍ଚିଦାନନ୍ଦ ସ୍ୱରୂପକୁ ଧ୍ୟାନ କର, ଯେପରିକି ତୁମେ ଦିନ ରାତି ମୋତେ ଦେଖୁଛ । ଏହି ପ୍ରକାର ତୁମର ଚିତ୍ତ କେନ୍ଦ୍ରିତ ହୋଇଯିବ ତଥା ଧ୍ୟାତା, ଧ୍ୟାନ ଏବଂ ଧ୍ୟେୟର ପୃଥକତ୍ୱ ଦୂର ହୋଇ ଧ୍ୟାତା ଚୈତନ୍ୟ ସହ ଏକତ୍ୱ ପ୍ରାପ୍ତକରି ବ୍ରହ୍ମ ସହିତ ଅଭିନ୍ନ ହୋଇଯିବ । କଚ୍ଛପ ନଦୀର ଏ କୂଳରେ ଥାଏ ଏବଂ ତା'ର ପିଲାମାନେ ସେ କୂଳରେ । ନା ସେ ସେମାନଙ୍କୁ ଦୁଧ ପିଆଏ ନା ହୃଦୟରେ ଲଗାଏ, କେବଳ ତା'ର ପ୍ରେମଦୃଷ୍ଟି ଦ୍ୱାରା ହିଁ ସେମାନଙ୍କର ଭରଣ ପୋଷଣ ହୋଇଯାଏ । ଛୋଟ ପିଲାଟି ମଧ୍ୟ ନୀରବରେ ନିଜର ମାଆର ସ୍ମରଣ କରୁଥାଏ । ସେହି ଛୋଟ ପିଲାଙ୍କ ଉପରେ ମାଆର ଦୃଷ୍ଟି ହିଁ ସେମାନଙ୍କୁ ଅମୃତତୁଲ୍ୟ ଆହାର ଓ ଆନନ୍ଦ ପ୍ରଦାନ କରିଥାଏ । ଗୁରୁ ଓ ଶିଷ୍ୟଙ୍କର ସମ୍ବନ୍ଧ ଏହିପରି । ବାବା ଏହି ଅନ୍ତିମ ବାକ୍ୟ କହିଲା ବେଳକୁ ଆରତି ସମାପ୍ତ ହେଲା ଏବଂ ସମସ୍ତେ ଉଚ୍ଚ ସ୍ୱରରେ 'ଶ୍ରୀ ସଚ୍ଚିଦାନନ୍ଦ ସଦ୍‌ଗୁରୁ ସାଇନାଥ ମହାରାଜ କୀ ଜୟ' ଧ୍ୱନି ଉଚ୍ଚାରଣ କଲେ । ପ୍ରିୟ ପାଠକଗଣ, ଏବେ ଆମେ ମଧ୍ୟ ଏହି ସମୟରେ ସେହି ସମାଗମରେ ସମ୍ମିଳିତ ହେବାର କଳ୍ପନା କରିବା ଏବଂ ବାବାଙ୍କର ଜୟ ଜୟକାର କରିବା ।

ଆରତି ସମାପ୍ତ ହେବା ପରେ ପ୍ରସାଦ ବିତରଣ ହେଲା । ବାପୁସାହେବ ଯୋଗ ଚିରାଚରିତ କ୍ରମେ ବାବାଙ୍କ ନିକଟକୁ ଗଲେ ଏବଂ ପ୍ରଣାମକରି ମିଶ୍ରି ପ୍ରସାଦ ଅର୍ପଣ କଲେ । ଏହି ମିଶ୍ରିକୁ ହେମାଡପନ୍ତଙ୍କୁ ଦେଇ ବାବା କହିଲେ 'ଯଦି ତୁମେ ଏହି କଥାକୁ ଭଲଭାବରେ ସ୍ମରଣ ରଖିବ ତାହେଲେ ତୁମର ସ୍ଥିତି ମଧ୍ୟ ଏହି ମିଶ୍ରି ସମାନ ମଧୁର ହୋଇ ସମସ୍ତ ଇଚ୍ଛା ପୂର୍ଣ୍ଣ ହେବ ଏବଂ ତୁମେ ସୁଖୀ ହେବ ।' ହେମାଡପନ୍ତ ବାବାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ସ୍ତୁତି କଲେ 'ହେ ପ୍ରଭୁ ! ଏହି ପ୍ରକାର ଦୟା କରି ମୋତେ ସର୍ବଦା ରକ୍ଷା କରନ୍ତୁ ।' ବାବା ଆଶୀର୍ବାଦ ପ୍ରଦାନ କରି କହିଲେ 'ଏହି କଥାସବୁ ଶ୍ରବଣ କର, ପ୍ରତ୍ୟହ ମନନ କର ତଥା ନିଦିଧ୍ୟାସନ କର, ତତ୍ତ୍ୱକୁ ଗ୍ରହଣ କର, ତାହେଲେ ସର୍ବଦା ତୁମକୁ ଈଶ୍ୱରଙ୍କ ସ୍ମରଣ ତଥା ଧ୍ୟାନ ହେଉଥିବ ଏବଂ ସେ ସ୍ୱୟଂ ତୁମର ସମ୍ମୁଖରେ ନିଜର ସ୍ୱରୂପକୁ ପ୍ରକଟ କରିବେ ।' ଶ୍ରଦ୍ଧେୟ ପାଠକଗଣ ! ହେମାଡପନ୍ତଙ୍କୁ ତ ସେହି ସମୟରେ ଅମୃତର ମିଶ୍ରି ପ୍ରସାଦ ମିଳିଲା; ତାଙ୍କ କୃତିରୁ ଆଜି ଆମକୁ ଏହି ମଧୁର କଥାମୃତ ପାନ କରିବାର ସୁଯୋଗ ମିଳିଲା ତାହା କମ୍ ସୌଭାଗ୍ୟର କଥା ନୁହେଁ । ଆସନ୍ତୁ, ଏହି ମଧୁର କଥାର ମନନ କରିବା ତଥା ତା'ର ସାର ଗ୍ରହଣ କରି ବାବାଙ୍କ କୃପାରୁ ସୁଖ ଓ ଶାନ୍ତିରେ ରହିବା ।

ଊନବିଂଶ ଅଧ୍ୟାୟର ଶେଷରେ ହେମାଡପନ୍ତ ଆଉ କେତେକ ବିଷୟର ବର୍ଣ୍ଣନା

କରିଛନ୍ତି, ଯାହା ନିମ୍ନରେ ଉଲ୍ଲେଖ କରାଗଲା ।

**ଋଣାନୁବନ୍ଧନ ଓ ବାବାଙ୍କ ଉପଦେଶ :** ନିମ୍ନରେ ଦିଆଯାଇଥିବା ଅମୂଲ୍ୟ ବଚନ ସର୍ବସାଧାରଣ ଭକ୍ତମାନଙ୍କ ଲାଗି ଉଦ୍ଦିଷ୍ଟ ଏବଂ ତାକୁ ଧ୍ୟାନରେ ରଖି ଆଚରଣରେ ପ୍ରୟୋଗ କଲେ ସର୍ବଦା ମଙ୍ଗଳ ହେବ । ଯେ ପର୍ଯ୍ୟନ୍ତ କାହାର କାହା ସହିତ ପୂର୍ବ ସମ୍ପର୍କ ନଥିବ, ସେ ପର୍ଯ୍ୟନ୍ତ କିଏ କାହା ନିକଟକୁ ଯାଇପାରିବ ନାହିଁ । ଯଦି କୌଣସି ବ୍ୟକ୍ତି ବା ପ୍ରାଣୀ ତୁମ ପାଖକୁ ଆସୁଛନ୍ତି ତାଙ୍କ ପ୍ରତି ଅସଦ୍ ବ୍ୟବହାରକରି ପ୍ରତ୍ୟାଖ୍ୟାନ କର ନାହିଁ । ଆଦର ସହକାରେ ତାଙ୍କର ସ୍ୱାଗତ କର । ତୃଷିତକୁ ଜଳ, କ୍ଷୁଧିତକୁ ଭୋଜନ, ଉଲଗ୍ନକୁ ବସ୍ତ୍ର ଏବଂ ଆଗନ୍ତୁକକୁ ନିଜର ବାରଣ୍ଡା ବିଶ୍ରାମ କରିବାକୁ ଯଦି ଦେବ ତାହେଲେ ଭଗବାନ ଶ୍ରୀହରି ନିଶ୍ଚୟ ତୁମ ପ୍ରତି ପ୍ରସନ୍ନ ହେବେ । ଯଦି କିଏ ତୁମକୁ କୌଣସି ଦ୍ରବ୍ୟ ମାଗୁଛି ଏବଂ ତୁମେ ଦେବାକୁ ଚାହୁଁନାହଁ ତାହେଲେ ଦିଅ ନାହିଁ; କିନ୍ତୁ ତା' ସହିତ ଅସୌଜନ୍ୟ ବ୍ୟବହାର କର ନାହିଁ । ତୁମର ଯିଏ ଯେତେ ବି ନିନ୍ଦା କରୁନା କାହିଁକି କଟୁ ଉତ୍ତର ଦେଇ ତୁମେ ତା ଉପରେ କ୍ରୋଧ ପ୍ରକାଶ କର ନାହିଁ । ଯଦି ଏହି ପ୍ରକାର ଏହି ପ୍ରସଙ୍ଗରୁ ସର୍ବଦା ଦୂରେଇ ରହିବ ତାହେଲେ ତୁମେ ନିଶ୍ଚିତ ସୁଖୀ ହେବ । ସଂସାର ଓଲଟ ପାଲଟ ହୋଇଯାଉ ପଛକେ, ତୁମେ ସ୍ଥିର ରହିବା ବାଞ୍ଛନୀୟ । ନିଜ ସ୍ଥାନରେ ଦୃଢ଼ ରହି ଗତିଶୀଳ ଦୃଶ୍ୟକୁ ସର୍ବଦା ଶାନ୍ତିପୂର୍ବକ ଅବଲୋକନ କର । ଜଣକୁ ଅନ୍ୟଜଣକଠାରୁ ପୃଥକ କରୁଥିବା (ଦ୍ୱୈତ)ଭେଦଭାବ ପ୍ରାଚୀରକୁ ନଷ୍ଟ କରିଦିଅ, ଯଦ୍ୱାରା ତୁମର ମିଳନ ପଥ ସୁଗମ ହେବ । ଦ୍ୱୈତ ଭାବ (ଅର୍ଥାତ ମୁଁ ଓ ତୁ) ହିଁ ଭେଦ ମନୋବୃତ୍ତିର କାରଣ, ଯାହା ଶିଷ୍ୟକୁ ତା'ର ଗୁରୁଠାରୁ ପୃଥକ କରିଦିଏ । ଏଥିପାଇଁ ଯେ ପର୍ଯ୍ୟନ୍ତ ଏହାର ବିନାଶ ନହୋଇଛି, ସେ ପର୍ଯ୍ୟନ୍ତ ଅଭିନ୍ନତା ପ୍ରାପ୍ତି ସମ୍ଭବ ନୁହେଁ । 'ଆଲ୍ଲା ମାଲିକ' ଅର୍ଥାତ ଈଶ୍ୱର ହିଁ ସର୍ବଶକ୍ତିମାନ ଏବଂ ତାଙ୍କ ବିନା ଅନ୍ୟ କେହି ସଂରକ୍ଷଣକର୍ତ୍ତା ନାହାନ୍ତି । ତାଙ୍କର କାର୍ଯ୍ୟପ୍ରଣାଳୀ ଅଲୌକିକ, ଅଭିନବ ତଥା କଳ୍ପନାର ଊର୍ଦ୍ଧ୍ୱରେ । ତାଙ୍କର ଇଚ୍ଛା ଦ୍ୱାରା ସମସ୍ତ କାର୍ଯ୍ୟ ହୁଏ । ସେ ହିଁ ମାର୍ଗଦର୍ଶନ କରି ସମସ୍ତ ଇଚ୍ଛା ପୂର୍ଣ୍ଣ କରନ୍ତି । ଋଣାନୁବନ୍ଧ ଯୋଗୁ ଆମର ସଂଗମ ହୋଇଥାଏ, ଏଥିନିମନ୍ତେ ଆମେ ପରସ୍ପର ପ୍ରତି ପ୍ରେମ କରି ଜଣେ ଅନ୍ୟ ଜଣକର ସେବା କରି ସନ୍ତୁଷ୍ଟ ରହିବା ଉଚିତ । ଯିଏ ନିଜ ଜୀବନର ଧ୍ୟେୟ(ଈଶ୍ୱର ଦର୍ଶନ) ଲାଭ କରିସାରିଛି, ସେ ଧନ୍ୟ ଏବଂ ସୁଖୀ ଅଟେ । ଅନ୍ୟମାନେ ତ କେବଳ କହିବାକୁ ମାତ୍ର, ଅର୍ଥାତ ଯେ ପର୍ଯ୍ୟନ୍ତ ପ୍ରାଣ ଅଛି, ସେ ପର୍ଯ୍ୟନ୍ତ ଜୀବିତ ଅଛନ୍ତି ।

**ଉତ୍ତମ ବିଚାରକୁ ପ୍ରୋତ୍ସାହନ :** ବାବା ସର୍ବଦା ଉତ୍ତମ ବିଚାରକୁ ପ୍ରୋତ୍ସାହିତ କରୁଥିଲେ । ଯଦି ପ୍ରେମ ଏବଂ ଭକ୍ତିପୂର୍ବକ ଅନନ୍ୟ ଭାବ ସହକାରେ ଆମେ ତାଙ୍କର ଶରଣାଗତ ହେବା ତାହେଲେ ଅନେକ ସମୟରେ ସେ କିପରି ଆମର ସହାୟତା କରୁଛନ୍ତି ତାହା ଅନୁଭବ କରିପାରିବା । ଜଣେ ସନ୍ଥ କହିଥିଲେ ଯେ ଯଦି ପ୍ରାତଃକାଳରେ

ତୁମ ମନରେ କୌଣସି ଉତ୍ତମ ବିଚାର ଜାତ ହୁଏ ଏବଂ ଦିନସାରା ତୁମେ ତାକୁ ସ୍ମରଣ କର ତାହେଲେ ତୁମର ବିବେକ ବିକଶିତ ଏବଂ ଚିତ୍ତ ପ୍ରସନ୍ନ ଅନୁଭବ ହେବ । ହେମାଡପନ୍ତ ମଧ୍ୟ ଏହା ଅନୁଭବ କରିବାକୁ ଚାହୁଁଥିଲେ । ଏଣୁ ପବିତ୍ର ଶିରିଡ଼ି ଭୂମିରେ ଗୁରୁବାର ଦିନ ନାମସ୍ମରଣ ଏବଂ କୀର୍ତ୍ତନରେ ଅତିବାହିତ କରିବାକୁ ମନସ୍ଥ କରି ନିଦ୍ରାଗତ ହେଲେ । ପରଦିନ ଶଯ୍ୟା ତ୍ୟାଗ କରିବା ପରେ ତାଙ୍କର ରାମ ନାମ ସ୍ମରଣ ହେଲା, ଫଳରେ ସେ ପୁଲକିତ ହେଲେ ଏବଂ ନିତ୍ୟକର୍ମ ସମାପ୍ତ କରି ଫୁଲ ତୋଳି ବାବାଙ୍କ ଦର୍ଶନ କରିବାକୁ ଗଲେ । ଯେତେବେଳେ ଦୀକ୍ଷିତୱାଡ଼ା ଅତିକ୍ରମ କରି ବୁଟି ୱାଡ଼ା ଦେଇ ଯାଉଛନ୍ତି, ତାଙ୍କ କାନରେ ମସଜିଦ ଆଡୁ ଭାସି ଆସୁଥିବା ଏକ ମଧୁର ଭଜନ ଶୁଣାଗଲା । ଏକନାଥଙ୍କର ଏହି ଭଜନ ଔରଙ୍ଗାବାଦକର ବଡ଼ ମଧୁର ଲୟ ସହକାରେ ବାବାଙ୍କ ସମ୍ମୁଖରେ ଗାୟନ କରୁଥିଲେ ।

ଗୁରୁକୃପା ଅଞ୍ଜନ ପାୟୋ ମେରେ ଭାଇ । ରାମ ବିନା କୁଛ ମାନତ ନାହିଁ ।<br>
ଅନ୍ଦର ରାମା ବାହର ରାମା । ସପନେ ମେ ଦେଖତ ସୀତାରାମ ।<br>
ଜାଗତ ରାମା ସୋବତ ରାମା । ଜହାଁ ଦେଖେ ବହିଁ ପୁରନ କାମା ।<br>
ଏକା ଜନାର୍ଦ୍ଦନୀ ଅନୁଭବ ନୀକା । ଯହାଁ ଦେଖେ ବହାଁ ରାମଶିଖା ।

ଅନେକ ଭଜନ ଅଛି; କିନ୍ତୁ ଏହି ଭଜନ ହିଁ ଔରଙ୍ଗାବାଦକର କାହିଁକି ଗାଇଲେ ? ବାବାଙ୍କ ଦ୍ୱାରା ସଞ୍ଚାଳିତ ଏହା ବିଚିତ୍ର ଯୋଗାଯୋଗ ନଥିଲା କି ? ହେମାଡପନ୍ତଙ୍କ ଅଖଣ୍ଡ ରାମନାମ ସ୍ମରଣ ସଂକଳ୍ପକୁ ଏହା ପ୍ରୋତ୍ସାହିତ କରୁନଥିଲା କି ? ଏହି ପ୍ରସଙ୍ଗରେ ସମସ୍ତ ସନ୍ଥଙ୍କର ସମାନ ମତ ଏବଂ ସମସ୍ତେ ରାମନାମ ଜପକୁ ପ୍ରଭାବଶାଳୀ ତଥା ଭକ୍ତମାନଙ୍କର ଇଚ୍ଛାପୂର୍ତ୍ତି ଏବଂ ସମସ୍ତ କଷ୍ଟରୁ ମୁକ୍ତି ନିମନ୍ତେ ଏକ ଅମୋଘ ଅସ୍ତ୍ର ବୋଲି କହିଛନ୍ତି ।

**ନିନ୍ଦା ସମ୍ବନ୍ଧୀୟ ଉପଦେଶ :** ଉପଦେଶ ଦେବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ବା ସମୟକୁ ଅପେକ୍ଷା ନକରି ବାବା ସମସ୍ତଙ୍କୁ ଉପଦେଶ ପ୍ରଦାନ କରୁଥିଲେ । ଥରେ ଜଣେ ଭକ୍ତ ବାବାଙ୍କ ଅନୁପସ୍ଥିତିରେ ସମସ୍ତଙ୍କ ସମ୍ମୁଖରେ ଜଣକୁ ଦୁର୍ବ୍ୟବହାର କଲେ । ଏପରି କଟୁବାକ୍ୟ ପ୍ରୟୋଗ କଲେ ଯେ ଶୁଣୁଥିବା ଲୋକମାନଙ୍କର ମଧ୍ୟ ତାଙ୍କ ପ୍ରତି ଘୃଣା ଜାତ ହେଲା । ସାଧାରଣତଃ ଦେଖାଯାଏ ଯେ ଲୋକେ ବୃଥାରେ ଅନ୍ୟର ନିନ୍ଦା କରି ବିବାଦ ଓ କଳହ ସୃଷ୍ଟି କରିଥାନ୍ତି । ସନ୍ଥପୁରୁଷ ତ ନିନ୍ଦାକୁ ଭିନ୍ନ ଦୃଷ୍ଟିରେ ଦେଖିଥାନ୍ତି । ତାଙ୍କର କହିବା କଥା ଯେ ଶୁଦ୍ଧି ନିମନ୍ତେ ଅନେକ ବ୍ୟବସ୍ଥା ମଧ୍ୟରେ ମୃତ୍ତିକା, ଜଳ ଏବଂ ସାବୁନ ଅଛି; କିନ୍ତୁ କୁତ୍ସାରଟନା କରୁଥିବା ବ୍ୟକ୍ତି ତାହା ବୁଝିପାରେ ନାହିଁ । ସିଏ ଅନ୍ୟର ଦୋଷକୁ କେବଳ ନିଜ ଜିହ୍ୱାରେ ଦୂର କରିଦିଏ ଏବଂ ଏହିପରି ଅନ୍ୟର ପରୋକ୍ଷ ଉପକାର କରିଥାଏ । ନିନ୍ଦୁକକୁ ଉଚିତ ମାର୍ଗରେ ଆଣିବା ପାଇଁ ବାବାଙ୍କର ମାର୍ଗ ଅଭିନବ ଥିଲା । ସେ ତ ସର୍ବଜ୍ଞ ଥିଲେ, ତେଣୁ ଉକ୍ତ ନିନ୍ଦୁକର କାର୍ଯ୍ୟ ଜାଣିପାରିଲେ ।

ମଧ୍ୟାହ୍ନ ସମୟରେ ଯେତେବେଳେ ଲେଣ୍ଡିବାଗ ନିକଟରେ ତାଙ୍କୁ ଦେଖିଲେ, ବିଷ୍ଠା ଆହାର କରୁଥିବା ଏକ ଗ୍ରାମ୍ୟ ଶୂକର(ଘୁଷୁରି)ପ୍ରତି ଅଙ୍ଗୁଳି ଉଠାଇ କହିଲେ କି 'ଦେଖ, ସେ କେତେ ଆନନ୍ଦରେ ବିଷ୍ଠା ଖାଉଛି । ତୁମେ ଜୀବନସାରା ତୁମ ଭାଇମାନଙ୍କୁ ଦୁର୍ବବ୍ୟବହାର କରୁଛ ଏବଂ ତୁମର ଆଚରଣ ମଧ୍ୟ ଏହିପରି । **ଅନେକ ଶୁଭ କର୍ମର ପରିଣାମସ୍ୱରୂପ ତୁମକୁ ମାନବ ଶରୀର ପ୍ରାପ୍ତ ହୋଇଛି ଏବଂ ଯଦି ତୁମେ ଏହି ପ୍ରକାର ଆଚରଣ କରିବ, ତାହେଲେ ଶିରିଡ଼ି ତୁମର କିପରି ସହାୟତା କରିପାରିବ ?** ଉକ୍ତ ବ୍ୟକ୍ତିଜଣକ ଏହି ଉପଦେଶ ଗ୍ରହଣ କଲେ । ଏହିପରି ପ୍ରସଙ୍ଗାନୁସାରେ ବାବା ଉପଦେଶ ଦେଉଥିଲେ । ଯଦି ତାହା ଉପରେ ଧ୍ୟାନ ଦେଇ ନିତି ସେଗୁଡ଼ିକୁ ପାଳନ କରାଯାଏ ତାହେଲେ ଆଧ୍ୟାତ୍ମିକ ପ୍ରଗତି ଅନେକ ବାଟ ପର୍ଯ୍ୟନ୍ତ ହୋଇଯିବ । ଗୋଟିଏ କଥା ଅଛି 'ଯଦି ମୋର ଶ୍ରୀହରି ଥିବେ, ତାହେଲେ ବିଛଣା ଉପରକୁ ସେ ମୋ ପାଖକୁ ଖାଦ୍ୟ ପଠାଇଦେବେ ।' ଖାଦ୍ୟ ଏବଂ ବସ୍ତ୍ର ବିଷୟରେ ଏହି କଥା ସତ୍ୟ ହୋଇପାରେ; କିନ୍ତୁ ଯଦି କିଏ ଏହାକୁ ନିଶ୍ଚିତ ମନେକରି ଆଳସ୍ୟରେ ବସିରହେ ତାହେଲେ ସେ ଆଧ୍ୟାତ୍ମିକ କ୍ଷେତ୍ରରେ ପ୍ରଗତି କରିବା ଦୂରେ ଥାଉ, ପତନର ଘୋର ଅନ୍ଧକାରରେ ବୁଡ଼ିଯିବ । ଏଥିପାଇଁ ଆତ୍ମାନୁଭୂତି ଲାଭ ନିମନ୍ତେ ପ୍ରତ୍ୟେକଙ୍କୁ ଅନବରତ ପରିଶ୍ରମ କରିବାକୁ ହେବ ଏବଂ ଯେତେ ପରିଶ୍ରମ ଯିଏ କରିବ ସେତେ ତା'ର ଉପକାର ହେବ । ବାବା କହିଥିଲେ **'ମୁଁ ସର୍ବବ୍ୟାପୀ, ବିଶ୍ୱର ସମସ୍ତ ଭୂତ ତଥା ସଚରାଚରରେ ବ୍ୟାପ୍ତ ଓ ଅନନ୍ତ ଅଟେ ।** କେବଳ ସେହିମାନଙ୍କର ଭ୍ରମ ନିବାରଣାର୍ଥେ, ଯାହାଙ୍କ ଦୃଷ୍ଟିରେ ସେ ମାତ୍ର ସାଢ଼େ ତିନି ହାତର ମଣିଷ, ସ୍ୱୟଂ ସଗୁଣ ରୂପ ଧାରଣ କରି ଅବତୀର୍ଣ୍ଣ ହେଲେ । ଏଥିସକାଶେ **ଯେଉଁ ଭକ୍ତ ଅନନ୍ୟ ଭାବରେ ତାଙ୍କର ଶରଣାଗତ ହୁଏ ଏବଂ ଯିଏ ଦିନରାତି ତାଙ୍କର ଧ୍ୟାନ କରେ, ସେ ତାଙ୍କଠାରେ ଅଭିନ୍ନତା ପ୍ରାପ୍ତ କରେ,** ଯେଉଁପରି ମାଧୁର୍ଯ୍ୟ ଓ ମିଶ୍ରି, ସମୁଦ୍ର ଏବଂ ଲହଡ଼ି ତଥା ନେତ୍ର ଓ କାନ୍ତିରେ ଅଭିନ୍ନତା ରହିଥାଏ । ଯିଏ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତ ହେବା ଚାହାନ୍ତି, ସେମାନେ ଶାନ୍ତ ଓ ସ୍ଥିର ହୋଇ ନିଜର ଧାର୍ମିକ ଜୀବନ ଅତିବାହିତ କରିବା ଉଚିତ । ଦୁଃଖଦାୟକ କଟୁ ଶବ୍ଦ ପ୍ରୟୋଗ ଦ୍ୱାରା କାହା ମନରେ ଆଘାତ ନକରି ସର୍ବଦା ଉତ୍ତମ କାର୍ଯ୍ୟରେ ଯୁକ୍ତ ହୋଇ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ସମୟରେ ଅନନ୍ୟ ଭାବରେ ଭୟରହିତ ହୋଇ ତାଙ୍କର ଶରଣାଗତ ହେବା ଉଚିତ । ଯିଏ ପୂର୍ଣ୍ଣ ବିଶ୍ୱାସ ସହକାରେ ତାଙ୍କର ଲୀଳା ଶ୍ରବଣ କରି ତାର ମନନ କରିବ ତଥା ଅନ୍ୟ ସମସ୍ତ ଚିନ୍ତା ପରିତ୍ୟାଗ କରିବ, ସେ ନିଃସନ୍ଦେହରେ ଆତ୍ମାନୁଭୂତି ପ୍ରାପ୍ତି କରିବ । ବାବା କେତେକଙ୍କୁ ନାମ ଜପ କରି ତାଙ୍କର ଶରଣାଗତ ହେବାକୁ କହିଲେ । ଯେଉଁମାନେ 'ମୁଁ କିଏ–ଏହା ଜାଣିବାକୁ ଇଚ୍ଛୁକ ଥିଲେ, ସେମାନଙ୍କୁ ଲୀଳା ଶ୍ରବଣ ଓ ମନନ କରିବାକୁ ପରାମର୍ଶ ଦେଲେ । କାହାକୁ ଭଗବତ ଲୀଳା ଶ୍ରବଣ, କାହାକୁ ଭଗବତ୍‌ପାଦ ପୂଜନ

ଆଉ କାହାକୁ ଅଧ୍ୟାତ୍ମ ରାମାୟଣ ବା ଜ୍ଞାନେଶ୍ୱରୀ ତଥା ଧାର୍ମିକ ଗ୍ରନ୍ଥ ପଠନ ଓ ଅଧ୍ୟୟନ କରିବାକୁ କହୁଥିଲେ । ଅନେକଙ୍କୁ ତାଙ୍କର ଶ୍ରୀପୟରରେ ସ୍ଥାନ ଦେଇ ଆଉ କେତେକଙ୍କୁ ଖଣ୍ଡୋବା ମନ୍ଦିରକୁ ପଠାଇ ତଥା ଆଉ କେତେକଙ୍କୁ ବିଷ୍ଣୁ ସହସ୍ରନାମ ଜପ କରି ତଥା ଛାନ୍ଦୋଗ୍ୟ ଉପନିଷଦ ଏବଂ ଗୀତା ଅଧ୍ୟୟନ କରିବାକୁ କହୁଥିଲେ । ତାଙ୍କର ଉପଦେଶର କୌଣସି ସୀମା ନଥିଲା । ସେ କାହାକୁ ପ୍ରତ୍ୟକ୍ଷ ଏବଂ ଅନେକଙ୍କୁ ସ୍ୱପ୍ନରେ ଦୃଷ୍ଟାନ୍ତ ପ୍ରଦାନ କରୁଥିଲେ । ଥରେ ସେ ଜଣେ ମଦ୍ୟପର ସ୍ୱପ୍ନରେ ପ୍ରକଟ ହୋଇ ତା'ର ଛାତି ଉପରେ ଚଢ଼ିଗଲେ ଏବଂ ଯେତେବେଳେ ସେ ମଦ ଛାଡ଼ିବାକୁ ଶପଥ ନେଲା, ତାକୁ ଛାଡ଼ିଲେ । କାହାକୁ କାହାକୁ ଗୁରୁବ୍ରହ୍ମା ଗୁରୁର୍ବିଷ୍ଣୁ ଏହି ମନ୍ତ୍ରର ଅର୍ଥ ସ୍ୱପ୍ନରେ ବୁଝାଉଥିଲେ ତ କୌଣସି ହଟଯୋଗୀଙ୍କୁ ହଟଯୋଗ ଛାଡ଼ିବାକୁ ନିର୍ଦ୍ଦେଶ ଦେଇ ନୀରବତା ଅବଲମ୍ବନକରି ଧୈର୍ଯ୍ୟ ରଖିବାକୁ କହୁଥିଲେ । ତାଙ୍କର ସୁଗମ ଧାରା ଏବଂ ବିଧି ଅପାର । ସାଧାରଣ ସାଂସାରିକ ବ୍ୟବହାର ମଧ୍ୟରେ ସେ ତାଙ୍କର ଆଚରଣ ଦ୍ୱାରା ଏପରି ଅନେକ ଉଦାହରଣ ପ୍ରସ୍ତୁତ କରିଛନ୍ତି, ଯାହା ମଧ୍ୟରୁ ନିମ୍ନରେ ଗୋଟିଏ ଉଲ୍ଲେଖ କରାଗଲା ।

**ପରିଶ୍ରମର ମୂଲ୍ୟ :** ଦିନେ ରାଧାକୃଷ୍ଣମାଇଙ୍କ ଘର ନିକଟକୁ ଗୋଟିଏ ନିଶୁଣି ଆଣିବାକୁ ବାବା କହିଲେ । ଜଣେ ଭକ୍ତ ତୁରନ୍ତ ନିଶୁଣିଟିଏ ନେଇଆସିଲେ ଏବଂ ବାବାଙ୍କର କହିବା ଅନୁସାରେ ବାମନ ଗୋନ୍ଦକରଙ୍କ ଘର ପାଖରେ ତାକୁ ରଖିଲେ । ନିଶୁଣି ସହାୟତାରେ ବାବା ରାଧାକୃଷ୍ଣମାଇଙ୍କ ଘର ଉପରେ ଚଢ଼ିଗଲେ ଏବଂ ତାଙ୍କ ଛାତ ଉପରକୁ ଯାଇ ଆରପଟୁ ପୁଣି ତଳକୁ ଓହ୍ଲାଇଗଲେ । ଏହାର ଅର୍ଥ କେହି ବୁଝିପାରିଲେ ନାହିଁ । ରାଧାକୃଷ୍ଣମାଇ ଏହି ସମୟରେ ଜ୍ୱରରେ କମ୍ପୁଥିଲେ । ତେଣୁ ତାଙ୍କର ଜ୍ୱର ଦୂର କରିବା ପାଇଁ ହୁଏତ ବାବା ଏପରି କରିଥାଇପାରନ୍ତି । ତଳକୁ ଓହ୍ଲାଇବା ମାତ୍ରେ ସେ ନିଶୁଣି ଆଣିଥିବା ଲୋକଟିକୁ ଦୁଇଟଙ୍କା ପାରିଶ୍ରମିକ ସ୍ୱରୂପ ବଢ଼ାଇ ଦେଲେ । ଏହା ଦେଖି ଜଣେ ଏତେ ଅଧିକ ପଇସା ଦେବାର ତାତ୍ପର୍ଯ୍ୟ ପଚାରିଲେ । ବାବା କହିଲେ **'ପରିଶ୍ରମର ଉପଯୁକ୍ତ ମୂଲ୍ୟ ନଦେଇ କାହାଦ୍ୱାରା କୌଣସି କାର୍ଯ୍ୟ କରାଯିବା ଉଚିତ ନୁହେଁ ଏବଂ ଉଦାର ମନରେ ଯାହାର ଯାହା ପାରିଶ୍ରମିକ ତାହାକୁ ତାହା ପ୍ରଦାନ କରାଯିବା ଉଚିତ ।**

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।।ବିଂଶ ଅଧ୍ୟାୟ ।।

### କାକାସାହେବଙ୍କ ଭୃତ୍ୟ ଦ୍ୱାରା ଦାସଗଣୁଙ୍କ ସମସ୍ୟାର ବିଲକ୍ଷଣ ସମାଧାନ, ଅଦ୍ୱିତୀୟ ଶିକ୍ଷା ପଦ୍ଧତି, ଈଶୋପନିଷଦ ଶିକ୍ଷା ।

କାକାସାହେବଙ୍କ ଭୃତ୍ୟ ଦ୍ୱାରା ଦାସଗଣୁଙ୍କର ସମସ୍ୟା କିପରି ଦୂର ହେଲା ତାହା ଏହି ଅଧ୍ୟାୟରେ ହେମାଡପନ୍ତ ବର୍ଣ୍ଣନା କରିଛନ୍ତି ।

**ପ୍ରାରମ୍ଭ :** ଶ୍ରୀ ସାଇ ମୂଳତଃ ନିରାକାର ଥିଲେ; ଭକ୍ତମାନଙ୍କର ପ୍ରେମବଶତଃ ସେ ସାକାର ରୂପ ଧାରଣ କଲେ । ମାୟାରୂପୀ ଅଭିନେତ୍ରୀର ସହାୟତାରେ ସେ ଏହି ବିଶ୍ୱର ବୃହତ ନାଟ୍ୟଶାଳାରେ ଜଣେ ମହାନ୍ ଅଭିନେତା ସଦୃଶ ଅଭିନୟ କଲେ । ଆସନ୍ତୁ, ଆମେ ସମସ୍ତେ ଶ୍ରୀ ସାଇବାବାଙ୍କର ଧ୍ୟାନ ଓ ସ୍ମରଣ କରିବା ଏବଂ ଶିରିଡ଼ି ଯାଇ ଧ୍ୟାନପୂର୍ବକ ମଧ୍ୟାହ୍ନ ଆରତି ପରବର୍ତ୍ତୀ କାର୍ଯ୍ୟକ୍ରମ ଉପଭୋଗ କରିବା । ଯେତେବେଳେ ଆରତି ସମ୍ପନ୍ନ ହେଲା, ଶ୍ରୀ ସାଇବାବା ମସଜିଦ୍ ବାହାରକୁ ଆସି ଗୋଟିଏ କୋଣରେ ଦଣ୍ଡାୟମାନ ହେଲେ ତଥା ବଡ଼ କରୁଣା ଓ ପ୍ରେମପୂର୍ଣ୍ଣ ଭାବରେ ଉଦି ବିତରଣ କଲେ । ଭକ୍ତମାନେ ତାଙ୍କ ସମ୍ମୁଖରେ ସମବେତ ହେଇ ତାଙ୍କର ଦର୍ଶନକରି ଚରଣ ସ୍ପର୍ଶ କରୁଥିଲେ ଏବଂ ଉଦି ପାଇ ଆନନ୍ଦ ଲାଭ କରୁଥିଲେ । ଦୁଇ ହାତରେ ବାବା ଭକ୍ତମାନଙ୍କୁ ଉଦି ଦେଉଥିଲେ ଏବଂ ସେମାନଙ୍କ ମଥାରେ ଉଦି ଟୀକା ଲଗାଇଦେଉଥିଲେ । ବାବାଙ୍କ ହୃଦୟରେ ଭକ୍ତମାନଙ୍କ ପ୍ରତି ଅସୀମ ପ୍ରେମ ଥିଲା । ସେ ସେମାନଙ୍କୁ ପ୍ରେମରେ ସମ୍ବୋଧନ କରୁଥିଲେ 'ଏ ଭାଉ ! ଯାଅ, ଭୋଜନ କର । ଅଣା ! ତୁମେ ଏବେ ଘରକୁ ଯାଅ । ବାପୁ ! ତୁ ମଧ୍ୟ ଯା', ଭୋଜନ କର ।' ଏହିପରି ସେ ପ୍ରତ୍ୟେକ ଭକ୍ତଙ୍କୁ ସମ୍ବୋଧନ କରୁଥିଲେ ଏବଂ ଘରକୁ ପଠାଉଥିଲେ । ବାସ୍ତବରେ ସେହି ଦିନଗୁଡ଼ିକ କେତେ ସୁନ୍ଦର ଥିଲା । ଏ ଜୀବନରେ ଆଉ ତାହା କ'ଣ ମିଳିବ ? ଅବଶ୍ୟ କଳ୍ପନା କଲେ, ଆଜି ବି ଆମେ ସେହି ଆନନ୍ଦ ଅନୁଭବ କରିପାରିବା । ଏବେ ସାଇଙ୍କ ଆନନ୍ଦମୟ ମୂର୍ତ୍ତିର ଧ୍ୟାନ କରି ବିନମ୍ରତା, ପ୍ରେମ ଏବଂ ଆଦରପୂର୍ବକ ତାଙ୍କର ଚରଣବନ୍ଦନା କରି ଏହି ଅଧ୍ୟାୟ କଥା ଆରମ୍ଭ କରିବା ।

**ଈଶୋପନିଷଦ :** ଥରେ ଦାସଗଣୁ ଈଶୋପନିଷଦ ଉପରେ ଟୀକା ଲେଖିବାକୁ ବିଚାର କଲେ । ଟୀକା-ଲିଖନ ପ୍ରାରମ୍ଭରେ ଉପନିଷଦର ସଂକ୍ଷିପ୍ତ ପରିଚୟ ଦେବା ଆବଶ୍ୟକ ଥିଲା । ଏହି ଉପନିଷଦରେ ବୈଦିକ ସଂହିତାର ମନ୍ତ୍ର ସମାବେଶ ହେତୁ ଏହାକୁ ମନ୍ତ୍ରୋପନିଷଦ ବୋଲି ମଧ୍ୟ କୁହାଯାଏ ଏବଂ ଏହାସହ ଏଥିରେ ଯଜୁର୍ବେଦର ଅନ୍ତିମ ଅଧ୍ୟାୟ(୪୦) ସମାହିତ ହୋଇଥିବାରୁ ଏହା ବାଜସନେୟି(ଯର୍ଜୁ) ସଂହିତୋପନିଷଦ ନାମରେ ଖ୍ୟାତ ଅଟେ । ବୈଦିକ ସଂହିତାର ସମାବେଶ ଯୋଗୁ

ଅନ୍ୟ ଉପନିଷଦ ତୁଳନାରେ ଏହାକୁ ଶ୍ରେଷ୍ଠ ମନେ କରାଯାଏ । ଏତିକି ନୁହେଁ, ଅନ୍ୟ ଉପନିଷଦଗୁଡ଼ିକ ଈଶୋପନିଷଦରେ ବର୍ଣ୍ଣିତ ଗୂଢ଼ତତ୍ତ୍ୱର ଟୀକା ମାତ୍ର ଅଟେ । ପଣ୍ଡିତ ସାତବଳେକରଙ୍କ ଦ୍ୱାରା ରଚିତ ବୃହଦାରଣ୍ୟକ ଉପନିଷଦ ଏବଂ ଈଶୋପନିଷଦର ଟୀକା ପ୍ରଚଳିତ ଟୀକାସମୂହଠାରୁ ସର୍ବଶ୍ରେଷ୍ଠ ବିବେଚନା କରାଯାଇଥାଏ ।

ପ୍ରଫେସର ଆର.ଡ଼ି. ରାନାଡ଼େଙ୍କ ମତରେ ଈଷୋପନିଷଦ ଏକ ସଂକ୍ଷିପ୍ତ ଉପନିଷଦ ହୋଇଥିଲେ ହେଁ ଏଥିରେ ପ୍ରଭୂତ ବିଷୟର ସମାହାର ହୋଇଛି, ଯାହା ଏକ ଅଦ୍ୱିତୀୟ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାଏ । ଏହାର କେବଳ ୧୮ଟି ଶ୍ଳୋକରେ ଆତ୍ମତତ୍ତ୍ୱବର୍ଣ୍ଣନ, ଜଣେ ଆଦର୍ଶ ସନ୍ଥଙ୍କ ଜୀବନୀ-ଯିଏକି ଆକର୍ଷଣ ଏବଂ ଆୟାସର ସଂସର୍ଗରେ ମଧ୍ୟ ଅଟଳମେରୁ ପରି ଅବସ୍ଥାନ କରନ୍ତି, କର୍ମଯୋଗ ସିଦ୍ଧାନ୍ତର ପ୍ରତିବିମ୍ବ ତଥା ଜ୍ଞାନ ଏବଂ କର୍ତ୍ତବ୍ୟର ପୋଷକ ତତ୍ତ୍ୱଗୁଡ଼ିକର ବର୍ଣ୍ଣନା ରହିଛି । ଶେଷରେ ଆଦର୍ଶ, ଚମତ୍କାରିତା ଏବଂ ଆତ୍ମା ସମ୍ବନ୍ଧୀୟ ଗୂଢ଼ ତତ୍ତ୍ୱର ବର୍ଣ୍ଣନା କରାଯାଇଛି ।

ଉପରୋକ୍ତ ତଥ୍ୟରୁ ସ୍ପଷ୍ଟ ହେଉଛି ଯେ ପ୍ରାକୃତ ଭାଷାରେ ଏହାର ମୂଳ ଅର୍ଥ ସହିତ ଅନୁବାଦ କରିବା ଏକ ଦୁରୂହ କାର୍ଯ୍ୟ । ଦାସଗଣୁ ମରାଠି ଛନ୍ଦରେ ଅନୁବାଦ ତ କଲେ; କିନ୍ତୁ ସାରତତ୍ତ୍ୱକୁ ହୃଦବୋଧ କରିନପାରିବାରୁ ସନ୍ତୋଷ ଲାଭ କରିପାରିଲେନାହିଁ । ଏଣୁ ଶଙ୍କା ନିବାରଣାର୍ଥେ କେତେକ ପଣ୍ଡିତଙ୍କ ପାଖକୁ ଯାଇ ପରାମର୍ଶ ଲୋଡ଼ିଲେ ଏବଂ ତର୍କରେ ନିମଗ୍ନ ହେଲେ; କିନ୍ତୁ ସନ୍ତୋଷପ୍ରଦ ଭାବାର୍ଥ କରିବାରେ ସଫଳ ହୋଇପାରିଲେ ନାହିଁ । ଏହି କାରଣରୁ ସେ ବିବ୍ରତ ହୋଇପଡ଼ିଲେ ।

## ।।ସଦ୍‌ଗୁରୁ ହିଁ ସମର୍ଥ ।।

ଈଷୋପନିଷଦ ବେଦର ସାର ତୁଲ୍ୟ ଅଟେ । ଏହାର ଗୂଢ଼ାର୍ଥକୁ ହୃଦବୋଧ କରି ଜୀବନରେ ପ୍ରୟୋଗ କଲେ ଜନ୍ମ-ମୃତ୍ୟୁ ବନ୍ଧନ ଛିନ୍ନ ଅବଶ୍ୟମ୍ଭାବୀ ତଥା ମୁକ୍ତିଲାଭ ସୁଗମ ହୋଇଯାଏ । ଏଣୁ ଦାସଗଣୁଙ୍କ ମନକୁ ବିଚାର ଆସିଲା ଯେ ଯାହାଙ୍କର ଆତ୍ମସାକ୍ଷାତକାର ହୋଇସାରିଛି, ସିଏ ହିଁ ଉପନିଷଦର ବାସ୍ତବ ଅର୍ଥ ବ୍ୟାଖ୍ୟାନ କରିପାରିବେ । ତେଣୁ ସବୁଠାରେ ବିଫଳ ହେବା ପରେ ଶେଷରେ ଶିରିଡ଼ି ଯାଇ ବାବାଙ୍କ ଦର୍ଶନ କରିବାକୁ ସେ ସ୍ଥିର କଲେ । ଯେତେବେଳେ ଶିରିଡ଼ି ଯାତ୍ରାର ସୁଯୋଗ ଆସିଲା, ସେ ବାବାଙ୍କୁ ସାକ୍ଷାତକରି ତାଙ୍କର ଚରଣବନ୍ଦନା କଲେ ଏବଂ ଉପନିଷଦର କଠିନ ବିଷୟଗୁଡ଼ିକୁ ତାଙ୍କ ସମ୍ମୁଖରେ ଉପସ୍ଥାପନକରି ତା'ର ସମାଧାନ କରିବାକୁ ପ୍ରାର୍ଥନା କଲେ । ଶ୍ରୀ ସାଇବାବା ଆଶୀର୍ବାଦ ପ୍ରଦାନ କରି କହିଲେ, 'ଚିନ୍ତା କରିବାର କୌଣସି ପ୍ରୟୋଜନ ନାହିଁ । ଯେତେବେଳେ ତୁମେ ଫେରିବ ଭିଲେପାର୍ଲେରେ କାକା ଦୀକ୍ଷିତଙ୍କ ଭୃତ୍ୟ ତୁମର ଦ୍ୱନ୍ଦ୍ୱ ଦୂର କରିଦେବ ।' ଉପସ୍ଥିତ ଭକ୍ତଗଣ ଯେତେବେଳେ ଏହା ଶୁଣିଲେ, ମନେକଲେ ଯେ ବାବା ପରିହାସ କରୁଛନ୍ତି । ଜଣେ ଅଶିକ୍ଷିତ ଭୃତ୍ୟ ଏପରି ଏକ

ଜଟିଳ ସମସ୍ୟା ସମାଧାନ କରିପାରିବ ବୋଲି କିଏ ବା କଳ୍ପନା କରନ୍ତା ! କିନ୍ତୁ ଦାସଗଣୁଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ଯେ ବାବାଙ୍କର ବଚନ କେବେ ଅସତ୍ୟ ହେବ ନାହିଁ । ତାଙ୍କର ବଚନ ତ ସାକ୍ଷାତ୍ ବ୍ରହ୍ମବାକ୍ୟ ସଦୃଶ ଅଟେ ।

## ।। ଭୃତ୍ୟଠାରୁ ଉପନିଷଦ ଶିକ୍ଷା ।।

**କାକାଙ୍କ ଭୃତ୍ୟ :** ବାବାଙ୍କ ବଚନରେ ପୂର୍ଣ୍ଣ ବିଶ୍ୱାସ ରଖି ଦାସଗଣୁ ଶିରିଡ଼ିରୁ ଭିଲେପାର୍ଲେ(ମୁମ୍ବଇ ଉପକଣ୍ଠ ଅଞ୍ଚଳରେ ଥିବା ଏକ ସ୍ଥାନ)ରେ ପହଞ୍ଚି କାକା ଦୀକ୍ଷିତଙ୍କ ବାସଭବନରେ ରହିଲେ । ପରଦିନ ସକାଳୁ ଦାସଗଣୁ ମଧୁର ନିଦ୍ରାର ଆନନ୍ଦ ନେଉଥାନ୍ତି(କେହି କେହି କହନ୍ତି ସେ ଜପ କରୁଥିଲେ), ଏହି ସମୟରେ ଏକ ଗରିବ ବାଳିକାର ମଧୁର କଣ୍ଠରେ ସୁନ୍ଦର ଗୀତ ଭାସିଆସିଲା । ଗୀତର ସାରାଂଶ ଥିଲା– ଈଷତ୍ ଲୋହିତ ରଂଗର ସେହି ଶାଢ଼ି, କେତେ ସୁନ୍ଦର– ତା'ର ଜରିର ଆଞ୍ଚଲ୍ କେତେ ମନୋହର, ତାର କାନି ଏବଂ ଧଡ଼ି କେତେ ଅନୁପମ ଇତ୍ୟାଦି... । ଦାସଗଣୁଙ୍କୁ ଏହି ଗୀତ ବଡ଼ ଶ୍ରୁତିମଧୁର ଲାଗିଲା । ବାହାରକୁ ଆସି ସେ ଦେଖିଲେ ତ ଜଣେ ବାଳିକା, ନାମ୍ୟାର ଭଉଣୀ (ନାମ୍ୟା କାକାସାହେବ ଦୀକ୍ଷିତଙ୍କ ଘରେ ଚାକରାଣୀ କାମ କରେ) ଏହି ଗୀତ ଗାଉଛି । ବାଳିକାଟି ବାସନ ମାଜୁଥିଲା ଏବଂ ଗୋଟିଏ ଚିରା କପଡ଼ା ପିନ୍ଧିଥିଲା । ଏତେ ଦାରିଦ୍ର୍ୟରେ ମଧ୍ୟ ତା'ର ପ୍ରସନ୍ନତା ଦେଖି ଦାସଗଣୁଙ୍କ ମନରେ ଦୟା ଆସିଲା ଏବଂ ପରଦିନ ରାଓ ବାହାଦୁର ଏମ.ଭି. ପ୍ରଧାନ ଯେତେବେଳେ ତାଙ୍କୁ ଏକ ଧୋତି ଯୋଡ଼ ଉପହାର ଦେବାକୁ ଆସିଥିଲେ, ସେହି ଗରିବ ବାଳିକା ପାଇଁ ଗୋଟିଏ ଶାଢ଼ି ଆଣିଦେବାକୁ ଦାସଗଣୁ ନିବେଦନ କଲେ । ରାଓ ବାହାଦୁର ବାଳିକାଟି ପାଇଁ ଶାଢ଼ି ଆଣିଦେଲେ । ଜଣେ କ୍ଷୁଧିତ ବ୍ୟକ୍ତି ଅକସ୍ମାତ ସ୍ୱାଦିଷ୍ଟ ଭୋଜନ ପାଇଲେ ଯେପରି ଆନନ୍ଦରେ ପୂରିଉଠେ, ସେହିପରି ଶାଢ଼ିଟି ପାଇ ବାଳିକାର ଆନନ୍ଦର ପାରାବାର ରହିଲା ନାହିଁ । ପରଦିନ ସେ ନୂଆ ଶାଢ଼ି ପିନ୍ଧିଲା ଏବଂ ଆନନ୍ଦରେ ନାଚିବାକୁ ଓ ଡେଇଁବାକୁ ଲାଗିଲା । ଅନ୍ୟ ବାଳିକାଙ୍କ ସହିତ ଫୁଗଡ଼ି ଖେଳରେ ମାତିଲା । ତା' ପରଦିନ ନୂଆ ଶାଢ଼ିକୁ ସଜାଇ ସିନ୍ଦୁକରେ ରଖିଦେଲା ଏବଂ ପୂର୍ବପରି ଚିରାଫଟା ପୁରୁଣା ଲୁଗା ପିନ୍ଧି ଆସିଲା । ତଥାପି ସେ ପ୍ରସନ୍ନ ଦେଖାଯାଉଥିଲା । ଏହା ଦେଖି ଦାସଗଣୁଙ୍କ କରୁଣା ଆଶ୍ଚର୍ଯ୍ୟରେ ପରିଣତ ହେଲା । ତାଙ୍କର ଧାରଣା ଥିଲା ଯେ ଅଭାବ ଯୋଗୁ ସେ ଚିରାଫଟା ଲୁଗା ପିନ୍ଧୁଛି; କିନ୍ତୁ ଏବେ ପାଖରେ ନୂଆ ଶାଢ଼ି ଥିଲେ ମଧ୍ୟ ତାକୁ ସାଇତି ସିନ୍ଦୁକରେ ରଖିଦେଇଛି ଏବଂ ଚିରା କପଡ଼ା ପିନ୍ଧି ମଧ୍ୟ ଗର୍ବ ଓ ଆନନ୍ଦ ଅନୁଭବ କରୁଛି । ତା' ମୁହଁରେ ଦୁଃଖ ବା ନିରାଶାର କୌଣସି ଚିହ୍ନ ନାହିଁ । ଏଥିରୁ ତାଙ୍କର ଅନୁଭବ ହେଲା ଯେ ଦୁଃଖ ଏବଂ ସୁଖର ଅନୁଭବ କେବଳ ମାନସିକ ସ୍ଥିତି ଉପରେ ନିର୍ଭର କରେ । ଏହି ବିଷୟ ଉପରେ ଗୂଢ଼ ଭାବରେ ବିଚାର କରିବା ପରେ ସେ ଏହି

ନିଷ୍କର୍ଷରେ ଉପନୀତ ହେଲେ ଯେ ଭଗବାନ ଯାହା କିଛି ବା ଦେଇଛନ୍ତି, ସେଥିରେ ସନ୍ତୁଷ୍ଟ ହେବା ଉଚିତ ଏବଂ ଏହା ବୁଝିବା ଉଚିତ ଯେ ସେ ସଚରାଚର ବ୍ୟାପ୍ତ ଅଟନ୍ତି । ତାଙ୍କ ଦୟାରୁ ଯାହା କିଛି ପ୍ରାପ୍ତ ହୋଇଛି ତାହା ନିଜ ପାଇଁ ନିଶ୍ଚୟ ଲାଭପ୍ରଦ ହେବ । ଏହି ବିଶେଷ ଘଟଣାରେ ବାଳିକାର ଦାରିଦ୍ର୍ୟ, ତାର ଚିରାଫଟା ଲୁଗା, ନୂତନ ଶାଢ଼ିଦାତା ତଥା ତାର ପ୍ରାପକ ଏସବୁ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ଥିଲା । ଦାସଗଣୁଙ୍କୁ ଉପନିଷଦ ଅଧ୍ୟୟନର ପ୍ରତ୍ୟକ୍ଷ ଶିକ୍ଷା ମିଳିଗଲା ଅର୍ଥାତ ଯାହା କିଛି ନିଜ ପାଖରେ ଅଛି ସେଥିରେ ସନ୍ତୋଷ ପ୍ରକାଶ କରିବା ବିଧେୟ । ଏଥିରେ ହିଁ ଆମର କଲ୍ୟାଣ ନିହିତ ।

**ଅଦ୍ୱିତୀୟ ଶିକ୍ଷାପଦ୍ଧତି :** ଏହି ଘଟଣାରୁ ପାଠକମାନେ ଅନୁଭବ କରିପାରୁଥିବେ ଯେ ବାବାଙ୍କ ପଦ୍ଧତି କିପରି ଅଦ୍ୱିତୀୟ ଏବଂ ଅପୂର୍ବ ଥିଲା । ବାବା ଶିରିଡ଼ି ବାହାରକୁ କେବେ ଯାଇନାହାନ୍ତି ମାତ୍ର କାହାକୁ ସେ ମଛିନ୍ଦ୍ରଗଡ଼, କାହାକୁ କୋହ୍ଲାପୁର ଆଉ କାହାକୁ ସୋଲାପୁର ସାଧନା ନିମନ୍ତେ ପଠାଇଛନ୍ତି । କାହାକୁ ଦିନରେ ଓ କାହାକୁ ରାତିରେ ଦର୍ଶନ ଦେଇଛନ୍ତି । କାହାକୁ କାମ କରିବା ସମୟରେ ତ ଆଉ କାହାକୁ ନିଦ୍ରାବସ୍ଥାରେ ଦର୍ଶନ ଦେଇ ତାହାର କାମନା ପୂର୍ଣ୍ଣ କରିଛନ୍ତି । ଭକ୍ତଙ୍କୁ ଶିକ୍ଷା ଦେବା ନିମନ୍ତେ ସେ ଯେତେସବୁ ପନ୍ଥା ଅବଲମ୍ବନ କରିଛନ୍ତି, ତାହାର ବର୍ଣ୍ଣନା ଅସମ୍ଭବ । ଏହି ଅଭିନବ ଘଟଣାରେ ସେ ଦାସଗଣୁଙ୍କୁ ଭିଲେପାର୍ଲେ ପଠାଇ ସେଠାରେ ତାଙ୍କର ଭୃତ୍ୟ ଦ୍ୱାରା ସମସ୍ୟାର ସମାଧାନ କରାଇଲେ । ଯାହାଙ୍କ ମନରେ ଏପରି ପ୍ରଶ୍ନ ଆସିଥିବ ଯେ ଦାସଗଣୁଙ୍କୁ ବାହାରକୁ ପଠାଇବାର ଆବଶ୍ୟକତା କ'ଣ ଥିଲା, କ'ଣ ସେ ନିଜେ ବୁଝାଇ ପାରିନଥାନ୍ତେ ? ସେମାନଙ୍କୁ ମୋର କହିବା କଥା ଯେ ବାବା ଉଚିତ ମାର୍ଗ ହିଁ ଅବଲମ୍ବନ କରିଥିଲେ । ଅନ୍ୟଥା ଦାସଗଣୁ କିପରି ଜଣେ ଗରିବ ଭୃତ୍ୟଠାରୁ ଏହି ଅମୂଲ୍ୟ ଶିକ୍ଷା ପ୍ରାପ୍ତ କରିଥାନ୍ତେ, ଯାହାର ରଚନା ସ୍ୱୟଂ ଶ୍ରୀ ସାଇ କରିଥିଲେ ।

**ଈଶୋପନିଷଦର ଶିକ୍ଷା :** ଈଶୋପନିଷଦର ମୁଖ୍ୟ ସାର ହେଉଛି ନୀତି ଶାସ୍ତ୍ର ସମ୍ବନ୍ଧୀୟ ଉପଦେଶ । ନୀତିସାରଗୁଡ଼ିକ ବିସ୍ତୃତ ଭାବରେ ଏଥିରେ ବର୍ଣ୍ଣିତ ହୋଇଛି । ଏହାର ପ୍ରାରମ୍ଭରେ କୁହାଯାଇଛି ଯେ ସଂସାରର ସମସ୍ତ ବସ୍ତୁ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ଓ ତାଙ୍କସହ ଜଡ଼ିତ । ଯିଏ ଏହି ସତ୍ୟକୁ ଗ୍ରହଣ କରିଥାଏ, ସେ ଈଶ୍ୱରଙ୍କ କୃପାରୁ ଯାହା କିଛି ମିଳିଛି ସେଥିରେ ସନ୍ତୋଷ ପ୍ରକଟ କରିବା ଉଚିତ ବୋଲି ମନେକରେ ତଥା ସର୍ବଦା ଏପରି ଦୃଢ଼ ଭାବନା ରଖେ ଯେ ଈଶ୍ୱର ହିଁ ସର୍ବଶକ୍ତିମାନ ଏବଂ ସେ ଯାହା କିଛି ଦେଇଛନ୍ତି ତାହା ଆମ ପାଇଁ ମଙ୍ଗଳପ୍ରଦ । ପରଧନ ପ୍ରତି ଲାଳସାକୁ ଏଥିରେ ନିନ୍ଦା କରାଯାଇଛି ଓ ନିଜ ପାଖରେ ଯେତିକି ଅଛି ସେତିକିରେ ସନ୍ତୁଷ୍ଟ ରହିବା ଉଚିତ କାରଣ ଏହା ହିଁ ଈଶ୍ୱରଙ୍କ ଇଚ୍ଛା । ଚରିତ୍ର ସମ୍ବନ୍ଧରେ କୁହାଯାଇଛି ଯେ ଶାସ୍ତ୍ରରେ ବର୍ଣ୍ଣିତ କର୍ମାନୁସାରେ ଜୀବନ ଅତିବାହିତ କରିବା ଉଚିତ ଏବଂ ସବୁକିଛି ଈଶ୍ୱରଙ୍କ ଇଚ୍ଛା ବୋଲି ମନେ କରିବାକୁ ହେବ । ଆଳସ୍ୟର ନିନ୍ଦା କରି କୁହାଯାଇଛି ଯେ ଏହାଦ୍ୱାରା

ଆତ୍ମା ପତନାଭିମୁଖୀ ହୋଇଥାଏ ଏବଂ ଅର୍କମଣ୍ୟ ପ୍ରବୃତ୍ତି ବରଣ କରେ । ଶେଷରେ କୁହାଯାଇଛି ଯେ ଯେଉଁ ପ୍ରାଣୀ ସକଳ ପ୍ରାଣୀଙ୍କ ମଧ୍ୟରେ ନିଜର ସତ୍ତାକୁ ଅନୁଭବ କରେ ତଥା ସକଳ ପ୍ରାଣୀ ଓ ପଦାର୍ଥ ଯାହାଙ୍କର ଆତ୍ମସ୍ୱରୂପ ହୋଇସାରିଛନ୍ତି ତାହାଠାରେ ମୋହ କିପରି ଉତ୍ପନ୍ନ ହେବ ? ସୁତରାଂ ଏପରି ବ୍ୟକ୍ତିଙ୍କ ଦୁଃଖ ବା ବିଷାଦର କୌଣସି କାରଣ ନାହିଁ । ସମସ୍ତ ଭୂତରେ ଆତ୍ମଦର୍ଶନ ନକରିବା, ଶୋକ, ମୋହ ଏବଂ ଦୁଃଖ ବୃଦ୍ଧିର କାରଣ ହୋଇଥାଏ । ଯିଏ ସମସ୍ତ ବସ୍ତୁକୁ ଆତ୍ମସ୍ୱରୂପ ମନେ କରିସାରିଛନ୍ତି ସେ ଅନ୍ୟ ସାଧାରଣ ମଣିଷର ଛିଦ୍ରାନ୍ୱେଷଣ କରିବ କାହିଁକି ?

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



# ।। ଏକବିଂଶ ଅଧ୍ୟାୟ ।।

## (୧) ଗୁରୁକୃପା ବିନା ଗ୍ରନ୍ଥାବଲୋକନ ନିରର୍ଥକ (୨) ଘୋଡ଼ାର ଲେଦି ଅଥଃ ନବଧା ଭକ୍ତି (୩) ପଣ୍ଡରପୁରର ଓକିଲଙ୍କ କଥା

ଏହି ଅଧ୍ୟାୟରେ ହେମାଡପନ୍ତ ପୁନେ ନିବାସୀ ବିନାୟକ ହରିଶ୍ଚନ୍ଦ୍ର ଠାକୁର, ଅନନ୍ତରାଓ ପାଟଣକର ତଥା ପଣ୍ଡରପୁରର ଜଣେ ଓକିଲଙ୍କ କଥା ବର୍ଣ୍ଣନା କରୁଛନ୍ତି । ଏହିସବୁ କଥା ଅତି ଉପାଦେୟ ଓ ମନୋଜ୍ଞ । ମନନପୂର୍ବକ ଏହାକୁ ଶ୍ରବଣ କରି ଆଚରଣରେ ପ୍ରୟୋଗ କଲେ ପାଠକଗଣ ନିଶ୍ଚୟ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହେବେ, ଏଥିରେ ସନ୍ଦେହ ନାହିଁ ।

**ପ୍ରାରମ୍ଭ :** ଏହା ଏକ ସାଧାରଣ ନିୟମ ଯେ ଗତ ଜନ୍ମର ଶୁଭକର୍ମର ଫଳସ୍ୱରୂପ ହିଁ ଆମକୁ ସନ୍ଥଙ୍କର ସାନ୍ନିଧ୍ୟ ଏବଂ ତାଙ୍କର କୃପା ପ୍ରାପ୍ତ ହୋଇଛି । ଉଦାହରଣ ସ୍ୱରୂପ ହେମାଡପନ୍ତ ସ୍ୱୟଂ ନିଜର ଅନୁଭୂତି ବର୍ଣ୍ଣନା କରିଛନ୍ତି । ଅନେକ ବର୍ଷ ପର୍ଯ୍ୟନ୍ତ ସେ ମୁମ୍ବଇ ଉପକଣ୍ଠ ବାନ୍ଦ୍ରାର ସ୍ଥାନୀୟ ନ୍ୟାୟାଧୀଶ ଥିଲେ । ପୀର ମୌଲାନା ନାମରେ ଜଣେ ମୁସଲିମ ସନ୍ଥ ସେଠାରେ ବାସ କରୁଥିଲେ । ତାଙ୍କର ଦର୍ଶନ ନିମନ୍ତେ ବହୁ ହିନ୍ଦୁ, ପାର୍ସି ଏବଂ ଅନ୍ୟ ଧର୍ମାବଲମ୍ବୀ ଆସୁଥିଲେ । ପୀରଙ୍କ ମୁଜାବର(ପୂଜକ)ହେମାଡପନ୍ତଙ୍କୁ ତାଙ୍କର ଦର୍ଶନ କରାଇବା ନିମନ୍ତେ ବହୁବାର ଆଗ୍ରହ ପ୍ରକାଶ କରୁଥିଲେ କିନ୍ତୁ କୌଣସି ନା କୌଣସି କାରଣରୁ ତାହା ହୋଇପାରୁନଥିଲା ।

ଅନେକ ବର୍ଷ ପରେ ଯେତେବେଳେ ତାଙ୍କର ଶୁଭ ସମୟ ଆସିଲା, ସେ ଶିରିଡ଼ିରେ ପହଞ୍ଚିଲେ ଏବଂ ବାବାଙ୍କ ଦରବାରକୁ ଯାଇ ସ୍ଥାୟୀ ରୂପେ ସମ୍ମିଳିତ ହୋଇଗଲେ । ଭାଗ୍ୟହୀନଙ୍କୁ ସନ୍ଥସମାଗମ ପ୍ରାପ୍ତି ହେବ କିପରି ? ଯେଉଁମାନଙ୍କୁ ଏପରି ସୁଯୋଗ ମିଳିଛି, ସେମାନେ ନିଶ୍ଚିତ ସୌଭାଗ୍ୟଶାଳୀ ଅଟନ୍ତି ।

**ସନ୍ଥଙ୍କ ଦ୍ୱାରା ଲୋକଶିକ୍ଷା :** ଅନାଦିକାଳରୁ ସନ୍ଥମାନଙ୍କ ଦ୍ୱାରା ଲୋକଶିକ୍ଷା କାର୍ଯ୍ୟ ସମଗ୍ର ବିଶ୍ୱରେ ସମ୍ପନ୍ନ ହୋଇଆସୁଛି । ଭିନ୍ନ ଭିନ୍ନ ସ୍ଥାନରେ ଓ ସମୟରେ କୌଣସି ନିର୍ଦ୍ଧାରିତ ଉଦ୍ଦେଶ୍ୟ ପୂରଣ ନିମନ୍ତେ ସନ୍ଥମାନେ ପ୍ରକଟ ହୁଅନ୍ତି । ଯଦିଓ ସେମାନଙ୍କର କାର୍ଯ୍ୟସ୍ଥଳ ଭିନ୍ନ ହୋଇଥାଏ, ସେ ସମସ୍ତେ ପୂର୍ଣ୍ଣତଃ ଏକ ଅଟନ୍ତି । ସେ ସମସ୍ତେ ସେହି ସର୍ବଶକ୍ତିମାନ ପରମେଶ୍ୱରଙ୍କ ସଞ୍ଚାଳନ ଶକ୍ତି ଅନ୍ତର୍ଗତ ସମବର୍ତ୍ତୀ ଲହଡ଼ି ଭଳି କାର୍ଯ୍ୟ କରନ୍ତି । ପ୍ରତ୍ୟେକଙ୍କ କାର୍ଯ୍ୟ ସମ୍ପର୍କରେ ସେମାନେ ଗୋଚର ରହିଥାନ୍ତି ଏବଂ ଆବଶ୍ୟକ ଅନୁସାରେ ପରସ୍ପରର କାର୍ଯ୍ୟ ପୂରଣ କରିଥାନ୍ତି, ଯାହା ନିମ୍ନଲିଖିତ ଘଟଣାରୁ ସ୍ପଷ୍ଟ ହୁଏ ।

## ।। ଗୁରୁକୃପା ବିନା ଗ୍ରନ୍ଥାବଲୋକନ ନିରର୍ଥକ ।।

**ଶ୍ରୀ ଠାକୁର :** ବି.ଏଚ. ଠାକୁର ନାମକ ଜଣେ ବ୍ୟକ୍ତି ରାଜସ୍ୱ ବିଭାଗରେ କାର୍ଯ୍ୟ କରୁଥିଲେ । ଥରେ ଜମି ମାପଚୁପ କରୁଥିବା ତାଙ୍କର କେତେକ ସହକର୍ମୀଙ୍କ ସହ ସେ ବେଲଗାଓଁ ନିକଟସ୍ଥ ବଡ଼ଗାଓଁକୁ ଯାଇଥିଲେ । ସେଠାରେ ଜଣେ କନ୍ନଡ଼ ସନ୍ଥ(ଅପ୍ପା)ଙ୍କର ଦର୍ଶନ ହେଲା । ସନ୍ଥଜଣକ ତାଙ୍କର ଭକ୍ତମାନଙ୍କୁ ନିଶ୍ଚଳଦାସକୃତ 'ବିଚାର ସାଗର' (ବେଦାନ୍ତ ବିଷୟରେ ରଚିତ)ର ଭାବାର୍ଥ ବୁଝାଉଥାନ୍ତି । ଠାକୁର ତାଙ୍କର ଚରଣବନ୍ଦନା କଲେ ଓ ନୀରବରେ ବସି ଶ୍ରବଣ କଲେ । କିଛି ସମୟ ପରେ ଯେତେବେଳେ ସେ ବିଦାୟ ନେବା ନିମନ୍ତେ ଅନୁମତି ଭିକ୍ଷା କଲେ, ସନ୍ଥଜଣକ ତାଙ୍କୁ କହିଲେ 'ତୁମେ ଏହି ଗ୍ରନ୍ଥ ଅବଶ୍ୟ ପାଠ କରିବା ଉଚିତ ଯଦ୍ଦ୍ୱାରା ତୁମର ମନୋକାମନା ପୂର୍ଣ୍ଣ ହେବ ତଥା କାଳାନ୍ତରରେ ଉତ୍ତର ଦିଗକୁ ଯାତ୍ରାକଲେ ଏକ ମହାନ୍ ସନ୍ଥଙ୍କ ସହ ତୁମର ଭେଟ ହେବ, ଯିଏ ତୁମକୁ ଉଚିତ ମାର୍ଗ ପ୍ରଦର୍ଶନ କରି ସୁଖ ଓ ଶାନ୍ତି ପ୍ରଦାନ କରିବେ ।

ସନ୍ଥଙ୍କ ଉକ୍ତି କେବେ ଅସତ୍ୟ ହୁଏ ନାହିଁ । କିଛିବର୍ଷ ପରେ ଜୁନ୍ନରକୁ ତାଙ୍କର ବଦଳି ହେଲା । ନାଣେଘାଟ ଅତିକ୍ରମ କରିବା ପରେ ଏହି ସ୍ଥାନ ଅବସ୍ଥିତ । ଘାଟିରାସ୍ତା ଅତ୍ୟନ୍ତ ତୀଖ ଓ ଦୁର୍ଗମ ଥିଲା ତଥା ଯାତ୍ରା ନିମନ୍ତେ ବଡ଼ କଠିନ ଥିଲା । ମଈଁଷି ପିଠିରେ ବସି ଯାତ୍ରୀମାନେ ଘାଟି ପାର ହେଉଥିଲେ । ଠାକୁର ମଧ୍ୟ ସେପରି ଯାତ୍ରା କଲେ, ଯଦିଓ ଏହା ତାଙ୍କ ପାଇଁ କଷ୍ଟକର ତଥା ଯନ୍ତ୍ରଣାଦାୟକ ମନେହେଲା । କିଛିଦିନ ପରେ ଆଉ ଏକ ସ୍ଥାନ କଲ୍ୟାଣକୁ ପଦୋନ୍ନତି ସହ ତାଙ୍କର ବଦଳି ହେଲା । ସେଠାରେ ନାନାସାହେବ ଚନ୍ଦୋରକରଙ୍କ ସହିତ ତାଙ୍କର ପରିଚୟ ହେଲା । ତାଙ୍କଠାରୁ ଶ୍ରୀ ସାଇବାବାଙ୍କ ବିଷୟରେ ସେ ବହୁତ କିଛି ଜାଣିଲେ ଏବଂ ଏହାପରେ ବାବାଙ୍କ ଦର୍ଶନ ନିମନ୍ତେ ତାଙ୍କ ମନରେ ତୀବ୍ର ଉତ୍କଣ୍ଠା ଜାତ ହେଲା । ପରଦିନ ନାନାସାହେବ ଶିରିଡ଼ି ଯାତ୍ରା କରୁଥିଲେ । ତାଙ୍କ ସହ ଯିବାକୁ ଠାକୁରଙ୍କୁ ମଧ୍ୟ ଅନୁରୋଧ କଲେ । ତେବେ ଥାନେର ଦେଓ୍ୱାନୀ ଅଦାଲତରେ ଗୋଟିଏ ମକଦ୍ଦମା ସଂକ୍ରାନ୍ତରେ ତାଙ୍କର ଉପସ୍ଥିତି ଜରୁରୀ ଥିବାରୁ ସେ ଯାଇପାରିଲେ ନାହିଁ । ଏଣୁ ନାନାସାହେବ ଏକୁଟିଆ ଗଲେ; କିନ୍ତୁ ଥାନେ ପହଞ୍ଚିବା ବେଳକୁ ମୋକଦ୍ଦମାର ତାରିଖ ଘୁଞ୍ଚିଯାଇଥିଲା । ଏହା ଜାଣିବାପରେ ନାନାସାହେବଙ୍କ ସହ ଯାଇନପାରିବାରୁ ତାଙ୍କ ମନରେ ଭୀଷଣ ଦୁଃଖ ହେଲା ଓ ସେ ଅନୁତାପ କରିବାକୁ ଲାଗିଲେ । ତାପରେ ଆଉ ବିଳମ୍ବ ନକରି ତୁରନ୍ତ ଶିରିଡ଼ି ବାହାରିଗଲେ । କିନ୍ତୁ ପହଞ୍ଚିବା ପରେ ପୂର୍ବଦିନ ନାନାସାହେବ ଫେରିଯାଇଥିବା ଶୁଣି ମନରେ ପୁଣି ଦୁଃଖ ହେଲା । କୌଣସିମତେ ସେଠାରେ ଦେଖାହୋଇଥିବା କିଛି ବନ୍ଧୁଙ୍କ ସହ ବାବାଙ୍କ ଦର୍ଶନ ନିମନ୍ତେ ଗଲେ । ବାବାଙ୍କୁ ଦର୍ଶନକଲେ ଏବଂ ତାଙ୍କର

ଚରଣକମଳର ଆରାଧନା କରି ଆନନ୍ଦରେ ଉତ୍‌ଫୁଲ୍ଲିତ ହେଲେ । ତାଙ୍କର ସର୍ବାଙ୍ଗଶରୀର ରୋମାଞ୍ଚିତ ହୋଇଗଲା ଏବଂ ନୟନଯୁଗଳରୁ ଅବାରିତ ଅଶ୍ରୁଧାରା ବୋହିବାକୁ ଲାଗିଲା । ତ୍ରିକାଳଦର୍ଶୀ ବାବା ତାଙ୍କୁ କହିଲେ କି କନ୍ନଡ଼ ସନ୍ଥ ଆପ୍ପାଙ୍କ ଉପଦେଶ କିମ୍ବା ନାଣେଘାଟରେ ମଇଁଷି ସବାର ପରି ଏହି ସ୍ଥାନକୁ ମାର୍ଗ ଏତେ ସୁଗମ ନୁହେଁ । ଆଧ୍ୟାତ୍ମିକ ପଥରେ ଯାତ୍ରା କରିବା ନିମନ୍ତେ ତୁମକୁ କଠିନ ପରିଶ୍ରମ କରିବାକୁ ପଡ଼ିବ । ଏହି ମାର୍ଗ ଅତ୍ୟନ୍ତ କଠିନ । ଶ୍ରୀ ଠାକୁର ଏପରି ସାରଗର୍ଭକ ବକ୍ତବ୍ୟ ଶୁଣିବା ପରେ(ଯାହାର ଅର୍ଥ ତାଙ୍କ ବିନା ଅନ୍ୟ କେହି ବୁଝିପାରିନଥିଲେ) ତାଙ୍କର ଆଶ୍ଚର୍ଯ୍ୟ ଓ ଆନନ୍ଦର ସୀମା ରହିଲା ନାହିଁ ଏବଂ କନ୍ନଡ଼ ସନ୍ଥଙ୍କ ସ୍ମୃତି ତାଙ୍କର ମାନସପଟରେ ଭାସିବାରେ ଲାଗିଲା । ଦୁଇହାତ ଯୋଡ଼ି ବାବାଙ୍କ ଚରଣଦେଶରେ ସେ ମସ୍ତକ ରଖିଲେ ଏବଂ ପ୍ରାର୍ଥନା କଲେ କି 'ହେ ପ୍ରଭୁ ମୋ ଉପରେ କୃପା କରନ୍ତୁ ଏବଂ ଏହି ଅନାଥକୁ ଆପଣଙ୍କର ଚରଣକମଳର ଶୀତଳଛାୟାରେ କିଞ୍ଚିତ ସ୍ଥାନ ଦିଅନ୍ତୁ । ବାବା କହିଲେ, 'ଆପ୍ପା ଯାହା କହିଥିଲେ ତାହା ସତ୍ୟ । ତାକୁ ଅଭ୍ୟାସ କରି ଆଚରଣରେ ପ୍ରୟୋଗ କରିବାକୁ ହେବ । ବୃଥାରେ ବସିଯିବା ଦ୍ୱାରା କୌଣସି ଲାଭ ହେବ ନାହିଁ । ଯାହା କିଛି ତୁମେ ପାଠ କରୁଛ, ତାହାକୁ ଆଚରଣରେ ପ୍ରୟୋଗକର, ଅନ୍ୟଥା ଲାଭ କ'ଣ ? ଗୁରୁ କୃପା ବିନା ଗ୍ରନ୍ଥାବଲୋକନ ତଥା ଆତ୍ମାନୁଭୂତି ନିରର୍ଥକ ଅଟେ ।' ଶ୍ରୀ ଠାକୁର ସେ ଯାଏଁ କେବଳ 'ବିଚାର ସାଗର' ଗ୍ରନ୍ଥର ସିଦ୍ଧାନ୍ତ ପ୍ରକରଣ ପଢ଼ିଥିଲେ; କିନ୍ତୁ ତାର ପ୍ରତ୍ୟକ୍ଷ ବ୍ୟବହାର ପ୍ରଣାଳୀ ଜ୍ଞାନ ଶିରିଡ଼ିରେ ଲାଭ କଲେ ।

**ଅନନ୍ତରାଓ ପାଟଣକର :** ପୁନାର ଜଣେ ବ୍ୟକ୍ତି ଅନନ୍ତରାଓ ପାଟଣକର ଶ୍ରୀ ସାଇବାବାଙ୍କର ଦର୍ଶନ ନିମନ୍ତେ ବଡ଼ ଇଚ୍ଛୁକ ଥିଲେ । ଶିରିଡ଼ି ଆସି ବାବାଙ୍କୁ ଦର୍ଶନ କଲେ । ଦର୍ଶନ ମାତ୍ରକେ ତାଙ୍କର ନେତ୍ର ଶୀତଳ ହୋଇଗଲା ଏବଂ ସେ ବଡ଼ ପ୍ରସନ୍ନ ଅନୁଭବ କଲେ । ବାବାଙ୍କର ଶ୍ରୀଚରଣ ସ୍ପର୍ଶ କଲେ ଏବଂ ଯଥାଯୋଗ୍ୟ ପୂଜା କରିବା ଉପରାନ୍ତ କହିଲେ 'ମୁଁ ବହୁତ କିଛି ପଢ଼ିଛି । ବେଦ, ବେଦାନ୍ତ, ଉପନିଷଦ ଅଧ୍ୟୟନ କରିଛି ତଥା ଅନ୍ୟ ପୁରାଣ ମଧ୍ୟ ଶ୍ରବଣ କରିଛି, କିନ୍ତୁ ମୋତେ ଶାନ୍ତି ମିଳୁନାହିଁ । ତେଣୁ ମୋର ପଠନ ବୃଥା ଗଲା । ଜଣେ ସାଧାରଣ ଅଜ୍ଞାନୀ ଭକ୍ତ ମଧ୍ୟ ମୋ ଠାରୁ କାହିଁ ଶ୍ରେଷ୍ଠ । ଯେ ପର୍ଯ୍ୟନ୍ତ ମନକୁ ଶାନ୍ତି ମିଳିନାହିଁ, ସେ ପର୍ଯ୍ୟନ୍ତ ଗ୍ରନ୍ଥାବଲୋକନ ବୃଥା ଅଟେ । ମୁଁ ଶୁଣିଛି କି ଆପଣ ଦୃଷ୍ଟି ମାତ୍ରକେ ଏବଂ ବିନୋଦପୂର୍ଣ୍ଣ ବଚନ ଦ୍ୱାରା ଅନ୍ୟମାନଙ୍କର ମନକୁ ସରଳତାପୂର୍ବକ ଶାନ୍ତି ପ୍ରଦାନ କରନ୍ତି । ଏ କଥା ଶୁଣି ମୁଁ ମଧ୍ୟ ଏଠାକୁ ଆସିଛି । କୃପା କରି ଏହି ଦାସକୁ ଆଶୀର୍ବାଦ ପ୍ରଦାନ କରନ୍ତୁ । ଏହାପରେ ବାବା ନିମ୍ନଲିଖିତ କଥା କହିଲେ–

## ।। ଘୋଡ଼ାର ନଅଟି ଲେଦି ଅଥଃ ନବଧା ଭକ୍ତି ।।

'ଥରେ ଜଣେ ସୌଦାଗର ଏଠାକୁ ଆସିଥିଲା । ତା' ସମ୍ମୁଖରେ ଗୋଟିଏ ଘୋଡ଼ୀ ମଳତ୍ୟାଗ କଲା । ଜିଜ୍ଞାସୁ ସୌଦାଗରଜଣକ ତା'ର ଧୋତିର କାନିରେ ନଅଟି ଲେଦି(ଲେଦିର ଅର୍ଥ ଘୋଡ଼ାର ବିଷ୍ଠା) ସଂଗ୍ରହ କଲା, ଏହାପରେ ତା'ର ମନ ଶାନ୍ତି ଲାଭକଲା । ଶ୍ରୀ ପାଟଣକର ଉପରୋକ୍ତ ଉକ୍ତିର କୌଣସି ଅର୍ଥ ବୁଝିପାରିଲେ ନାହିଁ । ଏଣୁ ଗଣେଶ ଦାମୋଦର ଓରଫ ଦାଦା କେଲକରଙ୍କୁ ଏହାର ଅର୍ଥ ବୁଝାଇବା ପାଇଁ ପ୍ରାର୍ଥନା କରି ବାବାଙ୍କ ବାଣୀର ଅଭିପ୍ରାୟ କ'ଣ ବୋଲି ପ୍ରଶ୍ନ କଲେ । ଦାଦା କେଲକର୍ କହିଲେ 'ବାବାଙ୍କ ଉକ୍ତି ସେ ନିଜେ ଅନେକ ସମୟରେ ବୁଝିପାରନ୍ତି ନାହିଁ । ତେବେ ତାଙ୍କର ପ୍ରେରଣାରେ ଯେତିକି ବୁଝିଛି, ତାହା ତୁମକୁ କହୁଛି । ଘୋଡ଼ୀ ହେଉଛି ଈଶ୍ୱର କୃପା ଏବଂ ନଅଟି ଲେଦି ହେଉଛି ନବବିଧା ଭକ୍ତି ଯଥା (୧) ଶ୍ରବଣ (୨)କୀର୍ତ୍ତନ (୩) ନାମସ୍ମରଣ (୪) ପାଦସେବା (୫) ଅର୍ଚ୍ଚନା (୬) ବନ୍ଦନା ବା ପ୍ରଣାମ (୭) ଦାସ୍ୟ(ସେବକ) (୮) ସଖ୍ୟ ବା ସଖା (୯) ଆତ୍ମନିବେଦନ(ସମର୍ପଣ) । ଏହା ହେଲା ନଅ ପ୍ରକାର ଭକ୍ତି । ଏହା ମଧ୍ୟରୁ ଗୋଟିଏକୁ ବି ଯଦି ବାସ୍ତବ କ୍ଷେତ୍ରରେ ଅଭ୍ୟାସ କରି ପ୍ରୟୋଗ କରାଯାଏ ତାହେଲେ ଭଗବାନ ଶ୍ରୀହରି ଅତି ପ୍ରସନ୍ନ ହୋଇ ଭକ୍ତର ଘରେ ପ୍ରକଟ ହୋଇଯାଆନ୍ତି । ସମସ୍ତ ସାଧନା ମଧ୍ୟରେ ଜପ, ତପ, ଯୋଗାଭ୍ୟାସ ତଥା ବେଦ ପଠନ-ପାଠନ ମଧ୍ୟରେ ଯେ ପର୍ଯ୍ୟନ୍ତ ଭକ୍ତିର ସମ୍ପୁଟ ନହୋଇଛି, ତାହା ନୀରସ ଅଟେ । ବେଦଜ୍ଞାନୀ କିମ୍ବା ବ୍ରହ୍ମଜ୍ଞାନୀଙ୍କ କୀର୍ତ୍ତି ଭକ୍ତିଭାବ ବିନା ନିରର୍ଥକ ଅଟେ । ଏଣୁ କେବଳ ପୂର୍ଣ୍ଣ ଭକ୍ତିର ଆବଶ୍ୟକତା ରହିଛି । ନିଜକୁ ମଧ୍ୟ ସେହି ସୌଦାଗର ଭଳି ମନେକରି ବ୍ୟଗ୍ରତା ତଥା ଉତ୍ସୁକତାପୂର୍ବକ ସତ୍ୟର ଅନ୍ୱେଷଣ କରି ନଅପ୍ରକାର ଭକ୍ତି ପ୍ରାପ୍ତ କର । ତଦ୍ୱାରା ତୁମକୁ ଦୃଢ଼ତା ତଥା ମାନସିକ ଶାନ୍ତି ପ୍ରାପ୍ତ ହେବ ।

ପରଦିନ ଯେତେବେଳେ ଶ୍ରୀ ପାଟଣକର ବାବାଙ୍କୁ ପ୍ରଣାମ କରିବାକୁ ଗଲେ, ବାବା ତାଙ୍କୁ ପଚାରିଲେ 'ନଅଟି ଲେଦି ସଂଗ୍ରହ କଲ ?' ସେ କହିଲେ କି 'ମୁଁ ଅନାଶ୍ରିତ ଅଟେ ।' ଆପଣଙ୍କ କୃପା ବିନା ସରଳତାପୂର୍ବକ ତାହା ସଂଗ୍ରହ କରିବା ସମ୍ଭବ ନୁହେଁ । ବାବା ତାଙ୍କୁ ଆଶୀର୍ବାଦ ପ୍ରଦାନକରି ସୁଖ ଏବଂ ଶାନ୍ତିର ବର ଦେଲେ । ଶ୍ରୀ ପାଟଣକରଙ୍କ ମନ ଆନନ୍ଦରେ ପୂରିଉଠିଲା ।

**ପଣ୍ଡରପୁରର ଓକିଲଙ୍କ କଥା ଓ ବାବାଙ୍କ ସର୍ବବ୍ୟାପକ ଦୃଷ୍ଟି** : ଭକ୍ତମାନଙ୍କର ଦୁର୍ଗୁଣ ଦୂର କରି ସେମାନଙ୍କୁ ଉଚିତ ପଥରେ ଆଣିବା ନିମନ୍ତେ ବାବାଙ୍କର ତ୍ରିକାଳଦର୍ଶିତାର ଏକ କ୍ଷୁଦ୍ର ଉଦାହରଣ ବର୍ଣ୍ଣନା କରି ଏହି ଅଧ୍ୟାୟ ସମାପ୍ତ କରିବା । ଥରେ ପଣ୍ଡରପୁରର ଜଣେ ଓକିଲ ଶିରିଡ଼ି ଆସିଲେ । ବାବାଙ୍କୁ ଦର୍ଶନ କରି ପ୍ରଣାମ କଲେ ତଥା ଦକ୍ଷିଣା ଭେଟି ଦେଇ ଗୋଟିଏ କୋଣରେ ବସି ବାର୍ତ୍ତାଳାପ ଶୁଣିବାକୁ ଲାଗିଲେ । ତାଙ୍କ

ଆଡ଼କୁ ଦେଖି ବାବା କହିଲେ 'ଲୋକେ କେଡ଼େ ଚତୁର, ଏଠାକୁ ଆସି ଚରଣରେ ଲୋଟୁଛନ୍ତି, ଦକ୍ଷିଣା ଦେଉଛନ୍ତି; ତେଣେ ପଛରେ ଗାଳି ଦେଉଛନ୍ତି । କି ଆଶ୍ଚର୍ଯ୍ୟର କଥା । ଏହି କଥା ଓକିଲ ଜଣଙ୍କ ପ୍ରତି ଉଦ୍ଦିଷ୍ଟ ଥିଲା ଏବଂ ସେ ତାକୁ ପରାସ୍ତ ସୈନିକ ପରି ନୀରବରେ ଗ୍ରହଣ କରିବାକୁ ବାଧ୍ୟ ହେଲେ । ୱାଡ଼ାକୁ ଫେରିବା ପରେ ଓକିଲଜଣକ କାକାସାହେବ ଦୀକ୍ଷିତଙ୍କୁ କହିଲେ କି ବାବା ଯେଉଁ ଉଦାହରଣ ଦେଲେ ତାହା ମୋତେ ହିଁ ଲକ୍ଷ୍ୟ କରି କହିଥିଲେ ଏବଂ ତାହା ସତ୍ୟ ଥିଲା । ଏହା କେବଳ ମୋ ପ୍ରତି ଚେତାବନୀ ଥିଲା ଯେ ମୁଁ କାହା ନିନ୍ଦା କରିବା ଉଚିତ ନୁହେଁ । ଥରେ ଉପନ୍ୟାୟାଧୀଶ ଶ୍ରୀ ନୁଲକର ଆରୋଗ୍ୟ ଲାଭ କରିବା ଉଦ୍ଦେଶ୍ୟରେ ପଣ୍ଡରପୁରରୁ ଶିରିଡ଼ି ଆସିବାରୁ କଚେରି ବାର୍‌ରେ ତାଙ୍କ ବିଷୟରେ ଚର୍ଚ୍ଚା ହୋଇଥିଲା । ଆମେ ଆଲୋଚନା କରିଥିଲୁ କି ଯେଉଁ ବ୍ୟାଧିରେ ଉପନ୍ୟାୟାଧୀଶ ପୀଡ଼ିତ, ଔଷଧ ସେବନ ନକରି କେବଳ ସାଇବାବାଙ୍କର ଶରଣ ନେଲେ ତାହା କ'ଣ ଭଲ ହୋଇଯିବ ? ଶ୍ରୀ ନୁଲ୍‌କରଙ୍କ ଭଳି ଜଣେ ଶିକ୍ଷିତ ବ୍ୟକ୍ତି ଏହି ମାର୍ଗ ଅବଲମ୍ବନ କରିବା ଯଥାର୍ଥ କି ? ଉଭୟ ଶ୍ରୀ ନୁଲ୍‌କର ଏବଂ ସାଇବାବାଙ୍କର ବହୁତ ପରିହାସ ମଧ୍ୟ କରାଗଲା । ମୁଁ ବି ଏହି ଆଲୋଚନାରେ ସାମିଲ ଥିଲି । ଶ୍ରୀ ସାଇବାବା ମୋର ସେହି ଦୂଷିତ ଆଚରଣ ସମ୍ପର୍କରେ ଚେତାଇଦେଲେ । ଏହା ମୋ ପ୍ରତି ଉପହାସ ନୁହେଁ, ବରଂ ପ୍ରତ୍ୟକ୍ଷ ଉପକାର । କାହାର ନିନ୍ଦା କରିବା ଉଚିତ ନୁହେଁ କି କାହାର କାର୍ଯ୍ୟରେ ବିଘ୍ନ ପ୍ରୟୋଗ କରିବା ଠିକ୍ ନୁହେଁ-ଏହି କଥା ମୁଁ ଶିକ୍ଷା ପାଇଲି ।

ଶିରିଡ଼ି ଏବଂ ପଣ୍ଡରପୁର ମଧ୍ୟରେ ବ୍ୟବଧାନ ପ୍ରାୟ ୩୦୦ କିମି ଦୂର । ତଥାପି ବାବା ସର୍ବଜ୍ଞ ହୋଇଥିବାରୁ କଚେରି କକ୍ଷରେ କ'ଣ ଆଲୋଚନା ହୋଇଥିଲା, ତାହା ତାଙ୍କୁ ଅଛପା ନଥିଲା । ମଝିରେ ଥିବା ନଦୀ, ଘଞ୍ଚ ଜଙ୍ଗଲ ଏବଂ ପର୍ବତ ତାଙ୍କର ଦିବ୍ୟଦୃଷ୍ଟି ପଥରେ ଅନ୍ତରାୟ ହୋଇନଥିଲା । ସମସ୍ତଙ୍କ ହୃଦୟର ଗୂହ୍ୟ କଥା ସେ ଜାଣୁଥିଲେ ଏବଂ ତାଙ୍କ ନିକଟରେ କିଛି ଛପି ରହୁନଥିଲା । ସମୀପ ବା ଦୂର ପ୍ରତ୍ୟେକ ବସ୍ତୁ ତାଙ୍କ ପାଇଁ ପ୍ରକାଶ ସଦୃଶ ଜାଜ୍ଜ୍ୱଲ୍ୟମାନ ଥିଲା ତଥା ତାଙ୍କର ସର୍ବବ୍ୟାପକ ଦୃଷ୍ଟିରୁ ବିଚ୍ୟୁତ ନଥିଲା । ଏହି ଘଟଣାରୁ ଓକିଲ ସାହେବଙ୍କୁ ଶିକ୍ଷା ମିଳିଲା କି କେବେ କାହାର ଛିଦ୍ରାନ୍ୱେଷଣ କରିବା ତଥା ନିନ୍ଦା କରିବା ଉଚିତ ନୁହେଁ ।

ଏହି କଥା କେବଳ ଉକ୍ତ ଓକିଲଙ୍କ ପାଇଁ ନୁହେଁ, ବରଂ ସମସ୍ତଙ୍କ ନିମନ୍ତେ ଶିକ୍ଷାପ୍ରଦ । ଶ୍ରୀ ସାଇବାବାଙ୍କ ମହନୀୟତାର କିଏ ଆକଳନ କରିପାରିବ ନା ତାଙ୍କର ଅଦ୍‌ଭୁତ ଲୀଳାର ଅନ୍ତ ହୋଇପାରିବ । ତାଙ୍କର ଜୀବନୀ ମଧ୍ୟ ତଦନୁରୂପ ଅଟେ, କାରଣ ସେ ସ୍ୱୟଂ ପରଂବ୍ରହ୍ମସ୍ୱରୂପ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।।ଦ୍ୱାବିଂଶ ଅଧ୍ୟାୟ ।।

### ସର୍ପଦଂଶନରୁ ରକ୍ଷା, ଜ୍ୟୋତିଷଙ୍କ ମୃତ୍ୟୁ ଗଣନା ଏବଂ ବାବାଙ୍କ ଉପଦେଶ

**ସାପ ମାରିବା ପ୍ରସଙ୍ଗରେ ବାବାଙ୍କ ପରାମର୍ଶ :** ଶ୍ରୀ ସାଇବାବାଙ୍କର କିପରି ଧ୍ୟାନ କରିବା ? ସେହି ସର୍ବଶକ୍ତିମାନ୍ଙ୍କ ମହିମା ଅପାର, ଯାହା ବର୍ଣ୍ଣନା କରିବାକୁ ବେଦ ଏବଂ ସହସ୍ରଫଣାଯୁକ୍ତ ଶେଷନାଗ ମଧ୍ୟ ନିଜର ଅକ୍ଷମତା ପ୍ରକାଶ କରନ୍ତି । ଭକ୍ତମାନଙ୍କର ରୁଚି ସ୍ୱରୂପ ବର୍ଣ୍ଣନାରେ ନଥାଏ । ସେମାନଙ୍କର ଦୃଢ଼ ଧାରଣା ଯେ କେବଳ ସାଇଙ୍କର ଶ୍ରୀଚରଣରେ ହିଁ ଆନନ୍ଦ ପ୍ରାପ୍ତି ସମ୍ଭବ । ତାଙ୍କର ଚରଣକମଳର ଧ୍ୟାନ ବ୍ୟତୀତ ତାଙ୍କୁ ଜୀବନର ସର୍ବୋଚ୍ଚ ଲକ୍ଷ୍ୟ ପ୍ରାପ୍ତି କରିବା ନିମନ୍ତେ ଅନ୍ୟ ମାର୍ଗ ନାହିଁ । ହେମାଡପନ୍ତ ଭକ୍ତି ଏବଂ ଧ୍ୟାନର ଏକ ସରଳ ମାର୍ଗ ଏଠାରେ ବର୍ଣ୍ଣନା କରିଛନ୍ତି । ତାହା ହେଉଛି :-କୃଷ୍ଣପକ୍ଷ ଆରମ୍ଭ ହେବା ପରେ ଚନ୍ଦ୍ରକଳା ଦିନକୁ ଦିନ କ୍ଷୟ ହେବାକୁ ଲାଗେ ତଥା ତାହାର ପ୍ରକାଶ ମଧ୍ୟ କ୍ରମଶଃ କ୍ଷୀଣ ହୋଇଯାଏ ଓ ଶେଷରେ ଅମାବାସ୍ୟା ଦିନ ଚନ୍ଦ୍ରମା ପୂର୍ଣ୍ଣ ବିଲୀନ ହୋଇଯିବା ଯୋଗୁ ଚତୁର୍ଦ୍ଦିଗରେ ଅମା ଅନ୍ଧକାର ଘୋଟିଯାଏ; କିନ୍ତୁ ଯେତେବେଳେ ଶୁକ୍ଳପକ୍ଷ ଆରମ୍ଭ ହୁଏ, ଲୋକେ ଚନ୍ଦ୍ର ଦର୍ଶନ ନିମନ୍ତେ ଅତି ଉତ୍ସୁକତା ପ୍ରଦର୍ଶନ କରନ୍ତି । ଦ୍ୱିତୀୟା ଦିନ ଯେହେତୁ ଚନ୍ଦ୍ର ଅଧିକ ସ୍ପଷ୍ଟ ଦେଖାଯାଆନ୍ତି ନାହିଁ ଲୋକେ ବୃକ୍ଷର ଦୁଇଟି ଶାଖା ମଧ୍ୟ ଦେଇ ଚନ୍ଦ୍ରଦର୍ଶନ କରନ୍ତି । ଉତ୍ସୁକତା ଏବଂ ଧ୍ୟାନସହକାରେ ଦେଖିବାର ଏପରି ପ୍ରୟାସ କରିବାବେଳେ ଯୋଜନ ଦୂରରେ ଥିବା ଚନ୍ଦ୍ରର କ୍ଷୀଣରେଖା ଯେତେବେଳେ ଦୃଷ୍ଟିଗୋଚର ହୁଏ, ମନ ଆନନ୍ଦରେ ପ୍ରଫୁଲ୍ଲିତ ହୋଇଉଠେ । ଠିକ୍ ଏହି ବିଚାରରେ ଆମେ ବାବାଙ୍କର ଶ୍ରୀପୟର ଦର୍ଶନର ପ୍ରୟାସ କରିବା ଆବଶ୍ୟକ । ବାବାଙ୍କ ଚିତ୍ରକୁ ଦେଖନ୍ତୁ । କେତେ ସୁନ୍ଦର ! ବାମଜାନୁ ଉପରେ ଦକ୍ଷିଣଜାନୁ ନ୍ୟସ୍ତକରି ଊର୍ଦ୍ଧ୍ୱମୁଖ ହୋଇ ଏକ ପ୍ରସ୍ତରଖଣ୍ଡ ଉପରେ ଯଶୋଦୀପ୍ତ ମୁଦ୍ରାରେ ଆସୀନ ହୋଇଛନ୍ତି । ବାମ ହସ୍ତର ଆଙ୍ଗୁଳିମାନ ଡାହାଣ ପାଦ ଉପରେ ରହିଛି । ଡାହାଣ ଗୋଡ଼ର ଆଙ୍ଗୁଠି ଉପରେ ବୃକ୍ଷର ଡାଳ ଓ ଶାଖା ପରି ତର୍ଜନୀ ଓ ମଧ୍ୟମା ଆଙ୍ଗୁଳି ପ୍ରସାରିତ ହୋଇଛି । ଏହି ଆକୃତି ଦ୍ୱାରା ବାବା କହୁଛନ୍ତି କି ଯଦି ତୁମେ ମୋର ଆଧ୍ୟାତ୍ମିକ ଦର୍ଶନ କରିବାକୁ ଇଚ୍ଛୁକ ତାହେଲେ ଅଭିମାନଶୂନ୍ୟ ହୋଇ ଏବଂ ବିନମ୍ର ହୋଇ ସେହି ଦୁଇ ଆଙ୍ଗୁଳି ମଧ୍ୟରେ ମୋର ଚରଣର ବୃଦ୍ଧାଙ୍ଗୁଳିକୁ ଧ୍ୟାନ କର । ତଦ୍ୱାରା ତୁମେ ସେହି ସତ୍ୟସ୍ୱରୂପଙ୍କ ଦର୍ଶନ କରିବାରେ ସଫଳ ହୋଇପାରିବ । ଭକ୍ତି ପ୍ରାପ୍ତି ପାଇଁ ଏହା ସବୁଠାରୁ ସୁଗମ ପନ୍ଥା ଅଟେ ।

ଏବେ ଶ୍ରୀ ସାଇବାବାଙ୍କ ଜୀବନୀ ଅବଲୋକନ କରିବା । ସାଇବାବାଙ୍କ ନିବାସ ଦ୍ୱାରା ଶିରିଡ଼ି ମହାନ୍ ତୀର୍ଥସ୍ଥଳରେ ପରିଣତ ହେଲା । ଚତୁର୍ଦ୍ଦିଗରୁ ଲୋକଙ୍କର ଭିଡ଼

ଦିନକୁ ଦିନ ବଢ଼ିବାକୁ ଲାଗିଲା ତଥା କି ଧନୀ କି ଗରିବ ସମସ୍ତେ କୌଣସି ନା କୌଣସି ପ୍ରକାରେ ଉପକୃତ ହେବାରେ ଲାଗିଲେ । ବାବାଙ୍କର ଅସୀମ ପ୍ରେମ, ତାଙ୍କର ଅଦ୍‌ଭୁତ ଜ୍ଞାନଭଣ୍ଡାର ଏବଂ ସର୍ବବ୍ୟାପକତାର ବର୍ଣ୍ଣନା କରିବାରେ କାହାର ସାମର୍ଥ୍ୟ ଅଛି ? ଯିଏ କିଛି ଅନୁଭବ ଲାଭ କରିପାରିଛି, ତାର ଜୀବନ ବାସ୍ତବରେ ଧନ୍ୟ । କେବେ କେବେ ସେ ବ୍ରହ୍ମରେ ନିମଗ୍ନ ରହିବା କାରଣରୁ ଦୀର୍ଘକାଳ ମୌନବ୍ରତ ଧାରଣ କରୁଥିଲେ । ଆଉ କେବେ ଚୈତନ୍ୟଘନ ଏବଂ ଆନନ୍ଦମୂର୍ତ୍ତି ରୂପ ଧାରଣ କରି ଭକ୍ତମାନଙ୍କ ଗହଣରେ ବସୁଥିଲେ । କେତେବେଳେ ଦୃଷ୍ଟାନ୍ତ ଦେଉଥିଲେ ତ କେତେବେଳେ ହାସ୍ୟ ବିନୋଦ କରୁଥିଲେ । କେତେବେଳେ ସରଳ ଚିତ୍ତ ରହୁଥିଲେ ତ କେତେବେଳେ କ୍ରୁଦ୍ଧ ହୋଇଉଠୁଥିଲେ । ତାଙ୍କର ମୁଖମଣ୍ଡଳ ଦର୍ଶନ, ବାର୍ତ୍ତାଳାପ ତଥା ଲୀଳା ଶ୍ରବଣ କରିବାରେ ଭକ୍ତମାନଙ୍କର ଇଚ୍ଛା ସର୍ବଦା ଅତୃପ୍ତ ରହୁଥିଲା । ବର୍ଷାଜଳର କଣିକାଗୁଡ଼ିକର ଗଣନା କରାଯାଇପାରିବ, ବାୟୁକୁ ଚର୍ମଥଳିରେ ସଂରକ୍ଷିତ କରିରଖାଯାଇପାରିବ; କିନ୍ତୁ ବାବାଙ୍କର ଲୀଳାର ଅନ୍ତ ମିଳିବ ନାହିଁ । ଏବେ ସେହି ଲୀଳାଗୁଡ଼ିକ ମଧ୍ୟରୁ ଗୋଟିଏ ଏଠାରେ ଶ୍ରବଣ କରିବା । ଭକ୍ତମାନଙ୍କର ସଂକଟ ଘଟିବା ପୂର୍ବରୁ ହିଁ ବାବା କିପରି ସେମାନଙ୍କର ରକ୍ଷା କରୁଥିଲେ ।

ସର୍ଦ୍ଦାର କାକାସାହେବଙ୍କର ସୁପୁତ୍ର ତଥା କୋପରଗାଁର ମାମଲତଦାର ବାଲାସାହେବ ମିରିକର ଥରେ ଚିତଲି ଗସ୍ତରେ ଯାଉଥିଲେ । ବାଟରେ ଶ୍ରୀ ସାଇବାବାଙ୍କ ଦର୍ଶନ ନିମନ୍ତେ ଶିରିଡ଼ି ଆସିଲେ । ମସଜିଦ୍‌କୁ ଯାଇ ବାବାଙ୍କର ଚରଣ ବନ୍ଦନା କଲେ ଏବଂ ଚିରାଚରିତ ଶୈଳୀରେ ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କଲେ । ବାବା ତାଙ୍କୁ ସ୍ପଷ୍ଟ ଭାବରେ କହିଲେ କି 'ତୁମେ ଯେଉଁଠାରେ ବସିଛ, ସେଠାରେ ଦ୍ୱାରକାମାୟୀ ଅଛି । ତାର କୋଳରେ ଯିଏ ଆଶ୍ରୟ ନିଏ, ସିଏ ସେମାନଙ୍କର ସମସ୍ତ ଦୁଃଖ ଏବଂ କଷ୍ଟ ଦୂର କରିଦିଏ । ଏହି ମସଜିଦ୍‌ମାୟୀ ପରମ ଦୟାଳୁ ଅଟେ । ସରଳ ହୃଦୟ ଭକ୍ତମାନଙ୍କର ତ ସେ ମାତା ଏବଂ ସଂକଟ ସମୟରେ ସେମାନଙ୍କର ନିଶ୍ଚୟ ରକ୍ଷା କରିବେ । ଯିଏ ଥରେ ତା'ର କୋଳରେ ବସିଛି, ତାହାର ସମସ୍ତ କଷ୍ଟ ଦୂର ହୋଇଯିବ । ଯିଏ ତାହାର ଛତ୍ରଛାୟାରେ ବିଶ୍ରାମ କରେ, ତାହାକୁ ଆନନ୍ଦ ଓ ସୁଖ ପ୍ରାପ୍ତି ହେବ ।' ତଦପରାନ୍ତ ଉଦି ଦେଇ ବାବା ତାଙ୍କର ବରଦହସ୍ତ ତାଙ୍କର ମସ୍ତକ ଉପରେ ରଖି ଆଶୀର୍ବାଦ କଲେ ।

ଏହାପରେ ବାଲାସାହେବ ବିଦାୟ ନେବା ନିମନ୍ତେ ଉଦ୍ୟତ ହୁଅନ୍ତେ ବାବା କହିଲେ 'ଲମ୍ବା ବାବା(ଅର୍ଥାତ ସର୍ପ)ଙ୍କୁ ଜାଣିଛ ? ନିଜର ବାମ ମୁଠି ବନ୍ଦ କରି ତାହାକୁ ଡାହାଣ ହାତର କହୁଣି ପର୍ଯ୍ୟନ୍ତ ନେଇ ଡାହାଣ ହାତକୁ ସାପ ସଦୃଶ ହଲାଇ କହିଲେ 'ସିଏ ଅତି ଭୟଙ୍କର; କିନ୍ତୁ ଦ୍ୱାରକାମାୟୀର ଲାଲାମାନଙ୍କର ସିଏ କ'ଣ କରିପାରିବ ? ଯେତେବେଳେ ସ୍ୱୟଂ ଦ୍ୱାରକାମାୟୀ ସେମାନଙ୍କର ରକ୍ଷା କରନ୍ତି, ସାପର ବା ସାମର୍ଥ୍ୟ

କେତେ ? ଉପସ୍ଥିତ ଲୋକେ ଏହାର ଅର୍ଥ ତଥା ମିରିକରଙ୍କୁ ଏ ପ୍ରକାର ଚେତାବନୀର କାରଣ ଜାଣିବାକୁ ଚାହୁଁଥିଲେ; କିନ୍ତୁ ପଚାରିବାକୁ କାହାର ସାହସ ନଥିଲା । ବାବା ଶ୍ୟାମାଙ୍କୁ ଡାକି ବାଲାସାହେବଙ୍କ ସହ ଚିତଲି ଯିବାକୁ ନିର୍ଦ୍ଦେଶ ଦେଲେ । ଶ୍ୟାମା ବାବାଙ୍କ ଆଦେଶ ବାଲାସାହେବଙ୍କୁ ଜଣାଇଲେ; କିନ୍ତୁ ବାଲାସାହେବ ଏଥିରେ ଆଗ୍ରହ ପ୍ରକାଶ ନକରି ନିଜେ ଫେରିଯିବେ ବୋଲି କହିଲେ । ବାଲାସାହେବଙ୍କର ମତ ଶ୍ୟାମା ବାବାଙ୍କ ପାଖକୁ ଯାଇ ଜଣାଇଦେଲେ । ବାବା କହିଲେ 'ଠିକ୍ ଅଛି, ଉଚିତ ଅର୍ଥ ଗ୍ରହଣ କରି ସର୍ବଦା ଭଲ କାର୍ଯ୍ୟ କରିବା ଉଚିତ । ଯାହା ହେବାର ଥିବ, ତାହା ତ ନିଶ୍ଚୟ ହେବ ।'

ବାଲାସାହେବ ପୁନର୍ବାର ଚିନ୍ତାକରି ବାବାଙ୍କ ପ୍ରସ୍ତାବ ସ୍ୱୀକାର କଲେ ଓ ଶ୍ୟାମାଙ୍କୁ ତାଙ୍କ ସହ ଯିବା ପାଇଁ କହିଲେ । ଶ୍ୟାମା ପୁଣି ବାବାଙ୍କଠାରୁ ଅନୁମତି ଆଣିବା ପାଇଁ ଗଲେ ଓ ଆଦେଶ ମିଳିବା ପରେ ବାଲାସାହେବଙ୍କ ସହିତ ଟାଙ୍ଗାରେ ବସି ଯାତ୍ରା କଲେ । ରାତି ୯ଟାରେ ସେମାନେ ଚିତ୍‌ଲିରେ ପହଞ୍ଚିଲେ ଓ ମାରୁତି ମନ୍ଦିରକୁ ଯାଇ ସେଠାରେ ରହିଲେ । ଅଫିସର କର୍ମଚାରୀମାନେ ଆହୁରି ଆସିନଥିଲେ, ଏହି କାରଣରୁ ସେମାନେ ପରସ୍ପର ଆଳାପ ଆଲୋଚନାରେ ସମୟ ଅତିବାହିତ କଲେ । ବାଲାସାହେବ ଏକ ଚଟେଇ ଉପରେ ବସି ଖବରକାଗଜ ପଢୁଥିଲେ । ତାଙ୍କର ଉପରାଣ(ଦେହରେ ପକାଇବା ଚଦର)ର ଗୋଟିଏ ଭାଗ ଅଣ୍ଟାରେ ଗୁଡ଼େଇ ହୋଇଥିଲା ଓ ଆଉ ଗୋଟିଏ ଭାଗ ଚଟେଇ ଉପରେ ଥିଲା । କେଉଁଠୁ ଗୋଟିଏ ସାପ ଆସି ତାହା ଉପରେ ବସିଗଲା । ସେପଟେ କାହାର ଧ୍ୟାନ ନଥିଲା । ତେବେ ଅନ୍ଧାରରେ ସିଇସିଇ କରି ସେ ଆଗକୁ ଯାଉଥିଲା । ଏହି ଶବ୍ଦ ଶୁଣି ଚପରାସି କିଛି ଅଘଟଣ ଆଶଙ୍କାକରି ଲଣ୍ଠନ ଧରି ଦୌଡ଼ିଆସିଲା । ସାପଟିକୁ ଦେଖିବା ମାତ୍ରେ ସାପ ସାପ କହି ସେ ଉଚ୍ଚସ୍ୱରରେ ଚିତ୍କାର କଲା । ବାଲାସାହେବ ଭୟରେ ଥରିବାକୁ ଲାଗିଲେ । ଶ୍ୟାମା ମଧ୍ୟ ଏକରମକ ଜଡ଼ ପାଲଟିଗଲେ । ବଡ଼ କୌଶଳର ସହିତ ସେ ତଥା ଅନ୍ୟ ବ୍ୟକ୍ତିମାନେ ଧୀରେ ଧୀରେ ପଛକୁ ପଛ ହଟି ଆସିଲେ । ତାପରେ ସମସ୍ତେ ମିଶି ସାପଟିକୁ ପିଟି ମାରିଦେଲେ । ଯେଉଁ ସଂକଟର ବାବା ଭବିଷ୍ୟବାଣୀ କରିଥିଲେ, ତାହା ଟଳିଗଲା ଏବଂ ସାଇ ଚରଣରେ ବାଲାସାହେବଙ୍କର ପ୍ରେମ ଦୃଢ଼ୀଭୂତ ହେଲା ।

## ।। ଜ୍ୟୋତିଷଙ୍କ ମୃତ୍ୟୁ ଗଣନା ଓ ବାବାଙ୍କ ପ୍ରତ୍ୟାଖ୍ୟାନ ।।

**ବାପୁସାହେବ ବୁଟି :** ଦିନେ ଜଣେ ବିଶିଷ୍ଟ ଜ୍ୟୋତିଷ ନାନାସାହେବ ଡେଙ୍ଗଲେ ବାପୁସାହେବ ବୁଟିଙ୍କୁ (ସେହି ସମୟରେ ବୁଟି ଶିରିଡ଼ିରେ ରହୁଥିଲେ) କହିଲେ 'ଆଜି ଦିନଟି ତୁମ ପାଇଁ ଅତ୍ୟନ୍ତ ଅଶୁଭ ଏବଂ ତୁମର ଜୀବନ ପ୍ରତି ବିପଦ ରହିଛି । ଏକଥା ଶୁଣି ବାପୁସାହେବ ବଡ଼ ବ୍ୟସ୍ତ ହୋଇପଡ଼ିଲେ । ସବୁଦିନ ପରି ଯେତେବେଳେ ବାବାଙ୍କର

ଦର୍ଶନ କରିବାକୁ ଗଲେ, ବାବା ତାଙ୍କୁ ଦେଖି କହିଲେ 'ଯେ ନାନା କ'ଣ କହୁଛନ୍ତି ? ସେ ତୁମର ମୃତ୍ୟୁର ଭବିଷ୍ୟବାଣୀ କରୁଛନ୍ତି ? ଭୟ କରିବାର କୌଣସି କାରଣ ନାହିଁ । ତାଙ୍କୁ ଦୃଢ଼ତାର ସହ କହିଦିଅ କି ଭଲ କରି ଦେଖ, କାଳ ମୋତେ କିପରି ଅପହରଣ କରୁଛି ।' ଯେତେବେଳେ ସନ୍ଧ୍ୟା ସମୟ ଉପଗତ ହେଲା ବାପୁ ଶୌଚାଳୟକୁ ଯିବା ମାତ୍ରେ ଏକ ସାପ ଦେଖିଲେ । ତାଙ୍କର ଭୃତ୍ୟ ମଧ୍ୟ ସାପଟିକୁ ଦେଖିଲା ଏବଂ ତାକୁ ମାରିବା ପାଇଁ ଗୋଟିଏ ପଥର ଉଠାଇଲା । ବାପୁସାହେବ ଗୋଟିଏ ଲମ୍ବା ବାଡ଼ି ମଗାଇଲେ, କିନ୍ତୁ ବାଡ଼ି ଆସିବା ପୂର୍ବରୁ ହିଁ ସାପଟି ଚାଲିଗଲା ଏବଂ କୁଆଡ଼େ ଉଭାନ ହୋଇଗଲା । ବାବାଙ୍କର ଅଭୟପୂର୍ଣ୍ଣ ବାଣୀ ସେହି ସମୟରେ ବାପୁଙ୍କର ସ୍ମରଣ ହେଲା ଏବଂ ସେ ଆଶ୍ୱସ୍ତି ଲାଭ କଲେ ।

**ସର୍ପ କବଳରୁ ଅମୀରଙ୍କ ପ୍ରାଣରକ୍ଷା :** ଅମୀର ଶକ୍କର କୋରଲେ ଗ୍ରାମ ନିବାସୀ ଥିଲେ । ଏହି ଗ୍ରାମ କୋପରଗାଓଁ ତାଲୁକର ଅନ୍ତର୍ଭୁକ୍ତ । ଜାତିରେ ସେ କଂସେଇ ଥିଲେ ଏବଂ ବାନ୍ଦ୍ରାରେ କମିଶନି ଏଜେଣ୍ଟ ରୂପେ କାର୍ଯ୍ୟ କରୁଥିଲେ । ଜଣାଶୁଣା ବ୍ୟକ୍ତିମାନଙ୍କ ମଧ୍ୟରେ ତାଙ୍କର ନାମ ଥିଲା । ଥରେ ସେ ବାତ ରୋଗରେ ପୀଡ଼ିତ ହେଲେ । ଯେତେବେଳେ ଖୁଦା ମନେ ପଡ଼ିଲେ, ସେ କାମଧନ୍ଦା ଛାଡ଼ି ଶିରିଡ଼ି ଆସିଲେ ଏବଂ ବାବାଙ୍କୁ ରୋଗରୁ ନିବୃତ୍ତି ନିମନ୍ତେ ପ୍ରାର୍ଥନା କଲେ । ବାବା ତାଙ୍କୁ ଚଭାଡ଼ିରେ ରହିବାକୁ ଅନୁମତି ଦେଲେ । ସେହି ସମୟରେ ଚଭାଡ଼ି ଏକ ଅସ୍ୱାସ୍ଥ୍ୟକର ସ୍ଥାନ ହୋଇଥିବାରୁ ଏହି ପ୍ରକାର ରୋଗୀମାନଙ୍କ ପାଇଁ ନିହାତି ଅନୁପଯୁକ୍ତ ଥିଲା । ଗାଁର ଅନ୍ୟ କୌଣସି ସ୍ଥାନ ତାଙ୍କ ପାଇଁ ଉତ୍ତମ ହୋଇଥାନ୍ତା; କିନ୍ତୁ ବାବାଙ୍କର ବାଣୀ ତ ଚୂଡ଼ାନ୍ତ ତଥା ମୁଖ୍ୟ ଔଷଧସ୍ୱରୂପ ଥିଲା । ବାବା ତାଙ୍କୁ ମସଜିଦ୍ ଆସିବାକୁ ଦେଲେ ନାହିଁ ଏବଂ ଚଭାଡ଼ିରେ ହିଁ ରହିବାକୁ କହିଲେ । ପ୍ରତିଦିନ ପ୍ରାତଃ ଓ ସନ୍ଧ୍ୟା ସମୟରେ ବାବା ଚଭାଡ଼ି ଦେଇ ଯିବା ଆସିବା କରୁଥିଲେ ତଥା ଦିନେ ଛାଡ଼ି ଦିନେ ଶୋଭାଯାତ୍ରାରେ ଆସି ଚଭାଡ଼ି ଘରେ ପହଞ୍ଚୁଥିଲେ ଓ ସେଠାରେ ବିଶ୍ରାମ କରୁଥିଲେ । ଏହାଦ୍ୱାରା ଅମୀର ବାବାଙ୍କର ସାନ୍ନିଧ୍ୟ ଲାଭ କରୁଥିଲେ । ସେଠାରେ ସେ ନଅ ମାସ ରହିଲେ । କିନ୍ତୁ କୌଣସି କାରଣରୁ ତାଙ୍କର ମନ ସେଠାରୁ ତୁଟିଗଲା, ଏଣୁ ଦିନେ ଲୁଚି କୋପରଗାଓଁ ପଳାଇ ସେଠାରେ ଏକ ଧର୍ମଶାଳାରେ ରହିଲେ । ଯେତେବେଳେ ଧର୍ମଶାଳାରେ ପହଞ୍ଚିଛନ୍ତି, ଜଣେ ଫକିରଙ୍କୁ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖି ତାଙ୍କର ଶରୀର ଭୟରେ ଥରିବାକୁ ଲାଗିଲା । ଫକିରଜଣକ ବ୍ୟାକୁଳହୋଇ ପାଣି ଟୋପାଏ ମାଗୁଥିଲା ଓ ଜୀବନ ସହିତ ଅନ୍ତିମ ସଂଗ୍ରାମ ଚଳାଇଥିଲା । ଅମୀର ତାଙ୍କୁ ପାଣିଦେଲେ; କିନ୍ତୁ ପାଣି ମୁନ୍ଦାକ ପାଟି ଭିତରକୁ ନେଉ ନେଉ ତା'ର ପ୍ରାଣବାୟୁ ଉଡ଼ିଗଲା । ଏହି ଘଟଣାରେ ଅମୀର କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଲେ । ପୁଲିସ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ଏହି ଖବର ଜଣାଇବେ ବୋଲି ଭାବିଲେ; କିନ୍ତୁ ଖବର ଦେଇଥିବା ଲୋକ ହିଁ ଦୋଷୀ ବିବେଚିତ ହୋଇ ନାନା

ପ୍ରପଞ୍ଚ ଓ ହଇରାଣର ଶିକାର ହେବ ମନେକରି ପର ମୁହୂର୍ତ୍ତରେ ନିଷ୍ପତ୍ତି ବଦଳାଇଲେ । ଏଣେ ବାବାଙ୍କ ବିନା ଆଦେଶରେ ଶିରିଡ଼ି ଛାଡ଼ିଥିବାରୁ ତାଙ୍କ ମନରେ ନାନା ପଶ୍ଚାତ୍ତାପ ହେଲା । ମନଭିତରେ ବାବାଙ୍କୁ କ୍ରମାଗତ ପ୍ରାର୍ଥନା କଲେ ଏବଂ ତୁରନ୍ତ ଶିରିଡ଼ି ଫେରିବାକୁ ସ୍ଥିର କରି ସେହି ରାତିରେ ବାବାଙ୍କ ନାମ ଜପି ଜପି ସିନ୍ଦୁରା ଫାଟିବା ପୂର୍ବରୁ ଶିରିଡ଼ି ପ୍ରତ୍ୟାବର୍ତ୍ତନ କଲେ । ବାବାଙ୍କ ସମ୍ମତି ଓ ଆଦେଶାନୁସାରେ ପୁଣି ଚଭାଡ଼ିରେ ରହିଲେ ଓ ରୋଗମୁକ୍ତ ହୋଇଗଲେ ।

ଥରେ ଅର୍ଦ୍ଧରାତ୍ରି ସମୟରେ ବାବା ଅଚାନକ 'ଓଃ ଅବଦୁଲ୍' ବୋଲି ଚିତ୍କାର କରି କୌଣସି ଦୁଷ୍ଟ ପ୍ରାଣୀ ତାଙ୍କ ବିଛଣା ଉପରେ ଚଢୁଥିବାର ସୂଚନା ଦେଲେ । ଅବଦୁଲ ଲଣ୍ଠନ ନେଇ ବାବାଙ୍କର ବିଛଣା ଖୋଜାଖୋଜି କଲେ, କିନ୍ତୁ କେଉଁଠାରେ କିଛି ଦେଖାଗଲା ନାହିଁ । ବାବା ଧ୍ୟାନପୂର୍ବକ ଚାରିଆଡ଼େ ଭଲକରି ଦେଖିବାକୁ କହିଲେ ଏବଂ ତାଙ୍କର ସଟ୍‌କା ମଧ୍ୟ ଭୂମି ଉପରେ ପ୍ରହାର କଲେ । ବାବାଙ୍କର ଏହି ଲୀଳା ଦେଖି ଅମୀର ଭାବିଲେ କି କୌଣସି ସାପ ଆସିଥିବାର ଆଶଙ୍କା ବୋଧହୁଏ ବାବାଙ୍କର ହୋଇଥିବ ।

ଦୀର୍ଘକାଳ ପର୍ଯ୍ୟନ୍ତ ବାବାଙ୍କ ସଂସ୍ପର୍ଶରେ ରହିବା ଯୋଗୁ ଅମୀର ବାବାଙ୍କର ବାଣୀ ଏବଂ ଆଚରଣର ଅର୍ଥ ବୁଝିବାକୁ ସକ୍ଷମ ହେଉଥିଲେ । ବିଛଣା ପାଖରେ କିଛି ଖସ୍‌ଖସ କରୁଥିବାର ସେ ଦେଖିଲେ, ଅବଦୁଲଙ୍କଠାରୁ ବତି ନେଇ ଦେଖିଲାବେଳକୁ ସେଠାରେ ଗୋଟିଏ ସାପ କୁଣ୍ଡଳୀ କରି ବସିଥିଲା । ସାପଟି ଫଣା ହଲାଉଥିଲା । ତୁରନ୍ତ ତାକୁ ମାରି ଦିଆଗଲା । ଏହି ପ୍ରକାର ବାବା ସମୟୋପଯୋଗୀ ସୂଚନା ଦେଇ ଅମୀରଙ୍କ ପ୍ରାଣ ରକ୍ଷା କଲେ ।

**ହେମାଡପନ୍ତ (ବିଛା ଏବଂ ସାପ) :** ବାବାଙ୍କ ଆଦେଶ ଅନୁସାରେ କାକାସାହେବ ଦୀକ୍ଷିତ ଶ୍ରୀ ଏକନାଥ ମହାରାଜଙ୍କ ରଚିତ ଗ୍ରନ୍ଥ 'ଭାଗବତ' ଓ 'ଭାବାର୍ଥ ରାମାୟଣ'ର ନିତ୍ୟ ପାରାୟଣ କରୁଥିଲେ । ଥରେ ସେ ରାମାୟଣ ପାଠ କରୁଥିବାବେଳେ ହେମାଡପନ୍ତ ମଧ୍ୟ ଶ୍ରୋତାଙ୍କ ଗହଣରେ ଉପସ୍ଥିତ ଥିଲେ । ମାତାଙ୍କ ଆଦେଶରେ ହନୁମାନ କିପରି ଶ୍ରୀରାମଙ୍କର ମହାନତାର ପରୀକ୍ଷା କଲେ-ଏହି ପ୍ରସଙ୍ଗ ଚାଲିଥାଏ । ଶ୍ରୋତାଗଣ ମନ୍ତ୍ରମୁଗ୍ଧ ହୋଇ ଶୁଣୁଥାନ୍ତି, ହେମାଡପନ୍ତ ମଧ୍ୟ ସେହିପରି ତନ୍ମୟ ଅବସ୍ଥାରେ ଥାଆନ୍ତି । ହଠାତ୍ କେଉଁଠୁ ଏକ ବିଛା ଆସି ତାଙ୍କ ଡାହାଣ କାନ୍ଧରେ ପଡ଼ିଲା । ହେମାଡପନ୍ତ କିନ୍ତୁ ଏକାଗ୍ର ଚିତ୍ତରେ କଥା ଶୁଣୁଥିବା ଯୋଗୁ ତାହା ଜାଣିପାରିନଥିଲେ । ସତ୍‌ସଙ୍ଗ ସମୟରେ ସ୍ୱୟଂ ଭଗବାନ ଶ୍ରୋତାମାନଙ୍କର ରକ୍ଷା କରିଥାନ୍ତି । ଅଚାନକ ହେମାଡ଼ପନ୍ତଙ୍କର ଦୃଷ୍ଟି କାନ୍ଧରେ ପଡ଼ିଲା । ବିଛାଟିକୁ ସେ ଦେଖିଲେ । ପ୍ରାୟ ସେ ମୃତବତ୍ ଜଣାପଡୁଥିଲା, ବୋଧହୁଏ କଥାର ପ୍ରେମରେ ସେ ବି ତଲ୍ଲୀନ ହୋଇପଡ଼ିଥିଲା । ହରି ଇଚ୍ଛା ମନେ କରି ଶ୍ରୋତାମାନଙ୍କ ମଧ୍ୟରେ କୌଣସି ପ୍ରକାର ବିଘ୍ନ ହେବାକୁ ନଦେଇ ହେମାଡପନ୍ତ ଧୋତିର ଦୁଇ ଧଡ଼ିରେ

ବିଛାଟିକୁ ଧରିଲେ ଏବଂ କିଛିବାଟ ଯାଇ ବଗିଚାରେ ଫିଙ୍ଗିଦେଲେ ।

ଅନ୍ୟ ଏକ ଘଟଣାରେ ଦିନେ ସନ୍ଧ୍ୟା ସମୟରେ କାକାସାହେବ ୱାଡ଼ାର ଉପର ବାରଣ୍ଡାରେ ବସିଥାନ୍ତି, ଏହି ସମୟରେ ଗୋଟିଏ ସାପ ଝରକାର ଚୌକାଠ ମଧ୍ୟରେ ଥିବା ଏକ ଛିଦ୍ର ଦେଇ ଭିତରକୁ ପଶି ଆସିଲା ଏବଂ କୁଣ୍ଡଳୀ କରି ବସିରହିଲା । ଆଲୁଅ ଅଣାଯିବା ପରେ ପ୍ରଥମେ ସିଏ ସାମାନ୍ୟ ଚମକିଲା କିନ୍ତୁ ପୁଣି ନୀରବରେ ବସି ରହିଲା ଓ ଫଣା ହଲାଇବାକୁ ଲାଗିଲା । ବହୁ ଲୋକ ବାଡ଼ି ଓ କାଠଫାଳିଆ ଆଣି ପହଞ୍ଚିଲେ, କିନ୍ତୁ ସାପଟି ଏକ ସୁରକ୍ଷିତ ସ୍ଥାନରେ ବସିଥିଲା, ଯେଉଁଠି କାହାର ପ୍ରହାରର କୌଣସି ପ୍ରଭାବ ପଡ଼ିନଥାନ୍ତା । କିଛି ସମୟ ଧରି ଲୋକମାନଙ୍କର ହୋ ହଲ୍ଲା ମଧ୍ୟରେ ସେହି ଛିଦ୍ର ଭିତରେ ସାପଟି ଅଦୃଶ୍ୟ ହୋଇଗଲା । ଏହାପରେ ସମସ୍ତଙ୍କ ମନ ଆଶ୍ୱସ୍ତ ହେଲା ।

**ବାବାଙ୍କ ଉପଦେଶ :** ସେଠାରେ ଉପସ୍ଥିତ ଜଣେ ଭକ୍ତ ମୁକ୍ତାରାମ କହିଲେ ଯାହା ହେଉ, ଗୋଟିଏ ଜୀବନ ରକ୍ଷା ପାଇଗଲା । ହେମାଡପନ୍ତ ତାଙ୍କୁ ଉପେକ୍ଷା କରି କହିଲେ ସାପଟିକୁ ମାରିଦେବା ଉଚିତ । ଏହି କଥାକୁ ନେଇ ଦୁଇଜଣଙ୍କ ମଧ୍ୟରେ ବିବାଦ ଦେଖାଦେଲା । ଜଣକର ମତ ଥିଲା ଯେ ସାପ ତଥା ସେହିପରି ଜୀବଜନ୍ତୁଙ୍କୁ ମାରିଦେବା ଉଚିତ; କିନ୍ତୁ ଅନ୍ୟଜଣକର ମତ ଏହାର ବିପରୀତ ଥିଲା । ରାତି ଅଧିକ ହେବାରୁ କୌଣସି ନିଷ୍କର୍ଷରେ ନପହଞ୍ଚି ସେମାନେ ବିବାଦକୁ ସେଇଠି ରଖିଲେ । ପରଦିନ ବାବାଙ୍କ ସମ୍ମୁଖକୁ ଏହି ପ୍ରଶ୍ନ ନିଆଗଲା । ବାବା କହିଲେ 'ସମସ୍ତ ଜୀବ ଏବଂ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଈଶ୍ୱର ବାସ କରନ୍ତି, ତାହା ସାପ ହେଉ କିମ୍ବା ବିଛା । ସେ ହିଁ ଏହି ବିଶ୍ୱର ନିୟନ୍ତ୍ରଣକର୍ତ୍ତା ଏବଂ ସମସ୍ତ ପ୍ରାଣୀ, ସାପ, ବିଛା ଇତ୍ୟାଦି ତାଙ୍କର ଆଦେଶ ହିଁ ପାଳନ କରନ୍ତି । ତାଙ୍କର ଇଚ୍ଛା ବିନା କିଏ ଅନ୍ୟର କ୍ଷତି କରିପାରିବ ନାହିଁ । ସମସ୍ତ ବିଶ୍ୱ ତାଙ୍କର ଅଧୀନ ଏବଂ କେହି ବି ସ୍ୱାଧୀନ ନୁହନ୍ତି । ଏଥିପାଇଁ ସମସ୍ତ ପ୍ରାଣୀଙ୍କ ପ୍ରତି ଦୟା ଏବଂ ସ୍ନେହ ପ୍ରଦର୍ଶନ କରିବା ଉଚିତ । ବୈମନସ୍ୟ ବା ସଂହାର ଭାବ ତ୍ୟାଗକରି ଶାନ୍ତ ଚିତ୍ତରେ ଜୀବନ ଅତିବାହିତ କରିବା ଆବଶ୍ୟକ । ଈଶ୍ୱର ସମସ୍ତଙ୍କର ରକ୍ଷକ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

**(ସପ୍ତାହ ପାରାୟଣ : ତୃତୀୟ ବିଶ୍ରାମ)**

## ।। ଚତୁର୍ଥ ଦିନ ପାରାୟଣ ।।



## ।। ତ୍ରୟୋବିଂଶ ଅଧ୍ୟାୟ ।।

### ଯୋଗ ଏବଂ ପିଆଜ, ଶ୍ୟାମାଙ୍କର ସର୍ପଦଂଶନରୁ ମୁକ୍ତି, ବିସୂଚିକା ନିବାରଣ ଓ ଗୁରୁ ଭକ୍ତିର କଠିନ ପରୀକ୍ଷା

**ପ୍ରସ୍ତାବନା :** ମନୁଷ୍ୟ ବସ୍ତୁତଃ ତ୍ରିଗୁଣଯୁକ୍ତ ଅର୍ଥାତ ସତ୍ତ୍ୱ, ରଜ ଓ ତମଗୁଣର ସମାହାର ଅଟେ ଏବଂ ମାୟାର ପ୍ରଭାବରେ ସେ ନିଜକୁ ଶରୀର ବୋଲି ମନେ କରେ । ଦୈହିକ ଚେତନାର ଆବରଣ ଯୋଗୁ ତା ଭିତରେ ଏପରି ଏକ ଧାରଣା ସୃଷ୍ଟି ହୋଇଯାଏ ଯେ ସେ ହିଁ କର୍ତ୍ତା ଏବଂ ଭୋଗୀ । ଏପରି ଧାରଣାପୋଷଣ କରି ସେ ନିଜକୁ ଅନେକ କଷ୍ଟରେ ଛନ୍ଦିଦିଏ । ସେଥିରୁ ମୁକୁଳିବାର ବାଟ ତାକୁ ଜଣାପଡ଼େ ନାହିଁ । ସୁତରାଂ **ମୁକ୍ତିର ଏକମାତ୍ର ମାର୍ଗ ହେଉଛି ଗୁରୁଙ୍କ ଶ୍ରୀଚରଣରେ ଅଟଳ ପ୍ରେମ ଓ ଭକ୍ତି ।** ଏ ସଂସାରର ସର୍ବଶ୍ରେଷ୍ଠ ଅଭିନେତା ଶ୍ରୀ ସାଇ ଭକ୍ତମାନଙ୍କୁ ପୂର୍ଣ୍ଣ ଆନନ୍ଦ ପ୍ରଦାନକରି ସେମାନଙ୍କୁ ନିଜ ସ୍ୱରୂପରେ ରୂପାନ୍ତର କରୁଛନ୍ତି । ଏଥିଯୋଗୁ **ଶ୍ରୀ ସାଇଙ୍କୁ ଆମେ ଈଶ୍ୱରଙ୍କର ଅବତାର ବୋଲି ବିବେଚନା କରୁଛୁ ।** କିନ୍ତୁ ସେ ସର୍ବଦା କହୁଥିଲେ 'ମୁଁ ଈଶ୍ୱରଙ୍କର ଦାସ ।" ଅବତାର ହୋଇ ମଧ୍ୟ ମନୁଷ୍ୟ କିଭଳି ଆଚରଣ କରିବା ଉଚିତ ତଥା ନିଜ ବର୍ଣ୍ଣର କର୍ତ୍ତବ୍ୟ କିପରି ନିର୍ବାହ କରିବା ବିଧେୟ ଲୋକସାଧାରଣଙ୍କ ସମ୍ମୁଖରେ ସେ ତା'ର ଉଦାହରଣ ଉପସ୍ଥାପନ କରିଛନ୍ତି । ଯିଏ ସମସ୍ତ ଜଡ଼ ଏବଂ ଚେତନ ପଦାର୍ଥରେ ଈଶ୍ୱରଙ୍କର ଦର୍ଶନ କରେ, ସିଏ ବିନମ୍ରତା ଲାଭ କରେ । କାହାକୁ ବି ସେ ଉପେକ୍ଷା କିମ୍ବା ଅନାଦର କରେ ନାହିଁ । ସମସ୍ତ ପ୍ରାଣୀଙ୍କ ମଧ୍ୟରେ ସେ ଭଗବତ୍

ଦର୍ଶନ କରେ । ଶ୍ରୀ ସାଇ ଏକଥା କେବେ କହିନଥିଲେ କି 'ମୁଁ ଅନଲ ହକ(ସୋଽହମ୍) ଅଟେ । ସେ ସର୍ବଦା କହୁଥିଲେ "ମୁଁ ତ ଯାଦେ ହକ(ଦାସୋଽହମ୍) ଅଟେ । 'ଆଲ୍ଲା ମାଲିକ' ସର୍ବଦା ତାଙ୍କର ଓଠରେ ବିରାଜମାନ କରୁଥିଲା । ଅନ୍ୟ ସନ୍ଥମାନଙ୍କ ସହିତ ଆମେ ପରିଚିତ ନୋହୁ କି ସେମାନେ କି ପ୍ରକାର ଆଚରଣ କରନ୍ତି ବା ଦିନଚର୍ଯ୍ୟା କରନ୍ତି ଆମକୁ ଜଣାନାହିଁ । ଈଶ୍ୱର କୃପାରୁ କେବଳ ଏତିକି ଜାଣିପାରିଛୁ ଯେ ଅଜ୍ଞାନ ଏବଂ ବନ୍ଧନରେ ଥିବା ଜୀବମାନଙ୍କ ଉଦ୍ଧାର ନିମିତ୍ତ ସେମାନେ ଅବତୀର୍ଣ୍ଣ ହୋଇଥାନ୍ତି । ଶୁଭ କର୍ମର ପରିଣାମସ୍ୱରୂପ ହିଁ ସନ୍ଥଙ୍କର କଥା ଓ ଲୀଳା ଶ୍ରବଣ କରିବାର ଆମର ଇଚ୍ଛା ଉତ୍ପନ୍ନ ହୋଇଛି । ଏବେ ଆମେ ମୁଖ୍ୟ ପ୍ରସଙ୍ଗକୁ ଆସିବା ।

**ଯୋଗ ଏବଂ ପିଆଜ :** ଥରେ ଜଣେ ଯୋଗ ସାଧକ ନାନାସାହେବ ଚନ୍ଦୋରକରଙ୍କ ସହିତ ଶିରିଡ଼ି ଆସିଲେ । ପାତଞ୍ଜଳି ଯୋଗସୂତ୍ର ତଥା ଯୋଗଶାସ୍ତ୍ରର ଅନ୍ୟାନ୍ୟ ଗ୍ରନ୍ଥମାନ ସେ ଯଦିଓ ଅଧ୍ୟୟନ କରିଥିଲେ, ତେବେ ବ୍ୟାବହାରିକ ଅନୁଭବରୁ ବଞ୍ଚିତ ଥିଲେ । ମନ ଏକାଗ୍ର ହୋଇନପାରିବାରୁ ସେ ଅଳ୍ପ ସମୟ ପାଇଁ ମଧ୍ୟ ସମାଧି ଧାରଣ କରିପାରୁନଥିଲେ । ଯଦି ସାଇବାବାଙ୍କ କୃପା ପ୍ରାପ୍ତ ହୋଇଯାଏ, ତାହେଲେ ତାଙ୍କଠାରୁ ମଧ୍ୟ ଅଧିକ ସମୟ ସମାଧି ଲାଭ କରିବାର ଜ୍ଞାନ ପ୍ରାପ୍ତ ହୁଅନ୍ତା । ଏହିକଥା ମନରେ ବିଚାର କରି ସେ ଶିରିଡ଼ି ଆସିଲେ ଏବଂ ଯେତେବେଳେ ମସଜିଦ୍‌ରେ ପ୍ରବେଶକଲେ, ବାବାଙ୍କୁ ପିଆଜ ସହିତ ରୁଟି ଖାଉଥିବାର ଦେଖି ତାଙ୍କ ମନରେ ଭାବନା ଆସିଲା କି କଞ୍ଚା ପିଆଜ ସହିତ ଶୁଖିଲା ରୁଟି ଖାଉଥିବା ଏହି ବ୍ୟକ୍ତି ମୋର ସମସ୍ୟାର କିପରି ସମାଧାନ କରିବେ ? ଅନ୍ତର୍ଦୃଷ୍ଟି ବଳରେ ବାବା ତୁରନ୍ତ ତାଙ୍କର ମନକଥା ଜାଣିନେଇ ନାନାସାହେବଙ୍କୁ କହିଲେ 'ନାନା ! ଯାହାର ପିଆଜ ହଜମ କରିବାର ଶକ୍ତି ଥିବ, ସେ ହିଁ ତାକୁ ଖାଇବ, ଅନ୍ୟ କେହି ନୁହେଁ । ଏହି ଗୋଟିଏ ବାକ୍ୟରେ ଯୋଗୀଜଣକ ବିସ୍ମିତ ହୋଇ ସାଇଚରଣରେ ନିଜକୁ ସମର୍ପଣ କରିଦେଲେ । ଶୁଦ୍ଧ ଏବଂ ନିଷ୍କପଟ ଭାବରେ ସେ ନିଜର ସମସ୍ୟା ବାବାଙ୍କ ସମ୍ମୁଖରେ ଉପସ୍ଥାପନକରି ତା'ର ସମାଧାନ କରିବାକୁ ପ୍ରାର୍ଥନା କଲେ ଏବଂ ବାବାଙ୍କଠାରୁ ଉଦି ପ୍ରସାଦ ଗ୍ରହଣ କରି ଆନନ୍ଦ ମନରେ ପ୍ରତ୍ୟାବର୍ତ୍ତନ କଲେ ।

**ସର୍ପଦଂଶନରୁ ଶ୍ୟାମାଙ୍କ ମୁକ୍ତି :** ଏହି କଥା ଆରମ୍ଭ କରିବା ପୂର୍ବରୁ ହେମାଡପନ୍ତ କହିଛନ୍ତି ଯେ ଜୀବକୁ ପାଳିତ ଶୁଆ ସହ ତୁଳନା କରାଯାଇପାରେ, କାରଣ ଉଭୟେ ବନ୍ଧନଗ୍ରସ୍ତ । ଜଣେ ଶରୀରରେ ତ ଆଉ ଜଣେ ପଞ୍ଜୁରୀ ମଧ୍ୟରେ । ଉଭୟ ସେମାନଙ୍କର ବର୍ତ୍ତମାନ ଅବସ୍ଥାକୁ ଶ୍ରେୟସ୍କର ମନେ କରନ୍ତି; କିନ୍ତୁ ହରିକୃପାରୁ ଯଦି କୌଣସି ଉତ୍ତମ ଗୁରୁ ମିଳିଯାଆନ୍ତି ଏବଂ ସିଏ ତାଙ୍କର ଜ୍ଞାନଚକ୍ଷୁ ଉନ୍ମୀଳନ କରି ବନ୍ଧନ ମୁକ୍ତ କରିଦିଅନ୍ତି ତାହେଲେ ତା'ର ଚେତନାସ୍ତର ଉନ୍ନତ ହୁଏ ଯାହା ତୁଳନାରେ ପୂର୍ବର ବନ୍ଧନଗ୍ରସ୍ତ ଓ ସୀମିତ ଜୀବନ କିଛି ନଥିଲା ।

ଗତ ଅଧ୍ୟାୟରେ ଶ୍ରୀ ମିରିକରଙ୍କ ଉପରେ ଆଗତ ସଂକଟର ପୂର୍ବସୂଚନା ଦେଇ ବାବା ତାଙ୍କୁ କିପରି ରକ୍ଷାକଲେ ତାହାର ବର୍ଣ୍ଣନା କରାଯାଇଛି । ପାଠକବନ୍ଧୁମାନେ ଏବେ ଅନୁରୂପ ଆଉ ଏକ କଥା ଶୁଣନ୍ତୁ । ଥରେ ଗୋଟିଏ ବିଷଧର ସର୍ପ ଶ୍ୟାମାଙ୍କ ହାତରେ ଦଂଶନ କଲା । ସମଗ୍ର ଶରୀରରେ ବିଷ ପ୍ରସାରିତ ହୋଇଯିବାରୁ ସେ ଭୀଷଣ ଯନ୍ତ୍ରଣା ଅନୁଭବ କରି କାନ୍ଦିବାକୁ ଲାଗିଲେ କି ଏବେ ହୁଏତ ତାଙ୍କର ଶେଷ ସମୟ ଆସିଗଲା । ତାଙ୍କର ଇଷ୍ଟ ବନ୍ଧୁ ତାଙ୍କୁ ବିଠୋବା ଭଗବାନଙ୍କ ପାଖକୁ ନେଇଯିବାକୁ ଚାହୁଁଥିଲେ, ଯେଉଁଠାରେ ଏହି ପ୍ରକାର ଯନ୍ତ୍ରଣାର ଚିକିତ୍ସା ହେଉଥିଲା; କିନ୍ତୁ ଶ୍ୟାମା ମସଜିଦ୍ ଆଡ଼କୁ ଦୌଡ଼ିଲେ ନିଜର ବିଠୋବା ଶ୍ରୀ ସାଇବାବାଙ୍କ ପାଖକୁ । ଯେତେବେଳେ ବାବା ତାଙ୍କୁ ଦୂରରୁ ଆସୁଥିବା ଦେଖିଲେ, ଚିତ୍କାର କରି ତିରସ୍କାର ଓ ଭର୍ତ୍ସନା କରିବାକୁ ଲାଗିଲେ । କ୍ରୋଧିତ ସ୍ୱରରେ କହିଲେ 'ଆରେ ପାପୀ କୃତଘ୍ନ ବମ୍ମନ(ଉକ୍ତ ସାପ ବିଗତ ଜନ୍ମରେ ବାମନ ଥଲା) ଉପରକୁ ଚଢ଼ନା । ସାବଧାନ, ଯଦି ଏପରି କରିବୁ ।' ପୁଣି ଗର୍ଜନ କରି କହିଲେ ଓହ୍ଲାଇଯା, ଦୂରକୁ ଚାଲିଯା', ତଳକୁ ଓହ୍ଲାଇଯା ।' ଶ୍ରୀ ସାଇବାବାଙ୍କୁ ଏହି ପ୍ରକାର କ୍ରୋଧିତାବସ୍ଥାରେ ଦେଖି ଶ୍ୟାମା ଦ୍ୱନ୍ଦ୍ୱରେ ପଡ଼ିଗଲେ ଏବଂ ନିରାଶ ହୋଇ ଭାବିବାକୁ ଲାଗିଲେ କି କେବଳ ମସଜିଦ୍ ହିଁ ତ ମୋର ଆଶ୍ରୟ ଏବଂ ସାଇବାବା ଅସହାୟମାନଙ୍କର ଆଶ୍ରୟଦାତା ଅଟନ୍ତି । କିନ୍ତୁ ସେ ଯେତେବେଳେ ଏହି ପ୍ରକାର ବ୍ୟବହାର କରି ମୋତେ ତଡ଼ିଦେବେ, ମୁଁ ଆଉ କାହାର ଶରଣରେ ଯିବି ? ସେ ତାଙ୍କ ଜୀବନର ଆଶା ଛାଡ଼ିଦେଲେ ଏବଂ ହତାଶ ହୋଇ ବସିପଡ଼ିଲେ । କିଛି ସମୟ ପରେ ବାବା ଯେତେବେଳେ ପୂର୍ବବତ ଶାନ୍ତ ହେଲେ ଶ୍ୟାମା ଉପରକୁ ଆସି ତାଙ୍କ ପାଖରେ ବସିଲେ । ବାବା କହିଲେ 'ଡର ନାହିଁ । ତିଳେ ମାତ୍ର ଚିନ୍ତା କର ନାହିଁ । ଦୟାଳୁ ଫକିର ଅବଶ୍ୟ ତୁମର ରକ୍ଷା କରିବ । ଘରକୁ ଯାଇ ଶାନ୍ତିରେ ବସ ଏବଂ ବାହାରକୁ ଯାଅ ନାହିଁ । ମୋ ଉପରେ ବିଶ୍ୱାସ କରି ନିର୍ଭୟ ହୋଇ ଚିନ୍ତା ଛାଡ଼ି ଦିଅ ।' ତାଙ୍କୁ ଘରକୁ ପଠାଇଦେବା ପରେ ତାତ୍ୟା ପାଟିଲ ଏବଂ କାକାସାହେବ ଦୀକ୍ଷିତଙ୍କ ଦ୍ୱାରା ବାବା ଖବର ପଠାଇଲେ ଯେ ସେ ଯାହା ଇଚ୍ଛା ଭୋଜନ କରିବ, ଘରେ ବୁଲାଚଲା କରିବ, ତେବେ ତଳେ ଗଡ଼ିବ ନାହିଁ କି ଶୋଇବ ନାହିଁ । ଉଲ୍ଲେଖ କରିବା ଆବଶ୍ୟକ ନାହିଁ ଯେ ଆଦେଶର ଅକ୍ଷରେ ଅକ୍ଷରେ ପାଳନ କରାଗଲା ଏବଂ କିଛି ସମୟ ମଧ୍ୟରେ ସେ ପୂର୍ଣ୍ଣ ସୁସ୍ଥ ହୋଇଗଲେ । ଏହି ବିଷୟରେ କେବଳ ଏହି କଥା ସ୍ମରଣଯୋଗ୍ୟ ଯେ ବାବାଙ୍କର ବାକ୍ୟ (ଓହ୍ଲାଇଯା, ଦୂରକୁ ଚାଲିଯା, ତଳକୁ ଓହ୍ଲାଇଯା) ଶ୍ୟାମାଙ୍କୁ ଲକ୍ଷ୍ୟ କରି କୁହାଯାଇନଥିଲା, ବରଂ ସେହି ସାପ ଏବଂ ତାର ବିଷକୁ ଉଦ୍ଦେଶ୍ୟ କରି ଏହି ଆଦେଶ ଦିଆଯାଇଥିଲା । (ଅର୍ଥାତ ଶ୍ୟାମାଙ୍କ ଶରୀରରେ ବିଷ ପ୍ରସାରିତ ନହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା) ଅନ୍ୟ ମନ୍ତ୍ର ଶାସ୍ତ୍ରର ବିଶେଷଜ୍ଞଙ୍କ ଭଳି ବାବା କୌଣସି ମନ୍ତ୍ର ବା ମନ୍ତ୍ରୋକ୍ତ ଅକ୍ଷତ ବା ଜଳ ଆଦିର ପ୍ରୟୋଗ କରିନଥିଲେ ।

ଏହି କଥା ଏବଂ ଏହି ପ୍ରକାର ଅନ୍ୟ କଥାସବୁ ଶୁଣି ସାଇବାବାଙ୍କ ଚରଣରେ ଦୃଢ଼ ବିଶ୍ୱାସ ହୋଇଯିବ ଯେ ଯଦି ମାୟାଯୁକ୍ତ ସଂସାର ପାର କରିବାକୁ ହେବ, ତାହେଲେ ଶ୍ରୀ ସାଇଚରଣ ବିନା ଅନ୍ୟ ଗତି ନାହିଁ ।

**ମହାମାରୀ(ବିସୂଚିକା) :** ଥରେ ଶିରିଡ଼ି ଗ୍ରାମରେ ବିସୂଚିକା ରୋଗ ବ୍ୟାପିଲା । ଲୋକଙ୍କ ମଧ୍ୟରେ କୋକୁଆଭୟ ଖେଳିଗଲା । ପଡ଼ୋଶୀ ଗ୍ରାମଗୁଡ଼ିକ ସହିତ ସମ୍ପର୍କ ଛିନ୍ନ ହୋଇଗଲା । ଏହାପରେ ଗ୍ରାମର ପଞ୍ଚାୟତ ବସି ଦୁଇଟି ଆଦେଶ ଜାରି କଲେ । ପ୍ରଥମ: କୌଣସି କାଠ ବୋଝେଇ ଗାଡ଼ି ଗାଁ ଭିତରକୁ ଆସିବାକୁ ଦିଆଯିବ ନାହିଁ ଏବଂ ଦ୍ୱିତୀୟ : କୌଣସି ଛେଳିକୁ ବଳି ଦିଆଯିବ ନାହିଁ । ଏହି ଆଦେଶ ଉଲ୍ଲଂଘନ କରିବା ବ୍ୟକ୍ତିକୁ ମୁଖିଆ ଏବଂ ପଞ୍ଚାୟତ ଦ୍ୱାରା ଦଣ୍ଡ ଦିଆଯିବ ବୋଲି ନିଷ୍ପତ୍ତି ହେଲା । ବାବା ତ ଜାଣିଥିଲେ ଯେ ଏସବୁ କେବଳ ଅନ୍ଧବିଶ୍ୱାସ, ତେଣୁ ପଞ୍ଚାୟତର ଆଦେଶକୁ ଗୁରୁତ୍ୱ ଦେଲେ ନାହିଁ । ଏହି ସମୟରେ ଏକ କାଠ ବୋଝେଇ ଗାଡ଼ି ଗାଁ ଭିତରେ ପ୍ରବେଶ କଲା । ସମସ୍ତେ ଜାଣିଥିଲେ ଯେ ଗାଁରେ କାଠର ଅଭାବ ରହିଛି, ତଥାପି ଲୋକେ ସେହି ଗାଡ଼ିବାଲାକୁ ଘଉଡ଼ାଇବାକୁ ଲାଗିଲେ । ଏହି ଖବର କୌଣସି ପ୍ରକାରେ ବାବାଙ୍କ ପାଖରେ ପହଞ୍ଚିଗଲା । ବାବା ସ୍ୱୟଂ ସେଠାକୁ ଗଲେ ଏବଂ ଗାଡ଼ିଚାଳକକୁ ମସଜିଦ୍‌କୁ ଗାଡ଼ି ନେଇଯିବାକୁ କହିଲେ । ବାବାଙ୍କ ବିରୁଦ୍ଧରେ ପାଟି ଖୋଲିବାର ସାହସ କେହି କରିପାରିଲେ ନାହିଁ । ପ୍ରକୃତରେ ଧୁନି ପାଇଁ କାଠ ନିତାନ୍ତ ଆବଶ୍ୟକ ଥିଲା । ସେହି କାଠ ବାବା ଧୁନି ଘରକୁ ନେଇଗଲେ । ଜଣେ ମହାନ୍ ଅଗ୍ନିହୋତ୍ର ସଦୃଶ ଜୀବନସାରା ସେ ଧୁନିକୁ ପ୍ରଜ୍ୱଳିତ କରି ରଖିଥିଲେ ।

ବାବାଙ୍କର ଗୃହ ଅର୍ଥାତ ମସଜିଦ୍ ସର୍ବଦା ଖୋଲା ରହୁଥିଲା । ତାଲା, ଚାବିର ସେଠାରେ କୌଣସି ଆବଶ୍ୟକତା ନଥିଲା । ଗ୍ରାମର ଗରିବ ଲୋକ ସେମାନଙ୍କର ବ୍ୟବହାର ନିମନ୍ତେ ଏଠାରୁ କାଠ ନେଉଥିଲେ; କିନ୍ତୁ ବାବା କେବେ ଆପତ୍ତି କରୁନଥିଲେ । ବାବା ତ ସମ୍ପୂର୍ଣ୍ଣ ବିଶ୍ୱକୁ ଈଶ୍ୱରଙ୍କ ସହିତ ଓତପ୍ରୋତ ଭାବରେ ଦେଖୁଥିଲେ, ତେଣୁ କାହାପ୍ରତି ତାଙ୍କର ଘୃଣା ବା ଶତ୍ରୁତା ଭାବ ନଥିଲା । ପୂର୍ଣ୍ଣ ଅନାସକ୍ତ ହୋଇଥିଲେ ମଧ୍ୟ ଜଣେ ସାଧାରଣ ଗୃହସ୍ଥର ଉଦାହରଣ ଲୋକଙ୍କ ସମ୍ମୁଖରେ ସେ ଉପସ୍ଥାପନ କରିଥିଲେ ।

**ଗୁରୁଭକ୍ତିର କଠିନ ପରୀକ୍ଷା :** ଏବେ ଦେଖନ୍ତୁ, ଦ୍ୱିତୀୟ ଆଦେଶର ଦଶା ମଧ୍ୟ ବାବା କ'ଣ କଲେ । ସେହି ଆଦେଶ ଲାଗୁ ହୋଇଥିବା ସମୟରେ କେହି ଜଣେ ଗୋଟିଏ ଛେଳି ବଳି ଦେବା ପାଇଁ ମସଜିଦ୍‌କୁ ଆଣିଲେ । ଛେଳିଟି ଅତ୍ୟନ୍ତ ଦୁର୍ବଳ, ବୃଦ୍ଧ ଏବଂ ମୁମୂର୍ଷୁ ଅବସ୍ଥାରେ ଥିଲା । ସେହି ସମୟରେ ମାଲେଗାଓଁର ଫକିର ପୀର ମହମ୍ମଦ ଓରଫ ବଡ଼େ ବାବା ତାଙ୍କ ନିକଟରେ ଉପସ୍ଥିତ ଥିଲେ । ବାବା ତାଙ୍କୁ ଛେଳି କାଟି ବଳି ଚଢ଼ାଇବାକୁ କହିଲେ । ବାବା ବଡ଼େବାବାଙ୍କର ଖୁବ୍ ଆଦର କରୁଥିଲେ ।

ଏଥିଯୋଗୁ ସେ ସର୍ବଦା ତାଙ୍କୁ ତାଙ୍କର ଡାହାଣ ପାର୍ଶ୍ୱରେ ବସାଉଥିଲେ । ପ୍ରଥମେ ସେ ଚିଲମ୍ ଟାଣିବାପରେ ବାବାଙ୍କୁ ଦେଉଥିଲେ,ଏହାପରେ ଅନ୍ୟ ଭକ୍ତଙ୍କୁ । ଯେତେବେଳେ ମଧ୍ୟାହ୍ନ ଭୋଜନ ପରଶାଯାଉଥିଲା, ବାବା ବଡ଼େବାବାଙ୍କୁ ଆଦର ସହକାରେ ଡାକି ତାଙ୍କର ଡାହାଣରେ ବସାଉଥିଲେ ଏବଂ ଏକାଠି ମିଶି ଭୋଜନ କରୁଥିଲେ । ବାବାଙ୍କ ପାଖରେ ଯାହା ଦକ୍ଷିଣା ଠୁଳ ହେଉଥିଲା, ସେଥିରୁ ୫୦ ଟଙ୍କା ପ୍ରତିଦିନ ବଡ଼େବାବାଙ୍କୁ ଦେଉଥିଲେ । ଯେତେବେଳେ ସେ ଫେରୁଥିଲେ ବାବା ମଧ୍ୟ ତାଙ୍କ ସହିତ ଶହେ ପାଦ ପର୍ଯ୍ୟନ୍ତ ଯାଉଥିଲେ । ତାଙ୍କର ଏତେ ଆଦର କରୁଥିଲେ ମଧ୍ୟ ଯେତେବେଳେ ବାବା ତାଙ୍କୁ ଛେଳି ବଳିଦେବା ପାଇଁ କହିଲେ, ସେ ତାକୁ ଅସ୍ୱୀକାର କରି ସ୍ପଷ୍ଟ ଭାବରେ କହିଲେ ଯେ ବଳି ଚଢ଼ାଇବା ଅନୁଚିତ । ତାପରେ ବାବା ଶ୍ୟାମାଙ୍କୁ ବଳିଦେବା ପାଇଁ କହିଲେ । ସେ ରାଧାକୃଷ୍ଣମାଈଙ୍କ ଘରକୁ ଯାଇ ଛୁରି ଆଣିଲେ ଏବଂ ବାବାଙ୍କ ସମ୍ମୁଖରେ ରଖିଲେ । ରାଧାକୃଷ୍ଣମାଈ ଯେତେବେଳେ ଛୁରି ଆଣିବାର କାରଣ ଜାଣିଗଲେ ତୁରନ୍ତ ଛୁରି ନେଇଆସିବା ପାଇଁ ଖବର ପଠାଇଲେ । ଏହାପରେ ଶ୍ୟାମା ଆଉ ଗୋଟିଏ ଛୁରି ଆଣିବା ପାଇଁ ଗଲେ, କିନ୍ତୁ ବହୁ ସମୟ ପର୍ଯ୍ୟନ୍ତ ଫେରିଲେ ନାହିଁ । ଏବେ କାକାସାହେବ ଦୀକ୍ଷିତଙ୍କ ପାଳି ଆସିଲା । ସେ ତ ସୁବର୍ଣ୍ଣ ପରି ସ୍ୱଚ୍ଛ ଥିଲେ; କିନ୍ତୁ ତାଙ୍କୁ  କଷଟି ପଥରରେ ଘଷିବା ମଧ୍ୟ ଆବଶ୍ୟକ ଥିଲା । ବାବା ତାଙ୍କୁ  ଛୁରି ନେଇ ବଳିଦେବାକୁ କହିଲେ । ସାଠେୱାଡ଼ାରୁ ସେ ଗୋଟିଏ ଛୁରି ଆଣିଲେ ଏବଂ ବାବାଙ୍କ ଆଦେଶ ମିଳିବା ମାତ୍ରେ ବଳି ପକାଇବାକୁ ଉଦ୍ୟତ ହୋଇଗଲେ । ପବିତ୍ର ବ୍ରାହ୍ମଣ ବଂଶରେ ସେ ଜନ୍ମ ହୋଇଥିଲେ ଏବଂ ଜୀବନରେ ବଳିକୃତ୍ୟ ଜାଣିନଥିଲେ । ହିଂସାର ସେ ପକ୍ଷପାତୀ ନଥିଲେ ତଥାପି ବଳିଦେବାପାଇଁ ଉଦ୍ୟତ ହୋଇଗଲେ । ଦେଖଣାହାରୀଙ୍କ ମଧ୍ୟରେ ସମସ୍ତେ ଆଶ୍ଚର୍ଯ୍ୟ ହେଲେ ଯେ ବଡ଼େ ବାବା  ଯବନ ହୋଇ ମଧ୍ୟ ବଳି ଦେବାକୁ ସହମତ ହେଲେନାହିଁ ଏବଂ ଇଏ ସନାତନ ବ୍ରାହ୍ମଣ ହୋଇ ମଧ୍ୟ ବଳି ଦେବାକୁ ପ୍ରସ୍ତୁତ ହେଉଛନ୍ତି । ଧୋତିକୁ ଭଲ ଭାବରେ ଗଣ୍ଠି ପକାଇ ହାତରେ ଛୁରି ଧରି ବାବାଙ୍କର ଅନ୍ତିମ ଆଦେଶକୁ ସେ ପ୍ରତୀକ୍ଷା କଲେ । ବାବା କହିଲେ 'କ'ଣ ଭାବୁଛ ? ଚୋଟ ପକାଅ ।" ହାତ ଉଠାଇ ସେ ଚୋଟ ପକାଇବାକୁ ଯାଉଛନ୍ତି, ବାବା ତାଙ୍କୁ ରୋକି କହିଲେ 'ରହ, ତୁମେ କେଡ଼େ ଦୁଷ୍ଟ ? ବ୍ରାହ୍ମଣ ହୋଇ ବଳି ଦେବାକୁ ବାହାରିଛ ?' ବିସ୍ମୟାଭିଭୂତ ନୟନରେ କାକାସାହେବ ଛୁରିଟିକୁ ତଳେ ରଖିଦେଲେ ଏବଂ କହିଲେ 'ପ୍ରଭୁ, ଆପଣଙ୍କର ଆଦେଶ ଆମପାଇଁ ଶିରୋଧାର୍ଯ୍ୟ । ଅନ୍ୟ କଥାରୁ କ'ଣ ମିଳିବ ? ଆମେ ତ ସର୍ବଦା ଆପଣଙ୍କର ସ୍ମରଣ କରୁଛୁ ଏବଂ ଦିନରାତି ଆପଣଙ୍କର ହିଁ ଆଦେଶ ପାଳନ କରୁଛୁ । ବଳି ଦେବା ଉଚିତ କି ଅନୁଚିତ–ଏକଥା ଆମେ ବିଚାର କରିବାର ମଧ୍ୟ ପ୍ରୟୋଜନ ନାହିଁ କି ଏହାର କାରଣ ମଧ୍ୟ ଜାଣିବାକୁ ଚାହୁଁନା । ନିଃସଂକୋଚ ଭାବରେ ଗୁରୁଙ୍କ  ଆଦେଶ ପାଳନ କରିବା ଆମର କର୍ତ୍ତବ୍ୟ ଓ ଧର୍ମ । ଏହାପରେ

ବାବା କାକାସାହେବଙ୍କୁ କହିଲେ ' ମୁଁ ସ୍ୱୟଂ ବଳି ଚଢ଼ାଇବା କାର୍ଯ୍ୟ କରିବି ।' ତାପରେ ସ୍ଥିର ହେଲା ଫକିରମାନେ ଅବସ୍ଥାନ କରୁଥିବା ତାକ୍ୟା ନାମକ ସ୍ଥାନକୁ ନିଆଯାଇ ସେଠାରେ ବଳି ଦିଆଯିବ । ଯେତେବେଳେ ଛେଳିଟିକୁ ସେଠାକୁ ନିଆଯାଉଥିଲା, ବାଟରେ ତାର ପ୍ରାଣବାୟୁ ଉଡ଼ିଗଲା ।

ଭକ୍ତମାନଙ୍କ ପ୍ରକାର ବର୍ଣ୍ଣନା କରି ହେମାଡପନ୍ତ ଏହି ଅଧ୍ୟାୟ ସମାପ୍ତ କରିଛନ୍ତି । ଭକ୍ତ ତିନିପ୍ରକାର ଅଛନ୍ତି ( ୧ )ଉତ୍ତମ ( ୨ )ମଧ୍ୟମ (୩) ସାଧାରଣ । ପ୍ରଥମ ଶ୍ରେଣୀର ଭକ୍ତ-ଯିଏ ଗୁରୁଙ୍କର ଇଚ୍ଛା ପୂର୍ବରୁ ହିଁ ଜାଣି ନିଜର କର୍ତ୍ତବ୍ୟ ମନେ କରି ସେବା କରନ୍ତି । ଦ୍ୱିତୀୟ ଶ୍ରେଣୀର ଭକ୍ତ-ଯିଏ ଗୁରୁଙ୍କର ଆଦେଶ ମିଳିବା ମାତ୍ରେ ତୁରନ୍ତ ତାହାର ପାଳନ କରନ୍ତି । ତୃତୀୟ ଶ୍ରେଣୀର ଭକ୍ତ ହେଉଛନ୍ତି ଯିଏ ଗୁରୁଙ୍କ ଆଦେଶ ସର୍ବଦା ଟାଳି ପ୍ରତି ସ୍ତରରେ ତ୍ରୁଟି କରିବସନ୍ତି । ଭକ୍ତଗଣ ଯଦି ନିଜର ଜାଗ୍ରତ ବୁଦ୍ଧି ଏବଂ ଧୈର୍ଯ୍ୟ ଧାରଣ କରି ଦୃଢ଼ ବିଶ୍ୱାସ ପୋଷଣ କରନ୍ତି ତାହେଲେ ସେମାନଙ୍କର ଆଧ୍ୟାତ୍ମିକ ଉଦ୍ଦେଶ୍ୟ ବେଶୀ ଦୂର ନୁହେଁ । ନିଃଶ୍ୱାସ ପ୍ରଶ୍ୱାସର ନିୟନ୍ତ୍ରଣ, ହଟଯୋଗ ବା ଅନ୍ୟ କଠିନ ସାଧନାର ଆବଶ୍ୟକତା ନାହିଁ । ଯେତେବେଳେ ଶିଷ୍ୟ ପାଖରେ ଉପଯୁକ୍ତ ଗୁଣର ବିକାଶ ହୋଇଯିବ ଏବଂ ଅଗ୍ରିମ ଉପଦେଶ ନିମନ୍ତେ ଭୂମିକା ପ୍ରସ୍ତୁତ ହୋଇଯିବ, ସେତେବେଳେ ଗୁରୁ ସ୍ୱୟଂ ପ୍ରକଟ ହୋଇ ତାହାକୁ ପୂର୍ଣ୍ଣତା ଅଭିମୁଖେ ନେଇଯିବେ । ଆସନ୍ତା ଅଧ୍ୟାୟରେ ବାବାଙ୍କର ମନୋଜ୍ଞ ହାସ୍ୟ ବିନୋଦ ବିଷୟରେ ଚର୍ଚ୍ଚା କରିବା ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



# ।।ଚତୁର୍ବିଂଶ ଅଧ୍ୟାୟ ।।

## ବାବାଙ୍କ ହାସ୍ୟ ବିନୋଦ, ଚଣା ଲୀଳା(ହେମାଡପନ୍ତ) ଓ ସୁଦାମାଙ୍କ କଥା, ଅଣା ଚିଞ୍ଚଣିକର ଏବଂ ମୌସିବାଇ, ବାବାଙ୍କ ଭକ୍ତ ପରାୟଣତା

**ପ୍ରାରମ୍ଭ :** ଆଗାମୀ ଅଧ୍ୟାୟରେ ଏହା ବର୍ଣ୍ଣନା କରାଯିବ, ଏହା କହିବା ମଧ୍ୟ ଏକପ୍ରକାର ଅହଂକାର । ଯେପର୍ଯ୍ୟନ୍ତ ଅହଂକାରକୁ ପୂର୍ଣ୍ଣ ରୂପେ ଗୁରୁଚରଣରେ ଅର୍ପଣ କରାନଯାଇଛି, ସେପର୍ଯ୍ୟନ୍ତ ସତ୍ୟସ୍ୱରୂପ ପ୍ରାପ୍ତି ସମ୍ଭବ ନୁହେଁ । ଯଦି ଆମେ ଅଭିମାନରହିତ ହେବା, ତାହେଲେ ସଫଳତା ପ୍ରାପ୍ତି ନିଶ୍ଚିତ ।

ଶ୍ରୀ ସାଇବାବାଙ୍କୁ ଭକ୍ତି କରିବା ଦ୍ୱାରା ଇହ ତଥା ଆଧ୍ୟାତ୍ମିକ ଉଭୟ ପଦାର୍ଥର ପ୍ରାପ୍ତି ହୋଇଥାଏ ଏବଂ ମନୁଷ୍ୟର ମୂଳ ପ୍ରକୃତି ସ୍ଥିର ହୋଇଯାଇ ଶାନ୍ତି ତଥା ସୁଖ ଲାଭ ହୁଏ । ଏଣୁ ମୁମୁକ୍ଷୁମାନେ ଆଦରସହିତ ଶ୍ରୀ ସାଇବାବାଙ୍କ ଲୀଳାଗୁଡ଼ିକର ଶ୍ରବଣ କରି ମନନ କରିବା ଉଚିତ । ଯଦି ସେମାନେ ଏହିପ୍ରକାର ପ୍ରୟାସ କରିବେ, ଜୀବନର ଧ୍ୟେୟ ତଥା ପରମାନନ୍ଦ ପ୍ରାପ୍ତି ସହଜ ହୋଇଯିବ ।

ପ୍ରାୟତଃ ସମସ୍ତେ ହାସ୍ୟରସପ୍ରିୟ; କିନ୍ତୁ ସ୍ୱୟଂ ହାସ୍ୟର ପାତ୍ର ହେବାକୁ କେହି ଚାହାନ୍ତି ନାହିଁ । ଏହି ବିଷୟରେ ବାବାଙ୍କର ପଦ୍ଧତି ମଧ୍ୟ ବିଚିତ୍ର ଥିଲା ।

**ଚଣା ଲୀଳା :** ଶିରିଡ଼ିରେ ପ୍ରତି ରବିବାର ହାଟ ବସେ । ଆଖପାଖ ଗ୍ରାମରୁ ବହୁଲୋକ ଏହି ଦିନ ଆସି ରାସ୍ତା ଉପରେ ଦୋକାନ ପକାଇ ସଉଦା ବିକ୍ରି କରନ୍ତି । ମଧ୍ୟାହ୍ନ ସମୟରେ ସବୁଦିନ ଲୋକଙ୍କ ଭିଡ଼ରେ ମସଜିଦ୍ ଭର୍ତ୍ତି ହୋଇଯାଉଥିଲା; କିନ୍ତୁ ରବିବାର ଏପରି ଭିଡ଼ ହେଉଥିଲା ଯେ ନିଃଶ୍ୱାସ ନେବା କଷ୍ଟକର ହୋଇପଡୁଥିଲା । ଏପରି ଏକ ରବିବାର ଦିନ ହେମାଡପନ୍ତ ବାବାଙ୍କର ପଦସେବା କରୁଥିଲେ । ଶ୍ୟାମା ବାବାଙ୍କର ବାମ ଏବଂ ବାମନରାଓ ଡାହାଣ ପାର୍ଶ୍ୱରେ ବସିଥିଲେ । ବୁଟିସାହେବ ଓ କାକାସାହେବ ଦୀକ୍ଷିତ ମଧ୍ୟ ଉପସ୍ଥିତ ଥିଲେ । ହଠାତ୍ ଶ୍ୟାମା ହସିଦେଇ ହେମାଡପନ୍ତଙ୍କୁ କହିଲେ 'ଦେଖ, ତୁମର କୋଟ୍‌ର ବାମପଟରେ ଚଣା ଲାଗିଛି । ଏହା କହି ଶ୍ୟାମା ତାଙ୍କର ଜାମାରେ ମୃଦୁଘାତ କରିବା ମାତ୍ରେ କିଛି ଚଣା ଗଳିପଡ଼ିଲା । ହେମାଡପନ୍ତ ଯେମିତି ପୁଣି ବାମ କହୁଣି ସିଧା କରିଛନ୍ତି; ଆଉ କିଛି ଚଣା ତଳେ ଖସିପଡ଼ିଲା, ଯାହାକୁ ଉପସ୍ଥିତ ଲୋକମାନେ ଗୋଟେଇବାରେ ଲାଗିଲେ ।

ଭକ୍ତମାନଙ୍କ ପାଇଁ ତ ପରିହାସର ଉପାଦାନ ମିଳିଗଲା ଏବଂ ସମସ୍ତେ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଲେ; କିନ୍ତୁ କେହି ବି ଜାଣିନଥିଲେ ସେହି ଚଣା ସେଠାକୁ କିପରି ଆସିଲା ଏବଂ ଏତେ ସମୟ ଯାଏଁ କିପରି ରହିଥିଲା । କେହି ଏହାର ସନ୍ତୋଷଜନକ ଉତ୍ତର ପାଉନଥିଲେ, ଯଦିଓ ସମସ୍ତେ ଜାଣିବାକୁ ଉତ୍ସୁକ ଥିଲେ । ଏହା ଦେଖି ବାବା କହିଲେ

ଯେ 'ଅଣା ସାହେବର ଏକୁଟିଆ ଖାଇବାର ଖରାପ ଅଭ୍ୟାସ ଅଛି । ଆଜି ହାଟ ପାଳି ଏବଂ ସେ ଚଣା ଚୋବେଇ ଚୋବେଇ ଏଠାକୁ ଆସିଛି । ତା'ର ଏହି ଅଭ୍ୟାସ କଥା ମୁଁ ଜାଣେ ଏବଂ ଏହି ଚଣା ତା'ର ପ୍ରମାଣ ଦେଉଛି । ହେମାଡପନ୍ତ ଏହାକୁ ଅସ୍ୱୀକାର କରି କହିଲେ 'ବାବା ମୋର ଏକୁଟିଆ ଖାଇବାର ଅଭ୍ୟାସ ନାହିଁ । ଅଯଥାରେ ମୋତେ ଦୋଷ ଦିଅନ୍ତୁ ନାହିଁ । ମୁଁ ଶିରିଡ଼ିର ହାଟ ଏଯାଏଁ ଦେଖିନାହିଁ କି ଆଜି ଭୁଲରେ ବି ବଜାର ଯାଇନାହିଁ, ଚଣା ଖାଇବା କଥା ଦୂରେ ଥାଉ । ଖାଇବା ସମୟରେ ଯିଏ ମୋ ପାଖକୁ ଆସିଲେ ବି ତାଙ୍କୁ ସାଙ୍ଗରେ ନ ବସାଇ ମୁଁ ଖାଏ ନାହିଁ ।'

ବାବା କହିଲେ ତୁମ କଥା ସତ୍ୟ । କିନ୍ତୁ ଯେତେବେଳେ ପାଖରେ କେହି ନଥିବେ, ତୁମେ କ'ଣ କରିପାରିବ ? ଆଚ୍ଛା କହିଲ, ଭୋଜନ କରିବା ପୂର୍ବରୁ ତୁମେ କେବେ ମୋତେ ସ୍ମରଣ କର ? ମୁଁ କ'ଣ ତୁମ ସାଥୀରେ ସର୍ବଦା ନାହିଁ ? ମୋତେ ପ୍ରଥମେ ଅର୍ପଣ କରି ତୁମେ ଭୋଜନ ଗ୍ରହଣ କରୁଛ କି ?

**ଶିକ୍ଷା :** ଏହି ଉକ୍ତି ଦ୍ୱାରା ବାବା କି ଶିକ୍ଷା ପ୍ରଦାନ କରୁଛନ୍ତି, ତାହା ଏଠାରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏହାର ଅର୍ଥ ହେଉଛି ଇନ୍ଦ୍ରିୟ, ମନ ଏବଂ ବୁଦ୍ଧି ଦ୍ୱାରା ରସାସ୍ୱାଦନ କରିବା ପୂର୍ବରୁ ବାବାଙ୍କର ସ୍ମରଣ କରିବା ଉଚିତ । ତାଙ୍କର ସ୍ମରଣ ହିଁ ଅର୍ପଣର ଏକ ବିଧି । ଇନ୍ଦ୍ରିୟ ବିଷୟ ପଦାର୍ଥର ଚିନ୍ତା ନକରି ରହିପାରିବ ନାହିଁ । ଏଣୁ ପଦାର୍ଥର ଉପଭୋଗ ପୂର୍ବରୁ ତାକୁ ଈଶ୍ୱରପରାୟଣ କରିଦେଲେ ତା'ର ଆସକ୍ତି ସ୍ୱଭାବତଃ ନଷ୍ଟ ହୋଇଯାଏ । ଏହି ପ୍ରକାର ସମସ୍ତ ଇଚ୍ଛା, କ୍ରୋଧ, ତୃଷ୍ଣା ଆଦି କୁପ୍ରବୃତ୍ତିକୁ ଈଶ୍ୱରପରାୟଣ କରି ଗୁରୁ ଅଭିମୁଖୀ କରିଦେବା ଉଚିତ । ଯଦି ଏହାର ନିତ୍ୟାଭ୍ୟାସ କରାଯାଏ ପରମେଶ୍ୱର ଆମର କୁବୃତ୍ତିଗୁଡ଼ିକୁ ଦମନ କରିବାରେ ସହାୟତା କରିବେ । ବିଷୟର ରସାସ୍ୱାଦନ ପୂର୍ବରୁ ବାବାଙ୍କର ଉପସ୍ଥିତି ଧ୍ୟାନ କରିବା ଆବଶ୍ୟକ । ଏହାପରେ ବିଷୟ ଉପଭୋଗ ଉପଯୁକ୍ତ କି ନୁହେଁ, ଏହି ପ୍ରଶ୍ନ ଆସିବ, ଫଳରେ ଆଚରଣରେ ପରିବର୍ତ୍ତନ ହେବ । ଏହାଦ୍ୱାରା ଗୁରୁପ୍ରେମ ବୃଦ୍ଧି ପାଇ ଶୁଦ୍ଧଜ୍ଞାନ ପ୍ରାପ୍ତ ହେବ । ଯେତେବେଳେ ଏହି ଜ୍ଞାନ ଉଦୟ ହେବ ଦୈହିକ ବୁଦ୍ଧି ନଷ୍ଟ ହୋଇ ଚୈତନ୍ୟଘନରେ ଲୀନ ହୋଇଯିବ । ବସ୍ତୁତଃ ଗୁରୁ ଏବଂ ଈଶ୍ୱର ଅଭିନ୍ନ ଏକଥା ବୁଝିବାକୁ ହେବ ।

ଏହି ପ୍ରକାର ଗୁରୁଙ୍କର ସେବା କରିବା ଦ୍ୱାରା ଈଶ୍ୱର କୃପା ପ୍ରାପ୍ତ ହେବା ନିଶ୍ଚିତ ଏବଂ ତତ୍‌ପରେ ଚିତ୍ତ ଶୁଦ୍ଧ ହୋଇ ଆତ୍ମାନୁଭୂତି ଲାଭ ହେବ । ମୋଟ କଥା ହେଉଛି ଯେ ଈଶ୍ୱର ଏବଂ ଗୁରୁଙ୍କୁ ପ୍ରଥମେ ଅର୍ପଣ ନକରି କୌଣସି ଇନ୍ଦ୍ରିୟଗ୍ରାହ୍ୟ ବିଷୟର ରସାସ୍ୱାଦନ କରିବା ଉଚିତ ନୁହେଁ । ଏହିପରି ଅଭ୍ୟାସ କରିବା ଦ୍ୱାରା ଭକ୍ତିରେ ଉତ୍ତରୋତ୍ତର ଉନ୍ନତି ଘଟିବ । ଶ୍ରୀ ସାଇଙ୍କର ମନୋହରରୂପୀ ସଗୁଣ ମୂର୍ତ୍ତି ସର୍ବଦା ଚକ୍ଷୁସମ୍ମୁଖରେ ପ୍ରତିଭାତ ହେବ, ଯଦ୍ୱାରା ଭକ୍ତି, ବୈରାଗ୍ୟ ଏବଂ ମୋକ୍ଷ ପ୍ରାପ୍ତି ତ୍ୱରାନ୍ୱିତ

ହେବ । ଧ୍ୟାନ ପ୍ରଗାଢ଼ ହେବା ଦ୍ୱାରା କ୍ଷୁଧା ଏବଂ ସଂସାରର ଅସ୍ତିତ୍ୱ ବିସ୍ମୃତ ହୋଇଯିବ ଏବଂ ସାଂସାରିକ ବିଷୟ ପ୍ରତି ଆକର୍ଷଣ ସ୍ୱତଃ ନଷ୍ଟ ହୋଇ ଚିତ୍ତ ସୁଖ ଏବଂ ଶାନ୍ତି ଲାଭ କରିବ ।

**ସୁଦାମାଙ୍କ କାହାଣୀ :** ଉପରୋକ୍ତ ଘଟଣା ବର୍ଣ୍ଣନା କରିବା ସମୟରେ ସୁଦାମାଙ୍କ ପ୍ରସଙ୍ଗ ସ୍ୱତଃ ହେମାଡପନ୍ତଙ୍କ ସ୍ମରଣକୁ ଆସିଲା, ଯାହା ଏହି ଘଟଣାକୁ ପ୍ରମାଣିତ କରେ । ଭଗବାନ ଶ୍ରୀକୃଷ୍ଣ ତାଙ୍କର ଜ୍ୟେଷ୍ଠ ଭ୍ରାତା ବଳରାମ ଓ ସହପାଠୀ ସୁଦାମାଙ୍କ ସହିତ ସନ୍ଦିପନୀ ଋଷିଙ୍କ ଆଶ୍ରମରେ ରହି ବିଦ୍ୟାଧ୍ୟୟନ କରୁଥିଲେ । ଥରେ କୃଷ୍ଣ ଏବଂ ବଳରାମ କାଠ ଆଣିବା ପାଇଁ ବଣକୁ ଯାଇଥିଲେ; କିଛି ସମୟ ପରେ ଋଷି ପତ୍ନୀ ସୁଦାମାଙ୍କୁ ମଧ୍ୟ ବଣକୁ ପଠାଇ ତିନିଜଣଙ୍କ ଖାଇବା ପାଇଁ କିଛି ଚଣା ପଠାଇଲେ । ଯେତେବେଳେ କୃଷ୍ଣ ଓ ସୁଦାମାଙ୍କର ଭେଟ ହେଲା, କୃଷ୍ଣ କହିଲେ 'ଭାଇ, ମୋତେ କିଛି ଜଳ ଦିଅ, ବଡ଼ ତୃଷ୍ଣା ଲାଗୁଛି ।' ସୁଦାମା କହିଲେ ଖାଲି ପେଟରେ ଜଳ ପିଇବା ଉଚିତ ନୁହେଁ, ଏଣୁ କିଛି ସମୟ ବିଶ୍ରାମ କରିନିଅ ।' ସୁଦାମା ଚଣା ବିଷୟରେ କିଛି ସୂଚନା ଦେଲେ ନାହିଁ କି କୃଷ୍ଣଙ୍କୁ ତାଙ୍କର ଭାଗ ଦେଲେ ନାହିଁ । କୃଷ୍ଣ ତ କ୍ଳାନ୍ତ ହୋଇପଡ଼ିଥିଲେ, ସୁଦାମାଙ୍କ କୋଳରେ ମୁଣ୍ଡ ରଖି ଗାଢ଼ ନିଦ୍ରାରେ ଘୁଙ୍ଗୁଡ଼ି ମାରିବାକୁ ଲାଗିଲେ । ଏହି ସୁଯୋଗ ଦେଖି ସୁଦାମା ଚଣା କାଢ଼ି ଚୋବାଇଲେ । ଅଚାନକ କୃଷ୍ଣ ଉଠିପଡ଼ିବା ପରି ଅଭିନୟ କରି ପଚାରିଲେ 'ଭାଇ, କ'ଣ ଖାଉଛ, କାଡୁ କାଡୁ ଶବ୍ଦ ହେଉଛି ? ସୁଦାମା କହିଲେ, 'ଏଠି ଖାଇବାକୁ ଆଉ କ'ଣ ଅଛି ? ମୁଁ ତ ଶୀତରେ ଥରୁଛି ବୋଲି ଦାନ୍ତ କଡ଼ମଡ଼ ହେଉଛି । ଦେଖ, ମୁଁ ଭଲଭାବରେ ବିଷ୍ଣୁସହସ୍ର ନାମ ଉଚ୍ଚାରଣ ମଧ୍ୟ କରିପାରୁନାହିଁ ।' ଏକଥା ଶୁଣିବା ପରେ ଅନ୍ତର୍ଯ୍ୟାମୀ କୃଷ୍ଣ କହିଲେ 'ଭାଇ, ମୁଁ ଏବେ ଏବେ ସ୍ୱପ୍ନରେ ଦେଖିଲି ଯେ ଜଣେ ବ୍ୟକ୍ତି ଆଉ ଜଣକର ଖାଦ୍ୟ ଖାଇଯାଉଛି । ଯେତେବେଳେ ତାକୁ ଏହି ବିଷୟରେ ପଚରାଗଲା, ସେ କହିଲା ଯେ 'ମୁଁ ଆଉ କ'ଣ ମାଟି ଗୋଡ଼ି ଖାଉଛି । ଏହାପରେ ପ୍ରଶ୍ନକର୍ତ୍ତା କହିଲେ ଏବମସ୍ତୁ । ଭାଇ, ଏହା ତ କେବଳ ସ୍ୱପ୍ନ ଥିଲା, ତେବେ ମୁଁ ଭଲଭାବରେ ଜାଣେ ଯେ ତୁମେ ମୋ ବିନା ଅନ୍ନ ଦାନାଟିଏ ମଧ୍ୟ ଗ୍ରହଣ କରନାହିଁ । ଥକାବଶତଃ ନିଦ୍ରାଗତ ଅବସ୍ଥାରେ ମୁଁ ତୁମକୁ ଏପରି ପ୍ରଶ୍ନ କରିଥିଲି ।' ଯଦି ସୁଦାମା ଭଗବାନ ଶ୍ରୀକୃଷ୍ଣଙ୍କର ଅନ୍ତର୍ଯ୍ୟାମୀ ସ୍ୱରୂପ ବିଷୟରେ ପରିଚିତ ଥାଆନ୍ତେ ତାହେଲେ ସେ ଏହି ପ୍ରକାର ଆଚରଣ କଦାପି କରିନଥାନ୍ତେ । ଏହି କାରଣରୁ ଶ୍ରୀକୃଷ୍ଣଙ୍କର ବାଲ୍ୟ ବନ୍ଧୁ ହୋଇଥିବା ସତ୍ତ୍ୱେ ସୁଦାମାଙ୍କୁ ଦାରିଦ୍ର୍ୟ ଓ ସଂସାରର କ୍ଳେଶ ଭୋଗିବାକୁ ପଡ଼ିଲା । ପରବର୍ତ୍ତୀ ସମୟରେ ତାଙ୍କ ପତ୍ନୀଙ୍କ ହାତରେ ପ୍ରସ୍ତୁତ କିଛି ଖୁଦଭଜା ନେଇ ସୁଦାମା ଯେତେବେଳେ ଶ୍ରୀକୃଷ୍ଣଙ୍କୁ ଉପହାର ଦେବା ପାଇଁ ଗଲେ ଭଗବାନ ଅତ୍ୟନ୍ତ ପ୍ରସନ୍ନ ହୋଇ ତାଙ୍କୁ ସୁବର୍ଣ୍ଣ ନଗରୀ ଉପହାର ଦେଲେ । ଯିଏ ଭଗବାନଙ୍କୁ ଅର୍ପଣ ନକରି ଏକାନ୍ତରେ ଭୋଜନ ଗ୍ରହଣ କରେ, ସିଏ

ଏହିକଥା ସର୍ବଦା ସ୍ମରଣ ରଖିବା ଉଚିତ । ଶ୍ରୁତି ମଧ୍ୟ ଏହି କଥା କହେ ଯେ ଈଶ୍ୱରଙ୍କୁ ପ୍ରଥମେ ଅର୍ପଣ କରି ଉଚ୍ଛିଷ୍ଟ ହେବା ପରେ ଭୋଜନ ଗ୍ରହଣ କରିବା ଉଚିତ । ବାବା ବଡ଼ କୌତୂହଳପୂର୍ଣ୍ଣ ଉପାୟରେ ଏହି ଶିକ୍ଷା ପ୍ରଦାନ କଲେ ।

## ।। ବାବାଙ୍କ ହାସ୍ୟ ବିନୋଦ ।।

**ଅଣା ଚିଞ୍ଚଣିକର ଏବଂ ମୌସିବାଈ** : ଏବେ ଶ୍ରୀ ହେମାଡପନ୍ତ ଆଉ ଏକ କୌତୂହଳପ୍ରଦ ଘଟଣା ବର୍ଣ୍ଣନା କରିଛନ୍ତି, ଯାହା ପ୍ରଥମେ ହାସ୍ୟରସ ଭଳି ମନେ ହେବ; କିନ୍ତୁ ଜ୍ଞାନର ପ୍ରକୃତ ସାର ଏଥିରେ ନିହିତ ରହିଛି । ଦାମୋଦର ଘନଶ୍ୟାମ ବାବରେ ନାମରେ ଜଣେ ଭକ୍ତ ଥିଲେ । ତାଙ୍କର ଡାକ ନାମ ଅଣା ଚିଞ୍ଚଣିକର । ସେ ସରଳ, ସାହସୀ ଏବଂ ନିର୍ଭୀକ ପ୍ରକୃତିର ବ୍ୟକ୍ତି ଥିଲେ । କାହା ପ୍ରତି ଭୟ ନକରି ରୋକଠୋକ୍ କହୁଥିଲେ ଏବଂ ପରିଣତି ପ୍ରତି ଚିନ୍ତା କରୁନଥିଲେ । ବ୍ୟାବହାରିକ ଦୃଷ୍ଟିରୁ ଯଦିଓ ସେ ରୁକ୍ଷ ଏବଂ ଅସହିଷ୍ଣୁ ପ୍ରତୀତ ହେଉଥିଲେ, କିନ୍ତୁ ଅନ୍ତଃକରଣରେ କପଟହୀନ ଓ ବ୍ୟବହାରକୁଶଳ ଥିଲେ । ଏହି କାରଣରୁ ବାବା ତାଙ୍କୁ ବିଶେଷ ପ୍ରେମ କରୁଥିଲେ । ସମସ୍ତ ଭକ୍ତ ନିଜ ଇଚ୍ଛାନୁସାରେ ବାବାଙ୍କର ଶ୍ରୀଅଂଗ ସେବା କରୁଥିଲେ । ବାବା ତାଙ୍କର ହସ୍ତ କାଠ ରେଲିଂ ଉପରେ ରଖୁଥିଲେ । ରେଲିଂ ଅପରପାର୍ଶ୍ୱରୁ ଜଣେ ବୃଦ୍ଧ ବିଧବା ତାଙ୍କର ସେବା କରୁଥିଲେ । ତାଙ୍କର ନାମ ବେଣୁବାଈ କୌଜଲଗି । ବାବା ତାଙ୍କୁ ମାଁ' ବୋଲି ସମ୍ବୋଧନ କରୁଥିଲେ ତଥା ଅନ୍ୟମାନେ ମାଉସୀବାଈ ଡାକୁଥିଲେ । ସେ ଏକ ଶୁଦ୍ଧ ହୃଦୟର ମହିଳା ଥିଲେ । ଦୁଇହାତ ଆଙ୍ଗୁଳିରେ ଚିପି ସେ ବାବାଙ୍କର ଅଂଗମର୍ଦ୍ଦନ କରୁଥିଲେ । ଯେତେବେଳେ ସେ ତାଙ୍କର ଉଦର ମର୍ଦ୍ଦନ କରୁଥିଲେ, ଏତେ ଜୋରରେ କରୁଥିଲେ ଯେ ପେଟ ଓ ପିଠି ପ୍ରାୟ ଏକାକାର ହୋଇଯାଉଥିଲା । ଏପରି କରିବା ଯୋଗୁ ବାବା ମଧ୍ୟ ଏପଟ ସେପଟ ହୋଇଯାଉଥିଲେ । ସମ୍ପୂର୍ଣ୍ଣ ଧ୍ୟାନ ଓ ଭାବ ସହକାରେ ସେ ଏପରି ସେବା କରୁଥିବାବେଳେ ତାଙ୍କର ମୁହଁ ତଳ ଉପର ହେଉଥିଲା । ଏହି ସମୟରେ ଅନ୍ୟପାର୍ଶ୍ୱରେ ସେବାମଗ୍ନ ଥିବା ଅଣାଙ୍କ ମୁହଁ ପାଖରେ କେତେବେଳେ ତାଙ୍କର ମୁହଁ ଲାଗିଯାଉଥିଲା । ମାଉସୀବାଈ ରସିକ ସ୍ୱଭାବର ହୋଇଥିବା ଯୋଗୁ ପରିହାସପୂର୍ବକ କହିଲେ ଯେ 'ଅଣା ବଡ଼ ଦୁଷ୍ଟ ପ୍ରକୃତିର ବ୍ୟକ୍ତି, ମୋତେ ସେ ଚୁମ୍ବନ କରିବାକୁ ଚାହୁଁଛି । ତା'ର କେଶ ତ ପକ୍ୱ ହୋଇଗଲାଣି କିନ୍ତୁ ସାମାନ୍ୟ ଲଜ୍ଜା ଲାଗୁନାହିଁ । ଏକଥା ଶୁଣି ଅଣା ସ୍ୱାଭାବିକ ଭାବେ କ୍ରୋଧିତ ହୋଇ ପଡ଼ିଲେ । ସେ କହିଲେ 'ତୁମେ କହୁଛ ଯେ ମୁଁ ଜଣେ ବୃଦ୍ଧ ଏବଂ ଖରାପ ବ୍ୟକ୍ତି । ମୁଁ କ'ଣ ମୂର୍ଖ ? ତୁମେ ନିଜେ କଜିଆ ଆରମ୍ଭ କରୁଛ ।' ଉପସ୍ଥିତ ସମସ୍ତ ଭକ୍ତ ଏହାକୁ ବଡ଼ ଆଗ୍ରହରେ ଉପଭୋଗ କରୁଥିଲେ । ବାବାଙ୍କର ତ ଉଭୟଙ୍କ ପ୍ରତି ସ୍ନେହ ଥିଲା, ଏଣୁ କୁଶଳତାର ସହ ସେ ବିବାଦକୁ ତୁଟାଇଦେଲେ । ତାଙ୍କୁ ସ୍ନେହପୂର୍ବକ କହିଲେ 'ଏ ଅଣା, ବୃଥାରେ କାହିଁକି

କଳହ କରୁଛ ? ମାଁ'ଙ୍କୁ ଚୁମ୍ବନ କରିବାରେ ଖରାପ କ'ଣ ? ବାବାଙ୍କର ଉକ୍ତି ଶୁଣି ସମସ୍ତେ ବିସ୍ମିତ ହେଲେ ଏବଂ ଅଣାଙ୍କ କ୍ରୋଧ ଶାନ୍ତ ପଡ଼ିଗଲା । ମାଉସୀବାଈ ମଧ୍ୟ ନୀରବ ହୋଇଗଲେ । ସମସ୍ତ ଭକ୍ତ ବାବାଙ୍କର ଏହି ବିନୋଦ ଭାବର ଆନନ୍ଦ ନେଲେ ।

**ବାବାଙ୍କ ଭକ୍ତ ପରାୟଣତା :** ବାବା ଭକ୍ତମାନଙ୍କୁ ସେମାନଙ୍କର ଇଚ୍ଛା ଅନୁରୂପ ସେବା କରିବାକୁ ଦେଉଥିଲେ ଏବଂ ଏଥିରେ କୌଣସି ହସ୍ତକ୍ଷେପକୁ ବରଦାସ୍ତ କରୁନଥିଲେ । ଅନ୍ୟ ଏକ ଘଟଣାରେ ଦିନେ ମାଉସୀବାଈ ବାବାଙ୍କର ଉଦର ବଳପୂର୍ବକ ମର୍ଦ୍ଦନ କରୁଥିଲେ, ଯାହାକୁ ଦେଖି ଜଣେ ଭକ୍ତ ବ୍ୟସ୍ତ ହୋଇପଡ଼ି ଆସ୍ତେ ଆସ୍ତେ ସେବା କରିବାକୁ ଅନୁରୋଧ କଲେ । ସେ କହିଲେ ଏମିତି କଲେ ବାବାଙ୍କର ଅନ୍ତନଳୀ ଓ ନାଡ଼ି ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯିବ । ତାଙ୍କ ମୁହଁରୁ ଏତିକି କଥା ବାହାରିଛି କି ନାହିଁ ବାବା ତାଙ୍କ ଆସନରୁ ଉଠିପଡ଼ିଲେ ଏବଂ ଜଳନ୍ତା ଅଙ୍ଗାର ସମାନ କ୍ରୋଧାଗ୍ନି ପାଲଟିଗଲେ । ତାଙ୍କୁ ରୋକିବାର ସାହସ କାହାର ଅଛି ? ଦୁଇହାତରେ ସଟ୍‌କାର ଗୋଟିଏ ମୁନକୁ ଧରି ସେ ନାଭିଦେଶରେ ଲଗାଇଲେ ଏବଂ ଆର ମୁନଟି ଭୂମି ଉପରେ ରଖି ପେଟକୁ ଜୋର ଜୋର କରି ଧକ୍କାଦେଲେ । ସଟ୍‌କା ପ୍ରାୟ ଦୁଇ ତିନି ଫୁଟ ଲମ୍ବା ଥିଲା । ଯେପରି ବାବା ଧକ୍କା ଦେଉଥିଲେ, ପ୍ରତୀତ ହେଲା ଯେ ସଟ୍‌କା ନାଭିରେ ଛିଦ୍ର କରି ପଶିଯିବ । ଦେଖଣାହାରୀମାନେ ପେଟ ଫାଟିଯିବ କି କ'ଣ ଭାବି ଭୟଭୀତ ହୋଇପଡ଼ିଲେ । ବାବା ତାଙ୍କ ସ୍ଥାନରେ ଦୃଢ଼ତାର ସହ ରହି ଭୂମି ସହ ମିଶିଯାଉଥିଲେ ଏବଂ ପ୍ରତି ମୁହୂର୍ତ୍ତରେ ପେଟ ଫାଟିବାର ଆଶଙ୍କା ସୃଷ୍ଟି ହେଉଥିଲା । ସମସ୍ତେ କିଂକର୍ତ୍ତବ୍ୟବିମୂଢ଼ ହୋଇପଡୁଥିଲେ । ଆଶ୍ଚର୍ଯ୍ୟଚକିତ ଓ ଭୟଭୀତ ହୋଇ ସେମାନେ ମୂକ ସମାନ ଛିଡ଼ା ହୋଇଥିଲେ । ପ୍ରକୃତରେ ଭକ୍ତଜଣଙ୍କର ଏତିକି ମାତ୍ର ଇଚ୍ଛା ଥିଲା ଯେ ବାବାଙ୍କୁ କଷ୍ଟ ନହେଲା ଭଳି ହାଲକା ଭାବରେ ତାଙ୍କର ସେବା କରାଯାଉ । ବାବା କଷ୍ଟ ପାଆନ୍ତୁ, ଏହି ଇଚ୍ଛା କାହାର ନଥିଲା । ଭକ୍ତମାନେ ତ ସଦ୍‌ଭାବନା ରଖି ଏହି କଥା କହିଥିଲେ । କିନ୍ତୁ ବାବା ତାଙ୍କ କାର୍ଯ୍ୟରେ କିଞ୍ଚିତମାତ୍ର କାହାର ହସ୍ତକ୍ଷେପ ଚାହୁଁନଥିଲେ । ଭକ୍ତମାନଙ୍କ ମନରେ ଆଶ୍ଚର୍ଯ୍ୟ ଜାତ ହେଲା ଯେ ଭଲ ଉଦ୍ଦେଶ୍ୟରେ ସେମାନେ ଯେଉଁ କଥା କହିଥିଲେ ତା'ର ପରିଣତି ଏପରି ହେଲା କାହିଁକି ଏବଂ ସେମାନେ କେବଳ ନୀରବ ଦର୍ଶକ ରହିବା ଛଡ଼ା ଆଉ କିଛି କରିପାରିଲେ ନାହିଁ । ଭାଗ୍ୟବଶତଃ ବାବାଙ୍କର କ୍ରୋଧ ଶାନ୍ତ ହେଲା ଏବଂ ସଟ୍‌କା ଛାଡ଼ି ସେ ପୁଣି ନିଜ ଆସନ ଉପରେ ବିରାଜମାନ କଲେ । ଏହି ଘଟଣାରୁ ଭକ୍ତମାନେ ଶିକ୍ଷା ଗ୍ରହଣ କଲେ ଯେ ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରିବେ ନାହିଁ ଏବଂ ସମସ୍ତଙ୍କୁ ସେମାନଙ୍କ ଇଚ୍ଛାନୁସାରେ ବାବାଙ୍କ ସେବା କରିବାକୁ ଦେବେ । କେବଳ ବାବା ହିଁ ସେବାର ମୂଲ୍ୟ କଳିବାକୁ ସମର୍ଥ ଥିଲେ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।। ପଞ୍ଚବିଂଶ ଅଧ୍ୟାୟ ।।

### ଦାମୁ ଅଣା କାସାର ଏବଂ ତାଙ୍କର ବ୍ୟବସାୟ । ଆମ୍ର ଲୀଳା ଓ ପ୍ରାର୍ଥନା

**ପ୍ରାକ୍‌କଥନ :** ଯିଏ ଉଦ୍ଦେଶ୍ୟରହିତ ଭାବରେ ସମସ୍ତଙ୍କ ପ୍ରତି ଦୟା କରନ୍ତି ତଥା ସମସ୍ତ ପ୍ରାଣୀଙ୍କ ଜୀବନର ଆଶ୍ରୟଦାତା ଅଟନ୍ତି, ଯିଏ ପରଂବ୍ରହ୍ମଙ୍କର ପୂର୍ଣ୍ଣ ଅବତାର ଅଟନ୍ତି, ଏପରି ଅହେତୁକ ଦୟାସିନ୍ଧୁ ଏବଂ ମହାନ୍ ଯୋଗୀରାଜଙ୍କର ଚରଣରେ ସାଷ୍ଟାଙ୍ଗ ପ୍ରଣାମ କରି ଆମେ ଏବେ ଏହି ଅଧ୍ୟାୟ ଆରମ୍ଭ କରିବା ।

ଶ୍ରୀ ସାଇଙ୍କର ଜୟ ହେଉ । ସେ ସନ୍ଥ ଚୂଡ଼ାମଣି, ସମସ୍ତ ଶୁଭ କାର୍ଯ୍ୟର ଉଦ୍‌ଗମସ୍ଥଳ ବା ଆଧାର ଏବଂ ଆମର ଆତ୍ମାରାମ ତଥା ଭକ୍ତମାନଙ୍କର ଅଭୟ ଆଶ୍ରୟଦାତା ଅଟନ୍ତି । ଆମେ ସେହି ସାଇନାଥଙ୍କର ଚରଣ ବନ୍ଦନା କରୁଛୁ, ଯିଏ ତାଙ୍କର ଜୀବନର ଅନ୍ତିମ ଲକ୍ଷ୍ୟ ହାସଲ କରିସାରିଛନ୍ତି ।

ଶ୍ରୀ ସାଇବାବା ଅନିର୍ବଚନୀୟ ପ୍ରେମସ୍ୱରୂପ ଅଟନ୍ତି । ଆମେ ତ କେବଳ ତାଙ୍କର ଚରଣକମଳରେ ଦୃଢ଼ ଭକ୍ତି ରଖିବା ଉଚିତ । ଯେତେବେଳେ ଭକ୍ତର ବିଶ୍ୱାସ ଦୃଢ଼ ଏବଂ ଭକ୍ତି ପରିପକ୍ୱ ହୋଇଯିବ ତାହାର ମନୋରଥ ଶୀଘ୍ର ସଫଳ ହେବ । ଯେତେବେଳେ ହେମାଡପନ୍ତଙ୍କ ମନରେ ସାଇଚରିତ ତଥା ସାଇଲୀଳାଗୁଡ଼ିକର ରଚନା କରିବା ପାଇଁ ତୀବ୍ର ଉତ୍କଣ୍ଠା ଜାତହେଲା, ବାବା ତୁରନ୍ତ ତାହାକୁ ପୂର୍ଣ୍ଣ କଲେ । ଯେତେବେଳେ ତାଙ୍କୁ ସ୍ମୃତିପତ୍ର ଇତ୍ୟାଦି ରଖିବାକୁ ଆଦେଶ ମିଳିଲା, ହେମାଡପନ୍ତଙ୍କର ସ୍ଫୂର୍ତ୍ତି, ବୁଦ୍ଧିମତ୍ତା, ଶକ୍ତି ତଥା କାର୍ଯ୍ୟ କରିବାର କ୍ଷମତା ସ୍ୱୟଂ ଆସିଗଲା । ସେ କହନ୍ତି କି ମୁଁ ଏହି କାର୍ଯ୍ୟ ନିମନ୍ତେ ସର୍ବଦା ଅଯୋଗ୍ୟ ହୋଇଥିବା ସତ୍ତ୍ୱେ ଶ୍ରୀ ସାଇଙ୍କର ଶୁଭାଶୀର୍ବାଦ ଦ୍ୱାରା ଏହି କଠିନ କାର୍ଯ୍ୟକୁ ପୂର୍ଣ୍ଣ କରିବାରେ ସମର୍ଥ ହୋଇପାରିଲି । ଫଳସ୍ୱରୂପ ଏହି ପବିତ୍ର ଗ୍ରନ୍ଥ 'ଶ୍ରୀ ସାଇ ସତ୍‌ଚରିତ' ଆପଣମାନଙ୍କୁ ଉପଲବ୍ଧ ହୋଇପାରିଲା, ଯାହା ଏକ ନିର୍ମଳ ସ୍ତୋତ୍ର ବା ଚନ୍ଦ୍ରକାନ୍ତମଣି ସଦୃଶ ଅଟେ । ଏଥିରୁ ନିର୍ଝର ହେଉଥିବା ସାଇ-ଲୀଳାରୂପୀ ଅମୃତକୁ ଏବେ ପାଠକମାନେ ସର୍ବଦା ମନଭରି ପାନ କରିପାରିବେ ।

ଯେତେବେଳ ଭକ୍ତ ପୂର୍ଣ୍ଣ ଅନ୍ତଃକରଣରେ ଶ୍ରୀ ସାଇବାବାଙ୍କୁ ଭକ୍ତି କରିବାକୁ ଲାଗେ ବାବା ତାହାର ସମସ୍ତ କଷ୍ଟ ଏବଂ ଦୁର୍ଭାଗ୍ୟକୁ ଦୂର କରି ସ୍ୱୟଂ ତା'ର ରକ୍ଷା କରନ୍ତି । ଅହମ୍ମଦନଗରର ଦାମୋଦର ସାବଁଲରାମ ରାସନେ କାସାରଙ୍କର ଦୃଷ୍ଟାନ୍ତ ଉପରୋକ୍ତ ଉକ୍ତିର ପ୍ରମାଣ ଦିଏ ।

**ଦାମୁ ଅଣା :** ପାଠକମାନଙ୍କର ସ୍ମରଣ ଥିବ ଯେ ଏହି ମହାଶୟଙ୍କର ପ୍ରସଙ୍ଗ ଷଷ୍ଠ ଅଧ୍ୟାୟରେ ଶିରିଡ଼ିରେ ରାମନବମୀ ଉତ୍ସବ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି । ସେ ପ୍ରାୟ ୧୮୯୫ ମସିହାରେ ଶିରିଡ଼ି ଆସିଥିଲେ । ଏହି ସମୟରେ ରାମନବମୀ ଉତ୍ସବ

ପ୍ରାରମ୍ଭ ହେଉଥିଲା । ସେହି ସମୟରୁ ସେ ଏକ ସୁନ୍ଦର ଜରି ପତାକା ଭେଟି ଦେଉଥିଲେ ତଥା ଗରିବ ଭିକ୍ଷୁକମାନଙ୍କୁ ଭୋଜନ କରାଉଥିଲେ ।

**ଦାମୁ ଅଣାଙ୍କ କପା ବ୍ୟବସାୟ :** ଦାମୁ ଅଣାଙ୍କର ଜଣେ ବନ୍ଧୁ ତାଙ୍କ ସହିତ ମିଶି କପା ବ୍ୟବସାୟ କରିବାକୁ ଆଗ୍ରହ ପ୍ରକାଶକରି ମୁମ୍ବଇରୁ ଏକ ପତ୍ର ପଠାଇଥିଲେ । ସେ ଲେଖିଥିଲେ ଯେ ଏଥିରୁ ପ୍ରାୟ ଦୁଇଲକ୍ଷ ଟଙ୍କା ଲାଭ ମିଳିବାର ଆଶା ଅଛି । ୧୯୩୬ ମସିହାରେ ନରସିଂହ ସ୍ୱାମୀଙ୍କୁ ପ୍ରଦତ୍ତ ବକ୍ତବ୍ୟରେ ଦାମୁ ଅଣା କହିଥିଲେ ଯେ ତୁଳା ବ୍ୟବସାୟ ପ୍ରସ୍ତାବ ମୁମ୍ବଇର ଜଣେ ଦଲାଲ ତାଙ୍କୁ ଦେଇଥିଲେ, ଯିଏ କି ଅଂଶୀଦାର ସ୍ୱତ୍ୱରୁ ଓହରିଯାଇ ମୋ ଉପରେ ସମସ୍ତ ଭାର ଅର୍ପଣ କରିଥାନ୍ତେ । (ଭକ୍ତମାନଙ୍କର ଅନୁଭବ ଭାଗ ୧୧, ପୃଷ୍ଠା ୭୫) ଦଲାଲଜଣକ ଲେଖିଥିଲେ ଯେ ଏହି ବ୍ୟବସାୟ ବହୁତ ଭଲ ଏବଂ କ୍ଷତିର କୌଣସି ଆଶଙ୍କା ନାହିଁ । ଏପରି ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିବା ଉଚିତ ନୁହେଁ । ଦାମୁ ଅଣାଙ୍କ ମନରେ ନାନା ଇଚ୍ଛା ଅନିଚ୍ଛାର ଦ୍ୱନ୍ଦ୍ୱ ସୃଷ୍ଟି ହେଉଥିଲା, ତେଣୁ ନିଜେ କୌଣସି ନିଷ୍ପତ୍ତି ନେଇପାରୁନଥିଲେ । ବାବାଙ୍କର ଭକ୍ତ ହୋଇଥିବା ଯୋଗୁ ସବୁକଥା ଏକ ପତ୍ରରେ ଲେଖି ବାବାଙ୍କ ପରାମର୍ଶ ଭିକ୍ଷା କରି ପତ୍ରଟି ଶ୍ୟାମାଙ୍କ ପାଖକୁ ପଠାଇଲେ ।

ପରଦିନ ଶ୍ୟାମା ପତ୍ରଟି ପାଇଲେ ଏବଂ ମଧ୍ୟାହ୍ନ ସମୟରେ ମସଜିଦ୍‌କୁ ଯାଇ ବାବାଙ୍କ ସମ୍ମୁଖରେ ତାକୁ ରଖିଲେ । ପତ୍ର ବିଷୟରେ ବାବା ଶ୍ୟାମାଙ୍କୁ ପ୍ରଶ୍ନକଲେ । ଶ୍ୟାମା କହିଲେ 'ଅହମ୍ମଦନଗରର ଦାମୁ ଅଣା କସାର ଏକ ବ୍ୟବସାୟ ସଂକ୍ରାନ୍ତ ପ୍ରସଙ୍ଗରେ ଆପଣଙ୍କର ପରାମର୍ଶ ଲୋଡ଼ିଛନ୍ତି । ବାବା ପଚାରିଲେ 'ସେ କ'ଣ ଲେଖିଛି ଏବଂ କି ଯୋଜନା କରିଛି ? ମୋତେ ତ ଲାଗୁଛି ସେ ଆକାଶ ଛୁଇଁବାକୁ ଚାହୁଁଛି । ତାକୁ ଭଗବାନଙ୍କ କୃପାରୁ ଯେତିକି ମିଳିଛି, ସେତିକିରେ ସନ୍ତୁଷ୍ଟ ରହିବା ଉଚିତ । ହଉ, ପତ୍ର ପଢ଼ି ଶୁଣାଅ । ଶ୍ୟାମା କହିଲେ, 'ଆପଣ ଏବେ ଯାହା କହିଲେ, ତାହା ହିଁ ପତ୍ରରେ ଲେଖାହୋଇଛି । ହେ ଦେବା ! ଆପଣ ଏଠାରେ ଶାନ୍ତ ଓ ସ୍ଥିର ଭାବରେ ବସି ମଧ୍ୟ ଭକ୍ତମାନଙ୍କର ଉଦ୍‌ବେଗ ବଢ଼ାଇଦିଅନ୍ତି ଏବଂ ଯେତେବେଳେ ସେମାନେ ଅଶାନ୍ତ ହୋଇପଡ଼ନ୍ତି, ଆପଣ ସେମାନଙ୍କୁ ଆକର୍ଷିତ କରି କାହାକୁ ପ୍ରତ୍ୟକ୍ଷ ବା କାହାକୁ ପତ୍ର ଦ୍ୱାରା ଏଠାକୁ ଟାଣିଆଣନ୍ତି । ଯେତେବେଳେ ଆପଣଙ୍କୁ ପତ୍ରର ସାରାଂଶ ଜଣାଅଛି, ମୋତେ ପୁଣି ପଢ଼ିବା ପାଇଁ ବିବଶ କରୁଛନ୍ତି କାହିଁକି ? ବାବା କହିଲେ 'ଶ୍ୟାମା, ତୁମେ ପତ୍ର ପଢ଼ । ମୁଁ ତ ଏଣୁତେଣୁ ଗପେ । ମୋ କଥା କିଏ ବିଶ୍ୱାସ କରୁଛି ?' ଶ୍ୟାମା ପତ୍ର ପଢ଼ିଲେ ଏବଂ ବାବା ତାକୁ ଧ୍ୟାନସହକାରେ ଶୁଣିବା ପରେ ବିଷଣ୍ଣଭାବ ପ୍ରକାଶ କରି କହିଲେ 'ମୋତେ ଲାଗୁଛି ସେଠ(ଦାମୁ ଅଣା)ପାଗଳ ହୋଇଗଲା । ତାକୁ ଲେଖିଦିଅ କି ତା' ଘରେ କୌଣସି ଜିନିଷର ଅଭାବ ନାହିଁ । ଖଣ୍ଡେ ରୁଟିରେ ସନ୍ତୁଷ୍ଟ ହୋଇ ଲକ୍ଷ ଚକ୍କରରୁ ସେ ଦୂରରେ ରହିବା ଉଚିତ । ଶ୍ୟାମା ଉତ୍ତର ଲେଖି ପଠାଇଲେ । ଦାମୁ ଅଣା

ବଡ଼ ଉତ୍ସୁକତାର ସହ ପତ୍ରକୁ ଅପେକ୍ଷା କରି ରହିଥିଲେ । ମାତ୍ର ପତ୍ର ପଢ଼ିବା ପରେ ଲକ୍ଷେ ଟଙ୍କା ରୋଜଗାର କରିବାର ତାଙ୍କର ଆଶା ପାଣି ଫୋଟକା ପରି ମିଳେଇଗଲା । ସେ ଭାବିଲେ, ବାବାଙ୍କ ପରାମର୍ଶ ଲୋଡ଼ି ଭୁଲ୍ କରିଛନ୍ତି । ତେବେ ଶ୍ୟାମା ପତ୍ରରେ ଆହୁରି ଲେଖିଥିଲେ 'ଦେଖିବା ଓ ଶୁଣିବା ଭିତରେ ଫରକ ଅଛି । ଏଣୁ ଶିରିଡ଼ି ଆସି ନିଜେ ବାବାଙ୍କଠାରୁ ଆଦେଶ ନେବା ଭଲ ହେବ । ତାପରେ ଦାମୁ ଶିରିଡ଼ି ଆସିଲେ । ବାବାଙ୍କର ଦର୍ଶନ ଏବଂ ତାଙ୍କର ପଦସେବା କଲେ; କିନ୍ତୁ ବାବାଙ୍କ ସମ୍ମୁଖରେ ବ୍ୟବସାୟ କଥା ଆଲୋଚନା କରିବାକୁ ସାହସ କରିପାରିଲେ ନାହିଁ । ସେ ମାନସିକ ସଂକଳ୍ପ କଲେ ଯେ ଯଦି ବାବା କୃପା କରନ୍ତି ତାହେଲେ ଲାଭାଂଶରୁ କିଛି ତାଙ୍କୁ ଅର୍ପଣ କରିବେ। ଯଦିଓ ବଡ଼ ଗୁପ୍ତରେ ଏବଂ ମନ ଭିତରେ ସେ ଏହି ବିଚାର ରଖିଥିଲେ, ତ୍ରିକାଳଦର୍ଶୀ ବାବାଙ୍କ ଆଗରେ ତାହା କ'ଣ ଲୁଚିପାରିଥାନ୍ତା ? ବାଳକ ତ ମିଠେଇ ମାଗେ, କିନ୍ତୁ ମାଁ ତାକୁ ପିତା ଔଷଧ ଦିଏ । କାରଣ ମିଠା ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ । ତେଣୁ ସେ ପିଲାକୁ ବୁଝେଇ ଶୁଝେଇ ପିତା ଔଷଧ ଖୁଆଇଦିଏ । ବାବା ଜଣେ ଦୟାଳୁ ମାତା ସଦୃଶ ଥିଲେ । ସେ ତାଙ୍କର ଭକ୍ତମାନଙ୍କର ବର୍ତ୍ତମାନ ଓ ଭବିଷ୍ୟତ କଥା ଜାଣିଥିଲେ । ଦାମୁ ଅଣାର ମନ କଥା ଜାଣିପାରି ସେ କହିଲେ 'ବାପୁ ! ମୁଁ ନିଜକୁ ଏ ସଂସାରର ଜଞ୍ଜାଳ ଭିତରେ ଭର୍ତ୍ତି କରିବାକୁ ଚାହୁଁନାହିଁ ।' ବାବାଙ୍କର ଅସ୍ୱୀକୃତି ଜାଣି ଦାମୁ ଏହି ଯୋଜନାରୁ ଓହରିଗଲେ ।

**ଶସ୍ୟ ବ୍ୟବସାୟ :** ଏହାପରେ ସେ ଚାଉଳ,ଗହମ ଇତ୍ୟାଦି ବ୍ୟବସାୟ ଆରମ୍ଭ କରିବା କଥା ବିଚାର କଲେ । ବାବା ତାହା ମଧ୍ୟ ଜାଣିନେଇ ତାଙ୍କୁ କହିଲେ କି 'ତୁମେ ଟଙ୍କାରେ ୫ ସେର କିଣିବ ଓ ୭ ସେର ବିକିବ ।  ଫଳରେ ତାଙ୍କୁ ଏହି ବ୍ୟବସାୟ ଯୋଜନା ମଧ୍ୟ ଛାଡ଼ିବାକୁ ହେଲା । କିଛି ଦିନ ପର୍ଯ୍ୟନ୍ତ ଶସ୍ୟ ଦର ବଢ଼ିବାରେ ଲାଗିଲା ଏବଂ ଲାଗିଲା କି ବାବାଙ୍କର ଭବିଷ୍ୟତବାଣୀ ସତ ହେବ ନାହିଁ । କିନ୍ତୁ ମାସେ ଦୁଇମାସ ପରେ ସବୁଆଡ଼େ ବର୍ଷା ହେଲା, ଯାହାର ଫଳସ୍ୱରୂପ ଦର ଅଚାନକ କମିଗଲା ଏବଂ ଯେଉଁମାନେ ଶସ୍ୟ ସଂଗ୍ରହ କରିଥିଲେ, ସେମାନଙ୍କୁ ଯଥେଷ୍ଟ କ୍ଷତି ସହିବାକୁ ପଡ଼ିଲା । ତେବେ ଦାମୁ ଅଣା ଏହି ବିପତ୍ତିରୁ ବର୍ତ୍ତିଗଲେ । ଏହା ଉଲ୍ଲେଖ କରିବା ସମୀଚୀନ ହେବ ଯେ ତୁଳା ବ୍ୟବସାୟ ଯାହା କି ସେହି ଦଲାଲ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ମିଶି କରିଥିଲେ, ସେଥିରେ ସେମାନଙ୍କର ପ୍ରଚୁର କ୍ଷତି ହେଲା । ବାବା ଦାମୁଙ୍କୁ ବଡ଼ ବିପତ୍ତିରୁ ଉଦ୍ଧାର କରିଦେଲେ । ଏହା ଦେଖି ଦାମୁ ଅଣାଙ୍କର ସାଇଚରଣରେ ବିଶ୍ୱାସ ଦୃଢ଼ ହୋଇଗଲା ଏବଂ ଜୀବନ ପର୍ଯ୍ୟନ୍ତ ସେ ବାବାଙ୍କର ନିଷ୍ପାପର ଭକ୍ତ ହୋଇ ରହିଲେ ।

**ଆମ୍ରଲୀଳା :** ଥରେ ଗୋଆର ଜଣେ ମାମଲତଦାର ରାଲେ ପ୍ରାୟ ୩୦୦ଟି ଆମ୍ବର ଏକ ଝୁଡ଼ି ଶ୍ୟାମାଙ୍କ ନାମରେ ଶିରିଡ଼ି ପଠାଇଲେ । ପାର୍ସଲ ଖୋଲିବାରୁ ପ୍ରାୟ

ସମସ୍ତ ଆମ୍ବ ଭଲ ବାହାରିଲା । ଭକ୍ତମାନଙ୍କ ମଧ୍ୟରେ ଏହାକୁ ବାଣ୍ଟିବାର କାର୍ଯ୍ୟ ଶ୍ୟାମାଙ୍କ ଉପରେ ନ୍ୟସ୍ତ କରାଗଲା । ସେଥିରୁ ବାବା ଚାରୋଟି ଆମ୍ବ ଦାମୁ ଅଣାଙ୍କ ପାଇଁ ଅଲଗା କାଢ଼ି ରଖିଦେଲେ । ଦାମୁ ଅଣାଙ୍କର ତିନିଜଣ ସ୍ତ୍ରୀ ଥିଲେ । କିନ୍ତୁ ସେ ତାଙ୍କର କେବଳ ଦୁଇଟି ସ୍ତ୍ରୀ ଅଛନ୍ତି ବୋଲି କହୁଥିଲେ । ତାଙ୍କର କୌଣସି ସନ୍ତାନ ନଥିଲେ, ତେଣୁ ସେ ଅନେକ ଜ୍ୟୋତିଷଙ୍କର ଆଶ୍ରୟ ନେଲେ ତଥା ନିଜେ ମଧ୍ୟ ବହୁ ଜ୍ୟୋତିଷ ଗ୍ରନ୍ଥ ପଢ଼ାପଢ଼ି କରି ଜ୍ୟୋତିଷଶାସ୍ତ୍ରରେ କିଛିଟା ଜ୍ଞାନ ଅର୍ଜନ କରିଥିଲେ ।

ଏଥିରୁ ସେ ଜାଣିପାରିଥିଲେ ଯେ ତାଙ୍କର ଜନ୍ମକୁଣ୍ଡଳୀରେ ଗୋଟିଏ ପାପଗ୍ରହ ଥିବାରୁ ଏହି ଜୀବନରେ ସନ୍ତାନ ସୁଖ ଦେଖିବା ତାଙ୍କ ଭାଗ୍ୟରେ ନାହିଁ; କିନ୍ତୁ ବାବାଙ୍କ ପ୍ରତି ତାଙ୍କ ମନରେ ଅଟଳ ଶ୍ରଦ୍ଧା ଥିଲା । ପାର୍ସଲ ପହଞ୍ଚିବାର ଦୁଇଘଣ୍ଟା ପରେ ସେ ପୂଜା ପାଇଁ ମସଜିଦ୍‌କୁ ଆସିଲେ । ତାଙ୍କୁ ଦେଖି ବାବା କହିଲେ କି ଲୋକମାନେ ଆମ୍ବ ପାଇଁ ଘୂରିବୁଲୁଛନ୍ତି, ହେଲେ ଏହି ଦୁଇଟି ଦାମୁର । ଯାହାର ତାହା ତାକୁ ଖାଇବାକୁ ଦିଅ ଏବଂ ମରିବାକୁ ଦିଅ । ଏହି କଥା ଶୁଣି ଦାମୁଙ୍କ ହୃଦୟରେ ଯେପରି ବଜ୍ରାଘାତ ହେଲା । ତେବେ ମହଲସାପତି ତାଙ୍କୁ ବୁଝାଇଲେ କି ଏହି ମୃତ୍ୟୁ ଶବ୍ଦର ଅର୍ଥ ଅହଂକାରର ବିନାଶ ଏବଂ ବାବାଙ୍କ ଚରଣ କୃପାରୁ ତ ତାହା ଆଶୀର୍ବାଦସ୍ୱରୂପ ଅଟେ । ଏହାପରେ ସେ ଆମ୍ବ ଖାଇବାକୁ ପ୍ରସ୍ତୁତ ହୋଇଗଲେ । ବାବା କହିଲେ 'ତାହା ତୁମ ପାଇଁ ନୁହେଁ, ତୁମର ସାନ ସ୍ତ୍ରୀକୁ ଦିଅ । ଏହି ଆମ୍ବର ପ୍ରଭାବରୁ ତାର ଚାରି ପୁତ୍ର ଏବଂ ଚାରି କନ୍ୟା ଜାତ ହେବେ ।' ବାବାଙ୍କ କଥା ଶିରୋଧାର୍ଯ୍ୟ ମନେ କରି ସେ ଆମ୍ବ ନେଇ ସାନ ପତ୍ନୀକୁ ଦେଲେ । ଧନ୍ୟ ଶ୍ରୀ ସାଇବାବାଙ୍କର ଲୀଳା, ଯିଏ ଭାଗ୍ୟଚକ୍ରକୁ ବଦଳାଇ ଦେଇ ତାଙ୍କୁ ସନ୍ତାନ ସୁଖ ପ୍ରଦାନ କଲେ । ବାବାଙ୍କର ବଚନ ସତ୍ୟ ପ୍ରମାଣିତ ହେଲା, ଜ୍ୟୋତିଷଙ୍କର ନୁହେଁ ।

ବାବା ସଶରୀରରେ ଥିବା ସମୟରେ ତାଙ୍କ ବଚନର ସାର୍ଥକତା ଓ ମହିମା ପ୍ରତିପାଦିତ ହେଉଥିଲା;  କିନ୍ତୁ ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେ ତାଙ୍କର ମହାସମାଧି ପରେ ମଧ୍ୟ ତାଙ୍କର ପ୍ରଭାବ ପୂର୍ବବତ୍ ରହିଛି । ବାବା କହିଥିଲେ କି **'ମୋ ଉପରେ ପୂର୍ଣ୍ଣ ବିଶ୍ୱାସ ରଖ । ଯଦିଓ ମୁଁ ଦେହତ୍ୟାଗ କରିଦେବି; କିନ୍ତୁ ମୋର ଅସ୍ଥି ଆଶା ଓ ବିଶ୍ୱାସ ସଂଚାର କରି ଚାଲିଥିବ । କେବଳ ମୁଁ ନୁହେଁ, ମୋର ସମାଧି ମଧ୍ୟ ବାର୍ତ୍ତାଳାପ କରିବ, ଚଳପ୍ରଚଳ କରିବ ଏବଂ ଯେଉଁମାନେ ଅନନ୍ୟ ଭାବରେ ମୋର ଶରଣାଗତ ହେବେ ସେମାନଙ୍କ ମଧ୍ୟରେ ଆଶାର ସନ୍ଦେଶ ପହଞ୍ଚାଉଥିବ । ମୁଁ ତୁମଠାରୁ ବିଦାୟ ନେଇଯାଉଛି ଭାବି ନିରାଶ ହୁଅନାହିଁ । ତୁମେ ମୋର ଅସ୍ଥିକୁ ସର୍ବଦା ଭକ୍ତମାନଙ୍କର କଲ୍ୟାଣ ନିମିତ୍ତ ଚିନ୍ତିତ ଥିବା ଦେଖିବାକୁ ପାଇବ । ଯଦି ମୋର ନିରନ୍ତର ସ୍ମରଣ ଏବଂ ମୋ ଉପରେ ଦୃଢ଼ ବିଶ୍ୱାସ ରଖିବ ତାହେଲେ ତୁମେ ସର୍ବାଦୌ ଉପକୃତ ହେବ ।'**

**ପ୍ରାର୍ଥନା :** ଶେଷରେ ଏକ ପ୍ରାର୍ଥନା କରି ହେମାଡପନ୍ତ ଏହି ଅଧ୍ୟାୟ ସମାପ୍ତ କରୁଛନ୍ତି ।

'ହେ ସଦ୍‌ଗୁରୁ ସାଇ ! ଆପଣଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା ଯେ ଆପଣଙ୍କର ଅଭୟ ଚରଣ କଦାପି ଆମର ମାନସପଟରୁ ବିସ୍ମୃତ ନହେଉ । ଆପଣଙ୍କର ଶ୍ରୀପୟର କେବେ ବି ଆମର ଦୃଷ୍ଟି ପଥରୁ ବିଚ୍ୟୁତ ନହେଉ । ଜନ୍ମ ମୃତ୍ୟୁ ଚକ୍ରର ଏହି ସଂସାରରେ ଆମେ ଦୁଃଖରେ ଜର୍ଜରିତ ହେଉଛୁ । ଏବେ ଦୟା କରି ଆମକୁ ଏଥିରୁ ଉଦ୍ଧାର କରନ୍ତୁ । ଆମର ଇନ୍ଦ୍ରିୟ, ଯାହାକି ବିଷୟ ପଦାର୍ଥ ପ୍ରତି ସର୍ବଦା ଆକର୍ଷିତ ହେଉଛି, ତାକୁ ଅନ୍ତର୍ମୁଖୀ କରି ଆମକୁ ଆତ୍ମଦର୍ଶନର ଯୋଗ୍ୟ କରାନ୍ତୁ । ଯେ ପର୍ଯ୍ୟନ୍ତ ଇନ୍ଦ୍ରିୟସମୂହର ବହିର୍ମୁଖୀ ପ୍ରବୃତ୍ତି ଏବଂ ଚଞ୍ଚଳ ମନ ଉପରେ ନିୟନ୍ତ୍ରଣ ଆସିନାହିଁ, ସେ ପର୍ଯ୍ୟନ୍ତ ଆତ୍ମସାକ୍ଷାତକାରର କୌଣସି ଆଶା ନାହିଁ । ଆମର ପୁତ୍ର ବା ମିତ୍ର କିଏ ବି ଶେଷରେ ଉପକାରରେ ଆସିବେ ନାହିଁ । ହେ ସାଇ ! ଆମର ଏକମାତ୍ର ଆଶ୍ରା ଆପଣ, ଯିଏ ଆମକୁ ମୋକ୍ଷ ଏବଂ ଆନନ୍ଦ ପ୍ରଦାନ କରିବେ । ହେ ପ୍ରଭୁ ! ଆମର ତର୍କପ୍ରବଣତା ତଥା ଅନ୍ୟ କୁପ୍ରବୃତ୍ତିଗୁଡ଼ିକୁ ନଷ୍ଟ କରିଦିଅନ୍ତୁ । ଆମର ଜିହ୍ୱା ସର୍ବଦା ଆପଣଙ୍କ ନାମସ୍ମରଣର ରସାସ୍ୱାଦ କରୁ । ହେ ସାଇ ! ଆମର ଭଲ ଏବଂ ମନ୍ଦ ସମସ୍ତ ପ୍ରକାର ବିଚାରଗୁଡ଼ିକୁ ନଷ୍ଟ କରିଦିଅନ୍ତୁ । ପ୍ରଭୁ ! ଏପରି କିଛି କରିଦିଅନ୍ତୁ, ଯଦ୍ୱାରା ଶରୀର ଏବଂ ଗୃହରେ ଆମର ଆସକ୍ତି ରହିବ ନାହିଁ । ଆମର ଅହଂକାର ନିର୍ମୂଳ ହୋଇଯିବ ଏବଂ କେବଳ ଆପଣଙ୍କ ନାମ ସ୍ମରଣ ରହିଥିବ ତଥା ଅନ୍ୟ ସମସ୍ତ କଥା ବିସ୍ମୃତ ହୋଇଯିବ । ଆମ ମନର ଅଶାନ୍ତିକୁ ଦୂର କରି ତାହାକୁ ସ୍ଥିର ଏବଂ ଶାନ୍ତ କରିଦିଅନ୍ତୁ । ହେ ସାଇ, ଆପଣଙ୍କର ଥରେମାତ୍ର ଆଲିଙ୍ଗନ ଦ୍ୱାରା ଆମ ଭିତରେ ଥିବା ଅଜ୍ଞାନରୂପକ ଅନ୍ଧକାରର ଆବରଣ ହଟିଯିବ ଏବଂ ଆପଣଙ୍କର ଜ୍ଞାନାକାଶରେ ଆମେ ସୁଖପୂର୍ବକ ବିଚରଣ କରିବୁ । ଆପଣଙ୍କର ଏହି ଯେଉଁ ଲୀଳାମୃତ ପାନ କରିବାର ସୌଭାଗ୍ୟ ଆମର ହେଲା ତଥା ଯାହା ଆମକୁ ଅଖଣ୍ଡ ନିଦ୍ରାରୁ ଜାଗ୍ରତ କରିଦେଲା, ଏହା ଆପଣଙ୍କର ହିଁ ଅସୀମ କୃପା ଏବଂ ଆମର ଗତ ଜନ୍ମର ଶୁଭକର୍ମର ଫଳ ଅଟେ ।


**ବିଶେଷ ଦ୍ରଷ୍ଟବ୍ୟ :** ଏହି ପ୍ରସଙ୍ଗରେ ଦାମୁ ଅଣାଙ୍କ ମନରେ ଉଠିଥିବା ଦୁଇଟି କଥା ଉଲ୍ଲେଖ କରାଯାଉଛି । 'ଥରେ ମୁଁ ଯେତେବେଳେ ଅନ୍ୟମାନଙ୍କ ସହିତ ବାବାଙ୍କର ଶ୍ରୀପୟର ନିକଟରେ ବସିଥିଲି, ମୋ ମନରେ ଦୁଇଟି ପ୍ରଶ୍ନ ଆସିଲା । ବାବା ତା'ର ଉତ୍ତର ନିମ୍ନପ୍ରକାର ଦେଲେ । (୧) ଯେଉଁ ଲୋକମାନେ ଶ୍ରୀ ସାଇଙ୍କ ଦର୍ଶନ ପାଇଁ ଶିରିଡ଼ି ଆସୁଛନ୍ତି, କ'ଣ ସେ ସମସ୍ତେ ଉପକୃତ ହେଉଛନ୍ତି ? ଏହାର ଉତ୍ତରରେ ସେ କହିଲେ ଯେ 'ବଉଳ ଧରିଥିବା ଆମ୍ବ ଗଛକୁ ଦେଖ । ଯଦି ସବୁ ବଉଳ ଆମ୍ବ ହୋଇଯିବ ତାହେଲେ ଆମ୍ବ ଗଣାଯାଇପାରିବ ନାହିଁ କି ତୋଳାଯାଇପାରିବ ନାହିଁ । କିନ୍ତୁ ଏପରି କ'ଣ ହୁଏ ? ବହୁତ ବଉଳ ଝଡ଼ି ତଳେ ପଡ଼ିଯାଏ । କିଛି ଫଳିଲେ ଏବଂ ବଢ଼ିଲେ

ମଧ୍ୟ ଝଡ଼ତୋଫାନରେ ପଡ଼ି ନଷ୍ଟ ହୋଇଯାଏ । ଶେଷରେ ଅଳ୍ପ କିଛି ହିଁ ବଳକା ରହେ, ଯାହା ଆମ୍ୱରେ ପରିଣତ ହୁଏ । (୨) ଦ୍ୱିତୀୟ ପ୍ରଶ୍ନ ମୋ ନିଜ ବିଷୟରେ ଥିଲା । ଯଦି ବାବାଙ୍କର ନିର୍ବାଣ ହୋଇଯାଏ, ମୁଁ ନିରାଶ୍ରୟ ହୋଇପଡ଼ିବି । ସେତେବେଳେ ମୋର କିଏ ସାହା ହେବେ ? ବାବା ଏହାର ଉତ୍ତରରେ କହିଲେ 'ଯେତେବେଳେ ଏବଂ ଯେଉଁଠି ତୁମେ ମୋତେ ସ୍ମରଣ କରିବ, ମୁଁ ତୁମ ସାଥୀରେ ରହିବି । ଏହି ବଚନ ୧୯୧୮ ମସିହା ପୂର୍ବରୁ ଏବଂ ପରେ ମଧ୍ୟ ସେ ପାଳନ କରିଆସୁଛନ୍ତି । ସେ ଏବେ ବି ମୋ ସାଥୀରେ ରହି ମୋର ପଥ ପ୍ରଦର୍ଶନ କରୁଛନ୍ତି । ଏହି ଘଟଣା ୧୯୧୦-୧୧ ମସିହାର କଥା । ସେହି ସମୟରେ ମୋର ଭାଇ ମୋଠାରୁ ଅଲଗା ହୋଇଗଲେ ଏବଂ ମୋର ଭଉଣୀର ମୃତ୍ୟୁ ହୋଇଗଲା । ମୋର ଘରେ ଚୋରି ହେଲା ଏବଂ ପୁଲିସ ତଦନ୍ତ କରୁଥିଲା । ଏହିସବୁ ଘଟଣା ମୋତେ ପାଗଳ ପରି କରିଦେଇଥିଲା ।'

ମୋର ଭଉଣୀର ସ୍ୱର୍ଗବାସରେ ମୁଁ ଦୁଃଖରେ ଭାଙ୍ଗିପଡ଼ିଲି, ତେବେ ଯେତେବେଳେ ମୁଁ ବାବାଙ୍କର ଶରଣାପନ୍ନ ହେଲି, ସେ ତାଙ୍କର ମଧୁର ଉପଦେଶରେ ମୋତେ ସାନ୍ତ୍ୱନା ପ୍ରଦାନକରି ଅପ୍ପା କୁଲକର୍ଣ୍ଣିଙ୍କ ଘରେ ପୁରନପୁଳି(ଡାଲିରେ ତିଆରି ମିଠା ପରଟା) ଖୁଆଇଲେ ତଥା ମୋର ମସ୍ତକରେ ଚନ୍ଦନ ଟିକା ଲଗାଇଦେଲେ ।

'ଅନ୍ୟ ଏକ ଘଟଣାରେ ମୋର ଜଣେ ୩୦ ବର୍ଷର ବନ୍ଧୁ ମୋର ପତ୍ନୀଙ୍କର ଗହଣା ସିନ୍ଦୁକ, ଯାହା ଭିତରେ ମଙ୍ଗଳସୂତ୍ର ଏବଂ ନୋଥ ଆଦି ଥିଲା, ଚୋରି କରିନେଲେ । ଏହାପରେ ବାବାଙ୍କର ଚିତ୍ର ସମକ୍ଷରେ ମୁଁ କାନ୍ଦିବାରେ ଲାଗିଲି ଏବଂ ପରଦିନ ହିଁ ସେହି ବ୍ୟକ୍ତି ସ୍ୱୟଂ ଗହଣା ସିନ୍ଦୁକ ମୋତେ ଫେରାଇଦେଇ କ୍ଷମାପ୍ରାର୍ଥନା କଲେ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



## ।।ଷଡ଼ବିଂଶ(୨୬) ଅଧ୍ୟାୟ ।।

### ଭକ୍ତ ପନ୍ଥ, ହରିଶ୍ଚନ୍ଦ୍ର ପିତଲେ ଏବଂ ଜନ୍ମଜନ୍ମାନ୍ତରର ସାକ୍ଷୀ, ଆମ୍ବେଦକରଙ୍କ ଆତ୍ମହତ୍ୟା ଇଚ୍ଛା

ଏହି ସୃଷ୍ଟିରେ ସ୍ଥୁଳ, ସୂକ୍ଷ୍ମ, ଚେତନ ଏବଂ ଜଡ଼ ଆଦି ଯାହା କିଛି ଦୃଷ୍ଟିଗୋଚର ହେଉଛି ସେ ସବୁ ଏକବ୍ରହ୍ମ ଏବଂ ସେହି ଏକ ଅଦ୍ୱିତୀୟ ବସ୍ତୁ ବ୍ରହ୍ମଙ୍କୁ ହିଁ ଆମେ ଭିନ୍ନ ଭିନ୍ନ ନାମରେ ସମ୍ବୋଧନ କରୁଛୁ ତଥା ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖୁଛୁ । ଯେଉଁ ପ୍ରକାର ଅନ୍ଧକାର ମଧ୍ୟରେ ପଡ଼ିଥିବା ଗୋଟିଏ ଦଉଡ଼ି ସାପର ଭ୍ରମ ସୃଷ୍ଟି କରିଥାଏ, ସେହିପରି ଆମେ ସମସ୍ତ ପଦାର୍ଥକୁ କେବଳ ବାହ୍ୟସ୍ୱରୂପରେ ଦେଖିଥାଉ, ତାହାର ସତ୍ୟ ସ୍ୱରୂପରେ ନୁହେଁ । ଏକମାତ୍ର ସଦ୍‌ଗୁରୁ ହିଁ ଆମର ଦୃଷ୍ଟିପଥରୁ ମାୟାର ଆବରଣ ଦୂର କରି ବସ୍ତୁର ସତ୍ୟସ୍ୱରୂପକୁ ଯଥାର୍ଥରେ ଦର୍ଶନ କରାଇବାରେ ସମର୍ଥ ଅଟନ୍ତି । ଏଥିସକାଶେ ଆସନ୍ତୁ, ଶ୍ରୀ ସଦ୍‌ଗୁରୁ ସାଇନାଥ ମହାରାଜଙ୍କର ଉପାସନା କରି ସତ୍ୟର ଦର୍ଶନ ନିମନ୍ତେ ତାଙ୍କଠାରେ ପ୍ରାର୍ଥନା କରିବା, ଯିଏକି ଈଶ୍ୱରଙ୍କ ଭିନ୍ନ ଅନ୍ୟ କିଛି ନୁହନ୍ତି ।

**ମାନସ ପୂଜା :** ଶ୍ରୀ ହେମାଡପନ୍ତ ସର୍ବଦା ଉପାସନାର ଏକ ଅନନ୍ୟ ମାର୍ଗ ପ୍ରଦର୍ଶନ କରନ୍ତି । ସେ କହନ୍ତି :

ଆନନ୍ଦାଶ୍ରୁର ଉଷ୍ମ ଜଳରେ କର ପାଦ ପ୍ରକ୍ଷାଳନ ।
ସତ୍ୟପ୍ରେମରୂପୀ ଚନ୍ଦନରେ କର ଶ୍ରୀଅଙ୍ଗ ଲେପନ ।
ଦୃଢ଼ବିଶ୍ୱାସକୁ ବସ୍ତ୍ର କରି, ଗୁରୁଙ୍କୁ କରାଅ ପରିଧାନ
କୋମଳ ଏକାଗ୍ର ଚିତ୍ତରୂପୀ ଫଳ ତାଙ୍କୁ କର ଅର୍ପଣ ।
ଭାବରୂପକ କଜଳ ଶ୍ରୀ ମସ୍ତକରେ ଲଗାଇଦିଅ
ଭକ୍ତିର କମରପଟି କମରଦେଶରେ ବାନ୍ଧିଦିଅ
ଏପରି କରି ସାଇଚରଣରେ ମଥାନତ କର ।

ଏହି ପ୍ରକାର ଶ୍ରୀ ସାଇଙ୍କୁ ସମସ୍ତ ଆଭୂଷଣରେ ବିଭୂଷିତ କରି ତାଙ୍କୁ ନିଜର ସର୍ବସ୍ୱ ସମର୍ପଣ କରିଦିଅ । ଉଷ୍ମତା ଦୂର କରିବା ପାଇଁ ଭାବର ଚାମର ବିଞ୍ଚ । ଏହପରି ଆନନ୍ଦଦାୟକ ପୂଜା କରି ତାଙ୍କୁ ପ୍ରାର୍ଥନା କର–

ହେ ପ୍ରଭୁ ସାଇ ! ଆମର ଚିତ୍ତକୁ ଅନ୍ତର୍ମୁଖୀ କରନ୍ତୁ । ସତ୍ୟ ଏବଂ ଅସତ୍ୟର ବିବେକ ପ୍ରଦାନକରି ତଥା ସାଂସାରିକ ବିଷୟରୁ ଆସକ୍ତି ଦୂର କରି ଆତ୍ମାନୁଭୂତି ପ୍ରଦାନ କରନ୍ତୁ । ଆମର କାୟା ଏବଂ ପ୍ରାଣ ଆପଣଙ୍କର ଶ୍ରୀଚରଣରେ ସମର୍ପଣ କରୁଛୁ । ହେ ପ୍ରଭୁ ସାଇ ! ଆମର ନେତ୍ରକୁ ତମର ନେତ୍ର କରିଦିଅ, ଯଦ୍ୱାରା ସୁଖ ଏବଂ ଦୁଃଖର ଅନୁଭବ ଆମର ରହିବ ନାହିଁ । ହେ ସାଇ ! ଆମର ଶରୀର ଏବଂ ମନକୁ ତମର

ଇଚ୍ଛାନୁକୂଳ ଚାଲିବାକୁ ଦିଅ । ଆମର ଚଞ୍ଚଳ ମନ ତମ ଚରଣର ଶୀତଳ ଛାୟାରେ ବିଶ୍ରାମ କରୁ ।

ଏବେ ଆମେ ଏହି ଅଧ୍ୟାୟର କଥାକୁ ଆସିବା ।

**ଭକ୍ତ ପନ୍ତୁ :** ପନ୍ତୁ ନାମରେ ଜଣେ ଭକ୍ତ, ଯିଏକି ଅନ୍ୟ ଜଣେ ସଦ୍‌ଗୁରୁଙ୍କର ଶିଷ୍ୟ ଥିଲେ, ଥରେ ତାଙ୍କର ଶିରିଡ଼ି ଆସିବାର ସୌଭାଗ୍ୟ ହେଲା । ତାଙ୍କର ଶିରିଡ଼ି ଆସିବାର ଇଚ୍ଛା ନଥିଲା, କିନ୍ତୁ 'ମଣିଷର ଇଚ୍ଛା ଗୋଟିଏ ପ୍ରକାର ହେଲାବେଳକୁ ବିଧାତାର ଯୋଜନା ଅନ୍ୟପ୍ରକାର' ବୋଲି ଥିବା ପ୍ରଚଳିତ ଉକ୍ତି ଚରିତାର୍ଥ ହେଲା । ସେ ରେଳଗାଡ଼ିରେ ଯାତ୍ରା କରୁଥିଲେ, ବାଟରେ ତାଙ୍କର ଅନେକ ବନ୍ଧୁ ଏବଂ ସମ୍ପର୍କୀୟଙ୍କ ସହିତ ଆକସ୍ମିକ ଭେଟ ହେଲା । ସେ ସମସ୍ତେ ଶିରିଡ଼ି ଯାତ୍ରା କରୁଥିଲେ । ପନ୍ତୁଙ୍କୁ ମଧ୍ୟ ସେମାନେ ଶିରିଡ଼ି ଯିବାକୁ କହିଲେ । ପନ୍ତୁ ଏହାକୁ ଅସ୍ୱୀକାର କରିପାରିଲେ ନାହିଁ । ସମସ୍ତେ ମୁମ୍ବଇରେ ଓହ୍ଲାଇଲେ, ତେବେ ପନ୍ତୁ ବିରାରରେ ଓହ୍ଲାଇ ତାଙ୍କର ସଦ୍‌ଗୁରୁଙ୍କଠାରୁ ଶିରିଡ଼ି ଯିବାକୁ ଅନୁମତି ନେଇ ତଥା ଆବଶ୍ୟକ ଟଙ୍କା ବ୍ୟବସ୍ଥା କରି ସମସ୍ତଙ୍କ ସହିତ ମିଶି ଶିରିଡ଼ି ଯାତ୍ରା କଲେ । ସକାଳେ ସେମାନେ ଶିରିଡ଼ିରେ ପହଞ୍ଚିଲେ ଏବଂ ପ୍ରାୟ ୧୧ଟା ବେଳକୁ ଦ୍ୱାରକାମାୟୀକୁ ଗଲେ । ସେଠାରେ ପୂଜା ନିମିତ୍ତ ଭକ୍ତମାନଙ୍କର ସମାଗମ ଦେଖି ସେମାନଙ୍କର ମନ ବଡ଼ ପ୍ରସନ୍ନ ହେଲା କିନ୍ତୁ ପନ୍ତୁଙ୍କର ଅଚାନକ ମୂର୍ଚ୍ଛା ରୋଗ ବାହାରିଲା ଏବଂ ସେ ଅଚେତ ହୋଇ ପଡ଼ିଗଲେ । ସମସ୍ତେ ଛାନିଆ ହୋଇ ତାଙ୍କର ଶୁଶ୍ରୂଷା କରିବାକୁ ଲାଗିପଡ଼ିଲେ । ମୁଣ୍ଡରେ ପାଣି ସିଞ୍ଚାଗଲା । ଏହାପରେ ବାବାଙ୍କର କୃପାରୁ ତାଙ୍କର ସଂଜ୍ଞା ଫେରିଲା ଏବଂ ସେ ଧୀରେ ଧୀରେ ଉଠି ବସିଲେ, ଯେପରିକି ତାଙ୍କୁ କେହି ନିଦରୁ ଉଠାଇଦେଇଛି । ତ୍ରିକାଳଦର୍ଶୀ ବାବା ସେ ଅନ୍ୟ ଜଣେ ଗୁରୁଙ୍କର ଆଶ୍ରିତ ବୋଲି ଜାଣି ତାଙ୍କୁ ଅଭୟ ପ୍ରଦାନ କରି ତଥା ତାଙ୍କର ଗୁରୁଙ୍କ ଉପରେ ହିଁ ବିଶ୍ୱାସ ଦୃଢ଼କରି କହିଲେ 'ଯେମିତି ବି ଆସ, କିନ୍ତୁ ଭୁଲ ନାହିଁ, ନିଜର ଗୁରୁଙ୍କୁ ହିଁ ଦୃଢ଼ତାର ସହ ଧରି ସର୍ବଦା ସ୍ଥିର ରହି ତାଙ୍କଠାରେ ଅଭିନ୍ନତା ପ୍ରାପ୍ତ କର ।' ପନ୍ତୁ ତୁରନ୍ତ ଏହି ଉକ୍ତିର ଅର୍ଥ ବୁଝିଗଲେ ଏବଂ ସେହି ସମୟରେ ତାଙ୍କର ସଦ୍‌ଗୁରୁଙ୍କର ସ୍ମୃତି ଆସିଗଲା । ବାବାଙ୍କର ଏହି ଅନୁଗ୍ରହ ତାଙ୍କର ଜୀବନସାରା ମନରେ ରହିଲା ।

## ।। ହରିଶ୍ଚନ୍ଦ୍ର ପିତଲେ ଓ ଜନ୍ମ ଜନ୍ମାନ୍ତରର ସାକ୍ଷୀ ବାବା ।।

**ହରିଶ୍ଚନ୍ଦ୍ର ପିତଲେ :** ହରିଶ୍ଚନ୍ଦ୍ର ପିତଲେ ନାମରେ ଜଣେ ସଦାଚାରୀ ଗୃହୀ ମୁମ୍ବଇରେ ରହୁଥିଲେ । ତାଙ୍କର ପୁତ୍ର ଅପସ୍ମାର ରୋଗରେ ପୀଡ଼ିତ ଥିଲା । ସେ ତାକୁ ଅନେକ ପ୍ରକାର ଦେଶୀ ଏବଂ ବିଦେଶୀ ଚିକିତ୍ସା କରାଇଲେ କିନ୍ତୁ କୌଣସି ଫଳ ମିଳିଲା ନାହିଁ । ଏବେ କେବଳ କୌଣସି ସନ୍ଥଙ୍କର ଚରଣ କମଳର ଶରଣ ନେବା ବାକି ଥିଲା । ପଞ୍ଚଦଶ ଅଧ୍ୟାୟରେ ଶ୍ରୀ ଦାସଗଣୁଙ୍କ ସୁମଧୁର କୀର୍ତ୍ତନରେ ଶ୍ରୀ ସାଇବାବାଙ୍କର କୀର୍ତ୍ତି

ମୁମ୍ବଇରେ କିପରି ପ୍ରସାରିତ ହେଲା ସେକଥା ବର୍ଣ୍ଣନା କରାଯାଇଛି । ପିତଲେ ମଧ୍ୟ ୧୯୧୦ ମସିହାରେ ସେହି କୀର୍ତ୍ତନ ଶୁଣିବାର ସୁଯୋଗ ଲାଭ କଲେ ଏବଂ ତାଙ୍କର ବିଶ୍ୱାସ ହେଲା ଯେ ଶ୍ରୀ ସାଇବାବାଙ୍କର କେବଳ କରସ୍ପର୍ଶ ଅଥବା ଦୃଷ୍ଟି ମାତ୍ରେ ହିଁ ଅସାଧ୍ୟ ରୋଗ ସମୂଳେ ନଷ୍ଟ ହୋଇଯାଉଛି । ଏଣୁ ତାଙ୍କ ମନରେ ମଧ୍ୟ ଶ୍ରୀ ସାଇବାବାଙ୍କ ଶୁଭଦର୍ଶନର ତୀବ୍ର ଇଚ୍ଛା ଜାତ ହେଲା । ଯାତ୍ରାର ବ୍ୟବସ୍ଥା କରି ଭେଟି ପ୍ରଦାନ ହେତୁ ଗୋଟିଏ ଫଳ ଝୁଡ଼ି ନେଇ ପତ୍ନୀ ଓ ପିଲାମାନଙ୍କ ସହିତ ସେ ଶିରିଡ଼ି ଯାତ୍ରାରେ ବାହାରିଲେ । ଦ୍ୱାରକାମାୟୀରେ ପହଞ୍ଚି ସେ ବାବାଙ୍କର ଚରଣ ବନ୍ଦନା କଲେ ତଥା ରୋଗୀ ପୁତ୍ରକୁ ତାଙ୍କର ଶ୍ରୀଚରଣରେ ଅର୍ପଣ କରିଦେଲେ । ବାବାଙ୍କର ଦୃଷ୍ଟି ତା' ଉପରେ ପଡ଼ିବା ମାତ୍ରେ ତା ଭିତରେ ଏକ ଅଦ୍‌ଭୁତ ରୂପାନ୍ତର ହେଲା । ଆଖି ଡୋଳା ଘୂରାଇ ଘୂରାଇ ଅଚେତ ହୋଇ ସେ ତଳେ ପଡ଼ିଗଲା । ତା'ର ମୁହଁରୁ ଲାଳ ବାହାରିଲା ତଥା ସମଗ୍ର ଶରୀରରେ ଝାଳ ବୋହିଲା । ପିଲାଟିର ଏପରି ଅବସ୍ଥା ଦେଖି ପିତା, ମାତା ଡରିଗଲେ ଏବଂ ଆଶଙ୍କା କଲେ ହୁଏତ ତାର ପ୍ରାଣ ଚାଲିଯିବ । ତା'ର ଅଙ୍ଗ ବହୁତ ମୂର୍ଚ୍ଛା ରୋଗ ତ ଥିଲା, କିନ୍ତୁ ଏଥର ତାହା ଦୀର୍ଘସମୟ ପର୍ଯ୍ୟନ୍ତ ରହିଲା । ବିଷାଦ ଓ ଶୋକରେ ମାଆଁଙ୍କ ଆଖିରୁ ଧାର ଧାର ହୋଇ ଲୁହ ବୋହି ଚାଲିଥିଲା ଏବଂ ସେ ଦୁଃଖରେ ଅଧୀର ହୋଇ ଆର୍ତ୍ତନାଦ କରିବାକୁ ଲାଗିଲେ କି 'ହେ ବାବା ! ମୁଁ ଏବେ କାହା ଉପରେ ଆଶ୍ରୟ କରିବି ? ମୋର ଅବସ୍ଥା ଏପରି ହୋଇଛି ଯେପରିକି 'ଜଣେ ବ୍ୟକ୍ତି ଚୋର ଭୟରେ କାହା ଘରେ ପଶି ଆଶ୍ରୟ ନେଲାବେଳକୁ ସେହି ଘର ତା ଉପରେ ପଡ଼ିଯାଇଛି ।' କରୁଣାମୟ ବାବା ମହିଳାଜଣଙ୍କୁ ବିବ୍ରତ ନହେବା ପାଇଁ ପରାମର୍ଶ ଦେଇ ଧୈର୍ଯ୍ୟ ରକ୍ଷା କରିବାକୁ କହି ପିଲାଟିକୁ ଘରକୁ ନେଇଯିବାକୁ କହିଲେ । ସେ ପୁଣି କହିଲେ ଅଧଘଣ୍ଟା ପରେ ତାର ସଂଜ୍ଞା ଫେରିଆସିବ । ମହିଳାଜଣକ ତାହା କଲେ । ପିଲାଟିକୁ ବସାକୁ ନେଇଗଲେ । ଠିକ୍ ଅଧ ଘଣ୍ଟା ପରେ ତାର ଚେତା ଫେରିଆସିଲା ଏବଂ ସେ ସୁସ୍ଥ ଅନୁଭବ କଲା । ପିତଲେ ଦମ୍ପତି ତଥା ଅନ୍ୟମାନଙ୍କର ଆନନ୍ଦ କହିଲେ ନସରେ । ସେମାନଙ୍କର ମନର ସମସ୍ତ ସନ୍ଦେହ ଦୂର ହେଲା । ପତ୍ନୀଙ୍କୁ ଧରି ପିତଲେ ବାବାଙ୍କ ଦର୍ଶନ ପାଇଁ ଆସିଲେ ଏବଂ ବିନମ୍ର ସହକାରେ ଆଦରପୂର୍ବକ ତାଙ୍କର ଚରଣ ବନ୍ଦନା କରି ପାଦସେବା କଲେ । ମନରେ ସେମାନେ ବାବାଙ୍କୁ ଅଶେଷ ଧନ୍ୟବାଦ ଦେଉଥିଲେ । ବାବା ସ୍ମିତହାସ୍ୟ ଦେଇ କହିଲେ 'କ'ଣ ତୁମର ଶଙ୍କା ଦୂର ହୋଇଗଲା ? ଯାହାର ବିଶ୍ୱାସ ଏବଂ ଧୈର୍ଯ୍ୟ ଅଛି, ତାକୁ ଶ୍ରୀ ହରି ଅବଶ୍ୟ ରକ୍ଷା କରିବେ ।' ପିତଲେ ଜଣେ ଧନାଢ୍ୟ ବ୍ୟକ୍ତି ଥିଲେ, ତେଣୁ ବହୁ ପରିମାଣରେ ମିଠା ବାଣ୍ଟିଲେ ଏବଂ ନାନା ପ୍ରକାର ଫଳ ତଥା ତାମ୍ବୁଳ ବାବାଙ୍କୁ ଅର୍ପଣକଲେ । ଶ୍ରୀମତୀ ପିତଲେ ସାତ୍ତ୍ୱିକ ପ୍ରବୃତ୍ତିର ମହିଳା ଥିଲେ । ଗୋଟିଏ କୋଣରେ ବସି ବଡ଼ ପ୍ରେମପୂର୍ଣ୍ଣ ଦୃଷ୍ଟିରେ ସେ ବାବାଙ୍କୁ ନିରୀକ୍ଷଣ କରୁଥିଲେ । ତାଙ୍କର ଚକ୍ଷୁରୁ ଅନବରତ ଆନନ୍ଦାଶ୍ରୁ

ନିର୍ଗତ ହେଉଥିଲା । ତାଙ୍କର ମୃଦୁ ଓ ସରଳ ସ୍ୱଭାବ ଦେଖି ବାବା ଅତି ପ୍ରସନ୍ନ ହେଲେ । ଈଶ୍ୱରଙ୍କ ଭଳି ସନ୍ଥ ମଧ୍ୟ ଭକ୍ତର ଅଧୀନ ଅଟନ୍ତି । ଯିଏ ତାଙ୍କର ଶରଣାଗତ ହୋଇ ଅନନ୍ୟ ଭାବରେ ତାଙ୍କର ପୂଜା କରେ, ସନ୍ଥ ତାହାର ରକ୍ଷା କରନ୍ତି । ଶିରିଡ଼ିରେ କିଛିଦିନ ସୁଖରେ କଟାଇ ପିତଳେ ପରିବାର ବାବାଙ୍କ ସମୀପକୁ ଯାଇ ତାଙ୍କର ଚରଣ ବନ୍ଦନା କରି ଶିରିଡ଼ି ପ୍ରସ୍ଥାନ କରିବାକୁ ଅନୁମତି ମାଗିଲେ । ବାବା ତାଙ୍କୁ ଉଦି ଦେଇ ଆଶୀର୍ବାଦ କଲେ । ପିତଳେଙ୍କୁ ପାଖକୁ ଡାକି କହିଲେ 'ବାପୁ ! ପ୍ରଥମେ ମୁଁ ତୁମକୁ ଦୁଇ ଟଙ୍କା ଦେଇଥିଲି, ଏବେ ତିନି ଟଙ୍କା ଦେଉଛି । ଏହାକୁ ପୂଜା ଘରେ ରଖି ନିତ୍ୟ ପୂଜା କର । ଏଥିରେ ତୁମର କଲ୍ୟାଣ ହେବ ।' ପିତଳେ ତାକୁ ପ୍ରସାଦସ୍ୱରୂପ ମନେ କରି ବାବାଙ୍କୁ ପୁନଃ ସାଷ୍ଟାଙ୍ଗ ପ୍ରଣାମ କଲେ ତଥା ଆଶିଷ ଭିକ୍ଷାକଲେ । ତେବେ ତାଙ୍କ ମନରେ ଭାବନା ଆସିଲା ଯେ ସେ ତ ପ୍ରଥମ ଥର ପାଇଁ ଶିରିଡ଼ି ଆସିଛନ୍ତି, ବାବା ତାଙ୍କୁ ଦୁଇଟଙ୍କା ଆଗରୁ କେବେ ଦେଇଥିଲେ ? ସେ ଏହାର ସ୍ପଷ୍ଟୀକରଣ ବାବାଙ୍କଠାରୁ ଚାହୁଁଥିଲେ; କିନ୍ତୁ ବାବା ନୀରବ ରହିଲେ । ମୁମ୍ବଇରେ ପହଞ୍ଚିବା ପରେ ସେ ତାଙ୍କର ବୃଦ୍ଧ ମାଆଙ୍କୁ ଶିରିଡ଼ିର ବିସ୍ତୃତ ବିବରଣୀ ଶୁଣାଇଲେ ଏବଂ ସେହି ଦୁଇ ଟଙ୍କା କଥା ମଧ୍ୟ କହିଲେ । ତାଙ୍କର ମାଆ ପ୍ରଥମେ କିଛି ବୁଝିପାରିଲେ ନାହିଁ । ପରେ ସେହିକଥା ବାରମ୍ବାର ଭାବିବା ପରେ ବହୁଦିନର ତଳର ଏକ ପୁରୁଣା ଘଟଣା ତାଙ୍କର ସ୍ମୃତିକୁ ଭାସିଆସିଲା । ସେ କହିଲେ କି 'ତୁ ଯେପରି ତୋର ପୁଅକୁ ନେଇ ଶ୍ରୀ ସାଇବାବାଙ୍କ ଦର୍ଶନ ପାଇଁ ଯାଇଥିଲୁ, ଠିକ୍ ସେହିପରି ତୋତେ ନେଇ ତୋର ବାପା ଅନେକ ବର୍ଷ ତଳେ ଅକ୍କଲକୋଟ ମହାରାଜଙ୍କ ପାଖକୁ ଯାଇଥିଲେ । ମହାରାଜ ପୂର୍ଣ୍ଣ ସିଦ୍ଧ, ଯୋଗୀ, ତ୍ରିକାଳଜ୍ଞ ତଥା ବଡ଼ ଉଦାର ଥିଲେ । ତୋର ବାପା ତାଙ୍କର ପରମ ଭକ୍ତ ଥିଲେ । ତେଣୁ ତାଙ୍କର ପୂଜା ସ୍ୱୀକୃତ ହୋଇଥିଲା । ମହାରାଜ ତାଙ୍କୁ ଦୁଇଟି ମୁଦ୍ରା ଦେଇ ତାକୁ ପୂଜା କରିବାକୁ କହିଥିଲେ । ସେ ବଞ୍ଚିଥିବା ପର୍ଯ୍ୟନ୍ତ ନିୟମିତ ତା'ର ପୂଜା କରୁଥିଲେ । ତାଙ୍କପରେ ଯଥାବିଧି ପୂଜା ହୋଇପାରିଲା ନାହିଁ ଏବଂ ସେହି ଦୁଇ ଟଙ୍କା କୁଆଡ଼େ ହଜିଗଲା । କିଛିଦିନ ପରେ ମୁଁ ମଧ୍ୟ ଏକଥା ଭୁଲିଗଲି । ତୋର ସୌଭାଗ୍ୟ ଯେ ଶ୍ରୀ ଅକ୍କଲକୋଟ ମହାରାଜ ସାଇ ରୂପରେ ତୋତେ ତୋର କର୍ତ୍ତବ୍ୟ ଏବଂ ପୂଜା କଥା ସ୍ମରଣ କରାଇ ବିପତ୍ତିରୁ ରକ୍ଷା କରିଛନ୍ତି । ଏଣିକି ଭବିଷ୍ୟତରେ ଜାଗ୍ରତ ରହି ସମସ୍ତ ଶଙ୍କା ଏବଂ ଦ୍ୱନ୍ଦ୍ୱ ପରିହାର କରି ପୂର୍ବଜମାନଙ୍କୁ ସ୍ମରଣ କରି ରୀତିନୀତିଗୁଡ଼ିକୁ ଅନୁସରଣ କର ତଥା ସର୍ବଦା ଉତ୍ତମ ଆଚରଣ କର । ନିଜର ଇଷ୍ଟଦେବ ତଥା ଏହି ମୁଦ୍ରାର ପୂଜା କରି ତାହାର ଯଥାର୍ଥ ସ୍ୱରୂପକୁ ହୃଦବୋଧ କର ଏବଂ ସନ୍ଥଙ୍କର ଆଶୀର୍ବାଦ ଲାଭକରି ଗର୍ବ କର ନାହିଁ । ଶ୍ରୀ ସାଇ ସମର୍ଥ ଦୟା କରି ତୋ ହୃଦୟରେ ଭକ୍ତିର ବୀଜ ରୋପଣ କରିଛନ୍ତି ଏବଂ ଏବେ ତାହାକୁ ବୃଦ୍ଧି କରିବା ତୋର କର୍ତ୍ତବ୍ୟ ।' ମାତାଙ୍କର ମଧୁର ବଚନାମୃତ ଶୁଣି ପିତଳେ ଭାବରସରେ ସିକ୍ତ ହୋଇଗଲେ । ବାବାଙ୍କର ତ୍ରିକାଳଦର୍ଶିତା

ତାଙ୍କୁ ବିଦିତ ହେଲା ତଥା ତାଙ୍କର ଶ୍ରୀଦର୍ଶନର ମହତ୍ତ୍ୱ ମଧ୍ୟ ଅନୁଭବ ହେଲା । ଏହାପରେ ସେ ତାଙ୍କର ଆଚରଣରେ ଅଧିକ ସାବଧାନତା ଅବଲମ୍ବନ କଲେ ।

## ।। ଆମ୍ବେଦକରଙ୍କ ଆତ୍ମହତ୍ୟା ଇଚ୍ଛା ଓ ବିଧାତାର ହସ୍ତକ୍ଷେପ ।।

**ଶ୍ରୀ ଆମ୍ବେଦକର :** ପୁଣେ ନିବାସୀ ଗୋପାଳ ନାରାୟଣ ଆମ୍ବେଦକର ବାବାଙ୍କର ପରମ ଭକ୍ତମାନଙ୍କ ମଧ୍ୟରେ ଜଣେ ଥିଲେ । ଥାନେ ଜିଲା ଜବାହର ଷ୍ଟେଟ ଆୟକର ବିଭାଗରେ ସେ ଦଶ ବର୍ଷ ଧରି କାର୍ଯ୍ୟ କରୁଥିଲେ । ସେଠାରୁ ସେବାନିବୃତ୍ତ ହେବା ପରେ ଅନ୍ୟତ୍ର ଚାକିରି ସନ୍ଧାନ କଲେ କିନ୍ତୁ ସଫଳ ହେଲେ ନାହିଁ । ଏହାପରେ ଚାରିଆଡ଼ୁ ତାଙ୍କୁ ଦୁର୍ଭାଗ୍ୟ ଘେରିଗଲା, ଫଳରେ ତାଙ୍କର ଆର୍ଥିକ ସ୍ଥିତି ଦୟନୀୟ ହୋଇପଡ଼ିଲା । ଏପରି ସ୍ଥିତିରେ ସେ ସାତ ବର୍ଷ ବିତାଇଲେ । ପ୍ରତିବର୍ଷ ସେ ଶିରିଡ଼ି ଯାଉଥିଲେ ଏବଂ ତାଙ୍କର ଦୁଃଖ ବାବାଙ୍କୁ ଜଣାଉଥିଲେ । ୧୯୧୬ ମସିହାରେ ତାଙ୍କର ଅବସ୍ଥା ଅଧିକ ଖରାପ ହୋଇଗଲା । ଏହାପରେ ସେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଲେ ଏବଂ ଶିରିଡ଼ି ଯାଇ ଆତ୍ମହତ୍ୟା କରିବାକୁ ସ୍ଥିର କଲେ । ମନ ଭିତରେ ଏହି କଥା ରଖି ପତ୍ନୀଙ୍କୁ ସାଙ୍ଗରେ ଧରି ଶିରିଡ଼ିରେ ପହଞ୍ଚିଲେ । ଦିନେ ରାତିରେ ଦୀକ୍ଷିତୱାଡ଼ା ସମ୍ମୁଖରେ ଗୋଟିଏ ବଳଦଗାଡ଼ି ଉପରେ ଚିନ୍ତାଗ୍ରସ୍ତ ହୋଇ ବସିଥିଲେ ଓ ସେହି ସମୟରେ କୂଅରେ ଡେଇଁ ପ୍ରାଣତ୍ୟାଗ କରିବାକୁ ଚିନ୍ତା କରୁଥିଲେ । ପୁଣି ମନରେ ଭାବୁଥିଲେ ଯେ ବାବା ହୁଏତ ସେହି ଅନ୍ତିମ ସମୟରେ ହେଲେ ଆସି ତାଙ୍କର ରକ୍ଷା କରିବେ । ଏହିପରି ଦ୍ୱନ୍ଦ୍ୱ ଓ ଆଶଙ୍କା ମଧ୍ୟରେ ତାଙ୍କର ମନ ଉଦ୍‌ବେଳିତ ହେଉଥିବା ସମୟରେ ସମୀପସ୍ଥ ଏକ ଭୋଜନାଳୟର ମାଲିକ ସଗୁଣ ମେରୁ ନାୟକ ସେଠାରେ ପହଞ୍ଚି ଅକ୍କଲକୋଟ ମହାରାଜଙ୍କ ଜୀବନୀ ପଢ଼ିଛ କି ବୋଲି ଆକସ୍ମିକ ଭାବେ ତାଙ୍କୁ ପଚାରିଲେ ଓ ପୁସ୍ତକଟି ବଢ଼ାଇଦେଲେ । ପୁସ୍ତକଟିକୁ ନେଇ ସେଠାରେ ହିଁ ସେ ପଢ଼ିବା ଆରମ୍ଭ କରିଦେଲେ । ପଢୁ ପଢୁ ଏପରି ଏକ ବିଷୟ ପାଖରେ ସେ ପହଞ୍ଚିଲେ ଯେଉଁଠାରେ ଉଲ୍ଲେଖ ଥିଲା ଯେ-ଶ୍ରୀ ଅକ୍କଲକୋଟ ମହାରାଜଙ୍କ ଜୀବନକାଳରେ ଜଣେ ବ୍ୟକ୍ତି କୌଣସି ଅସାଧ୍ୟ ରୋଗରେ ପୀଡ଼ିତ ଥିଲା । ଯେତେବେଳେ ଆଉ ସେ କଷ୍ଟ ସହ୍ୟ କରିପାରିଲା ନାହିଁ, ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଲା ଏବଂ ଦିନେ ରାତିରେ ଗୋଟିଏ କୂଅ ଭିତରକୁ ଡେଇଁପଡ଼ିଲା । ଏହି ସମୟରେ ତତ୍‌କ୍ଷଣାତ ଶ୍ରୀ ମହାରାଜ ସେଠାରେ ପହଞ୍ଚି କୂଅ ଭିତରୁ ତାକୁ ଟାଣି ଆଣିଲେ ଓ ବୁଝାଇଲେ ଯେ 'ତୁମର ଶୁଭ ଓ ଅଶୁଭ କର୍ମର ଫଳ ଅବଶ୍ୟ ଭୋଗ କରିବା ଉଚିତ । ଯଦି ଭୋଗ ଅପୂର୍ଣ୍ଣ ରହିଯାଏ ତାହେଲେ ପୁନର୍ଜନ୍ମ ଧାରଣ କରିବାକୁ ପଡ଼ିବ । ଏଥିନିମନ୍ତେ କିଛି ଦିନ କଷ୍ଟ ସହ୍ୟ କରି ପୂର୍ବ ଜନ୍ମର କର୍ମଫଳକୁ ସମାପ୍ତ କରି ଚିରକାଳ ପାଇଁ ମୁକ୍ତ ହୋଇଯିବା ଶ୍ରେୟସ୍କର ।'

ସମୟୋପଯୋଗୀ ଏହି ଉପାଦେୟ କଥା ପାଠ କରି ଆମ୍ବେଦକର ଆଶ୍ଚର୍ଯ୍ୟାନ୍ୱିତ

ହୋଇଗଲେ ଏବଂ ତାଙ୍କର ହୃଦୟ ଦ୍ରବୀଭୂତ ହୋଇଗଲା । ଠିକଣା ସମୟରେ ବାବାଙ୍କର ଏହି ସଂକେତ ପ୍ରାପ୍ତ ହୋଇନଥିଲେ ହୁଏତ ସେତେବେଳକୁ ତାଙ୍କର ପ୍ରାଣାନ୍ତ ହୋଇସାରିଥାନ୍ତା । ବାବାଙ୍କର ବ୍ୟାପକତା ଏବଂ ଦୟାଳୁ ଭାବ ଦେଖି ତାଙ୍କର ବିଶ୍ୱାସ ଦୃଢ଼ ହେଲା ଏବଂ ସେ ବାବାଙ୍କର ପରମ ଭକ୍ତ ପାଲଟିଗଲେ । ତାଙ୍କର ପିତା ଅକ୍କଲକୋଟ ମହାରାଜଙ୍କର ଶିଷ୍ୟ ଥିଲେ ଏବଂ ସିଏ ମଧ୍ୟ ତାଙ୍କର ପଦାଙ୍କ ଅନୁସରଣ କରନ୍ତୁ, ଏହା ବାବାଙ୍କର ଇଚ୍ଛା ଥିଲା । ବାବା ତାଙ୍କୁ ଆଶୀର୍ବାଦ ପ୍ରଦାନ କଲେ । ଏବେ ତାଙ୍କର ଭାଗ୍ୟ ଉଦୟ ହେଲା । ସେ ଜ୍ୟୋତିଷ ଶାସ୍ତ୍ର ଅଧ୍ୟୟନରେ ନିପୁଣତା ଲାଭ କରି ସେଥିରେ ବେଶ୍ ଉନ୍ନତି କଲେ ଏବଂ ବହୁ ଧନ ଉପାର୍ଜନ କରି ଶେଷ ଜୀବନ ସୁଖ ଓ ଶାନ୍ତିରେ ଅତିବାହିତ କଲେ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



# ।।ସପ୍ତବିଂଶ(୨୭)ଅଧ୍ୟାୟ ।।

## ଭାଗବତ ଏବଂ ବିଷ୍ଣୁସହସ୍ର ନାମ ଦ୍ୱାରା ଅନୁଗ୍ରହ, ଗୀତା ରହସ୍ୟ, ଶିଷ୍ୟର ସେବା ଓ ଗୁରୁଙ୍କ ଶକ୍ତିପାତ

ଏହି ଅଧ୍ୟାୟରେ ଶ୍ରୀ ସାଇବାବା କିପରି ଧର୍ମଗ୍ରନ୍ଥଗୁଡ଼ିକୁ କରସ୍ପର୍ଶ କରି ପବିତ୍ର କରୁଥିଲେ ତଥା ଭକ୍ତମାନଙ୍କୁ ପାରାୟଣ ନିମନ୍ତେ ପ୍ରଦାନକରି ଅନୁଗୃହୀତ କରୁଥିଲେ, ତାହା ସହିତ ଅନ୍ୟ କେତୋଟି ଘଟଣାର ଉଲ୍ଲେଖ କରାଯାଇଛି ।

**ପ୍ରାରମ୍ଭ :** ସାଧାରଣରେ ଏପରି ବିଶ୍ୱାସ ରହିଛି ଯେ ସମୁଦ୍ରରେ ସ୍ନାନ କଲେ ସମସ୍ତ ତୀର୍ଥ ଓ ପବିତ୍ର ନଦୀମାନଙ୍କରେ ସ୍ନାନର ସମୂହ ପୁଣ୍ୟ ପ୍ରାପ୍ତ ହୋଇଥାଏ । ଠିକ୍ ସେହିପରି ସଦ୍‌ଗୁରୁଙ୍କ ଚରଣର ଆଶ୍ରୟ ନେବା ଦ୍ୱାରା ତ୍ରିଶକ୍ତି(ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର) ଏବଂ ପରଂବ୍ରହ୍ମଙ୍କୁ ନମନ କରିବାର ଶ୍ରେୟ ସହଜରେ ପ୍ରାପ୍ତ ହୁଏ । ଶ୍ରୀ ସଚ୍ଚିଦାନନ୍ଦ ସାଇ ମହାରାଜଙ୍କର ଜୟ ହେଉ ! ସେ ତ ଭକ୍ତମାନଙ୍କ ପାଇଁ କଳ୍ପତରୁ, ଦୟାର ସାଗର ଏବଂ ଆତ୍ମାନୁଭୂତି ପ୍ରଦାନକାରୀ ଅଟନ୍ତି । ହେ ସାଇ ! ଆପଣଙ୍କ କଥା ଶ୍ରବଣରେ ଆମ ମନରେ ଶ୍ରଦ୍ଧା ଜାଗ୍ରତ ହେଉ । ପ୍ରବଳ ବର୍ଷା ଋତୁରେ ଚାତକ ପକ୍ଷୀ ଯେପରି ସ୍ୱାତୀ ନକ୍ଷତ୍ରର କେବଳ ଗୋଟିଏ ବୁନ୍ଦା ପାନ କରି ପ୍ରସନ୍ନ ହୋଇଯାଏ, ସେହିପରି ଆପଣଙ୍କ କଥାସାଗର ସିନ୍ଧୁରୁ ପ୍ରକଟିତ ଟୋପାଏ ଜଳକଣାର ଏକ ସହସ୍ରାଂଶ ପ୍ରଦାନ କରନ୍ତୁ, ଯଦ୍ୱାରା ପାଠକ ଏବଂ ଶ୍ରୋତାମାନଙ୍କର ହୃଦୟ ତୃପ୍ତ ହୋଇ ପ୍ରସନ୍ନତାରେ ଭରିଯିବ, ଶରୀରରୁ ସ୍ୱେଦ ପ୍ରବାହିତ ହେବ, ଅଶ୍ରୁଧାରାରେ ନେତ୍ର ପୂର୍ଣ୍ଣ ହୋଇଯିବ, ମନ ସ୍ଥିରତା ଲାଭ କରି ଏକାଗ୍ର ହୋଇଯିବ ଏବଂ ପଲକ ପଲକରେ ରୋମାଞ୍ଚ ପୂରିଉଠିବ । ଏପରି ସାତ୍ତ୍ୱିକ ଭାବ ଜାଗ୍ରତ କର ।

ପାରସ୍ପରିକ ବୈମନସ୍ୟ ତଥା ବର୍ଗ-ଅପବର୍ଗ ଭେଦଭାବ ନଷ୍ଟ କରିଦିଅ, ଯଦ୍ୱାରା ତମର ଭକ୍ତିରେ ଭକ୍ତଗଣ ଶିହରିତ ହେବେ, ଚିତ୍କାର ତଥା ରୋଦନ କରିବେ ଏବଂ କମ୍ପିତ ହେବାକୁ ଲାଗିବେ । ଯଦି ଏସବୁ ଭାବ ଉତ୍ପନ୍ନ ହେଲା, ତାହେଲେ ତାହା ଗୁରୁଙ୍କ କୃପାର ଲକ୍ଷଣ ବୋଲି ମନେ କରିବାକୁ ହେବ । ଅନ୍ତଃକରଣରେ ଏହି ଭାବ ଉଦୟ ହେବା ମାତ୍ରେ ଗୁରୁ ପ୍ରସନ୍ନ ହୋଇ ଆତ୍ମାନୁଭୂତି ପଥରେ ତୁମକୁ ଅଗ୍ରସର କରାଇନେବେ । **ମାୟାରୁ ମୁକ୍ତ ହେବାର ଏକମାତ୍ର ସହଜ ଉପାୟ ହେଉଛି ଅନନ୍ୟ ଭାବରେ କେବଳ ଶ୍ରୀ ସାଇବାବାଙ୍କର ଶରଣାଗତ ହେବା । ବେଦ-ବେଦାନ୍ତ ମଧ୍ୟ ମାୟାରୂପୀ ସାଗରରୁ ଉଦ୍ଧାର କରିପାରିବେ ନାହିଁ । ଏହି କାର୍ଯ୍ୟ କେବଳ ସଦ୍‌ଗୁରୁଙ୍କ ଦ୍ୱାରା ସମ୍ଭବ ।** ସମସ୍ତ ପ୍ରାଣୀ ଏବଂ ଭୂତରେ ଈଶ୍ୱରଙ୍କୁ ଦର୍ଶନ କରିବାର କ୍ଷମତା ପ୍ରଦାନ କେବଳ ସଦ୍‌ଗୁରୁଙ୍କର ରହିଛି ।

**ପବିତ୍ର ଗ୍ରନ୍ଥ ପ୍ରଦାନ :** ଗତ ଅଧ୍ୟାୟରେ ବାବାଙ୍କ ଉପଦେଶ ଶୈଳୀର ସ୍ୱାତନ୍ତ୍ର୍ୟ ବର୍ଣ୍ଣନା କରାଯାଇଛି । ଏହି ଅଧ୍ୟାୟରେ ତା'ର କେବଳ ଗୋଟିଏ ଉଦାହରଣ ବର୍ଣ୍ଣନା କରାଯାଉଛି । ଭକ୍ତମାନେ ଯେଉଁ ଗ୍ରନ୍ଥ ପାରାୟଣ କରିବାକୁ ଚାହୁଁଥିଲେ ତାକୁ ବାବାଙ୍କର କରକମଳରେ ଅର୍ପଣ କରୁଥିଲେ ଏବଂ ବାବା ଯଦି ତାକୁ ସ୍ପର୍ଶ କରି ଫେରାଇ ଦେଉଥିଲେ, ସେମାନେ ତାହାକୁ ପବିତ୍ରୀକୃତ ହୋଇଥିବା ମନେ କରି କୃତକୃତ୍ୟ ହେଉଥିଲେ । ଏବେ ସେହି ଗ୍ରନ୍ଥ ନିତ୍ୟ ପଠନ କରିବା ସମୟରେ ବାବା ସେମାନଙ୍କ ପାଖରେ ବିଦ୍ୟମାନ ହୋଇଥିବେ ବୋଲି ସେମାନଙ୍କର ବିଶ୍ୱାସ ହେଉଥିଲା । ଥରେ କାକା ମହାଜନୀ ଖଣ୍ଡିଏ ଏକନାଥ ଭାଗବତ ଧରି ଶିରିଡ଼ି ଆସିଲେ । ଶ୍ୟାମା ତାକୁ ନେଇ ଦ୍ୱାରକାମାୟୀକୁ ଗଲେ । ବାବା ତାଙ୍କଠାରୁ ଗ୍ରନ୍ଥଟି ନେଇ ସ୍ପର୍ଶ କରି କିଛି ବିଶେଷ ପୃଷ୍ଠା ଉପରେ ଦୃଷ୍ଟି ପକାଇ ଯତ୍ନରେ ରଖିବାକୁ ପରାମର୍ଶ ଦେଇ ଶ୍ୟାମାଙ୍କୁ ଫେରାଇଦେଲେ । ଶ୍ୟାମା କହିଲେ ସେହି ଗ୍ରନ୍ଥଟି କାକାସାହେବଙ୍କର, ଏଣୁ ତାଙ୍କୁ ଫେରାଇବାକୁ ହେବ । ବାବା କହିଲେ 'ନା, ଏହି ଗ୍ରନ୍ଥ ମୁଁ ତୁମକୁ ଦେଉଛି । ତୁମେ ଏହାକୁ ଯତ୍ନର ସହିତ ତୁମ ପାଖରେ ରଖ । ଏହା ତୁମ ପାଇଁ ଅତ୍ୟନ୍ତ ଉପଯୋଗୀସିଦ୍ଧ ହେବ ।' କିଛିଦିନ ପରେ କାକା ମହାଜନୀ ଏକନାଥୀ ଭାଗବତର ଆଉ ଗୋଟିଏ ବହି ଆଣିଲେ ଏବଂ ବାବାଙ୍କର କରକମଳରେ ଅର୍ପଣ କରିବାରୁ ବାବା ତାକୁ ପ୍ରସାଦ ସ୍ୱରୂପ ଫେରାଇଦେଇ ତାଙ୍କୁ ମଧ୍ୟ ସଯତ୍ନରେ ରଖିବାକୁ ପରାମର୍ଶ ଦେଲେ । ଏହା ସହିତ ବାବା ତାଙ୍କୁ ଏହା ମଧ୍ୟ କହିଲେ କି ଏହା ତୁମକୁ ଉତ୍ତମ ସ୍ଥିତିରେ ପହଞ୍ଚାଇବାରେ ସହାୟକ ହେବ । ବାବାଙ୍କୁ ଭକ୍ତିପୂତ ପ୍ରଣାମ କରି କାକା ଗ୍ରନ୍ଥ ସ୍ୱୀକାର କଲେ ।

**ଶ୍ୟାମା ଏବଂ ବିଷ୍ଣୁସହସ୍ର ନାମ :** ଶ୍ୟାମା ବାବାଙ୍କର ଅନ୍ତରଙ୍ଗ ଭକ୍ତ ଥିଲେ । ଏହି କାରଣରୁ ବାବା ତାଙ୍କୁ ବିଚିତ୍ର ଢ଼ଙ୍ଗରେ ବିଷ୍ଣୁସହସ୍ର ନାମ ପ୍ରସାଦସ୍ୱରୂପ ଦେଇ କୃପା କରିବାକୁ ଚାହୁଁଥିଲେ । ଥରେ ଜଣେ ରାମଦାସୀ ଆସି ଶିରିଡ଼ିରେ ରହିଲେ । ସେ ପ୍ରତିଦିନ ନିୟମାନୁସାରେ ସକାଳୁ ଉଠୁଥିଲେ ଏବଂ ହସ୍ତ, ମୁଖ ପ୍ରକ୍ଷାଳନ ପରେ ସ୍ନାନକର୍ମ ସମାପନ କରି ଗୈରିକ ବସ୍ତ୍ର ପରିଧାନ କରୁଥିଲେ ତଥା ଶରୀରରେ ଭସ୍ମ ଆଦି ଲେପନକରି ବିଷ୍ଣୁସହସ୍ର ନାମ ଜପ କରୁଥିଲେ । ଅଧିକାଂଶ ସମୟ ସେ କେବଳ ଏହି ନାମ ହିଁ ଜପ କରୁଥିଲେ । ଦିନେ ସେ ଦ୍ୱାରକାମାୟୀରେ ବସି ଏପରି ନାମ ପାଠ କରୁଛନ୍ତି, ଏହି ସମୟରେ ବାବା ତାଙ୍କୁ ପାଖକୁ ଡାକି ତାଙ୍କର ଉଦର ପୀଡ଼ା ହେଉଥିବା କହି ବଜାରରୁ ସୋନାମୁଖୀ ଆଣିବାକୁ ପଠାଇଲେ । ବାବାଙ୍କ ଆଦେଶ ପାଳନ କରି ରାମଦାସୀ ବଜାରକୁ ଗଲେ । ଏହାପରେ ବାବା ତାଙ୍କ ଆସନରୁ ଉଠି ରାମଦାସୀ ବସିଥିବା ସ୍ଥାନରୁ ବିଷ୍ଣୁ ସହସ୍ରନାମ ପୁସ୍ତକଟି ଆଣି ଶ୍ୟାମାଙ୍କୁ ଦେଲେ ତଥା କହିଲେ ଯେ 'ଏହି ପୁସ୍ତକ ଅମୂଲ୍ୟ ଏବଂ ମନୋବାଞ୍ଛିତ ଫଳଦାୟୀ ଅଟେ । ଏଥିପାଇଁ ମୁଁ ତୁମକୁ ଏହା ପ୍ରଦାନ କରୁଛି, ତୁମେ ଏହା ନିତ୍ୟ ପଠନ କର । ଥରେ ମୁଁ ଯେତେବେଳେ

ଭୀଷଣ ଅସୁସ୍ଥ ଥିଲି, ମୋର ଛାତି ଧଡ଼ ଧଡ଼ ହେବାକୁ ଲାଗିଲା । ମୋର ପ୍ରାଣପକ୍ଷୀ ଉଡ଼ି ଚାଲିଯିବା ଅବସ୍ଥାରେ ଥିଲା, ସେହି ସମୟରେ ମୁଁ ଏହି ସଦ୍‌ଗ୍ରନ୍ଥକୁ ମୋର ଛାତି ଉପରେ ରଖିଦେଲି । ଏହା କିପରି ସୁଖ ଦେଲା, ଜାଣିଛ ! ମୋତେ ଏପରି ଲାଗିଲା ଧରିନିଅ ଯେପରି, ଆଲ୍ଲା ସ୍ୱୟଂ ଏହି ପୃଥିବୀକୁ ଆସି ମୋର ରକ୍ଷା କରୁଛନ୍ତି । ଏହି କାରଣରୁ ଏହି ଗ୍ରନ୍ଥ ମୁଁ ତୁମକୁ ଦେଉଛି । ଏହାକୁ ଧୀର ଗତିରେ ଅତି କମ୍‌ରେ ଅନ୍ତତଃ ଦିନକୁ ଗୋଟିଏ ଶ୍ଲୋକ ଅବଶ୍ୟ ପଢ଼ିବ, ଯଦ୍ଦ୍ୱାରା ତୁମର ମଙ୍ଗଳ ହେବ । ଶ୍ୟାମା କିନ୍ତୁ ବାବାଙ୍କ ଉପଦେଶକୁ ଗ୍ରହଣ କଲେ ନାହିଁ ଏବଂ କହିଲେ 'ମୋର ଏହି ଗ୍ରନ୍ଥ ଲୋଡ଼ା ନାହିଁ । କାରଣ ଏହାର ଅଧିକାରୀ ସ୍ୱାମୀ ରାମଦାସ ଜଣେ ପାଗଳ, ହଟଯୋଗୀ ଏବଂ ଅତି କ୍ରୋଧିତ ବ୍ୟକ୍ତି, ସେ ଖାଲିଟାରେ ଆସି କଳହ କରିବେ । ପୁଣି ଅଳ୍ପଶିକ୍ଷିତ ହୋଇଥିବାରୁ ସଂସ୍କୃତ ଭାଷାରେ ଲିଖିତ ଏହି ଗ୍ରନ୍ଥ ପଢ଼ିବାକୁ ମୁଁ ଅସମର୍ଥ ।' ଶ୍ୟାମା ମନେ କରିଥିଲେ ଯେ ରାମଦାସୀ ଓ ତାଙ୍କ ମଧ୍ୟରେ କଳି ଲଗାଇବାକୁ ବାବା ଏହି ନାଟକ ରଚନା କରିଛନ୍ତି । ବାବାଙ୍କର ଅସଲ ଅଭିପ୍ରାୟ ସେ ବୁଝିପାରିନଥିଲେ । ଏଣେ ବାବା ଯେପରି ହେଲେ ମଧ୍ୟ ବିଷ୍ଣୁ ସହସ୍ର ନାମ ତାଙ୍କର କଣ୍ଠରେ ପ୍ରତିଷ୍ଠା କରି ତାଙ୍କୁ ସାଂସାରିକ ଦୁଃଖରୁ ମୁକ୍ତ କରିବାକୁ ଚାହୁଁଥିଲେ । **ଈଶ୍ୱର ନାମ ଜପର ମହତ୍ତ୍ୱ ସମସ୍ତେ ଜାଣନ୍ତି । ପାପରୁ ଉଦ୍ଧାରକରି କୁବୃତ୍ତିରୁ ରକ୍ଷା କରି ଏହା ଜନ୍ମ ମୃତ୍ୟୁର ବନ୍ଧନ ଛିନ୍ନ କରିଦିଏ । ଆତ୍ମଶୁଦ୍ଧି ନିମନ୍ତେ ଏହା ଏକ ଉତ୍ତମ ସାଧନା, ଏଥିରେ କୌଣସି ସାମଗ୍ରୀ କି ନିୟମ ବନ୍ଧନର ଆବଶ୍ୟକତା ନାହିଁ ।** ଏହାଠାରୁ ସୁଗମ ଏବଂ ପ୍ରଭାବକାରୀ ସାଧନା ଅନ୍ୟ କିଛି ନାହିଁ । ବାବାଙ୍କର ଇଚ୍ଛା ତ ଶ୍ୟାମାଙ୍କଠାରେ ଏହି ସାଧନା କରାଇବା ଥିଲା, କିନ୍ତୁ ଶ୍ୟାମା ତାହା ଚାହୁଁନଥିଲେ । ଏଣୁ ବାବା ତାଙ୍କ ଉପରେ ଚାପ ପ୍ରୟୋଗ କଲେ ନାହିଁ । ଏହା ମଧ୍ୟ ଶୁଣାଯାଏ ଯେ ବହୁ ପୂର୍ବରୁ ଶ୍ରୀ ଏକନାଥ ମହାରାଜ ତାଙ୍କର ଜଣେ ପଡ଼ୋଶୀ ବ୍ରାହ୍ମଣଙ୍କୁ ବିଷ୍ଣୁସହସ୍ର ନାମ ଜପ କରିବାକୁ ଆଗ୍ରହ ଜାତ କରାଇ ତାଙ୍କର ରକ୍ଷା କରିଥିଲେ । ବିଷ୍ଣୁସହସ୍ର ନାମ ଜପ ଚିତ୍ତଶୁଦ୍ଧି ନିମନ୍ତେ ଏକ ସରଳ ତଥା ଶ୍ରେଷ୍ଠ ମାର୍ଗ । ଏଥିପାଇଁ ବାବା ଶ୍ୟାମାଙ୍କୁ ଅନୁରୋଧପୂର୍ବକ ଏହା ଜପ କରିବାକୁ ପ୍ରବୃତ୍ତ କଲେ । ଇତିମଧ୍ୟରେ ରାମଦାସୀ ସୋନାମୁଖୀ ଆଣି ଫେରିଲେ । ଅଣ୍ଣା ଚିଞ୍ଚଣୀକର ନାମକ ବ୍ୟକ୍ତି ସେଠାରେ ଉପସ୍ଥିତ ଥିଲେ, ତାଙ୍କର ପ୍ରକୃତି ପ୍ରାୟତଃ ନାରଦ ମୁନି ସ୍ୱଭାବର ଥିଲା । ସେ ସମ୍ପୂର୍ଣ୍ଣ ଘଟଣାର ବୃତ୍ତାନ୍ତ ରାମଦାସୀଙ୍କ ଆଗରେ ବଖାଣିଦେଲେ ।

ଏହାପରେ ରାମଦାସୀଙ୍କ କ୍ରୋଧ ଦେଖେ କିଏ ! ସିଧା ଶ୍ୟାମାଙ୍କ ପାଖକୁ ଝୁଙ୍କି ଆସି କହିଲେ 'ଏସବୁ ତୁମର କାମ । ବାବାଙ୍କ ଦ୍ୱାରା ଉଦର ପୀଡ଼ା ବାହାନାରେ ମୋତେ ଔଷଧ ଆଣିବାକୁ ପଠାଇଦେଲ । ଏବେ ଯଦି ବହି ନଫେରାଅ, ତାହେଲେ ତୁମ ମୁଣ୍ଡ ଫଟାଇଦେବି ।' ଶ୍ୟାମା ଧୀର ସ୍ୱରରେ ବୁଝାଇବାକୁ ଚେଷ୍ଟା କଲେ, କିନ୍ତୁ ତାହା ବୃଥା

ହେଲା । ବାବା ଏହା ଦେଖି ନୀରବରେ ମନ୍ଦହାସ ଦେଉଥିଲେ । ତାପରେ ବଡ଼ ପ୍ରେମପୂର୍ଣ୍ଣ ଗଳାରେ କହିଲେ 'ହଇଓ ରାମଦାସୀ, ଏ କି କଥା ? ଏମିତି କାହିଁକି ଉପଦ୍ରବ କରୁଛ ? ଶ୍ୟାମା କ'ଣ ତୁମର ଭାଇ ନୁହେଁ ? ତୁଚ୍ଛାରେ ତାକୁ ଗାଳି ଦେଉଛ । ମୋତେ ତ ଲାଗୁଛି ତୁମର ପ୍ରକୃତି ହିଁ ଏହିପରି । ତୁମେ କ'ଣ ଶିଷ୍ଟତା ଜାଣ ନାହିଁ ? ପ୍ରତିଦିନ ତୁମେ ଏହି ଗ୍ରନ୍ଥ ପାଠ କରୁଛ, ତଥାପି ତୁମର ଚିତ୍ତ ଶୁଦ୍ଧ ହେଉନାହିଁ । ତୁମର ଇଚ୍ଛା ଯେତେବେଳେ ତୁମର ନିୟନ୍ତ୍ରଣରେ ନାହିଁ, ତୁମେ କି ପ୍ରକାର ରାମଦାସୀ ? ତୁମେ ତ ସମସ୍ତ ପଦାର୍ଥ ପ୍ରତି ଅନାସକ୍ତ ରହିବା କଥା । କି ବିଚିତ୍ର କଥା ଯେ ଏହି ପୁସ୍ତକ ଉପରେ ତୁମର ଏତେ ମୋହ ? ପ୍ରକୃତ ରାମଦାସୀ ମମତା ତ୍ୟାଗ କରି ସମଦର୍ଶୀ ହେବା ଉଚିତ । ବାଳକ ଶ୍ୟାମା ସହ ଗୋଟିଏ ଛୋଟ ପୁସ୍ତକ ପାଇଁ ତୁମେ ଝଗଡ଼ା କରୁଛ । ଯାଅ, ନିଜ ଆସନରେ ବସ । ପଇସା ଦ୍ୱାରା ଅନେକ ବହି ମିଳିପାରିବ, ମନୁଷ୍ୟ ନୁହେଁ । ଉତ୍ତମ ବିଚାରକ ହୋଇ ବିବେକଶୀଳ ହୁଅ । ପୁସ୍ତକର ମୂଲ୍ୟ କ'ଣ ଓ ତାହା ଶ୍ୟାମାଙ୍କ ପାଇଁ କାହିଁକି ପ୍ରୟୋଜନ ? ମୁଁ ସ୍ୱୟଂ ଏହି ଗ୍ରନ୍ଥ ତୁମ ଆସନରୁ ଆଣି ତାକୁ ଏହା ମନେକରି ଦେଇଥିଲି ଯେ ଏହି ପୁସ୍ତକ ତୁମର କଣ୍ଠସ୍ଥ ହୋଇସାରିଛି । ଏବେ ଶ୍ୟାମା ତାକୁ ପାଠ କରି ଲାଭବାନ ହେଉ, ଏଥିପାଇଁ ତାକୁ ତାହା ଦେଲି ।' ବାବାଙ୍କର ଏହି ବାଣୀ କେତେ ମୃଦୁ ତଥା ଅର୍ଥପୂର୍ଣ୍ଣ ଥିଲା ! ରାମଦାସୀଙ୍କ ଉପରେ ଏହାର ପ୍ରଭାବ ପଡ଼ିଲା । ସେ ନୀରବ ହୋଇଗଲେ ତଥା ଶ୍ୟାମାଙ୍କୁ କହିଲେ କି ଏହା ବଦଳରେ ସେ ପଞ୍ଚରତ୍ନୀ ଗୀତାର ଏକ ପ୍ରତିଲିପି ତାଙ୍କଠାରୁ ନେବେ । ଶ୍ୟାମା ସହର୍ଷପୂର୍ବକ କହିଲେ 'ଗୋଟିଏ କାହିଁକି, ମୁଁ ୧୦ଟି ବହି ଦେବାକୁ ପ୍ରସ୍ତୁତ ଅଛି ।'

ଏହି ପ୍ରକାର ଏହି ବିବାଦ ଶାନ୍ତ ପଡ଼ିଲା, କିନ୍ତୁ ଏବେ ପ୍ରଶ୍ନ ହେଉଛି ଯେ ରାମଦାସୀ ପଞ୍ଚରତ୍ନ ଗୀତା ମାଗିଲେ କାହିଁକି ? ଏହି ପୁସ୍ତକ କଥା ତାଙ୍କ ମନରେ କେବେ ନଥିଲା । ତଥାପି ସେ ଏଥିପାଇଁ ଆଗ୍ରହ ପ୍ରକାଶ କଲେ କାହିଁକି ? ପୁଣି ଦ୍ୱାରକାମାୟୀରେ ପ୍ରତିଦିନ ଧର୍ମଗ୍ରନ୍ଥ ପାଠ କରୁଥିବା ସତ୍ତ୍ୱେ ସେ ବାବାଙ୍କ ସମ୍ମୁଖରେ ଏପରି କ୍ରୋଧ ପ୍ରକଟ କଲେ ଓ ପରେ ଶାନ୍ତ ହେଲେ କିପରି ? ଏଥିପାଇଁ କାହାକୁ ଦୋଷ ଦେବା ଏବଂ ଦୋଷୀ କିଏ ତାହା ଆମକୁ ଜଣାନାହିଁ । ଆମେ କେବଳ ଏତିକି ଜାଣିପାରୁଛୁ ଯେ ଯଦି ଏହି ପ୍ରଣାଳୀର ଅବଲମ୍ବନ କରାଯାଇନଥାନ୍ତା ତାହେଲେ ଏହାର ମହତ୍ତ୍ୱ ଏବଂ ଈଶ୍ୱରଙ୍କ ନାମର ମହିମା ତଥା ଶ୍ୟାମାଙ୍କୁ ବିଷ୍ଣୁସହସ୍ରନାମ ପଠନର ଶୁଭ ସୁଯୋଗ ପ୍ରାପ୍ତ ହୋଇନଥାନ୍ତା । ଏଥିରୁ ଏହା ପ୍ରତୀତ ହେଉଛି ଯେ ବାବାଙ୍କର ଉପଦେଶ ଶୈଳୀ ଏବଂ ତାଙ୍କର ପ୍ରକ୍ରିୟା ଅନନ୍ୟ । ଶ୍ୟାମା ଧୀରେ ଧୀରେ ଏହି ଗ୍ରନ୍ଥ ଅଧ୍ୟୟନରେ ଏପରି ପଟୁତା ଅର୍ଜନ କଲେ ଯେ ପରବର୍ତ୍ତୀ ସମୟରେ ବୁଟିସାହେବଙ୍କର ଜାମାତା ପ୍ରଫେସର ଜି.ଜି. ନାରକେ,ଏମ.ଏ.(ଇଞ୍ଜିନିୟରିଂ କଲେଜ, ପୁନା) ଙ୍କୁ ତା'ର ପ୍ରକୃତ ଅର୍ଥ ବୁଝାଇବାରେ ସଫଳ ହେଲେ ।

**ଗୀତା ରହସ୍ୟ :** ଯେଉଁ ଭକ୍ତମାନେ ବ୍ରହ୍ମବିଦ୍ୟା(ଅଧ୍ୟାତ୍ମ ଶାସ୍ତ୍ର) ଅଧ୍ୟୟନ କରୁଥିଲେ, ବାବା ସେମାନଙ୍କୁ ଭଲ ପାଉଥିଲେ ତଥା ବରାବର ଉତ୍ସାହିତ କରୁଥିଲେ । ଗୋଟିଏ ଉଦାରଣ ହେଲା ଥରେ ବାପୁସାହେବ ଯୋଗଙ୍କର ଗୋଟିଏ ଡାକ ଆସିଲା । ଏଥିରେ ଲୋକମାନ୍ୟ ତିଲକକୃତ ଗୀତା-ଭାଷ୍ୟର ଗୋଟିଏ ପ୍ରତିଲିପି ଥିଲା । ବାପୁ ତାକୁ କାଖରେ ଜାକି ଦ୍ୱାରକାମାୟୀକୁ ଆସିଲେ ଓ ବାବାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲେ । ଏହି ସମୟରେ ଡାକ ପ୍ୟାକେଟଟି ତାଙ୍କ କାଖରୁ ଖସିଯାଇ ବାବାଙ୍କ ଚରଣରେ ପଡ଼ିଗଲା । ବାବା ଏହା କ'ଣ ବୋଲି ଜିଜ୍ଞାସା କଲେ । ବାପୁସାହେବ ପ୍ୟାକେଟ ଖୋଲି ବହିଟିକୁ କାଢ଼ି ବାବାଙ୍କର କର-କମଳରେ ଅର୍ପଣ କଲେ । ବାବା ତାର କିଛି ପୃଷ୍ଠା ଅବଲୋକନ କରି ମୁଣାରୁ ଗୋଟିଏ ମୁଦ୍ରା ବାହାର କଲେ ଏବଂ ପୁସ୍ତକ ଉପରେ ରଖି ତାଙ୍କୁ ଫେରାଇଦେଲେ । ପୁଣି କହିଲେ ଯେ 'ଧ୍ୟାନର ସହ ଏହା ଅଧ୍ୟୟନ କର । ଏହାଦ୍ୱାରା ତୁମର କଲ୍ୟାଣ ହେବ ।'

## ।। ଶିଷ୍ୟର ସେବା ଓ ଗୁରୁଙ୍କ ଶକ୍ତିପାତ ।।

**ଶ୍ରୀମାନ୍ ଓ ଶ୍ରୀମତୀ ଖପର୍ଦ୍ଦେ :** ଥରେ ଦାଦା ସାହେବ ଖପର୍ଦ୍ଦେ ସପରିବାର ଶିରିଡ଼ି ଆସିଲେ ଏବଂ କିଛି ମାସ ଧରି ଅବସ୍ଥାନ କଲେ । ତାଙ୍କର ରହଣି କାଳର ଦୈନନ୍ଦିନ ବିବରଣୀ ଶ୍ରୀ ସାଇଲୀଳା ପତ୍ରିକାର ପ୍ରଥମ ଭାଗରେ ପ୍ରକାଶିତ ହୋଇଛି । ଦାଦାସାହେବ କୌଣସି ସାଧାରଣ ବ୍ୟକ୍ତି ନଥିଲେ । ସେ ଏକ ଧନାଢ଼୍ୟ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଅମରାବତୀର ଜଣେ ସୁପ୍ରସିଦ୍ଧ ଓକିଲ ଭାବରେ ତାଙ୍କର ନାମ ଥିଲା । ଦିଲ୍ଲୀସ୍ଥିତ ରାଜ୍ୟ କାଉନ୍‌ସିଲ୍‌ର ସେ ସଦସ୍ୟ ଥିଲେ । ଜଣେ ବିଦ୍ୱାନ ଓ ପ୍ରବୀଣ ବକ୍ତା ଭାବେ ତାଙ୍କର ଯଥେଷ୍ଟ ଖ୍ୟାତି ରହିଥିଲା । ଏତେସବୁ ଗୁଣର ଅଧିକାରୀ ହୋଇଥିବା ସତ୍ତ୍ୱେ ବାବାଙ୍କ ସମ୍ମୁଖରେ ମୁହଁ ଖୋଲିବାର ତାଙ୍କର ସାହସ ନଥିଲା । ଅଧିକାଂଶ ଭକ୍ତ ତ ସବୁବେଳେ ବାବାଙ୍କଠାରୁ ସେମାନଙ୍କ ଶଙ୍କାର ସମାଧାନ କରିବାରେ ଲାଗିଥିଲେ । କେବଳ ତିନିଜଣ ବ୍ୟକ୍ତି ଖପର୍ଦ୍ଦେ, ନୁଲକର ଏବଂ ବୁଟି ହିଁ ଏପରି ଥିଲେ, ଯେଉଁମାନେ ସର୍ବଦା ମୌନ ରହିବାକୁ ଶ୍ରେୟ ମଣୁଥିଲେ ତଥା ଅତି ବିନମ୍ର ଏବଂ ଉତ୍ତମ ସ୍ୱଭାବର ବ୍ୟକ୍ତି ଥିଲେ । ବିଦ୍ୟାରମଣ ସ୍ୱାମୀଙ୍କ ଦ୍ୱାରା ରଚିତ ପଞ୍ଚଦଶୀ ନାମକ ପ୍ରସିଦ୍ଧ ସଂସ୍କୃତ ଗ୍ରନ୍ଥ, ଯେଉଁଥିରେ ଅଦ୍ୱୈତବାଦର ଦର୍ଶନ ସନ୍ନିବେଶିତ ହୋଇଛି, ତା'ର ବିବରଣୀ ଦାଦାସାହେବ ଅନ୍ୟମାନଙ୍କୁ ବୁଝାଉଥିଲେ, କିନ୍ତୁ ଯେତେବେଳେ ସେ ବାବାଙ୍କ ନିକଟକୁ ଗଲେ ତାଙ୍କ ପାଟିରୁ ଗୋଟିଏ ଶବ୍ଦ ମଧ୍ୟ ବାହାରିଲା ନାହିଁ । ପ୍ରକୃତରେ କୌଣସି ବ୍ୟକ୍ତି ସେ ଯେତେବଡ଼ ବିଦ୍ୱାନ ବା ବେଦବେଦାନ୍ତରେ ପାରଙ୍ଗମ ହୋଇଥାଆନ୍ତୁ ନା କାହିଁକି ବ୍ରହ୍ମପଦରେ ପହଞ୍ଚିଥିବା ବ୍ୟକ୍ତିଙ୍କ ସମ୍ମୁଖରେ ତାଙ୍କର ଶୁଷ୍କ ଜ୍ଞାନ ମ୍ଳାନ ପଡ଼ିଯାଏ । ଦାଦାସାହେବ ଶିରିଡ଼ିରେ ଚାରିମାସ ତଥା ତାଙ୍କର ପତ୍ନୀ ସାତମାସ ରହିଲେ । ସେ

ଦୁହେଁ ଶିରିଡ଼ି ରହଣିରେ ଅତ୍ୟନ୍ତ ପ୍ରସନ୍ନ ଥିଲେ । ଶ୍ରୀମତୀ ଖପର୍ଦ୍ଦେ ଶ୍ରଦ୍ଧାଳୁ ତଥା ବଡ଼ ଭକ୍ତ ଥିଲେ, ତେଣୁ ସାଇଚରଣରେ ତାଙ୍କର ପ୍ରଗାଢ଼ ପ୍ରେମ ଥିଲା । ପ୍ରତିଦିନ ମଧ୍ୟାହ୍ନରେ ସେ ନୈବେଦ୍ୟ ପ୍ରସ୍ତୁତକରି ଦ୍ୱାରକାମାୟୀକୁ ଯାଉଥିଲେ ଏବଂ ବାବା ତାହା ଗ୍ରହଣ କରିବା ପରେ ଘରକୁ ଫେରି ନିଜେ ଭୋଜନ ଗ୍ରହଣ କରୁଥିଲେ । ବାବା ତାଙ୍କର ଅଟଳ ଶ୍ରଦ୍ଧା ଅନ୍ୟମାନଙ୍କୁ ପ୍ରଭାବିତ କରିବା ଚାହୁଁଥିଲେ । ଦିନେ ଦ୍ୱିପ୍ରହର ସମୟରେ ସେ ଉପମା, ପୁରୀ, ଭାତ, ସର, ଖିରି ତଥା ଅନ୍ୟାନ୍ୟ ଭୋଜ୍ୟ ପଦାର୍ଥ ନେଇ ଦ୍ୱାରକାମାୟୀରେ ପହଞ୍ଚିଲେ । ଅନେକ ଦିନ ତ ବାବାଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ହେଉଥିଲା; କିନ୍ତୁ ସେହିଦିନ ସେ ତୁରନ୍ତ ଉଠିପଡ଼ିଲେ ଏବଂ ଭୋଜନ ସ୍ଥାନରେ ଆସନ ଗ୍ରହଣ କରି ଘୋଡ଼ଣି ହଟାଇ ରୁଚିପୂର୍ବକ ଭୋଜନ କରିବା ଆରମ୍ଭ କଲେ । ଏହା ଦେଖି ଶ୍ୟାମା କହିଲେ 'ହେ, ଦେବା ! ଏପରି ପକ୍ଷପାତ କାହିଁକି ? ଅନ୍ୟମାନଙ୍କ ଥାଳି ପ୍ରତି ଦୃଷ୍ଟି ଦେଉନାହାନ୍ତି, ଓଲଟି ତାହାକୁ ଏଡ଼ାଇ ଯାଉଛନ୍ତି । ଏହି ଗୋଟିଏ ଥାଳିକୁ ଏତେ ଆଗ୍ରହ ଓ ରୁଚି ପୂର୍ବକ ଗ୍ରହଣ କରୁଛନ୍ତି କାହିଁକି ? ଏଥିରେ ଏପରି କି ସ୍ୱାଦ ରହିଛି ? ଏହାପରେ ବାବା କହିଲେ–


'ଏହି ଭୋଜନରେ ଏକ ସ୍ୱାତନ୍ତ୍ର୍ୟ ଅଛି । ପୂର୍ବ ଜନ୍ମରେ ଏହି ମହିଳା ଜଣେ ବ୍ୟବସାୟୀଙ୍କର ହୃଷ୍ଟପୁଷ୍ଟ ଗାଈ ଥିଲା ଏବଂ ବହୁତ ଦୁଗ୍ଧ ଦେଉଥିଲା । ପଶୁଯୋନି ତ୍ୟାଗ କରି ସେ ଏକ ମାଳୀ ପରିବାରରେ ଜନ୍ମ ଗ୍ରହଣ କଲା । ସେହି ଜନ୍ମ ପରେ ପୁଣି ଏକ କ୍ଷତ୍ରିୟ ବଂଶରେ ଜନ୍ମ ନେଲା ଏବଂ ଜଣେ ବ୍ୟବସାୟୀ ସହ ତା'ର ବିବାହ ହେଲା । ଦୀର୍ଘକାଳ ପରେ ଏହା ସହ ଭେଟ ହୋଇଛି । ଏଥିପାଇଁ ତା'ର ଥାଳିରୁ ପ୍ରେମ ସହକାରେ ଚାରି ଗ୍ରାସ ନେଇଯାଏ ! ଏହା କହି ବାବା ପେଟଭରି ଭୋଜନ କଲେ ଏବଂ ହସ୍ତ, ମୁଖ ପ୍ରକ୍ଷାଳନକରି ତୃପ୍ତିରେ ଚାରି ପାଞ୍ଚ ବାର ହାକୁଟି ମାରି ନିଜ ଆସନରେ ଉପବିଷ୍ଟ ହେଲେ । ଶ୍ରୀମତୀ ଖପର୍ଦ୍ଦେ ବାବାଙ୍କୁ ଭକ୍ତିପୂତ ନମନ କଲେ ଏବଂ ତାଙ୍କର ପାଦ ସେବା କରିବାକୁ ଲାଗିଲେ । ବାବା ତାଙ୍କ ସହ ବାର୍ତ୍ତାଳାପ କଲେ ଏବଂ ନିଜେ ମଧ୍ୟ ତାଙ୍କର ହାତ ଚିପିବାକୁ ଲାଗିଲେ । ଏହି ପ୍ରକାର ପରସ୍ପର ସେବା କରୁଥିବା ଦେଖି ଶ୍ୟାମା ମନ୍ଦହାସ୍ୟ ଦେଇ ମନ୍ତବ୍ୟ ଦେଲେ 'ଦେଖ, କି ଅଦ୍‌ଭୂତ ଦୃଶ୍ୟ । ଭଗବାନ ଓ ଭକ୍ତ ଜଣେ ଆଉ ଜଣକର ସେବା କରୁଛନ୍ତି ।' ତାଙ୍କର ସଦ୍‌ଭାବ ଦେଖି ବାବା ମଧୁର ତଥା କୋମଳ ବଚନରେ କହିଲେ କି ଏବେ ସର୍ବଦା 'ରାଜାରାମ, ରାଜାରାମ' ଜପ କର । ଏହାଦ୍ୱାରା ତୁମେ ଜୀବନର ଧ୍ୟେୟ ଅବଶ୍ୟ ପ୍ରାପ୍ତ କରିବ ଓ ପୂର୍ଣ୍ଣ ଶାନ୍ତି ଲାଭ କରିବ ।' ଆଧ୍ୟାତ୍ମିକ ବିଷୟରେ ଅଜ୍ଞାତ ବ୍ୟକ୍ତିମାନଙ୍କ ପାଇଁ ଏହି ଘଟଣା ସାଧାରଣ ପରି ମନେ ହେବ; କିନ୍ତୁ ଶାସ୍ତ୍ରୀୟ ଭାଷାରେ ଏହା 'ଶକ୍ତିପାତ' ନାମରେ ବିଦିତ ଅଟେ । ଅର୍ଥାତ ଗୁରୁଙ୍କ ଦ୍ୱାରା ଶିଷ୍ୟ ହୃଦୟରେ ଶକ୍ତି ସଞ୍ଚାର ।

ବାବାଙ୍କର ବାଣୀ କେତେ ଶକ୍ତିଶାଳୀ ଏବଂ ପ୍ରଭାବକାରୀ ଥିଲା– ଗୋଟିଏ କ୍ଷଣରେ

ତାହା ତାଙ୍କର ହୃଦୟ କମଳରେ ପ୍ରବେଶ କରି ଅଂକୁରିତ ହୋଇଗଲା । ଏହି ଘଟଣା ଗୁରୁ-ଶିଷ୍ୟଙ୍କ ଆଦର୍ଶ ସମ୍ବନ୍ଧର ପ୍ରତୀକ ଅଟେ ।

ଗୁରୁ-ଶିଷ୍ୟ ଉଭୟଙ୍କୁ ଜଣେ ଅନ୍ୟ ଜଣକଠାରୁ ଅଭିନ୍ନ ମନେ କରି ପ୍ରେମ ଏବଂ ସେବା କରିବା ଉଚିତ, କାରଣ ସେ ଦୁହିଁଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସେ ଦୁହେଁ ଅଭିନ୍ନ ଏବଂ ଏକ ଓ କେବେ ପୃଥକ ହୋଇପାରିବେ ନାହିଁ । ଶିଷ୍ୟ ଗୁରୁଦେବଙ୍କ ଚରଣରେ ମସ୍ତକ ରଖୁଛି, ଏହା ତ କେବଳ ବାହ୍ୟ ଦୃଶ୍ୟ । ଆନ୍ତରିକ ଦୃଷ୍ଟିରେ ଉଭୟେ ଅଭିନ୍ନ ଏବଂ ଏକ ତଥା ଯିଏ ତାଙ୍କୁ ପୃଥକ ମନେ କରେ, ସେ ଅପରିପକ୍ୱ ଏବଂ ଅପୂର୍ଣ୍ଣ ମନେ କରିବାକୁ ହେବ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



## ।।ଅଷ୍ଟାବିଂଶ(୨୮) ଅଧ୍ୟାୟ ।।

### ଡୋରି ଲଗାଇ ଶିରିଡ଼ିକୁ ଟାଣିଆଣିବା, ଧାର କରି ତୀର୍ଥଯାତ୍ରାକୁ ବାରଣ, ଖେଚୁଡ଼ି ପ୍ରସାଦ ଏବଂ ମେଘାଙ୍କର ନିର୍ବାଣ

**ପ୍ରାକ୍ କଥନ :** ଶ୍ରୀ ସାଇ ଅନନ୍ତ । କ୍ଷୁଦ୍ରାତିକ୍ଷୁଦ୍ର ପିମ୍ପୁଡ଼ିଠାରୁ ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ସମସ୍ତ ଭୂତରେ ସେ ବିଦ୍ୟମାନ । ବେଦ ଏବଂ ଆତ୍ମବିଜ୍ଞାନରେ ପୂର୍ଣ୍ଣ ପାରଦର୍ଶୀ ହୋଇଥିବା ଯୋଗୁ ସଦ୍‌ଗୁରୁ ପଦ ନିମନ୍ତେ ସେ ସର୍ବଦା ଯୋଗ୍ୟ । ଜଣେ ଯେତେ ବିଦ୍ୱାନ ହୋଇଥାଆନ୍ତୁ ନା କାହିଁକି, ସେ ଯଦି ତାଙ୍କର ଶିଷ୍ୟକୁ ଜାଗ୍ରତକରି ତାକୁ ଆତ୍ମସ୍ୱରୂପର ଦର୍ଶନ କରାଇପାରୁନାହାନ୍ତି ତାହେଲେ ତାଙ୍କୁ କଦାପି ସଦ୍‌ଗୁରୁ କୁହାଯାଇପାରିବ ନାହିଁ । ସାଧାରଣତଃ ପିତା ଏହି ନଶ୍ୱର ଶରୀରର ଜନ୍ମଦାତା ହୋଇଥାନ୍ତି; କିନ୍ତୁ ସଦ୍‌ଗୁରୁ ଜନ୍ମ ଏବଂ ମୃତ୍ୟୁ ଉଭୟର ମୁକ୍ତିଦାତା ଅଟନ୍ତି । ଏଣୁ ସେ ଅନ୍ୟ ସମସ୍ତଙ୍କଠାରୁ ଦୟାବାନ୍ ଓ କରୁଣାମୟ ଅଟନ୍ତି ।

ଶ୍ରୀ ସାଇବାବା ସର୍ବଦା କହୁଥିଲେ **'ମୋର ଭକ୍ତ ହଜାରେ କୋଶ ଦୂରରେ ଥାଉ ନା କାହିଁକି, ସେ ଶିରିଡ଼ିକୁ ଏପରି ଟାଣି ହୋଇ ଚାଲିଆସିବ ଯେପରି ଡୋରିରେ ବନ୍ଧା ହୋଇଥିବା ପକ୍ଷୀ ଟାଣି ହୋଇ ସ୍ୱୟଂ ଚାଲିଆସେ ।'** ଏହି ଅଧ୍ୟାୟରେ ଏପରି ତିନୋଟି ଚଢ଼େଇଙ୍କର ବର୍ଣ୍ଣନା କରିବା ।

## ।।ଧାର କରି ତୀର୍ଥଯାତ୍ରାକୁ ବାରଣ ।।

**(୧) ଲାଲା ଲକ୍ଷ୍ମୀଚାନ୍ଦ :** ମୁମ୍ବଇର ଭେଙ୍କଟେଶ୍ୱର ପ୍ରେସରେ ଲାଲା ଲକ୍ଷ୍ମୀଚାନ୍ଦ ଚାକିରି କରୁଥିଲେ । ଏହାପରେ ରେଳ ବିଭାଗରେ କାର୍ଯ୍ୟ କଲେ । କିଛି ଦିନ ପରେ ମେସର୍ସ ରାଲି ବ୍ରଦର୍ସ ଏଣ୍ଡ କମ୍ପାନୀରେ ମୁନ୍‌ସୀ ରୂପେ ଯୋଗ ଦେଲେ । ୧୯୧୦ ମସିହାରେ ସେ ଶ୍ରୀ ସାଇବାବାଙ୍କ ସାନ୍ନିଧ୍ୟରେ ଆସିଲେ । ବଡ଼ଦିନର ପ୍ରାୟ ମାସେ ଦୁଇମାସ ପୂର୍ବରୁ ଦିନେ ସାନ୍ତାକ୍ରୁଜରେ ଜଣେ ଶ୍ମଶ୍ରୁଧାରୀ ବୃଦ୍ଧଙ୍କୁ ସେ ସ୍ୱପ୍ନରେ ଦେଖିଲେ । ଚତୁଃପାର୍ଶ୍ୱରେ ଭକ୍ତଗଣ ତାଙ୍କୁ ଘେରି ରହିଥାନ୍ତି । ଏହାର କିଛିଦିନ ପରେ ସେ ତାଙ୍କର ଜଣେ ବନ୍ଧୁ ଦତ୍ତାତ୍ରେୟ ମଞ୍ଜୁନାଥ ବିଜୁରଙ୍କ ନିକଟକୁ ଦାସଗଣୁଙ୍କର କୀର୍ତ୍ତନ ଶୁଣିବାକୁ ଗଲେ । ଦାସଗଣୁ କୀର୍ତ୍ତନ କରିବା ସ୍ଥାନରେ ଶ୍ରୀ ସାଇବାବାଙ୍କର ଗୋଟିଏ ଫଟୋ ରଖୁଥିଲେ । ସେହି ଫଟୋଟିକୁ ଦେଖି ଲକ୍ଷ୍ମୀଚାନ୍ଦ ଆଶ୍ଚର୍ଯ୍ୟ ହୋଇଗଲେ କାରଣ ସ୍ୱପ୍ନରେ ଯେଉଁ ବୃଦ୍ଧଙ୍କୁ ସେ ଦେଖିଥିଲେ, ଫଟୋଟି ଠିକ୍ ତାହା ସହ ମିଶିଯାଉଥିଲା । ତାପରେ ସେ ନିଶ୍ଚିତ ହେଲେ ଯେ ତାଙ୍କୁ ସ୍ୱପ୍ନରେ ଦେଖାଦେଇଥିବା ବ୍ୟକ୍ତିଜଣକ ହିଁ ଶିରିଡ଼ି ସାଇବାବା । ଫଟୋ ଚିତ୍ର ଦର୍ଶନ, ଦାସଗଣୁଙ୍କର ମଧୁର କୀର୍ତ୍ତନ ଏବଂ ସନ୍ଥ ତୁକାରାମଙ୍କ

ଉପରେ ପ୍ରବଚନ ଆଦି ତାଙ୍କ ମନରେ ଏପରି ପ୍ରଭାବ ପକାଇଲା ଯେ ଶିରିଡ଼ି ଯାତ୍ରା କରିବାକୁ ସେ ଦୃଢ଼ ସଂକଳ୍ପ ହେଲେ । **ଭକ୍ତମାନେ ଚିରକାଳ ଏପରି ଅନୁଭବ କରିଆସିଛନ୍ତି ଯେ ଯିଏ ସଦ୍‌ଗୁରୁ ବା ଅନ୍ୟ କୌଣସି ଆଧ୍ୟାତ୍ମିକ ଜ୍ଞାନ ଅନ୍ୱେଷଣରେ ବାହାରେ, ଈଶ୍ୱର ସର୍ବଦା ତା'ର ସହାୟତା କରନ୍ତି ।** ସେହି ରାତି ପ୍ରାୟ ଆଠଟା ସମୟରେ ତାଙ୍କର ଜଣେ ବନ୍ଧୁ ଶଙ୍କର ରାଓ କବାଟରେ ଆଘାତ କଲେ ଏବଂ ତାଙ୍କ ସହ ଶିରିଡ଼ି ଯିବେ କି ବୋଲି ପ୍ରଶ୍ନ କଲେ । ଲକ୍ଷ୍ମୀଚାନ୍ଦଙ୍କ ଆନନ୍ଦର ସୀମା ରହିଲା ନାହିଁ ଏବଂ ସେ ତୁରନ୍ତ ଶିରିଡ଼ି ଯିବାକୁ ସ୍ଥିର କଲେ । ଜଣେ ମାରଓ୍ୱାଡ଼ିଙ୍କଠାରୁ ୧୫ ଟଙ୍କା ଧାର କଲେ ତଥା ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥା କରି ସେ ଶିରିଡ଼ି ଅଭିମୁଖେ ବାହାରିଲେ । ମନରେ ଅପୂର୍ବ ଉତ୍କଣ୍ଠା ଭରି ରହିଥାଏ । ରେଳରେ ବସି ବନ୍ଧୁମାନଙ୍କ ସହିତ ମିଶି ଭଜନ ବୋଲିଲେ । ସେହି ଡବାରେ ଚାରିଜଣ ଯବନ ଯାତ୍ରୀ ଥିଲେ, ସେମାନେ ଶିରିଡ଼ି ନିକଟସ୍ଥ ସେମାନଙ୍କର ଘରକୁ ଫେରୁଥିଲେ । ଲକ୍ଷ୍ମୀଚାନ୍ଦ ସେହି ଲୋକମାନଙ୍କୁ ସାଇବାବାଙ୍କ ବିଷୟରେ ପଚରାଉଚୁରା କଲେ । ସେମାନେ ତାଙ୍କୁ କହିଲେ ଯେ ଶ୍ରୀ ସାଇବାବା ଶିରିଡ଼ିରେ ଅନେକ ବର୍ଷ ଧରି ନିବାସ କରୁଛନ୍ତି ଏବଂ ସେ ଜଣେ ମହାନ୍ ସନ୍ଥ । ଏହାପରେ କୋପରଗାଓଁ ଷ୍ଟେସନରେ ସେମାନେ ଓହ୍ଲାଇଲେ ଓ ବାବାଙ୍କୁ ଭେଟି ଦେବା ପାଇଁ କିଛି ପିଜୁଳି ନେବାକୁ ଇଚ୍ଛା କଲେ । ତେବେ ସେଠାକାର ଅନୁପମ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖି ଏପରି ମୋହିତ ହୋଇଗଲେ ଯେ ପିଜୁଳି କିଣିବା କଥା ଭୁଲିଗଲେ । ଆନନ୍ଦ ମନରେ ଶିରିଡ଼ି ପହଞ୍ଚିବାକୁ ଯାଉଛନ୍ତି ଏହି ସମୟରେ ହଠାତ ପିଜୁଳି କଥା ମନେ ପଡ଼ିଲା । ଅପର ପାର୍ଶ୍ୱରୁ ଠିକ୍ ଏତିକିବେଳେ ଜଣେ ବୃଦ୍ଧା ଗୋଟିଏ ଝୁଡ଼ିରେ ପିଜୁଳି ଧରି ଏକ ଟାଙ୍ଗା ପଛରେ ଦୌଡ଼ି ଆସୁଥିବାର ଦେଖାଗଲା । ସେମାନେ ଟାଙ୍ଗାକୁ ଅଟକାଇଲେ ଏବଂ ବୃଦ୍ଧାଠାରୁ କିଛି ଭଲ ପିଜୁଳି ବାଛି କିଣିଲେ । ବୃଦ୍ଧାଜଣକ ଅବଶିଷ୍ଟ ପିଜୁଳିଗୁଡ଼ିକ ମଧ୍ୟ ନେଇଯିବାକୁ ଏବଂ ତାଙ୍କ ତରଫରୁ ବାବାଙ୍କୁ ଅର୍ପଣ କରିବାକୁ କହିଲେ । ଏହା ଶୁଣି ସେମାନେ ଆଶ୍ଚର୍ଯ୍ୟାନ୍ୱିତ ହେଲେ ଏବଂ ବୃଦ୍ଧାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କଲେ କାରଣ ତାଙ୍କ ଯୋଗୁ ହିଁ ସେମାନଙ୍କର ବିସ୍ମୃତି ଦୂର ହୋଇଗଲା । ଶ୍ରୀ ସାଇବାବାଙ୍କ ପ୍ରତି ବୃଦ୍ଧାଙ୍କର ଭକ୍ତି ତାଙ୍କୁ ବିସ୍ମିତ କଲା । ଲକ୍ଷ୍ମୀଚାନ୍ଦ ମନେ କଲେ ଯେ ସ୍ୱପ୍ନରେ ସେ ଦର୍ଶନ କରିଥିବା ବୃଦ୍ଧଙ୍କର ଇଏ ହୁଏତ କୌଣସି ସମ୍ପର୍କୀୟ ହୋଇଥିବେ । ଏହାପରେ ସେମାନେ ସିଧା ଯାତ୍ରା କରି ଶିରିଡ଼ିରେ ପହଞ୍ଚିଲେ । ଦୂରରୁ ମସଜିଦ୍ ଉପରେ ଫର ଫର ହୋଇ ଉଡୁଥିବା ପତାକା ଦୃଶ୍ୟମାନ ହେଲା । ପ୍ରଣାମ କରି ପୂଜା ସାମଗ୍ରୀ ଧରି ସେମାନେ ମସଜିଦ୍‌ରେ ପ୍ରବେଶ କଲେ ଏବଂ ବାବାଙ୍କର ଯଥାବିଧି ପୂଜା କରି ଦ୍ରବୀଭୂତ ହୋଇଗଲେ । ସାଇଙ୍କର ଦର୍ଶନ କରି ସେମାନେ ଅହେତୁକ ଆନନ୍ଦ ଲାଭକଲେ ତଥା ତାଙ୍କର ଶୀତଳ ଚରଣରେ ଏପରି ଲୋଟିଗଲେ ଯେପରି କୌଣସି ମହୁମାଛି ପଦ୍ମଫୁଲର ମକରନ୍ଦର ସୁଗନ୍ଧରେ ମୁଗ୍ଧ ହୋଇ ସେଥିରେ

ଏକାକାର ହୋଇଯାଇଛି । ତାପରେ ବାବା ସେମାନଙ୍କୁ ଯାହା କହିଲେ, ହେମାଡପନ୍ତ ତା'ର ବର୍ଣ୍ଣନା ଏପରି କରିଛନ୍ତି । 'ବାଟରେ ଭଜନ କରୁଛନ୍ତି ଆଉ ଅନ୍ୟମାନଙ୍କୁ ପଚାରୁଛନ୍ତି । ଅନ୍ୟମାନଙ୍କୁ କ'ଣ ପଚାରୁଛ । ସବୁକିଛି ନିଜ ଆଖିରେ ଦେଖ । ଅନ୍ୟ ଲୋକଙ୍କୁ କାହିଁକି ପଚାରୁଛ ? ସ୍ୱପ୍ନ କ'ଣ ସତ୍ୟ ନା ମିଥ୍ୟା ? ନିଜେ ସ୍ଥିର କର । ମାରୱାଡ଼ିଠାରୁ ଉଧାର ନେବା କି ଦରକାର ଥିଲା ? ଇଚ୍ଛା ପୂରା ହେଲା ତ ? ଏହି କଥା ଶୁଣି ବାବାଙ୍କର ସର୍ବବ୍ୟାପକତା ନେଇ ଲକ୍ଷ୍ମୀଚାନ୍ଦ ଆଚମ୍ୱିତ ହୋଇଗଲେ । ସେ ଲଜ୍ଜାବୋଧ କଲେ ଯେ ବାଟରେ ଯାହା କିଛି ଘଟିଛି ବାବା ସବୁ ଜାଣିଛନ୍ତି । ଏଠାରେ ଏତିକି କେବଳ ଧ୍ୟାନ ଦେବା କଥା ଯେ ଧାର କରି ତାଙ୍କର ଦର୍ଶନ ନିମନ୍ତେ ଯିବା ଏବଂ ତୀର୍ଥଯାତ୍ରାକୁ ଛୁଟି ପରି କଟାଇବା ବାବା ପସନ୍ଦ କରୁନଥିଲେ ।

**ଉପମା ପ୍ରସାଦ :** ମଧ୍ୟାହ୍ନ ସମୟରେ ଯେତେବେଳେ ଲକ୍ଷ୍ମୀଚାନ୍ଦ ଭୋଜନ ପାଇଁ ବସିଲେ, ଜଣେ ଭକ୍ତ ଉପମା ପ୍ରସାଦ ଆଣିଲେ । ଏହା ବଡ଼ ସ୍ୱାଦିଷ୍ଟ ହୋଇଥିଲା, ଲକ୍ଷ୍ମୀଚାନ୍ଦ ତାକୁ ପାଇ ଆନନ୍ଦିତ ହେଲେ । ପରଦିନ ମଧ୍ୟ ଉପମା ଖାଇବାକୁ ତାଙ୍କର ମନ ହେଲା; କିନ୍ତୁ କୌଣସି ଭକ୍ତ ସେଦିନ ଆଣିନଥିଲେ । ତୃତୀୟ ଦିନ ମଧ୍ୟାହ୍ନ ଆରତି ପରେ ବାପୁସାହେବ ଯୋଗ ନୈବେଦ୍ୟରେ କ'ଣ ତିଆରି କରାଯିବ ବୋଲି ବାବାଙ୍କୁ ପଚାରିଲେ । ବାବା ଉପମା କରିବା ପାଇଁ କହିଲେ । ଭକ୍ତମାନେ ଦୁଇଟି ବଡ଼ ହଣ୍ଡାରେ ଉପମା ତିଆରି କରି ଆଣିଲେ । ଲକ୍ଷ୍ମୀଚାନ୍ଦଙ୍କୁ ବଡ଼ ଭୋକ ହେଉଥିଲା । ଏହା ସହ ତାଙ୍କ ପିଠିରେ ବ୍ୟଥା ଥିଲା । ବାବା ତାଙ୍କୁ କହିଲେ 'ତୁମକୁ ଭୋକ ଲାଗୁଛି, ଠିକ୍ ଅଛି । ଅଣ୍ଟାରେ ବ୍ୟଥା ମଧ୍ୟ ଅଛି । ନିଅ, ଏବେ ଉପମାକୁ ହିଁ ଔଷଧ କର ।' ସେ ପୁଣି ଆଚମ୍ୱିତ ହେଲେ ଯେ ବାବା ଅନ୍ତରର ସବୁକଥା ଜାଣିପାରୁଛନ୍ତି । ବସ୍ତୁତଃ ବାବା ସର୍ବଜ୍ଞ ।

**କୁଦୃଷ୍ଟି :** ଏହି ଯାତ୍ରା ସମୟରେ ଚଭାଡ଼ି ଶୋଭାଯାତ୍ରା ଦେଖିବାର ସୌଭାଗ୍ୟ ମଧ୍ୟ ତାଙ୍କର ହେଲା । ସେହିଦିନ ବାବାଙ୍କର କଫ ହୋଇଥାଏ । ତାଙ୍କ ମନରେ ବିଚାର ଆସିଲା କି ହୁଏତ କାହାର କୁଦୃଷ୍ଟି ବାବାଙ୍କ ଉପରେ ପଡ଼ିଯାଇଛି, ତେଣୁ ତାଙ୍କର କଫ ହୋଇଛି । ପରଦିନ ସକାଳେ ବାବା ଯେତେବେଳେ ମସଜିଦ୍‌କୁ ଗଲେ ଶ୍ୟାମାଙ୍କୁ କହିଲେ କି 'କାହାର କୁଦୃଷ୍ଟି ପଡ଼ିବାରୁ ମୋତେ କଫ ହେଲା । ଲକ୍ଷ୍ମୀଚାନ୍ଦଙ୍କ ମନରେ ଯେଉଁ ଭାବନା ଆସୁଥିଲା, ତାହା ବାବା ତୁରନ୍ତ କହିଦେଉଥିଲେ । ବାବାଙ୍କର ଏପରି ସର୍ବବ୍ୟାପକତା ତଥା ଅନ୍ତର୍ଯ୍ୟାମୀତ୍ୱର ଅନେକ ପ୍ରମାଣ ତଥା ଭକ୍ତମାନଙ୍କ ପ୍ରତି ତାଙ୍କର ସ୍ନେହ ଦେଖି ଲକ୍ଷ୍ମୀଚାନ୍ଦ ବାବାଙ୍କର ଚରଣରେ ଲୋଟିପଡ଼ିଲେ ଏବଂ କହିଲେ ଯେ 'ଆପଣଙ୍କର ପ୍ରିୟ ଦର୍ଶନ ଦ୍ୱାରା ମୋର ଚିତ୍ତ ବଡ଼ ପ୍ରସନ୍ନ ହେଲା । ମୋର ମନ-ମଧୁପ ଆପଣଙ୍କର ଚରଣ କମଳ ଏବଂ ଭଜନରେ ହିଁ ନିରନ୍ତର ନିମଗ୍ନ ରହୁ । ଆପଣଙ୍କର ଭିନ୍ନ ଅନ୍ୟ କୌଣସି ଈଶ୍ୱର ଅଛନ୍ତି, ଏହା ମୋତେ ଜଣା ନାହିଁ । ମୋ ପ୍ରତି ଆପଣ

ସର୍ବଦା ଦୟା ଏବଂ ସ୍ନେହ କରନ୍ତୁ ଏବଂ ଆପଣଙ୍କ ଚରଣର ଦୀନଦାସକୁ ରକ୍ଷା କରି ତା'ର କଲ୍ୟାଣ କରନ୍ତୁ । ଆପଣଙ୍କର ଭବଭୟନାଶକ ଚରଣକୁ ସ୍ମରଣ କରି ମୋର ଜୀବନ ଆନନ୍ଦରେ କଟିଯାଉ, ଏହା ମୋର ବିନମ୍ର ପ୍ରାର୍ଥନା ।

ବାବାଙ୍କଠାରୁ ଆଶୀର୍ବାଦ ତଥା ଉଦି ନେଇ ସେ ବନ୍ଧୁଙ୍କ ସହ ମନ ଖୁସିରେ ବାଟସାରା ବାବାଙ୍କର ଗୁଣକୀର୍ତ୍ତନ କରି ଘରକୁ ଫେରିଲେ ଏବଂ ସର୍ବଦା ତାଙ୍କର ଭକ୍ତ ହୋଇ ରହିଲେ । ଶିରିଡ଼ି ଯାଉଥିବା ଲୋକଙ୍କ ହାତରେ ସେ ଫୁଲହାର, କର୍ପୂର ଏବଂ ଦକ୍ଷିଣା ଆଦି ପଠାଉଥିଲେ ।

**(୨)ବୁରହାନପୁରର ମହିଳାଙ୍କ ଖେଚୁଡ଼ି ପ୍ରସାଦ :** ଏବେ ଆମେ ଦ୍ୱିତୀୟ ଚଢ଼େଇ(ଭକ୍ତ)ର କାହାଣୀ ବର୍ଣ୍ଣନା କରିବା । ଦିନେ ବୁରହାନପୁରରେ ଜଣେ ମହିଳା ଶ୍ରୀ ସାଇବାବା ତାଙ୍କ ଦୁଆର ସମ୍ମୁଖରେ ଛିଡ଼ା ହୋଇଥିବା ଏବଂ ଖେଚୁଡ଼ି ମାଗୁଥିବା ସ୍ୱପ୍ନ ଦେଖିଲେ । ସେ ତୁରନ୍ତ ନିଦରୁ ଉଠିପଡ଼ି ଦୁଆର ପାଖକୁ ଗଲେ, ମାତ୍ର କେହି ନଥିଲେ । ତଥାପି ଏହା ତାଙ୍କ ମନରେ ଭାବାନ୍ତର ଜାତ କଲା ଏବଂ ସ୍ୱପ୍ନ କଥା ସେ ସ୍ୱାମୀ ତଥା ଅନ୍ୟମାନଙ୍କୁ ଜଣାଇଲେ । ତାଙ୍କର ପତି ଡାକ ବିଭାଗରେ ଚାକିରି କରୁଥିଲ । ଉଭୟ ପତି ଓ ପତ୍ନୀ ଧର୍ମପରାୟଣ ଥିଲେ । ଅକୋଲାକୁ ତାଙ୍କର ଯେତେବେଳେ ବଦଳି ହେଲା, ସେମାନେ ଶିରିଡ଼ି ଯିବାକୁ ଇଚ୍ଛା କଲେ ଏବଂ ଏକ ଶୁଭ ଦିନ ଦେଖି ଯାତ୍ରାରମ୍ଭ କଲେ । ବାଟରେ ଗୋମତୀ ତୀର୍ଥ ହୋଇ ସେମାନେ ଶିରିଡ଼ିରେ ପହଞ୍ଚିଲେ ଏବଂ ସେଠାରେ ଦୁଇମାସ ରହିଲେ । ପ୍ରତିଦିନ ସେମାନେ ଦ୍ୱାରକାମାୟୀକୁ ଯାଉଥିଲେ ଏବଂ ବାବାଙ୍କର ପୂଜା କରି ଆନନ୍ଦରେ ସମୟ ଅତିବାହିତ କରୁଥିଲେ । ଯଦିଓ ଖେଚୁଡ଼ି ନୈବେଦ୍ୟ ପ୍ରସ୍ତୁତ କରି ଅର୍ପଣ କରିବାକୁ ସେମାନେ ଚାହୁଁଥିଲେ କିନ୍ତୁ କୌଣସି କାରଣବଶତଃ ୧୪ ଦିନ ପର୍ଯ୍ୟନ୍ତ ଏହି ସୁଯୋଗ ମିଳିଲା ନାହିଁ । ପତ୍ନୀ ଅଧିକ ବିଳମ୍ବ କରିବାକୁ ଚାହୁଁନଥିଲେ । ଏଣୁ ପଞ୍ଚଦଶ ଦିନ ମଧ୍ୟାହ୍ନ ସମୟରେ ଖେଚୁଡ଼ି ନେଇ ସେ ଯେତେବେଳେ ମସଜିଦ୍‌ରେ ପହଞ୍ଚିଛନ୍ତି, ବାବା ଅନ୍ୟମାନଙ୍କ ସହିତ ଭୋଜନ କରିବାକୁ ବସିସାରିଥିଲେ । ପରଦା ପଡ଼ିଯାଇଥିଲା । ଏହାପରେ ଭିତରକୁ ଯିବାକୁ କାହାର ସାହସ ନଥାଏ; କିନ୍ତୁ ମହିଳାଜଣକ ଗୋଟିଏ କ୍ଷଣ ବି ପ୍ରତୀକ୍ଷା କରିପାରିଲେ ନାହିଁ ଏବଂ ପରଦା ଆଡ଼େଇ ଭିତରକୁ ଧସେଇ ପଶିଗଲେ । ବଡ଼ ଆଶ୍ଚର୍ଯ୍ୟର କଥା ଯେ ସେହିଦିନ ପ୍ରଥମେ ଖେଚୁଡ଼ି ଖାଇବାକୁ ହିଁ ବାବାଙ୍କର ଇଚ୍ଛା ଥିଲା । ଯେତେବେଳେ ସେ ଥାଳି ନେଇ ଭିତରକୁ ଗଲେ ବାବା ବେଶ୍ ଖୁସି ହେଲେ ଏବଂ ସେହି ଥାଳିରୁ ଖେଚୁଡ଼ି କାଢ଼ି ଖାଇଲେ । ବାବାଙ୍କର ଏପରି ଉତ୍ସୁକତା ଦେଖି ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହେଲେ ଏବଂ ଯେଉଁମାନେ ଏହି କଥା ଶୁଣିଲେ ଭକ୍ତମାନଙ୍କ ପ୍ରତି ବାବାଙ୍କର ଅନୁପମ ସ୍ନେହ ଦେଖି ବଡ଼ ପ୍ରସନ୍ନ ହେଲେ ।

**ମେଘାଙ୍କ ସଂସ୍କାର ଓ ବାବାଙ୍କ ଦ୍ୱାରା ମୁକ୍ତି :** ଏବେ ତୃତୀୟ ମହାନ୍ ଚଢ଼େଇଙ୍କର

କଥା ଶୁଣନ୍ତୁ । ବିରମଗାଓଁରେ ରହୁଥିବା ମେଘା ସାଦାସିଧା ଏବଂ ଅଶିକ୍ଷିତ ବ୍ୟକ୍ତି ଥିଲେ । ରାୟବାହାଦୁର ହରି ବିନାୟକ ସାଠେଙ୍କ ଘରେ ସେ ପାଚକ ରୂପେ କାର୍ଯ୍ୟ କରୁଥିଲେ । ଭଗବାନ ଶିବଙ୍କର ସେ ବଡ଼ ଭକ୍ତ ଥିଲେ ତଥା ସର୍ବଦା 'ଓଁ ନମଃ ଶିବାୟ' ପଞ୍ଚାକ୍ଷରୀ ମନ୍ତ୍ର ଜପ କରୁଥିଲେ । ସାନ୍ଧ୍ୟୋପାସନା ଆଦିରେ ତାଙ୍କର କୌଣସି ଜ୍ଞାନ ନଥିଲା । ଏପରିକି ସନ୍ଧ୍ୟାର ମୂଳ ଗାୟତ୍ରୀ ମନ୍ତ୍ର ମଧ୍ୟ ତାଙ୍କୁ ଜଣାନଥିଲା । ତେବେ ରାୟବାହାଦୁର ସାଠେ ତାଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ । ତେଣୁ ସନ୍ଧ୍ୟା ବିଧି ତଥା ଗାୟତ୍ରୀ ମନ୍ତ୍ର ଆଦି ଶିଖାଇଦେଲେ । ଶ୍ରୀ ସାଇବାବାଙ୍କୁ ଭଗବାନ ଶିବଙ୍କର ସାକ୍ଷାତ ଅବତାର ବୋଲି ସାଠେ ସାହେବ ମାନୁଥିଲେ । ଏଣୁ ମେଘା ତାଙ୍କ ଦ୍ୱାରା ଉପକୃତ ହୁଅନ୍ତୁ ବୋଲି ମନେକରି ସେ ତାଙ୍କୁ ଶିରିଡ଼ି ପଠାଇବାକୁ ସ୍ଥିର କଲେ; କିନ୍ତୁ ମେଘା ଏଥିରେ ରାଜି ହେଲେ ନାହିଁ । ତାଙ୍କର ଦୃଢ଼ ଧାରଣା ଥିଲା ଯେ ସାଇବାବା ଜଣେ ଯବନ । ଜଣେ ଯବନଙ୍କୁ ପ୍ରଣାମ କରିବା ଉଚିତ ନୁହେଁ । ଏପରି ଧାରଣାର ସେ ବଶବର୍ତ୍ତୀ ହୋଇଥିବାବେଳେ ରାୟବାହାଦୁର ଯେମିତି ହେଲେ ତାଙ୍କୁ ବାବାଙ୍କ ନିକଟକୁ ପଠାଇବାକୁ ଯୋଜନା କରୁଥିଲେ । ଏହି ପରିସ୍ଥିତିରେ ସେ କ'ଣ କରିବେ ତାହାକୁ ନେଇ ମେଘାଙ୍କ ମନରେ ଦ୍ୱନ୍ଦ୍ୱର ଲହଡ଼ି ଉଠୁଥିଲା । ସେ ବଡ଼ ବିରକ୍ତ ହୋଇପଡୁଥିଲେ । ଏପରିକି ତାଙ୍କୁ ସେଠାକୁ ନପଠାଇବାକୁ ସାଠେ ସାହେବଙ୍କୁ କରଯୋଡ଼ି ପ୍ରାର୍ଥନା କଲେ; କିନ୍ତୁ ସାଠେ ସାହେବ ବି ମାନିବାର ଲୋକ ନଥିଲେ । ତାଙ୍କ ନିକଟରେ ମେଘାଙ୍କ କଥା ଚଳିଲା ନାହିଁ । ସେ କୌଣସି ପ୍ରକାରେ ତାଙ୍କୁ ଶିରିଡ଼ି ପଠାଇବାରେ ସଫଳ ହୋଇ ତାଙ୍କ ହାତରେ ତାଙ୍କ ଶ୍ୱଶୁର ଗଣେଶ ଦାମୋଦର ଓରଫ ଦାଦା କେଲକରଙ୍କ ପାଖକୁ ଏକ ପତ୍ର ପଠାଇଲେ । ଦାଦା କେଲକର ଶିରିଡ଼ିରେ ରହୁଥିଲେ । ମେଘାକୁ ବାବାଙ୍କ ପାଖକୁ ନେଇଯିବା ପାଇଁ ଏହି ପତ୍ରରେ ରାୟସାହେବ ଲେଖିଥିଲେ । ଶିରିଡ଼ି ପହଞ୍ଚିବା ପରେ ମେଘା ସିଧା ମସଜିଦ୍‌କୁ ଗଲେ । କିନ୍ତୁ ଯେମିତି ଭିତରକୁ ପ୍ରବେଶ କରିଛନ୍ତି ବାବା ଭୀଷଣ କ୍ରୋଧିତ ହୋଇ ତାଙ୍କୁ ପ୍ରବେଶ କରିବାରୁ ବାରଣ କଲେ । ସେ ଗର୍ଜନ କରି କହିଲେ 'ଏହାକୁ ବାହାର କରିଦିଅ ।' ପୁଣି ମେଘାଙ୍କ ଆଡ଼କୁ ଦେଖି କହିଲେ କି 'ତୁମେ ଉଚ୍ଚ କୁଳର ବ୍ରାହ୍ମଣ ଆଉ ମୁଁ ଏକ ନିମ୍ନ ଜାତିର ଯବନ । ତୁମର ଜାତି ଚାଲିଯିବ । ତୁରନ୍ତ ବାହାରକୁ ପଳାଅ ।' ବାବାଙ୍କଠାରୁ ଏପରି ଉକ୍ତି ଶୁଣି ମେଘା ଭୟରେ ଥରିବାକୁ ଲାଗିଲେ । ସେ ବଡ଼ ଆଶ୍ଚର୍ଯ୍ୟ ହେଲେ ଯେ ତାଙ୍କ ମନରେ ଯେଉଁ ବିଚାର ଆସିଥିଲା, ବାବା ତାହା କିପରି ଜାଣିଲେ । କୌଣସି ପ୍ରକାର ସେ କିଛିଦିନ ସେଠାରେ ରହିଲେ ଏବଂ ନିଜ ଇଚ୍ଛାଅନୁସାରେ ସେବା କରୁଥିଲେ । କିନ୍ତୁ ତାଙ୍କର ମନ ତୃପ୍ତ ହେଲା ନାହିଁ । ସେ ଘରକୁ ଫେରିଗଲେ ଏବଂ ସେଠାରୁ ତ୍ର୍ୟମ୍ବକେଶ୍ୱର ଗଲେ । ବର୍ଷେ ପରେ ସେ ପୁଣି ଶିରିଡ଼ି ଆସିଲେ ଏବଂ ଏଥର ଦାଦା କେଲକର ସୁପାରିସ କରିବାରୁ ତାଙ୍କୁ ମସଜିଦ୍‌ରେ ରହିବାକୁ ଅନୁମତି ମିଳିଲା । ମୌଖିକ ଉପଦେଶ ଦ୍ୱାରା

ମେଘାଙ୍କ ଉନ୍ନତି କରିବା ବଦଳରେ ବାବା ତାଙ୍କର ଆନ୍ତରିକ ସୁଧାର ଚାହୁଁଥିଲେ । ଏବେ ତାଙ୍କର ମନୋଭାବରେ ଯଥେଷ୍ଟ ପରିବର୍ତ୍ତନ ହୋଇସାରିଥିଲା ଏବଂ ବାବାଙ୍କୁ ଭଗବାନ ଶଙ୍କରଙ୍କର ସାକ୍ଷାତ ଅବତାର ବୋଲି ସେ ମନେ କରୁଥିଲେ । ଶିବ ପୂଜାରେ ବେଲପତ୍ରର ପ୍ରୟୋଜନ ହୋଇଥାଏ । ଏଣୁ ତାଙ୍କର ଶିବଜୀ(ବାବା)ଙ୍କର ପୂଜା ନିମିତ୍ତ ବେଲପତ୍ର ଖୋଜିବା ପାଇଁ ସେ ମାଇଲ ମାଇଲ ବାଟ ଚାଲୁଥିଲେ । ପ୍ରତିଦିନ ସେ ଏପରି ନିୟମ କରିଥିଲେ କି ଗାଁରେ ଯେତେ ମନ୍ଦିର ଅଛି ପ୍ରଥମେ ସେସବୁ ସ୍ଥାନକୁ ଯାଇ ପୂଜା କରିବେ, ତାପରେ ମସଜିଦ୍‌କୁ ଆସି ବାବାଙ୍କୁ ପ୍ରଣାମ କରି ତଥା କିଛି ସମୟ ଚରଣସେବା କରି ତତ୍‌ପରେ ଚରଣାମୃତ ପାନ କରୁଥିଲେ । ଦିନେ ସେ ପହଞ୍ଚିଲାବେଳକୁ ଖଣ୍ଡୋବା ମନ୍ଦିରର ଦୁଆର ବନ୍ଦ ହୋଇଯାଇଥିଲା । ଏଣୁ ସେ ପୂଜା ନକରି ସେଠାରୁ ଫେରିଆସିଥିଲେ । ଏହାପରେ ନିୟମିତକ୍ରମେ ମସଜିଦ୍‌ରେ ବାବାଙ୍କର ପୂଜା ଆରମ୍ଭ କରିବାକୁ ଗଲେ; କିନ୍ତୁ ଅନ୍ତର୍ଯ୍ୟାମୀ ବାବା ସେଇଦିନ ପୂଜା ସ୍ୱୀକାର କଲେ ନାହିଁ ଏବଂ ଖଣ୍ଡୋବା ମନ୍ଦିରକୁ ଯାଇ ପୂଜା କରି ଆସିବାକୁ କହିଲେ । ଆହୁରି ମଧ୍ୟ ଏକଥା କହିଲେ ଯେ ଏବେ ଯାଅ, ମନ୍ଦିରର କବାଟ ଖୋଲିଯାଇଛି । ମେଘା ଖଣ୍ଡୋବା ମନ୍ଦିରରେ ପହଞ୍ଚି ଆଶ୍ଚର୍ଯ୍ୟଚକିତ ହେଲେ । ମନ୍ଦିରର ଦୁଆର ଖୋଲିଯାଇଥିଲା । ସେଠାରେ ପୂଜା ସାରି ସେ ମସଜିଦ୍‌କୁ ଫେରିଲେ ଓ ଯଥାବିଧି ବାବାଙ୍କର ପୂଜା କଲେ ।

**ଗଙ୍ଗାସ୍ନାନ :** ଥରେ ମକର ସଂକ୍ରାନ୍ତି ଅବସରରେ ବାବାଙ୍କ ଶ୍ରୀ ଅଙ୍ଗରେ ଚନ୍ଦନ ଲେପନ ତଥା ଗଙ୍ଗାଜଳରେ ତାଙ୍କୁ ସ୍ନାନ କରାଇବାକୁ ମେଘାଙ୍କର ଇଚ୍ଛା ହେଲା । ବାବା ପ୍ରଥମେ ଏଥିପାଇଁ ସ୍ୱୀକୃତି ଦେଲେ ନାହିଁ, ତେବେ ବାରମ୍ବାର ପ୍ରାର୍ଥନା କରିବାରୁ କୌଣସି ପ୍ରକାରେ ରାଜି ହେଲେ । ଗୋଦାବରୀ ନଦୀରୁ ପବିତ୍ର ଜଳ ଆଣିବା ପାଇଁ ମେଘା ଆଠ କୋଶ ବାଟ ଯାତ୍ରା କଲେ । ସେଠାରୁ ପବିତ୍ର ଜଳ ଆଣି ଫେରିଲେ ଏବଂ ଦ୍ୱିପ୍ରହର ଭିତରେ ସମସ୍ତ ବ୍ୟବସ୍ଥା ଯୋଗାଡ଼ କରି ସ୍ନାନ କରାଇବା ପାଇଁ ବାବାଙ୍କୁ ପ୍ରାର୍ଥନା କଲେ । ବାବା ପୁଣିଥରେ ତାଙ୍କୁ ଏଥିରୁ ନିବୃତ୍ତ ରଖିବାକୁ ମେଘାଙ୍କୁ କହିଲେ । ସେ କହିଲେ 'ମୁଁ ତ ଜଣେ ଫକିର, ଗଙ୍ଗାଜଳ ମୋର କ'ଣ ହେବ ?' କିନ୍ତୁ ମେଘା କିଛି ଶୁଣିବା ଅବସ୍ଥାରେ ନଥିଲେ । ତାଙ୍କର ଦୃଢ଼ ଧାରଣା ଥିଲା ଯେ ଶଙ୍କର ଭଗବାନ ଗଙ୍ଗାଜଳରେ ଅଧିକ ପ୍ରସନ୍ନ ହୁଅନ୍ତି । ଏଣୁ ଏହି ଶୁଭ ପର୍ବରେ ଆମର ଶଙ୍କର ଭଗବାନଙ୍କୁ ସ୍ନାନ କରାଇବା ଆମର ପରମ କର୍ତ୍ତବ୍ୟ । ଏବେ ବାବାଙ୍କୁ ରାଜି ହେବାକୁ ପଡ଼ିଲା ଏବଂ ତଳକୁ ଆସି ଗୋଟିଏ ପିଢ଼ାରେ ବସିଲେ ତଥା ମସ୍ତକକୁ ନୁଆଁଇ କହିଲେ କି 'ମେଘା ! ଅନ୍ତତଃ ଏତିକି କୃପାକରି କେବଳ ମସ୍ତକରେ ପାଣି ଢ଼ାଳ । ମସ୍ତକ ଶରୀରର ପ୍ରଧାନ ଅଂଗ ଏବଂ ତାହା ଉପରେ ପାଣି ଢ଼ାଳିଲେ ସମଗ୍ର ଶରୀରରେ ଢ଼ାଳିବା ସହ ସମାନ। ମେଘା 'ଠିକ୍ ଅଛି, ଠିକ୍ ଅଛି' କହି ପାଣି ଢ଼ାଳିବା ଆରମ୍ଭ କଲେ । ତାଙ୍କର ମନରେ ଏତେ ପ୍ରସନ୍ନତା ହେଲା ଯେ ଉଚ୍ଚସ୍ୱରରେ 'ହର ହର ଗଙ୍ଗେ' କହି ସବୁତକ ପାଣି

ଏକାଥରକେ ବାବାଙ୍କର ସମଗ୍ର ଶରୀରରେ ଢ଼ାଳିଦେଲେ । ଆଉ ଗୋଟିଏ ମାଠିଆ ପାଖରେ ଥିଲା । ଏଥର ସେ କୌତୂହଳ ସହକାରେ ବାବାଙ୍କୁ ନିରୀକ୍ଷଣ କଲେ । ମାତ୍ର ଆଶ୍ଚର୍ଯ୍ୟର ବିଷୟ ଯେ କେବଳ ବାବାଙ୍କର ମୁଣ୍ଡଟି ଓଦା ହୋଇଥିଲା, ଶରୀର ଯେମିତିକୁ ସେମିତି ଥିଲା । ଏହା ଦେଖି ତାଙ୍କର ବିସ୍ମୟର ସୀମା ରହିଲା ନାହିଁ ।

**ତ୍ରିଶୂଳ ଏବଂ ପିଣ୍ଡି :** ମେଘା ବାବାଙ୍କୁ ଦୁଇଟି ସ୍ଥାନରେ ସ୍ନାନ କରାଉଥିଲେ । ପ୍ରଥମେ ସେ ମସଜିଦ୍‌ରେ ସଶରୀରରେ ବାବାଙ୍କୁ ସ୍ନାନ କରୁଥିଲେ ଏବଂ ପୁଣି ୱାଡ଼ାରେ ନାନାସାହେବ ଚନ୍ଦୋରକରଙ୍କ ଠାରୁ ପାଇଥିବା ତାଙ୍କର ବଡ଼ ଫଟୋଟିକୁ ସ୍ନାନ କରାଉଥିଲେ । ଏହି ପ୍ରକାର ଏହି ଧାରା ପ୍ରାୟ ୧୨ ମାସ ଚାଲିଥିଲା ।

ବାବା ତାଙ୍କର ଭକ୍ତି ତଥା ବିଶ୍ୱାସ ଦୃଢ଼ କରିବା ପାଇଁ ତାଙ୍କୁ ଦର୍ଶନ ଦେଲେ । ଦିନେ ଯେତେବେଳେ ପ୍ରତ୍ୟୁଷରେ ମେଘା ଅର୍ଦ୍ଧ ନିଦ୍ରାବସ୍ଥାରେ ଶଯ୍ୟାଗତ ଥିଲେ, ବାବାଙ୍କର ଦର୍ଶନ ଲାଭକଲେ । ସେ ଜାଗ୍ରତ ଥିବା ଜାଣି ବାବା ତାଙ୍କ ଉପରକୁ ଅକ୍ଷତ ବୃଷ୍ଟିକଲେ ଏବଂ କହିଲେ 'ମେଘା ! ମୋ ପାଖରେ ତ୍ରିଶୂଳ ସ୍ଥାପନ କର ।' ଏହାପରେ ସେ ଅଦୃଶ୍ୟ ହୋଇଗଲେ । ବାବାଙ୍କର ସ୍ୱର ଶୁଣି ମେଘାଙ୍କର ତନ୍ଦ୍ରା ଭଗ୍ନ ହେଲା; ତେବେ ଏହା ସ୍ୱପ୍ନ ନା ବାସ୍ତବ ସେ ଜାଣିପାରୁନଥିଲେ । ଉତ୍ସୁକତାର ସହ ଆଖି ଖୋଲିଲେ, କିନ୍ତୁ ପାଖରେ କେହି ନଥିଲେ । ପ୍ରମାଣ ସ୍ୱରୂପ କେବଳ କିଛି ଅକ୍ଷତ ବିକ୍ଷିପ୍ତ ଭାବେ ପଡ଼ିଥିଲା । ବିସ୍ମିତ ନୟନରେ ମେଘା ବାବାଙ୍କ ନିକଟକୁ ଗଲେ ଏବଂ ସ୍ୱପ୍ନ ବୃତ୍ତାନ୍ତ ଶୁଣାଇ ତ୍ରିଶୂଳ ସ୍ଥାପନ ପାଇଁ ଅନୁମତି ଭିକ୍ଷା କଲେ । ବାବା କହିଲେ 'ତୁମେ ମୋ କଥା ଶୁଣିପାରିଲ ନାହିଁ ? ତାହା ସ୍ୱପ୍ନ ନୁହେଁ, ପ୍ରତ୍ୟକ୍ଷ ନିର୍ଦ୍ଦେଶ ଥିଲା । **ମୋର ଉକ୍ତି ସର୍ବଦା ଅର୍ଥପୂର୍ଣ୍ଣ, ଆଲ୍‌ତୁ ଫାଲ୍‌ତୁ ନୁହେଁ ।** ମେଘା କହିଲେ ଆପଣ ମୋତେ ନିଦ୍ରାରୁ ଜାଗ୍ରତ କରିଦେଲେ; କିନ୍ତୁ ସମସ୍ତ ଦ୍ୱାର ପୂର୍ବବତ ବନ୍ଦ ଥିବା ଦେଖି ମୁଁ ଭ୍ରମରେ ପଡ଼ିଗଲି ଯେ ମୁଁ ସ୍ୱପ୍ନ ଦେଖୁନଥିଲି ତ ! ବାବା କହିଲେ **'ମୋର ପ୍ରବେଶ ପାଇଁ ଦ୍ୱାରର ପ୍ରୟୋଜନ ନାହିଁ । ମୋର କୌଣସି ରୂପ ନାହିଁ କି ଆକାର ନାହିଁ । ମୁଁ ସର୍ବଭୂତରେ ବ୍ୟାପ୍ତ । ଯିଏ ମୋ ଉପରେ ବିଶ୍ୱାସ ରଖି ସର୍ବଦା ମୋର ଚିନ୍ତା କରେ, ତା'ର ସମସ୍ତ କାର୍ଯ୍ୟ ମୁଁ ସ୍ୱୟଂ କରେ ଏବଂ ଶେଷରେ ତାକୁ ଶ୍ରେଷ୍ଠ ଗତି ଦିଏ ।'** ମେଘା ୱାଡ଼ାକୁ ଫେରିଆସିଲେ ଏବଂ ବାବାଙ୍କ ଫଟୋ ସମ୍ମୁଖରେ କାନ୍ଥରେ ଗୋଟିଏ ତ୍ରିଶୂଳ ଟଙ୍ଗାଇଲେ । ପରଦିନ ଜଣେ ରାମଦାସୀ ଭକ୍ତ ପୁନାରୁ ଆସିଲେ । ସେ ବାବାଙ୍କୁ ପ୍ରଣାମକରି ଭଗବାନ ଶଙ୍କରଙ୍କର ଗୋଟିଏ ପିଣ୍ଡି ଭେଟି ଦେଲେ । ସେହି ସମୟରେ ମେଘା ସେଠାରେ ପହଞ୍ଚିଲେ । ତାଙ୍କୁ ଦେଖି ବାବା କହିଲେ 'ଦେଖ ଭୋଳାଶଙ୍କର ଆସିଗଲେ । ଏବେ ତାଙ୍କୁ ସମ୍ଭାଳ ।' ମେଘା ପିଣ୍ଡି ଉପରେ ତ୍ରିଶୂଳ ଲାଗିଥିବା ଦେଖି ବଡ଼ ବିସ୍ମିତ ହେଲେ । ସେ ୱାଡ଼ାକୁ ଫେରିଆସିଲେ । ଏହି ସମୟରେ କାକାସାହେବ ଦୀକ୍ଷିତ ସ୍ନାନ ପରେ ମୁଣ୍ଡରେ ଗାମୁଛା ଘୋଡ଼ାଇ ସାଇନାମ ଜପ କରୁଥିଲେ । ଧ୍ୟାନାବସ୍ଥାରେ ସେ ଗୋଟିଏ

ପିଣ୍ଡି ଦେଖିଲେ, ତାହା ତାଙ୍କ ମନରେ କୌତୂହଳ ସୃଷ୍ଟି କଲା । ସମ୍ମୁଖରୁ ସେ ମେଘାଙ୍କୁ ଆସୁଥିବାର ଦେଖିଲେ । ମେଘା ବାବାଙ୍କ ଦ୍ୱାରା ପ୍ରଦତ୍ତ ସେହି ପିଣ୍ଡି କାକାସାହେବଙ୍କୁ ଦେଖାଇଲେ । ପିଣ୍ଡିଟି ଠିକ୍ ଧ୍ୟାନାବସ୍ଥାରେ ଦେଖିଥିବା ପିଣ୍ଡି ପରି ହୋଇଥିବାରୁ ଦୁହେଁ ଆଶ୍ଚର୍ଯ୍ୟାନ୍ୱିତ ହେଲେ । କିଛିଦିନ ପରେ ତ୍ରିଶୂଳ ସ୍ଥାପନା କାର୍ଯ୍ୟ ପୂର୍ଣ୍ଣ ହେଲା ଓ ବଡ଼ ଚିତ୍ର ସମ୍ମୁଖରେ (ମେଘା ଯେଉଁ ଚିତ୍ର ପୂଜା କରୁଥିଲେ) ବାବା ପିଣ୍ଡି ସ୍ଥାପନା କଲେ । ମେଘାଙ୍କର ଶିବ ପୂଜାରେ ବଡ଼ ପ୍ରେମ ଥିଲା । ତ୍ରିପୁଣ୍ଡ୍ର ଲଗାଇବା ସୁଯୋଗ ଦେଇ ତଥା ପିଣ୍ଡି ସ୍ଥାପନା କରି ବାବା ତାଙ୍କର ବିଶ୍ୱାସ ଦୃଢ଼ କଲେ ।

ଏହି ପ୍ରକାର କିଛିବର୍ଷ ପର୍ଯ୍ୟନ୍ତ କ୍ରମାଗତ ମଧ୍ୟାହ୍ନ ଓ ସନ୍ଧ୍ୟାରେ ନିୟମିତ ଆରତି ତଥା ପୂଜା କରି ୧୯୧୨ ମସିହାରେ ସେ ଇହଧାମ ତ୍ୟାଗ କଲେ । ବାବା ତାଙ୍କର ମୃତ ଶରୀର ଉପରେ ହାତ ରଖି କହିଲେ 'ଇଏ ମୋର ସଚ୍ଚା ଭକ୍ତ ଥିଲା ।' ତାଙ୍କ ଉଦ୍ଦେଶ୍ୟରେ ବ୍ରାହ୍ମଣ ଭୋଜ୍ୟ ଦେବା ନିମନ୍ତେ ବାବା ଅର୍ଥ ପ୍ରଦାନ କଲେ ଓ କାକାସାହେବ ଦୀକ୍ଷିତ ଏହି ଦାୟିତ୍ୱ ନିର୍ବାହ କଲେ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

**(ସପ୍ତାହ ପାରାୟଣ : ଚତୁର୍ଥ ବିଶ୍ରାମ)**



# ।। ପଞ୍ଚମ ଦିନ ପାରାୟଣ ।।



## ।। ଊନତ୍ରିଂଶ (୨୯) ଅଧ୍ୟାୟ ।।

### ମାଦ୍ରାସୀ ସଂକୀର୍ତ୍ତନ ମଣ୍ଡଳୀ ଓ ବାବାଙ୍କ ଅଦ୍‌ଭୂତ ଦର୍ଶନ, ଜ୍ୟୋତିଷବାଣୀ ଖଣ୍ଡନ ଓ ପରୀକ୍ଷାରେ ସଫଳତା ଏବଂ କ୍ୟାପଟେନ ହାଟେଙ୍କ ସ୍ୱପ୍ନ ଓ ବିନ୍‌ଛୁଇଁ ଭୋଗ

**ମାଦ୍ରାସୀ ସଂକୀର୍ତ୍ତନ ମଣ୍ଡଳୀ :** ପ୍ରାୟ ୧୯୧୬ ମସିହାରେ ତତ୍କାଳୀନ ମାନ୍ଦ୍ରାଜ ପ୍ରଦେଶର ଏକ ଭଜନ ମଣ୍ଡଳୀ କାଶୀ ତୀର୍ଥଯାତ୍ରାରେ ବାହାରିଲା । ଏହି ଦଳରେ ଜଣେ ପୁରୁଷ ବ୍ୟକ୍ତି, ତାଙ୍କର ପତ୍ନୀ, କନ୍ୟା ଏବଂ ଶାଳୀ ଥିଲେ । ଦୁର୍ଭାଗ୍ୟବଶତଃ ସେମାନଙ୍କର ନାମ କେଉଁଠାରେ ହେଲେ ଉଲ୍ଲେଖ କରାଯାଇନାହିଁ । ବାଟରେ ସେମାନେ ଶୁଣିବାକୁ ପାଇଲେ ଯେ ଅହମ୍ମଦନଗର ଜିଲା କୋପରଗାଓଁ ତାଲୁକର ଶିରିଡ଼ି ଗ୍ରାମରେ ଶ୍ରୀ ସାଇବାବା ନାମରେ ଜଣେ ମହାନ୍ ସନ୍ଥ ବାସ କରୁଛନ୍ତି, ଯିଏକି ବହୁତ ଦୟାଳୁ ଏବଂ ବ୍ରହ୍ମପ୍ରାପ୍ତି କରିସାରିଛନ୍ତି । ସେ ବଡ଼ ଉଦାର ହୃଦୟର ଅଧିକାରୀ ଏବଂ ଅହେତୁକ କୃପାସିନ୍ଧୁ । ପ୍ରତିଦିନ ସେ ତାଙ୍କର ଭକ୍ତମାନଙ୍କୁ ଅର୍ଥ ବିତରଣ କରୁଛନ୍ତି । କଳା ପ୍ରଦର୍ଶନ କରୁଥିବା କଳାକାରମାନଙ୍କୁ ଉଭୟ ସମ୍ମାନ ଓ ପାରିଶ୍ରମିକ ମିଳୁଛି । ପ୍ରତ୍ୟହ ଦକ୍ଷିଣା ଆକାରରେ ବାବାଙ୍କ ପାଖରେ ବହୁ ଟଙ୍କା ଠୁଳ ହେଉଥିଲା । ଏହି ଟଙ୍କାରୁ ସେ ପ୍ରତିଦିନ ଏକ ଟଙ୍କା ଭକ୍ତ କୋଣ୍ଡାଜୀଙ୍କର ତିନି ବର୍ଷୀୟ କନ୍ୟା ଅମନୀକୁ, ଆଉ କାହାକୁ ଦୁଇରୁ ପାଞ୍ଚ ଟଙ୍କା, ଅମନୀର ମାଆ ଜମଲିକୁ ଛଅ ଟଙ୍କା, ଆଉ କାହାକୁ କାହାକୁ ୧୦ରୁ ୨୦ ଟଙ୍କା ତଥା କେବେ କେବେ ପଚାଶ ଟଙ୍କା ଏପରି ନିଜ ଇଚ୍ଛାନୁସାରେ ପ୍ରତ୍ୟହ ବିତରଣ

କରୁଥିଲେ । ଏହା ଶୁଣି ସଂକୀର୍ତ୍ତନମଣ୍ଡଳୀ ଶିରିଡ଼ିରେ ଆସି ରହିଲେ । ସେମାନେ ବଡ଼ ସୁନ୍ଦର ଭଜନ ଏବଂ ଜଣାଣ ପରିବେଷଣ କରୁଥିଲେ; କିନ୍ତୁ ସେମାନଙ୍କର ଅସଲ ଉଦ୍ଦେଶ୍ୟ ଥିଲା କିଛି ଅର୍ଥ ରୋଜଗାର କରିବା । ମଣ୍ଡଳୀର ତିନିଜଣ ସଦସ୍ୟ ବଡ଼ କୃପଣ ଥିଲେ । କେବଳ ଦଳ ମୁଖ୍ୟ ପତ୍ନୀଙ୍କର ସ୍ୱଭାବ ସମସ୍ତଙ୍କଠାରୁ ଭିନ୍ନ ଥିଲା । ତାଙ୍କର ହୃଦୟରେ ବାବାଙ୍କ ପ୍ରତି ଶ୍ରଦ୍ଧା ତଥା ଆଦର ଥିଲା । ଥରେ ଯେତେବେଳେ ମଧ୍ୟାହ୍ନ ଆରତି ହେଉଥିଲା, ସେହି ମହିଳାଙ୍କର ଭକ୍ତି ଏବଂ ବିଶ୍ୱାସ ଦେଖି ବାବା ବଡ଼ ପ୍ରସନ୍ନ ହେଲେ । ଏହାପରେ କ'ଣ ହେଲା ? ବାବା ତାଙ୍କୁ ତାଙ୍କର ପ୍ରିୟ ଇଷ୍ଟ ରୂପରେ ଦର୍ଶନ ଦେଲେ ଏବଂ କେବଳ ସେ ହିଁ ବାବାଙ୍କୁ ସୀତାପତି ରୂପରେ ଦର୍ଶନ କଲେ । ଉପସ୍ଥିତ ଅନ୍ୟ ଲୋକମାନେ ବାବାଙ୍କୁ ଯେମିତି ଦେଖୁଥିଲେ ସେମିତି । ନିଜର ପ୍ରିୟ ଇଷ୍ଟଙ୍କର ଦର୍ଶନ କରି ସେ ଭାବବିହ୍ୱଳ ହୋଇଗଲେ ତଥା ତାଙ୍କର କଣ୍ଠ ବାଷ୍ପରୁଦ୍ଧ ହେଲା ଏବଂ ଆଖିରୁ ଆନନ୍ଦାଶ୍ରୁ ବହିବାରେ ଲାଗିଲା । ଏହାପରେ ପ୍ରେମୋନ୍ମତ୍ତ ହୋଇ ସେ କରତାଳି ଦେବାକୁ ଲାଗିଲେ । ତାଙ୍କର ଏହି ପ୍ରକାର ଆନନ୍ଦିତ ହେବା ଦେଖି ସମସ୍ତଙ୍କ ମନରେ କୌତୂହଳ ଜାତ ହେଲା; କିନ୍ତୁ କେହି ବି କାରଣ ଜାଣିପାରୁନଥିଲେ । ଦ୍ୱିପ୍ରହର ପରେ ସେ ଏହାର ରହସ୍ୟ ତାଙ୍କ ପତିଙ୍କ ଆଗରେ ପ୍ରକାଶ କଲେ । ବାବାଙ୍କୁ ଶ୍ରୀରାମ ସ୍ୱରୂପରେ ସେ କିପରି ଦର୍ଶନ କଲେ, ସେକଥା ବର୍ଣ୍ଣନା କଲେ । ପତି ଭାବିଲେ କି ତାଙ୍କର ସ୍ତ୍ରୀ ବହୁତ ଭାବୁକ ଓ ସରଳ ବିଶ୍ୱାସୀ । ଏଣୁ ଶ୍ରୀରାମଙ୍କ ଦର୍ଶନ ଏକ ମାନସିକ ଭ୍ରମ ଛଡ଼ା ଅନ୍ୟ କିଛି ନୁହେଁ । ସେ ଏହା କହି ତାଙ୍କ କଥାକୁ ଏଡ଼ାଇଦେଲେ ଯେ ବାବା ତୁମକୁ କେବଳ ରାମ ରୂପରେ ଦେଖାଯିବା କ'ଣ ସମ୍ଭବ ? ପତ୍ନୀ କୌଣସି ପ୍ରତିବାଦ କଲେ ନାହିଁ, କାରଣ ସେହି ସମୟରେ ତାଙ୍କର ଯେଉଁ ପ୍ରକାର ଅନୁଭୂତି ହୋଇଥିଲା, ଏବେ ବି ସେହିପରି ହେଉଥିଲା । ତାଙ୍କର ମନ ଶାନ୍ତ, ସ୍ଥିର ଏବଂ ସଂତୃପ୍ତ ହୋଇସାରିଥିଲା ।

## ।। ବାବାଙ୍କର ଅଦ୍‌ଭୂତ ଦର୍ଶନ ।।

ଏହି ପ୍ରକାର ଦିନ ବିତିବାରେ ଲାଗିଲା । ଦିନେ ରାତିରେ ତାଙ୍କର ପତି ଏକ ବିଚିତ୍ର ସ୍ୱପ୍ନ ଦେଖିଲେ । ସେ ଦେଖିଲେ ଯେ ଗୋଟିଏ ବଡ଼ ସହରରେ ପୁଲିସ ତାଙ୍କୁ ଗିରଫ କରି ବାନ୍ଧି ଜେଲ୍‌ରେ ଭର୍ତ୍ତି କରିଦେଇଛି । ତତ୍‌ପଶ୍ଚାତ ସେ ଦେଖିଲେ ଯେ ବାବା ଶାନ୍ତ ମୁଦ୍ରାରେ ହାଜତ ବାହାରେ ତାଙ୍କ ନିକଟରେ ଆସି ଛିଡ଼ା ହୋଇଛନ୍ତି । ବାବାଙ୍କୁ ପାଖରେ ଦେଖି ସେ ଦୁଃଖରେ ଅସ୍ଥିର ହୋଇ କହିଲେ କି 'ଆପଣଙ୍କର କୀର୍ତ୍ତି ଶୁଣି ମୁଁ ଆପଣଙ୍କର ଶ୍ରୀଚରଣରେ ଶରଣ ନେଇଛି । ଆପଣଙ୍କର ଏତେ ନିକଟ ହୋଇ ମଧ୍ୟ ମୋ ଉପରେ ଏ ବିପଦ କାହିଁକି ଆସିଲା ?

ଏହାର ଉତ୍ତରରେ ବାବା କହିଲେ ' କୃତକର୍ମର ଫଳ ଅବଶ୍ୟ ଭୋଗିବାକୁ ହେବ ।'

ସେହି ବ୍ୟକ୍ତିଜଣକ କହିଲେ ଯେ 'ଏହି ଜୀବନରେ ତ ମୋର ଏପରି କିଛି କୁକର୍ମର ସ୍ମୃତି ଆସୁନାହିଁ, ଯେଉଁଥିପାଇଁ ମୋତେ ଏପରି ଦଶା ଭୋଗ କରିବାକୁ ପଡୁଛି ।'ବାବା କହିଲେ 'ଯଦି ଏହି ଜନ୍ମରେ କରିନାହଁ, ତାହେଲେ ଗତ ଜନ୍ମରେ କରିଥିବ ।' ସେ କହିଲେ ଯେ ବାବା, ଗତ ଜନ୍ମର ସ୍ମୃତି ତ ମୋର ନାହିଁ, କିନ୍ତୁ ଯଦି ବି ମାନିନିଏ ଯେ କିଛି ଭୁଲ ହୋଇଯାଇଛି, ଆପଣ ଥିବାରୁ ତାହା ତ ଭସ୍ମ ହୋଇଯିବା କଥା, ଯେପରିକି ଶୁଖିଲା ଘାସ, ଅଗ୍ନି ଦ୍ୱାରା ସମୂଳେ ଧ୍ୱଂସ ହୋଇଯାଏ ।' ବାବା ପଚାରିଲେ ତୁମର ଏପରି ବିଶ୍ୱାସ ଅଛି ?' ସେ କହିଲେ-ହଁ ।'

ବାବା ତାଙ୍କୁ ଆଖି ବନ୍ଦ କରିବାକୁ କହିଲେ ଏବଂ ପୁଣି ଯେତେବେଳେ ଆଖି ଖୋଲିବାକୁ କହିଲେ, କୌଣସି ଭାରି ଜିନିଷ ତଳେ ପଡ଼ିବାର ଶବ୍ଦ ଶୁଣାଗଲା । ଆଖି ଖୋଲିବା ପରେ ସେ ନିଜକୁ କାରାବାସରୁ ମୁକ୍ତ ହୋଇଥିବା ଦେଖିବାକୁ ପାଇଲେ । ପୁଲିସ ତଳେ ପଡ଼ିଯାଇଥିଲା ତଥା ତାର ଶରୀରରୁ ରକ୍ତ ଝରୁଥିଲା । ଏହା ଦେଖି ସେ ଭୟଭୀତ ଦୃଷ୍ଟିରେ ବାବାଙ୍କ ଆଡ଼କୁ ଦେଖିବାକୁ ଲାଗିଲେ । ବାବା କହିଲେ 'ବନ୍ଧୁ ! ଏବେ ତୁମ କଥା ଭଲ ଭାବରେ ବୁଝାଯିବ । ପୁଲିସ ଅଧିକାରୀ ଆସିବେ ଓ ତୁମକୁ ଗିରଫ କରିନେବେ ।' ତାପରେ ସେ ପୁଣି ବିଚଳିତ ହୋଇ କହିଲେ 'ଆପଣଙ୍କର ବ୍ୟତୀତ ମୋର ଆଉ କିଏ ଅଛି ? ଆପଣ ଏକମାତ୍ର ଭରସା । ହେ ପ୍ରଭୁ ! କୌଣସି ପ୍ରକାର ମୋତେ ରକ୍ଷା କରନ୍ତୁ ।'

ଏହାପରେ ବାବା ପୁଣି ଆଖି ବନ୍ଦ କରିବାକୁ କହିଲେ । ଆଖି ଖୋଲିବା ପରେ ସେ ଦେଖିଲେ ଯେ ମୁକ୍ତ ହୋଇ ହାଜତ ବାହାରେ ଛିଡ଼ା ହୋଇଛନ୍ତି ଏବଂ ବାବା ମଧ୍ୟ ପାଖରେ ଉପସ୍ଥିତ ଅଛନ୍ତି । ତାପରେ ସେ ବାବାଙ୍କ ଶ୍ରୀଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କଲେ ।

ବାବା ପଚାରିଲେ 'ଏବେ ମୋତେ କୁହ, ତୁମର ଏହି ନମସ୍କାର ଏବଂ ଆଗର ନମସ୍କାର ମଧ୍ୟରେ କି ପ୍ରଭେଦ ଥିଲା ? ଭଲଭାବରେ ଭାବି ଏହାର ଉତ୍ତର ଦିଅ ।

ସେ କହିଲେ 'ଆକାଶ ଏବଂ ପାତାଳ ମଧ୍ୟରେ ଯେଉଁ ପ୍ରଭେଦ, ପ୍ରଥମ ଓ ଏହି ନମସ୍କାର ମଧ୍ୟରେ ସେପରି ପ୍ରଭେଦ ଅଛି । ମୋର ପୂର୍ବ ନମସ୍କାର ତ କେବଳ ଧନପ୍ରାପ୍ତି ଆଶାରେ ଥିଲା, କିନ୍ତୁ ଏହି ନମସ୍କାର ମୁଁ ଆପଣଙ୍କୁ ଈଶ୍ୱର ମନେ କରି କଲି । ପ୍ରଥମେ ମୋର ଧାରଣା ଥିଲା ଯେ ଆପଣ ଯବନ ହୋଇଥିବାରୁ ହିନ୍ଦୁମାନଙ୍କର ଧର୍ମ ଭ୍ରଷ୍ଟ କରୁଛନ୍ତି ।'

ବାବା ପଚାରିଲେ 'ଯବନ ପୀରଙ୍କ ଉପରେ କ'ଣ ତୁମର ବିଶ୍ୱାସ ନାହିଁ ?' ସେ କହିଲେ- ନାହିଁ । ବାବା ପଚାରିଲେ 'ତୁମ ଘରେ କ'ଣ ପାପୁଲି ଛାପ ନାହିଁ ଏବଂ

ତୁମେ ମହରମ୍‌ରେ ତାର ପୂଜା କରୁନାହଁ ? ତୁମର ଘରେ କାଡ଼ବିବି ନାମରେ ଜଣେ ଦେବୀ ଅଛନ୍ତି, ଯାହାଙ୍କ ସମ୍ମୁଖରେ ତୁମେ ବିବାହ ତଥା ଅନ୍ୟାନ୍ୟ ଧାର୍ମିକ ଉତ୍ସବାନୁଷ୍ଠାନ ସମୟରେ କୃପାଭିକ୍ଷା କରୁନାହଁ ?'

ସେ ଯେତେବେଳେ ଏହାକୁ ସ୍ୱୀକାର କଲେ, ବାବା କହିଲେ 'ଏହାଠାରୁ ବଳି ଅଧିକ ପ୍ରମାଣ କ'ଣ ଦରକାର ? ତାପରେ ତାଙ୍କ ମନରେ ତାଙ୍କର ଗୁରୁ ଶ୍ରୀରାମ ଦାସଙ୍କର ଦର୍ଶନର ଇଚ୍ଛା ହେଲା । ବାବା ଯେମିତି ତାଙ୍କୁ ପଛକୁ ବୁଲିବାକୁ କହିଛନ୍ତି ସାମନାରେ ତାଙ୍କର ଗୁରୁ ଶ୍ରୀରାମଦାସ ସ୍ୱାମୀ ଛିଡ଼ା ହୋଇଛନ୍ତି ଏବଂ ଯେମିତି ତାଙ୍କର ଚରଣରେ ଲୋଟିବାକୁ ସେ ଉଦ୍ୟତ ହେଉଛନ୍ତି, ସେ ତୁରନ୍ତ ଅଦୃଶ୍ୟ ହୋଇଗଲେ ।

ତାପରେ ସେ ବାବାଙ୍କୁ କହିଲେ 'ଆପଣ ବୃଦ୍ଧ ଭଳି ଜଣାପଡୁଛନ୍ତି । ଆପଣଙ୍କୁ କ'ଣ ଆପଣଙ୍କର ବୟସ ଜଣା ଅଛି ?

ବାବା କହିଲେ 'ମୋତେ ବୃଦ୍ଧ ବୋଲି କହୁଛ । ମୋ ସହିତ ଦୌଡ଼ିକି ଦେଖ ।' ଏହା କହି ବାବା ଦୌଡ଼ିବାକୁ ଲାଗିଲେ ଏବଂ ସେ ମଧ୍ୟ ପଛରେ ଦୌଡ଼ିଲେ । ଦୌଡ଼ିବା ସମୟରେ ଗୋଡରେ ଯେଉଁ ଧୂଳି ଉଡୁଥିଲା ତା ଭିତରେ ବାବା ଅଦୃଶ୍ୟ ହୋଇଗଲେ ଏବଂ ତାପରେ ତାଙ୍କର ନିଦ ଭାଙ୍ଗିଗଲା ।

ସଚେତନ ହେବା ପରେ ସେ ଗମ୍ଭୀରତାର ସହ ଏହି ସ୍ୱପ୍ନ କଥା ବିଚାର କରିବାକୁ ଲାଗିଲେ । ତାଙ୍କର ମାନସିକ ପ୍ରବୃତ୍ତିରେ ପୂର୍ଣ୍ଣ ପରିବର୍ତ୍ତନ ହୋଇସାରିଥିଲା । ବାବାଙ୍କର ମହାନତା ଏବେ ସେ ହୃଦବୋଧ କରିପାରିଲେ । ତାଙ୍କର କୃପଣ ତଥା ସନ୍ଦେହୀ ଭାବ ଦୂର ହୋଇଗଲା ଏବଂ ହୃଦୟରେ ବାବାଙ୍କର ଚରଣ ପ୍ରତି ନିର୍ମଳ ଭକ୍ତି ଜାତ ହେଲା । ଏହା ତ ଏକ ସ୍ୱପ୍ନ ଥିଲା; କିନ୍ତୁ ସେଥିରେ ଯେଉଁ ପ୍ରଶ୍ନୋତ୍ତର ଥିଲା ତାହା ମହତ୍ତ୍ୱପୂର୍ଣ୍ଣ । ପରଦିନ ଯେତେବେଳେ ସମସ୍ତେ ମଧ୍ୟାହ୍ନ ଆରତି ପାଇଁ ଏକତ୍ର ହେଲେ, ବାବା ତାଙ୍କୁ ପ୍ରସାଦରେ ଦୁଇଟଙ୍କାର ମିଠା ଏବଂ ଦୁଇ ଟଙ୍କା ଦେଲେ । ତାଙ୍କୁ ଆଉ କିଛିଦିନ ଅଟକାଇ ଆଶୀର୍ବାଦ ଦେଇ କହିଲେ କି 'ଆଲ୍ଲା ତୁମକୁ ବହୁତ ଦେବେ ଏବଂ ଏଣିକି ସବୁ ଭଲ କରିବେ ।' ବାବାଙ୍କଠାରୁ ତାଙ୍କୁ ଅଧିକ ଦ୍ରବ୍ୟ ତ ମିଳିଲା ନାହିଁ, କିନ୍ତୁ ତାଙ୍କର କୃପା ଅବଶ୍ୟ ପ୍ରାପ୍ତ ହେଲା, ଯଦ୍ଦ୍ୱାରା ତାଙ୍କର ବେଶ୍ ଉନ୍ନତି ହେଲା । ବାଟରେ ତାଙ୍କୁ ଯଥେଷ୍ଟ ଦ୍ରବ୍ୟ ମିଳିଲା ଏବଂ ଯାତ୍ରା ବେଶ୍ ସଫଳ ହେଲା । ଯାତ୍ରା କାଳରେ କୌଣସି ଅସୁବିଧା ବା କଷ୍ଟ ହେଲା ନାହିଁ ଏବଂ ସକୁଶଳରେ ସେ ଘରେ ଆସି ପହଞ୍ଚିଲେ । ବାବାଙ୍କର ବଚନ ତଥା ଆଶୀର୍ବାଦ ଏବଂ ତାଙ୍କ କୃପାରୁ ପ୍ରାପ୍ତ ଆନନ୍ଦ ସର୍ବଦା ତାଙ୍କର ସ୍ମୃତିପଟରେ ରହିଲା । ଏହି କଥାରୁ ସ୍ପଷ୍ଟ ହୁଏ ଯେ ବାବା ଯେଉଁ ପ୍ରକାର ତାଙ୍କର ଭକ୍ତମାନଙ୍କୁ ପାଖକୁ ଟାଣିଆଣି ସେମାନଙ୍କୁ ଶ୍ରେୟସ୍କର ମାର୍ଗରେ ନେଉଯାଉଥିଲେ ଏବଂ ଆଜି ମଧ୍ୟ ନେଉଛନ୍ତି ତା'ର ପଟାନ୍ତର ନାହିଁ ।

## ।। ଜ୍ୟୋତିଷବାଣୀ ଖଣ୍ଡନ ଓ ପରୀକ୍ଷାରେ ସଫଳତା ।।

**ତେନ୍ଦୁଲକର ପରିବାର :** ମୁମ୍ବଇର ବାନ୍ଦ୍ରାରେ ତେନ୍ଦୁଲକର ପରିବାର ରହୁଥିଲେ । ସେମାନେ ବାବାଙ୍କର ବଡ଼ ଭକ୍ତ ଥିଲେ । ଶ୍ରୀ ରଘୁନାଥ ତେନ୍ଦୁଲକର ମରାଠୀ ଭାଷାରେ 'ଶ୍ରୀ ସାଇନାଥ ଭଜନମାଳା' ନାମରେ ଏକ ପୁସ୍ତକ ରଚନା କରିଛନ୍ତି, ଯେଉଁଥିରେ ପ୍ରାୟ ଆଠଶହ ଅଭଙ୍ଗ ଏବଂ ପଦର ସମାବେଶ ହୋଇଛି ତଥା ବାବାଙ୍କର ଲୀଳାଗୁଡ଼ିକର ମଧୁର ବର୍ଣ୍ଣନା କରାଯାଇଛି । ବାବାଙ୍କର ଭକ୍ତମାନଙ୍କ ପାଇଁ ଏହା ଏକ ଉପାଦେୟ ପୁସ୍ତକ । ତାଙ୍କର ଜ୍ୟେଷ୍ଠ ପୁତ୍ର ବାବୁ ଡାକ୍ତରୀ ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେଉଥିଲା । ଆତ୍ମବିଶ୍ୱାସ କମ୍ ଥିବାରୁ ତା'ର ପିତାମାତା କେତେକ ଜ୍ୟୋତିଷଙ୍କୁ ଜନ୍ମ କୁଣ୍ଡଳୀ ଦେଖାଇଲେ, କିନ୍ତୁ ସମସ୍ତେ କହିଲେ ଏହି ବର୍ଷ ତା'ର ଗ୍ରହ ଭଲ ନାହିଁ, ତେଣୁ ଆସନ୍ତା ବର୍ଷ ପରୀକ୍ଷା ଦେଲେ ସଫଳତା ପ୍ରାପ୍ତି ହେବ । ପୁଅ ନିରାଶ ହୋଇପଡ଼ିଲା ଓ ତା'ର ମନ ଅସ୍ଥିର ହୋଇଗଲା । ଶେଷରେ ପିତା,ମାତା ବାବାଙ୍କ ଦର୍ଶନ ପାଇଁ ଶିରିଡ଼ି ଗଲେ ଏବଂ ପୁତ୍ରର ମାନସିକ ଅଶାନ୍ତି କଥା ବାବାଙ୍କୁ ଭେଟି ଜଣାଇଲେ ।

ବାବା କହିଲେ 'ପୁତ୍ରକୁ କୁହ, ସେ ମୋ ଉପରେ ବିଶ୍ୱାସ ରଖୁ । ଭବିଷ୍ୟତବାଣୀ ତଥା ଜ୍ୟୋତିଷମାନଙ୍କ କଥାକୁ ଗୋଟିଏ କୋଣରେ ଫିଙ୍ଗିଦିଅ ଏବଂ ଅଭ୍ୟାସ ଜାରି ରଖି ଶାନ୍ତ ମନରେ ପରୀକ୍ଷାରେ ବସିବାକୁ କୁହ । ସେ ଏହିବର୍ଷ ଅବଶ୍ୟ ଉତ୍ତୀର୍ଣ୍ଣ ହେବ। ନିରାଶ ହେବାର କାରଣ ନାହିଁ ।' ମା' ଘରକୁ ଆସି ବାବାଙ୍କର ଆଶୀର୍ବାଣୀ ପୁତ୍ରକୁ ଶୁଣାଇଲେ । ସେ ବାବାଙ୍କ ଉପରେ ବିଶ୍ୱାସ ରଖି ଉତ୍ସାହିତ ହୋଇ କଠିନ ପରିଶ୍ରମ କଲା ଏବଂ ପରୀକ୍ଷାରେ ବସିଲା । ଆଶ୍ଚର୍ଯ୍ୟଜନକ ଭାବେ ପରୀକ୍ଷାରେ ଭଲ କଲା, ତଥାପି ମନ ସଂଶୟଗ୍ରସ୍ତ ରହିଲା ଯେ ଆବଶ୍ୟକ ନମ୍ବର ମିଳିବ କି ନାହିଁ । ଏଣୁ ମୌଖିକ ପରୀକ୍ଷା ଦେବା ନେଇ ଦ୍ୱିଧାରେ ରହିଲା । ତେବେ ପରୀକ୍ଷକ ତ ତା ପଛରେ ଲାଗିଥିଲେ । ଲିଖିତ ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଥିବା ଦେଖି ଜଣେ ଛାତ୍ର ଦ୍ୱାରା ଖବର ପଠାଇଲେ ମୌଖିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ । ଏହି ପ୍ରକାର ପ୍ରୋତ୍ସାହନ ପାଇ ସେ ମୌଖିକ ପରୀକ୍ଷା ଦେଲା ଓ ସେଥିରେ ବି ସଫଳ ହେଲା । ଗ୍ରହଦଶା ପ୍ରତିକୂଳ ଥିବା ସତ୍ତ୍ୱେ ବାବାଙ୍କ କୃପାରୁ ସେ ସଫଳତା ଲାଭ କଲା । ଏଠାରେ କେବଳ ଏତିକି ଧ୍ୟାନ ଦେବାର କଥା ଯେ **କଷ୍ଟ ଏବଂ ସଂଶୟ ଶେଷରେ ଦୃଢ଼ ବିଶ୍ୱାସରେ ପରିଣତ ହୋଇଥାଏ । ପରୀକ୍ଷା ତ ଯେଉଁପରି ଭାବରେ ହେବ କିନ୍ତୁ ଆମେ ଯଦି ବାବାଙ୍କ ଉପରେ ଦୃଢ଼ ବିଶ୍ୱାସ ଏବଂ ଶ୍ରଦ୍ଧା ରଖି ପ୍ରୟାସ କରିବା ତାହେଲେ ଅବଶ୍ୟ ସଫଳତା ଲାଭ କରିବା ।**

ଏହି ବାଳକର ପିତା ରଘୁନାଥରାଓ ମୁମ୍ବଇର ଏକ ବିଦେଶୀ ବ୍ୟବସାୟ ଫାର୍ମରେ

ଚାକିରି କରୁଥିଲେ । ସେ ପରିଣତ ବୟସରେ ଉପନୀତ ହୋଇଥିଲେ ଏବଂ ନିଜ କାର୍ଯ୍ୟ ସୁଚାରୁ ରୂପେ କରିପାରୁନଥିଲେ । ଏଣୁ ଛୁଟି ନେଇ ବିଶ୍ରାମ କରିବାକୁ ଚାହୁଁଥିଲେ । ମାତ୍ର ଛୁଟି ନେବା ପରେ ମଧ୍ୟ ତାଙ୍କର ଶାରୀରିକ ଅବସ୍ଥାରେ ବିଶେଷ ପରିବର୍ତ୍ତନ ହେଲା ନାହିଁ । ଫଳରେ ଅବସରକାଳୀନ ଛୁଟି ନେବାକୁ ବିଚାର କଲେ । ଜଣେ ବୃଦ୍ଧ ଏବଂ ବିଶ୍ୱସ୍ତ କର୍ମଚାରୀ ହୋଇଥିବାରୁ ପ୍ରଧାନ ମ୍ୟାନେଜର ତାଙ୍କୁ ପେନସନ୍ ଦେଇ ସେବା ନିବୃତ୍ତ କରିବାକୁ ନିଷ୍ପତ୍ତି କଲେ । ତେବେ କେତେ ଟଙ୍କା ପେନସନ୍ ଧାର୍ଯ୍ୟ କରାଯିବ–ଏହି ପ୍ରଶ୍ନ ବିଚାରାଧୀନ ଥିଲା । ତାଙ୍କୁ ମାସିକ ୧୫୦ ଟଙ୍କା ବେତନ ମିଳୁଥିଲା । ଏହି ହିସାବରେ ପେନସନ୍ ହେଉଥିଲା ୭୫ ଟଙ୍କା । କିନ୍ତୁ ଏତିକି ଅର୍ଥ ତାଙ୍କ ପରିବାର ଭରଣପୋଷଣ ପାଇଁ ଯଥେଷ୍ଟ ନଥିଲା । ଏଥିପାଇଁ ସେ ବଡ଼ ଚିନ୍ତିତ ଥିଲେ । ନିଷ୍ପତ୍ତି ହେବାର ୧୫ ଦିନ ପୂର୍ବରୁ ବାବା ଶ୍ରୀମତୀ ତେନ୍ଦୁଲକରଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ କି 'କେତେ ଟଙ୍କା ପେନସନ୍ ଦରକାର ? ମୋର ଇଚ୍ଛା ୧୦୦ଟଙ୍କା ହେଲେ ଚଳିବ । ତୁମେ ଏଥିରେ ସନ୍ତୁଷ୍ଟ ?' ଶ୍ରୀମତୀ ତେନ୍ଦୁଲକର କହିଲେ 'ବାବା, ଏହି ଦାସୀକୁ ଆପଣ କ'ଣ ପଚାରୁଛନ୍ତି ? ଆପଣଙ୍କର ଶ୍ରୀଚରଣରେ ତ ଆମର ପୂର୍ଣ୍ଣ ବିଶ୍ୱାସ ରହିଛି ।'

ଯଦିଓ ବାବା ୧୦୦ ଟଙ୍କା କହିଥିଲେ, କିନ୍ତୁ ତାଙ୍କର କଥା ସ୍ୱତନ୍ତ୍ର ରୂପେ ବିଚାର କରି ଅଧିକ ୧୦ ଟଙ୍କା ଅର୍ଥାତ ୧୧୦ ଟଙ୍କା ଧାର୍ଯ୍ୟ କରାଗଲା । ବାବା ତାଙ୍କର ଭକ୍ତମାନଙ୍କ ପାଇଁ କିପରି ଅପରିମିତ ସ୍ନେହ ଓ ଧ୍ୟାନ ରଖୁଥିଲେ, ତାହା ଦେଖିବାର କଥା ।

**କ୍ୟାପଟେନ ହାଟେଙ୍କ ସ୍ୱପ୍ନ ଓ ବଲପପଡ଼ି ଭୋଗ :** ବିକାନୀର ନିବାସୀ କ୍ୟାପଟେନ ହାଟେ ବାବାଙ୍କର ଭକ୍ତ ଥିଲେ । ଦିନେ ବାବା ତାଙ୍କୁ ସ୍ୱପ୍ନରେ କହିଲେ 'ତୁମେ କ'ଣ ମୋତେ ଭୁଲିଗଲ ?' ଶ୍ରୀ ହାଟେ ବାବାଙ୍କର ଶ୍ରୀଚରଣରେ ବିନମ୍ର ପ୍ରଣାମ କରି କହିଲେ 'ସନ୍ତାନ ଯଦି ତା'ର ମାଁକୁ ଭୁଲିଯାଏ, ସେ କ'ଣ ବଞ୍ଚିପାରିବ ?' ଏହା କହି ଶ୍ରୀ ହାଟେ ତୁରନ୍ତ ବଗିଚାକୁ ଯାଇ କିଛି ବିନ୍‌ଛୁଇଁ ତୋଳିଆଣିଲେ ଏବଂ ଗୋଟିଏ ଥାଳିରେ ଶୁଖିଲା ଭିକ୍ଷା ଯଥା ଘିଅ, ଅଟା ଓ ଡାଲି ଏକାଠିକରି ତଥା ଦକ୍ଷିଣା ରଖି ବାବାଙ୍କୁ ଅର୍ପଣ କରିବାକୁ ଗଲେ । ଏତିକିବେଳେ ତାଙ୍କର ନିଦ ଭାଙ୍ଗିଗଲା ଏବଂ ସେ ଅନୁଭବ କଲେ ଯେ ତାହା ସ୍ୱପ୍ନ ଥିଲା । ତଥାପି ସ୍ୱପ୍ନରେ ଯାହାସବୁ ଜିନିଷ ଦେଖିଥିଲେ ତାକୁ ବାବାଙ୍କ ପାଖକୁ ପଠାଇବାକୁ ସ୍ଥିର କଲେ । କିଛିଦିନ ପରେ ସେ ଗୋଆଲିଅର ଆସିଥିଲେ, ସେଠାରୁ ଜଣେ ବନ୍ଧୁଙ୍କ ପାଖକୁ ୧୨ ଟଙ୍କା ମନିଅର୍ଡ଼ର କରି ସେଥିରୁ ଦୁଇ ଟଙ୍କାର ଶୁଖିଲା ଭିକ୍ଷା(ଘିଅ, ଅଟା ଓ ଡାଲି) ଏବଂ ବିନ୍ ଆଦି କିଣି ତଥା ୧୦ ଟଙ୍କା ଦକ୍ଷିଣା ରୂପରେ ବାବାଙ୍କୁ ଅର୍ପଣ କରିବାକୁ ଅନୁରୋଧ କଲେ । ବନ୍ଧୁ ଶିରିଡ଼ିରେ ପହଞ୍ଚି ସମସ୍ତ ଜିନିଷ ସଂଗ୍ରହ କରିନେଲେ କିନ୍ତୁ ବିନ୍ ପାଇବା କଷ୍ଟ ହେଲା ।


କ'ଣ କରିବେ ସେ ଚିନ୍ତାରେ ପଡ଼ିଥିବାବେଳେ ଜଣେ ମହିଳା ଗୋଟିଏ ଝୁଡ଼ି ଧରି ଆସୁଥିବା ଦେଖାଗଲା । ଆଶ୍ଚର୍ଯ୍ୟର ବିଷୟ ଯେ ସେହି ଝୁଡ଼ିରେ କେବଳ ବିନ୍ ଥିଲା । ବିନ୍ କିଣି ତଥା ସମସ୍ତ ସାମଗ୍ରୀ ଏକତ୍ର କରି ସେ ଦ୍ୱାରକାମାୟୀକୁ ଗଲେ ଏବଂ ଶ୍ରୀ ହାଟେଙ୍କ ତରଫରୁ ବାବାଙ୍କୁ ଅର୍ପଣ କଲେ । ପରଦିନ ଶ୍ରୀ ନିମୋଣକର ଅନ୍ନ ଓ ବିନ୍ ତରକାରି ପ୍ରସ୍ତୁତକରି ବାବାଙ୍କୁ ନୈବେଦ୍ୟ ଅର୍ପଣ କଲେ । ଉଲ୍ଲେଖନୀୟ ବିଷୟ ଯେ ସେ ଦିନ ବାବା କେବଳ ବିନ୍ ତରକାରି ଖାଇଲେ ଓ ଅନ୍ୟ କିଛି ସ୍ପର୍ଶ କଲେ ନାହିଁ । ବନ୍ଧୁଙ୍କଠାରୁ ଏହି ଖବର ଶୁଣିବା ପରେ କ୍ୟାପଟେନ୍ ହାଟେ ଭାବବିହ୍ୱଳ ହୋଇଗଲେ ଏବଂ ଆନନ୍ଦରେ ଉତ୍‌ଫୁଲ୍ଲିତ ହେଲେ ।

**ପବିତ୍ର ମୁଦ୍ରା :** ଆଉ ଥରେ ବାବାଙ୍କର ପବିତ୍ର କରକମଳ ସ୍ପର୍ଶ ହୋଇଥିବାର ଏକ ମୁଦ୍ରା ଘରେ ରଖିବାକୁ କ୍ୟାପଟେନ ହାଟେଙ୍କର ଇଚ୍ଛା ହେଲା । ଅଚାନକ ତାଙ୍କର ଜଣେ ବନ୍ଧୁଙ୍କ ସହ ସାକ୍ଷାତ ହୋଇଗଲା । ସଂଯୋଗକୁ ସେ ଶିରିଡ଼ି ଯାତ୍ରାରେ ବାହାରିଥିଲେ । ଶ୍ରୀ ହାଟେ ତାଙ୍କ ହାତରେ ଏକ ଟଙ୍କା ପଠାଇଲେ । ଶିରିଡ଼ି ପହଞ୍ଚିବା ପରେ ବାବାଙ୍କୁ ଯଥାଯୋଗ୍ୟ ପ୍ରଣାମ କରି ସେ ଦକ୍ଷିଣା ଦେଲେ । ବାବା ତାକୁ ତାଙ୍କ ମୁଣିରେ ରଖିଦେଲେ । ତତ୍‌ପଶ୍ଚାତ କ୍ୟାପଟେନ୍ ହାଟେଙ୍କର ଟଙ୍କାଟି ଅର୍ପଣ କଲେ । ବାବା ତାକୁ ହାତରେ ଧରି ଭଲଭାବରେ ନିରୀକ୍ଷଣ କଲେ । ସେଥିରେ ଅଙ୍କିତ ଚିତ୍ର ଉପରକୁ କରି ଆଙ୍ଗୁଠିରେ ରଖି ଉପରକୁ ଡିଆଁଇଲେ ଏବଂ ଖେଳିଲେ । ଏହାପରେ ଉଦି ସହିତ ଟଙ୍କାଟି ଫେରାଇଦେଇ ତାଙ୍କର ବନ୍ଧୁଙ୍କୁ ଦେଇଦେବାକୁ କହିଲେ । ବାବା ପୁଣି କହିଲେ 'ତାଠାରୁ ମୋର କିଛି ଦରକାର ନାହିଁ । କେବଳ ଏତିକି କହିଦେବ ଯେ ସେ ଆନନ୍ଦରେ ଥାଉ ।' ଅନ୍ତର୍ଯ୍ୟାମୀ ବାବାଙ୍କର ସର୍ବବ୍ୟାପକ ଦୃଷ୍ଟି ଦେଖି ବନ୍ଧୁଜଣକ ବିସ୍ମିତ ହେଲେ । ଦ୍ୱିତୀୟ ମୁଦ୍ରାଟି ତାଙ୍କର ବନ୍ଧୁଙ୍କର ବୋଲି ସେ କହିନାହାନ୍ତି । ବାବାଙ୍କୁ ଏହା ବିଦିତ ହେଲା କିପରି ? ଗୋଆଲିଅର ଫେରି ସେହି ମୁଦ୍ରାଟି ହାଟେଙ୍କୁ ଦେଇ ଯାହା ଯାହା ଘଟିଥିଲା ସବୁ ବର୍ଣ୍ଣନା କଲେ । ହାଟେଙ୍କ ମନ ଆନନ୍ଦରେ ପୂରି ଉଠିଲା ଏବଂ ବାବା ସର୍ବଦା ଉତ୍ତମ ବିଚାରକୁ ପ୍ରୋତ୍ସାହିତ କରୁଥିବା ସେ ସ୍ପଷ୍ଟ ଅନୁଭବ କଲେ । ତାଙ୍କର ମନୋକାମନା ବାବା ପୂର୍ଣ୍ଣ କଲେ ।

**(୪) ବାମନ ନାର୍ବେକର :** ପାଠକଗଣ ! ଏବେ ଏକ ଭିନ୍ନ କଥା ଶ୍ରବଣ କରନ୍ତୁ । ବାମନ ନାର୍ବେକର ନାମକ ଜଣେ ବ୍ୟକ୍ତିଙ୍କର ସାଇଚରଣରେ ପ୍ରଗାଢ଼ ଭକ୍ତି ଥିଲା । ଥରେ ସେ ଏପରି ଏକ ମୁଦ୍ରା ଆଣିଲେ, ଯାହାର ଗୋଟିଏ ପାର୍ଶ୍ୱରେ ରାମ, ଲକ୍ଷ୍ମଣ ଏବଂ ସୀତା ତଥା ଅପରପାର୍ଶ୍ୱରେ କରବଦ୍ଧ ହନୁମାନଙ୍କର ଚିତ୍ର ଅଙ୍କିତ ହୋଇଥିଲା । ଏହି ମୁଦ୍ରାକୁ ବାବାଙ୍କର କରସ୍ପର୍ଶ ଦ୍ୱାରା ପବିତ୍ର କରାଇବାକୁ ସେ ବାବାଙ୍କୁ ଅର୍ପଣ କଲେ । ତାଙ୍କର ଇଚ୍ଛା ଥିଲା ଯେ ଉଦି ସହିତ ବାବା ତାଙ୍କୁ ଏହି ମୁଦ୍ରାଟି ଫେରାଇବେ । କିନ୍ତୁ ମୁଦ୍ରାଟିକୁ ଦେଖି ବାବା ତୁରନ୍ତ ତାକୁ ମୁଣାରେ ରଖିଦେଲେ । ବାମନରାଓ ଦୁଃଖୀ

ହେବା ପରି ଜଣାଗଲା । ପାଖରେ ଉପସ୍ଥିତ ଶ୍ୟାମା ତାଙ୍କର ମନୋଭାବ ଜାଣିପାରି ମୁଦ୍ରାଟି ଫେରାଇବାକୁ ବାବାଙ୍କୁ ଅନୁରୋଧ କଲେ । ବାବା ସ୍ପଷ୍ଟ ଭାବେ କହିଲେ 'ଫେରାଯିବ କାହିଁକି ? ଏହାକୁ ଆମେ ପାଖରେ ରଖିବା ଉଚିତ । ଯଦି ସେ ଏହା ବଦଳରେ ପଚିଶି ଟଙ୍କା ଦେବାକୁ ରାଜି ହୁଅନ୍ତି ତାହେଲେ ତାଙ୍କୁ ଫେରାଯିବ ।' ବାମନରାଓ ପଚିଶି ଟଙ୍କା ଯୋଗାଡ଼ କରି ବାବାଙ୍କୁ ଅର୍ପଣ କଲେ । ଏହାପରେ ବାବା କହିଲେ 'ଏହି ମୁଦ୍ରାର ମୂଲ୍ୟ ପଚିଶି ଟଙ୍କାରୁ କେତେଗୁଣ ଅଧିକ ।' ଶ୍ୟାମା ! ତୁମେ ଏହାକୁ ତୁମର ପୂଜାଘରେ ସ୍ଥାପନା କରି ନିତ୍ୟ ପୂଜା କର ।' ବାବା ଏପରି କାହିଁକି କଲେ, ଏହା ପଚାରିବାକୁ କାହାର ସାହସ ନଥିଲା । ଏହା ତ କେବଳ ବାବା ହିଁ ଜାଣିଥିଲେ ଯେ କାହା ପାଇଁ କେତେବେଳେ କ'ଣ ପ୍ରଯୁଜ୍ୟ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



# ।।ତ୍ରିଂଶ(୩୦) ଅଧ୍ୟାୟ ।।

## ।।ଶିରିଡ଼ିର ଅପୂର୍ବ ଆକର୍ଷଣ ।।

### ବାବାଙ୍କ ଶରଣରେ ଯିବା ପାଇଁ ଦେବୀଙ୍କ ସ୍ୱପ୍ନାଦେଶ ଓ ଦୈବୀ ଇଚ୍ଛାର ବିଚିତ୍ର କାର୍ଯ୍ୟାନ୍ୱୟନ

**ପ୍ରାକ୍‌କଥନ :** ଯିଏ କୌଣସି ଉଦ୍ଦେଶ୍ୟ ନରଖି ଭକ୍ତମାନଙ୍କୁ ସ୍ନେହ କରିବାରେ ଦୟାର ସାଗରତୁଲ୍ୟ ତଥା ନିର୍ଗୁଣ ହୋଇ ମଧ୍ୟ ଭକ୍ତମାନଙ୍କର ପ୍ରେମବଶତଃ ଯିଏ ସ୍ୱେଚ୍ଛାପୂର୍ବକ ମାନବ ଶରୀର ଧାରଣ କରିଛନ୍ତି, ଯିଏ ଏପରି ଭକ୍ତବତ୍ସଳ ଅଟନ୍ତି କି ଯାହାଙ୍କର ଦର୍ଶନ ମାତ୍ରକେ ଭବସାଗରର ଭୟ ଏବଂ ସମସ୍ତ କଷ୍ଟ ଦୂର ହେଇଯାଏ, ଏପରି ଶ୍ରୀ ସାଇନାଥ ମହାରାଜଙ୍କୁ ଆମର ବିନମ୍ର ପ୍ରଣାମ । ଭକ୍ତମାନଙ୍କୁ ଆତ୍ମଦର୍ଶନ କରାଇବା ହିଁ ସନ୍ଥଙ୍କର ପ୍ରଧାନ କାର୍ଯ୍ୟ ଅଟେ ।

ଶ୍ରୀ ସାଇ, ଯିଏ ସନ୍ଥ ଶିରୋମଣି ଅଟନ୍ତି, ଏହା ତ ତାଙ୍କର ମୁଖ୍ୟ ଧ୍ୟେୟ । ଯିଏ ତାଙ୍କର ଶ୍ରୀଚରଣର ଶରଣ ନେଇଛି, ତା'ର ସମସ୍ତ ପାପ ନଷ୍ଟ ହୋଇ ନିଶ୍ଚିତ ରୂପେ ଦିନ ପ୍ରତିଦିନ ପ୍ରଗତି କରିଛି । ତାଙ୍କର ଶ୍ରୀଚରଣର ସ୍ମରଣ କରି ପବିତ୍ର ସ୍ଥାନମାନଙ୍କରୁ ଭକ୍ତଗଣ ଶିରିଡ଼ି ଆସୁଛନ୍ତି ଏବଂ ତାଙ୍କର ଶୀତଳ ଛାୟାରେ ଉପବେଶନକରି ଶ୍ଳୋକ ପାଠକରି ଗାୟତ୍ରୀ ମନ୍ତ୍ର ଜପ କରୁଛନ୍ତି । କିନ୍ତୁ ଯିଏ ନିର୍ବଳ ତଥା ଦୀନ-ହୀନ ଏବଂ ଯେଉଁମାନେ ଏହା ମଧ୍ୟ ଜାଣନ୍ତି ନାହିଁ ଯେ ଭକ୍ତି କାହାକୁ କହନ୍ତି, ସେମାନଙ୍କର ତ କେବଳ ଏତିକି ବିଶ୍ୱାସ ଯେ ଅନ୍ୟ ସମସ୍ତେ ସେମାନଙ୍କୁ ଅସହାୟ କରି ଉପେକ୍ଷା କରିପାରନ୍ତି କିନ୍ତୁ ଅନାଥଙ୍କର ନାଥ ପ୍ରଭୁ ଶ୍ରୀ ସାଇନାଥ କେବେ ପରିତ୍ୟାଗ କରିବେ ନାହିଁ ।

ଯାହା ଉପରେ ସେ କୃପା କରନ୍ତି, ତାକୁ ପ୍ରଚଣ୍ଡ ଶକ୍ତି, ନିତ୍ୟ-ଅନିତ୍ୟର ବିବେକ ତଥା ଜ୍ଞାନ ସହଜରେ ପ୍ରାପ୍ତ ହୁଏ । ସେ ତାଙ୍କର ଭକ୍ତମାନଙ୍କର ଇଚ୍ଛା ଜାଣି ତାକୁ ପୂର୍ଣ୍ଣ କରନ୍ତି । ଫଳରେ ସେମାନଙ୍କର ମନୋବାଞ୍ଛିତ ଫଳ ପ୍ରାପ୍ତି ହୁଏ ଏବଂ ସେମାନେ ସର୍ବଦା କୃତଜ୍ଞ ରହନ୍ତି । ଆମେ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ପ୍ରାର୍ଥନା କରିବା କି ସେ ଆମର ତ୍ରୁଟିବିଚ୍ୟୁତି ପ୍ରତି ଦୃଷ୍ଟିନଦେଇ ଆମକୁ ସକଳ କଷ୍ଟରୁ ଉଦ୍ଧାର କରନ୍ତୁ । ଯେଉଁ ବିପତ୍ତିଗ୍ରସ୍ତ ପ୍ରାଣୀ ଏହି ପ୍ରକାର ଶ୍ରୀ ସାଇଙ୍କୁ ପ୍ରାର୍ଥନା କରେ, ତାଙ୍କର କୃପାରୁ ସେ ପୂର୍ଣ୍ଣ ଶାନ୍ତି ତଥା ସୁଖ ସମୃଦ୍ଧି ଲାଭ କରେ । ହେମାଡପନ୍ତ କହୁଛନ୍ତି କି 'ହେ ମୋର ସାଇ ! ଦୟାର ସାଗର ।' ଏହା ତ ତୁମର ଦୟାର ଫଳ, ଯାର ଫଳସ୍ୱରୂପ ଶ୍ରୀ ସାଇ ସତ୍‌ଚରିତ ଭକ୍ତମାନଙ୍କ ସମ୍ମୁଖରେ ଉପସ୍ଥାପନା କରାଯାଉଛି, ଅନ୍ୟଥା ମୋର ଯୋଗ୍ୟତା କାହିଁ

ଯେ ଏପରି ଏକ କଠିନ କାର୍ଯ୍ୟ ପାଇଁ ଦୁଃସାହସ କରିବି । ଯେତେବେଳେ ଶ୍ରୀ ସାଇ ପୂର୍ଣ୍ଣ ଦାୟିତ୍ୱ ନେଇଗଲେ ହେମାଡପନ୍ତଙ୍କର ତିଳେ ମାତ୍ର ଭାର ବୋଧ ହେଲା ନାହିଁ କି ଏହାର ଚିନ୍ତା ରହିଲା ନାହିଁ । ଶ୍ରୀ ସାଇ ଏହି ଗ୍ରନ୍ଥ ରୂପରେ ତାଙ୍କର ସେବା ସ୍ୱୀକାର କଲେ । ଏହା କେବଳ ତାଙ୍କର ପୂର୍ବଜନ୍ମର ଶୁଭ ସଂସ୍କାରର ଫଳ, ଯେଉଁଥିପାଇଁ ସେ ନିଜକୁ ଭାଗ୍ୟଶାଳୀ ଏବଂ କୃତାର୍ଥ ମନେ କରନ୍ତି ।

ନିମ୍ନଲିଖିତ କଥା କପୋଳକଳ୍ପିତ ନୁହେଁ, ବିଶୁଦ୍ଧ ଅମୃତତୁଲ୍ୟ ଅଟେ । ଯିଏ ଏହାକୁ ପାନ କରିବେ ସାଇଙ୍କର ମହାନତା ଓ ଅସୀମତା ଆସ୍ୱାଦନ କରିପାରିବେ । ଯେଉଁମାନେ ତର୍କପ୍ରିୟ ଏବଂ ସମାଲୋଚକ ସେମାନଙ୍କ ପାଇଁ ଏହାର କୌଣସି ମହତ୍ତ୍ୱ ନାହିଁ । ଏଠାରେ ଆଲୋଚନା ପର୍ଯ୍ୟାଲୋଚନାର ସ୍ଥାନ ନାହିଁ, ପ୍ରୟୋଜନ ହେଉଛି ଅସୀମିତ ପ୍ରେମ ଓ ଭକ୍ତି । ବିଦ୍ୱାନ ଭକ୍ତ, ଶ୍ରଦ୍ଧାଳୁ ବିଶ୍ୱାସୀ କିମ୍ବା ଯେଉଁମାନେ ନିଜକୁ ସାଇ-ପଦ-ସେବକ ମନେ କରନ୍ତି, ସେମାନଙ୍କୁ ହିଁ ଏହି କଥା ରୁଚିକର ଏବଂ ଶିକ୍ଷାପ୍ରଦ ହେବ, ଅନ୍ୟମାନେ ତ କେବଳ କପୋଳକଳ୍ପନା ମନେକରିବେ । ଶ୍ରୀ ସାଇଙ୍କର ଭାଗ୍ୟଶାଳୀ ଭକ୍ତମାନଙ୍କ ପାଇଁ ସାଇଲୀଳା କଳ୍ପତରୁ ସଦୃଶ ଅଟେ । ଏହି ଲୀଳାମୃତ ପାନ କରି, ଭବ ତରିବେ ନରହରି । ଅର୍ଥାତ ଏହାଦ୍ୱାରା ଅଜ୍ଞାନୀ ଜୀବଙ୍କର ମୁକ୍ତିଲାଭ ହେବ, ଗୃହସ୍ଥଙ୍କୁ ସୁଖ ଓ ସନ୍ତୋଷ ତଥା ମୁମୁକ୍ଷୁଙ୍କୁ ଉଚ୍ଚ ସାଧନା ପ୍ରାପ୍ତ ହେବ । ଏବେ ଆମେ ମୂଳ କଥାକୁ ଆସିବା ।

## ।। ବାବାଙ୍କ ଶରଣରେ ଯିବା ପାଇଁ ଦେବୀଙ୍କ ସ୍ୱପ୍ନାଦେଶ ।।

**କାକାଜୀ ବୈଦ୍ୟ :** ନାସିକ ଜିଲାର ବଣି ଗ୍ରାମରେ କାକାଜୀ ବୈଦ୍ୟ ନାମରେ ଜଣେ ବ୍ୟକ୍ତି ରହୁଥିଲେ । ସପ୍ତଶୃଙ୍ଗୀ ଦେବୀଙ୍କର ସେ ମୁଖ୍ୟ ପୂଜକ ଥିଲେ । ଥରେ ସେ ବିପତ୍ତିରେ ପଡ଼ିଲେ ଏବଂ ଘୋର ମାନସିକ ଅଶାନ୍ତିରେ ଭାଙ୍ଗିପଡ଼ିଲେ । ଦିନେ ଅତି ବିକଳ ହୋଇ ଦେବୀଙ୍କ ନିକଟକୁ ଯାଇ ଅନ୍ତଃକରଣରେ ପ୍ରାର୍ଥନା କଲେ "ହେ ଦେବୀ ! ହେ ଦୟାମୟୀ ! ମୋତେ ଏ ଦାରୁଣ ଦୁଃଖରୁ ମୁକ୍ତି ଦିଅନ୍ତୁ ।' ତାଙ୍କର ପ୍ରାର୍ଥନାରେ ଦେବୀ ପ୍ରସନ୍ନ ହେଲେ ଏବଂ ସେହି ରାତିରେ ସ୍ୱପ୍ନରେ କହିଲେ 'ତୁ ବାବାଙ୍କ ପାଖକୁ ଯାଅ, ସେଠାରେ ତୋର ମନ ଶାନ୍ତ ଏବଂ ସ୍ଥିର ହେବ ।' ବାବାଙ୍କ ବିଷୟରେ ଜାଣିବା ପାଇଁ କାକାଜୀଙ୍କର ବହୁତ ଇଚ୍ଛା ହେଲା କିନ୍ତୁ ତା ପୂର୍ବରୁ ନିଦ ଭାଙ୍ଗିଗଲା । ସେ ଭାବି ଭାବି ବସିରହିଲେ ଏପରି କେଉଁ ବାବା ଅଛନ୍ତି, ଯାହାଙ୍କ ପ୍ରତି ଦେବୀ ସଂକେତ କଲେ । କିଛି ସମୟପରେ ସେ ଏହି ନିଷ୍କର୍ଷରେ ପହଞ୍ଚିଲେ ଯେ ତ୍ରୟମ୍ବକେଶ୍ୱର ବାବା(ଶିବ)ବୋଧହୁଏ ହୋଇଥିବେ । ଏଣୁ ସେ ପବିତ୍ର ତୀର୍ଥ ତ୍ରୟମ୍ବକ ଗଲେ ଏବଂ ସେଠାରେ ଦଶଦିନ ରହିଲେ । ସକାଳୁ ଉଠି ସ୍ନାନାଦି କ୍ରିୟା ସମାପନ କରୁଥିଲେ ଏବଂ ତାପରେ ରୁଦ୍ର ମନ୍ତ୍ର ଜପ କରୁଥିଲେ ଏବଂ ଅଭିଷେକ ଓ ଅନ୍ୟାନ୍ୟ

କ୍ରିୟା ମଧ୍ୟ କରୁଥିଲେ; କିନ୍ତୁ ତାଙ୍କର ମନରେ ପୂର୍ବ ପରି ଅଶାନ୍ତି ଲାଗିରହିଲା । ତାପରେ ସେ ଘରକୁ ଫେରି ଅତି କରୁଣ ସ୍ୱରରେ ଦେବୀଙ୍କର ସ୍ତୁତି କରିବାରେ ଲାଗିଲେ । ସେହି ରାତିରେ ଦେବୀ ତାଙ୍କୁ ପୁଣି ସ୍ୱପ୍ନରେ ଦର୍ଶନ ଦେଇ କହିଲେ 'ତୁ ବୃଥାରେ ତ୍ର୍ୟମ୍ବକେଶ୍ୱର କାହିଁକି ଗଲୁ ? ବାବା ମାନେ ମୋର ତ ଅଭିପ୍ରାୟ ଥିଲା ଶିରିଡ଼ିର ଶ୍ରୀ ସାଇ ସମର୍ଥଙ୍କଠାରେ ।' ଏବେ କାକାଜୀଙ୍କ ପାଖରେ ଏହି ପ୍ରଶ୍ନ ଉପସ୍ଥିତ ହେଲା ଯେ ସେ କିପରି ଓ କେବେ ଶିରିଡ଼ି ଯାଇ ବାବାଙ୍କ ଦର୍ଶନ କରି ଲାଭ ଉଠାଇବେ । ପ୍ରକୃତରେ ଯଦି କୌଣସି ବ୍ୟକ୍ତି କୌଣସି ସନ୍ଥଙ୍କ ଦର୍ଶନ ପାଇଁ ଆତୁର ହୁଏ ତାହେଲେ କେବଳ ସନ୍ଥ ନୁହନ୍ତି ଭଗବାନ ମଧ୍ୟ ତା'ର ଇଚ୍ଛା ପୂର୍ଣ୍ଣ କରନ୍ତି । ବସ୍ତୁତଃ ସନ୍ଥ ଏବଂ ଅନନ୍ତ ଏକ ଏବଂ ସେମାନଙ୍କ ମଧ୍ୟରେ କୌଣସି ଭିନ୍ନତା ନାହିଁ । ଯଦି କିଏ କହେ ଯେ ମୁଁ ସ୍ୱତଃ ଅମୁକ ସନ୍ଥଙ୍କ ଦର୍ଶନ ପାଇଁ ଯିବି– ଏହାକୁ ବୃଥା ଦମ୍ଭ ଅତିରିକ୍ତ ଆଉ କ'ଣ କୁହାଯିବ ? ସନ୍ଥଙ୍କର ଇଚ୍ଛା ବିରୁଦ୍ଧରେ ତାଙ୍କ ପାଖକୁ ଯାଇ କିଏ ବା ଦର୍ଶନ କରିପାରିବ ? ତାଙ୍କର ସତ୍ତା ବିନା ଗଛର ପତ୍ରଟିଏ ମଧ୍ୟ ହଲେ ନାହିଁ । ସନ୍ଥ ଦର୍ଶନ ପାଇଁ ଯେତେ ତୀବ୍ର ଉତ୍କଣ୍ଠା ହେବ ତଦନୁସାରେ ଭକ୍ତି ଓ ବିଶ୍ୱାସ ବୃଦ୍ଧି ପାଇବ ଏବଂ ସେତିକି ଶୀଘ୍ର ମନୋକାମନା ପୂର୍ଣ୍ଣ ହେବ । ଯିଏ ନିମନ୍ତ୍ରଣ କରେ, ସିଏ ଆଦର ଏବଂ ଆତିଥ୍ୟର ମଧ୍ୟ ବ୍ୟବସ୍ଥା କରେ । କାକାଜୀଙ୍କ କ୍ଷେତ୍ରରେ ତାହା ହିଁ ହେଲା ।

## ।। ଦୈବୀ ଇଚ୍ଛାର ବିଚିତ୍ର କାର୍ଯ୍ୟାନ୍ୱୟନ ।।

କାକାଜୀ ଯେତେବେଳେ ଶିରିଡ଼ି ଯିବାକୁ ବିଚାର କରୁଥିଲେ, ସେହି ସମୟରେ ତାଙ୍କ ଘରେ ଜଣେ ଅତିଥି ପହଞ୍ଚିଲେ । ଉଲ୍ଲେଖନୀୟ ବିଷୟ ଯେ ସେହି ବ୍ୟକ୍ତି ଶ୍ୟାମାଙ୍କ ବ୍ୟତୀତ ଅନ୍ୟ କେହି ନଥିଲେ । ଶ୍ୟାମା ବାବାଙ୍କର ଅନ୍ତରଙ୍ଗ ଭକ୍ତମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ । ସେ ଠିକ୍ ଏହି ସମୟରେ ବଣିରେ କେଉଁପରି ଏବଂ କେତେବେଳେ ପହଞ୍ଚିଲେ ତାହା ଏବେ ଆଲୋଚନା କରିବା । ବାଲ୍ୟାବସ୍ଥାରେ ଶ୍ୟାମା ଥରେ ବେମାରରେ ପଡ଼ିଥିଲେ । ତାଙ୍କର ମାଆ କୁଳଦେବୀ ସପ୍ତଶୃଙ୍ଗୀଙ୍କଠାରେ ପ୍ରାର୍ଥନା କଲେ କି ଯଦି ତାଙ୍କର ପୁତ୍ର ନୀରୋଗ ହୋଇଯାଏ ତାହେଲେ ସେ ତାକୁ ତାଙ୍କର ଚରଣରେ ଉତ୍ସର୍ଗ କରିବେ । କିଛି ବର୍ଷ ପରେ ତାଙ୍କର ମା'ଙ୍କର ବକ୍ଷସ୍ଥଳରେ ଯାଦୁ ହେଲା । ସେ ପୁଣି ଦେବୀଙ୍କ ପାଖରେ ପ୍ରାର୍ଥନା କଲେ, ରୋଗମୁକ୍ତ ହେଲେ ଚାନ୍ଦିର ସ୍ତନ ଅର୍ପଣ କରିବେ । କିନ୍ତୁ ସେହି ଦୁଇଟିଯାକ ପ୍ରତିଜ୍ଞା ଅପୂରଣୀୟ ରହିଥିଲା । ତେବେ ସେ ଯେତେବେଳେ ମୃତ୍ୟୁଶଯ୍ୟାରେ ଥିଲେ ଶ୍ୟାମାଙ୍କୁ ଡାକି ସେହି ଦୁଇଟି ମାନସିକ କଥା ସ୍ମରଣ କରାଇଦେଲେ ଏବଂ ତାହାକୁ ପୂର୍ଣ୍ଣ କରିବା ପାଇଁ ପୁତ୍ରକୁ କହି ପ୍ରାଣତ୍ୟାଗ କଲେ । କିଛିଦିନ ପରେ ଶ୍ୟାମା ମଧ୍ୟ ପ୍ରତିଜ୍ଞା କଥା ଭୁଲିଗଲେ ଏବଂ ଏହିପରି ୩୦ ବର୍ଷ ବିତିଗଲା । ଦିନେ ଜଣେ ପ୍ରସିଦ୍ଧ ଜ୍ୟୋତିଷ ଶିରିଡ଼ି ଆସିଥିଲେ ଏବଂ ସେଠାରେ

ପ୍ରାୟ ଏକମାସ ରହିଲେ । ଶ୍ରୀମାନ୍ ବୁଟି ସାହେବ ତଥା ଅନ୍ୟମାନେ କହିଲେ ଯେ ତାଙ୍କର ପ୍ରାୟ ସମସ୍ତ ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହେଉଛି । ଶ୍ୟାମାଙ୍କର ଅନୁଜ ବାପାଜୀ ମଧ୍ୟ ତାଙ୍କୁ କିଛି ପ୍ରଶ୍ନ ପଚାରିଲେ । ଜ୍ୟୋତିଷଜଣକ ଏହି ସମୟରେ ତାଙ୍କୁ କହିଲେ କି ତୁମର ଜ୍ୟେଷ୍ଠ ଭ୍ରାତା ମା'ଙ୍କର ମୃତ୍ୟୁଶଯ୍ୟା ପାଖରେ କରିଥିବା ପ୍ରତିଜ୍ଞା ପୂରଣ କରିନଥିବାରୁ ଦେବୀ ଅସନ୍ତୁଷ୍ଟ ହୋଇ କଷ୍ଟ ଦେଉଛନ୍ତି । ଜ୍ୟୋତିଷଙ୍କର କଥା ଶୁଣି ଶ୍ୟାମାଙ୍କର ମା'ଙ୍କ ଆଗରେ ପ୍ରତିଜ୍ଞା କଥା ମନେ ପଡ଼ିଗଲା । ଆଉ ବିଳମ୍ବ କରିବା ବିପଦ ମନେକରି ସେ ବଣିଆକୁ ଡକାଇ ଚାନ୍ଦିର ଦୁଇଟି ସ୍ତନ ତିଆରି କଲେ ଏବଂ ଦ୍ୱାରକାମାୟୀକୁ ଯାଇ ବାବାଙ୍କ ସମ୍ମୁଖରେ ରଖିଲେ ତଥା ପ୍ରଣାମ କରି ତାଙ୍କୁ ସ୍ୱୀକାର କରି ତାଙ୍କୁ ପ୍ରତିଜ୍ଞାମୁକ୍ତ କରିବାକୁ ପ୍ରାର୍ଥନା କଲେ । ଶ୍ୟାମା କହିଲେ 'ଆପଣ ହିଁ ମୋର ସପ୍ତଶୃଙ୍ଗୀ ଦେବୀ ।' ବାବା ଶ୍ୟାମାଙ୍କୁ ସ୍ନେହପୂର୍ବକ ବୁଝାଇ ସେ ନିଜେ ଯାଇ ଦେବୀଙ୍କ ଚରଣରେ ଅର୍ପଣ କରିବାକୁ କହିଲେ । ବାବାଙ୍କର ଆଦେଶ ଓ ଉଦି ନେଇ ଶ୍ୟାମା ବଣି ଯାତ୍ରା କଲେ । ସପ୍ତଶୃଙ୍ଗୀ ଦେବୀ ମନ୍ଦିରର ପୂଜକଙ୍କ ଘର ପଚାରି ପଚାରି ଶ୍ୟାମା କାକାଜୀଙ୍କ ନିକଟରେ ପହଞ୍ଚିଲେ । କାକାଜୀ ଏହି ସମୟରେ ବାବାଙ୍କର ଦର୍ଶନ ନିମନ୍ତେ ବଡ଼ ଉତ୍ସୁକ ଥିଲେ ଏବଂ ଠିକ୍ ସେହି ସମୟରେ ଶ୍ୟାମା ପହଞ୍ଚିଗଲେ । ଏହି ସଂଯୋଗ ବଡ଼ ବିଚିତ୍ର ନଥିଲା କି ! କାକାଜୀ ଆଗନ୍ତୁକଙ୍କୁ ଦେଖି ତାଙ୍କର ପରିଚୟ ଏବଂ କେଉଁଠାରୁ ଆସିଛନ୍ତି ବୋଲି ପଚାରିଲେ ? ଯେତେବେଳେ ସେ ଶୁଣିଲେ ଯେ ସେ ଶିରିଡ଼ିରୁ ଆସିଛନ୍ତି ତାଙ୍କର ଆନନ୍ଦର ସୀମା ନଥିଲା । ପ୍ରେମୋନ୍ମତ୍ତ ହୋଇ ସେ ଶ୍ୟାମାଙ୍କୁ କୋଳାଗ୍ରତ କଲେ ଏବଂ ଏହାପରେ ସାଇଲୀଳା ଉପରେ ଦୁହେଁ ବାର୍ତ୍ତାଳାପ କଲେ । ଶ୍ୟାମାଙ୍କର ମାନସିକ ଯାଚନା ପୂରଣ କରିବା ପରେ ତାଙ୍କ ସହିତ ମିଶି କାକାଜୀ ବୈଦ୍ୟ ଶିରିଡ଼ି ଯାତ୍ରା କଲେ । ଦ୍ୱାରକାମାୟୀରେ ପହଞ୍ଚି ସେ ବାବାଙ୍କର ଚରଣରେ ଲୋଟିଗଲେ । ତାଙ୍କର ନେତ୍ରରୁ ପ୍ରେମାଶ୍ରୁର ଧାରା ପ୍ରବାହିତ ହେଲା ଏବଂ ଚିତ୍ତ ସ୍ଥିର ହୋଇଗଲା । ଦେବୀଙ୍କର ଦୃଷ୍ଟାନ୍ତ ଅନୁସାରେ ଯେମିତି ସେ ବାବାଙ୍କ ଦର୍ଶନ କରିଛନ୍ତି ତାଙ୍କର ଅଶାନ୍ତ ମନ ଦୂର ହୋଇଗଲା ଏବଂ ସେ ଅନୁପମ ଶାନ୍ତି ଅନୁଭବ କରିବାକୁ ଲାଗିଲେ । ସେ ଆଶ୍ଚର୍ଯ୍ୟାନ୍ୱିତ ହେଲେ କି ଅଦ୍‌ଭୁତ ଶକ୍ତି ରହିଛି ଏହି ଦିବ୍ୟପୁରୁଷଙ୍କଠାରେ ! ସମ୍ଭାଷଣ, ପ୍ରଶ୍ନୋତ୍ତର କିମ୍ବା ଆଶୀର୍ବାଦ ବିନା ମଧ୍ୟ ତାଙ୍କର ଦର୍ଶନ ମାତ୍ରକେ ପ୍ରସନ୍ନତାରେ ପେଟ ପୂରିଯାଉଛି । ପ୍ରକୃତରେ ଦର୍ଶନର ମହତ୍ତ୍ୱ ତ ଏହାକୁ କହନ୍ତି । ତାଙ୍କର ତୃଷିତ ନେତ୍ର ସାଇଚରଣରେ ସ୍ଥିର ହେଲା ଏବଂ ତାଙ୍କର ଜିହ୍ୱା ଗୋଟିଏ ଶବ୍ଦ ମଧ୍ୟ ଉଚ୍ଚାରଣ କରିପାରିଲା ନାହିଁ । ବାବାଙ୍କର ଅନ୍ୟ ଲୀଳାମାନ ଶୁଣି ତାଙ୍କର ଅପାର ଆନନ୍ଦ ହେଲା ଏବଂ ସେ ପୂର୍ଣ୍ଣତଃ ବାବାଙ୍କର ଶରଣାଗତ ହୋଇଗଲେ । ସମସ୍ତ ଚିନ୍ତା ଏବଂ ଦୁଃଖ ଭୁଲିଯାଇ ସେ ଅତୀବ ଆନନ୍ଦିତ ହେଲେ । ସେଠାରେ ପରମାନନ୍ଦରେ ୧ ୨ ଦିନ କଟାଇ ବାବାଙ୍କର ଅନୁମତି ତଥା ଆଶୀର୍ବାଦ ଓ

ଉଦି ପ୍ରସାଦ ଆଣି ଘରକୁ ଫେରିଲେ ।

**ବାବାଙ୍କ ସ୍ୱପ୍ନରେ ସମୟର ପ୍ରତିବନ୍ଧ ନଥିଲା :** କୁହାଯାଏ କି ପ୍ରାତଃ ସମୟରେ ଯେଉଁ ସ୍ୱପ୍ନ ଦୃଶ୍ୟ ହୁଏ, ତାହା ଅନେକାଂଶରେ ସତ୍ୟ ପ୍ରମାଣିତ ହୋଇଥାଏ । ତାହା ଠିକ୍ ହୋଇଥାଇପାରେ; କିନ୍ତୁ ବାବାଙ୍କ କ୍ଷେତ୍ରରେ ସମୟର କୌଣସି ପ୍ରତିବନ୍ଧ ନଥିଲା । ଏପରି ଏକ ଉଦାହରଣ ଏଠାରେ ଉପସ୍ଥାପନା କରାଯାଉଛି । ଦିନେ ଅପରାହ୍ନରେ ବାବା କାକାସାହେବଙ୍କୁ ଟାଙ୍ଗା ନେଇ ରାହାତା ଯାଇ ଖୁସାଲଚନ୍ଦଙ୍କୁ ଆଣିବାକୁ ପଠାଇଲେ । ଅନେକଦିନରୁ ଖୁସାଲଚାନ୍ଦଙ୍କୁ ବାବା ଦେଖିନଥିଲେ । ରାହାତା ପହଞ୍ଚିବାପରେ କାକାସାହେବ ବାବାଙ୍କର ସନ୍ଦେଶ ତାଙ୍କୁ ଶୁଣାଇଲେ । ଏହା ଶୁଣି ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ ଏବଂ କହିଲେ ଯେ ମଧ୍ୟାହ୍ନରେ ଭୋଜନ କରିବା ପରେ ସେ ସାମାନ୍ୟ ବିଶ୍ରାମ କରୁଥିବାବେଳେ ତାଙ୍କର ଆଖି ଲାଗିଯାଇଥିଲା । ଏହି ସମୟରେ ବାବା ସ୍ୱପ୍ନରେ ଆସି ମୋତେ ଶୀଘ୍ର ଶିରିଡ଼ି ଯିବାକୁ କହିଲେ । କିନ୍ତୁ ଘୋଡ଼ା ବ୍ୟବସ୍ଥା ହୋଇନପାରିବାରୁ ମୁଁ ପୁତ୍ର ହାତରେ ଏହି ଖବର ବାବାଙ୍କୁ ନିକଟକୁ ପଠାଉଥିଲି । ଗ୍ରାମ ସୀମା ନିକଟରେ ସେ ଆପଣଙ୍କର ଟାଙ୍ଗା ବିପରୀତ ଦିଗରୁ ଆସୁଥିବାର ଦେଖିଲା । ଏହାପରେ ସେହି ଟାଙ୍ଗାରେ ଖୁସାଲଚନ୍ଦଙ୍କୁ ସାଙ୍ଗରେ ନେଇ କାକାସାହେବ ଶିରିଡ଼ିରେ ପହଞ୍ଚିଲେ ତଥା ବାବାଙ୍କୁ ସାକ୍ଷାତକରି ବଡ଼ ପ୍ରସନ୍ନତା ଅନୁଭବ କଲେ । ବାବାଙ୍କର ଏହି ଲୀଳା ଦେଖି ଖୁସାଲଚାନ୍ଦ ଆନନ୍ଦ ବିଭୋର ହୋଇଗଲେ ।

**ମୁମ୍ବଇର ରାମଲାଲ ପଞ୍ଜାବୀ :** ମୁମ୍ବଇର ଜଣେ ପଞ୍ଜାବୀ ବ୍ରାହ୍ମଣ ରାମଲାଲଙ୍କୁ ବାବା ସ୍ୱପ୍ନରେ ମହନ୍ତ ବେଶରେ ଦର୍ଶନ ଦେଇ ଶିରିଡ଼ି ଆସିବାକୁ କହିଲେ । ସେ ବାବାଙ୍କ ନାମ କି ଶିରିଡ଼ି ଗ୍ରାମ ବିଷୟରେ କିଛି ଜାଣିନଥିଲେ । ତାଙ୍କ ମନରେ ବାବାଙ୍କ ଶ୍ରୀଦର୍ଶନ ନିମିତ୍ତ ତୀବ୍ର ଉତ୍କଣ୍ଠା ତ ହେଉଥିଲା କିନ୍ତୁ ଠିକଣା ଜାଣିନଥିବାରୁ ସେ ଦ୍ୱନ୍ଦ୍ୱରେ ରହିଲେ । ଯିଏ ଆମନ୍ତ୍ରଣ କରେ, ସିଏ ଆସିବାର ବ୍ୟବସ୍ଥା ମଧ୍ୟ କରେ ଏବଂ ଶେଷରେ ତାହା ହିଁ ହେଲା । ସେହିଦିନ ସନ୍ଧ୍ୟାରେ ସେ ରାସ୍ତାରେ ବୁଲୁଥିବା ସମୟରେ ଗୋଟିଏ ଦୋକାନରେ ବାବାଙ୍କର ଫଟୋଟିଏ ଟଙ୍ଗା ହୋଇଥିବାର ଦେଖିବାକୁ ପାଇଲେ । ସ୍ୱପ୍ନରେ ସେ ଯେଉଁ ଆକୃତିର ମହନ୍ତଙ୍କର ଦର୍ଶନ କରିଥିଲେ, ତାହା ଏହି ଚିତ୍ର ସ୍ୱରୂପ ଥିଲା । ପଚାରି ବୁଝି ସେ ଜାଣିଲେ ଯେ ତାହା ଶିରିଡ଼ିର ଶ୍ରୀ ସାଇ ସମର୍ଥଙ୍କର ଫଟୋଚିତ୍ର । ଏହାପରେ ସେ ତୁରନ୍ତ ଶିରିଡ଼ି ଅଭିମୁଖେ ଯାତ୍ରା କଲେ ତଥା ସାରା ଜୀବନ ଶିରିଡ଼ିରେ ନିବାସ କଲେ ।

ଏହି ପ୍ରକାର ବାବା ତାଙ୍କର ଭକ୍ତମାନଙ୍କୁ ତାଙ୍କର ଦର୍ଶନ ନିମନ୍ତେ ଶିରିଡ଼ିକୁ ଡାକି ଆଣୁଥିଲେ ଏବଂ ତାଙ୍କର ଲୌକିକ ତଥା ପାରଲୌକିକ ସମସ୍ତ ଇଚ୍ଛା ପୂରଣ କରୁଥିଲେ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

# ।।ଏକତ୍ରିଂଶତ୍(୩୧) ଅଧ୍ୟାୟ ।।

## (୧)ସନ୍ନ୍ୟାସୀ ବିଜୟାନନ୍ଦ (୨) ବାଲାରାମ ମାନକର (୩) ନୁଲକର (୪) ବ୍ୟାଘ୍ରର ମୁକ୍ତି

ଏହି ଅଧ୍ୟାୟରେ ହେମାଡ଼ପନ୍ତ ବାବାଙ୍କ ସମ୍ମୁଖରେ କେତେକ ଭକ୍ତଙ୍କର ପ୍ରୟାଣ ତଥା ଗୋଟିଏ ବାଘର ବିୟୋଗ କଥା ବର୍ଣ୍ଣନା କରୁଛନ୍ତି ।

**ପ୍ରାରମ୍ଭ :** ମୃତ୍ୟୁ ସମୟରେ ଅନ୍ତିମ ଇଚ୍ଛା ବା ଭାବନା ଯାହା ହୋଇଥାଏ, ତାହା ଭବିତବ୍ୟ ନିର୍ମାଣ କରିଥାଏ । ଭଗବାନ ଶ୍ରୀକୃଷ୍ଣ ଗୀତା(ଅଷ୍ଟମ ଅଧ୍ୟାୟ)ରେ କହିଛନ୍ତି କି ଯିଏ ତା'ର ଜୀବନର ଅନ୍ତିମ କ୍ଷଣରେ ମୋତେ ସ୍ମରଣ କରେ, ସେ ମୋତେ ପ୍ରାପ୍ତ କରେ ତଥା ସେହି ସମୟରେ ସେ ଯାହା କିଛି ବି ଦୃଶ୍ୟ ଦେଖେ, ଅନ୍ତିମ ସମୟରେ ତାହା ଲାଭ କରେ । ଏହା କେହି ବି ନିଶ୍ଚିତ ଭାବରେ କହିପାରିବ ନାହିଁ କି ସେହି କ୍ଷଣରେ ଆମେ କେବଳ ଉତ୍ତମ ବିଚାର କରୁଥିବା । ଅନୁଭୂତିରୁ ଜଣାପଡ଼ିଛି ଯେ ଅନେକ ସେହି ସମୟରେ ଭୟଭୀତ ହୋଇଯିବାର ସମ୍ଭାବନା ରହିଥାଏ । ଏହାର ଅନେକ କାରଣ ଅଛି । ଏଥିପାଇଁ ମନକୁ ଇଚ୍ଛାନୁସାରେ କୌଣସି ଉତ୍ତମ ବିଚାର ଚିନ୍ତନରେ ନିୟୋଜିତ କରାଇବା ପାଇଁ ନିୟମିତ ଅଭ୍ୟାସ କରିବା ଆବଶ୍ୟକ । ଏହି କାରଣରୁ ସମସ୍ତ ସନ୍ଥ ହରିସ୍ମରଣ ଏବଂ ଜପକୁ ଶ୍ରେଷ୍ଠ ବୋଲି କହିଛନ୍ତି, କାରଣ ମୃତ୍ୟୁ ସମୟରେ ଆମେ କୌଣସି ଘରୋଇ ଜଞ୍ଜାଳରେ ଆବଦ୍ଧ ହୋଇଯିବାନାହିଁ । ଭକ୍ତଗଣ ଏହି ସମୟରେ ପୂର୍ଣ୍ଣତଃ ସନ୍ଥଙ୍କର ଶରଣାଗତ ହୋଇଯାଆନ୍ତି, କାରଣ ସନ୍ଥମାନେ ସର୍ବଜ୍ଞ ହୋଇଥିବାରୁ ଉଚିତ ପଥପ୍ରଦର୍ଶନ କରି ଆମର ପ୍ରକୃତ ସହାୟତା କରିବେ । ଏହି ପ୍ରକାର କିଛି ଉଦାହରଣ ନିମ୍ନରେ ଦିଆଗଲା ।

**(୧) ବିଜୟାନନ୍ଦ :** ମାନ୍ଦ୍ରାଜ ଅଞ୍ଚଳର ଜଣେ ସନ୍ନ୍ୟାସୀ ବିଜୟାନନ୍ଦ ମାନସରୋବର ତୀର୍ଥଯାତ୍ରାରେ ବାହାରିଥିଲେ । ପଥ ମଧ୍ୟରେ ବାବାଙ୍କର କୀର୍ତ୍ତି ଶୁଣି ସେ ଶିରିଡ଼ି ଆସିଲେ । ସେଠାରେ ହରିଦ୍ୱାରର ସୋମଦେବଜୀ ସ୍ୱାମୀଙ୍କ ସହ ତାଙ୍କର ସାକ୍ଷାତ ହେଲା ଏବଂ ତାଙ୍କଠାରୁ ମାନସରୋବର ଯାତ୍ରା ବିଷୟରେ ତଥ୍ୟସଂଗ୍ରହ କଲେ । ସ୍ୱାମିଜୀ ତାଙ୍କୁ ମାନସରୋବର ଗଙ୍ଗୋତ୍ରୀଠାରୁ ୫୦୦ ମାଇଲ ଉତ୍ତର ଦିଗରେ ଅବସ୍ଥିତ ହୋଇଥିବା ତଥା ଯାତ୍ରାକାଳରେ ଯେଉଁସବୁ କଷ୍ଟ ହୋଇଥାଏ ତାହା ବର୍ଣ୍ଣନା କଲେ । ଯଥା ବରଫପାତ, ୫୦ କୋଶ ପର୍ଯ୍ୟନ୍ତ ଭାଷାରେ ଭିନ୍ନତା, ଭୂଟାନବାସୀଙ୍କର ସନ୍ଦେହୀ ପ୍ରକୃତି ଇତ୍ୟାଦି । ଏସବୁ ଶୁଣି ସନ୍ନ୍ୟାସୀଙ୍କର ମନ ଉଦାସ ହୋଇଗଲା ଏବଂ ଯାତ୍ରା କରିବା ବିଚାର ପରିତ୍ୟାଗ କରି ଦ୍ୱାରକାମାୟୀକୁ ଯାଇ ବାବାଙ୍କର ଶ୍ରୀଚରଣ ସ୍ପର୍ଶ କଲେ । ବାବା କ୍ରୋଧିତ ହୋଇ କହିଲେ 'ଏହି ନିକମ୍ମା ସନ୍ନ୍ୟାସୀଙ୍କୁ ହଟାଇଦିଅ ।

ଏହାର ସଂଗତି କରିବା ବୃଥା ।' ସନ୍ନ୍ୟାସୀ ଜଣକ ବାବାଙ୍କର ସ୍ୱଭାବ ସହିତ ଅପରିଚିତ ଥିଲେ । ସେ ବଡ଼ ଅଶ୍ୱସ୍ତିବୋଧ କଲେ । ତଥାପି ଗୋଟିଏ କୋଣରେ ବସିରହି ଯାହାସବୁ ଚାଲିଥିଲା ନୀରବରେ ଦେଖୁଥିଲେ । ଲୋକଙ୍କ ସମାଗମରେ ପ୍ରାତଃ ଦରବାର ପୂରିଯାଇଥିଲା ଏବଂ ଯଥାବିଧି ବାବାଙ୍କର ଅଭିଷେକ ହେଉଥିଲା । କିଏ ପାଦ ପ୍ରକ୍ଷାଳନ କରୁଥିଲେ ତ କିଏ ଚରଣ ସ୍ପର୍ଶ କରୁଥିଲେ ତଥା ଆଉ କିଏ ସେହି ପବିତ୍ର ଜଳକୁ ଚକ୍ଷୁପଟଳରେ ଲଗାଇ ତାଙ୍କର ନେତ୍ର ତୃପ୍ତ କରୁଥିଲେ । କିଏ ଚନ୍ଦନ ଲେପନ କରୁଥିଲେ ତ ଆଉ କିଏ ତାଙ୍କର ଶରୀରରେ ଅତର ସିଞ୍ଚନ କରୁଥିଲେ । ଜାତିଭେଦ ଭୁଲି ସମସ୍ତ ଭକ୍ତ ଏହି କାର୍ଯ୍ୟ କରୁଥିଲେ । ଯଦିଓ ବାବା ସେହି ସନ୍ନ୍ୟାସୀଙ୍କ ଉପରେ କ୍ରୋଧିତ ହୋଇଥିଲେ ତଥାପି ସନ୍ନ୍ୟାସୀଙ୍କର ହୃଦୟରେ ବାବାଙ୍କ ପ୍ରତି ବଡ଼ ପ୍ରେମ ଜାତ ହୋଇଥିଲା । ସେହି ସ୍ଥାନ ଛାଡ଼ିବାକୁ ତାଙ୍କର ଇଚ୍ଛା ହେଉନଥିଲା । ଦୁଇଦିନ ପରେ ତାଙ୍କର ମା'ଙ୍କର ଅବସ୍ଥା ଉଦ୍‌ବେଗଜନକ ବୋଲି ମାନ୍ଦ୍ରାଜରୁ ପତ୍ର ଆସିଲା । ପତ୍ର ପଢ଼ି ସେ ନିରାଶ ହେଲେ ଏବଂ ମା'ଙ୍କର ଦର୍ଶନ କରିବାକୁ ଇଚ୍ଛା କଲେ; କିନ୍ତୁ ବାବାଙ୍କର ଅନୁମତି ବିନା ଶିରିଡିରୁ ପ୍ରସ୍ଥାନ କରିବେ କିପରି ? ହାତରେ ଖଣ୍ଡିଏ ପତ୍ର ନେଇ ବାବାଙ୍କ ପାଖକୁ ଗଲେ ଏବଂ ଘରକୁ ଫେରିବାକୁ ଅନୁମତି ଭିକ୍ଷା କଲେ । ତ୍ରିକାଳଦର୍ଶୀ ବାବାଙ୍କୁ ତ ସମସ୍ତଙ୍କର ଭବିଷ୍ୟତ ଜଣାଥିଲା । ସେ କହିଲେ 'ମା' ପ୍ରତି ଯଦି ଏତେ ମୋହ, ସନ୍ନ୍ୟାସ ନେବାର କଷ୍ଟ କରୁଥିଲ କାହିଁକି ? ମମତା ବା ମୋହ ଗୈରିକ ବସ୍ତ୍ରଧାରୀଙ୍କ ପକ୍ଷରେ ଶୋଭାଦିଏ ନାହିଁ । ଯାଅ, ଚୁପଚାପ ନିଜ ସ୍ଥାନରେ ରହି କିଛିଦିନ ଶାନ୍ତିରେ କଟାଅ । ମାତ୍ର ସାବଧାନ ! ଓ୍ୱାଡ଼ାରେ ବେଶୀ ଚୋର । କବାଟ ବନ୍ଦକରି ସାବଧାନରେ ରହିବ । ନହେଲେ ଚୋରମାନେ ସବୁକିଛି ନେଇଯିବେ । 'ଲକ୍ଷ୍ମୀ' ଅର୍ଥାତ୍ ଧନ ଚଞ୍ଚଳ ଏବଂ ଏହି ଶରୀର ମଧ୍ୟ ନାଶବାନ୍ ଅଟେ । ଏପରି ମନେ କରି ଇହଲୌକିକ ଏବଂ ପାରଲୌକିକ ସମସ୍ତ ପଦାର୍ଥରୁ ମୋହ ତ୍ୟାଗ କରି ନିଜର କର୍ତ୍ତବ୍ୟ ସମ୍ପାଦନ କର । ଯିଏ ଏହି ପ୍ରକାର ଆଚରଣ କରି ଶ୍ରୀହରିଙ୍କ ଶରଣାଗତ ହୋଇଯାଏ, ତାର ସମସ୍ତ କଷ୍ଟ ଦୂର ହୋଇ ତାକୁ ପରମାନନ୍ଦ ପ୍ରାପ୍ତି ହୁଏ । ଯିଏ ପ୍ରେମ ଏବଂ ଭକ୍ତି ସହକାରେ ପରମାତ୍ମାଙ୍କର ଧ୍ୟାନ ତଥା ଚିନ୍ତନ କରେ, ପରମାତ୍ମା ମଧ୍ୟ ଅବିଳମ୍ୱେ ତାର ସହାୟତା କରନ୍ତି । ପୂର୍ବଜନ୍ମର ଶୁଭକର୍ମ ସଂସ୍କାରର ଫଳସ୍ୱରୂପ ତୁମେ ଏଠାକୁ ଆସିଛ ଏବଂ ଯାହା ମୁଁ ଏବେ କହୁଛି, ତାହାକୁ ଧ୍ୟାନପୂର୍ବକ ଶ୍ରବଣ କର ଏବଂ ଜୀବନର ଅନ୍ତିମ ଧ୍ୟେୟ ବିଷୟରେ ବିଚାର କର । ଇଚ୍ଛାରହିତ ହୋଇ ଆସନ୍ତାକାଲିଠାରୁ ତିନିସପ୍ତାହ ପର୍ଯ୍ୟନ୍ତ ଭାଗବତ ପଠନ-ପାଠନ ପ୍ରାରମ୍ଭ କର । ଏହାପରେ ଭଗବାନ ପ୍ରସନ୍ନ ହେବେ ଏବଂ ତୁମର ସମସ୍ତ ଦୁଃଖ ଦୂର କରିଦେବେ । ମାୟାର ଆବରଣ ଦୂରହୋଇ ତୁମକୁ ଶାନ୍ତି ପ୍ରାପ୍ତ ହେବ ।' ବାବା ଉକ୍ତ ସନ୍ନ୍ୟାସୀଙ୍କର ଶେଷ ସମୟ ପାଖେଇ ଆସୁଥିବା ଦେଖି ଏହି ପରାମର୍ଶ ଦେଇଥିଲେ ଏବଂ ଏହା ସହିତ 'ରାମ

ବିଜୟ’ ପଢ଼ିବାକୁ ମଧ୍ୟ ଆଦେଶ ଦେଲେ, ଯଦ୍ଦ୍ୱାରା ଯମରାଜ ଅଧିକ ପ୍ରସନ୍ନ ହୁଅନ୍ତି । ପରଦିନ ସ୍ନାନାଦି ତଥା ଅନ୍ୟ ଶୁଦ୍ଧିକୃତ୍ୟ ପରେ ସେ ଲେଣ୍ଡିବାଗରେ ଏକାନ୍ତରେ ବସି ଭାଗବତ ପାଠ ପ୍ରାରମ୍ଭ କଲେ । ଦ୍ୱିତୀୟ ବାର ପଠନ ସମାପ୍ତ ହେବା ବେଳକୁ ସେ ବହୁତ କ୍ଳାନ୍ତ ହୋଇଯାଇଥିଲେ ଏବଂ ୱାଡ଼ାରେ ଆସି ଦୁଇଦିନ ରହିଲେ । ତୃତୀୟ ଦିନ ବଡ଼େ ବାବାଙ୍କ କୋଳରେ ତାଙ୍କର ପ୍ରାଣପକ୍ଷୀ ଉଡ଼ିଗଲା । ବାବା ଦିନକ ପାଇଁ ତାଙ୍କର ଶରୀର ସଂରକ୍ଷଣ କରି ରଖିବାକୁ କହିଲେ । ତତ୍‌ପଶ୍ଚାତ ପୁଲିସ ଆସିଲା ଏବଂ ଯଥୋଚିତ ଯାଞ୍ଚ କରି ଶବ ସତ୍କାର ପାଇଁ ଅନୁମତି ଦେଲା । ଧାର୍ମିକ କ୍ରିୟା ସହ ଉପଯୁକ୍ତ ସ୍ଥାନରେ ତାଙ୍କର ସମାଧି ତିଆରି କରାଗଲା । ବାବା ଏହି ପ୍ରକାର ସନ୍ନ୍ୟାସୀଙ୍କର ସହାୟତା କରି ତାଙ୍କୁ ସଦ୍‌ଗତି ପ୍ରଦାନ କଲେ ।

**(୨) ବାଲାରାମ ମାନକର :** ବାଲାରାମ ମାନକର ନାମରେ ଜଣେ ଗୃହସ୍ଥ ବାବାଙ୍କର ପରମ ଭକ୍ତ ଥିଲେ । ଯେତେବେଳେ ତାଙ୍କର ପତ୍ନୀଙ୍କର ଦେହାନ୍ତ ହୋଇଗଲା, ସେ ଭାଙ୍ଗିପଡ଼ିଲେ ଏବଂ ଜମିବାଡ଼ିର ସମସ୍ତ ଦାୟିତ୍ୱ ପୁତ୍ର ଉପରେ ନ୍ୟସ୍ତକରି ଶିରିଡ଼ି ଆସି ରହିଲେ । ତାଙ୍କର ଭକ୍ତିଭାବ ଦେଖି ବାବା ତାଙ୍କ ଜୀବନର ଗତିପଥ ପରିବର୍ତ୍ତନ କରିବାକୁ ଚାହୁଁଥିଲେ । ଏଥିପାଇଁ ସେ ତାଙ୍କୁ ୧୨ ଟଙ୍କା ଦେଇ ମଚ୍ଛିନ୍ଦ୍ରଗଡ଼(ସାତରା ଜିଲା) ଯାଇ ରହିବାକୁ କହିଲେ । ବାବାଙ୍କୁ ଛାଡ଼ି ଅନ୍ୟତ୍ର ଯିବା ପାଇଁ ତାଙ୍କର ଆଦୌ ଇଚ୍ଛା ହେଉନଥିଲା; କିନ୍ତୁ ବାବା ତାଙ୍କୁ ବୁଝାଇଲେ ଯେ ତାଙ୍କର କଲ୍ୟାଣ ପାଇଁ ହିଁ ସେ ଏହା କହୁଛନ୍ତି । ସେଠାକୁ ଯାଇ ଦିନରେ ତିନିଥର ପ୍ରଭୁଙ୍କୁ ଧ୍ୟାନ କରିବାକୁ ବାବା ପରାମର୍ଶ ଦେଲେ । ବାବାଙ୍କ ବଚନରେ ବିଶ୍ୱାସ ରଖି ବାଲାରାମ ମଚ୍ଛିନ୍ଦ୍ରଗଡ଼ ଗଲେ ଏବଂ ସେଠାର ରମଣୀୟ ଦୃଶ୍ୟ, ଶୀତଳ ଜଳ ତଥା ଉତ୍ତମ ପରିବେଶ ଦେଖି ତାଙ୍କର ଚିତ୍ତ ପ୍ରସନ୍ନ ହୋଇଗଲା । ବାବା କହିଥିବା ପ୍ରକାରେ ସେ ପ୍ରଭୁଙ୍କର ଧ୍ୟାନ ଆରମ୍ଭ କଲେ ଏବଂ କିଛିଦିନ ପରେ ତାଙ୍କୁ ଦର୍ଶନ ପ୍ରାପ୍ତ ହେଲା । ଅଧିକାଂଶ ଭକ୍ତଙ୍କୁ ସମାଧି ବା ତୁରୀୟ ଅବସ୍ଥାରେ ହିଁ ଦର୍ଶନ ମିଳିଥାଏ; କିନ୍ତୁ ମାନକର ଯେତେବେଳେ ତୁରୀୟାବସ୍ଥାରୁ ପ୍ରାକୃତାବସ୍ଥାରେ ପହଞ୍ଚିଲେ, ସେତେବେଳେ ତାଙ୍କୁ ଶୁଭଦର୍ଶନ ମିଳିଲା । ଦର୍ଶନ ହେବା ପରେ ମାନକର ତାଙ୍କୁ ସେଠାକୁ ପଠାଇବାର କାରଣ ବାବାଙ୍କୁ ପଚାରିଲେ । ବାବା କହିଲେ ‘ଶିରିଡ଼ିରେ ତୁମର ମନ ନାନା ପ୍ରକାର ସଂକଳ୍ପ-ବିକଳ୍ପ ଭାବନାରେ ତରଙ୍ଗାୟିତ ହେଉଥିଲା । ତୁମର ଚଞ୍ଚଳ ମନକୁ ଶାନ୍ତି ପ୍ରଦାନ କରିବା ପାଇଁ ମୁଁ ଏଠାକୁ ପଠାଇଲି । ତୁମର ଧାରଣା ଥିଲା ଯେ ମୁଁ କେବଳ ଶିରିଡ଼ିରେ ହିଁ ବିଦ୍ୟମାନ ଏବଂ ସାଢ଼େ ତିନିହାତର ଏହି ପଞ୍ଚତତ୍ତ୍ୱର ପୁତ୍ତଳିକା ବ୍ୟତୀତ ଅନ୍ୟ କିଛି ନୁହେଁ; କିନ୍ତୁ ଏବେ ମୋତେ ଦେଖି ଏହି ଧାରଣା କରିନିଅ ଯେ ଯିଏ ତୁମର ସମ୍ମୁଖରେ ଶିରିଡ଼ିରେ ଉପସ୍ଥିତ ଏବଂ ତୁମେ ଯାହାର ଏଠାରେ ଦର୍ଶନ କରୁଛ, ସେହି ଦୁଇଜଣ ଅଭିନ୍ନ କି ନୁହନ୍ତି । ବାଲାରାମ ସ୍ତମ୍ଭୀଭୂତ ହୋଇଗଲେ । ତାଙ୍କର କେତେ ଭାଗ୍ୟ ପ୍ରକୃତରେ ! ଏହାର

କିଛିଦିନ ପରେ ସେ ଉକ୍ତ ସ୍ଥାନ ପରିତ୍ୟାଗ କରି ନିଜ ଘର ବାନ୍ଦ୍ରାକୁ ଗଲେ । ପୁନାରୁ ଦାଦରକୁ ସେ ରେଳଗାଡ଼ିରେ ଯିବାକୁ ଚାହୁଁଥିଲେ । କିନ୍ତୁ ଯେତେବେଳେ ଟିକେଟ କାଉଣ୍ଟର ନିକଟରେ ପହଞ୍ଚିଲେ ଭିଡ଼ ଯୋଗୁ ଟିକେଟ କିଣିବାକୁ ସକ୍ଷମ ହେଲେ ନାହିଁ । ଏହି ସମୟରେ କାନ୍ଧରେ ଖଣ୍ଡେ କମ୍ବଳ ଘୋଡ଼ାଇହୋଇ ଲେଙ୍ଗୁଟି ପରିହିତ ଜଣେ ଗାଉଁଲି ବ୍ୟକ୍ତି ତାଙ୍କ ପାଖକୁ ଆସିଲେ ଏବଂ କୁଆଡ଼େ ଯିବେ ବୋଲି ମାନକରଙ୍କୁ ପ୍ରଶ୍ନ କଲେ । ମାନକର କହିଲେ ସେ ଦାଦର ଯିବେ । ଏହାପରେ ଉକ୍ତ ଅଜଣା ବ୍ୟକ୍ତିଜଣକ କହିଲେ 'ମୋ ପାଖରେ ଦାଦର ଟିକେଟଟିଏ ଅଛି, ଆପଣ ତାକୁ ନେଇଯାଆନ୍ତୁ । ଏକ ଜରୁରୀ କାର୍ଯ୍ୟ ପଡ଼ିଯିବାରୁ ମୁଁ ଯାଇପାରୁନାହିଁ । ବାଲାରାମ ଟିକେଟ ପାଇ ବଡ଼ ପ୍ରସନ୍ନ ହେଲେ ଏବଂ ପକେଟରୁ ଟଙ୍କା କାଢ଼ିଲେ । ଏହା ମଧ୍ୟରେ ଟିକେଟ ଦେଇଥିବା ବ୍ୟକ୍ତିଟି ଭିଡ଼ ମଧ୍ୟରେ କେଉଁଠି ଅଦୃଶ୍ୟ ହୋଇଗଲେ । ମାନକର ବହୁ ଖୋଜାଖୋଜି କଲେ; କିନ୍ତୁ ସବୁ ଚେଷ୍ଟା ନିଷ୍ଫଳ ହେଲା । ଗାଡ଼ି ଛାଡ଼ିବା ପର୍ଯ୍ୟନ୍ତ ବାଲାରାମ ଅପେକ୍ଷା କରି ରହିଲେ କିନ୍ତୁ ଶେଷ ପର୍ଯ୍ୟନ୍ତ ସେହି ବ୍ୟକ୍ତି ଫେରିଲେ ନାହିଁ । ଏହି ପ୍ରକାର ବାଲାରାମଙ୍କୁ ଏହି ବିଚିତ୍ର ରୂପରେ ବାବା ଦର୍ଶନ ଦେଲେ । କିଛିଦିନ ନିଜ ଘରେ ରହିବା ପରେ ବାଲାରାମ ଶିରିଡ଼ି ଫେରିଆସିଲେ ଏବଂ ବାବାଙ୍କର ଶ୍ରୀଚରଣରେ ପୂର୍ଣ୍ଣ ସମୟ କଟାଇଲେ । ଏବେ ସେ ସର୍ବଦା ବାବାଙ୍କର ବଚନ ଏବଂ ଆଦେଶ ପାଳନ କରିବାକୁ ଲାଗିଲେ । ଶେଷରେ ବାବାଙ୍କ ସମ୍ମୁଖରେ ତାଙ୍କର ଆଶୀର୍ବାଦ ଲାଭ କରି ଦେହତ୍ୟାଗ କଲେ ।

**(୩) ତାତ୍ୟାସାହେବ ନୁଲକର :** ହେମାଡପନ୍ତ ତାତ୍ୟାସାହେବ ନୁଲକରଙ୍କ ବିଷୟରେ କୌଣସି ବିବରଣୀ ଉଲ୍ଲେଖ କରିନାହାନ୍ତି । ସେ କେବଳ ଏତିକି ଲେଖିଛନ୍ତି ଯେ ତାଙ୍କର ଦେହାନ୍ତ ଶିରିଡ଼ି ମାଟିରେ ହୋଇଥିଲା । 'ସାଇଲୀଳା' ପତ୍ରିକାରେ ସଂକ୍ଷିପ୍ତ ବିବରଣୀରେ ପ୍ରକାଶିତ ହୋଇଛି ଯେ ୧୯୦୯ ମସିହାରେ ଯେଉଁ ସମୟରେ ତାତ୍ୟାସାହେବ ପଣ୍ଢରପୁରର ଉପନ୍ୟାୟାଧୀଶ ଥିଲେ, ସେହି ସମୟରେ ନାନାସାହେବ ଚନ୍ଦୋରକର ସେଠାର ମାମଲତଦାର ଥିଲେ । ସେ ଦୁହେଁ ପରସ୍ପର ମଧ୍ୟରେ ଖୁବ୍ ମିଳାମିଶା କରୁଥିଲେ ତଥା ପ୍ରେମପୂର୍ବକ ବାର୍ତ୍ତାଳାପ କରୁଥିଲେ । ତାତ୍ୟାସାହେବ ସନ୍ଥଙ୍କ ଉପରେ ଅବିଶ୍ୱାସ କରୁଥିଲେ, ଯଦିଓ ନାନାସାହେବଙ୍କର ସନ୍ଥଙ୍କ ପ୍ରତି ବିଶେଷ ଶ୍ରଦ୍ଧା ଥିଲା । ନାନାସାହେବ ତାଙ୍କୁ ସାଇବାବାଙ୍କ ଲୀଳାମାନ ଶୁଣାଇଲେ ଏବଂ ଥରେ ଶିରିଡ଼ି ଯାଇ ବାବାଙ୍କର ଦର୍ଶନ ଲାଭ କରିବାକୁ ଅନୁରୋଧ କଲେ । ଦୁଇଟି ସର୍ତ୍ତରେ ଯିବା ପାଇଁ ତାତ୍ୟାସାହେବ ରାଜି ହେଲେ । (୧) ଜଣେ ବ୍ରାହ୍ମଣ ରୋଷେୟା ମିଳିବା ଦରକାର (୨)ଭେଟି ପାଇଁ ନାଗପୁରରୁ ଭଲ କମଳା ମିଳିବା ଦରକାର । ନାନାସାହେବଙ୍କ ପାଖକୁ ଜଣେ ବ୍ରାହ୍ମଣ ଚାକିରି ପାଇଁ ଆସିଥିଲା, ତାକୁ ସେ ତାତ୍ୟାସାହେବଙ୍କ ପାଖକୁ ପଠାଇଦେଲେଏବଂ ଗୋଟିଏ ପାର୍ସଲ କମଳା ମଧ୍ୟ ଆସିଥିଲା, ଯେଉଁଥିରେ ପ୍ରେରକର

ଠିକଣା ଲେଖାହୋଇନଥିଲା । ଏପରି ଦୁଇଟିଯାକ ସର୍ତ୍ତ ପୂରଣ ହୋଇଗଲା । ଏହାପରେ ତାଙ୍କୁ ଶିରିଡ଼ି ଯିବାକୁ ହେଲା । ପ୍ରଥମେ ତ ତାଙ୍କୁ ଦେଖି ବାବା କ୍ରୋଧିତ ହେଲେ, କିନ୍ତୁ ଯେତେବେଳେ ଧୀରେ ଧୀରେ ତାତ୍ୟାସାହେବଙ୍କର ବିଶ୍ୱାସ ଆସିଗଲା ଯେ ସେ ପ୍ରକୃତରେ ଈଶ୍ୱରଙ୍କର ଅବତାର, ସେ ବାବାଙ୍କ ଦ୍ୱାରା ପ୍ରଭାବିତ ହେଲେ ଏବଂ ଆଜୀବନ ସେଠାରେ ବାସକଲେ । ଯେତେବେଳେ ତାଙ୍କର ଶେଷ ସମୟ ଆସିଲା, ପବିତ୍ର ଧର୍ମଗ୍ରନ୍ଥ ପାଠକରି ତାଙ୍କୁ ଶୁଣାଗଲା ଏବଂ ଅନ୍ତିମ କ୍ଷଣରେ ବାବାଙ୍କର ପାଦତୀର୍ଥ ମଧ୍ୟ ଦିଆଗଲା । ତାଙ୍କର ମୃତ୍ୟୁ ସମ୍ବାଦ ଶୁଣି ବାବା କହିଲେ 'ଆଃ, ତାତ୍ୟା ଆଗ ଚାଲିଗଲା । ଆଉ ତାର ପୁନର୍ଜନ୍ମ ହେବ ନାହିଁ ।'

**(୪) ମେଘା :** ଅଷ୍ଟାବିଂଶ(୨୮) ଅଧ୍ୟାୟରେ ମେଘାଙ୍କର କଥା ବର୍ଣ୍ଣିତ ହୋଇଛି । ଯେତେବେଳେ ମେଘାଙ୍କର ଦେହାନ୍ତ ହେଲା, ସମସ୍ତ ଗ୍ରାମବାସୀ ତାଙ୍କର ଶବ ସହିତ ଗଲେ ଏବଂ ବାବା ମଧ୍ୟ ସେମାନଙ୍କ ସହିତ ଯୋଗଦେଲେ ତଥା ମରଶରୀରରେ ପୁଷ୍ପବୃଷ୍ଟି କଲେ । ଦାହ ସଂସ୍କାର ହେବା ପରେ ବାବାଙ୍କର ଚକ୍ଷୁରୁ ମଧ୍ୟ ଅଶ୍ରୁ ବହିଗଲା । ଜଣେ ସାଧାରଣ ମନୁଷ୍ୟ ଭଳି ତାଙ୍କର ହୃଦୟ ମଧ୍ୟ ଦୁଃଖରେ ବିଦୀର୍ଣ୍ଣ ହୋଇଗଲା । ତାଙ୍କର ଶରୀରକୁ ଫୁଲରେ ଆଚ୍ଛାଦିତ କରି ଜଣେ ଆତ୍ମୀୟ ଭଳି ରୋଦନକରି ସେ ମସଜିଦ୍‌କୁ ଫେରିଲେ । ବହୁ ସନ୍ଥ ସାଧାରଣ ଲୋକଙ୍କୁ ସଦ୍‌ଗତି ପ୍ରଦାନ କରିଥିବା ଦେଖାଯାଇଛି; କିନ୍ତୁ ବାବାଙ୍କର ମହିମା ଅଦ୍ୱିତୀୟ । ଏପରିକି ବ୍ୟାଘ୍ର ପରି ଜଣେ ହିଂସ୍ର ପଶୁ ମଧ୍ୟ ତାର ସଦ୍‌ଗତି ନିମନ୍ତେ କିପରି ବାବାଙ୍କର ଶରଣାଗତ ହେଲା, ତାହାର ବୃତ୍ତାନ୍ତ ନିମ୍ନରେ ଉଲ୍ଲେଖ କରାଗଲା ।

**(୫) ବ୍ୟାଘ୍ରର ମୁକ୍ତି :** ବାବା ସମାଧିସ୍ଥ ହେବାର ସାତଦିନ ପୂର୍ବରୁ ଶିରିଡ଼ିରେ ଏକ ବିଚିତ୍ର ଘଟଣା ଘଟିଲା । ମସଜିଦ୍ ସମ୍ମୁଖରେ ଗୋଟିଏ ଶଗଡ଼ ଗାଡ଼ି ଆସି ରହିଲା । ତା ଉପରେ ଗୋଟିଏ ବାଘ ଜଞ୍ଜିରରେ ବନ୍ଧା ହୋଇ ରହିଥିଲା । ତା'ର ଭୟଙ୍କର ମୁହଁଟି ଗାଡ଼ିକୁ ପଛ କରିରହିଥିଲା । କୌଣସି ଅଜ୍ଞାତ ଯନ୍ତ୍ରଣା କିମ୍ବା ବ୍ୟଥା ଯୋଗୁ ସେ ବଡ଼ କଷ୍ଟ ପାଉଥିଲା । ତାର ପାଳକ ତିନିଜଣ 'ଦରବେଶ' ଥିଲେ, ଯେଉଁମାନେ ଗୋଟିଏ ଗ୍ରାମରୁ ଆଉ ଗୋଟିଏ ଗ୍ରାମକୁ ତାକୁ ବୁଲାଇ ଅର୍ଥ ଉପାର୍ଜନ କରୁଥିଲେ । ସେମାନଙ୍କର ଜୀବିକାର ଏହା ଏକମାତ୍ର ପନ୍ଥା ଥିଲା । ସେମାନେ ତା'ର ଚିକିତ୍ସାର ସମସ୍ତ ବ୍ୟବସ୍ଥା କଲେ କିନ୍ତୁ ସବୁ ବୃଥା ହେଲା । ବାବାଙ୍କର କୀର୍ତ୍ତି କେଉଁଠୁ ଶୁଣି ସେମାନେ ବାଘକୁ ନେଇ ସାଇ ଦରବାରରେ ଉପସ୍ଥିତ ହେଲେ । ହାତରେ କଡ଼ା ଧରି ବାଘକୁ ମସଜିଦ୍‌ର ଦୁଆର ସମ୍ମୁଖରେ ଛିଡ଼ା କରାଗଲା । ସ୍ୱଭାବତଃ ସେ ଭୟଙ୍କର ଥିଲା; କିନ୍ତୁ ରୁଗ୍ଣ ହୋଇଥିବାରୁ ନିର୍ବିକାର ହୋଇଯାଇଥିଲା । ଲୋକମାନେ ଭୟ ଏବଂ ଆଶ୍ଚର୍ଯ୍ୟର ସହ ତାକୁ ଦେଖିବାରେ ଲାଗିଲେ । ଦରବେଶ ଭିତରକୁ ଆସିଲା ଏବଂ ସମସ୍ତ କଥା ବାବାଙ୍କ ଆଗରେ ବର୍ଣ୍ଣନା କରି ତାଙ୍କର ଅନୁମତିକ୍ରମେ ବାଘକୁ ତାଙ୍କର ସମ୍ମୁଖକୁ ଆଣିଲା ।

ଯେମିତି ସେ ପାହାଚ ପାଖରେ ପହଞ୍ଚିଛି, ବାବାଙ୍କର ତେଜପୁଞ୍ଜ ସ୍ୱରୂପକୁ ଥରେ ମାତ୍ର ଦର୍ଶନକରି ପଛକୁ ହଟିଗଲା ଏବଂ ମଥାନତ କରିଦେଲା । ଯେତେବେଳେ ଦୁଇଣଜଙ୍କର ଦୃଷ୍ଟି ଏକ ସମୟରେ ବିନିମୟ ହେଲା ବାଘ ପାହାଚ ଉପରେ ଚଢ଼ିଲା ଏବଂ ବଡ଼ ପ୍ରେମପୂର୍ଣ୍ଣ ଦୃଷ୍ଟିରେ ବାବାଙ୍କୁ ନିରୀକ୍ଷଣ କରିବାକୁ ଲାଗିଲା । ତାର ଲାଞ୍ଜ ହଲାଇ ତିନିଥର ଭୂମି ଉପରେ ପିଟିଲା ଏବଂ ତାପରେ ତତ୍‌କ୍ଷଣାତ୍ ପ୍ରାଣତ୍ୟାଗ କଲା । ବାଘଟିର ମୃତ୍ୟୁ ଦେଖି ଦରବେଶ ବଡ଼ ଦୁଃଖୀ ଏବଂ ନିରାଶ ହେଲା । ତତ୍‌ପଶ୍ଚାତ୍ ଯେତେବେଳେ ସେମାନଙ୍କର ହୃଦବୋଧ ହେଲା ଯେ ବାଘଟି ରୋଗଗ୍ରସ୍ତ ଥିଲା ଏବଂ ମୃତ୍ୟୁ ତାର ସନ୍ନିକଟ ହୋଇସାରିଥିଲା, ତେଣୁ ବାବାଙ୍କ ଭଳି ଜଣେ ମହାନ୍ ସନ୍ଥଙ୍କ ଚରଣରେ ତାର ସଦ୍‌ଗତି ପ୍ରାପ୍ତ ହେବା କମ୍ ସୌଭାଗ୍ୟର କଥା ନୁହେଁ । ବାଘଟି ଦରବେଶୀଙ୍କର ଋଣୀ ଥିଲା ଏବଂ ଯେତେବେଳେ ସେହି ଋଣ ଶୁଝିଗଲା, ସେ ସ୍ୱାଧୀନ ହୋଇଗଲା ଏବଂ ଜୀବନର ଶେଷରେ ତାକୁ ସାଇ ଚରଣରେ ସଦ୍‌ଗତି ପ୍ରାପ୍ତ ହେଲା । ଯଦି କୌଣସି ପ୍ରାଣୀ ସନ୍ଥଙ୍କ ଚରଣରେ ମସ୍ତକ ରଖି ପ୍ରାଣତ୍ୟାଗ କରେ ତାହେଲେ ତା'ର ମୁକ୍ତି ହୁଏ । ପୂର୍ବ ଜନ୍ମର ଶୁଭ ସଂସ୍କାର ବିନା ଏପରି ସୁଖଦ ଅନ୍ତ କିପରି ସମ୍ଭବ ହେବ ?

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



# ।। ଦ୍ୱାତ୍ରିଂଶତ୍(୩୨) ଅଧ୍ୟାୟ ।।

## ବାବାଙ୍କର ଗୁରୁ ଅନ୍ୱେଷଣ, ଉପବାସ ଅମାନ୍ୟ, ବାବାଙ୍କ ମାଲିକ୍

ଏହି ଅଧ୍ୟାୟରେ ହେମାଡପନ୍ତ ଦୁଇଟି ବିଷୟର ବର୍ଣ୍ଣନା କରିଛନ୍ତି । (୧) ବାବାଙ୍କର ତାଙ୍କ ଗୁରୁଙ୍କ ସହ କିପରି ସାକ୍ଷାତ ହେଲା (୨) ତିନିଦିନ ହେଲା ଉପବାସ କରୁଥିବା ଶ୍ରୀମତୀ ଗୋଖଲେଙ୍କୁ କିପରି ପୁରନପୁଳି(ଡାଲିରେ ତିଆରି ମିଠା ପରଟା) ଖୁଆଇଲେ ।

**ପ୍ରସ୍ତାବନା :** ଶ୍ରୀ ହେମାଡପନ୍ତ ଅଶ୍ୱତ୍ଥ ବୃକ୍ଷର ଉଦାହରଣ ଦେଇ ଏହି ଗୋଚର ସଂସାରର ସ୍ୱରୂପ ବର୍ଣ୍ଣନା କରିଛନ୍ତି । ଗୀତାର ପଞ୍ଚଦଶ ଅଧ୍ୟାୟର ପ୍ରଥମ ଶ୍ଳୋକରେ ସଂସାରକୁ ଅଶ୍ୱତ୍ଥ ବୃକ୍ଷ ରୂପେ ବର୍ଣ୍ଣନାକରି ଶ୍ରୀ ଭଗବାନ କହିଛନ୍ତି ଯେ ଏହି ସଂସାର ବୃକ୍ଷ ଯେହେତୁ ସେହି ମାୟାପତି ସର୍ବଶକ୍ତିମାନ ପରମେଶ୍ୱରଙ୍କଠାରୁ ଉତ୍ପନ୍ନ ହୋଇଛି, ତେଣୁ ଏହାକୁ ଊର୍ଦ୍ଧ୍ୱମୂଳ ବୋଲି କୁହାଯାଏ । ବ୍ରହ୍ମାଙ୍କ ସମେତ ଅନ୍ୟ ସମସ୍ତ ପ୍ରାଣୀ ତାଙ୍କ ଅଧୀନରେ ହୋଇଥିବାରୁ ସେମାନଙ୍କୁ ପ୍ରଶାଖା ସଦୃଶ ବର୍ଣ୍ଣନା କରାଯାଇଛି । ଊର୍ଦ୍ଧ୍ୱମୂଳଯୁକ୍ତ ସଂସାର ବୃକ୍ଷକୁ ଯିଏ ତତ୍ତ୍ୱତଃ ଜାଣିପାରନ୍ତି ଓ ବୁଝିପାରନ୍ତି ଯେ ସର୍ବଶକ୍ତିମାନ ପରମେଶ୍ୱରଙ୍କ ମାୟାରେ ଉତ୍ପନ୍ନ ଏହି ସଂସାର, ବୃକ୍ଷପରି ବିନାଶଶୀଳ ଏବଂ କ୍ଷଣିକ ସେ ଏହାର ବାହ୍ୟାଡମ୍ବରରେ ଲିପ୍ତ ନରହି ଏହାକୁ ଉତ୍ପନ୍ନ କରିଥିବା ମାୟାପତିଙ୍କ ଶରଣ ନେବା ଉଚିତ ତଥା ଏକଥା ଉପଲବ୍ଧିକରି ସଂସାରରୁ ବିରକ୍ତ ଓ ଉପରତ ହୋଇ ଭଗବାନଙ୍କର ଶରଣ ନେବା ଆବଶ୍ୟକ; କିନ୍ତୁ ସମସ୍ତଙ୍କ ଭିତରେ ସହଜରେ ଏପରି ଭାବ ଆସିବା ସମ୍ଭବ ନୁହେଁ । ତେଣୁ ଏହି ଅନୁଭୂତି ଲାଭ ନିମନ୍ତେ ଯୋଗ୍ୟ ଦିଗ୍‌ଦର୍ଶକ(ଗୁରୁ)ଙ୍କର ଆବଶ୍ୟକତା ରହିଛି ।

**ଯିଏ ଯେତେ ବିଦ୍ୱାନ ବା ବେଦ ଏବଂ ବେଦାନ୍ତ ବିଶାରଦ ହୁଅନ୍ତୁ ନା କାହିଁକି ଯେ ପର୍ଯ୍ୟନ୍ତ ସେ କୌଣସି ଯୋଗ୍ୟ ପଥପ୍ରଦର୍ଶକଙ୍କର ସହାୟତା ପାଇନାହାନ୍ତି, ସେ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ନାହିଁ । ପଥପ୍ରଦର୍ଶକଙ୍କର ପଦଚିହ୍ନ ଅନୁସରଣ କଲେ ମାର୍ଗରେ ଥିବା ଗହ୍ୱର, ଖାତ ତଥା ହିଂସ୍ର ପ୍ରାଣୀଙ୍କର ଭୟରୁ ମୁକ୍ତି ମିଳିପାରିବ ।** ଏହି ପ୍ରକାର ସଂସାର ଯାତ୍ରା ସୁଗମ ତଥା କୁଶଳପୂର୍ବକ ସମ୍ପନ୍ନ ହୋଇପାରିବ । ଏହି ବିଷୟରେ ବାବାଙ୍କର ଅନୁଭବ, ଯାହା ସେ ନିଜେ କହିଛନ୍ତି, ବାସ୍ତବରେ ଆଶ୍ଚର୍ଯ୍ୟପ୍ରଦ । ଯଦି ଆମେ ଧ୍ୟାନପୂର୍ବକ ଏହାର ଅନୁସରଣ କରିବା ତାହେଲେ ନିଶ୍ଚିତ ଭାବରେ ଶ୍ରଦ୍ଧା, ଭକ୍ତି ଏବଂ ମୁକ୍ତି ପ୍ରାପ୍ତି ସମ୍ଭବ ହେବ ।

## ।। ବାବାଙ୍କର ଗୁରୁ ଅନ୍ବେଷଣ ।।

'ଥରେ ଆମେ ଚାରିଜଣ ସହଯୋଗୀ ମିଶି ଧର୍ମଶାସ୍ତ୍ର ତଥା ଅନ୍ୟାନ୍ୟ ପୁସ୍ତକ ଅଧ୍ୟୟନ କରୁଥିଲୁ । ସେଥିରେ କିଛିଟା ପ୍ରବୁଦ୍ଧ ହେବା ପରେ ଆମେ ବ୍ରହ୍ମର ମୂଳସ୍ୱରୂପ ଉପରେ ଚିନ୍ତନ କରିବାରେ ଲାଗିଲୁ । ଜଣେ କହିଲେ କି ନିଜକୁ ହିଁ ଜାଗ୍ରତ ହେବାକୁ ପଡ଼ିବ, ଅନ୍ୟ ଉପରେ ନିର୍ଭର କରିବା ଉଚିତ ନୁହେଁ । ଦ୍ୱିତୀୟଜଣକ କହିଲେ କି ଯିଏ ମନୋନିଗ୍ରହ କରିସାରିଛି, ସେ ଧନ୍ୟ ଅଟେ । ଆମେ ଆମର ସଂକୀର୍ଣ୍ଣ ବିଚାର ଏବଂ ଭାବନାରୁ ମୁକ୍ତ ହେବା ଉଚିତ, କାହିଁକିନା ଏହି ସଂସାରରେ ଆମ ବ୍ୟତୀତ ଅନ୍ୟ କିଛି ନାହିଁ । ତୃତୀୟଜଣକ କହିଲେ ଯେ ଏହି ସଂସାର ସର୍ବଦା ପରିବର୍ତ୍ତନଶୀଳ । କେବଳ ନିରାକାର ହିଁ ଶାଶ୍ୱତ ଅଟନ୍ତି । ଏଣୁ ଆମକୁ ସତ୍ୟ ଏବଂ ଅସତ୍ୟର ବିବେକପୂର୍ବକ ବିଚାର କରିବା ଉଚିତ । ତାପରେ ଚତୁର୍ଥ ଜଣକ (ସ୍ୱୟଂ ବାବା) କହିଲେ କି **କେବଳ ପୁସ୍ତକ ଜ୍ଞାନରୁ କୌଣସି ଉପକାର ମିଳିବ ନାହିଁ । ଆମକୁ ତ ଆମର କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ ।** ଦୃଢ଼ ବିଶ୍ୱାସ ଏବଂ ନିଷ୍ଠାପୂର୍ବକ ଆମର ତନ, ମନ, ଧନ ଏବଂ ପଞ୍ଚପ୍ରାଣାଦି ସର୍ବବ୍ୟାପକ ଗୁରୁଦେବଙ୍କୁ ଅର୍ପଣ କରିଦେବା ଉଚିତ । ଗୁରୁ ଭଗବାନ ଅଟନ୍ତି, ସମସ୍ତଙ୍କର ପାଳନକର୍ତ୍ତା ଅଟନ୍ତି ।'

ଏହିପ୍ରକାର ବାଦବିବାଦ ଉପରାନ୍ତ ଆମେ ଚାରିଜଣ ସହଯୋଗୀ ଅରଣ୍ୟକୁ ଯାତ୍ରାକଲୁ ଈଶ୍ୱରଙ୍କ ସନ୍ଧାନରେ । କାହାର ସହାୟତା ବିନା ନିଜର ସ୍ୱତନ୍ତ୍ର ବୁଦ୍ଧି ବଳରେ ଆମେ ଚାରିଜଣ ବିଦ୍ୱାନ ଈଶ୍ୱରଙ୍କ ଅନ୍ୱେଷଣ କରିବାକୁ ଚାହୁଁଥିଲୁ । ବାଟରେ ଜଣେ ସୌଦାଗର (ବଳଦ ପିଠିରେ ଖାଦ୍ୟଶସ୍ୟ ଧରି ଗାଁ ଗାଁ ବୁଲୁଥିବା ବ୍ୟକ୍ତି)ଦେଖାଗଲା, ଯିଏ ଆମକୁ ପଚାରିଲେ କି 'ହେ ସଜ୍ଜନଗଣ ! ଏତେ ଖରାରେ ତୁମେମାନେ କୁଆଡ଼େ ଯାତ୍ରା କରୁଛ ? ପ୍ରତ୍ୟୁତ୍ତରରେ ଆମେ କହିଲୁ 'ଅରଣ୍ୟ ଅଭିମୁଖେ ।' ସେ ପୁଣି ପଚାରିଲେ 'କୃପା କରି କହିବ କି ଅରଣ୍ୟ ଅଭିମୁଖେ ଯାତ୍ରା କରିବାର ଅଭିପ୍ରାୟ କ'ଣ ?' ଆମେ ଜାଣିଶୁଣି ଅସ୍ପଷ୍ଟ ଉତ୍ତରଟିଏ ଦେଲୁ । ନିରୁଦ୍ଦେଶ୍ୟ ଭାବରେ ଭୟଙ୍କର ଘଞ୍ଚ ଜଙ୍ଗଲ ଭିତରେ ଆମକୁ ଘୂରିବୁଲିବା ଦେଖି ତାଙ୍କ ମନରେ ବୋଧେ ଦୟା ଆସିଲା ଏବଂ ସେ ଅତି ବିନମ୍ର ଭାବରେ ଆମକୁ ନିବେଦନ କରିବା ଶୈଳୀରେ କହିଲେ 'ତୁମେ ତୁମର ଗୁପ୍ତ ଅନ୍ୱେଷଣ ହେତୁ ମତେ ଅଭିପ୍ରାୟ ଜଣାଅ ନାହିଁ, କିନ୍ତୁ ମୁଁ ପ୍ରତ୍ୟକ୍ଷ ଭାବରେ ଦେଖୁଛି ଯେ ମଧ୍ୟାହ୍ନ ମାର୍ତ୍ତଣ୍ଡର ପ୍ରଚଣ୍ଡ ତୀବ୍ର କିରଣରେ ତୁମେମାନେ କଷ୍ଟ ପାଉଛ । କୃପାକରି ଏଠାରେ କିଛି ସମୟ ବିଶ୍ରାମ କରି ଜଳପାନ କରିନିଅ । ତୁମେମାନେ ସୁହୃଦ୍ ତଥା ବିନମ୍ର ହେବା ଉଚିତ । ପଥ ପ୍ରଦର୍ଶକ ବିନା ଏହି ଅପରିଚିତ ଭୟଙ୍କର ଜଙ୍ଗଲରେ ଘୂରିବୁଲିବା ଦ୍ୱାରା କୌଣସି ଲାଭ ହେବ ନାହିଁ । ଯଦି ତୁମର ଏଥିପାଇଁ ତୀବ୍ର ଇଚ୍ଛା ଅଛି, ତାହେଲେ ଦୟାକରି କୌଣସି ଯୋଗ୍ୟ ପଥପ୍ରଦର୍ଶକଙ୍କୁ ସାଥୀରେ ନେଇଯାଅ ।'

ତାଙ୍କର ବିନମ୍ର ପ୍ରାର୍ଥନାକୁ ଧ୍ୟାନ ନଦେଇ ଆମେ ଆଗକୁ ଚାଲିଲୁ । ଆମେ ମନେ କଲୁ କି ଆମେ ସ୍ୱୟଂ ହିଁ ଆମର ଲକ୍ଷ୍ୟ ପ୍ରାପ୍ତି କରିବାରେ ସମର୍ଥ ଅଟୁ, ତେଣୁ କାହାର ସହାୟତା ପୁଣି ନେବା କାହିଁକି ? ଜଙ୍ଗଲ ଖୁବ୍ ଘଞ୍ଚ ଏବଂ ପଥଶୂନ୍ୟ ଥିଲା । ବୃକ୍ଷଗୁଡ଼ିକ ଏତେ ଦୀର୍ଘ ଏବଂ ଛନ୍ଦାଛନ୍ଦି ହୋଇଥିଲା ଯେ ସୂର୍ଯକିରଣ ମଧ୍ୟ ତା ଭିତରେ ପହଞ୍ଚିବା କଠିନ ଥିଲା । ପରିଣାମ ହେଲା କି ଆମେ ରାସ୍ତା ଭୁଲିଗଲୁ ଏବଂ ବହୁ ସମୟ ଯାଏ ଏପଟ ସେପଟ ଘୂରିବୁଲିଲୁ । ଭାଗ୍ୟବଶତଃ ଆମେ ପୁଣି ସେହି ସ୍ଥାନରେ ପହଞ୍ଚିଲୁ, ଯେଉଁଠାରୁ ବାହାରିଥିଲୁ । ତାପରେ ସେହି ସୌଦାଗର ସହ ପୁଣି ସାକ୍ଷାତ ହେଲା । ସେ କହିଲେ 'ନିଜର ଚାତୁର୍ଯ୍ୟ ଉପରେ ବିଶ୍ୱାସ କରି ତୁମମାନଙ୍କର ପଥ ବିସ୍ମୃତ ହୋଇଯାଇଛି । ପ୍ରତ୍ୟେକ କାର୍ଯ୍ୟ ତାହା ଛୋଟ ହେଉ କିମ୍ବା ବଡ଼, ମାର୍ଗଦର୍ଶକ ଆବଶ୍ୟକ ଅଟେ । ଈଶ୍ୱର ପ୍ରେରଣା ଅଭାବରେ ସତ୍‌ପୁରୁଷଙ୍କ ଭେଟ ହେବା ସମ୍ଭବ ନୁହେଁ । **କ୍ଷୁଧାରେ ରହି କୌଣସି କାର୍ଯ୍ୟ ପୂର୍ଣ୍ଣ ହୋଇପାରିବ ନାହିଁ । ଏଥିପାଇଁ ଯଦି କିଏ ଆଗ୍ରହପୂର୍ବକ ଭୋଜନ ପାଇଁ ନିମନ୍ତ୍ରଣ କରନ୍ତି ତ ତାହାକୁ ଅସ୍ୱୀକାର କରିବା ଉଚିତ ନୁହେଁ । ଭୋଜନ ତ ଭଗବାନଙ୍କର ପ୍ରସାଦ, ତାହାକୁ ପ୍ରତ୍ୟାଖ୍ୟାନ କରିବା ଠିକ୍ ନୁହେଁ । ଯଦି କେହି ଭୋଜନ ପାଇଁ ନିମନ୍ତ୍ରଣ କରେ ତାହେଲେ ତାହା ନିଜର ସଫଳତାର ପ୍ରତୀକ ବୋଲି ଜାଣ ।'** ଏହା କହି ସେ ଭୋଜନ କରିବାକୁ ପୁଣି ଅନୁରୋଧ କଲେ । ତଥାପି ଆମେ ତାଙ୍କର ଅନୁରୋଧକୁ ଉପେକ୍ଷା କରି ଭୋଜନ କରିବାକୁ ଅଗ୍ରାହ୍ୟ କରିଦେଲୁ । ତାଙ୍କର ସରଳ ଏବଂ ଗୂଢ଼ ଉପଦେଶକୁ ଧ୍ୟାନ ନଦେଇ ମୋର ତିନିଜଣ ସାଥୀ ଆଗକୁ ଚାଲିଲେ । ଏବେ ପାଠକମାନେ ଅନୁମାନ କରନ୍ତୁ କି ସେମାନେ କେତେ ଅହଂକାରୀ ଥିଲେ । ମୁଁ କ୍ଷୁଧା ଏବଂ ତୃଷାରେ ଅତ୍ୟନ୍ତ ବ୍ୟାକୁଳ ହୋଇପଡ଼ିଥିଲି, ସୌଦାଗରର ଅପୂର୍ବ ପ୍ରେମ ମଧ୍ୟ ମୋତେ ଆକର୍ଷିତ କଲା । ଯଦିଓ ଆମେମାନେ ନିଜକୁ ଅତ୍ୟନ୍ତ ବିଦ୍ୱାନ ମନେ କରୁଥିଲୁ କିନ୍ତୁ ଦୟା ଏବଂ କୃପା କାହାକୁ କହନ୍ତି ସେ ବିଷୟରେ ଅନଭିଜ୍ଞ ଥିଲୁ । ସୌଦାଗର ତ ଜଣେ ଶୁଦ୍ର, ଅଶିକ୍ଷିତ ଏବଂ ନିରକ୍ଷର ଥିଲେ; କିନ୍ତୁ ହୃଦୟରେ ତାଙ୍କର ଦୟା ପୂରି ରହିଥିଲା । ଏଥିପାଇଁ ସେ ବାରମ୍ବାର ଭୋଜନ କରିବାକୁ ଆମକୁ ଅନୁରୋଧ କରୁଥିଲେ । **ଯିଏ ଅନ୍ୟଜଣକୁ ନିଃସ୍ୱାର୍ଥପର ଭାବରେ ପ୍ରେମ କରନ୍ତି, ସେ ବାସ୍ତବରେ ମହାନ୍ ଅଟନ୍ତି ।** ମୁଁ ଭାବିଲି ଯେ ତାଙ୍କର ଇଚ୍ଛାକୁ ସ୍ୱୀକାର କରିବା ଜ୍ଞାନପ୍ରାପ୍ତି ନିମନ୍ତେ ଶୁଭ ଆବାହନ ଅଟେ । ଆଉ ମୁଁ ଏହି କାରଣରୁ ତାଙ୍କ ଦ୍ୱାରା ପ୍ରଦତ୍ତ ଭୋଜନକୁ ଆଦର ଓ ପ୍ରେମ ସହକାରେ ଗ୍ରହଣ କଲି ।

କ୍ଷୁଧା ନିବାରଣ ହେବା ମାତ୍ରେ ମୁଁ କ'ଣ ଦେଖୁଛି ! ସ୍ୱୟଂ ଗୁରୁଦେବ ସମ୍ମୁଖରେ ପ୍ରତିଭାତ ହେଲେ ଏବଂ ପ୍ରଶ୍ନ କଲେ 'ଏସବୁ କ'ଣ ହେଉଥିଲା ? ଘଟିଯାଇଥିବା ଘଟଣାମାନ ମୁଁ ତାଙ୍କୁ ଜଣାଇଲି । ସେ ଆଶ୍ୱାସନା ଦେଇ କହିଲେ **' ମୁଁ ତୁମ ହୃଦୟର**

**ସମସ୍ତ ଇଚ୍ଛା ପୂରଣ କରିବି; କିନ୍ତୁ ମୋ ଉପରେ ଯାହାର ବିଶ୍ୱାସ ଥିବ, ସେ କେବଳ ସଫଳତା ଲାଭ କରିବ ।** ମୋର ତିନିଜଣ ସହଯୋଗୀ ତ ତାଙ୍କ ବଚନ ଉପରେ ଅବିଶ୍ୱାସ କରି ସେଠାରୁ ଚାଲିଗଲେ । ତାପରେ ମୁଁ ଆଦର ସହିତ ପ୍ରଣାମ କଲି ଏବଂ ତାଙ୍କର ଆଦେଶ ପାଳନ କରିବାକୁ ସ୍ୱୀକାର କଲି । ତତ୍‌ପଶ୍ଚାତ୍ ସେ ମୋତେ ଗୋଟିଏ କୂଅ ପାଖକୁ ନେଇଗଲେ ଏବଂ ଦଉଡ଼ିରେ ମୋର ଗୋଡ଼ ଦୁଇଟିକୁ ବାନ୍ଧିଦେଇ ମୋତେ କୂଅ ଭିତରେ ଓଲଟା ଝୁଲାଇଦେଲେ । ଅର୍ଥାତ ମୁଣ୍ଡ ତଳକୁ, ଗୋଡ଼ ଉପରକୁ । ମୋର ମୁଣ୍ଡ ପାଣିଠାରୁ ପ୍ରାୟ ତିନି ଫୁଟ ଉପରେ ଥିଲା । ହାତ ଦ୍ୱାରା ନା ମୁଁ ପାଣିକୁ ଛୁଇଁ ପାରୁଥିଲି ନା ମୁହଁ ପାଖକୁ ତାହା ଆସିବାର କୌଣସି ସମ୍ଭାବନା ଥିଲା । ମୋତେ ଏହି ପ୍ରକାର ଓଲଟା ଝୁଲାଇଦେଇ ସେ କୁଆଡ଼େ ଚାଲିଗଲେ । ପ୍ରାୟ ଚାରି ପାଞ୍ଚ ଘଣ୍ଟା ପରେ ସେ ଫେରିଲେ ଏବଂ ମୋତେ କୂଅରୁ ବାହାର କରିଦେଲେ । ତାପରେ ମୋତେ ପଚାରିଲେ 'ସେଠାରେ କିପରି ଅନୁଭବ ହେଉଥିଲା ?' ମୁଁ କହିଲି ଯେ 'ମୁଁ ପରମ ଆନନ୍ଦ ଲାଭ କରୁଥିଲି । ମୋ ପରି ମୂର୍ଖ ପ୍ରାଣୀ ବା ଏପରି ଆନନ୍ଦର କିପରି ବର୍ଣ୍ଣନା କରିପାରିବ ?' ମୋର ଉତ୍ତର ଶୁଣି ଗୁରୁଦେବ ଅତ୍ୟନ୍ତ ପ୍ରସନ୍ନ ହେଲେ । ମୋତେ ତାଙ୍କ ହୃଦୟରେ ଲଗାଇ ମୋର ପ୍ରଶଂସା କଲେ ଏବଂ ତାଙ୍କ ସାଙ୍ଗରେ ନେଇଗଲେ । ଗୋଟିଏ ପକ୍ଷୀ ତା'ର ଛୁଆକୁ ଯେପରି ସାବଧାନରେ ଲାଳନ ପାଳନ କରେ, ସେହି ପ୍ରକାର ସେ ମୋର ପାଳନ କଲେ । ସେ ମୋତେ ତାଙ୍କର ଗୁରୁକୁଳରେ ସ୍ଥାନ ଦେଲେ । କେତେ ସୁନ୍ଦର ଥିଲା ସେହି ଗୁରୁକୁଳ ! ସେଠାରେ ମୋର ମାତା, ପିତାଙ୍କର ମଧ୍ୟ ବିସ୍ମୃତି ହୋଇଗଲା । ମୋର ସମସ୍ତ ଅନ୍ୟ ଆକର୍ଷଣ ଦୂର ହୋଇଗଲା ଏବଂ ମୁଁ ସରଳତାପୂର୍ବକ ବନ୍ଧନରୁ ମୁକ୍ତି ପାଇଗଲି । ମୋତେ ସର୍ବଦା ଏପରି ଲାଗୁଥିଲା ଯେ ତାଙ୍କର ହୃଦୟରେ ଲାଗିରହି ତାଙ୍କୁ ହିଁ ନିରୀକ୍ଷଣ କରିବି । ଯଦି ତାଙ୍କର ଭବ୍ୟ ମୂର୍ତ୍ତି ମୋ ଦୃଷ୍ଟିରେ ଆଚ୍ଛାଦିତ ନହୁଏ ତାହେଲେ ନେତ୍ରହୀନ ହେବା ହିଁ ଶ୍ରେୟସ୍କର । ସେହି ଗୁରୁକୁଳ ଏପରି ପ୍ରିୟ ଥିଲା ଯେ ସେଠାରେ ପହଞ୍ଚି କେହି ବି ଖାଲି ହାତରେ ଫେରୁନଥିଲେ । ମୋର ସମସ୍ତ ନିଧି, ଘର, ସମ୍ପତ୍ତି, ମାତା, ପିତା କ'ଣ କହିବି, ସେ ହିଁ ମୋର ସର୍ବସ୍ୱ ଥିଲେ । ମୋର ଇନ୍ଦ୍ରିୟସମୂହ ସେମାନଙ୍କର କର୍ମ ତ୍ୟାଗ କରି ମୋର ନେତ୍ରରେ କେନ୍ଦ୍ରିତ ହୋଇଗଲେ ଏବଂ ମୋର ନେତ୍ର ତାଙ୍କ ଉପରେ । ମୋ ପାଇଁ ଗୁରୁ ତ ଏପରି ହୋଇଯାଇଥିଲେ କି ରାତିଦିନ ମୁଁ ତାଙ୍କର ହିଁ ଧ୍ୟାନରେ ନିମଗ୍ନ ହେଉଥିଲି । ଅନ୍ୟ କୌଣସି ବିଷୟ ପ୍ରତି ମୋର ଆଗ୍ରହ ନଥିଲା । ଏହି ପ୍ରକାର ଧ୍ୟାନ ଏବଂ ଚିନ୍ତନ କରି ମୋର ମନ ଓ ବୁଦ୍ଧି ସ୍ଥିର ହୋଇଗଲା । ମୁଁ ସ୍ତବ୍ଧ ହୋଇଗଲି ଏବଂ ତାଙ୍କୁ ମାନସିକ ପ୍ରଣାମ କରିବାକୁ ଲାଗିଲି । ଆହୁରି ଅନେକ ଆଧ୍ୟାତ୍ମିକ କେନ୍ଦ୍ର ଅଛି; ଯେଉଁଠାରେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳେ । ସାଧକମାନେ ସେଠାକୁ ଜ୍ଞାନ ପ୍ରାପ୍ତି କରିବାକୁ ଯାଆନ୍ତି ତଥା ଦ୍ରବ୍ୟ ଓ ସମୟ ଅପଚୟ କରନ୍ତି । କଠୋର ପରିଶ୍ରମ ମଧ୍ୟ

କରନ୍ତି କିନ୍ତୁ ଶେଷରେ ସେମାନଙ୍କୁ ପଶ୍ଚାତ୍ତାପ କରିବାକୁ ହୁଏ । ସେଠାରେ ଗୁରୁ ତାଙ୍କର ଗୁପ୍ତ ଜ୍ଞାନ ଭଣ୍ଡାରର ଅଭିମାନ ପ୍ରଦର୍ଶନ କରନ୍ତି ଏବଂ ନିଜକୁ ନିଷ୍କଳଙ୍କ କହନ୍ତି । ସେ ତାଙ୍କର ପବିତ୍ରତା ଓ ଶୁଦ୍ଧତାର ଅଭିନୟ ତ କରନ୍ତି, କିନ୍ତୁ ତାଙ୍କର ଅନ୍ତଃକରଣରେ ଲେଶ ମାତ୍ର ଦୟା ନଥାଏ । ସେ ଅଧିକ ଉପଦେଶ ଦିଅନ୍ତି ଏବଂ ନିଜ କୀର୍ତ୍ତିର ନିଜେ ଗୁଣଗାନ କରନ୍ତି; କିନ୍ତୁ ତାଙ୍କର ବାଣୀ ଅନ୍ତର୍ଭେଦୀ ହୁଏ ନାହିଁ, ଅତଏବ ସାଧକଙ୍କୁ ସନ୍ତୋଷ ମିଳେ ନାହିଁ । ଆତ୍ମଦର୍ଶନ ପ୍ରସଙ୍ଗରେ ତ ସେମାନେ କୋଶେ ଦୂରରେ ରହିଥାନ୍ତି । ଏହି ପ୍ରକାର କେନ୍ଦ୍ର ସାଧକମାନଙ୍କ ପାଇଁ କିପରି ଉପଯୋଗୀ ସିଦ୍ଧ ହୋଇପାରିବ ଏବଂ ସେଠାରୁ କି ଉନ୍ନତିର ଆଶା କରାଯାଇପାରିବ ? ଯେଉଁ ଗୁରୁଙ୍କର ଶ୍ରୀଚରଣ କଥା ମୁଁ ଏବେ ବର୍ଣ୍ଣନା କଲି ସେ ଭିନ୍ନ ପ୍ରକାର ଥିଲେ । କେବଳ ତାଙ୍କର କୃପା ଦୃଷ୍ଟିରେ ମୋତେ ସ୍ୱତଃ ଅନୁଭୂତି ପ୍ରାପ୍ତ ହୋଇଗଲା ତଥା ନା ମୋତେ କିଛି ପ୍ରୟାସ ନା କିଛି ଅଧ୍ୟୟନ କରିବାକୁ ପଡ଼ିଲା । ମୋତେ କୌଣସି ବସ୍ତୁ ଖୋଜିବାର ଆବଶ୍ୟକତା ପଡ଼ିଲା ନାହିଁ, ବରଂ ପ୍ରତ୍ୟେକ ବସ୍ତୁ ମୋତେ ଦିବାଲୋକ ଭଳି ଜାଜ୍ୱଲ୍ୟମାନ ଦେଖାଗଲା । କେବଳ ମୋର ଗୁରୁ ହିଁ ଜାଣିଛନ୍ତି ଯେ କୂଅରେ ଓଲଟା ଝୁଲାଇବା ମୋ ପାଇଁ କି ପ୍ରକାର ପରମାନନ୍ଦ ସିଦ୍ଧ ସାବ୍ୟସ୍ତ ହେଲା ।

ସେହି ଚାରିଜଣ ସହଯୋଗୀଙ୍କ ମଧ୍ୟରୁ ଜଣେ ଖୁବ୍ କର୍ମଠ ଥିଲା । କେଉଁ ପ୍ରକାର କର୍ମ କରିବେ ଏବଂ କେଉଁଟି ପରିତ୍ୟଜ ତାହା ତାଙ୍କୁ ଭଲଭାବେ ଜଣାଥିଲା । ଦ୍ୱିତୀୟ ଜଣକ ଜ୍ଞାନୀ ଥିଲା, ଯିଏ ସର୍ବଦା ଜ୍ଞାନର ଅହଂକାରରେ ବୁଡ଼ିରହୁଥିଲା । ତୃତୀୟ ଈଶ୍ୱର ଭକ୍ତ ଥିଲା ଯିଏକି ଅନନ୍ୟ ଭାବରେ ଭଗବାନଙ୍କର ଶରଣାଗତ ହୋଇସାରିଥିଲା ତଥା ତାକୁ ଜଣାଥିଲା ଯେ ଈଶ୍ୱର ହିଁ କର୍ତ୍ତା ଅଟନ୍ତି । ଯେତେବେଳେ ସେମାନେ ଏହି ପ୍ରକାର ବିଚାର ବିନିମୟ କରୁଥିଲେ, ହଠାତ୍ ଈଶ୍ୱର ସମ୍ବନ୍ଧୀୟ ପ୍ରଶ୍ନ ଉଠିଲା । ସେତେବେଳେ ସେମାନେ ବିନା କାହାର ସହାୟତାରେ ନିଜ ନିଜର ଜ୍ଞାନ ଉପରେ ନିର୍ଭରକରି ଈଶ୍ୱରଙ୍କ ଅନ୍ୱେଷଣରେ ବାହାରିଗଲେ । ଶ୍ରୀ ସାଇ ଯିଏକି ବିବେକ ଏବଂ ବୈରାଗ୍ୟର ପ୍ରତ୍ୟକ୍ଷ ମୂର୍ତ୍ତି ଥିଲେ ସେହି ଚାରିଜଣଙ୍କ ମଧ୍ୟରେ ଅନ୍ୟତମ ଥିଲେ । ଏଠାରେ କେହି ଆଶଙ୍କା କରିପାରେ ଯେ ଯେତେବେଳେ ସାଇ ସ୍ୱୟଂ ବ୍ରହ୍ମଙ୍କର ଅବତାର ଥିଲେ, ସେ ଏହି ଲୋକମାନଙ୍କ ସହିତ କାହିଁକି ସମ୍ମିଳିତ ହେଲେ ଏବଂ ଏପରି ଆଚରଣ କାହିଁକି ପ୍ରଦର୍ଶନ କଲେ ? ସ୍ୱୟଂ ଅବତାର ହୋଇଥିଲେ ମଧ୍ୟ ଏବଂ  ଅନ୍ନ ହିଁ ବ୍ରହ୍ମ ଏହି ଦୃଢ଼ ଧାରଣାର ଅଧିକାରୀ ହୋଇଥିଲେ ମଧ୍ୟ ସେ ଏକ କ୍ଷୁଦ୍ର ସୌଦାଗରର ଭୋଜନକୁ ଆନନ୍ଦରେ ଗ୍ରହଣ କରିନେଲେ ଏବଂ ସୌଦାଗରର ଭୋଜନକୁ ଉପେକ୍ଷା କରିବା ତଥା ବିନା ଗୁରୁରେ ଜ୍ଞାନପ୍ରାପ୍ତି କରିବା ବ୍ୟକ୍ତିର କ'ଣ ଦଶା ହୁଏ, ତା'ର ଏକ ଉଦାହରଣ ପ୍ରସ୍ତୁତ କଲେ । ଶ୍ରୁତି(ତୈତ୍ତରୀୟ ଉପନିଷଦ)ରେ କୁହାଯାଇଛି ଯେ ମାତା, ପିତା ତଥା ଗୁରୁଙ୍କର ଆଦର ସହିତ ପୂଜା କରି ଧାର୍ମିକ ଗ୍ରନ୍ଥ ଅଧ୍ୟୟନ କରିବା ଉଚିତ ।

ଏହା ହେଉଛି ଚିତ୍ତ ଶୁଦ୍ଧିର ମାର୍ଗ ଏବଂ **ଯେ ପର୍ଯ୍ୟନ୍ତ ଚିତ୍ତ ଶୁଦ୍ଧ ନହୋଇଛି, ସେ ପର୍ଯ୍ୟନ୍ତ ଆତ୍ମାନୁଭୂତି ଆଶା ବ୍ୟର୍ଥ ଅଟେ ।** ଆତ୍ମା- ଇନ୍ଦ୍ରିୟ, ମନ ଏବଂ ବୁଦ୍ଧିଠାରୁ ଊର୍ଦ୍ଧ୍ୱରେ । ଏହି ବିଷୟରେ ଜ୍ଞାନ ଏବଂ ତର୍କ ଆମର କୌଣସି ସହାୟତା କରିବ ନାହିଁ, କେବଳ ଗୁରୁଙ୍କ କୃପାରେ ହିଁ ସବୁ କିଛି ସମ୍ଭବ । ଧର୍ମ, ଅର୍ଥ ଏବଂ କାମ ପ୍ରାପ୍ତି ନିଜର ପ୍ରୟାସରେ ହୋଇପାରିବ କିନ୍ତୁ **ମୋକ୍ଷ ପ୍ରାପ୍ତି କେବଳ ଗୁରୁକୃପାରେ ହିଁ ସମ୍ଭବ ।** ଶ୍ରୀ ସାଇଙ୍କ ଦରବାରରେ ପ୍ରକାର ପ୍ରକାର ଲୋକଙ୍କର ସମାଗମ ହେଉଥିଲା । ଜ୍ୟୋତିଷମାନେ ଆସୁଥିଲେ ଓ ଭବିଷ୍ୟବାଣୀ କରୁଥିଲେ । ଅନ୍ୟପକ୍ଷରେ ରାଜକୁମାର, ଶ୍ରୀମାନ୍ ସମ୍ପନ୍ନ, ନିର୍ଦ୍ଧନ, ସନ୍ନ୍ୟାସୀ, ଯୋଗୀ, ଗାୟକ ଏବଂ କଳାକାର ଦର୍ଶନ ନିମିତ୍ତ ଆସୁଥିଲେ । ଏପରିକି ଜଣେ ଅତି ଶୁଦ୍ର ମଧ୍ୟ ଦରବାରକୁ ଆସୁଥିଲା ଏବଂ ପ୍ରଣାମ କରିବା ପରେ କହୁଥିଲା 'ସାଇ ହିଁ ମୋର ମାଁ ଓ ମୋର ବାପ ଏବଂ ସେ ଜନ୍ମ ମୃତ୍ୟୁଚକ୍ରରୁ ମୋତେ ଉଦ୍ଧାର କରିଦେବେ ।' ଆଉ ମଧ୍ୟ ଅନେକ କେଳା, କୀର୍ତ୍ତନିଆ ଦଳ, ଅନ୍ଧ, ପଙ୍ଗୁ, ନାଥପନ୍ଥୀ, ନର୍ତ୍ତକ ତଥା ମନୋରଞ୍ଜନ କରୁଥିବା ବ୍ୟକ୍ତି ଦରବାରକୁ ଆସୁଥିଲେ, ଯେଉଁଠାରେ ସେମାନଙ୍କର ଉଚିତ ସମ୍ମାନ କରାଯାଉଥିଲା ଏବଂ ଏହି ପ୍ରକାର ଉପଯୁକ୍ତ ସମୟରେ ସୌଦାଗର ମଧ୍ୟ ପ୍ରକଟ ହେଲା ଏବଂ ଯେଉଁ ଅଭିନୟ ତାକୁ ଅର୍ପଣ କରାଯାଇଥିଲା, ତାହାକୁ ସେ ପୂର୍ଣ୍ଣ କଲା ।

ଆମର ବିଚାରରେ ଚାରି ପାଞ୍ଚ ଘଣ୍ଟା କୂଅରେ ଓଲଟା ଝୁଲି ରହିବା-ଏହାକୁ ସାମାନ୍ୟ ଘଟଣା ମନେ କରିବା ଉଚିତ ନୁହେଁ । କାରଣ ଏତେ ସମୟ ପର୍ଯ୍ୟନ୍ତ ଦଉଡ଼ିରେ ବନ୍ଧା ହୋଇ ଓଲଟା ଝୁଲିବା ପରେ ମଧ୍ୟ ଯିଏ କଷ୍ଟ ପାଉନାହାନ୍ତି ଏବଂ ପରମାନନ୍ଦ ଅନୁଭବ କରୁଛନ୍ତି ସିଏ ନିଶ୍ଚୟ କୌଣସି ବିରଳ ବ୍ୟକ୍ତି ହୋଇଥିବେ ଏଥିରେ ସନ୍ଦେହ କ'ଣ ? ଏ କ୍ଷେତ୍ରରେ ଅନ୍ୟ କେହି ହୋଇଥିଲେ ପୀଡ଼ା ହେବାର ସମ୍ଭାବନା ଅଧିକ ଥିଲା । ଏପରି ପ୍ରତୀତ ହେଉଛି କି ସମାଧି ଅବସ୍ଥାକୁ ହିଁ ବୋଧହୁଏ ଏଠାରେ ଚିତ୍ରଣ କରାଯାଇଛି । ଆନନ୍ଦ ଦୁଇ ପ୍ରକାର ହୋଇଥାଏ-ପ୍ରଥମ ଐନ୍ଦ୍ରିକ, ଦ୍ୱିତୀୟ-ଆଧ୍ୟାତ୍ମିକ । ଈଶ୍ୱର ଆମର ଇନ୍ଦ୍ରିୟ ଏବଂ ଶରୀର ଓ ମନର ପ୍ରବୃତ୍ତି ରଚନା ବହିର୍ମୁଖୀ କରିଛନ୍ତି ଏବଂ ଯେତେବେଳେ ତାହା ବିଷୟପଦାର୍ଥ ସହ ସଂଲଗ୍ନ ହୋଇଯାଏ, ଆମକୁ ଇନ୍ଦ୍ରିୟ-ଚୈତନ୍ୟତା ପ୍ରାପ୍ତି ହୁଏ, ଯାହାର ଫଳସ୍ୱରୂପ ଆମକୁ ସୁଖ ବା ଦୁଃଖର ଭିନ୍ନତା ବା ଉଭୟର ସମ୍ମିଶ୍ରଣ ଅନୁଭବ ହୁଏ । ଏହାକୁ ପରମାନନ୍ଦ କୁହାଯିବ ନାହିଁ । ଯେତେବେଳେ ଇନ୍ଦ୍ରିୟ ଓ ମନକୁ ସେମାନଙ୍କର ବିଷୟ ପଦାର୍ଥରୁ ହଟାଇ ଅନ୍ତର୍ମୁଖୀ କରି ଆତ୍ମାରେ କେନ୍ଦ୍ରିତ କରାଯାଏ, ସେତେବେଳେ ଆଧ୍ୟାତ୍ମିକ ରସାସ୍ୱାଦ ଲାଭ ହୁଏ ଏବଂ ସେହି ସମୟର ଆନନ୍ଦକୁ ଭାଷାରେ ବର୍ଣ୍ଣନା କରାଯାଇପାରିବ ନାହିଁ । 'ମୁଁ ପରମାନନ୍ଦରେ ଥିଲି, ତଥା ସେହି ସମୟର ବର୍ଣ୍ଣନା କିପରି କରିପାରିବି ?' ବାବାଙ୍କର ଏହି ଉକ୍ତିରୁ ଏକଥା ପ୍ରତିଧ୍ୱନିତ ହେଉଛି ଯେ ଗୁରୁ ତାଙ୍କୁ ସମାଧି ଅବସ୍ଥାରେ ରଖି ଚଞ୍ଚଳ ଇନ୍ଦ୍ରିୟ ଏବଂ ମନରୂପୀ ଜଳରୁ

ଦୂରରେ ରଖିଥିଲେ ।

**ଉପବାସ ଏବଂ ଶ୍ରୀମତୀ ଗୋଖଲେ : ବାବା ନା କେବେ ନିଜେ ଉପବାସ କରିଛନ୍ତି, ନା କାହାକୁ କରିବାକୁ ଦେଇଛନ୍ତି । ଉପବାସ କରୁଥିବା ବ୍ୟକ୍ତିର ମନ କେବେ ଶାନ୍ତ ରହେ ନାହିଁ, ତାହେଲେ ତାଙ୍କର ପରମାର୍ଥ ପ୍ରାପ୍ତି କିପରି ସମ୍ଭବ ହେବ ? ପ୍ରଥମେ ଆତ୍ମା ତୃପ୍ତି ହେବା ଆବଶ୍ୟକ । ଭୋକିଲା ରହି ଈଶ୍ୱର ପ୍ରାପ୍ତି ହୋଇପାରିବ ନାହିଁ ।** ଯଦି ଶରୀରରେ କିଛି ଅନ୍ନର ଉର୍ଜା ହୋଇନଥିବ ତେବେ ଆମେ କେଉଁ ଚକ୍ଷୁରେ ଈଶ୍ୱରଙ୍କୁ ଦେଖିବା, କେଉଁ ଜିହ୍ୱାରେ ତାଙ୍କର ମହାନତାର ବର୍ଣ୍ଣନା କରିବା, ଆଉ କେଉଁ କର୍ଣ୍ଣରେ ତାଙ୍କର କଥା ଶ୍ରବଣ କରିବା ? ସାରାଂଶ ଏହା କି ଯେତେବେଳେ ସମସ୍ତ ଇନ୍ଦ୍ରିୟଙ୍କୁ ଖୋରାକି ତଥା ଶାନ୍ତି ମିଳେ ତଥା ଯେତେବେଳେ ସେମାନେ ବଳିଷ୍ଠ ରହନ୍ତି, ସେତେବେଳେ ହିଁ ଆମେ ଭକ୍ତି ତଥା ଈଶ୍ୱର ପ୍ରାପ୍ତିର ସାଧନା କରିପାରିବା । ଏଥିଲାଗି **ନା ଆମେ ଉପବାସ କରିବା ଉଚିତ ନା ଅତିରିକ୍ତ ଭୋଜନ । ଭୋଜନରେ ସଂଯମ ରଖିବା ଶରୀର ଏବଂ ମନ ଉଭୟ ପାଇଁ ଉତ୍ତମ ଅଟେ ।**

ଶ୍ରୀ ସାଇବାବାଙ୍କର ଜଣେ ଭକ୍ତ ଶ୍ରୀମତୀ କାଶୀବାଈ କାନିଟକରଙ୍କଠାରୁ ପରିଚୟପତ୍ର ଆଣି ଶ୍ରୀମତୀ ଗୋଖଲେ ନାମ୍ନୀ ଜନୈକା ମହିଳା ଦାଦା କେଲକରଙ୍କ ନିକଟକୁ ଶିରିଡ଼ି ଆସିଲେ । ସେ ଏକଥା ଦୃଢ଼ ନିଶ୍ଚିତ ହୋଇ ଆସିଥିଲେ ଯେ ବାବାଙ୍କର ଶ୍ରୀଚରଣରେ ରହି ତିଦିନିନ ଉପବାସ କରିବେ । ତାଙ୍କର ଶିରିଡ଼ିରେ ପହଞ୍ଚିବାର ଦିନକ ପୂର୍ବରୁ ହିଁ ବାବା ଦାଦା କେଲକରଙ୍କୁ କହିଲେ କି 'ମୁଁ ସିମଗା(ହୋଲି) ଦିନ ମୋର ସନ୍ତାନମାନଙ୍କୁ ଉପବାସରେ ଦେଖିପାରିବି ନାହିଁ । ଯଦି ସେମାନଙ୍କୁ ଭୋକିଲା ରହିବାକୁ ପଡୁଛି ତାହେଲେ ଏଠାକୁ ଆସି ଲାଭ କ'ଣ ? ଦ୍ୱିତୀୟ ଦିନ ଯେତେବେଳେ ସେହି ମହିଳା ଦାଦା କେଲକରଙ୍କ ସହ ଦ୍ୱାରକାମାୟୀକୁ ଯାଇ ବାବାଙ୍କର ଚରଣକମଳ ପାଖରେ ବସିଲେ, ବାବା ତୁରନ୍ତ କହିଲେ **'ଉପବାସର ଆବଶ୍ୟକତା କ'ଣ ?** ଦାଦା ଭଟ୍ଟଙ୍କ ଘରକୁ ଯାଇ ପୁରନପୁଳି ତିଆରି କର । ନିଜର ପିଲାମାନଙ୍କୁ ଖୁଆଅ ଏବଂ ନିଜେ ଖାଅ ।' ସେଦିନ ହୋଲି ଥିଲା ଏବଂ ଶ୍ରୀମତୀ କେଲକରଙ୍କର ମାସିକ ଧର୍ମ ମଧ୍ୟ ଥିଲା । ଦାଦା ଭଟ୍ଟଙ୍କ ଘରେ ରୋଷେଇ କରିବାକୁ କେହି ନଥିଲେ, ଏଥିନିମନ୍ତେ ବାବାଙ୍କର ଉକ୍ତି କିପରି ସମୟୋପଯୋଗୀ ଥିଲା ! ଶ୍ରୀମତୀ ଗୋଖଲେ ଦାଦା ଭଟ୍ଟଙ୍କ ଘରକୁ ଯାଇ ଭୋଜନ ପ୍ରସ୍ତୁତ କଲେ ଏବଂ ଅନ୍ୟମାନଙ୍କୁ ଭୋଜନ କରାଇ ନିଜେ ଗ୍ରହଣ କଲେ । କେତେ ସୁନ୍ଦର କଥା ଏବଂ କେତେ ସୁନ୍ଦର ତାଙ୍କର ଶିକ୍ଷା ।

**ବାବାଙ୍କର ମାଲିକ :** ବାବା ତାଙ୍କର ପିଲାଦିନର ଏକ କାହାଣୀ ଏପରି ବର୍ଣ୍ଣନା କରିଛନ୍ତି ।

ଯେତେବେଳେ ମୁଁ ଛୋଟ ଥିଲି, ଜୀବିକା ଉପାର୍ଜନ ନିମନ୍ତେ ବିଡ଼ଗାଓଁ ଆସିଲି ।

ସେଠାରେ ମୋତେ ଜରି କାମ ମିଳିଗଲା ଏବଂ ମୁଁ ପୂର୍ଣ୍ଣପ୍ରାଣରେ ନିଷ୍ଠା ସହକାରେ କାମ କରିବାରେ ଲାଗିଲି । ମୋର କାମ ଦେଖି ଶେଠ ବହୁତ ପ୍ରସନ୍ନ ହେଲେ । ମୋ ସାଙ୍ଗରେ ଆଉ ତିନିଜଣ ପିଲା ମଧ୍ୟ କାମ କରୁଥିଲେ । ପ୍ରଥମଜଣକ ୫୦ ଟଙ୍କା, ଦ୍ୱିତୀୟ ଜଣକ ୧୦୦ ଟଙ୍କା ଏବଂ ତୃତୀୟ ଜଣକ ୧୫୦ ଟଙ୍କା ପାଉଥିଲା । ମୋର କାମ ଏହି ତିନିଜଣଙ୍କଠାରୁ ଦୁଇଗୁଣ ଥିଲା । ମୋର ନିପୁଣତା ଦେଖି ଶେଠ ବହୁତ ଖୁସି ହେଲେ । ସେ ମୋତେ ସବୁବେଳେ ଖୋଜୁଥିଲେ ଏବଂ ମୋର ପ୍ରଶଂସା ମଧ୍ୟ କରୁଥିଲେ ।  ସେ ମୋତେ ପୋଷାକ, ପଗଡ଼ି ଏବଂ ଏକ ଶାଲ ଦେଲେ । ମୁଁ ତାକୁ ସେମିତି ରଖିଦେଲି । କାରଣ ମୁଁ ମନେ କଲି ଯେ ମନୁଷ୍ୟ ଦ୍ୱାରା ପ୍ରଦତ୍ତ ସମସ୍ତ ଜିନିଷ ନାଶବାନ୍ ଏବଂ ଅପୂର୍ଣ୍ଣ । କିନ୍ତୁ ମୋର ମାଲିକଙ୍କ ଦ୍ୱାରା ଯାହା ପ୍ରାପ୍ତ ହେବ, ତାହା ଶେଷ ପର୍ଯ୍ୟନ୍ତ ରହିବ । କୌଣସି ବି ବ୍ୟକ୍ତିର ଉପହାର ତାହା ସହ ସମାନ ହୋଇପାରିବ ନାହିଁ । ମୋର ମାଲିକ କହନ୍ତି 'ନେଇଯାଅ' ।  ଲୋକମାନେ ମୋ ପାଖକୁ ଆସି କହୁଛନ୍ତି 'ମୋତେ ଦିଅ, ମୋତେ ଦିଅ ।'  କିନ୍ତୁ ଯାହା ମୁଁ କହୁଛି, ତାହାର ଅର୍ଥ ପ୍ରତି କିଏ ଧ୍ୟାନ ଦେବାର ପ୍ରୟାସ କରୁନାହାନ୍ତି । ମୋର ମାଲିକର ଭଣ୍ଡାର ଆଧ୍ୟାତ୍ମିକ ସମ୍ପଦରେ ପରିପୂର୍ଣ୍ଣ ଅଟେ, ଆଉ ତାହା ଏଠାରେ ରହିଛି । ମୁଁ କହୁଛି ତାକୁ ଗାଡ଼ିରେ ଭର୍ତ୍ତିକରି ନେଇଯାଅ । ଯୋଗ୍ୟ ସନ୍ତାନ ଏପରି କରିବା ଉଚିତ । ମୋର ଫକିରର ଚାତୁର୍ଯ୍ୟ, ମୋର ଭଗବାନଙ୍କର ଲୀଳା ଏବଂ ମୋର ମାଲିକର ସ୍ୱଭାବ ସର୍ବଦା ଅଦ୍ୱିତୀୟ । ମୋର ଏହି ଶରୀର ମାଟିରେ ମିଶିଯିବ, ସାରା ଭୂମଣ୍ଡଳରେ ବ୍ୟାପ୍ତ ହୋଇଯିବ ତଥା ଏହି ଅବସର ଆଉ କେବେ ପ୍ରାପ୍ତ ହେବ ନାହିଁ । ମୁଁ ଯେଉଁଆଡ଼େ ଯାଏ, ଯେଉଁଠି ବସେ, ମାୟା ମୋତେ ବି କଷ୍ଟ ଦେଉଛି । ତଥାପି ମୁଁ ନିଜର ଭକ୍ତମାନଙ୍କ କଲ୍ୟାଣ ନିମିତ୍ତ ସର୍ବଦା ବ୍ୟଗ୍ର ରହୁଛି । ଯିଏ ଯାହା କିଛି ବି କରୁଛି, ଦିନେ ତାହାର ଫଳ ତାକୁ ଅବଶ୍ୟ ମିଳିବ ଏବଂ ଯିଏ ମୋର ଏହି ବଚନକୁ ସ୍ମରଣ ରଖିବ, ତାକୁ ମୌଳିକ ଆନନ୍ଦ ପ୍ରାପ୍ତି ହେବ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।। ତ୍ରୟୋତ୍ରିଂଶତ୍(୩୩) ଅଧ୍ୟାୟ ।।

### ବିଛା ଦଂଶନ, ପ୍ଲେଗ ରୋଗରୁ ମୁକ୍ତି, ଜାମନେରରେ ଚମତ୍କାର, ବାବା ଏବେ ବି ଜାଗ୍ରତ, ଫଟୋ ଦ୍ୱାରା ବାବାଙ୍କ ସଗୁଣ ଦର୍ଶନ

ପୂର୍ବ ଅଧ୍ୟାୟରେ ଗୁରୁଙ୍କ ମହାନତା କଥା ବର୍ଣ୍ଣନା କରାଯାଇଛି । ଏବେ ଏହି ଅଧ୍ୟାୟରେ ଉଦିର ମାହାତ୍ମ୍ୟ ଆଲୋଚନା କରିବା ।

**ପ୍ରସ୍ତାବନା :** ପ୍ରଥମେ ସେହି ମହାନ୍ ସନ୍ଥଗଣଙ୍କ ଚରଣରେ ପ୍ରଣିପାତ କରିବା, ଯାହାଙ୍କର କୃପାଦୃଷ୍ଟି ମାତ୍ରକେ ସମସ୍ତ ପାପ ଧୋଇ ହୋଇଯାଏ । ସନ୍ଥଙ୍କର ବାଣୀ ବଡ଼ ମଧୁର ଓ ଶିକ୍ଷାପ୍ରଦ । ଭକ୍ତ ମନରେ ତାହା ଅପୂର୍ବ ଆନନ୍ଦ ଖେଳାଇଦିଏ । ସେମାନଙ୍କ ମନରେ କୌଣସି ଭେଦଭାବ ଯଥା ଏହା ମୋର, ତାହା ତୁମର ଏପରି ବିଚାର ନଥାଏ । ତାଙ୍କର ଋଣ ଏ ଜନ୍ମରେ କ'ଣ, ଅନେକ ଜନ୍ମରେ ମଧ୍ୟ ପରିଶୋଧ କରାଯାଇପାରିବ ନାହିଁ ।

**ଉଦି(ବିଭୂତି) :** ଏହା ସର୍ବଜନବିଦିତ ଯେ ବାବା ସମସ୍ତଙ୍କଠାରୁ ଦକ୍ଷିଣା ନେଉଥିଲେ ଏବଂ ସେଥିରୁ ଏକ ବୃହତ ଅଂଶ ଦାନ କରିସାରିବା ପରେ ଯାହା ବଳୁଥିଲା, ସେଥିରୁ ସେ ଜାଳେଣି ସଂଗ୍ରହ କରି ଧୂନିକୁ ପ୍ରଜ୍ଜ୍ୱଳିତ କରି ରଖୁଥିଲେ । ଏହି ଧୂନିର ଭସ୍ମ ହେଉଛି ଉଦି । ଭକ୍ତମାନେ ଶିରିଡ଼ିରୁ ପ୍ରସ୍ଥାନ କରିବା ସମୟରେ ଏହି ଭସ୍ମ ସେମାନଙ୍କୁ ମୁକ୍ତହସ୍ତରେ ବିତରଣ କରାଯାଉଥିଲା ।

ଏହି ଉଦିରୁ ବାବା କ'ଣ ଶିକ୍ଷା ଦିଅନ୍ତି ? ଏହି ବ୍ରହ୍ମାଣ୍ଡର ସମସ୍ତ ପଦାର୍ଥ ଉଦି ବା ଭସ୍ମତୁଲ୍ୟ କ୍ଷଣସ୍ଥାୟୀ। ପଞ୍ଚତତ୍ତ୍ୱରେ ନିର୍ମିତ ଆମର ଏହି ଶରୀର ମଧ୍ୟ ସାଂସାରିକ ଭୋଗାଦି ପରେ ଦିନେ ବିନାଶ ହୋଇ ଭସ୍ମରେ ପରିଣତ ହେବ । ଭକ୍ତମାନଙ୍କୁ ଏହି କଥା ସ୍ମରଣ କରାଇବା ନିମନ୍ତେ ଅର୍ଥାତ ସେମାନଙ୍କ ଶରୀର ବି ଶେଷରେ ଭସ୍ମରେ ପରିଣତ ହେବ, ବାବା ଉଦି ବିତରଣ କରୁଥିଲେ । ଉଦି ଦ୍ୱାରା ବାବା ଆଉ ଗୋଟିଏ ଶିକ୍ଷା ମଧ୍ୟ ପ୍ରଦାନ କରୁଥିଲେ ଯେ ବ୍ରହ୍ମ ହିଁ ସତ୍ୟ ଏବଂ ଜଗତ ମିଥ୍ୟା ଅଟେ । ଏହି ସଂସାରରେ ବସ୍ତୁତଃ କିଏ କାହାର ପିତା, ପୁତ୍ର ବା ପତ୍ନୀ ନୁହେଁ । ଆମେ ଏକା ଆସିଛୁ ଏବଂ ଏକା ହିଁ ଯିବା ।

ପୂର୍ବରୁ ଦେଖାଯାଇଛି ଏବଂ ବର୍ତ୍ତମାନ ମଧ୍ୟ ଅନୁଭବ କରାଯାଉଛି ଯେ ଉଦି ଦ୍ୱାରା ଅନେକ ଶାରୀରିକ ଏବଂ ମାନସିକ ରୋଗୀ ସୁସ୍ଥତା ଲାଭ କରୁଛନ୍ତି । ପ୍ରକୃତରେ ବାବା ଭକ୍ତମାନଙ୍କୁ ଦକ୍ଷିଣା ଏବଂ ଉଦି ଦ୍ୱାରା ସତ୍ୟ ଏବଂ ଅସତ୍ୟର ବିବେକ ତଥା ଅସତ୍ୟ ତ୍ୟାଗ କରିବାର ସିଦ୍ଧାନ୍ତ ଶିକ୍ଷା ଦେଉଥିଲେ । ଉଦିରୁ ବୈରାଗ୍ୟ ଏବଂ ଦକ୍ଷିଣାରୁ ତ୍ୟାଗର

ଶିକ୍ଷା ମିଳିଥାଏ । ଏହି ଉଭୟର ଅଭାବରେ ମାୟାରୂପକ ଭବସାଗରକୁ ପାର କରିବା କଠିନ, ଏଥିପାଇଁ ବାବା ଅନ୍ୟମାନଙ୍କର ପୀଡ଼ା ନିଜେ ସହ୍ୟ କରି ଦକ୍ଷିଣା ଗ୍ରହଣ କରୁଥିଲେ । ଭକ୍ତମାନେ ବିଦାୟ ନେବା ସମୟରେ ପ୍ରସାଦ ରୂପରେ ଉଦି ଦେଇ ତଥା ମସ୍ତକରେ ଲଗାଇ ସେମାନଙ୍କୁ ଆଶୀର୍ବାଦ କରୁଥିଲେ । ଯେତେବେଳେ ବାବା ପ୍ରସନ୍ନ ଚିତ୍ତରେ ଥିଲେ, ପ୍ରେମ ସହକାରେ ଗୀତ ଗାଉଥିଲେ । ଏପରି ଏକ ଭଜନ ଉଦି ସମ୍ବନ୍ଧରେ ଅଛି । 'ରମତେ ରାମ ଆଓ ଜୀ ଆଓ ଜୀ, ଉଦିୟା କି ଗୋନିଆଁ ଲାଓଜୀ ।' ବାବା ବଡ଼ ଶୁଦ୍ଧ ଓ ମଧୁର ସ୍ୱରରେ ଏହା ଗାଉଥିଲେ ।

ଏସବୁ ତ ଉଦିର ଆଧ୍ୟାତ୍ମିକ ପ୍ରଭାବ ସମ୍ବନ୍ଧରେ ଉଲ୍ଲେଖ କରାଗଲା, ତାହାର ଭୌତିକ ପ୍ରଭାବ ମଧ୍ୟ ଥିଲା, ଯାହା ଭକ୍ତମାନଙ୍କର ସ୍ୱାସ୍ଥ୍ୟ, ସମୃଦ୍ଧି, ଚିନ୍ତାମୁକ୍ତି ଏବଂ ଅନେକ ସାଂସାରିକ ଉପକାର କରୁଥିଲା । ଏହିପରି ଉଭୟ ଆଧ୍ୟାତ୍ମିକ ଓ ସାଂସାରିକ କଲ୍ୟାଣ ଦିଗରେ ଉଦିର ମାହାତ୍ମ୍ୟ ଅନନ୍ୟ । ଏବେ ଉଦି ପ୍ରସଙ୍ଗରେ କିଛି କାହାଣୀ ଶୁଣିବା ।

**ବିଛା ଦଂଶନ :** ନାସିକର ନାରାୟଣ ମୋତିରାମ ଜାନୀ ବାବାଙ୍କର ଭକ୍ତ ଥିଲେ । ବାବାଙ୍କର ଅନ୍ୟଜଣେ ଭକ୍ତ ରାମଚନ୍ଦ୍ର ବାମନ ମୋଡ଼କଙ୍କ ଅଧୀନରେ ସେ କାମ କରୁଥିଲେ । ଥରେ ସେ ତାଙ୍କର ମାଆଙ୍କ ସହ ଶିରିଡ଼ି ଗଲେ ଓ ବାବାଙ୍କର ଦର୍ଶନ କଲେ । ବାବା ତାଙ୍କ ମା'ଙ୍କୁ କହିଲେ କି 'ଏବେ ତୁମର ପୁତ୍ର ଚାକିରି ଛାଡ଼ି ସ୍ୱତନ୍ତ୍ର ବ୍ୟବସାୟ କରିବା ଉଚିତ ।' କିଛି ଦିନ ପରେ ବାବାଙ୍କର ବଚନ ସତ୍ୟ ହେଲା । ନାରାୟଣ ଜାନୀ ଚାକିରି ଛାଡ଼ି ଏକ ବୋର୍ଡ଼ିଂ ଗୃହ 'ଆନନ୍ଦାଶ୍ରମ' ଚଳାଇବା ଆରମ୍ଭ କଲେ । ତାହା ବେଶ୍ ଭଲ ଚାଲିଲା । ଥରେ ନାରାୟଣରାଓଙ୍କର ଜଣେ ବନ୍ଧୁଙ୍କୁ ଗୋଟିଏ ବିଛା କାମୁଡ଼ିଦେଲା । ତାଙ୍କର ଶରୀରରେ ଅସହ୍ୟ ପୀଡ଼ା ହେଲା । ଏପରି କ୍ଷେତ୍ରରେ ଉଦିର ପ୍ରଭାବ ରାମବାଣ ସଦୃଶ ଅଟେ, ବିଛା କାମୁଡ଼ିବା ସ୍ଥାନରେ ତାକୁ କେବଳ ଲଗାଇଦେବା କଥା । ନାରାୟଣ ଉଦି ଖୋଜିଲେ, କିନ୍ତୁ ପାଇଲେ ନାହିଁ । ବାବାଙ୍କର ଫଟୋ ସମ୍ମୁଖରେ ଛିଡ଼ା ହୋଇ ସେ ସହାୟତା ନିମନ୍ତେ ପ୍ରାର୍ଥନା କଲେ ଏବଂ ତାଙ୍କର ନାମ ନେଇ ତାଙ୍କ ସମ୍ମୁଖରେ ଜଳୁଥିବା ଧୂପକାଠିର କିଛି ଭସ୍ମକୁ ବାବାଙ୍କର ଉଦି ମନେ କରି ବିଛା କାମୁଡ଼ିଥିବା ସ୍ଥାନରେ ଲଗାଇଦେଲେ । ଆଶ୍ଚର୍ଯ୍ୟର କଥା ସେ ହାତ ହଟାଇବା ମାତ୍ରେ ପୀଡ଼ା ଦୂର ହୋଇଗଲା ଏବଂ ଦୁହେଁ ଖୁସି ମନରେ ଫେରିଲେ ।

**ପ୍ଲେଗରୁ ମୁକ୍ତି :** ଥରେ ବାନ୍ଦ୍ରାର ଜଣେ ଭକ୍ତ ଦୂର ସ୍ଥାନରେ ରହୁଥିବା ତାଙ୍କର କନ୍ୟା, ପ୍ଲେଗ ରୋଗରେ ଆକ୍ରାନ୍ତ ହୋଇଥିବାର ଶୁଣିଲେ । ତାଙ୍କ ପାଖରେ ଉଦି ନଥିଲା । ତେଣୁ ନାନାସାହେବ ଚନ୍ଦୋରକରଙ୍କୁ ଉଦି ପଠାଇବା ପାଇଁ ସେ ଖବରଦେଲେ । ସେତେବେଳେ ନାନାସାହେବ ଥାନେ ରେଳଷ୍ଟେସନ ନିକଟରେ ଥିଲେ । ପତ୍ନୀଙ୍କ ସହିତ ମିଶି ସେ କଲ୍ୟାଣ ଯାତ୍ରା କରୁଥିଲେ । ତାଙ୍କ ପାଖରେ ମଧ୍ୟ

ସେତେବେଳେ ଉଦି ନଥିଲା । ତେଣୁ ସେ ରାସ୍ତାରୁ କିଛି ଧୂଳି ଉଠାଇ ଆଣିଲେ ଏବଂ ଶ୍ରୀ ସାଇବାବାଙ୍କର ଧ୍ୟାନକରି ତାଙ୍କର ସହାୟତା ନିମିତ୍ତ ପ୍ରାର୍ଥନା କଲେ ତଥା ସେହି ଧୂଳିକୁ ତାଙ୍କର ପତ୍ନୀଙ୍କ ମସ୍ତକରେ ଲଗାଇଦେଲେ । ଆଶ୍ଚର୍ଯ୍ୟର ବିଷୟ ଯେ ସେହି ମୁହୂର୍ତ୍ତରୁ ଉକ୍ତ ବ୍ୟକ୍ତିଙ୍କର କନ୍ୟାର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେବାକୁ ଲାଗିଲା ଏବଂ ସେ ସୁସ୍ଥ ହୋଇଗଲା ।

**ଜାମନେରର ବିଲକ୍ଷଣ ଚମତ୍କାର :** ୧୯୦୪-୦୫ ମସିହାରେ ନାନାସାହେବ ଚନ୍ଦୋରକର ଖାନଦେଶ  ଜିଲା ଜାମନେରରେ ମାମଲତଦାର ଥିଲେ । ଏହା ଶିରିଡ଼ିଠାରୁ ପ୍ରାୟ ୧୦୦ ମାଇଲ ଦୂରରେ ଅବସ୍ଥିତ । ନାନାସାହେବଙ୍କ କନ୍ୟା ମୈନାତାଇ ସେହି ସମୟରେ ଗର୍ଭାବସ୍ଥାରେ ଥିଲେ ଏବଂ ପ୍ରସବ ସମୟ ଉପନୀତ ହୋଇଯାଇଥିଲା । ମାତ୍ର ପ୍ରସବ ନହେବାରୁ ତାଙ୍କର ଅବସ୍ଥା ବଡ଼ ଉଦ୍‌ବେଗଜନକ ହୋଇପଡ଼ିଥିଲା । ଦୁଇ ତିନିଦିନ ଧରି ଭୀଷଣ ବେଦନା ହେଉଥିଲା । ନାନାସାହେବ ସମସ୍ତ ପ୍ରୟାସ କଲେ କିନ୍ତୁ କିଛି ଫଳ ହେଲା ନାହିଁ । ଏହାପରେ ସେ ବାବାଙ୍କୁ ସ୍ମରଣକରି ତାଙ୍କର ସହାୟତା ନିମିତ୍ତ ପ୍ରାର୍ଥନା କଲେ । ସେହି ସମୟରେ ଶିରିଡ଼ିରେ ରାମଗୀର ବୁବା, ଯାହାଙ୍କୁ ବାବା ବାପୁଗୀର ବୁବା ବୋଲି ଡାକୁଥିଲେ, ତାଙ୍କ ଘର ଖାନଦେଶକୁ ଯିବାକୁ ବାହାରିଥିଲେ । ବାବା ତାଙ୍କୁ ଡାକି ଉଦି ଏବଂ ଗୋଟିଏ ଆରତି ବହି ଦେଇ ଫେରିବା ବାଟରେ ଜାମନେରରେ ଓହ୍ଲାଇ ନାନାସାହେବଙ୍କୁ ତାହା ଦେବାକୁ କହିଲେ । ରାମଗୀର ବୁବା କହିଲେ କି ତାଙ୍କ ପାଖରେ ମାତ୍ର ଦୁଇଟଙ୍କା ଅଛି, ଏତିକିରେ ବଡ଼ କଷ୍ଟରେ ସେ ଜଳଗାଓଁ ପର୍ଯ୍ୟନ୍ତ ଯାଇପାରିବେ । ସେଠାରୁ ୩୦ ମାଇଲ ଆଗକୁ ପୁଣି ଯିବେ କିପରି ? ବାବା କହିଲେ ଚିନ୍ତା କରିବାର ନାହିଁ । ସବୁ ବ୍ୟବସ୍ଥା ହୋଇଯିବ ।' ବାବାଙ୍କ ଉକ୍ତି ଉପରେ ବିଶ୍ୱାସ କରି ରାମଗୀର ବୁବା ଶିରିଡ଼ି ପ୍ରସ୍ଥାନ କଲେ ଏବଂ ରାତି ୨ଟା ୪୫ ମିନିଟ୍ ସମୟରେ ଜଳଗାଓଁରେ ପହଞ୍ଚିଲେ । ତାଙ୍କ ପାଖରେ ମାତ୍ର ଦୁଇ ଅଣା ବାକି ଥିଲା । ଷ୍ଟେସନରେ ସେ ଓହ୍ଲାଇବା ମାତ୍ରେ କେହି ଜଣେ ବଡ଼ ପାଟିରେ ଡାକୁଥିବାର ଶୁଣାଗଲା 'ଶିରିଡ଼ିରୁ ଆସିଥିବା ବାପୁଗୀର ବୁବା କେଉଁଠି ଅଛନ୍ତି ?' ସେ ଆଗକୁ ଯାଇ 'ମୁଁ ଶିରିଡ଼ିରୁ ଆସିଛି ଏବଂ ମୋର ନାମ ବାପୁଗୀର ବୁବା' ବୋଲି ପରିଚୟ ଦେଲେ । ଆଗନ୍ତୁକଜଣକ ତାଙ୍କୁ ନାନାସାହେବ ଚନ୍ଦୋରକର ପଠାଇଛନ୍ତି ବୋଲି କହି ଏକ ସୁସଜ୍ଜିତ ଟାଙ୍ଗା ନିକଟକୁ ନେଇଗଲା । ଟାଙ୍ଗାରେ ଦୁଇଟି ସୁନ୍ଦର ହୃଷ୍ଟପୁଷ୍ଟ ଘୋଡ଼ା ଯୋଚା ହୋଇଥିଲା । ଦ୍ରୁତ ଗତିରେ ଟାଙ୍ଗାଟି ଚାଲିଲା । କିଛି ସମୟ ପରେ ଗୋଟିଏ ସ୍ଥାନରେ ଟାଙ୍ଗାଟି ଅଟକିଲା ଓ ଘୋଡ଼ାକୁ ପାଣି ପିଇବାକୁ ଦିଆଗଲା । ଏହା ମଧ୍ୟରେ ସେହି ଅଜ୍ଞାତ ବ୍ୟକ୍ତି ତଥା ଟାଙ୍ଗାଚାଳକ ରାମଗୀର ବୁବାଙ୍କୁ ସାମାନ୍ୟ ଜଳଯୋଗ କରିବା ପାଇଁ ଅନୁରୋଧ କଲା । ତେବେ ତାଙ୍କର ନିଶଦାଢ଼ି ତଥା ବେଶଭୂଷାରୁ ସେ ମୁସଲମାନ ମନେକରି ରାମଗୀର ବୁବା ଜଳପାନ କରିବାକୁ ମନା କରିଦେଲେ । ଟାଙ୍ଗାଚାଳକଜଣକ

ତାଙ୍କର ମନ କଥା ଜାଣିପାରି କହିଲେ ସେ ଗଡ଼ୱାଲର କ୍ଷେତ୍ରୀୟ ବଂଶୀ ହିନ୍ଦୁ ଅଟନ୍ତି । ନାନାସାହେବ ତାଙ୍କ ପାଇଁ ଏହି ଜଳଖିଆ ପଠାଇଛନ୍ତି, ତେଣୁ ମନରେ କିଛି ସନ୍ଦେହ ରଖିବା ଉଚିତ ନୁହେଁ । ଏହାପରେ ରାମଗୀର ବୁବା ତାଙ୍କ ସହ ମିଶି ଜଳପାନ କଲେ ଏବଂ ପୁଣି ଯାତ୍ରାରମ୍ଭ କରି ସୂର୍ଯ୍ୟୋଦୟ ବେଳକୁ ଜାମନେରରେ ପହଞ୍ଚିଗଲେ । ରାମଗୀର ବୁବା ଶୌଚକ୍ରିୟା ନିମନ୍ତେ ଗଲେ ଏବଂ କିଛି ସମୟ ପରେ ଯେତେବେଳେ ଫେରିଲେ ଘୋଡ଼ା, ଘୋଡ଼ାଗାଡ଼ି କିମ୍ବା ଚାଳକ, କାହାକୁ ନଦେଖି ଆଶ୍ଚର୍ଯ୍ୟଚକିତ ହୋଇଗଲେ । ସେ ଜାଣିପାରୁନଥିଲେ ତାଙ୍କୁ କିଛି ସୂଚନା ନଦେଇ ଗାଡ଼ିଟି କିପରି କୁଆଡ଼େ ପଳାଇଗଲା ।

ନିକଟରେ ଥିବା କଚେରି ପାଖକୁ ଯାଇ ସେ ନାନାସାହେବଙ୍କ ଘର ପଚାରିଲେ ଏବଂ ତାଙ୍କ ଘରକୁ ଯାଇ ବାବା ତାଙ୍କ ହାତରେ ପଠାଇଥିବା ଆରତି ଓ ଉଦି ପ୍ରଦାନ କଲେ । ସେହି ସମୟରେ ମୈନାତାଇଙ୍କର ଅବସ୍ଥା ବଡ଼ ଉଦ୍‌ବେଗଜନକ ହୋଇଥିଲା ଓ ସମସ୍ତେ ବ୍ୟସ୍ତ ହୋଇପଡ଼ିଥିଲେ । ନାନାସାହେବ ପତ୍ନୀଙ୍କୁ ଡାକି ଉଦିକୁ ପାଣିରେ ଗୋଳାଇ କନ୍ୟାକୁ ପିଇବାକୁ ଦେବାକୁ ଏବଂ ଆରତି କରିବାକୁ କହିଲେ । ବାବାଙ୍କର ସହାୟତା ବଡ଼ ସମୟୋପଯୋଗୀ ବୋଲି ତାଙ୍କର ମନେ ହେଲା । ଆଶ୍ଚର୍ଯ୍ୟର ବିଷୟ ଯେ ଉଦି ପାନ କରିବାର କିଛି ସମୟ ପରେ ପ୍ରସବ କୁଶଳତାପୂର୍ବକ ହୋଇଗଲା । ଏହାପରେ ରାମଗୀର ବୁବା ଫେରିବାକୁ ପ୍ରସ୍ତୁତ ହୋଇ ନାନାସାହେବଙ୍କୁ ଟାଙ୍ଗାଚାଳକ, ଟାଙ୍ଗା ତଥା ଜଳପାନ ଆଦି ବ୍ୟବସ୍ଥା ନିମନ୍ତେ ଧନ୍ୟବାଦ ଦେଲେ; କିନ୍ତୁ ନାନାସାହେବ ଏକଥା ଶୁଣି ଆଶ୍ଚର୍ଯ୍ୟଚକିତ ହୋଇଗଲେ । କାରଣ ସେ କୌଣସି ଟାଙ୍ଗା କି ଟାଙ୍ଗାଚାଳକକୁ ପଠାଇନଥିଲେ ତଥା ଶିରିଡ଼ିରୁ ସେ ଆସୁଥିବା ନେଇ ତାଙ୍କଠାରେ କୌଣସି ପୂର୍ବ ସୂଚନା ନଥିଲା ।

ଥାନେର ଅବସରପ୍ରାପ୍ତ ମାମଲତଦାର ବି.ଭି. ଦେବ ନାନାସାହେବ ଚନ୍ଦୋରକରଙ୍କ ପୁତ୍ର ବାପୁସାହେବ ଚାନ୍ଦୋରକର ଏବଂ ଶିରିଡ଼ିର ରାମଗୀର ବୁବାଙ୍କୁ ଏହି ବିଷୟରେ ପଚାରିଥିଲେ ଏବଂ ସେମାନଙ୍କ ଉତ୍ତରରେ ପୂର୍ଣ୍ଣ ସନ୍ତୁଷ୍ଟ ହୋଇ ଶ୍ରୀ ସାଇଲୀଳା ପତ୍ରିକାର ଭାଗ ୧୩(ସଂଖ୍ୟା ୧୧,୧୨,୧୩)ରେ ଗଦ୍ୟ ଏବଂ ପଦ୍ୟ ଆକାରରେ ଏକ ସୁନ୍ଦର ରଚନା ପ୍ରକାଶ କରିଥିଲେ । (୧)ବି.ଭି. ନରସିଂହସ୍ୱାମୀ ମଧ୍ୟ ମୈନାତାଇ(ଭାଗ ୫, ପୃଷ୍ଠା ୧୪) (୨) ବାପୁସାହେବ ଚନ୍ଦୋରକର(ଭାଗ ୨୦, ପୃଷ୍ଠା ୫୦) ଏବଂ (୩) ରାମଗୀର ବୁବା (ଭାଗ ୨୭, ପୃଷ୍ଠା ୮୩)ଙ୍କ ବୟାନ ନେଇଥିଲେ, ଏବଂ ତାହା ଧାରାବାହିକ ଭାବରେ ୧ ଜୁନ ୧୯୩୬, ୧୬ ସେପ୍ଟେମ୍ବର ୧୯୩୬ ଏବଂ ୧ ଡିସେମ୍ବର ୧୯୩୬ ସଂଖ୍ୟାରେ ପ୍ରକାଶିତ ହୋଇଛି । 'ଭକ୍ତଙ୍କ ଅନୁଭବ' ପୁସ୍ତକର ତୃତୀୟ ସଂଖ୍ୟାରେ ମଧ୍ୟ ଏହି ଅନୁଭୂତି ପ୍ରକାଶିତ ହୋଇଛି । ନିମ୍ନଲିଖିତ ପ୍ରସଙ୍ଗ ରାମଗୀର ବୁବାଙ୍କ ଉକ୍ତି ଅନୁସାରେ ଉଦ୍ଧୃତ ହୋଇଛି ।

'ଦିନେ ବାବା ମୋତେ ତାଙ୍କ ପାଖକୁ ଡାକି ଗୋଟିଏ ଉଦି ପୁଡ଼ିଆ ଏବଂ ଆରତି

ବହି ଦେଲେ ତଥା ଜାମନେର ଯାଇ ନାନାସାହେବଙ୍କୁ ହସ୍ତାନ୍ତର କରିବା ପାଇଁ କହିଲେ । ମୁଁ କହିଲି ମୋ ପାଖରେ ମାତ୍ର ଦୁଇ ଟଙ୍କା ଅଛି । କୋପରଗାଓଁରୁ ଜଳଗାଓଁ ଯିବା ଏବଂ ପୁଣି ସେଠାରୁ ବଳଦଗାଡ଼ିରେ ଜାମନେର ଯିବା ପାଇଁ ଏହି ଅର୍ଥ ଅଣ୍ଟିବ ନାହିଁ । ବାବା କହିଲେ 'ଆଲ୍ଲା ଦେଗା' । ସେଦିନ ଶୁକ୍ରବାର ଥିଲା । ମୁଁ ଶୀଘ୍ର ବାହାରିପଡ଼ିଲି । ମନମାଡ଼ରେ ସନ୍ଧ୍ୟା ୬.୩୦ ଓ ଜଳଗାଓଁରେ ପହଞ୍ଚିଲାବେଳକୁ ରାତି ୨ଟା ୪୫ ମିନିଟ୍ ହୋଇଥିଲା । ସେହି ସମୟରେ ପ୍ଲେଗରୋଗ ଯୋଗୁ କଟକଣା ଜାରି ହୋଇଥାଏ, ଏଣୁ ମୁଁ କିପରି ଜାମନେର ଯିବି ଭାବୁଥିଲି । ରାତି ୩ଟା ସମୟରେ ଜଣେ ବ୍ୟକ୍ତି ଆସିଲେ, ସେ ଗୋଡ଼ରେ ଲମ୍ବା ଜୋତା ପିନ୍ଧିଥିଲେ ଓ ମୁଣ୍ଡରେ ପଗଡ଼ି ବାନ୍ଧିଥିଲେ । ସେ ମୋତେ ଟାଙ୍ଗାରେ ବସାଇଲେ ଏବଂ ଟାଙ୍ଗା ଚାଲିଲା । ମୁଁ ଟିକେ ଭୟଭୀତ ହୋଇଯାଇଥିଲି । ବାଟରେ ଭଗୁର ପାଖରେ ମୁଁ ଜଳପାନ କଲି । ଯେତେବେଳେ ସକାଳେ ଜାମନେର ପହଞ୍ଚିଲି, ହଠାତ୍ ଶୌଚାଳୟ ଯିବାକୁ ଇଚ୍ଛା ହେଲା । ତାପରେ ଯେତେବେଳେ ଫେରିଛି, କେହି ନଥିଲେ । ଟାଙ୍ଗା ଏବଂ ଟାଙ୍ଗାଚାଳକ ଅଦୃଶ୍ୟ ହୋଇଯାଇଥିଲେ ।'

## ।। ବାବା ଏବେ ବି ଜାଗ୍ରତ ।।

**ନାରାୟଣ ରାଓ :** ଭକ୍ତ ନାରାୟଣ ରାଓଙ୍କର ବାବାଙ୍କୁ ତିନିଥର ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ୧୯୧୮ ମସିହାରେ ବାବାଙ୍କ ମହାସମାଧିର ତିନିବର୍ଷ ପରେ ଥରେ ସେ ଶିରିଡ଼ି ଯିବାକୁ ଚାହୁଁଥିଲେ; କିନ୍ତୁ କୌଣସି କାରଣବଶତଃ ତାହା ସମ୍ଭବ ହେଉନଥିଲା । ବାବା ସମାଧିସ୍ଥ ହେବାର ବର୍ଷକ ପରେ ସେ ରୁଗ୍‌ଣ ହୋଇପଡ଼ିଲେ । କୌଣସି ଚିକିତ୍ସାରୁ ଉପକାର ମିଳିଲା ନାହିଁ । ଦିନରାତି ସେ ବାବାଙ୍କର ଧ୍ୟାନ କରିବାରେ ଲାଗିଲେ । ଦିନେ ରାତିରେ ଗୋଟିଏ ସ୍ୱପ୍ନ ଦେଖିଲେ ।

ଏକ ଗୁମ୍ଫା ମଧ୍ୟରୁ ବାବା ବାହାରି ଆସୁଛନ୍ତି ଏବଂ ତାଙ୍କୁ ସାନ୍ତ୍ୱନା ଦେଇ କହୁଛନ୍ତି 'ବ୍ୟସ୍ତ ହୁଅ ନାହିଁ, କାଲିଠାରୁ ଭଲ ହୋଇଯିବ ଏବଂ ସପ୍ତାହ ପରେ ଚଲାବୁଲା କରିବାକୁ ଲାଗିବ ।' ଠିକ୍ ସେହି ସମୟରେ ନାରାୟଣ ରାଓ ସୁସ୍ଥ ହୋଇଗଲେ । ଏବେ ଏହା ବିଚାର କରିବାର କଥା ଯେ ବାବା ଦେହଧାରୀ ଥିବାବେଳେ ତାଙ୍କୁ ଜୀବିତ କୁହାଯାଉଥିଲା ଏବଂ ଦେହତ୍ୟାଗ କଲେ ବୋଲି ସେ କ'ଣ ମୃତ ହୋଇଗଲେ ? ନୁହେଁ, ବାବା ଅମର– ଜୀବନ ଓ ମୃତ୍ୟୁର ଉର୍ଦ୍ଧ୍ୱରେ । **ଥରେ ଯିଏ ଅନନ୍ୟ ଭାବରେ ତାଙ୍କର ଶରଣାଗତ ହୋଇଛି, ସେ ଯେଉଁଠାରେ ବି ଥାଉନା କାହିଁକି, ସେ ତା'ର ପୂର୍ଣ୍ଣ ସହାୟତା କରିଥାଆନ୍ତି । ସେ ସର୍ବଦା ପାଖ ପାଖରେ ରହିଥାନ୍ତି, ଆଉ ଯେଉଁପରି ରୂପ ନେଇ ମଧ୍ୟ ଭକ୍ତ ସମ୍ମୁଖରେ ପ୍ରକଟ ହୋଇ ତା'ର ଇଚ୍ଛା ପୂର୍ଣ୍ଣ କରନ୍ତି ।**

**ଅପ୍ପାସାହେବ କୁଲକର୍ଣ୍ଣି :** ୧୯୧୭ ମସିହାରେ ଆପ୍ପାସାହେବ କୁଲକର୍ଣ୍ଣିଙ୍କ ଶୁଭଦିନ

ଆସିଲା । ଥାନେକୁ ତାଙ୍କର ବଦଳି ହୋଇଗଲା । ବାଲାସାହେବ ଭାଟେଙ୍କଠାରୁ ପାଇଥିବା ଫଟୋକୁ ସେ ପ୍ରତ୍ୟହ ପୂଜା କରୁଥିଲେ । ବଡ଼ ନିର୍ମଳ ହୃଦୟରେ ସେ ପୂଜା କରୁଥିଲେ । ପ୍ରତିଦିନ ଫୁଲ, ଚନ୍ଦନ ଏବଂ ନୈବେଦ୍ୟ ବାବାଙ୍କୁ ଅର୍ପଣ କରୁଥିଲେ ଏବଂ ତାଙ୍କର ଦର୍ଶନ ପାଇଁ ଅଭିଳାଷ ରଖିଥିଲେ । ଏହି ବିଷୟରେ ଏତିକି କୁହାଯାଇପାରେ ଯେ **ଭାବପୂର୍ବକ ବାବାଙ୍କର ଫଟୋକୁ ଦେଖିବା ମଧ୍ୟ ବାବାଙ୍କ ଦର୍ଶନ ସହିତ ସମାନ ଅଟେ ।** ନିମ୍ନରେ ବର୍ଣ୍ଣିତ କଥାରୁ ଏହା ସ୍ପଷ୍ଟ ହୁଏ ।

## ।। ଫଟୋ ଦ୍ୱାରା ବାବାଙ୍କ ସଗୁଣ ଉପାସନା ।।

**ବାଲାସାହେବ ସୂତାର :** ମୁମ୍ବଇରେ ବାଲାବୁବା ନାମରେ ଜଣେ ସନ୍ଥ ଥିଲେ । ତାଙ୍କର ଅନନ୍ୟ ଭକ୍ତିଭାବ, ଜଣାଣ ଓ ଭଜନ ଗାନ ଏବଂ ଆଚରଣ ଦ୍ୱାରା ସେ 'ଆଧୁନିକ ତୁକାରାମ' ଭାବରେ ଖ୍ୟାତି ଅର୍ଜନ କରିଥିଲେ । ୧୯୧୭ ମସିହାରେ ସେ ଶିରିଡ଼ି ଆସିଲେ । ଯେତେବେଳେ ସେ ବାବାଙ୍କୁ ପ୍ରଣାମ କଲେ, ବାବା କହିଲେ 'ମୁଁ ତ ଏହାଙ୍କୁ ଚାରିବର୍ଷ ହେଲା ଜାଣିଛି ।'

ବାଲାବୁବା ଆଶ୍ଚର୍ଯ୍ୟ ହୋଇଗଲେ ଏବଂ କହିଲେ ସେ ତ ପ୍ରଥମଥର ପାଇଁ ଶିରିଡ଼ି ଆସିଛନ୍ତି, ଏହା କିପରି ସମ୍ଭବ ହେଲା ? ଗୂଢ଼ ଚିନ୍ତା କରିବା ପରେ ସେ ବାବାଙ୍କର ଉକ୍ତିର ଅର୍ଥ ହୃଦବୋଧ କଲେ ଏବଂ ମନ ଭିତରେ ଭାବିବାକୁ ଲାଗିଲେ କି ଏହି ସନ୍ଥ କେତେ ସର୍ବବ୍ୟାପକ ଏବଂ ସର୍ବଜ୍ଞାନୀ, ତଥା ଭକ୍ତମାନଙ୍କ ପ୍ରତି ତାଙ୍କର ହୃଦୟରେ କେତେ ଦୟା ପୂରି ରହିଛି । ମୁଁ ତ ତାଙ୍କର ଫଟୋକୁ କେବଳ ନମସ୍କାର କରିଥିଲି, ସେହି ଘଟଣା ମଧ୍ୟ ସେ ଜାଣିଛନ୍ତି । ଏଥିପାଇଁ ସେ ମୋତେ ସେକଥାର ଅନୁଭବ କରାଇଲେ ଯେ **ତାଙ୍କର ଫଟୋ ଦେଖିବା ମଧ୍ୟ ତାଙ୍କର ଦର୍ଶନ ସଦୃଶ ଅଟେ ।**

ଏବେ ଆମେ ଆପ୍ପାସାହେବଙ୍କ କଥାକୁ ଆସିବା । ସେ ଯେତେବେଳେ ଥାନେରେ ଥିଲେ, ତାଙ୍କୁ ଭିମ୍ୱଡ଼ି ଗସ୍ତରେ ଯିବାକୁ ହେଲା । ସପ୍ତାହେ ପର୍ଯ୍ୟନ୍ତ ସେଠାରୁ ଫେରିବା ସମ୍ଭବ ନଥିଲା । ତାଙ୍କର ଅନୁପସ୍ଥିତିରେ ତୃତୀୟ ଦିନ ତାଙ୍କ ଘରେ ନିମ୍ନଲିଖିତ ବିଚିତ୍ର ଘଟଣା ଘଟିଲା । ଦ୍ୱିପ୍ରହର ସମୟରେ ଆପ୍ପାସାହେବଙ୍କ ଘରକୁ ଜଣେ ଫକିର ଆସିଲେ, ଯାହାଙ୍କର ସ୍ୱରୂପ ବାବାଙ୍କର ଫଟୋ ଅନୁରୂପ ଥିଲା । ଶ୍ରୀମତୀ କୁଲକର୍ଣ୍ଣି ତଥା ତାଙ୍କର ପିଲାମାନେ ଭ୍ରମରେ ପଡ଼ି ତାଙ୍କୁ ପଚାରିଲେ 'ଆପଣ ଶିରିଡ଼ିର ସାଇବାବା ତ ନୁହନ୍ତି ?' ଏହାର ଉତ୍ତରରେ ଅଜ୍ଞାତ ବ୍ୟକ୍ତିଜଣକ କହିଲେ ମୁଁ ତ ସାଇବାବାଙ୍କର ଆଜ୍ଞାବହ ସେବକ ଏବଂ ତାଙ୍କର ଆଦେଶକ୍ରମେ ହିଁ ଆପଣଙ୍କର କୁଶଳ ସମାଚାର ଜାଣିବା ପାଇଁ ଆସିଛି । ଫକିରଜଣକ ଦକ୍ଷିଣା ମାଗିଲେ ଏବଂ ଶ୍ରୀମତୀ କୁଲକର୍ଣ୍ଣି ତାଙ୍କୁ ଏକ ଟଙ୍କା ଦେଲେ । ତାପରେ ଫକିର ତାଙ୍କୁ ଗୋଟିଏ ଉଦି ପୁଡ଼ିଆ ଦେଇ ତାକୁ ପୂଜା ଘର ଫଟୋ ପାଖରେ ରଖିବାକୁ କହିଲେ । ଏହା ପରେ ସେ ଚାଲିଗଲେ । ଏବେ ଆସନ୍ତୁ,

ବାବାଙ୍କର ଅଦ୍‌ଭୂତ ଲୀଳା ଶ୍ରବଣ କରିବା ।

ଭିମ୍ବଡ଼ିରେ ଅପ୍ପାସାହେବଙ୍କର ଘୋଡ଼ା ରୋଗିଣା ହୋଇଗଲା ଓ ଚାଲିପାରିଲା ନାହିଁ । ତେଣୁ ସେହିଦିନ ସନ୍ଧ୍ୟାରେ ସେ ଘରକୁ ଫେରିଆସିଲେ । ଘରେ ପହଞ୍ଚି ପତ୍ନୀଙ୍କଠାରୁ ଫକିର ଆସିଥିବା କଥା ଶୁଣିଲେ । ଫକିରଙ୍କ ଦର୍ଶନରୁ ସେ ବଞ୍ଚିତ ହୋଇଥିବାରୁ ତାଙ୍କର ମନ ଦୁଃଖ ହେଲା ତଥା ପତ୍ନୀ ତାଙ୍କୁ ମାତ୍ର ଟଙ୍କାଟିଏ ଦକ୍ଷିଣା ଦେଇଥିବାରୁ ସେ ଆହୁରି ଦୁଃଖ କଲେ । ସେ ଥିଲେ ଅନ୍ତତଃ ୧୦ ଟଙ୍କା ଦେଇଥାନ୍ତେ ବୋଲି ମନେ ମନେ ଭାବିଲେ । ଏହାପରେ ଫକିରଜଣକ କେଉଁଠି ଥିବେ ଭାବି ତୁରନ୍ତ ତାଙ୍କର ସନ୍ଧାନରେ ବାହାରିପଡ଼ିଲେ । ଗ୍ରାମର ମସଜିଦ୍ ଏବଂ ଅନ୍ୟାନ୍ୟ ସ୍ଥାନ ସେ ଖୋଜି ବୁଲିଲେ କିନ୍ତୁ କେଉଁଠି ବି କିଛି ସୂଚନା ମିଳିଲା ନାହିଁ ।

ପାଠକଗଣ ! ବତ୍ରିଂଶ ଅଧ୍ୟାୟରେ ବାବାଙ୍କ ଉକ୍ତିକୁ ଏବେ ସ୍ମରଣ କରନ୍ତୁ । **କ୍ଷୁଧା ପେଟରେ ଈଶ୍ୱରଙ୍କର ଅନ୍ୱେଷଣ କରିବା ଉଚିତ ନୁହେଁ ।** ଆପ୍ପାସାହେବଙ୍କୁ ଏହି ଶିକ୍ଷା ମିଳିଲା । ନିରାଶ ହୋଇ ଘରକୁ ଫେରି ସେ ଭୋଜନ କଲେ ଓ ତାପରେ ପୁଣି ବନ୍ଧୁ ଚିତ୍ରେଙ୍କ ସହ ଉକ୍ତ ଫକିରଙ୍କ ସନ୍ଧାନରେ ବାହାରିଲେ । ଅଳ୍ପକିଛି ବାଟ ଯାଇଛନ୍ତି ବିପରୀତ ଦିଗରୁ ଜଣେ ଫକିର ଆସୁଥିବାର ଦେଖାଗଲା । ଉଲ୍ଲେଖ୍ୟ ବାହୁଲ୍ୟ ଯେ ସେହି ଫକିର ହିଁ ତାଙ୍କ ଘରକୁ ଆସିଥିଲେ । ବାବାଙ୍କ ରୂପ ସହ ତାଙ୍କର ଚେହେରାରେ ଅନେକ ସାମଞ୍ଜସ୍ୟ ଥିଲା । ଫକିରଜଣକ ହାତ ବଢ଼ାଇ ଦକ୍ଷିଣା ମାଗିଲେ । ଆପ୍ପାସାହେବ ତାଙ୍କୁ ଟଙ୍କାଟିଏ ଦେଲେ । ସେ ଆହୁରି ମାଗିଲେ । ଏଥର ଦୁଇ ଟଙ୍କା ଦେଲେ । ତଥାପି ସେ ସନ୍ତୁଷ୍ଟ ହେଲେ ନାହିଁ । ବନ୍ଧୁଙ୍କଠାରୁ ୩ ଟଙ୍କା ଧାର ଆଣି ଦେଲେ, କିନ୍ତୁ ସେ ପୁଣି ମାଗିବାକୁ ଲାଗିଲେ । ତାପରେ ଅପ୍ପାସାହେବ ତାଙ୍କୁ ଘରକୁ ଆସିବାକୁ କହିଲେ । ସମସ୍ତେ ମିଶି ଘରକୁ ଗଲେ ।

ଅପ୍ପାସାହେବ ତାଙ୍କୁ ଆଉ ୩ ଟଙ୍କା ଦେଲେ ଅର୍ଥାତ ମୋଟ ୯ ଟଙ୍କା । ତଥାପି ଫକିରଜଣକ ଅସନ୍ତୁଷ୍ଟ ଜଣାପଡୁଥିଲେ ଏବଂ ମାଗିବାରେ ଲାଗିଥିଲେ । ଅପ୍ପାସାହେବ ୧୦ ଟଙ୍କା ଦେବାକୁ କହିଥିଲେ । ତେଣୁ ତାଙ୍କଠାରୁ ୧୦ ଟଙ୍କା ନେବା ପରେ ଫକିର ସନ୍ତୁଷ୍ଟ ହେଲେ ଓ ଆଗରୁ ନେଇଥିବା ୯ ଟଙ୍କା ତାଙ୍କୁ ଫେରାଇଦେଲେ । ୯ ସଂଖ୍ୟା ବିଶେଷ ଅର୍ଥପୂର୍ଣ୍ଣ ତଥା ନବବିଧା ଭକ୍ତିର ସୂଚକ ।(୨୧ ଅଧ୍ୟାୟ ଦ୍ରଷ୍ଟବ୍ୟ) ଏହା ଉଲ୍ଲେଖନୀୟ ବିଷୟ ଯେ ଲକ୍ଷ୍ମୀବାଈଙ୍କୁ ମଧ୍ୟ ବାବା ଶେଷ ସମୟରେ ନଅ ଟଙ୍କା ଦେଇଥିଲେ ।

ଉଦି ପୁଡ଼ିଆ ଖୋଲିବାରୁ ଅପ୍ପାସାହେବ ଦେଖିଲେ ଯେ ସେଥିରେ ଫୁଲ ପାଖୁଡ଼ା ଓ କିଛି ଅକ୍ଷତ ରହିଛି । ଯେତେବେଳେ ସେ ଶିରିଡ଼ି ଗଲେ, ବାବା ତାଙ୍କୁ ତାଙ୍କର ମସ୍ତକରୁ ଗୋଟିଏ କେଶ ମଧ୍ୟ ଦେଲେ । ଉଦି ଏବଂ କେଶକୁ ଗୋଟିଏ ତାବିଜରେ ରଖି ସେ ତାହାକୁ ହାତରେ ପିନ୍ଧିଥିଲେ । ଏବେ ଉଦିର ଶକ୍ତି ଅପ୍ପାସାହେବ ଅନୁଭବ କଲେ ।

ସେ କୁଶାଗ୍ର ବୁଦ୍ଧିର ଥିଲେ । ପ୍ରଥମେ ତାଙ୍କୁ ୪୦ ଟଙ୍କା ମାସିକ ବେତନ ମିଳୁଥିଲା, କିନ୍ତୁ ବାବାଙ୍କର ଉଦି ଓ ଫଟୋ ପ୍ରାପ୍ତ ହେବା ପରେ ତାଙ୍କର ବେତନ ଦୁଇଗୁଣ ହୋଇଗଲା ତଥା ତାଙ୍କୁ ସମ୍ମାନ ଏବଂ ଯଶ ପ୍ରାପ୍ତି ହେଲା । ଏହି ଅସ୍ଥାୟୀ ଆକର୍ଷଣ ବ୍ୟତୀତ ତାଙ୍କର ଆଧ୍ୟାତ୍ମିକ ପ୍ରଗତି ମଧ୍ୟ ଦ୍ରୁତଗତିରେ ହେବାକୁ ଲାଗିଲା । ଏଣୁ **ସୌଭାଗ୍ୟବଶତଃ ଯାହା ପାଖରେ ଉଦି ଅଛି, ସିଏ ସ୍ନାନ କରିବା ପରେ ମସ୍ତକରେ ଧାରଣ କରିବା ଉଚିତ ତଥା କିଛି ଜଳ ମିଶାଇ ତୀର୍ଥ ଭଳି ଗ୍ରହଣ କରିବା ବିଧେୟ ।**

**ହରିଭାଉ କାର୍ଣ୍ଣିକ :** ୧୯୧୭ ମସିହା ଗୁରୁପୂର୍ଣ୍ଣିମାର ଶୁଭ ଅବସରରେ ଥାନେ ଜିଲା ଡହାଣୁ ଗ୍ରାମର ହରିଭାଉ କାର୍ଣ୍ଣିକ ଶିରିଡ଼ି ଆସିଲେ ତଥା ବାବାଙ୍କର ଯଥାବିଧି ପୂଜା କଲେ । ସେ ବିଭିନ୍ନ ସାମଗ୍ରୀ ତଥା ଦକ୍ଷିଣା ଆଦି ଭେଟି ଦେବା ପରେ ଫେରିବା ନିମନ୍ତେ ଶ୍ୟାମାଙ୍କ ଜରିଆରେ ବାବାଙ୍କଠାରୁ ଅନୁମତି ଭିକ୍ଷା କଲେ । ଦ୍ୱାରକାମାୟୀରୁ ସେ ଓହ୍ଲାଉଥାଆନ୍ତି, ଏହି ସମୟରେ ମନରେ ବିଚାର ଆସିଲା କି ବାବାଙ୍କୁ ଆଉ ଟଙ୍କାଟିଏ ଅର୍ପଣ କରିଥାନ୍ତେ । ପୁଣି ପଛକୁ ଫେରିବାକୁ ଇଚ୍ଛାକରି ଶ୍ୟାମାଙ୍କ ଆଡ଼କୁ ଦୃଷ୍ଟିପାତ କଲେ; କିନ୍ତୁ ଶ୍ୟାମା ଧ୍ୟାନ ଦେଲେନାହିଁ । ତାପରେ ସେ ପ୍ରସ୍ଥାନ କଲେ । ରାସ୍ତାରେ ନାସିକର କାଲାରାମ ମନ୍ଦିର ଦର୍ଶନ କରିବାକୁ ଗଲେ । ସନ୍ଥ ନରସିଂହ ମହାରାଜ, ଯିଏକି ମନ୍ଦିରର ମୁଖ୍ୟ ଦ୍ୱାର ଭିତରେ ବସୁଥାନ୍ତି, ଭକ୍ତମାନଙ୍କୁ ଛାଡ଼ି ହରିଭାଉଙ୍କ ପାଖକୁ ଆସିଗଲେ ଏବଂ ତାଙ୍କର ହାତ ଧରି କହିଲେ କି 'ମୋତେ ମୋର ଟଙ୍କାଟିଏ ଦେଇଦିଅ ।' କାର୍ଣ୍ଣିକ ଆଶ୍ଚର୍ଯ୍ୟଚକିତ ହୋଇଗଲେ ଏବଂ ଆନନ୍ଦରେ ଟଙ୍କାଟିଏ ପ୍ରଦାନ କଲେ । ବାବାଙ୍କୁ ଟଙ୍କାଟିଏ ଦେବା ପାଇଁ ସେ ଯେଉଁ ସଂକଳ୍ପ କରିଥିଲେ, ତାହା ନାସିକର ନରସିଂହ ମହାରାଜାଙ୍କ ଦ୍ୱାରା ବାବା ନେଇଗଲେ ବୋଲି ତାଙ୍କର ସ୍ପଷ୍ଟ ଅନୁଭବ ହେଲା । ଏହି କଥାରୁ ପ୍ରମାଣିତ ହେଉଛି ଯେ ସନ୍ଥ ଅଭିନ୍ନ ଅଟନ୍ତି ତଥା ସେ କୌଣସି ନା କୌଣସି ରୂପରେ ଏକସଂଗରେ କାର୍ଯ୍ୟ କରିଥାନ୍ତି ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

# ଚତୁସ୍ତ୍ରିଂଶତ୍‌(୩୪) ଅଧ୍ୟାୟ

## ଉଦିର ମହିମା(ଦ୍ୱିତୀୟ ଭାଗ) : ଦ୍ୱାରକାମାୟୀର ରୋଗ ବିନାଶକାରୀ ପାହାଚ, ଡାକ୍ତର ପିଲ୍ଲେଙ୍କ ଯନ୍ତ୍ରଣା ଓ କାଉ ଚିକିତ୍ସା

## ।। ଦ୍ୱାରକାମାୟୀର ରୋଗ ବିନାଶକାରୀ ପାହାଚ ।।

ନାସିକ ଜିଲାର ମାଲେଗାଓଁରେ ଜଣେ ଡାକ୍ତର ରହୁଥିଲେ । ତାଙ୍କର ଭଣଜା ଥରେ ଏକ ଦୁରାରୋଗ୍ୟରେ ପୀଡ଼ିତ ହେଲା । ସେ ତଥା ତାଙ୍କର ଡାକ୍ତର ବନ୍ଧୁମାନେ ସମସ୍ତ ପ୍ରକାର ଚିକିତ୍ସା କଲେ । ଏପରିକି ଶଲ୍ୟ ଚିକିତ୍ସା ମଧ୍ୟ କରାଗଲା କିନ୍ତୁ କିଛି ଫଳ ମିଳିଲା ନାହିଁ । ତାର ଯନ୍ତ୍ରଣାର ଅନ୍ତ ନଥିଲା । ବନ୍ଧୁ ଏବଂ ଆତ୍ମୀୟସ୍ୱଜନମାନେ ବାଳକର ପିତା, ମାତାଙ୍କୁ ଦୈବିକ ଉପଚାର କରିବାକୁ ପରାମର୍ଶ ଦେଇ ଶ୍ରୀ ସାଇବାବାଙ୍କର ଶରଣ ନେବାକୁ କହିଲେ, ଯିଏକି ଦୃଷ୍ଟି ମାତ୍ରକେ ଅସାଧ୍ୟ ରୋଗ ସାଧ୍ୟ କରିବା ପାଇଁ ପ୍ରଖ୍ୟାତ ଅଟନ୍ତି । ମାତା ପିତା ବାଳକକୁ ସାଂଗରେ ନେଇ ଶିରିଡ଼ି ଗଲେ । ବାବାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ଶ୍ରୀଚରଣରେ ବାଳକକୁ ଅର୍ପଣ କରିଦେଲେ ଏବଂ ବିନୟ ତଥା ଆଦରପୂର୍ବକ ପ୍ରାର୍ଥନା କରି କହିଲେ 'ପ୍ରଭୁ, ଆମ ଉପରେ ଦୟା କର । ଆପଣଙ୍କର ସଂକଟମୋଚନ ନାମ ଶୁଣି ଆମେ ଏଠାକୁ ଆସିଛୁ । ଦୟା କରି ଏହି ବାଳକକୁ ରକ୍ଷା କରନ୍ତୁ । ପ୍ରଭୁ ! ଆମର ତ କେବଳ ଆପଣ ହିଁ ଭରସା !

ଏପରି କରୁଣ ପ୍ରାର୍ଥନା ଶୁଣି ବାବାଙ୍କ ମନରେ ଦୟା ଆସିଗଲା ଏବଂ ସେ ସାନ୍ତ୍ୱନା ଦେଇ କହିଲେ **'ଯିଏ ଏହି ମସଜିଦ୍‌ର ପାହାଚ ଚଢ଼ିବ୍, ଜୀବନପର୍ଯ୍ୟନ୍ତ ତା'ର କୌଣସି ଦୁଃଖ ହେବ ନାହିଁ । ଚିନ୍ତା କର ନାହିଁ, ଏହି ଉଦି ନେଇ ତାର ରୋଗଗ୍ରସ୍ତ ସ୍ଥାନରେ ଲଗାଇଦିଅ । ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, ସପ୍ତାହ ଶେଷରେ ସେ ସୁସ୍ଥ ହୋଇଯିବ । ଏହା ମସଜିଦ୍ ନୁହେଁ, ଏହା ତ ଦ୍ୱାରକାବତୀ ଏବଂ ଯିଏ ଏହାର ପାହାଚ ଚଢ଼ିବ, ତାକୁ ସୁଖ ଏବଂ ସ୍ୱାସ୍ଥ୍ୟ ପ୍ରାପ୍ତ ହେବ ତଥା ତାହାର କଷ୍ଟ ଓ ଦୁଃଖର ଅନ୍ତ ହୋଇଯିବ ।** ବାଳକଟିକୁ ବାବା ସମ୍ମୁଖରେ ବସାଇବାକୁ କହିଲେ । ଏହାପରେ ତାର ରୋଗଗ୍ରସ୍ତ ସ୍ଥାନରେ ତାଙ୍କର କାରୁଣିକ ହାତ ସ୍ପର୍ଶକରି ଦୟାପୂର୍ଣ୍ଣ ଦୃଷ୍ଟିରେ ବାଳକଟିକୁ ନିରୀକ୍ଷଣ କଲେ । ଆଶ୍ଚର୍ଯ୍ୟ ବିଷୟ ଏବେ ରୋଗୀର ଶରୀରରେ ଏକପ୍ରକାର ଚମକ ଖେଳିଗଲା ଏବଂ ଉଦି ଲେପ ଦ୍ୱାରା କିଛି ସମୟରେ ସେ ସୁସ୍ଥ ହୋଇଗଲା । ମାତା, ପିତା ଆନନ୍ଦରେ ଗଦ୍ ଗଦ୍ ହୋଇ ବାବାଙ୍କ ପ୍ରତି ଅଶେଷ କୃତଜ୍ଞତା ପ୍ରକାଶ କରି ବାଳକକୁ ଧରି ସ୍ୱଗୃହ ପ୍ରତ୍ୟାବର୍ତ୍ତନ କଲେ ।

ଏହି ଲୀଳା ଶୁଣି ବାଳକର ମାମୁ, ଯିଏ ଜଣେ ଡାକ୍ତର ଥିଲେ, ବିସ୍ମିତ ହୋଇଗଲେ ଏବଂ ତାଙ୍କ ମନରେ ମଧ୍ୟ ବାବାଙ୍କ ଦର୍ଶନ ପାଇଁ ତୀବ୍ର ଉତ୍କଣ୍ଠା ଜାତ ହେଲା । ଏହି ସମୟରେ ସେ ଯେତେବେଳେ କାର୍ଯ୍ୟବଶତଃ ମୁମ୍ୱଇ ଯାଉଥିଲେ ମାଲେଗାଓଁ ଓ ମନମାଡ଼ ନିକଟରେ କେହି ଜଣେ ବାବାଙ୍କ ବିରୁଦ୍ଧରେ ତାଙ୍କୁ କିଛି କହିଦେଲେ । ଏହା ପରେ ସେ ଶିରିଡ଼ି ଯିବା ବିଚାର ପରିତ୍ୟାଗ କରି ମୁମ୍ୱଇ ଫେରିଗଲେ । ସେ ତାଙ୍କର ଶେଷ ଛୁଟି ଆଲିବାଗରେ କଟାଇବାକୁ ସ୍ଥିର କରିଥିଲେ କିନ୍ତୁ ମୁମ୍ୱଇରେ କ୍ରମାଗତ ତିନି ରାତି ସେ ଗୋଟିଏ ଧ୍ୱନି ଶୁଣିବାକୁ ପାଇଲେ 'କ'ଣ ତୁମେ ମୋତେ ଅବିଶ୍ୱାସ କରୁଛ ?' ଏହାପରେ ପୂର୍ବ ନିଷ୍ପତ୍ତି ପରିବର୍ତ୍ତନ କରି ସେ ଶିରିଡ଼ି ଯିବାକୁ ସ୍ଥିର କଲେ । ତେବେ ମୁମ୍ୱଇରେ ତାଙ୍କର ଜଣେ ରୋଗୀ ସଂକ୍ରାମକ ଜ୍ୱରରେ ପୀଡ଼ିତ ଥିଲା ତଥା ରୋଗ ଛାଡ଼ିବାର ଲକ୍ଷଣ ଦେଖାଯାଉନଥିଲା । ତେଣୁ ସେ ଯିବା ନେଇ ପୁଣି ଦ୍ୱନ୍ଦ୍ୱରେ ରହିଲେ ଏବଂ ଭାବିଲେ ଯେ ଏଥିଯୋଗୁ ହୁଏତ ତାଙ୍କୁ ଗସ୍ତ ସ୍ଥଗିତ ରଖିବାକୁ ହୋଇପାରେ । ପୁଣି ମନଭିତରେ ପରୀକ୍ଷା କଲେ ଯେ ଯଦି ସତରେ ବାବାଙ୍କର ଶକ୍ତି ଥିବ, ତାହେଲେ ରୋଗୀଟି ଭଲ ହୋଇଯିବ ଏବଂ ଆସନ୍ତାକାଲି ସେ ଶିରିଡ଼ି ଯିବେ । ଆଶ୍ଚର୍ଯ୍ୟର କଥା ଯେଉଁ ସମୟରେ ତାଙ୍କ ମନକୁ ଏକଥା ଆସିଛି, ସେହି ସମୟରୁ ଜ୍ୱର ଛାଡ଼ିବାକୁ ଲାଗିଲା ଏବଂ ତାପମାତ୍ରା କ୍ରମଶଃ ହ୍ରାସ ପାଇ ସ୍ୱାଭାବିକ ଅବସ୍ଥା ଆସିଗଲା । ଏହାପରେ ସେ ପ୍ରତିଜ୍ଞା ଅନୁସାରେ ଶିରିଡ଼ି ବାହାରିଲେ ଏବଂ ବାବାଙ୍କୁ ଦର୍ଶନ କରି ସାଷ୍ଟାଙ୍ଗ ପ୍ରଣାମ କଲେ । ବାବା ତାଙ୍କୁ ଏପରି କିଛି ଅନୁଭବ ଦେଲେ, ଯେଉଁଥିପାଇଁ ସେ ସବୁଦିନ ପାଇଁ ତାଙ୍କର ଭକ୍ତ ହୋଇଗଲେ । ଡାକ୍ତର ସେଠାରେ ଚାରିଦିନ ରହିଲେ ଏବଂ ଉଦି ତଥା ଆଶୀର୍ବାଦ ନେଇ ଘରକୁ ଫେରିଲେ । ଗୋଟିଏ ପକ୍ଷରେ ତାଙ୍କର ପଦୋନ୍ନତି ହୋଇ ବିଜାପୁରକୁ ବଦଳି ହେଲା । ଭଣଜାର ରୋଗମୁକ୍ତି ତାଙ୍କୁ ବାବାଙ୍କ ଦର୍ଶନର ସୌଭାଗ୍ୟ ଆଣିଦେଲା ଏବଂ ଶିରିଡ଼ି ଯାତ୍ରା ଶ୍ରୀ ସାଇ ଚରଣରେ ପ୍ରଗାଢ଼ ଭକ୍ତି ଉତ୍ପନ୍ନ କଲା ।

## ।। ଡାକ୍ତର ପିଲ୍ଲେଙ୍କ ଯନ୍ତ୍ରଣା ଓ କାଉ ଚିକିତ୍ସା ।।

ଡାକ୍ତର ପିଲ୍ଲେ ବାବାଙ୍କର ଏକନିଷ୍ଠ ଭକ୍ତ ଥିଲେ । ଏହି କାରଣରୁ ବାବା ତାଙ୍କୁ ଖୁବ୍ ସ୍ନେହ କରୁଥିଲେ ଏବଂ ସର୍ବଦା 'ଭାଉ(ଭାଇ)' କହି ସମ୍ବୋଧନ କରୁଥିଲେ । ସବୁ ସମୟରେ ତାଙ୍କ ସହିତ ବାର୍ତ୍ତାଳାପ କରୁଥିଲେ ତଥା ପ୍ରତ୍ୟେକ ବିଷୟରେ ତାଙ୍କର ପରାମର୍ଶ ନେଉଥିଲେ । ପିଲ୍ଲେଙ୍କର ମଧ୍ୟ ଏହି ଇଚ୍ଛା ଥିଲା ଯେ ସେ ସର୍ବଦା ବାବାଙ୍କ ପାଖରେ ରହିଥିବେ । ଥରେ ଡାକ୍ତର ପିଲ୍ଲେଙ୍କର ବାଳମୂଳିଆ ରୋଗ ଛାଡ଼ିବାର ନାଁ ଧରିଲା ନାହିଁ । ସେ କାକାସାହେବ ଦୀକ୍ଷିତଙ୍କୁ କହିଲେ ତାଙ୍କର ଅସହ୍ୟ ପୀଡ଼ା ହେଉଛି ଏବଂ ଜୀବନଠାରୁ ମୃତ୍ୟୁକୁ ଏବେ ସେ ଶ୍ରେୟସ୍କର ମନେ କରୁଛନ୍ତି । 'ମୁଁ ଜାଣୁଛି ଯେ ଏହା ମୋର ପୂର୍ବ ଜନ୍ମର କର୍ମ । ତେବେ ବାବାଙ୍କ ପାଖକୁ ଯାଇ କୁହ ଯେ ସେ ମୋର

ଏହି ପୀଡ଼ା ଦୂର କରନ୍ତୁ । ମୁଁ ମୋର ଗତ ଜନ୍ମର କର୍ମକୁ ଆସନ୍ତା ଦଶ ଜନ୍ମ ପର୍ଯ୍ୟନ୍ତ ଭୋଗିବାକୁ ପ୍ରସ୍ତୁତ ଅଛି । ତାପରେ କାକା ଦୀକ୍ଷିତ ବାବାଙ୍କ ପାଖକୁ ଯାଇ ଏହି ପ୍ରାର୍ଥନା ଜଣାଇଲେ । ସାଇ ତ ଦୟାର ଅବତାର । ସେ ତାଙ୍କର ଭକ୍ତମାନଙ୍କର କଷ୍ଟ କିପରି ସହିଥାନ୍ତେ ? ବାବାଙ୍କ ମନରେ ଦୟା ଆସିଗଲା ଏବଂ ସେ ଦୀକ୍ଷିତଙ୍କୁ କହିଲେ 'ପିଲ୍ଲେକୁ ଯାଇ କୁହ ବ୍ୟସ୍ତ ହେବାର କିଛି ନାହିଁ । ଗତ କର୍ମର ଫଳ ଦଶ ଜନ୍ମରେ କାହିଁକି ଦଶ ଦିନରେ ସମାପ୍ତ ହୋଇଯିବ । ମୁଁ ତ ଏଠାରେ ତୁମକୁ ଧାର୍ମିକ ଏବଂ ଆଧ୍ୟାତ୍ମିକ କଲ୍ୟାଣ ପ୍ରଦାନ ପାଇଁ ବସିଛି । ପ୍ରାଣତ୍ୟାଗ ଇଚ୍ଛା କଦାପି କରିବା ଉଚିତ ନୁହେଁ । ଯାଅ, କାହାର ପିଠି ଉପରେ ବସାଇ ତାକୁ ଏଠାକୁ ନେଇଆସ । ମୁଁ ସବୁଦିନ ପାଇଁ ତାକୁ କଷ୍ଟରୁ ମୁକ୍ତ କରିଦେବି ।

ସେହି ଅବସ୍ଥାରେ ପିଲ୍ଲେଙ୍କୁ ଅଣାଗଲା । ବାବା ତାଙ୍କର ଡାହାଣ ପାର୍ଶ୍ୱରେ ଏବଂ ମୁଣ୍ଡତଳେ ଗଦି ପକାଇ ତାଙ୍କର ସୁଖ ଶୟନ ବ୍ୟବସ୍ଥା କଲେ ଏବଂ କହିଲେ- ଏହାର ମୁଖ୍ୟ ଔଷଧ ହେଉଛି ଗତ ଜନ୍ମର କର୍ମଫଳ ଭୋଗ କରିଦେବା ଉଚିତ । ଏହାଦ୍ୱାରା ସବୁଦିନ ପାଇଁ ମୁକ୍ତ ହୋଇଯିବ । ଆମର କର୍ମ ହିଁ ସୁଖଦୁଃଖର କାରଣ ହୋଇଥାଏ, ଏଣୁ ଯେପରି ପରିସ୍ଥିତି ଆସୁନା କାହିଁକି ସେଥିରେ ସନ୍ତୁଷ୍ଟ ରହିବା ଉଚିତ । ଆଲ୍ଲା ସମସ୍ତଙ୍କର ଫଳଦାତା ଓ ରକ୍ଷାକର୍ତ୍ତା ଅଟନ୍ତି । ଏପରି ବିଚାର କରି ସର୍ବଦା ତାଙ୍କର ସ୍ମରଣ କର । ସେ ତୁମର ଚିନ୍ତା ଦୂର କରିଦେବେ । ତନ-ମନ-ଧନ ଏବଂ ବଚନ ଦ୍ୱାରା ତାଙ୍କର ଅନନ୍ୟ ଶରଣରେ ଯାଅ, ଆଉ ଦେଖ ସେ କ'ଣ କରୁଛନ୍ତି । ଡାକ୍ତର ପିଲ୍ଲେ କହିଲେ ଯେ ନାନାସାହେବ ମୋର ଗୋଡ଼ରେ ଗୋଟିଏ ପଟି ବାନ୍ଧିଥିଲେ, କିନ୍ତୁ ସେଥିରେ କିଛି ଉପଶମ ହେଲା ନାହିଁ । 'ନାନା ମୂର୍ଖ'-ଏହା କହି ବାବା ସେହି ପଟିଟି ହଟାଇଦେବାକୁ କହିଲେ । ତାପରେ କହିଲେ 'କିଛି ସମୟ ପରେ ଗୋଟିଏ କାଉ ଆସି ଖୁମ୍ପିବ, ତାପରେ ତୁ ଭଲ ହୋଇଯିବୁ ।'

ଏହି ସମୟରେ ଅବଦୁଲ ମସଜିଦ୍‌ରେ ପହଞ୍ଚିଲେ । ଝାଡୁ ମାର୍ଜନା, ଦୀପ, ବତି ସଜାଡ଼ିବା ଆଦି ତାଙ୍କର ନିୟମିତ କାମ ଥିଲା । ସେ ଦୀପ, ବତୀ ସଜାଡ଼ିବାକୁ ଯାଉଛନ୍ତି ଏହି ସମୟରେ ହଠାତ୍ ତାଙ୍କର ଗୋଡ଼ ଡାକ୍ତର ପିଲ୍ଲେଙ୍କ କ୍ଷତ ସ୍ଥାନରେ ପଡ଼ିଗଲା । ଗୋଡ଼ ତ ଫୁଲି ପଚିଥିଲା ଓ ପୂଜରେ ଭର୍ତ୍ତି ହୋଇଯାଇଥିଲା, ଅବଦୁଲ ମାଡ଼ିଦେବାରୁ ଫୁଲା ଅଂଶ ତ ଦବିଗଲା, ପୂଜ ଏବଂ ସେହି କ୍ଷତସ୍ଥାନରୁ ସାତଟି ବାଳମୂଳିଆ ମଞ୍ଜି ଏକସଂଗେ ବାହାରିଆସିଲା । କିନ୍ତୁ ସେହି ମୁହୂର୍ତ୍ତର ଯନ୍ତ୍ରଣା ଅସହ୍ୟ ହୋଇପଡ଼ିଲା ଏବଂ ଡାକ୍ତର ପିଲ୍ଲେ ବଡ଼ ପାଟିରେ ଚିତ୍କାର କରିବାକୁ ଲାଗିଲେ । କିଛି ସମୟ ପରେ ସେ ଅବଶ୍ୟ ଶାନ୍ତ ହେଲେ ଏବଂ ଆରାମ ଅନୁଭବ କରି ଗୀତ ଗାଇଲେ । ଏହାପରେ ବାବା କହିଲେ 'ଦେଖ, ଭାଉ ଏବେ ଭଲ ହୋଇଗଲା ଏବଂ ଗୀତ ଗାଉଛି । ଗୀତଟି ଏପରି ଥିଲା-

କରମ କର ମେରେ ହାଲ ପର ତୁ କରିମ୍ ।
ତେରା ନାମ୍ ରହମାନ ହେ ଔର ରହିମ୍ ।
ତୁ ହି ଦୋନୋଁ ଆଲମ କା ସୁଲତାନ ହୈ ।
ଜହାଁ ମେ ନୁମାୟାଁ ତେରି ଶାନ୍ ହୈ ।
ଫନା ହୋନେ ବାଲା ସବ କାରୋବାର ।
ରହେ ନୁର ତେରା ସଦା ଆଶକାର ।
ତୁ ଆସିକ କା ହରଦମ ମଦଦଗାର ହୈ ।

ଡାକ୍ତର ପିଲ୍ଲେ ପଚାରିଲେ ଯେ 'ସେ କାଉ କ'ଣ ଏବେ ଆସିବ ଓ ଖୁମ୍ପିବ ?' ବାବା କହିଲେ 'ତୁମେ କ'ଣ କାଉକୁ ଦେଖିଲ ନାହିଁ ? ସେ ଆଉ ଆସିବ ନାହିଁ । ଅବଦୁଲ, ଯିଏ ତୁମର ଗୋଡ଼ ଉପରେ ଚଢ଼ିଗଲା, ସେ ତ କାଉ ଥିଲା । ସେ ତୁମର ପୀଡ଼ାକୁ ହଟାଇଦେଲା । ଆଉ କାଉ କାହିଁକି ଆସିବ ? ଏବେ ଯାଇ ୱାଡ଼ାରେ ବିଶ୍ରାମ କର । ଶୀଘ୍ର ଭଲ ହୋଇଯିବ ।'

ଉଦି ଲଗାଇବାରୁ ଏବଂ ପାଣି ସହ ମିଶାଇ ପିଇବାରୁ କୌଣସି ଔଷଧ ବିନା ଦଶ ଦିନ ପରେ ସେ ନିରୋଗ ହୋଇଗଲେ, ଯେପରି କି ବାବା ତାଙ୍କୁ କହିଥିଲେ ।

## ।। ମୃତ ସଂଜୀବନୀ ଉଦି ।।

ସାବଲି ବିହିର ଗ୍ରାମ ନିକଟରେ ଭକ୍ତ ଶ୍ୟାମାଙ୍କର ସାନ ଭାଇ ବାପାଜୀ ରହୁଥିଲେ । ଥରେ ତାଙ୍କର ପତ୍ନୀ ପ୍ଲେଗ ରୋଗରେ ଆକ୍ରାନ୍ତ ହେଲେ । ଭୀଷଣ ଜ୍ୱର ହେଲା ଏବଂ ଜଂଘରେ ଦୁଇଟି ବଥ ବାହାରିଲା । ବାପାଜୀ ବ୍ୟସ୍ତ ହୋଇ ଶ୍ୟାମାଙ୍କ ପାଖକୁ ଗଲେ ଏବଂ ଘରକୁ ଆସିବାକୁ ଅନୁରୋଧ କଲେ । ଶ୍ୟାମା ମଧ୍ୟ ଛାନିଆ ହୋଇଗଲେ । ସବୁବେଳ ପରି ସେ ବାବାଙ୍କ ନିକଟକୁ ଯାଇ ପ୍ରଣାମ କଲେ, ସହାୟତା ପାଇଁ ପ୍ରାର୍ଥନା କଲେ ତଥା ଭାଇଙ୍କ ଘରକୁ ଯିବାକୁ ଅନୁମତି ଭିକ୍ଷାକଲେ । ବାବା କହିଲେ 'ରାତି ହୋଇଛି । ଏବେ କୁଆଡ଼େ ଯିବ ? ଉଦି ପଠାଇଦିଅ । ଜ୍ୱର ଆଉ ବଥ ଚିନ୍ତା କରୁଛ କାହିଁକି ? ଭଗବାନ ହେଉଛନ୍ତି ପିତା ଓ ସ୍ୱାମୀ । ସେ ଶୀଘ୍ର ସୁସ୍ଥ ହୋଇଯିବ । ଏବେ ଯାଅ ନାହିଁ । ସକାଳେ ଯିବ ଏବଂ ଶୀଘ୍ର ଫେରିଆସିବ ।'

ଶ୍ୟାମାଙ୍କର ମୃତ ସଂଜୀବନୀ 'ଉଦି' ଉପରେ ଅଗାଧ ବିଶ୍ୱାସ ଥିଲା । ବାପାଜୀଙ୍କ ହାତରେ ଉଦି ଦେଇ ସେ ପଠାଇଦେଲେ । କିଛି ଉଦି ବଥ ସ୍ଥାନରେ ଏବଂ ମଥାରେ ବାପାଜୀ ଲଗାଇଦେଲେ ତଥା ଆଉ କିଛି ପାଣିରେ ମିଶାଇ ରୋଗୀକୁ ପିଇବାକୁ ଦେଲେ । ଯେମିତି ସେ ପିଇଛନ୍ତି, ଝାଳ ବୋହିବାକୁ ଲାଗିଲା, ଜ୍ୱର ଉଣା ହୋଇଚାଲିଲା ଏବଂ ରୋଗୀ ଗାଢ଼ ନିଦ୍ରାରେ ଶୋଇଗଲା । ପରଦିନ ପତ୍ନୀ ସୁସ୍ଥ ହୋଇଯିବା ଦେଖି ବାପାଜୀ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ନା ଜ୍ୱର ନା ବଥର ଚିହ୍ନ ଥିଲା । ପରଦିନ ଶ୍ୟାମା ବାବାଙ୍କର

ଅନୁମତି ନେଇ ପହଞ୍ଚିଲାବେଳକୁ ଭାଇବୋହୂ ଚା' କରୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ବାବାଙ୍କର ଉଦି ଗୋଟିଏ ରାତିରେ ହିଁ ରୋଗକୁ ସମୂଳ ନଷ୍ଟ କରିଦେଲା ବୋଲି ଭାଇ ଜଣାଇଲେ । ଏହାପରେ 'ସକାଳେ ଯିବ ଏବଂ ଶୀଘ୍ର ଫେରିଆସିବ'– ବାବାଙ୍କ ଏହି ଉକ୍ତିର ତାତ୍ପର୍ଯ୍ୟ ଶ୍ୟାମା ହୃଦବୋଧ କରିନେଲେ ।

ଚା' ପିଇ ଶ୍ୟାମା ଫେରିଆସିଲେ ଏବଂ ବାବାଙ୍କୁ ପ୍ରଣାମ କରିବା ପରେ କହିଲେ କି 'ହେ, ଦେବା ! ଏ କି ନାଟକ ? ପ୍ରଥମେ ଝଡ଼ ଉଠାଇ ଆମକୁ ଅଶାନ୍ତ କରିଦେଉଛନ୍ତି, ପୁଣି ଆମର ସହାୟତା କରି ସବୁ ଠିକ୍ଠାକ୍ କରୁଛନ୍ତି ।' ବାବା କହିଲେ 'ତୁମେ ଜାଣିବା ଉଚିତ କର୍ମ ପଥ ବଡ଼ ରହସ୍ୟପୂର୍ଣ୍ଣ । ଯଦିଓ ମୁଁ କିଛି ବି କରେ ନାହିଁ, ତଥାପି ଲୋକେ କର୍ମ ପାଇଁ ମୋତେ ଦୋଷୀ ମନେ କରୁଛନ୍ତି । ମୁଁ ଦର୍ଶକ ମାତ୍ର । **କେବଳ ଈଶ୍ୱର ହିଁ ଏକ ସତ୍ତାଧାରୀ ଏବଂ ପ୍ରେରଣାଦାତା ଅଟନ୍ତି ।** ସେ ପରମ ଦୟାଳୁ । **ମୁଁ ନା ଈଶ୍ୱର, ନା ମାଲିକ, କେବଳ ତାଙ୍କର ଏକ ଆଜ୍ଞାକାରୀ ସେବକ ଏବଂ ସର୍ବଦା ତାଙ୍କର ସ୍ମରଣ କରିଥାଏ । ଯିଏ ନିରଭିମାନ ହୋଇ ନିଜକୁ କୃତଜ୍ଞ ମନେ କରି ତାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ କରିବ, ତାର ସମସ୍ତ କଷ୍ଟ ଦୂର ହୋଇଯିବ ଏବଂ ସିଏ ମୁକ୍ତି ପ୍ରାପ୍ତ ହେବ ।'**


**ଇରାନୀ କନ୍ୟା :** ଏବେ ଜଣେ ଇରାନୀ ଭଦ୍ରବ୍ୟକ୍ତିଙ୍କର ଅନୁଭବ ଶୁଣନ୍ତୁ । ତାଙ୍କର ଟିକି କନ୍ୟାଟି ଘଣ୍ଟାକୁ ଘଣ୍ଟା ମୂର୍ଚ୍ଛା ହୋଇପଡୁଥିଲା । ତାର ଦାନ୍ତ ଭିଡ଼ିମାଡ଼ି ହେଉଥିଲା । ହାତ ଗୋଡ଼ ସଂକୁଚିତ ହୋଇଯାଉଥିଲା ଏବଂ ବେହୋସ ହୋଇ ଭୂମି ଉପରେ ଲୋଟିପଡୁଥିଲା । ନାନା ପ୍ରକାର ଉପଚାର ପରେ ମଧ୍ୟ ଯେତେବେଳେ ତା'ର କୌଣସି ଲାଭ ହେଲା ନାହିଁ, କିଛି ଲୋକ ସେହି ଇରାନୀ ଭଦ୍ରବ୍ୟକ୍ତିଙ୍କୁ ବାବାଙ୍କ ଉଦିର ମହିମା ସମ୍ପର୍କରେ କହିଲେ ଏବଂ ଭିଲେପାର୍ଲେର କାକାସାହେବ ଦୀକ୍ଷିତଙ୍କ ପାଖରୁ ତାହା ଉପଲବ୍ଧ ହେବ ବୋଲି ଜଣାଇଲେ । ତାପରେ ଇରାନୀ ମହାଶୟ ସେଠାରୁ ଉଦି ଆଣି ପାଣିରେ ଗୋଳାଇ ତାଙ୍କର କନ୍ୟାକୁ ପିଇବାକୁ ଦେଲେ । ପ୍ରଥମେ ଯେଉଁ ମୂର୍ଚ୍ଛା ପ୍ରତି ଘଣ୍ଟାରେ ହେଉଥିଲା ତାହା ଏଣିକି ସାତ ଘଣ୍ଟା ଅନ୍ତରରେ ହେବାକୁ ଲାଗିଲା ଏବଂ କିଛିଦିନ ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲା ।

**ହରଦାଙ୍କ ମହାନୁଭବତା :** ହରଦାର ଜଣେ ବ୍ୟକ୍ତିଙ୍କର ପେଟରେ ପଥର ରହିଯାଇଥିବାରୁ ବଡ଼ କଷ୍ଟ ପାଉଥିଲେ । ସାଧାରଣତଃ ଶଲ୍ୟ ଚିକିତ୍ସା ଦ୍ୱାରା ଏହା ଭଲ ହୋଇଥାଏ । ଲୋକମାନେ ମଧ୍ୟ ତାଙ୍କୁ ଏହି ପରାମର୍ଶ ଦେଲେ । ସେ ଅତି ଦୁର୍ବଳ ତଥା ବୃଦ୍ଧ ବୟସରେ ପହଞ୍ଚିଥିଲେ । ତେଣୁ ତାଙ୍କର ଦୁର୍ବଳ ସ୍ୱାସ୍ଥ୍ୟ ଦେଖି ତାଙ୍କର ଶଲ୍ୟ ଚିକିତ୍ସା କରିବାକୁ କୌଣସି ଡାକ୍ତର ଆଗ୍ରହ ପ୍ରକାଶ କରୁନଥିଲେ । ଏହି ଅବସ୍ଥାରେ ତାଙ୍କର ବ୍ୟାଧିର ଚିକିତ୍ସା କିପରି ହୋଇଥାନ୍ତା ? ଏହି ସମୟରେ ସହରର ଇନାମଦାର ସେଠାକୁ ଆସିଲେ । ସେ ବାବାଙ୍କର ପରମ ଭକ୍ତ ଥିଲେ ତଥା ତାଙ୍କ ପାଖରେ ଉଦି

ଥିଲା । କିଛି ବନ୍ଧୁଙ୍କର ପରାମର୍ଶକ୍ରମେ ତାଙ୍କର ପୁତ୍ର କିଛି ଉଦି ନେଇ ପାଣିରେ ମିଶାଇ ତାର ବୃଦ୍ଧ ପିତାଙ୍କୁ ପିଆଇଲା । ମାତ୍ର ପାଞ୍ଚ ମିନିଟ୍‌ରେ ଉଦି ପେଟକୁ ଯିବା ମାତ୍ରେ ପଥର ମଳମୂତ୍ର ଦ୍ୱାର ଦେଇ ବାହାରିଗଲା ଏବଂ ସେ ସୁସ୍ଥ ହେଲେ ।

**ମୁମ୍ବଇର ମହିଳାଙ୍କ ପ୍ରସବ ପୀଡ଼ା :** ମୁମ୍ବଇର କାୟସ୍ଥ ପ୍ରଭୁ ଜାତିର ଜଣେ ମହିଳା ପ୍ରସବ ସମୟରେ ଅସହ୍ୟ ଯନ୍ତ୍ରଣା ଭୋଗ କରୁଥିଲେ । ଯେତେବେଳେ ସେ ଗର୍ଭଧାରଣ କରୁଥିଲେ, ବଡ଼ ଚିନ୍ତିତ ହୋଇପଡୁଥିଲେ ଏବଂ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଉଥିଲେ । ତାଙ୍କର ଜଣେ ବନ୍ଧୁ ଶ୍ରୀରାମ ମାରୁତି ତାଙ୍କର ଏହି ଅବସ୍ଥା ଦେଖି ତାଙ୍କୁ ଶିରିଡ଼ି ନେବାକୁ ତାଙ୍କ ସ୍ୱାମୀଙ୍କୁ ପରାମର୍ଶ ଦେଲେ । ସେ ଯେତେବେଳେ ପୁଣି ଗର୍ଭବତୀ ହେଲେ ଉଭୟ ପତି-ପତ୍ନୀ ଶିରିଡ଼ି ଆସି ରହିଲେ । ବାବାଙ୍କର ନିତ୍ୟ ସେବା କଲେ ତଥା ସତ୍‌ସଙ୍ଗରେ ଯୋଗଦେଲେ । କିଛିଦିନ ପରେ ଯେତେବେଳେ ପ୍ରସବ ସମୟ ପାଖେଇ ଆସିଲା, ସବୁବେଳ ପରି ଗର୍ଭାଶୟ ଦ୍ୱାର ବନ୍ଦ ହେବା ସହ ପ୍ରବଳ ଯନ୍ତ୍ରଣା ହେବାକୁ ଲାଗିଲା । ସେ ବୁଝିପାରୁନଥିଲେ କ'ଣ କରିବେ । କିଛି ସମୟ ପରେ ଜଣେ ପଡ଼ୋଶୀ ମହିଳା ପହଞ୍ଚିଲେ । ବାବାଙ୍କୁ ଧ୍ୟାନକରି କିଛି ଉଦି ହାତରେ ଧରିଲେ ଏବଂ ପାଣିରେ ମିଶାଇ ସେହି ଉଦିପାଣି ପିଇବାକୁ ଦେଲେ । ପାଞ୍ଚ ମିନିଟ ହୋଇଛି କି ନାହିଁ ବିନା କଷ୍ଟରେ ତାଙ୍କର ପ୍ରସବ ହୋଇଗଲା । ଶିଶୁ ତ ତା'ର ଭାଗ୍ୟାନୁସାରେ ଉତ୍ପନ୍ନ ହେଲା; କିନ୍ତୁ ତା'ର ମାଆର ପୀଡ଼ା ଓ କଷ୍ଟ ସବୁଦିନ ନିମନ୍ତେ ଦୂର ହୋଇଗଲା । ସେ ନିଜକୁ ବାବାଙ୍କ ନିକଟରେ ବଡ଼ କୃତଜ୍ଞ ମନେ କଲେ ଏବଂ ଆଜୀବନ ତାଙ୍କର ଶରଣାଗତ ହୋଇ ରହିଲେ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



## । । ପଞ୍ଚତ୍ରିଂଶତ୍ (୩୫) ଅଧ୍ୟାୟ । ।

### ବାବାଙ୍କ ଦର୍ଶନ ପାଇଁ ସର୍ତ୍ତ, ବାବାଙ୍କ ପରୀକ୍ଷା ଯୋଜନା, ସର୍ପରୂପୀ ବାବା

ଏହି ଅଧ୍ୟାୟରେ ମଧ୍ୟ ଉଦିର ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି । ଏହା ସହ ଏପରି ଦୁଇଟି ଘଟଣାର ଉଲ୍ଲେଖ କରାଯାଇଛି କି ବାବା ଦକ୍ଷିଣା ନେବାକୁ ଅସ୍ୱୀକାର କରିଛନ୍ତି ଓ ଦ୍ୱିତୀୟରେ ତାଙ୍କୁ ପରୀକ୍ଷା କରିବାକୁ ଚେଷ୍ଟା କରାଯାଇଛି । ପ୍ରଥମେ ପରୀକ୍ଷା ବିଷୟ ବର୍ଣ୍ଣନା କରିବା ।

ଆଧ୍ୟାତ୍ମିକ କ୍ଷେତ୍ରରେ ସାମ୍ପ୍ରଦାୟିକ ମନୋବୃତ୍ତି ବଡ଼ ପ୍ରତିବନ୍ଧକ । ନିରାକାରବାଦୀମାନେ ଈଶ୍ୱରଙ୍କ ସଗୁଣ ଉପାସନା ଏକ ଭ୍ରମ ଏବଂ ସନ୍ଥମାନେ ମଧ୍ୟ ସାଧାରଣ ବ୍ୟକ୍ତି ସଦୃଶ ବୋଲି କହିଥାନ୍ତି । ଏହି କାରଣରୁ ତାଙ୍କର ଚରଣ ବନ୍ଦନା କରି ତାଙ୍କୁ ଦକ୍ଷିଣା ଦେବା କି ପ୍ରୟୋଜନ ? ଅନ୍ୟାନ୍ୟ ମତାବଲମ୍ବୀମାନଙ୍କର ମଧ୍ୟ ଏହି ମତ ଯେ ନିଜର ସଦ୍‌ଗୁରୁ ବ୍ୟତୀତ ଅନ୍ୟ କୌଣସି ସନ୍ଥଙ୍କୁ ପ୍ରଣାମ ବା ଭକ୍ତି କରିବା ଉଚିତ ନୁହେଁ । ଏହି ପ୍ରକାର ଅନେକ ଆଲୋଚନା, ସମାଲୋଚନା ସାଇବାବାଙ୍କ ବିଷୟରେ ଆଗରୁ ହୋଇସାରିଛି ଏବଂ ଏବେ ମଧ୍ୟ ଶୁଣିବାକୁ ମିଳୁଛି । କାହାର କାହାର ଅଭିଯୋଗ ଥିଲା ଯେ ଆମେ ଯେତେବେଳେ ଶିରିଡ଼ି ଗଲୁ, ବାବା ଦକ୍ଷିଣା ମାଗିଲେ । ଏପରି ଦକ୍ଷିଣା ମାଗିବା ଜଣେ ସନ୍ଥଙ୍କ ପକ୍ଷରେ ଶୋଭନୀୟ କି ? ଯେତେବେଳେ ସେ ଏ ପ୍ରକାର ଆଚରଣ କରୁଛନ୍ତି, ତାଙ୍କର ସାଧୁ ଧର୍ମ ରହିଲା କେଉଁଠି ? କିନ୍ତୁ ଏପରି କେତେକ ଘଟଣା ମଧ୍ୟ ପରିଲକ୍ଷିତ ହୋଇଛି, ଯେଉଁ ଲୋକମାନେ ଶିରିଡ଼ି ଯାଇ ଅବିଶ୍ୱାସ କରି ବାବାଙ୍କୁ ଦର୍ଶନ କରିଛନ୍ତି, ସେମାନେ ହିଁ ସର୍ବପ୍ରଥମେ ତାଙ୍କୁ ପ୍ରଣାମକରି ପ୍ରାର୍ଥନା କରିଛନ୍ତି । ଏପରି କିଛି ଉଦାହରଣ ନିମ୍ନରେ ଦିଆଗଲା ।

### । । ବାବାଙ୍କ ଦର୍ଶନ ପାଇଁ ସର୍ତ୍ତ । ।

କାକା ମହାଜନୀଙ୍କର ବନ୍ଧୁ ନିରାକାରବାଦୀ ତଥା ମୂର୍ତ୍ତିପୂଜାର ବିରୋଧୀ ଥିଲେ । କୌତୂହଳବଶତଃ ସେ କାକାଙ୍କ ସାଙ୍ଗରେ ଦୁଇଟି ସର୍ତ୍ତରେ ଶିରିଡ଼ି ଯିବାକୁ ରାଜି ହେଲେ । (୧)ବାବାଙ୍କୁ ପ୍ରଣାମ କରିବେ ନାହିଁ (୨)ତାଙ୍କୁ କୌଣସି ଦକ୍ଷିଣା ଦେବେ ନାହିଁ । କାକା ଯେତେବେଳେ ଦୁଇଟିଯାକ ସର୍ତ୍ତକୁ ମାନିନେଲେ, ଶନିବାର ରାତିରେ ଦୁହେଁ ମୁମ୍ବଇ ପ୍ରସ୍ଥାନ କଲେ ଏବଂ ପରଦିନ ସକାଳେ ଶିରିଡ଼ିରେ ପହଞ୍ଚିଲେ । ଯେମିତି ସେ ମସଜିଦ୍‌ରେ ପାଦ ଦେଇଛନ୍ତି, ବାବା କାକାଙ୍କ ବନ୍ଧୁଙ୍କ ପ୍ରତି ଦୃଷ୍ଟିପାତ କରି କହିଲେ 'ଆସନ୍ତୁ, ଶ୍ରୀମାନ ପଦାର୍ପଣ କରନ୍ତୁ । ଆପଣଙ୍କୁ ସ୍ୱାଗତ ।' ଯେମିତି ଶୈଳୀରେ ବାବା

ଏହା କହିଲେ, ତାହା ଠିକ୍ ତାଙ୍କ ପିତାଙ୍କର ସ୍ୱର ଅନୁରୂପ ଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ତାଙ୍କର କୈଳାସବାସୀ ପିତାଙ୍କର ସ୍ମୃତି ଆସିଗଲା ଏବଂ ସେ ଆନନ୍ଦରେ ବିଭୋର ହୋଇଗଲେ । କି ମହିମା ଥିଲା ସେହି କଣ୍ଠରେ ! ତାଙ୍କ ମୁହଁରୁ ବାହାରିପଡ଼ିଲା ନିଃସନ୍ଦେହରେ ଏହା ମୋର ପିତାଙ୍କର ସ୍ୱର । ନିଜକୁ ସେ ଆଉ ପ୍ରକୃତିସ୍ଥ କରିପାରିଲେ ନାହିଁ ଏବଂ ସମସ୍ତ ପ୍ରତିଜ୍ଞା ଭୁଲିଯାଇ ବାବାଙ୍କର ଶ୍ରୀଚରଣରେ ମଥାନତ କଲେ । ଦ୍ୱିପ୍ରହରରେ ବିଦାୟ ନେବା ସମୟରେ ବାବା କାକାଙ୍କୁ ଦୁଇଥର ଦକ୍ଷିଣା ମାଗିଲେ, କିନ୍ତୁ ବନ୍ଧୁଙ୍କୁ କିଛି କହିଲେ ନାହିଁ । ବନ୍ଧୁ କାକାଙ୍କ କାନରେ କହିଲେ- 'ମୋତେ କାହିଁକି ବାବା ଉପେକ୍ଷା କରୁଛନ୍ତି ?' କାକା କହିଲେ ନିଜେ ପଚାରିପାର । ବାବା ଏହି ସମୟରେ କହିଲେ 'କ'ଣ ମନ୍ତ୍ରଣା ଚାଲିଛି ।' ବନ୍ଧୁ କହିଲେ 'ମୁଁ ଦକ୍ଷିଣା ଦେବି ?' ବାବା କହିଲେ 'ତୁମର ଅନିଚ୍ଛା ଦେଖି ମୁଁ ମାଗିଲି ନାହିଁ । ଯଦି ଇଚ୍ଛା ଅଛି ଦେଇପାର ।' ସେ ୧୭ ଟଙ୍କା ଦେଲେ । କାକା ବି ସେତିକି ଟଙ୍କା ଦେଇଥିଲେ । ଏବେ ବାବା ତାଙ୍କୁ ଉପଦେଶ ଦେଇ କହିଲେ **'ତୁମ ଭିତରେ ଯେଉଁ ଭେଦଭାବ ରହିଛି, ତାକୁ ଦୂର କରିଦିଅ, ତଦ୍ୱାରା ଆମେ ପରସ୍ପରକୁ ଦୃଷ୍ଟିପାତ କରି ମିଳନ ପଥ ସୁଗମ କରିପାରିବା ।'** ବାବା ତାଙ୍କୁ ଫେରିବାକୁ ଅନୁମତି ଦେଲେ ଏବଂ 'ଯାତ୍ରା ସଫଳ ହେବ' ବୋଲି କହିଲେ । ଯଦିଓ ଆକାଶରେ ବାଦଲ ଘୋଟିଯାଇଥିଲା ଏବଂ ଜୋରରେ ପବନ ବୋହୁଥିଲା, ତଥାପି ଦୁହେଁ କୁଶଳରେ ମୁମ୍ବଇରେ ପହଞ୍ଚିଲେ । ଘରେ ପହଞ୍ଚି ସେ ଯେତେବେଳେ କବାଟ, ଝରକା ଖୋଲିଲେ ଦୁଇଟି ଘରଚଟିଆ ମରି ପଡ଼ିଥିବାର ଦେଖିଲେ । ତୃତୀୟଟି ତାଙ୍କ ଆଖି ସାମନାରୁ ଉଡ଼ି ପଳାଇଲା । ସେ ମନେ କଲେ ଯଦି ଝରକା ଖୋଲା ଛାଡ଼ିଦେଇଯାଇଥାନ୍ତେ ତାହେଲେ ଏହି ଜୀବମାନଙ୍କର ପ୍ରାଣ ଅବଶ୍ୟ ରକ୍ଷା ପାଇଥାନ୍ତା, କିନ୍ତୁ ପୁଣି ତାଙ୍କ ମନରେ ବିଚାର ଆସିଲା କି ଏହା ହୁଏତ ସେମାନଙ୍କର ଭାଗ୍ୟାନୁସାରେ ଘଟିଲା ଏବଂ ବାବା ତୃତୀୟଜଣକର ପ୍ରାଣ ରକ୍ଷା କରିବା ପାଇଁ ଶୀଘ୍ର ମୋତେ ପଠାଇଦେଲେ ।

## ।। ବାବାଙ୍କ ପରୀକ୍ଷା ପାଇଁ ଶେଠ୍‌ଙ୍କ ଯୋଜନା ।।

ମୁମ୍ବଇର ସଲିସିଟର ଠକ୍କର ଧରମସି ଜେଠାଭାଇଙ୍କ ଫାର୍ମରେ କାକା ମହାଜନୀ ମ୍ୟାନେଜର ଥିଲେ । ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ଥିଲା । କାକା ଶିରିଡ଼ି ଯାଉଥିବା ତଥା ବାବାଙ୍କର ଅନୁମତି ପରେ ଯାଇ ସେଠାରୁ ଫେରୁଥିବା କଥା ଠକ୍କର ଜାଣିଥିଲେ । କୌତୂହଳବଶତଃ ସେ ମଧ୍ୟ କାକାଙ୍କ ସହ ହୋଲି ଅବସରରେ ଶିରିଡ଼ି ଯିବାକୁ ସ୍ଥିର କଲେ । କାକା ଥରେ ଶିରିଡ଼ି ଗଲେ ତାଙ୍କର ଫେରିବା ଅନିଶ୍ଚିତ ରହୁଥିବାରୁ ଠକ୍କର ସାଙ୍ଗରେ ଆଉ ଜଣେ ବନ୍ଧୁଙ୍କୁ ନେଲେ ଏବଂ ତିନିଜଣ ମିଶି ଯାତ୍ରାକଲେ । ବାଟରେ କାକା ବାବାଙ୍କୁ ଅର୍ପଣ କରିବା ଉଦ୍ଦେଶ୍ୟରେ ଦୁଇ ସେର ମଞ୍ଜିବାଲା କିସମିସ୍ କିଣିଲେ ।

ନିର୍ଦ୍ଧାରିତ ସମୟରେ ସେମାନେ ଶିରିଡ଼ିରେ ପହଞ୍ଚିଲେ ଓ ବାବାଙ୍କ ଦର୍ଶନ ନିମିତ୍ତ ଦ୍ୱାରକାମାୟୀ ଗଲେ । ସେହି ସମୟରେ ବାବାସାହେବ ତର୍ଖଡ଼ ସେଠାରେ ଉପସ୍ଥିତ ଥିଲେ । ତାଙ୍କୁ ଦେଖି ଠକ୍କର ସେ ଆସିବାର ଅଭିପ୍ରାୟ ପଚାରିଲେ । ତର୍ଖଡ଼ କହିଲେ ସେ କେବଳ ଦର୍ଶନ ପାଇଁ ଆସିଛନ୍ତି । ଏହାପରେ ଠକ୍କର ପଚାରିଲେ ଏଠାରେ ଚମତ୍କାରିତା ଦେଖିବାକୁ ମିଳେ କି ? ତର୍ଖଡ଼ କହିଲେ ମୋର ସେଥିରେ ଆଗ୍ରହ ନାହିଁ । ଭକ୍ତମାନଙ୍କର ହାର୍ଦ୍ଦିକ ଇଚ୍ଛା ତ ଏଠାରେ ପୂରଣ ହୋଇଥାଏ । ଏହାପରେ କାକା ମହାଜନୀ ବାବାଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣାମ କରି କିସ୍‌ମିସ୍ ଅର୍ପଣ କଲେ । ବାବା ତାକୁ ସମସ୍ତଙ୍କ ମଧ୍ୟରେ ବିତରଣ କରିବାକୁ କହିଲେ । ଠକ୍କରଙ୍କୁ ମଧ୍ୟ କିଛି କିସ୍‌ମିସ ମିଳିଲା । ତେବେ ତାଙ୍କୁ କିସ୍‌ମିସ ତ ଭଲ ଲାଗୁନଥିଲା; ଦ୍ୱିତୀୟରେ ଭଲଭାବେ ଧୁଆ ହୋଇନଥିବା ଏପରି ଜିନିଷ ଖାଇବା ପାଇଁ ଡାକ୍ତର ତାଙ୍କୁ ମନା କରିଥିଲେ । ଏଣୁ ସେ ଖାଇବେ କି ନଖାଇବେ କିଛି ନିର୍ଣ୍ଣୟ କରିପାରୁନଥିଲେ, ତେବେ ଔପଚାରିକତା ରକ୍ଷା ପାଇଁ କିଛି କିସମିସ୍ ପାଟିରେ ପକାଇଲେ । ତେବେ ତା'ର ମଞ୍ଜି କେଉଁଠି ପକାଇବେ ଜାଣିପାରୁନଥିଲେ । ମସଜିଦ୍ ଚଟାଣରେ ତ ପକାଇପାରିବେ ନାହିଁ, ତେଣୁ ଇଚ୍ଛା ବିରୁଦ୍ଧରେ ପକେଟରେ ରଖିଲେ । ତାପରେ ମନରେ ଭାବିଲେ ଯେ ବାବା ଯଦି ଜଣେ ସନ୍ଥ, କିସ୍‌ମିସ ତାଙ୍କର ପସନ୍ଦ ନୁହେଁ ବୋଲି ଜାଣିପାରିବେ ନାହିଁ କିପରି ? ପୁଣି ଏଥିପାଇଁ ତାଙ୍କୁ ବାଧ୍ୟ କରିବେ କିପରି ? ଯେମିତି ତାଙ୍କ ମନରେ ଏହି ବିଚାର ଆସିଛି, ବାବା ତାଙ୍କୁ ଆଉ କିଛି କିସ୍‌ମିସ ଦେଲେ; କିନ୍ତୁ ସେ ତାହା ଖାଇଲେ ନାହିଁ ଏବଂ ହାତରେ ଧରି ରହିଲେ । ବାବା ତାଙ୍କୁ ଖାଇବାକୁ କହିଲେ । ସେ ଆଦେଶ ପାଳନ କଲେ ଏବଂ ଦେଖିଲେ ଯେ ତା ଭିତରେ ମଞ୍ଜି ନାହିଁ । ସେ ଚମତ୍କାରିତା ଦେଖିବା ପାଇଁ ଇଚ୍ଛା କରୁଥିଲେ, ସେ ସୁଯୋଗ ମିଳିଗଲା । ସେ ମନେକଲେ ଯେ ବାବା ସମସ୍ତ ବିଚାରକୁ ତୁରନ୍ତ ଜାଣିନେଉଛନ୍ତି ଏବଂ ତାଙ୍କର ଇଚ୍ଛା ଅନୁସାରେ ତାକୁ ମଞ୍ଜିରହିତ କରିଦେଲେ । କି ଅଦ୍‌ଭୁତ ଶକ୍ତି ରହିଛି ତାଙ୍କଠାରେ ? ପୁଣି ଶଙ୍କା ଦୂର କରିବା ଉଦ୍ଦେଶ୍ୟରେ ପାଖରେ ବସିଥିବା ତର୍ଖଡ଼ଙ୍କୁ ତାଙ୍କର କିସ୍‌ମିସ କିପରି ବୋଲି ପଚାରିଲେ ? ତର୍ଖଡ଼ କହିଲେ ଭଲ ମଞ୍ଜିବାଲା । ଠକ୍କରଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ଏବଂ ସେ ପୁଣି ଭାବିଲେ ଯେ ବାସ୍ତବରେ ଯଦି ବାବା ସନ୍ଥ ହୋଇଥିବେ, ପ୍ରଥମ କିସ୍‌ମିସ କାକାଙ୍କୁ ହିଁ ଦେବେ । ଏମିତି ଭାବୁଛନ୍ତି, ବାବା କହିଲେ ଯେ ଅବଶିଷ୍ଟ କିସ୍‌ମିସର ପୁନଃବିତରଣ କାକାଙ୍କଠାରୁ ଆରମ୍ଭ ହେଉ । ଠକ୍କରଙ୍କ ପାଇଁ ଏତିକି ପ୍ରମାଣ ଯଥେଷ୍ଟ ଥିଲା ।

ଶ୍ୟାମା ବାବାଙ୍କୁ ଠକ୍କରଙ୍କର ପରିଚୟ କରାଇଦେଇ କହିଲେ ଇଏ ହେଉଛନ୍ତି କାକାଙ୍କର ମାଲିକ । ପ୍ରତ୍ୟୁତ୍ତରରେ ବାବା କହିଲେ, 'ଯେ କାକାର ମାଲିକ ହେବେ କେମିତି ?' କାକାର ମାଲିକ ତ ବଡ଼ ବିଚିତ୍ର । କାକା ଏଥିରେ ଏକମତ ହେଲେ ।

ନିଜର ପ୍ରତିଜ୍ଞା ତ୍ୟାଗକରି ଠକ୍କର ବାବାଙ୍କୁ ପ୍ରଣାମ କଲେ ଏବଂ ୱାଡ଼ାକୁ ଫେରିଆସିଲେ । ମଧ୍ୟାହ୍ନ ଆରତି ସମାପ୍ତ ହେବା ପରେ ବାବାଙ୍କଠାରୁ ପ୍ରସ୍ଥାନ ନିମନ୍ତେ ଅନୁମତି ଲୋଡ଼ିବାକୁ ସେମାନେ ମସଜିଦ୍‌କୁ ଆସିଲେ । ଶ୍ୟାମା ସେମାନଙ୍କ ସହ ଥିଲେ । ତହୁଁ ବାବା କହିଲେ–

'ଜଣେ ଚଞ୍ଚଳମତି ଭଦ୍ରବ୍ୟକ୍ତି ଥିଲେ । ସେ ବେଶ୍ ସୁସ୍ଥ ଏବଂ ଧନୀ ଥିଲେ । ଯଦିଓ ଶାରୀରିକ ତଥା ମାନସିକ ପୀଡ଼ାରୁ ମୁକ୍ତ ଥିଲେ; କିନ୍ତୁ ଅନାବଶ୍ୟକ ଚିନ୍ତାରେ ବୁଡ଼ି ରହିବା ଫଳରେ ମନ ଅଶାନ୍ତ ହୋଇଯାଉଥିଲା । କେତେବେଳେ ସେ ସ୍ଥିର ଏବଂ କେତେବେଳେ ଚିନ୍ତିତ ରହୁଥିଲେ । ତା'ର ଏପରି ସ୍ଥିତି ଦେଖି ମୋ ମନରେ ଦୟା ଆସିଲା ଏବଂ ମୁଁ ତାକୁ କହିଲି ଯେ **କୃପାକରି ଏବେ ତୁମର ବିଶ୍ୱାସ ଗୋଟିଏ ଇଚ୍ଛିତ ସ୍ଥାନରେ ସ୍ଥିର କରିନିଅ । ଏହିପ୍ରକାର ବୃଥା ଘୂରିବୁଲିବାରେ କୌଣସି ଫାଇଦା ନାହିଁ ।'**

'ଶୀଘ୍ର ଏକ ନିର୍ଦ୍ଦିଷ୍ଟ ସ୍ଥାନ ବାଛି ନିଅ'–ଏହି ଉକ୍ତି ଠକ୍କରଙ୍କ ହୃଦୟ କନ୍ଦରକୁ ତୁରନ୍ତ ଶରବିଦ୍ଧ କଲା ଏବଂ ସେ ହୃଦବୋଧ କଲେ ଯେ ଏହା ତାଙ୍କ ପାଇଁ ହିଁ ଉଦ୍ଦିଷ୍ଟ । ତାଙ୍କର ଇଚ୍ଛା ଥିଲା ଯେ କାକା ମଧ୍ୟ ତାଙ୍କ ସହିତ ଫେରିଯାଆନ୍ତୁ । ବାବା ତାଙ୍କର ଏହି ବିଚାର ଜାଣି କାକାଙ୍କୁ ଠକ୍କରଙ୍କ ସହିତ ଫେରିବାକୁ ଅନୁମତି ଦେଲେ । କାକା ଏତେ ଶୀଘ୍ର ଶିରିଡ଼ିରୁ ଫେରିବେ ବୋଲି କେହି ଭାବୁନଥିଲେ । ଏହି ପ୍ରକାର ଠକ୍କର, ବାବାଙ୍କର ଅନ୍ତର୍ଯ୍ୟାମୀ ସ୍ୱରୂପର ଆଉ ଏକ ପ୍ରମାଣ ପାଇଲେ । ଏହାପରେ ବାବା କାକାଙ୍କୁ ୧୫ ଟଙ୍କା ଦକ୍ଷିଣା ମାଗିଲେ ଏବଂ କହିଲେ 'ଯଦି ମୁଁ କାହାଠାରୁ ଏକ ଟଙ୍କା ଦକ୍ଷିଣା ନିଏ, ତାହେଲେ ଦଶଗୁଣ ଫେରାଇଥାଏ । ମୁଁ କାହାର କୌଣସି ଜିନିଷ ବିନା ମୂଲ୍ୟରେ ନିଏ ନାହିଁ କି ସମସ୍ତଙ୍କୁ ମାଗେ ନାହିଁ । ଯାହା ପ୍ରତି ଫକିର(ଈଶ୍ୱର) ଇସାରା କରନ୍ତି, ତାଙ୍କୁ ହିଁ ମୁଁ ମାଗେ ଆଉ ଯିଏ ଗତ ଜନ୍ମର ଋଣୀ ହୋଇଥାଏ, ତାର ହିଁ ଦକ୍ଷିଣା ସ୍ୱୀକାର କରାଯାଏ । **ଦାନୀ ଦିଏ ଏବଂ ଭବିଷ୍ୟତରେ ଅନୁପମ ଅମଳ ପାଇଁ ବୀଜରୋପଣ କରିଥାଏ ।** ଧନର ଉପଯୋଗ ଧର୍ମୋପାର୍ଜନ ନିମିତ୍ତ ହେବା ଉଚିତ । ଯଦି ତାହା ବ୍ୟକ୍ତିଗତ ଉପଭୋଗରେ ବ୍ୟୟ କରାଯାଏ ତାହେଲେ ତାହା ଦୁରୁପଯୋଗ ହେଲା । ଯଦି ତୁମେ ପୂର୍ବ ଜନ୍ମରେ ଦାନ କରିନାହଁ, ଏହି ଜନ୍ମରେ ପାଇବାର ଆଶା କିପରି ରଖିବ ? ଏଥିପାଇଁ **ଯଦି ପ୍ରାପ୍ତିର ଆଶା ରଖୁଛ ତାହେଲେ ଏବେ ଦାନ କର ।** ଦକ୍ଷିଣା ଦେବା ଦ୍ୱାରା ବୈରାଗ୍ୟ ବୃଦ୍ଧି ପାଇଥାଏ ଏବଂ ବୈରାଗ୍ୟ ପ୍ରାପ୍ତି ଦ୍ୱାରା ଭକ୍ତି ଏବଂ ଜ୍ଞାନ ବୃଦ୍ଧି ପାଏ । **ପଇସାଟିଏ ଦିଅ ଏବଂ ଦଶଗୁଣ ନିଅ ।'**

ଏହି କଥା ଶୁଣି ଶ୍ରୀ ଠକ୍କର ତାଙ୍କର ସଂକଳ୍ପ କଥା ଭୁଲିଯାଇ ବାବାଙ୍କୁ ୧୫ ଟଙ୍କା ଅର୍ପଣ କଲେ । ତାଙ୍କର ଶିରିଡ଼ି ଯାତ୍ରା ସବୁଦୃଷ୍ଟିରୁ ସାର୍ଥକ ହେଲା ଓ ତାଙ୍କର ସମସ୍ତ ଆଶଙ୍କା ଦୂର ହୋଇଗଲା । ଏହି କ୍ଷେତ୍ରରେ ବାବାଙ୍କର କୌଶଳ ବଡ଼ ଅଦ୍ୱିତୀୟ ଥିଲା ।

ଯଦିଓ ସେ ସବୁକିଛି କରୁଥିଲେ, ତଥାପି ନିର୍ଲିପ୍ତ ରହୁଥିଲେ । ପ୍ରଣାମ କରିବା ଏବଂ ନକରୁଥିବା ଲୋକ ଉଭୟେ ତାଙ୍କ ପାଇଁ ସମାନ ଥିଲେ । ସେ କେବେ କାହାକୁ ଅନାଦର କରୁନଥିଲେ । ଭକ୍ତମାନେ ପୂଜା କଲେ ସେ ପ୍ରସନ୍ନ ହେଉନଥିଲେ କି ନକଲେ ଦୁଃଖିତ ହେବାର କାରଣ ନଥିଲା । ସୁଖ ଏବଂ ଦୁଃଖ ଭାବନାକୁ ସେ ଅତିକ୍ରମ କରିସାରିଥିଲେ ।

**ଅନିଦ୍ରା ରୋଗର ନିଦାନ :** ବାନ୍ଦ୍ରାର କାୟସ୍ଥ ପ୍ରଭୁ ଜାତିର ଜଣେ ବ୍ୟକ୍ତି ଦୀର୍ଘଦିନ ଧରି ଏକ ଅଜଣା ରୋଗରେ ପୀଡ଼ିତ ଥିଲେ ଏବଂ ତାଙ୍କର ଆଦୌ ନିଦ ହେଉନଥିଲା । ଯେମିତି ସେ ଶୋଇବାକୁ ଯାଉଥିଲେ, ତାଙ୍କର ସ୍ୱର୍ଗବାସୀ ପିତା ସ୍ୱପ୍ନରେ ଆସି ତାଙ୍କୁ ଗାଳିଦେଉଥିଲେ । ଫଳରେ ତାଙ୍କର ନିଦ୍ରାଭଙ୍ଗ ହେଉଥିଲା ଏବଂ ରାତିସାରା ସେ ଅଶାନ୍ତି ଅନୁଭବ କରୁଥିଲେ । ପ୍ରତ୍ୟେକ ଦିନ ରାତିରେ ଏପରି ହେଉଥିଲା ଯଦ୍ୱାରା ସେ ବଡ଼ କଷ୍ଟ ଭୋଗୁଥିଲେ । ଦିନେ ବାବାଙ୍କର ଜଣେ ଭକ୍ତଙ୍କୁ ସେ ଏହି ବିଷୟ ଜଣାଇଲେ । ଭକ୍ତଜଣକ କହିଲେ ଯେ ସେ ତ ସଂକଟମୋଚନ ସର୍ବପୀଡ଼ା ନିବାରଣୀ ଉଦିକୁ ହିଁ ରାମବାଣ ସଦୃଶ ମନେ କରିଥାନ୍ତି, କାରଣ ଏଥିରୁ ତତ୍କାଳ ଫଳ ମିଳିଥାଏ । ଗୋଟିଏ ଉଦି ପୁଡ଼ିଆ ଦେଇ ଶୋଇବା ପୂର୍ବରୁ ମଥାରେ ଲଗାଇବାକୁ ତଥା ତକିଆତଳେ ରଖିବାକୁ କହିଲେ । ତା ପରଠାରୁ ନିର୍ବିଘ୍ନରେ ତାଙ୍କର ନିଦ ହେଲା । ଏହା ଦେଖି ସେ ବଡ଼ ଆଶ୍ଚର୍ଯ୍ୟ ଓ ଆନନ୍ଦିତ ହେଲେ । ଏହି ଧାରା ଚାଲୁ ରଖି ସେ ସାଇବାବାଙ୍କୁ ଧ୍ୟାନ କରିବାକୁ ଲାଗିଲେ । ବଜାରରୁ ବାବାଙ୍କର ଗୋଟିଏ ଫଟୋ ଆଣି ତକିଆ ପାଖରେ ରଖି ପ୍ରତିଦିନ ପୂଜା କଲେ । ଏହାପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ ଏବଂ ପୂର୍ବର ସମସ୍ତ କଷ୍ଟ ଭୁଲିଗଲେ ।

**ବାଲାଜୀ ପାଟିଲ ନେବାସକର :** ଇଏ ବାବାଙ୍କର ପରମ ଭକ୍ତ ଥିଲେ ଏବଂ ନିଷ୍କାମ ସେବା କରୁଥିଲେ । ଦିନରେ ବାବା ଯେଉଁ ରାସ୍ତା ଦେଇ ଯାଉଥିଲେ, ସକାଳୁ ଉଠି ସେହି ରାସ୍ତାକୁ ମାର୍ଜନାକରି ସଫା କରୁଥିଲେ । ତାଙ୍କ ପରେ ଏହି କାର୍ଯ୍ୟ ବାବାଙ୍କର ଜଣେ ମହିଳା ଭକ୍ତ ରାଧାକୃଷ୍ଣମାଈ କଲେ ଏବଂ ତାଙ୍କ ପରେ ଅବଦୁଲ୍ । ବାଲାଜୀ ଯେତେବେଳେ ଶସ୍ୟ ଅମଳ କରି ଫେରୁଥିଲେ ସମସ୍ତ ଶସ୍ୟ ବାବାଙ୍କୁ ଅର୍ପଣ କରିଦେଉଥିଲେ । ସେଥିରୁ ବାବା ଯେତିକି ଫେରାଉଥିଲେ, ସେତିକିରେ ସେ ତାଙ୍କର କୁଟୁମ୍ବ ଭରଣପୋଷଣ କରୁଥିଲେ । ଅନେକ ବର୍ଷ ଧରି ଏହି ଧାରା ଚାଲିଥିଲା ଏବଂ ତାଙ୍କର ମୃତ୍ୟୁ ପରେ ତାଙ୍କର ପୁତ୍ର ମଧ୍ୟ ଏହାକୁ ଜାରି ରଖିଲେ ।

**ଉଦିର ଶକ୍ତି ଏବଂ ମହିମା :** ବାଲାଜୀଙ୍କର ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ପଙ୍‌କ୍ତିଭୋଜନର ଆୟୋଜନ କରାଯାଇଥିଲା । ଯେତେ ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା, ତାଠାରୁ ତିନିଗୁଣ ଲୋକ ପହଞ୍ଚିଲେ । ଏହା ଦେଖି ଶ୍ରୀମତୀ ନେବାସକର କିଂ କର୍ତ୍ତବ୍ୟବିମୂଢ଼ ହୋଇଗଲେ । ସେ ଭାବିଲେ ଯେ ସମସ୍ତଙ୍କ ପାଇଁ ଖାଦ୍ୟ ପର୍ଯ୍ୟାପ୍ତ

ହେବ ନାହିଁ, ଏଣେ ନିଅଣ୍ଟ ହେଲେ କୁଳର ଅମର୍ଯ୍ୟାଦା ହେବ । ଏହି ସମୟରେ ତାଙ୍କର ଶାଶୂ ସାନ୍ତ୍ୱନା ଦେଇ ଚିନ୍ତା ନକରିବାକୁ କହି କହିଲେ 'ଏହି ଭୋଜି ଆମର ନୁହେଁ, ଏହା ସାଇବାବାଙ୍କର ।' ସବୁ ପାତ୍ରରେ ଉଦି ପକାଇ ଢ଼ାଙ୍କୁଣି ଘୋଡ଼ାଇ ଦେବାକୁ ତଥା ଢ଼ାଙ୍କୁଣି ନହଟାଇ ସମସ୍ତଙ୍କୁ ପରଶିବାକୁ ସେ ପରାମର୍ଶ ଦେଲେ । ବାବା ହିଁ ଆମର ଲଜ୍ଜା ଦୂର କରିବେ । ଶାଶୂଙ୍କ ପରାମର୍ଶ ପାଳନ କରାଗଲା । ଆଶ୍ଚର୍ଯ୍ୟର ବିଷୟ ଯେ ସମସ୍ତେ ତୃପ୍ତିପୂର୍ବକ ଭୋଜନ କରିବା ପରେ ମଧ୍ୟ ଆହୁରି ଭୋଜନ ସାମଗ୍ରୀ ବଳିଥିଲା । ପ୍ରକୃତରେ ଯାହାର ଯେପରି ଭାବ, ତାକୁ ସେପରି ଅନୁଭବ ପ୍ରାପ୍ତ ହୋଇଥାଏ । ନିମ୍ନୋକ୍ତ ଘଟଣା ପ୍ରଥମ ଶ୍ରେଣୀ ଉପନ୍ୟାୟାଧୀଶ ତଥା ବାବାଙ୍କର ପରମଭକ୍ତ ବି.ଏ. ଚୌଗୁଲେ କହିଥିଲେ । ୧୯୪୩ ଫେବୃୟାରୀ ମାସରେ ଅହମ୍ମଦନଗର ଜିଲା କରଜତରେ ପୂଜା ଚାଲିଥିଲା, ଏହି ଅବସରରେ ଏକ ବଡ଼ ଭୋଜିସଭାର ଆୟୋଜନ କରାଗଲା । ଭୋଜନ ସମୟରେ ଆମନ୍ତ୍ରିତ ଲୋକଙ୍କଠାରୁ ପାଞ୍ଚଗୁଣ ଅଧିକ ଲୋକ ସମାଗମ ହେଲେ, ତଥାପି ଖାଦ୍ୟ ନିଅଣ୍ଟ ହେଲାନାହିଁ । ବାବାଙ୍କ କୃପାରୁ ସମସ୍ତେ ପେଟପୂରା ଭୋଜନ ପାଇଲେ, ଏହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ ।

**ସର୍ପ ରୂପରେ ସାଇବାବାଙ୍କର ପ୍ରକଟ :** ଶିରିଡ଼ିର ରଘୁ ପାଟିଲ ଥରେ ନେବାସେସ୍ଥିତ ବାଲାଜୀ ପାଟିଲଙ୍କ ଘରକୁ ଯାଇଥିଲେ । ସନ୍ଧ୍ୟାରେ ଗୋଟିଏ ସାପ ଗୋଶାଳା ଭିତରେ ପଶିଗଲା । ସାପଟିକୁ ଦେଖି ଗୋରୁଗାଈମାନେ ମଧ୍ୟ ଛାନିଆ ହୋଇ ଇତଃସ୍ତତଃ ହେଲେ । ଘରେ ଥିବା ଲୋକମାନେ ଡରିଗଲେ । ତେବେ ବାଲାଜୀ ମନେ କଲେ ଯେ ଶ୍ରୀ ସାଇ ହିଁ ଏହି ରୂପରେ ପ୍ରକଟ ହୋଇଛନ୍ତି । ଗୋଟିଏ ଗ୍ଲାସ ଦୁଗ୍ଧ ନେଇ ସେହି ସର୍ପ ସମ୍ମୁଖରେ ସେ ରଖିଲେ ଏବଂ ତାକୁ ଏପରି ସମ୍ବୋଧିତ କଲେ- 'ବାବା ! ଆପଣ ଏପରି ଚିତ୍କାର କରୁଛନ୍ତି କାହିଁକି ? କ'ଣ ଆପଣ ଆମକୁ ଭୟଭୀତ କରିବାକୁ ଚାହୁଁଛନ୍ତି ? ଏହି ଦୁଧ ପାନ କରନ୍ତୁ ।' ଏହା କହି ସେ ନିର୍ଭୟରେ ସାପଟି ପାଖରେ ବସିପଡ଼ିଲେ । ପରିବାରର ଅନ୍ୟ ଲୋକମାନେ ତ ବେଶ୍ ବିବ୍ରତ ହୋଇପଡ଼ିଲେ ଏବଂ କ'ଣ କରିବେ ବୁଝିପାରୁନଥିଲେ ମାତ୍ର କିଛି ସମୟ ପରେ ସାପଟି ଅଦୃଶ୍ୟ ହୋଇଗଲା ଏବଂ କେହି ବି ଜାଣିପାରିଲେ ନାହିଁ ଯେ କୁଆଡ଼େ ଗଲା । ଗୋଶାଳାର ଚତୁର୍ଦ୍ଦିଗ ବୁଲି ଦେଖିବା ପରେ ମଧ୍ୟ ସାପର କୌଣସି ଚିହ୍ନ ଦେଖିବାକୁ ମିଳିଲା ନାହିଁ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

**(ସପ୍ତାହ ପାରାୟଣ : ପଞ୍ଚମ ବିଶ୍ରାମ)**

## ।। ଷଷ୍ଠଦିନ ପାରାୟଣ ।।



## ।। ଷଟତ୍ରିଂଶତ୍(୩୬) ଅଧ୍ୟାୟ ।।

### ବାବାଙ୍କ ସର୍ବଜ୍ଞାତାର ପରିଚୟ, ଶ୍ରୀଫଳ ଅର୍ପଣ ଓ ସନ୍ତାନ ପ୍ରାପ୍ତି

ଏହି ଅଧ୍ୟାୟରେ ଗୋଆର ଦୁଇଜଣ ବ୍ୟକ୍ତି ଏବଂ ସୋଲାପୁରର ଶ୍ରୀମତୀ ଔରଙ୍ଗାବାଦକରଙ୍କର କଥା ବର୍ଣ୍ଣନା କରାଯାଇଛି ।

**ଗୋଆର ଦୁଇ ବ୍ୟକ୍ତି :** ଥରେ ଗୋଆର ଦୁଇଜଣ ବ୍ୟକ୍ତି ଶ୍ରୀ ସାଇବାବାଙ୍କ ଦର୍ଶନ ନିମିତ୍ତ ଶିରିଡ଼ି ଆସିଲେ । ଦ୍ୱାରକାମାୟୀରେ ପହଞ୍ଚି ସେମାନେ ବାବାଙ୍କୁ ପ୍ରଣାମ କଲେ । ଯଦିଓ ସେହି ଦୁଇଜଣ ଏକାଠି ଆସିଥିଲେ, ବାବା ଜଣକୁ ୧୫ ଟଙ୍କା ଦକ୍ଷିଣା ମାଗିଲେ ଓ ସିଏ ଆଦର ସହକାରେ ତାହା ଦେଲେ । ଅନ୍ୟ ବ୍ୟକ୍ତିଜଣକ ମଧ୍ୟ ୩୫ ଟଙ୍କା ଦକ୍ଷିଣା ଦେଲେ, କିନ୍ତୁ ବାବା ତାହାକୁ ଅସ୍ୱୀକାର କଲେ । ଉପସ୍ଥିତ ଲୋକଙ୍କ ମଧ୍ୟରେ ବଡ଼ ଆଶ୍ଚର୍ଯ୍ୟ ଖେଳିଗଲା । ସେହି ସମୟରେ ଶ୍ୟାମା ବି ସେଠାରେ ଉପସ୍ଥିତ ଥିଲେ । ସେ କହିଲେ 'ଦେବା ! ଏହା କ'ଣ ! ସେ ଦୁହେଁ ଏକାସାଥିରେ ଆସିଛନ୍ତି । ଜଣକଠାରୁ ଆପଣ ଦକ୍ଷିଣା ସ୍ୱୀକାର କରୁଛନ୍ତି ଏବଂ ଅନ୍ୟଜଣକ ଆଗ୍ରହରେ ଦେଲେ ମଧ୍ୟ ତାକୁ ଗ୍ରହଣ କରୁନାହାନ୍ତି । ଏହିପରି ଭେଦଭାବ କାହିଁକି ?' ବାବା କହିଲେ 'ଶ୍ୟାମା, ତୁମେ ବାଳକ ! ମୁଁ କାହାଠାରୁ କିଛି ବି ନିଏନାହିଁ । ଏଠାରେ ତ ମସଜିଦ୍‌ମାୟୀ ତା'ର ଋଣ ମାଗେ ଏବଂ ଦେବା ଲୋକ ଋଣ ଶୁଝି ମୁକ୍ତ ହୋଇଯାଏ । ମୋର ଘର, ସମ୍ପତ୍ତି ପିଲାଛୁଆ କ'ଣ ଅଛି ଯେ ମୁଁ ଚିନ୍ତା କରିବି ? ମୋର କୌଣସି ବସ୍ତୁର ଆବଶ୍ୟକତା ନାହିଁ । ମୁଁ ସ୍ୱାଧୀନ । ଋଣ, ଶତ୍ରୁତା ତଥା ହତ୍ୟା ଏସବୁର ପ୍ରାୟଶ୍ଚିତ୍ତ ଅବଶ୍ୟ କରିବାକୁ

ପଡ଼ିବ ଏବଂ ଏଥିରୁ କୌଣସି ପ୍ରକାର ମୁକ୍ତି ସମ୍ଭବ ନୁହେଁ ।' ଏହାପରେ ବାବା ତାଙ୍କର ସ୍ୱଭାବସୁଲଭ ପ୍ରତୀକାତ୍ମକ ଶୈଳୀରେ ନିମ୍ନୋକ୍ତ କଥା ବ୍ୟାଖ୍ୟାନ କଲେ ।

'ତାଙ୍କ ଜୀବନର ପୂର୍ବାର୍ଦ୍ଧରେ ଏହି ବ୍ୟକ୍ତି ନିର୍ଦ୍ଧନ ଥିଲେ । ସେ ଈଶ୍ୱରଙ୍କଠାରେ ପ୍ରତିଜ୍ଞା କଲେ ଯେ ଯଦି ଚାକିରି ମିଳିଯାଏ, ଗୋଟିଏ ମାସର ବେତନ ଅର୍ପଣ କରିବେ । ଏହାପରେ ମାସକୁ ୧୫ ଟଙ୍କା ଦରମାରେ ଚାକିରି ମିଳିଲା । ତାପରେ ଉତ୍ତରୋତ୍ତର ଉନ୍ନତି ହୋଇ ୩୦, ୬୦, ୧୦୦, ୨୦୦ ଏବଂ ଶେଷରେ ୭୦୦ଟଙ୍କା ମାସିକ ବେତନ ହେଲା । କିନ୍ତୁ ରୋଜଗାର ବଢ଼ିବା ପରେ ସେ ମାନସିକ କଥା ଭୁଲିଗଲେ ଏବଂ ତାକୁ ପୂରଣ କଲେ ନାହିଁ । ଏବେ ତାଙ୍କର ଶୁଭ କର୍ମର ପ୍ରଭାବରୁ ହିଁ ସେ ଏଠାରେ ପହଞ୍ଚିବାର ସୌଭାଗ୍ୟ ଲାଭ କରିଛନ୍ତି । ଏଣୁ ମୁଁ ୟାଙ୍କଠାରୁ କେବଳ ୧୫ ଟଙ୍କା ଦକ୍ଷିଣା ମାଗିଲି, ଯାହା ତାଙ୍କର ପ୍ରଥମ ମାସର ଦରମାର ପ୍ରାପ୍ୟ ଥିଲା ।'

ଦ୍ୱିତୀୟ କଥାଟି ବାବା ଏହିପରି କହିଲେ– 'ସମୁଦ୍ର କୂଳରେ ବୁଲୁ ବୁଲୁ ମୁଁ ଏକ ଭବ୍ୟ ପ୍ରାସାଦ ନିକଟରେ ପହଞ୍ଚିଲି ଏବଂ ତା'ର ବାରଣ୍ଡାରେ ବିଶ୍ରାମ କଲି । ସେହି ପ୍ରାସାଦର ମାଲିକ ମୋତେ ସ୍ୱାଗତ କରି ଉତ୍ତମ ସ୍ୱାଦିଷ୍ଟ ଭୋଜ୍ୟ ସାମଗ୍ରୀ ଖାଇବାକୁ ଦେଲେ । ଖାଇସାରିବା ପରେ ଆଲମାରି ପାଖରେ ଏକ ପରିଷ୍କୃତ ସ୍ଥାନ ଶୋଇବା ପାଇଁ ଦେଖାଇଦେଲେ ଏବଂ ସେଠାରେ ମୁଁ ଶୋଇଲି । ଯେତେବେଳେ ମୁଁ ଗାଢ଼ ନିଦ୍ରାରେ ଶୋଇଛି ଉକ୍ତ ବ୍ୟକ୍ତି କାନ୍ଥରେ ସିନ୍ଧି ଖୋଳି ଭିତରକୁ ପ୍ରବେଶ କଲା ଏବଂ ମୋର ପକେଟ କାଟି ୩୦ ହଜାର ଟଙ୍କା ଚୋରି କରି ନେଇଗଲା । ସକାଳୁ ଉଠି ଏହା ଜାଣିବା ପରେ ମୁଁ ଦୁଃଖରେ ଭାଙ୍ଗିପଡ଼ିଲି ଏବଂ କାନ୍ଦିବାକୁ ଲାଗିଲି । ଯେହେତୁ କେବଳ ଟଙ୍କା ଚୋରି ହୋଇଥିଲା ଏହା ସେହି ବ୍ରାହ୍ମଣ ଲୋକଟିର କାର୍ଯ୍ୟ ବୋଲି ମୋର ଧାରଣା ହେଲା । ଏହାପରେ ମୋତେ ଖାଇବା ପିଇବାକୁ ଭଲ ଲାଗିଲା ନାହିଁ ଏବଂ ଗୋଟିଏ ପକ୍ଷ ପର୍ଯ୍ୟନ୍ତ ମୁଁ ସେପରି ବାରଣ୍ଡାରେ ବସି ଦୁଃଖରେ କାତର ହେଉଥିଲି । ଏହିପରି ପନ୍ଦର ଦିନ ବିତିବା ପରେ ରାସ୍ତାରେ ଯାଉଥିବା ଜଣେ ଫକିର ମୋତେ ଦେଖି ମୋର କାନ୍ଦିବାର କାରଣ ପଚାରିଲେ । ମୁଁ ତାଙ୍କୁ ସମସ୍ତ କଥା ଶୁଣାଇଲି । ସେ କହିଲେ ଯେ 'ଯଦି ତୁମେ ମୋର ଆଦେଶ ଅନୁସାରେ ଆଚରଣ କରିବ ତାହେଲେ ତୁମର ଚୋରି ଧନ ମିଳିଯିବ । ମୁଁ ଜଣେ ଫକିରଙ୍କ ଠିକଣା ଦେଉଛି, ତୁମେ ତାଙ୍କର ଶରଣକୁ ଯାଅ ଏବଂ ତାଙ୍କର କୃପାରୁ ତୁମର ହୃତ ଧନ ପୁଣି ମିଳିଯିବ । କିନ୍ତୁ ଯେ ପର୍ଯ୍ୟନ୍ତ ତୁମକୁ ତୁମର ଧନ ମିଳିନାହିଁ ସେ ପର୍ଯ୍ୟନ୍ତ ତୁମେ ତୁମର ଗୋଟିଏ ରୁଚିକର ଭୋଜ୍ୟ ଜିନିଷ ତ୍ୟାଗ କର ।' ମୁଁ ସେହି ଫକିରଙ୍କର କଥା ମାନିଲି ଏବଂ ମୋର ଚୋରି ଯାଇଥିବା ଧନ ମିଳିଗଲା । ତାପରେ ମୁଁ ସମୁଦ୍ରକୂଳକୁ ଆସିଲି, ସେଠାରେ ଗୋଟିଏ ଜାହାଜ ଲାଗିଥିଲା । ଜାହାଜଟି ଯାତ୍ରୀ ଭରପୂର ଥିଲା । ଭାଗ୍ୟବଶତଃ ସେଠାରେ ଜଣେ ଉଦାର ପ୍ରକୃତିର ଚପରାସୀ ଯୋଗୁ ମୋତେ ଗୋଟିଏ ସ୍ଥାନ ମିଳିଗଲା । ଏହି ପ୍ରକାର ମୁଁ ଅପର

ପାର୍ଶ୍ୱରେ ପହଞ୍ଚିଲି ଏବଂ ସେଠାରୁ ରେଳଗାଡ଼ିରେ ବସି ମସଜିଦ୍‌ମାଈଙ୍କ ପାଖରେ ଆସି ପହଞ୍ଚିଛି ।'

କଥା ସମାପ୍ତ ହେବା ବେଳକୁ ବାବା ଶ୍ୟାମାଙ୍କୁ ଅତିଥିଦ୍ୱୟଙ୍କୁ ନିଜ ସହିତ ନେଇଯିବା ପାଇଁ ଏବଂ ଭୋଜନର ବ୍ୟବସ୍ଥା କରାଇବା ପାଇଁ କହିଲେ । ଶ୍ୟାମା ସେହି ଅନୁସାରେ ସେମାନଙ୍କୁ ତାଙ୍କ ଘରକୁ ନେଇଗଲେ ଏବଂ ଭୋଜନ କରାଇଲେ । ଭୋଜନ କରିବା ସମୟରେ ଶ୍ୟାମା କହିଲେ 'ବାବାଙ୍କର କାହାଣୀ ବଡ଼ ରହସ୍ୟପୂର୍ଣ୍ଣ ଅଟେ, କାରଣ ନା ସେ କେବେ ସମୁଦ୍ର ଆଡ଼େ ଯାଇଛନ୍ତି ନା ତାଙ୍କ ପାଖରେ ୩୦ ହଜାର ଟଙ୍କା ଥିଲା । ସେ କେଉଁଠାକୁ ଯାତ୍ରା ବି କରିନାହାନ୍ତି, କୌଣସି ଟଙ୍କା ଚୋରି ହୋଇନାହିଁ କି ସେ ଫେରିଆସିନାହାନ୍ତି ।' ତାହେଲେ ବାବା ଏହି କଥା କହିଲେ କାହିଁକି ? ଆପଣମାନଙ୍କର ସେପରି କିଛି ଅନୁଭୂତି ହୋଇଛି କି ? ଅତିଥିଦ୍ୱୟଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇଗଲା ଏବଂ ଚକ୍ଷୁଯୁଗଳ ଅଶ୍ରୁରେ ପୂର୍ଣ୍ଣ ହୋଇଗଲା । ସେମାନେ କାନ୍ଦି କାନ୍ଦି କହିଲେ ବାବା ତ ସର୍ବବ୍ୟାପୀ, ଅନନ୍ତ ଏବଂ ପରଂବ୍ରହ୍ମସ୍ୱରୂପ ଅଟନ୍ତି । ଯେଉଁ କଥା ସେ କହିଲେ ତାହା ଅବିକଳ ଆମର କାହାଣୀ ଏବଂ ଆମ ସହିତ ସେସବୁ ଘଟିଛି । ତେବେ ଏହା ତାଙ୍କୁ କିପରି ଜ୍ଞାତ ହେଲା, ତାହାହିଁ ଆଶ୍ଚର୍ଯ୍ୟର ବିଷୟ । ଭୋଜନ ପରେ ଆମେ ଏହାର ପୂର୍ଣ୍ଣ ବିବରଣୀ ଆପଣଙ୍କୁ ଶୁଣାଇବୁ ବୋଲି ସେ ଦୁହେଁ କହିଲେ ।

ଭୋଜନ ପରେ ପାନ ଖାଇବା ସମୟରେ ସେମାନେ ତାଙ୍କର କାହାଣୀ ଶୁଣାଇବା ଆରମ୍ଭ କଲେ । ପ୍ରଥମ ଜଣକ କହିଲେ–

'ଘାଟରେ ଏକ ପାହାଡ଼ିଆ ସ୍ଥାନରେ ଆମର ଘର । ଜୀବିକା ନିର୍ବାହ ନିମନ୍ତେ ଚାକିରି ଖୋଜିବା ଆଶାରେ ମୁଁ ଗୋଆ ଆସିଥିଲି । ସେଠାରେ ଭଗବାନ ଦତ୍ତାତ୍ରେୟଙ୍କୁ କଥା ଦେଇଥିଲି ଯେ ଯଦି ମୋତେ ଚାକିରି ମିଳିଯାଏ, ତାହେଲେ ମୁଁ ଗୋଟିଏ ମାସର ଦରମା ଭେଟି ଚଢ଼ାଇବି । ତାଙ୍କର କୃପାରୁ ମୋତେ ମାସିକ ୧୫ ଟଙ୍କାରେ ଚାକିରି ମିଳିଗଲା ଏବଂ ଯେଉଁ ପ୍ରକାର ବାବା କହିଲେ, ସେହି ପ୍ରକାର ମୋର ଉନ୍ନତି ହେଲା । ଏହାପରେ ମୁଁ ମୋର ପ୍ରତିଜ୍ଞା ସମ୍ପୂର୍ଣ୍ଣ ଭୁଲିଯାଇଥିଲି । ବାବା ତାହା ସ୍ମରଣ କରାଇଦେଲେ ଏବଂ ମୋଠାରୁ ପନ୍ଦର ଟଙ୍କା ଅସୁଲ କରିନେଲେ । ଆପଣମାନେ ଏହାକୁ ଦକ୍ଷିଣା ମନେ କରନ୍ତୁ ନାହିଁ । ଏହା ତ ପୁରୁଣା ଋଣର ପରିଶୋଧ, ଦୀର୍ଘ କାଳ ଧରି ଭୁଲିଯାଇଥିବା ପ୍ରତିଜ୍ଞା ଆଜି ପୂର୍ଣ୍ଣ ହେଲା ।

**ଶିକ୍ଷା :** ବାସ୍ତବରେ ବାବା କେବେ କାହାଠାରୁ ଅର୍ଥ ମାଗିନାହାନ୍ତି କି ତାଙ୍କର ଭକ୍ତମାନଙ୍କୁ ମାଗିବାକୁ ଦେଇନାହାନ୍ତି । ଆଧ୍ୟାତ୍ମିକ ଉନ୍ନତିରେ କାଞ୍ଚନ ବାଧକ ବୋଲି ସେ ବିଚାର କରୁଥିଲେ ଏବଂ ଭକ୍ତମାନଙ୍କୁ ତା' ପାଖରୁ ସର୍ବଦା ଦୂରେଇ ରଖୁଥିଲେ । ଭକ୍ତ ମହଲସାପତି ଏହାର ଉଦାହରଣ ଅଟନ୍ତି । ସେ ବହୁତ ନିର୍ଦ୍ଧନ ଥିଲେ ଏବଂ ବଡ଼ କଷ୍ଟରେ ଜୀବିକା ନିର୍ବାହ କରୁଥିଲେ; କିନ୍ତୁ ବାବା ତାଙ୍କୁ କେବେ ପଇସା ମାଗିବାକୁ

ଦେଉନଥିଲେ କି ତାଙ୍କ ପାଖରେ ଥିବା ଦକ୍ଷିଣାରୁ କିଛି ତାଙ୍କୁ ଦେଉନଥିଲେ । ଥରେ ଜଣେ ଦୟାଳୁ ଏବଂ ସହୃଦୟ ବ୍ୟବସାୟୀ ହଂସରାଜ ବାବାଙ୍କ ଉପସ୍ଥିତିରେ ମୋଟା ଅଙ୍କର ଅର୍ଥ ମହଲସାପତିଙ୍କୁ ଦେଲେ; କିନ୍ତୁ ବାବା ତାଙ୍କୁ ତାହା ଅସ୍ୱୀକାର କରିଦେବାକୁ କହିଲେ ।

ଏବେ ଦ୍ୱିତୀୟ ଅତିଥି ତାଙ୍କର କାହାଣୀ ଶୁଣାଇବାକୁ ଲାଗିଲେ । 'ମୋ ପାଖରେ ଏକ ବ୍ରାହ୍ମଣ ରୋଷେୟା ଥିଲା । ଗତ ୩୫ ବର୍ଷ ଧରି ସେ ନିଷ୍ଠାର ସହ ମୋ ପାଖରେ କାମ କରୁଥିଲା । କୁସଙ୍ଗରେ ପଡ଼ି ତା'ର ମନ ବଦଳିଗଲା ଏବଂ ସେ ମୋର ସମସ୍ତ ଟଙ୍କା ଚୋରି କରି ନେଇଗଲା । ମୋର ଆଲମାରୀ କାନ୍ଥକୁ ଲାଗିକରି ଥିଲା ଏବଂ ଯେଉଁ ସମୟରେ ଆମେ ଗାଢ଼ ନିଦରେ ଶୋଇଥିଲୁ, ସେ ସିନ୍ଧି ଚୋରିକରି ମୋର ୩୦ ହଜାର ଟଙ୍କା ନେଇଗଲା । ମୁଁ ଜାଣିପାରୁନାହିଁ କି ବାବା ଠିକ୍ ଠିକ୍ ଭାବରେ ଏହି ପରିମାଣ କଥା କିପରି ଜାଣିଲେ ? ମୁଁ ଦିନ ରାତି କାନ୍ଦୁଥିଲି ଏବଂ ବଡ଼ ଦୁଃଖରେ ଥିଲି । ଦିନେ ଯେତେବେଳେ ମୁଁ ନିରାଶ ଓ ଉଦାସ ହୋଇ ବାରଣ୍ଡାରେ ବସିଥିଲି, ରାସ୍ତାରେ ଯାଉଥିବା ଜଣେ ଫକିର ମୋ ପାଖକୁ ଆସି ମୋର ଦୁଃଖର କାରଣ ପଚାରିଲେ । ମୁଁ ତାଙ୍କୁ ସମସ୍ତ କଥା କହିଲି । ତା'ପରେ ସେ କହିଲେ କି କୋପରଗାଓଁ ତାଲୁକରେ ଶିରିଡ଼ି ଗ୍ରାମରେ ଶ୍ରୀ ସାଇବାବା ନାମରେ ଜଣେ ସିଦ୍ଧ ପୁରୁଷ ରହୁଛନ୍ତି । ତାଙ୍କୁ କଥା ଦିଅ ତଥା ନିଜର ରୁଚିକର କୌଣସି ଭୋଜ୍ୟ ପଦାର୍ଥ ତ୍ୟାଗକରି ମନରେ ସଂକଳ୍ପ କର ଯେ ପର୍ଯ୍ୟନ୍ତ ସିଏ ଦର୍ଶନ ଦେଇନାହାନ୍ତି, ସେ ପର୍ଯ୍ୟନ୍ତ ସେହି ପଦାର୍ଥ ଗ୍ରହଣ କରିବ ନାହିଁ । ଏହାପରେ ମୁଁ ଅନ୍ନ ପରିତ୍ୟାଗ କଲି ଏବଂ ସଂକଳ୍ପ କଲି ଯେ "ବାବା ! ଯେ ପର୍ଯ୍ୟନ୍ତ ମୁଁ ତୁମର ଦର୍ଶନ ଲାଭ କରିନାହିଁ ତଥା ମୋର ଚୋରି ଧନ ମିଳିନାହିଁ, ସେ ପର୍ଯ୍ୟନ୍ତ ମୁଁ ଅନ୍ନ ଗ୍ରହଣ କରିବି ନାହିଁ । ଏହି ପ୍ରକାର ଯେତେବେଳେ ୧୫ ଦିନ ବିତିଗଲା ସେହି ବ୍ରାହ୍ମଣ ନିଜେ ଆସିଲା ଏବଂ ସମସ୍ତ ଧନ ଫେରାଇଦେଇ ପଶ୍ଚାତ୍ତାପ କଲା । ମୋର ଗୋଡ଼ ଧରି କ୍ଷମାଭିକ୍ଷା କଲା । ଏହି ପ୍ରକାର ସବୁ ସ୍ୱାଭାବିକ ହୋଇଗଲା । ଯେଉଁ ଫକିରଙ୍କ ସହ ମୋର ସାକ୍ଷାତ ହୋଇଥିଲା ତଥା ଯିଏ ମୋତେ ସହାୟତା କରିଥିଲେ ସେହି ଫକିରଙ୍କୁ ତାହା ପରେ ମୁଁ ଆଉ କେବେ ଦେଖିନଥିଲି । ଏହାପରେ ଶ୍ରୀ ସାଇବାବାଙ୍କର ଦର୍ଶନ ନିମିତ୍ତ, ଯାହାଙ୍କ କଥା ସେହି ଫକିର କହିଥିଲେ, ମୋ ମନରେ ତୀବ୍ର ଉତ୍କଣ୍ଠା ଜାତ ହେଲା । ମୁଁ ଭାବିଲି ଯେ ଯେଉଁ ଫକିର ମୋର ଘରକୁ ଆସିଥିଲେ ସେ ଶ୍ରୀ ସାଇବାବାଙ୍କ ବ୍ୟତୀତ ଆଉ କେହି ନଥିଲେ । ଯିଏ ମୋତେ କୃପା କରି ଦର୍ଶନ ଦେଲେ ତଥା ମୋର ଏହି ପ୍ରକାର ସହାୟତା କଲେ ତାଙ୍କର ୩୫ ଟଙ୍କାର ଲାଳସା କିପରି ହୋଇଥାନ୍ତା ? ଏହାର ବିପରୀତରେ ସେ ଅହେତୁକ କୃପା କରି ଆଧ୍ୟାତ୍ମିକ ଉନ୍ନତି ପଥରେ ମୋତେ ନେଇଗଲେ ।'

ଯେତେବେଳେ ଚୋରିଯାଇଥିବା ଅର୍ଥ ମିଳିଗଲା ମୋର ଆନନ୍ଦର ସୀମା ରହିଲା

ନାହିଁ । ମୋର ବୁଦ୍ଧି ଭ୍ରମ ହୋଇଗଲା ଏବଂ ମୁଁ ମୋର ପ୍ରତିଜ୍ଞା ଭୁଲିଗଲି । କୋଲାବାରେ ଦିନେ ରାତିରେ ମୁଁ ଶ୍ରୀ ସାଇବାବାଙ୍କୁ ସ୍ୱପ୍ନରେ ଦେଖିଲି । ତାହାପରେ ଶିରିଡ଼ି ଯାତ୍ରା କଥା ମାନସପଟରେ ନାଚିଉଠିଲା । ମୁଁ ଗୋଆରେ ପହଞ୍ଚିଲି ଏବଂ ସେଠାରୁ ଷ୍ଟିମର ଦ୍ୱାରା ମୁମ୍ବଇ ଯାଇ ଶିରିଡ଼ି ଯିବାକୁ ଚାହୁଁଥିଲି; କିନ୍ତୁ ଯେତେବେଳେ କୂଳରେ ପହଞ୍ଚିଛି, ଷ୍ଟିମରଟି ଯାତ୍ରୀ ଭରପୂର ଥିଲା ଏବଂ ଆଦୌ ଜାଗା ନଥିଲା । କ୍ୟାପଟେନ ମୋତେ ଚଢ଼ିବାକୁ ଅନୁମତି ଦେଲେ ନାହିଁ, ତେବେ ଜଣେ ଅପରିଚିତ ଚପରାସୀ କୌଣସିମତେ ମୋତେ ଷ୍ଟିମରରେ ବସାଇଦେଲେ ଏବଂ ଏହି ପ୍ରକାର ମୁଁ ମୁମ୍ବଇରେ ପହଞ୍ଚିଲି । ତାପରେ ରେଳଗାଡ଼ିରେ ଏଠାକୁ ଆସିଲି । ବାବା ସର୍ବବ୍ୟାପୀ ଏବଂ ସର୍ବଜ୍ଞ-ଏଥିରେ କୌଣସି ଶଙ୍କା ନାହିଁ । ଦେଖ, ଆମେ କିଏ ଏବଂ କେଉଁଠି ଆମର ଘର ? ଆମର ଭାଗ୍ୟ କେତେ ଭଲ ଯେ ବାବା ଆମର ଚୋରିଯାଇଥିବା ଧନ ଫେରାଇଦେଇ ଆମକୁ ଏଠାକୁ ଟାଣି ଆଣିଲେ । **ଆପଣମାନେ ଶିରିଡ଼ିବାସୀ ଆମଠାରୁ ସହସ୍ରଗୁଣ ଶ୍ରେଷ୍ଠ ଓ ଭାଗ୍ୟଶାଳୀ, ଯେଉଁମାନେ ବାବାଙ୍କ ସହିତ ହସନ୍ତି, ଖେଳନ୍ତି, ମଧୁର ସମ୍ଭାଷଣ କରନ୍ତି ଏବଂ ଅନେକ ବର୍ଷରୁ ତାଙ୍କ ପାଖରେ ରହିଆସୁଛନ୍ତି । ଏହା ଆପଣମାନଙ୍କର ଗତ ଜନ୍ମର ଶୁଭ ସଂସ୍କାରର ପ୍ରଭାବ, ଯାହାକି ବାବାଙ୍କୁ ଏଠାକୁ ଟାଣି ଆଣିଲା ।** ଶ୍ରୀ ସାଇ ଆମ ପାଇଁ ଦତ୍ତାବତାର ଅଟନ୍ତି । ସେ ହିଁ ଆମଠାରୁ ପ୍ରତିଜ୍ଞା କରାଇଲେ, ଜାହାଜରେ ସ୍ଥାନ ଦେଲେ ଏବଂ ଆମକୁ ଏଠାକୁ ଆଣି ତାଙ୍କର ସର୍ବବ୍ୟାପକତା ତଥା ସର୍ବଜ୍ଞାତାର ଅନୁଭବ ପ୍ରଦାନ କଲେ ।’

## ।। ଶ୍ରୀଫଳ ଅର୍ପଣ ଓ ସନ୍ତାନପ୍ରାପ୍ତି ।।

**ଶ୍ରୀମତୀ ଔରଙ୍ଗାବାଦକର :** ସୋଲାପୁରର ସଖାରାମ ଔରଙ୍ଗାବାଦକରଙ୍କ ପତ୍ନୀ ବିବାହର ୨୭ବର୍ଷ ପରେ ମଧ୍ୟ ନିଃସନ୍ତାନ ଥିଲେ । ସନ୍ତାନପ୍ରାପ୍ତି ନିମିତ୍ତ ସେ ବହୁ ଦେବଦେବୀଙ୍କ ପାଖରେ ମାନସିକ କଲେ; କିନ୍ତୁ ତାଙ୍କର ମନୋକାମନା ପୂରଣ ହେଲା ନାହିଁ । ସବୁଆଡୁ ନିରାଶ ହେବାପରେ ଶେଷଚେଷ୍ଟା ସ୍ୱରୂପ ପୋଷ୍ୟପୁତ୍ର ବିଶ୍ୱନାଥକୁ ସାଥୀରେ ଧରି ଶିରିଡ଼ି ଆସିଲେ ଏବଂ ବାବାଙ୍କର ସେବା କରି ଦୁଇମାସ ରହିଲେ । ଯେତେବେଳେ ସେ ମସଜିଦ୍ ଯାଉଥିଲେ, ବାବାଙ୍କୁ ଭକ୍ତଗଣଙ୍କ ଗହଣରେ ଘେରିହୋଇ ରହୁଥିବା ଦେଖିବାକୁ ପାଉଥିଲେ । ତାଙ୍କର ଇଚ୍ଛା ଥିଲା ବାବାଙ୍କୁ ଏକାନ୍ତରେ ଭେଟି ସନ୍ତାନ ପ୍ରାପ୍ତି ନିମିତ୍ତ ପ୍ରାର୍ଥନା କରନ୍ତେ; କିନ୍ତୁ ସେ ସୁଯୋଗ ମିଳୁନଥିଲା । ଶେଷରେ ଶ୍ୟାମାଙ୍କୁ ବାବା ଏକାନ୍ତରେ ଥିବାବେଳେ ତାଙ୍କର ଗୁହାରି ଜଣାଇବା ପାଇଁ ଅନୁରୋଧ କଲେ । ଶ୍ୟାମା କହିଲେ “ବାବାଙ୍କର ତ ଖୋଲା ଦରବାର’ ତଥାପି ତୁମର ଯଦି ଏପରି ଇଚ୍ଛା ତା’ହେଲେ ମୁଁ ଅବଶ୍ୟ ପ୍ରୟାସ କରିବି, କିନ୍ତୁ ଯଶ ପ୍ରଦାନ ଈଶ୍ୱରଙ୍କ ହାତରେ । ଭୋଜନ ସମୟରେ ତୁମେ ଅଗଣାରେ ନଡ଼ିଆ ଓ ଅଗରବତି ନେଇ ବସିଥିବ

ଏବଂ ଯେତେବେଳେ ମୁଁ ଇସାରା କରିବି, ଠିଆ ହୋଇଯିବ ।' ଦିନେ ଭୋଜନ ଉପରାନ୍ତ ଶ୍ୟାମା ଯେତେବେଳେ ବାବାଙ୍କର ହାତ ତଉଲିଆରେ ପୋଛୁଥିଲେ, ବାବା ତାଙ୍କର ଗାଲ ଚିମୁଟିଦେଲେ । ଶ୍ୟାମା କ୍ରୋଧିତ ହୋଇ କହିଲେ 'ଦେବା ! ଏହା କ'ଣ ଆପଣଙ୍କ ପକ୍ଷରେ ଉଚିତ ? ମୋ ଗାଲକୁ ଏପରି ଚିମୁଟିଲେ କାହିଁକି ? ଆମର ଏପରି ନଟଖଟିଆ ଦେବତାଙ୍କର ବିଲକୁଲ ଆବଶ୍ୟକତା ନାହିଁ । ଆମେ ଆପଣଙ୍କ ଉପରେ ଆଶ୍ରିତ, ତେଣୁ ଆପଣଙ୍କ ସାନ୍ନିଧ୍ୟର ଫଳ କ'ଣ ଏହା ? ବାବା କହିଲେ 'ଶ୍ୟାମା ! ତୁମେ ୭୨ ଜନ୍ମରୁ ମୋ ସାଥୀରେ ଅଛ । ମୁଁ ଏ ଯାଏଁ କେବେ ତୁମ ସାଥୀରେ ଏପରି କରିନାହିଁ । ଆଉ ଏବେ ଖରାପ ଭାବୁଛ ?' ଶ୍ୟାମା କହିଲେ 'ମୋର ତ ଏପରି ଦେବତା ଦରକାର ଯିଏ ସର୍ବଦା ଆମକୁ ପ୍ରେମ ଏବଂ ନିତି ନୂଆ ନୂଆ ମିଠା ଖାଇବାକୁ ଦେଉଥିବେ । ମୋର କୌଣସି ପ୍ରକାର କାମନା ନାହିଁ କି ସ୍ୱର୍ଗ ଆଦି ମଧ୍ୟ ପ୍ରୟୋଜନ ନାହିଁ । ସର୍ବଦା ଆପଣଙ୍କର ଚରଣରେ ଜାଗୃତ ଥିବି, ଏତିକି ମୋର ଅଭିଳାଷ ।' ବାବା କହିଲେ 'ହଁ ଏଥିପାଇଁ ତ ମୁଁ ଏଠାକୁ ଆସିଛି । ମୁଁ ସର୍ବଦା ତୁମର ପାଳନ ଏବଂ ଉଦରପୋଷଣ କରିଆସୁଛି, ଏଥିପାଇଁ ତୁମ ପ୍ରତି ମୋର ସ୍ନେହ ଅଧିକ ।'


ଯେତେବେଳେ ବାବା ତାଙ୍କର ଆସନ ଉପରେ ବିରାଜମାନ ହେଲେ, ଶ୍ୟାମା ସେହି ମହିଳାଙ୍କୁ ଇସାରା ଦେଲେ । ସେ ବାବାଙ୍କୁ ପ୍ରଣାମ କରି ନଡ଼ିଆ ଓ ଧୂପବତି ଦେଲେ । ବାବା ନଡ଼ିଆ ହଲାଇଲେ ତ ତାହା ଶୁଖିଲା ଥିଲା ଏବଂ ଶବ୍ଦ କରୁଥିଲା । ତାପରେ ଶ୍ୟାମାଙ୍କୁ କହିଲେ 'ଦେଖ, ଏହା ତ ଖଡ଼ ଖଡ଼ ହେଉଛି । ଶୁଣ, ଏହା କ'ଣ କହୁଛି ?' ଶ୍ୟାମା କହିଲେ 'ଠିକ୍ ଏହି ପ୍ରକାର ତାଙ୍କର ପେଟରେ ମଧ୍ୟ ସନ୍ତାନ ଗୁଡ଼ଗୁଡ଼ କରୁ ବୋଲି ଏହି ମହିଳା ପ୍ରାର୍ଥନା କରୁଛନ୍ତି । ଏଣୁ ତାଙ୍କୁ ଆଶୀର୍ବାଦ ସହିତ ନଡ଼ିଆ ଫେରାଇଦିଅନ୍ତୁ ।' ବାବା କହିଲେ 'କ'ଣ ନଡ଼ିଆରୁ ସନ୍ତାନ ଉତ୍ପତ୍ତି ହୁଏ ? ଲୋକମାନେ କିପରି ମୂର୍ଖ ଯିଏ ଏହି ପ୍ରକାର କଳ୍ପନା କରନ୍ତି ।' ଶ୍ୟାମା କହିଲେ କି 'ମୁଁ ଆପଣଙ୍କର ବଚନ ଏବଂ ଆଶିଷର ଶକ୍ତି ସମ୍ପର୍କରେ ଅବଗତ ଅଛି ଏବଂ ଆପଣଙ୍କର ଗୋଟିଏ ମାତ୍ର ଶବ୍ଦ ଦ୍ୱାରା ହିଁ ସେହି ମାଆର କୋଳ ପୂର୍ଣ୍ଣ ହୋଇଯିବ। ଆପଣ ତ ଏଡ଼ାଉଛନ୍ତି ଏବଂ ଆଶୀର୍ବାଦ ଦେଉନାହାନ୍ତି । ଏହି ପ୍ରକାର କିଛି ସମୟ ପର୍ଯ୍ୟନ୍ତ ବାର୍ତ୍ତାଳାପ ଚାଲିଲା । ବାବା ବାରମ୍ବାର ନଡ଼ିଆ ଭାଙ୍ଗିବାକୁ କହୁଥିଲେ; କିନ୍ତୁ ଶ୍ୟାମା ଜିଦି କରୁଥିଲେ କି ବାବା ତାକୁ ତାଙ୍କୁ ଫେରାଇଦିଅନ୍ତୁ । ଶେଷରେ ବାବା କହିଲେ 'ତାଙ୍କର ପୁତ୍ର ପ୍ରାପ୍ତି ହେବ ।' ଶ୍ୟାମା ପଚାରିଲେ କି 'କେତେ ଦିନ ଭିତରେ ?' ବାବା କହିଲେ '୧୨ ମାସରେ' । ଏବେ ନଡ଼ିଆକୁ ଭାଙ୍ଗି ଦୁଇଖଣ୍ଡ କରିଦିଆଗଲା । ଗୋଟିଏ ଭାଗ ବାବା ଓ ଶ୍ୟାମା ଖାଇଲେ ଏବଂ ଆଉ ଗୋଟିଏ ଭାଗ ସେହି ମହିଳାଙ୍କୁ ଦିଆଗଲା ।

ଏହାପରେ ଶ୍ୟାମା ଉକ୍ତ ମହିଳାଙ୍କୁ କହିଲେ କି 'ସ୍ନେହର ଭଉଣୀ ! ତୁମେ ମୋର

ବଚନର ସାକ୍ଷୀ । ଯଦି ୧ ୨ ମାସ ଭିତରେ ତୁମର ସନ୍ତାନ ହେଲା ନାହିଁ ତାହେଲେ ମୁଁ ଏହି ଦେବତାଙ୍କ ମୁଣ୍ଡ ଉପରେ ନଡ଼ିଆ ଭାଙ୍ଗି ମସଜିଦ୍‌ରୁ ବାହାର କରିଦେବି ଆଉ ଯଦି ମୁଁ ଏଥିରେ ଅସଫଳ ହେଲି ତାହେଲେ ମୁଁ ନିଜକୁ ମାଧବ ବୋଲି କହିବି ନାହିଁ । ଯାହା କିଛି ବି ମୁଁ କହୁଛି, ଏହାର ସାର୍ଥକତା ତୁମକୁ ଶୀଘ୍ର ବିଦିତ ହୋଇଯିବ ।'

ଏକବର୍ଷରେ ତାଙ୍କର ପୁତ୍ରରତ୍ନ ପ୍ରାପ୍ତି ହେଲା ଏବଂ ଯେତେବେଳେ ତାକୁ ପାଞ୍ଚମାସ ହେଲା, ପତିଙ୍କ ସହିତ ସେ ବାବାଙ୍କର ଶ୍ରୀଚରଣରେ ଉପସ୍ଥିତ ହେଲେ । ପତି-ପତ୍ନୀ ଦୁହେଁ ଭୂମିଷ୍ଠ ପ୍ରଣାମ କଲେ ଏବଂ କୃତଜ୍ଞ ପିତା(ଶ୍ରୀମାନ ଔରଙ୍ଗାବାଦକର) ପାଞ୍ଚଶହ ଟଙ୍କା ଭେଟି ଦେଲେ, ଯାହା ବାବାଙ୍କର ଅଶ୍ୱ ଶ୍ୟାମକର୍ଣ୍ଣ ପାଇଁ ଛାତ ତିଆରି କରିବା କାମରେ ଲାଗିଲା ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



ବାବାଙ୍କର ପବିତ୍ର ପାଦୁକା ଓ ସଟ୍‌କା ଏବେ ସାଇବାବା ସଂସ୍ଥାନ ନିକଟରେ ରହିଛି । ପ୍ରତି ଗୁରୁବାର ଚଭାଡ଼ି ଯାତ୍ରା ସମୟରେ ଭକ୍ତମାନେ ଏହାକୁ ଦର୍ଶନ କରୁଛନ୍ତି ।

# ।।ସପ୍ତତ୍ରିଂଶତ୍(୩୭)ଅଧ୍ୟାୟ ।।

## ।।ଚଭାଡ଼ି ସମାରୋହ।।

ଏହି ଅଧ୍ୟାୟରେ ଆମେ ପ୍ରଥମେ ବେଦାନ୍ତ ବିଷୟରେ ସମ୍ୟକ ଆଲୋଚନା କରିବା ପରେ ଚଭାଡ଼ିର ଭବ୍ୟ ସମାରୋହ କଥା ବର୍ଣ୍ଣନା କରିବା ।

**ପ୍ରାରମ୍ଭ :** ଧନ୍ୟ ଶ୍ରୀ ସାଇ, ଯାହାଙ୍କର ଜୀବନ ଯେପରି ଥିଲା, ସେହିପରି ଅବର୍ଣ୍ଣନୀୟ ଲୀଳା ବିଳାସ । ତାଙ୍କର ପ୍ରତିଦିନର କାର୍ଯ୍ୟକ୍ରମ ଥିଲା ଅଦ୍‌ଭୁତ କ୍ରିୟାରେ ପରିପୂର୍ଣ୍ଣ । କେବେ ସେ ସମସ୍ତ ସାଂସାରିକ କାର୍ଯ୍ୟରୁ ନିର୍ଲିପ୍ତ ହୋଇ କର୍ମକାଣ୍ଡୀ ଭଳି ପ୍ରତୀତ ହେଉଥିଲେ ତ ଆଉ କେବେ ବ୍ରହ୍ମାନନ୍ଦ ତଥା ଆତ୍ମଜ୍ଞାନରେ ନିମଗ୍ନ ରହୁଥିଲେ । କେତେବେଳେ ସେ ଅନେକ କାର୍ଯ୍ୟ କରି ମଧ୍ୟ ସେଥିରେ ଅସଂପୃକ୍ତ ରହୁଥିଲେ । ଯଦିଓ କେବେ କେବେ ସେ ପୂର୍ଣ୍ଣ ନିଷ୍କ୍ରିୟ ପ୍ରତୀତ ହେଉଥିଲେ ତଥାପି ଆଳସ୍ୟରୁ ଦୂରରେ ଥିଲେ । ପ୍ରଶାନ୍ତ ମହାସାଗର ଭଳି ସେ ସର୍ବଦା ଜାଗ୍ରତ ରହି ମଧ୍ୟ ଗମ୍ଭୀର, ପ୍ରଶାନ୍ତ ଏବଂ ସ୍ଥିର ଦେଖାଯାଉଥିଲେ । ତାଙ୍କର ପ୍ରକୃତିର ବର୍ଣ୍ଣନା ଆମର ସାମର୍ଥ୍ୟର ଊର୍ଦ୍ଧ୍ୱରେ ।

ଏହା ସର୍ବବିଦିତ ଯେ ସେ ବାଳବ୍ରହ୍ମଚାରୀ ଥିଲେ । ସେ ସର୍ବଦା ପୁରୁଷମାନଙ୍କୁ ଭାଇ ଏବଂ ନାରୀମାନଙ୍କୁ ମାତା ବା ଭଉଣୀ ମନେ କରୁଥିଲେ । ତାଙ୍କର ସଂଗତି ଦ୍ୱାରା ଆମର ଯେଉଁ ଅନୁପମ ଜ୍ଞାନ ଉପଲବ୍ଧି ହୋଇଛି, ମୃତ୍ୟୁପର୍ଯ୍ୟନ୍ତ ତାହା ବିସ୍ମୃତ ନହେଉ, ତାଙ୍କର ଶ୍ରୀଚରଣରେ ଏହା ବିନମ୍ର ପ୍ରାର୍ଥନା । ସମସ୍ତ ଭୂତରେ ଆମେ ଈଶ୍ୱରଙ୍କ ଦର୍ଶନ କରିବା ଏବଂ ନାମସ୍ମରଣର ରସାନୁଭୂତି ଲାଭ କରି ଅନନ୍ୟ ଭାବରେ ତାଙ୍କର ମୋହ ବିନାଶକ ଚରଣର ସେବା କରିବା, ଏହା ଆମର ଆକାଙ୍କ୍ଷା ।

ହେମାଡପନ୍ତ ତାଙ୍କର ଦୃଷ୍ଟିକୋଣ ଦ୍ୱାରା ଆବଶ୍ୟକତାନୁସାରେ ବେଦାନ୍ତର ବିବରଣୀ ଦେଇ ଚଭାଡ଼ି ସମାରୋହର ବର୍ଣ୍ଣନା ନିମ୍ନ ପ୍ରକାର କରିଛନ୍ତି ।

**ଚଭାଡ଼ି ସମାରୋହ :** ବାବାଙ୍କର ଶୟନାଗାରର ବର୍ଣ୍ଣନା ପ୍ରଥମେ କରାଯାଇସାରିଛି । ଦିନେ ସେ ମସଜିଦ୍‌ରେ ଏବଂ ଆଉ ଦିନେ ଚଭାଡ଼ିରେ ବିଶ୍ରାମ କରୁଥିଲେ ଏବଂ ଏହି କାର୍ଯ୍ୟକ୍ରମ ତାଙ୍କର ମହାସମାଧି ପର୍ଯ୍ୟନ୍ତ ଚାଲିଥିଲା । ଭକ୍ତମାନେ ଚଭାଡ଼ିରେ ବାବାଙ୍କର ନିୟମିତ ପୂଜାର୍ଚ୍ଚନା ୧୯୦୯ ମସିହା ଡିସେମ୍ବର ୧୦ ତାରିଖରୁ ଆରମ୍ଭ କଲେ ।

ଏବେ ତାଙ୍କର ଚରଣାମ୍ବୁଜର ଧ୍ୟାନ କରି ଚଭାଡ଼ି ସମାରୋହର ବର୍ଣ୍ଣନା କରିବା । ଏହା ଏପରି ମନୋରମ ଦୃଶ୍ୟ ଥିଲା ଯେ ଦେଖଣାହାରୀମାନେ ତନ୍ମୟ ହୋଇଯାଉଥିଲେ ଏବଂ ନିଜର ଦୁଃଖସୁଖ ଭୁଲିଯାଇ ମନରେ ଇଚ୍ଛା ପୋଷଣ କରୁଥିଲେ ଯେ ଏହି ଦୃଶ୍ୟ

କେବେ ଆମ ନୟନପଟରୁ ଦୂରେଇନଯାଉ । ଚଭାଡ଼ିରେ ବିଶ୍ରାମ କରିବା ପାଇଁ ବାବା ଯେବେ ଯାଉଥିଲେ, ସେହି ରାତିରେ ଭକ୍ତମାନଙ୍କର ଅପାର ଜନସମୁଦ୍ର ମସଜିଦ୍‌ର ସଭାମଣ୍ଡପରେ ସମାଗମ ହୋଇ ଘଣ୍ଟା ଘଣ୍ଟା ଧରି ଭଜନ, ସଂଗୀତ ପରିବେଷଣ କରୁଥିଲା । ମଣ୍ଡପର ଗୋଟିଏ ପାର୍ଶ୍ୱରେ ସୁସଜ୍ଜିତ ରଥ ରଖାଯାଉଥିଲା ଏବଂ ଅନ୍ୟ ପାର୍ଶ୍ୱରେ ତୁଳସୀ ବୃନ୍ଦାବନ । ସମସ୍ତ ରସାଳ ଭକ୍ତବୃନ୍ଦ ତାଳ, କରତାଳ, ଝାଞ୍ଜ, ମୃଦଙ୍ଗ, ଖଞ୍ଜଣି ଏବଂ ଢ଼ୋଲ ଇତ୍ୟାଦି ନାନା ପ୍ରକାର ବାଦ୍ୟ ବଜାଇ ଭଜନ ଆରମ୍ଭ କରୁଥିଲେ । ଏ ସମସ୍ତ ଭଜନପ୍ରିୟ ଭକ୍ତମାନଙ୍କୁ ଚୁମ୍ବକ ଭଳି ଆକର୍ଷଣ କରିବାର କେନ୍ଦ୍ରବିନ୍ଦୁ ଥିଲେ ଶ୍ରୀ ସାଇବାବା ।

ମସଜିଦ୍‌ର ଅଗଣାକୁ ଦେଖ ତ ଭକ୍ତମାନେ ବଡ଼ ଉତ୍ସାହରେ ନାନା ପ୍ରକାର ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ କରିବାରେ ବ୍ୟସ୍ତ ଥିଲେ । କିଏ ତୋରଣ ବାନ୍ଧି ଦୀପ ଜଳାଉଥିଲା ତ କିଏ ପାଲିଙ୍କି ଏବଂ ରଥର ଶୃଙ୍ଗାର କରି ହାତରେ ଧ୍ୱଜା ଆଦି ଧରୁଥିଲେ । ଶ୍ରୀ ସାଇବାବାଙ୍କ ଜୟଜୟକାର ଧ୍ୱନିରେ ଆକାଶମଣ୍ଡଳ ଗୁଞ୍ଜରିତ ହୋଇଉଠୁଥିଲା । ଦୀପଗୁଡ଼ିକର ଆଲୋକରେ ଜାଜ୍ୱଲ୍ୟମାନ ମସଜିଦ୍ ଏପରି ପ୍ରତୀତ ହେଉଥିଲା ଯେପରିକି ମଙ୍ଗଳଦାୟିନୀ ଦୀପାବଳି ସ୍ୱୟଂ ଶିରିଡ଼ି ପଦାର୍ପଣ କରି ବିରାଜିତ ହୋଇଛନ୍ତି । ମସଜିଦ୍ ବାହାରକୁ ଦୃଷ୍ଟିପାତ କର ତ ଦ୍ୱାର ଦେଶରେ ଶ୍ରୀ ସାଇବାବାଙ୍କର ପୂର୍ଣ୍ଣ ସୁସଜ୍ଜିତ ଅଶ୍ୱ ଶ୍ୟାମସୁନ୍ଦର ଦଣ୍ଡାୟମାନ ରହୁଥିଲା । ଶ୍ରୀ ସାଇବାବା ନିଜର ଆସନରେ ଶାନ୍ତ ମୁଦ୍ରାରେ ବିରାଜମାନ କରୁଥିଲେ । ଏହା ମଧ୍ୟରେ ଭକ୍ତବୃନ୍ଦଙ୍କ ସହିତ ତାତ୍ୟା ପାଟିଲ ବାବାଙ୍କ ପାଖକୁ ଆସି ତାଙ୍କୁ ପ୍ରସ୍ତୁତ ହେବାକୁ ସୂଚନା ଦେଉଥିଲେ ତଥା ଉଠିବାରେ ସହାୟତା କରୁଥିଲେ । ଘନିଷ୍ଠ ସମ୍ବନ୍ଧ ଥିବାରୁ ତାତ୍ୟା ପାଟିଲ ବାବାଙ୍କୁ 'ମାମା' ବୋଲି ସମ୍ବୋଧନ କରୁଥିଲେ । ବାବା ସବୁବେଳ ପରି କଫନି ପରିଧାନ କରି ସଟକା, ଚିଲମ ଏବଂ ତମାଖୁ ଧରି କାନ୍ଧରେ ଏକ ଚଦର ପକାଇ ଯିବାକୁ ପ୍ରସ୍ତୁତ ହେଉଥିଲେ । ତତ୍ପରେ ତାତ୍ୟା ପାଟିଲ କାନ୍ଧରେ ଏକ ସୁନ୍ଦର ଜରିଲଗା ଶାଲ ପକାଇ ଦେଉଥିଲେ । ଏହାପରେ ବାବା ଧୁନିକୁ ପ୍ରଜ୍ୱଳିତ କରି ରଖିବା ପାଇଁ ସେଥିରେ କିଛି କାଠ ପକାଇ ତଥା ଧୁନି ସମ୍ମୁଖରେ ଥିବା ପ୍ରଦୀପକୁ ବାମ ହାତରେ ନିର୍ବାପିତ କରିଦେଇ ଚଭାଡ଼ି ଅଭିମୁଖେ ପ୍ରସ୍ଥାନ କରୁଥିଲେ । ଏହାପରେ ନାନା ପ୍ରକାର ବାଦ୍ୟ ବାଦନ ଆରମ୍ଭ ହେଉଥିଲା, ସେଥିରୁ ବିବିଧ ପ୍ରକାର ସ୍ୱର ଝଙ୍କୃତ ହୋଇ ପରିବେଶକୁ ମାଦକତାରେ ପୂର୍ଣ୍ଣ କରିଦେଉଥିଲା । ସମ୍ମୁଖରେ ରଙ୍ଗବେରଙ୍ଗର ଆତସବାଜି ଆଖି ଝଲସାଇ ଦେଉଥିଲା ଏବଂ ଅସଂଖ୍ୟ ନରନାରୀ ପ୍ରକାର ପ୍ରକାର ବାଦ୍ୟ ବଜାଇ ତାଙ୍କର କୀର୍ତ୍ତି ଓ ମହିମାର ଗୁଣଗାନ କରି କରି ଆଗକୁ ଯାତ୍ରା କରୁଥିଲେ । କିଏ ଆନନ୍ଦବିଭୋର ହୋଇ ନୃତ୍ୟ କରୁଥିଲେ ତ କିଏ ଅନେକ ପ୍ରକାରର ଧ୍ୱଜା ଏବଂ ନିଶାଣ ଧରି ଚାଲୁଥିଲେ । ଯେମିତି ହିଁ ବାବା ମସଜିଦ୍‌ର ପାହାଚରେ ତାଙ୍କର ପାଦ ରଖୁଥିଲେ, ଦ୍ୱାରପାଳ

ବଡ଼ପାଟି(ଲଲକାର) କରି ତାଙ୍କର ପ୍ରସ୍ଥାନର ସୂଚନା ଦେଉଥିଲେ । ଦୁଇ ପାର୍ଶ୍ୱରେ ଲୋକେ ଚାମର ଧରି ଛିଡ଼ା ହେଉଥିଲେ ଏବଂ ପଙ୍ଖା ବିଞ୍ଚୁଥିଲେ । ରାସ୍ତାରେ ବିଛାଯାଇଥିବା ଲାଲ ରଙ୍ଗର କପଡ଼ା ଉପରେ ସମାରୋହ ଆଗକୁ ଯାଉଥିଲା । ତାତ୍ୟା ପାଟିଲ ବାବାଙ୍କର ବାମ ଭୁଜ ତଥା ମହଲସାପତି ଡାହାଣ ଭୁଜ ଧରି ଏବଂ ବାପୁସାହେବ ଯୋଗ ପଛରେ ଛତ୍ରି ଧରି ଯାଉଥିଲେ । ଆଗରେ ସୁସଜ୍ଜିତ ଅଶ୍ୱ ଶ୍ୟାମସୁନ୍ଦର ଯାଉଥିଲା ଏବଂ ତାହା ପଛରେ ଭଜନମଣ୍ଡଳୀ ତଥା ଭକ୍ତମାନଙ୍କର ସମୂହ ବାଦ୍ୟର ଧ୍ୱନି ସହିତ ହରି ଏବଂ ସାଇନାମର ଧ୍ୱନିରେ ସମଗ୍ର ବାୟୁମଣ୍ଡଳ ପ୍ରକମ୍ପିତ ହୋଇଉଠୁଥିଲା । ଏହାପରେ ସମାରୋହ ଚଭାଡ଼ି ମୋଡ଼ରେ ପହଞ୍ଚୁଥିଲା । ସମଗ୍ର ଜନସମୁଦାୟର ସେ ସମୟର ଆନନ୍ଦ ତଥା ପ୍ରଫୁଲ୍ଲତା କହିଲେ ନସରେ । ଯେତେବେଳେ ମୋଡ଼ ପାଖରେ ପହଞ୍ଚି ବାବା ଚଭାଡ଼ି ସାମନାରେ ଦଣ୍ଡାୟମାନ ହେଉଥିଲେ, ତାଙ୍କର ମୁଖମଣ୍ଡଳ ଏକ ଅଦ୍‌ଭୂତ ଦିବ୍ୟପ୍ରଭାରେ ଉଦ୍‌ଭାସିତ ହୋଇଉଠୁଥିଲା । ମନେ ହେଉଥିଲା କି ଯେପରି ଅରୁଣୋଦୟ ସମୟର ବାଳସୂର୍ଯ୍ୟ ଦିଗ୍‌ବଳୟରେ ଉଦିତ ହୋଇଛନ୍ତି । ଉତ୍ତରାଭିମୁଖୀ ହୋଇ ସେ ଏପରି ଏକ ମୁଦ୍ରାରେ ଦଣ୍ଡାୟମାନ ହେଉଥିଲେ ଯେପରି କିଏ କାହାର ଆଗମନର ପ୍ରତୀକ୍ଷା କରୁଛନ୍ତି । ବାଦ୍ୟ ପୂର୍ବପରି ବାଜୁଥାଏ ଏବଂ ସେ ତାଙ୍କର ଡାହାଣ ହସ୍ତ କିଛି ସମୟ ପର୍ଯ୍ୟନ୍ତ ଉପର ତଳକୁ କରି ଭକ୍ତମାନଙ୍କୁ ଆଶୀର୍ବାଦ ଦେଉଥାନ୍ତି । ବାଦକ ତୀବ୍ର ନାଦରେ ବାଦ୍ୟ ବଜାଇବାକୁ ଲାଗିଲେ ଏବଂ ଏହି ସମୟରେ କାକାସାହେବ ଦୀକ୍ଷିତ ଅବିର ବୃଷ୍ଟି କଲେ । ବାବାଙ୍କର ମୁଖମଣ୍ଡଳର ରକ୍ତିମ ଆଭା ଜାଜ୍ଜଲ୍ୟମାନ ହେବାକୁ ଲାଗିଲା ଏବଂ ସମସ୍ତ ଲୋକ ତୃପ୍ତ ହୃଦୟରେ ସେହି ରସମାଧୁରୀ ଆସ୍ୱାଦନ କରିବାରେ ଲାଗିଲେ । ଏହି ମନମୋହକ ଦୃଶ୍ୟ ଏବଂ ଅବସରକୁ ଭାଷାରେ ବର୍ଣ୍ଣନା କରିବା ଏବଂ ଲେଖିବାରେ ଅସମର୍ଥ ହେଉଛି । ଭାବବିଭୋର ହୋଇ ମହଲସାପତି ନୃତ୍ୟ କରୁଥିଲେ; କିନ୍ତୁ ବାବାଙ୍କର ଅଭଙ୍ଗ ଏକାଗ୍ରତା ଦେଖି ଭକ୍ତମାନେ ଆଶ୍ଚର୍ଯ୍ୟଚକିତ ହେଉଥିଲେ । ତାତ୍ୟା ପାଟିଲ ଗୋଟିଏ ହାତରେ ଲଣ୍ଠନଧରି ବାବାଙ୍କର ବାମ ପାର୍ଶ୍ୱରେ ଏବଂ ମହଲସାପତି ଆଭୂଷଣ ଧରି ବାବାଙ୍କର ଡାହାଣ ପାର୍ଶ୍ୱରେ ଯାଉଥିଲେ । ଦେଖ କିପରି ସୁନ୍ଦର ସମାରୋହର ଶୋଭା ତଥା ଭକ୍ତିର ଦର୍ଶନ ହେଉଛି । ଏହି ଦୃଶ୍ୟର ଝଲକ ଦେଖିବା ପାଇଁ ସହସ୍ର ନର-ନାରୀ କି ଧନୀ କି ଗରିବ ସମସ୍ତେ ଏକତ୍ରି ହେଉଥିଲେ । ଏବେ ବାବା ମନ୍ଦ ମନ୍ଦ ଗତିରେ ଆଗକୁ ଯାଉଥିଲେ ଏବଂ ଚତୁର୍ଦ୍ଦିଗରେ ପ୍ରସନ୍ନତାର ବାତାବରଣ ଶୋଭାୟମାନ ହେଉଥିଲା । ସମ୍ପୂର୍ଣ୍ଣ ବାୟୁମଣ୍ଡଳ ଖୁସିରେ ଝୁମି ଉଠୁଥିଲା ଏବଂ ଏହି ପ୍ରକାର ସମାରୋହ ଚଭାଡ଼ିରେ ପହଞ୍ଚୁଥିଲା । ସେହି ଦୃଶ୍ୟ ଭବିଷ୍ୟତରେ ଆଉ କେବେ ଦେଖିବାକୁ ମିଳିବ ନାହିଁ । ଏବେ ତ କେବଳ ତାହାର ସ୍ମରଣ କରି ଚକ୍ଷୁ ସାମନାରେ ସେହି ମନୋରମ ଅତୀତର କଳ୍ପନା କରି ହୃଦୟର ପିପାସା ଶାନ୍ତ କରିବାକୁ ହେବ ।

ଚଭାଡ଼ିର ସାଜସଜ୍ଜା ମଧ୍ୟ ବିଲକ୍ଷଣ ଥିଲା । ଝଲମଲ ଜରି, କାଚ ଏବଂ ପ୍ରକାର ପ୍ରକାର ଗ୍ୟାସବତି ସମଗ୍ର ପରିବେଶକୁ କ୍ଷୁଦ୍ର ଆକାଶମଣ୍ଡଳୀର ଭ୍ରମ ସୃଷ୍ଟି କରୁଥିଲା । ଚଭାଡ଼ି ପହଞ୍ଚିବା ପରେ ତାତ୍ୟା ପାଟିଲ ପ୍ରଥମେ ଭିତରେ ପ୍ରବେଶ କରୁଥିଲେ ଏବଂ ଆସନ ସଜାଇ ବାବାଙ୍କୁ ଉପବେଶନ କରାଉଥିଲେ । ତାପରେ ଏକ ସୁନ୍ଦର ଅଙ୍ଗରଖା ପରିଧାନ କରାଉଥିଲେ ଏବଂ ଭକ୍ତମାନେ ନାନା ପ୍ରକାର ତାଙ୍କର ପୂଜା କରୁଥିଲେ । ମସ୍ତକରେ ଏକ ସ୍ୱର୍ଣ୍ଣ କିରୀଟ ତଥା ଫୁଲ ଏବଂ ରତ୍ନପଥରର ମାଳ ତାଙ୍କର ଗଳାରେ ଶୋଭାବର୍ଦ୍ଧନ କରୁଥିଲା । ପୁଣି ଲଲାଟରେ କସ୍ତୁରୀ ଏବଂ ବୈଷ୍ଣବୀ ତିଳକ ତଥା ମଝିରେ ବିନ୍ଦି ଲଗାଯାଉଥିଲା । ଏପରି କରି ଭକ୍ତମାନେ ଦୀର୍ଘକାଳ ପର୍ଯ୍ୟନ୍ତ ଅପଲକ ନୟନରେ ତାଙ୍କର ଶୋଭା ନିରୀକ୍ଷଣ କରୁଥିଲେ । ତାଙ୍କର ଶିରୋପା ବଦଳାଯାଉଥିଲା ଏବଂ ତାକୁ ଉପରୁ ହିଁ ବାହାର କରିଦିଆଯାଉଥିଲା କାରଣ ବାବା କାଳେ ତାକୁ କାଢ଼ି ଫିଙ୍ଗିଦେବେ ବୋଲି ଆଶଙ୍କା ଜାତ ହେଉଥିଲା । କିନ୍ତୁ ବାବା ତ ଅନ୍ତର୍ଯ୍ୟାମୀ ଥିଲେ ଏବଂ ସେ ଭକ୍ତମାନଙ୍କର ଇଚ୍ଛାନୁସାରେ ହିଁ ପୂଜା କରିବାକୁ ଦେଉଥିଲେ । ଏହିସବୁ ଆଭୂଷଣରେ ସୁସଜ୍ଜିତ ହେବା ପରେ ତାଙ୍କର ଶୋଭା ବାସ୍ତବିକ ଅବର୍ଣ୍ଣନୀୟ ଥିଲା ।

ନାନାସାହେବ ନିମୋଣକର ଏକ ସୁନ୍ଦର ବୃତ୍ତାକାର ଛତ୍ର ଧରୁଥିଲେ, ଯାହାର କେନ୍ଦ୍ରରେ ଗୋଟିଏ ଛଡ଼ି ଲାଗିଥିଲା । ବାପୁସାହେବ ଯୋଗ ଚାନ୍ଦିର ଏକ ସୁନ୍ଦର ଥାଳିରେ ପଦପ୍ରକ୍ଷାଳନ କରୁଥିଲେ ଏବଂ ଅର୍ଘ୍ୟ ଦେବାପରେ ବିଧି ସହକାରେ ତାଙ୍କର ପୂଜାର୍ଚ୍ଚନା କରୁଥିଲେ ତଥା ହାତରେ ଚନ୍ଦନ ଲଗାଇ ତାମ୍ବୁଳ ଅର୍ପଣ କରୁଥିଲେ । ତାଙ୍କୁ ଆସନ ଉପରେ ବିରାଜମାନ କରାଯାଉଥିଲା । ପୁଣି ତାତ୍ୟା ପାଟିଲ ତଥା ଅନ୍ୟ ସମସ୍ତ ଭକ୍ତ ତାଙ୍କର ଶ୍ରୀଚରଣରେ ନିଜ ନିଜର ମଥା ନତ କରି ପ୍ରଣାମ କରୁଥିଲେ । ଯେତେବେଳେ ବାବା ଉପବେଶନ କରୁଥିଲେ, ଭକ୍ତଗଣ ଦୁଇ ପାର୍ଶ୍ୱରେ ରହି ଚାମର ଏବଂ ପଙ୍ଖା ବିଞ୍ଚିବାରେ ଲାଗୁଥିଲେ । ଶ୍ୟାମା ଚିଲମ ତିଆରିକରି ତାତ୍ୟା ପାଟିଲଙ୍କୁ ଦେଉଥିଲେ । ସେ ପ୍ରଥମେ ଟାଣି ଚିଲମକୁ ପ୍ରଜ୍ଜ୍ୱଳିତ କରୁଥିଲେ ଏବଂ ବାବାଙ୍କୁ ଅର୍ପଣ କରୁଥିଲେ । ବାବା ଚିଲମ ଟାଣିବା ପରେ ତାହାକୁ ଭକ୍ତ ମହଲସାପତିଙ୍କୁ ଏବଂ ତାପରେ ଅନ୍ୟ ସମସ୍ତ ଭକ୍ତଙ୍କୁ ଦେଉଥିଲେ । ଧନ୍ୟ ଅଟେ ସେହି ନିର୍ଜୀବ ଚିଲମ । କେତେ ମହାନ୍ ତାର ତପ, ଯିଏ ପ୍ରଥମେ କୁମ୍ଭକାର ଦ୍ୱାରା ଚକ୍ରରେ ଘୂରିଲା, ପୁଣି ଖରାରେ ଶୁଖିଲା, ତାପରେ ଅଗ୍ନିରେ ଉତ୍ତପ୍ତ ହୋଇ ସଂସ୍କାର ଲାଭ କଲା । ତାପରେ ତାକୁ ବାବାଙ୍କର କରସ୍ପର୍ଶ ତଥା ଅଧରଚୁମ୍ବନର ସୌଭାଗ୍ୟ ପ୍ରାପ୍ତ ହେଉଥିଲା । ଯେତେବେଳେ ଏହି ସବୁ କାର୍ଯ୍ୟ ସମାପ୍ତ ହେଲା, ଭକ୍ତଗଣ ବାବାଙ୍କୁ ପୁଷ୍ପମାଲ୍ୟରେ ଆଚ୍ଛାଦିତ କରିଦେଉଥିଲେ ତଥା ସୁଗନ୍ଧିତ ଫୁଲର ତୋଡ଼ାମାନ ଉପହାର ଦେଉଥିଲେ । ବାବା ତ ବୈରାଗ୍ୟର ପୂର୍ଣ୍ଣ ଅବତାର ଥିଲେ, ସେ ସେହି ହୀରା, ରତ୍ନପଥର ଆଉ ଫୁଲର ହାର ତଥା ଏହି ପ୍ରକାର ଆଡ଼ମ୍ବରରେ କେବେ ରୁଚି ନେବା ବ୍ୟକ୍ତି ନଥିଲେ । ଭକ୍ତମାନେ ନିରୁତା

ପ୍ରେମବଶତଃ ସେମାନଙ୍କର ଇଚ୍ଛାନୁସାରେ ପୂଜା କରିବାରେ ସେ କୌଣସି ଆପତ୍ତି କରୁନଥିଲେ । ଶେଷରେ ମାଙ୍ଗଳିକ ସ୍ୱରରେ ବାଦ୍ୟ ବାଦନ ହେଉଥିଲା ଏବଂ ବାପୁସାହେବ ଯୋଗ ଯଥାବିଧି ବାବାଙ୍କର ଆରତି କରୁଥିଲେ । ଆରତି ସମାପ୍ତ ହେବା ପରେ ଭକ୍ତମାନେ ବାବାଙ୍କୁ ପ୍ରଣାମ କରୁଥିଲେ ତଥା ତାଙ୍କର ଆଦେଶ ନେଇ ଜଣ ଜଣ କରି ଘରକୁ ଫେରୁଥିଲେ । ତାପରେ ତାତ୍ୟା ପାଟିଲ ତାଙ୍କୁ ଚିଲମ ସେବନ କରାଇ ଗୋଲାପ ଜଳ, ଅତର ଇତ୍ୟାଦି ଲଗାଇଦେଉଥିଲେ ଏବଂ ବିଦାୟ ନେବା ସମୟରେ ଗୋଲାପର ଏକ ପୁଷ୍ପ ଦେଉଥିଲେ । ବାବା ଏହାପରେ ପ୍ରେମସହକାରେ କହୁଥିଲେ କି 'ତାତ୍ୟା, ଭଲଭାବରେ ମୋର ଦେଖାଶୁଣା କରିବ । ତୁମର ଘରକୁ ଯିବାର ଅଛି ତ ଯାଅ; କିନ୍ତୁ ରାତିରେ ମଝିରେ ମଝିରେ ଆସି ମୋତେ ଦେଖିଯାଉଥିବ ।' ଏହାପରେ ସ୍ୱୀକାରାତ୍ମକ ଉତ୍ତର ଦେଇ ତାତ୍ୟା ପାଟିଲ ଚଭାଡ଼ିରୁ ବିଦାୟ ନେଉଥିଲେ । ତାପରେ ଗୋଟିଏ ପରେ ଗୋଟିଏ ଏପରି ବହୁସଂଖ୍ୟାରେ ଚାଦର ବିଛାଇ ବାବା ନିଜର ବିଛଣା ତିଆରି କରୁଥିଲେ ଓ ବିଶ୍ରାମ ନେଉଥିଲେ ।

ଏବେ ଆମେ ମଧ୍ୟ ବିଶ୍ରାମ କରିବା ଏବଂ ଏହି ଅଧ୍ୟାୟକୁ ସମାପ୍ତ କରି ପାଠକମାନଙ୍କୁ ଏହି ପ୍ରାର୍ଥନା କରିବା କି ସେମାନେ **ପ୍ରତିଦିନ ଶୋଇବା ପୂର୍ବରୁ ଶ୍ରୀ ସାଇବାବା ଏବଂ ଚଭାଡ଼ି ସମାରୋହର ଧ୍ୟାନ ଅବଶ୍ୟ କରିବେ ।**

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



## ।।ଅଷ୍ଟାତ୍ରିଂଶତ୍(୩୮) ଅଧ୍ୟାୟ ।।

### ବାବାଙ୍କର ପାକପାତ୍ର(ହାଣ୍ଡି) ନାନାସାହେବଙ୍କ ଦ୍ୱାରା ଦେବମୂର୍ତ୍ତିଙ୍କର ଉପେକ୍ଷା, ନୈବେଦ୍ୟ ବିତରଣ ଓ ଚହ୍ଲା ପ୍ରସାଦ

ଗତ ଅଧ୍ୟାୟରେ ଚଭାଡ଼ିର ଭବ୍ୟ ସମାରୋହ କଥା ବର୍ଣ୍ଣନା କରାଯାଇଛି । ଏହି ଅଧ୍ୟାୟରେ ବାବାଙ୍କର ପାକପାତ୍ର ବା ହାଣ୍ଡି ତଥା ଅନ୍ୟାନ୍ୟ ବିଷୟରେ ଆଲୋଚନା କରିବା ।

**ପ୍ରସ୍ତାବନା :** ହେ ପ୍ରଭୁ, ସଦ୍‌ଗୁରୁ ସାଇ । କରୁଣାବତାର । ତୁମ ଚରଣରେ ସାଷ୍ଟାଙ୍ଗ ପ୍ରଣାମ । ହେ ବିଶ୍ୱର ସୁଖଦାତା, ଭକ୍ତ କଲ୍ୟାଣକାରୀ । ତୁମେ ଉଦାର ହୃଦୟର ଅଧିକାରୀ । ଯେଉଁ ଭକ୍ତମାନେ ତୁମର ଅଭୟ ଚରଣ କମଳରେ ନିଜକୁ ସମର୍ପିତ କରନ୍ତି, ତୁମେ ତାଙ୍କର ସର୍ବଦା ରକ୍ଷା ଏବଂ ଉଦ୍ଧାର କରିଥାଅ । ଭକ୍ତମାନଙ୍କର କଲ୍ୟାଣ ଏବଂ ପରିତ୍ରାଣ ନିମିତ୍ତ ତମେ ଅବତାର ଧାରଣ କରିଛ । ବ୍ରହ୍ମର ଛାଞ୍ଚରେ ବିଶୁଦ୍ଧ ଆତ୍ମରୂପୀ ଦ୍ରବ୍ୟାର୍ପଣ କରାଯାଇଛି ଏବଂ ସେଥିରୁ ଯେଉଁ ମୂର୍ତ୍ତି ନିର୍ଗତ ହୋଇଛି ତାହା ହେଉଛି ସନ୍ତଙ୍କର ଶିରୋମଣି ଶ୍ରୀ ସାଇବାବାଙ୍କର । ସାଇ ସ୍ୱୟଂ ଆତ୍ମାରାମ ଏବଂ ଚିର ଆନନ୍ଦଧାମ ଅଟନ୍ତି । ଏହି ଜୀବନର ସମସ୍ତ କାର୍ଯ୍ୟକୁ ନଶ୍ୱର ମନେକରି ସେ ଭକ୍ତମାନଙ୍କୁ ନିଷ୍କାମ ଏବଂ ମୁକ୍ତ କରିଛନ୍ତି ।

**ବାବାଙ୍କର ପାକପାତ୍ର :** ଧର୍ମଶାସ୍ତ୍ରରେ ଭିନ୍ନ ଭିନ୍ନ ଯୁଗ ପାଇଁ ଭିନ୍ନ ଭିନ୍ନ ସାଧନାର କଥା ଉଲ୍ଲେଖ କରାଯାଇଛି । **ସତ୍ୟଯୁଗରେ ତପ, ତ୍ରେତାରେ ଜ୍ଞାନ, ଦ୍ୱାପରରେ ଯଜ୍ଞ ଏବଂ କଳିଯୁଗରେ ଦାନର ବିଶେଷ ମାହାତ୍ମ୍ୟ ରହିଛି । ସମସ୍ତ ପ୍ରକାର ଦାନ ମଧ୍ୟରେ ଅନ୍ନଦାନ ଶ୍ରେଷ୍ଠ ଅଟେ ।** ମଧ୍ୟାହ୍ନ ସମୟରେ ଖାଇବାକୁ ନପାଇଲେ ଆମେ ଭୋକ ବିକଳରେ ଛଟପଟ ହେଉ । ଅନ୍ୟ ପ୍ରାଣୀଙ୍କଠାରେ ଏପରି ଅବସ୍ଥା ଅନୁଭବ କରି ଯିଏ ଭିକ୍ଷୁକ କିମ୍ବା କ୍ଷୁଧିତକୁ ଆହାର ଦିଏ ସେ ଶ୍ରେଷ୍ଠ ଦାନୀ ଅଟେ । ତୈତିରୀୟ ଉପନିଷଦରେ ଉଲ୍ଲେଖ ଅଛି 'ଅନ୍ନ ହିଁ ବ୍ରହ୍ମ ଏବଂ ସେଥିରୁ ସମସ୍ତ ପ୍ରାଣୀ ଜାତ ହୋଇଛନ୍ତି ତଥା ଏହାଦ୍ୱାରା ପ୍ରାଣୀ ଜୀବିତ ରହେ ଏବଂ ମୃତ୍ୟୁ ପରେ ସେଥିରେ ବିଲୀନ ହୋଇଯାଏ ।' ଏଣୁ ମଧ୍ୟାହ୍ନ ସମୟରେ କୌଣସି ଅତିଥି ଘରକୁ ଆସିଲେ ତାଙ୍କର ସ୍ୱାଗତକରି ଭୋଜନ କରାଇବା ଆମର କର୍ତ୍ତବ୍ୟ । ଅନ୍ୟ ଦାନ ଯଥା ଧନ, ଭୂମି, ବସ୍ତ୍ର ଇତ୍ୟାଦି କ୍ଷେତ୍ରରେ ତ ପାତ୍ର କଥା ବିଚାର କରାଯାଏ କିନ୍ତୁ ଅନ୍ନଦାନ ନିମନ୍ତେ ବିଶେଷ ବିଚାର ଆଲୋଚନାର ପ୍ରୟୋଜନ ନାହିଁ । ମଧ୍ୟାହ୍ନ ସମୟରେ ଯିଏ ବି ଦୁଆର ମୁହଁକୁ ଆସୁନା କାହିଁକି ତାକୁ ଭୋଜନ କରାଇବା ଆମର କର୍ତ୍ତବ୍ୟ । ପ୍ରଥମେ ଅକର୍ମଣ୍ୟ, ଅଥର୍ବ, ଅନ୍ଧ ବା ରୁଗ୍‌ଣ ଭିକାରିଙ୍କୁ, ତାପରେ ସାଧାରଣ ବ୍ୟକ୍ତି ଏବଂ ତାହାପରେ

ନିଜର ଆତ୍ମୀୟମାନଙ୍କୁ ଭୋଜନ କରାଇବା ଉଚିତ । ଅନ୍ୟ ସମସ୍ତଙ୍କ ଅପେକ୍ଷା ପଙ୍ଗୁଙ୍କୁ ଭୋଜନ କରାଇବାରେ ବିଶେଷ ମହତ୍ତ୍ୱ ରହିଛି । ତାରକା ବିନା ଚନ୍ଦ୍ରମା, ପଦକ ବିନା ହାର, କଳସ ବିନା ମନ୍ଦିର, କମଳରହିତ ପୋଖରୀ, ଭକ୍ତିରହିତ ଭଜନ, ସିନ୍ଦୂର ରହିତ ସୁହାଗିନୀ, ମଧୁର ସ୍ୱରରହିତ ଗାୟନ, ଲୁଣ ବିନା ଭୋଜନ ଯେପରି ଅନ୍ନଦାନ ବିନା ଅନ୍ୟ ସମସ୍ତ ପ୍ରକାର ଦାନ ସେହିପରି ଅପୂର୍ଣ୍ଣ ଅଟେ । ଯେପରି ସମସ୍ତ ଭୋଜ୍ୟ ପଦାର୍ଥରେ ଡାଲିକୁ ଉତ୍ତମ ବିବେଚିତ କରାଯାଏ ସେହିପରି ସମସ୍ତ ଦାନ ମଧ୍ୟରେ ଅନ୍ନଦାନ ଶ୍ରେଷ୍ଠ ଅଟେ । ଏବେ ଦେଖିବା ବାବା କିପରି ଖାଦ୍ୟ ପ୍ରସ୍ତୁତ କରି ବିତରଣ କରୁଥିଲେ ।

ପ୍ରଥମରୁ ହିଁ ଉଲ୍ଲେଖ କରାଯାଇଛି ଯେ ବାବା ଅଳ୍ପାହାରୀ ଥିଲେ ଏବଂ ଅଳ୍ପବହୁତ ଯାହା ଗ୍ରହଣ କରୁଥିଲେ ତାହା କେବଳ ଦୁଇଟି ଘର ଭିକ୍ଷାରେ ଯଥେଷ୍ଟ ଥିଲା । କିନ୍ତୁ ଯେତେବେଳେ ତାଙ୍କ ମନରେ ସମସ୍ତ ଭକ୍ତଙ୍କୁ ଭୋଜନ କରାଇବାର ଇଚ୍ଛା ଜାଗ୍ରତ ହେଲା, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବ୍ୟବସ୍ଥା ସେ ସ୍ୱୟଂ କରୁଥିଲେ । କାହା ଉପରେ ସେ ନିର୍ଭର କରୁନଥିଲେ କି କାହାକୁ ଏଥିପାଇଁ କଷ୍ଟ ଦେଉନଥିଲେ । ସେ ସ୍ୱୟଂ ବଜାରକୁ ଯାଇ ସମସ୍ତ ଜିନିଷ ଯଥା ଡାଲି, ଚାଉଳ, ଅଟା, ଲୁଣ, ଲଙ୍କା, ଜିରା, ମସଲା ଆଦି ନଗଦ ଟଙ୍କା ଦେଇ କିଣି ଆଣୁଥିଲେ ଓ ନିଜେ ବି ପେଷୁଥିଲେ । ଦ୍ୱାରକାମାୟୀର ଅଗଣାରେ ଗୋଟିଏ କାଠଚୁଲି କରିଥିଲେ । ଠିକ ମାପ ଅନୁସାରେ ପାଣିଭରି ହାଣ୍ଡି ବସାଉଥିଲେ । ଦୁଇଟି ହାଣ୍ଡି ଥିଲା-ଗୋଟିଏ ଛୋଟ, ଆଉ ଗୋଟିଏ ବଡ଼ । ଛୋଟଟିରେ ଶହେଜଣ ଏବଂ ବଡ଼ ହାଣ୍ଡିରେ ପାଞ୍ଚଶହ ଜଣଙ୍କ ପାଇଁ ଖାଦ୍ୟ ତିଆରି ହୋଇପାରୁଥିଲା । ବାବା କେବେ ମିଠା ଭାତ ଆଉ କେବେ ମାଂସ ପଲଉ କରୁଥିଲେ । କେବେ ପୁଣି ଡାଲି ଆଉ କେବେ ଡାଲିରେ ମଇଦା ଗୁଳା ବା ରୁଟି ପକାଇ ମୁଟକଲେ କରୁଥିଲେ । ଶିଳରେ ମସଲା ବାଟି ହାଣ୍ଡିରେ ପକାଉଥିଲେ । ଖାଦ୍ୟକୁ ରୁଚିକର କରିବା ପାଇଁ ସେ ସମସ୍ତ ପ୍ରଯତ୍ନ କରୁଥିଲେ । ଯବ ଅଟାକୁ ପାଣିରେ ଭିଜାଇ ସେଥିରେ ଦହି ମିଶାଇ ଆମ୍ବିଳ କରୁଥିଲେ ଏବଂ ଭୋଜନ ସମୟରେ ସମସ୍ତଙ୍କୁ ସମାନ ଭାବରେ ବାଣ୍ଟୁଥିଲେ । ଖାଦ୍ୟ ସିଝିଛି କି ନାହିଁ ଜାଣିବା ପାଇଁ ସେ ତାଙ୍କର କଫନିକୁ କହୁଣି ଉପରକୁ ଉଠାଇ ତତଲା ହାଣ୍ଡିରେ ନିଃସଂକୋଚରେ ହାତ ପୂରାଇ ଦେଉଥିଲେ ଏବଂ ଚାରିଆଡ଼ୁ ଘାଣ୍ଟୁଥିଲେ । ମାତ୍ର ଆଶ୍ଚର୍ଯ୍ୟର ବିଷୟ ଯେ ତାଙ୍କ ହାତରେ କୌଣସି କ୍ଷତ ହେଉନଥିଲା କିମ୍ବା ଚେହେରାରେ କୌଣସି ପୀଡ଼ାର ଲକ୍ଷଣ ଜଣାପଡୁନଥିଲା । ଭୋଜନ ପ୍ରସ୍ତୁତ ହୋଇସାରିବା ପରେ ଜଣେ ମୌଲବୀଙ୍କୁ ଭୋଗ ଲଗାଇବାକୁ ବାବା କହୁଥିଲେ । ଏହାପରେ ମହଲସାପତି ତଥା ତାତ୍ୟା ପାଟିଲଙ୍କୁ ପ୍ରସାଦ ପଠାଇ ଅବଶିଷ୍ଟ ଗରିବ ଏବଂ ଅନାଥ ଲୋକଙ୍କୁ ବିତରଣ କରୁଥିଲେ । ପ୍ରକୃତରେ ସେହି ଲୋକମାନେ ଧନ୍ୟ ଥିଲେ । କେତେ ଭାଗ୍ୟଶାଳୀ ସେମାନେ, ଯେଉଁମାନେ ବାବାଙ୍କର ଶ୍ରୀହସ୍ତ

ପ୍ରସ୍ତୁତ ପରଶା ଭୋଜନ ଖାଇବାର ସୁଯୋଗ ଲାଭ କରିଛନ୍ତି ।

କାହା କାହା ମନରେ ଏଠାରେ ପ୍ରଶ୍ନ ଉଠିପାରେ ଯେ ବାବା କ'ଣ ଉଭୟ ନିରାମିଷ ଏବଂ ଆମିଷ ଦ୍ରବ୍ୟ ସମସ୍ତଙ୍କ ମଧ୍ୟରେ ବିତରଣ କରୁଥିଲେ ? ଏହାର ଉତ୍ତର ଖୁବ୍ ସ୍ପଷ୍ଟ ଏବଂ ସରଳ । ଯେଉଁମାନେ ମାଂସାହାରୀ ଥିଲେ, ସେମାନଙ୍କୁ ତାହା ଦିଆଯାଉଥିଲା ଏବଂ ଶାକାହାରୀମାନଙ୍କୁ ଏହା ସ୍ପର୍ଶ କରିବାକୁ ସୁଦ୍ଧା ଦିଆଯାଉନଥିଲା । କୌଣସି ଶାକାହାରୀଙ୍କୁ ସେ କେବେ ମାଂସାହାର ପାଇଁ ପ୍ରୋତ୍ସାହନ ଦେଉନଥିଲେ କି ସେ ସେପରି ଅଭ୍ୟାସ କରୁ, ଏହା ତାଙ୍କର ଇଚ୍ଛା ନଥିଲା । ଏକ ପୁରାତନ ଅଦ୍‌ଭୁତ ନିୟମ ରହିଛି ଯେ ଯେତେବେଳେ **ଗୁରୁଦେବ ପ୍ରସାଦ ବିତରଣ କରନ୍ତି, ଶିଷ୍ୟ ଯଦି ତାହାକୁ ଗ୍ରହଣ କରିବା ନେଇ ଦ୍ୱିଧାପ୍ରକାଶ କରେ ତାହେଲେ ତାର ଅଧଃପତନ ହୁଏ ।** ଶିଷ୍ୟଗଣ ଏହି ନିୟମକୁ କେତେ ମାତ୍ରାରେ ପାଳନ କରୁଛନ୍ତି, ଏହା ଅନୁଭବ କରିବା ପାଇଁ ହୁଏତ ସେ କେବେ କେବେ ପରୀକ୍ଷା କରୁଥିଲେ । ଉଦାହରଣସ୍ୱରୂପ ଥରେ ଏକାଦଶୀ ଦିନ ଦାଦା କେଲକରଙ୍କ ହାତରେ କିଛି ଟଙ୍କା ଦେଇ ବଜାରରୁ ମାଂସ କିଣି ଆଣିବାକୁ କହିଲେ । ଦାଦା କେଲକର ପୂର୍ଣ୍ଣ କର୍ମକାଣ୍ଡୀ ଥିଲେ ଏବଂ ପ୍ରାୟ ସମସ୍ତ ନିୟମକୁ ଜୀବନରେ ପାଳନ କରୁଥିଲେ । ତାଙ୍କର ଦୃଢ଼ ଭାବନା ଥିଲା ଯେ ଦ୍ରବ୍ୟ, ଅନ୍ନ ଏବଂ ବସ୍ତ୍ର ଇତ୍ୟାଦି କେବଳ ଗୁରୁଙ୍କୁ ଭେଟି ଦେବା ପର୍ଯ୍ୟାପ୍ତ ନୁହେଁ । ତାଙ୍କର ଆଦେଶ ତୁରନ୍ତ କାର୍ଯ୍ୟାନ୍ୱିତ କରିବାରେ ସେ ଅତି ପ୍ରସନ୍ନ ହୁଅନ୍ତି । ଏହା ତାଙ୍କର ଦକ୍ଷିଣା ତୁଲ୍ୟ । ଏଣୁ ଦାଦା ଶୀଘ୍ର ଲୁଗା ପିନ୍ଧି ବଜାରକୁ ବାହାରିଗଲେ । ଏହା ଦେଖି ବାବା ପୁଣି ମନା କଲେ ଓ ନିଜେ ନଯାଇ ଅନ୍ୟ କାହାକୁ ପଠାଇବାକୁ କହିଲେ । ଦାଦା ତାଙ୍କର ଭୃତ୍ୟ ପାଣ୍ଡୁକୁ ପଠାଇଲେ; କିନ୍ତୁ ବାବା ତାକୁ ମଧ୍ୟ ଡାକି ଯିବାରୁ ବାରଣ କଲେ ଓ ଶେଷରେ ଏହାକୁ ସ୍ଥଗିତ ରଖିଲେ । ଆଉ ଥରେ ଗୋଟିଏ ଘଟଣାରେ ସେ ଦାଦାଙ୍କୁ ମାଂସ ପଲଉ କିପରି ହୋଇଛି ଦେଖିବାକୁ କହିଲେ । ଦାଦା ଦୂରରୁ ଦେଖିଦେଇ ଭଲ ହୋଇଛି ବୋଲି କହିଲେ । କାକାଙ୍କର ଏପରି ଉତ୍ତରରେ ଅସନ୍ତୁଷ୍ଟ ହୋଇ ବାବା କହିଲେ ତୁମେ ଆଖିରେ ଦେଖି କହିବ ନା ଜିହ୍ୱାରେ ଚାଖି କରି କହିବ ? ଢ଼ାଙ୍କୁଣିକୁ ଟିକେ ବାହାର କରି ଦେଖ । ଏହାପରେ ଦାଦାଙ୍କର ବାହୁକୁ ଧରି ହାଣ୍ଡିପାଖକୁ ଭିଡ଼ିନେଇ କହିଲେ 'ସେଥିରୁ ଟିକିଏ ବାହାର କର ଏବଂ ନିଷ୍ପାପଣିଆ ଛାଡ଼ି ଥରେ ଚାଖ । ମା' ଯେପରି ଅତ୍ୟଧିକ ପ୍ରେମବଶତଃ ତା'ର ସନ୍ତାନକୁ ଚିମୁଟିପକାଏ; କିନ୍ତୁ ପିଲାଟି କାନ୍ଦିବା ପରେ ତାକୁ ପୁଣି ହୃଦୟରେ ଲଗାଏ, ସେହିପରି ବାବା ସାତ୍ତ୍ୱିକ ପ୍ରେମବଶତଃ ଦାଦାଙ୍କ ସହ ବ୍ୟବହାର କରିଥିଲେ । ଯଥାର୍ଥରେ କୌଣସି ସନ୍ଥ ବା ଗୁରୁ କେବେ ନିଜର କର୍ମକାଣ୍ଡୀ ଶିଷ୍ୟକୁ ବର୍ଜିତ ଭୋଜ୍ୟ ଗ୍ରହଣ କରିବା ପାଇଁ କହି ନିଜର ଅପକୀର୍ତ୍ତି ପସନ୍ଦ କରିବେ ନାହିଁ । ଏହି ପ୍ରକାର ୧୯୧୦ ମସିହା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଲା ଏବଂ ତାପରେ ସ୍ଥଗିତ ହୋଇଗଲା । ଆଗରୁ ଉଲ୍ଲେଖ କରାଯାଇଛି, ଦାସଗଣୁ ତାଙ୍କର

ମଧୁର କୀର୍ତ୍ତନ ଦ୍ୱାରା ସମଗ୍ର ମୁମ୍ବଇ ଅଞ୍ଚଳରେ ବାବାଙ୍କର କୀର୍ତ୍ତି ପ୍ରଚାରକଲେ । ଫଳରେ ସେହି ଅଞ୍ଚଳରୁ ଲୋକଙ୍କର ସୁଅ ଛୁଟିଲା ଏବଂ କିଛିଦିନ ମଧ୍ୟରେ ଶିରିଡ଼ି ପାବନ ତୀର୍ଥରେ ପରିଣତ ହୋଇଗଲା । ଭକ୍ତଗଣ ବାବାଙ୍କ ଉଦ୍ଦେଶ୍ୟରେ ନାନାରକମର ସ୍ୱାଦିଷ୍ଟ ପଦାର୍ଥମାନ ଆଣୁଥିଲେ । ଏସବୁ ଏତେ ପରିମାଣରେ ଠୁଳ ହେଉଥିଲା ଯେ ଫକିର ଏବଂ ଭିକାରିମାନଙ୍କୁ ବିତରଣ କରିବା ପରେ ମଧ୍ୟ ଆହୁରି ବଳୁଥିଲା । ସାଧାରଣ ଭକ୍ତମାନଙ୍କୁ ଭୋଗ ବିତରଣ କରିବା କଥା ବର୍ଣ୍ଣନା କରିବା ପୂର୍ବରୁ ଆମେ ଏବେ ନାନାସାହେବ ଚନ୍ଦୋରକରଙ୍କର କଥା ବର୍ଣ୍ଣନା କରିବା, ଯାହା ସ୍ଥାନୀୟ ଦେବଦେବୀ ଏବଂ ସେମାନଙ୍କ ବିଗ୍ରହ ପ୍ରତି ବାବାଙ୍କର ସମ୍ମାନ-ଭାବର ପରିଚୟ ଦିଏ ।

**ନାନାସାହେବଙ୍କ ଦ୍ୱାରା ଦେବ-ମୂର୍ତ୍ତିର ଉପେକ୍ଷା :** କିଛି ବ୍ୟକ୍ତି ସେମାନଙ୍କ କଳ୍ପନା ଅନୁସାରେ ବାବାଙ୍କୁ ବ୍ରାହ୍ମଣ ତଥା ଆଉ କିଛି ତାଙ୍କୁ ଯବନ ମନେ କରୁଥିଲେ । ତେବେ ବାସ୍ତବରେ ବାବାଙ୍କର କୌଣସି ଜାତି ନଥିଲା । ତାଙ୍କ ନିକଟରେ କେବଳ ଈଶ୍ୱରଙ୍କର ଗୋଟିଏ ଜାତି ଥିଲା । କେହି ବି ନିଶ୍ଚିତ ଭାବରେ ଏହା ଜାଣିନଥିଲେ ଯେ ସେ କେଉଁ କୁଳରେ ଜନ୍ମ ହୋଇଥିଲେ ଏବଂ ତାଙ୍କର ମାତା ପିତା କିଏ ? ତାହେଲେ ତାଙ୍କୁ ହିନ୍ଦୁ ବା ଯବନ କିପରି କୁହାଯିବ ? ଯଦି ସିଏ ଯବନ ଥିଲେ ତାହେଲେ ମସଜିଦ୍‌ରେ କିପରି ସର୍ବଦା ଧୁନି ଜଳାଉଥିଲେ ଏବଂ ତୁଳସୀ ଗଛ କାହିଁକି ଲଗାଇଥିଲେ ? ଶଙ୍ଖ, ଘଣ୍ଟା ତଥା ବାଦ୍ୟସଂଗୀତ ବଜାଇବାକୁ କିପରି ଅନୁମତି ଦେଉଥିଲେ ? ହିନ୍ଦୁମାନଙ୍କର ବିବିଧ ପ୍ରକାର ପୂଜା କିପରି ସ୍ୱୀକାର କରୁଥିଲେ ? ଯବନ ହୋଇଥିଲେ ତାଙ୍କର କର୍ଣ୍ଣବେଧ ହୋଇନଥାନ୍ତା । ପୁଣି ସେ ହିନ୍ଦୁ ମନ୍ଦିରଗୁଡ଼ିକର ଜୀର୍ଣ୍ଣୋଦ୍ଧାର କରିଥାନ୍ତେ କାହିଁକି ? ହିନ୍ଦୁ ଦେବଦେବୀଙ୍କର ପୂଜା ତଥା ସାମାନ୍ୟତମ ଉପେକ୍ଷାକୁ ସେ ବରଦାସ୍ତ କରୁନଥିଲେ ।

ଦିନେ ନାନାସାହେବ ଚନ୍ଦୋରକର, ତାଙ୍କ ଶଢ଼ୁ ବିନିବଲେଙ୍କ ସହ ଶିରିଡ଼ି ପହଞ୍ଚିଲେ । ଯେମିତି ସେମାନେ ଦ୍ୱାରକାମାୟୀରେ ପ୍ରବେଶ କରୁଛନ୍ତି, ବାବା ବାର୍ତ୍ତାଳାପ ଅବସ୍ଥାରୁ ହଠାତ କ୍ରୋଧିତ ହୋଇଉଠି କହିଲେ 'ତୁମେ ଦୀର୍ଘକାଳରୁ ମୋ ସାନ୍ନିଧ୍ୟରେ ରହିଛ, ତଥାପି ଏପରି ଆଚରଣ କରୁଛ ?' ନାନାସାହେବ ପ୍ରଥମେ ଏହାର କିଛି ଅର୍ଥ ବୁଝିପାରିଲେ ନାହିଁ । ଏଣୁ ତାଙ୍କ ଦ୍ୱାରା କିଛି ଭୁଲ୍ ହୋଇଯାଇଥିବା ଅନୁଭବକରି କ୍ଷମାପ୍ରାର୍ଥନା କଲେ । ବାବା ତାପରେ କହିଲେ 'ତୁମେ କୋପରଗାଁଉରୁ କେବେ ବାହାରିଲ ଏବଂ ସେଠାରୁ କିପରି ଶିରିଡ଼ି ପହଞ୍ଚିଲ ? ଏହାପରେ ନାନାସାହେବ ତାଙ୍କର ଭୁଲ ବୁଝିଗଲେ । ସାଧାରଣତଃ ଶିରିଡ଼ି ଆସିବା ପୂର୍ବରୁ କୋପରଗାଉଁ ଗୋଦାବରୀ ନଦୀତଟରେ ଅବସ୍ଥିତ ଶ୍ରୀ ଦତ୍ତ ଭଗବାନଙ୍କର ସେ ପୂଜା କରିଆସୁଥିଲେ; କିନ୍ତୁ ଏଥର ସେଥିରେ ତ୍ରୁଟି ହୋଇଥିଲା । ତାଙ୍କ ସହ ଥିବା ତାଙ୍କର ବନ୍ଧୁ ଦତ୍ତ ଉପାସକ ହୋଇଥିବା ସତ୍ତ୍ୱେ ବିଳମ୍ବ ହେବା ଆଶଙ୍କାରେ ସେ ତାଙ୍କୁ ମଧ୍ୟ ଦତ୍ତ ମନ୍ଦିର ଯାଇ ପୂଜା କରିବାରୁ ନିବୃତ୍ତକରି ତରବର ହୋଇ ଶିରିଡ଼ି ଚାଲିଆସିଥିଲେ । ନିଜ ଦୋଷ ସ୍ୱୀକାର କରି ଏବେ ନାନା

କହିଲେ 'ଗୋଦାବରୀରେ ସ୍ନାନ କରିବା ସମୟରେ ଗୋଡ଼ରେ ଗୋଟେ ବଡ଼ କଣ୍ଟା ପଶିଯିବାରୁ କଷ୍ଟ ହେଉଥିଲା ।' ବାବା କହିଲେ 'ଏହା ତ ବହୁତ କମ୍ ଦଣ୍ଡ ଥିଲା ।' ଭବିଷ୍ୟତରେ ଏପରି ଆଚରଣ ନକରିବାକୁ ବାବା ସତର୍କ କରିଦେଲେ ।

**ନୈବେଦ୍ୟ ବିତରଣ :** ଏବେ ଆମେ ନୈବେଦ୍ୟ ବିତରଣ କଥା ବର୍ଣ୍ଣନା କରିବା । ଆରତି ସମାପ୍ତ ହେବା ପରେ ବାବାଙ୍କଠାରୁ ଆଶୀର୍ବାଦ ତଥା ଉଦି ପାଇ ଯେତେବେଳେ ଭକ୍ତମାନେ ଘରକୁ ଫେରୁଥିଲେ, ବାବା ଭିତରକୁ ଯାଇ ପରଦା ପଛରେ କାନ୍ଥରେ ଥିବା ଗୋଟିଏ ଖୋପକୁ ଧରି ଧୀରେ ଧୀରେ ବସୁଥିଲେ ଏବଂ ଭୋଜନ ପାଇଁ ଆସନ ଗ୍ରହଣ କରୁଥିଲେ । ଭକ୍ତମାନେ ତାଙ୍କ ସହ ଦୁଇଟି ଧାଡ଼ିରେ ବସୁଥିଲେ । ସେମାନେ ନାନାରକମର ସୁଖାଦ୍ୟ ଯଥା, ପୁରି, ମଣ୍ଡାପିଠା, ପେଡ଼ା, ବର୍ଫି, ଉପମା, ଅନ୍ନ ଆଦି ଥାଳିରେ ସଜେଇ ଆଣୁଥିଲେ ଏବଂ ବାବା ନୈବେଦ୍ୟ ସ୍ୱୀକାର ନକରିବା ପର୍ଯ୍ୟନ୍ତ ବାହାରେ ପ୍ରତୀକ୍ଷା କରୁଥିଲେ । ସମସ୍ତ ପ୍ରସାଦକୁ ଏକାଠି କରିଦିଆଯାଉଥିଲା, ତାପରେ ଭଗବାନଙ୍କୁ ନୈବେଦ୍ୟ ଅର୍ପଣ କରିବା ପରେ ବାବା ଗ୍ରହଣ କରୁଥିଲେ । କିଛି ଅଂଶ ବାହାରେ ଅପେକ୍ଷା କରିଥିବା ଲୋକଙ୍କ ମଧ୍ୟରେ ବିତରଣ କରିବା ପରେ ଅବଶିଷ୍ଟ ଭିତରେ ବସିଥିବା ଲୋକମାନେ ପାଉଥିଲେ । ବାବା ମଝିରେ ବିରାଜିତ ହେଉଥିଲେ । ଦୁଇ ଧାଡ଼ିରେ ବସିଥିବା ଭକ୍ତମାନେ ପେଟ ପୂରାଇ ତୃପ୍ତିରେ ଭୋଜନ କରୁଥିଲେ । ଭକ୍ତମାନଙ୍କୁ ଭଲକରି ଖୁଆଇବା ପାଇଁ  ତଥା କାହାର କ'ଣ ଦରକାର ବୁଝିବା ପାଇଁ ବାବା ଶ୍ୟାମା ଏବଂ ନିମୋଣକରଙ୍କୁ ଦାୟିତ୍ୱ ଦେଇଥିଲେ । ସେ ଦୁହେଁ ମଧ୍ୟ ବଡ଼ ଧ୍ୟାନ ସହକାରେ ସମସ୍ତଙ୍କ ପ୍ରତି ଦୃଷ୍ଟି ଦେଉଥିଲେ । ଏହି ପ୍ରକାର ଭକ୍ତମାନେ ବଡ଼ ଆନନ୍ଦରେ ଭୋଜନ ଗ୍ରହଣ କରୁଥିଲେ । କେତେ ପବିତ୍ର, ମଧୁର ଓ ପ୍ରୀତିପୂର୍ଣ୍ଣ ଭୋଜନ ତାହା ଥିଲା ! ସଦା ମାଙ୍ଗଳିକ ଏବଂ ପବିତ୍ର ।

**ଚହ୍ଲା ପ୍ରସାଦ :** ଏହିପରି ସତ୍‌ସଙ୍ଗରେ ବସି ଦିନେ ଯେତେବେଳେ ହେମାଡପନ୍ତ ପେଟପୂରା ଭୋଜନ କରିସାରିଥିଲେ, ବାବା ତାଙ୍କୁ ଗୋଟିଏ ଗ୍ଲାସ ଚହ୍ଲା ପିଇବାକୁ ଦେଲେ । ତାର ଶୁଭ୍ର ବର୍ଣ୍ଣ ତାଙ୍କୁ  ଭଲ ଲାଗୁଥିଲେ ମଧ୍ୟ ପେଟରେ ଆଦୌ ଜାଗା ନଥିବାରୁ ଗୋଟିଏ ଢ଼ୋକ ପିଇ ସେ ରଖିଦେଲେ । ତାଙ୍କର ଏହି ଉପେକ୍ଷାତ୍ମକ ଭାବ ଦେଖି ବାବା କହିଲେ 'ସବୁ ପିଇଦିଅ । ଏପରି ଶୁଭ ଅବସର ଆଉ ମିଳିବ ନାହିଁ ।' ତାପରେ ସେ ସବୁତକ ଚହ୍ଲା ପିଇଦେଲେ; କିନ୍ତୁ ବାବାଙ୍କର ଏହି ସାଂକେତିକ ବଚନର ମର୍ମ ଶୀଘ୍ର ଜଣାପଡ଼ିଗଲା କାରଣ ଏହାର କିଛିଦିନ ପରେ ବାବା ମହାସମାଧିରେ ଲୀନ ହୋଇଗଲେ । ପାଠକଗଣ ! ଏବେ ଆମେ ହେମାଡପନ୍ତଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା, କାରଣ ସେ ତ ଚହ୍ଲା ପାନ କଲେ କିନ୍ତୁ ଆମ ପାଇଁ ପ୍ରଚୁର ପରିମାଣରେ ଶ୍ରୀ ସାଇଲୀଳା ରୂପକ ଅମୃତ ପ୍ରଦାନ କରି ଦେଇଗଲେ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।।ଊନଚତ୍ୱାରିଂଶତ୍(୩୯)ଅଧ୍ୟାୟ ।।

### ବାବାଙ୍କର ସଂସ୍କୃତ ଜ୍ଞାନ ଓ ଗୀତା ଟୀକା, ସମାଧି ମନ୍ଦିର ନିର୍ମାଣ

ଏହି ଅଧ୍ୟାୟରେ ବାବା ଗୀତାର ଗୋଟିଏ ଶ୍ଳୋକର ଅର୍ଥ ବ୍ୟାଖ୍ୟା କରୁଛନ୍ତି । କିଛି ଲୋକଙ୍କ ମନରେ ଏପରି ଧାରଣା ଥିଲା ଯେ ବାବାଙ୍କର ସଂସ୍କୃତ ଭାଷାରେ ଜ୍ଞାନ ନଥିଲା ଏବଂ ନାନାସାହେବଙ୍କର ମଧ୍ୟ ଏପରି ଧାରଣା ବଳବତ୍ତର ରହିଥିଲା । ହେମାଡପନ୍ତ ମୂଳ ମରାଠି ଗ୍ରନ୍ଥର ୫୦ତମ ଅଧ୍ୟାୟରେ ଏହାର ଖଣ୍ଡନ କରିଛନ୍ତି । ଦୁଇଟିଯାକ ଅଧ୍ୟାୟର ବିଷୟ ପ୍ରାୟ ସମାନ ହୋଇଥିବାରୁ ଏଠାରେ ତାହା ଏକତ୍ର ସନ୍ନିବେଶ କରାଯାଇଛି ।

**ପ୍ରସ୍ତାବନା :** ଶିରିଡ଼ିର ସୌଭାଗ୍ୟକୁ କିଏ ବର୍ଣ୍ଣନା କରିପାରିବ ? ଶ୍ରୀ ଦ୍ୱାରକାମାଇ ଧନ୍ୟ, ଯେଉଁଠାରେ ଶ୍ରୀ ସାଇ ସ୍ୱଶରୀରରେ ଆସି ଲୀଳା ରଚନା କଲେ ଏବଂ ସମାଧିସ୍ଥ ହେଲେ ।

ଶିରିଡ଼ିର ନରନାରୀ ଧନ୍ୟ ଅଟନ୍ତି, ଯେଉଁମାନଙ୍କର ପ୍ରେମବଶତଃ ଶ୍ରୀ ସାଇ ଏଠାରେ ପଦାର୍ପଣ କରି ସେମାନଙ୍କୁ ଅନୁଗୃହୀତ କଲେ । ଶିରିଡ଼ି ତ ପ୍ରଥମେ ଏକ କ୍ଷୁଦ୍ର ଗ୍ରାମ ଥିଲା; କିନ୍ତୁ ଶ୍ରୀ ସାଇଙ୍କ ସାନ୍ନିଧ୍ୟ ଯୋଗୁ ଏହା ବିଶେଷ ମହତ୍ତ୍ୱ ଲାଭ କରି ଏକ ପାବନ ତୀର୍ଥ ଧାମରେ ପରିଣତ ହେଲା ।

ଶିରିଡ଼ିର ନାରୀମାନେ ମଧ୍ୟ ପରମ ସୌଭାଗ୍ୟଶାଳିନୀ, ଯେଉଁମାନଙ୍କର ବାବାଙ୍କ ଉପରେ ଅସୀମ ଏବଂ ଅତୁଳନୀୟ ବିଶ୍ୱାସ ରହିଥିଲା । ଆଠ ପ୍ରହର କାମ କରିବା, ପେଷଣ, ଶସ୍ୟ ଅମଳ, ଗୃହ କାର୍ଯ୍ୟ ଆଦି ପରେ ମଧ୍ୟ ସେମାନେ ତାଙ୍କର କୀର୍ତ୍ତି ଗୁଣଗାନ କରୁଥିଲେ । ସେମାନଙ୍କର ପ୍ରେମର ପଟାନ୍ତର ନାହିଁ । ବଡ଼ ମଧୁର ସ୍ୱରରେ ସେମାନେ ତାଙ୍କର ଗୁଣଗାନ କରୁଥିଲେ, ଯେଉଁଥିରୁ ଉଭୟ ଗାୟକ ଓ ଶ୍ରୋତାଙ୍କୁ ଶାନ୍ତି ମିଳୁଥିଲା ।

**ବାବାଙ୍କ ଦ୍ୱାରା ଟୀକା :** ବାବାଙ୍କର ସଂସ୍କୃତ ଜ୍ଞାନ ଅଛି ବୋଲି ସ୍ୱପ୍ନରେ ବି କେହି କଳ୍ପନା କରିନଥିଲେ । ଦିନେ ନାନାସାହେବ ଚନ୍ଦୋରକରଙ୍କୁ ଗୀତାର ଗୋଟିଏ ଶ୍ଳୋକର ଅର୍ଥ ବୁଝାଇ ସେ ସମସ୍ତଙ୍କୁ ତଟସ୍ଥ କରିଦେଲେ । ଏହାର ବର୍ଣ୍ଣନା ସେବାନିବୃତ୍ତ ମାମଲତଦାର ବି.ଭି.ଦେବ ମରାଠୀ ସାଇଲୀଳା ପତ୍ରିକାର ୪ର୍ଥ ଭାଗ(ପୃଷ୍ଠା ୫୬୩)ରେ ପ୍ରକାଶ କରିଛନ୍ତି । ଏହାର ସଂକ୍ଷିପ୍ତ ବିବରଣୀ 'ସାଇବାବାସ୍ ଚାର୍ଟସ୍ ଏଣ୍ଡ ସେଇଙ୍ଗସ' ନାମକ ଇଂରାଜୀ ପୁସ୍ତକର ୬୧ ପୃଷ୍ଠାରେ ଏବଂ "ଦ ୱାଣ୍ଡରର୍ସ ସେଇଣ୍ଟ ସାଇବାବା'ର ୩୬ ପୃଷ୍ଠାରେ ଉଲ୍ଲେଖ ହୋଇଛି । ଏହି ଦୁଇଟିଯାକ ପୁସ୍ତକ ଶ୍ରୀ ବି.ଭି. ନରସିଂହସ୍ୱାମୀଙ୍କ ଦ୍ୱାରା ରଚିତ । ଶ୍ରୀ ବି.ଭି. ଦେବ ଇଂରାଜୀରେ ୨୭-୦୯-୧୯୩୬ରେ ଯେଉଁ ବକ୍ତବ୍ୟ

ଦେଇଥିଲେ ତାହା ନରସିଂହ ସ୍ୱାମୀଙ୍କ ଦ୍ୱାରା ରଚିତ ପୁସ୍ତକ 'ଭକ୍ତମାନଙ୍କର ଅନୁଭବ' ଭାଗ-୩ରେ ପ୍ରକାଶିତ ହୋଇଛି । ଶ୍ରୀ ଦେବ ଏହି ବିଷୟରେ ପ୍ରଥମ ସୂଚନା ନାନାସାହେବ ଚନ୍ଦୋରକରଙ୍କଠାରୁ ପାଇଥିଲେ । ଏଣୁ ଏଠାରେ ତାଙ୍କର ଉକ୍ତି ଉଦ୍ଧୃତ କରାଯାଉଛି । ନାନାସାହେବ ଚନ୍ଦୋରକର ବେଦାନ୍ତର ବିଦ୍ୱାନ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ । ସେ ଏକାଧିକ ଟୀକା ସହିତ ଗୀତା ଶାସ୍ତ୍ର ଅଧ୍ୟୟନ କରିଥିଲେ ତଥା ଏଥିପାଇଁ ତାଙ୍କ ମନରେ ବଡ଼ ଅହଂକାର ବି ଥିଲା । ବାବା ସଂସ୍କୃତ ଭାଷାରେ ସମ୍ପୂର୍ଣ୍ଣ ଅଜ୍ଞ ବୋଲି ତାଙ୍କର ବିଶ୍ୱାସ ଥିଲା । ଏଣୁ ଦିନେ ବାବା ତାଙ୍କ  ମନର ଏହି ଭ୍ରମ ଦୂର କରିବାକୁ ଇଚ୍ଛା କଲେ । ଏହା ସେହି ସମୟର କଥା ଯେତେବେଳେ ଭକ୍ତମାନେ ଅଳ୍ପସଂଖ୍ୟାରେ ଆସୁଥିଲେ । ବାବା ଭକ୍ତମାନଙ୍କ ସହ ବହୁ ବିଳମ୍ବ ପର୍ଯ୍ୟନ୍ତ ବାର୍ତ୍ତାଳାପ କରୁଥିଲେ । ନାନାସାହେବ ଏହି ସମୟରେ ତାଙ୍କର ଚରଣ ସେବା କରୁଥିଲେ ଏବଂ ଅସ୍ପଷ୍ଟ ଭାବରେ କିଛି ଗୁଣୁଗୁଣୁ ହେଉଥିଲେ ।

ବାବା : ନାନା, ତୁମେ ଧୀରେ ଧୀରେ କ'ଣ କହୁଛ ?

ନାନା : ମୁଁ ଗୀତାର ଗୋଟିଏ ଶ୍ଳୋକ ପାଠ କରୁଛି ।

ବାବା : କେଉଁ ଶ୍ଳୋକ ?

ନାନା : ଭଗବତ୍ ଗୀତାର ଗୋଟିଏ ଶ୍ଳୋକ ।

ବାବା : ଟିକିଏ ବଡ଼ ପାଟିରେ କୁହ..

ତାପରେ ନାନା ଭଗବତ ଗୀତାର ଚତୁର୍ଥ ଅଧ୍ୟାୟର ୩୪ତମ ଶ୍ଳୋକ ଆବୃତ୍ତି କଲେ:-

"ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ।"

ବାବା : ନାନା, ତୁମେ କ'ଣ ଏହାର ଅର୍ଥ ଜାଣିଛ ?

ନାନା : ଆଜ୍ଞା ମହାରାଜ ।

ବାବା : ଯଦି ଜଣାଅଛି, ତାହେଲେ ମୋତେ ମଧ୍ୟ କହ ।

ନାନା : ଏହାର ଅର୍ଥ ହେଉଛି -ସେହି ଜ୍ଞାନକୁ ତୁମେ ତତ୍ତ୍ୱଦର୍ଶୀ ଜ୍ଞାନୀମାନଙ୍କ ନିକଟକୁ ଯାଇ ବୁଝ । ତାଙ୍କୁ ଭଲଭାବେ ଦଣ୍ଡବତ ପ୍ରଣାମ କରି ସେବା କରି ଏବଂ କପଟତା ତ୍ୟାଗକରି ସରଳତାପୂର୍ବକ ପ୍ରଶ୍ନ କଲେ, ଭଲଭାବରେ ପରମାତ୍ମତତ୍ତ୍ୱ ଜାଣିଥିବା ସେହି ଜ୍ଞାନୀ ମହାତ୍ମାମାନେ ତୁମକୁ ତତ୍ତ୍ୱଜ୍ଞାନ ଉପଦେଶ ଦେବେ ।

ବାବା : ନାନା, ମୁଁ ଏହି ପ୍ରକାର ସଂକୁଳ ଭାବାର୍ଥ ଚାହୁଁନାହିଁ । ମୋତେ ତ ପ୍ରତ୍ୟେକ ଶବ୍ଦ ଆଉ ତାର ଭାଷାନ୍ତରିତ ଉଚ୍ଚାରଣ କରି ବ୍ୟାକରଣଗତ ଅର୍ଥ ବୁଝାଅ । ଏବେ ନାନା ଗୋଟିଏ ଗୋଟିଏ ଶବ୍ଦର ଅର୍ଥ ବୁଝାଇବାରେ ଲାଗିଲେ ।

ବାବା : ନାନା, କ'ଣ କେବଳ ସାଷ୍ଟାଙ୍ଗ ନମସ୍କାର କରିବା ଯଥାର୍ଥ ?

ନାନା : ନମସ୍କାର ବ୍ୟତିରେକ 'ପ୍ରଣିପାତ'ର ଭିନ୍ନ ଅର୍ଥ ମୋତେ ଜଣାନାହିଁ ।

ବାବା : 'ପରିପ୍ରଶ୍ନ'ର ଅର୍ଥ କ'ଣ ?

ନାନା : ପ୍ରଶ୍ନ ପଚାରିବା ।

ବାବା : 'ପ୍ରଶ୍ନ'ର ଅର୍ଥ କ'ଣ ?

ନାନା : ସେହି (ପ୍ରଶ୍ନ ପଚାରିବା)

ବାବା : ଯଦି ପରିପ୍ରଶ୍ନ ଏବଂ ପ୍ରଶ୍ନ ଦୁଇଟିର ଅର୍ଥ ସମାନ,ତାହେଲେ ବ୍ୟାସ 'ପରି' ଉପସର୍ଗ କାହିଁକି ପ୍ରୟୋଗ କଲେ ? କ'ଣ ବ୍ୟାସଙ୍କର ବୁଦ୍ଧି ଭ୍ରମ ହୋଇଯାଇଥିଲା ?

ନାନା : ମୋତେ ତ ପରିପ୍ରଶ୍ନର ଭିନ୍ନ ଅର୍ଥ ଜଣାନାହିଁ ।

ବାବା : 'ସେବା ? ଏଠାରେ କେଉଁ ପ୍ରକାର ସେବା କଥା କୁହାଯାଉଛି ।

ନାନା : ଯାହା ଆମେମାନେ ସର୍ବଦା ଆପଣଙ୍କର କରୁଛୁ ।

ବାବା : ଏହି ସେବା ପର୍ଯ୍ୟାପ୍ତ କି ?

ନାନା : ଏହାଠାରୁ ଅଧିକ ସେବାର କୌଣସି ବିଶିଷ୍ଟ ଅର୍ଥ ମୋତେ ଜଣାନାହିଁ ।

ବାବା : ଦ୍ୱିତୀୟ ଧାଡ଼ିର 'ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ'ରେ ତୁମେ 'ଜ୍ଞାନ' ଶବ୍ଦ ସ୍ଥାନରେ ପୃଥକ ଶବ୍ଦ ପ୍ରୟୋଗ କରି ତାର ଅର୍ଥ ବ୍ୟାଖ୍ୟା କରିପାରିବ କି ?

ନାନା : ଆଜ୍ଞା ହଁ ।

ବାବା : କି ଶବ୍ଦ ?

ନାନା : ଅଜ୍ଞାନମ୍ ।

ବାବା : ଜ୍ଞାନ ବଦଳରେ ସେହି ଶବ୍ଦକୁ ସଂଯୋଗକଲେ ଏହି ଶ୍ଳୋକର ଅର୍ଥ କ'ଣ ହେଉଛି ?

ନାନା : ପ୍ରଭୁ, ନାହିଁ । ଶଙ୍କର ଭାଷ୍ୟରେ ଏହି ପ୍ରକାର କୌଣସି ବ୍ୟାଖ୍ୟା ନାହିଁ ।

ବାବା : ନଥିଲେ କ'ଣ ହେଲା । ଯଦି 'ଅଜ୍ଞାନ' ଶବ୍ଦ ଦ୍ୱାରା କୌଣସି ଉତ୍ତମ ଅର୍ଥ ହୋଇପାରୁଛି ତାହେଲେ ସେଥିରେ ଆପତ୍ତି କ'ଣ ?

ନାନା : ମୁଁ ଜାଣେ ନାହିଁ, ସେଥିରେ ଅଜ୍ଞାନ ଶବ୍ଦର କିପରି ପ୍ରୟୋଗ ହେବ ।

ବାବା : କୃଷ୍ଣ ଅର୍ଜୁନଙ୍କୁ ଜ୍ଞାନୀମାନଙ୍କୁ ଏବଂ ତତ୍ତ୍ୱଦର୍ଶୀମାନଙ୍କୁ ପ୍ରଣାମ କରିବାକୁ କାହିଁକି କହିଥିଲେ, ପ୍ରଶ୍ନ ପଚାରିବାକୁ ତଥା ସେବା କରିବାକୁ କାହିଁକି ଉପଦେଶ ଦେଇଥିଲେ ? କ'ଣ ସ୍ୱୟଂ କୃଷ୍ଣ ତତ୍ତ୍ୱଦର୍ଶୀ ନଥିଲେ ? ନା ସ୍ୱୟଂ ଜ୍ଞାନ ସ୍ୱରୂପ ନଥିଲେ ?

ନାନା : ପ୍ରଭୁ, ହଁ, ସେ ଜ୍ଞାନାବତାର ଥିଲେ; କିନ୍ତୁ ମୁଁ ଏହା ବୁଝିପାରୁନାହିଁ ଯେ ସେ ଅର୍ଜୁନଙ୍କୁ ଅନ୍ୟ ଜ୍ଞାନୀମାନଙ୍କ ପାଇଁ ବୋଲି କାହିଁକି କହିଲେ ?

ବାବା : କ'ଣ ତୁମେ ବୁଝିପାରିଲ ନାହିଁ ?

ବାବାଙ୍କର ଏ ପ୍ରକାର ବିଶ୍ଳେଷଣରେ ନାନା ହତପ୍ରଭ ହୋଇଗଲେ । ତାଙ୍କର ବୁଦ୍ଧି

ହଜିଗଲା ତଥା ଅହଂକାର ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା । ତାପରେ ବାବା ସ୍ୱୟଂ ଏହି ପ୍ରକାର ତାର ଅର୍ଥ ବ୍ୟାଖ୍ୟା କଲେ ।

(୧) ଜ୍ଞାନୀମାନଙ୍କୁ କେବଳ ସାଷ୍ଟାଙ୍ଗ ପ୍ରଣାମ କରିବା ପର୍ଯ୍ୟାପ୍ତ ନୁହେଁ । ଅନନ୍ୟ ଭାବରେ ସଦ୍‌ଗୁରୁଙ୍କ ପ୍ରତି ଶରଣାଗତ ହେବା ଉଚିତ ।

(୨) କେବଳ ପ୍ରଶ୍ନ ପଚାରିବା ପର୍ଯ୍ୟାପ୍ତ ନୁହେଁ । କୌଣସି ପ୍ରକାର କୁପ୍ରବୃତ୍ତି, ମନ୍ଦ ଉଦ୍ଦେଶ୍ୟ ରଖି ବା ଛିଦ୍ରାନ୍ୱେଷଣ ଉଦ୍ଦେଶ୍ୟରେ ଲିପ୍ତ ହୋଇ ପ୍ରଶ୍ନ କରିବା ଉଚିତ ନୁହେଁ, ବରଂ ଉତ୍ସୁକତାପୂର୍ବକ କେବଳ ମୋକ୍ଷ ବା ଆଧ୍ୟାତ୍ମିକ ପଥରେ ଉନ୍ନତି ପ୍ରାପ୍ତି ନିମିତ୍ତ ଭାବନାରେ ପ୍ରେରିତ ହୋଇ ପ୍ରଶ୍ନ କରିବା ଉଚିତ ।

(୩) ସେବା କରିବା ବା ଅସ୍ୱୀକାର କରିବା ମୋର ଇଚ୍ଛାଧୀନ- ଯିଏ ଏପରି ଭାବନାରେ କାର୍ଯ୍ୟ କରେ, ତାକୁ ସେବା କୁହାଯାଇପାରିବ ନାହିଁ । ତାକୁ ଅନୁଭବ କରିବାକୁ ହେବ କି ମୋର ଶରୀର ଉପରେ କୌଣସି ଅଧିକାର ନାହିଁ । ଏହି ଶରୀର ଉପରେ ଗୁରୁଙ୍କର ହିଁ ଅଧିକାର ଅଛି ଏବଂ କେବଳ ତାଙ୍କର ସେବା ନିମିତ୍ତ ହିଁ ତାହା ବିଦ୍ୟମାନ ।

ଏହି ପ୍ରକାର ଆଚରଣ କରିବା ଦ୍ୱାରା ତୁମକୁ ସଦ୍‌ଗୁରୁଙ୍କ ଦ୍ୱାରା ଜ୍ଞାନପ୍ରାପ୍ତି ହେବ, ଯେପରିକି ପୂର୍ବୋକ୍ତ ଶ୍ଳୋକରେ କୁହାଯାଇଛି ।

ନାନା ବୁଝିପାରିଲେ ନାହିଁ କି ଗୁରୁ କି ପ୍ରକାର 'ଅଜ୍ଞାନ'ର ଶିକ୍ଷା ଦେଉଛନ୍ତି ।

ବାବା : 'ଜ୍ଞାନର ଉପଦେଶ କିପରି ? ଅର୍ଥାତ୍ ଭବିଷ୍ୟତରେ ପ୍ରାପ୍ତ ହେବାକୁ ଥିବା ଆତ୍ମାନୁଭୂତିର ଶିକ୍ଷା । ଅଜ୍ଞାନକୁ ନାଶ କରିବା ହେଉଛି ଜ୍ଞାନ । (ଗୀତା ଶ୍ଳୋକ : ୧୮-୬୬ ଜ୍ଞାନେଶ୍ୱରୀର ଭାବାର୍ଥରେ ଏପରି ବର୍ଣ୍ଣନା କରାଯାଇଛି- ହେ ଅର୍ଜୁନ ! ଯଦି ନିଦ୍ରା ଏବଂ ସ୍ୱପ୍ନ ଅଦୃଶ୍ୟ ହୋଇଯାଏ ତାହେଲେ ତୁମେ ଆତ୍ମଜ୍ଞ ହେବ । ଏହା ଠିକ୍ ସେହିଭଳି ।' 'ଜ୍ଞାନେଶ୍ୱରୀର ପଞ୍ଚମ ଅଧ୍ୟାୟ(୧୬), ୮୩ ପଦରେ ଉଲ୍ଲେଖ ହୋଇଛି ଯେ ଅଜ୍ଞାନତାକୁ ନାଶ କରିବା ବ୍ୟତୀତ ଜ୍ଞାନର ଆଉ ଅଧିକ ସ୍ୱତନ୍ତ୍ର ମହତ୍ତ୍ୱ, କିଛି ବିଶେଷତ୍ୱ ଅଛି କି ?) ଅନ୍ଧକାରର ବିନାଶ ହେଉଛି ପ୍ରକାଶ । ଯେତେବେଳେ ଆମେ ଦ୍ୱୈତଭାବ ବିନାଶ କଥା ଆଲୋଚନା କରୁ, ଅଦ୍ୱୈତବାଦ କଥା କହୁ ଏବଂ ଯେତେବେଳ ଅନ୍ଧକାର ନାଶ କଥା କହୁ ତାହାର ଅର୍ଥ ହେଉଛି ଆଲୋକର କଥା କହୁଛୁ । ଯଦି ଆମେ ଅଦ୍ୱୈତର ସ୍ଥିତି ଅନୁଭବ କରିବାକୁ ଚାହୁଁଛୁ ତାହେଲେ ଆମକୁ ମନଭିତରେ ଥିବା ଦ୍ୱୈତ ଭାବନାକୁ ନଷ୍ଟ କରିବାକୁ ହେବ । ଅଦ୍ୱୈତ ସ୍ଥିତିକୁ ପ୍ରାପ୍ତ କରିବାର ଏହା ହେଉଛି ଲକ୍ଷଣ । ଦ୍ୱୈତ ଭାବରେ ରହି ଅଦ୍ୱୈତର ଚର୍ଚ୍ଚା ସମ୍ଭବ ନୁହେଁ । ଯେତେବେଳେ ପର୍ଯ୍ୟନ୍ତ ସେହି ସ୍ଥିତି ପ୍ରାପ୍ତ ନହୋଇଛି, ସେ ପର୍ଯ୍ୟନ୍ତ କିଏ ତାହା ଅନୁଭବ କରିପାରିବ ନାହିଁ ।'

ପୁଣି ଶିଷ୍ୟ ମଧ୍ୟ ସଦ୍‌ଗୁରୁଙ୍କ ତୁଲ୍ୟ ଜ୍ଞାନର ପ୍ରତୀକ ଅଟେ । କେବଳ ଅବସ୍ଥା,

ତତ୍ତ୍ୱଜ୍ଞାନାନୁଭୂତି, ଅଦ୍‌ଭୂତ ତଥା ଅଲୌକିକ ସତ୍ୟ, ଅଦ୍ୱିତୀୟ ଯୋଗ୍ୟତା ଏବଂ ଐଶ୍ୱର୍ଯ୍ୟ ଯୋଗରେ ସେହି ଦୁଇଙ୍କ ମଧ୍ୟରେ ଭିନ୍ନତା ରହିଥାଏ । ସଦ୍‌ଗୁରୁ ନିର୍ଗୁଣ ନିରାକାର ଓ ସଚ୍ଚିଦାନନ୍ଦ ଅଟନ୍ତି । ବସ୍ତୁତଃ ସେ କେବଳ ମନୁଷ୍ୟ ଜାତି ଏବଂ ବିଶ୍ୱର କଲ୍ୟାଣ ନିମିତ୍ତ ସ୍ୱେଚ୍ଛାପୂର୍ବକ ମାନବ ଶରୀର ଧାରଣ କରନ୍ତି; କିନ୍ତୁ ଦେହ ଧାରଣ କରି ମଧ୍ୟ ତାଙ୍କର ନିର୍ଗୁଣ ସତ୍ତାର ଅସୀମତାରେ କୌଣସି ଊଣା ହୁଏ ନାହିଁ । ତାଙ୍କର ଆତ୍ମୋପଲବ୍ଧି, ଦିବ୍ୟଶକ୍ତି ଏବଂ ଜ୍ଞାନ ସର୍ବଦା ପରିପୂର୍ଣ୍ଣ ରହିଥାଏ । ଶିଷ୍ୟର ମଧ୍ୟ ବାସ୍ତବରେ ସେହି ସ୍ୱରୂପ ଥାଏ କିନ୍ତୁ; ଅସଂଖ୍ୟ ଜନ୍ମ କାରଣରୁ ତା ଭିତରେ ଅଜ୍ଞାନତା ଭରିହୋଇ ତାର ଶୁଦ୍ଧ ଚୈତନ୍ୟ ସ୍ୱରୂପର ବିସ୍ମୃତି ହୋଇଯାଏ । ଗୀତାର ପଞ୍ଚମ ଅଧ୍ୟାୟରେ ଯାହା କୁହାଯାଇଛି 'ଅଜ୍ଞାନେନାବୃତଂ ଜ୍ଞାନଂ ତେନ ମୁହ୍ୟନ୍ତି ଜନ୍ତବଃ ।' ଅର୍ଥାତ୍ ସେ ମନେ କରେ ଯେ 'ମୁଁ ଏକ ଜୀବ, ଦୁର୍ବଳ ଏବଂ ଅସହାୟ ଅଟେ । ଗୁରୁ ଏହି ଅଜ୍ଞାନରୂପକ ଜଡ଼କୁ ତାର ମୂଳରୁ ଉତ୍ପାଟନ କରିଦେଇ ଉପଦେଶ ଦେଇଥାନ୍ତି ଯେ ନା, ତୁମେ ହିଁ ଈଶ୍ୱର, ସର୍ବଶକ୍ତିମାନ ଏବଂ ସମର୍ଥ ଅଟ । ଏହାପରେ ସେ କିଛି ମାତ୍ରାରେ ଅନୁଭବ କରିଥାଏ ଯେ ହଁ, ପ୍ରକୃତରେ ସେ ଈଶ୍ୱର ଅଟେ । ମାୟାର ସତତ ଭ୍ରମରେ ରହିବା କାରଣରୁ ସେ ନିଜକୁ ଏକ ଶରୀର, ଜୀବ ତଥା ଈଶ୍ୱର ଏବଂ ବିଶ୍ୱ ତାଠାରୁ ଭିନ୍ନ ବୋଲି ମନେ କରିଥାଏ । ଅନେକ ଜନ୍ମ ଧାରଣ କରିବା କାରଣରୁ ଏହି ଭ୍ରମ ଜାତ ହୋଇଥାଏ । ଏହାକୁ ଭିତ୍ତିକରି ସେ ସୁଖ, ଦୁଃଖ ଓ ଉଭୟର ମିଶ୍ରଣ ଅନୁଭବ କରିଥାଏ । ଏହି ଭ୍ରମ, ତ୍ରୁଟି ଏବଂ ଅଜ୍ଞାନତାକୁ ଦୂର କରିବା ପାଇଁ ନିଜ ଭିତରେ ଅନ୍ୱେଷଣ କରିବା ଉଚିତ । ଅଜ୍ଞାନତା କିପରି ଜାତ ହେଲା ? ଏହା କେଉଁଠାରେ ଅଛି ? ଆଉ ଏହି ତ୍ରୁଟିର ଦିଗ୍‌ଦର୍ଶନକୁ ହିଁ ଉପଦେଶ କୁହାଯାଏ ।

ଅଜ୍ଞାନତାର ଉଦାହରଣ ହେଉଛି:-

(୧) ମୁଁ ଏକ ଜୀବ(ପ୍ରାଣୀ) ଅଟେ ।

(୨) ମୁଁ ଶରୀର ଅଟେ ।

(୩) ଈଶ୍ୱର, ବିଶ୍ୱ ଏବଂ ଜୀବ ଭିନ୍ନ ଭିନ୍ନ ଅଟନ୍ତି ।

(୪) ମୁଁ ଈଶ୍ୱର ନୁହେଁ ।

(୫) ଶରୀର ଆତ୍ମା ନୁହେଁ-ଏହା ବୋଧ ନହେବା

(୬) ଈଶ୍ୱର, ବିଶ୍ୱ ଏବଂ ଜୀବ-ଏକ ଏହି ଜ୍ଞାନ ନହେବା ।

ଏହିସବୁ ତ୍ରୁଟି ବିଷୟରେ ଯେ ପର୍ଯ୍ୟନ୍ତ ତାକୁ ଦିଗଦର୍ଶନ କରାଯାଇନାହିଁ ସେ ପର୍ଯ୍ୟନ୍ତ ଶିଷ୍ୟ ଈଶ୍ୱର, ଜୀବ ଏବଂ ଶରୀର କ'ଣ, ସେମାନେ କିପରି ପରସ୍ପର ସହ ସମ୍ପୃକ୍ତ ତଥା ସେମାନେ ପରସ୍ପରଠାରୁ ଭିନ୍ନ କି ନୁହଁନ୍ତି କିମ୍ବା ଏକସମାନ ସେକଥା ବୁଝିପାରିବ ନାହିଁ । ଏହାର ଶିକ୍ଷା ଦେବା ତଥା ତା'ର ଅଜ୍ଞାନତାକୁ ଦୂର କରିବା ହିଁ ଜ୍ଞାନୋପଦେଶ ଅଟେ । ତେବେ ଜୀବକୁ ଏହି ଜ୍ଞାନ ପ୍ରଦାନର ଆବଶ୍ୟକତା କ'ଣ ? ଏହାର ଉତ୍ତର

ହେଉଛି ତା'ର ତ୍ରୁଟି ତାକୁ ଦେଖାଇଦେଇ ଅଜ୍ଞାନତା ଦୂର କରିବା ।

ବାବା ପୁଣି କହିଲେ

(୧) ପ୍ରଣିପାତର ଅର୍ଥ ହେଉଛି 'ଶରଣାଗତି' ।

(୨) କାୟମନୋବାକ୍ୟରେ ଶରଣାଗତ ହେବା ଉଚିତ ।

(୩)କୃଷ୍ଣ ଅନ୍ୟ ଜ୍ଞାନୀମାନଙ୍କୁ କ'ଣ ସଂକେତ ଦିଅନ୍ତି ? ସଦ୍‌ଭକ୍ତ ନିମନ୍ତେ ପ୍ରତ୍ୟେକ ତତ୍ତ୍ୱ ବାସୁଦେବ ଅଟନ୍ତି । (ଭଗବତ ଗୀତା ଅଧ୍ୟାୟ ୭ :୧୧– ଅର୍ଥାତ୍ ଯେ କୌଣସି ଗୁରୁ ତାର ଭକ୍ତ ପାଇଁ କୃଷ୍ଣ ଅଟେ) ଆଉ ଗୁରୁ ଶିଷ୍ୟକୁ ବାସୁଦେବ ମନେ କରନ୍ତି ଏବଂ କୃଷ୍ଣ ଏହି ଉଭୟଙ୍କୁ ତାଙ୍କର ପ୍ରାଣ ଓ ଆତ୍ମା । (ଭଗବତ ଗୀତା ଅଧ୍ୟାୟ ୭ :୧୮ରେ ଜ୍ଞାନଦେବଙ୍କର ଟୀକା) କାରଣ ଶ୍ରୀକୃଷ୍ଣଙ୍କୁ ବିଦିତ ଥିଲା ଯେ ଏପରି ଅନେକ ଭକ୍ତ ଏବଂ ଗୁରୁ ବିଦ୍ୟମାନ ଅଟନ୍ତି, ଏଣୁ ସେମାନଙ୍କର ମହତ୍ତ୍ୱ ବୃଦ୍ଧି ନିମନ୍ତେ ହିଁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏପରି କହିଥିଲେ ।

**ସମାଧି ମନ୍ଦିର ନିର୍ମାଣ :** ବାବା ଯାହା କିଛି କରିବାକୁ ଚାହୁଁଥିଲେ, ତା'ର ଚର୍ଚ୍ଚା ସେ କେବେ କରୁନଥିଲେ । ପରନ୍ତୁ ଆଖପାଖରେ ଏପରି ପରିବେଶ ଓ ପରିସ୍ଥିତି ସୃଷ୍ଟି କରିଦେଉଥିଲେ ଯେ ଧୀରେ ଧୀରେ ଅଥଚ ନିଶ୍ଚିତ ଭାବରେ ତା'ର ସୁଫଳ ଦେଖି ଲୋକେ ଆଚମ୍ବିତ ହେଉଥିଲେ । ସମାଧି ମନ୍ଦିର ନିର୍ମାଣ ଏହାର ଏକ ଉଦାହରଣ । ନାଗପୁରର କୋଟିପତି ଭକ୍ତ ବାପୁସାହେବ ବୁଟି ସପରିବାର ଶିରିଡ଼ିରେ ରହୁଥିଲେ । ଥରେ ତାଙ୍କ ମନକୁ ବିଚାର ଆସିଲା ଯେ ଶିରିଡ଼ିରେ ତାଙ୍କର ନିଜର ଏକ ୱାଡ଼ା(ଘର) କରିବେ । କିଛି ସମୟ ପରେ ଯେତେବେଳେ ସେ ଦୀକ୍ଷିତ ୱାଡ଼ାରେ ଶୋଇଥିଲେ, ଏକ ସ୍ୱପ୍ନ ଦେଖିଲେ । ବାବା ସ୍ୱପ୍ନରେ ଆସି ତାଙ୍କୁ କହୁଛନ୍ତି 'ତୁମେ ନିଜର ଏକ ୱାଡ଼ା ଏବଂ ମନ୍ଦିର ତିଆରି କର ।' ଶ୍ୟାମା ମଧ୍ୟ ସେହି ପାଖରେ ଶୋଇଥିଲେ ଏବଂ ସେ ବି ଅନୁରୂପ ସ୍ୱପ୍ନ ଦେଖିଲେ । ବୁଟିସାହେବ ଯେତେବେଳେ ନିଦରୁ ଉଠିଲେ ଶ୍ୟାମା କାନ୍ଦୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇ କାନ୍ଦିବାର କାରଣ ପଚାରିଲେ । ଶ୍ୟାମା କହିଲେ 'ବାବା ଏବେ ଏବେ ସ୍ୱପ୍ନରେ ଆସି ସ୍ପଷ୍ଟ ଶବ୍ଦରେ କହିଲେ 'ମନ୍ଦିର ସହିତ ୱାଡ଼ା ନିର୍ମାଣ କର । ମୁଁ ସମସ୍ତଙ୍କର ଇଚ୍ଛା ପୂର୍ଣ୍ଣ କରିବି ।' ବାବାଙ୍କର ଏହି ମଧୁର ଓ ପ୍ରେମପୂର୍ଣ୍ଣ ବଚନ ଶୁଣି ମୁଁ ଭାବବିହ୍ୱଳ ହୋଇଗଲି, ମୋର କଣ୍ଠ ବାଷ୍ପରୁଦ୍ଧ ହୋଇଗଲା । ନୟନଯୁଗଳରୁ ଅଶ୍ରୁଧାରା ବାହାରିଆସୁଛି । ଉଭୟଙ୍କର ସମାନ ସ୍ୱପ୍ନ ଦେଖି ବୁଟିଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ତାଙ୍କ ପାଖରେ ଧନର ତ ଅଭାବ ନଥିଲା, ଏଣୁ ୱାଡ଼ା ନିର୍ମାଣ କଥା ସ୍ଥିର କରି ଶ୍ୟାମାଙ୍କ ସହ ବସି ଏକ ରୂପରେଖ ତିଆରି କଲେ । କାକାସାହେବ ଦୀକ୍ଷିତ ତାକୁ ଦେଖି ଅନୁମୋଦନ କଲେ ଏବଂ ଯେତେବେଳେ ବାବାଙ୍କ ସମ୍ମୁଖରେ ତାହା ଉପସ୍ଥାପନ କରାଗଲା ସେ ତତ୍କାଳ ସ୍ୱୀକୃତି ପ୍ରଦାନ କଲେ । ଏହାପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ଶ୍ୟାମାଙ୍କ ତତ୍ତ୍ୱାବଧାନରେ ତଳ ମହଲା, ଭଣ୍ଡାରଘର, ଭୂତଳ କକ୍ଷ ଏବଂ

କୂଅ ନିର୍ମାଣ ହେଲା । ବାବା ଲେଣ୍ଡିବାଗରୁ ଯିବା ଆସିବା ସମୟରେ ମଧ୍ୟ କେତେକ ପରାମର୍ଶ ଦେଉଥିଲେ । ପରେ ବାପୁସାହେବ ଯୋଗଙ୍କୁ ଏହି ଦାୟିତ୍ୱ ଅର୍ପଣ କରାଗଲା । ଯେତେବେଳେ ଏହି କାର୍ଯ୍ୟ ଚାଲିଥିଲା ବାପୁସାହେବ ବୁଟିଙ୍କ ମନରେ ଏକ ବିଚାର ଆସିଲା ଯେ କିଛି ଖୋଲା ସ୍ଥାନ ରଖାଯିବା ଉଚିତ, ଯାହା ମଝିରେ 'ମୂରଲୀଧର'ଙ୍କର ବିଗ୍ରହ ସ୍ଥାପନା କରାଯାଇପାରିବ । ସେ ଏହିକଥା ଶ୍ୟାମାଙ୍କୁ ଜଣାଇ ବାବାଙ୍କଠାରୁ ଅନୁମତି ଆଣିବାକୁ କହିଲେ । ଯେତେବେଳେ ବାବା ଓ୍ୱାଡ଼ା ପାଖ ଦେଇ ଯାଉଥିଲେ, ଶ୍ୟାମା ବାବାଙ୍କୁ ଏହି କଥା ଜଣାଇଲେ । ବାବା ତାଙ୍କର ସମ୍ମତି ପ୍ରଦାନକରି କହିଲେ 'ମନ୍ଦିରର ନିର୍ମାଣ ଶେଷ ହେବା ପରେ ମୁଁ ସେଠାରେ ରହିବି । ପୁଣି ଓ୍ୱାଡ଼ା ପ୍ରତି ବଡ଼ ଅନୁପମ ଦୃଷ୍ଟିରେ ନିରୀକ୍ଷଣ କରି କହିଲେ ' ଓ୍ୱାଡ଼ା ନିର୍ମାଣ ହୋଇଯିବା ପରେ ଆମେ ସମସ୍ତେ ତାକୁ ବ୍ୟବହାର କରିବା । ସେଇଠି ରହିବା, ଖେଳିବା, ବୁଲିବା, ପରସ୍ପରକୁ ହୃଦୟରେ ଲଗାଇବା ତଥା ଆନନ୍ଦ କରିବା ।' ଏହାପରେ ଶ୍ୟାମା ଗର୍ଭଗୃହର ଭିତ୍ତିସ୍ଥାପନ ନିମନ୍ତେ ଏହା ଶୁଭ ମୁହୂର୍ତ୍ତ କି ବୋଲି ପ୍ରଶ୍ନକଲେ । ବାବା ସ୍ୱୀକାରାତ୍ମକ ଉତ୍ତର ଦେଲେ । ତାପରେ ଶ୍ୟାମା ନଡ଼ିଆ ଭାଙ୍ଗି କାର୍ଯ୍ୟ ଶୁଭାରମ୍ଭ କଲେ । ଯଥା ସମୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେଲା ଏବଂ ମୂରଲୀଧରଙ୍କର ଏକ ସୁନ୍ଦର ମୂର୍ତ୍ତି ନିର୍ମାଣ ନିମନ୍ତେ ବରାଦ କରାଗଲା । ଏବେ ପ୍ରତିଷ୍ଠାକୁ ଅପେକ୍ଷା; ଏହି ସମୟରେ ଏକ ନୂତନ ଘଟଣା ଘଟିଲା । ବାବାଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଗଲା ଏବଂ ଜଣାଗଲା ଯେପରିକି ସେ ଦେହତ୍ୟାଗ କରିଦେବେ । ବୁଟିସାହେବ ବଡ଼ ନିରାଶ ହେଲେ ଓ ଦୁଃଖରେ ଭାଙ୍ଗିପଡ଼ିଲେ । ସେ ମନେକଲେ ଯେ ଯଦି ବାବାଙ୍କର ପ୍ରୟାଣ ହୋଇଯାଏ ତାହେଲେ ଓ୍ୱାଡ଼ା ତାଙ୍କର ପବିତ୍ର ଚରଣସ୍ପର୍ଶରୁ ବଞ୍ଚିତ ହେବ ଏବଂ ତାଙ୍କର ସମସ୍ତ ଧନ(ପ୍ରାୟ ଏକ ଲକ୍ଷ ଟଙ୍କା) ବୃଥା ଯିବ । କିନ୍ତୁ ଅନ୍ତିମ ସମୟରେ ବାବାଙ୍କର ଶ୍ରୀମୁଖରୁ ନିଃସୃତ ବଚନ 'ମୋତେ ଓ୍ୱାଡ଼ାରେ ହିଁ ରଖିବ' କେବଳ ବୁଟିଙ୍କୁ ନୁହେଁ ସମସ୍ତଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲା । ନିର୍ଦ୍ଧାରିତ ସମୟରେ ବାବାଙ୍କର ପବିତ୍ର ଶରୀର ମନ୍ଦିରର କେନ୍ଦ୍ରସ୍ଥଳରେ ସ୍ଥାପନା କରାଗଲା, ଯାହା ମୂରଲୀଧରଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା । ଆଉ ବାବା ସ୍ୱୟଂ ମୂରଲୀଧର ହୋଇଗଲେ ତଥା ଓ୍ୱାଡ଼ା 'ସାଇବାବାଙ୍କ ସମାଧି ମନ୍ଦିର ।'

ତାଙ୍କର ଅଗାଧ ଲୀଳାର ଥଳକୂଳ କେହି ପାଇନାହାନ୍ତି । ଶ୍ରୀ ବାପୁସାହେବ ବୁଟି ଧନ୍ୟ, ଯାହାଙ୍କ ଓ୍ୱାଡ଼ାରେ ବାବାଙ୍କର ପରମ ପବିତ୍ର ଦିବ୍ୟ ପାର୍ଥିବ ଶରୀର ଏବେ ଚିର ବିଶ୍ରାନ୍ତିରେ ବିଲୀନ ହୋଇଛି ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

# ।।ଚତ୍ୱାରିଂଶତ୍(୪୦)ଅଧ୍ୟାୟ ।।

## ବାବାଙ୍କ ବିସ୍ମୟ ଲୀଳା : ବି.ଭି. ଦେବଙ୍କ ମାତାଙ୍କ ଉଦ୍‌ଯାପନ ସମାରୋହ ଏବଂ ହେମାଡପନ୍ତଙ୍କ ଭୋଜିରେ ଯୋଗଦାନ

ଏହି ଅଧ୍ୟାୟରେ ଦୁଇଟି କଥାର ବର୍ଣ୍ଣନା କରାଯାଇଛି । (୧) ବାବା କିପରି ଶ୍ରୀମାନ ଦେବଙ୍କ ମାତାଙ୍କ ବ୍ରତ ଉଦ୍‌ଯାପନରେ ସମ୍ମିଳିତ ହେଲେ ଏବଂ (୨) ହୋଲି ଦିନ ବାନ୍ଦ୍ରାରେ ହେମାଡପନ୍ତଙ୍କ ଘରେ ପଦାର୍ପଣ କଲେ ।

**ପ୍ରସ୍ତାବନା :** ଧନ୍ୟ ଶ୍ରୀ ସାଇ ସମର୍ଥ । କେତେ ସୁନ୍ଦର ତାଙ୍କର ନାମ । ଉଭୟ ସାଂସାରିକ ଏବଂ ଆଧ୍ୟାତ୍ମିକ ବିଷୟରେ ସେ ଭକ୍ତମାନଙ୍କୁ ଉପଦେଶ ଦେଉଥିଲେ ଏବଂ ସେମାନଙ୍କର ଜୀବନର ଉଦ୍ଦେଶ୍ୟ ପ୍ରାପ୍ତ କରିବାରେ ସହାୟତା କରି ସେମାନଙ୍କୁ ଶକ୍ତି ପ୍ରଦାନ କରୁଥିଲେ । ଭେଦଭାବ ଭାବନାକୁ ନଷ୍ଟ କରି ଅପ୍ରାପ୍ୟ ବସ୍ତୁକୁ ପ୍ରାପ୍ତ କରାଉଥିଲେ । ଭକ୍ତମାନେ ଭକ୍ତିପୂର୍ବକ ସାଇଚରଣରେ ଲୋଟୁଥିଲେ ଏବଂ ଶ୍ରୀ ସାଇବାବା ମଧ୍ୟ ଭେଦଭାବ ରହିତ ହୋଇ ପ୍ରେମପୂର୍ବକ ଭକ୍ତମାନଙ୍କ ସହ ହୃଦୟ ଲଗାଉଥିଲେ । ଭକ୍ତମାନଙ୍କ ଗହଣରେ ସେ ଏପରି ସମ୍ମିଳିତ ହେଉଥିଲେ ଯେପରି ବର୍ଷାଋତୁର ଜଳ ନଦୀରେ ମିଶିଥାଏ ଏବଂ ସେମାନଙ୍କୁ ସେ ତାଙ୍କର ଶକ୍ତି ଓ ପ୍ରତିଷ୍ଠା ପ୍ରଦାନ କରୁଥିଲେ ।

## ।।ଭକ୍ତଙ୍କ ଘରେ ପହଞ୍ଚି ବାବା କଥା ରଖିଲେ ।।

**ଶ୍ରୀମତୀ ଦେବଙ୍କ ଉଦ୍‌ଯାପନ ଉତ୍ସବ :** ଶ୍ରୀ ବି.ଭି. ଦେବ ଥାନେ ଜିଲା ଡହାଣୁର ମାମଲତଦାର ଥିଲେ । ତାଙ୍କର ମା' ପ୍ରାୟ ପଚିଶି ତିରିଶଟି ବ୍ରତ କରୁଥିଲେ, ସେସବୁର ଉଦ୍‌ଯାପନା ସମୟ ଉପନୀତ ହୋଇଯାଇଥିଲା । ଏହି ଅବସରରେ ଶହେ ଦୁଇଶହ ବ୍ରାହ୍ମଣଙ୍କୁ ଭୋଜନ କରାଇବାକୁ ତାଙ୍କର ଇଚ୍ଛା ଥିଲା । ଶ୍ରୀ ଦେବ ଦିନ ସ୍ଥିର କରି ବାପୁସାହେବ ଯୋଗଙ୍କ ଠିକଣାରେ ଗୋଟିଏ ପତ୍ର ଶିରିଡ଼ି ପଠାଇଲେ । ସେଥିରେ ତାଙ୍କ ମା'ଙ୍କର ବ୍ରତ ଉଦ୍‌ଯାପନ ଉତ୍ସବ ଏବଂ ଏହି ଉପଲକ୍ଷେ ଆୟୋଜିତ ହେବାକୁ ଥିବା ଭୋଜି ସମାରୋହରେ ଯୋଗଦେବା ନିମନ୍ତେ ତାଙ୍କ ତରଫରୁ ଶ୍ରୀ ସାଇବାବାଙ୍କୁ ନିମନ୍ତ୍ରଣ କରିବାକୁ ଅନୁରୋଧ କଲେ ତଥା ତାଙ୍କର ଅନୁପସ୍ଥିତିରେ ସମାରୋହ ଅପୂର୍ଣ୍ଣ ହୋଇଯିବ ବୋଲି ଜଣାଇବାକୁ କହିଲେ । ଶେଷରେ ବାବାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ଲେଖିଲେ ଯେ ଡହାଣୁରେ ପଦାର୍ପଣ କରି ସେ ଅବଶ୍ୟ ଏହି ଦାସକୁ କୃତାର୍ଥ କରିବେ ।'

ବାପୁସାହେବ ଜୋଗ ପତ୍ରଟି ବାବାଙ୍କୁ ପଢ଼ି ଶୁଣାଇଲେ । ବାବା ତାକୁ ବଡ଼ ଧ୍ୟାନ

ସହକାରେ ଶୁଣିଲେ ଏବଂ ଶୁଦ୍ଧ ହୃଦୟରେ ନିମନ୍ତ୍ରଣ ପ୍ରେରିତ ହୋଇଥିବା ଜାଣି କହିଲେ 'ଯିଏ ମୋତେ ସ୍ମରଣ କରେ, ମୁଁ ସର୍ବଦା ତାର ଧ୍ୟାନ ରଖିଥାଏ । ମୋର ଯାତ୍ରା ପାଇଁ କୌଣସି ସାଧନ ଯଥା ଗାଡ଼ି, ଟାଙ୍ଗା କି ବିମାନର ପ୍ରୟୋଜନ ନାହିଁ । ମୋତେ ଯିଏ ପ୍ରେମ ସହକାରେ ଡାକେ, ତା' ସମ୍ମୁଖରେ ମୁଁ ତତ୍‌କ୍ଷଣାତ୍ ପ୍ରକଟ ହୋଇଯାଏ ।' ତାଙ୍କୁ ଗୋଟିଏ ପତ୍ର ପଠାଇଦିଅ ଯେ 'ଦୁଇଜଣଙ୍କ ସହ ମୁଁ ନିଶ୍ଚୟ ଯିବି ।' ବାବା ଯେମିତି କହିଲେ, ଶ୍ରୀ ଜୋଗ ତାହା ପତ୍ରରେ ଲେଖି ଶ୍ରୀ ଦେବଙ୍କ ନିକଟକୁ ପଠାଇଦେଲେ । ପତ୍ର ପଢ଼ି ଦେବଙ୍କ ମନରେ ପ୍ରସନ୍ନତା ଭରିଗଲା; କିନ୍ତୁ ସେ ଏକଥା ମଧ୍ୟ ଜାଣିଥିଲେ ଯେ ବାବା କେବଳ ରାହାତା, ରଇ ଓ ନିମଗାଓଁ ବ୍ୟତୀତ ଅନ୍ୟ କେଉଁଠାକୁ ଯାଉନଥିଲେ । ତାପରେ ତାଙ୍କ ମନରେ ବିଚାର ଆସିଲା କି ତାଙ୍କ ପକ୍ଷରେ କ'ଣ ଅସମ୍ଭବ ? ତାଙ୍କର ଲୀଳା ଅପାର ଏବଂ ଚମତ୍କାରିତାରେ ପରିପୂର୍ଣ୍ଣ । ସେ ତ ସର୍ବବ୍ୟାପୀ । ଯେ କୌଣସି ବେଶରେ ପ୍ରକଟ ହୋଇ ସେ ତାଙ୍କର ବଚନ ରକ୍ଷା କରିପାରିବେ ।

କିଛି ଦିନ ପରେ ଜଣେ ସନ୍ନ୍ୟାସୀ ଡହାଣୁ ଷ୍ଟେସନରେ ଓହ୍ଲାଇଲେ । ତାଙ୍କର ବେଶଭୂଷା ଦେଖିଲେ ସେ ଜଣେ ବଙ୍ଗୀୟ ସନ୍ନ୍ୟାସୀ ଭଳି ଜଣାପଡୁଥିଲେ । ଗୋସୁରକ୍ଷା ଆନ୍ଦୋଳନ ପାଇଁ କାର୍ଯ୍ୟ କରୁଥିବା କହି ଷ୍ଟେସନମାଷ୍ଟରଙ୍କ ନିକଟକୁ ଯାଇ କିଛି ଭିକ୍ଷା ନିମିତ୍ତ ସେ ପ୍ରାର୍ଥନା କଲେ । ଷ୍ଟେସନ ମାଷ୍ଟର ତାଙ୍କୁ ମାମଲତଦାର(ବି.ଭି. ଦେବ)ଙ୍କ ପାଖକୁ ଯିବାକୁ ପରାମର୍ଶ ଦେଇ ତାଙ୍କ ସହାୟତାରେ ପର୍ଯ୍ୟାପ୍ତ ଚାନ୍ଦା ଆଦାୟ କରିପାରିବେ ବୋଲି କହିଲେ । ସେହି ସମୟରେ ମାମଲତଦାର ଶ୍ରୀ ଦେବ ସେଠାରେ ପହଞ୍ଚିଗଲେ । ଷ୍ଟେସନ ମାଷ୍ଟର ତାଙ୍କୁ ସନ୍ନ୍ୟାସୀଙ୍କର ପରିଚୟ କରାଇଦେଲେ ଏବଂ ଦୁହେଁ ପ୍ଲାଟଫର୍ମରେ ବସି କିଛି ସମୟ ବାର୍ତ୍ତାଳାପ କଲେ । ମାମଲତଦାର ତାଙ୍କୁ କହିଲେ ଯେ ଅନ୍ୟ ଏକ ଦାତବ୍ୟ ସଂସ୍ଥା ନିମିତ୍ତ ଏବେ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ରାଓସାହେବ ନରୋତ୍ତମ ସେଠଙ୍କ ଦ୍ୱାରା ଚାନ୍ଦାଦାତାଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇଛି । ଏଣୁ ସଙ୍ଗେ ସଙ୍ଗେ ଆଉ ଗୋଟିଏ ତାଲିକା କରିବା ଠିକ୍ ହେବ ନାହିଁ । ଦୁଇ ଚାରିମାସ ପରେ ସେ ଆସିଲେ ଭଲ ହେବ ବୋଲି କହିଲେ । ଏହା ଶୁଣି ସନ୍ନ୍ୟାସୀଜଣକ ପ୍ରସ୍ଥାନ କଲେ ଏବଂ ମାସକ ପରେ ଶ୍ରୀଦେବଙ୍କ ଗୃହ ସମ୍ମୁଖରେ ପୂର୍ବାହ୍ନ ୧୦ଟା ସମୟରେ ଗୋଟିଏ ଟାଙ୍ଗାରୁ ଓହ୍ଲାଇଲେ । ତାଙ୍କୁ ଦେଖି ଶ୍ରୀ ଦେବ ମନେ କଲେ ଯେ ସେ ବୋଧେ ଚାନ୍ଦା ପାଇଁ ଆସିଛନ୍ତି । ସନ୍ନ୍ୟାସୀଜଣକ ତାଙ୍କୁ କହିଲେ 'ଚାନ୍ଦା ପାଇଁ ନୁହେଁ, ଆଜି ମୁଁ କିଛି ଭୋଜନ ପାଇଁ ଆସିଛି ।' ଦେବ ତାଙ୍କୁ ସ୍ୱାଗତ କରି ଠିକ୍ ଅଛି ବୋଲି କହିଲେ । ଏହାପରେ ସନ୍ନ୍ୟାସୀଜଣକ କହିଲେ ତାଙ୍କ ସାଙ୍ଗରେ ଆଉ ଦୁଇଜଣ ବାଳକ ମଧ୍ୟ ଅଛନ୍ତି । 'ଠିକ୍ ଅଛି ତାଙ୍କୁ ବି ନେଇ ଆସନ୍ତୁ' ବୋଲି ଦେବ କହିଲେ । ଭୋଜନ ପାଇଁ ଆହୁରି ଦୁଇଘଣ୍ଟା ସମୟ ବାକି ଥିଲା । ଏହି ସମୟତକ ସେମାନେ କିପରି କଟାଇବେ ବୋଲି ଦେବ ପଚାରିଲେ । ସନ୍ନ୍ୟାସୀ କହିଲେ ସେଥିପାଇଁ ବ୍ୟସ୍ତ ହେବାର କିଛି ନାହିଁ ।

ସେ ଠିକ୍ ସମୟରେ ଆସି ପହଞ୍ଚିଯିବେ । ଦେବ ତାଙ୍କୁ ୧୨ଟାରେ ଆସିବାକୁ କହିଲେ । ଠିକ୍ ୧୨ଟା ବେଳେ ସେହି ତ୍ରିମୂର୍ତ୍ତି ସେଠାରେ ପହଞ୍ଚିଲେ ଏବଂ ଭୋଜନ ସାରି ଫେରିଗଲେ ।

ସମାରୋହ ସମାପନ ହେବା ପରେ ଶ୍ରୀ ଦେବ ବାପୁସାହେବ ଯୋଗଙ୍କ ନିକଟକୁ ପତ୍ର ଲେଖି ବାବାଙ୍କ ଦ୍ୱାରା ବଚନ ଭଙ୍ଗର ଆରୋପ କଲେ । ଯୋଗ ପତ୍ରଟି ନେଇ ବାବାଙ୍କ ପାଖକୁ ଗଲେ; କିନ୍ତୁ ପତ୍ର ପଢ଼ିବା ପୂର୍ବରୁ ହିଁ ବାବା କହିଲେ 'ଆରେ ! ମୁଁ ସେଠାକୁ ଯିବାକୁ ଯେତେବେଳେ ବଚନ ଦେଇଥିଲି ତାକୁ ଧୋକା ଦେବି କିପରି ? ତାକୁ ଜଣାଇଦିଅ ଯେ ଅନ୍ୟ ଦୁଇଜଣ ବ୍ୟକ୍ତିଙ୍କ ସହ ଭୋଜନରେ ମୁଁ ଉପସ୍ଥିତ ଥିଲି କି ନାହିଁ, କିନ୍ତୁ ସେ ଯେତେବେଳେ ମୋତେ ଚିହ୍ନିପାରିଲା ନାହିଁ, ନିମନ୍ତ୍ରଣ ଦେବାର ଉପକ୍ରମ କରୁଥିଲା କାହିଁକି ? ତାକୁ ଲେଖିଦିଅ ଯେ ସେହି ସନ୍ନ୍ୟାସୀ ଚାନ୍ଦା ନେବା ପାଇଁ ଆସିଛି ବୋଲି ବୋଧେ ସେ ଭାବିବସିଥିଲା । କିନ୍ତୁ ଅନ୍ୟ ଦୁଇଜଣ ଆସିବେ ବୋଲି କହି ମୁଁ ତାର ସନ୍ଦେହ ଦୂର କରିନଥିଲି କି ? ଆଉ ସେହି ତ୍ରିମୂର୍ତ୍ତି କ'ଣ ଠିକ୍ ସମୟରେ ଭୋଜନରେ ଉପସ୍ଥିତ ହୋଇନଥିଲେ ? **'ମୁଁ ମୋର ବଚନ ପୂର୍ଣ୍ଣ କରିବା ପାଇଁ ମୋର ସର୍ବସ୍ୱ ଅର୍ପଣ କରିଦେବି । ମୋର ଉକ୍ତି କେବେ ଅସତ୍ୟ ହେବ ନାହିଁ ।'** ଏହି ଉତ୍ତର ଯୋଗଙ୍କ ହୃଦୟରେ ପ୍ରସନ୍ନତା ଖେଳାଇଦେଲା ଏବଂ ପତ୍ର ଲେଖି ସେ ଦେବଙ୍କ ନିକଟକୁ ପଠାଇଲେ । ଯେତେବେଳେ ଦେବ ଉତ୍ତର ପଢ଼ିଲେ ତାଙ୍କର ଚକ୍ଷୁରୁ ଧାର ଧାର ଅଶ୍ରୁ ବହିବାକୁ ଲାଗିଲା । ବୃଥାରେ ବାବାଙ୍କ ଉପରେ ଦୋଷାରୋପ କରିଥିବାରୁ ମନ ଭିତରେ ଅନୁତାପ ଓ କ୍ରୋଧ ଜାତ ହେଲା । ପଶ୍ଚାତ୍ତାପ କରିବା ଛଡ଼ା ଅନ୍ୟ ବାଟ ନଥିଲା ।

ଏଥିରୁ ସ୍ପଷ୍ଟ ହୁଏ ଯେ **ଯେତେବେଳେ ଭକ୍ତ ଅନନ୍ୟ ଭାବରେ ସଦ୍‌ଗୁରୁଙ୍କ ଶରଣାଗତ ହୁଏ, ସେତେବେଳେ ତାର ସମସ୍ତ ଧାର୍ମିକ କ୍ରିୟା ନିର୍ବିଘ୍ନରେ ତଥା ଉତ୍ତମ ପ୍ରକାରେ ସମ୍ପନ୍ନ ହେଉଥିବାର ଅନୁଭବ କରେ ।**

**ହେମାଡପନ୍ତଙ୍କ ହୋଲି ଉତ୍ସବରେ ଭୋଜି :** ଏବେ ଆମେ ଆଉ ଏକ କଥା ଆଲୋଚନା କରିବା, ଯେଉଁଥିରେ ବାବା ଭକ୍ତର ଇଚ୍ଛା ପୂର୍ଣ୍ଣ କରିବା ନିମିତ୍ତ କିପରି ଫଟୋଚିତ୍ର ରୂପରେ ପ୍ରକଟ ହେଲେ, ତାହା ବର୍ଣ୍ଣନା କରାଯାଇଛି ।

୧୯୧୭ ମସିହା ହୋଲିପୂର୍ଣ୍ଣିମା ଦିନ ହେମାଡପନ୍ତ ଏକ ସ୍ୱପ୍ନ ଦେଖିଲେ । ବାବା ଜଣେ ସନ୍ନ୍ୟାସୀ ବେଶରେ ଆସିଲେ ଏବଂ ହେମାଡପନ୍ତଙ୍କୁ ଉଠାଇ କହିଲେ 'ମୁଁ ଆଜି ମଧ୍ୟାହ୍ନରେ ତୁମ ଘରକୁ ଭୋଜନ ପାଇଁ ଆସିବି ।' ନିଦରୁ ଉଠାଇବା ମଧ୍ୟ ସ୍ୱପ୍ନର ଏକ ଅଂଶ ଥିଲା; କିନ୍ତୁ ଯେତେବେଳେ ପ୍ରକୃତରେ ନିଦ ଭାଙ୍ଗିଗଲା, ବାବା, କି ସନ୍ନ୍ୟାସୀ କେହି ଉପସ୍ଥିତ ନଥିଲେ । ସ୍ୱପ୍ନ କଥା ହେମାଡପନ୍ତ ମନେପକାଇବାକୁ ଲାଗିଲେ ଏବଂ ସନ୍ନ୍ୟାସୀଙ୍କର ପ୍ରତିଟି ଉକ୍ତି ତାଙ୍କର ସ୍ମୃତି ପଖାଳିବାକୁ ଲାଗିଲା । ଯଦିଓ ଗତ ସାତବର୍ଷ

ଧରି ସେ ବାବାଙ୍କର ସାନ୍ନିଧ୍ୟ ଲାଭ କରୁଥିଲେ ତଥା ନିରନ୍ତର ତାଙ୍କର ଧ୍ୟାନ କରୁଥିଲେ ମାତ୍ର କେବେ ଏହି ଆଶା ରଖିନଥିଲେ ଯେ ଦିନେ ବାବା ତାଙ୍କ ଘରେ ପଦାର୍ପଣ କରି ଭୋଜନ କରି ତାଙ୍କୁ କୃତାର୍ଥ କରିବେ । ବାବାଙ୍କ ସ୍ୱପ୍ନରେ ବଡ଼ ଆନନ୍ଦିତ ହୋଇ ସେ ପତ୍ନୀଙ୍କୁ କହିଲେ 'ଆଜି ହୋଲି । ଜଣେ ସନ୍ନ୍ୟାସୀ ଅତିଥି ଭୋଜନ ନିମନ୍ତେ ଆସିବାର ଅଛି । ଏଣୁ ଟିକିଏ ଅଧିକ ଅନ୍ନ ରୋଷେଇ କରିଥିବ ।' ପତ୍ନୀ ଅତିଥି କିଏ ବୋଲି ଜିଜ୍ଞାସାକଲେ । ହେମାଡପନ୍ତ କିଛି ଗୁପ୍ତ ନରଖି ସ୍ୱପ୍ନ ବୃତ୍ତାନ୍ତ ଠିକ୍ ଠିକ୍ କହିଦେଲେ । ପତ୍ନୀ ଏହାକୁ ବିଶ୍ୱାସ କଲେ ନାହିଁ ଓ ଶିରିଡ଼ିର ଉତ୍କୃଷ୍ଟ ଭୋଜନ ଛାଡ଼ି ସେ ଏଠାକୁ କାହିଁକି ଆସିବେ ବୋଲି କହିଲେ । ହେମାଡପନ୍ତ ପତ୍ନୀଙ୍କ ମନରେ ବିଶ୍ୱାସ ଜାତ କରାଇବାକୁ କହିଲେ ତାଙ୍କ ପାଇଁ କ'ଣ ଅସମ୍ଭବ ? ହୋଇପାରେ ସେ ସ୍ୱୟଂ ନଆସି ଅନ୍ୟ କୌଣସି ରୂପରେ ଆସିବେ । ଏଥିପାଇଁ ଟିକିଏ ଅଧିକ ଅନ୍ନ ରୋଷେଇ କରିବାରେ କ୍ଷତି କ'ଣ ? ଏହାପରେ ଭୋଜନ ପ୍ରସ୍ତୁତି ହେଲା । ହୋଲି ପୂଜା ଆରମ୍ଭ ହୋଇଯାଇଥିଲା ଏବଂ ପତ୍ର ପକାଇ ଚତୁଃପାର୍ଶ୍ୱରେ ରଙ୍ଗ ବିଛାଇ ଦିଆଗଲା । ଦୁଇଟି ଧାଡ଼ି କରାଗଲା ଏବଂ ମଝିରେ ଅତିଥିମାନଙ୍କ ପାଇଁ ସ୍ଥାନ ଛଡ଼ାଗଲା । ପରିବାରର ସମସ୍ତ ସଦସ୍ୟ, ପୁତ୍ର, ନାତି, କନ୍ୟା, ଜାମାତା ପ୍ରଭୃତି ନିଜ ନିଜ ଆସନ ଗ୍ରହଣକଲେ ଏବଂ ଭୋଜନ ପରଶିବା ଆରମ୍ଭ ହେଲା । ହେମାଡପନ୍ତଙ୍କ ସୂଚନା ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ସେହି ଅଜ୍ଞାତ ଅତିଥିଙ୍କୁ ଉତ୍ସୁକତାର ସହ ଅପେକ୍ଷା କରିଥାନ୍ତି; କିନ୍ତୁ ଯେତେବେଳେ ମଧ୍ୟାହ୍ନ ହୋଇଗଲା ଏବଂ କେହି ବି ପହଞ୍ଚିଲେ ନାହିଁ, ଦ୍ୱାର ବନ୍ଦ କରି ଶିକୁଳି ଲଗାଇଦିଆଗଲା । ଅନ୍ନଶୁଦ୍ଧି ନିମନ୍ତେ ଘୃତ ପରିବେଷଣ କରାଗଲା, ଯାହାକି ଭୋଜନ ଆରମ୍ଭ କରିବା ପାଇଁ ଏକ ସଂକେତ । ବୈଶ୍ୱଦେବ(ଅଗ୍ନି)ଙ୍କୁ ଔପଚାରିକ ଆହୁତି ଦେଇ ଶ୍ରୀକୃଷ୍ଣଙ୍କୁ ନୈବେଦ୍ୟ ଅର୍ପଣ କରାଗଲା । ତାପରେ ସମସ୍ତେ ଯେମିତି ଭୋଜନ ଆରମ୍ଭ କରିବାକୁ ଯାଉଛନ୍ତି, ଏହି ସମୟରେ କେହି ଜଣେ ପାହାଚ ଚଢୁଥିବାର ଶୁଣାଗଲା । ହେମାଡପନ୍ତ ଉଠି ଶିକୁଳି ଖୋଲିଲେ । ଦୁଇଜଣ ବ୍ୟକ୍ତି ଅଲ୍ଲୀ ମହମ୍ମଦ ଏବଂ ମୌଲାନା ଇସ୍ମୁ ମୁଜାବର ଦ୍ୱାର ସମ୍ମୁଖରେ ଛିଡ଼ା ହୋଇଥିଲେ । ସେମାନେ ଯେତେବେଳେ ଦେଖିଲେ ଯେ ଭୋଜନ ବଢ଼ାସରିଛି ଏବଂ ସମସ୍ତେ ଖାଇବା ପ୍ରତୀକ୍ଷାରେ ଅଛନ୍ତି ବଡ଼ ନମ୍ରତା ସହକାରେ କହିଲେ 'ଆପଣଙ୍କୁ ଅସୁବିଧାରେ ପକାଇଥିବାରୁ ଆମେ ଦୁଃଖିତ । ଆପଣ ଥାଳି ଛାଡ଼ି ଆସିଲେ । ଅନ୍ୟମାନେ ଆପଣଙ୍କ ପ୍ରତୀକ୍ଷାରେ ଅଛନ୍ତି, ଏବେ ଆମେ ଯାଉଛୁ, ଆପଣଙ୍କର ଏହି ସମ୍ପଦ ସମ୍ଭାଳନ୍ତୁ । ଏ ସମ୍ବନ୍ଧିତ ଆଶ୍ଚର୍ଯ୍ୟଜନକ ଘଟଣା ଅନ୍ୟ କୌଣସି ସୁଯୋଗରେ ଶୁଣାଇବୁ । ଏହା କହି ପୁରୁଣା ଖବରକାଗଜରେ ଗୁଡ଼ା ହୋଇଥିବା ଗୋଟିଏ ପ୍ୟାକେଟ ଟେବୁଲ ଉପରେ ରଖିଦେଲେ । ହେମାଡପନ୍ତ କାଗଜ ଆବରଣ ଯେମିତି ହଟାଇଛନ୍ତି, ବାବାଙ୍କର ଏକ ବଡ଼ ସୁନ୍ଦର ଫଟୋ ଦେଖି ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଧାର ଧାର ହୋଇ ଅଶ୍ରୁ ନେତ୍ରଯୁଗଳରୁ ନିର୍ଗତ ହେବାରେ ଲାଗିଲା ଏବଂ ସମ୍ପୂର୍ଣ୍ଣ ଶରୀର

ଅପୂର୍ବ ପୁଲକରେ ରୋମାଞ୍ଚିତ ହୋଇଉଠିଲା । ବାବାଙ୍କ ଶ୍ରୀଚରଣରେ ତାଙ୍କର ମଥା ନତ ହୋଇଗଲା । ସେ ମନେକଲେ ଯେ ବାବା ଏହି ଲୀଳା ରୂପରେ ହିଁ ତାଙ୍କୁ ଆଶୀର୍ବାଦ କଲେ । କୌତୁହଳବଶତଃ ସେ ଅଲ୍ଲୀ ମହମ୍ମଦଙ୍କୁ ପ୍ରଶ୍ନ କଲେ 'ବାବାଙ୍କର ଏହି ମନୋହର ଚିତ୍ର ଆପଣ କେଉଁଠାରୁ ପାଇଲେ ?' ସେ କହିଲେ 'ମୁଁ ଏହାକୁ ଗୋଟିଏ ଦୋକାନରୁ କିଣିଥିଲି । ଏହାର ପୂର୍ଣ୍ଣ ବିବରଣୀ ମୁଁ ଅନ୍ୟ କୌଣସି ସମୟରେ କହିବି । କୃପାକରି ଆପଣମାନେ ଭୋଜନ କରନ୍ତୁ, କାରଣ ସମସ୍ତେ ପ୍ରତୀକ୍ଷା କରିରହିଛନ୍ତି । ହେମାଡପନ୍ତ ତାଙ୍କୁ ଧନ୍ୟବାଦ ଦେଇ ପ୍ରଣାମ କଲେ ଏବଂ ଭୋଜନ ଗୃହକୁ ଆସି ଅତିଥିମାନଙ୍କ ଗହଣରେ ଫଟୋକୁ ସ୍ଥାପନା କରି ବିଧି ସହକାରେ ନୈବେଦ୍ୟ ଅର୍ପଣ କଲେ । ସମସ୍ତେ ଠିକ୍ ସମୟରେ ଭୋଜନ ଆରମ୍ଭ କଲେ । ଫଟୋରେ ବାବାଙ୍କର ସୁନ୍ଦର ମନୋହର ରୂପ ଦେଖି ପ୍ରତ୍ୟେକଙ୍କ ମନ ପ୍ରସନ୍ନତାରେ ପୂରିଗଲା ଏବଂ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଏହିପରି ବାବା ହେମାଡପନ୍ତଙ୍କୁ ସ୍ୱପ୍ନରେ ଦେଇଥିବା ତାଙ୍କର ବଚନ ପୂର୍ଣ୍ଣ କଲେ ।

ଏହି ଫଟୋ କଥାର ପୂର୍ଣ୍ଣ ବିବରଣୀ ଅର୍ଥାତ ଅଲ୍ଲୀ ଅହମ୍ମଦଙ୍କୁ ଫଟୋ କିପରି ପ୍ରାପ୍ତ ହେଲା ଏବଂ ତାକୁ ନେଇ ସେ କାହିଁକି ହେମାଡପନ୍ତଙ୍କୁ ସାକ୍ଷାତ କରିବାକୁ ଗଲେ, ଏହାର ବର୍ଣ୍ଣନା ଆସନ୍ତା ଅଧ୍ୟାୟରେ କରାଯିବ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



# ।। ଏକଚତ୍ୱାରିଂଶତ୍ ( ୪୧ ) ଅଧ୍ୟାୟ ।।

## ଫଟୋ ବୃତ୍ତାନ୍ତ, ଛିନ୍ନବସ୍ତ୍ର ଚୋରି ଏବଂ ଜ୍ଞାନେଶ୍ୱରୀ ପଠନ କଥା

ଗତ ଅଧ୍ୟାୟରେ ବର୍ଣ୍ଣିତ ଘଟଣାର ନଅବର୍ଷ ପରେ ହେମାଡପନ୍ତଙ୍କ ସହ ଅଲ୍ଲୀ ମହମ୍ମଦଙ୍କର ସାକ୍ଷାତ ହେଲା ଏବଂ ତାପରେ ସେ ତାଙ୍କୁ ନିମ୍ନଲିଖିତ ବିବରଣୀ ଶୁଣାଇଲେ । ସେହି ଚିତ୍ତହରଣକାରୀ ମନୋରମ କଥା ଶୁଣନ୍ତୁ ।

'ଦିନେ ମୁମ୍ବଇର ରାଜରାସ୍ତାରେ ବୁଲୁଥିବାବେଳେ ଫୁଟପାଥରେ ଜଣେ ଦୋକାନୀଠାରୁ ମୁଁ ବାବାଙ୍କର ଗୋଟିଏ ଫଟୋ କିଣିଲି । ତାକୁ ଫ୍ରେମ କରି ବନ୍ଧେଇଲି ଏବଂ ଘର(କେନ୍ଦ୍ର ମୁମ୍ବଇର ଏକ ବସ୍ତି)କୁ ଆଣି କାନ୍ଥରେ ଟଙ୍ଗାଇଲି । ବାବାଙ୍କ ପ୍ରତି ମୋର ସ୍ୱାଭାବିକ ପ୍ରେମ ଥିଲା । ଏଣୁ ମୁଁ ପ୍ରତିଦିନ ତାଙ୍କର ଦର୍ଶନ କରୁଥିଲି । ଯେଉଁଦିନ ମୁଁ ଆପଣଙ୍କୁ (ହେମାଡପନ୍ତଙ୍କୁ) ଉକ୍ତ ଫଟୋଟି ଦେଇଥିଲି, ତା'ର ତିନିମାସ ପୂର୍ବରୁ ମୋର ଗୋଡ଼ରେ ଘାଆ ହୋଇ ଫୁଲିଯିବାରୁ ଅସ୍ତ୍ରୋପଚାର ହେଲା । ଏହି ସମୟରେ ମୋର ଶାଳକ ନୁର ମହମ୍ମଦର ଘରେ ମୁଁ ରହୁଥିଲି । ଏଣୁ ତିନିମାସ ଧରି ମୋ ଘର ଖାଲି ପଡ଼ିଥିଲା ଏବଂ କେହି ରହୁନଥିଲେ । ରହୁଥିଲେ କହିଲେ କେବଳ ବାବା ଅବଦୁଲ ରହମାନ, ମୌଲାନା ସାହେବ, ମହମ୍ମଦ ହୁସେନ, ସାଇବାବା, ତାଜୁଦ୍ଦିନ ବାବା ଏବଂ ଅନ୍ୟ କିଛି ସନ୍ଥ ଫଟୋ ରୂପରେ ବିରାଜିତ(ଜୀବିତ) ଥିଲେ, କିନ୍ତୁ କାଳଚକ୍ର ସେମାନଙ୍କୁ ମଧ୍ୟ ଛାଡ଼ିଲା ନାହିଁ । ସମସ୍ତ ଫଟୋର ଗତି ସେମାନଙ୍କର ଭାଗ୍ୟାନୁସାରେ ହେଲା କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଶ୍ରୀ ସାଇବାବାଙ୍କର ଫଟୋଟି କିପରି ବର୍ତ୍ତିଯାଇଥିଲା ତାର ରହସ୍ୟ ଏ ପର୍ଯ୍ୟନ୍ତ ମୋତେ କେହି ବୁଝାଇପାରିନାହାନ୍ତି । ଏଥିରୁ ଶ୍ରୀ ସାଇବାବାଙ୍କର ସର୍ବବ୍ୟାପକତା ଏବଂ ଅସୀମ ଶକ୍ତିର ସନ୍ଧାନ ମିଳିଥାଏ ।'

'ବହୁ ବର୍ଷ ତଳେ ମହମ୍ମଦ ହୁସେନ ଥାରିଆଟୋପଣ ନାମକ ଜଣେ ବ୍ୟକ୍ତି ସନ୍ଥ ଅବଦୁଲ ରହମାନଙ୍କର ଗୋଟିଏ ଛୋଟ ଫଟୋ ମୋତେ ଦେଇଥିଲେ । ତାକୁ ମୁଁ ମୋର ଶାଳକ ନୁର ମହମ୍ମଦ ପୀରଭାଇକୁ ଦେଲି । ଆଠବର୍ଷ ଧରି ଫଟୋଟି ତା'ର ଟେବୁଲରେ ସେମିତି ପଡ଼ିରହିଲା । ହଠାତ୍ ଦିନେ ଜଣେ ଫଟୋଗ୍ରାଫର ପାଖକୁ ନେଇ ସେ ତାର ବଡ଼ ଫଟୋ କଲା ଏବଂ ଏକାଧିକ କପି ପ୍ରସ୍ତୁତ କରି ବନ୍ଧୁ ଏବଂ ସମ୍ପର୍କୀୟମାନଙ୍କୁ ବିତରଣ କଲା । ସେଥିରୁ ଗୋଟିଏ ପ୍ରତିଲିପି ମୋତେ ମଧ୍ୟ ଦେଇଥିଲା, ଯାହାକୁ ମୁଁ ମୋ ଘରର କାନ୍ଥରେ ଲଗାଇଥିଲି । ନୁର ମହମ୍ମଦ ସନ୍ଥ ଅବଦୁଲ ରହମାନଙ୍କର ଶିଷ୍ୟ । ଦିନେ ଅବଦୁଲ ରହମାନଙ୍କର ସାଧାରଣ ଦରବାର ବସିଥିଲାବେଳେ ନୁର ମହମ୍ମଦ ସେଠାରେ ପହଞ୍ଚି ତାଙ୍କୁ ଫଟୋଟି ଉପହାର ଦେବାକୁ ଉଦ୍ୟମ କଲା; ମାତ୍ର

ଫଟୋ ଦେଖିବା ମାତ୍ରେ ସନ୍ଥ ରହମାନ କ୍ରୋଧିତ ହୋଇଉଠି ନୁର ମହମ୍ମଦକୁ ମାରି ଗୋଡ଼ାଇଲେ ଓ ସେଠାରୁ ତଡ଼ିଦେଲେ । ଅଲ୍ଲିଙ୍କ ମନ ଆହତ ହେଲା । ମନ ବିଚଳିତ ହୋଇଗଲା । ଟଙ୍କା ଖର୍ଚ୍ଚ କରି କେତେ ଶ୍ରଦ୍ଧାରେ ସେ ଫଟୋ ବନ୍ଧାଇଥିଲେ, କିନ୍ତୁ ତାହା ଗୁରୁଙ୍କ କ୍ରୋଧ ଏବଂ ଅପ୍ରସନ୍ନତାର କାରଣ ହେଲା । ଅବଶ୍ୟ ତାଙ୍କ ଗୁରୁ ମୂର୍ତ୍ତିପୂଜାର ବିରୋଧୀ ଥିଲେ । ଏହି ଘଟଣା ପରେ ରହମାନ୍ ବାବାଙ୍କ ଫଟୋକୁ ବିସର୍ଜନ କରିଦେବା ଉଦ୍ଦେଶ୍ୟରେ ସେ ଆପୋଲୋ ବନ୍ଦରକୁ ଗଲା ଓ ସେଠାରୁ ଡଙ୍ଗାରେ ବସି ଗଭୀର ସମୁଦ୍ରରେ ଫଟୋଟିକୁ ବିସର୍ଜନ କରିଦେଲା । ନୁର ମହମ୍ମଦ ତାଙ୍କର ବନ୍ଧୁ ଏବଂ ଆତ୍ମୀୟସ୍ୱଜନମାନଙ୍କୁ ଦେଇଥିବା ଫଟୋଗୁଡ଼ିକ ମଧ୍ୟ ଫେରାଇ ଆଣିଲା(ସମୁଦାୟ ଛଅଟି ଫଟୋ ଥିଲା) ଏବଂ ଜଣେ କେଉଟ ହାତରେ ବାନ୍ଦ୍ରା କୂଳ ସାଗର ଗର୍ଭରେ ବିସର୍ଜନ କରିଦେଲା ।

'ଏହି ସମୟରେ ମୁଁ ମୋର ଶାଳକ ଘରେ ରହୁଥିଲି । ନୁର ମହମ୍ମଦ ମୋତେ କହିଲା ଯେ ଯଦି ମୁଁ ସନ୍ଥମାନଙ୍କର ଚିତ୍ରସବୁ ନଦୀରେ ବିସର୍ଜନ କରଦିଏ, ତାହେଲେ ଶୀଘ୍ର ସୁସ୍ଥ ହୋଇଯିବି । ଏହା ଶୁଣି ମୁଁ ମୋର ମ୍ୟାନେଜର ଶ୍ରୀ ମେହେଟାଙ୍କୁ ଘରକୁ ପଠାଇଲି ଏବଂ କାନ୍ଥରେ ଲାଗିଥିବା ସମସ୍ତ ଫଟୋ କାଢିଦେଇ ସମୁଦ୍ରରେ ଫିଙ୍ଗିଦେବାକୁ ଆଦେଶ ଦେଲି । ଦୁଇ ମାସ ପରେ ମୁଁ ଯେତେବେଳେ ଘରକୁ ଫେରିଲି ସାଇବାବାଙ୍କର ଫଟୋଟି ପୂର୍ବପରି ରହିଥିବା ଦେଖି ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ମୁଁ ବୁଝିପାରିଲି ନାହିଁ ଯେ ଅନ୍ୟ ସମସ୍ତ ଫଟୋ କାଢ଼ି ବିସର୍ଜନ କରିଦିଆଯାଇଥିବାବେଳେ ଏହି ଗୋଟିକ ଫଟୋ କିପରି ସୁରକ୍ଷିତ ରହିଗଲା ? ଏହାପରେ ମୁଁ ତୁରନ୍ତ ତାକୁ କାଢ଼ିଦେଲି କାରଣ ଯଦି ଶାଳକର ଦୃଷ୍ଟି ଏହା ଉପରେ ପଡ଼େ ତାହେଲେ ସେ ଏହାର ମଧ୍ୟ ଇତିଶ୍ରୀ କରିଦେବ । ଏହାପରେ ଫଟୋଟିକୁ କାହାକୁ ଦେଲେ କିଏ ତାକୁ ଯଥାର୍ଥ ଭାବରେ ସାଇତି ରଖିପାରିବ ବୋଲି ମନରେ ଭାବୁଥିବାବେଳେ ସ୍ୱୟଂ ଶ୍ରୀ ସାଇବାବା କହିଲେ ମୌଲାନା ଇସ୍ମୁ ମୁଜାବରଙ୍କ ପାଖକୁ ଯାଇ ତାଙ୍କର ପରାମର୍ଶ ଅନୁସାରେ କାର୍ଯ୍ୟ କର । ତହୁଁ ମୁଁ ମୌଲାନା ସାହେବଙ୍କୁ ଭେଟିଲି ଏବଂ ସମସ୍ତ କଥା ଜଣାଇଲି । କିଛି ସମୟ ଚିନ୍ତା କରିବା ପରେ ସେ କହିଲେ ତୁମେ ଏହି ଚିତ୍ର ନେଇ ହେମାଡପନ୍ତଙ୍କୁ ସାକ୍ଷାତ କରିବା ଉଚିତ ହେବ । କାରଣ ସେ ହିଁ କେବଳ ଏହାକୁ ଠିକଣା ଭାବରେ ରଖିବାକୁ ସତ୍‌ପାତ୍ର ଅଟନ୍ତି । ଏହାପରେ ଆମେ ଦୁହେଁ ଆପଣଙ୍କ ଘରକୁ ଆସିଲୁ ଏବଂ ଉପଯୁକ୍ତ ସମୟରେ ଏହି ଫଟୋ ଆପଣଙ୍କୁ ଅର୍ପଣ କଲୁ । ଏଥିରୁ ସ୍ପଷ୍ଟ ହୁଏ ବାବା କିପରି ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ କଥା ଜାଣୁଥିଲେ ତଥା ଡୋରି ଲଗାଇ ଭକ୍ତମାନଙ୍କର ଇଚ୍ଛା ପୂରଣ କରୁଥିଲେ । ନିମ୍ନଲିଖିତ କଥାରୁ ଏହା ସୂଚିତ ହୁଏ ଯେ ଆଧ୍ୟାତ୍ମିକ ଜିଜ୍ଞାସୁମାନଙ୍କୁ ବାବା ଅତ୍ୟଧିକ ସ୍ନେହ କରୁଥିଲେ ଏବଂ ସେମାନଙ୍କର ସମସ୍ତ କଷ୍ଟ ଦୂର କରି ସୁଖ ପ୍ରଦାନ କରୁଥିଲେ ।

**ଛିନ୍ନ ବସ୍ତ୍ର ଚୋରି ଏବଂ ଜ୍ଞାନେଶ୍ୱରୀ ପଠନ :** ଶ୍ରୀ ବି.ଭି. ଦେବ, ଯିଏ ସେହି ସମୟରେ ଥାନେର ମାମଲତଦାର ଥିଲେ, ଦୀର୍ଘଦିନରୁ ଅନ୍ୟାନ୍ୟ ଧର୍ମଗ୍ରନ୍ଥ ସହିତ ଜ୍ଞାନେଶ୍ୱରୀ ପାଠ କରିବାକୁ ବଡ଼ ଉତ୍ସୁକ ଥିଲେ (ଜ୍ଞାନେଶ୍ୱରୀ ହେଉଛି ସନ୍ଥ ଜ୍ଞାନେଶ୍ୱର ମହାରାଜଙ୍କ ଦ୍ୱାରା ରଚିତ ଭଗବତ୍ ଗୀତାର ମରାଠି ଟୀକା ସଂସ୍କରଣ) । ପ୍ରତିଦିନ ସେ ଭଗବତ୍ ଗୀତାର ଗୋଟିଏ ଅଧ୍ୟାୟ ପାଠ କରୁଥିଲେ; କିନ୍ତୁ ଯେତେବେଳେ ଜ୍ଞାନେଶ୍ୱରୀ ପାଠ ଆରମ୍ଭ କରୁଥିଲେ କିଛି ନା କିଛି ବିଘ୍ନ ଉପସ୍ଥିତ ହୋଇଯାଉଥିଲା, ଫଳରେ ସେ ପଠନ କରିପାରୁନଥିଲେ । ଶେଷରେ ତିନିମାସ ଛୁଟି ନେଇ ଶିରିଡ଼ି ଆସିଲେ ଏବଂ ତାପରେ କିଛିଦିନ ବିଶ୍ରାମ ନିମନ୍ତେ ନିଜ ଗ୍ରାମ ପୌଡ଼କୁ ଗଲେ । ଅନ୍ୟ ଗ୍ରନ୍ଥ ତ ସେ ପଢୁଥିଲେ କିନ୍ତୁ ଯେତେବେଳେ ଜ୍ଞାନେଶ୍ୱରୀ ପାଠ କରୁଥିଲେ ନାନା କଳୁଷିତ ବିଚାର ତାଙ୍କୁ ଏପରି ଘେରି ଯାଉଥିଲା ଯେ ନିରୁପାୟ ହୋଇ ପାଠ ସ୍ଥଗିତ ରଖିବାକୁ ହେଉଥିଲା । ବହୁ ପ୍ରୟାସ କରିବା ପରେ ମଧ୍ୟ ଦୁଇ ଚାରିଟି ଶ୍ଳୋକ ପଢ଼ିବା ଯେତେବେଳେ କଷ୍ଟକର ହେଲା ସେ ମନେ କଲେ ଯେ ଦୟାନିଧି ସାଇ ହିଁ କୃପା କରି ଅନୁମତି ଦେଲେ ସେ ଏହା ପଠନ କରିପାରିବେ । ଏହା ମନେକରି ୧୯୧୪ ମସିହା ଫେବୃୟାରୀ ମାସରେ ସେ ସପରିବାର ଶିରିଡ଼ି ଆସିଲେ । ସେଠାରେ ତାଙ୍କୁ ଦେଖି ବାପୁସାହେବ ଯୋଗ ପଚାରିଲେ କ'ଣ ଆପଣ ନିତ୍ୟ ଜ୍ଞାନେଶ୍ୱରୀ ପଠନ କରୁଛନ୍ତି ? ଶ୍ରୀ ଦେବ କହିଲେ ବହୁତ ଇଚ୍ଛା ଅଛି, କିନ୍ତୁ ହୋଇପାରୁନାହିଁ । ବାବାଙ୍କ ଅନୁମତି ମିଳିଲେ ଆରମ୍ଭ କରିବି । ଶ୍ରୀ ଯୋଗ କହିଲେ ଗ୍ରନ୍ଥର ଗୋଟିଏ କପି କିଣି ବାବାଙ୍କୁ ଅର୍ପଣ କର ଏବଂ ଯେତେବେଳେ ସେ ତାଙ୍କର ପବିତ୍ର କର ସ୍ପର୍ଶ କରି ଫେରାଇଦେବେ, ପାଠ ଆରମ୍ଭ କରିବ । ଶ୍ରୀ ଦେବ କହିଲେ 'ଏହାକୁ ମୁଁ ଶ୍ରେୟସ୍କର ମନେ କରୁନାହିଁ, କାରଣ ବାବା ତ ଅନ୍ତର୍ଯ୍ୟାମୀ । ଏଣୁ ମୋ ହୃଦୟର ଇଚ୍ଛା ତାଙ୍କଠାରୁ ଗୁପ୍ତ ରହିବ କିପରି ? ସେ କ'ଣ ସ୍ପଷ୍ଟ ଭାବରେ ମୋତେ ଆଦେଶ ଦେଇ ମୋର ମନୋକାମନା ପୂର୍ଣ୍ଣ କରିବେ ନାହିଁ ?'

ଏହାପରେ ଶ୍ରୀ ଦେବ ବାବାଙ୍କ ଦର୍ଶନ ନିମିତ୍ତ ଗଲେ ଏବଂ ଏକଟଙ୍କା ଦକ୍ଷିଣା ଅର୍ପଣ କଲେ । ବାବା ତାଙ୍କୁ ଆଉ ୨୦ ଟଙ୍କା ମାଗିଲେ । ତାହା ସେ ଆନନ୍ଦର ସହ ଦେଲେ । ରାତିରେ ବାଳକରାମ ନାମକ ଜଣେ ଭକ୍ତଙ୍କ ସହ ତାଙ୍କର ଦେଖା ହେଲା । ତାଙ୍କୁ ସେ ପଚାରିଲେ 'ଆପଣ କିପରି ବାବାଙ୍କର ଭକ୍ତି ତଥା ଅନୁଗ୍ରହ ଲାଭ କରିଛନ୍ତି ?' ବାଳକରାମ କହିଲେ ମଧ୍ୟାହ୍ନ ଆରତି ସମାପ୍ତ ହେବା ପରେ ମୁଁ ଆପଣଙ୍କୁ ପୂର୍ଣ୍ଣବୃତ୍ତାନ୍ତ ଶୁଣାଇବି । ପରଦିନ ଯେତେବେଳେ ଶ୍ରୀ ଦେବ ଦର୍ଶନ ନିମିତ୍ତ ଦ୍ୱାରକାମାୟୀକୁ ଗଲେ, ବାବା ପୁଣି କୋଡ଼ିଏ ଟଙ୍କା ଦକ୍ଷିଣା ମାଗିଲେ । ତାହା ମଧ୍ୟ ସେ ଆନନ୍ଦପୂର୍ବକ ପ୍ରଦାନ କଲେ । ମସଜିଦ୍ ଭିତରେ ବହୁତ ଭିଡ଼ ହୋଇଥିଲା । ଏଣୁ ଗୋଟିଏ କୋଣକୁ ଯାଇ ସେ ଏକାନ୍ତରେ ବସିଲେ । ବାବା ତାଙ୍କୁ ପାଖକୁ ଡକାଇଲେ । ଆରତି ସମାପ୍ତ ହେବା ପରେ ଯେତେବେଳେ ଭକ୍ତମାନେ ନିଜ ନିଜ ଘରକୁ ପ୍ରସ୍ଥାନ କଲେ, ଶ୍ରୀ ଦେବ

ବାଳକରାମଙ୍କୁ ଭେଟି ତାଙ୍କ ନିଜ ବିଷୟରେ ତଥା ବାବାଙ୍କ ଉପଦେଶ ଓ ଅନ୍ୟାନ୍ୟ ବିଷୟରେ ପଚାରିଲେ । ବାଳକରାମ ଏହାର ଉତ୍ତର ଦେବାକୁ ଯାଉଥିଲେ, ଏହି ସମୟରେ ଚନ୍ଦୁ କୋଢ଼େ ସେଠାରେ ପହଞ୍ଚି ବାବା ଶ୍ରୀ ଦେବଙ୍କୁ ଖୋଜୁଛନ୍ତି ବୋଲି ସୂଚନା ଦେଲେ । ଯେତେବେଳେ ଦେବ ବାବାଙ୍କ ନିକଟରେ ପହଞ୍ଚିଲେ, ବାବା ତାଙ୍କୁ କାହା ସହ ଏବଂ କ'ଣ କଥା ହେଉଥିଲ ବୋଲି ପ୍ରଶ୍ନ କଲେ । ଦେବ କହିଲେ ସେ ବାଳକରାମଙ୍କଠାରୁ ବାବାଙ୍କର କୀର୍ତ୍ତି ତଥା ଗୁଣଗାନ ଶ୍ରବଣ କରୁଥିଲେ । ତାପରେ ବାବା ତାଙ୍କୁ ୨୫ ଟଙ୍କା ଦକ୍ଷିଣା ମାଗିଲେ । ତାହା ସେ ଆନନ୍ଦରେ ଦେଲେ । ତାପରେ ବାବା ତାଙ୍କୁ ଭିତରକୁ ଡାକିଲେ ଏବଂ ଆସନ ଗ୍ରହଣ କରିବାପରେ ହଠାତ୍ ବିରକ୍ତି ପ୍ରକାଶକରି କହିଲେ 'ମୋର ବିନାନୁମତିରେ ତୁମେ ଛିନ୍ନ ବସ୍ତ୍ର ଚୋରି କରିଛ ।' ଶ୍ରୀ ଦେବ କହିଲେ 'ପ୍ରଭୁ ! ମୋର ଯେତିକି ମନେ ପଡୁଛି, ମୁଁ ଏପରି କୌଣସି କାର୍ଯ୍ୟ କରିନାହିଁ ।' କିନ୍ତୁ ବାବା କେଉଁଠି ମାନନ୍ତି ? ସେ ଭଲକରି ଖୋଜିବାକୁ କହିଲେ । ଦେବ ସବୁଆଡ଼େ ବୁଲିଦେଖିଲେ କିନ୍ତୁ କିଛି ପାଇଲେ ନାହିଁ । ତାପରେ ବାବା କ୍ରୋଧିତ ହୋଇ କହିଲେ ତୁମ ଛଡ଼ା ଏଠାରେ ଆଉ କେହି ନାହାନ୍ତି । ତୁମେ ଚୋର । ତୁମର କେଶ ତ ପକ୍ୱ; କିନ୍ତୁ ବୃଦ୍ଧ ହୋଇ ମଧ୍ୟ ତୁମେ ଏଠାକୁ ଚୋରି କରିବାକୁ ଆସିଛ ? ଏହା ପରେ ବାବା ନିଜେ ବାହାରିଗଲେ । ତାଙ୍କର ଆଖି କ୍ରୋଧରେ ରକ୍ତବର୍ଣ୍ଣ ଧାରଣ କରିଥିଲା । ସେ କଟୁ ଭାଷାରେ ଗାଳି ଦେବାକୁ ଲାଗିଲେ । ଦେବ ଶାନ୍ତିପୂର୍ବକ ସବୁ ଶୁଣୁଥିଲେ । ସେ ମାଡ଼ ପଡ଼ିବା ମଧ୍ୟ ଆଶଙ୍କା କରୁଥିଲେ କିନ୍ତୁ ଘଣ୍ଟାଏ ପରେ ବାବା ତାଙ୍କୁ ଓ୍ୱାଡ଼ାକୁ ଫେରିଯିବାକୁ ନିର୍ଦ୍ଦେଶ ଦେଲେ । ଓ୍ୱାଡ଼ାକୁ ଫେରି ସେ ଯାହା କିଛି ଘଟିଲା ତାର ପୂର୍ଣ୍ଣ ବିବରଣୀ ଯୋଗ ଏବଂ ବାଳକରାମଙ୍କୁ ଶୁଣାଇଲେ । ଅପରାହ୍ନରେ ବାବା ସମସ୍ତଙ୍କ ସହ ଦେବଙ୍କୁ ପୁଣି ଡକାଇଲେ ଏବଂ କହିଲେ ମୋର କଥା ହୁଏତ ଏହି ବୃଦ୍ଧକୁ ପୀଡ଼ା ଦେଇଥିବ । ସେ ଚୋରି କରିଛି ଆଉ ସ୍ୱୀକାର କରୁନି । ବାବା ପୁଣି ୧୨ ଟଙ୍କା ଦକ୍ଷିଣା ମାଗିଲେ । ଦେବଙ୍କ ପାଖରେ ଆଉ ଅର୍ଥ ନଥିଲା । ସେ ଅନ୍ୟମାନଙ୍କଠାରୁ ସଂଗ୍ରହ କରି ବାବାଙ୍କୁ ଅର୍ପଣକଲେ ଓ ସାଷ୍ଟାଙ୍ଗ ପ୍ରଣାମ କଲେ । ଏହାପରେ ବାବା ଦେବଙ୍କୁ କହିଲେ 'ତୁମେ ଆଜିକାଲି କ'ଣ କରୁଛ ? ଦେବ କହିଲେ 'କିଛି ନାହିଁ ।' ବାବା କହିଲେ 'ପ୍ରତିଦିନ ପୋଥି(ଜ୍ଞାନେଶ୍ୱରୀ) ପଢ଼ । ଓ୍ୱାଡ଼ାକୁ ଯାଇ ନିତ୍ୟ ପାଠ କର ଏବଂ ତା'ର ଅର୍ଥ ଅନ୍ୟମାନଙ୍କୁ ବୁଝାଅ । ମୁଁ ତ ତୁମକୁ ଚିକ୍‌ଚିକ୍ କରୁଥିବା ବସ୍ତ୍ର ଭେଟି ଦେବାକୁ ଚାହୁଁଛି କିନ୍ତୁ ତୁମେ ଅନ୍ୟମାନଙ୍କ ନିକଟକୁ ଛିନ୍ନ ବସ୍ତ୍ର ଚୋରି କରିବାକୁ ଯାଉଛ କାହିଁକି ? ତୁମ ପକ୍ଷରେ ଏହା ଶୋଭା ପାଉଛି କି ?

ପୋଥି ପାଠ କରିବାକୁ ଆଦେଶ ପାଇ ଦେବ ଅତୀବ ଆନନ୍ଦିତ ହେଲେ । ତାଙ୍କର ଈପ୍‌ସିତ ଲକ୍ଷ୍ୟ ପୂରଣ ହୋଇଥିବା ମନେକରି କୃତକୃତ୍ୟ ହେଲେ । ଏବେ ସେ ଆନନ୍ଦରେ ପୋଥି ଅଧ୍ୟୟନ କରିପାରିବେ । ସେ ବାବାଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣାମ କଲେ ଓ

କହିଲେ 'ହେ ପ୍ରଭୁ ! ମୁଁ ଆପଣଙ୍କର ଶରଣାପନ୍ନ ହୋଇଛି । ମୁଁ ଏକ ଅବୋଧ ଶିଶୁ । ଦୟାକରି ମୋତେ ଗୀତା ପାଠରେ ସାହାଯ୍ୟ କରନ୍ତୁ ।' ଛିନ୍ନବସ୍ତ୍ର ଚୋରିର ଅର୍ଥ ଏବେ ସେ ବୁଝିପାରିଥିଲେ । ବାଳକରାମଙ୍କୁ ସେ ଯେପରି ପ୍ରଶ୍ନ କରିଥିଲେ, ତାହା ଛିନ୍ନ ବସ୍ତ୍ର ସ୍ୱରୂପ ଥିଲା । ଆଧ୍ୟାତ୍ମିକ ବିଷୟରେ ଏହି ପ୍ରକାର କାର୍ଯ୍ୟକୁ ବାବା ପସନ୍ଦ କରୁନଥିଲେ । କାରଣ ସେ ସ୍ୱୟଂ ପ୍ରତ୍ୟେକଙ୍କର ଶଙ୍କା ସମାଧାନ କରିବାକୁ ତତ୍ପର ଥିଲେ । ଏଣୁ କ୍ରୋଧିତ ହେଲେ । ଏବେ ଶ୍ରୀ ଦେବ ବାବାଙ୍କର ଉକ୍ତିକୁ ଆଶୀର୍ବାଦ ମନେ କରି ସନ୍ତୋଷ ମନୋରଥରେ ପ୍ରତ୍ୟାବର୍ତ୍ତନ କଲେ ।

ଏତିକିରେ ଏହି କଥା ଶେଷ ହେଉନାହିଁ । ଅନୁମତି ପ୍ରଦାନ କରିବା ପରେ ବାବା ନୀରବ ରହିଲେ ନାହିଁ ଏବଂ ବର୍ଷେ ପରେ ଦେବଙ୍କ ନିକଟକୁ ଯାଇ ତାଙ୍କର ପ୍ରଗତି ବିଷୟ ପଚାରିଲେ । ୧୯୧୪ ମସିହା ଏପ୍ରିଲ ୨ ତାରିଖ ଗୁରୁବାର ସକାଳେ ବାବା ତାଙ୍କୁ ସ୍ୱପ୍ନରେ ଦୃଶ୍ୟମାନ ହେଲେ । ଉପର ସଭାମଣ୍ଡପରେ ବାବା ବସିଛନ୍ତି ଏବଂ ପଚାରୁଛନ୍ତି 'କ'ଣ ଏବେ ପୋଥି ବୁଝି ହେଉଛି ?' ଶ୍ରୀ ଦେବ କହିଲେ 'ନା' । ବାବା କହିଲେ 'ଆଉ କେବେ ବୁଝିବ ?' ତାଙ୍କ ଶ୍ରୀମୁଖରୁ ଏତିକି କଥା ନସରୁଣୁ ଦେବ କାନ୍ଦିବାରେ ଲାଗିଲେ ଏବଂ କହିଲେ 'ପ୍ରଭୁ, ଆପଣଙ୍କର କୃପାଦୃଷ୍ଟି ନହେଲେ ପଢ଼ିବା କେବଳ ବୋଝ ଏବଂ ବୁଝିବା ଆହୁରି କଷ୍ଟ ହେଉଛି ।' ବାବା କହିଲେ 'ତୁମେ ତରତର ହୋଇଯାଉଛ । ମୋ ଉପସ୍ଥିତିରେ ଏବେ ମୋ ସମ୍ମୁଖରେ ପଢ଼ । ଦେବ ପଚାରିଲେ 'ମୁଁ କ'ଣ ପଢ଼ିବି ?' ବାବା କହିଲେ 'ଅଧ୍ୟାତ୍ମ' । ଦେବ ଗ୍ରନ୍ଥ ଆଣିବାକୁ ଗଲେ । ଏହି ସମୟରେ ତାଙ୍କର ନିଦ ଭାଙ୍ଗିଗଲା ଏବଂ ଚକ୍ଷୁ ଉନ୍ମୀଳନ କରିବା ପରେ ଉପରୋକ୍ତ ଘଟଣା ସ୍ମରଣକରି ସେ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଲେ । ଏହା ପରେ ଦେବ କି ପ୍ରକାର ଆନନ୍ଦ ଓ ଅନୁଭବ ଲାଭ କରିଥିବେ ତାହା ପାଠକମାନେ ଅନୁମାନ କରନ୍ତୁ । ଏହି ଗ୍ରନ୍ଥର ହିନ୍ଦୀ ଅନୁବାଦକ ୧୯୪୦ ମସିହାରେ ଶ୍ରୀ ଦେବଙ୍କୁ ଭେଟିଥିଲେ । ସେତେବେଳେ ବି ସେ ନିତ୍ୟ ଜ୍ଞାନେଶ୍ୱରୀ ପାଠ କରୁଥିଲେ । ତାଙ୍କର ଜ୍ଞାନରେ ବେଶ୍ ଉନ୍ନତି ଘଟିଥିଲା । ସାଇଲୀଳା ପତ୍ରିକାରେ ତାଙ୍କର କ୍ରମାଗତ ଲେଖା (୧୯.୧୦.୧୯୪୪)ରୁ ଏହା ସ୍ପଷ୍ଟ ପ୍ରତୀତ ହେଉଛି ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

# ।।ଦ୍ୱିଚତ୍ୱାରିଂଶତ୍(୪୨)ଅଧ୍ୟାୟ ।।

## ମହାସମାଧି ପଥରେ ଯାତ୍ରା, ଭବିଷ୍ୟ ସୂଚନା, ରାମଚନ୍ଦ୍ର ଦାଦା ପାଟିଲ ଏବଂ ତାତ୍ୟା କୋତେ ପାଟିଲଙ୍କ ମୃତ୍ୟୁ ଟାଳିବା, ଲକ୍ଷ୍ମୀବାଈ ସିନ୍ଦେଙ୍କୁ ଦାନ, ସମସ୍ତ ପ୍ରାଣୀଙ୍କ ମଧ୍ୟରେ ବାବାଙ୍କ ନିବାସ, ଅନ୍ତିମ କ୍ଷଣ

**ପ୍ରସ୍ତାବନା :** ଗତ ଅଧ୍ୟାୟର କଥାରୁ ଏହା ସ୍ପଷ୍ଟ ପ୍ରତୀତ ହୁଏ ଯେ ଗୁରୁକୃପାର ଗୋଟିଏ କିରଣ ମଧ୍ୟ ଭବସାଗର ଭୟରୁ ମୁକ୍ତି ନିମନ୍ତେ ଯଥେଷ୍ଟ ତଥା ମୋକ୍ଷପଥକୁ ସୁଗମ କରି ଦୁଃଖକୁ ସୁଖରେ ପରିବର୍ତ୍ତନ କରିବାରେ ଏହାର ତୁଳନା ନାହିଁ । ଯଦି ସଦ୍‌ଗୁରୁଙ୍କର ମୋହବିନାଶକ ପୂଜନୀୟ ଚରଣକୁ ଆମେ ସର୍ବଦା ସ୍ମରଣ କରିବା ତାହେଲେ ଆମର ସମସ୍ତ କଷ୍ଟ ଏବଂ ଭବସାଗର ଦୁଃଖର ଅନ୍ତ ଘଟି ଜନ୍ମମୃତ୍ୟୁ ଚକ୍ରରୁ ଅବଶ୍ୟ ମୁକ୍ତି ମିଳିବ । ଏଥିପାଇଁ ନିଜର ମଙ୍ଗଳାକାଙ୍କ୍ଷୀ ପ୍ରତ୍ୟେକ ବ୍ୟକ୍ତି ଶ୍ରୀ ସାଇ ସମର୍ଥଙ୍କର ଅଲୌକିକ ମଧୁର ଲୀଳାମୃତ ପାନ କରିବା ଉଚିତ । ଏପରି କରିବା ଦ୍ୱାରା ମନ ଶୁଦ୍ଧ ହେବ ।

ପୂର୍ବରୁ ଡାକ୍ତର ପଣ୍ଡିତଙ୍କ ପୂଜା ତଥା ସେ କିପରି ବାବାଙ୍କୁ ତ୍ରିପୁଣ୍ଡ୍ରକ ଲଗାଇଲେ, ତାହା ଏକାଦଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି । ତେଣୁ ଏଠାରେ ତାହାର ପୁନରାବୃତ୍ତି ଅନାବଶ୍ୟକ ।

**ଭବିଷ୍ୟ ସୂଚନା :** ପାଠକଗଣ ! ଏ ପର୍ଯ୍ୟନ୍ତ ଆପଣମାନେ କେବଳ ବାବାଙ୍କର ଜୀବନ-କାଳର ବର୍ଣ୍ଣନା ଶୁଣୁଥିଲେ । ଏବେ ଆପଣ ଧ୍ୟାନପୂର୍ବକ ତାଙ୍କର ନିର୍ବାଣକାଳର କଥା ଶୁଣନ୍ତୁ । ୧୯୧୮ ମସିହା ସେପ୍ଟେମ୍ବର ୨୮ ତାରିଖ । ବାବାଙ୍କୁ ସାମାନ୍ୟ ଜ୍ୱର ଆସିଲା । ଦୁଇ ତିନିଦିନ ଏହି ଜ୍ୱର ରହିଲା । ଏହାପରେ ବାବା ଅନ୍ନ ଗ୍ରହଣ କଲେ ନାହିଁ । ଫଳରେ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଲେ । ସପ୍ତଦଶ ଦିନ ଅର୍ଥାତ ୧୯୧୮ ମସିହା ଅକ୍ଟୋବର ୧୫ ତାରିଖ ଅପରାହ୍ନ ୨ଟା ୩୦ ମିନିଟ୍ ସମୟରେ ବାବା ତାଙ୍କର ନଶ୍ୱର ଶରୀର ତ୍ୟାଗ କଲେ । (ଏହି ସମୟ ପ୍ରଫେସର ଜି.ଜି. ନାରକେ ତା ୫-୧୧-୧୯୧୮ରେ ଦାଦାସାହେବ ଖପର୍ଦ୍ଦେଙ୍କୁ ଲେଖିଥିବା ପତ୍ର ଅନୁସାରେ ଲିପିବଦ୍ଧ ହୋଇଛି ଏବଂ ତାହା ସାଇଲୀଳା ପତ୍ରିକାର ପ୍ରଥମ ବର୍ଷ ୭୮ ପୃଷ୍ଠାରେ ପ୍ରକାଶିତ ହୋଇଛି) । ଏହାର ଦୁଇବର୍ଷ ପୂର୍ବରୁ ବାବା ତାଙ୍କର ନିର୍ବାଣ ସମୟର ସୂଚନା ଦେଇସାରିଥିଲେ; କିନ୍ତୁ ସେତେବେଳେ ତାହା କେହି ବୁଝିପାରିନଥିଲେ । ଘଟଣାଟି ଥିଲା ଏହି ପ୍ରକାର । ବିଜୟାଦଶମୀ ସନ୍ଧ୍ୟା ସମୟରେ ସମସ୍ତେ 'ସୀମାଲଂଘନ'ରୁ ଫେରୁଥିଲେ । ବାବା ଏହି ସମୟରେ ହଠାତ୍ କ୍ରୋଧିତ ହୋଇଉଠିଲେ । ତାଙ୍କର ଶିରସ୍ତ୍ରାଣ, କଫନି ଏବଂ ଲେଙ୍ଗୁଟି ଚିରି ବାହାର କରିଦେଲେ ଏବଂ ତାକୁ ଟିକି ଟିକି

କରି ପ୍ରଜ୍ୱଳିତ ଧୁନିକୁ ନିକ୍ଷେପ କଲେ । ବାବାଙ୍କ ଦ୍ୱାରା ଆହୁତିପ୍ରାପ୍ତ ହୋଇ ଧୁନି ଦୁଇଗୁଣ ପ୍ରଜ୍ୱଳିତ ହୋଇଉଠିଲା ଏବଂ ତାହାଠାରୁ ଅଧିକ ଜ୍ୟୋତିର୍ମୟ ଥିଲା ବାବାଙ୍କର ମୁଖମଣ୍ଡଳ । ପୂର୍ଣ୍ଣ ଦିଗମ୍ବର ସଦୃଶ ସେ ଦଣ୍ଡାୟମାନ ହୋଇଥିଲେ ଏବଂ ତାଙ୍କର ନେତ୍ରଯୁଗଳ ଜ୍ୱଳନ୍ତ ଅଂଗାର ଭଳି ବର୍ଣ୍ଣ ଧାରଣ କରିଥିଲା । ଆବେଶଗ୍ରସ୍ତ ହୋଇ ଉପସ୍ଥିତ ଲୋକମାନଙ୍କୁ ସେ ଉଚ୍ଚସ୍ୱରରେ କହିଲେ 'ଆସ ! ଏବେ ଦେଖ, ମୁଁ ହିନ୍ଦୁ କି ମୁସଲମାନ ।' ବାବାଙ୍କର ଉଗ୍ରରୂପ ଦେଖି ସମସ୍ତେ ଭୟରେ ଥରିବାରେ ଲାଗିଲେ । ପାଖକୁ ଯିବାକୁ କାହାର ସାହସ ନଥିଲା ।

କିଛି ସମୟ ପରେ ଭକ୍ତ ଭାଗୋଜୀ ସିନ୍ଧେ, ଯିଏ ମହାବ୍ୟାଧିରେ ପୀଡ଼ିତ ଥିଲେ, ସାହସ କରି ବାବାଙ୍କ ପାଖକୁ ଗଲେ ଏବଂ କୌଣସି ପ୍ରକାର ଲେଙ୍ଗୁଟି ବାନ୍ଧିଦେଇ କହିଲେ 'ବାବା ! ଏହା କି କଥା ? ହେ, ଦେବ ! ଆଜି ଦଶହରା(ସୀମାଲଂଘନ) ପର୍ବ ଅଟେ ।' ତାପରେ ବାବା ଭୂମିରେ ସଟ୍‌କା ପ୍ରହାରକରି କହିଲେ, ଏହା ମୋର ସୀମାଲଂଘନ । ପ୍ରାୟ ୧୧ଟା ଯାଏଁ ତାଙ୍କର କ୍ରୋଧ ପ୍ରଶମିତ ହେଲା ନାହିଁ ଏବଂ ଭକ୍ତମାନେ ସେଦିନ ଚଭାଡ଼ି ଯାତ୍ରା ବାହାରିବ କି ନାହିଁ ବୋଲି ସଂଶୟରେ ରହିଲେ । ଘଣ୍ଟାଏ ପରେ ବାବା ସ୍ୱାଭାବିକ ଅବସ୍ଥାକୁ ଫେରିଲେ ଏବଂ ଚିରାଚରିତକ୍ରମରେ ସୁନ୍ଦର ପୋଷାକ ପରିଧାନ କରି ଚଭାଡ଼ି ଯାତ୍ରାରେ ସାମିଲ ହେଲେ । ଏହି ଘଟଣା ଦ୍ୱାରା ବାବା ଇଂଗିତ କରିଦେଲେ ଯେ ଜୀବନରେଖା ପାର କରିବା ପାଇଁ ଦଶହରା ହିଁ ଉଚିତ ଦିନ । କିନ୍ତୁ ସେହି ସମୟରେ କିଏ ବି ତା'ର ପ୍ରକୃତ ଅର୍ଥ ବୁଝିପାରିନଥିଲେ । ବାବା ଆହୁରି ମଧ୍ୟ କିଛି ସଂକେତ ଦେଇଥିଲେ, ଯାହା ଏହିପରି :-

**ରାମଚନ୍ଦ୍ର ଦାଦା ପାଟିଲଙ୍କ ମୃତ୍ୟୁ ଟଳିଲା :** ଏହାର କିଛି ଦିନ ପରେ ରାମଚନ୍ଦ୍ର ପାଟିଲ ଅସୁସ୍ଥ ହୋଇପଡ଼ିଲେ । ତାଙ୍କୁ ଭୀଷଣ କଷ୍ଟ ହେଉଥିଲା । ସମସ୍ତ ପ୍ରକାର ଚିକିତ୍ସା କରାଗଲା; କିନ୍ତୁ କିଛି ଫଳ ମିଳିଲା ନାହିଁ । ଶେଷରେ ଜୀବନର ଆଶା ତ୍ୟାଗକରି ସେ ମୃତ୍ୟୁର ଅନ୍ତିମକ୍ଷଣକୁ ପ୍ରତୀକ୍ଷା କରି ରହିଲେ । ଦିନେ ମଧ୍ୟରାତ୍ରିରେ ବାବା ହଠାତ୍ ତାଙ୍କ ପାଖରେ ପ୍ରକଟ ହେଲେ । ପାଟିଲ ତାଙ୍କର ଚରଣରେ ଲୋଟିଯାଇ କହିଲେ 'ମୁଁ ମୋ ଜୀବନ ଉପରୁ ସମସ୍ତ ଆଶା ଛାଡ଼ିଦେଇଛି । ଏବେ ଆପଣ କୃପା ପରବଶ ହୋଇ ମୋତେ ଏତିକି କହନ୍ତୁ ଯେ ମୋର ପ୍ରାଣ କେବେ ଯିବ ? ଦୟାସିନ୍ଧୁ ବାବା ବ୍ୟସ୍ତ ନହେବାକୁ କହିଲେ । ତୁମର ହୁଣ୍ଡି ଫେରାଇ ଅଣାଯାଇଛି ଏବଂ ତୁମେ ଶୀଘ୍ର ସୁସ୍ଥ ହୋଇଯିବ । ମୋତେ ତ କେବଳ ତାତ୍ୟାର ଭୟ ଯେ ୧୯୧୮ ବିଜୟାଦଶମୀ ଦିନ ତାର ଦେହାନ୍ତ ହୋଇଯିବ । କିନ୍ତୁ ଏହି ରହସ୍ୟ କାହା ଆଗରେ ପ୍ରକଟ କରିବ ନାହିଁ କି ତାକୁ କହିବ ନାହିଁ । ଅନ୍ୟଥା ସେ ଭୟଭୀତ ହୋଇଯିବ ।' ଏହାପରେ ରାମଚନ୍ଦ୍ର ପୂର୍ଣ୍ଣ ସୁସ୍ଥ ହୋଇଗଲେ; କିନ୍ତୁ ସେ ତାତ୍ୟାଙ୍କର ଜୀବନ ପାଇଁ ବିଚଳିତ ଥିଲେ । ସେ ଜାଣିଥିଲେ ଯେ ବାବାଙ୍କର ବଚନ କେବେ ଅସତ୍ୟ ହେବ ନାହିଁ ଏବଂ ଦୁଇ ବର୍ଷ ପରେ ତାତ୍ୟା

ଏହି ସଂସାରରୁ ବିଦାୟ ନେଇଯିବେ । ସେ ଏହି ରହସ୍ୟ ବାଲାଶିମ୍ପିଙ୍କ ବ୍ୟତୀତ ଆଉ କାହାକୁ କହିଲେ ନାହିଁ । କେବଳ ଦୁଇଜଣ ବ୍ୟକ୍ତି ରାମଚନ୍ଦ୍ର ଏବଂ ବାଲା ଶିମ୍ପି, ତାତ୍ୟାଙ୍କର ଜୀବନ ପାଇଁ ଚିନ୍ତାଗ୍ରସ୍ତ ତଥା ଦୁଃଖୀ ଥିଲେ ।

ରାମଚନ୍ଦ୍ର ଶଯ୍ୟା ତ୍ୟାଗ କଲେ ଏବଂ ଚଲାବୁଲା କରିବାକୁ ଲାଗିଲେ । ସମୟ ଗଡ଼ିଚାଲିଲା । ଶକାବ୍ଦ ୧୮୪୦ର ଭାଦ୍ରବ ମାସ ସମାପ୍ତ ହୋଇ ଆଶ୍ୱିନ ମାସ ପ୍ରାରମ୍ଭ ହେବାକୁ ଯାଉଥିଲା, ବାବାଙ୍କର ବଚନ ସତ୍ୟ ହେବାକୁ ଲାଗିଲା । ତାତ୍ୟା ପୀଡ଼ିତ ହୋଇପଡ଼ିଲେ ଏବଂ ବିଛଣା ଧରିଲେ । ତାଙ୍କର ଅବସ୍ଥା କ୍ରମେ ଉଦ୍‌ବେଗଜନକ ହେଲା ଏବଂ ବାବାଙ୍କ ଦର୍ଶନ ନିମନ୍ତେ ମଧ୍ୟ ଯିବାକୁ ସେ ଅସମର୍ଥ ହୋଇପଡ଼ିଲେ । ଏଣେ ବାବା ସାମାନ୍ୟ ଜ୍ୱରରେ ପୀଡ଼ିତ ଥିଲେ । ତାତ୍ୟାଙ୍କର ପୂର୍ଣ୍ଣ ବିଶ୍ୱାସ ବାବାଙ୍କ ଉପରେ ଥିଲା ଏବଂ ବାବାଙ୍କର ଭଗବାନ ଶ୍ରୀ ହରିଙ୍କ ଉପରେ, ଯିଏ ତାଙ୍କର ସଂରକ୍ଷକ ଥିଲେ । ତାତ୍ୟାଙ୍କର ସ୍ଥିତି ଅଧିକ ଚିନ୍ତାଜନକ ହୋଇପଡ଼ିଲା । ସେ ହଲଚଲ ମଧ୍ୟ ହୋଇପାରିଲେ ନାହିଁ ଏବଂ କେବଳ ବାବାଙ୍କୁ ସ୍ମରଣ କରିବାରେ ଲାଗିଥିଲେ । ତେଣେ ବାବାଙ୍କର ସ୍ୱାସ୍ଥ୍ୟ ମଧ୍ୟ ଦିନକୁ ଦିନ ଗମ୍ଭୀର ହେବାକୁ ଲାଗିଲା । ବାବାଙ୍କ ଦ୍ୱାରା କୁହାଯାଇଥିବା ଦିନ ବିଜୟା ଦଶମୀ ପାଖେଇ ଆସିଲା । ରାମଚନ୍ଦ୍ର ଏବଂ ବାଲା ଶିମ୍ପି ବ୍ୟସ୍ତ ହୋଇପଡ଼ିଲେ । ସେମାନଙ୍କର ଶରୀର ଥରୁଥିଲା, ଝାଳ ବୋହି ଚାଲିଥିଲା, ତାତ୍ୟାଙ୍କର ଅନ୍ତିମ ସମୟ ଆସିଗଲା ମନେକରି ସେମାନେ ଶୋକରେ ଅଧୀର ହୋଇପଡୁଥିଲେ । ଯେମିତି ବିଜୟାଦଶମୀ ଦିନ ଆସିଲା, ତାତ୍ୟାଙ୍କର ନାଡ଼ିର ଗତି ମନ୍ଥର ହେବାକୁ ଲାଗିଲା ଏବଂ ତାଙ୍କର ମୃତ୍ୟୁ ଆସନ୍ନ ମନେ ହେଲା । ଏହି ସମୟରେ ଏକ ବିଚିତ୍ର ଘଟଣା ଘଟିଲା । ତାତ୍ୟାଙ୍କର ମୃତ୍ୟୁ ଟଳିଗଲା ଏବଂ ତାଙ୍କର ଜୀବନ ରକ୍ଷା ହୋଇଗଲା; କିନ୍ତୁ ତାଙ୍କ ସ୍ଥାନରେ ବାବା ସ୍ୱୟଂ ପ୍ରସ୍ଥାନ କଲେ ଏବଂ ଏପରି ପ୍ରତୀତ ହେଲା ଯେ ତାତ୍ୟାଙ୍କ ପାଇଁ ବାବା ପ୍ରାଣତ୍ୟାଗ କଲେ । ସେ ଏପରି କାହିଁକି କଲେ, ତାହା ସେ ହିଁ ଜାଣିଥିବେ, କାରଣ ଏହା ଆମର ବୁଦ୍ଧିର ବାହାରେ । ଏପରି ବି ମନେ ହୁଏ ଯେ ବାବା ତାତ୍ୟାଙ୍କର ନାମ ଉଚ୍ଚାରଣ କରି ହିଁ ଅନ୍ତିମ ନିଃଶ୍ୱାସ ତ୍ୟାଗ କରିଥିଲେ ।

ପରଦିନ ଅକ୍ଟୋବର ୧୬ ତାରିଖ ପ୍ରତ୍ୟୁଷରେ ବାବା ଦାସଗଣୁଙ୍କୁ ପଣ୍ଡରପୁରରେ ସ୍ୱପ୍ନ ଦେଇ କହିଲେ 'ମସଜିଦ୍ ଭାଙ୍ଗିଯାଇଛି । ଶିରିଡ଼ିର ପ୍ରାୟ ସମସ୍ତ ବୈଶ୍ୟ ମୋତେ କଷ୍ଟ ଦେଉଥିଲେ । ଏଥିପାଇଁ ମୁଁ ମୋର ସ୍ଥାନ ପରିତ୍ୟାଗ କଲି । ମୁଁ ତୁମକୁ ଏହି ସୂଚନା ଦେବାକୁ ଆସିଛି କି ତୁମେ ସେଠାକୁ ଶୀଘ୍ର ଯାଇ ବଉଳଫୁଲରେ ମୋର ଶରୀରକୁ ଆଚ୍ଛାଦିତ କରିଦିଅ ।' ଶିରିଡ଼ିରୁ ମଧ୍ୟ ଦାସଗଣୁଙ୍କ ନିକଟକୁ ଏକ ପତ୍ର ଆସିଲା ଏବଂ ସେ ତାଙ୍କର ଶିଷ୍ୟମାନଙ୍କୁ ନେଇ ଶିରିଡ଼ି ପହଞ୍ଚିଲେ ତଥା ବାବାଙ୍କ ସମାଧି ସମ୍ମୁଖରେ ଅଖଣ୍ଡ ନାମ ଏବଂ ହରିନାମ କୀର୍ତ୍ତନ କଲେ । ସେ ସ୍ୱୟଂ ଫୁଲମାଳ ଗୁନ୍ଥିଲେ ଏବଂ ଈଶ୍ୱରଙ୍କ ନାମ ଜପକରି ସମାଧିରେ ଚଢ଼ାଇଲେ । ଏହାସହ ବାବାଙ୍କ

ଉଦ୍ଦେଶ୍ୟରେ ଏକ ବିଶାଳ ଭୋଜିର ଆୟୋଜନ କଲେ ।

**ଲକ୍ଷ୍ମୀବାଈଙ୍କୁ ଦାନ :** ବିଜୟାଦଶମୀ ଦିନଟି ହିନ୍ଦୁମାନଙ୍କ ପାଇଁ ଅତ୍ୟନ୍ତ ଶୁଭ ଏବଂ ସୀମାଲଂଘନ ପାଇଁ ବାବାଙ୍କ ଦ୍ୱାରା ଏହି ଦିନଟିକୁ ବାଛିବା ସର୍ବାଦୌ ଯଥାର୍ଥ ଥିଲା । ଏହାର କିଛିଦିନ ପୂର୍ବରୁ ବାବା ପୀଡ଼ିତ ହେଲେ; କିନ୍ତୁ ଅନ୍ତିମକ୍ଷଣର ଠିକ୍ ପୂର୍ବରୁ ସେ ସୁସ୍ଥ ମନେ ହେଲେ ଏବଂ ବିନା କାହାର ସହାୟତାରେ ନିଜେ ଉଠି ସ୍ୱଚ୍ଛନ୍ଦରେ ବସିଲେ । ଏହାଦେଖି ଭକ୍ତଗଣ ଭାବିଲେ ଯେ ହୁଏତ ସଂକଟ ଟଳିଗଲା ଏବଂ ଭୟର ଆଉ କୌଣସି ଆଶଙ୍କା ନାହିଁ । ବାବା ଏଣିକି ସ୍ୱାଭାବିକ ହୋଇଯିବେ; କିନ୍ତୁ ବାବା ତ ଜାଣିଥିଲେ ଯେ ତାଙ୍କର ବିଦାୟ ସମୟ ଉପନୀତ ହେଲାଣି ଏବଂ ଏଇଥିପାଇଁ ଲକ୍ଷ୍ମୀବାଈ ସିନ୍ଧେଙ୍କୁ କିଛି କୃପା କରିବାକୁ ସେ ଇଚ୍ଛା ପ୍ରକଟ କଲେ ।

## ।। ସମସ୍ତ ପ୍ରାଣୀଙ୍କ ମଧ୍ୟରେ ବାବାଙ୍କ ନିବାସ ।।

ଲକ୍ଷ୍ମୀବାଈ ଏକ ଉଚ୍ଚ କୁଳୀନ ମହିଳା ଥିଲେ । ସେ ଦିନରାତି ଦ୍ୱାରକାମାୟୀରେ ବାବାଙ୍କର ସେବା କରୁଥିଲେ । ଭକ୍ତ ମହଲସାପତି, ତାତ୍ୟା ଏବଂ ଲକ୍ଷ୍ମୀବାଈଙ୍କ ବ୍ୟତୀତ ରାତିରେ ମସଜିଦ୍ ପାହାଚ ଚଢ଼ିବାର ସାହସ ଆଉ କାହାର ନଥିଲା । ଥରେ ସନ୍ଧ୍ୟା ସମୟରେ ଯେତେବେଳେ ବାବା ତାତ୍ୟାଙ୍କ ସହିତ ମସଜିଦ୍‌ରେ ବସିଥିଲେ, ଲକ୍ଷ୍ମୀବାଈ ଆସି ତାଙ୍କୁ ପ୍ରଣାମ କଲେ । ବାବା ତାଙ୍କୁ ଦେଖି କହିଲେ 'ଲକ୍ଷ୍ମୀ, ମୁଁ ବଡ଼ ଭୋକିଲା ଅଛି ।' ଏତିକି ତାଙ୍କ ଶ୍ରୀମୁଖରୁ ବାହାରିଛି ଲକ୍ଷ୍ମୀବାଈ 'ବାବା, ମୁଁ ସଙ୍ଗେ ସଙ୍ଗେ ରୁଟି ନେଇଆସୁଛି' କହି ଏକମୁହାଁ ହୋଇ ଦୌଡ଼ିଲେ । ଅଳ୍ପ କିଛି ସମୟ ମଧ୍ୟରେ ରୁଟି ଓ ଶାଗଭଜା ଧରି ସେ ବାବାଙ୍କ ପାଖରେ ପହଞ୍ଚିଗଲେ; କିନ୍ତୁ ବାବା ତାକୁ ଗୋଟିଏ ଭୋକିଲା କୁକୁରକୁ ଦେଇଦେଲେ । ଏହାଦେଖି ବିସ୍ମିତ ଲକ୍ଷ୍ମୀବାଈ କହିଲେ 'ବାବା ଏ କ'ଣ ? ମୁଁ ଏତେ ଶୀଘ୍ର ଯାଇ ନିଜ ହାତରେ ଆପଣଙ୍କ ପାଇଁ ରୁଟି କରି ଆଣିଲି । ଆଉ ଆପଣ ଟିକେ ବି ନନେଇ ସବୁତକ କୁକୁରକୁ ଦେଇଦେଲେ । ଏମିତି ଯଦି କରିବାର ଥିଲା ମୋତେ କାହିଁକି ବୃଥାରେ କଷ୍ଟ ଦେଉଥିଲେ ?' ବାବା କହିଲେ 'ବୃଥା ଦୁଃଖ କର ନାହିଁ ମା" । **କୁକୁରର କ୍ଷୁଧା ମୋତେ ଶାନ୍ତ କରିବା, ତୃପ୍ତ କରିବା ସହ ସମାନ ଅଟେ । କୁକୁର ମଧ୍ୟ ମୋର ଆତ୍ମା ଅଟେ ।** ପ୍ରାଣୀ ଭିନ୍ନଭିନ୍ନ ଆକୃତି ଓ ପ୍ରକାରର ହୋଇପାରନ୍ତି, ସେମାନଙ୍କ ମଧ୍ୟରେ ଅନେକ ପ୍ରକାର ସ୍ୱର ରହିପାରେ, କିଏ ମୂକ ହୋଇପାରେ କିନ୍ତୁ କ୍ଷୁଧା ସମସ୍ତଙ୍କର ଏକ ସଦୃଶ ଅଟେ । ତୁମେ ଏହାକୁ ସତ୍ୟ ବୋଲି ମାନିନିଅ କି **'ଯିଏ କ୍ଷୁଧାତୁରକୁ ଭୋଜନ କରାଏ, ଯଥାର୍ଥରେ ସେ ମୋତେ ହିଁ ଭୋଜନ କରାଏ । ଏହା ଅକାଟ୍ୟ ସତ୍ୟ ।'** ଏହି ସାଧାରଣ ଘଟଣା ଦ୍ୱାରା ବାବା ଏକ ମହାନ୍ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ କଲେ ଯେ କାହାର ଭାବନାକୁ କଷ୍ଟ ନଦେଇ କିପରି ନିତ୍ୟ ବ୍ୟବହାରରେ ତାକୁ ପ୍ରୟୋଗ କରାଯାଇପାରିବ । ଏହି ଘଟଣା ପରେ

ଲକ୍ଷ୍ମୀବାଈ ପ୍ରତିଦିନ ବଡ଼ ଶ୍ରଦ୍ଧା ଓ ଭକ୍ତିର ସହ ବାବାଙ୍କୁ ଦୁଧ, ରୁଟି ଆଦି ଦେଉଥିଲେ । ବାବା ତାକୁ ବଡ଼ ସନ୍ତୋଷରେ ଗ୍ରହଣ କରୁଥିଲେ ଓ ଆଉ କିଛି ଲକ୍ଷ୍ମୀବାଈଙ୍କ ହାତରେ ରାଧାକୃଷ୍ଣମାଈଙ୍କ ପାଖକୁ ପଠାଇଦେଉଥିଲେ । ରାଧାକୃଷ୍ଣମାଈ ବଡ଼ ଶ୍ରଦ୍ଧା ଓ ପ୍ରେମରେ ବାବାଙ୍କର ଉଚ୍ଛିଷ୍ଟକୁ ପ୍ରସାଦ ମନେ କରି ସେବନ କରୁଥିଲେ । ଏଠାରେ ବର୍ଣ୍ଣିତ ରୁଟିକଥାକୁ ଅପ୍ରସାଙ୍ଗିକ ମନେ କରିବା ଉଚିତ ନୁହେଁ । ଏଥିରୁ ପ୍ରମାଣିତ ହୁଏ ଯେ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ବାବା ନିବାସ କରନ୍ତି, ସେ ସର୍ବବ୍ୟାପୀ, ଜନ୍ମମୃତ୍ୟୁର ଊର୍ଦ୍ଧ୍ୱରେ ଏବଂ ଅମର ।

ବାବା ଲକ୍ଷ୍ମୀବାଈଙ୍କର ସେବାକୁ ସର୍ବଦା ସ୍ମରଣ ରଖିଥିଲେ । ପ୍ରକୃତରେ ତାଙ୍କୁ ଭୁଲିପାରିଥାନ୍ତେ ବା କିପରି ? ଦେହତ୍ୟାଗ କରିବାର ଠିକ୍ ପୂର୍ବରୁ ବାବା ତାଙ୍କ କଫନି ମୁଣାରେ ହାତ ପୂରାଇଲେ ଏବଂ ପ୍ରଥମେ ପାଞ୍ଚଟି ଓ ପରେ ଆଉ ଚାରିଟି ଏପରି ମୋଟ ନଅଟି ମୁଦ୍ରା ଲକ୍ଷ୍ମୀବାଈଙ୍କୁ ଦେଲେ । ଏହି ନଅ ସଂଖ୍ୟା ଏହି ଗ୍ରନ୍ଥର ଦ୍ୱାଦଶ ଅଧ୍ୟାୟରେ ବର୍ଣ୍ଣିତ ନବବିଧା ଭକ୍ତିର ସୂଚକ ଅଥବା ସୀମାଲଂଘନ ସମୟରେ ପ୍ରଦତ୍ତ ଦକ୍ଷିଣା ବି ହୋଇପାରେ । ଲକ୍ଷ୍ମୀବାଈ ଏକ ସୁସମ୍ପନ୍ନ ମହିଳା ଥିଲେ । ତାଙ୍କ ପାଇଁ ଟଙ୍କାର କୌଣସି ଆବଶ୍ୟକତା ନଥିଲା । ଏହି କାରଣରୁ ସମ୍ଭବତଃ ବାବା ଶ୍ରୀମଦ୍‌ଭାଗବତର ଏକାଦଶ ସ୍କନ୍ଧ ଦଶମ ଅଧ୍ୟାୟର ଷଷ୍ଠ ଶ୍ଳୋକ ପ୍ରତି ଆକର୍ଷିତ କଲେ, ଯେଉଁଥିରେ ଶ୍ରେଷ୍ଠ ଭକ୍ତିର ନଅଟି ଲକ୍ଷଣ ବର୍ଣ୍ଣନା କରାଯାଇଛି । ସେଥିରେ ପ୍ରଥମେ ପାଞ୍ଚ ଏବଂ ପରେ ଚାରିଟି ଲକ୍ଷଣ କ୍ରମଶଃ ପ୍ରଥମ ଏବଂ ଦ୍ୱିତୀୟ ଚରଣରେ ଉଲ୍ଲେଖ କରାଯାଇଛି । ବାବା ମଧ୍ୟ ସେହି କ୍ରମର ପାଳନ କଲେ(ପ୍ରଥମେ ୫ ଏବଂ ପରେ ୪ : ମୋଟ ୯) । କେବଳ ନଅ ଟଙ୍କା ନୁହେଁ ବରଂ ତା'ର କେତେଗୁଣ ଟଙ୍କା ଲକ୍ଷ୍ମୀବାଈଙ୍କ ହାତରେ ଆସିଥିବ ଯାଇଥିବ କିନ୍ତୁ ବାବାଙ୍କ ଦ୍ୱାରା ପ୍ରଦତ୍ତ ନଅଟଙ୍କା ସେ ସର୍ବଦା ସ୍ମରଣ ରଖିଥିବେ ।

**ଅନ୍ତିମ କ୍ଷଣ :** ବାବା ସର୍ବଦା ଜାଗ୍ରତ ଏବଂ ପୂର୍ଣ୍ଣଚୈତନ୍ୟ ରହୁଥିଲେ ଏବଂ ଅନ୍ତିମ ସମୟରେ ମଧ୍ୟ ପୂର୍ଣ୍ଣ ସାବଧାନ ସହକାରେ କାର୍ଯ୍ୟ କଲେ । ଶେଷ ସମୟରେ ସେ ସମସ୍ତଙ୍କୁ ସେଠାରୁ ଚାଲିଯିବାକୁ ନିର୍ଦ୍ଦେଶ ଦେଲେ । ଚିନ୍ତାରେ ବୁଡ଼ି ରହିଥିବା କାକାସାହେବ, ବୁଟି ଏବଂ ଅନ୍ୟ ଭକ୍ତଗଣ ଯେଉଁମାନେ ସଦା ସର୍ବଦା ମସଜିଦ୍‌ରେ ବାବାଙ୍କର ସେବାରେ ଉପସ୍ଥିତ ରହୁଥିଲେ, ସେମାନଙ୍କୁ ମଧ୍ୟ ବାବା ୱାଡ଼ାକୁ ଯାଇ ଭୋଜନ କରି ଆସିବାକୁ କହିଲେ । ଏପରି ଅବସ୍ଥାରେ ବାବାଙ୍କୁ ଏକୁଟିଆ ଛାଡ଼ିବାକୁ କିଏ ଚାହୁଁନଥିଲେ କିନ୍ତୁ ତାଙ୍କର ଆଦେଶ ଉଲ୍ଲଂଘନ କରିବା ମଧ୍ୟ ସମ୍ଭବ ନଥିଲା । ଏଥିଯୋଗୁ ଉଚିତ ମନେ ନକଲେ ମଧ୍ୟ ଉଦାସ ଏବଂ ଦୁଃଖରେ ସେମାନେ ୱାଡ଼ାକୁ ଯିବାକୁ ବାହାରିଲେ । ସେମାନେ ଜାଣିଥିଲେ ଯେ ବାବାଙ୍କର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ରହିଛି, ଏଣୁ ଏହି ସମୟରେ ତାଙ୍କୁ ଏକୁଟିଆ ଛାଡ଼ି ଯିବା ଉଚିତ ନୁହେଁ । ଯାହାହେଉ ଭୋଜନ କରିବାକୁ ତ ବସିଲେ; କିନ୍ତୁ ସେମାନଙ୍କର ମନ ଆଉ କେଉଁଠି(ବାବାଙ୍କ

ପାଖରେ) ଥିଲା । ଭୋଜନ ସମାପ୍ତ ହୋଇନଥିଲା, ବାବାଙ୍କର ନଶ୍ୱର ଶରୀର ତ୍ୟାଗର ଖବର ପହଞ୍ଚିଗଲା । ଖାଇବା ଥାଳି ଛାଡ଼ି ସେମାନେ ଦୌଡ଼ିଆସିଲେ । ମସଜିଦ୍‌ରେ ପହଞ୍ଚିଲାବେଳକୁ ବାବାଙ୍କର ଚକ୍ଷୁ ମୁଦ୍ରିତ ହୋଇଯାଇଛି । ବାୟାଜୀ ଅପା କୋତେଙ୍କ କୋଳରେ ତାଙ୍କର ଶରୀର ଅନ୍ତିମ ବିଶ୍ରାମ ନେଉଛି । ନା ସେ ତଳେ ପଡ଼ିଥିଲେ ନା ଶଯ୍ୟାରେ ଥିଲେ, ତାଙ୍କର ନିଜ ଆସନରେ ବସିଥିଲେ ଏବଂ ନିଜ ହାତରେ ଭରା ଦେଇ ଏହି ମାନବ ଶରୀରକୁ ତ୍ୟାଗ କରିଦେଲେ । ସନ୍ଥ ସ୍ୱୟଂ ଶରୀର ଧାରଣ କରନ୍ତି ତଥା କୌଣସି ନିଶ୍ଚିତ ଉଦ୍ଦେଶ୍ୟ ନେଇ ଏହି ସଂସାରରେ ପ୍ରକଟ ହୁଅନ୍ତି ଏବଂ ଯେତେବେଳେ ସେହି ଲକ୍ଷ୍ୟ ପୂର୍ଣ୍ଣ ହୋଇଯାଏ ସେ ଯେଉଁ ସରଳତା ଓ ଆକସ୍ମିକତାର ସହ ପ୍ରକଟ ହୋଇଥିଲେ, ସେହିପରି ଲୀନ ହୋଇଯାଆନ୍ତି ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

**(ସପ୍ତାହ ପାରାୟଣ : ଷଷ୍ଠ ବିଶ୍ରାମ)**



## ।। ସପ୍ତମ ଦିନ ପାରାୟଣ ।।



## ।। ତ୍ରିଚତ୍ୱାରିଂଶତ୍ ଓ ଚତୁଷ୍ଚତ୍ୱାରିଂଶତ୍ (୪୩, ୪୪) ଅଧ୍ୟାୟ ।।

**ମହାସମାଧି ପଥରେ, ପୂର୍ବ ନିର୍ମିତ ସମାଧି ମନ୍ଦିର, ଇଟା ଭଗ୍ନ କଥା, ୭୨ ଘଣ୍ଟା ସମାଧି, ବାପୁସାହେବଙ୍କ ସନ୍ନ୍ୟାସ ଗ୍ରହଣ, ବାବାଙ୍କ ଅମୃତତୁଲ୍ୟ ବଚନ**

ମୂଳ ଗ୍ରନ୍ଥରେ ଉଭୟ ୪୩ ଏବଂ ୪୪ ଅଧ୍ୟାୟରେ ବାବାଙ୍କର ମହାନିର୍ବାଣ ପ୍ରାପ୍ତିର କଥା ବର୍ଣ୍ଣନା କରାଯାଇଛି; ଏଣୁ ଏଠାରେ ଏହି ଦୁଇଟି ଅଧ୍ୟାୟକୁ ଏକତ୍ର ସନ୍ନିବେଶିତ କରାଯାଇଛି ।

**ପୂର୍ବ ନିର୍ମିତ ସମାଧି ମନ୍ଦିର :** ହିନ୍ଦୁମାନଙ୍କ ମଧ୍ୟରେ ଏହି ପ୍ରଥା ପ୍ରଚଳିତ ରହିଛି ଯେ ଯେତେବେଳେ କୌଣସି ମନୁଷ୍ୟର ଶେଷ ସମୟ ଉପନୀତ ହୁଏ, ତା ନିକଟରେ ଧର୍ମଗ୍ରନ୍ଥ ପାଠ କରି ଶୁଣାଯାଏ । ଏହାର ମୁଖ୍ୟ କାରଣ ହେଉଛି ମନ ସାଂସାରିକ ଜଞ୍ଜାଳରୁ ମୁକ୍ତ ହୋଇ ଆଧ୍ୟାତ୍ମିକ ବିଷୟରେ ନିମଗ୍ନ ହେବ ଏବଂ ସେହି ପ୍ରାଣୀ କର୍ମବଶତଃ ପରବର୍ତ୍ତୀ ଜନ୍ମରେ ଯେଉଁ ଯୋନି ଧାରଣ କରୁ ନା କାହିଁକି ସେଥିରେ ତା'ର ସଦ୍‌ଗତି ପ୍ରାପ୍ତ ହେବ । ସର୍ବସାଧାରଣଙ୍କୁ ଏହା ଜଣା ଯେ ଯେତେବେଳେ ରାଜା ପରୀକ୍ଷିତଙ୍କୁ ଏକ ବ୍ରହ୍ମର୍ଷି ପୁତ୍ର ଅଭିଶାପ ଦେଲା ଏବଂ ଏକ ସପ୍ତାହ ପରେ ତାଙ୍କର ଶେଷ ସମୟ ପାଖେଇ ଆସିଲା, ଶୁକଦେବ ତାଙ୍କୁ ସେହି ସପ୍ତାହରେ ଶ୍ରୀମଦ୍‌ଭାଗବତ ପାଠ କରି ଶୁଣାଇଲେ, ଯଦ୍ୱାରା ତାଙ୍କର ମୋକ୍ଷପ୍ରାପ୍ତି ହେଲା । ଏହି ପ୍ରଥା ଏବେ ମଧ୍ୟ ପ୍ରଚଳିତ । ମହାନିର୍ବାଣ ସମୟରେ ଗୀତା, ଭାଗବତ ଏବଂ ଅନ୍ୟାନ୍ୟ ଗ୍ରନ୍ଥ ପାଠ କରାଯାଏ । ବାବା ତ ସ୍ୱୟଂ ଅବତାର ପୁରୁଷ ଥିଲେ, ଏଥିପାଇଁ ତାଙ୍କ ପାଇଁ ବାହ୍ୟ

ସାଧନାର କୌଣସି ପ୍ରୟୋଜନ ନଥିଲା; କିନ୍ତୁ କେବଳ ଅନ୍ୟମାନଙ୍କ ସମ୍ମୁଖରେ ଉଦାହରଣ ପ୍ରସ୍ତୁତ କରିବା ପାଇଁ ସେ ଏହି ପ୍ରଥାର ଉପେକ୍ଷା କଲେ ନାହିଁ । ଯେତେବେଳେ ତାଙ୍କୁ ବିଦିତ ହୋଇଗଲା ଯେ ଏବେ ସେ ନଶ୍ୱର ଶରୀର ତ୍ୟାଗ କରିବେ, ଶ୍ରୀ ବଝେ ନାମକ ଜଣେ ବ୍ୟକ୍ତିଙ୍କୁ 'ରାମବିଜୟ' ପ୍ରକରଣ ପାଠ କରିବା ନିମନ୍ତେ ଅନୁମତି ପ୍ରଦାନ କଲେ । ଶ୍ରୀ ବଝେ ଏକ ସପ୍ତାହ ନିୟମିତ ପାଠ ଶୁଣାଇଲେ । ତତ୍‌ପଶ୍ଚାତ୍ ବାବା ତାଙ୍କୁ ଅଷ୍ଟପ୍ରହର ପାଠ କରିବାକୁ ଆଦେଶ ଦେଲେ । ଏହାର ଦୁଇଥର ପାରାୟଣ ତିନି ଦିନରେ ପୂର୍ଣ୍ଣ ହୋଇଗଲା ଏବଂ ଏହି ପ୍ରକାର ୧୧ ଦିନ ଅତିବାହିତ ହୋଲା । ଏହାପରେ ଆଉ ତିନିଦିନ ସେ ପାଠ କଲେ । ଏବେ ଶ୍ରୀ ବଝେ ସମ୍ପୂର୍ଣ୍ଣ କ୍ଳାନ୍ତ ହୋଇଯାଇଥିଲେ । ଏଣୁ ତାଙ୍କୁ ବିଶ୍ରାମ ନେବାକୁ ଅନୁମତି ଦିଆଗଲା । ଏହାପରେ ବାବା ସମ୍ପୂର୍ଣ୍ଣ ଶାନ୍ତ ହୋଇଗଲେ ଏବଂ ପୂର୍ଣ୍ଣ ଆତ୍ମସ୍ଥିତ ହୋଇ ଅନ୍ତିମକ୍ଷଣକୁ ପ୍ରତୀକ୍ଷା କରିବାକୁ ଲାଗିଲେ । ଦୁଇତିନିଦିନ ପୂର୍ବରୁ ପ୍ରାତଃ ସମୟରେ ବାବା ଭିକ୍ଷାଟନ କରିବା ସ୍ଥଗିତ କରିଦେଇଥିଲେ ଏବଂ ମସଜିଦ୍‌ରେ ବସୁଥିଲେ । ସେ ତାଙ୍କର ଶେଷ ସମୟ ପାଇଁ ସମ୍ପୂର୍ଣ୍ଣ ସଚେତନ ଥିଲେ, ଏଥିପାଇଁ ସେ ଭକ୍ତମାନଙ୍କର ଧୈର୍ଯ୍ୟ ତ ରକ୍ଷା କରୁଥିଲେ; କିନ୍ତୁ କାହାକୁ ବି ତାଙ୍କର ମହାନିର୍ବାଣର ପ୍ରକୃତ ସମୟ ସମ୍ପର୍କରେ କୌଣସି ସୂଚନା ଦେଇନଥିଲେ । ଏହି ଦିନଗୁଡ଼ିକରେ କାକାସାହେବ ଦୀକ୍ଷିତ ଓ ବୁଟି ସାହେବ ବାବାଙ୍କ ସହିତ ମସଜିଦ୍‌ରେ ପ୍ରତିଦିନ ଭୋଜନ କରୁଥିଲେ । ମହାନିର୍ବାଣ ଦିନ (ଅକ୍ଟୋବର ୧୫) ଆରତି ଶେଷ ହେବା ପରେ ବାବା ଭକ୍ତମାନଙ୍କୁ ନିଜ ନିଜ ଘରକୁ ଯାଇ ଭୋଜନ କରି ଆସିବାକୁ କହିଲେ । ତଥାପି ଲକ୍ଷ୍ମୀବାଈ ସିନ୍ଧେ, ଭାଗୋଜୀ ସିନ୍ଧେ, ବାୟାଜୀ ବାଈ, ଲକ୍ଷ୍ମଣ ବାଲା ଶିମ୍ପି ଓ ନାନାସାହେବ ନିମୋଣକର ଜଗିରହିଲେ । ଶ୍ୟାମା ତଳେ ମସଜିଦ୍ ପାହାଚରେ ବସିଥିଲେ । ଲକ୍ଷ୍ମୀବାଈ ସିନ୍ଧେଙ୍କୁ ନଅଟଙ୍କା ଦେବା ପରେ ବାବା କହିଲେ 'ଏବେ ମୋତେ ମସଜିଦ୍‌ରେ ଭଲ ଲାଗୁନାହିଁ, ବୁଟିର ପଥର ଓ୍ୱାଡ଼ାକୁ ନେଇଯାଅ, ସେଠାରେ ମୁଁ ସୁଖରେ ରହିବି ।' ତାଙ୍କ ଶ୍ରୀମୁଖରୁ ଏହା ହିଁ ଅନ୍ତିମ ଶବ୍ଦ ଥିଲା । ଏହାପରେ ସେ ବାୟାଜୀଙ୍କ ଶରୀରରେ ଆଉଜିପଡ଼ିଲେ ଏବଂ ଶେଷନିଃଶ୍ୱାସ ତ୍ୟାଗ କଲେ । ଭାଗୋଜୀ ଦେଖିଲେ ବାବାଙ୍କ ଶ୍ୱାସକ୍ରିୟା ବନ୍ଦ ହୋଇଯାଇଛି, ନାନାସାହେବ ନିମୋଣକରଙ୍କୁ ଡାକି ସେ ଏହିକଥା ଜଣାଇଲେ । ନାନାସାହେବ କିଛି ଜଳ ଆଣି ବାବାଙ୍କ ଶ୍ରୀମୁଖରେ ଦେଲେ, କିନ୍ତୁ ତାହା ବାହାରି ଆସିଲା । ହତପ୍ରଭ ହୋଇ ଉଚ୍ଚସ୍ୱରରେ ସେ ବିଳାପ କଲେ 'ହେ ଦେବା ! ତାପରେ ବାବା ଏପରି ଦେଖାଗଲେ ଯେପରି ଧୀରେ ଧୀରେ ନେତ୍ର ଖୋଲି ମୃଦୁମନ୍ଦ ସ୍ୱରରେ କହୁଛନ୍ତି 'ଓଃ' । କିନ୍ତୁ ସେତେବେଳେ ସେ ପଞ୍ଚଭୂତ ଶରୀର ତ୍ୟାଗ କରିଥିବା ସ୍ପଷ୍ଟ ହୋଇଯାଇଥିଲା ।

'ବାବା ସମାଧିସ୍ଥ ହୋଇଗଲେ'–ଏହି ହୃଦୟ ବିଦାରକ ଦୁଃସମ୍ବାଦ ଦାବାନଳ ପରି ଚତୁର୍ଦ୍ଦିଗରେ ବ୍ୟାପିଗଲା । ଶିରିଡ଼ିର ସମସ୍ତ ନରନାରୀ ଏବଂ ବାଳକଗଣ ମସଜିଦ୍

ଅଭିମୁଖେ ଏକମୁହାଁ ହୋଇ ଦୌଡ଼ିବାକୁ ଲାଗିଲେ । ଚତୁର୍ଦ୍ଦିଗରେ ହା ହା କାର ଖେଳିଗଲା । ସମସ୍ତଙ୍କ ହୃଦୟରେ ଯେପରି ବଜ୍ରପାତ ଘଟିଲା । ସେମାନଙ୍କର ହୃଦୟ କମ୍ପିତ ହେବାକୁ ଲାଗିଲା । କିଏ ଚିତ୍କାର କରି କାନ୍ଦୁଥିଲା ତ କିଏ ସଡ଼କ ଉପରେ ଲୋଟିପଡ଼ି କାନ୍ଦି କାନ୍ଦି ସଂଜ୍ଞା ହରାଇ ଦେଉଥିଲା । ପ୍ରତ୍ୟେକଙ୍କର ଚକ୍ଷୁରୁ ଧାର ଧାର ହୋଇ ଲୁହ ବୋହିବାରେ ଲାଗିଥିଲା । ପ୍ରଳୟ କାଳର ବାତାବରଣରେ ତାଣ୍ଡବ ନୃତ୍ୟ ଯେପରି ଦୃଶ୍ୟ ସୃଷ୍ଟି କରିଥାଏ, ଶିରିଡ଼ିର ନରନାରୀଙ୍କ ବିଳାପ ସେହିପରି ଅତି କରୁଣ ଦୃଶ୍ୟ ସୃଷ୍ଟି କରୁଥିଲା। ସେମାନଙ୍କର ଏହି ଅତିଶୟ ଦୁଃଖରେ କିଏ ଆସି ସେମାନଙ୍କୁ ଧୈର୍ଯ୍ୟ ଦେବ ? ସାକ୍ଷାତ୍ ସଗୁଣ ପରଂବ୍ରହ୍ମଙ୍କର ସାନ୍ନିଧ୍ୟ ସେମାନେ ଯେ ହରାଇଦେଲେ ତାହା ଆଉ କିପରି ଫେରିଆସିବ ? ଏହି ଶୋକର ବର୍ଣ୍ଣନା ବା କିଏ ଆଉ କରିପାରିବ ?

'ଏବେ କିଛି ଭକ୍ତ ଶ୍ରୀ ସାଇବାବାଙ୍କର ବଚନକୁ ସ୍ମରଣ କରିବାକୁ ଲାଗିଲେ । କିଏ କହିଲେ କି ମହାରାଜ(ସାଇବାବା)ତାଙ୍କର ଭକ୍ତମାନଙ୍କୁ କହିଥିଲେ କି 'ଭବିଷ୍ୟତରେ ଆଠ ବର୍ଷର ବାଳକ ରୂପରେ ମୁଁ ପୁନଃ ପ୍ରକଟ ହେବି ।' କୃଷ୍ଣାବତାରରେ ମଧ୍ୟ ଚକ୍ରପାଣି(ଭଗବାନ ବିଷ୍ଣୁ) ଏହିପରି ହିଁ ଲୀଳା କରିଥିଲେ । ଶ୍ରୀକୃଷ୍ଣ ମାତା ଦେବକୀଙ୍କ ସମ୍ମୁଖରେ ଆଠବର୍ଷର ଏକ ବାଳକ ରୂପରେ ପ୍ରକଟ ହୋଇଥିଲେ, ଯାହାଙ୍କର ଦିବ୍ୟ ତେଜୋମୟ ସ୍ୱରୂପ ଥିଲା । ତାଙ୍କର ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭା ପାଉଥିଲା । ତାଙ୍କର ଏହି ଅବତାରରେ ଭଗବାନ ଶ୍ରୀକୃଷ୍ଣ ଧରିତ୍ରୀର ଭାର ଉଶ୍ୱାସ କରିଥିଲେ । ସାଇବାବାଙ୍କର ଏହି ଅବତାର ତାଙ୍କ ଭକ୍ତମାନଙ୍କର ଉତ୍ଥାନ ନିମନ୍ତେ ଉଦ୍ଦିଷ୍ଟ ଥିଲା । ସନ୍ଥମାନଙ୍କର କାର୍ଯ୍ୟପ୍ରଣାଳୀ ଅଗମ୍ୟ ହୋଇଥାଏ । ସାଇବାବାଙ୍କର ତାଙ୍କର ଭକ୍ତମାନଙ୍କ ସହ ସମ୍ପର୍କ କେବଳ ଗୋଟିଏ ପିଢ଼ିର ନୁହେଁ, ଗତ ଅନେକ ଜନ୍ମରୁ ରହିଆସିଛି । ଏପରି ମନେ ହୁଏ କି ଏହି ପ୍ରକାର ପ୍ରେମ ସମ୍ପର୍କ ବିକଶିତ କରି ମହାରାଜା(ଶ୍ରୀ ସାଇବାବା) ଗସ୍ତରେ ଯାଇଛନ୍ତି ଏବଂ ଭକ୍ତମାନଙ୍କର ଦୃଢ଼ ବିଶ୍ୱାସ ଯେ ସେ ପୁଣି ଶୀଘ୍ର ଫେରିଆସିବେ ।'

ଏବେ ସମସ୍ୟା ଦେଖାଦେଲା ଯେ ବାବାଙ୍କର ଅନ୍ତିମ ସଂସ୍କାର କିପରି କରାଯିବ ? କେତେକ ଯବନ ତାଙ୍କର ଶରୀରକୁ କବରସ୍ଥାନରେ ଦଫନ କରି କବର ତିଆରି କରିବାକୁ ପ୍ରସ୍ତାବ ଦେଲେ । ଖୁସାଲଚନ୍ଦ ଏବଂ ଅମୀର ଶକ୍କରଙ୍କର ମଧ୍ୟ ଏହି ମତ ଥିଲା; କିନ୍ତୁ ଗ୍ରାମ୍ୟ ଅଧିକାରୀ ରାମଚନ୍ଦ୍ର ପାଟିଲ ଦୃଢ଼ ଏବଂ ସ୍ପଷ୍ଟ ସ୍ୱରରେ ଏହା ଗ୍ରହଣୀୟ ନୁହେଁ ବୋଲି ଜଣାଇଦେଲେ । ବାବାଙ୍କ ଶରୀରକୁ ୱାଡ଼ା ବ୍ୟତୀତ ଅନ୍ୟ କେଉଁଠି ରଖାଯାଇପାରିବ ନାହିଁ ବୋଲି ସେ କହିଲେ । ଏହିପରି ଲୋକଙ୍କ ମଧ୍ୟରେ ମତଭେଦ ଦେଖାଦେଲା ଏବଂ ୩୬ ଘଣ୍ଟା ପର୍ଯ୍ୟନ୍ତ ଏହିପରି ବାଦ ବିବାଦ ଚାଲିଲା । ବୁଧବାର ପ୍ରତ୍ୟୁଷରେ ବାବା ଲକ୍ଷ୍ମଣ ମାମା ଯୋଶୀଙ୍କୁ ସ୍ୱପ୍ନରେ ଦର୍ଶନ ଦେଲେ ଏବଂ ତାଙ୍କର ହାତ ଟାଣି କହିଲେ 'ଶୀଘ୍ର ଉଠ, ବାପୁସାହେବ ଭାବୁଛି ମୁଁ ମୃତ । ଏଣୁ ସେ ଆସିବ ନାହିଁ ।

ତୁମେ ପୂଜା ଓ କାକଡ଼ ଆରତି କର ।' ଲକ୍ଷ୍ମଣ ମାମା ଗ୍ରାମର ଜ୍ୟୋତିଷ ତଥା ଶ୍ୟାମାଙ୍କର ମାମୁ ଓ ଜଣେ କର୍ମଠ ବ୍ରାହ୍ମଣ ଥିଲେ । ସେ ପ୍ରତିଦିନ ପ୍ରାତଃକାଳରେ ବାବାଙ୍କର ପୂଜା କରୁଥିଲେ, ତତ୍‌ପଶ୍ଚାତ ଗ୍ରାମର ଅନ୍ୟ ଦେବଦେବୀଙ୍କର ପୂଜା କରୁଥିଲେ । ବାବାଙ୍କ ପ୍ରତି ତାଙ୍କର ପ୍ରଗାଢ଼ ନିଷ୍ଠା ଥିଲା, ଏଣୁ ସ୍ୱପ୍ନ ଦେଖିବା ପରେ ସେ ସମସ୍ତ ପୂଜା ସାମଗ୍ରୀ ଧରି ପହଞ୍ଚିଲେ ଏବଂ ଯେମିତି ବାବାଙ୍କ ଶ୍ରୀମୁଖରେ ଆବୃତ୍ତ ବସ୍ତ୍ର ହଟାଇଛନ୍ତି, ସେହି ନିର୍ଜୀବ ଅଲୌକିକ ମହାନ୍ ପ୍ରଦୀପ୍ତ ପ୍ରତିଭାଙ୍କର ଦର୍ଶନକରି ସ୍ତବ୍ଧ ହୋଇଗଲେ, ଯେପରିକି ହିମାଂଶୁ ତାଙ୍କୁ ତାଙ୍କ ପାର୍ଶ୍ୱରେ ଆବଦ୍ଧ କରି ଜଡ଼ବତ୍ କରିଦେଇଛନ୍ତି । ସ୍ୱପ୍ନର ସ୍ମୃତି ତାଙ୍କୁ କର୍ତ୍ତବ୍ୟ କରିବାକୁ ପ୍ରେରିତ କଲା । ମୌଲବୀମାନଙ୍କର ବିରୋଧକୁ ଭ୍ରୂକ୍ଷେପ ନକରି ସେ ବିଧିପୂର୍ବକ ପୂଜା ଏବଂ କାକଡ଼ ଆରତି କଲେ । ମଧ୍ୟାହ୍ନରେ ବାପୁସାହେବ ଯୋଗ ଅନ୍ୟ ଭକ୍ତମାନଙ୍କ ସହିତ ଆସିଲେ ଏବଂ ଚିରାଚରିତ ପଦ୍ଧତିରେ ମଧ୍ୟାହ୍ନ ଆରତି କଲେ ।

ବାବାଙ୍କର ଅନ୍ତିମ ଶ୍ରୀବଚନକୁ ସମ୍ମାନ ଜଣାଇ ତାଙ୍କର ଶରୀରକୁ ବୁଟିଓ୍ୱାଡ଼ାରେ ରଖିବାର ନିଷ୍ପତ୍ତି ଶେଷରେ ହେଲା ଏବଂ ଗର୍ଭଗୃହର ଖନନ କରାଗଲା । ମଙ୍ଗଳବାର ସନ୍ଧ୍ୟାରେ ରାହାତାରୁ ସବ୍ ଇନିସପେକ୍ଟର ଏବଂ ଭିନ୍ନ ଭିନ୍ନ ସ୍ଥାନରୁ ବହୁ ଭକ୍ତ ଆସି ଏକତ୍ର ହେଲେ । ସମସ୍ତେ ଏହି ପ୍ରସ୍ତାବକୁ ସ୍ୱୀକାର କଲେ । ପରଦିନ ସକାଳେ ମୁମ୍ୱଇରୁ ଅମୀରଭାଇ ଏବଂ କୋପରଗାଓଁରୁ ମାମଲତଦାର ଆସି ପହଞ୍ଚିଲେ । ସେତେବେଳେ ମଧ୍ୟ ଲୋକଙ୍କ ମଧ୍ୟରେ ମତୈକ୍ୟ ନଥିଲା । କେତେକ ଖୋଲା ପଡ଼ିଆରେ ତାଙ୍କର ଅନ୍ତ୍ୟେଷ୍ଟି କରିବା ଜିଦ୍‌ରେ ଅଟଳ ଥିଲେ । ତେଣୁ ମାମଲତଦାର ଭୋଟଗ୍ରହଣ କରାଇବାକୁ ନିଷ୍ପତ୍ତି କଲେ । ଭୋଟଦାନ ହେଲା । ବିପକ୍ଷରେ ଯେତିକି ଲୋକ ଭୋଟ ଦେଲେ ତା'ର ଦୁଇଗୁଣ ଲୋକ ସପକ୍ଷରେ ଭୋଟ ଦେଲେ । ତଥାପି ମାମଲତଦାର ଏହି ବିଷୟକୁ ଜିଲାପାଳଙ୍କ ନିକଟକୁ ପଠାଇବାକୁ ଚାହୁଁଥିଲେ । କାକାସାହେବ ଅହମ୍ମଦନଗର ଯିବାକୁ ବାହାରିଲେ; କିନ୍ତୁ ବାବାଙ୍କର ପ୍ରେରଣାରୁ ବିରୋଧୀମାନେ ସେମାନଙ୍କର ମତ ପରିବର୍ତ୍ତନ କଲେ ଏବଂ ସର୍ବସମ୍ମତିକ୍ରମେ ସମସ୍ତେ ପ୍ରସ୍ତାବ ସପକ୍ଷରେ ଭୋଟଦେଲେ । ବୁଧବାର ସନ୍ଧ୍ୟାରେ ବାବାଙ୍କର ପବିତ୍ର ଶରୀରକୁ ଶୋଭାଯାତ୍ରାରେ ଓ୍ୱାଡ଼ାକୁ ଅଣାଗଲା ଏବଂ ଉପଯୁକ୍ତ ବିଧିବିଧାନ ସହକାରେ ଗର୍ଭଗୃହରେ ସ୍ଥାପନା କରାଗଲା, ଯେଉଁଠାରେ ମୂରଲୀଧରଙ୍କର ବିଗ୍ରହ ସ୍ଥାପିତ ହେବାର ଥିଲା । ପ୍ରକୃତରେ ବାବା ହୋଇଗଲେ ମୂରଲୀଧର ଏବଂ ଓ୍ୱାଡ଼ା ତାଙ୍କର ସମାଧି ମନ୍ଦିରରେ ପରିଣତ ହୋଇ ଭକ୍ତମାନଙ୍କର ଏକ ପବିତ୍ର ଦେବସ୍ଥାନରେ ପରିଣତ ହେଲା । ହଜାର ହଜାର ଭକ୍ତ ଏବେ ସେହି ସ୍ଥାନକୁ ପ୍ରତ୍ୟହ ଆସି ସୁଖ ଓ ଶାନ୍ତି ଲାଭ କରୁଛନ୍ତି । ବାଲାସାହେବ ଭଟେ ଏବଂ ଭକ୍ତ ଉପାସନୀ ମହାରାଜ ବିଧିମୁତାବକ ବାବାଙ୍କର ଶେଷକୃତ୍ୟ ସମ୍ପନ୍ନ କଲେ ।

ଏଠାରେ ଉଲ୍ଲେଖନୀୟ ଯେ ୩୬ ଘଣ୍ଟାର ସମାଧିବସ୍ଥା ପରେ ମଧ୍ୟ ବାବାଙ୍କ ଶରୀର କଠିନ ହୋଇନଥିଲା ଓ ପ୍ରତ୍ୟେକ ଅବୟବ ସତେଜ ରହିଥିଲା । ତେଣୁ ତାଙ୍କ ଶରୀରରୁ କଫନି ବାହାର କରିବାରେ କୌଣସି ଅସୁବିଧା ହୋଇନଥିଲା । ପ୍ରଫେସର ନାରକେ ଏବଂ ଅନ୍ୟମାନେ ଏହାର ସାକ୍ଷ୍ୟ ବହନ କରିଛନ୍ତି ।

**ଇଟା ଭଗ୍ନ କଥା :** ବାବାଙ୍କର ନିର୍ବାଣ ପ୍ରାପ୍ତିର କିଛି ଦିନ ପୂର୍ବରୁ ଏକ ଅପଶକୁନ ଘଟିଲା, ଯାହା ଏହି ଘଟଣାର ପୂର୍ବ ସୂଚନା ସ୍ୱରୂପ ଥିଲା । ମସଜିଦ୍‌ରେ ଏକ ବହୁ ପୁରୁଣା ଇଟା ଥିଲା । ବାବା ତାହା ଉପରେ ହାତ ଭରା ଦେଇ ବସୁଥିଲେ । ରାତିରେ ବାବା ତାକୁ ଉପାଧାନ(ତକିଆ) କରି ଶୋଉଥିଲେ । ଅନେକ ବର୍ଷ ଧରି ଏହି ଧାରା ଚାଲିଥିଲା । ଦିନେ ବାବାଙ୍କ ଅନୁପସ୍ଥିତିରେ ଜଣେ ବାଳକ ମସଜିଦ୍ ଓଳାଇବା ସମୟରେ ଇଟାଟିକୁ ଉଠାଇଲା । ଦୁର୍ଭାଗ୍ୟବଶତଃ ଇଟାଟି ତା' ହାତରୁ ଖସିପଡ଼ିଲା ଏବଂ ଭାଙ୍ଗି ଦୁଇ ଖଣ୍ଡ ହୋଇଗଲା । ଯେତେବେଳେ ବାବାଙ୍କୁ ଏହି ସୂଚନା ମିଳିଲା, ସେ ବଡ଼ ଦୁଃଖିତ ହେଲେ ଏବଂ କହିଲେ 'ଇଟା ନୁହେଁ, ମୋର ଭାଗ୍ୟ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା । ସେ ମୋର ଜୀବନସଂଗୀ ଥିଲା ଓ ତାକୁ ପାଖରେ ରଖି ମୁଁ ଆତ୍ମଚିନ୍ତନରେ ବୁଡ଼ିରହୁଥିଲି । ସେ ମୋର ପ୍ରାଣସମ ପ୍ରିୟ ଥିଲା ଏବଂ ଆଜି ମୋର ସାଥି ଛାଡ଼ିଦେଲା ।' କିଛି ବ୍ୟକ୍ତି ଏଠାରେ ପ୍ରଶ୍ନ କରିପାରନ୍ତି ଯେ ଇଟା ପରି ଏକ ସାମାନ୍ୟ ପଦାର୍ଥ ପାଇଁ ବାବା ଏତେ ଶୋକ କରିବା କ'ଣ ଉଚିତ ଥିଲା ? ହେମାଡପନ୍ତ ଏହାର ଉତ୍ତର ଦେଇ କହିଛନ୍ତି ଯେ ସନ୍ଥ ଜଗତର ଉଦ୍ଧାର ତଥା ଦୀନ ଏବଂ ଅନାଶ୍ରିତମାନଙ୍କର କଲ୍ୟାଣ ନିମିତ୍ତ ଅବତୀର୍ଣ୍ଣ ହୁଅନ୍ତି । ଯେତେବେଳେ ସେମାନେ ନରଦେହ ଧାରଣ କରନ୍ତି ଏବଂ ଜନସମ୍ପର୍କରେ ରହନ୍ତି, ଏପରି ଆଚରଣ କରନ୍ତି । ଅର୍ଥାତ ବାହ୍ୟରୂପରେ ସେମାନେ ସାଧାରଣ ଲୋକଙ୍କ ପରି ହସନ୍ତି, ଖେଳନ୍ତି ଏବଂ କାନ୍ଦନ୍ତି, କିନ୍ତୁ ଅନ୍ତର ଭିତରେ ସେମାନେ ନିଜର ଅବତାର କାର୍ଯ୍ୟ ଏବଂ ତା'ର ଉଦ୍ଦେଶ୍ୟ ପୂରଣ ନିମନ୍ତେ ସତତ ପ୍ରୟାସୀ ଥାଆନ୍ତି ।

## ।। ୭୨ ଘଣ୍ଟା ଧରି ସମାଧି ।।

ଏହାର ବତିଶି ବର୍ଷ ପୂର୍ବରୁ ବାବା ଥରେ ତାଙ୍କର ଜୀବନରେଖା ଅତିକ୍ରମ କରିବାକୁ ପ୍ରୟାସ କରିଥିଲେ । ତାହା ଥିଲା ୧୮୮୬ ମସିହା ମାର୍ଗଶିର ମାସର ପୂର୍ଣ୍ଣିମା । ବାବାଙ୍କୁ ଭୀଷଣ ଶ୍ୱାସକଷ୍ଟ ହେଲା ଏବଂ ଏଥିରୁ ମୁକ୍ତି ନିମନ୍ତେ ସେ ତାଙ୍କର ପ୍ରାଣ ବ୍ରହ୍ମାଣ୍ଡରେ ଲୀନ କରି ସମାଧି ନେବାକୁ ନିଷ୍ପତ୍ତି କଲେ । ଭକ୍ତ ମହଲସାପତିଙ୍କୁ ସେ କହିଲେ 'ତୁମେ ମୋର ଶରୀରକୁ ତିନିଦିନ ପର୍ଯ୍ୟନ୍ତ ଜଗିରହିବ, ଯଦି ମୁଁ ଫେରିଆସୁଛି ତ ଠିକ୍, ନଚେତ (ଗୋଟିଏ ସ୍ଥାନକୁ ଇଙ୍ଗିତ କରି) ସେହି ସ୍ଥାନରେ ମୋର ସମାଧି ତିଆରି କରିବ ଏବଂ ଦୁଇଟି ଧ୍ୱଜା ସ୍ମୃତିସ୍ୱରୂପ ସ୍ଥାପନ କରିବ ।' ଏତିକି କହି ରାତି

ପ୍ରାୟ ଦଶଟା ସମୟରେ ବାବା ଶଯ୍ୟାଶାୟୀ ହୋଇଗଲେ । ତାଙ୍କର ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଗଲା ଏବଂ ଜଣାଗଲା ଯେପରି ଶରୀରରେ ଆଉ ପ୍ରାଣ ନାହିଁ । ଖବର ପାଇ ଗ୍ରାମର ଲୋକମାନେ ଦେଖିବାକୁ ଆସିଲେ । ସମସ୍ତେ ତାଙ୍କର ଶରୀରକୁ ପରୀକ୍ଷା କରିବା ପରେ ପ୍ରାଣବାୟୁ ଚାଲିଯାଇଥିବା ଅନୁଭବକରି ତାଙ୍କଦ୍ୱାରା ନିର୍ଦ୍ଦେଶିତ ସ୍ଥାନରେ ସମାଧି ଦେବାକୁ ନିଷ୍ପତ୍ତି କଲେ । କିନ୍ତୁ ଭକ୍ତ ମହଲସାପତି ବାରଣ କଲେ ଏବଂ ବାବାଙ୍କର ଶରୀରକୁ ତାଙ୍କ କୋଳରେ ତିନିଦିନ ପର୍ଯ୍ୟନ୍ତ ରଖି ଅପେକ୍ଷା କଲେ । ତିନିଦିନ ଅତିବାହିତ ହେଲା । ସମସ୍ତଙ୍କର ଉତ୍କଣ୍ଠା ବଢ଼ିଚାଲିଥିଲା । ମହଲସାପତିଙ୍କ ଧୈର୍ଯ୍ୟବନ୍ଧ ଭାଙ୍ଗିବା ପ୍ରାୟ ଅବସ୍ଥା । ରାତି ପାହିବାକୁ ଆଉ କେଇ ଘଣ୍ଟା ବାକି ଥାଏ । ରାତି ପ୍ରାୟ ୩ଟା ସମୟ ହେବ । ଏହି ସମୟରେ ପ୍ରାଣ ଫେରିବାର ସଂକେତ ଦେଖାଗଲା । ଶ୍ୱାସକ୍ରିୟା ପୁନଃ ଚାଲୁ ହେଲା ଏବଂ ଅଙ୍ଗପ୍ରତ୍ୟଙ୍ଗ ସ୍ୱାଭାବିକ ଭାବରେ କାର୍ଯ୍ୟ କରିବା ଜଣାଗଲା । ଧୀରେ ଧୀରେ ବାବା ନେତ୍ର ଖୋଲିଲେ ଓ କଡ଼ ଲେଉଟାଇ ପୁନଃଚେତନାରେ ଜାଗ୍ରତ ହୋଇଗଲେ ।

ଏହି ଘଟଣା ତଥା ଅନ୍ୟାନ୍ୟ ବିଷୟରୁ ପାଠକଗଣ ବିଚାର କରନ୍ତୁ ଯେ ବାବା କ'ଣ କେବଳ ସାଢ଼େ ତିନି ହାତ ଲମ୍ୱର ଏକ ସାଧାରଣ ମାନବ ଥିଲେ, ଯେଉଁ ଦେହକୁ କିଛି ବର୍ଷ ଧାରଣ କରିବା ପରେ ତାକୁ ପରିତ୍ୟାଗ କରିଦେଇଥିଲେ ନା ସ୍ୱୟଂ ଆତ୍ମଜ୍ୟୋତିସ୍ୱରୂପ ଥିଲେ । ପଞ୍ଚମହାଭୂତରେ ନିର୍ମିତ ହୋଇଥିବାରୁ ଏହି ଶରୀର ତ ବିନାଶଶୀଳ ଓ କ୍ଷଣସ୍ଥାୟୀ କିନ୍ତୁ ଅନ୍ତଃକରଣରେ ଯେଉଁ ଆତ୍ମା ରହିଛି, ତାହା ଶାଶ୍ୱତ ଓ ଚିରନ୍ତନ । ଏହି ଶୁଦ୍ଧ ଚୈତନ୍ୟଘନସ୍ୱରୂପ ବା ବ୍ରହ୍ମ, ଯିଏକି ଇନ୍ଦ୍ରିୟ ଓ ମନର ନିୟନ୍ତକ ତଥା କର୍ତ୍ତା ସେ ହେଉଛନ୍ତି ସାଇ । ସକଳ ସଂସାରରେ ସେ ବିଦ୍ୟମାନ ଏବଂ ତାହା ବ୍ୟତିରେକ ସତ୍ତା ନାହିଁ । ତାଙ୍କର ଅବତାର କାର୍ଯ୍ୟ ପୂରଣ ନିମିତ୍ତ ସେ ଦେହ ଧାରଣ କଲେ ଏବଂ ତାହା ପୂର୍ଣ୍ଣ ହେବା ପରେ ସେହି ଶରୀରକୁ ତ୍ୟାଗ କରି ପୁନଃ ତାଙ୍କର ଶାଶ୍ୱତ ଏବଂ ଅନନ୍ତ ସ୍ୱରୂପ ଧାରଣ କଲେ । ଶ୍ରୀ ଦତ୍ତାତ୍ରେୟଙ୍କର ପୂର୍ଣ୍ଣ ଅବତାର, ଗଙ୍ଗାପୁରର ନୃସିଂହ ସରସ୍ୱତୀଙ୍କ ସଦୃଶ ଶ୍ରୀ ସାଇ ମଧ୍ୟ ଚିରଞ୍ଜୀବୀ ଏବଂ ସର୍ବଦା ବିଦ୍ୟମାନ । ତାଙ୍କର ନିର୍ବାଣ କେବଳ ଏକ ଔପଚାରିକତା ମାତ୍ର, ସମସ୍ତ ଜଡ଼ ଓ ଚେତନ ପଦାର୍ଥରେ ସେ ବ୍ୟାପ୍ତ ଏବଂ ସର୍ବଭୂତର ସଞ୍ଚାଳକ ତଥା ନିୟନ୍ତ୍ରଣକର୍ତ୍ତା ଅଟନ୍ତି । ଏହାକୁ ଏବେ ବି ଅନୁଭବ କରାଯାଉଛି ଏବଂ ଅନେକ କରୁଛନ୍ତି । ଯିଏ ଅନନ୍ୟ ଭାବରେ ତାଙ୍କର ଶରଣାଗତ ହୁଏ ଏବଂ ଯିଏ ପୂର୍ଣ୍ଣ ଅନ୍ତଃକରଣରେ ତାଙ୍କର ଉପାସନା କରେ ସେମାନେ ପ୍ରତି କ୍ଷଣରେ ତାହା ଅନୁଭବ କରୁଛନ୍ତି । ଯଦିଓ ସ୍ୱଶରୀରରେ ବାବାଙ୍କୁ ଏବେ ଆଉ ଦେଖିବାକୁ ମିଳିବ ନାହିଁ ତଥାପି ଯଦି ଆମେ ଶିରିଡ଼ି ଯିବା ତାଙ୍କର ଜୀବନ୍ତସମ ଏକ ଚିତ୍ର ଦ୍ୱାରକାମାୟୀରେ ଶୋଭାମଣ୍ଡିତ କରୁଥିବା ଦେଖିବାକୁ ପାଇବା । ବାବାଙ୍କର ଜଣେ ପ୍ରସିଦ୍ଧ ଭକ୍ତ ଚିତ୍ରକର ଶ୍ୟାମରାଓ ଜୟକର ଏହାକୁ ଆଙ୍କିଛନ୍ତି ।

କଳ୍ପନାଶୀଳ ଦର୍ଶକ ଏବଂ ଭକ୍ତଗଣଙ୍କୁ ଏହି ଚିତ୍ର ଏବେ ବି ବାବାଙ୍କର ସାକ୍ଷାତ ଦର୍ଶନ ସ୍ୱରୂପ ସନ୍ତୋଷ ଓ ସୁଖ ପ୍ରଦାନ କରୁଛି । ବାବା ସଶରୀରରେ ନାହାନ୍ତି, କିନ୍ତୁ ସେ ସର୍ବଭୂତରେ ବ୍ୟାପ୍ତ ଅଟନ୍ତି ଏବଂ ଭକ୍ତମାନଙ୍କର ମଙ୍ଗଳ ପୂର୍ବବତ କରୁଛନ୍ତି, କରୁଥିବେ, ଯେପରିକି ସେ ସଶରୀରରେ କରୁଥିଲେ । ବାବା ଅମର, ତାଙ୍କର ନରଦେହ ଧାରଣ ଏକ ଆବରଣ ମାତ୍ର; କିନ୍ତୁ ସେ ତ ସ୍ୱୟଂ ଭଗବାନ ଶ୍ରୀ ହରି ଅଟନ୍ତି, ଯିଏ ସମୟ ସମୟରେ ଭୂପୃଷ୍ଠରେ ଅବତୀର୍ଣ୍ଣ ହୋଇଥାନ୍ତି ।

**ବାପୁସାହେବ ଯୋଗଙ୍କର ସନ୍ନ୍ୟାସ :** ବାପୁସାହେବ ଯୋଗଙ୍କର ସନ୍ନ୍ୟାସ ବିଷୟ ଆଲୋଚନା କରି ହେମାଡପନ୍ତ ଏହି ଅଧ୍ୟାୟ ସମାପ୍ତ କରୁଛନ୍ତି । ସଖାରାମ ହରି ଓରଫ ବାପୁସାହେବ ଯୋଗ ପିଡବ୍ଲ୍ୟୁଡି ବିଭାଗରେ ସୁପରଭାଇଜର ଥିଲେ । ଅବସର ପରେ ସେ ସପତ୍ନୀକ ଶିରିଡ଼ି ଆସିଲେ । ତାଙ୍କର କୌଣସି ସନ୍ତାନ ନଥିଲା । ପତି ଓ ପତ୍ନୀ ଉଭୟଙ୍କର ସାଇ ଚରଣରେ ଅଟଳ ଶ୍ରଦ୍ଧା ଥିଲା । ବାବାଙ୍କର ପୂଜା ଓ ସେବାରେ ସେମାନେ ଦିନ କଟାଇଦେଉଥିଲେ । ମେଘାଙ୍କ ତିରୋଧାନ ପରେ ବାପୁସାହେବ ଯୋଗ ବାବାଙ୍କର ମହାସମାଧି ପର୍ଯ୍ୟନ୍ତ ଦ୍ୱାରକାମାୟୀ ଏବଂ ଚଭାଡ଼ିରେ ପ୍ରତ୍ୟହ ଆରତି କରୁଥିଲେ । ସାଠେୱାଡ଼ାରେ ଜ୍ଞାନେଶ୍ୱରୀ ଏବଂ ଏକନାଥୀ ଭାଗବତ ଉପରେ ପ୍ରବଚନ ତଥା ତାହାର ଭାବାର୍ଥ ଶ୍ରୋତାମାନଙ୍କୁ ବୁଝାଇବା ଦାୟିତ୍ୱ ତାଙ୍କୁ ପ୍ରଦାନ କରାଯାଇଥିଲା । ଅନେକ ବର୍ଷ ପର୍ଯ୍ୟନ୍ତ ଏପରି ସେବା କରିବାପରେ ଦିନେ ସେ ବାବାଙ୍କୁ ପ୍ରାର୍ଥନା କଲେ 'ହେ ମୋର ଜୀବନର ଆଧାର ! ଆପଣଙ୍କର ପୂଜନୀୟ ଚରଣର ଦର୍ଶନ କରି ସମସ୍ତ ପ୍ରାଣୀ ପରମ ଶାନ୍ତି ଲାଭ କରୁଛନ୍ତି । ଅନେକ ବର୍ଷ ଧରି ମୁଁ ନିରନ୍ତର ଏହି ଶ୍ରୀଚରଣର ସେବା କରିଆସୁଛି; କିନ୍ତୁ ଆପଣଙ୍କ ଚରଣଛାୟାର ଏତେ ନିକଟ ହୋଇ ମଧ୍ୟ କେଉଁ କାରଣରୁ ମୁଁ ଆପଣଙ୍କର କୃପାରୁ ବଞ୍ଚିତ ହୋଇଛି । ଏହି ଜୀବନରେ କି ସୁଖ ଅଛି, ଯଦି ମୋର ଚଞ୍ଚଳ ମନ ଶାନ୍ତ ଏବଂ ସ୍ଥିର ହୋଇ ଆପଣଙ୍କ ଶ୍ରୀଚରଣରେ ଲୀନ ନ ହେଲା ? ଭକ୍ତର ଏପରି ପ୍ରାର୍ଥନା ଶୁଣି ବାବାଙ୍କ ମନରେ ଦୟା ଆସିଗଲା । ସେ କହିଲେ କିଛିଦିନ ପରେ ତୁମର ସମସ୍ତ ଅଶୁଭ କର୍ମ ସମାପ୍ତ ହୋଇଯିବ ଏବଂ ପାପ ଓ ପୁଣ୍ୟ ଭସ୍ମୀଭୂତ ହୋଇଯିବ । ମୁଁ ତୁମକୁ ସେହିଦିନ ଭାଗ୍ୟବାନ ମନେ କରିବି, ଯେଉଁଦିନ ତୁମେ ଐନ୍ଦ୍ରିକ ବିଷୟକୁ ତୁଚ୍ଛ ମନେକରି ସମସ୍ତ ପଦାର୍ଥରୁ ବିରକ୍ତ ହୋଇ ପୂର୍ଣ୍ଣ ଓ ଅନନ୍ୟ ଭାବରେ ଈଶ୍ୱରଙ୍କ ଶରଣାଗତ ହୋଇ ସନ୍ନ୍ୟାସ ଧାରଣ କରିବ ।' କିଛିକାଳ ପରେ ବାବାଙ୍କର ବଚନ ସତ୍ୟ ପ୍ରମାଣିତ ହେଲା । ତାଙ୍କ ପତ୍ନୀଙ୍କର ଦେହାନ୍ତ ହେଲା । ଏହାପରେ ତାଙ୍କର ଅନ୍ୟ କୌଣସି ଜଞ୍ଜାଳ ନଥିଲା । ଶେଷ ଜୀବନରେ ସେ ସ୍ୱାଧୀନ ହୋଇଗଲେ ଏବଂ ସନ୍ନ୍ୟାସ ଧାରଣ କରି ଜୀବନର ଲକ୍ଷ୍ୟ ପ୍ରାପ୍ତି କଲେ ।

**ବାବାଙ୍କର ଅମୃତତୁଲ୍ୟ ବଚନ :** ଦୟାନିଧି କୃପାଳୁ ଶ୍ରୀ ସାଇ ସମର୍ଥ ଦ୍ୱାରକାମାୟୀରେ ଅନେକ ଥର ନିମ୍ନଲିଖିତ ଅମୃତ ବାଣୀ ପ୍ରଦାନ କରିଥଲେ:-

**'ଯିଏ ମୋତେ ଅତ୍ୟଧିକ ପ୍ରେମ କରେ, ସେ ସର୍ବଦା ମୋର ଦର୍ଶନ ଲାଭ କରେ । ତାହା ପାଇଁ ମୋ ବିନା ସାରା ସଂସାର ଶୂନ୍ୟ ପରି । ସେ କେବଳ ମୋର ଲୀଳାଗାନ ହିଁ କରେ । ସେ ସତତ ମୋର ଧ୍ୟାନ କରେ ଏବଂ ସର୍ବଦା ମୋର ନାମ ହିଁ ଜପ କରେ । ଯିଏ ପୂର୍ଣ୍ଣ ରୂପରେ ମୋର ଶରଣାଗତ ହୋଇଯାଏ ଏବଂ ସର୍ବଦା ମୋତେ ସ୍ମରଣ କରେ, ତାର ଏହି ଋଣ ମୁଁ ତାକୁ ମୁକ୍ତି(ଆତ୍ମୋପଲବ୍ଧି)ପ୍ରଦାନ କରି ପରିଶୋଧ କରିବି । ଯିଏ ମୋତେ ଚିନ୍ତନ କରିବ ଏବଂ ମୋର ପ୍ରେମ ହିଁ ଯାହାର କ୍ଷୁଧା-ପିପାସା ଅଟେ ଏବଂ ଯିଏ ପ୍ରଥମେ ମୋତେ ଅର୍ପଣ ନକରି କିଛି ଖାଏ ନାହିଁ, ମୁଁ ତାର ଅଧୀନ ଅଟେ । ଯିଏ ଏହି ପ୍ରକାର ମୋର ଶରଣ ନିଏ, ସେ ମୋଠାରେ ଲୀନ ହୋଇ ଏକାକାର ହୋଇଯାଏ, ଯେପରି ନଦୀ ସମୁଦ୍ର ସହ ମିଶି ତଦାକାର ହୋଇଯାଇଥାଏ । ଅତଏବ ଗର୍ବ ଏବଂ ଅହଂକାର ପରିତ୍ୟାଗ କରି ତୁମେ ମୋ ପ୍ରତି, ଅର୍ଥାତ୍ ଯିଏ ତୁମର ହୃଦୟରେ ଆସୀନ, ପୂର୍ଣ୍ଣରୂପରେ ସମର୍ପିତ ହୋଇଯିବା ଉଚିତ ।**

**'ମୁଁ' କିଏ ? :** ଶ୍ରୀ ସାଇବାବା ଅନେକଥର କହିଛନ୍ତି ଯେ 'ମୁଁ' କିଏ ର ସନ୍ଧାନ ପାଇଁ ଅଧିକ ଦୂର ଯିବା ପ୍ରୟୋଜନ ନାହିଁ । ତୁମର ନାମ ଏବଂ ଆକାରର ଊର୍ଦ୍ଧ୍ୱରେ ମୁଁ ତୁମର ଅନ୍ତଃକରଣ ଏବଂ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଚୈତନ୍ୟଘନସ୍ୱରୂପ ବିଦ୍ୟମାନ ଅଟେ ଏବଂ ଏହା 'ମୁଁ'ର ସ୍ୱରୂପ ଅଟେ । ଏପରି ମନେ କରି ତୁମେ ନିଜ ଭିତରେ ତଥା ସମସ୍ତ ପ୍ରାଣୀଙ୍କ ମଧ୍ୟରେ ମୋତେ ହିଁ ଦର୍ଶନ କର । **ଯଦି ତୁମେ ନିତି ପ୍ରତିଦିନ ଏହାର ଅଭ୍ୟାସ କରିବ ତାହେଲେ ତୁମେ ମୋର ସର୍ବବ୍ୟାପକତାର ଅନୁଭୂତି ଶୀଘ୍ର ଲାଭ କରିପାରିବ ଏବଂ ମୋ ସାଥୀରେ ଅଭିନ୍ନତା ପ୍ରାପ୍ତ ହୋଇଯିବ ।** ସୁତରାଂ ହେମାଡପନ୍ତ ଶ୍ରଦ୍ଧା ଏବଂ ବିନମ୍ରତାର ସହିତ ପାଠକମାନଙ୍କୁ ନିବେଦନ କରୁଛନ୍ତି ଯେ ସେମାନେ ସମସ୍ତ ଦେବତା, ସନ୍ଥ ଏବଂ ଭକ୍ତଙ୍କର ଆଦର ଓ ସମ୍ମାନ କରିବା ଉଚିତ । ବାବା ସର୍ବଦା କହୁଥିଲେ **ଯିଏ ଅନ୍ୟକୁ କଷ୍ଟ ଦିଏ, ସେ ମୋର ହୃଦୟକୁ ଦୁଃଖ ଦିଏ ତଥା ମୋତେ କଷ୍ଟ ପହଞ୍ଚାଏ । ଏହାର ବିପରୀତ ଯିଏ ସ୍ୱୟଂ କଷ୍ଟ ସହ୍ୟ କରେ, ସେ ମୋର ଅଧିକ ପ୍ରିୟ ।** ବାବା ସମସ୍ତ ପ୍ରାଣୀଙ୍କ ମଧ୍ୟରେ ବିଦ୍ୟମାନ ଅଟନ୍ତି ଏବଂ ସେମାନଙ୍କର ସବୁ ପ୍ରକାର ରକ୍ଷା କରନ୍ତି । ସମସ୍ତ ଜୀବଙ୍କୁ ପ୍ରେମ କର, ଏହା ତାଙ୍କର ଆନ୍ତରିକ ଇଚ୍ଛା । ଏହି ପ୍ରକାର ବିଶୁଦ୍ଧ ଅମୃତମୟ ସ୍ତୋତ୍ର ତାଙ୍କର ଶ୍ରୀମୁଖରୁ ସର୍ବଦା ଝରୁଥିଲା । ଏଣୁ ଯିଏ ପ୍ରେମ ପୂର୍ବକ ବାବାଙ୍କର ଲୀଳାଗାନ କରିବେ ଅଥବା ଭକ୍ତିପୂର୍ବକ ତାକୁ ଶ୍ରବଣ କରିବେ, ସେ 'ସାଇ'ଙ୍କଠାରେ ଅବଶ୍ୟ ଅଭିନ୍ନତା ପ୍ରାପ୍ତ କରିବେ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।।ପଞ୍ଚଚତ୍ୱାରିଂଶତ୍( ୪୫ ) ଅଧାୟ ।।

### ନବନାଥଙ୍କ ସମାନ ଭକ୍ତି, ବାବାଙ୍କର ଶୟନ ନିମନ୍ତେ କାଷ୍ଠ ପଟା

**ପ୍ରସ୍ତାବନା :** ଗତ ତିନୋଟି ଅଧ୍ୟାୟରେ ବାବାଙ୍କର ନିର୍ବାଣ ବିଷୟ ବର୍ଣ୍ଣନା କରାଯାଇଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏବେ ବାବାଙ୍କର ସାକାର ରୂପ ଲୀନ ହୋଇଯାଇଛି କିନ୍ତୁ ତାଙ୍କର ନିରାକାର ସ୍ୱରୂପ ସର୍ବଦା ବିଦ୍ୟମାନ ରହିଛି । ଏ ପର୍ଯ୍ୟନ୍ତ କେବଳ ସେହିସବୁ ଘଟଣା ଓ ଲୀଳାମାନଙ୍କର ଉଲ୍ଲେଖ କରାଯାଇଛି, ଯାହା ବାବାଙ୍କର ଜୀବନକାଳରେ ଘଟିଥିଲା । ତାଙ୍କର ସମାଧି ପରେ ମଧ୍ୟ ଅନେକ ଲୀଳା ଘଟିଛି ଏବଂ ଏବେ ମଧ୍ୟ ଦେଖିବାକୁ ମିଳୁଛି, ଯେଉଁଥିରୁ ଏକଥା ସିଦ୍ଧ ହୁଏ ଯେ **ବାବା ଏବେ ବି ବିଦ୍ୟମାନ ଏବଂ ଆଗ ଭଳି ତାଙ୍କର ଭକ୍ତମାନଙ୍କର ରକ୍ଷଣ କରୁଛନ୍ତି ।** ବାବାଙ୍କର ଜୀବନ କାଳରେ ଯେଉଁ ବ୍ୟକ୍ତିମାନେ ତାଙ୍କର ସାନ୍ନିଧ୍ୟ ବା ସତ୍‌ସଂଗ ଲାଭ କରିଛନ୍ତି, ସେମାନଙ୍କର ଭାଗ୍ୟକୁ କିଏ କଳନା କରିପାରିବ ? ତଥାପି ଯଦି କେହି ଐନ୍ଦ୍ରିକ ଓ ସାଂସାରିକ ସୁଖରୁ ବୈରାଗ୍ୟ ପ୍ରାପ୍ତ ଲାଭନକଲେ ତାହେଲେ ତାକୁ ଦୁର୍ଭାଗ୍ୟ ଛଡ଼ା ଆଉ କ'ଣ କୁହାଯିବ ? ସେହି ସମୟରେ ଯାହା ଆଚରଣରେ ପ୍ରୟୋଗ କରିବାର ଥିଲା ବା ଏବେ ମଧ୍ୟ କରିବା ଉଚିତ, ତାହା ହେଉଛି ଅନନ୍ୟ ଭାବରେ ତାଙ୍କର ଆରାଧନା ଓ ସେବାରେ ନିମଗ୍ନ ହେବା । କୃତ୍ରିମ ପୂଜନରେ କି ଲାଭ ? ଯଦି ପୂଜା ବା ଧ୍ୟାନାଦି କରିବାର ଅଭିଳାଷ ଅଛି ତାହେଲେ ଶୁଦ୍ଧମନ ଏବଂ ଅନ୍ତଃକରଣ ରହିବା ଉଚିତ ।

ସ୍ୱାମୀ ପ୍ରତି ପତିବ୍ରତା ସ୍ତ୍ରୀର ଯେପରି ବିଶୁଦ୍ଧ ପ୍ରେମ ରହିଥାଏ, ସେହି ପ୍ରେମର ଉପମା କେବେ କେବେ ଲୋକେ ଶିଷ୍ୟ ଓ ଗୁରୁଙ୍କ ସମ୍ପର୍କର ଉଦାହରଣ ଦେଇ ବାଢ଼ିଥାନ୍ତି । କିନ୍ତୁ ଶିଷ୍ୟ ଏବଂ ଗୁରୁଙ୍କ ପ୍ରେମ ଆଗରେ ପତିବ୍ରତା ପତ୍ନୀର ପ୍ରେମ ମଧ୍ୟ ମ୍ଳାନ ପଡ଼ିଯାଏ ଏବଂ ତା'ର କୌଣସି ତୁଳନା ହୋଇପାରେ ନାହିଁ । ମାତା, ପିତା, ଭାଇ ବା ଅନ୍ୟ ଆତ୍ମୀୟମାନେ ଜୀବନର ଧ୍ୟେୟ(ଆତ୍ମସାକ୍ଷାତକାର) ପ୍ରାପ୍ତ କରିବାରେ କୌଣସି ସହାୟତା କରିପାରିବେ ନାହିଁ । ଏଥିପାଇଁ ନିଜକୁ ନିଜର ମାର୍ଗ ଅନ୍ୱେଷଣ କରି ଆତ୍ମାନୁଭୂତି ପଥରେ ଅଗ୍ରସର ହେବାକୁ ପଡ଼ିବ । ନିତ୍ୟ ଏବଂ ଅନିତ୍ୟର ବିବେକ, ଇହଲୌକିକ ତଥା ପାରଲୌକିକ ସୁଖ ତ୍ୟାଗ, ଇନ୍ଦ୍ରିୟନିଗ୍ରହ ଏବଂ କେବଳ ମୋକ୍ଷ ଉଦ୍ଦେଶ୍ୟ ରଖି ଅଗ୍ରସର ହେବା ଉଚିତ । ଅନ୍ୟ ଉପରେ ନିର୍ଭର କରିବା ପରିବର୍ତ୍ତେ ନିଜର ଆତ୍ମବିଶ୍ୱାସ ବୃଦ୍ଧି କରିବା ଆବଶ୍ୟକ । ଯେତେବେଳେ ଆମେ ଏହିପ୍ରକାର ବିବେକବୁଦ୍ଧିରେ କାର୍ଯ୍ୟ କରିବାକୁ ଅଭ୍ୟାସ କରିବା, ସେତେବେଳେ ଏହି ସଂସାର କ୍ଷଣଭଙ୍ଗୁର ଏବଂ ମିଥ୍ୟା ବୋଲି ଅନୁଭବ ହୋଇଯିବ । ଏହାପରେ ସାଂସାରିକ ବିଷୟରୁ

ଆସକ୍ତି କ୍ରମଶଃ ହ୍ରାସ ପାଇବ ଏବଂ ଶେଷରେ ବୈରାଗ୍ୟ ପ୍ରାପ୍ତି ହେବ । ଆହୁରି ଅଗ୍ରସର ହେଲେ ଏହି ରହସ୍ୟ ଜଣାପଡ଼ିବ ଯେ ବ୍ରହ୍ମ ଆମର ଗୁରୁ ବ୍ୟତୀତ ଅନ୍ୟ କେହି ନୁହନ୍ତି; ବରଂ ସେ ହିଁ ବାସ୍ତବରେ ପରମାତ୍ମା ଅଟନ୍ତି । ଆଉ ତାପରେ ଏହି ରହସ୍ୟ ଉଦ୍‌ଘାଟନ ହେବ ଯେ ଏହି ଦୃଶ୍ୟମାନ ଜଗତ ତାଙ୍କର ପ୍ରତିବିମ୍ବ । ଏଣୁ ସମସ୍ତ ପ୍ରାଣୀଙ୍କଠାରେ ତାଙ୍କର ରୂପ ଦର୍ଶନ କରି ତାଙ୍କର ଆରାଧନା ଆରମ୍ଭ କରିବା ବିଧେୟ । ଏହି ସମତ୍ୱଭାବ ଦୃଶ୍ୟମାନ ଜଗତରୁ ବିରକ୍ତିର ମୂଳମନ୍ତ୍ର । ଏହିପରି ଯେତେବେଳେ ଆମେ ବ୍ରହ୍ମ ବା ଗୁରୁଙ୍କୁ ଅନନ୍ୟଭାବରେ ଭକ୍ତି କରିବା ତାଙ୍କଠାରେ ଅଭିନ୍ନତା ଲାଭ କରିବା ଏବଂ ଆତ୍ମାନୁଭୂତି ପ୍ରାପ୍ତି ସହଜ ହେବ । ସଂକ୍ଷେପରେ ଏହା କୁହାଯାଇପାରେ ଯେ ଗୁରୁଙ୍କ କୀର୍ତ୍ତନ ଏବଂ ତାଙ୍କର ଧ୍ୟାନ କରିବା ଦ୍ୱାରା ହିଁ ସମସ୍ତ ଭୂତରେ ଭଗବତ୍ ଦର୍ଶନ କରିବାର ଯୋଗ୍ୟତା ଲାଭ ହୁଏ, ଫଳରେ ପରମାନନ୍ଦ ପ୍ରାପ୍ତି ହୁଏ । ନିମ୍ନଲିଖିତ କଥା ଏହି ତଥ୍ୟର ପ୍ରମାଣ ଅଟେ ।

## ।। ନବନାଥଙ୍କ ସମାନ ଭକ୍ତି ।।

**କାକାସାହେବଙ୍କର ସନ୍ଦେହ ତଥା ଆନନ୍ଦରାଓଙ୍କ ସ୍ୱପ୍ନ :** ଏହା ସର୍ବଜନବିଦିତ ଯେ ବାବା କାକାସାହେବ ଦୀକ୍ଷିତଙ୍କୁ ଏକନାଥ ମହାରାଜଙ୍କର ଦୁଇଟି ଗ୍ରନ୍ଥ ଶ୍ରୀମଦ୍ ଭାଗବତ ଓ ଭାବାର୍ଥ ରାମାୟଣ ନିତ୍ୟପାଠ କରିବାକୁ ଅନୁମତି ଦେଇଥିଲେ । କାକାସାହେବ ଏହି ଗ୍ରନ୍ଥଗୁଡ଼ିକର ନିୟମପୂର୍ବକ ପାଠ ବାବାଙ୍କ ସମୟରୁ କରିଆସୁଥିଲେ ଏବଂ ବାବା ସମାଧିସ୍ଥ ହେବା ପରେ ବି କରୁଥିଲେ । ଥରେ କାକାସାହେବ ମୁମ୍ବଇରେ କାକା ମହାଜନୀଙ୍କ ଘରେ ପ୍ରାତଃ ସମୟରେ ଏକନାଥୀ ଭାଗବତ ପାଠ କରୁଥିଲେ । ମାଧବରାଓ ଦେଶପାଣ୍ଡେ(ଶ୍ୟାମା) ଏବଂ କାକା ମହାଜନୀ ସେଠାରେ ଉପସ୍ଥିତ ଥିଲେ ତଥା ଧ୍ୟାନପୂର୍ବକ ଶ୍ରବଣ କରୁଥିଲେ । ସେହି ସମୟରେ ଏକାଦଶ ସ୍କନ୍ଧର ଦ୍ୱିତୀୟ ଅଧ୍ୟାୟର ପାରାୟଣ ଚାଲିଥିଲା, ଯେଉଁଥିରେ ନବନାଥ ଅର୍ଥାତ ଋଷଭ ବଂଶର ସିଦ୍ଧପୁରୁଷ ଯଥା କବି, ହରି, ଅନ୍ତରୀକ୍ଷ, ପ୍ରବୁଦ୍ଧ, ପିପ୍‌ଳାୟନ, ଆବିହୋତ୍ର, ଦ୍ରୁମିଳ, ଚମସ ଏବଂ କରଭାଜନଙ୍କର ବର୍ଣ୍ଣନା ରହିଛି । ଭାଗବତ ଧର୍ମର ମହିମା ଏହିମାନେ ରାଜା ଜନକଙ୍କୁ ବୁଝାଇଥିଲେ । ରାଜା ଜନକ  ଏହି ନବନାଥଙ୍କୁ ବହୁତ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନମାନ ପଚାରିଥିଲେ ଏବଂ ଏ ସମସ୍ତେ ତାଙ୍କର ଶଙ୍କା ବଡ଼ ସନ୍ତୋଷଜନକ ଭାବରେ ସମାଧାନ କରୁଥିଲେ । ଅର୍ଥାତ କବି- ଭାଗବତ ଧର୍ମ, ହରି- ଭକ୍ତିର ବିଶେଷତ୍ୱ, ଅନ୍ତରୀକ୍ଷ-ମାୟା କ'ଣ, ପ୍ରବୁଦ୍ଧ-ମାୟାରୁ ମୁକ୍ତି ହେବାର ବିଧି, ପିପ୍‌ଳାୟନ-ପରଂବ୍ରହ୍ମ ସ୍ୱରୂପ, ଆବିହୋତ୍ର-କର୍ମର ସ୍ୱରୂପ, ଦ୍ରୁମିଳ-ପରମାତ୍ମାଙ୍କ ଅବତାର ଓ ତାଙ୍କର କାର୍ଯ୍ୟ, ଚମସ-ନାସ୍ତିକର ମୃତ୍ୟୁ ପରେ ଗତି ଏବଂ କରଭାଜନ-କଳିକାଳରେ ଭକ୍ତିର ପଦ୍ଧତି ବିଷୟରେ ଯଥାବିଧି ବର୍ଣ୍ଣନା କରିଛନ୍ତି । ଏହାର ସାରକଥା ଏହା ଯେ କଳିଯୁଗରେ ମୋକ୍ଷପ୍ରାପ୍ତି କରିବାର

ଏକମାତ୍ର ସାଧନ ହରିକୀର୍ତ୍ତନ ବା ଗୁରୁଚରଣର ଚିନ୍ତନ ଅଟେ । ପାଠ ସମାପ୍ତ ହେବା ପରେ କାକାସାହେବ ବଡ଼ ନିରାଶପୂର୍ଣ୍ଣ ଭଙ୍ଗୀରେ ଶ୍ୟାମା ଓ ଅନ୍ୟମାନଙ୍କୁ କହିଲେ ନବନାଥଙ୍କର ଭକ୍ତି ଦେଖ ! ସେମାନେ ତ ସିଦ୍ଧ ଥିଲେ, କିନ୍ତୁ ଆମ ଭଳି ମୂର୍ଖମାନଙ୍କଠାରୁ ଏହି ପ୍ରକାର ଭକ୍ତି କେବେ ସମ୍ଭବ କି ? ଅନେକ ଜନ୍ମ ଧାରଣ କରିବା ପରେ ମଧ୍ୟ ଯଦି ସେହିପରି ଭକ୍ତି ପ୍ରାପ୍ତ ହେଲାନାହିଁ, ତାହେଲେ ମୋକ୍ଷ କିପରି ପ୍ରାପ୍ତ ହେବ ? ଏପରି ମନେ ହେଉଛି କି ଆମ ପାଇଁ କୌଣସି ଆଶା ନାହିଁ । ଏପରି ନିରାଶାସୂଚକ ମନ୍ତବ୍ୟ ଶ୍ୟାମାଙ୍କୁ ଭଲ ଲାଗିଲା ନାହିଁ । ସେ କହିଲେ ଏହା ଆମର ଅହୋଭାଗ୍ୟ, ଯାହାର ଫଳସ୍ୱରୂପ ସାଇସଦୃଶ ଅମୂଲ୍ୟ ହୀରା ଆମ ହାତରେ ଅଛି, ତେଣୁ ଏହିପରି ନିରାଶ ହେବା ଉଚିତ ନୁହେଁ । ଯଦି ତୁମର ବାବାଙ୍କ ଉପରେ ଅଟଳ ବିଶ୍ୱାସ ଅଛି ତାହେଲେ ଚିନ୍ତିତ ହେବାର କ'ଣ ଅଛି ? ଧରିନିଅ ନବନାଥଙ୍କର ଭକ୍ତି ଅପେକ୍ଷାକୃତ ଅଧିକ ଦୃଢ଼ ଏବଂ ପ୍ରବଳ ହୋଇଥିବ, କିନ୍ତୁ ଆମେ ମଧ୍ୟ ପ୍ରେମ ଏବଂ ସ୍ନେହପୂର୍ବକ ଭକ୍ତି କରୁନାହୁଁ କି ? ବାବା କ'ଣ ଅଧିକାରପୂର୍ଣ୍ଣ ବାଣୀରେ କହିନାହାନ୍ତି କି ଶ୍ରୀହରି ବା ଗୁରୁଙ୍କର ନାମ ଜପ ଦ୍ୱାରା ମୋକ୍ଷପ୍ରାପ୍ତି ହେବ । ତେଣୁ ଭୟ କିମ୍ବା ଚିନ୍ତା କାହିଁକି ? ତଥାପି ଶ୍ୟାମାଙ୍କ ବଚନରେ କାକାସାହେବଙ୍କ ଦ୍ୱନ୍ଦ୍ୱର ସମାଧାନ ହେଲା ନାହିଁ ଓ ସେ ଦିନସାରା ବିଚଳିତ ରହିଲେ । ତାଙ୍କ ମସ୍ତିଷ୍କକୁ ଏହି ପ୍ରଶ୍ନ ଆନ୍ଦୋଳିତ କରୁଥିଲା ଯେ କେଉଁ ବିଧିରେ ନବନାଥଙ୍କ ସମାନ ଭକ୍ତି ପ୍ରାପ୍ତି ସମ୍ଭବ ?

ଆନନ୍ଦରାଓ ପାଖର୍ଡ଼େ ନାମକ ଜଣେ ବ୍ୟକ୍ତି ଶ୍ୟାମାଙ୍କୁ ଖୋଜି ଖୋଜି ସେଠାରେ ପହଞ୍ଚିଲେ । ସେହି ସମୟରେ ଭାଗବତ ପାରାୟଣ ଚାଲିଥିଲା । ଶ୍ରୀ ପାଖର୍ଡ଼େ ଶ୍ୟାମାଙ୍କ ପାଖରେ ବସିଲେ ଏବଂ ଧୀରସ୍ୱରରେ କିଛି କହିଲେ । ସେ ତାଙ୍କର ସ୍ୱପ୍ନ ବୃତ୍ତାନ୍ତ ଶ୍ୟାମାଙ୍କୁ କହୁଥିଲେ । ସେମାନଙ୍କ ଭିତରେ କଥାବାର୍ତ୍ତା ଯୋଗୁ ଭାଗବତ ପାଠରେ ବିଘ୍ନ ସୃଷ୍ଟି ହେବାରୁ କାକାସାହେବ ପାରାୟଣ ଅଧାରଖି ଶ୍ୟାମାଙ୍କୁ ପଚାରିଲେ କି ବାର୍ତ୍ତାଳାପ ହେଉଛି ? ଶ୍ୟାମା କହିଲେ ଆପଣଙ୍କର ଗତକାଲିର ଶଙ୍କା ବାବା ଦୂର କରିଦେଇଛନ୍ତି । ବାବା ଗତକାଲି ଶ୍ରୀ ପାଖର୍ଡ଼େଙ୍କୁ ଯେଉଁ ସ୍ୱପ୍ନ ଦେଇଛନ୍ତି, ତାହା ତାଙ୍କଠାରୁ ଶ୍ରବଣ କରନ୍ତୁ । ବାବା କହିଲେ ଯେ **ବିଶେଷ ଭକ୍ତିର କୌଣସି ଆବଶ୍ୟକତା ନାହିଁ, କେବଳ ଗୁରୁଙ୍କୁ ନମନ କିମ୍ବା ତାଙ୍କର ଆରାଧନା କରିବା ଯଥେଷ୍ଟ ।** ସ୍ୱପ୍ନ ଶୁଣିବାର ଉତ୍କଣ୍ଠା ସମସ୍ତଙ୍କ ମନରେ ଥିଲା, ସବୁଠାରୁ ବେଶୀ କାକାସାହେବଙ୍କର । ସମସ୍ତଙ୍କ ଅନୁରୋଧ ପରେ ଶ୍ରୀ ପାଖର୍ଡ଼େ ତାଙ୍କର ସ୍ୱପ୍ନ ବୃତ୍ତାନ୍ତ ଶୁଣାଇଲେ । ସେ କହିଲେ 'ମୁଁ ଦେଖୁଛି ଯେ ମୁଁ ଏକ ଅତଳ ସାଗରରେ ଛିଡ଼ା ହୋଇଛି । ମୋର କମରଦେଶ ଯାଏ ପାଣିରେ ବୁଡ଼ି ରହିଛି ଏବଂ ମୁଁ ଯେତେବେଳେ ଉପରକୁ ଦୃଷ୍ଟିପାତ କରୁଛି, ଶ୍ରୀ ସାଇବାବାଙ୍କର ଦର୍ଶନ ହେଲା । ସେ ଏକ ରତ୍ନଖଚିତ ସିଂହାସନରେ ବିରାଜମାନ କରିଥିଲେ ଏବଂ ତାଙ୍କର ଶ୍ରୀଚରଣ ଜଳ ମଧ୍ୟରେ ବୁଡ଼ିରହିଥିଲା । ଏହି ସୁନ୍ଦର ଦୃଶ୍ୟ ଏବଂ ବାବାଙ୍କର ମନୋହର

ସ୍ୱରୂପ ଦେଖି ମୋର ଚିତ୍ତ ଆନନ୍ଦରେ ପୂରିଉଠିଲା । ଏହି ସ୍ୱପ୍ନକୁ କିଏ ବା ସ୍ୱପ୍ନ ମନେ କରିବ ? ମୁଁ ଦେଖିଲି ଶ୍ୟାମା ବାବାଙ୍କ ନିକଟରେ ଉପସ୍ଥିତ ହୋଇଛନ୍ତି ଏବଂ ସେ ମୋତେ ଶ୍ରଦ୍ଧାରେ କହିଲେ 'ଆନନ୍ଦରାଓ ! ବାବାଙ୍କର ଶ୍ରୀଚରଣରେ ଲୋଟିଯାଅ ।' ମୁଁ କହିଲି ମୋର ମଧ୍ୟ ଏହା ଇଚ୍ଛା, କିନ୍ତୁ ତାଙ୍କର ଶ୍ରୀଚରଣ ଜଳ ଭିତରେ ରହିଛି । ମୁଁ କିପରି ମଥା ରଖିବି । ମୁଁ ନିରୁପାୟ ।' ଏହା ଶୁଣି ଶ୍ୟାମା ବାବାଙ୍କୁ କହିଲେ 'ହେ ଦେବା ! କୃପାକରି ଆପଣଙ୍କର ଚରଣଯୁଗଳକୁ ଜଳମଧ୍ୟରୁ କାଢ଼ନ୍ତୁ । ବାବା ତୁରନ୍ତ ଚରଣ ବାହାର କଲେ ଏବଂ ମୁଁ ତାପରେ ଲୋଟିପଡ଼ିଲି । ବାବା ମୋତେ ଏହା କହି ଆଶୀର୍ବାଦ ଦେଲେ 'ଏବେ ତୁମେ ଆନନ୍ଦରେ ଯାଅ । ଚିନ୍ତା କରିବା ଦରକାର ନାହିଁ । ଏଣିକି ତୁମର ମଙ୍ଗଳ ହେବ ।' ସେ ମୋତେ ପୁଣି କହିଲେ ଯେ ଗୋଟିଏ ଜରିଲଗା ଧୋତି ଶ୍ୟାମାକୁ ଦେବ, ଏହାଦ୍ୱାରା ତୁମକୁ ବହୁତ ଲାଭ ହେବ ।'

ବାବାଙ୍କର ଆଦେଶ ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ଶ୍ରୀ ପାଖର୍ଡ଼େ ଧୋତି ଆଣିଥିଲେ ଏବଂ ତାକୁ କାକାସାହେବଙ୍କୁ ଦେଇ ଶ୍ୟାମାଙ୍କୁ ପ୍ରଦାନ କରିବାକୁ ନିବେଦନ କଲେ । କିନ୍ତୁ ଶ୍ୟାମା ତାକୁ ଗ୍ରହଣ କଲେ ନାହିଁ । ସେ କହିଲେ ଯେ ପର୍ଯ୍ୟନ୍ତ ବାବା ମୋତେ କୌଣସି ନିର୍ଦ୍ଦେଶ ବା ଅନୁମତି ଦେଇନାହାନ୍ତି, ସେ ପର୍ଯ୍ୟନ୍ତ ମୁଁ ଏହା ଗ୍ରହଣ କରିପାରିବି ନାହିଁ । କିଛି ସମୟ ତର୍କ-ବିତର୍କ ପରେ କାକା ଭଗବାନଙ୍କ ନାମରେ ଗୁଳା ପକାଇବାକୁ ସ୍ଥିର କଲେ । ଯେତେବେଳେ କୌଣସି ବିଷୟରେ ଦ୍ୱନ୍ଦ୍ୱ ଦେଖାଦେଉଥିଲା କାକା ବାବାଙ୍କ ନାମ ସ୍ମରଣ କରି ଦୁଇଟି କାଗଜ ଗୁଳା ପକାଉଥିଲେ ଓ ସେଥିରୁ ମିଳୁଥିବା ଆଦେଶକୁ କାର୍ଯ୍ୟକାରୀ କରୁଥିଲେ । ଏବେ ସେ ଦୁଇଟି ଗୁଳା ଲେଖି ବାବାଙ୍କ ଫଟୋ ସମ୍ମୁଖରେ ରଖିଲେ ଓ ଏକ ଅବୋଧ ବାଳକକୁ ଗୋଟିଏ ଗୁଳା ଉଠାଇବାକୁ କହିଲେ । ବାଳକଟି ଉଠାଇଥିବା ଗୁଳା ଯେତେବେଳେ ଖୋଲାଗଲା ସେଥିରେ ଆସ୍ତିସୂଚକ ଉତ୍ତର ଥିଲା । ଏହାପରେ ଶ୍ୟାମାଙ୍କୁ ଧୋତି ଗ୍ରହଣ କରିବାକୁ ପଡ଼ିଲା । ଏହି ପ୍ରକାର ଆନନ୍ଦରାଓ ଏବଂ ଶ୍ୟାମା ସନ୍ତୁଷ୍ଟ ହେଲେ ଏବଂ କାକାସାହେବଙ୍କର ସନ୍ଦେହ ମଧ୍ୟ ଦୂର ହୋଇଗଲା ।

ଏଥିରୁ ଆମକୁ ଏହି ଶିକ୍ଷା ମିଳୁଛି ଯେ **'ଆମେ ଅନ୍ୟ ସନ୍ଥମାନଙ୍କର ବଚନର ଉଚିତ ଆଦର କରିବା ଆବଶ୍ୟକ; କିନ୍ତୁ ଏଥିସହ ଏହା ମଧ୍ୟ ପ୍ରୟୋଜନ ଯେ ଆମେ ଆମର ମାଁ ବା ଗୁରୁଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ତାଙ୍କର ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବା ଉଚିତ, କାରଣ ଅନ୍ୟ ଲୋକମାନଙ୍କ ତୁଳନାରେ ସେମାନେ ଆମର କଲ୍ୟାଣ କଥା ଅଧିକ ଚିନ୍ତା କରିଥାନ୍ତି ।**

ବାବାଙ୍କର ନିମ୍ନଲିଖିତ ବଚନକୁ ହୃଦୟପଟଳରେ ଅଙ୍କିତ କରିନିଅ- **'ଏହି ବିଶ୍ୱରେ ଅସଂଖ୍ୟ ସନ୍ଥ ଅଛନ୍ତି, କିନ୍ତୁ ତୁମର ପିତା(ଗୁରୁ) ହିଁ ପ୍ରକୃତ ପିତା(ସଚ୍ଚା ଗୁରୁ) ଅଟନ୍ତି । ଅନ୍ୟମାନେ ଯେତେ ବି ମଧୁର ବଚନ କୁହନ୍ତୁ ନା କାହିଁକି କିନ୍ତୁ ନିଜର ଗୁରୁଙ୍କ ଆଦେଶକୁ କେବେ ଭୁଲିବା ଉଚିତ ନୁହେଁ ।** ସଂକ୍ଷେପରେ ସାର ହେଉଛି କି

ଶୁଦ୍ଧ ହୃଦୟରେ ତୁମର ଗୁରୁଙ୍କୁ ପ୍ରେମ କର, ତାଙ୍କର ଶରଣାଗତ ହୁଅ ଏବଂ ଶ୍ରଦ୍ଧାପୂର୍ବକ ସାଷ୍ଟାଙ୍ଗ ନମସ୍କାର କର । ତାପରେ ତୁମେ ଦେଖିବ ଯେ ତୁମ ସମ୍ମୁଖରେ ଭବସାଗରର ଅସ୍ତିତ୍ୱ ଏପରି ହୋଇଯିବ ଯେପରି ସୂର୍ଯ୍ୟଙ୍କ ସମ୍ମୁଖରେ ଅନ୍ଧକାର ଅଦୃଶ୍ୟ ହୋଇଯାଏ ।

**ବାବାଙ୍କର ଶୟନ ନିମନ୍ତେ କାଠପଟା :** ବାବା ତାଙ୍କର ଜୀବନର ପୂର୍ବାର୍ଦ୍ଧରେ ଗୋଟିଏ କାଠପଟା ଉପରେ ଶୟନ କରୁଥିଲେ । ସେହି ପଟା ଚାରି ହାତ ଲମ୍ବ ଏବଂ ନଅ ଇଞ୍ଚ ପ୍ରସ୍ଥ ଥିଲା । ତା'ର ଚାରି କୋଣରେ ମାଟିର ଚାରୋଟି ଦୀପ ଜଳୁଥିଲା । ପରେ ବାବା ତାହାକୁ ଖଣ୍ଡ ଖଣ୍ଡ କରିଦେଇଥିଲେ । (ପୂର୍ବରୁ ଏହାର ବର୍ଣ୍ଣନା କରାଯାଇଛି) ଥରେ ବାବା ସେହି ପଟାର ମହିମା କାକାସାହେବଙ୍କୁ କହୁଥିଲେ । ଏହା ଶୁଣି କାକାସାହେବ ବାବାଙ୍କୁ କହିଲେ ଯଦି ଏବେ ବି ତା' ପ୍ରତି ଆପଣଙ୍କର ଶ୍ରଦ୍ଧା ରହିଛି, ତାହେଲେ ମୁଁ ଆଉ ଗୋଟିଏ ପଟା ଆଣିଦେବି । ଆପଣ ସୁଖପୂର୍ବକ ତା ଉପରେ ଶୟନ କରିବେ । ବାବା କହିଲେ 'ଏବେ ମହଲସାପତିକୁ ତଳେ ଛାଡ଼ି ମୁଁ ଉପରେ ଶୋଇବାକୁ ଚାହୁଁନାହିଁ ।'

କାକାସାହେବ କହିଲେ 'ଯଦି ଅନୁମତି ଦିଅନ୍ତି ତାହେଲେ ମୁଁ ଆଉ ଗୋଟିଏ ପଟା ମହଲସାପତିଙ୍କ ଲାଗି ମଧ୍ୟ ଆଣିଦେବି । ବାବା କହିଲେ 'ସେ ଏହା ଉପରେ କିପରି ଶୋଇବ ? ଏହା କ'ଣ ସହଜ କଥା ? ଯିଏ ସେହିପରି ଗୁଣ ସମ୍ପନ୍ନ, ସେ ହିଁ ଏଥିନିମନ୍ତେ ଯୋଗ୍ୟ । ଯିଏ ନେତ୍ର ଖୋଲା ରଖି ନିଦ୍ରା ଯାଇପାରିବ, ସେ ହିଁ ଏହା କରିପାରିବ । ଯେତେବେଳେ ମୁଁ ଶୟନ କରେ, ଅଧିକାଂଶ ସମୟରେ ମହଲସାପତିକୁ ପାଖରେ ବସାଇ ତାକୁ କହେ କି ମୋର ହୃଦୟରେ ହାତ ରଖି ଦେଖ ଯେପରି ମୋର ଭାଗବତ ଜପ ବନ୍ଦ ହୋଇନଯାଏ ଏବଂ ମୋତେ ଯଦି ସାମାନ୍ୟ ନିଦ୍ରିତ ଦେଖିବ ତାହେଲେ ତୁରନ୍ତ ଜାଗ୍ରତ କରିଦେବ । କିନ୍ତୁ ତା' ଦ୍ୱାରା ସେତକ ବି ହୋଇପାରୁନଥିଲା । ସେ ଶୀଘ୍ର ଢୁଳେଇପଡୁଥିଲା ଏବଂ ନିଦ୍ରାମଗ୍ନ ଅବସ୍ଥାରେ ତା'ର ହାତ ଯେତେବେଳେ ମୋ ଛାତି ଉପରେ ପକାଉଥିଲା, ତାହା ପଥରପରି ପ୍ରତୀତ ହେଉଥିଲା । ମୁଁ ବଡ଼ ପାଟିରେ ଡାକୁଥିଲି 'ଓ ଭଗତ' । ତାପରେ ସେ ହଡ଼ବଡ଼େଇ ଆଖି ଖୋଲିଦେଉଥିଲା । ଯିଏ ପୃଥିବୀ ଉପରେ ଭଲକରି ବସି ଏବଂ ଶୋଇପାରିବ ନାହିଁ, ତଥା ଯାହାର ଆସନ ସିଦ୍ଧ ହୋଇନାହିଁ ଏବଂ ଯିଏ ନିଦ୍ରାର ଦାସ, ସେ କିପରି ଝୁଲନ୍ତା ପଟା ଉପରେ ଶୋଇପାରିବ ? ଅନ୍ୟ ଅନେକ ଅବସରରେ ବାବା ତାଙ୍କର ଭକ୍ତମାନଙ୍କୁ ଶ୍ରଦ୍ଧାରେ କହୁଥିଲେ ଯେ 'ଆମର ଭଲ ମନ୍ଦ ଆମ ପାଖରେ ଥାଉ ଆଉ ଯାହା ଅନ୍ୟ ଲୋକର ତାହା ତାଙ୍କ ପାଖରେ ।'

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।।ଷଟ୍‌ଚତ୍ୱାରିଂଶ (୪୬) ଅଧ୍ୟାୟ ।।

### ।।ବାବାଙ୍କର ଗୟା ଯାତ୍ରା, ଛାଗଳର ପୂର୍ବ ଜନ୍ମ କଥା ।।

ଏହି ଅଧ୍ୟାୟରେ ଶ୍ୟାମାଙ୍କର କାଶୀ, ପ୍ରୟାଗ ଏବଂ ଗୟା ଯାତ୍ରା ଏବଂ ବାବା କିପରି ସେଠାରେ ତାଙ୍କଠାରୁ ଆଗୁଆ ପହଞ୍ଚିଗଲେ(ଫଟୋ ରୂପରେ) ତଥା ଦୁଇ ଛାଗଳର ପୂର୍ବ ଜନ୍ମର କାହାଣୀ ବର୍ଣ୍ଣିତ ହୋଇଛି ।

**ପ୍ରସ୍ତାବନା :** ହେ ସାଇ ! ଧନ୍ୟ ଆପଣଙ୍କ ଶ୍ରୀଚରଣ, ଯାହାର ସ୍ମରଣ ଦ୍ୱାରା ଅଶେଷ ସୁଖପ୍ରାପ୍ତ ହୁଏ ! ଧନ୍ୟ ଆପଣଙ୍କ ଭବଭୟବିନାଶକ ସ୍ୱରୂପ ଦର୍ଶନ, ଯା'ର ଫଳସ୍ୱରୂପ କର୍ମବନ୍ଧନ ଦୂରହୁଏ । ଯଦିଓ ଏବେ ଆପଣଙ୍କର ସଗୁଣ ସ୍ୱରୂପର ଦର୍ଶନ ଆଉ ମିଳିବ ନାହିଁ, ତଥାପି ଯଦି ଭକ୍ତଗଣ ଆପଣଙ୍କର ଶ୍ରୀଚରଣରେ ଶ୍ରଦ୍ଧା ରଖନ୍ତି ତାହେଲେ ଆପଣ ସେମାନଙ୍କୁ ପ୍ରତ୍ୟକ୍ଷ ଅନୁଭବ ପ୍ରଦାନ କରନ୍ତି । ଏକ ଅଜ୍ଞାତ ଆକର୍ଷଣ ଶକ୍ତି ଦ୍ୱାରା ନିକଟସ୍ଥ କିମ୍ବା ଦୂରସ୍ଥ ଭକ୍ତଙ୍କୁ ପାଖକୁ ଟାଣିଆଣି ସେମାନଙ୍କୁ ଏକ ଦୟାଳୁ ମାତା ସଦୃଶ ହୃଦୟରେ ଲଗାନ୍ତି । ହେ ସାଇ ! ଭକ୍ତମାନେ ଜାଣନ୍ତି ନାହିଁ, ଆପଣଙ୍କର ନିବାସସ୍ଥଳ କେଉଁଠି କିନ୍ତୁ ଆପଣ ଏପରି କୁଶଳତାରେ ଡୋରି ଲଗାଇଦିଅନ୍ତି ଯେ ଶେଷରେ ସେମାନଙ୍କର ଅନୁଭବ ହୁଏ କି ସହାୟତା କରିବାକୁ ଆପଣ ପଛରେ ଦଣ୍ଡାୟମାନ ହୋଇଛନ୍ତି । ଅହଂକାରର ବଶବର୍ତ୍ତୀ ହୋଇ ବିଜ୍ଞ, ପଣ୍ଡିତ ଓ ଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ଭବସାଗରର ପଙ୍କରେ ଘାଣ୍ଟିହୁଅନ୍ତି; କିନ୍ତୁ ହେ ପ୍ରଭୁ ସାଇ, ଆପଣଙ୍କର ଶକ୍ତିଦ୍ୱାରା ଆପଣ ଅସହାୟ, ସରଳ ସ୍ୱଭାବର ବ୍ୟକ୍ତି ଓ ଭକ୍ତଗଣଙ୍କୁ ଏହି ପଙ୍କରୁ ରକ୍ଷା କରିଥାନ୍ତି । ପରଦା ଆଢୁଆଳରେ ଏବଂ ଅଦୃଶ୍ୟ ଭାବରେ ଆପଣ ହିଁ ସମସ୍ତ ଖେଳ ରଚନା କରନ୍ତି । ପୁଣି ଆପଣ ଏପରି ଅଭିନୟ କରନ୍ତି ଯେପରି ତା' ସହ କୌଣସି ସମ୍ବନ୍ଧ ନାହିଁ । କେହି ବି ଆପଣଙ୍କର ସମ୍ପୂର୍ଣ୍ଣ ଜୀବନ ଗାଥା ଜାଣିପାରନ୍ତି ନାହିଁ । ଏଣୁ କାୟମନୋବାକ୍ୟରେ ଆପଣଙ୍କର ଶ୍ରୀଚରଣରେ ଶରଣାଗତ ହେବା ଏବଂ କୃତପାପର ବିନାଶ ପାଇଁ ସର୍ବଦା ଆପଣଙ୍କର ନାମସ୍ମରଣ କରିବା ଭିନ୍ନ ଅନ୍ୟ ପନ୍ଥା ନାହିଁ । ଏହା ହିଁ ଆମ ପାଇଁ ଶ୍ରେୟସ୍କର ମାର୍ଗ । ଆପଣ ଭକ୍ତମାନଙ୍କର ମନୋକାମନା ପୂର୍ଣ୍ଣ କରନ୍ତି, କିନ୍ତୁ ଯେଉଁମାନେ ନିଷ୍କାମ ଭକ୍ତ ସେମାନଙ୍କୁ ପରମାନନ୍ଦ ପ୍ରଦାନ କରନ୍ତି । କେବଳ ଆପଣଙ୍କର ନାମଜପ ଭକ୍ତମାନଙ୍କ ପାଇଁ ସହଜ ସାଧନା ଅଟେ । ଏହାଦ୍ୱାରା ରାଜସିକ ଓ ତାମସିକ ଗୁଣ ହ୍ରାସପାଇ ସାତ୍ତ୍ୱିକ ଏବଂ ଧାର୍ମିକ ଗୁଣ ବିକଶିତ ହେବ । ଏହାସହ କ୍ରମଶଃ ବିବେକ, ବୈରାଗ୍ୟ ଓ ଜ୍ଞାନ ପ୍ରାପ୍ତି ହେବ । ଏହାପରେ ଆମେ ଆତ୍ମସ୍ଥିତ ହୋଇ ଗୁରୁଙ୍କ ସହିତ ଅଭିନ୍ନତା ପ୍ରାପ୍ତ କରିବା(ବାସ୍ତବରେ ଉଭୟ ଏକ) । ଏହାକୁ ଗୁରୁଙ୍କ ପ୍ରତି ପୂର୍ଣ୍ଣ ଶରଣାଗତି ବୋଲି କୁହାଯିବ । ଏହାର ନିଶ୍ଚିତ ସଂକେତ ହେଉଛି ମନ ସ୍ଥିର ଏବଂ

ଶାନ୍ତ ହୋଇଯିବ । ଏହି ଶରଣାଗତି, ଭକ୍ତି ଏବଂ ଜ୍ଞାନର ମହିମା ଅଦ୍ୱିତୀୟ, କାରଣ ଏହା ସହିତ ଶାନ୍ତି, ବୈରାଗ୍ୟ, କୀର୍ତ୍ତି, ମୋକ୍ଷ ଇତ୍ୟାଦିର ପ୍ରାପ୍ତି ମଧ୍ୟ ସୁଗମ ହୁଏ । ବାବା ଯଦି ଜଣକୁ ଭକ୍ତ ରୂପେ ଗ୍ରହଣ କରନ୍ତି ତାହେଲେ ସେ ସର୍ବଦା ତାହା ପାଖରେ ରହନ୍ତି, ଦିନ ହେଉ କି ରାତି, ସେ ନିକଟରେ ଥାଉ ବା ଦୂରରେ । ଭକ୍ତ ଯେଉଁଠାକୁ ବି ଯାଉନା କାହିଁକି, ବାବା କୌଣସି ନା କୌଣସି ରୂପରେ ସେଠାରେ ଆଗରେ ପହଞ୍ଚିଯାଆନ୍ତି । ନିମ୍ନଲିଖିତ କଥାରୁ ଏହା ସ୍ପଷ୍ଟ ହୁଏ ।

**ଗୟା ଯାତ୍ରା :** ବାବାଙ୍କ ପଦାରବିନ୍ଦରେ ସଂଯୁକ୍ତ ହେବାର କିଛି ବର୍ଷ ପରେ କାକାସାହେବ ଦୀକ୍ଷିତ ତାଙ୍କ ଜ୍ୟେଷ୍ଠ ପୁତ୍ର ବାପୁର ଉପନୟନ ସଂସ୍କାର ନାଗପୁରରେ କରିବାକୁ ସ୍ଥିର କଲେ । ଠିକ୍ ସେହି ସମୟରେ ନାନାସାହେବ ଚନ୍ଦୋରକର ମଧ୍ୟ ତାଙ୍କ ଜ୍ୟେଷ୍ଠ ପୁତ୍ରର ବାହାଘର ଗୋଆଲିଅରରେ ଧାର୍ଯ୍ୟ କଲେ । ଉଭୟ ଦୀକ୍ଷିତ ଓ ଚନ୍ଦୋରକର ଶିରିଡ଼ି ଆସିଲେ ଏବଂ ବାବାଙ୍କୁ ନିମନ୍ତ୍ରଣ କଲେ । ବାବା ତାଙ୍କର ପ୍ରତିନିଧି ରୂପେ ଶ୍ୟାମାଙ୍କୁ ଯିବାକୁ ପରାମର୍ଶ ଦେଲେ; କିନ୍ତୁ ଯେତେବେଳେ ବ୍ୟକ୍ତିଗତ ଭାବେ ତାଙ୍କୁ ସ୍ୱୟଂ ପଦାର୍ପଣ କରିବାକୁ ସେମାନେ ଅନୁରୋଧ କଲେ, ବାବା କହିଲେ ବନାରସ ଏବଂ ପ୍ରୟାଗ ସାରି ଆମେ ଶ୍ୟାମାଠାରୁ ଆଗ ପହଞ୍ଚିଯିବୁ ।' ପାଠକଗଣ ! ଏହି କଥାକୁ ଟିକିଏ ଧ୍ୟାନ ସହକାରେ ଶୁଣନ୍ତୁ, କାରଣ ଏହା ବାବାଙ୍କ ସର୍ବବ୍ୟାପକତାର ପରିଚୟ ।

ବାବାଙ୍କଠାରୁ ଅନୁମତି ନେଇ ଶ୍ୟାମା ପ୍ରଥମେ ନାଗପୁର ଓ ଗୋଆଲିଅର ଏବଂ ତାପରେ କାଶୀ, ପ୍ରୟାଗ ଓ ଗୟା ଯିବାକୁ ସ୍ଥିର କଲେ । ଆପ୍ପାକୋତେ ମଧ୍ୟ ଶ୍ୟାମାଙ୍କ ସହିତ ଯାତ୍ରା କଲେ । ପ୍ରଥମେ ବ୍ରତଘର କାର୍ଯ୍ୟରେ ଯୋଗଦେବା ପାଇଁ ସେମାନେ ନାଗପୁର ଗଲେ । କାକାସାହେବ ବାଟ ଖର୍ଚ୍ଚ ପାଇଁ ଶ୍ୟାମାଙ୍କୁ ଦୁଇଶହ ଟଙ୍କା ଦେଲେ । ସେଠାରୁ ସେମାନେ ବିବାହ ଉତ୍ସବରେ ଯୋଗଦେବା ନିମନ୍ତେ ଗୋଆଲିଅର ଗଲେ । ନାନାସାହେବ ଚନ୍ଦୋରକର ତାଙ୍କୁ ଶହେ ଟଙ୍କା ଏବଂ ଶ୍ରୀ ଜଠର ନାମରେ ତାଙ୍କର ଜଣେ ସମ୍ପର୍କୀୟ ଆଉ ଶହେ ଟଙ୍କା ଶ୍ୟାମାଙ୍କୁ ଦେଲେ । ସେଠାରୁ ଶ୍ୟାମା କାଶୀ ଗଲେ ଓ ତାପରେ ଅଯୋଧ୍ୟା । କାଶୀରେ ଶ୍ରୀ ଜଠରଙ୍କ ଲକ୍ଷ୍ମୀନାରାୟଣ ମନ୍ଦିରରେ ସେମାନଙ୍କର ସ୍ୱାଗତ କରାଗଲା । ଅଯୋଧ୍ୟାରେ ମଧ୍ୟ ଜଠରଙ୍କ ମ୍ୟାନେଜର ଶ୍ୟାମାଙ୍କର ସୁବ୍ୟବସ୍ଥା କଲେ । ଶ୍ୟାମା ଏବଂ କୋତେ ଅଯୋଧ୍ୟାରେ ୨୧ ଦିନ ତଥା କାଶୀରେ ଦୁଇ ମାସ ରହିବା ପରେ ଗୟା ଅଭିମୁଖେ ଗଲେ । ଗୟାରେ ପ୍ଲେଗ ରୋଗ ବ୍ୟାପିଥିବା ଖବର ରେଳଯାତ୍ରା ସମୟରେ ଶୁଣି ସେମାନଙ୍କ ମନ ଶଙ୍କାଗ୍ରସ୍ତ ଥିଲା । ତଥାପି ରାତିରେ ଗୟା ଷ୍ଟେସନରେ ଓହ୍ଲାଇଲେ ଏବଂ ଗୋଟିଏ ଧର୍ମଶାଳାକୁ ଗଲେ । ପରଦିନ ସକାଳେ ଗୟାର ଯାତ୍ରୀପଣ୍ଡା, ଯେଉଁମାନେ ଯାତ୍ରୀମାନଙ୍କର ରହିବା, ଖାଇବା ଆଦି ବ୍ୟବସ୍ଥା କରିଥାନ୍ତି, ସେଠାରେ ପହଞ୍ଚି କହିଲେ ସମସ୍ତ ଯାତ୍ରୀ ପ୍ରସ୍ଥାନ କଲେଣି, ଆପଣମାନେ ମଧ୍ୟ ଫେରିଯାଆନ୍ତୁ । ଶ୍ୟାମା ତାଙ୍କୁ କହିଲେ କ'ଣ ପ୍ଲେଗର ଭୟ ଅଛି ? ଯାତ୍ରୀପଣ୍ଡା

କହିଲେ 'ଆପଣ ମୋ ଘରେ ପହଞ୍ଚି ପ୍ରକୃତ ଅବସ୍ଥା ଅନୁଭବ କରିପାରିବେ ।' ଏହାପରେ ଶ୍ୟାମା ବନ୍ଧୁଙ୍କ ସହିତ ପହଞ୍ଚିଲେ । ତାଙ୍କର ଘର ଏକ ବିରାଟ ଅଟ୍ଟାଳିକା ସଦୃଶ ଥିଲା, ଯେଉଁଥିରେ ବହୁ ଯାତ୍ରୀଙ୍କ ବିଶ୍ରାମ ପାଇଁ ସୁବିଧା ଥିଲା । ଶ୍ୟାମାଙ୍କୁ ସେଠାରେ ରଖାଗଲା । ପରିବେଶ ଦୃଷ୍ଟିରୁ ଜାଗାଟି ଶ୍ୟାମାଙ୍କୁ ଖୁବ୍ ଭଲ ଲାଗିଲା । ପ୍ରବେଶକକ୍ଷର ଠିକ୍ ମଝିରେ ବାବାଙ୍କର ଗୋଟିଏ ବଡ଼ ଫଟୋ ଟଙ୍ଗାହୋଇଥିଲା । ତାକୁ ଦେଖି ଶ୍ୟାମାଙ୍କର ଆନନ୍ଦ କହିଲେ ନସରେ । ତାଙ୍କର ହୃଦୟ ପ୍ରେମଭାବରେ ପୂରିଉଠିଲା ଏବଂ ବାବାଙ୍କର ଉକ୍ତି ମନେ ପଡ଼ିଗଲା ଯେ 'କାଶୀ ଓ ପ୍ରୟାଗ ସାରି ମୁଁ ଶ୍ୟାମାଠାରୁ ଆଗ ପହଞ୍ଚିଯିବି ।' ଶ୍ୟାମାଙ୍କର ଆଖିରୁ ଅଶ୍ରୁଧାର ବହିବାକୁ ଲାଗିଲା, ଶରୀର ରୋମାଞ୍ଚିତ ହୋଇଉଠିଲା ଏବଂ କଣ୍ଠ ବାଷ୍ପରୁଦ୍ଧ ହୋଇଗଲା । କାନ୍ଦି କାନ୍ଦି ତାଙ୍କର ଗଳା ବସିଗଲା । ଯାତ୍ରୀପଣ୍ଡାଜଣକ ଶ୍ୟାମାଙ୍କର ଏପରି ଅବସ୍ଥା ଦେଖି ପ୍ଲେଗ ରୋଗର ଶଙ୍କାରେ ସେ ଭୟଭୀତ ହୋଇପଡ଼ିଛନ୍ତି ବୋଲି ମନେ କଲେ । ମାତ୍ର ଶ୍ୟାମା ତାଙ୍କୁ ତା'ର ବିପରୀତ ପ୍ରଶ୍ନ କଲେ ଯେ ବାବାଙ୍କର ଏହି ଫଟୋଟି ସେ କେଉଁଠୁ ପାଇଲେ ? ଯାତ୍ରୀପଣ୍ଡା କହିଲେ ତାଙ୍କର ଦୁଇତିନିଶହ ଏଜେଣ୍ଟ ମନମାଡ଼, ପୁଣାତାମ୍ବେ ପ୍ରଭୃତି ଅଞ୍ଚଳରେ କାର୍ଯ୍ୟରତ ଅଛନ୍ତି ତଥା ସେଠାରୁ ଗୟା ଆସୁଥିବା ଯାତ୍ରୀମାନଙ୍କର ଯତ୍ନ ନେଇଥାନ୍ତି । ସେମାନଙ୍କଠାରୁ ମୁଁ ଶିରିଡ଼ିର ସାଇ ମହାରାଜଙ୍କର କୀର୍ତ୍ତି ଶୁଣିଥିଲି । ପ୍ରାୟ ୧୨ ବର୍ଷ ତଳେ ମୁଁ ଶିରିଡ଼ି ଯାଇ ବାବାଙ୍କ ଦର୍ଶନ ସୁଯୋଗ ଲାଭ କରିଥିଲି ଏବଂ ସେଠାରେ ଶ୍ୟାମାଙ୍କ ଘରେ ଲାଗିଥିବା ତାଙ୍କର ଫଟୋଟି ପ୍ରତି ଆକର୍ଷିତ ହୋଇଥିଲି । ଶ୍ୟାମାଙ୍କର ପୂର୍ବ ସ୍ମୃତି ଜାଗ୍ରତ ହୋଇଗଲା ଏବଂ ଯେତେବେଳେ ଗୟା ଯାତ୍ରୀପଣ୍ଡା ଜାଣିଲେ ଯେ ଇଏ ହେଉଛନ୍ତି ସେହି ଶ୍ୟାମା, ଯିଏ ତାଙ୍କୁ ବାବାଙ୍କର ଉକ୍ତ ଫଟୋ ଦେଇ ଅନୁଗୃହୀତ କରିଥିଲେ, ସେ ଆଜି ତାଙ୍କର ଅତିଥି ହୋଇ ଆସିଛନ୍ତି ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ଉଭୟେ ବଡ଼ ପ୍ରେମ ସହକାରେ ବାର୍ତ୍ତାଳାପ କରିବାରେ ଲାଗିଲେ । ଯାତ୍ରୀପଣ୍ଡା ଶ୍ୟାମାଙ୍କୁ ରାଜକୀୟ ଢ଼ାଞ୍ଚାରେ ସତ୍କାର କଲେ । ସେ ଜଣେ ଧନୀ ବ୍ୟକ୍ତି ଥିଲେ । ନିଜେ ଏକ ପାଲିଙ୍କିରେ ବସିଲେ ଏବଂ ଶ୍ୟାମାଙ୍କୁ ହାତୀ ପିଠିରେ ବସାଇ ନଗର ପରିକ୍ରମା କଲେ ତଥା ତାଙ୍କର ସମସ୍ତ ସୁଖ ସୁବିଧା ପ୍ରତି ବିଶେଷ ଧ୍ୟାନ ଦେଲେ । ଏଥିରୁ ଏହା ସ୍ପଷ୍ଟ ହୁଏ ଯେ ବାବାଙ୍କର ଉକ୍ତି ଅକ୍ଷରେ ଅକ୍ଷରେ ସତ୍ୟ ପ୍ରମାଣିତ ହୁଏ । ଭକ୍ତମାନଙ୍କ ପ୍ରତି ତାଙ୍କର ପ୍ରେମର ତୁଳନା ନାହିଁ । କେବଳ ସେତିକି ନୁହେଁ, ସମସ୍ତ ପ୍ରାଣୀଙ୍କୁ ସେ ସମାନ ପ୍ରେମ କରୁଥିଲେ ଏବଂ ସେମାନଙ୍କୁ ତାଙ୍କର ସ୍ୱରୂପ ମନେ କରୁଥିଲେ । ନିମ୍ନଲିଖିତ କଥାରୁ ଏହା ସ୍ପଷ୍ଟ ହୁଏ ।

### ।। ଦୁଇ ଛାଗଳ କଥା ।।

ଦିନେ ବାବା ଲେଣ୍ଡିବାଗରୁ ଫେରୁଥିବାବେଳେ ବିପରୀତ ଦିଗରୁ ଏକ ଛେଳି ପଲ

ଆସିଲା । ତା'ମଧ୍ୟରୁ ଦୁଇଟି ଛେଳି ପାଖକୁ ଯାଇ ବାବା ପ୍ରେମସହକାରେ ସେମାନଙ୍କର ପିଠି ଆଉଁଶି ଦେଲେ ଓ ୩୨ଟଙ୍କା ଦେଇ କିଣିନେଲେ । ଉପସ୍ଥିତ ଭକ୍ତମାନଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେମାନେ ଭାବିଲେ ଯେ ବାବା ଠକିଗଲେ, କାରଣ ଛେଳି ଗୋଟିକର ଦାମ୍ ୨ ଟଙ୍କା ଭିତରେ ହୋଇଥାନ୍ତା । ବେଶୀ ହେଲେ ୩ରୁ ୪ ଟଙ୍କା କି ଅତି ବେଶୀ ହୋଇ ୮ ଟଙ୍କା ହୋଇଥାନ୍ତା । ମାତ୍ର ୧୬ ଟଙ୍କା ଗୋଟିଏ ଛେଳିର ମୂଲ୍ୟ ! ସେମାନେ ବାବାଙ୍କ ଉପରେ ଅସୁଖୀ ହେଲେ । ଶ୍ୟାମା ଓ ତାତ୍ୟା ସେମାନଙ୍କର ଅସନ୍ତୋଷ ପ୍ରକଟ କଲେ । ବାବା କହିଲେ 'ମୋର ଘରଦ୍ୱାର କି ପତ୍ନୀ ନାହିଁ, ଟଙ୍କା ରଖି କ'ଣ ହେବ ।' ଯାଅ, ଏହି ଟଙ୍କାରେ ବଜାରରୁ ଚାରି ସେର ଡାଲି କିଣି ସେମାନଙ୍କୁ ଖୁଆଅ । ଛେଳିଦୁଇଟି ଖାଇସାରିବା ପରେ ବାବା ତା'ର ମାଲିକଙ୍କ ହାତକୁ ଛେଳିଦୁଇଟିକୁ ଫେରାଇଦେଲେ । ଏହାପରେ ଛେଳିଦ୍ୱୟର ପୂର୍ବଜନ୍ମର କାହାଣୀ ନିମ୍ନପ୍ରକାର କହିଲେ: 'ଶ୍ୟାମା, ତାତ୍ୟା ! ତୁମେ ଭାବୁଛ ଯେ ମୁଁ ଏଥିରେ ଠକିଗଲି । ତାହା ନୁହେଁ । ଏବେ ଶୁଣ । ଗତ ଜନ୍ମରେ ଏହି ଦୁଇଜଣ ମନୁଷ୍ୟ ଶରୀରରେ ଜନ୍ମଗ୍ରହଣ କରିଥିଲେ ଏବଂ ମୋର ସାନ୍ନିଧ୍ୟ ଲାଭ କରିଥିଲେ । ସେମାନେ ଦୁଇ ସମ୍ପର୍କୀୟ ଭାଇ ଥିଲେ । ପ୍ରଥମେ ସେମାନଙ୍କ ଭିତରେ ବନ୍ଧୁତା ଥିଲା; ପରେ ଜଣେ ଅନ୍ୟଜଣକର ଶତ୍ରୁ ପାଲଟିଗଲେ । ବଡ଼ ଭାଇ ଅଳସୁଆ ଥିଲା । ସାନ ଭାଇ ପରିଶ୍ରମୀ ଓ ବହୁ ଧନ ରୋଜଗାର କରିଥିଲା । ଏଣୁ ବଡ଼ ଭାଇ ତାକୁ ଈର୍ଷା କରୁଥିଲା ଓ ହତ୍ୟା କରି ତା'ର ଧନ ଲୁଟି ନେବାକୁ କୌଶଳ କରୁଥିଲା । ରକ୍ତ ସମ୍ପର୍କକୁ ଭୁଲି ଉଭୟ କଳହରେ ମାତିଲେ । ବଡ଼ ଭାଇ ସାନଭାଇକୁ ହତ୍ୟା କରିବା ପାଇଁ ପ୍ରୟାସ କରୁଥିଲା; କିନ୍ତୁ ସଫଳ ହେଉନଥିଲା । ଏହାପରେ ଜଣେ ଅନ୍ୟଜଣକର ଚରମ ଶତ୍ରୁ ପାଲଟିଗଲେ । ଦିନେ ବଡ଼ ଭାଇ ଗୋଟିଏ ଠେଙ୍ଗା ନେଇ ସାନଭାଇର ମୁଣ୍ଡରେ ପ୍ରହାର କଲା । ସାନଭାଇ ମଧ୍ୟ ପ୍ରତି ଆକ୍ରମଣ କରି ବଡ଼ ଭାଇ ଉପରେ କୁରାଢ଼ି ଚୋଟ ପକାଇଲା । ପରିଣତିସ୍ୱରୂପ ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ଘଟିଲା । ଏହାପରେ କର୍ମାନୁସାରେ ଉଭୟଙ୍କୁ ଛେଳି ଯୋନି ପ୍ରାପ୍ତ ହେଲା । ଯେମିତି ସେମାନେ ମୋ ପାଖ ଦେଇ ଯାଉଥିଲେ, ସେମାନଙ୍କ ପୂର୍ବଜନ୍ମକଥା ମନେପଡ଼ିଯିବାରୁ ମୋ ମନରେ ଦୟା ଆସିଲା । ଏଥିପାଇଁ ମୁଁ ସେମାନଙ୍କୁ ଖୁଆଇବାକୁ ଇଚ୍ଛାକଲି । ତୁମେ ଭାବିଲ ଯେ ମୁଁ ଏତେ ଟଙ୍କା ଦେଇ ଛେଳି ଦୁଇଟି କିଣିଲି କାହିଁକି ? ଯେହେତୁ ତୁମକୁ ଏହା ଭଲ ଲାଗିଲା ନାହିଁ, ତେଣୁ ମୁଁ ଛେଳି ଦୁଇଟି ଫେରାଇଦେଲି । କେବଳ ମନୁଷ୍ୟ ନୁହେଁ, ସମସ୍ତ ପ୍ରାଣୀଙ୍କ ପ୍ରତି ବାବାଙ୍କ ହୃଦୟରେ ଏହିପରି ଅପାର ଦୟା ଥିଲା ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

# ସପ୍ତଚତ୍ୱାରିଂଶତ୍ ( ୪୭ ) ଅଧ୍ୟାୟ

## ସର୍ପ ଓ ମଣ୍ଡୂକର ପୂର୍ବଜନ୍ମ ବୃତ୍ତାନ୍ତ : ବୀରଭଦ୍ରାପ୍ପା ଏବଂ ଚେନବସାପ୍ପା

ଗତ ଅଧ୍ୟାୟରେ ବାବାଙ୍କ ଦ୍ୱାରା ଦୁଇଟି ଛେଳିର ପୂର୍ବ ଜନ୍ମର କଥା ବର୍ଣ୍ଣିତ ହୋଇଛି । ଏହି ଅଧ୍ୟାୟରେ ଆଉ କିଛି ପୂର୍ବଜନ୍ମର କାହାଣୀ ବର୍ଣ୍ଣନା କରିବା ।

**ପ୍ରସ୍ତାବନା :** ତ୍ରିଗୁଣାତୀତ ଜ୍ଞାନାବତାର ସାଇ ! କି ସୁନ୍ଦର ତାଙ୍କର ଦିବ୍ୟ ସ୍ୱରୂପ ଓ ଶ୍ରୀମୁଖର ଆଭା ! ଯାହାଙ୍କର ଗୋଟିଏ ପଲକ ଦର୍ଶନ ମାତ୍ରକେ ଅନେକ ଜନ୍ମର ପାପ ବିନାଶ ହୋଇ ସୁଖପ୍ରାପ୍ତ ହୁଏ । ଆଉ ଯଦି ତାଙ୍କର କୃପାଦୃଷ୍ଟି କାହା ଉପରେ ପତିତ ହୁଏ ତାହେଲେ କର୍ମବନ୍ଧନରୁ ମୁକ୍ତ ହୋଇ ପରମାନନ୍ଦ ପ୍ରାପ୍ତ ହୁଏ । ଗଙ୍ଗା ନଦୀରେ ସ୍ନାନ କରିବା ଦ୍ୱାରା ସମସ୍ତ ପାପ ଧୋଇ ଯାଇଥାଏ; କିନ୍ତୁ ଗଙ୍ଗାମାତା ମଧ୍ୟ ସନ୍ଥମାନଙ୍କର ଆଗମନକୁ ଉତ୍ସୁକତାର ସହ ପ୍ରତୀକ୍ଷା କରିରହିଥାନ୍ତି ଯେ କେତେବେଳେ ସେ ପଦାର୍ପଣ କରିବେ ଏବଂ ତାଙ୍କର କୋମଳ ଚରଣରଜରେ ତାଙ୍କୁ ପାବନ କରିଦୋଳିବେ । ଶ୍ରୀ ସାଇ ତ ସନ୍ଥ ଚୂଡ଼ାମଣି । ଏବେ ତାଙ୍କଠାରୁ ହୃଦୟ ପବିତ୍ରକାରକ ଏହି କଥା ଶୁଣନ୍ତୁ ।

**ସର୍ପ ଏବଂ ମଣ୍ଡୂକ :** ଶ୍ରୀ ସାଇବାବା କହିଲେ 'ଦିନେ ସକାଳ ୮ଟାବେଳେ ଜଳପାନ ପରେ ମୁଁ ବୁଲିବାକୁ ବାହାରିଲି । ବୁଲୁ ବୁଲୁ ଗୋଟିଏ ଛୋଟ ନଦୀ କୂଳରେ ପହଞ୍ଚିଲି । ମୁଁ ଟିକିଏ କ୍ଲାନ୍ତ ହୋଇପଡ଼ିଥିଲି, ଏଣୁ ସାମାନ୍ୟ ବିଶ୍ରାମ ନେବାକୁ ଇଚ୍ଛାକଲି । କିଛି ସମୟ ପରେ ହାତ ଗୋଡ଼ ଧୋଇଲି ଏବଂ ସ୍ନାନ କଲି । ତାପରେ ମୋର କ୍ଲାନ୍ତି ଦୂର ହେଲା ଏବଂ ଭଲ ଲାଗିଲା । ସେହି ସ୍ଥାନରେ ଗୋଟିଏ ପାଦଚଲା ଏବଂ ଶଗଡ଼ ଗାଡ଼ି ଯିବା ପାଇଁ ଆଉ ଗୋଟିଏ ରାସ୍ତା ଥିଲା । ରାସ୍ତାର ଦୁଇ ପାର୍ଶ୍ୱରେ ସଘନ ବୃକ୍ଷମାନ ଦଣ୍ଡାୟମାନ ହୋଇଥିଲା । ମଳୟ ପବନ ମନ୍ଦ ମନ୍ଦ ହୋଇ ବହୁଥିଲା । ମୁଁ ଚିଲମ ଭରୁଥିଲି, ଏହି ସମୟରେ ଗୋଟିଏ ବେଙ୍ଗର ଟିକ୍ ଟିକ୍ ଧ୍ୱନି ମୋ କାନରେ ପଡ଼ିଲା । ମୁଁ ଚକମକି ପଥର ଘଷି ନିଆଁ ବାହାର କରୁଥିଲି, ଏହି ସମୟରେ ଜଣେ ଯାତ୍ରୀ ମୋ ପାଖକୁ ଆସି ମୋତେ ପ୍ରଣାମ କଲା ତଥା ତା' ଘରକୁ ଯାଇ ଭୋଜନ ଓ ବିଶ୍ରାମ କରିବାକୁ ଅନୁରୋଧ କଲା । ଚିଲମ ଲଗାଇ ସେ ମୋତେ ବଢ଼ାଇଦେଲା । ଅପରପାର୍ଶ୍ୱରୁ ଗୋଟିଏ ବେଙ୍ଗର କ୍ରମାଗତ ଟିକ୍ ଟିକ୍ ଧ୍ୱନି ଶୁଣି ସେ କୌତୂହଳୀ ହୋଇପଡ଼ିଲା । ମୁଁ ତାକୁ କହିଲି ବେଙ୍ଗଟି ସଂକଟରେ ପଡ଼ିଛି, ପୂର୍ବଜନ୍ମର କର୍ମଫଳ ଭୋଗ କରୁଛି । **ପୂର୍ବଜନ୍ମର କର୍ମଫଳ ଏହି ଜନ୍ମରେ ଭୋଗିବାକୁ ପଡ଼ିବ, ଏଣୁ ଏବେ କାନ୍ଦିବା ବୃଥା ।** ଚିଲମ ଟାଣି ସେ ମୋତେ ବଢ଼ାଇଦେଲା ଓ ନିଜେ ଟିକେ ଦେଖିଆସିବାକୁ ଉଦ୍ୟତ ହେଲା । ମୁଁ ତାକୁ କହିଲି ବଡ଼ ସାପଟିଏ ଗୋଟିଏ ବେଙ୍ଗଟିକୁ ଗିଳିଦେଉଛି, ଏଣୁ ସେ ରୋଦନ କରୁଛି । ଉଭୟେ ପୂର୍ବଜନ୍ମରେ ଖଳପ୍ରକୃତିର ଥିଲେ ଏବଂ ଏବେ

କର୍ମଫଳ ଭୋଗ କରୁଛନ୍ତି । ସେହି ବ୍ୟକ୍ତିଜଣକ ଘଟଣାସ୍ଥଳକୁ ଯାଇ ଦେଖିଲାବେଳକୁ ସତକୁସତ କଳାରଂଗର ବଡ଼ ସାପଟିଏ ଗୋଟିଏ ବଡ଼ ବେଙ୍ଗକୁ ମୁହଁରେ ଚାପି ଧରିଛି । ସେଠାରୁ ଫେରି ସେ ମୋତେ କହିଲା ଯେ ଆଉ ଅଳ୍ପ ସମୟ ମଧ୍ୟରେ ସାପଟି ବେଙ୍ଗଟିକୁ ଗିଳିଦେବ । ମୁଁ କହିଲି 'ନା, ଏହା କେବେ ହୋଇପାରିବ ନାହିଁ, ତା'ର ସଂରକ୍ଷକ ପିତା ମୁଁ ଓ ଏବେ ଏଠାରେ ଉପସ୍ଥିତ ଅଛି । ସାପର କି ସାମର୍ଥ୍ୟ ଯେ ସେ ବିଚରା ବେଙ୍ଗକୁ ଗିଳିଦେବ ? କ'ଣ ମୁଁ ଖାଲିଟାରେ ଅଛି ? ଦେଖ, ଯେମିତି ହେଲେ ମଧ୍ୟ ମୁଁ ତାର ରକ୍ଷା କରିବି । ପୁଣି ଥରେ ଚିଲମ ଟାଣିବା ପରେ ଆମେ ସେଠାକୁ ଗଲୁ । ଆଗନ୍ତୁକଜଣକ ଭୟଭୀତ ହୋଇପଡ଼ିଲା ଏବଂ ମୋତେ ଆଗକୁ ଯିବାକୁ ବାରଣ କଲା, କାଳେ ସାପଟି ଆକ୍ରମଣ କରିବ ! ମୁଁ ତାର ଉକ୍ତି ପ୍ରତି ଧ୍ୟାନ ନଦେଇ ଆଗକୁ ଗଲି ଏବଂ ଉଭୟଙ୍କୁ କହିଲି, 'ଏ ବୀରଭଦ୍ରାପ୍ପା ! ବେଙ୍ଗ ହୋଇ ଜନ୍ମ ହେବା ପରେ ମଧ୍ୟ ତୋର ଶତ୍ରୁ ବାସାପ୍ପା ଆହୁରି ଅନୁତାପ କରିନାହିଁ । ତୁ ସାପ ହୋଇ ଜନ୍ମ ହେଲା ପରେ ମଧ୍ୟ ଆହୁରି ଶତ୍ରୁତା ରଖିଛୁ । ଲଜ୍ଜା ଲାଗିବା କଥା । ଘୃଣା ଛାଡ଼ି ଶାନ୍ତିରେ ରହ ।' ଏହି କଥା ଶୁଣି ସାପଟି ବେଙ୍ଗଟିକୁ ଛାଡ଼ିଦେଲା ଏବଂ କ୍ଷିପ୍ର ବେଗରେ ନଦୀଗର୍ଭରେ ଅଦୃଶ୍ୟ ହୋଇଗଲା । ବେଙ୍ଗଟି ମଧ୍ୟ କୁଦି ପଳାଇ ବୁଦା ଭିତରେ ଛପିଗଲା । ଆଗନ୍ତୁକଜଣକ ବଡ଼ ଆଚମ୍ଭିତ ହୋଇପଡ଼ିଲେ । ସେ ବୁଝିପାରିଲେ ନାହିଁ ବାବାଙ୍କର କଥା ଶୁଣି ସାପଟି କିପରି ବେଙ୍ଗଟିକୁ ଛାଡ଼ିଦେଲା । ବୀରଭଦ୍ରାପ୍ପା ଓ ଚେନବସାପ୍ପା କିଏ ? ସେମାନଙ୍କର ଶତ୍ରୁତାର କାରଣ କ'ଣ ? ଏସବୁ ପ୍ରଶ୍ନ ସେ ବାବାଙ୍କୁ ପଚାରିବାରେ ଲାଗିଲେ । ବାବା ତାଙ୍କୁ ନିକଟସ୍ଥ ଗଛମୂଳକୁ ଡାକିଆଣିଲେ ଏବଂ ସାମାନ୍ୟ ଚିଲମ ସେବନ ପରେ ସମସ୍ତ ରହସ୍ୟ ଶୁଣାଇବାକୁ ଲାଗିଲେ ।

'ମୋଠାରୁ ପ୍ରାୟ ୪-୫ ମାଇଲ ଦୂରରେ ଏକ ପ୍ରାଚୀନ ପବିତ୍ର ସ୍ଥଳ ଥିଲା । ସେଠାରେ ଏକ ମହାଦେବ ମନ୍ଦିର ଥିଲା । ମନ୍ଦିରଟି ବହୁ ପୁରାତନ ଓ ପରିତ୍ୟକ୍ତ ଅବସ୍ଥାରେ ଥିଲା, ତେଣୁ ସେଠାର ଅଧିବାସୀମାନେ ତାର ଜୀର୍ଣ୍ଣୋଦ୍ଧାର ଉଦ୍ଦେଶ୍ୟରେ କିଛି ଚାନ୍ଦା ସଂଗ୍ରହ କଲେ । ପର୍ଯ୍ୟାପ୍ତ ଅର୍ଥ ଠୁଳ ହେବାପରେ ନିତ୍ୟପୂଜା ବ୍ୟବସ୍ଥା ହେଲା ଓ ମନ୍ଦିରର ପୁନଃନିର୍ମାଣ ପାଇଁ ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରାଗଲା । ଅଞ୍ଚଳର ଜଣେ ଧନାଢ଼୍ୟ ବ୍ୟକ୍ତିଙ୍କୁ କୋଷାଧ୍ୟକ୍ଷ କରାଯାଇ ସମସ୍ତ କାର୍ଯ୍ୟର ଦେଖାଶୁଣା ଦାୟିତ୍ୱ ଦିଆଗଲା । ସାଧୁତାର ସହ ସମସ୍ତ କାର୍ଯ୍ୟ ତଦାରଖ କରିବା ସହିତ ଖର୍ଚ୍ଚ ଆଦିର ଠିକଣା ହିସାବ ରଖିବା ତାଙ୍କର କର୍ତ୍ତବ୍ୟ ଥିଲା; କିନ୍ତୁ ସେ ବଡ଼ କୃପଣ ସ୍ୱଭାବର ବ୍ୟକ୍ତି ଥିଲେ । ମରାମତିରେ ଅଳ୍ପ ଟଙ୍କା ଖର୍ଚ୍ଚ କଲେ, ଫଳରେ ମନ୍ଦିରର କାମ ଧିମେଇ ଗଲା । ତାପରେ ସମସ୍ତ ଅର୍ଥ ଖର୍ଚ୍ଚ ହୋଇସାରିଥିବା ଦର୍ଶାଇ କିଛି ଅର୍ଥ ହରିଲୁଟ କରିନେଲେ । ହାତରୁ ପଇସାଟିଏ ବି ଖର୍ଚ୍ଚ କରିନଥିଲେ । ସେ ଖୁବ୍ ମିଠା କଥା କହୁଥିଲେ ଏବଂ ବ୍ୟବହାର କୁଶଳ ଥିଲେ, ଏଣୁ ସମସ୍ତଙ୍କୁ ଚତୁରତାପୂର୍ବକ ବୁଝାଇ

ଦେଉଥିଲେ । ଲୋକମାନେ ତାଙ୍କର ମାୟା ବୁଝିନପାରି ପୁଣି ତାଙ୍କର ସହାୟତା ଲୋଡ଼ିଲେ । ଆଉ ଥରେ ଚାନ୍ଦା ଆଦାୟ କରି ତାଙ୍କୁ ଦେଲେ । କୃପଣ ବ୍ୟକ୍ତିଜଣକ ଚାନ୍ଦାତକ ନେଇଯାଇ ନୀରବରେ ବସିପଡ଼ିଲେ । କିଛିଦିନ ପରେ ମହାଦେବ ତାଙ୍କ ପତ୍ନୀଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ମନ୍ଦିରରେ କଳସ ବସାଇବାକୁ କହିଲେ । ତୁମେ ଏଥିରେ ଯାହା ଖର୍ଚ୍ଚ କରିବ ତା'ର ଶହେ ଗୁଣ ମୁଁ ତୁମକୁ ଦେବି ବୋଲି ମଧ୍ୟ ମହାଦେବ କହିଲେ । ପତ୍ନୀ ଏହି ସ୍ୱପ୍ନ କଥା ତାଙ୍କର ପତିଙ୍କୁ କହିଲେ । ପତି ପଇସା ଖର୍ଚ୍ଚ ହୋଇଯିବ ଭାବି ଭୟ କରିଗଲେ ଏବଂ ଏହା ଏକ ସ୍ୱପ୍ନ ବୋଲି କହି ତାଙ୍କର କଥାକୁ ହସି ଉଡ଼ାଇଦେଲେ । ସେ କହିଲେ ଯେ ଯଦି ପ୍ରକୃତରେ ଏହା ସତ୍ୟ, ତାହେଲେ ମହାଦେବ ମୋତେ ସ୍ୱପ୍ନରେ ଦର୍ଶନ ଦେଇ କହିନଥାନ୍ତେ ? ମୁଁ କ'ଣ ବେଶୀ ଦୂରରେ ଥିଲି ? ଏହା ଏକ ଖରାପ ସ୍ୱପ୍ନ । ପତି-ପତ୍ନୀଙ୍କ ଭିତରେ ସମ୍ପର୍କ ଖରାପ କରିବା ପାଇଁ ଏହା ଉଦ୍ଦିଷ୍ଟ ଭଳି ଜଣାପଡୁଛି । ପତିଙ୍କ ଏପ୍ରକାର ଅର୍ଥାନ୍ତରରେ ପତ୍ନୀ ନୀରବ ରହିବା ଛଡ଼ା ଉପାୟ ନଥିଲା । ଭଗବାନ ସର୍ବଦା ପ୍ରେମର କ୍ଷୁଧାଳୁ । ଶ୍ରଦ୍ଧା, ଭକ୍ତି ଓ କୃତଜ୍ଞତାର ସହ ପ୍ରଦାନ କରାଯାଉଥିବା ସାମାନ୍ୟ ଜିନିଷ ମଧ୍ୟ ସେ ଗ୍ରହଣ କରିଥାନ୍ତି । କିନ୍ତୁ କାହାର ଅନିଚ୍ଛା ବିରୁଦ୍ଧରେ ସଂଗ୍ରହ କରାଯାଇଥିବା ଅର୍ଥ, ଯେତେ ଅଧିକ ପରିମାଣର ହେଲେ ମଧ୍ୟ ଭଗବାନ ତାହା ଚାହାନ୍ତି ନାହିଁ । ଏଣୁ ସ୍ୱପ୍ନ କଥା ଛାଡ଼ । ଏପରି କହି କୃପଣ ପତି ପତ୍ନୀଙ୍କୁ ଆଶ୍ୱାସନା ଦେଲେ ।

କିଛିଦିନ ପରେ ମହାଦେବ ପୁଣି ତାଙ୍କ ପତ୍ନୀଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ 'ପତିଙ୍କର ବୃଥା କଥା ଏବଂ ତାଙ୍କ ପାଖରେ ଥିବା ଲୋକଙ୍କ ପାଣ୍ଠି ପାଇଁ ଚିନ୍ତା କର ନାହିଁ । ମନ୍ଦିର ନିର୍ମାଣ ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ବି ତାଙ୍କୁ କହ ନାହିଁ । ମୁଁ କେବଳ ଭାବ ଓ ଭକ୍ତି ଚାହୁଁଛି । ତେଣୁ ତୁମେ ତୁମର ନିଜର କିଛି ଯଦି ଦେବାକୁ ଚାହୁଁଛ ଦେଇପାର ।' ଏ ବିଷୟରେ ପତ୍ନୀ ପୁଣି ପତିଙ୍କ ପରାମର୍ଶ ଲୋଡ଼ିଲେ ଏବଂ ତାଙ୍କର ପିତାଙ୍କ ଦ୍ୱାରା ପ୍ରଦତ୍ତ ସ୍ୱର୍ଣ୍ଣାଳଙ୍କାର ଭଗବାନଙ୍କୁ ପ୍ରଦାନ କରିବାକୁ ନିଜର ଇଚ୍ଛା ଜଣାଇଲେ । କୃପଣ ବ୍ୟକ୍ତିଜଣକ ଏକଥା ଶୁଣି କ୍ରୋଧରେ ଲାଲ ହୋଇଗଲା ଏବଂ ଭଗବାନଙ୍କୁ ମଧ୍ୟ ଏବେ ଠକିବାକୁ ପଶ୍ଚାତପଦ ହେଲା ନାହିଁ । ସ୍ୱର୍ଣ୍ଣାଳଙ୍କାରର ମୂଲ୍ୟ ଅବମୂଲ୍ୟାୟନ କରି ମାତ୍ର ୧ ହଜାର ଟଙ୍କା ବୋଲି ପତ୍ନୀଙ୍କୁ କହିଲା ଓ ତାକୁ ନିଜେ କିଣିନେଇ ତାହାବଦଳରେ ଏକ ପଦା ପଡ଼ିଥିବା ଜମି ଦେବତାଙ୍କ ନାମରେ ପ୍ରଦାନ କରିବାକୁ ପ୍ରସ୍ତାବ ଦେଲା । ପତ୍ନୀ ଏଥିରେ ରାଜି ହୋଇଗଲେ । ତେବେ ଜମିଟି ପ୍ରକୃତରେ ତା'ର ନଥିଲା । ଦୁବକୀ ନାମକ ଜଣେ ଗରିବ ମହିଳାର ତାହା ଥିଲା । ଦୁଇଶହ ଟଙ୍କାରେ ସେ ସେହି ଜମିଟିକୁ ବନ୍ଧା ପକାଇଥିଲା ଏବଂ ଦୀର୍ଘବର୍ଷ ପରେ ମଧ୍ୟ ମୁକୁଳାଇ ପାରିନଥିଲା । ଏହିପରି କୃପଣ ବ୍ୟକ୍ତିଜଣକ ତା'ର ପତ୍ନୀ, ଭଗବାନ ଏବଂ ଦୁବକୀକୁ ଠକିଦେଲା । ଜମିଟି ଟାଙ୍ଗରା ହୋଇଥିବାରୁ ଅମଳ ଋତୁରେ ମଧ୍ୟ ସେଥିରେ ଫସଲ

ହେଉନଥିଲା । ତେଣୁ ଶେଷରେ ମନ୍ଦିର ପୂଜକ ଜିମାରେ ତାକୁ ଦିଆଗଲା ଓ ସେ ଏହାକୁ ପାଇ ବଡ଼ ଖୁସି ହେଲା ।'

କିଛି ଦିନ ପରେ ଏକ ବିଚିତ୍ର ଘଟଣା ଘଟିଲା । ଘୂର୍ଣ୍ଣିବାତ୍ୟା ହେଲା ଏବଂ ମୂଷଳ ଧାରାରେ ବର୍ଷା ହେଲା । ଉକ୍ତ କୃପଣର ଘର ଉପରେ ବଜ୍ରପାତ ହେଲା ଏବଂ ପତି-ପତ୍ନୀ ଦୁହିଁଙ୍କର ମୃତ୍ୟୁ ଘଟିଲା । ଦୁବକୀର ମଧ୍ୟ ବିୟୋଗ ହେଲା । ପର ଜନ୍ମରେ ସେହି କୃପଣ ମଥୁରାରେ ଏକ ବ୍ରାହ୍ମଣ କୁଳରେ ଜନ୍ମ ନେଲା ଓ ତା'ର ନାମ ହେଲା ବୀରଭଦ୍ରାପ୍ପା । ତା'ର ଧର୍ମପତ୍ନୀ ସେହି ମନ୍ଦିର ପୂଜକ ଘରେ କନ୍ୟା ହୋଇ ଜନ୍ମ ହେଲା ଏବଂ ତାର ନାମ ଗୌରୀ ହେଲା । ଦୁବକୀ ପୁରୁଷ ରୂପେ ମନ୍ଦିରର ସେବକ ବଂଶରେ ଜାତ ହେଲା ଏବଂ ତାର ନାମ ଚେନବସାପ୍ପା ହେଲା । ପୂଜକ ମୋର ବନ୍ଧୁ ଥିଲା ଏବଂ ଅଧିକାଂଶ ସମୟରେ ମୋ ପାଖକୁ ଯିବାଆସିବା କରୁଥିଲା, ବାର୍ତ୍ତାଳାପ କରୁଥିଲା ଏବଂ ସାଥୀ ହୋଇ ଚିଲମ ପିଉଥିଲା । ତା'ର କନ୍ୟା ଗୌରୀ ମୋର ଭକ୍ତ ଥିଲା । ସେ ଦିନକୁ ଦିନ ବଡ଼ ହେଉଥିଲା, ତେଣୁ ପିତା ତାକୁ ହାତକୁ ଦୁଇହାତ କରିଦେବାକୁ ବ୍ୟସ୍ତ ହେଉଥିଲା । ମୁଁ ତାକୁ ଚିନ୍ତା ନକରିବାକୁ ଓ କନ୍ୟା ଖୋଜିବା ପାଇଁ ଲୋକ ଆପେ ଘରକୁ ଆସିଯିବେ ବୋଲି କହିଲି । କିଛିଦିନ ପରେ ତାଙ୍କ ଜାତିର ବୀରଭଦ୍ରାପ୍ପା ନାମକ ଏକ ଯୁବକ ଭିକ୍ଷା ମାଗି ମାଗି ତାଙ୍କ ଘର ସମ୍ମୁଖରେ ପହଞ୍ଚିଲା । ମୋର ସମ୍ମତିରେ ଗୌରୀ ସହ ତାର ବିବାହ ସମ୍ପନ୍ନ ହେଲା । ପ୍ରଥମେ ତ ସିଏ ମୋର ଭକ୍ତ ଥିଲା, କିନ୍ତୁ ଏବେ କୃତଘ୍ନ ହୋଇଗଲା । ଏହି ନୂତନ ଜନ୍ମରେ ମଧ୍ୟ ତାର ଧନ-ଲୋଭ ଗଲା ନାହିଁ । କୌଣସି ଲାଭଜନକ ବ୍ୟବସାୟ ପରାମର୍ଶ ଦେବାକୁ ସେ ମୋତେ ଅନୁରୋଧ କଲା ।

ଏହାପରେ ଏକ ବିଚିତ୍ର ଘଟଣା ଘଟିଲା । ଅଚାନକ ପ୍ରତ୍ୟେକ ଜିନିଷର ଦରଦାମ ବଢ଼ିଗଲା । ଗୌରୀର ଭାଗ୍ୟକୁ ଜମିର ମୂଲ୍ୟ ବହୁଗୁଣ ବଢ଼ିଗଲା ଏବଂ ତାହା ଲକ୍ଷେ ଟଙ୍କା (ସ୍ୱର୍ଣ୍ଣାଳଙ୍କାର ମୂଲ୍ୟର ୧୦୦ଗୁଣରୁ ଅଧିକ ମୂଲ୍ୟ)ରେ ବିକ୍ରି ହେଲା । ୫୦ ହଜାର ଟଙ୍କା ନଗଦ ଆକାରରେ ଏବଂ ଅବଶିଷ୍ଟ ବର୍ଷକୁ ୨ ହଜାର ଟଙ୍କା କରି ୨୫ଟି କିସ୍ତିରେ ଦେବାକୁ କଥା ହେଲା । ସମସ୍ତେ ଏଥିରେ ରାଜି ହେଲେ, ତେବେ ଧନକୁ ନେଇ ଝଗଡ଼ା ସୃଷ୍ଟି ହେଲା । ଏହାପରେ ମୋ ପାଖକୁ ପରାମର୍ଶ ନେବାକୁ ସେମାନେ ଆସିଲେ । ମୁଁ କହିଲି ଭୂମି ତ ପ୍ରଭୁଙ୍କର ଆଉ ତାହା ପୂଜକକୁ ଦିଆଯାଇଥିଲା । ଏହାର ଉତ୍ତରାଧିକାରୀ ଓ ମାଲିକ ହେଉଛି ଗୌରୀ । ତେଣୁ ତା'ର ସମ୍ମତି ବିନା ଗୋଟିଏ ପଇସା ମଧ୍ୟ ଖର୍ଚ୍ଚ କରିବା ଉଚିତ ନୁହେଁ । ତା'ର ପତିର ମଧ୍ୟ ଏହା ଉପରେ କୌଣସି ଅଧିକାର ନାହିଁ । ମୋ କଥା ଶୁଣି ବୀରଭଦ୍ରାପ୍ପା କ୍ରୁଦ୍ଧ ହୋଇ କହିଲା ତୁମେ ଗୌରୀକୁ ଫୁସୁଲାଇ ତାର ଧନ ହଡ଼ପ କରିବାକୁ ଚାହୁଁଛ । ଏହିକଥା ଶୁଣିବା ପରେ ମୁଁ ଭଗବାନଙ୍କ ନାମ ନେଇ ନୀରବ ରହିବାକୁ ଶ୍ରେୟସ୍କର ମଣିଲି । ବୀରଭଦ୍ରାପ୍ପା ତାର

ପତ୍ନୀକୁ ଗାଳି ଓ ମାଡ଼ ଦେଲା । ଦ୍ୱିପ୍ରହର ସମୟରେ ଗୌରୀ ମୋ ପାଖକୁ ଆସି 'ସେହି ଲୋକମାନଙ୍କର କଥାକୁ ନଧରିବା ପାଇଁ ଅନୁରୋଧ କରି କହିଲା ମୁଁ ତ ଆପଣଙ୍କର କନ୍ୟା । ମୋ ପ୍ରତି କୃପା ଦୃଷ୍ଟି ରଖନ୍ତୁ ।' ଏହି ପ୍ରକାର ସେ ମୋର ଶରଣାଗତ ହେବାରୁ ମୁଁ ତାକୁ ବଚନ ଦେଲି ଯେ **'ମୁଁ ସାତ ସମୁଦ୍ର ପାର ହୋଇ ମଧ୍ୟ ତୋର ରକ୍ଷା କରିବି ।'** ତାପରେ ସେହି ରାତିରେ ଗୌରୀ ଏକ ସ୍ୱପ୍ନ ଦେଖିଲା । ମହାଦେବ ଆସି କହିଲେ ଏହି ସମ୍ପତ୍ତି ତୁମର, ଏଣୁ ସେଥିରୁ କାହାକୁ କିଛି ଦିଅ ନାହିଁ । ଚେନବସାପ୍ପାଙ୍କ ପରାମର୍ଶରେ କିଛି ଅର୍ଥ ମନ୍ଦିର ପାଇଁ ଖର୍ଚ୍ଚ କର । ଯଦି ଆଉ କୌଣସି କାର୍ଯ୍ୟରେ ତୁମର ଖର୍ଚ୍ଚ କରିବାର ଇଚ୍ଛା, ତାହେଲେ ମସଜିଦ୍‌କୁ ଯାଇ ବାବା(ସ୍ୱୟଂ)ଙ୍କ ପରାମର୍ଶରେ କର । ଗୌରୀ ଏକଥା ମୋତେ ଜଣାଇଲା ଓ ମୁଁ ତାକୁ ଉଚିତ ପରାମର୍ଶ ଦେଲି । ମୁଁ ତାକୁ କହିଲି ମୂଳଧନ ତୁମେ ନେଇଯାଅ ଏବଂ ସୁଧର ଅଧା ଅର୍ଥ ଚେନବସାପ୍ପାଙ୍କୁ ଦିଅ । ବୀରଭଦ୍ରାପ୍ପାର ଏଥିରେ କିଛି ମତଲବ ନାହିଁ । ଯେତେବେଳେ ମୁଁ ଏକଥା କହୁଥିଲି ବୀରଭଦ୍ରାପ୍ପା ଓ ଚେନବସାପ୍ପା ଝଗଡ଼ା କରି ସେଠାରେ ପହଞ୍ଚିଲେ । ମୁଁ ଉଭୟଙ୍କୁ ଶାନ୍ତ କରିବାକୁ ପ୍ରୟାସ କଲି ତଥା ମହାଦେବଙ୍କର ସ୍ୱପ୍ନ କଥା ମଧ୍ୟ ବର୍ଣ୍ଣନା କଲି । ବୀରଭଦ୍ରାପ୍ପା କ୍ରୋଧରେ ଉନ୍ମତ୍ତ ହୋଇଥିଲା ଏବଂ ଚେନବସାପ୍ପାକୁ ଟିକି ଟିକି କରି ମାରିଦେବାକୁ ଧମକ ଦେଲା । ଚେନାବସାପ୍ପା ବଡ଼ ଡରୁଆ ପ୍ରକୃତିର ଥିଲା । ସେ ମୋର ଗୋଡ଼ ଧରି କ୍ଷମାପ୍ରାର୍ଥନା କରିବାକୁ ଲାଗିଲା । ତାପରେ ମୁଁ ତାକୁ ଶତ୍ରୁତାରୁ ମୁକ୍ତ କରିଦେଲି । କିଛି ଦିନ ପରେ ଉଭୟଙ୍କର ମୃତ୍ୟୁ ହୋଇଗଲା । ବୀରଭଦ୍ରାପ୍ପା ସାପ ହେଲା ଏବଂ ଚେନବସାପ୍ପା ବେଙ୍ଗ । ଚେନବସାପ୍ପାର ଡାକ ଶୁଣି ତଥା ମୋର ପୂର୍ବ ବଚନର ସ୍ମୃତି କରି ଏଠାକୁ ଆସିଲି ଏବଂ ତାକୁ ଏହିପ୍ରକାର ରକ୍ଷା କରି ମୋର ବଚନ ପୂର୍ଣ୍ଣ କଲି । **'ସଂକଟ ସମୟରେ ଭଗବାନ ଦୌଡ଼ିଯାଇ ତା'ର ଭକ୍ତ ପାଖରେ ପହଞ୍ଚିଯାଆନ୍ତି । ସେ ମୋତେ ଏଠାକୁ ପଠାଇ ଚେନବସାପ୍ପାର ରକ୍ଷା କଲେ । ଏସବୁ ଈଶ୍ୱରଙ୍କ ଲୀଳା ।'**

**ଶିକ୍ଷା :** ଏହି କଥାରୁ ଏହି ଶିକ୍ଷା ମିଳୁଛି ଯେ **ଯିଏ ଯେପରି କାର୍ଯ୍ୟକରେ ସେପରି ଫଳ ପାଏ, ଯେ ପର୍ଯ୍ୟନ୍ତ ତାର ଭୋଗ ପୂର୍ଣ୍ଣ ନହୋଇଛି ।** ବିଗତ ଋଣ ଏବଂ ଅନ୍ୟମାନଙ୍କ ସହିତ ନେଣଦେଣର ବ୍ୟବହାର ଯେ ପର୍ଯ୍ୟନ୍ତ ପୂର୍ଣ୍ଣ ନହୋଇଛି, ସେ ପର୍ଯ୍ୟନ୍ତ ମୁକ୍ତି ସମ୍ଭବ ନୁହେଁ । ଧନ ଲୋଭ ମନୁଷ୍ୟକୁ ପତନମୁଖକୁ ନେଇଯାଏ ଏବଂ ଶେଷରେ ତା'ଦ୍ୱାରା ହିଁ ତାର ବିନାଶ ହୁଏ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

# ।।ଅଷ୍ଟଚତ୍ୱାରିଂଶତ୍ (୪୮) ଅଧ୍ୟାୟ ।।

## ସଦ୍‌ଗୁରୁଙ୍କ ଲକ୍ଷଣ, ପରୀକ୍ଷାରେ ଶେବଡ଼େଙ୍କ ସଫଳତା, ବାବାଙ୍କ ସତ୍ୟ ବଚନ ଓ ସନ୍ତାନ ଦାନ

ଏହି ଅଧ୍ୟାୟ ଆରମ୍ଭ କରିବା ପୂର୍ବରୁ ହେମାଡପନ୍ତ ପ୍ରଶ୍ନ କରିଛନ୍ତି ଯେ ସାଇବାବା ଗୁରୁ ନା ସଦ୍‌ଗୁରୁ ? ପୁଣି ଏହାର ଉତ୍ତର ଦେବାକୁ ଯାଇ ସଦ୍‌ଗୁରୁଙ୍କ ଲକ୍ଷଣ ନିମ୍ନପ୍ରକାରେ ବର୍ଣ୍ଣନା କରିଛନ୍ତି ।

**ସଦ୍‌ଗୁରୁଙ୍କ ଲକ୍ଷଣ :** ଯିଏ ବେଦ, ବେଦାନ୍ତ ତଥା ଷଡ଼ଶାସ୍ତ୍ରର ଶିକ୍ଷା ପ୍ରଦାନ କରନ୍ତି, ଯିଏ ନିଜର ଶ୍ୱାସକ୍ରିୟାକୁ ନିୟନ୍ତ୍ରଣକରି ସହଜ ମୁଦ୍ରା ଦର୍ଶନ କରନ୍ତି କିମ୍ବା ବ୍ରହ୍ମ ବିଷୟରେ ମଧୁର ପ୍ରବଚନ ଦିଅନ୍ତି, ଯିଏ ଶିଷ୍ୟମାନଙ୍କୁ ମନ୍ତ୍ରଦୀକ୍ଷା ଦିଅନ୍ତି ତଥା ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ଦ୍ଦିଷ୍ଟ ସଂଖ୍ୟକ ମନ୍ତ୍ର ଜପ କରିବାକୁ ଆଦେଶ ଦିଅନ୍ତି; କିନ୍ତୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କୌଣସି ଫଳଶ୍ରୁତିର ପ୍ରତିଶ୍ରୁତି ଦିଅନ୍ତି ନାହିଁ, ଯିଏ କେବଳ ନିଜର ବାକ୍‌ଚାତୁର୍ଯ୍ୟ ଦ୍ୱାରା ଜୀବନର ଅନ୍ତିମ ଧ୍ୟେୟ ସମ୍ପର୍କରେ ବକ୍ତବ୍ୟ ଦିଅନ୍ତି; କିନ୍ତୁ ନିଜର ଆତ୍ମାନୁଭୂତି ହୋଇନାହିଁ, ସେ ସଦ୍‌ଗୁରୁବାଚ୍ୟ ନୁହନ୍ତି ।

ଯିଏ ନିଜର ଶିକ୍ଷା ଓ ଉପଦେଶ ଦ୍ୱାରା ପ୍ରଥମେ ଲୌକିକ ଓ ପାରଲୌକିକ ସୁଖରୁ ବିରକ୍ତି ଜାତ କରି ପରେ ଆତ୍ମାନୁଭୂତିର ରସସ୍ୱାଦନ କରାନ୍ତି ତଥା ଯିଏ ଉଭୟ ପୋଥିଗତ ଏବଂ ପ୍ରତ୍ୟକ୍ଷ ଜ୍ଞାନ(ଆତ୍ମାନୁଭୂତି)ରେ ପାରଦର୍ଶୀ ସେ ହିଁ ସଦ୍‌ଗୁରୁ ହେବାକୁ ଯୋଗ୍ୟ । ଯାହାର ନିଜର ଆତ୍ମାନୁଭୂତି ହୋଇନାହିଁ, ସେ ଶିଷ୍ୟକୁ କିପରି ତା'ର ଶିକ୍ଷା ଦେବ ? ସଦ୍‌ଗୁରୁ ସ୍ୱପ୍ନରେ ମଧ୍ୟ ତାଙ୍କର ଶିଷ୍ୟଠାରୁ କୌଣସି ଲାଭ ବା ସେବା ଶୁଶ୍ରୂଷାର ଲାଳସା ରଖିନଥାନ୍ତି ବରଂ ସ୍ୱୟଂ ତା'ର ସେବା କରିବାକୁ ଉଦ୍ୟତ ରହନ୍ତି । ସେ ଏପରି କେବେ ମନେ କରନ୍ତି ନାହିଁ ଯେ ସେ ମହାନ୍ ଏବଂ ତାଙ୍କର ଶିଷ୍ୟ ଅକିଞ୍ଚନ; ବରଂ ତାକୁ ନିଜ ସଦୃଶ ବା ବ୍ରହ୍ମସ୍ୱରୂପ ମନେ କରନ୍ତି । ସଦ୍‌ଗୁରୁଙ୍କର ମୌଳିକ ବିଶେଷତ୍ୱ ହେଉଛି ଯେ ତାଙ୍କର ହୃଦୟରେ ସର୍ବଦା ଶାନ୍ତି ବିଦ୍ୟମାନ କରୁଥାଏ । ସେ କେବେ ଅସ୍ଥିର ବା ଅଶାନ୍ତ ହୁଅନ୍ତି ନାହିଁ କି ନିଜ ଜ୍ଞାନ ପାଇଁ ତାଙ୍କ ନିକଟରେ ଲେଶମାତ୍ର ଗର୍ବ ନଥାଏ । ରାଜା-ରଙ୍କ, ସ୍ୱର୍ଗ-ଅପବର୍ଗ ସମସ୍ତେ ତାଙ୍କ ପାଇଁ ସମାନ ।

ହେମାଡପନ୍ତ କହୁଛନ୍ତି ଅତୀତର ଅନେକ ଜନ୍ମର ସଞ୍ଚିତ ଶୁଭଫଳର ପ୍ରଭାବରୁ ହିଁ ଏହିପରି ଜଣେ ମହାନ୍ ସଦ୍‌ଗୁରୁ ଶ୍ରୀ ସାଇବାବାଙ୍କର ସାନ୍ନିଧ୍ୟ ଲାଭ ତଥା ତାଙ୍କର କୃପାପାତ୍ର ହେବାର ସୌଭାଗ୍ୟ ତାଙ୍କୁ ମିଳିଲା । ନିଜର ତାରୁଣ୍ୟାବସ୍ଥାରେ ମଧ୍ୟ ତାଙ୍କର କୌଣସି କାମନା ନଥିଲା । ଖଣ୍ଡିଏ ଚିଲମ ଛଡ଼ା ତାଙ୍କର ଆଉ କିଛି ନଥିଲା । ପରିବାର, ବନ୍ଧୁ, ଘର କି ଆତ୍ମୀୟ କେହି ତାଙ୍କର ନଥିଲେ । ୧୮ ବର୍ଷ ବୟସରୁ ସେ

ମନ ଉପରେ ନିୟନ୍ତ୍ରଣ ହାସଲ କରିଥିଲେ । ନିର୍ଜନ ସ୍ଥାନରେ ବୁଲୁଥିଲେ ଏବଂ ସର୍ବଦା ଆତ୍ମଲୀନ ହୋଇ ରହୁଥିଲେ । ସେ କହୁଥିଲେ **'ମୁଁ ସର୍ବଦା ଭକ୍ତର ପରାଧୀନ ଅଟେ ।'** ଯେତେବେଳେ ସେ ଶରୀରଧାରୀ ଥିଲେ, ସେହି ସମୟରେ ଭକ୍ତମାନେ ଯେଉଁ ଅନୁଭବ କରୁଥିଲେ, ତାଙ୍କର ସମାଧିସ୍ଥ ହେବା ପରେ ଆଜି ମଧ୍ୟ, ଯିଏ ତାଙ୍କର ଶରଣାଗତ ହେଉଛି, ସେହି ପ୍ରକାର ଅନୁଭୂତି ଲାଭ କରୁଛି । ଭକ୍ତମାନଙ୍କ ପାଇଁ ତ ଏତିକି କେବଳ ଯଥେଷ୍ଟ ଯେ ଯଦି ସେମାନେ ତାଙ୍କର ହୃଦୟକୁ ଭକ୍ତି ଓ ବିଶ୍ୱାସର ପ୍ରଦୀପ ତିଆରି କରି ସେଥିରେ ପ୍ରେମର ଜ୍ୟୋତି ପ୍ରଜ୍ୱଳିତ କରାନ୍ତି ତାହେଲେ ଜ୍ଞାନଜ୍ୟୋତି(ଆତ୍ମସାକ୍ଷାତକାର) ସ୍ୱୟଂ ପ୍ରକାଶିତ ହୋଇଉଠିବ । **ପ୍ରେମର ଅଭାବରେ ଶୁଷ୍କ ଜ୍ଞାନ ବ୍ୟର୍ଥ ଅଟେ । ଏପରି ଜ୍ଞାନ କାହା ପାଇଁ ମଧ୍ୟ ଲାଭପ୍ରଦ ହେବ ନାହିଁ ।** ପ୍ରେମର ଅଭାବରେ ସନ୍ତୋଷ ମିଳେ ନାହିଁ । ଏଥିପାଇଁ ଆମର ପ୍ରେମ ଅସୀମ ଏବଂ ଅମଳିନ ହେବା ଉଚିତ । ପ୍ରେମର ବର୍ଣ୍ଣନା କିଏ କରିପାରିବ ? ଏହା ତୁଳନାରେ ସମସ୍ତ ଜିନିଷ ତୁଚ୍ଛ । ପ୍ରେମରହିତ ପଠନ, ଶ୍ରବଣ ଓ ଅଧ୍ୟୟନ ନିଷ୍ଫଳ । ପ୍ରେମାଙ୍କୁର ଜାତ ହେଲେ ଭକ୍ତି, ବୈରାଗ୍ୟ, ଶାନ୍ତି ଏବଂ ମୁକ୍ତି ସହଜରେ ପ୍ରାପ୍ତି ହେବ । କୌଣସି ବିଷୟ ପ୍ରତି ବ୍ୟାକୁଳତାର ସହିତ ନଭାବିଲେ ପ୍ରେମ ଜାତ ହୁଏ ନାହିଁ । ତେଣୁ **ଯେଉଁଠାରେ ବ୍ୟାକୁଳତା ଓ ପ୍ରେମ ଅଛି, ସେଠାରେ ସ୍ୱୟଂ ଭଗବାନ ପ୍ରକଟ ହୋଇଯାଆନ୍ତି । ଭାବରେ ହିଁ ପ୍ରେମ ଅନ୍ତର୍ନିହିତ ଏବଂ ତାହା ହିଁ ମୋକ୍ଷର କାରଣ ଅଟେ ।**

ଏବେ ଏହି ଅଧ୍ୟାୟର ମୁଖ୍ୟ କଥାକୁ ଆସିବା । ଶୁଦ୍ଧ ମନ କିମ୍ବା କଳୁଷିତ ଭାବ- ଯାହା ବି ହୋଇଥାଉ ଜଣେ ବ୍ୟକ୍ତି ଯଦି କୌଣସି ସନ୍ଥଙ୍କର ଚରଣ ଥରେ ସ୍ପର୍ଶ କରିଛି ତାହେଲେ ତା'ର ସୁରକ୍ଷା ନିଶ୍ଚିତ । ନିମ୍ନଲିଖିତ କଥାରୁ ଏହା ସ୍ପଷ୍ଟ ହୁଏ ।

## ।। ପରୀକ୍ଷାରେ ଶେବଡ଼େଙ୍କ ସଫଳତା ।।

ସୋଲାପୁର ଜିଲା ଅନ୍ତର୍ଗତ ଅକ୍କଲକୋଟର ଶ୍ରୀ ସପଟ୍ନେକର ଓକିଲାତି ଅଧ୍ୟୟନ କରୁଥିଲେ । ଦିନେ ଜଣେ ସହପାଠୀ ଶ୍ରୀ ଶେବଡ଼େଙ୍କ ସହିତ ତାଙ୍କର ସାକ୍ଷାତକାର ହେଲା । ତାଙ୍କ ସହିତ ଆଉ କେତେକ ଛାତ୍ର ମଧ୍ୟ ସେଠାରେ ଉପସ୍ଥିତ ଥିଲେ ଏବଂ ପରସ୍ପରର ଅଧ୍ୟୟନ ପ୍ରସ୍ତୁତି ବିଷୟରେ ଆଲୋଚନା କରୁଥିଲେ । ଏଥିରୁ ଜଣାଗଲା ଯେ ଶେବଡ଼େଙ୍କର ପ୍ରସ୍ତୁତି ସବୁଠାରୁ କମ୍ ଥିଲା, ଏଣୁ ସମସ୍ତେ ତାଙ୍କର ପରିହାସ କଲେ । ତେବେ ଶେବଡ଼େ କହିଲେ ଯଦିଓ ସେ ଭଲଭାବେ ପ୍ରସ୍ତୁତ ହୋଇନାହାନ୍ତି ତଥାପି ପରୀକ୍ଷାରେ ନିଶ୍ଚୟ କୃତକାର୍ଯ୍ୟ ହେବେ । କାରଣ ତାଙ୍କର ପ୍ରଭୁ ସାଇବାବା ଅଛନ୍ତି । ଶେବଡ଼େଙ୍କ ଏହି ମନ୍ତବ୍ୟରେ ସପଟ୍ନେକର ବିସ୍ମିତ ହୋଇପଡ଼ିଲେ । ଶେବଡ଼େଙ୍କୁ ଗୋଟିଏ କୋଣକୁ ଡାକି ସେ ପଚାରିଲେ ଏହି ସାଇବାବା କିଏ, ଯାହାଙ୍କ ଉପରେ ତୁମର ଏତେ ବିଶ୍ୱାସ ? ଶେବଡ଼େ କହିଲେ ସେ ଜଣେ ଫକିର । ଶିରିଡ଼ିର

ଏକ ମସଜିଦ୍‌ରେ ବାସ କରୁଛନ୍ତି । ସେ ଜଣେ ମହାନ୍ ସତ୍‌ପୁରୁଷ । ଏପରି ଅନେକ ସନ୍ଥ ଅଛନ୍ତି କିନ୍ତୁ ସେ ଅଦ୍ୱିତୀୟ । **ପୂର୍ବ ଜନ୍ମର ସଞ୍ଚିତ ସଂସ୍କାର ନଥିଲେ ତାଙ୍କର ଦର୍ଶନ ଦୁର୍ଲଭ ।** ମୋର ତାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରହିଛି । ତାଙ୍କର ଶ୍ରୀମୁଖରୁ ନିର୍ଗତ ବଚନ କେବେ ଅସତ୍ୟ ହୁଏ ନାହିଁ । ସେ ହିଁ ମୋତେ ପ୍ରତିଶ୍ରୁତି ଦେଇଛନ୍ତି ଯେ ଆସନ୍ତା ବର୍ଷ ମୁଁ ପରୀକ୍ଷାରେ ନିଶ୍ଚିତ ଉତ୍ତୀର୍ଣ୍ଣ ହେବି । ମୋର ମଧ୍ୟ ବିଶ୍ୱାସ ଯେ ତାଙ୍କ କୃପାରୁ ମୁଁ ଅବଶ୍ୟ ସଫଳତା ଲାଭ କରିବି । ସପଟ୍ନେକରଙ୍କୁ ବନ୍ଧୁଙ୍କର ଏପରି ସରଳ ବିଶ୍ୱାସରେ ହସ ମାଡ଼ିଲା ଏବଂ ସେ ବନ୍ଧୁଙ୍କର ଓ ସାଇବାବାଙ୍କର ଉପହାସ କଲେ ।

## ।। ବାବାଙ୍କ ସତ୍ୟ ବଚନ ।।

**ସପଟ୍ନେକର :** ସପଟ୍ନେକର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲେ । ଏହାପରେ ସେ ଅକ୍କଲକୋଟରେ ରହିଲେ ଏବଂ ସେଠାରେ ଓକିଲାତି କଲେ । ଦଶବର୍ଷ ପରେ ୧ ୯ ୧ ୩ ମସିହାରେ ତାଙ୍କର ଏକମାତ୍ର ପୁତ୍ର ଗଳାରୋଗରେ ପ୍ରାଣତ୍ୟାଗ କଲା । ଏହି ଘଟଣାରେ ସେ ମ୍ରିୟମାଣ ହୋଇପଡ଼ିଲେ । ମାନସିକ ଶାନ୍ତି ଆଶାରେ ପଣ୍ଡରପୁର, ଗାଣଗାପୁର ଆଦି ଅନେକ ତୀର୍ଥସ୍ଥାନ ଭ୍ରମଣ କଲେ କିନ୍ତୁ କେଉଁଠାରେ ଶାନ୍ତି ମିଳିଲା ନାହିଁ । ବେଦାନ୍ତ ଶ୍ରବଣ କଲେ, ତାହା ମଧ୍ୟ ବୃଥା ଗଲା । ଅଚାନକ ବନ୍ଧୁ ଶେବଡ଼େ ତଥା ଶ୍ରୀ ସାଇବାବାଙ୍କ ପ୍ରତି ତାଙ୍କର ବିଶ୍ୱାସ କଥା ମନେ ପଡ଼ିଗଲା । ଏହାପରେ ଶିରିଡ଼ି ଯାଇ ବାବାଙ୍କର ଦର୍ଶନ କରିବାକୁ ଇଚ୍ଛା କଲେ । ସାନ ଭାଇ ପଣ୍ଡିତରାଓଙ୍କ ସହ ମିଶି ସେ ଶିରିଡ଼ି ଗଲେ । ବାବାଙ୍କର ଦର୍ଶନ କରି ବଡ଼ ପ୍ରସନ୍ନତା ଅନୁଭବ କଲେ । ଯେତେବେଳେ ପାଖକୁ ଯାଇ ପ୍ରଣାମ କରି ଶୁଦ୍ଧ ମନରେ ନାରିକେଳ ଅର୍ପଣ କଲେ ବାବା କ୍ରୋଧିତ ହୋଇ 'ଏଠାରୁ ପଳାଇଯାଅ' ବୋଲି ଉଚ୍ଚ ସ୍ୱରରେ କହିଲେ । ସପଟ୍ନେକର ମଥାନତ କରି ରହିଲେ ଏବଂ କିଛି ପାଦ ପଛକୁ ଘୁଞ୍ଚିଆସି ବସିପଡ଼ିଲେ । ବାବାଙ୍କ କ୍ରୋଧର କାରଣ ସେ ଜାଣିପାରିଲେ ନାହିଁ ଏବଂ କାହାର ପରାମର୍ଶ ନେବାକୁ ଚାହୁଁଥିଲେ । କେହି ଜଣେ ତାଙ୍କୁ ବାଲାଶିମ୍ପିଙ୍କ ନାମ କହିଲେ । ସପଟ୍ନେକର ତାଙ୍କ ପାଖକୁ ଗଲେ ଏବଂ ତାଙ୍କୁ ସହାୟତା କରିବାକୁ ପ୍ରାର୍ଥନା କଲେ । ତାପରେ ଦୁହେଁ ବାବାଙ୍କର ଗୋଟିଏ ଫଟୋ କିଣି ମସଜିଦ୍‌କୁ ଗଲେ । ବାଲାଶିମ୍ପି ନିଜ ହାତରେ ଫଟୋଟି ନେଇ ବାବାଙ୍କ କରକମଳରେ ଅର୍ପଣକଲେ ଏବଂ 'ଏହା କାହାର ଫଟୋ, କୁହନ୍ତୁ ବୋଲି ପ୍ରଶ୍ନ କଲେ । ବାବା ସପଟ୍ନେକରଙ୍କ ଆଡ଼କୁ ଇସାରା କରି କହିଲେ 'ମୋ ପ୍ରିୟତମର ।' ଏହା କହି ସେ ଜୋରରେ ହସିଲେ ଏବଂ ତାଙ୍କ ସହିତ ଅନ୍ୟମାନେ ମଧ୍ୟ ହସିଲେ । ବାବାଙ୍କର ପ୍ରସନ୍ନ ମିଜାଜ ଦେଖି ବାଲାଶିମ୍ପି ସପଟ୍ନେକରଙ୍କୁ ବାବାଙ୍କ ପାଖକୁ ଯିବାକୁ ଇସାରା କଲେ । ସପଟ୍ନେକର କିଛି ପାଦ ଆଗେଇଛନ୍ତି, ବାବା ପୁଣି ଉଚ୍ଚସ୍ୱରରେ 'ବାହାରି ଯାଅ' ବୋଲି ଚିତ୍କାର କଲେ । ସପଟ୍ନେକର କିଛି ବୁଝିପାରିଲେ ନାହିଁ ଏବେ କ'ଣ

କରିବେ ? ତାପରେ ଦୁଇ ହାତ ଯୋଡ଼ି ପ୍ରାର୍ଥନା କରି ବାବାଙ୍କ ସମ୍ମୁଖରେ ବସିପଡ଼ିଲେ; କିନ୍ତୁ ବାବା ତାଙ୍କୁ ବାହାର କରିଦେବାକୁ ଆଦେଶ ଦେଲେ । ସେ ଓ ତାଙ୍କର ବନ୍ଧୁ ବଡ଼ ନିରାଶ ହୋଇପଡ଼ିଲେ । ବାବାଙ୍କର ଆଦେଶ କିଏ ଟାଳିପାରିବ । ଶେଷରେ ସପଟ୍ନେକର ଭଗ୍ନ ହୃଦୟରେ ଶିରିଡ଼ିରୁ ଫେରିଆସିଲେ । ମନଭିତରେ ସେ ଏତିକି ପ୍ରାର୍ଥନା କଲେ ଯେ 'ହେ ପ୍ରଭୁ ସାଇ ! ମୁଁ ଆପଣଙ୍କୁ ଦୟାର ଭିକ୍ଷା ମାଗୁଛି । ଅନ୍ତତଃ ଏତିକି ଆଶ୍ୱାସନା ଦିଅନ୍ତୁ ଯେ ଭବିଷ୍ୟତରେ ମୋତେ କେବେ ଆପଣଙ୍କର ଶ୍ରୀମୁଖ ଦର୍ଶନର ସୁଯୋଗ ମିଳିବ ।'

**ଶ୍ରୀମତୀ ସପଟ୍ନେକର :** ଏହା ମଧ୍ୟରେ ଗୋଟିଏ ବର୍ଷ ବିତିଗଲା; କିନ୍ତୁ ମନରେ ଶାନ୍ତି ଆସିଲା ନାହିଁ । ସେ ଗାଣଗାପୁର ଗଲେ, କିନ୍ତୁ ସେଠାରେ ଅଶାନ୍ତି ଆହୁରି ବଢ଼ିଲା । ତାପରେ ସେ କିଛିଦିନ ବିଶ୍ରାମ ନିମନ୍ତେ ମାଲେଗାଓଁ ଗଲେ ଓ ଶେଷରେ କାଶୀ ଯିବାକୁ ସ୍ଥିର କଲେ । କାଶୀ ଯିବାର ଦୁଇଦିନ ପୂର୍ବରୁ ତାଙ୍କର ପତ୍ନୀ ସ୍ୱପ୍ନ ଦେଖିଲେ ଯେ ମାଠିଆ ଧରି ସେ କୂଅକୁ ଯାଉଛନ୍ତି । ସେଠାରେ ଥିବା ନିମ୍ବଗଛ ମୂଳରେ ଜଣେ ଫକିର ବସିଥାନ୍ତି । ମସ୍ତକରେ ତାଙ୍କର ଶିରୋପା ଅଛି । ତାଙ୍କ ପାଖକୁ ଆସି ଫକିରଜଣକ କହିଲେ 'ପ୍ରିୟ କନ୍ୟା, ଖାଲିଟାରେ କାହିଁକି କଷ୍ଟ କରୁଛ ? ମୁଁ ନିର୍ମଳ ଜଳରେ ତୁମର ମାଠିଆ ଭରିଦେବି ।' ସେ ଭୟ କରିଗଲେ ଓ ଖାଲି ମାଠିଆ ଧରି ଫେରିଆସିଲେ । ଫକିର ତାଙ୍କ ପଛରେ ଆସିଲେ । ଏତିକିରେ ତାଙ୍କର ନିଦ ଭାଙ୍ଗିଗଲା ଓ ସେ ଆଖି ଖୋଲିଲେ । ଏହି ସ୍ୱପ୍ନ କଥା ସେ ତାଙ୍କର ପତିଙ୍କୁ ଶୁଣାଇଲେ । ପତି ଏହାକୁ ଶୁଭ ଲକ୍ଷଣ ମନେ କଲେ ଏବଂ ଦୁହେଁ ଶିରିଡ଼ି ଯିବାକୁ ଉଦ୍ୟତ ହେଲେ । ଯେତେବେଳେ ସେମାନେ ଦ୍ୱାରକାମାୟୀରେ ପହଞ୍ଚିଲେ, ବାବା ନଥିଲେ । ବାବା ଲେଣ୍ଡିବାଗ ଯାଇଥିଲେ । ତାଙ୍କର ଫେରିବାପଥକୁ ସେମାନେ ପ୍ରତୀକ୍ଷା କରିରହିଲେ । ଯେତେବେଳେ ବାବା ଫେରିଲେ ତାଙ୍କୁ ଦେଖି ଶ୍ରୀମତୀ ସପଟ୍ନେକରଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ, କାରଣ ସ୍ୱପ୍ନରେ ସେ ଯେଉଁ ଫକିରଙ୍କ ଦର୍ଶନ କରିଥିଲେ, ତାଙ୍କର ଆକୃତି ବାବାଙ୍କ ସହ ସମ୍ପୂର୍ଣ୍ଣ ମିଶିଯାଉଥିଲା । ସେ ଭାବବିହ୍ୱଳ ହୋଇଗଲେ, ବାବାଙ୍କ ଚରଣରେ ଭକ୍ତିପୂତ ସାଷ୍ଟାଙ୍ଗ ପ୍ରଣାମ କଲେ ଓ ଏକଲୟରେ ତାଙ୍କୁ ଚାହିଁବାରେ ଲାଗିଲେ । ତାଙ୍କର ବିନମ୍ର ଭାବ ଦେଖି ବାବା ପ୍ରସନ୍ନ ହେଲେ । ଏବେ ନିଜର ଚିରାଚରିତ ଶୈଳୀରେ ଜଣେ ତୃତୀୟ ଲୋକକୁ କହିବା ଭଳି ବାବା ନିମ୍ନଲିଖିତ କାହାଣୀ କହିଲେ । 'ମୋର ହସ୍ତ, ଉଦର, ଶରୀର ଓ କମର ବହୁଦିନରୁ ଯନ୍ତ୍ରଣା ହେଉଛି । ମୁଁ ବହୁ ଔଷଧ ଖାଇଲି, କିନ୍ତୁ ଯନ୍ତ୍ରଣା କମୁନାହିଁ । ଔଷଧ ଖାଇ ଖାଇ ମୁଁ ଦୁର୍ବଳ ହୋଇଗଲିଣି । କିନ୍ତୁ ଏବେ ମୁଁ ଏହା ଦେଖି ଆଶ୍ଚର୍ଯ୍ୟ ହେଉଛି ଯେ ମୋର ସବୁ ଯନ୍ତ୍ରଣା ଗୋଟିଏ ମୁହୂର୍ତ୍ତରେ ଦୂର ହୋଇଯାଇଛି । ଯଦିଓ ବାବା କାହାର ନାମ ଉଲ୍ଲେଖ କରିନଥିଲେ କିନ୍ତୁ ଏହା ଶ୍ରୀମତୀ ସପଟ୍ନେକରଙ୍କର କାହାଣୀ ଥିଲା । ବାବାଙ୍କ ବଚନ ଅନୁସାରେ ତାଙ୍କର ଯନ୍ତ୍ରଣା ଦୂର

ହୋଇଗଲା ଏବଂ ସେ ଖୁସିରେ ପୂରି ଉଠିଲେ ।


**ସନ୍ତାନ ଦାନ :** ଏହାପରେ ଶ୍ରୀ ସପଟ୍ନେକର ବାବାଙ୍କ ଦର୍ଶନ ନିମନ୍ତେ ପାଖକୁ ଗଲେ; କିନ୍ତୁ ପୂର୍ବୋକ୍ତ ବଚନରେ ବାବା ତାଙ୍କର ସ୍ୱାଗତ କଲେ 'ବାହାରି ଯାଅ ।' ଏଥର ସେ ବହୁ ଧୈର୍ଯ୍ୟ ଧରି ଆସିଥିଲେ । ସେ ମନେ କଲେ ଯେ ଅତୀତର କୁକର୍ମ ଯୋଗୁ ବାବା ତାଙ୍କ ଉପରେ ଅପ୍ରସନ୍ନ ହେଉଛନ୍ତି ଏବଂ ଏଣିକି ନିଜର ଚରିତ୍ର ସଂଶୋଧନ କରିବାକୁ ସଂକଳ୍ପବଦ୍ଧ ହେଲେ । ସେ ସ୍ଥିର କଲେ ଯେ ଏକାନ୍ତରେ ସେ ନିଶ୍ଚୟ ବାବାଙ୍କୁ ସାକ୍ଷାତ କରିବେ ଏବଂ ଅତୀତ କର୍ମ ପାଇଁ କ୍ଷମା ଭିକ୍ଷା କରିବେ । ଏପରି ମନେ କରି ସେ ଦୌଡ଼ିଲେ ଏବଂ ବାବାଙ୍କ ଶ୍ରୀଚରଣରେ ଲୋଟିପଡ଼ିଲେ । କରୁଣାମୟ ବାବା ତାଙ୍କର ବରଦହସ୍ତ ତାଙ୍କ ମସ୍ତକ ଉପରେ ରଖି ଆଶୀର୍ବାଦ କଲେ । ସପଟ୍ନେକର ସେହି ସ୍ଥାନ ଛାଡ଼ିଲେ ନାହିଁ ଏବଂ ବାବାଙ୍କର ପାଦସେବା କରିବାରେ ଲାଗିଲେ । ଏହାପରେ ଜଣେ ଗଉଡୁଣୀ ଆସିଲା ଓ ବାବାଙ୍କର ପିଠି ସେବା କଲା । ତାପରେ ବାବା ତାଙ୍କର ସ୍ୱଭାବ ସୁଲଭ ଶୈଳୀରେ ଜଣେ ବଣିଆର କାହାଣୀ ଶୁଣାଇଲେ । ଯେତେବେଳେ ସେ ତାର ଜୀବନର ଅନେକ ଉତ୍ଥାନ ପତନ ସହିତ ତା'ର ଏକମାତ୍ର ପୁତ୍ରର ଦୁଃଖଦ ମୃତ୍ୟୁ କଥା କହିଲେ, ସପଟ୍ନେକର ସ୍ତବ୍ଧ ହୋଇରହିଗଲେ, କାରଣ ସେସବୁ ତାଙ୍କ ନିଜ ଜୀବନର ଘଟଣା ଥିଲା । ଟିକିନିଖି ସବୁ ଘଟଣା ବାବା କିପରି ଜାଣିଲେ ତାହା ସେ କଳ୍ପନା କରିପାରିଲେ ନାହିଁ । ବାବା ଯେ ଅନ୍ତର୍ଯ୍ୟାମୀ ଏବଂ ସମସ୍ତଙ୍କ ହୃଦୟର କଥା ଜାଣନ୍ତି ଏଥିରେ ତାଙ୍କର ଆଉ ସନ୍ଦେହ ରହିଲା ନାହିଁ । ତାଙ୍କ ମନରେ ଏପରି ବିଚାର ଆସିଛି, ବାବା ସେହି କଥାଛଳରେ ସପଟ୍ନେକରଙ୍କ ପ୍ରତି ନିରୀକ୍ଷଣ କରି କହିଲେ 'ଏହି ଲୋକ ମୋତେ ଦୋଷ ଦେଉଛି ଯେ ମୁଁ ତା'ର ପୁଅକୁ ମାରିଦେଇଛି । କ'ଣ ମୁଁ କାହାର ପ୍ରାଣ ହରଣ କରେ ? ସେ ମସଜିଦ୍‌କୁ ଆସି କାନ୍ଦୁଛି କାହିଁକି ? ଠିକ୍ ଅଛି ଏବେ ମୁଁ ଗୋଟିଏ କାମ କରିବି । ସେହି ପିଲାକୁ ପୁଣି ତାର ପତ୍ନୀ ଗର୍ଭକୁ ଆଣିଦେବି ।' ଏହା କହି ବାବା ତାଙ୍କର ବରଦହସ୍ତ ସପଟ୍ନେକରଙ୍କ ମସ୍ତକ ଉପରେ ରଖିଲେ ଏବଂ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ 'ଏହି ଚରଣ ବହୁ ପୁରାତନ ଓ ପବିତ୍ର ଅଟେ । ତୁମେ ଏବେ ଚିନ୍ତାମୁକ୍ତ । ମୋ ଉପରେ ପୂର୍ଣ୍ଣ ବିଶ୍ୱାସ ରଖ, ଶୀଘ୍ର ତୁମର ମନୋକାମନା ପୂର୍ଣ୍ଣ ହେବ । ସପଟ୍ନେକରଙ୍କ ହୃଦୟ ଭାବରେ ପୂରିଗଲା ଏବଂ ଅବାରିତ ଅଶ୍ରୁଧାରାରେ ପୂଜନୀୟ ଚରଣଯୁଗଳକୁ ଧୌତକରି ସେ ଘରକୁ ପ୍ରତ୍ୟାବର୍ତ୍ତନ କଲେ । ପୂଜା ପାଇଁ ବ୍ୟବସ୍ଥାକରି ନୈବେଦ୍ୟ ଆଦି ଆଣି ପତି, ପତ୍ନୀ ପୁଣି ଦ୍ୱାରକାମାୟୀ ଆସିଲେ । ବାବାଙ୍କୁ ନୈବେଦ୍ୟ ଅର୍ପଣ କଲେ ଏବଂ ତାଙ୍କଠାରୁ ପ୍ରସାଦ ପାଇଲେ । ମସଜିଦ୍‌ରେ ବହୁ ଭିଡ଼ ଥିଲା, ସପଟ୍ନେକର ବାରମ୍ବାର ବାବାଙ୍କ ପାଖକୁ ଯାଇ ପ୍ରଣାମ କରୁଥିଲେ । ବାବା କହିଲେ 'ଓଃ, ଏତେ ପ୍ରଣାମର ଆବଶ୍ୟକତା କ'ଣ ? ଭକ୍ତି ତଥା ଶ୍ରଦ୍ଧାରେ କରାଯାଉଥିବା ଗୋଟିଏ ପ୍ରଣାମ ମଧ୍ୟ ଯଥେଷ୍ଟ ।' ସେହି ରାତିରେ ସେମାନେ ଚଭାଡ଼ି

ଉତ୍ସବ ଦେଖିବାର ସୌଭାଗ୍ୟ ଲାଭ କଲେ ଏବଂ  ବାବା ସେମାନଙ୍କୁ ପାଣ୍ଡୁରଙ୍ଗା ରୂପରେ ଦର୍ଶନ ଦେଲେ ।

ପରଦିନ ଯେତେବେଳେ ପ୍ରସ୍ଥାନ କରିବାକୁ ବାହାରିଲେ, ମନରେ ବିଚାର ଆସିଲା ଯେ ଯିବା ପୂର୍ବରୁ ବାବାଙ୍କୁ ଏକଟଙ୍କା ଦକ୍ଷିଣା ଦେବେ ।  ଯଦି ସେ ଅଧିକ ମାଗିବେ, ତାହେଲେ ଆଉ ଏକ ଟଙ୍କା ପ୍ରଦାନ କରିବେ । ଅବଶିଷ୍ଟ  ଟଙ୍କା ଯାତ୍ରା ପାଇଁ ଅଣ୍ଟିଯିବ । ଯେତେବେଳେ ସେମାନେ ଦ୍ୱାରକାମାୟୀ ଯାଇ ଏକଟଙ୍କା ଦକ୍ଷିଣା ଦେଲେ, ବାବା ସେମାନଙ୍କର ମନ ଜାଣିପାରି ଆଉ ଏକ ଟଙ୍କା ମାଗିଲେ । ସପଟ୍ନେକର ତାହା ଆନନ୍ଦରେ ଦେଲେ । ବାବା ତାଙ୍କୁ ଆଶୀର୍ବାଦ ଦେଇ କହିଲେ 'ଏହି  ଶ୍ରୀଫଳ ନେଇଯାଅ ଏବଂ ପତ୍ନୀଙ୍କ କୋଳରେ ରଖି  ନିଶ୍ଚିତ ହୋଇ ଘରକୁ ଯାଅ ।' ସେମାନେ ସେପରି କଲେ, ବର୍ଷେ ପରେ ଗୋଟିଏ ପୁତ୍ର ସନ୍ତାନ ଜାତ ହେଲା । ଆଠ ମାସର ଶିଶୁକୁ ନେଇ ସେମାନେ ପୁଣି ଶିରିଡ଼ି ଆସିଲେ ଏବଂ ବାବାଙ୍କ ଚରଣରେ ବାଳକକୁ ଅର୍ପଣକରି ପ୍ରାର୍ଥନା କଲେ କି 'ହେ ପ୍ରଭୁ ଶ୍ରୀ ସାଇନାଥ !  ଆପଣଙ୍କର ଋଣ ଆମେ କିପରି ପରିଶୋଧ କରିବୁ ?  ଆପଣଙ୍କର ଶ୍ରୀଚରଣରେ ଆମର କୋଟି କୋଟି ପ୍ରଣାମ । ଆମ ଦୁହିଁଙ୍କ ଉପରେ ଆପଣ ସର୍ବଦା କୃପା କରିଥାଆନ୍ତୁ, କାରଣ ଆମର ମନ ଯାହା ଶୟନ, ଜାଗରଣ ଆଦି ପ୍ରତ୍ୟେକ ସମୟରେ କି କି କଥା ସବୁ ଚାଲିଆସୁଛି, ତାହା ଆପଣଙ୍କର ନିରନ୍ତର ଭଜନରେ ଲୀନ ହୋଇଯାଉ, ଏହି ଆଶୀର୍ବାଦ ଦିଅନ୍ତୁ ।

ସେହି ସନ୍ତାନର ନାମ ମୂରଲୀଧର ରଖାଗଲା । ପରେ ଆଉ ଦୁଇ ପୁତ୍ର ଭାସ୍କର ଓ ଦିନକର ଜନ୍ମ ହେଲେ । ସପଟ୍ନେକର ଦମ୍ପତିଙ୍କର ଏବେ ଅନୁଭବ ହେଲା ଯେ ବାବାଙ୍କର ବଚନ କେବେ ଅସତ୍ୟ ଓ ଅପୂର୍ଣ୍ଣ ହୁଏ ନାହିଁ ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।



ବାବାଙ୍କ ସମାଧିର ପ୍ରଥମ ଫଟୋଚିତ୍ର

## ।।ଉନପଞ୍ଚାଶତ୍ତମ (୪୯) ଅଧ୍ୟାୟ ।।

### ପରୀକ୍ଷା : ହରି କା ବେଟା, ସୋମଦେବ ସ୍ୱାମୀଙ୍କ ଶଙ୍କା ଦୂର ଓ ନାନାସାହେବ ଚନ୍ଦୋରକରଙ୍କ କଥା ।

**ପ୍ରସ୍ତାବନା :** ଯେତେବେଳେ ବେଦ ଓ ପୁରାଣ ମଧ୍ୟ ବ୍ରହ୍ମ ବା ସଦ୍‌ଗୁରୁଙ୍କର ପୂର୍ଣ୍ଣ ବର୍ଣ୍ଣନା କରିବାକୁ ଅକ୍ଷମ, ଆମଭଳି ଅକିଞ୍ଚନ ବ୍ୟକ୍ତି କିପରି ସଦ୍‌ଗୁରୁ ସାଇନାଥଙ୍କର ବର୍ଣ୍ଣନା କରିପାରିବ ? ମୋର ତ ମତ ଯେ ଏହି ବିଷୟରେ ମୌନାବଲମ୍ବନ ହିଁ ଶ୍ରେୟସ୍କର । ବାସ୍ତବରେ ମୌନତା ହିଁ ସଦ୍‌ଗୁରୁଙ୍କ ଶ୍ରେଷ୍ଠ ସ୍ତୁତି, କିନ୍ତୁ ସାଇନାଥଙ୍କର ଦିବ୍ୟମହିମାସବୁ ଏପରି ଯେ ଯେତେ ମୌନ ରହିବାକୁ ଚେଷ୍ଟା କଲେ ମଧ୍ୟ ତାହା ହେଉନାହିଁ ଏବଂ କଥାର ଧାରା ବହିଚାଲୁଛି । ସମସ୍ତେ ମିଶି ନ ଖାଇଲେ ସ୍ୱାଦିଷ୍ଟ ଭୋଜନର ମାଧୁର୍ଯ୍ୟ ରହେ ନାହିଁ । ସାଇଲୀଳାମୃତ ଠିକ୍ ସେପରି । ଏକାନ୍ତରେ ଏହାର ରସାସ୍ୱାଦନ ହୋଇପାରିବ ନାହିଁ । ଯଦି ବନ୍ଧୁ ଏବଂ ପରିବାର ଲୋକ ସମସ୍ତେ ମିଶି ଏହାର ରସ ଗ୍ରହଣ କରନ୍ତି ତାହେଲେ ଆହୁରି ଅଧିକ ଆନନ୍ଦ ମିଳିବ ।

ସ୍ୱୟଂ ଶ୍ରୀ ସାଇବାବା ପ୍ରେରଣା ଦେଇ ଏହି କାହାଣୀ ସବୁ ତାଙ୍କର ଇଚ୍ଛାରେ ରଚନା କରାଇଛନ୍ତି । ଆମର କେବଳ ଏତିକି କର୍ତ୍ତବ୍ୟ ଯେ ଅନନ୍ୟ ଭାବରେ ତାଙ୍କର ଶରଣାଗତ ହୋଇ ତାଙ୍କର ଧ୍ୟାନ କରିବା । ତୀର୍ଥଯାତ୍ରା, ସଂକଳ୍ପ, ଯଜ୍ଞ ଓ ଦାନଠାରୁ ତପସ୍ୟା ଶ୍ରେଷ୍ଠ । ତପସ୍ୟାଠାରୁ ହରିଭକ୍ତି ଶ୍ରେଷ୍ଠ । ଆଉ ଏସବୁଠାରୁ ଶ୍ରେଷ୍ଠ ହେଉଛି ସଦ୍‌ଗୁରୁଙ୍କର ଧ୍ୟାନ ।

ଏଣୁ ଆମେ ସର୍ବଦା ତାଙ୍କର ନାମ ସ୍ମରଣ କରିବା, ଜପ କରିବା, ତାଙ୍କର ଉପଦେଶର ନିଦିଧ୍ୟାସନ ଏବଂ ସ୍ୱରୂପର ଚିନ୍ତନ କରିବା ତଥା ହୃଦୟରେ ପ୍ରକୃତ ଭକ୍ତି ଓ ଶ୍ରଦ୍ଧା ରଖିବା ଏବଂ ଆମର ସମସ୍ତ କାର୍ଯ୍ୟ ତାଙ୍କ ପାଇଁ ହିଁ କରିବା । ଭବବନ୍ଧନରୁ ମୁକ୍ତ ହେବାର ଏହାଠାରୁ ଆଉ କିଛି ଉତ୍ତମ ସାଧନ ନାହିଁ । ଯଦି ଆମେ ଉପରୋକ୍ତ ଭାବରେ ଆମର କର୍ତ୍ତବ୍ୟ କରିବା ତାହେଲେ ଶ୍ରୀ ସାଇ ବିବଶ ହୋଇ ଅବଶ୍ୟ ଆମର ସହାୟତା କରିବେ ଓ ଆମକୁ ମୁକ୍ତି ପ୍ରଦାନ କରିବେ । ଏବେ ଏହି ଅଧ୍ୟାୟର କଥା ଶ୍ରବଣ କରିବା ।

### ।।ହରି କା ବେଟା ।।

ମୁମ୍ବଇର ହରି କାନୋବା ନାମକ ଜଣେ ବ୍ୟକ୍ତି ତାଙ୍କର କେତେକ ବନ୍ଧୁ ଓ ଆତ୍ମୀୟସ୍ୱଜନଙ୍କଠାରୁ ଶ୍ରୀ ସାଇବାବାଙ୍କର ଅନେକ ଲୀଳା ଶୁଣିଥିଲେ; କିନ୍ତୁ ବିଶ୍ୱାସ କରୁନଥିଲେ କାରଣ ସେ ଟିକେ ସନ୍ଦେହୀ ପ୍ରକୃତିର ଥିଲେ । ତାଙ୍କର ହୃଦୟପଟଳରେ

ଅବିଶ୍ୱାସ ପୂରିରହିଥିଲା । ସେ ନିଜେ ବାବାଙ୍କର ପରୀକ୍ଷା କରିବାକୁ ବିଚାରକରି କିଛି ବନ୍ଧୁଙ୍କ ସହିତ ଶିରିଡ଼ି ଆସିଲେ । ମସ୍ତକରେ ଗୋଟିଏ ଜରିପଗଡ଼ି ଏବଂ ଗୋଡ଼ରେ ନୂଆ ସ୍ୟାଣ୍ଡେଲ ହଳେ ପିନ୍ଧିଥିଲେ । ଦୂରରୁ ବାବାଙ୍କୁ ଦେଖି ତାଙ୍କ ନିକଟକୁ ଯାଇ ପ୍ରଣାମ କରିବାକୁ ଇଚ୍ଛାକଲେ; କିନ୍ତୁ ନୂଆ ସ୍ୟାଣ୍ଡେଲ ହଳକ ବାଧା ସୃଷ୍ଟି କଲା । କାରଣ ତାକୁ ଛାଡ଼ି ଯିବାକୁ ଇଚ୍ଛା ହେଉନଥିଲା, କାଳେ କିଏ ନେଇଯିବ । ଏହାପରେ କ'ଣ କରିବେ ନକରିବେ ଭାବି ଭାବି ଚତୁଃପାର୍ଶ୍ୱକୁ ଦୃଷ୍ଟିପାତ କଲେ । ଗୋଟିଏ ସୁରକ୍ଷିତ କୋଣ ନଜରକୁ ଆସିଲା । ସେଠାରେ ସ୍ୟାଣ୍ଡେଲଟି ରଖି ମସଜିଦ୍‌କୁ ଯାଇ ବାବାଙ୍କର ଦର୍ଶନ କଲେ । ମାତ୍ର ସ୍ୟାଣ୍ଡେଲ ଉପରେ ହିଁ ତାଙ୍କର ମନ ଥିଲା । ଯାହାହେଉ ବଡ଼ ନମ୍ରତା ସହକାରେ ବାବାଙ୍କୁ ପ୍ରଣାମ କଲେ ଏବଂ ପ୍ରସାଦ ଓ ଉଦି ପାଇ ଫେରିଆସିଲେ; ମାତ୍ର ଫେରିଲାବେଳକୁ ସ୍ୟାଣ୍ଡେଲଟି ନଥିଲା । ତାଙ୍କ ମନ ଖରାପ ହୋଇଗଲା । ବହୁ ଖୋଜାଖୋଜି କଲେ, କିନ୍ତୁ କେଉଁଠି ବି ମିଳିଲା ନାହିଁ । ଶେଷରେ ନିରାଶ ମନରେ ରହୁଥିବା ସ୍ଥାନକୁ ଫେରିଲେ ।

ସ୍ନାନ, ପୂଜା ଓ ନୈବେଦ୍ୟ ଆଦି ଅର୍ପଣ ସାରି ଖାଇବାକୁ ବସିଲେ; କିନ୍ତୁ ମନ ସେହି ସ୍ୟାଣ୍ଡେଲହଳକ ଉପରେ ହିଁ ଥିଲା । ଖାଇସାରି ମୁହଁ ହାତ ଧୋଇ ସେ ବାହାରକୁ ଆସିଛନ୍ତି, ଏହି ସମୟରେ ଏକ ମରାଠି ବାଳକ ଆସୁଥିବା ଦେଖାଗଲା । ଗୋଟିଏ ବାଡ଼ିରେ ସ୍ୟାଣ୍ଡେଲ ଦୁଇଟିକୁ ସେ ଝୁଲାଇ ଧରିଥିଲା ଓ କହୁଥିଲା ବାବା ମୋତେ ଏହି ବାଡ଼ିଟି ଦେଇ ରାସ୍ତାରେ ବୁଲି ବୁଲି 'ହରି କା ବେଟା, ଜରି କା ଫେଁଟା' ଡାକ ଦେବା ପାଇଁ କହିଛନ୍ତି । ଯିଏ ଏହି ସ୍ୟାଣ୍ଡେଲ ତା'ର ବୋଲି କହିବ ତାକୁ ପ୍ରଥମେ ପଚାରିବ ଯେ ତା'ର ନାମ ହରି ଏବଂ ତା'ର ପିତାଙ୍କ ନାମ 'କ' ମୂଳ ଅକ୍ଷର ଯୁକ୍ତ ଅର୍ଥାତ କାନୋବା କି ? ଏହା ସହ ସେ ଜରିଲଗା ପଗଡ଼ି ପିନ୍ଧିଛନ୍ତି କି ନାହିଁ । ତାପରେ ତାଙ୍କୁ ଦେବ ।

ବାଳକର କଥା ଶୁଣି ହରି କାନୋବା ବଡ଼ ଆନନ୍ଦିତ ତଥା ଆଶ୍ଚର୍ଯ୍ୟଚକିତ ହେଲେ । ବାଳକଟିର ପାଖକୁ ଯାଇ କହିଲେ 'ଏହା ମୋର ସ୍ୟାଣ୍ଡେଲ, ମୋର ନାମ ହରି ଏବଂ ମୁଁ ହିଁ 'କ'(କାନୋବା)ଙ୍କ ପୁତ୍ର । ମୋର ଜରିଲଗା ଏହି ପଗଡ଼ି ଦେଖ' । ବାଳକଟି ତାଙ୍କର ଉତ୍ତରରେ ସନ୍ତୁଷ୍ଟ ହେଲା ଏବଂ ସ୍ୟାଣ୍ଡେଲ ହଳକ ଦେଇଦେଲା । ଏହାପରେ ହରି କାନୋବା ମନେ କଲେ ଯେ ମୋର ଜରିଲଗା ପଗଡ଼ି ତ ସମସ୍ତେ ଦେଖିଥିଲେ । ବାବାଙ୍କ ନଜରରେ ମଧ୍ୟ ତାହା ପଡ଼ିଥିବ; କିନ୍ତୁ ଏହା ତ ଶିରିଡ଼ିକୁ ମୋର ପ୍ରଥମ ଯାତ୍ରା, ମୋର ନାମ ହରି ଏବଂ ମୋର ପିତାଙ୍କ ନାମ କାନୋବା ବୋଲି ବାବା କିପରି ଜାଣିଲେ । ସେ ତ ବାବାଙ୍କର ପରୀକ୍ଷା କରିବାକୁ ଏଠାକୁ ଆସିଥିଲେ । ଆଉ ବାବା ତାଙ୍କୁ ଏପରି ଅନୁଭବ ପ୍ରଦାନ କଲେ ।

ଏହି ଘଟଣାରୁ ବାବାଙ୍କର ମହାନତା ତାଙ୍କୁ ବିଦିତ ହୋଇଗଲା । ତାଙ୍କର ଇଚ୍ଛା ପୂର୍ଣ୍ଣ ହେଲା ଏବଂ ସେ ଆନନ୍ଦରେ ଘରକୁ ଫେରିଲେ ।

## ।। ସୋମଦେବ ସ୍ୱାମୀଙ୍କ ଶଙ୍କା ଦୂର ହେଲା ।।

ଏବେ ଆଉ ଜଣେ ସନ୍ଦେହୀ ବ୍ୟକ୍ତିଙ୍କର କଥା ଶୁଣନ୍ତୁ, ଯିଏ ବାବାଙ୍କୁ ପରୀକ୍ଷା କରିବାକୁ ଆସିଥିଲେ । କାକାସାହେବ ଦୀକ୍ଷିତଙ୍କର ଭାଇ ନାଗପୁରରେ ରହୁଥିଲେ । ୧୯୦୬ ମସିହାରେ ସେ ହିମାଳୟ ଯାଇଥିବାବେଳେ ଉତ୍ତରକାଶୀଠାରେ ହରିଦ୍ୱାରର ଜଣେ ସାଧୁ ସୋମଦେବ ସ୍ୱାମୀଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା । ଉଭୟ ଉଭୟଙ୍କର ନାମ ଡାଏରିରେ ଟିପି ରଖିଥିଲେ । ପାଞ୍ଚବର୍ଷ ପରେ ସୋମଦେବ ସ୍ୱାମୀ ନାଗପୁର ଆସିଲେ ଏବଂ ତାଙ୍କ ଘରେ ଅତିଥି ହେଲେ । ସେଠାରେ ସାଇବାବାଙ୍କର ମହିମା ଶୁଣି ତାଙ୍କ ମନରେ ବଡ଼ ପ୍ରସନ୍ନତା ଜାତ ହେଲା ଓ ଶିରିଡ଼ି ଯାଇ ବାବାଙ୍କର ଦର୍ଶନ କରିବାକୁ ତୀବ୍ର ଉତ୍କଣ୍ଠା ଜାଗ୍ରତ ହେଲା । ଭାଇଜୀଙ୍କଠାରୁ ଏକ ପତ୍ର ନେଇ ସେ ଶିରିଡ଼ି ବାହାରିଲେ । ମନମାଡ଼ ଓ କୋପରଗାଓଁ ଅତିକ୍ରମ କରିବା ପରେ ଏକ ଟାଙ୍ଗା ନେଇ ଶିରିଡ଼ି ଗଲେ । ଶିରିଡ଼ି ନିକଟରେ ପହଞ୍ଚୁଛନ୍ତି, ଦୂରରୁ ମସଜିଦ୍ ଉପରେ ଦୁଇଟି ପତକା ଉଡୁଥିବାର ଦେଖାଗଲା । ସାଧାରଣତଃ ଭିନ୍ନ ଭିନ୍ନ ସନ୍ଥଙ୍କର ସ୍ୱଭାବ, ଜୀବନଚର୍ଯ୍ୟା ଏବଂ ବାହ୍ୟ ଆଚରଣ ପ୍ରାୟତଃ ଭିନ୍ନ ଭିନ୍ନ ହୋଇଥାଏ; କିନ୍ତୁ ଏଥିରୁ କେବଳ ସନ୍ଥଙ୍କର ଯୋଗ୍ୟତା ଆକଳନ କରିବା ଅନୁଚିତ । ସୋମଦେବ ସ୍ୱାମୀ ଟିକେ ଭିନ୍ନ ପ୍ରକୃତିର ଥିଲେ । ପତାକା ଉଡୁଥିବାର ଯେମିତି ଦେଖିଲେ ସେ କହିଲେ 'ପତାକାରେ ଏହି ସନ୍ଥଙ୍କର ଏତେ ଆଗ୍ରହ କାହିଁକି ? ଏହା କ'ଣ ସନ୍ଥପଣ ? ମନେହେଉଛି ସେ ତାଙ୍କର କୀର୍ତ୍ତି ପାଇଁ ଲାଳାୟିତ । ଏପରି ମନେ କରି ଶିରିଡ଼ି ଯିବା ଯୋଜନା ବାତିଲ କରିଦେଲେ ଏବଂ ସହଯାତ୍ରୀମାନଙ୍କୁ ସେ ସେଠାରୁ ଫେରିଯିବେ ବୋଲି ଜଣାଇଲେ । ସେମାନେ କହିଲେ ଯେ 'ତାହେଲେ ଏତେ ଦୂର ଆସୁଥିଲେ କାହିଁକି ? କେବଳ ଧ୍ୱଜା ଦେଖି ବିଚଳିତ ହୋଇପଡ଼ିଲଣି, ଆଉ ଯେତେବେଳେ ଶିରିଡ଼ିରେ ରଥ, ପାଲିଙ୍କି, ଘୋଡ଼ା ଆଦି ଦେଖିବ ସେତେବେଳେ କ'ଣ ହେବ ? ସ୍ୱାମୀ ଆହୁରି ବିବ୍ରତ ହୋଇପଡ଼ିଲେ, ସେ କହିଲେ ମୁଁ ଅନେକ ସାଧୁ ସନ୍ଥଙ୍କ ଦର୍ଶନ କରିଛି, କିନ୍ତୁ ଏହି ସନ୍ଥ ନିଆରା, ଯିଏ କି ଏହି ପ୍ରକାର ଧନ ଓ ଐଶ୍ୱର୍ଯ୍ୟ ସଂଗ୍ରହ କରିଛନ୍ତି । ଏପରି ସାଧୁଙ୍କର ଦର୍ଶନ ନକରିବା ଅତ୍ୟୁତ୍ତମ-ଏହା କହି ସେ ଫେରିଯିବାକୁ ବାହାରିଲେ । ସହଯାତ୍ରୀମାନେ ତାଙ୍କୁ ବୁଝାଇଲେ ଓ ସାଙ୍ଗରେ ଯିବାକୁ ପ୍ରବର୍ତ୍ତାଇଲେ । ସଂକୀର୍ଣ୍ଣ ଭାବନା ତ୍ୟାଗ କରିବାକୁ ପରାମର୍ଶ ଦେଇ ସେମାନେ କହିଲେ ଧ୍ୱଜା ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରତି ବାବାଙ୍କର ତିଳେ ମାତ୍ର ଆସକ୍ତି ନାହିଁ । ଭକ୍ତମାନେ ଭକ୍ତି ଓ ପ୍ରେମବଶତଃ ସେସବୁ ଦେଇଛନ୍ତି । ଏପରି ନାନା ପ୍ରକାର ବୁଝାଇବା ପରେ ଶେଷରେ ସେ ଯିବାକୁ ଓ ବାବାଙ୍କର ଦର୍ଶନ କରିବାକୁ ରାଜି

ହେଲେ । ଦ୍ୱାରକାମାୟୀରେ ଯେମିତି ପ୍ରବେଶ କରିଛନ୍ତି, ଅଗଣାରୁ ବାବାଙ୍କର ଶ୍ରୀମୁଖ ଦର୍ଶନ କରି ଦ୍ରବୀଭୂତ ହୋଇଗଲେ । ତାଙ୍କର ନୟନଯୁଗଳରୁ ଅଶ୍ରୁଧାରା ପ୍ରବାହିତ ହେବାକୁ ଲାଗିଲା ଓ କଣ୍ଠ ବାଷ୍ପରୁଦ୍ଧ ହୋଇଗଲା । ସମସ୍ତ ଦୂଷିତ ବିଚାର ଦୂର ହୋଇଗଲା ଏବଂ ତାଙ୍କର ଗୁରୁଙ୍କ ବଚନ ମନେପଡ଼ିଲା ଯେ **'ମନ ଯେଉଁଠାରେ ଅତି ପ୍ରସନ୍ନ ଏବଂ ଆକର୍ଷିତ ହେବ ସେହି ସ୍ଥାନ ହିଁ ତୁମର ବିଶ୍ରାମ ଧାମ ମନେ କରିବ ।'** ସେ ବାବାଙ୍କର ଚରଣରଜରେ ଲୋଟିଯିବାକୁ ଚାହୁଁଥିଲେ କିନ୍ତୁ ଯେତେବେଳେ ବାବାଙ୍କ ନିକଟକୁ ଯାଇଛନ୍ତି, ବାବା ଅଗ୍ନିବାଣ ହୋଇ କହିଲେ 'ଆମ ଜିନିଷ ଆମ ପାଖରେ ରହିବାକୁ ଦିଅ, ତୁମେ ତୁମ ଘରକୁ ଫେରିଯାଅ । ସାବଧାନ ! ଯଦି ପୁଣି କେବେ ମସଜିଦ୍‌ର ପାହାଚ ମାଡ଼ିବ । ଏପରି ସନ୍ଥଙ୍କ ଦର୍ଶନ କ'ଣ ପ୍ରୟୋଜନ, ଯିଏ ମସଜିଦ୍‌ରେ ପତାକା ଲଗାଇଛନ୍ତି ? କ'ଣ ଏହା ସନ୍ଥପଣର ଲକ୍ଷଣ ? ଗୋଟିଏ କ୍ଷଣ ବି ଏଠାରେ ରହ ନାହିଁ । ଏବେ ତାଙ୍କର ଅନୁଭବ ହୋଇଗଲା ଯେ ବାବା ତାଙ୍କର ହୃଦୟର କଥା ସବୁ ଜାଣିନେଇଛନ୍ତି ଏବଂ ସେ କିପରି ସର୍ବଜ୍ଞ ! ନିଜର ଆଚରଣ ପାଇଁ ସେ ଲଜ୍ଜା ଅନୁଭବ କଲେ । ସେ ଅଳ୍ପଜ୍ଞ ଏବଂ ବାବା ମହାନ୍ ତଥା ଶୁଦ୍ଧ, ତାଙ୍କର ଏହା ହୃଦବୋଧ ହେଲା । ବାବା କାହାକୁ ହୃଦୟରେ ଲଗାଉଥିଲେ, କାହାକୁ ତାଙ୍କର ପବିତ୍ର ହାତରେ ସ୍ପର୍ଶ କରୁଥିଲେ, କାହାକୁ ସ୍ମିତହାସ ଦେଉଥିଲେ, ଆଉ କାହାକୁ ସାନ୍ତ୍ୱନା ଦେଇ ପ୍ରେମଦୃଷ୍ଟିରେ ନିରୀକ୍ଷଣ କରୁଥିଲେ । କାହାକୁ ଉଦି ପ୍ରସାଦ ଦେଉଥିଲେ । ଏପରି ସମସ୍ତ ଭକ୍ତଙ୍କୁ ସୁଖୀ ଓ ସନ୍ତୁଷ୍ଟ କରୁଥିଲେ । ତାହେଲେ ତାଙ୍କୁ କାହିଁକି ତିରସ୍କାର କଲେ ? ଏହି ପ୍ରଶ୍ନ ସୋମଦେବ ସ୍ୱାମୀଙ୍କୁ ଆନ୍ଦୋଳିତ କଲା । ଗଭୀର ଅନୁଶୀଳନ କରିବାପରେ ସେ ଅନୁଭବ କଲେ ଯେ ତାଙ୍କ ମନରେ ଯେଉଁ କୁଭାବନା ଆସିଥିଲା ଏହା ତା'ର ପରିଣତି । ଏଥିରୁ ଶିକ୍ଷାଲାଭ କରି ଏଣିକି ନିଜର ଆଚରଣ ସୁଧାରିବାକୁ ସେ ସଂକଳ୍ପ କଲେ । ବାବାଙ୍କର କ୍ରୋଧ ବାସ୍ତବରେ ତାଙ୍କ ପାଇଁ ବରଦାନ ଥିଲା । ଏହା କହିବା ନିଷ୍ପ୍ରୟୋଜନ ଯେ ଏହାପରେ ସେ ବାବାଙ୍କର ପୂର୍ଣ୍ଣ ଶରଣାଗତ ହୋଇଗଲେ ଓ ତାଙ୍କର ପରମଭକ୍ତ ପାଲଟିଗଲେ ।

**ନାନାସାହେବ ଚନ୍ଦୋରକର :** ଶେଷରେ ନାନାସାହେବ ଚନ୍ଦୋରକରଙ୍କ କାହାଣୀ ବର୍ଣ୍ଣନାକରି ହେମାଡପନ୍ତ ଏହି ଅଧ୍ୟାୟ ସମାପ୍ତ କରୁଛନ୍ତି । ଦିନେ ମହଲସାପତି ଓ ଅନ୍ୟମାନଙ୍କ ସହିତ ନାନାସାହେବ ଦ୍ୱାରକାମାୟୀରେ ବସିଥିଲେ । ଏହି ସମୟରେ ବିଜାପୁରର ଏକ ସମ୍ଭ୍ରାନ୍ତ ଯବନ ପରିବାର ବାବାଙ୍କ ଦର୍ଶନରେ ଆସିଲେ । ବୁରଖା ପରିହିତ ମହିଳାମାନଙ୍କର ଲାଜରକ୍ଷଣେ ଭାବନା ଦେଖି ନାନାସାହେବ ସେଠାରୁ ଚାଲିଯିବାକୁ ଉଦ୍ୟତ ହେଲେ କିନ୍ତୁ ବାବା ତାଙ୍କୁ ନିବୃତ୍ତ କଲେ । ମହିଳାମାନେ ପାଖକୁ ଯାଇ ବାବାଙ୍କର ଦର୍ଶନ କଲେ । ଜଣେ ମହିଳା ତାଙ୍କର ମୁଖାବରଣ କାଢ଼ି ବାବାଙ୍କ ଚରଣରେ ପ୍ରଣାମ କରି ପୁଣି ମୁହଁ ଆବୃତ୍ତ କଲେ । ନାନାସାହେବଙ୍କ ଦୃଷ୍ଟି ତାଙ୍କ ଉପରେ ପଡ଼ିଲା ।

ମହିଳାଜଣଙ୍କର ଅପୂର୍ବ ସୌନ୍ଦର୍ଯ୍ୟ ଦେଖି ସେ ବିମୋହିତ ହୋଇପଡ଼ିଲେ । ଆଉ ଥରେ ତାଙ୍କର ସୁନ୍ଦର ରୂପ ଦେଖିବାର ଇଚ୍ଛା ହେଲା । ବାବା ନାନାସାହେବଙ୍କର ମନର ଚଞ୍ଚଳତାକୁ ଜାଣିନେଲେ । ମହିଳାମାନେ ବିଦାୟ ନେଇସାରିବା ପରେ ବାବା କହିଲେ 'ନାନା, ତୁମେ କାହିଁକି ବ୍ୟସ୍ତ ହେଉଛ ? ଇନ୍ଦ୍ରିୟମାନଙ୍କୁ ସେମାନଙ୍କର କାର୍ଯ୍ୟ କରିବାକୁ ଦିଅ । ଆମେ ସେଥିରେ ବାଧା ଦେବା ଉଚିତ ନୁହେଁ । ଭଗବାନ ଏହି ସୁନ୍ଦର ସୃଷ୍ଟି ନିର୍ମାଣ କରିଛନ୍ତି । ଏଣୁ ତା'ର ପ୍ରଶଂସା କରିବା ଆମର କର୍ତ୍ତବ୍ୟ । ମନ ଧୀରେ ଧୀରେ ଶାନ୍ତ ଓ ସ୍ଥିର ହୋଇଯିବ । ଆଉ ଯେତେବେଳେ ସମ୍ମୁଖ ଦ୍ୱାର ଖୋଲା ଅଛି, ପୃଷ୍ଠ ଦ୍ୱାର କଳ୍ପନା କରିବ କାହିଁକି ? ହୃଦୟ ଖୋଲା ଥିଲେ କିଛି ଅସୁବିଧା ନାହିଁ । ମନରେ ଯଦି ଖରାପ ଚିନ୍ତା ନାହିଁ ତାହେଲେ ଡରିବାର କ'ଣ ଅଛି ? ନେତ୍ରକୁ ତା'ର କାର୍ଯ୍ୟ କରିବାକୁ ଦିଅ ।' ଏହି ସମୟରେ ଶ୍ୟାମା ସେଠାରେ ଥିଲେ । ସେ ବାବାଙ୍କ ଉକ୍ତିର ତାତ୍ପର୍ଯ୍ୟ ବୁଝିପାରିଲେ ନାହିଁ । ତେଣୁ ଫେରିବା ରାସ୍ତାରେ ନାନାଙ୍କୁ ପଚାରିଲେ । ନାନା ସେହି ସୁନ୍ଦରୀ ମହିଳା ଓ ତାଙ୍କ ମନର ଚଞ୍ଚଳତା ବିଷୟ ବାବା ଜାଣିପାରିଥିବା କହିଲେ । ବାବାଙ୍କ ଉପଦେଶର ଅର୍ଥ ସେ ନିମ୍ନପ୍ରକାରେ ଶ୍ୟାମାଙ୍କୁ ବୁଝାଇଲେ । 'ମନୁଷ୍ୟର ମନ ସ୍ୱଭାବତଃ ଚଞ୍ଚଳ, କିନ୍ତୁ ତାକୁ ଉଚ୍ଛୃଙ୍ଖଳ ହେବାକୁ ଦେବା ଅନୁଚିତ । ଇନ୍ଦ୍ରିୟସମୂହ ସର୍ବଦା ବିଷୟବାସନାରେ ଲିପ୍ତଥାଆନ୍ତି, ଶରୀରକୁ ସେଥିରେ ଅସ୍ଥିର ହେବାକୁ ନଦେଇ ନିୟନ୍ତ୍ରଣରେ ରଖିବାକୁ ହେବ । ଧୀରେ ଧୀରେ ଅଭ୍ୟାସ କରିବା ଦ୍ୱାରା ମନର ଚଞ୍ଚଳତା ଦୂର ହୋଇଯିବ । ଅବଶ୍ୟ ଇନ୍ଦ୍ରିୟଗୁଡ଼ିକୁ ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇପାରିବ ନାହିଁ, ତେବେ ଆମେ ତାହାଦ୍ୱାରା ଚାଳିତ ହେବା ଉଚିତ ନୁହେଁ । ସୌନ୍ଦର୍ଯ୍ୟ ଚକ୍ଷୁର ପିପାସା, ଏଣୁ କୌଣସି ସୁନ୍ଦର ଜିନିଷକୁ ଦେଖିଲାବେଳେ ନିର୍ଭୀକ ଭାବରେ ଦୃଷ୍ଟିପାତ କରିବାରେ ବାଧା ନାହିଁ । ଏଥିରେ ଲଜ୍ଜା କି ଭୟର ସ୍ଥାନ ନାହିଁ କି କୁବିଚାରକୁ ପ୍ରଶ୍ରୟ ଦେବାର ପ୍ରଶ୍ନ ଉଠୁନାହିଁ । ବିଷୟବାସନାରୁ ମନକୁ ମୁକ୍ତ ରଖି ଭଗବାନଙ୍କ ସୁନ୍ଦର ସର୍ଜନାକୁ ଅବଲୋକନ କରିବା ଉଚିତ । ଏହିପରି ଭାବରେ ଇନ୍ଦ୍ରିୟଗୁଡ଼ିକ ସହଜରେ ଏବଂ ସ୍ୱାଭାବିକ ଭାବରେ ନିୟନ୍ତ୍ରିତ ହୋଇଯିବ ଏବଂ କୌଣସି ସୁନ୍ଦର ଜିନିଷକୁ ଦେଖିବାବେଳେ ମଧ୍ୟ ତୁମେ ଭଗବାନଙ୍କୁ ସ୍ମରଣ କରିପାରିବ । କଥାଟି ଏହିପରି: ଯେଉଁ ଭଗବାନ ଏତେ ସୁନ୍ଦରତାକୁ ସୃଷ୍ଟି କରୁଛନ୍ତି, ସିଏ କେତେ ସୁନ୍ଦର ହୋଇନଥିବେ ! ଯଦି ବାହ୍ୟ ଇନ୍ଦ୍ରିୟଗୁଡ଼ିକୁ ନିୟନ୍ତ୍ରଣ କରାନଯାଏ ଏବଂ ମନ ବିଷୟବାସନା ପଛରେ ଅନୁଧାବନ କରେ ତାହେଲେ ଜନ୍ମ ମୃତ୍ୟୁ ଚକ୍ରରେ ଘାଣ୍ଟି ହେବା ସାର ହେବ । ସୁତରାଂ ବିବେକକୁ ରଥସ୍ୱରୂପ ମନେ କରି ମନକୁ ସ୍ଥିର ରଖିବାକୁ ହେବ ଏବଂ ଏଣେ ତେଣେ ଦୌଡ଼ିବାକୁ ଦେବାକୁ ହେବ ନାହିଁ । ଏହିପରି ବିବେକଶୀଳ ରଥଦ୍ୱାରା ଆମେ ବିଷ୍ଣୁପାଦରେ, ଯାହା ଆମର ପ୍ରକୃତ ନିବାସ ଏବଂ ଯେଉଁଠାରୁ ଆଉ ଫେରିବାର ନାହିଁ, ସେଠାରେ ପହଞ୍ଚିପାରିବା ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

## ।।ପଞ୍ଚାଶତ୍ତମ(୫୦) ଅଧ୍ୟାୟ ।।

### କାକାଙ୍କ ଶିରିଡ଼ି ଆଗମନକୁ ପ୍ରତୀକ୍ଷା, ସନ୍ଥଙ୍କ ଭ୍ରାତୃବତ୍ ପ୍ରେମ ଏବଂ ବାଳାରାମ ଧୂରନ୍ଧରଙ୍କ କଥା ।

**ପ୍ରସ୍ତାବନା :** ଅନନ୍ତକୋଟି ବ୍ରହ୍ମାଣ୍ଡନାୟକ ରାଜାଧିରାଜ ଯୋଗୀରାଜ ପରଂବ୍ରହ୍ମ ଶ୍ରୀ ସାଇନାଥ ମହାରାଜଙ୍କର ଜୟ ହେଉ । ହେ ଭକ୍ତଗଣଙ୍କର ଆଧାର, ପରମେଶ୍ୱର ସଦ୍‌ଗୁରୁ । ଗୀତାର ଶିକ୍ଷା ଦେଇ ଯିଏ ଆମକୁ ଶକ୍ତି ଦିଅନ୍ତି, ସେହି ପ୍ରଭୁ ସାଇ, ଆମ ପ୍ରତି କୃପାଦୃଷ୍ଟି କରନ୍ତୁ ଏବଂ ଆଶିଷ ପ୍ରଦାନ କରନ୍ତୁ ।

ମଳୟଗିରିସ୍ଥିତ ଚନ୍ଦନ ବୃକ୍ଷ ଯେପରି ଉତ୍ତାପ ହରଣ କରିନିଏ, ମେଘ ଯେପରି ଜଳବୃଷ୍ଟି କରି ଶୀତଳତା ଏବଂ ସତେଜତାର ପୁଲକ ପ୍ରଦାନ କରେ, ବସନ୍ତ ଋତୁରେ ପ୍ରସ୍ଫୁଟିତ ପୁଷ୍ପ ଯେପରି ଈଶ୍ୱରଙ୍କ ଉପାସନାରେ ସହାୟକ ହୁଏ, ସେହିପରି ଶ୍ରୀ ସାଇବାବାଙ୍କର କଥା ପାଠକ ଓ ଶ୍ରୋତା ଉଭୟଙ୍କୁ ଶାନ୍ତି ଓ ସୁଖ ପ୍ରଦାନ କରେ । ଯିଏ ଏହି କଥା କହେ ବା ଶ୍ରବଣ କରେ, ସେ ଦୁହେଁ ଧନ୍ୟ । କହିବା ଦ୍ୱାରା ମୁଖ ତଥା ଶ୍ରବଣ ଦ୍ୱାରା କର୍ଣ୍ଣ ପବିତ୍ର ହୋଇଯାଏ ।

ଏହା ସର୍ବଜନବିଦିତ ଯେ ଯେତେ ପ୍ରକାର ସାଧନା କଲେ ମଧ୍ୟ ସଦ୍‌ଗୁରୁଙ୍କର କୃପା ନହେଲେ ଜୀବନରେ ଆଧ୍ୟାତ୍ମିକ ଲକ୍ଷ୍ୟ ପ୍ରାପ୍ତି ହେବ ନାହିଁ । ଏହି ପ୍ରସଙ୍ଗରେ ନିମ୍ନଲିଖିତ କଥା ଶୁଣନ୍ତୁ:-

### ।। କାକାଙ୍କ ଶିରିଡ଼ି ଆଗମନକୁ ବାବାଙ୍କ ପ୍ରତୀକ୍ଷା ।।

**କାକାସାହେବ ଦୀକ୍ଷିତ(୧୮୬୪-୧୯୨୬) :** ଶ୍ରୀ ହରିନାମ ସୀତାରାମ ଓରଫ କାକାସାହେବ ଦୀକ୍ଷିତ ୧୮୬୪ ମସିହାରେ ଖଣ୍ଡୱା(କେନ୍ଦ୍ରୀୟ ପ୍ରଭିନ୍ସ)ରେ ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଖଣ୍ଡୱା ହିଂଗଣଘାଟରେ ପ୍ରାଥମିକ ଶିକ୍ଷା ଓ ନାଗପୁରରେ ସେ ମାଧ୍ୟମିକ ଶିକ୍ଷା ଲାଭକଲେ । ଏହାପରେ ଉଚ୍ଚଶିକ୍ଷା ପାଇଁ ମୁମ୍ବଇ ଆସିଲେ । ପ୍ରଥମେ ଉଇଲସନ୍ କଲେଜ ଓ ତାପରେ ଏଲ୍‌ଫିନ୍‌ଷ୍ଟନ୍ କଲେଜରେ ଅଧ୍ୟୟନ କଲେ । ୧୮୮୩ ମସିହାରେ ସେ ସ୍ନାତକ ଲାଭ କଲେ । ତାପରେ ଏଲ.ଏଲ.ବି. ଓ ସଲିସିଟର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଏବଂ ସରକାରୀ ସଲିସିଟର ଫାର୍ମ ମେସର୍ସ ଲିଟିଲ ଏଣ୍ଡ କମ୍ପାନୀରେ ଯୋଗଦେଲେ । କିଛିବର୍ଷ ପରେ ସେ ନିଜର ଏକ ସଲିସିଟର ଫାର୍ମ ଖୋଲିଲେ ।

୧୯୦୯ ମସିହା ପୂର୍ବରୁ ସେ ବାବାଙ୍କର ନାମ ଶୁଣିନଥିଲେ; କିନ୍ତୁ ତାପରେ ସେ ତାଙ୍କର ଜଣେ ବଡ଼ ଭକ୍ତ ପାଲଟିଗଲେ । ଲୋନାଭେଲାରେ ସେ ରହୁଥିବାବେଳେ ତାଙ୍କର ପୁରୁଣା ବନ୍ଧୁ ନାନାସାହେବ ଚନ୍ଦୋରକରଙ୍କ ସହିତ ଦେଖାହୁଏ । ଉଭୟେ ନାନା ବିଷୟରେ ଆଳାପ ଆଲୋଚନା କରନ୍ତି । ଦିନେ ଏପରି ଆଲୋଚନା ସମୟରେ

କାକା ସାହେବ ଲଣ୍ଡନରେ ଟ୍ରେନ ଚଢୁଥିବା ସମୟରେ କିପରି ଖସିପଡ଼ିଲେ ତଥା ଆହତ ହେଲେ ସେହିକଥା କହୁଥିଲେ । ନାନାସାହେବ ତାଙ୍କୁ କହିଲେ ଏହି ଖଞ୍ଜ ଗୋଡ଼ ତଥା ଯନ୍ତ୍ରଣାରୁ ମୁକ୍ତି ପାଇବାକୁ ଚାହୁଁଥିଲେ ସେ ତାଙ୍କର ସଦ୍‌ଗୁରୁ ଶ୍ରୀ ସାଇବାବାଙ୍କ ଶରଣରେ ଯିବା ଉଚିତ । ଏହାକହି ସେ ବାବାଙ୍କର ଠିକଣା ଓ ପୂର୍ଣ୍ଣ ବିବରଣୀ ଦେଲେ । ତା ସହିତ ବାବାଙ୍କର ଏହି ଉକ୍ତି ମଧ୍ୟ ଦୋହରାଇଲେ ଯେ **'ମୁଁ ମୋର ଭକ୍ତମାନଙ୍କୁ ସାତ ସମୁଦ୍ର ଦୂରରୁ ମଧ୍ୟ ଟାଣିଆଣିବି, ଯେପରିକି ଦଉଡ଼ିରେ ବନ୍ଧା ହୋଇଥିବା ପକ୍ଷୀଟିଏ ଟାଣି ହୋଇ ଆସେ ।'** ସେ ଏକଥା ବି ସ୍ପଷ୍ଟ କରିଦେଲେ ଯେ ଯଦି ତୁମେ ବାବାଙ୍କର ଲୋକ ହୋଇନଥିବ ତାହେଲେ ତାଙ୍କ ପ୍ରତି ଆକର୍ଷିତ ହେବନାହିଁ କି ତାଙ୍କର ଦର୍ଶନ ମିଳିବ ନାହିଁ । ଏହିକଥା ଶୁଣି କାକାସାହେବଙ୍କ ମନରେ ବଡ଼ ଆଗ୍ରହ ଓ ପ୍ରସନ୍ନତା ହେଲା ଏବଂ ନାନାସାହେବଙ୍କୁ ସେ କହିଲେ ଯେ ଶିରିଡ଼ି ଯାଇ ସେ ବାବାଙ୍କୁ ଦର୍ଶନ କରିବେ ତେବେ ଶରୀରର ପଙ୍ଗୁତ୍ୱ ନୁହେଁ, ତାଙ୍କ ମନର ଚଞ୍ଚଳତା ତଥା ପଙ୍ଗୁ ଅବସ୍ଥାକୁ ଦୂର କରି ଶାଶ୍ୱତ ଆନନ୍ଦ ପ୍ରଦାନ କରିବା ପାଇଁ ପ୍ରାର୍ଥନା କରିବେ ।

କିଛିଦିନ ପରେ କାକାସାହେବ ମୁମ୍ବଇ ବିଧାନପରିଷଦ ନିର୍ବାଚନ ସଂକ୍ରାନ୍ତରେ ଅହମ୍ମଦନଗର ଗଲେ ଓ ସେଠାରେ କାକାସାହେବ ମିରିକରଙ୍କ ଘରେ ରହିଲେ । କାକାସାହେବ ମିରିକରଙ୍କ ପୁତ୍ର ବାଲାସାହେବ ମିରିକର ମଧ୍ୟ ସେହି ସମୟରେ ଅଶ୍ୱପ୍ରଦର୍ଶନୀ ପାଇଁ ଅହମ୍ମଦନଗର ଆସିଥିଲେ । ସେ କୋପରଗାଓଁର ମାମଲତଦାର ଥିଲେ । ନିର୍ବାଚନ କାମ ସରିବା ପରେ କାକାସାହେବ ଶିରିଡ଼ି ଯିବାକୁ ଚାହିଁଲେ । ମିରିକର ପିତା ପୁତ୍ର ମଧ୍ୟ କାହା ସାଙ୍ଗରେ ତାଙ୍କୁ ପଠାଇଲେ ଭଲ ହେବବୋଲି ବିଚାର କରି ଜଣେ ଉପଯୁକ୍ତ ବ୍ୟକ୍ତିଙ୍କର ସନ୍ଧାନରେ ଥିଲେ । ତେଣେ ସ୍ୱୟଂ ବାବା ତାଙ୍କର ନିଆରା ଶୈଳୀରେ କାକାଙ୍କୁ ସ୍ୱାଗତ କରିବାର ବ୍ୟବସ୍ଥା କରୁଥିଲେ । ଶ୍ୟାମାଙ୍କ ନିକଟକୁ ଏହି ସମୟରେ ତାଙ୍କ ଶଶୁରଙ୍କଠାରୁ ଅହମ୍ମଦନଗରରୁ ଗୋଟିଏ ଟେଲିଗ୍ରାମ ଆସିଲା । ଶାଶୂଙ୍କର ସ୍ୱାସ୍ଥ୍ୟ ବଡ଼ ଉଦ୍‌ବେଗଜନକ, ତେଣୁ ଯଥାଶୀଘ୍ର ଆସିବାକୁ ଅନୁରୋଧ କରାଯାଇଥିଲା । ଟେଲିଗ୍ରାମଟି ପାଇ ଶ୍ୟାମା ଚିରାଚରିତ ଭାବେ ବାବାଙ୍କର ଅନୁମତି ନେଲେ ଓ ଅହମ୍ମଦନଗର ଯାଇ ଶାଶୂଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିଲେ । ସେତେବେଳେ ଶାଶୂଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେଉଥାଏ । ନାନାସାହେବ ପାନ୍‌ସେ ଓ ଆପ୍ପାସାହେବ ଗାଡ୍ରେ ପ୍ରଦର୍ଶନୀକୁ ଯାଉଥିବାବେଳେ ବାଟରେ ଶ୍ୟାମାଙ୍କୁ ଦେଖିଲେ । ମିରିକରଙ୍କ ଘରକୁ ଯାଇ କାକାସାହେବ ଦୀକ୍ଷିତଙ୍କୁ ଦେଖାକରି ତାଙ୍କୁ ସାଙ୍ଗରେ ଶିରିଡ଼ି ନେଇଯିବାକୁ ସେମାନେ ଶ୍ୟାମାଙ୍କୁ ଅନୁରୋଧ କଲେ । ଶ୍ୟାମାଙ୍କର ଆଗମନ ବିଷୟ ମଧ୍ୟ ସେମାନେ କାକାସାହେବ ଓ ମିରିକରଙ୍କୁ  ଜଣାଇଦେଲେ । ସନ୍ଧ୍ୟାରେ ଶ୍ୟାମା ମିରିକରଙ୍କ ଘରେ ପହଞ୍ଚିଲେ ଓ ମିରିକର କାକାସାହେବଙ୍କ ସହ ତାଙ୍କର ପରିଚୟ କରାଇଦେଲେ । ରାତି ୧୦ଟା ଟ୍ରେନରେ ସେମାନେ କୋପରଗାଓଁ ଯିବା ସ୍ଥିର ହେଲା ।

ଏହାପରେ ଏକ କୌତୂହଳପ୍ରଦ ଘଟଣା ଘଟିଲା । ବାଲାସାହେବ ମିରିକର ବାବାଙ୍କର ଗୋଟିଏ ବଡ଼ ଫଟୋ ଉପରେ ଘୋଡ଼ାଯାଇଥିବା କପଡ଼ାଟିକୁ ହଟାଇଦେଲେ ଏବଂ କାକାସାହେବଙ୍କୁ ତାଙ୍କର ଦର୍ଶନ କରାଇଲେ । ଯାହାଙ୍କର ଦର୍ଶନ ପାଇଁ ସେ ଶିରିଡ଼ି ଯାଉଛନ୍ତି, ଫଟୋରୂପରେ ସେ ଏଠାରେ ତାଙ୍କୁ ଦର୍ଶନ ଦେଉଥିବା ଦେଖି କାକାସାହେବଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ଭାବବିହ୍ୱଳ ହୋଇପଡ଼ିଲେ ଓ ବାବାଙ୍କର ଚିତ୍ରପ୍ରତିମା ଆଗରେ ସାଷ୍ଟାଙ୍ଗ ପ୍ରଣିପାତ କଲେ । ଏହି ଫଟୋଟି ମେଘା ପୂଜା କରୁଥିଲେ । ତା'ର କାଚ ଭାଙ୍ଗିଯାଇଥିବାରୁ ତାକୁ ପୁଣି କାଚ ଲଗେଇ ବନ୍ଧେଇ କରିବା ପାଇଁ ସେ ମିରିକରଙ୍କ ପାଖକୁ ପଠାଇଥିଲେ । ଫଟୋ ବନ୍ଧେଇ ହୋଇସାରିଥିଲା ଏବଂ କାକାସାହେବ ଓ ଶ୍ୟାମାଙ୍କ ହାତରେ ତାକୁ ପଠାଇଦେବାକୁ ସ୍ଥିର ହେଲା ।

୧୦ଟା ବାଜିବା ପୂର୍ବରୁ ଦୁହେଁ ଷ୍ଟେସନରେ ପହଞ୍ଚିଲେ ଏବଂ ଦ୍ୱିତୀୟ ଶ୍ରେଣୀ ଟିକେଟ କଲେ; କିନ୍ତୁ ଗାଡ଼ି ଷ୍ଟେସନରେ ପହଞ୍ଚିଲାବେଳକୁ ପ୍ରବଳ ଭିଡ଼ ହୋଇଥିଲା ଏବଂ ସୋରିଷ ପକାଇବାକୁ ମଧ୍ୟ ଜାଗାନଥିଲା । ସୌଭାଗ୍ୟବଶତଃ ଟ୍ରେନର ଗାର୍ଡ଼ କାକାସାହେବ ଦୀକ୍ଷିତଙ୍କର ପରିଚିତ ଥିଲେ ଏବଂ ସେମାନଙ୍କୁ ପ୍ରଥମ ଶ୍ରେଣୀ ଡବାରେ ବସାଇଦେଲେ । ଏହି ପ୍ରକାର ସ୍ୱଚ୍ଛନ୍ଦରେ ଯାତ୍ରା କରି ସେମାନେ କୋପରଗାଓଁ ଷ୍ଟେସନରେ ଓହ୍ଲାଇଲେ । ସେଠାରେ ନାନାସାହେବ ଚନ୍ଦୋରକରଙ୍କୁ ଦେଖି ସେମାନଙ୍କ ଆନନ୍ଦର ସୀମା ରହିଲା ନାହିଁ । ସେ ବି ଶିରିଡ଼ି ଯାଉଥିଲେ । କାକାସାହେବ ଓ ନାନାସାହେବ ପରସ୍ପରକୁ କୋଳାଗ୍ରତ କଲେ ଏବଂ ଗୋଦାବରୀ ନଦୀରେ ସ୍ନାନ କରିବା ପରେ ତିନିବନ୍ଧୁ ମିଶି ଶିରିଡ଼ି ଯାତ୍ରାରେ ବାହାରିଲେ । ବାବାଙ୍କୁ ଦର୍ଶନ କରିବା ପରେ କାକାସାହେବଙ୍କ ମନ ଦ୍ରବୀଭୂତ ହୋଇଗଲା, ଆଖିରୁ ଆନନ୍ଦାଶ୍ରୁ ବହିଚାଲିଲା ଏବଂ ଆନନ୍ଦରେ ସର୍ବାଙ୍ଗ ଶରୀର କମ୍ପିତ ହେବାକୁ ଲାଗିଲା । ବାବା ତାଙ୍କୁ କହିଲେ 'ମୁଁ ଅନେକ ଦିନ ହେଲା ତୁମ ପ୍ରତୀକ୍ଷାରେ ଥିଲି । ତୁମକୁ ଆଣିବା ପାଇଁ ମୁଁ ହିଁ ଶ୍ୟାମାକୁ ପଠାଇଥିଲି ।'

କାକାସାହେବ ବହୁ ବର୍ଷ ବାବାଙ୍କର ଦିବ୍ୟ ସାନ୍ନିଧ୍ୟରେ ଅତିବାହିତ କଲେ । ଶିରିଡ଼ିରେ ସେ ଗୋଟିଏ ୱାଡ଼ା(ଦୀକ୍ଷିତ ୱାଡ଼ା) ତିଆରି କଲେ, ଯାହା ପ୍ରାୟତଃ ତାଙ୍କର ସ୍ଥାୟୀ ଘର ହୋଇଯାଇଥିଲା । ବାବାଙ୍କଠାରୁ ତାଙ୍କର ଯେତେସବୁ ଅନୁଭବ ପ୍ରାପ୍ତ ହେଲା ସେସବୁ ଏଠାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ପାଠକମାନେ ଶ୍ରୀ ସାଇଲୀଳା ପତ୍ରିକାର କାକାସାହେବ ଦୀକ୍ଷିତ ବିଶେଷାଙ୍କ ଭାଗ ୧୨ ସଂଖ୍ୟା ୬-୯ ପାଠ କଲେ ତାହା ଜାଣିପାରିବେ । ତାଙ୍କର କେବଳ ଗୋଟିଏ ଅନୁଭୂତି ଉଲ୍ଲେଖକରି ଆମେ ଏହି କଥା ସମାପ୍ତ କରିବା । ବାବା ତାଙ୍କୁ କହିଥିଲେ ଅନ୍ତିମ ସମୟରେ ସେ ତାଙ୍କୁ ବିମାନରେ ବସାଇ ନେଇଯିବେ, ତାହା ସତ୍ୟ ପ୍ରମାଣିତ ହେଲା । ୧୯୨୬ ମସିହା ଜୁଲାଇ ୫ ତାରିଖରେ ସେ ହେମାଡପନ୍ତଙ୍କ ସହିତ ରେଳରେ ବସି ଯାତ୍ରାକରୁଥିଲେ । ଉଭୟଙ୍କ

ମଧ୍ୟରେ ସାଇଲୀଳା ବିଷୟରେ ଆଲୋଚନା ଚାଲିଥିଲା । କାକାସାହେବ ବାବାଙ୍କ ପ୍ରେମରେ ତଲ୍ଲୀନ ହୋଇଯାଇଥିଲେ, ଏହି ସମୟରେ ହଠାତ୍ ହେମାଡପନ୍ତଙ୍କ କାନ୍ଧରେ ଆଉଜିପଡ଼ିଲେ ଏବଂ ବିନା କୌଣସି ଯନ୍ତ୍ରଣା ଓ କଷ୍ଟରେ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

## ।।ସନ୍ଥଙ୍କ ଭ୍ରାତୃବତ୍ ପ୍ରେମ ।।

**ଶ୍ରୀ ଟେମ୍ବେ ସ୍ୱାମୀ :**ଏବେ ପରବର୍ତ୍ତୀ କାହାଣୀ ଆଲୋଚନା କରିବା, ଯେଉଁଥିରୁ ସନ୍ଥମାନେ ପରସ୍ପର ପ୍ରତି କିପରି ଭ୍ରାତୃବତ୍ ପ୍ରେମ କରନ୍ତି ତାହା ସ୍ପଷ୍ଟ ହୁଏ । ଥରେ ଶ୍ରୀ ବାସୁଦେବାନନ୍ଦ ସରସ୍ୱତୀ ଯିଏକି ଶ୍ରୀ ଟେମ୍ବେସ୍ୱାମୀ ନାମରେ ପ୍ରସିଦ୍ଧ, ଗୋଦାବରୀ ତଟ ରାଜମହେନ୍ଦ୍ରିଠାରେ ଶିବିର ପକାଇଥିଲେ । ସେ ଦତ୍ତାତ୍ରେୟ ଭଗବାନଙ୍କର କର୍ମକାଣ୍ଡୀ, ଜ୍ଞାନୀ ତଥା ଯୋଗୀ ଭକ୍ତ ଥିଲେ । ପୁଣ୍ଡଲିକରାଓ ନାମରେ ନାନ୍ଦେଡ଼ର ଜଣେ ଓକିଲ ତାଙ୍କର ବନ୍ଧୁଙ୍କ ସହ ସ୍ୱାମିଜୀଙ୍କୁ ଭେଟିବାକୁ ଆସିଲେ ଏବଂ ଆଲୋଚନା ସମୟରେ ସାଇବାବାଙ୍କର କଥା ପଡ଼ିଲା । ବାବାଙ୍କର ନାମ ଶୁଣି ସ୍ୱାମିଜୀ ତାଙ୍କୁ କରବଦ୍ଧ ପ୍ରଣାମ କଲେ ଏବଂ ପୁଣ୍ଡଲିକରାଓଙ୍କୁ ଗୋଟିଏ ନାରିକେଳ ଦେଇ କହିଲେ 'ମୋର ଭ୍ରାତା ଶ୍ରୀ ସାଇଙ୍କୁ ଏହା ଅର୍ପଣ କରିବ ଏବଂ ମୋର ପ୍ରଣାମ ଜଣାଇ ଏହା ପ୍ରାର୍ଥନା କରିବ ଯେ ସେ କେବେ ମୋତେ ଭୁଲିବେ ନାହିଁ ତଥା ସର୍ବଦା ମୋ ପ୍ରତି କୃପାଦୃଷ୍ଟି ରଖିଥିବେ । ସେ ଏହା ମଧ୍ୟ କହିଲେ ଯେ ସାଧାରଣତଃ ସାଧୁମାନେ ଜଣେ ଅନ୍ୟଜଣଙ୍କୁ ପ୍ରଣାମ କରନ୍ତିନାହିଁ, ତେବେ ସାଇଙ୍କ କଥା ତ ସ୍ୱତନ୍ତ୍ର । ପୁଣ୍ଡଲିକରାଓ ତାଙ୍କର ନାରିକେଳ ଓ ସନ୍ଦେଶ ବାବାଙ୍କୁ ପ୍ରଦାନ କରିବେ ବୋଲି କହିଲେ । ଟେମ୍ବେସ୍ୱାମୀ ବାବାଙ୍କୁ ଭ୍ରାତା ବୋଲି କହିବା ଯଥାର୍ଥ ଥିଲା; କାରଣ ବାବାଙ୍କ ଭଳି ସେ ମଧ୍ୟ ଅଗ୍ନିହୋତ୍ର(ଅଖଣ୍ଡ ଧୁନି)ବ୍ରତ ପାଳନ କରୁଥିଲେ ।

ମାସେ ପରେ ପୁଣ୍ଡଲିକରାଓ ତାଙ୍କର କେତେକ ବନ୍ଧୁଙ୍କ ସହିତ ଶିରିଡ଼ି ଗଲେ । ଟେମ୍ବେ ସ୍ୱାମୀ ଦେଇଥିବା ନାରିକେଳଟିକୁ ମଧ୍ୟ ସାଙ୍ଗରେ ନେଇଥିଲେ । ମନମାଡ଼ ନିକଟରେ ସେମାନେ ପହଞ୍ଚିଛନ୍ତି, ତୃଷା ଲାଗିବାରୁ କେତେକ ବନ୍ଧୁ ପାଣି ପିଇବା ପାଇଁ ଏକ ଝରଣା ପାଖକୁ ଗଲେ । ଖାଲି ପେଟରେ ପାଣି ପିଇବା ଉଚିତ ନୁହେଁ, ଏହା ଭାବି ଟିକେ ଚୁଡ଼ା ଖାଇବାକୁ କାଢ଼ିଲେ, କିନ୍ତୁ ତାହା ଟାଣ ହୋଇଯାଇଥିଲା । ନଡ଼ିଆ ଭାଙ୍ଗି ସେଥିରେ ମିଶାଇଲେ ଏବଂ ସମସ୍ତେ ତାହା ଖାଇଲେ । ମାତ୍ର ଦୁର୍ଭାଗ୍ୟବଶତଃ ଯେଉଁ ନଡ଼ିଆଟି ଭଙ୍ଗାଯାଇଥିଲା ତାହା ସ୍ୱାମିଜୀ ଦେଇଥିବା ନଡ଼ିଆ ଥିଲା । ଏହା ଜାଣିବା ପରେ ସେମାନଙ୍କ ମନ ଦୁଃଖରେ ଭରିଗଲା । ଭୟ ହେଲା । ଏବେ କରିବେ କ'ଣ ? କୌଣସି ପ୍ରକାର ସାହସ ସଞ୍ଚାର କରି ଶିରିଡ଼ିରେ ପହଞ୍ଚି ବାବାଙ୍କୁ ଦର୍ଶନ କଲେ । ବାବାଙ୍କ ନିକଟରେ ତ ବେତାର ସନ୍ଦେଶ ପହଞ୍ଚିସାରିଥିଲା, ତେଣୁ ସେ ପୁଣ୍ଡଲିକରାଓଙ୍କୁ ଦେଖିବା ମାତ୍ରେ କହିଲେ 'ମୋର ଭାଇ ପଠାଇଥିବା ଜିନିଷ ଆଣ।' ସେ ବାବାଙ୍କର

ଚରଣ ଜାବୁଡ଼ିଧରି ଅପରାଧ ସ୍ୱୀକାର କଲେ ଓ କୃତକର୍ମ ପାଇଁ କ୍ଷମା ପ୍ରାର୍ଥନା କଲେ । ଏହା ବଦଳରେ ସେ ଆଉ ଗୋଟିଏ ନଡ଼ିଆ ଆଣିଦେବେ ବୋଲି କହିଲେ; କିନ୍ତୁ ବାବା ତାକୁ ଅସ୍ୱୀକାର କରି କହିଲେ 'ସେହି ନଡ଼ିଆର ମୂଲ୍ୟ ଏହି ନଡ଼ିଆଠାରୁ କେତେ ଗୁଣ ଅଧିକ ତାହା କଳନା କରାଯାଇପାରିବ ନାହିଁ । 'ତଥାପି କିଛି ଚିନ୍ତା କରିବାର ନାହିଁ । ତୁମେ ନିଜକୁ କର୍ତ୍ତା ବୋଲି କାହିଁକି ଭାବୁଛ ? କୌଣସି କର୍ମ କରିବା ସମୟରେ, ତାହା ଯେତେ ବଡ଼ ବା ଛୋଟ ହେଉ ନିଜକୁ କର୍ତ୍ତା ମନେ ନକରି ଅଭିମାନ ତଥା ଅହଂକାରରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କଲେ ଶୀଘ୍ର ତୁମର ପ୍ରଗତି ହେବ । ବାବାଙ୍କର ଏହି ଆଧ୍ୟାତ୍ମିକ ଉପଦେଶ କେତେ ସୁନ୍ଦର ଥିଲା ।

## ।। ଷାଠିଏ ଜନ୍ମର ପୁରୁଣା ସମ୍ପର୍କ ।।

**ଶ୍ରୀ ବାଲାରାମ ଧୂରନ୍ଧର(୧୮୭୮-୧୯୨୫) :** ଶ୍ରୀ ବାଲାରାମ ଧୂରନ୍ଧର ପ୍ରଭୁ ସମ୍ପ୍ରଦାୟର ବ୍ୟକ୍ତି ଥିଲେ । ସେ ମୁମ୍ବଇ ସାନ୍ତାକ୍ରୁଜରେ ରହୁଥିଲେ ଓ ମୁମ୍ବଇ ହାଇକୋର୍ଟରେ ଆଇନ ବ୍ୟବସାୟ କରୁଥିଲେ । କିଛିକାଳ ସେ ମୁମ୍ବଇ ସରକାରୀ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ମଧ୍ୟ ଥିଲେ । ତାଙ୍କର ପୂରା ପରିବାର ସାତ୍ତ୍ୱିକ ଓ ଧାର୍ମିକ ଥିଲା । ତାଙ୍କ ସମ୍ପ୍ରଦାୟର ସେ କିଛିବର୍ଷ ସେବା କଲେ ଏବଂ ସେହି ବିଷୟରେ କିଛି ଲେଖାଲେଖି ମଧ୍ୟ କଲେ । ଏହାପରେ ଆଧ୍ୟାତ୍ମିକ ଏବଂ ଧର୍ମ କାର୍ଯ୍ୟ ପ୍ରତି ତାଙ୍କର ରୁଚି ବଢ଼ିବାରେ ଲାଗିଲା । ସେ ଗୀତା, ଜ୍ଞାନେଶ୍ୱରୀ ଟୀକା ତଥା ଅନ୍ୟ ଗ୍ରନ୍ଥମାନ ଅଧ୍ୟୟନ କଲେ । ପଣ୍ଡରପୁର ବିଠୋବାଙ୍କର ସେ ଭକ୍ତ ଥିଲେ । ୧୯୧୨ ମସିହାରେ ସେ ଶ୍ରୀ ସାଇବାବାଙ୍କର ସାନ୍ନିଧ୍ୟରେ ଆସିଲେ । ଛଅ ମାସ ପୂର୍ବରୁ ତାଙ୍କର ଭାଇ ବାବୁଲଜୀ ଏବଂ ବାମନରାଓ ଶିରିଡ଼ି ଆସି ବାବାଙ୍କର ଦର୍ଶନ କରିଥିଲେ ଓ ଘରକୁ ଫେରି ସେମାନଙ୍କର ମଧୁର ଅନୁଭୂତି ବାଲାରାମଙ୍କ ପରିବାରର ସଦସ୍ୟମାନଙ୍କୁ ଶୁଣାଇଥିଲେ । ଏହାପରେ ତାଙ୍କ ପରିବାରର ସମସ୍ତେ ଶିରିଡ଼ି ଯାଇ ବାବାଙ୍କର ଦର୍ଶନ କରିବାକୁ ସ୍ଥିର କଲେ । ଶିରିଡ଼ିରେ ସେମାନେ ପହଞ୍ଚିବା ପୂର୍ବରୁ ହିଁ ବାବା ସ୍ପଷ୍ଟ ଶବ୍ଦରେ କହିଦେଇଥିଲେ ଯେ 'ଆଜି ମୋର ଦରବାରର ବହୁ ଲୋକ ଆସୁଛନ୍ତି ।' ସେଠାରେ ପହଞ୍ଚିବା ପରେ ଅନ୍ୟମାନଙ୍କଠାରୁ ବାବାଙ୍କ ଏହି ବଚନ ଶୁଣି ଧୂରନ୍ଧର ପରିବାର ସଦସ୍ୟମାନଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେମାନେ ଯାତ୍ରା ବିଷୟରେ କାହାକୁ କିଛି ବି ପୂର୍ବସୂଚନା ଦେଇନଥିଲେ । ବାବା ଅନ୍ୟମାନଙ୍କୁ କହିଲେ 'ଏମାନେ ମୋର ଦରବାର ଲୋକ, ଯାହାଙ୍କ କଥା ପୂର୍ବରୁ କହୁଥିଲି । ତାପରେ ଧୂରନ୍ଧର ଭ୍ରାତାଗଣଙ୍କୁ ଲକ୍ଷ୍ୟକରି କହିଲେ କି 'ଗତ ଷାଠିଏ ଜନ୍ମ ଧରି ଆମର ସମ୍ପର୍କ ରହିଛି ।' ସମସ୍ତ ଭାଇ ଭଦ୍ର ଏବଂ ବଡ଼ ଉଦାର ପ୍ରକୃତିର ଥିଲେ । ବାବାଙ୍କ ଚରଣକୁ ନିରୀକ୍ଷଣକରି କରଯୋଡ଼ି ସେମାନେ ଦଣ୍ଡାୟମାନ ହୋଇ ରହିଥିଲେ । ସେମାନଙ୍କ ମଧ୍ୟରେ ସମସ୍ତ ପ୍ରକାର

ସାତ୍ତ୍ୱିକ ଭାବ ଯଥା ଅଶ୍ରୁପାତ, ରୋମାଞ୍ଚ, କଣ୍ଠାବରୋଧ ଆଦି ଜାଗୃତ ହେଲା ଏବଂ ମନ ପ୍ରସନ୍ନତାରେ ପୂରିଗଲା । ଏହାପରେ ସେମାନେ ବସାଘରକୁ ଗଲେ ଏବଂ ଭୋଜନ ତଥା କିଛି ସମୟ ବିଶ୍ରାମ କରି ପୁଣି ମସଜିଦ୍ ଆସି ବାବାଙ୍କର ଚରଣବନ୍ଦନା କଲେ । ବାବା ସେତେବେଳେ ଚିଲମ ଟାଣୁଥିଲେ । ବାଲାରାମଙ୍କୁ ସେ ଚିଲମ ବଢ଼ାଇଦେଲେ । ଏ ପର୍ଯ୍ୟନ୍ତ ସେ କେବେ ଧୂମପାନ କରିନଥିଲେ, ମାତ୍ର ବାବାଙ୍କ ଇଚ୍ଛାକୁ ଅବଜ୍ଞା କରିନପାରି ଚିଲମ ଧରିଲେ ଓ ବଡ଼ କଷ୍ଟରେ ଥରେ ଟାଣି ବାବାଙ୍କୁ ଫେରାଇଦେଲେ । ବାଲାରାମଙ୍କ ପାଇଁ ଏହା ଦୁର୍ଲଭ ମୁହୂର୍ତ୍ତ ଥିଲା । ଦୀର୍ଘ ଛଅ ବର୍ଷରୁ ସେ ଶ୍ୱାସରୋଗରେ ପୀଡ଼ିତ ଥିଲେ; କିନ୍ତୁ ଚିଲମ ପିଇବା ମାତ୍ରେ ତାଙ୍କର ରୋଗ ଦୂର ହୋଇଗଲା । ଏହାପରେ ତାଙ୍କର ଆଉ କେବେ ଏହି କଷ୍ଟ ହୋଇନାହିଁ । ଛଅ ବର୍ଷ ପରେ ପୁଣି ତାଙ୍କୁ ଦିନେ ଶ୍ୱାସରୋଗ ହେଲା । ତାହା ଠିକ୍ ସେହିଦିନ ଥିଲା, ଯେଉଁଦିନ ବାବା ମହାସମାଧିରେ ଲୀନ ହୋଇଗଲେ ।

ସେହିଦିନ ଗୁରୁବାର ଥିଲା । ଧୂରନ୍ଧର ପରିବାର ସେହି ରାତିରେ ଚଭାଡ଼ି ଉତ୍ସବ ମନଭରି ଦେଖିବାର ସୁଯୋଗ ପାଇଲେ । ଆରତି ସମୟରେ ବାଲାରାମ ବାବାଙ୍କ ମୁଖମଣ୍ଡଳରେ ଭଗବାନ ପାଣ୍ଡୁରଙ୍ଗାଙ୍କ ସ୍ୱରୂପ ଦର୍ଶନକଲେ । ପରଦିନ କାକଡ଼ ଆରତି ସମୟରେ ଏହାର ପୁନରାବୃତ୍ତି ଘଟିଲା ।

ବାଲାରାମ ଧୂରନ୍ଧର ମରାଠି ଭାଷାରେ ସନ୍ଥ ତୁକାରାମଙ୍କର ଜୀବନୀ ଚରିତ୍ର ଲେଖିଥିଲେ; କିନ୍ତୁ ପୁସ୍ତକ ପ୍ରକାଶିତ ହେଲାବେଳକୁ ସେ ଜୀବିତ ନଥିଲେ । ପରେ ୧୯୨୮ ମସିହାରେ ତାଙ୍କର ଭାଇମାନଙ୍କ ଦ୍ୱାରା ଏହା ପ୍ରକାଶିତ ହେଲା । ଏହି ପୁସ୍ତକର ପ୍ରାରମ୍ଭରେ ବାଲାରାମଙ୍କର ଏକ ସଂକ୍ଷିପ୍ତ ଜୀବନୀ ପ୍ରକାଶିତ ହୋଇଛି, ସେଥିରେ ଉପର ବର୍ଣ୍ଣିତ କଥା ଉଲ୍ଲେଖ ହୋଇଛି ।

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

# ଏକପଞ୍ଚାଶତ୍ ( ୫୧ ) ଅଧ୍ୟାୟ


**ଉପସଂହାର :** ପଚାଶତମ ଅଧ୍ୟାୟ ଶେଷ ହେଲା ଏବଂ ଏବେ ଅନ୍ତିମ ଅଧ୍ୟାୟ ଆଗତ ହେଲା । ହେମାଡପନ୍ତ ଗ୍ରନ୍ଥର ପରିସମାପ୍ତି କରିଛନ୍ତି ଏବଂ ଏହି ଅଧ୍ୟାୟ ଶେଷରେ ସୂଚୀପତ୍ର ଲେଖିବାକୁ କଥା ଦେଇଛନ୍ତି, ଯେଉଁପରି କି ଅନ୍ୟ ମରାଠି ଧର୍ମଗ୍ରନ୍ଥଗୁଡ଼ିକରେ ବିଷୟ ଶେଷରେ ସୂଚୀ ଲେଖାଯାଇଥାଏ । ମାତ୍ର ଦୁର୍ଭାଗ୍ୟବଶତଃ ହେମାଡପନ୍ତଙ୍କର କାଗଜପତ୍ର ବହୁ ଖୋଜାଖୋଜି କରିବା ପରେ ମଧ୍ୟ ସେହି ସୂଚୀପତ୍ର ମିଳିଲା ନାହିଁ । ତାପରେ ବାବାଙ୍କର ଜଣେ ଯୋଗ୍ୟ ତଥା ଧର୍ମପ୍ରାଣ ଭକ୍ତ ଥାନେର ଅବସରପ୍ରାପ୍ତ ମାମଲତଦାର ବି.ଭି. ଦେବ ଏହାକୁ ରଚନା କରି ପ୍ରସ୍ତୁତ କଲେ । ଗ୍ରନ୍ଥର ଆରମ୍ଭରେ ବିଷୟସୂଚୀ ଉଲ୍ଲେଖ କରିବା ତଥା ପ୍ରତ୍ୟେକ ଅଧ୍ୟାୟରେ ବିଷୟର ସଂକେତ ଶୀର୍ଷକ ସ୍ୱରୂପ ଲେଖିବା ଆଧୁନିକ ପ୍ରଥା ଅଟେ । ଏଥିପାଇଁ ଅନୁକ୍ରମଣିକା ଦିଆଯାଉନାହିଁ । ଏଣୁ ଏହି ଅଧ୍ୟାୟକୁ ଉପସଂହାର ମନେ କରିବା ଯଥାର୍ଥ ହେବ । ଦୁର୍ଭାଗ୍ୟବଶତଃ ହେମାଡପନ୍ତ ତାଙ୍କର ଲିଖିତ ମୂଳଗ୍ରନ୍ଥକୁ ସଂଶୋଧନ କରି ତାକୁ ପ୍ରକାଶିତ କରିବା ପର୍ଯ୍ୟନ୍ତ ଜୀବିତ ନଥିଲେ । ଯେତେବେଳେ ଏହା ପ୍ରେସକୁ ଛପା ହେବା ପାଇଁ ଗଲା କେତେକ ବିଷୟ ପୂର୍ଣ୍ଣ ହୋଇନଥିବା ତଥା ଠିକଣା ରୂପେ ସଂଯୋଜିତ ହୋଇନଥିବା ଶ୍ରୀ ବି.ଭି. ଦେବ ଦେଖିବାକୁ ପାଇଲେ । ତେବେ ଏଥିରେ କିଛି ପରିବର୍ତ୍ତନ କରିବାର ପ୍ରଶ୍ନ ଉଠୁନଥିଲା, ତେଣୁ ଏହା ଯେମିତି ଥିଲା, ସେମିତି ପ୍ରକାଶ କରାଗଲା ।

**ସଦ୍‌ଗୁରୁ ଶ୍ରୀ ସାଇଙ୍କର ମହାନତା :** ଏବେ ଆମେ ସେହି ସାଇ ସମର୍ଥଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କରିବା ଏବଂ ତାଙ୍କର ଛାୟାରେ ଆଶ୍ରୟ ନେବା, ଯିଏ ଏହି ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ ଜଡ଼ ଓ ଚେତନ ପଦାର୍ଥର କର୍ତ୍ତା ଅଟନ୍ତି, ଯିଏ କୌଣସି ଭେଦଭାବ ବିନା ସମସ୍ତ ପ୍ରାଣୀଙ୍କୁ ସମାନ ଭାବରେ ଦେଖନ୍ତି, ଯାହାଙ୍କ ପାଇଁ ସମସ୍ତ ଭକ୍ତ ଏକ । ଯିଏ ସମ୍ମାନ ଓ ଅସମ୍ମାନ, ପସନ୍ଦ ଓ ଅପସନ୍ଦ ରୁଚି ରଖନ୍ତି ନାହିଁ । ଯଦି ଆମେ ତାଙ୍କୁ ସ୍ମରଣ କରିବା ଏବଂ ତାଙ୍କ ନିକଟରେ ଶରଣାଗତ ହେବା, ସିଏ ଆମର ସକଳ ମନୋକାମନା ଏବଂ ଜୀବନର ଲକ୍ଷ୍ୟ ପୂରଣ କରିବାରେ ସହାୟକ ହେବେ ।

ସଂସାରର ଭବସାଗରକୁ ପାର କରିବା ଅତି କଠିନ । ଆଜି କଳୁଷିତ ବିଚାରର ତଟଦେଶରେ ମାୟାମୋହର ଝଡ଼ବାତ୍ୟାରେ ଧୈର୍ଯ୍ୟରୂପକ ବୃକ୍ଷ ଉତ୍ପାଟିତ ହୋଇଯାଇଛି । ଅହଙ୍କାରରୂପକ ବାୟୁର ପ୍ରବଳତାରୁ ହୃଦୟରୂପକ ସମୁଦ୍ରରେ ଘନତୋଫାନ ଉଠିଛି, ଯେଉଁଥିରେ କ୍ରୋଧ ଏବଂ ଘୃଣାରୂପକ ଘଡ଼ିଆଳ ସନ୍ତରଣ କରୁଛନ୍ତି ତଥା ଅହଂଭାବ ଏବଂ ସନ୍ଦେହରୂପକ ନାନା ସଂକଳ୍ପ-ବିକଳ୍ପର ଭଉଁରିରେ ନିନ୍ଦା, ଘୃଣା,

ଈର୍ଷାରୂପୀ ଅଗଣିତ ମତ୍ସ୍ୟ ବିହାର କରୁଛନ୍ତି । ଯଦିଓ ଏହି ସମୁଦ୍ର ଏତେ ଭୟାନକ ତଥାପି ଆମର ସଦ୍‌ଗୁରୁ ସାଇ ମହାରାଜ ସେଥିରେ ଅଗସ୍ତ୍ୟ ସ୍ୱରୂପ ଅଟନ୍ତି । ଏଥପାଇଁ ଭକ୍ତଗଣ କିଞ୍ଚିତମାତ୍ର ଭୟଭୀତ ହେବା ପ୍ରୟୋଜନ ନାହିଁ । ଆମର ସଦ୍‌ଗୁରୁ ନୌକାସମ ଆମକୁ ଏହି ଭୟାନକ ଭବସାଗର ପାର କରାଇନେବେ ।

**ପ୍ରାର୍ଥନା :** ଏବେ ଆମେ ଶ୍ରୀ ସଚ୍ଚିଦାନନ୍ଦ ସାଇ ମହାରାଜଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ହୋଇ ପ୍ରଣିପାତ କରିବା ଏବଂ ତାଙ୍କର ଚରଣଯୁଗଳକୁ ଭିଡ଼ିଧରି ସମସ୍ତ ଭକ୍ତଗଣଙ୍କର ମଙ୍ଗଳ ନିମିତ୍ତ ପ୍ରାର୍ଥନା କରିବା କି 'ହେ ପ୍ରଭୁ ସାଇ ! ଆମ ମନର ଚଞ୍ଚଳତା ଏବଂ ବାସନାକୁ ଦୂର କରିଦିଅ । ହେ ପ୍ରଭୁ ! ତୁମର ଶ୍ରୀଚରଣ ବ୍ୟତିରେକ ଆମର ଅନ୍ୟ କୌଣସି କାମନା ନରହୁ । ତୁମର ଏହି ଚରିତ ଘରେ-ଘରେ ପହଞ୍ଚୁ ଓ ଏହାର ନିତ୍ୟ ପଠନ-ପାଠନ ହେଉ ଏବଂ ଯେଉଁମାନେ ଭକ୍ତି ଓ ଶ୍ରଦ୍ଧାର ସହ ଏହାର ଅଧ୍ୟୟନ କରିବେ ସେମାନଙ୍କର ସକଳ ସଂକଟ ଦୂର ହେଉ ।'



## ।।ଫଳଶ୍ରୁତି ।।

ଶେଷରେ ଏହି ପୁସ୍ତକ ଅଧ୍ୟୟନ ଦ୍ୱାରା ଫଳଶ୍ରୁତି ବିଷୟରେ ଉଲ୍ଲେଖ କରୁଛି । ଏହି ଗ୍ରନ୍ଥ ପଠନ-ପାଠନ ଦ୍ୱାରା ମନୋବାଞ୍ଛିତ ଫଳ ଅବଶ୍ୟ ପ୍ରାପ୍ତି ହେବ । ପବିତ୍ର ଗୋଦାବରୀ ନଦୀରେ ସ୍ନାନ କରି, ଶିରିଡ଼ିର ସମାଧି ମନ୍ଦିରରେ ଶ୍ରୀ ସାଇବାବାଙ୍କର ସମାଧି ଦର୍ଶନ କରିବା ପରେ ଏହି ଗ୍ରନ୍ଥର ପଠନ-ପାଠନ ବା ଶ୍ରବଣ ପ୍ରାରମ୍ଭ କରିବା ଦ୍ୱାରା ତ୍ରିବିଧ ସଂକଟ ଦୂର ହେବ । ସମୟ ସମୟରେ ଶ୍ରୀ ସାଇବାବାଙ୍କ ବିଷୟରେ ଆଳାପ ଆଲୋଚନା କରିବା ଦ୍ୱାରା ଆଧ୍ୟାତ୍ମିକ ଜଗତ ପ୍ରତି ରୁଚି ବୃଦ୍ଧି ପାଇବ ଏବଂ ଯଦି ତୁମେ ଏହି ପ୍ରକାର ନିୟମାନୁସାରେ ତଥା ଶ୍ରଦ୍ଧାପୂର୍ବକ ଅଭ୍ୟାସ କରିବ ତାହେଲେ ତୁମର ସମସ୍ତ ପାପ ନଷ୍ଟ ହୋଇଯିବ । **ଯଦି ପ୍ରକୃତରେ ତୁମେ ଜନ୍ମ ମୃତ୍ୟୁଚକ୍ରରୁ ମୁକ୍ତି ଚାହୁଁଛ ତାହେଲେ ତୁମକୁ ନିତ୍ୟ ସାଇକଥା ପଠନ-ପାଠନ, ସ୍ମରଣ ଏବଂ ତାଙ୍କର ଚରଣରେ ପ୍ରଗାଢ଼ ପ୍ରୀତି ରଖିବାକୁ ହେବ । ସାଇ କଥାରୂପକ ସାଗରକୁ ମନ୍ଥନ କରି ସେଥିରୁ ପ୍ରାପ୍ତ ରତ୍ନକୁ ଅନ୍ୟମାନଙ୍କୁ ବିତରଣ କର, ଯଦ୍ଦ୍ୱାରା ତୁମକୁ ନିତ୍ୟ ନୂତନ ଆନନ୍ଦର ଅନୁଭବ ହେବ ଏବଂ ଶ୍ରୋତାଗଣ ଅଧଃପତନରୁ ରକ୍ଷା ପାଇବେ ।**

ଯଦି ଭକ୍ତଗଣ ଅନନ୍ୟ ଭାବରେ ତାଙ୍କର ଶରଣରେ ଯାଆନ୍ତି ତାହେଲେ ସେମାନଙ୍କର 'ମୁଁ' ଭାବ ନଷ୍ଟ ହୋଇଯାଇ ବାବାଙ୍କ ସହ ଅଭିନ୍ନତା ପ୍ରାପ୍ତ ହେବ, ଯେପରି କି ଚିରସ୍ରୋତା ନଦୀମାନ ଶେଷରେ ସମୁଦ୍ରରେ ଲୀନ ହୁଅନ୍ତି । ଯଦି ତୁମେ ତିନୋଟି ଅବସ୍ଥା ଯଥା ଜାଗୃତି, ସ୍ୱପ୍ନ ଏବଂ ନିଦ୍ରା ମଧ୍ୟରୁ କୌଣସି ଗୋଟିଏ ଅବସ୍ଥାରେ ବି ସାଇଚିନ୍ତନରେ ଲୀନ ହୁଅ ତାହେଲେ ସାଂସାରିକ ଚକ୍ରରୁ ମୁକ୍ତିଲାଭ କରିବ । **ସ୍ନାନ କରି ପ୍ରେମ ଏବଂ ଶ୍ରଦ୍ଧାଯୁକ୍ତ ହୋଇ ଯିଏ ଏହି ଗ୍ରନ୍ଥ ସପ୍ତାହରେ ପଠନ ସମାପ୍ତ କରିବେ ତାଙ୍କର ସମସ୍ତ କଷ୍ଟ ଦୂର ହେବ ଏବଂ ଯିଏ ଏହାର ନିତ୍ୟ ପଠନ କରିବେ, ତାଙ୍କୁ ସମସ୍ତ ଭୟରୁ ଅବଶ୍ୟ ମୁକ୍ତି ମିଳିବ ।**

ଏହାର ଅଧ୍ୟୟନ ଦ୍ୱାରା ପ୍ରତ୍ୟେକଙ୍କୁ ନିଜର ଶ୍ରଦ୍ଧା ଓ ଭକ୍ତି ଅନୁସାରେ ଫଳପ୍ରାପ୍ତି ହେବ । କିନ୍ତୁ ଏହାର ଅଭାବରେ କୌଣସି ଫଳପ୍ରାପ୍ତିର ସମ୍ଭାବନା ନାହିଁ । ଯଦି ତୁମେ ଏହି ଗ୍ରନ୍ଥକୁ ଆଦରପୂର୍ବକ ପଠନ କରିବ ତାହେଲେ ଶ୍ରୀ ସାଇ ପ୍ରସନ୍ନ ହୋଇ ତୁମକୁ ଅଜ୍ଞାନ ଏବଂ ଦାରିଦ୍ର୍ୟର ପାଶରୁ ମୁକ୍ତ କରି ଜ୍ଞାନ, ଧନ ଏବଂ ସମୃଦ୍ଧି ପ୍ରଦାନ କରିବେ । ଯଦି ଏକାଗ୍ରଚିତ୍ତ ହୋଇ ନିତ୍ୟ ଗୋଟିଏ ଅଧ୍ୟାୟ ପାଠ କରିବ, ତାହେଲେ ଅପରିମିତ ସୁଖ ପ୍ରାପ୍ତି ହେବ । ଏହି ଗ୍ରନ୍ଥକୁ ଗୁରୁପୂର୍ଣ୍ଣିମା, ଗୋକୁଳାଷ୍ଟମୀ, ରାମନବମୀ ଏବଂ ବିଜୟାଦଶମୀ ତଥା ଦୀପାବଳି ଦିନ ଅବଶ୍ୟ ପାଠ କରିବା ଉଚିତ । ଯଦି ଧ୍ୟାନପୂର୍ବକ

ତୁମେ କେବଳ ଏହି ଗ୍ରନ୍ଥର ଅଧ୍ୟୟନ କରୁଥିବ ତାହେଲେ ତୁମକୁ ସୁଖ, ସନ୍ତୋଷ ପ୍ରାପ୍ତ ହେବ ଏବଂ ସର୍ବଦା ସାଇ ଚରଣାରବିନ୍ଦର ସ୍ମରଣ ରହିବ ତଥା ଭବସାଗର ପାର ସହଜ ହୋଇଯିବ । ଏହାର ଅଧ୍ୟୟନ ଦ୍ୱାରା ରୋଗୀଙ୍କୁ ସ୍ୱାସ୍ଥ୍ୟ, ନିର୍ଦ୍ଧନଙ୍କୁ ଧନ, ଦୁଃଖୀ ଏବଂ ପୀଡ଼ିତଙ୍କୁ ଶାନ୍ତି ପ୍ରାପ୍ତ ହେବ ତଥା ମନର ସମସ୍ତ ବିକାର ଦୂର ହୋଇ ମାନସିକ ଶାନ୍ତି ଲାଭ ହେବ ।

ପ୍ରିୟ ଭକ୍ତ ଏବଂ ଶ୍ରୋତାଗଣ ! ଆପଣଙ୍କୁ ପ୍ରଣାମପୂର୍ବକ ମୋର ଗୋଟିଏ ନିବେଦନ ଯେ ଯାହାଙ୍କର କଥା ଆପଣ ଏତେଦିନ ଏବଂ ମାସରୁ ଶୁଣିଆସୁଛନ୍ତି, ତାଙ୍କର କଳିକଲୁଷନାଶକାରୀ ମନୋହର ଚରଣକୁ କେବେ ବିସ୍ମୃତ ହେବାକୁ ଦିଅନ୍ତୁନାହିଁ । ଯେଉଁ ଉତ୍ସାହ, ଶ୍ରଦ୍ଧା ଏବଂ ଧ୍ୟାନ ସହକାରେ ଆପଣମାନେ ଏହି କଥାର ପଠନ ଓ ଶ୍ରବଣ କରିବେ, ଶ୍ରୀ ସାଇ ତଦନୁରୂପ ସେବା କରିବାକୁ ଆମକୁ ସଦ୍‌ବୁଦ୍ଧି ପ୍ରଦାନ କରିବେ ।

**ପ୍ରସାଦାର୍ପଣ :**

ଶେଷରେ ଆମେ ଏହି ଗ୍ରନ୍ଥକୁ ସମାପ୍ତ କରି ସର୍ବଶକ୍ତିମାନ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ନିମ୍ନଲିଖିତ କୃପା ଓ ପ୍ରସାଦ ଭିକ୍ଷା କରିବା:-

'ହେ ପରମେଶ୍ୱର ! ପାଠକ ଏବଂ ଭକ୍ତଗଣ ଶ୍ରୀ ସାଇ-ଚରଣରେ ପୂର୍ଣ୍ଣ ଏବଂ ଅନନ୍ୟ ଭକ୍ତି ଲାଭ କରନ୍ତୁ । ଶ୍ରୀ ସାଇଙ୍କର ମନୋହର ସ୍ୱରୂପ ସର୍ବଦା ସେମାନଙ୍କର ନୟନରେ ବାସ କରୁ ଏବଂ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ସେମାନେ ଦେବାଧିଦେବ ସାଇ ଭଗବାନଙ୍କର ଦର୍ଶନ କରନ୍ତୁ । ଏବମସ୍ତୁ ।'

ଶ୍ରୀ ସଦ୍‌ଗୁରୁ ସାଇନାଥାର୍ପଣମସ୍ତୁ । ଶୁଭଂ ଭବତୁ ।।

**(ସପ୍ତାହ ପାରାୟଣ : ସପ୍ତମ ବିଶ୍ରାମ)**

ଓଁ ଶ୍ରୀ ସାଇଯଶଃକାୟ ଶିରିଡ଼ିବାସିନେ ନମଃ ।

**ସମାପ୍ତ**

## - ଆରତି -

ଆରତି ସାଇବାବା । ସୌଖ୍ୟଦାତାର ଜୀବା । ଚରଣ ରଜତଲୀ । ଦ୍ୟାବା ଦାସା ବିସାବା, ଭକ୍ତାଂ ବିସାବା । ଆରତି ସାଇବାବା । ଜାଳୁନିଆ ଅନଙ୍ଗ । ସ୍ୱସ୍ୱରୂପୀ ରାହେ ଦଙ୍ଗ । ମୁମୁକ୍ଷୁ ଜନାଂ ଦାବୀ । ନିଜ ଡୋଳା ଶ୍ରୀରଙ୍ଗ । ଆରତି ସାଇବାବା । ।୧। ଜୟା ମନୀ ଜୈସା ଭାବ । ତୟା ତୈସା ଅନୁଭବ । ଦାବିସୀ ଦୟାଘନା । ଐସି ତୁଝି ହି ମାବ । ଆରତି ସାଇବାବା ।୨। ତୁମଚେ ନାମ ଧ୍ୟାଁତା । ହରେ ସଂସୃତି ବ୍ୟଥା । ଅଗାଧ ତବ କରଣୀଁ । ମାର୍ଗ ଦାବିସୀ ଅନାଥା, ଦାବିସୀ ଅନାଥା । ଆରତି ସାଇବାବା । ।୩। କଳିଯୁଗୀ ଅବତାର । ସଗୁଣ ବ୍ରହ୍ମ ସାଚାର । ଅବତୀର୍ଣ୍ଣ ଝାଲାସି । ସ୍ୱାମୀ ଦତ୍ତ ଦିଗମ୍ବର । ଦତ୍ତ ଦିଗମ୍ବର । ଆରତି ସାଇବାବା ।।୪। ଆଠା ଦିବସାଁ ଗୁରୁବାରୀ । ଭକ୍ତ କରିତି ବାରୀ । ପ୍ରଭୁପଦ ପହାବୟା । ଭବ ଭୟ ନିବାରି । ଭୟ ନିବାରି । ଆରତି ସାଇବାବା ।।୫। ମାଝା ନିଜ ଦ୍ରବ୍ୟ ଠେବା । ତବ ଚରଣରଜ ସେବା । ମାଗାଣେଁ ହେଚି ଆତା । ତୁମ୍ହା ଦେବାଧିଦେବା, ଦେବାଧିଦେବା । ଆରତି ସାଇବାବା ।।୬। ଇଚ୍ଛିତ ଦୀନ ଚାତକ । ନିର୍ମଳ ତୋୟ ନିଜସୁଖ । ପାଜାବେଁ ମାଧବାୟା । ସାମ୍ଭାଳ ଆପୁଲୀ ଭାକ । ଆରତି ସାଇବାବା । ସୌଖ୍ୟଦାତାର ଜୀବା । ।୭।

## -ଭାବାର୍ଥ-

ହେ ପ୍ରଭୁ ସାଇବାବା, ଆମେ ଆପଣଙ୍କର ଆରତି କରୁଛୁ । ହେ ସକଳ ଜୀବଙ୍କର ଆନନ୍ଦଦାତା, ଆପଣଙ୍କର ଏହି ସେବକ ଓ ଭକ୍ତମାନଙ୍କୁ ଆପଣଙ୍କର ଚରଣଧୂଳିରେ ଆଶ୍ରୟ ଦିଅନ୍ତୁ ଏବଂ ଆମର କାମନା ଓ ବାସନା ଗୁଡ଼ିକୁ ଧ୍ୱଂସ କରିଦିଅନ୍ତୁ । ଆପଣ ଆତ୍ମଲୀନ ରହନ୍ତି ଏବଂ ମୁମୁକ୍ଷୁମାନଙ୍କୁ ଈଶ୍ୱରଙ୍କର ଦର୍ଶନ କରାନ୍ତି । ଯାହାର ବ୍ୟାକୁଳତା ଓ ଭାବ ଯେପରି ଆପଣ ତାକୁ ସେପରି ଅନୁଭୂତି ଦିଅନ୍ତି । ହେ ଦୟାଳୁ ! ଆପଣଙ୍କର ମହିମା ଏହିପରି । ଆପଣଙ୍କର ନାମ ସ୍ମରଣ ଓ ଧ୍ୟାନ ଦ୍ୱାରା ସଂସାରର ସମସ୍ତ ଭୟ ଦୂର ହୋଇଯାଏ । ଆପଣଙ୍କର ବଚନର ଶକ୍ତି ଅନନ୍ୟ ଓ ଅତୁଳନୀୟ । ଆପଣ ସର୍ବଦା ଦୁଃଖୀ ଓ ଅସହାୟକୁ ସହାୟତା କରିଥାନ୍ତି । ଏହି କଳିଯୁଗରେ ଆପଣ ସର୍ବବ୍ୟାପୀ ଦତ୍ତାବତାର, ସଗୁଣ ବ୍ରହ୍ମ ରୂପ ଧାରଣ କରିଛନ୍ତି । ଆପଣଙ୍କ ପାଖକୁ ଗୁରୁବାର ଆସୁଥିବା ଭକ୍ତମାନଙ୍କର ସାଂସାରିକ ଭୟକୁ ଆପଣ ଦୂର କରିଦିଅନ୍ତି । ହେ ଦେବାଧିଦେବ ! ଆପଣଙ୍କର ଚରଣ ସେବାରେ ମୋର ଦିନ ଯାଉ । ମେଘ ଯେପରି ଚାତକ ପକ୍ଷୀକୁ ବିଶୁଦ୍ଧ ଜଳ ପ୍ରଦାନକରି ତା'ର ତୃଷା ହରଣ କରେ ସେହିପରି ଏହି ରଚନାକାରକୁ ସୁଖ ପ୍ରଦାନ କରି ଆପଣଙ୍କର ବଚନ ରକ୍ଷା କରନ୍ତୁ ।

ଓଁ ଶ୍ରୀ ସାଇ ଯଶଃକାୟ ଶିରିଡ଼ିବାସିନେ ନମଃ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।